# ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ



ନୀଳାଚଳ ସାରସ୍ୱତ ସଂଘ, ପୁରୀ

# ଶ୍ରୀଶ୍ରୀ ଠାକୁର ନିଗମାନନ୍ଦ

ସପ୍ତମ ସଂସ୍କରଣ—୧୯୯୪

—ଲେଖକ ଦ୍ୱୟ—

ବନମାଳୀ ଦାଶ

ଓ

ଦୁର୍ଗାଚରଣ ମହାନ୍ତି

ପ୍ରକାଶକ

ନୀଳାଚଳ ସାରସ୍ୱତ ସଂଘ, ପୁରୀ

# ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ (ଜୀବନୀ)


● ପ୍ରକାଶକ ଓ © ସର୍ବସ୍ୱତ୍ୱ ସଂରକ୍ଷକ
ନୀଳାଚଳ ସାରସ୍ୱତ ସଂଘ, ପୁରୀ
ରେଜିଷ୍ଟ୍ରେସନ ନଂ ୭୩୯୧/୩୯୦ ଅଫ୍ ୧୯୭୩-୭୪)

● ପ୍ରାପ୍ତି ସ୍ଥାନ :

୧ । ନୀଳାଚଳ ସାରସ୍ୱତ ସଂଘ
ଶ୍ରୀ ଶ୍ରୀ ନିଗମାନନ୍ଦ ସ୍ମୃତି ମନ୍ଦିର
(କେନ୍ଦ୍ର ଆସନ ମନ୍ଦିର)
ସ୍ୱର୍ଗଦ୍ୱାର, ପୁରୀ-୭୫୨ ୦୦୧, ଫୋନ୍—୩୦୩୨

୨ । ସତ୍ଶିକ୍ଷା ମନ୍ଦିର
ଏ/୪, ୟୁନିଟ୍-୯, ଭୁବନେଶ୍ୱର-୭୫୧ ୦୦୭, ଫୋନ୍—୪୦୦୦୫୫

୩ । ଶ୍ରୀ ଚୈତନ୍ୟ ଚରଣ ଦାସ
ନିଗମ ସ୍ମୃତି କୁଟୀର, କଟକ-୭୫୩ ୦୦୩, ଫୋନ୍—୨୦୯୦୮

● ସଂସ୍କରଣ :
ପ୍ରଥମ ୧୯୪୨—୨୦୦୦
ସପ୍ତମ ୧୯୯୪—୩୦୦୦

● ମୁଦ୍ରଣ :
ବନଦୁର୍ଗା ପ୍ରିଣ୍ଟର୍ସ
ଅଲିଶାବଜାର, କଟକ-୨

● ମୂଲ୍ୟ :
ଶୋଭନ ସଂସ୍କରଣ
~~ତିରିଶ ଟଙ୍କା~~

**SRI SRI THAKUR NIGAMANANDA**
(Jeebanee)

*Published & © Reserved by :*
Nilachal Saraswata Sangha, Puri

*Available at :*
Satsikhya Mandir
A/4, Unit-IX, Bhubaneswar-7
Phone—400055

*Editions :*
First—1942
Seventh—1994

*Printed by :*
Banadurga Printers
Alishabazar, Cuttack-2

*Price :*
**Rupees—Thirty Only**

ଜୟଗୁରୁ

"ତ୍ୱମେବ ମାତା ଚ ପିତା ତ୍ୱମେବ
ତ୍ୱମେବ ବନ୍ଧୁଶ୍ଚ ସଖା ତ୍ୱମେବ
ତ୍ୱମେବ ବିଦ୍ୟା ଦ୍ରବିଣଂ ତ୍ୱମେବ
ତ୍ୱମେବ ସର୍ବଂ ମମ ଦେବଦେବ ।"

ଜୟଗୁରୁ

## ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ (ଜୀବନୀ)

# ବିଗ୍ରହ ସୂଚୀ


| କ୍ରମ | | ପୃଷ୍ଠା |
|---|---|---|
| ୧ । | ଭକ୍ତଗଣଙ୍କ ସ୍କନ୍ଧେ ଶ୍ରୀ ଶ୍ରୀ ଠାକୁର | (i) |
| ୨ । | ଶ୍ରୀ ଶ୍ରୀ ଠାକୁରଙ୍କ ତାନ୍ତ୍ରିକ ଗୁରୁ ବାମାକ୍ଷେପା ... | ୪୧ |
| ୩ । | ତାନ୍ତ୍ରିକ ଗୁରୁ ... | ୫୦ |
| ୪ । | ଜ୍ଞାନୀ ଗୁରୁ ... | ୬୫ |
| ୫ । | ଯୋଗୀ ଗୁରୁ ... | ୧୦୫ |
| ୬ । | ପ୍ରେମିକ ଗୁରୁ ... | ୧୨୧ |
| ୭ । | ମା' ଯୋଗମାୟା ଦେବୀ ... | ୧୫୩ |
| ୮ । | ସାରସ୍ୱତ ମଠ ... | ୧୫୭ |
| ୯ । | ଜ୍ୟୋତିର୍ମୟ ... | ୨୨୯ |
| ୧୦ । | ଶାଲ୍ ପରିହିତ ଶ୍ରୀ ଶ୍ରୀ ଠାକୁର ... | ୩୧୧ |
| ୧୧ । | ଅଭୟ ବାଣୀ ... | ୩୪୭ |
| ୧୨ । | ମହା ସମାଧି ... | ୩୬୨ |



ଶ୍ରୀଶ୍ରୀ ଠାକୁର

ଜୟଗୁରୁ

## ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ (ଜୀବନୀ)

# ବର୍ଣ୍ଣାନୁକ୍ରମିକ ବିଷୟ ସୂଚୀ


| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ଅ | ଅଦ୍ଭୁତ ସ୍ୱପ୍ନ | ... | ୭ |
| | ଅଦ୍ଭୁତ ସାଧୁ | ... | ୩୨ |
| | ଅଦୃଶ୍ୟ ସହାୟ | ... | ୩୪ |
| | ଅନାହାରୀ ସାଧୁ | ... | ୫୨ |
| | ଅବତରଣ | ... | ୧୧୦ |
| | ଅନ୍ନପୂର୍ଣ୍ଣା ମହାତ୍ମ୍ୟ | ... | ୧୧୭ |
| | ଅପୂର୍ଣ୍ଣବୋଧର ଜାଗରଣ | ... | ୧୧୭ |
| | ଅଷ୍ଟମ ପରିଚ୍ଛେଦ | ... | ୧୪୪ |
| | ଅର୍ପଣ ନାମା | ... | ୧୭୨ |
| | ଅବସର ଗ୍ରହଣ | ... | ୧୭୨ |
| | ଅନାବୃଷ୍ଟି ହରଣ | ... | ୧୮୭ |
| | ଅବତାର ଓ ସଦ୍‌ଗୁରୁ | ... | ୨୧୩ |
| | ଅଲୌକିକ ଅନୁଭୂତି | ... | ୨୩୫ |
| | ଅଲୌକିକ ଭାବରେ ଠାକୁର ପ୍ରାପ୍ତି | ... | ୨୩୫ |
| | ଅସଂଯମୀ ସ୍ତ୍ରୀ | ... | ୨୩୭ |
| | ଅଷ୍ଟାଦଶ ପରିଚ୍ଛେଦ | ... | ୩୦୯ |
| | ଅଭୟବାଣୀ | ... | ୩୪୭, ୩୫୪ |
| ଆ | ଆସ୍ତିକ ଭାବ | ... | ୧୯ |
| | ଆତ୍ମହତ୍ୟା ସଂକଳ୍ପ | ... | ୩୪ |
| | ଆଶ୍ରମ ଜୀବନ | ... | ୫୫ |
| | ଆଶ୍ରୟ ଲାଭ | ... | ୧୦୩ |
| | ଆଦର୍ଶଭାବ | ... | ୧୯୭ |

| ବର୍ଣ୍ଣ | ବିଷୟ | ପୃଷ୍ଠା |
|---|---|---|
| ଆ | ଆଧ୍ୟାତ୍ମିକ ଅନୁଭୂତି | ... ୧୩୬ |
| | ଆତ୍ମାର ଉଜ୍ଜ୍ୱଳ ଜ୍ୟୋତିର୍ମୟ ଦେହ | ... ୧୫୬ |
| | ଆତ୍ମାର ଦେହତ୍ୟାଗ | ... ୧୫୭ |
| | ଆକସ୍ମିକ ମୃତ୍ୟୁରେ ଗତି | ... ୧୬୧ |
| | ଆତ୍ମହତ୍ୟା | ... ୧୬୧ |
| | ଆତ୍ମହତ୍ୟା ନିବାରଣ | ... ୧୬୫ |
| | ଆର୍ଯ୍ୟ ଦର୍ପଣ | ... ୩୦୯ |
| | ଆଶୀର୍ବାଣୀ | ... ୩୩୨, ୩୪୭ |
| | ଆଶ୍ଚର୍ଯ୍ୟ ସଙ୍କେତ | ... ୩୩୬ |
| ଇ | ଇଷ୍ଟ ଓ ଗୁରୁ | ... ୧୨୯ |
| | ଇଷ୍ଟମୂର୍ତ୍ତି ଦର୍ଶନର ଧାରା | ... ୧୨୯ |
| | ଇଷ୍ଟ ଓ ଶ୍ରୀ ଶ୍ରୀ ଠାକୁର | ... ୧୧୦ |
| | ଇଷ୍ଟ ଦର୍ଶନ | ... ୧୩୭ |
| ଉ | ଉଦରାମୟ | ... ୩୩୯ |
| | ଉଡ୍‌ରଫ ସାହେବ ଓ ଶ୍ରୀ ଶ୍ରୀ ଠାକୁର | ... ୩୬୦ |
| | ଉପସଂହାର | ... ୩୬୨ |
| ଊ | ଊନବିଂଶ ପରିଚ୍ଛେଦ | ... ୩୧୬ |
| ଏ | ଏକାଦଶ ପରିଚ୍ଛେଦ | ... ୨୬୫ |
| | ଏକବିଂଶ ପରିଚ୍ଛେଦ | ... ୩୩୬ |
| ଐ | ଐଶ୍ୱରିକ ଶକ୍ତି | ... ୨୬୫ |
| କ | କୋଷ୍ଠୀ ବିଚାର | ... ୨୩ |
| | ଗୋଷ୍ଠୀର ଗ୍ରହଚକ୍ର | ... ୨୪ |
| | କର୍ମଜୀବନ | ... ୨୬ |
| | କାଶୀ ଗମନ | ... ୩୩ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| କ | କୁକ୍କୁର | ... | ୪୦ |
| | କୁଳ କନ୍ୟା | ... | ୪୧ |
| | କାଶୀ ଯାତ୍ରା | ... | ୫୦ |
| | କାମିନୀ କାଞ୍ଚନର ଆକର୍ଷଣ | ... | ୭୧ |
| | କୋଠା ଘରରେ ପଥଭ୍ରାନ୍ତ | ... | ୭୮ |
| | କଲିକତା ତ୍ୟାଗ | ... | ୮୭ |
| | କାମାକ୍ଷା ଗମନ | ... | ୮୭, ୧୦୧ |
| | କୁମ୍ଭମେଳାକୁ ଗମନ | ... | ୧୧୧ |
| | କଠୋର ଆଶ୍ରମ ଜୀବନ | ... | ୧୩୨ |
| | କୁମ୍ଭମେଳାରେ ସାଧୁମହାତ୍ମାଙ୍କ ଦ୍ୱାରା ଅଭ୍ୟର୍ଥନା | ... | ୧୭୨ |
| | କାର୍ତ୍ତିକରେ ଶ୍ରୀ ଶ୍ରୀ ଠାକୁର | ... | ୧୮୫ |
| | କର୍ମଫଳ ବାଦ | ... | ୨୯୦ |
| ଖ | ଖେଚରୀ ମୁଦ୍ରା | ... | ୩୪୩ |
| ଗ | ଗର୍ଭ ଧାରଣ | ... | ୩ |
| | ଗ୍ରହ ଚକ୍ର | ... | ୪ |
| | ଗୁରୁ ଅନୁସନ୍ଧାନ | ... | ୩୧ |
| | ଗୃଧିଣୀ | ... | ୪୦ |
| | ଗୌରୀ ମା'ଙ୍କ ଆଶ୍ରମ | ... | ୬୭ |
| | ଗୌରୀ ମା'ଙ୍କ ଆଦେଶ | ... | ୭୦ |
| | ଗୁରୁ ଭାବର ସଞ୍ଚାର | ... | ୧୦୯ |
| | ଗୁରୁ ଜଗମାନନ୍ଦ | ... | ୧୧୧ |
| | ଗୁରୁ ଦକ୍ଷିଣା | ... | ୧୧୪ |
| | ଗୁରୁ ରୂପରେ ପ୍ରତିଷ୍ଠା | ... | ୧୧୫ |
| | ଗୌରୀ ମାଆ | ... | ୧୧୯ |
| | ଗୌରୀ ମା'ଙ୍କ ଅଭ୍ୟର୍ଥନା | ... | ୧୨୦ |

| ବର୍ଣ୍ଣ | ବିଷୟ | | ପୃଷ୍ଠ |
|---|---|---|---|
| ଗ | ଗାଙ୍ଗୋଦ୍ଭଲ ଯୋଗାଶ୍ରମ | ... | ୧୩ |
| | ଗୁରୁ ଓ ଭଗବାନ | ... | ୨୧ |
| | ଗୁରୁ କେତେ ପ୍ରକାର ? | ... | ୨୧ |
| | ଗୁରୁ ଓ ମାଆ | ... | ୨୨ |
| | ଗୁରୁ ଜଗମାନନ୍ଦ | ... | ୨୨୦ |
| | ଗୁରୁଙ୍କ ଶକ୍ତିସଞ୍ଚାରଣୀ ଶକ୍ତି | ... | ୨୨ |
| | ଗୁରୁଚିନ୍ତାର ଫଳ | ... | ୨୨ |
| | ଗୁରୁ ହେବାର ଦାୟିତ୍ୱ | ... | ୨୨ |
| | ଗୁରୁ ଓ ଗୁରୁଶକ୍ତି | ... | ୨୩ |
| | ଗୁରୁକୃପା ଓ ଶାସ୍ତ୍ର ପାଠ | ... | ୨୩ |
| | ଗୃହ ଦାହ | ... | ୨୩ |
| | ଗୁରୁଶକ୍ତିଙ୍କ ଦର୍ଶନ ଲାଭ | ... | ୨୪୪ |
| | ଗୁରୁଶକ୍ତି ଓ ଜନ୍ମ ନିୟନ୍ତ୍ରଣ | ... | ୨୯୧ |
| ଘ | ଘାସକଟା ଓ କାଠହଣା | ... | ୫୬ |
| ଚ | ଚିତାସାଧନା | ... | ୪୧ |
| | ଚୈତ୍ରଧାମ ଭ୍ରମଣ | ... | ୭୬ |
| | ଚତୁର୍ଥ ପରିଚ୍ଛେଦ | ... | ୬୬ |
| | ଚଣ୍ଡୀର ବିଶେଷତ୍ୱ | ... | ୧୭୬ |
| | ଚତୁର୍ଦ୍ଦଶ ପରିଚ୍ଛେଦ | ... | ୨୧୨ |
| | ଚିକିତ୍ସା ସଙ୍କେତ | ... | ୩୩୭ |
| | ଚକ୍ଷୁରୋଗ | ... | ୩୩୯ |
| ଛ | ଛିନ୍ନମସ୍ତାମୂର୍ତ୍ତି ଦର୍ଶନ | ... | ୧୭ |
| ଜ | ଜୀବନୀ ପୁସ୍ତକର ଇତିବୃତ୍ତି | ... | ଢ଼ |
| | ଜନ୍ମସ୍ଥାନ | ... | ୧ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ଜ | ଜନ୍ମ ଓ ଜାତକର୍ମ | ... | ୪ |
| | ଜ୍ୟୋତିର୍ମୟ ଜଗତ | ... | ୫୩ |
| | ଜାତି ବିଚାରର ପ୍ରଶ୍ନ | ... | ୬୦ |
| | ଜଳମଗ୍ନ ଶିଷ୍ୟର ପ୍ରାଣରକ୍ଷା | ... | ୧୮୩ |
| | ଜୀବନ୍ମୁକ୍ତ ଭାବ | .... | ୧୯୦ |
| | ଜଗତର ଲୀଳାଭିନୟ | ... | ୨୨୬ |
| | ଜୀବିତାବସ୍ଥାରେ ମୃତ୍ୟୁର ଅନୁଭୂତି | ... | ୨୯୮ |
| | ଜୟଗୁରୁ ନାମ | ... | ୩୨୧ |
| | ଜୟଗୁରୁ ନାମ ମହାତ୍ମ୍ୟ | ... | ୩୨୨ |
| | ଜ୍ୟୋତିର୍ମୟ ମୂର୍ତ୍ତି | ... | ୩୫୬ |
| ଟ | ଟ୍ରେନ ସଂଘର୍ଷ | ... | ୧୦ |
| ଠ | ଠାକୁରଙ୍କ ବାଣୀ | ... | ୨୦୩ |
| ଡ | ଡାକ୍ତର ଆନିବେସାନ୍ତଙ୍କ ସହ ଆଲୋଚନା | ... | ୮୩ |
| ଢ | ଢାକା ଆଗମନ | ... | ୧୫୮ |
| ତ | ତୃତୀୟବାର ତ୍ରସ୍ଥାମୂର୍ତ୍ତି ଦର୍ଶନ | ... | ୨୧ |
| | ତୃତୀୟ ପରିଚ୍ଛେଦ | ... | ୩୫ |
| | ତାନ୍ତ୍ରିକ ଗୁରୁଙ୍କ ଦର୍ଶନ | ... | ୩୬ |
| | ତାନ୍ତ୍ରିକ ଗୁରୁଙ୍କ ଉପଦେଶ | ... | ୪୯ |
| | ତ୍ରାଟକ ଯୋଗର ଶକ୍ତି | ... | ୯୫ |
| | ତ୍ରିକୂଟ ସ୍ଥାନ | ... | ୧୦୭ |
| | ତ୍ରୟୋଦଶ ପରିଚ୍ଛେଦ | ... | ୨୦୩ |
| | ତାନ୍ତ୍ରିକ ସାଧକ | ... | ୨୩୬ |
| | ତତ୍ତ୍ୱମୟୀ ବାଣୀ | ... | ୩୩୨ |
| | ତ୍ରାଟକ | ... | ୩୪୪ |
| | ତ୍ରୟୋବିଂଶ ପରିଚ୍ଛେଦ | ... | ୩୫୨ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ଥ | ଥିଓସଫି ଶିକ୍ଷା | ... | ୨ |
| ଦ | ଦ୍ରବ୍ୟ ଦର୍ଶନ | ... | |
| | ଦ୍ୱିତୀୟ ପରିଚ୍ଛେଦ | ... | ୧ |
| | ଦ୍ୱାରକା | ... | ୭ |
| | ଦାକ୍ଷିଣାତ୍ୟ ଭ୍ରମଣ | ... | ୭ |
| | ଦଶମ ପରିଚ୍ଛେଦ | ... | ୧୫ |
| | ଦ୍ୱାଦଶ ପରିଚ୍ଛେଦ | ... | ୧୮ |
| | ଦୁର୍ବୋଧ ଭାବ | ... | ୧୮ |
| | ଦ୍ରବ୍ୟାନୁଭୂତି | ... | ୨୪୦ |
| | ଦନ୍ତରୋଗ | ... | ୩୩୮ |
| | ଦ୍ୱାବିଂଶ ପରିଚ୍ଛେଦ | ... | ୩୪୬ |
| | ଦୀକ୍ଷାର ଫଳ | ... | ୩୫୮ |
| ଧ | ଧର୍ମସଂସ୍କାର | ... | ୮ |
| | ଧୂଳି ସଜାଡ଼ିବା | ... | ୫୬ |
| | ଧାରଣା ଓ ଧ୍ୟାନ | ... | ୧୦୪ |
| ନ | ନାସ୍ତିକ ଭାବ | ... | ୧୭ |
| | ନଳିନୀକାନ୍ତଙ୍କ ଶାସ୍ତ୍ରାଲୋଚନା | ... | ୬୧ |
| | ନିରାଲମ୍ବ ପୁରୀ | ... | ୧୦୭ |
| | ନିର୍ବିକଳ୍ପ ସମାଧି ଲାଭ | ... | ୧୦୮ |
| | ନିର୍ବିକଳ୍ପ ସମାଧି ପ୍ରଣାଳୀ | ... | ୧୦୯ |
| | ନିରୁପାଧି ଭାବ | ... | ୧୩୫, ୧୯୩ |
| | ନବମ ପରିଚ୍ଛେଦ | — | ୧୫୦ |
| | ନୀଳାଚଳବାସୀଙ୍କ ଦୃଷ୍ଟି | — | ୧୬୪ |
| | ନୀଳାଚଳ ସାରସ୍ୱତ ସଂଘ ସ୍ଥାପନ | — | ୧୭୧ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ନ | ନେତ୍ରର ରଶ୍ମି ସଂଯତ | ... | ୩୪୪ |
| | ନୀଳାଚଳର ବାଣୀସମୂହ | ... | ୩୫୭ |
| ପ | ପ୍ରଥମ ପରିଚ୍ଛେଦ | ... | ୧ |
| | ପିତୃ ପରିଚୟ | ... | ୨ |
| | ପରଲୋକ ତତ୍ତ୍ୱ ଅନୁସନ୍ଧାନ | ... | ୨୪ |
| | ପତ୍ନୀରୂପା ମହାଶକ୍ତିଙ୍କ ସହ ପ୍ରେମାଳାପ | ... | ୪୭ |
| | ପିତୁଳା ମାଳବା | ... | ୫୭ |
| | ପରଶୁରାମ ତୀର୍ଥ | ... | ୮୮ |
| | ପାହାଡ଼ିଆ ଲୋକଙ୍କ ଆତିଥ୍ୟ | ... | ୮୮ |
| | ପାହାଡ଼ ଭ୍ରମଣ | ... | ୮୯ |
| | ପ୍ରାଥମିକ ଶିକ୍ଷା ଓ ଉପଦେଶ | ... | ୯୩ |
| | ପୁଣି ସାଧନା ଆରମ୍ଭ | ... | ୧୦୩ |
| | ପ୍ରାଣାୟାମ ସାଧନା | ... | ୧୦୪ |
| | ପଞ୍ଚମ ପରିଚ୍ଛେଦ | ... | ୧୧୧ |
| | ପରମହଂସ ପଦ ପ୍ରାପ୍ତି | ... | ୧୧୨ |
| | ପ୍ରେମୋନ୍ମାଦ | ... | ୧୨୯ |
| | ପ୍ରେମିକର ବାସରଘର | ... | ୧୩୨ |
| | ପରିପୂର୍ଣ୍ଣ ଭାବ | ... | ୧୩୭, ୧୮୭ |
| | ପୁରୀରେ ଦୈନନ୍ଦିନ ଜୀବନ | ... | ୧୬୪ |
| | ପ୍ରେମଲାଭର ସାର୍ବଭୌମ ପଥ | ... | ୨୦୮ |
| | ପଞ୍ଚଦଶ ପରିଚ୍ଛେଦ | ... | ୨୩୫ |
| | ପ୍ରତିମୂର୍ତ୍ତିଙ୍କ ଲୁଚି ଭକ୍ଷଣ | ... | ୨୩୮ |
| | ପରଲୋକ ତତ୍ତ୍ୱରେ ଅଧିକାର | ... | ୨୪୭ |
| | ପାରଲୌକିକ ଶକ୍ତି | ... | ୨୪୮ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ପ | ପ୍ରେତ ଦେହ | ... | ୨୫୮ |
| | ପ୍ରେତର କଷ୍ଟ | ... | ୨୫୮ |
| | ପରଲୋକ ଅବସ୍ଥାୟୀ | ... | ୨୫୯ |
| | ପିତୃଲୋକ | ... | ୨୬୦ |
| | ପ୍ରେତର ସୁବିଧା | ... | ୨୬୮ |
| | ପରଲୋକ | ... | ୨୬୯ |
| | ପରଲୋକଗତ ଆତ୍ମାର ଆକର୍ଷଣ | ... | ୨୭୧ |
| | ପରଲୋକଗତ ଆତ୍ମାର ଆନୟନ | ... | ୨୭୨ |
| | ପୁଷ୍କର ପ୍ରେତ | ... | ୨୭୪ |
| | ପରଲୋକ ଉପରେ ଠାକୁରଙ୍କ ପ୍ରଭାବ | ... | ୨୭୮ |
| | ପରମାଶ୍ଚର୍ଯ୍ୟ ପୁର | ... | ୨୯୯ |
| | ପୂର୍ବରୁ ମୃତ୍ୟୁ ଜାଣିବାର ଉପାୟ | ... | ୩୦୩ |
| | ପୂର୍ବରୁ ମୃତ୍ୟୁ ଜାଣିବାର ପ୍ରକ୍ରିୟା | ... | ୩୦୪ |
| | ପ୍ରଭୁମୂର୍ତ୍ତି ଘର୍ମାକ୍ତ କଳେବର | ... | ୩୨୪ |
| | ପାଳଜ୍ୱର | ... | ୩୫୭ |
| | ପ୍ରାଣାୟାମ ସଙ୍କେତ | ... | ୩୪୨ |
| | ପଦ୍ମାସନ | ... | ୩୪୫ |
| | ପରିଶେଷରେ | ... | ୩୭୭ |
| ବ | ବାଲ୍ୟ ଜୀବନ | ... | ୧ |
| | ବାଲ୍ୟ ଚପଳତା | ... | ୫ |
| | ବାଲ୍ୟ ତରଙ୍ଗ | ... | ୭ |
| | ବିବାହ | ... | ୧୫ |
| | ବିବାହ ପରେ | ... | ୧୫ |
| | ବାମାକ୍ଷେପା | ... | ୩୭ |
| | ବିଧି ନିଷେଧ | ... | ୩୮ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ବ | ବିଭୀଷିକା ଦର୍ଶନ | ... | ୪୩ |
| | ବଦରିକାଶ୍ରମ | ... | ୬୮ |
| | ବିରାଟ ସର୍ପ | ... | ୬୦ |
| | ବ୍ୟାଘ୍ର କବଳରେ ଜଗମାନନ୍ଦ | ... | ୬୬ |
| | ବୃଷ୍ଟି ପ୍ରତିରୋଧ | ... | ୧୮୬ |
| | ବାଳକ ଭାବ | ... | ୧୮୯ |
| | ବାଳକ ସୁଲଭ ସରଳ ଭାବ | ... | ୧୯୬ |
| | ବିନମ୍ର ଭାବ | ... | ୧୯୮ |
| | ବୃନ୍ଦାବନର ସହଜ ଭାବ | ... | ୨୦୯ |
| | ବସନ୍ତ ଠାକୁରାଣୀ | ... | ୨୩୮ |
| | ବିୟୋଗ ବ୍ୟଥାରେ ସାନ୍ତ୍ୱନା | ... | ୨୮୪ |
| | ବ୍ୟାଘ୍ର କବଳରୁ ରକ୍ଷା | ... | ୩୨୩ |
| | ବିଧବାମାନଙ୍କ ପ୍ରତି ଉପଦେଶ | ... | ୩୩୦ |
| | ବଂଶ ପରିଚ୍ଛେଦ | ... | ୩୩୨ |
| | ବାତ | ... | ୩୩୮ |
| | ବୀଜମନ୍ତ୍ର | ... | ୩୪୧ |
| | ବିଦାୟ ଆଶୀର୍ବାଦ | ... | ୩୬୫ |
| ଭ | ଭିକ୍ଷା କରିବା ନିମିତ୍ତ ଆଦେଶ | ... | ୬୪ |
| | ଭୀଷଣ ଅରଣ୍ୟରେ ପଥଭ୍ରାନ୍ତ ଓ ବୃକ୍ଷ କୋଟରରେ ରାତ୍ରିଯାପନ | ... | ୯୦ |
| | ଭାବସାଧନ | ... | ୧୧୬ |
| | ଭାବର ସଞ୍ଚାର | ... | ୧୨୫ |
| | ଭାବର ସାଧନା | ... | ୧୨୮ |
| | ଭୁବନେଶ୍ୱର ପଣ୍ଡା | ... | ୧୮୩ |
| | ଭାବ ଜଗତରେ ଶ୍ରୀ ଶ୍ରୀ ଠାକୁର | ... | ୧୮୬ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ଭ | ଭାବତତ୍ତ୍ୱରେ ଶ୍ରୀ ଶ୍ରୀ ଠାକୁରଙ୍କ ଅଭିନବ | ... | ୧୯୪ |
| | ଭାବଜଗତର ସ୍ୱରୂପ | ... | ୨୦୩ |
| | ଭାବସାଧନାର ସଙ୍କେତ | ... | ୨୦୬ |
| | ଭାବ ସାଧନାର ଗୁପ୍ତ କଥା | ... | ୨୦୭ |
| | ଭୂତ ଓ ପ୍ରେତ | ... | ୨୭୦ |
| | ଭକ୍ତ ସମ୍ମିଳନୀ | ... | ୩୧୨ |
| | ଭବିଷ୍ୟତ ବାଣୀ | ... | ୩୫୧ |
| | ଭାରତର ସ୍ୱାଧୀନତା ସଂପର୍କରେ ଭବିଷ୍ୟତ ବାଣୀ | ... | ୩୫୨ |
| ମ | ମୁଖବନ୍ଧ (ପ୍ରଥମ ସଂସ୍କରଣ) | .. | ଅ |
| | (ଦ୍ୱିତୀୟ ,, ) | .. | ଉ |
| | (ତୃତୀୟ ,, ) | .. | ଏ |
| | (ଚତୁର୍ଥ ,, ) | .. | ଓଁ |
| | (ଷଷ୍ଠ ,, ) | .. | ଓ୍ |
| | (ସପ୍ତମ ,, ) | ... | (i) |
| | ମାତୃ ପରିଚୟ | ... | ୩ |
| | ମାତୃ ବିୟୋଗ | ... | ୧୧ |
| | ମୂର୍ତ୍ତି ଦର୍ଶନ ପରେ | .... | ୧୮ |
| | ମନ୍ତ୍ର ପ୍ରାପ୍ତି | ... | ୩୧ |
| | ମନ୍ତ୍ରର ତଥ୍ୟାନୁସନ୍ଧାନ | ... | ୩୨ |
| | ମହାଶକ୍ତି | ... | ୩୯ |
| | ମନ୍ତ୍ର ଜପ | ... | ୪୨ |
| | ମହାଶକ୍ତିଙ୍କର ଆବିର୍ଭାବ | .... | ୪୩ |
| | ମହୌଷଧି ଓ ବଦ୍ରୀନାରାୟଣ ପଥେ | ... | ୬୭ |
| | ମାନ ସରୋବର | ... | ୬୯ |
| | ମଠର ଗୌରବ | ... | ୧୭୦ |
| | ମନୁଷ୍ୟ ଗୁରୁଙ୍କ ଶ୍ରେଷ୍ଠତ୍ୱ | ... | ୨୨୯ |
| | ମନ୍ତ୍ର ଜପର ପ୍ରଣାଳୀ ପ୍ରଦର୍ଶନ | ... | ୨୪୯ |

| ବର୍ଣ୍ଣ | ବିଷୟ | ପୃଷ୍ଠା |
|---|---|---|
| ମ | ମୃତ୍ୟୁ ଓ ପରଲୋକ ବିଷୟରେ ଶ୍ରୀ ଶ୍ରୀ ଠାକୁର ... | ୨୪୭ |
| | ମୃତ୍ୟୁଚିନ୍ତା ... | ୨୪୯ |
| | ମୃତ୍ୟୁଚିନ୍ତାର ଧାରାବାହିକ ପ୍ରଣାଳୀ ... | ୨୫୦ |
| | ମୃତ୍ୟୁଭୀତି ନିବାରଣ ... | ୨୫୧ |
| | ମୃତ୍ୟୁର ସ୍ୱରୂପ ... | ୨୫୨ |
| | ମୃତ୍ୟୁର ଆକ୍ରମଣ ... | ୨୫୩ |
| | ମୃତ୍ୟୁ ପରର ଅବସ୍ଥା ... | ୨୫୮ |
| | ମୃତ୍ୟୁର ପ୍ରକାର ଭେଦ ... | ୨୬୧ |
| | ମୃତ ବ୍ୟକ୍ତିର ସଙ୍ଗୀ ଓ ଅବସ୍ଥା ... | ୨୬୭ |
| | ମୃତ୍ୟୁ ସମୟରେ ଦର୍ଶନ ଦାନର ପ୍ରତିଶ୍ରୁତି ... | ୨୮୦ |
| | ମୃତ୍ୟୁର ପୂର୍ବ ଆଭାସ ... | ୨୮୨ |
| | ମୃତ୍ୟୁ କାମନା ... | ୨୮୩ |
| | ମୃତ୍ୟୁ ଲୋକର ସ୍ୱରୂପ ... | ୨୯୭ |
| | ମୃତ୍ୟୁର ଅନୁଭୂତି ... | ୩୦୨ |
| | ମାତୃଜାତିର ଉଦ୍‌ବୋଧନରେ ଶ୍ରୀ ଶ୍ରୀ ଠାକୁର ... | ୩୨୭ |
| | ମୂତ୍ରବ୍ୟଥା ... | ୩୩୭ |
| | ମହାମୁଦ୍ରା ... | ୩୪୫ |
| | ମହାସମାଧି ... | ୩୬୨, ୩୬୯ |
| ଯ | ଯାଦୁବିଦ୍ୟା ଶିକ୍ଷା ... | ୫୧ |
| | ଯୋଗସାଧନ ନିମନ୍ତେ ଆଦେଶ ... | ୭୫ |
| | ଯୋଗ ସାଧନ ... | ୭୭ |
| | ଯୋଗୀଗୁରୁ ଅନୁସନ୍ଧାନ ... | ୭୭ |
| | ଯୋଗିନୀ କୁଟୀର ... | ୭୯ |
| | ଯୋଗୀଗୁରୁ ଦର୍ଶନ ... | ୯୦ |
| | ଯୋଗ ଶାସ୍ତ୍ରାଲୋଚନା ... | ୯୨ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ଯ | ଯୋଗୀଗୁରୁଙ୍କ ନିର୍ଦ୍ଦେଶ | ... | ୯୭ |
| | ଯୋଗ ସାଧନା | ... | ୯୮ |
| | ଯୋଗ ସିଦ୍ଧ | ... | ୧୦୦ |
| | ଯୋଗୀଗୁରୁ ସୁମେରୁ ଦାସଜୀଙ୍କ ସାକ୍ଷାତ | .. | ୧୩୦ |
| | ଯୋଗୈଶ୍ୱର୍ଯ୍ୟ ପ୍ରକାଶ | ... | ୧୪୪, ୧୪୭ |
| | ଯୋଗମାୟା ଦେବୀ | ... | ୧୫୦ |
| | ଯୋଗମାୟା ଦେବୀଙ୍କ ସାଧନା ଓ ସେବା | ... | ୧୫୭ |
| | ଯୋଗ ନିଦ୍ରାର ସାଧନ | ... | ୧୭୧ |
| | ଯୋଗବଳରେ ଦେହତ୍ୟାଗ | ... | ୨୯୭ |
| | ଯୁଗ ସମସ୍ୟାରେ ଗୃହସ୍ଥମାନଙ୍କ କର୍ତ୍ତବ୍ୟ | ... | ୩୧୫ |
| ର | ରନ୍ଧନ | ... | ୫୫ |
| | ରାମେଶ୍ୱର | ... | ୭୪ |
| | ରୋଗୀ ଶଯ୍ୟାରେ ଶ୍ରୀ ଶ୍ରୀ ଠାକୁର | ... | ୧୮୫ |
| | ରୌଦ୍ର ତାପ | ... | ୩୩୯ |
| | ରକ୍ତ ପରିଷ୍କାର | ... | ୩୪୦ |
| ଶ | ଶିକ୍ଷା | ... | ୫ |
| | ଶ୍ରାଦ୍ଧ | ... | ୨୨ |
| | ଶୃଗାଳ | ... | ୪୧ |
| | ଶ୍ରୀକ୍ଷେତ୍ର | ... | ୭୪ |
| | ଶିକ୍ଷକତା | ... | ୧୩୨ |
| | ଶାନ୍ତ ଆଶ୍ରମ | ... | ୧୫୯ |
| | ଶ୍ରୀ ଶ୍ରୀ ଠାକୁରଙ୍କ ନିଦ୍ରା | ... | ୧୭୯ |
| | ଶ୍ରୀ ଶ୍ରୀ ଠାକୁରଙ୍କ ଯୋଗନିଦ୍ରା | ... | ୧୭୯ |
| | ଶ୍ରୀ ଶ୍ରୀ ଠାକୁରଙ୍କ ସର୍ବଜ୍ଞତା ଓ ସର୍ବତ୍ର ବିଦ୍ୟମାନତା | ... | ୧୭୭ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ଶ | ଶୈଳବାଳାଙ୍କ ଗୁରୁଭକ୍ତି | ... | ୧୭୮ |
| | ଶ୍ରୀ ଶ୍ରୀ ଠାକୁରଙ୍କ ଚିନ୍ମୟ ଭାବ | ... | ୨୦୫ |
| | ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଗୁରୁଭାବ | ... | ୨୧୨ |
| | ଶିଷ୍ୟମାନଙ୍କର ଅଦ୍ଭୁତ ଅନୁଭୂତି | ... | ୨୨୪ |
| | ଶ୍ରୀ ଶ୍ରୀ ଠାକୁରଙ୍କ ଆତ୍ମ ପରିଚୟ | ... | ୨୨୫ |
| | ଶ୍ରୀ ଶ୍ରୀ ଠାକୁରଙ୍କ ଧ୍ୟାନ ଧାରଣା | ... | ୨୨୮ |
| | ଶିଷ୍ୟମାନଙ୍କ ମହାଶକ୍ତିଙ୍କ କୃପାଲାଭର ସୁଯୋଗ | ... | ୨୩୧ |
| | ଶକ୍ତି ସଞ୍ଚାର | ... | ୨୪୧ |
| | ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ | ... | ୨୪୭ |
| | ଶ୍ରଦ୍ଧେୟ ଗୋବିନ୍ଦବାବୁଙ୍କ ମୃତ ପତ୍ନୀଙ୍କୁ ଆନୟନ | ... | ୨୭୩ |
| | ଶ୍ରୀ ଶ୍ରୀ ଠାକୁରଙ୍କ କୃପା | ... | ୨୮୪ |
| | ଶ୍ରୀ ଶ୍ରୀ ଠାକୁରଙ୍କ ବର ପ୍ରଦାନ | ... | ୨୮୭ |
| | ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ୱାସବାଣୀ | ... | ୩୦୫ |
| | ଶ୍ରୀ ଶ୍ରୀ ଠାକୁରଙ୍କ ସାର୍ବଭୌମ ଦାନ | ... | ୩୦୯ |
| | ଶାକ୍ତ ବୈଷ୍ଣବ | ... | ୩୩୩ |
| | ଶିର ପୀଡ଼ା | ... | ୩୪୦ |
| | ଶ୍ରୀ ଶ୍ରୀ ଠାକୁରଙ୍କ ଆଶୀର୍ବାଣୀ | ... | ୩୪୭ |
| | ଶେଷ ଆଶୀର୍ବାଣୀ | ... | ୩୪୮ |
| | ଶ୍ରୀ ଶ୍ରୀ ଠାକୁରଙ୍କ ଭବିଷ୍ୟତ ବାଣୀ | ... | ୩୫୧ |
| ଷ | ଷଟ୍ ସାଧନାର ଉଦ୍ଦେଶ୍ୟ | ... | ୧୦୩ |
| | ଷଷ୍ଠ ପରିଚ୍ଛେଦ | .... | ୧୧୭ |
| | ଷୋଡ଼ଶ ପରିଚ୍ଛେଦ | .... | ୨୩୭ |
| ସ | ସହଜାତ ସଂସ୍କାର | .... | ୯ |
| | ସାଂସାରିକ ଜୀବନ | .... | ୧୫ |
| | ସ୍ତ୍ରୀ ବିୟୋଗ | .... | ୧୯ |
| | ସାଧୁ ବିଦ୍ୱେଷ | .... | ୨୭ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ସ | ସ୍ୱାମୀ ପୂର୍ଣ୍ଣାନନ୍ଦଙ୍କ ସହ ସାକ୍ଷାତ | .... | ୨୭ |
| | ସାଧକ ଜୀବନ | .... | ୩୫ |
| | ସାଧକ ନଳିନୀକାନ୍ତ | .... | ୩୫ |
| | ସ୍ଥାନ ମାହାତ୍ମ୍ୟ | .... | ୩୯ |
| | ସର୍ପ | .... | ୪୦ |
| | ସ୍ୱରୂପ ସ୍ମୃତି | .... | ୪୭ |
| | ସଂସାର ତ୍ୟାଗ | .... | ୫୦ |
| | ସଚ୍ଚିଦାନନ୍ଦଙ୍କ ବ୍ୟବହାର | .... | ୫୭ |
| | ସଚ୍ଚିଦାନନ୍ଦଙ୍କ ପୂର୍ବାଶ୍ରମ | .... | ୫୮ |
| | ସନ୍ନ୍ୟାସର କଠୋରତା | .... | ୬୩ |
| | ସନ୍ନ୍ୟାସ ଗ୍ରହଣ | .... | ୬୩ |
| | ସନ୍ନ୍ୟାସର ଅନୁଭୂତି | .... | ୬୪ |
| | ସୂକ୍ଷ୍ମ ଦୃଷ୍ଟି | .... | ୬୯ |
| | ସଦ୍‌ଗୁରୁଙ୍କ ପ୍ରଭାବ | .... | ୭୨ |
| | ସଚ୍ଚିଦାନନ୍ଦଙ୍କ ବିଦାୟ ଆଶୀର୍ବାଦ | .... | ୭୭ |
| | ସୁମେରୁ ଦାସଙ୍କ ପରିଚୟ | .... | ୯୫ |
| | ସ୍ଥାନ ତ୍ୟାଗ | .... | ୧୦୦ |
| | ସମ୍ପ୍ରଜ୍ଞାତ ସମାଧି | .... | ୧୦୭ |
| | ସପ୍ତମ ପରିଚ୍ଛେଦ | .... | ୧୩୭ |
| | ସିଦ୍ଧ ଜୀବନ | .... | ୧୩୭ |
| | ସାରସ୍ୱତ ମଠ | .... | ୧୫୮ |
| | ସାରସ୍ୱତ ମଠର ବର୍ଣ୍ଣନା | .... | ୧୫୯ |
| | ସର୍ବଜ୍ଞ ବିଦ୍ୟମାନତା | .... | ୧୮୪ |
| | ସ୍ୱପ୍ନରେ ରୋଗ ନିରାମୟ | .... | ୧୮୭ |
| | ସହଜ ଭାବ | .... | ୧୮୮ |
| | ସହଜ ଭାବର ଉପକାରିତା | .... | ୧୯୧ |

| ବର୍ଣ୍ଣ | ବିଷୟ | | ପୃଷ୍ଠା |
|---|---|---|---|
| ସ | ସାର୍ବଭୌମ ଭାବ | .... | ୨୯୧ |
| | ସମନ୍ୱୟ ଭାବ | .... | ୨୯୯ |
| | ସାର୍ବଭୌମ ଗୁରୁ | .... | ୧୨୧ |
| | ସଦ୍‌ଗୁରୁ କିଏ ? | .... | ୧୨୩ |
| | ସଦ୍‌ଗୁରୁ ଓ ଜଗଦ୍‌ଗୁରୁ | .... | ୧୨୫ |
| | ସଦ୍‌ଗୁରୁ ଓ ଶିଷ୍ୟ | .... | ୧୩୨ |
| | ସପ୍ତଦଶ ପରିଚ୍ଛେଦ | .... | ୧୪୭ |
| | ସ୍ଥୂଳ ଦେହ ତ୍ୟାଗ | .... | ୧୫୪ |
| | ସୂକ୍ଷ୍ମ ନାଭିରନ୍ଧ୍ରର କଥା | .... | ୧୫୭ |
| | ସ୍ୱାଭାବିକ ମୃତ୍ୟୁର ଗତି | .... | ୧୬୨ |
| | ସୂକ୍ଷ୍ମଲୋକ ସମ୍ବନ୍ଧରେ ଆଲୋଚନା | .... | ୧୭୫ |
| | ସନ୍ତାନ କାମନା | .... | ୧୯୪ |
| | ସାରସ୍ୱତ ଗ୍ରନ୍ଥାବଳୀ | .... | ୩୦୯ |
| | ସଧବାଙ୍କ ପ୍ରତି ଉପଦେଶ | .... | ୩୧୮ |
| | ସମନ୍ୱୟୀ ବାଣୀ | .... | ୩୩୩ |
| | ସୁଖ ପ୍ରସବ | .... | ୩୩୯ |
| | ସର୍ବରୋଗ ଆରୋଗ୍ୟ | .... | ୩୪୦ |
| | ସାଧନ ସଙ୍କେତ | .... | ୩୪୦ |
| | ସ୍ୱପ୍ନ ଓ ସଦ୍‌ଗୁରୁ | .... | ୩୬୨ |
| ହ | ହିମାଳୟ ଗମନ | .... | ୭୩ |
| | ହେମଲତାଙ୍କ ଭାବ | .... | ୨୫୦ |
| | ହରପ୍ରସାଦଙ୍କ ଆତ୍ମା ଆନୟନ | .... | ୧୭୩ |
| | ହରହର ମୂର୍ତ୍ତି | .... | ୩୩୫ |
| ଜ୍ଞ | ଜ୍ଞାନଗୁରୁ ପ୍ରାପ୍ତି | .... | ୫୪ |
| | ଜ୍ଞାନ ଭକ୍ତି | .... | ୧୦୨ |

ଜୟଗୁରୁ

## ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ (ଜୀବନୀ)

# ପ୍ରଥମ ସଂସ୍କରଣର ମୁଖବନ୍ଧ

"ନିରାକାର ପରବ୍ରହ୍ମ ରୂପାୟାଜ୍ଞାନହାରିଣେ,
ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ।"

ଲୋକକ୍ଷୟକାରୀ କାଳରୂପୀ ଭଗବାନଙ୍କ ସଂହାରମୂର୍ତ୍ତି ଅବଲୋକନ କରି ପ୍ରାୟ ସମଗ୍ର ପୃଥିବୀ ଯେତେବେଳେ ଜର୍ମମାନ ଏବଂ ଶାନ୍ତିର ଉପାୟ ଉଦ୍ଭାବନ କରିବା ନିମିତ୍ତ ବ୍ୟାକୁଳ, ବିଶେଷତଃ ରଣଚଣ୍ଡୀଙ୍କ ବିକଟହାସ୍ୟ ଯେତେ-ବେଳେ ମଧ୍ୟେ ମଧ୍ୟେ ଉତ୍କଳର ଉପକୂଳ ଅଞ୍ଚଳରେ ଭୟ ସୃଷ୍ଟି କରୁଅଛି, ସେତିକିବେଳେ ଦେବମାନବ ଶ୍ରୀମଦାଚାର୍ଯ୍ୟ ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ପୂତ ଜୀବନୀ ଓ ତତ୍ତ୍ୱ ପ୍ରଚାରିତ ସନାତନ ଧର୍ମର ଭାବଧାରା ଉତ୍କଳରେ ପ୍ରଚାର କରିବାକୁ **'ନୀଳାଚଳ ସାରସ୍ୱତ ସଂଘ'** ଉଦ୍ୟମ କରିବା ବଡ଼ ରହସ୍ୟପୂର୍ଣ୍ଣ । ପରମହଂସ ଦେବ ଭାରତର ମୁକ୍ତିକ୍ଷେତ୍ର ଏହି ପୁରୀଧାମରେ ଶେଷ ଜୀବନର ଅଧିକାଂଶ ସମୟ ଯାପନ କଲାବେଳେ ନିଜକୁ ଏକ ପ୍ରକାର ଅପ୍ରକଟ ଭାବରେ ରଖିଥିଲେ । ଭାରତବିଦିତ ସର୍ବସାଧନାସିଦ୍ଧ ଏତାଦୃଶ ମହାପୁରୁଷ ନିଜର ଐଶ୍ୱର୍ଯ୍ୟାଦି ବିକାରଣଭାବ ସଂଯତ କରି ସହଜ ମନୁଷ୍ୟ-ଭାବରେ ଅବସ୍ଥାନ କରୁଥିଲେ ସୁଦ୍ଧା କେତେ ଜଣ ସ୍କୁଲ ଛାତ୍ର ପୂର୍ବ ସୁକୃତି ବଳରୁ ଭ୍ରମର ମଧୁଲୋଭରେ ଆକୃଷ୍ଟ ହେଲା ପରି ପରମହଂସ ଦେବଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ତତ୍ପୂର୍ବରୁ ଉତ୍କଳର ବିଭିନ୍ନ ଅଞ୍ଚଳରୁ ଯେ କେତେ ଜଣ ପରମହଂସଦେବଙ୍କ ଶ୍ରୀଚରଣରେ ଆଶ୍ରୟ ନେଇଥିଲେ, ସେମାନେ ମଧ୍ୟ ଗୁରୁଦେବଙ୍କୁ ଉତ୍କଳରେ ପ୍ରଖ୍ୟାତ କରିବାକୁ ପ୍ରେରଣା ପାଇ ନ ଥିଲେ । ମହାପୁରୁଷମାନେ କାମକାମନାକଳୁଷିତ ଐହିକ ସୁଖସର୍ବସ୍ୱ

ସାଧାରଣ ଜନସମାଜକୁ ସନ୍ନିକଟରେ ଧରି ଦେଉନ୍ତି ନାହିଁ । ସାଧାରଣ ଲୋକେ ଅନେକ ସମୟରେ କେବଳ ଐହିକ, ସୁଖସମୃଦ୍ଧି ପାଇଁ ସାଧୁ ମହାପୁରୁଷଙ୍କୁ ବ୍ୟତିବ୍ୟସ୍ତ କରିପକାନ୍ତି । ଏହି କାରଣରୁ ପରମହଂସଦେବଙ୍କ ସ୍ଥାନୀୟ ସେବକମାନେ ଉପରୋକ୍ତ ଗ୍ରନ୍ଥମାନଙ୍କୁ ତାଙ୍କ ବିଷୟ ଏକାବେଳକେ ଅନ୍ୟକୁ ନ କହିବାକୁ ଦୃଢ଼ଭାବରେ ବାରଣ କରି ଦେଇଥିଲେ । କିଛି ଦିନ ପରେ ଉକ୍ତ ନିଷେଧାତ୍ମକ ନିୟମ ସାମାନ୍ୟ ଭାବରେ ଶିଥିଳ ହେଲା ଏବଂ କ୍ରମେ ପରମହଂସ ଦେବଙ୍କ ପ୍ରବର୍ତ୍ତିତ 'ଭକ୍ତ-ସମ୍ମିଳନୀ' ପୂର୍ବ ନିୟମାନୁସାରେ ୧୯୩୫ ମସିହା ବଡ଼ଦିନ ଛୁଟିରେ ପୁରୀରେ ଅନୁଷ୍ଠିତ ହେବାର ସ୍ଥିର ହେଲା । ଆମ୍ଭେମାନେ ସେତେବେଳେ ଆଶା କରିଥିଲୁ ଯେ; ଶଙ୍କର-ରାମାନୁଜ ରାମାନନ୍ଦ-ନାନକ-ଚୈତନ୍ୟ ପ୍ରଭୃତି ସମ୍ପ୍ରଦାୟ ମାନଙ୍କ ମଠବହୁଳ ପୁରୀ-ଧାମରେ ଗୁରୁଦେବଙ୍କ ବିଦ୍ୟମାନତାରେ ଭକ୍ତ-ସମ୍ମିଳନୀ ସମ୍ପନ୍ନ କଲେ, ଉତ୍କଳର ଦୃଷ୍ଟି ତାଙ୍କ ଆଡ଼କୁ ଆକୃଷ୍ଟ ହେବ । ମାତ୍ର ଆମ୍ଭମାନଙ୍କ ଆଶା ନୈରାଶ୍ୟରେ ପରିଣତ ହେଲା । ଭକ୍ତ ସମ୍ମିଳନୀର ନିର୍ଦ୍ଦିଷ୍ଟ ସମୟର କେତେ ଦିନ ପୂର୍ବରୁ ପରମହଂସ ଦେବ କଲିକତା ନଗରୀରେ ଦେହରକ୍ଷା କଲେ ଏବଂ ତାଙ୍କର ମହାସମାଧି ସକଳ-କଳୁଷହାରିଣୀ ଗଙ୍ଗାକୂଳସ୍ଥ ହାଲିସହର ସାରସ୍ୱତ ଆଶ୍ରମରେ ସ୍ଥାପିତ ହେଲା । ସୁତରାଂ ଶିଷ୍ୟ ଭକ୍ତମାନଙ୍କ ସହସା ଉପସ୍ଥିତ ବିରହ-ଶୋକର କଥଞ୍ଚିତ୍ ଉପଶମ ପାଇଁ ସେହି ବର୍ଷ 'ଭକ୍ତ-ସମ୍ମିଳନୀ' ପୁରୀରେ ନ ହୋଇ ଉକ୍ତ 'ହାଲିସହର ଆଶ୍ରମ'ରେ ଅନୁଷ୍ଠିତ ହେଲା । ତତ୍ପର ବର୍ଷ **୧୯୩୬** ମସିହା ବଡ଼ଦିନ ଛୁଟିରେ **ଭକ୍ତ-ସମ୍ମିଳନୀ ପୁରୀରେ** ଅନୁଷ୍ଠିତ ହେଲା, ମାତ୍ର ପୁରୀବାସୀମାନେ ସମ୍ମିଳନୀ ମଣ୍ଡପରେ ପରମହଂସ ଦେବଙ୍କ ସାକ୍ଷାତ ଦର୍ଶନରୁ ବଞ୍ଚିତ ହେଲେ । ସଭାମଣ୍ଡପରେ ପ୍ରକଟ ହେଉଥିବା ପରମହଂସ ଦେବଙ୍କ ସୁବୃହତ୍ ନିର୍ଜୀବ ତୈଳଚିତ୍ର ଅବିଶ୍ୱାସୀ ହୃଦୟର ସଂଶୟ ଦୂର କରିବା ପାଇଁ ଯେଉଁ ଲୀଳା ପ୍ରଦର୍ଶନ କଲେ, ଅନ୍ୟ କୌଣସି ଭକ୍ତ ସମ୍ମିଳନୀରେ ସେପରି କେବେ ଘଟି ନ ଥିଲା । ଉତ୍କଳରେ ଶାଶ୍ୱତ ସନାତନ ଧର୍ମର ତପୋମୟ ଭାବଧାରା ପ୍ରଚାର କରିବାକୁ ଗୁରୁଦେବ ତଦ୍ଦ୍ୱାରା ସଙ୍କେତ ଦେଲେ ବୋଲି କ୍ଷଣକ ପାଇଁ ଅନୁଭବ କଲେ ସୁଦ୍ଧା ଜୀବନ୍ତ ପ୍ରେରଣା ଆମ୍ଭମାନଙ୍କ ମନରେ ପରେ ଜାଗ୍ରତ ହେଲା ନାହିଁ ।

ବୋଧହୁଏ କ୍ଷେତ୍ର ପ୍ରସ୍ତୁତ ହୋଇ ନ ଥିବାରୁ ଏହି ଶୁଭମୁହୂର୍ତ୍ତକୁ ପ୍ରତୀକ୍ଷା କରି ଗୁରୁଦେବ ଶ୍ରୀ ଶ୍ରୀ ଠାକୁର ଏତେ କାଳ ବସି ରହିଥିଲେ ।

ବର୍ତ୍ତମାନ ପୃଥିବୀର ଏହି ସଙ୍କଟ କାଳରେ ତାଙ୍କର ସୁବ୍ୟକ୍ତ ଇଙ୍ଗିତ ଓ ନିର୍ଦ୍ଦେଶାନୁସାରେ ତଦୀୟ ଆଧ୍ୟାତ୍ମିକ ଭାବଧାରା ପୁସ୍ତକାକାରରେ ଉତ୍କଳ ଭାଷାର ଦେଶବାସୀଙ୍କ ସମ୍ମୁଖରେ ଆମ୍ଭେମାନେ ଉପସ୍ଥାପନ କରିବାକୁ ସାହସ କରିଅଛୁ । ଆମ୍ଭେମାନେ ନିଜ ନିଜର ଦୁର୍ବଳତା ବେଶ୍ ଅନୁଭବ କରିପାରୁଅଛୁ । ସିଦ୍ଧ ମହାପୁରୁଷଙ୍କ ଜୀବନୀ ପର୍ଯ୍ୟାଲୋଚନା କରିବା କେତେ-ଦୂର ଦୁରୂହ ବ୍ୟାପାର, ତାହା କ୍ଷଣକ ପାଇଁ ଭୁଲି ପାରୁନାହୁଁ । ଏ ଗ୍ରନ୍ଥ ପ୍ରକାଶ କରିବାରେ ଶ୍ରୀ ଶ୍ରୀ ଠାକୁରଙ୍କ ଅହେତୁକୀ କୃପା ଆମ୍ଭମାନଙ୍କର ଏକମାତ୍ର ସମ୍ବଳ । ମନ୍ଦାକିନୀର ସ୍ୱଚ୍ଛ ନିର୍ମଳ ଜଳ ସଦୃଶ ଗ୍ରନ୍ଥର ଆଲୋଚ୍ୟ ବିଷୟ ଆମ୍ଭମାନଙ୍କ ଶତତ୍ରୁଟି ସତ୍ତ୍ୱେ ଭଗବତ୍ ତତ୍ତ୍ୱାନ୍ୱେଷୀ ସୁଧୀ ପାଠକ-ବର୍ଗଙ୍କ ନିକଟରେ ଅବିଳ ଓ ହେୟ ହେବ ନାହିଁ—ଏହା ହିଁ ଆମ୍ଭମାନଙ୍କ ପ୍ରାଣର ଏକମାତ୍ର ଆଶ୍ୱାସନା ।

ଗ୍ରନ୍ଥସୂଚିତ ବିଷୟର ଅବତାରଣା କରିବା ଏଠାରେ ନିଷ୍ପ୍ରୟୋଜନ । ଉପନିଷଦ ଭାଷାରେ ମନୁଷ୍ୟ ଅମୃତ ସନ୍ତାନ, ଆନନ୍ଦସ୍ୱରୂପ ସେହି ସଚ୍ଚିଦା-ନନ୍ଦ ପରମବ୍ରହ୍ମଙ୍କ ଅଂଶବିଶେଷ । ଘଟନାଶରେ ଘଟସ୍ଥିତ ଆକାଶ ମହା-କାଶରେ ଲୀନ ହେବା ପରି ଉପାଧି ବା ଆବରଣର ବିନାଶରେ ଏହି ଅମୃତର ସନ୍ତାନ 'ସ୍ୱରୂପ' ପ୍ରାପ୍ତ ହେବ ଏବଂ ଶେଷରେ ଆନନ୍ଦମୟ ହୋଇଯିବ । ଏହି 'ସ୍ୱରୂପ ପ୍ରାପ୍ତି' ଜୀବର ଚରମ ଲକ୍ଷ୍ୟ ଏବଂ ସାଧନାର ଚରମାବସ୍ଥା । ଏହି ସ୍ୱରୂପପ୍ରାପ୍ତି ପାଇଁ ଆର୍ଯ୍ୟ ଋଷିମାନେ ବିଭିନ୍ନ ପ୍ରକାର ପନ୍ଥା ନିର୍ଦ୍ଦେଶ କରି ଯାଇଛନ୍ତି; ଯଥା ତନ୍ତ୍ର, ଜ୍ଞାନ, ଯୋଗ ଓ ଭକ୍ତି । ପାଶ୍ଚାତ୍ୟ ଶିକ୍ଷାପ୍ରାପ୍ତ ଯୁବକ ନଳିନୀକାନ୍ତ ଭଟ୍ଟାଚାର୍ଯ୍ୟ ପତ୍ନୀବିୟୋଗ ପରେ ଗୋଟିକ ଉପରୁ ଗୋଟିଏ ସାଧନା କରି ସିଦ୍ଧିଲାଭ କରିଥିଲେ ଏବଂ ଜ୍ଞାନମାର୍ଗରେ, ବେଦାନ୍ତର ନିର୍ବିକଳ୍ପ ସମାଧି ଲାଭ କରିଥିଲେ । ଅତି ଅଳ୍ପ ସାଧକ ନିର୍ବିକଳ୍ପ ଭୂମିରୁ ପ୍ରତ୍ୟାବର୍ତ୍ତନ କରିପାରନ୍ତି । ଗୁରୁଭାବର ଜାଗରଣ ଯୋଗୁଁ

ନିଗମାନନ୍ଦଙ୍କର ନିର୍ବିକଳ୍ପ ସମାଧିରୁ ବ୍ୟୁତ୍ଥାନ ହୋଇଥିଲା । ନିର୍ବିକଳ୍ପ ସିଦ୍ଧି ବ୍ୟତୀତ କେହି ସଦ୍‌ଗୁରୁ ହୋଇପାରନ୍ତି ନାହିଁ । ଗୁରୁ ଓ ସଦ୍‌ଗୁରୁ ଏକ କଥା ନୁହେଁ । ଏତାଦୃଶ ସଦ୍‌ଗୁରୁଙ୍କଠାରେ ଜଗଦ୍‌ଗୁରୁଙ୍କର ଇଚ୍ଛା ପ୍ରତିଫଳିତ ହୁଏ । ସୁତରାଂ ସଦ୍‌ଗୁରୁମାନଙ୍କ କାର୍ଯ୍ୟ ବା ଇଚ୍ଛା ଭଗବାନଙ୍କ କାର୍ଯ୍ୟ ବା ଇଚ୍ଛାର ବିରୁଦ୍ଧ ହୋଇ ନ ପାରେ ।

ଗୁରୁବାଦ ଭାରତୀୟ ଆର୍ଯ୍ୟ-ସଭ୍ୟତାର ବିଶେଷ ଅଙ୍ଗ । ଗୁରୁ ଚାରି ପ୍ରକାର । ଦୀକ୍ଷାଗୁରୁ ସର୍ବଶ୍ରେଷ୍ଠ । ଆମ୍ଭମାନଙ୍କ ଦେଶରେ ଗୁରୁକରଣ ପ୍ରଥା ବରାବର ଚାଲି ଆସୁଛି । କୁଳଗୁରୁ ଏହି ଦୀକ୍ଷା କାର୍ଯ୍ୟ ସମ୍ପନ୍ନ କରିଥାନ୍ତି । ମାତ୍ର ଯେଉଁମାନେ ନିଜେ ଅନ୍ଧାରରେ ଭ୍ରମୁଛନ୍ତି, ସେମାନେ ଅନ୍ୟକୁ ଆଲୋକ ଦେଖାଇବେ ବା କିପରି ? ଅଖଣ୍ଡମଣ୍ଡଳାକାର ଭଗବାନଙ୍କ ପାଦପଦ୍ମ ଦର୍ଶନ କରିଥିବା ବ୍ୟକ୍ତି ଦୀକ୍ଷାଦ୍ୱାରା ଶିଷ୍ୟକୁ ଅନ୍ଧକାରରୁ ଆଲୋକକୁ ନେଇ-ପାରନ୍ତି ଏବଂ ଜ୍ଞାନଦ୍ୱାରା ଶିଷ୍ୟର ଅଜ୍ଞତା ନାଶ କରି ଦେଇ ପାରନ୍ତି । ସଦ୍‌ଗୁରୁଙ୍କ କୃପାରୁ ଜୀବ ନିଜର ଅହଂନେତୃତ୍ୱଭାବ ସମ୍ୟକ୍ ବୁଝିପାରି ତାହା ପରିତ୍ୟାଗ କରେ ଏବଂ ଶିବରେ ପରିଣତ ହୁଏ । ଅଧିକାଂଶ କୁଳଗୁରୁମାନେ କେବଳ ଶିଷ୍ୟମାନଙ୍କଠାରୁ ଅଖଣ୍ଡମଣ୍ଡଳାକାର ରଜତ ମୁଦ୍ରା ବାର୍ଷିକୀ ରୂପେ ଆଦାୟ କରି ନିଜର କର୍ତ୍ତବ୍ୟ ଶେଷ କରନ୍ତି । ଗୁରୁଙ୍କ ଦାୟିତ୍ୱ ଅସୀମ । ଗୁରୁ ଶିଷ୍ୟ ସମ୍ପର୍କ ଚିରସ୍ଥାୟୀ । ସେ ସମ୍ପର୍କ କେବଳ ଭୂଲୋକରେ ସୀମାବଦ୍ଧ ନୁହେଁ । ସଦ୍‌ଗୁରୁ ଶିଷ୍ୟକୁ (ପରଲୋକଗତ ଆତ୍ମାକୁ) କ୍ରମୋନ୍ନତ ପଥରେ ଅନ୍ୟାନ୍ୟ ଲୋକରେ ଦେଇ ଚାଳିତ କରନ୍ତି । ଯେ ଯାହାର ଗୁରୁ ତାହା ପୂର୍ବରୁ ନିର୍ଦ୍ଦିଷ୍ଟ । ଆମ୍ଭମାନଙ୍କ ଦେଶରେ ଦୀକ୍ଷାର ଗୋଟାଏ ପ୍ରହସନ କେବଳ ଗତାନୁଗତିକ ଭାବରେ ଚାଲିଅଛି ଏବଂ ଗୃହସ୍ଥ ସନ୍ନ୍ୟାସୀମାନଙ୍କଠାରୁ ଦୀକ୍ଷା ନେବା ଅନୁଚିତ ବୋଲି ଭ୍ରାନ୍ତ ଧାରଣା ଅଛି । ଗୁରୁ ସମସ୍ତ ଆଶ୍ରମର ବହିର୍ଭୂତ । ବାହାରକୁ କେହି ସନ୍ନ୍ୟାସୀ ବା ଗୃହସ୍ଥ ହେଲେ ସୁଦ୍ଧା ଯାହାଙ୍କର ଭଗବତ୍ ଦର୍ଶନ ହୋଇଅଛି, ସେ ଯେକୌଣସି ଆଶ୍ରମର ଗୁରୁ ହୋଇ-ପାରନ୍ତି । ରାଜର୍ଷି ଜନକଙ୍କ ଠାରୁ କେତେ ବିରକ୍ତ ସନ୍ନ୍ୟାସୀ ଦୀକ୍ଷା ନେବା କଥା ପୁରାଣ ପ୍ରସିଦ୍ଧ ।

ସ୍ୱାମୀ ନିଗମାନନ୍ଦ ପରମହଂସ ଦେବ । ଶଙ୍କର ସମ୍ପ୍ରଦାୟ ସରସ୍ୱତୀ ଶାଖାଭୁକ୍ତ ଥିଲେ । ସେ ଶିଷ୍ୟ ଭକ୍ତମାନଙ୍କୁ 'ଜଗଦ୍‌ଗୁରୁ ବା ଅବତାର' ଏବଂ 'ସଦ୍‌ଗୁରୁ' ମଧ୍ୟରେ ଯେ ପାର୍ଥକ୍ୟ ଅଛି ତାହା ସର୍ବଦାମନେ ରଖିବାକୁ ବାରମ୍ବାର ଉପଦେଶ ଦେଉଥିଲେ । ଅନ୍ୟମାନଙ୍କ ପରି ସେ ନିଜକୁ ଅବତାର ବା ଜଗଦ୍‌ଗୁରୁ ବୋଲି କଦାପି ପରିଚିତ କରାଉ ନ ଥିଲେ । ଗୁରୁଭାବ ଯେନ ଲୋକାଳୟକୁ ଆସିବା ପରେ ସମାଜର ଦୁର୍ଗତି ସନ୍ଦର୍ଶନ ଓ ଉପଲବ୍ଧି କରି ଏହାକୁ ଦୃଢ଼ ଓ ପ୍ରାଣବନ୍ତ କରିବା ଉଦ୍ଦେଶ୍ୟରେ ସେ 'ବ୍ରହ୍ମଚର୍ଯ୍ୟ ସାଧନ', 'ଯୋଗୀଗୁରୁ', ତାନ୍ତ୍ରିକଗୁରୁ', 'ଜ୍ଞାନୀଗୁରୁ' ଓ 'ପ୍ରେମିକଗୁରୁ' ପ୍ରଭୃତି ଗ୍ରନ୍ଥମାନ ପ୍ରଣୟନ କରିଥିଲେ ଏବଂ ନିଜର ଆଶ୍ରିତ ଶିଷ୍ୟ-ଭକ୍ତମାନଙ୍କୁ ସହଜ ସାଧନ ପନ୍ଥା ଶିକ୍ଷା ଦେଇଥିଲେ । ଏ ପୁସ୍ତକରେ ତାହାରେ ସମ୍ୟକ୍ ଆଲୋଚନା କରାଯାଇଛି । ଶ୍ରୀ ଶ୍ରୀ ଠାକୁର ତାଙ୍କର ଏକନିଷ୍ଠ ଶିଷ୍ୟ-ଭକ୍ତମାନଙ୍କୁ ସର୍ବାଦୌ ମୃତ୍ୟୁ ଓ ପରଲୋକତତ୍ତ୍ୱ ଆଲୋଚନା କରିବାକୁ ଉପଦେଶ ଦେଉଥିଲେ । ଏହି ପରଲୋକତତ୍ତ୍ୱ ଅଧିଗତ ହେଲେ ସୃଷ୍ଟିର ସମସ୍ତ ତତ୍ତ୍ୱ ସାଧକଙ୍କ ନିକଟରେ ଉଦ୍ଭାସିତ ହେବ । ପରମହଂସ ଦେବ ପ୍ରଥମରୁ ଭଗବାନଙ୍କୁ ପାଇବା ପାଇଁ ସାଧନ କରି ନ ଥିଲେ । ଏହି ପରଲୋକତତ୍ତ୍ୱ ଜାଣିବା, ତାଙ୍କ ସାଧନାର ପ୍ରଥମ ଅଙ୍ଗ । ଏହି ତତ୍ତ୍ୱ ଏ ପୁସ୍ତକରେ ସଂକ୍ଷିପ୍ତ ଭାବରେ ପ୍ରଦତ୍ତ ହୋଇଅଛି ।

ଅବତାରମାନେ ପ୍ରଚଳିତ ଧର୍ମର ପ୍ରକୃତି ଆମୂଳଚୂଳ ପରିବର୍ତ୍ତିତ କରିଦେଇ ନୂତନ ଧର୍ମ ସଂସ୍ଥାପନ କରନ୍ତି । ମାତ୍ର ସଦ୍‌ଗୁରୁମାନେ ଧର୍ମର ବିଶେଷ ବିଶେଷ ମତକୁ ମନୁଷ୍ୟମାନଙ୍କୁ ଧରାଇ ଦେଇ ଧର୍ମରକ୍ଷା କରନ୍ତି । ଅବତାରଙ୍କ କାର୍ଯ୍ୟ ସମଷ୍ଟିଗତ ଏବଂ ସଦ୍‌ଗୁରୁଙ୍କ କାର୍ଯ୍ୟ ବ୍ୟଷ୍ଟିଗତ । ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଶିଷ୍ୟମାନଙ୍କୁ ଶକ୍ତି ଓ ଅଧିକାରାନୁଯାୟୀ ସାଧନ-ଭଜନ ଦେଉଥିଲେ ସୁଦ୍ଧା ଆତ୍ମସମର୍ପଣ କରିବା ପାଇଁ ସେମାନଙ୍କୁ ପ୍ରତି ମୁହୂର୍ତ୍ତରେ କହି ଯାଇଛନ୍ତି; ନିଜର ଶିଷ୍ୟମାନଙ୍କୁ ଅଭୟବାଣୀ ଶୁଣାଇ ଯାଇଛନ୍ତି । ଯେଉଁମାନେ ନିର୍ଭର ଭାବରେ ଠାକୁରଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି, ସେମାନେ ଅତି ବିଚକ୍ଷଣ ସାଧକ । ଶିଷ୍ୟ-ଭକ୍ତମାନଙ୍କ ଶାରୀରିକ ଓ ମାନସିକ ଦୁର୍ବଳତା ଅନୁଭବ କରି ଶ୍ରୀ ଶ୍ରୀ ଠାକୁର ସଦାସର୍ବଦା ତାଙ୍କୁ

ଅନ୍ତରର ସନ୍ଧତ ସୁଖ ପାଇବା ପାଇଁ ବାରମ୍ବାର ଉପଦେଶ ଦେବାକୁ ଭୁଲୁ ନ ଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ପୃଷ୍ଠପ୍ରାନ୍ତରେ ସୁଖ ପାଇଲେ ତାଙ୍କର ସମସ୍ତ ଜ୍ଞାନ ଶିଷ୍ୟମାନଙ୍କଠାରେ ସଞ୍ଚରଣ କରିବ ଏବଂ ସେ ଯେତେ ତତ୍ତ୍ୱ ଆୟତ୍ତ କରିପାରିଥିଲେ, ଶିଷ୍ୟମାନେ କେବଳ ଏହି ସୂତ୍ରରେ ସେ ସମସ୍ତ ତତ୍ତ୍ୱର ଅଧିକାରୀ ହେବେ । ଶକ୍ତିସଞ୍ଚାର କଥା ଅନେକେ କହନ୍ତି; ମାତ୍ର ସଞ୍ଚାର ଆପଣ ମନକୁ ହୁଏ ନାହିଁ । ଭଗବାନଙ୍କୁ, ଗୁରୁଙ୍କୁ ସୁଖ ପାଇବା ଅତି ଉଚ୍ଚାଙ୍ଗ ସାଧନା । ଏଥିପାଇଁ ଜ୍ଞାନ, ଯୋଗ, ତନ୍ତ୍ରର ଆବଶ୍ୟକତା ନାହିଁ । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୁରୁଭାବରେ ଉପଦେଶ ଦେଇଥିଲେ । ସେ କହିଥିଲେ, "ଭଗବାନଙ୍କୁ ଧରି ନ ପାରିଲେ ନିଜ ଗୁରୁଙ୍କଠାରେ ଆତ୍ମସମର୍ପଣ କରିବାକୁ ହେବ ।" ଶ୍ରୀଶ୍ରୀ ଠାକୁର ତାଙ୍କୁ ସୁଖ ପାଇବା ପାଇଁ ଶିଷ୍ୟମାନଙ୍କୁ ଉପଦେଶ ଦେଇଛନ୍ତି । ଯେଉଁମାନେ ତାଙ୍କର ଶିଷ୍ୟ ନୁହନ୍ତି, ସେମାନେ ନିଜ ନିଜ ଗୁରୁଙ୍କଠାରେ ଆତ୍ମସମର୍ପଣ କରିବା ଲାଗି ମଧ୍ୟ ତାଙ୍କର ଆଦେଶ ।

ଗୁରୁ ଓ ଗୁରୁଶକ୍ତି ଅଭିନ୍ନ । ଶ୍ରୀ ଶ୍ରୀ ଠାକୁର ଗୋଟିଏ ସ୍ଥାନରେ ରହୁଥିବାବେଳେ ବିଭିନ୍ନ ପ୍ରଦେଶ ଓ ବିଭିନ୍ନ ସ୍ଥାନରେ ବାସ କରୁଥିବା ଶିଷ୍ୟ-ଭକ୍ତମାନଙ୍କ ନିକଟରେ ତାଙ୍କର ଶକ୍ତି କିପରି କାର୍ଯ୍ୟ କରୁଥିଲା, ତାହାର କଥଞ୍ଚିତ୍ ଆଲୋଚନା ଏ ଗ୍ରନ୍ଥରେ କରାଯାଇଛି । ଯେଉଁମାନେ ଅନ୍ୟ ଚିନ୍ତା ଛାଡ଼ି ଭଗବାନଙ୍କଠାରେ ସର୍ବଦା ଯୁକ୍ତ ରହନ୍ତି, ଭଗବାନ ସେମାନଙ୍କର ଯୋଗକ୍ଷମ ବହନ କରନ୍ତି । ଗୁରୁ ବା ଭଗବାନ ଭକ୍ତାଧୀନ । ଭକ୍ତର ଆକୁଳ ପ୍ରାର୍ଥନା ତାଙ୍କୁ ସ୍ଥିର ରଖିପାରେ ନାହିଁ ।

ଆମ୍ଭମାନଙ୍କ ପରମ ପ୍ରେମାସ୍ପଦ ଗୁରୁଭ୍ରାତା, ଏକନିଷ୍ଠ ସାଧକ ଶ୍ରୀମାନ୍ ଦୁର୍ଗାଚରଣ ମହାନ୍ତି ଏ ପୁସ୍ତକର ଆଲୋଚ୍ୟ ବିଷୟ ସମସ୍ତ ସମ୍ପାଦନ କରିଛନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଣୀତ ଗ୍ରନ୍ଥମାନ, ତନ୍ମଧ୍ୟ 'ଜୀବନୀ ଓ ବାଣୀ', ସ୍ମୃତି ଏବଂ ପୁରାତନ 'ଆର୍ଯ୍ୟଦର୍ପଣ' ପତ୍ରିକାମାନଙ୍କରୁ ଆଲୋଚ୍ୟ ବିଷୟ ଗୃହୀତ ହୋଇଅଛି । ଶ୍ରୀମାନ ଦୁର୍ଗାଚରଣଙ୍କ ବ୍ୟତୀତ ଆମ୍ଭେମାନେ କେହି ଏହି କାର୍ଯ୍ୟ କରିବାକୁ ସମର୍ଥ ହୋଇ ନ ଥାନ୍ତୁ । ଏ ଗ୍ରନ୍ଥ ପ୍ରତି ଦେଶବାସୀଙ୍କର ଦୃଷ୍ଟି ପଡ଼ିଲେ,

ଭବିଷ୍ୟତରେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରବର୍ତ୍ତିତ ଅନ୍ୟାନ୍ୟ ଭାବଧାରା ଉତ୍କଳ ଭାଷାରେ ପ୍ରକାଶ କରିବାକୁ ଆମ୍ଭେମାନେ ସାହାସୀ ହେବୁ ।

ପରିଶେଷରେ ଏ ପୁସ୍ତକର ମୁଦ୍ରଣକାର୍ଯ୍ୟ କିପରି କ୍ଷିପ୍ରଗତିରେ ସମ୍ପନ୍ନ ହୋଇଅଛି, ତାହା ଭାବିଲେ ଅବାକ୍ ହେବାକୁ ହୁଏ । ସତ୍ୟବାଦୀ ପ୍ରେସ୍‌ର କର୍ତ୍ତୃପକ୍ଷମାନେ ଓ କର୍ମଚାରୀବୃନ୍ଦ ନିତାନ୍ତ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ ସହାନୁଭୂତି କରିଥିବାରୁ 'ନୀଳାଚଳ ସାରସ୍ୱତ ସଂଘ' ସେମାନଙ୍କ ନିକଟରେ କୃତଜ୍ଞ । ସଂଘର ସଭ୍ୟମାନଙ୍କ ବ୍ୟତୀତ ଯେଉଁମାନେ ଏ ଗ୍ରନ୍ଥ ପ୍ରକାଶରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସାହାଯ୍ୟ କରିଛନ୍ତି, ସେମାନଙ୍କ ନିକଟରେ ମଧ୍ୟ ଆମ୍ଭେମାନେ ଋଣୀ । ସଂଘାନ୍ତର୍ଗତ ଗୁରୁଭ୍ରାତାମାନେ ଯେପରି ପୂର୍ଣ୍ଣ-ପ୍ରାଣରେ ସାହାଯ୍ୟ କରିଛନ୍ତି, ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରେରଣା ତହିଁର କାରଣ । ସେମାନଙ୍କ ସାହାଯ୍ୟ ବ୍ୟତୀତ ଏ ବ୍ୟୟସାଧ୍ୟ କାର୍ଯ୍ୟ ସମ୍ପନ୍ନ ହୋଇପାରି ନ ଥାନ୍ତା । ଶ୍ରୀ ଶ୍ରୀ ଠାକୁରଙ୍କ ଆଶୀର୍ବାଦ ସେମାନଙ୍କ ଉପରେ ବର୍ଷିତ ହେଉ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ନୀଳାଚଳ ସାରସ୍ୱତ ସଂଘ, ପୁରୀ
ଅକ୍ଷୟ ତୃତୀୟା
ତା ୧୮ । ୪ । ୧୯୬୧

ଶ୍ରୀ ଶ୍ରୀ ଗୁରୁଚରଣାଶ୍ରିତ ଅଧମ
**ବନମାଳୀ ଦାଶ**
ସଭାପତି, ନୀଳାଚଳ ସାରସ୍ୱତ ସଂଘ

ଜୟଗୁରୁ

# ଦ୍ୱିତୀୟ ସଂସ୍କରଣର ମୁଖବନ୍ଧ

ପରମାରାଧ୍ୟ ଶ୍ରୀ ଶ୍ରୀ ଗୁରୁଦେବଙ୍କ ଅପାର କରୁଣାରୁ "ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ" ପୁସ୍ତକର ପ୍ରଥମ ସଂସ୍କରଣ ସମସ୍ତ ନିଃଶେଷିତ ହୋଇ ଦ୍ୱିତୀୟ ମୁଦ୍ରଣର ଆବଶ୍ୟକତା ଆମ୍ଭେମାନେ ଅନେକ ଦିନ ହେଲା ଉପଲବ୍ଧି କରୁଥିଲୁ ଏବଂ ଉତ୍କଳର ଅଧ୍ୟାତ୍ମତତ୍ତ୍ୱ-ପିପାସୁମାନଙ୍କ ଆକାଙ୍‌କ୍ଷା ପୂରଣ କରି ନ ପାରି ଆମ୍ଭେମାନେ ଅତ୍ୟନ୍ତ ଉଦ୍‌ବିଗ୍ନ ଥିଲୁଁ । ଆଜି ଦୟାମୟଙ୍କ ଆଶୀର୍ବାଦରୁ ଉକ୍ତ ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିବାକୁ ସମର୍ଥ ହୋଇଅଛୁଁ । ଇତି ମଧ୍ୟରେ ଯେଉଁ ନୂତନ ବିଷୟମାନ ଆମ୍ଭମାନଙ୍କର ହସ୍ତଗତ ହୋଇଥିଲା, ସେଥିରୁ କେତେକ ଅଂଶ ଯଥାସ୍ଥାନରେ ସନ୍ନିବେଶିତ କରାଯାଇଛି ଏବଂ ପ୍ରଥମ ମୁଦ୍ରଣର ଅନ୍ୟାନ୍ୟ ତ୍ରୁଟି ଯଥାସାଧ୍ୟ ଓ ଯଥାସମ୍ଭବ ସଂଶୋଧନ କରାଯାଇଛି ।

ଶ୍ରୀ ଶ୍ରୀ ଠାକୁର ମହାସମାଧି ଲାଭ କରିବା ପୂର୍ବରୁ ନୀଳାଚଳ ଧାମରେ ଅନେକ ଦିନ କଟାଇଥିଲେ । ମାତ୍ର ଉତ୍କଳବାସୀ ସେତେବେଳେ ତାଙ୍କ ପ୍ରତି ଆକୃଷ୍ଟ ହୋଇପାରି ନ ଥିଲେ । ଅଧମ ଲେଖକ ତାଙ୍କର ଆଶ୍ରୟ ନେବା ପରେ ତାଙ୍କ ଶକ୍ତିମାନଙ୍କର କିଞ୍ଚିତ୍ ପରିଚୟ, ପାଇ ଦିନେ ତାଙ୍କୁ ପ୍ରଶ୍ନ କରିଥିଲା, "ଠାକୁର, ଏତେ ଦିନ ପୁରୀରେ ରହିଲେ, ଓଡ଼ିଶା ପ୍ରତି ଟିକିଏ କୃପାଦୃଷ୍ଟି ପଡ଼ିଲା ନାହିଁ କାହିଁକି ? ଶ୍ରୀ ଶ୍ରୀ ଠାକୁର ସେତେବେଳେ ଟିକିଏ ମାତ୍ର ହସିଦେଇଥିଲେ । ସେହି ହସ ଭିତରେ କ'ଣ ଥିଲା, ଆଜି ଆମ୍ଭେମାନେ ବୁଝିପାରିଅଛୁଁ । ଆହୁରି ମଧ୍ୟ ସେ କହୁଥିଲେ, ତାଙ୍କର ରକ୍ତମାଂସବିଶିଷ୍ଟ ସ୍ଥୂଳ ଶରୀର ତାଙ୍କର ଶକ୍ତିଧାରଣ କରିବାକୁ ଉପଯୁକ୍ତ ହେଉ ନ ଥିଲା । ଆଜି ଉତ୍କଳରେ ତାଙ୍କର ଶକ୍ତି କିପରି କାର୍ଯ୍ୟ କରୁଅଛି

ଦେଖି ଉପରୋକ୍ତ ବାକ୍ୟ ସମ୍ୟକ୍ ହୃଦୟଙ୍ଗମ କରିପାରୁଅଛୁଁ । ମୁଷ୍ଟିମେୟ ପାଞ୍ଚ ସାତ ଜଣବେଷ୍ଟିତ 'ନୀଳାଚଳ ସାରସ୍ୱତ ସଂଘ' ସେହି କୃପାନିଧାନଙ୍କ ଅପାର କରୁଣା ଲାଭ କରି "ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ" ପ୍ରକାଶ ପରେ "ନିଗମ-ରହସ୍ୟ", "ନିଗମତତ୍ତ୍ୱ", "ଶ୍ରୀ ଶ୍ରୀ ନିଗମାନନ୍ଦ କଥାମୃତ" ଓ "ନିଗମ ଉପଦେଶ" ନାମକ ଆଉ ଚାରିଖଣ୍ଡି ପୁସ୍ତକ ଓଡ଼ିଆ ଭାଷାରେ ପ୍ରକାଶ କରିବାକୁ ସମର୍ଥ ହୋଇଅଛୁ । ସତ୍ୟବାଦୀ ପ୍ରେସର ପ୍ରେମିକ କର୍ମ-କର୍ତ୍ତାମାନଙ୍କ ପୂର୍ଣ୍ଣପ୍ରାଣ ସହାନୁଭୂତି ବ୍ୟତୀତ ଆମ୍ଭେମାନେ ମହାପୁରୁଷଙ୍କ ଭାବଧାରା ପ୍ରଚାରରେ ଏତେଦୂର ଅଗ୍ରସର ହୋଇପାରି ନ ଥାନ୍ତୁ । ସେହି ଦୟାମୟଙ୍କ ଇଚ୍ଛା ପୂର୍ଣ୍ଣ ହେଉ । ଇତି ।

ଓଁ ଶାନ୍ତିଃ, ଓଁ ଶାନ୍ତି, ଓଁ ଶାନ୍ତିଃ,

ଅକ୍ଷୟ ତୃତୀୟା
୧୩୫୫ ସାଲ
ତା ୧୧ । ୫ । ୧୯୪୮

ଶ୍ରୀ ଶ୍ରୀ ଗୁରୁଚରଣାଶ୍ରିତ
ଅଧମ
**ବନମାଳୀ ଦାଶ**
ସଭାପତି, ନୀଳାଚଳ ସାରସ୍ୱତ ସଂଘ

ଜୟଗୁରୁ

# ତୃତୀୟ ସଂସ୍କରଣର ମୁଖବନ୍ଧ

"ପ୍ରିୟାୟ ପ୍ରିୟତମାୟ ପ୍ରାଣାୟ ପରମାତ୍ମନେ
ଭକ୍ତଜନାର୍ତ୍ତି ହରାୟ ତସ୍ମୈ ଶ୍ରୀଗୁରବେ ନମଃ ।"

ପରମଆରାଧ୍ୟତମ ଶ୍ରୀ ଶ୍ରୀ ଗୁରୁଦେବଙ୍କ ଅହେତୁକ କୃପାବଳରୁ **"ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ"** ପୁସ୍ତକର **ଦ୍ୱିତୀୟ ସଂସ୍କରଣର** ଦୁଇ ସହସ୍ର ପୁସ୍ତକ ଶେଷ ହୋଇ ତୃତୀୟ ସଂସ୍କରଣର ଆବଶ୍ୟକତା ଆମ୍ଭେମାନେ ବହୁଦିନ ହେଲା ଉପଲବ୍ଧି କରୁଥିଲେ ମଧ୍ୟ ନାନାବିଧ ପ୍ରତିକୂଳ ପରିସ୍ଥିତି ହେତୁ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା । ଆଜି ଶ୍ରୀ ଶ୍ରୀ ଠାକୁରଙ୍କ ଆଶୀର୍ବାଦ ବଳରେ ଉତ୍କଳର ଭକ୍ତମାନଙ୍କର ଆକାଂକ୍ଷା ପୂରଣ କରିପାରିଥିବାରୁ ଆମ୍ଭେମାନେ ବିଶେଷ ଆନନ୍ଦିତ ।

ଯେଉଁ ମହାପୁରୁଷମାନଙ୍କର ନିର୍ବିକଳ୍ପ ସମାଧି ଲାଭ ହୋଇଥାଏ, ତାଙ୍କର ଏହି ନଶ୍ୱର ଜଗତ ପ୍ରତି କୌଣସି ଆକର୍ଷଣ ନ ଥାଏ; କିନ୍ତୁ ସେମାନଙ୍କ ମଧ୍ୟରୁ ଯେଉଁମାନେ ପୁନରାୟ ଏ ଜଗତକୁ ଫେରିଆସନ୍ତି, ସେମାନଙ୍କ ଚିତ୍ତମନକୁ ଅଧିକାର କରି ଜଗଦ୍‌ଗୁରୁଙ୍କର ଜଗଦ୍ଧିତକର ବାସନା ହିଁ ଫୁଟି ଉଠୁଥିବାରୁ ସେମାନେ ପରମ ଦୟାଳୁ । ଜୀବଜଗତ ପ୍ରତି କାତର ହୋଇ ସେମାନଙ୍କ ଉଦ୍ଧାର ନିମିତ୍ତ ସେହି ମହାପୁରୁଷମାନେ ସର୍ବଶେଷ ଊର୍ଦ୍ଧ୍ୱଭୂମିରୁ ପୁନରାୟ ଏହି ଜଗତକୁ ପ୍ରତ୍ୟାବର୍ତ୍ତନ କରନ୍ତି । ମହାପୁରୁଷମାନେ ନିଜର କୌଣସି କାମନା ବାସନା ନେଇ ଏ ଜଗତରେ ଅବସ୍ଥାନ କରନ୍ତି ନାହିଁ । ସେମାନେ ଜଗଦ୍‌ଗୁରୁଙ୍କର ଜଗଦ୍ଧିତକର ମଙ୍ଗଳମୟ ଇଚ୍ଛାକୁ ରୂପ ଦେବାନିମିତ୍ତ ଏ ଜଗତରେ ବିରାଜିତ ହୁଅନ୍ତି ।

ନିର୍ବିକଳ୍ପ ଭୂମିରେ ଜଗଦ୍‌ଗୁରୁଙ୍କ ଇଚ୍ଛା ଏହି ମହାପୁରୁଷମାନଙ୍କ ଅନ୍ତରରେ ଫୁଟି ଉଠୁ ନ ଥିଲେ, ଆମେ ଜଗଦ୍‌ବାସୀ-ଜୀବ ତାଙ୍କୁ ଆଜି ଏ ଜଗତରେ ପୁନରାୟ ଗୁରୁ, ବନ୍ଧୁ, ସଖା ଓ ସ୍ୱଜନ ରୂପରେ ପ୍ରାପ୍ତ ହୋଇପାରୁ ନ ଥାନ୍ତ ।

ମହାପୁରୁଷମାନେ ସ୍ଥୂଳ ଓ ସୂକ୍ଷ୍ମ ଉଭୟ ଭାବରେ ଜଗତର ହିତ ସାଧନ କରିଥାନ୍ତି । ପ୍ରୟୋଜନ ଅନୁଯାୟୀ ସେମାନେ ଉଭୟ ରୂପ ଧାରଣ କରିବାକୁ ସକ୍ଷମ । ଶ୍ରୀ ଶ୍ରୀ ଠାକୁର ଆମ୍ଭମାନଙ୍କର ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ସ୍ଥୂଳଚକ୍ଷୁର ଅନ୍ତରାଳରେ ଅବସ୍ଥାନ କରୁଛନ୍ତି ମାତ୍ର । ସମସ୍ତେ ପୁନରାୟ ତାଙ୍କ ପ୍ରଦର୍ଶିତ ପନ୍ଥାରେ ଗତି କରି, ତାଙ୍କ ନାମ ନେଇ ଆତ୍ମସମାହିତ ହୋଇପାରିଲେ, ଯେଉଁ ମହାପୁରୁଷଙ୍କୁ ଆମେ ଦିନେ ବାହାରେ ପାଇ ତାଙ୍କ ସହିତ ଲୀଳା-ଖେଳା କରିବାକୁ ସକ୍ଷମ ହୋଇ ପାରିଥିଲୁ, ବର୍ତ୍ତମାନ ପୁଣି ତାଙ୍କୁ ଅନ୍ତର ମଧ୍ୟରେ ଲାଭ କରି ଧନ୍ୟ ହୋଇପାରିବୁ । ସ୍ଥୂଳ ଅପେକ୍ଷା ସୂକ୍ଷ୍ମରେ ତାଙ୍କ ଶକ୍ତି ଅଧିକ ବ୍ୟାପକ । ଯେଉଁ ଶକ୍ତିକୁ ତାଙ୍କର ସ୍ଥୂଳଦେହ ଧାରଣ କରି ରଖିବାକୁ ଅସମର୍ଥ ହେଲା; ସେହି ଶକ୍ତିର ମହିମା ପ୍ରକଟ କରିବା ନିମିତ୍ତ ସେ ଟିକିଏ ଅନ୍ତରାଳରେ ଅବସ୍ଥାନ କରୁଛନ୍ତି ମାତ୍ର । ଯେତେବେଳେ ସାଧାରଣ ଭକ୍ତମାନେ ଏହି କଥା ଉପଲବ୍ଧି କରି 'ତାଙ୍କୁ ହିଁ ଗୁରୁ ଓ ଇଷ୍ଟ ଭାବରେ ଲାଭ କରିବାକୁ ବ୍ୟାକୁଳ ହୋଇ ତାଙ୍କ ନାମର ଆଶ୍ରୟ ଗ୍ରହଣ କରିବେ, ସେତେବେଳେ, ସ୍ଥୂଳ ଓ ସୂକ୍ଷ୍ମର ବ୍ୟବଧାନ ଅନ୍ତର୍ହିତ ହୋଇଯିବ; ସ୍ୱର୍ଗ ମର୍ତ୍ତ୍ୟ ଦିନେ ଏକ ବୋଲି ଅନୁଭୂତ ହୋଇପାରିବ । ଇହକାଳରେ ଜୀବସକଳ ପରକାଳ ତତ୍ତ୍ୱ ଉପଲବ୍ଧି କରି ଶ୍ରୀ ଶ୍ରୀ ଠାକୁରଙ୍କ ଇଚ୍ଛାକୁ ରୂପ ପ୍ରଦାନ କରିପାରିବେ ।

ଏହି ଇଚ୍ଛାକୁ ରୂପ ଦେବାକୁ ହେଲେ ଆସ୍ତିକ୍ୟ ବୁଦ୍ଧି ଓ ଅନ୍ତରର ଦୃଢ଼ ବିଶ୍ୱାସ ହିଁ ଏକମାତ୍ର ସମ୍ବଳ । ଶ୍ରୀ ଶ୍ରୀ ଠାକୁର ନିତ୍ୟ ବର୍ତ୍ତମାନ । ତାଙ୍କ ଆସନ ବର୍ତ୍ତମାନ ପ୍ରତି ଭକ୍ତ ହୃଦୟରେ ପ୍ରତିଷ୍ଠିତ । ଅନ୍ତରରାଜ୍ୟରେ ରହି ସେ ଆମର ଭଲ-ମନ୍ଦ ପ୍ରତ୍ୟକ୍ଷ କରୁଛନ୍ତି । ଯଦି କେହି ଅନ୍ତରରେ ଶ୍ରୀ ଶ୍ରୀ ଠାକୁରଙ୍କ ବର୍ତ୍ତମାନତା ସମ୍ବନ୍ଧରେ ଆମକୁ ନାସ୍ତିକବୁଦ୍ଧି ଆଣି ଦିଅନ୍ତି, ତାହା ହିଁ ଭକ୍ତ ସମାଜର ସର୍ବନାଶର କାରଣ ହୋଇଉଠିବ ।

ସଂସାରରୂପ ସଂଗ୍ରାମକ୍ଷେତ୍ରରେ ଏତେ ଦିନ ଯାଏ ଆମେ ଯାହାଙ୍କୁ ସାରଥି ରୂପରେ ପାଇଥିଲୁଁ, ସେ ଆଜି ଆମ ପ୍ରତ୍ୟେକଙ୍କ ହୃଦୟ-ରଥରେ ସାରଥି ରୂପରେ ବିଦ୍ୟମାନ । ସ୍ଥୂଳ ଅପେକ୍ଷା ବର୍ତ୍ତମାନ ତାଙ୍କ ସହିତ ଆମର ସମ୍ପର୍କ ଅତି ଘନିଷ୍ଠ ହୋଇ ଉଠୁଛି । ସ୍ଥୂଳରୂପରେ ବହିଃର୍ଜଗତରେ ଯେଉଁ ବ୍ୟବଧାନ ଟିକିଏ ଥିଲା, ଅନ୍ତର୍ଯ୍ୟାମୀ ରୂପରେ ସେ ବ୍ୟବଧାନ ମଧ୍ୟ ଅପସାରିତ ହୋଇ-ଯାଇଛି । କିନ୍ତୁ ଆମକୁ କେତେଗୁଡ଼ିଏ ସଦ୍‌ଭାବନାର ଅନୁଶୀଳନ କରିବାକୁ ହେବ । ଶ୍ରୀ ଶ୍ରୀ ଠାକୁର କହିଛନ୍ତି, 'ଆମେ ସଦ୍‌ଗୁରୁଙ୍କ ସନ୍ତାନ । ସେ ଆମର ସମସ୍ତ ଭାର ନେଇଛନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କ ତିରୋଧାନ ହୋଇଛି ବୋଲି ଧାରଣା କରି ଯଦି ଆମେ ନିଜକୁ କ୍ଳୀବ ଓ ଅସହାୟ ମନେକରି ତାଙ୍କ ଆଶ୍ରୟତ୍ୟାଗପୂର୍ବକ ଅନ୍ୟ ଗୁରୁ ଓ ଅନ୍ୟ ନାମ-ରୂପର ଆଶ୍ରୟ ଗ୍ରହଣ କରୁଁ, ତେବେ ଆମେ ଜଗତରେ ନାସ୍ତିକ ବୋଲି ପରିଗଣିତ ହେବୁ । ଗୁରୁ-ଦେବଙ୍କଠାରେ ଯେଉଁମାନଙ୍କର ଯଥାର୍ଥ ବିଶ୍ବାସ ଅଛି, ଶ୍ରୀଗୁରୁଙ୍କ ଅନ୍ତର୍ଦ୍ଧାନରେ ସେମାନେ କେବେହେଲେ, ମୂହ୍ୟମାନ ହୋଇପଡ଼ିନ୍ତି ନାହିଁ । ଶିଷ୍ୟ ଚରିତ୍ର ହିଁ ଗୁରୁଙ୍କ ଗୁରୁତ୍ବର ଦର୍ପଣ । ଆଜି ଆମେ ଯଦି ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଦତ୍ତ ବେଦବାଣୀଦ୍ୱାରା ଉଦ୍‌ବୁଦ୍ଧ ହୋଇ ପ୍ରାଣର ପରିଚୟ ଦେଇ ନ ପାରିବା, ତେବେ ଆମ ଆରାଧ୍ୟଦେବତାଙ୍କ ଆସନ ଜଗତରେ ପ୍ରତିଷ୍ଠିତ ହେବ ବା କିପରି ? ସମଗ୍ର ଜଗତରେ ଭ୍ରାତୃଭାବର ପ୍ରତିଷ୍ଠା କିପରି ବା ସମ୍ଭବ ହେବ ? ଆମେ ଯଥାର୍ଥ ଗୁରୁଗତପ୍ରାଣ, ଗୁରୁବିଶ୍ୱାସୀ କି ନା, ବର୍ତ୍ତମାନ ତାହାର ପ୍ରକୃତ ପରିଚୟ ମିଳିବାର ଅବକାଶ ଉପସ୍ଥିତ ।

ଯେତେବେଳେ ୧୯୪୭ ମସିହା ଅପ୍ରେଲ ମାସରେ ଆମେ **'ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ'** ପୁସ୍ତକର ପ୍ରଥମ ସଂସ୍କରଣ ପ୍ରକାଶ କଲୁଁ, ସେତେବେଳେ ଅନେକେ ଆଶଙ୍କା କରୁଥିଲେ ଯେ, ଏହି ନାଟକ-ନଭେଲ୍-ଉପନ୍ୟାସପ୍ଲାବିତ ଯୁଗରେ ଧର୍ମଗ୍ରନ୍ଥ ପାଠ କରିବ ବା କିଏ ? କିନ୍ତୁ ଅଳ୍ପ-ଦିନ ମଧ୍ୟରେ ଆମର ସେ ଆଶଙ୍କା ଦୂରୀଭୂତ ହୋଇଗଲା । ପୁସ୍ତକର ପ୍ରଥମ ସଂସ୍କରଣ ଶେଷ ହୋଇ ବହୁ ଦିନ ପରେ ଦ୍ୱିତୀୟ ସଂସ୍କରଣ ପ୍ରକାଶିତ ହେଲା । କିନ୍ତୁ ଦ୍ୱିତୀୟ ସଂସ୍କରଣ ଅନେକ ଦିନ ହେଲା ଶେଷ ହୋଇ ଯାଇଥିଲେ ମଧ୍ୟ

ଆମେ ଯଥା ସମୟରେ ତୃତୀୟ ସଂସ୍କରଣ ପ୍ରକାଶ କରିବାକୁ ସକ୍ଷମ ହୋଇ-ପାରିଲୁ ନାହିଁ । ଏ ମଧ୍ୟରେ ଏହି ପୁସ୍ତକ ପାଠ କରି ବହୁ ଭକ୍ତ ଶ୍ରୀ ଶ୍ରୀ ଠାକୁରଙ୍କୁ ଉପଲବ୍ଧି କରି ସଂଘରେ ଯୋଗ ଦେଇ ଆମମାନଙ୍କୁ ଉତ୍ସାହିତ କରିଛନ୍ତି ।

ଶତ ଶତ ଶିଷ୍ୟ-ଭକ୍ତଙ୍କର ବାରମ୍ବାର ଅନୁରୋଧକ୍ରମେ ଆମେ ପୁନ-ରାୟ ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରା ପ୍ରଚାର ନିମିତ୍ତ ଏହି ପୁସ୍ତକର ନୂତନ ସଂସ୍କରଣ ପ୍ରକାଶ କରିବାକୁ ଅଗ୍ରସର ହୋଇଅଛୁ । ସେହି ଶିଷ୍ୟ-ଭକ୍ତଙ୍କ ପ୍ରତି ଆମର ଆକୁଳ ନିବେଦନ ଯେ, ସେମାନେ ଯେପରି କଠୋର ପରୀକ୍ଷାରେ ମୁହ୍ୟମାନ ହୋଇ ନ ପଡ଼ନ୍ତି । ଭକ୍ତମାନେ ଏତେ ଦିନ ଯାଏ କେବଳ ଶ୍ରୀ ଶ୍ରୀ ଠାକୁରଙ୍କୁ ବାହ୍ୟିକ ଭାବରେ ସୁଖ ପାଇ ତାଙ୍କୁ ଗୁରୁ ବରଣ କରି ସେବା-ପୂଜା କରିଥିଲେ, ଆଜି କିନ୍ତୁ ଠାକୁର ଏମାନଙ୍କ ମଧ୍ୟରୁ ତାଙ୍କର ପ୍ରକୃତ ଭକ୍ତଙ୍କୁ ପରୀକ୍ଷା କରି ବାଛିନେବାକୁ ଇଚ୍ଛା କରୁଛନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କୁ ଯେଉଁମାନେ ପ୍ରକୃତ ସୁଖ ପାଆନ୍ତି, ସେମାନେ ନିଶ୍ଚୟ ଦିନେ ସମସ୍ତ ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ ତାଙ୍କର ନାମ-ରୂପ ଲୀଳା ବିଶ୍ୱ ଜଗତରେ ପ୍ରତିଷ୍ଠିତ କରିପାରିବେ ।

ଶ୍ରୀ ଶ୍ରୀ ଠାକୁର ଯେଉଁ ଭାବ ଓ ଆଦର୍ଶ ଜଗତରେ ପ୍ରଚାର କରିବାକୁ ଆସିଛନ୍ତି, ଦେହ-ମନ-ପ୍ରାଣ ଦେଇ ତାଙ୍କର ଭକ୍ତମାନେ ସେହି ଆଦର୍ଶକୁ ନିଜ ନିଜ ଜୀବନରେ ଫୁଟାଇବାକୁ ତାଙ୍କର ଆଶ୍ରୟ ଲାଭ କରିଛନ୍ତି । ତାଙ୍କ ଅସ୍ତିତ୍ୱରେ ଅବିଶ୍ୱାସୀ ହୋଇ ଯଦି ଆମେ ଲକ୍ଷ୍ୟଭ୍ରଷ୍ଟ ହୋଇପଡ଼ୁ, ତେବେ ଏହି ପାପର ଆଉ କୌଣସି ପ୍ରାୟଶ୍ଚିତ୍ତ ନାହିଁ ।

ଗୁରୁ କିମ୍ବା ଗୁରୁଶକ୍ତିଙ୍କର ବିନାଶ ନାହିଁ । ଚିତ୍ତଶୁଦ୍ଧି ହେଲାମାତ୍ରେ ଆମେ ସମସ୍ତେ ତାଙ୍କର ଦର୍ଶନ ଲାଭ କରି ଧନ୍ୟ ହୋଇପାରିବା । ଆଜି ଆମ ସମସ୍ତଙ୍କୁ ଗୁରୁଶକ୍ତିର ବାହନ ରୂପରେ ନିଜକୁ ପ୍ରସ୍ତୁତ କରି ଗଠନ କରିବା ନିମିତ୍ତ ଚେଷ୍ଟା କରିବାକୁ ହେବ । ଯାହାକୁ ସୁଖ ପାଅ, ତାଙ୍କୁ ହୃଦୟ-ସିଂହାସନରେ ପ୍ରତିଷ୍ଠିତ କରିବାକୁ ହେବ । ଆଧାର ଅଭାବରେ ଗୁରୁଶକ୍ତିଙ୍କର ଯେ କିଭଳି ଯାତନା ହୁଏ, ତାହା ଭାଷାରେ ବ୍ୟକ୍ତ

କରାଯାଇପାରେ ନାହିଁ । ତେଣୁ ଆତ୍ମଗଠନ ଦିଗରେ ସମସ୍ତଙ୍କୁ ମନ ଦେବାକୁ ହେବ । ଶ୍ରୀ ଶ୍ରୀ ଠାକୁରଙ୍କୁ ଅନ୍ତରରେ ଲାଭ କରିବାକୁ ହେଲେ, ଅନ୍ତର-ମନ୍ଦିରକୁ ଶୁଦ୍ଧ ପବିତ୍ର କରିବାକୁ ପଡ଼ିବ ।

କିଭଳି ଏହି ଚଉଗୁଣ୍ଡି ପଥରେ ଶିଷ୍ୟମାନେ ଧ୍ୟାନ ଓ ନିଷ୍କାମ କର୍ମ-ରୂପ ସଂଘସେବାରେ ବ୍ରତୀ ହୋଇ ତାଙ୍କୁ ଉପଲବ୍ଧି କରିପାରିବେ, ସେ ସମ୍ବନ୍ଧରେ ତାଙ୍କ ଆଦେଶ, ଉପଦେଶାବଳୀ ଏହି ପୁସ୍ତକରେ ସନ୍ନିବେଶିତ କରାଯାଇଛି ।

ଭାରତବର୍ଷ ଧର୍ମର ଦେଶ, ଦେବର୍ଷି, ମହର୍ଷି, ଓ ବ୍ରହ୍ମର୍ଷିମାନଙ୍କର ତପଃକ୍ଷେତ୍ର; ମୁମୁକ୍ଷୁ, ଜ୍ଞାନୀ ଓ ଭକ୍ତଙ୍କର ପୁଣ୍ୟ ସାଧନଭୂମି । ନୀତି ଓ ଧର୍ମ ହିଁ ଭାରତର ପ୍ରାଣ । ଶାସ୍ତ୍ର ଓ ସଦାଚାର ଭାରତବାସୀଙ୍କର ଜୀବନର ଏକ-ମାତ୍ର ଅବଲମ୍ବନ । ଅବତାର, ସଦ୍‌ଗୁରୁ ମହାପୁରୁଷମାନେ ଚିରକାଳ ଭାରତବାସୀଙ୍କ ଶ୍ରଦ୍ଧା-ଭକ୍ତିର ପାତ୍ର । ଏହି ମହାପୁରୁଷମାନେ ଜାତି ଓ ସମାଜର ନେତା; ପାତା, ପରିତ୍ରାତା, ପରିଚାଳକ ଓ ଆଚାର୍ଯ୍ୟ । ଭାରତର ସନାତନ ଆଦର୍ଶ ଯେତେବେଳେ ମ୍ଳାନ ହୋଇପଡ଼ିଛି, ସେତେବେଳେ ବିରାଟ ଆଧ୍ୟାତ୍ମିକ ଶକ୍ତିସମ୍ପନ୍ନ ମହାପୁରୁଷଙ୍କର ଅଭ୍ୟୁଦୟ ଘଟିଛି । ଐତି-ହାସିକ ଯୁଗର ପ୍ରଥମ ଆଚାର୍ଯ୍ୟ ଭଗବାନ ତଥାଗତ ବୁଦ୍ଧଦେବ ଛିନ୍ନବିଚ୍ଛିନ୍ନ ଅସଂଖ୍ୟ ମ୍ଳେଚ୍ଛ-ଜାତି-ପରିପ୍ଳାବିତ ଭାରତର ଧର୍ମଗ୍ଳାନି ବିଦୂରିତ କରି ସମଗ୍ର ଭାରତକୁ ଏକ ଭାବ ଓ ଏକ ଆଦର୍ଶରେ ଅନୁପ୍ରାଣିତ କରି ଗୋଟିଏ ବିରାଟ ଜାତୀୟତା ସୃଷ୍ଟି କରିଥିଲେ । ଫଳରେ ବୌଦ୍ଧଧର୍ମ ଭାରତଭୂମି ଅତିକ୍ରମ କରି ସମଗ୍ରଜଗତର ଏକ ତୃତୀୟାଂଶ ନର-ନାରୀଙ୍କୁ ନିଜର ଛତ୍ରଛାୟାତଳେ ଆଶ୍ରୟ ଦେବାକୁ ସକ୍ଷମ ହୋଇପାରିଥିଲା । ଏହାର ମୂଳରେ ଥିଲା ତଥାଗତଙ୍କର ବିରାଟ ଆଧ୍ୟାତ୍ମିକ ପ୍ରଭାବ ।

କାଳପ୍ରଭାବରେ ବୌଦ୍ଧଧର୍ମର ପତନ ଘଟିଲା । ଭାରତର ସନାତନ ଭାବଧାରା ପୁନରାୟ ବିକୃତ ହୋଇପଡ଼ିଲା । ପୁଣି ଦରକାର ହେଲା ଆଚାର୍ଯ୍ୟଙ୍କର ଆବିର୍ଭାବ । ପରିଶେଷରେ ସନାତନ ବୈଦିକ ଧର୍ମର ଜ୍ୱଳନ୍ତ ବିଗ୍ରହ ରୂପରେ ଆଚାର୍ଯ୍ୟ ଶଙ୍କର ଅଲୌକିକ ଆଧ୍ୟାତ୍ମିକ ଶକ୍ତି ଓ ବ୍ୟକ୍ତିତ୍ୱ ନେଇ ମାତ୍ର

ଦ୍ୱାତ୍ରିଂଶ ବର୍ଷ ବୟଃକାଳ ମଧ୍ୟରେ ସମଗ୍ର ଭାରତରେ ଆର୍ଯ୍ୟସଭ୍ୟତାର ଭିତ୍ତି ପୁନଃ ସଂସ୍ଥାପିତ କଲେ । ଭାରତ ପୁଣି ତାର ଲୁପ୍ତ ଗୌରବ ଫେରପାଇଲା । ଧର୍ମର ଗ୍ଲାନି ଅଳ୍ପ ସମସ୍ତ ନମିତ୍ତ ଦୂରୀଭୂତ ହେଲା ସତ୍ୟ ମାତ୍ର ମୁସଲମାନ ପ୍ରଭୃତିଙ୍କ ଧର୍ମ ଓ ମତବାଦର ସଂଘର୍ଷରେ ଆସି ଭାରତର ସେହି ସନାତନ ଆଦର୍ଶ ଓ ଅନୁଷ୍ଠାନ ପୁଣି ବିକୃତ ହୋଇପଡ଼ିଲା । ହିଂସା, ଦ୍ୱେଷ, ପ୍ରତିଯୋଗିତା, ସଂକୀର୍ଣ୍ଣତା ପ୍ରଭୃତି ଅସଦ୍‌ବୃତ୍ତିର ଅନୁଶୀଳନ ଫଳରେ ଦେଶରେ ଦାରୁଣ ଅଶାନ୍ତି ଦେଖାଦେଲା । ସେତେବେଳେ ଆଚାର୍ଯ୍ୟ-ରାମାନୁଜ, ରାମାନନ୍ଦ, କବୀର, ଗୁରୁ ନାନକ ଓ ଶ୍ରୀମାନ୍ ମହାପ୍ରଭୁ ଗୌରାଙ୍ଗ ଦେବଙ୍କର ଆବିର୍ଭାବ ହେଲା । ସେମାନେ ସାମ୍ୟ, ସମନ୍ୱୟ, ପ୍ରେମ, ମୈତ୍ରୀ ଓ ସେବାର ଆଦର୍ଶ ପ୍ରଚାର କରି ହିଂସା ଦ୍ୱେଷ, ଦ୍ୱନ୍ଦ୍ୱ, କୋଳାହଳ ମଧ୍ୟରେ ଶାନ୍ତି, ସଂସ୍ଥାପନପୂର୍ବକ ଧର୍ମର ପୁନଃ ପ୍ରତିଷ୍ଠା କଲେ ।

ପୁଣି ଅସିଲା ଗୋଟିଏ ପ୍ରବଳ ବିରୁଦ୍ଧ ଶକ୍ତିର ପ୍ରତିଘାତ । ପାଶ୍ଚାତ୍ୟ ଜାତି ସଂସ୍ପର୍ଶରେ ଆସି ଏବଂ ସେମାନଙ୍କ ଶିକ୍ଷା ସଭ୍ୟତାର ପ୍ରଚାର ଫଳରେ ପ୍ରଭାବିତ ହୋଇ ପୁନରାୟ ସନାତନ ଧର୍ମର ଆଦର୍ଶ ମ୍ଳାନ ହୋଇଗଲା । ଜାତୀୟଜୀବନରେ ଆଳସ୍ୟ, ଜଡ଼ତା ଓ ବିବିଧ କୁସଂସ୍କାର ପ୍ରବେଶ କଲା । ଭାରତର ଏହି ଦାରୁଣ ଦୁର୍ଯୋଗରେ ଭାସ୍କରାନନ୍ଦ ସ୍ୱାମୀ, ତ୍ରୈଲଙ୍ଗ ସ୍ୱାମୀ, ରାମଦାସ କାଠିଆ ବାବା, ପରମହଂସ ରାମକୃଷ୍ଣ ଦେବ, ସ୍ୱାମୀ ବିବେକାନନ୍ଦ, ବିଜୟକୃଷ୍ଣ ଗୋସ୍ୱାମୀ ପ୍ରଭୃତିଙ୍କର ଆବିର୍ଭାବ ହେଲା । ସେମାନେ ନିଜ ନିଜ ଆଧ୍ୟାତ୍ମିକ ଶକ୍ତିଦ୍ୱାରା ପୁଣି ସନାତନ ଧର୍ମର ଆଦର୍ଶ ଭାରତରେ ସ୍ଥାପନ କରିବାକୁ ନାନାବିଧ ଚେଷ୍ଟା କରି ବହୁ ପରିମାଣରେ ସଫଳ ହୋଇଥିଲେ । କିନ୍ତୁ ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀରେ ପାଶ୍ଚାତ୍ୟ ସଭ୍ୟତାର ଐନ୍ଦ୍ରଜାଲିକ ପ୍ରଭାବ ଭାରତର ମ୍ରିୟମାଣ ଜାତି ଓ ସମାଜକୁ ଏଭଳି ଭାବରେ ଆକର୍ଷଣ କଲା ଯେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ମହାରାଜ ଆବିର୍ଭୂତ ହୋଇ ତାଙ୍କର ଅଲୌକିକ ତପଃଶକ୍ତି ପ୍ରଭାବରେ ସେହି ସ୍ରୋତକୁ ପ୍ରତିରୋଧ କରି ନ ଥିଲେ ଦେଶ, ଜାତି ଓ ସମାଜର ଯେ କିଭଳି ଦୁର୍ଦ୍ଦଶା ହୋଇଥାନ୍ତା, ତାହା ବର୍ଣ୍ଣନାତୀତ ।

ଭାରତବାସୀଙ୍କର ମହାସୌଭାଗ୍ୟ ଯେ, ସେମାନେ ଭଗବାନଙ୍କୁ ସଖା, ବନ୍ଧୁ, ସ୍ୱାମୀ ଆଦି ରୂପରେ ପ୍ରାପ୍ତ ହୋଇଛନ୍ତି; ମାତ୍ର ସ୍ୱୟଂ ଜଗଦ୍‌ଗୁରୁଙ୍କୁ ସ୍ଥୂଳ ମନୁଷ୍ୟ ଦେହଧାରୀ ଭାବରେ ସେପର୍ଯ୍ୟନ୍ତ ଦର୍ଶନ କରିପାରି ନ ଥିଲେ । ଶ୍ରୀ ଶ୍ରୀ ଠାକୁରଙ୍କ ବିଗ୍ରହରେ ଜଗଦ୍‌ଗୁରୁ ଓ ଭଗବାନଙ୍କର ଏକତ୍ର ସମାବେଶ ହୋଇଥିଲା । ତେଣୁ ଦାରୁଣ ଦୁର୍ଯୋଗ ସମୟରେ ଭାରତବର୍ଷ କେତେବେଳେ ହେଲେ ନିରାଶ୍ରୟ ହୋଇନାହିଁ କି ହେବ ନାହିଁ । ସଦ୍‌ଗୁରୁ ଭାବରେ ଶ୍ରୀ ଶ୍ରୀ ଠାକୁର ଆତ୍ମଶକ୍ତି ଦ୍ୱାରା ଧର୍ମଜଗତର ସମସ୍ତ ବିରୋଧ ଓ ଅସାମଞ୍ଜସ୍ୟ ଲୋପ କରି ଏକ ଭାବ ଓ ଏକ ଆଦର୍ଶର ପ୍ରଚାର କଲେ । ସଦ୍‌ଗୁରୁଙ୍କ ଜୀବନ ସମନ୍ୱୟର ଜୀବନ । ଅବତାରଙ୍କ ପ୍ରଚାରିତ ମତବାଦକୁ ବ୍ୟଷ୍ଟି ଜୀବନରେ ରୂପାୟିତ କରିବା ହେଲା ସଦ୍‌ଗୁରୁଙ୍କର କାର୍ଯ୍ୟ । ବିଶିଷ୍ଟ ମତବାଦ ପ୍ରବର୍ତ୍ତନ ପରେ ଯେତେବେଳେ ସେଗୁଡ଼ିକ ସମନ୍ୱୟ ଓ ସାମଞ୍ଜସ୍ୟର ପ୍ରୟୋଜନ ହୁଏ, ସେତେବେଳେ ସଦ୍‌ଗୁରୁଙ୍କର ଆବିର୍ଭାବ ଘଟେ ।

ଶ୍ରୀ ଶ୍ରୀ ଠାକୁର ଜ୍ଞାନ ଓ ପ୍ରେମର ମୂର୍ତ୍ତି ବିଗ୍ରହରୂପରେ ଜ୍ଞାନ ପ୍ରେମର ମିଳନ କରାଇଛନ୍ତି । ଭକ୍ତିପଥ ଦ୍ୱାରା ଚିତ୍ତକୁ ଶୁଦ୍ଧ କରି ତାଙ୍କ ପ୍ରଚାରିତ ଆତ୍ମଜ୍ଞାନ ବା ସ୍ୱରୂପଜ୍ଞାନ ଲାଭ କରିବା ହିଁ ଜ୍ଞାନ-ଭକ୍ତିର ସମନ୍ୱୟ । ଏହା ହିଁ ସିଦ୍ଧିଲାଭର ସହଜ ସରଳପନ୍ଥା ବୋଲି ସେ ସ୍ୱୀକାର କରିଛନ୍ତି । ଯୋଗ, ଜ୍ଞାନ, ତନ୍ତ୍ର, ପ୍ରେମ—ଏହି ଚତୁର୍ବିଧ ସାଧନ ପନ୍ଥାରେ ସିଦ୍ଧିଲାଭ କରି ଶ୍ରୀ ଶ୍ରୀ ଠାକୁର ଦେଶବାସୀଙ୍କୁ ଯେଉଁ ଅମୂଲ୍ୟ ବାଣୀ ଶୁଣାଇଛନ୍ତି, ସେହି ବାଣୀର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିବାକୁ ହେଲେ ସେହି ମହାପୁରୁଷଙ୍କ ଧ୍ୟାନରେ ଆତ୍ମସ୍ଥ ହେବାକୁ ପଡ଼ିବ ।

ପୂର୍ବରୁ କୁହାଯାଇଛି, ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ସମନ୍ୱୟର ଜୀବନ । ଆଦର୍ଶ ଗୃହୀ ଓ ଆଦର୍ଶ ସନ୍ନ୍ୟାସୀଙ୍କ ଭିତରେ ସେ କିଛି ପ୍ରଭେଦ ଦେଖି ନାହାନ୍ତି । ମଠ ଆଶ୍ରମରୁ ତ୍ୟାଗର ସଂସ୍କାର ନେଇ ମନୁଷ୍ୟ ସମାଜରେ ଆଦର୍ଶ ଗୃହସ୍ଥରୂପେ ପ୍ରତିଷ୍ଠା ଲାଭ କରୁ, ଶ୍ରୀ ଶ୍ରୀ ଠାକୁରଙ୍କ ବହୁ ଅଭିପ୍ରାୟ ମଧ୍ୟରେ ଏହା ଗୋଟିଏ ବିଶିଷ୍ଟ ଅଭିପ୍ରାୟ । ଜ୍ଞାନୀ-ଭକ୍ତ, ଗୃହୀ-ସନ୍ନ୍ୟାସୀ,

କର୍ମୀଜ୍ଞାନୀ ଏମାନଙ୍କ ଭିତରେ ପରସ୍ପର ଦ୍ୱନ୍ଦ୍ୱ ଚାଲି ଆସୁଥିଲା । ଶ୍ରୀ ଶ୍ରୀ ଠାକୁର କୌଣସି ନୂତନ ମତବାଦ ପ୍ରଚାର ନ କରି ସେହି ଅସାମଞ୍ଜସ୍ୟକୁ ସମନ୍ୱୟ ଓ ସାମଞ୍ଜସ୍ୟ କରି ବ୍ୟକ୍ତିଜୀବନରେ ସାଧନ କରି ତାହାର ଫଳ ଦେଖାଇ ଦେଲେ । ତେଣୁ ତାଙ୍କ ଜୀବନ କିଭଳି ପ୍ରକୃତ ପକ୍ଷରେ ଅପୂର୍ବ ଜୀବନ, ତାହା ମଧ୍ୟ ପାଠକମାନେ ଏଥିରୁ ଅବଗତ ହୋଇପାରିବେ ।

ଏହି ଗ୍ରନ୍ଥର ପୁନର୍ମୁଦ୍ରଣରେ ସତ୍ୟବାଦୀ ପ୍ରେସର କର୍ମଚାରୀବୃନ୍ଦଙ୍କ ଅକ୍ଳାନ୍ତ ଶ୍ରମ, ବଦାନ୍ୟତା ଓ ସହୃଦୟତା ନିମିତ୍ତ ସମ୍ପାଦକ ସେମାନଙ୍କ ନିକଟରେ ଋଣୀ । ସେମାନଙ୍କର ପାରମାର୍ଥିକ ଉନ୍ନତି ନିମିତ୍ତ ସେହି କରୁଣାମୟ ଗୁରୁଦେବଙ୍କ ନିକଟରେ ପ୍ରାର୍ଥନା ଜଣାଉଛୁ ।

ପରିଶେଷରେ ଶ୍ରୀ ଶ୍ରୀ ଠାକୁରଙ୍କ ଉଦାର ସାର୍ବଭୌମ ବାଣୀରେ ଦେଶ ଉଦ୍‌ବୁଦ୍ଧ ହେଉ ଏବଂ ଦେଶବାସୀ ଏହି ମହାପୁରୁଷଙ୍କଠାରେ ଶଙ୍କର ଗୌରାଙ୍ଗ ଦେବଙ୍କ ସମନ୍ୱୟ ଦର୍ଶନରେ ପରମାଗତି ଲାଭ କରନ୍ତୁ, ଏହା ହିଁ ଶ୍ରୀ ଶ୍ରୀ ଗୁରୁଦେବଙ୍କ ଚରଣ-କମଳ ତଳେ ଐକାନ୍ତିକ ପ୍ରାର୍ଥନା ।

"ନମୋ ପରମହଂସାୟ ଗୀତାଜ୍ଞାନପ୍ରଦାୟିନେ
ଭକ୍ତାଭୀଷ୍ଟ ପ୍ରଦାୟାଶୁ ଅନନ୍ତତେଜସେ ନମଃ ।"

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତ
**ଦୁର୍ଗାଚରଣ ମହାନ୍ତି**
ସମ୍ପାଦକ
ନୀଳାଚଳ ସାରସ୍ୱତ ସଂଘ, ପୁରୀ

ପୌଷ ପୂର୍ଣ୍ଣିମା
ତା ୨୪ । ୨ । ୧୯୬୭

ଜୟଗୁରୁ

# ଚତୁର୍ଥ ସଂସ୍କରଣର ମୁଖବନ୍ଧ

"ସତ୍ୟଂ ଶିବଂ ସୁନ୍ଦରଂ ପ୍ରସନ୍ନଂ ଜ୍ଞାନବିଗ୍ରହମ୍
କରୁଣାନିଳୟଂ ଶାନ୍ତଂ ସଦ୍‌ଗୁରୁଂ ପ୍ରଣମାମ୍ୟହମ୍ ।"

ପରମାରାଧ୍ୟ ଶ୍ରୀଗୁରୁଦେବଙ୍କ ଅହେତୁକୀ କୃପାରୁ 'ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ' ପୁସ୍ତକର ଚତୁର୍ଥ ସଂସ୍କରଣ ବହୁ ବାଧାବିଘ୍ନ ମଧ୍ୟଦେଇ ପ୍ରକାଶିତ ହେଲା । ତୃତୀୟ ସଂସ୍କରଣ ଛାପା ହେବାର ଅଳ୍ପଦିନ ମଧ୍ୟରେ ତାହା ଶେଷ ହୋଇ ଯାଇଥିଲେ ମଧ୍ୟ ବିବିଧ ପ୍ରତିକୂଳ ପରିସ୍ଥିତି ହେତୁ ତାହାର ପୁନଃ-ମୁଦ୍ରଣ ସମ୍ଭବପର ହୋଇପାରି ନଥିଲା । ଆଜି ଶ୍ରୀ ଶ୍ରୀ ଠାକୁରଙ୍କ ଆଶୀର୍ବାଦ ବଳରୁ ଆମେମାନେ ଯେ ଭକ୍ତମାନଙ୍କ ଆକାଙ୍‌କ୍ଷା ପୂରଣ କରି ପାରିଲୁ, ସେଥିପାଇଁ, ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ଶତ ଶତ ପ୍ରଣିପାତ ।

ଆଧ୍ୟାତ୍ମିକ ରାଜ୍ୟର ପଥିକମାନେ ସେମାନଙ୍କ ଗନ୍ତବ୍ୟପଥରେ ଜଣେ ଜଣେ ଉପଯୁକ୍ତ ପଥପ୍ରଦର୍ଶକ ଖୋଜିଥା'ନ୍ତି । ଶାସ୍ତ୍ରରେ ତାଙ୍କୁ କହନ୍ତି 'ଶ୍ରୀଗୁରୁ' । ସେ ଅଜ୍ଞାନ ଅନ୍ଧକାରରୁ ଆଲୋକ ରାଜ୍ୟକୁ ଶିଷ୍ୟମାନଙ୍କର ହସ୍ତ ଧାରଣ କରି ନେଇଯାନ୍ତି । ତେଣୁ ଯେ କୌଣସି ପ୍ରକାରର ହେଉ ପଛକେ ଗୁରୁକରଣ ବା ଦୀକ୍ଷାଗ୍ରହଣ ପ୍ରଥା ସବୁ ଦେଶରେ ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଛି । ଯେଉଁମାନଙ୍କ ଜୀବନରେ ସଦ୍‌ଗୁରୁଙ୍କ ଶରଣ ଗ୍ରହଣ କରିବାର ସୌଭାଗ୍ୟଲାଭ ହୋଇ ନାହିଁ, ସେମାନେ ସମସ୍ତେ ସ୍ୱ ସ୍ୱ କୁଳଗୁରୁଙ୍କଠାରୁ ଦୀକ୍ଷା ଗ୍ରହଣ କରିଥାନ୍ତି । ସିଦ୍ଧ ସଦ୍‌ଗୁରୁଙ୍କ ସାକ୍ଷାତ ପାଇଲେ, କିଛି ବିଚାର ନ କରି ତାଙ୍କ ଆଶ୍ରୟ ଗ୍ରହଣ କରିବା ବିଧି ଶାସ୍ତ୍ରରେ ପ୍ରଚଳିତ ଅଛି ।

କିନ୍ତୁ, ଯୁଗପ୍ରୟୋଜନରେ ଜଗତରେ ଏପରି ସୁସମୟ, ସୁଯୋଗ ଓ ଶୁଭମୁହୂର୍ତ୍ତ ଉପସ୍ଥିତ ହୁଏ ଯେ ସେତେବେଳେ ପ୍ରଚଳିତ ସାମାଜିକ ଏବଂ

ସାମ୍ପ୍ରଦାୟିକ ଆଗ୍ରହପଥରେ ନ ଚଳି ମଧ୍ୟ ସାଧକମାନେ କେବଳ ସଦ୍‌ଗୁରୁଙ୍କ ପଥରେ ହିଁ ନିଜକୁ ପରିଚାଳିତ କରି ଆଧ୍ୟାତ୍ମ୍ୟରାଜ୍ୟରେ ବହୁଦୂର ଅଗ୍ରସର ହୋଇଥାନ୍ତି । ସଦ୍‌ଗୁରୁ ମହାପୁରୁଷ ଓ ଅବତାରମାନଙ୍କ ମାଧ୍ୟମରେ ଶ୍ରୀଭଗବାନ ଜଗତରେ ମହାନ୍ ଆଧ୍ୟାତ୍ମିକ ପ୍ଲାବନ ପ୍ରେରଣ କରିଥାନ୍ତି ଏବଂ ସେହି ପ୍ରେମ ପ୍ଲାବନରେ ଜଗତର ଆଧ୍ୟାତ୍ମପିପାସୁ ଜନଗଣ ପରାମୁକ୍ତିର ଅଧିକାରୀ ହୋଇଥାନ୍ତି । ସେତେବେଳେ ସମସ୍ତେ ବିନା ବିଘ୍ନରେ ସେହି ସଦ୍‌ଗୁରୁ ମହାପୁରୁଷଙ୍କ ନାମ-ରୂପର ସନ୍ଧାନ ଲାଭ କରି ତାଙ୍କର ଶରଣାପନ୍ନ ହୋଇଥାନ୍ତି । ସ୍ୱୟଂ ଭଗବାନ ବା ଜଗଦ୍‌ଗୁରୁ ଯେତେବେଳେ ସଦ୍‌ଗୁରୁଙ୍କ ବିଗ୍ରହରେ ଆବିର୍ଭୂତ ହୁଅନ୍ତି, ସେତେବେଳେ ଜନସାଧାରଣ ସ୍ୱତଃ ତାଙ୍କ ମହିମାରେ ଆକୃଷ୍ଟ ହୋଇ ତାଙ୍କ ନାମ-ରୂପର ଆଶ୍ରୟ ଲାଭ କରିଥାନ୍ତି ।

ଏହି ପୁସ୍ତକରେ ଯେଉଁ ମହାପୁରୁଷଙ୍କ ଜୀବନୀ ଓ ବାଣୀ ଆଲୋଚିତ ହୋଇଅଛି, ସେ ଥିଲେ ଜଣେ ଅସାଧାରଣ ଶକ୍ତିସମ୍ପନ୍ନ ସଦ୍‌ଗୁରୁ । ବର୍ତ୍ତମାନ ମୁଦ୍ଧା ସେ ଗୁରୁ ଆସନରେ ବିଦ୍ୟମାନ ରହି ଭକ୍ତମାନଙ୍କୁ ତାଙ୍କ ଚରଣକମଳ ତଳେ ଆଶ୍ରୟଦାନ କରୁଛନ୍ତି । ଯେ କୌଣସି ସାଧକ-ଭକ୍ତଙ୍କ ପ୍ରାଣରେ ତାଙ୍କ ଦର୍ଶନ ନିମିତ୍ତ ଆକାଙ୍‌କ୍ଷା ଜାଗ୍ରତ ହେଲେ ସେ ତାଙ୍କୁ ଅନ୍ତରରେ ଉପଲବ୍ଧି କରି ଧନ୍ୟ ହୋଇପାରିବେ । ତାଙ୍କ ଦର୍ଶନ ଲାଭର ସୌଭାଗ୍ୟ ଲାଭ କରିବା ପୂର୍ବରୁ ପ୍ରତ୍ୟେକ ଭକ୍ତଙ୍କୁ ତାଙ୍କ ନିର୍ଦ୍ଦେଶିତ ପଥରେ ଗତି କରି ତାଙ୍କ ନାମ-ରୂପର ଆଶ୍ରୟ ଗ୍ରହଣପୂର୍ବକ ଭଗବତ୍ ପ୍ରସଙ୍ଗ ଆଲୋଚନା ନିମିତ୍ତ ତାଙ୍କ ପ୍ରତିଷ୍ଠିତ ସଂଘ ଆଶ୍ରୟରେ ସଂଘ ସେବାରେ ବ୍ରତୀ ହେବାକୁ ପଡ଼ିବ । ସେହି ସଦ୍‌ଗୁରୁଙ୍କୁ ହୃଦୟାସନ ପ୍ରଦାନପୂର୍ବକ ତାଙ୍କ ନାମ ନେଇ ତାଙ୍କ ଉପଦେଶ-ବାଣୀ ଅବଲମ୍ବନରେ ଭକ୍ତମାନେ ଆଦର୍ଶ ଗୃହସ୍ଥ ଜୀବନଯାପନ କରି ଏବଂ ତାଙ୍କ ଭକ୍ତମାନଙ୍କ ସେବା ନିମିତ୍ତ ସଂଘରେ ଯୋଗଦାନପୂର୍ବକ ଭବବନ୍ଧନମୟ ଅର୍ଥାତ୍ ଭଗବତ୍ ପ୍ରସଙ୍ଗ ଆଲୋଚନା କରିବା ବିଧେୟ । ସଦ୍‌ଗୁରୁଙ୍କ ଉପାସନା ଅର୍ଥାତ୍ ତାଙ୍କ ପ୍ରଦତ୍ତ ସିଦ୍ଧମନ୍ତ୍ରର ଜପ, ଧ୍ୟାନ ଏବଂ ତାଙ୍କ ଶ୍ରୀମୂର୍ତ୍ତିଙ୍କ ନିକଟରେ ପ୍ରାର୍ଥନା କଲେ, ଭକ୍ତମାନେ ଆଜି ମଧ୍ୟ ତାଙ୍କର କୃପାଲାଭ କରିବାକୁ ସମର୍ଥ ହୋଇପାରିବେ ।

ପାଠକମାନଙ୍କୁ ପୁନରାୟ ସ୍ମରଣ କରିବାକୁ ହେବ ଯେ, ସଦ୍‌ଗୁରୁଙ୍କ ଶକ୍ତି ବର୍ତ୍ତମାନ ସୁଦ୍ଧା ସମସ୍ତଙ୍କ ମଧ୍ୟରେ ସର୍ବଦା କାର୍ଯ୍ୟ କରୁଅଛି । ଯେ କୌଣସି ପ୍ରକାରରେ ତାଙ୍କର ସ୍ମରଣ-ମନନ ଓ ସ୍ତୁତିରକ୍ଷା କରିପାରିଲେ, ତାଙ୍କ ଦିବ୍ୟଜୀବନ ପ୍ରସଙ୍ଗ ଆଲୋଚନା ଓ ତାଙ୍କ ଶ୍ରୀଚରଣରେ ଆତ୍ମ-ନିବେଦନ କରିପାରିଲେ ଏବଂ ତାଙ୍କୁ ଟିକିଏ ସୁଖ ପାଇ ନିଜର ବୋଲି ଜ୍ଞାନ କଲେ ତାଙ୍କର ଶକ୍ତି ଅଲକ୍ଷିତ ଭାବରେ ସାଧକ ଭକ୍ତଙ୍କ ମଧ୍ୟରେ ସଞ୍ଚାରିତ ହୋଇ ସାଧକ ଭକ୍ତଙ୍କୁ ଦିବ୍ୟଜୀବନ ଲାଭ ପଥରେ ଅଗ୍ରସର କରାଇ ନେଇ ତାଙ୍କୁ ସବୁ ପ୍ରକାରରେ ରକ୍ଷା କରିଥାଏ । ଯେ ଯେଉଁ ଧର୍ମରେ ବା ଯେଉଁ ପନ୍ଥାରେ ଦୀକ୍ଷା ଗ୍ରହଣ କରିଥିଲେ ମଧ୍ୟ ସେ ସେହି ଧର୍ମ ଓ ତନ୍ତ୍ର ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ କର୍ମରେ ନିଷ୍ଠାଯୁକ୍ତ ରହି ମଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଦର୍ଶିତ ପଥରେ ଅଗ୍ରସର ହୋଇପାରିବେ । ପାଠକମାନେ ତାଙ୍କର ପ୍ରକୃତ ପରିଚୟ ଅବଗତ ହୋଇ ତାଙ୍କୁ ଭଗବତ୍ ଭାବରେ ସୁଖ ପାଇପାରିଲେ, ପରାମୁକ୍ତିର ଅଧିକାରୀ ହେବେ ବୋଲି ସେ ସ୍ପଷ୍ଟଭାବରେ କହିଛନ୍ତି । ଦେଶବାସୀ ତାଙ୍କ ବିଷୟ ଅବଗତ ହୋଇ ତାଙ୍କୁ 'ଗୁରୁ-ଭଗବାନ' ଭାବରେ ହୃଦୟାସନ ପ୍ରଦାନ-ପୂର୍ବକ ତାଙ୍କର ମହାପ୍ରେମସାଗରରେ ଅବଗାହନ କରି ଜନ୍ମଜନ୍ମାନ୍ତରରେ ପାପତାପ, କଳୁଷକାଳିମାରୁ ମୁକ୍ତିଲାଭ କରନ୍ତୁ, ଏହା ହିଁ ଶ୍ରୀଗୁରୁଦେବଙ୍କ ଶ୍ରୀଚରଣରେ ଐକାନ୍ତିକ ପ୍ରାର୍ଥନା ।

ଶ୍ରୀ ଶ୍ରୀ ଠାକୁର ତାଙ୍କ ଶିଷ୍ୟ-ଭକ୍ତ ଏବଂ ସାଧାରଣଙ୍କୁ ଶ୍ରୀଗୁରୁଭଗବାନଙ୍କ ଉପରେ ବିଶ୍ୱାସ ନିର୍ଭରତା ରଖି ତାଙ୍କୁ ସର୍ବସ୍ୱ ସମର୍ପଣପୂର୍ବକ ତାଙ୍କ ନାମ-ରୂପର ସ୍ମରଣ-ମନନ କରିବାକୁ ଉପଦେଶ ଦେଇଛନ୍ତି । ସେ କହିଛନ୍ତି— "ସୁଖରେ, ଦୁଃଖରେ, ସମ୍ପଦରେ, ବିପଦରେ ସର୍ବାବସ୍ଥାରେ ଭଗବାନଙ୍କର ଜୟଗାନ କର । ସାଧନ ଭଜନ କରିବାକୁ ଅକ୍ଷମ ହେଲେ ମଧ୍ୟ ସ୍ମରଣ-ମନନ ତ୍ୟାଗ କର ନାହିଁ । ✳

ସେ କହିଛନ୍ତି—"ତୁମେମାନେ ପ୍ରେମର ସଂସାର ସ୍ଥାପନ କର । ଯେପରି ମନେଥାଏ 'ଗୃହସଂସାର ସବୁ ଠାକୁରଙ୍କର ଏବଂ ପ୍ରତ୍ୟେକ କାର୍ଯ୍ୟ ତାଙ୍କର ଉଦ୍ଦେଶ୍ୟରେ ଅନୁଷ୍ଠିତ ହେଉଅଛି । ତୁମେମାନେ ତାଙ୍କ ସଂସାରର ଜଣେ

✳ 'ଆର୍ଯ୍ୟ-ଦର୍ପଣ'—୧୩୪୭ ସାଲ, ୩୧୩ ପୃଷ୍ଠା ଦ୍ରଷ୍ଟବ୍ୟ ।

ଜଣେ ସେବକ ଭାବରେ ତାଙ୍କ କଥା ଭାବି କର୍ତ୍ତବ୍ୟକର୍ମ କରିଯାଅ । ସେଥିନିମିତ୍ତ କେବଳ ଉତ୍ସାହ, ଧୈର୍ଯ୍ୟ ଓ ପୂର୍ଣ୍ଣପ୍ରାଣରେ ତାଙ୍କ ବିଦ୍ୟମାନ-ତାରେ ବିଶ୍ୱାସ ଆବଶ୍ୟକ ।"

ଋଷିଯୁଗ ବା ପ୍ରାଚୀନ ଯୁଗର ପୁନଃପ୍ରବର୍ତ୍ତନ ଥିଲା ଶ୍ରୀ ଶ୍ରୀ ଠାକୁରଙ୍କର ଆନ୍ତରିକ ଇଚ୍ଛା । ସେ ତାଙ୍କ ଆଶ୍ରିତ ସନ୍ତାନମାନଙ୍କୁ ଭଗବତ୍ ଦୃଷ୍ଟିରେ ଦେଖି ଉପଦେଶ ଦାନ କରୁଥିଲେ ଏବଂ ଜଡ଼ବସ୍ତୁର ଅନ୍ତରାଳରେ ଚିର-ସୁନ୍ଦରଙ୍କୁ ପ୍ରତ୍ୟକ୍ଷ କରି ଆତ୍ମହରା ହୋଇଯାଉଥିଲେ । ଜଡ଼ବସ୍ତୁକୁ ସେ ଚୈତନ୍ୟଙ୍କର ଘନୀଭୂତବିଗ୍ରହ ବୋଲି ଜ୍ଞାନ କରୁଥିଲେ । ତେଣୁ ତାଙ୍କର ବାଣୀ ମହାମନ୍ତ୍ରସଦୃଶ ଅମୋଘ ଶକ୍ତିଶାଳୀ ଥିଲା । ତେଣୁ ବର୍ତ୍ତମାନ ମଧ୍ୟ ତାଙ୍କର ବାଣୀ ଭକ୍ତମାନଙ୍କ ପ୍ରାଣରେ ପ୍ରାଣବନ୍ତ ହୋଇ ଫୁଟି ଉଠିଛି ।

ବୈଦିକଯୁଗର ସନାତନ ଭାବଧାରା ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନରେ ମୂର୍ତ୍ତ ରୂପ ପରିଗ୍ରହ କରିଥିଲା । ସେ ପ୍ରାଥମିକ ଜୀବନରେ ସହଧର୍ମିଣୀଙ୍କୁ ନେଇ ସଂସାର କରିବା ସମୟରେ ମଧ୍ୟ ତାଙ୍କ ନରବିଗ୍ରହରେ ମହା-ମାହେଶ୍ୱରୀଙ୍କୁ ପ୍ରତ୍ୟକ୍ଷ କରିପାରୁଥିଲେ । ତାଙ୍କର ଭକ୍ତମାନେ ତାଙ୍କ ଜୀବନ୍ତ ଚିନ୍ମୟ ନିରାକାର ପରଂବ୍ରହ୍ମ ସ୍ୱରୂପରେ ଦର୍ଶନ କରି, ତାଙ୍କୁ ହିଁ କର୍ତ୍ତାଭାବରେ ବରଣ କରି ତାଙ୍କ ପ୍ରତିନିଧି ଭାବରେ ସଂସାରକର୍ମ ସମ୍ପନ୍ନ କଲେ, ସେହି ଆଦର୍ଶ ସଂସାରରେ ଚିନ୍ମୟ ନିରାକାର ପରଂବ୍ରହ୍ମ ନରାକାର ଶ୍ରୀଗୁରୁଭଗବାନ ମୂର୍ତ୍ତିରେ ଭକ୍ତମାନଙ୍କ ହୃଦୟରେ ଆବିର୍ଭୂତ ହୋଇ କିଭଳି ଦିବ୍ୟ ଲୀଳାବିଳାସ କରିଥାନ୍ତି, ତାହା ଏହି ପୁସ୍ତକରେ ବର୍ଣ୍ଣିତ ହୋଇଅଛି । ସେହିଭଳି ବିଶ୍ୱାସୀ ଭକ୍ତମାନଙ୍କୁ ନେଇ ଶ୍ରୀ ଶ୍ରୀ ଠାକୁର ସଂଘଶକ୍ତିର ପ୍ରତିଷ୍ଠା କରିବାକୁ ଆଦେଶ ଦେଇ ୧୯୩୪ ମସିହା ଝୁଲଣ ପୂର୍ଣ୍ଣିମା ଦିନ 'ନୀଳାଚଳ ସାରସ୍ୱତ ସଂଘ' ପ୍ରତିଷ୍ଠା କରି ଉତ୍କଳରେ ତଦୀୟ ଭାବଧାରା ପ୍ରଚାର କରିବାକୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଅନ୍ତରରେ ଓ ବାହାରେ ସତ୍ୟ-ସ୍ୱରୂପ ଶ୍ରୀ ଶ୍ରୀ ଠାକୁର ଶ୍ରୀଗୁରୁଭଗବାନଙ୍କ ଆସନ ପ୍ରତିଷ୍ଠା କରି ଯଥାରୀତି ପୂଜା କରିବାକୁ ଆଦେଶ ଦେଇଛନ୍ତି । ସତ୍ୟର ଆସନ ପ୍ରତିଷ୍ଠା ବ୍ୟତୀତ ଋଷି ଯୁଗର ପୁନଃପ୍ରବର୍ତ୍ତନ ସମ୍ଭବପର ନୁହେଁ । ଶ୍ରୀଗୁରୁଦେବଙ୍କ ଧ୍ୟାନ ଓ ତାଙ୍କ ଶ୍ରୀନାମର ସ୍ମରଣ-ମନନ ଫଳରେ ହିଁ ଅନ୍ତର ମଧ୍ୟରେ ଏହି ସିଦ୍ଧଚେତନାର

ଉନ୍ମେଷ ହୋଇ ପାରିବ । ସିଦ୍ଧଦୃଷ୍ଟି ବା ଦିବ୍ୟଦୃଷ୍ଟି ଖୋଲିଗଲେ ଏହି ଦେହରେ, ଏହି ଜଗତରେ ଶ୍ରୀଗୁରୁଦେବ ଜ୍ଞାନଘନ ବିଗ୍ରହରୂପରେ ଦର୍ଶନ ଦାନ କରିବେ । ଏହି ଭାବକୁ ଦୃଢ଼ବିଶ୍ୱାସ କରି ଭକ୍ତମାନେ ତାଙ୍କ ନିର୍ଦ୍ଦେଶିତ ମତ-ପଥରେ ଅଗ୍ରସର ହେବା ଆବଶ୍ୟକ ।

ଶ୍ରୀ ଶ୍ରୀ ଠାକୁର ତାଙ୍କ ଜୀବନ ଦର୍ଶନ ଓ ସାଧନ ପଦ୍ଧତିକୁ ତାଙ୍କ ଲିଖିତ ପାଣ୍ଡୁଲିପି ପୁସ୍ତକରେ ଲିପିବଦ୍ଧ କରିଛନ୍ତି ଏବଂ ସାଧାରଣଙ୍କୁ ତାଙ୍କ ଅନୁଶାସନ ମାନି ଚଳିବାକୁ ଉପଦେଶ ଦେଇଛନ୍ତି । ଶ୍ରୀ ଶ୍ରୀ ଠାକୁର ପ୍ରଥମେ ତନ୍ତ୍ରପଥରେ ସାଧନା କରି ଶ୍ରୀଭଗବାନଙ୍କୁ ସ୍ଥୂଳରୂପରେ ପାଇବା ପରେ ସେଥିରେ ତୃପ୍ତ ନ ହୋଇ ସୂକ୍ଷ୍ମଭାବରେ ଅନ୍ତରରେ ଉପଲବ୍‌ଧି କରିବା ନିମିତ୍ତ ଜ୍ଞାନ ଯୋଗ ସାଧନାରେ ବ୍ରତୀ ହୋଇଥିଲେ । ପରେ ପ୍ରେମପଥ ଅବଲମ୍ବନ କରି ସାଧାରଣଙ୍କ ମଧ୍ୟରେ ସେହି ପ୍ରେମ ଲାଭର ପଥ ପ୍ରଦର୍ଶନ କରିଥିଲେ । ସେ ଦିନେ କହିଲେ —"ମୁଁ ଭଗବାନଙ୍କୁ ପାଇବା ନିମିତ୍ତ ସାଧନା କରି ନ ଥିଲି । ମୁଁ ମୃଣ୍ମୟୀଙ୍କୁ ଖୋଜିବାକୁ ଯାଇ ଚିନ୍ମୟୀଙ୍କୁ ଲାଭ କଲି । ସାଧନପଥରେ ମୋର ଅନ୍ୟ କିଛି ସମ୍ବଳ ନ ଥିଲା । ଥିଲା କେବଳ ସଂଯମ, ସତ୍ୟନିଷ୍ଠା ଓ ଭଗବାନଙ୍କୁ ସୁଖ ପାଇବା ।

ପ୍ରଥମେ ଶ୍ରୀ ଶ୍ରୀ ଠାକୁର ତନ୍ତ୍ର ମତରେ ସାଧନ କରିଥିଲେ । ସେହି ସାଧନ ଇହଜୀବନରେ ତୃପ୍ତି ଦେଇପାରେ । କିନ୍ତୁ ଯେତେବେଳେ ଜୀବନ ଉପରେ ମରଣର ଘନକୃଷ୍ଣ ଯବନିକାପାତ ହେବ ସେତେବେଳେ ସେହି ଯବନିକା ଭେଦକରି ତାହାର ଅନ୍ତରାଳରେ କିଭଳି ଚିନ୍ମୟ ସତ୍ତା ବିରାଜିତ, ଶ୍ରୀ ଶ୍ରୀ ଠାକୁର ସେହି ତତ୍ତ୍ୱର ଅନୁସନ୍ଧାନ ନିମିତ୍ତ ଜ୍ଞାନସାଧନାରେ ବ୍ରତୀ ହୋଇଥିଲେ । ଇଷ୍ଟଙ୍କୁ ସ୍ଥୂଳମୂର୍ତ୍ତିରେ ଦର୍ଶନ କରିବାକୁ ହେଲେ ତନ୍ତ୍ର ବ୍ୟତୀତ ଅନ୍ୟ ପଥ ନାହିଁ । ସେହିପଥରେ ଅମିତ ପୁରୁଷକାର ଶକ୍ତିର ପ୍ରୟୋଜନ । ଭଗବାନ ତାଙ୍କୁ ସ୍ଥୂଳଭାବରେ ଦର୍ଶନ ଦାନ କରିବା ନିମିତ୍ତ ପ୍ରଥମେ ସେହି ପଥରେ ଅଗ୍ରସର କରାଇନେଲେ । ଗୋଟିଏ ତତ୍ତ୍ୱକୁ ବ୍ରହ୍ମ, ଆତ୍ମା ଓ ଭଗବାନ ରୂପରେ ଅନୁଭବ କରିବା ନିମିତ୍ତ ଶ୍ରୀ ଶ୍ରୀ ଠାକୁର ଭଗବାନଙ୍କୁ ଲାଭ କରି ମଧ୍ୟ ସାଧନଭଜନରେ ପ୍ରବୃତ୍ତ ହୋଇଥିଲେ । ଶ୍ରୀ ଶ୍ରୀ ଠାକୁର ବ୍ରହ୍ମଙ୍କୁ ଜାଣିଥିବାରୁ ଜ୍ଞାନୀ, ପରମାତ୍ମାଙ୍କୁ ଅନ୍ତରରେ

ଉପଲବ୍ଧି କରିପାରୁଥିବାରୁ ଯୋଗୀ ଏବଂ ପ୍ରେମପଥରେ ଶ୍ରୀ ଭଗବାନଙ୍କୁ ଆସ୍ୱାଦନ କରିଥିବାରୁ ସେ ପ୍ରେମିକ । ଉପରୋକ୍ତ ସ୍ଥିତିତ୍ୱରେ ପ୍ରତିଷ୍ଠିତ ଥାଇ ଜୀବ ଉଦ୍ଧାର କାର୍ଯ୍ୟରେ ବ୍ରତୀ ଥିବାରୁ ସେ 'ଏକମାତ୍ର ଗୁରୁ ।' ଏହି ଭାବରେ ତାଙ୍କର ରୂପପ୍ରାପ୍ତିର ସାଧନା ଅରୂପ ମଧ୍ୟ ଦେଇ ପୁଣି ଯେତେବେଳେ ସ୍ୱରୂପକୁ ଖସି ଆସିଲା, ସେତେବେଳେ ସେ ହେଲେ ସ୍ୱରୂପରେ ପ୍ରତିଷ୍ଠିତ । ପ୍ରଥମେ ଶ୍ରୀ ଶ୍ରୀ ଠାକୁରଙ୍କ ଇଷ୍ଟଦେବୀ ଥିଲେ ସୁରୂପା, ପରେ ଜ୍ଞାନ ସାଧନାରେ ହେଲେ ଅରୂପା ଏବଂ ପ୍ରେମରେ ସେ 'ଅପରୂପା' ହୋଇ ତାଙ୍କୁ ଦର୍ଶନ ଦାନ କରିଥିଲେ । * ଶ୍ରୀ ଶ୍ରୀ ଠାକୁରଙ୍କ ସାଧନ ଜୀବନର ବୈଶିଷ୍ଟ୍ୟ କିପରି ଥିଲା, ପାଠକମାନେ ତାଙ୍କ 'ଜୀବନୀ' ପାଠ କଲେ ସହଜରେ ତାହା ହୃଦୟଙ୍ଗମ କରିପାରିବେ ।

ପରିଶେଷରେ ପାଠକମାନଙ୍କୁ ନିବେଦନ, ସେମାନେ ନିଜ ହୃଦୟାସନରେ ଶ୍ରୀ ଶ୍ରୀ ଠାକୁରଙ୍କୁ ଉପବେଶନ କରାଇ ତାଙ୍କ ଭାବଧାରା ଓ ଜୀବନୀବାଣୀର ଆଲୋଚନା କଲେ ସେମାନଙ୍କ ଜୀବନ ସାର୍ଥକ ହୋଇଯିବ ।

ପିତା ମାତା ସ୍ଥୂଳଦେହର ଜନକ-ଜନନୀ । କିନ୍ତୁ ଶ୍ରୀଗୁରୁଦେବ ଜ୍ଞାନ ଶକ୍ତି ପ୍ରଦାନ କଲେ ଶିଷ୍ୟର ଯେଉଁ ଦ୍ୱିଜ ଜନ୍ମ ଲାଭ ହୁଏ, ସେ ସେହି ସୂକ୍ଷ୍ମ-ଦେହର ଜନକଜନନୀ ସଦୃଶ । ତେଣୁ ଜ୍ଞାନାର୍ଜ୍ଜନର ଅପର ନାମ 'ଦୀକ୍ଷା' । ଶ୍ରୀଗୁରୁଦେବଙ୍କୁ ପ୍ରସନ୍ନ କରି ବିଦ୍ୟା ଗ୍ରହଣ କଲେ ସେହି ବିଦ୍ୟା ବୀର୍ଯ୍ୟବତୀ ହୁଏ । ତେଣୁ ଶ୍ରୀଗୁରୁଦେବଙ୍କୁ 'ପ୍ରଣିପାତ, ପରିପ୍ରଶ୍ନ ଓ ସେବା' ସାହାଯ୍ୟରେ ସନ୍ତୁଷ୍ଟ କରି ଜ୍ଞାନ ଲାଭ କରିବା କର୍ତ୍ତବ୍ୟ । ଶ୍ରୀଗୁରୁଦେବଙ୍କ ଋଣ ଅପରିଶୋଧନୀୟ । ଏହା ସ୍ମରଣ କରି ସାଧକ ଭକ୍ତମାନେ ତାଙ୍କରି ସ୍ମରଣ, ମନନ, ଭଜନ, ପୂଜନ, ଚିନ୍ତନ ଏବଂ ଧ୍ୟାନରେ ତନ୍ମୟ ହେଲେ ସେ ଦର୍ଶନ ଦାନ କରି କୃତାର୍ଥ କରିବେ ।

ପାଠକମାନଙ୍କର ସ୍ମରଣ ରଖିବା ଉଚିତ ଯେ, ଜଡ଼ଦେହର ବିନାଶ ଅଛି; କିନ୍ତୁ ନିଜ ସଦ୍‌ଗୁରୁଙ୍କ ଦେହ ଦେହୀ ଅଭିନ୍ନ । ତେଣୁ ତାଙ୍କର ବା ଆତ୍ମଚୈତନ୍ୟଙ୍କର ବିନାଶ ନାହିଁ । ସେହି ଆତ୍ମସ୍ୱରୂପଙ୍କୁ ଉପଲବ୍ଧି କରିବା

* ଶ୍ରୀଯୁକ୍ତ ଅନିର୍ବାଣଙ୍କ ଲିଖିତ ଭୂମିକା ଅବଲମ୍ବନରେ ଲିଖିତ ।

ନିମିତ୍ତ ସାଧନ ଭଜନର ଅବଲମ୍ବନ । ତାଙ୍କ ସହିତ ଯୋଗାଯୋଗ ସ୍ଥାପନ ନିମିତ୍ତ ସଂଘ ଆସନ ମନ୍ଦିରର ପ୍ରତିଷ୍ଠା । ତାଙ୍କର ସ୍ମରଣ-ମନନ ନିମିତ୍ତ ନିତ୍ୟ କ୍ରିୟାନୁଷ୍ଠାନ । ତେଣୁ ଆଜି ଶୁଭଦିନରେ ସେହି ପରମପିତା ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣତଳରେ ଶତ ଶତ ପ୍ରଣିପାତପୂର୍ବକ ପାଠକମାନଙ୍କ ନିକଟରୁ ବିଦାୟ ଗ୍ରହଣ କରୁଅଛୁଁ ।

ଯେଉଁ ମହାପୁରୁଷଙ୍କ ଜୀବନୀ ଓ ବାଣୀକୁ ଅବଲମ୍ବନ କରି ଏହି ପୁସ୍ତକର ଅବତାରଣା, ସେହି ମହାପୁରୁଷ ଥିଲେ ତତ୍ତ୍ୱଜ୍ଞାନର ଘନୀଭୂତ ମୂର୍ତ୍ତି । ସନ ୧୯୩୦ ମସିହା ମାର୍ଚ୍ଚ ମାସ ତା ୨୦ ରିଖ ଗୁରୁବାର ଦିନ ମୋ ସହିତ ତାଙ୍କର ପୁରୀ ନୀଳାଚଳ କୁଟୀରରେ ପ୍ରଥମ ସାକ୍ଷାତ ହୋଇ-ଥିଲି । ପ୍ରଥମ ଦର୍ଶନରେ ମନେ ହେଲା, କର୍ପୂର ଧବଳମୂର୍ତ୍ତିରେ ସାକ୍ଷାତ ଶିବ ଯେପରି ନିଶ୍ଚଳ ଭାବରେ ଉପବିଷ୍ଟ । ମନେ ହେଲା ଦିବ୍ୟ ଚେତନା ଯେପରି ମାନବ ବିଗ୍ରହ ମଧ୍ୟରେ ପ୍ରସ୍ଫୁଟିତ ତାଙ୍କ ଦେହରୁ ପଦ୍ମଗନ୍ଧ ଭଳି ସୌରଭ ବହିର୍ଗତ ହେଉଥିଲା । ପଦତଳ ଦୁଇଟି ଯେପରି ବିକଶିତ ରକ୍ତ ପଦ୍ମପରି ଶୋଭାମୟ । ଦେହର ବର୍ଣ୍ଣ ଉଜ୍ଜ୍ୱଳ । ମୂର୍ତ୍ତି ଭାବଗମ୍ଭୀର । ଦୃଷ୍ଟି କରୁଣାପୂର୍ଣ୍ଣ ଏବଂ ରକ୍ତିମ ଅଧରରେ ସ୍ମିତହାସ୍ୟବିମଣ୍ଡିତ । ତାଙ୍କର କଣ୍ଠ ସ୍ୱର ଯେପରି ସୁମିଷ୍ଟ ସେହିପରି ମଧୁର । ସେହି ସ୍ୱର ସ୍ନେହ କରୁଣା-ପୂର୍ଣ୍ଣ ଓ ଆଶୀର୍ବାଦବ୍ୟଞ୍ଜକ । ୧୯୩୦ ମସିହାଠାରୁ ୧୯୩୫ ମସିହା ପର୍ଯ୍ୟନ୍ତ ସେ ଯେତେବେଳେ ପୁରୀରେ ଅବସ୍ଥାନ କରନ୍ତି, ସେତେବେଳେ ଅଧିକାଂଶ ସମୟ ତାଙ୍କର ସଙ୍ଗ ସୁଖ ଲାଭର ସୌଭାଗ୍ୟ ଲାଭ କରି ଯେଉଁ ସବୁ ଦିବ୍ୟ ଅନୁଭୂତି ତାଙ୍କ ସମ୍ବନ୍ଧରେ ଲାଭ କରିଛି, ସେଥିମଧ୍ୟରୁ କିୟଦଂଶ ଏହି ପୁସ୍ତକରେ ସନ୍ନିବେଶିତ କରିଅଛି ଏବଂ ମୋ ଦୃଷ୍ଟିରେ ସେ କିପରି ଥିଲେ ତାହା ମଧ୍ୟ 'ନୀଳାଚଳ ବାଣୀ' ପୁସ୍ତକରେ ପ୍ରକାଶିତ ହୋଇଅଛି । ସେ ସମୟରେ ସେ ନିଜେ ତାଙ୍କର ଜୀବନ ପ୍ରସଙ୍ଗ ଆମମାନଙ୍କୁ ଶୁଣାଇ-ଥିଲେ । ପରବର୍ତ୍ତୀ ଜୀବନୀ ଲେଖକମାନଙ୍କଠାରୁ ଉପାଦାନ ସଂଗ୍ରହ କରି ଏହି ପୁସ୍ତକ ସମ୍ପାଦନ କରିଯାଇଛି । ଯେଉଁସବୁ ପୁସ୍ତକରୁ ବିଷୟବସ୍ତୁ ସଂଗୃହୀତ ହୋଇଅଛି ତନ୍ମଧ୍ୟରେ ଶ୍ରୀଯୁକ୍ତ ଶିଶିର କୁମାର ବସୁଙ୍କର 'ନିଗମାନନ୍ଦ ସ୍ମୃତି', ସାରସ୍ୱତ ମଠ ପ୍ରକାଶିତ 'ଜୀବନୀ-ବାଣୀ'

ଶ୍ରୀ ଶ୍ରୀ ଠାକୁରଙ୍କ ଚଠି ଓ ତତ୍ପ୍ରଣୀତ 'ଯୋଗୀଗୁରୁ' ଗ୍ରନ୍ଥ ଏବଂ ପୁରାତନ 'ଆର୍ଯ୍ୟ-ଦର୍ପଣ' ପତ୍ରିକା ପ୍ରଭୃତି ଗ୍ରନ୍ଥ ପ୍ରଧାନ ।

ଏହି ସଂସ୍କରଣରେ କେତେକ ସ୍ଥାନରେ ପରିବର୍ତ୍ତନ, ପରିବର୍ଦ୍ଧନ ଓ ନୂତନ ଭାବରେ କେତେକ ତଥ୍ୟ ଯୋଗ କରାଯାଇଛି । ବିଶେଷତଃ, ଶ୍ରୀ ଶ୍ରୀ ଠାକୁରଙ୍କର ପୁସ୍ତରେ ଦୈନନ୍ଦିନ ଜୀବନର ତାଲିକା ଓ କେତେକ ସ୍ଥଳରେ ସଂଶୋଧନ କାର୍ଯ୍ୟ ଶ୍ରୀଯୁକ୍ତା ନାରାୟଣୀ ଦେବୀ ଅସୁସ୍ଥା ଅବସ୍ଥାରେ ମଧ୍ୟ ସମ୍ପାଦନ କରିଥିବାରୁ ଆମେମାନେ ତାଙ୍କ ନିକଟରେ କୃତଜ୍ଞ ।

ଏହି ଗ୍ରନ୍ଥର ପୁନଃପ୍ରକାଶନରେ ଯେଉଁମାନେ ସାହାଯ୍ୟ ସହାନୁଭୂତି ପ୍ରଦର୍ଶନ କରିଛନ୍ତି, ସେମାନଙ୍କ ମଧ୍ୟରେ ମୁଦ୍ରଣ ପାଇଁ ଗୁରୁପ୍ରସନ୍ନ ପ୍ରେସର କର୍ମଚାରୀ ବୃନ୍ଦ ଓ ପ୍ରୁଫ୍ ସଂଶୋଧନ ପାଇଁ ଶ୍ରୀଯୁକ୍ତ କୈଳାସଚନ୍ଦ୍ର ମହାପାତ୍ର ପ୍ରଧାନ । ସାରସ୍ୱତ ସଂଘ ସେମାନଙ୍କ ନିକଟରେ ଋଣୀ । ଅତି ଅଳ୍ପ ସମୟ ମଧ୍ୟରେ ଏହାର ପୁନର୍ମୁଦ୍ରଣ କାର୍ଯ୍ୟ ସମ୍ପନ୍ନ ହୋଇଥିବାରୁ ଭୁଲ୍ ପ୍ରମାଦ ଅବଶ୍ୟମ୍ଭାବୀ ।

ପାଠକମାନେ ଦୋଷାଂଶ ପରିହାରପୂର୍ବକ ମହାପୁରୁଷଙ୍କ ବାଣୀରେ ଉଦ୍‌ବୁଦ୍ଧ ହେଲେ ଶ୍ରମ ସାର୍ଥକ ଜ୍ଞାନ କରିବୁଁ ।

ଜୟଗୁରୁ

ଶୁକ୍ରବାର
ମାଘ ପୂର୍ଣ୍ଣିମା
ତା ୪ । ୨ । ୧୯୭୭

ସମ୍ପାଦକ

ଶ୍ରୀ ଦୁର୍ଗାଚରଣ ମହାନ୍ତି

ଜୟଗୁରୁ

# ଷଷ୍ଠ ସଂସ୍କରଣର ମୁଖବନ୍ଧ

ପରମାରାଧ୍ୟ ଶ୍ରୀ ଶ୍ରୀ ଗୁରୁଦେବଙ୍କ ଅହେତୁକୀ କୃପାରୁ "ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ" ପୁସ୍ତକର ଷଷ୍ଠ ସଂସ୍କରଣ ବିଶେଷ ପରିସ୍ଥିତିରେ ପ୍ରକାଶ କରିବାକୁ ହେଲା । ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ଜୀବନୀ ଯେପରି ସବୁ ଦିଗରୁ ଆଧ୍ୟାତ୍ମିକ ସାଧକମାନଙ୍କ ପକ୍ଷରେ ଆଦର୍ଶ ଓ ଶିକ୍ଷାପ୍ରଦ, ସେହିପରି ବହୁ ରୋମାଞ୍ଚକର ଉଦ୍ଦୀପନାମୟୀ ଘଟଣାବଳୀରେ ପରିପୂର୍ଣ୍ଣ । ବ୍ୟାସଦେବଙ୍କ ତୁଲ୍ୟ ଭାଗବତୀ ଚେତନାରେ ଉଦବୁଦ୍ଧ ପରମତପସ୍ୱୀ ନହେଲେ, ଯେପରି ଦ୍ୱାପରଯୁଗର ଶେଷ ପାଦରେ ଅବତୀର୍ଣ୍ଣ ଶ୍ରୀକୃଷ୍ଣଙ୍କୁ ମାନବ ସମାଜରେ ପୂର୍ଣ୍ଣ ଭଗବାନ ରୂପେ ଉପସ୍ଥାପନ କରିବା ସମ୍ଭବ ନ ଥିଲା, ସେହିପରି ଶ୍ରୀ ଶ୍ରୀଠାକୁର ମହାରାଜଙ୍କ ଭଳି ସାଧନ ଜଗତର ତୁଙ୍ଗ ଶିଖରାରୂଢ଼ ବିରଳ ବ୍ୟକ୍ତିତ୍ୱକୁ ଆଧୁନିକ ଜନ ସମାଜରେ ହୃଦୟଗ୍ରାହୀ ଭାବରେ ପ୍ରକାଶିତ କରିବା ପାଇଁ ତାଙ୍କର ମହିମାମୟ ଗୁରୁଶକ୍ତିଙ୍କ ଅସୀମ କୃପା ଓ ଆଶୀର୍ବାଦର ଏକାନ୍ତ ଆବଶ୍ୟକତା ଅବଶ୍ୟ ସ୍ୱୀକାର କରିବାକୁ ହେବ । ନୀଳାଚଳ ସାରସ୍ୱତ ସଂଘର ଆଦ୍ୟ ଜୀବନରେ ସେହି ଗୁରୁଶକ୍ତିଙ୍କ ଅପାର କୃପା ଆମର ପରମ ଶ୍ରଦ୍ଧେୟ ଶ୍ରୀଯୁକ୍ତ ଦୁର୍ଗାଚରଣ ଭାଇଙ୍କ ମାଧ୍ୟମରେ କ୍ରିୟାଶୀଳ ହୋଇ ଏହି ଅନବଦ୍ୟ ପୁସ୍ତକଟିର ରଚନାରେ ପ୍ରକାଶିତ ହୋଇଛି ଓ ଉତ୍କଳୀୟ ଭକ୍ତସମାଜକୁ ଅନୁଗୃହୀତ କରିଛି । ଏହି ପୁସ୍ତକଟିର ପ୍ରକାଶନ ପରେ ଉତ୍କଳର ସୁଧୀ ସମାଜରେ ଏହା ଯେପରି ସମାଦର ଲାଭ କରିଛି, ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରାର ପ୍ରସାର ଦିଗରେ ମଧ୍ୟ ସେହିପରି ସଂଘକୁ ଅଭୂତପୂର୍ବ ଅଭିବୃଦ୍ଧି ଆଣି ଦେଇଛି ।

ଏ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁରଙ୍କ ଅଦୃଶ୍ୟ ହସ୍ତ କିପରି ଆମମାନଙ୍କୁ ପଦେ ପଦେ ସାହାଯ୍ୟ କରିଛି, ତାର ସୂଚନା ଅନ୍ୟତ୍ର ପ୍ରକାଶିତ ହୋଇଥିଲେ ମଧ୍ୟ ଏଠାରେ ତାର ଏକ ବିସ୍ତୃତ ବିବରଣ ଲିପିବଦ୍ଧ କରି ରଖିବା ଆବଶ୍ୟକ ମନେ

କରୁଛି । କାରଣ ଆମ ସଂଘର ପୁସ୍ତକ ପ୍ରକାଶନ ବିଭାଗ ସହିତ ମୂଳରୁ ମୁଁ ଘନିଷ୍ଠ ଭାବେ ସମ୍ପୃକ୍ତ ଥାଇ ସମସ୍ତ ବିଷୟ ଜାଣିଛି । ତେଣୁ କ୍ରମରେ ଏହି ପୁସ୍ତକ କିପରି ଲୋକଲୋଚନକୁ ଆସିଲା, ତାର ଏକ ଇତିବୃତ୍ତି ଦେଉଛି ।

## ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ପୁସ୍ତକର ଇତିବୃତ୍ତି

୧୯୪୨ ମସିହା କଥା । ସେତେବେଳେ ଜାପାନ ମିତ୍ରଶକ୍ତି ବିରୁଦ୍ଧରେ ଯୁଦ୍ଧକରି, କୁଜଙ୍ଗ ନିକଟରେ ବୋମା ପକାଇ ମିତ୍ରଶକ୍ତିଙ୍କର ଯୁଦ୍ଧ ଜାହାଜ ନଷ୍ଟ କଲେ । କଟକ ସହରବାସୀ ବୋମା ପଡ଼ିବା ଭୟରେ କଟକ ଛାଡ଼ି ଛନ୍‌ଛନ ହୋଇ କିଏ କୁଆଡ଼େ ପଳାଇଲେ ଓ କଟକ ସହର ପ୍ରାୟ ଜନଶୂନ୍ୟ ହୋଇଗଲା । ସେ ସମୟରେ ମୁଁ ସମାଜ ଅଫିସରେ କାର୍ଯ୍ୟ କରୁଥିଲି । ମୁଁ ମଧ୍ୟ ଆମଘରେ ଥିବା ଠାକୁରଙ୍କର ଆସନ, ସମେତ ସମସ୍ତ ଆସବାବପତ୍ର ଏପରିକି ଚକି ଶିଳ ପ୍ରଭୃତି ଆମ୍ଭଗ୍ରାମକୁ ପଠାଇଦେଇ ଏକୁଟିଆ କଟକରେ ରହି ସମାଜ ଅଫିସରେ କାମ କରୁଥାଏ । ସଂଧ୍ୟା ହେଲେ ଅନ୍ଧାରୀକରଣ (Black-out) କରାଯାଉ-ଥିଲା । ଲୋକେ ସନ୍ଧ୍ୟାରେ ପଦାକୁ ବାହାରୁ ନଥିଲେ । ମୁଁ ମଧ୍ୟ ସମାଜ ଅଫିସ-(ଝାମଟୌଡ଼ିରେ ଥିବା ଅଫିସ)ରୁ ଆସି କାଜିବଜାରରେ ଥିବା ଆମ ଭଡ଼ାବସା ଘରେ ରହୁଥିଲି । ଏହି ସମୟରେ ଦିନେ ମୋର ଜଣେ ବନ୍ଧୁ ଆସି ପହଞ୍ଚିଲେ । ସାମାନ୍ୟ ଆଳାପ ଆଲୋଚନା ପରେ ସେ କହିଲେ "ମୋର ମନରେ ଗୋଟିଏ ଅବଶୋଷ ରହିଗଲା ।" ମୁଁ ତାଙ୍କୁ କହିଲି "ବର୍ତ୍ତମାନ ଯେଉଁ ସମୟ, ବୋମା ପଡ଼ିଲେ, ସମସ୍ତେ ମୁହୂର୍ତ୍ତକ ମଧ୍ୟରେ ଶେଷ ହୋଇଯିବା । ତୁମର ଅବଶୋଷ ଯାହା ଅଛି, ତାହା ପୂରଣ କରିଦେଇ ଯାଉନ ।" ସେ କହିଲେ, "ମୋର ଅବଶୋଷ ଆଉ କିଛି ନାହିଁ, ମୋ ପାଖରେ କେତେକ ବହି ଛାପିବା କାଗଜ ରହିଯାଇଛି । ତାହାର କିଛି ସଦୁପଯୋଗ ମୁଁ କରିପାରିଲି ନାହିଁ । ଏହାହିଁ ମୋର ଅବଶୋଷ । ଆପଣ ପରା କେଉଁ ଠାକୁରଙ୍କ ପାଖକୁ ଯାଆନ୍ତି ? ଆପଣଙ୍କର କିଛି ବହି ନାହିଁ ? ସେହି କାଗଜରେ ଛାପି ଦେଉ ନାହାନ୍ତି ?" ମୁଁ କହିଲି "ଆମର ଛାପିବା ପାଇଁ 'ଜୀବନୀ' ବହି ଅଛି । କିନ୍ତୁ କାଗଜ କିଣିବାକୁ ତ ପଇସା ନାହିଁ ?" ସେ କହିଲେ, "ମୁଁ ପଇସା ନେବି ନାହିଁ । ଆପଣ ବହି

ଛାପନ୍ତୁ ।" ମୁଁ ପଚାରିଲି, "ପରେ ଯଦି ପଇସା ମାଗିବ ?" ସେ କହିଲେ "ମୁଁ ବର୍ତ୍ତମାନ ପଇସା ମାଗୁନାହିଁ କି ପରେ ମଧ୍ୟ ମାଗିବି ନାହିଁ । ମୋର ଗୋଟିଏ ସର୍ତ୍ତ ପୂରଣ କଲେ, ମୁଁ ଆପଣଙ୍କୁ ବହି ଛାପିବା ପାଇଁ କାଗଜ ଦେବି ।" ମୁଁ ପଚାରିଲି "ସର୍ତ୍ତଟି କଣ ?" ସେ କହିଲେ "ମୁଁ କାଗଜ ଦେଲି ବୋଲି ଆପଣ ଓ ମୋ ବ୍ୟତୀତ ଆଉ କେହି ଜାଣିବେ ନାହିଁ ।" ମୁଁ କହିଲି, "ଆଉ ଜଣକୁ ଜାଣିବା ପାଇଁ ନ ଦେଲେ ତ ଚଳିବ ନାହିଁ ।" ସେ କହିଲେ, "ହେଉ, ଆମ ତିନି ଜଣଙ୍କ ବ୍ୟତୀତ ଚତୁର୍ଥ ଲୋକ ଜାଣିବେ ନାହିଁ ।"

ସେହି ସମୟରେ କାଗଜ ପାଇବାର ଆଶା ଦେଖି ମୋ ମନ ଉତ୍ଫୁଲ୍ଲ ହୋଇଗଲା । ଶୀଘ୍ର ଜୀବନୀ ବହି ଛପାଯିବ ସେଥିପାଇଁ ଦୁର୍ଗାଚରଣ ଭାଇଙ୍କ ନିକଟକୁ ଟେଲିଗ୍ରାମ୍, ଏକ୍ସପ୍ରେସ ଲେଟର୍, ରେଜେଷ୍ଟ୍ରି ଲେଟର୍ ଏସବୁ ପଠାଇଲି । ମାତ୍ର ସେତେବେଳେ ତ ଆଜିକାଲି ପରି ଡାକ ବ୍ୟବସ୍ଥା ନ ଥିଲା, ଲଞ୍ଚର୍ ସାହାଯ୍ୟରେ ଚିଠି ଟେଲିଗ୍ରାମ୍ ପ୍ରଭୃତି ଯିବାର ବ୍ୟବସ୍ଥା ଥିଲା । ସାତ ଦିନ ଲାଗି ଲଞ୍ଚର୍ ସାହାଯ୍ୟରେ ଏହି ବ୍ୟବସ୍ଥା ଚାଲୁ ହେଉଥିଲା । ସେ ସମସ୍ତ ଦୁର୍ଗାଚରଣ ଭାଇ ଏକା ଦିନକେ ପାଇ ୭ ଦିନ ପରେ ଜୀବନୀ ପୁସ୍ତକର ପାଣ୍ଡୁଲିପି ଧରି କଟକ ଆସିଲେ । "ଜୀବନୀ ପୁସ୍ତକ"ଟିର ପାଣ୍ଡୁଲିପି ପ୍ରସ୍ତୁତ ମଧ୍ୟ ଗୋଟିଏ ଅଲୌକିକ ଘଟଣା । ଠାକୁର ବିଦେଶ ହେବା ପରେ ଦୁର୍ଗାଚରଣ ଭାଇ ଆଉ ପୁରୀରେ ରହିଲେ ନାହିଁ । ସାତ ଦିନରେ ଥରେ ଆମର ଯେଉଁ ପୂଜା ହେଉଥିଲା, ତାହା ବନ୍ଦ ହୋଇଗଲା । ବର୍ଷକରେ ଥରେ ଜନ୍ମୋତ୍ସବ ସମୟରେ ପୁରୀରେ ଏକତ୍ର ସଂଘ ପୂଜା କରିବାର ବ୍ୟବସ୍ଥା ହେଲା । ଶ୍ରୀ ଶ୍ରୀ ଠାକୁର ତ କହିଯାଇଛନ୍ତି—"ମୋ କଥା ନ ପଚାରିଲେ ତାହାକୁ କହିବନି ।" ତାହା ଠାକୁର କପରି କାର୍ଯ୍ୟକାରୀ କରାଇଲେ ତାହା ମଧ୍ୟ ଜାଣିବାର ବିଷୟ । ପୁରୀ ଜିଲ୍ଲାର ଗୋପ ଅଞ୍ଚଳରେ ବନ୍ୟାର ପ୍ରକୋପ ହୋଇଥାଏ । ଦେଶୀ ଡଙ୍ଗାରେ ରିଲିଫ୍ ଚାଉଳ, ଚୁଡ଼ା ପ୍ରଭୃତି ନେଇ ସ୍ଥାନୀୟ ଜମିଦାର କାଶୀନାଥ ରଥ ଓ ସେ ଅଞ୍ଚଳର ଅବୈତନିକ ଇଉନିଅନ୍ ପ୍ରେସିଡେଣ୍ଟ୍ ଦୁର୍ଗାଚରଣ ଭାଇ ଏହା ବିତରଣ କରିବା ପାଇଁ ଯାଇଥା'ନ୍ତି । ସେମାନେ ଦିନେ ସନ୍ଧ୍ୟା ପୂର୍ବରୁ ଫେରି

ପାଇଲେ ନାହିଁ । ରାତ୍ରରେ ଜମିଦାରଙ୍କର ଗୋଟିଏ କଚେରୀ ଘରେ ରହିଲେ । କଚେରୀ ଘରେ ଜଣେ ମାତ୍ର ଜଗୁଆଳି ଥାଏ । ଜଗୁଆଳି ଖଣ୍ଡିଏ ଲଣ୍ଠନ ଲଗାଇ ଦେଲା । ଏମାନେ ସେଠାରେ ରହିଲେ । ରାତ୍ରରେ ପ୍ରବଳ ମଶା ହେବାରୁ ରଥେ କହିଲେ—"କିଏ କ'ଣ କଥା ଜାଣିଛ କୁହ, ରାତ୍ରଟା କେମିତି କଟିଯାଉ । ଆରେ ଦୁର୍ଗାଚରଣ, ତୁ ପରା କେଉଁ ଠାକୁରଙ୍କ ପାଖକୁ ଯାଉ ? ତାଙ୍କ କଥା ଟିକିଏ କହ, ରାତ୍ରଟା କୌଣସି ମତେ ସତ୍ସଙ୍ଗରେ କଟିଯାଉ ।" ଶ୍ରୀ ଶ୍ରୀ ଠାକୁରଙ୍କର ନିର୍ଦ୍ଦେଶ ଯେ, "ମୋ କଥା କେହି ପଚାରିଲେ ଯାଇ କହିବ ।" ତାହା ଏଠାରେ ପୂରଣ ହେଲା । ଭାଇ ଠାକୁରଙ୍କ ବିଷୟ ମୂଳରୁ ଆରମ୍ଭ କରି କହିଲେ । ରାତି ପାହିଗଲା, ହେଲେ କଥା ସରିଲା ନାହିଁ । ରଥେ କହିଲେ, "ଦୁର୍ଗାଚରଣ, ଏହି କଥା ତୁ ପ୍ରତିଦିନ ଆସି କହୁ, ଶେଷ କରିବୁ ।" ସେହି ଅନୁସାରେ ଭାଇ "ଶିଶିର କୁମାର ବସୁ"ଙ୍କ ଲିଖିତ "ଶ୍ରୀ ଶ୍ରୀ ନିଗମାନନ୍ଦ ସ୍ମୃତି" ପୁସ୍ତକଟିର ଅବଲମ୍ବନରେ ଠାକୁରଙ୍କ ଜୀବନୀ ପୁରା ଲେଖିଦେଲେ । ରଥଙ୍କୁ ଶୁଣାଇବା ପୂର୍ବରୁ ପ୍ରଥମେ ତାଙ୍କ ଗ୍ରାମର ପ୍ରାଇମେରୀ ସ୍କୁଲ ପଣ୍ଡିତ ଶ୍ରୀଯୁକ୍ତ ମହେଶ୍ୱର ମିଶ୍ରଙ୍କ ଦ୍ୱାରା ବିଷୟଟି ଲେଖାନ୍ତି, ପରଦିନ ତାହା ଶୁଣାନ୍ତି । ଏହିପରି "ଠାକୁର ନିଗମାନନ୍ଦ" ବହିର ପାଣ୍ଡୁଲିପି ପ୍ରସ୍ତୁତ ହୋଇଗଲା । ତାପରେ ଏହା ଛପିବାର ବ୍ୟବସ୍ଥା କରିବା ପାଇଁ ସମସ୍ତଙ୍କ ପରାମର୍ଶରେ ବନମାଳୀ ଭାଇ ଯାଇ "ସମାଜ" ଅଫିସ୍‌ର ରାଧାନାଥ ବାବୁଙ୍କ ସହ କଥାବାର୍ତ୍ତା କରି ଛପିବା ପାଇଁ ସ୍ଥିର ହେଲା । ସେହି ଅନୁସାରେ ବନମାଳୀ ଭାଇ ଯାଇ ସମାଜ ଅଫିସରେ ଛପିବା ବ୍ୟବସ୍ଥା ବୁଝିବେ ବୋଲି କହିଲେ । ବନମାଳୀ ଭାଇ ସମାଜ ଅଫିସରେ ବୁଝିବା ବେଳେ ରାଧାନାଥ ବାବୁ କହିଲେ ଯେ, ସାତଶହ ଟଙ୍କା ଖର୍ଚ୍ଚ ଲାଗିବ । ମାତ୍ର ସେ ସମ୍ବଳ ଆମର ନ ଥିବାରୁ ଆମେ ସେଥିରୁ ନିବୃତ୍ତ ହୋଇଥିଲୁ । କିନ୍ତୁ ଏହି ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ କୃପା ଅପ୍ରତ୍ୟାଶିତ ଭାବରେ ଆମକୁ ସାହାଯ୍ୟ କଲା । ଦୁର୍ଗାଚରଣ ଭାଇ ପୁରୀରେ ତାଙ୍କ ବଳାଗଣ୍ଡି ସାହି ବସାରେ ଥାନ୍ତି । ସନ୍ଧ୍ୟା ସମୟରେ ଜଣେ ଅଜ୍ଞାତ ବୁଢ଼ା ଆସି ଗୃହର ଖୋଳେଇ ଭିତରେ ଲୁଚାଇ କିଛି ଟଙ୍କା ଦେଇଗଲେ ଓ

ତାହା ସତ୍କାର୍ଯ୍ୟରେ ଲଗାଇବାକୁ କହିଲେ । ଏତକରେ ଆମର ସାହସ ହେବାରୁ ଆମେ ୪।୫ ଜଣ ଶିଷ୍ୟ ସମସ୍ତେ ମିଶି ବହିଟିକୁ ଛାପିବାକୁ ସାହସ କଲୁ ।

ପାଣ୍ଡୁଲିପିଟି ନେଇ ସତ୍ୟବାଦୀ ପ୍ରେସର କର୍ମକର୍ତ୍ତା ଭାବରେ ରାଧା-ନାଥବାବୁଙ୍କୁ ଦେଖାଇବାରୁ ସେ ପ୍ରଥମେ ହସିଲେ ଓ କହିଲେ 'ବର୍ତ୍ତମାନ ଯେତେବେଳେ ସମସ୍ତ କମ୍ପୋଜିଟର ଓ ଅନ୍ୟ କର୍ମୀମାନେ ଛୁଟି ନେଇ ଚାଲିଯିବାକୁ ବସିଛନ୍ତି, ଏ କାମ କରିବ କିଏ ?'' କିନ୍ତୁ ପରେ କହିଲେ ''ଯଦି ସେମାନଙ୍କୁ ରାଜି କରାଇପାର, ତେବେ କର ।'' ଏହା କହି ସେ କାର୍ଯ୍ୟଟି 'ତୁରନ୍ତ ହାତକୁ ନେବାକୁ' ଲେଖିଦେଲେ । ତା'ପରେ କମ୍ପୋଜିଟର ଓ ଅନ୍ୟ କର୍ମୀମାନଙ୍କୁ କହିବାରୁ ସେମାନେ ବହି ଦେଖି ପ୍ରକାଶ କଲେ ଯେ, ''ଏ ବହି ଛପା ନ ହେବା ପର୍ଯ୍ୟନ୍ତ, କଦାପି ଏଠି ବୋମା ପଡ଼ିବ ନାହିଁ । ତେଣୁ ଆମେ ସବୁ ଏହାକୁ ଆଗେ ଛାପି ଦେଇ, କଟକ ଛାଡ଼ିବା । ଏହା ଛପା ସରିଲା ପରେ ଆମ ସମସ୍ତଙ୍କୁ ମହାପ୍ରସାଦ ଖୁଆଇବେ ।'' ବହି ଛପା ସରିବା ପରେ ବନମାଳୀ ଭାଇ ପୁରୀରୁ ମହା-ପ୍ରସାଦ ଆଣି କର୍ମଚାରୀମାନଙ୍କୁ ଆପ୍ୟାୟିତ କରିଥିଲେ ।

''ଠାକୁର ନିଗମାନନ୍ଦ'' ପୁସ୍ତକ ଚାରି ପାଞ୍ଚ ଫର୍ମା ଛପାଯିବା ପରେ ଦିନେ ହଠାତ୍ ଅନୁଗୁଳ ନିକଟସ୍ଥ ହେଣ୍ଡିପଦାର ଜନୈକ ଭଦ୍ରବ୍ୟକ୍ତିଙ୍କୁ ସ୍ୱପ୍ନରେ ଆବିର୍ଭୂତ ହୋଇ ନିର୍ଦ୍ଦେଶ ଦେଇଥିବା କଥା, ସେ ଚିଠି ଦ୍ୱାରା ଜଣାଇଲେ । ଜଣେ ଦିବ୍ୟ ପୁରୁଷ ଆବିର୍ଭୂତ ହୋଇ କାଲି ରାତିରେ ମୋତେ କହିଲେ—'ଦେଖ, ମୋର ବର୍ତ୍ତମାନ ଖଣ୍ଡିଏ ବହି ଛପାଯାଉଛି, ତା'ର ନାମ ''ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ'' । ତୁ ଶୀଘ୍ର ପଚିଶି ଟଙ୍କା ଚୈତନ୍ୟ ଚରଣ ଦାସ, ସମାଜ ଅଫିସ୍, କଟକ ଠିକଣାରେ ପଠାଇ ଦେଇ ସେହି ବହିରୁ ଖଣ୍ଡିଏ ତୋ ଲାଗି ପଠାଇବା ପାଇଁ ଲେଖି ଦେ । ମୋର ''ଜୟଗୁରୁ'' ନାମରେ ମୁଁ ଯେତିକି ଶକ୍ତି ରଖିଛି, ଏ ବହି ଖଣ୍ଡିକରେ ମଧ୍ୟ ସେତିକି ଶକ୍ତି ରଖିଛି । ଶୀଘ୍ର ନ କିଣିଲେ ଏ ବହିଟି ଶେଷ ହୋଇଯିବ ।'' ସେତେବେଳକୁ ବହିର ଦାମ୍ ନିର୍ଦ୍ଦିଷ୍ଟ କରାଯାଇ ନ ଥିଲା । ବହି ଛପା ହେବା ପରେ ବହିର ଦାମ୍ ନିର୍ଦ୍ଧାରିତ ହେଲା ଅଢ଼େଇ ଟଙ୍କା (ଟ°୨-୫୦) । ଆମେ ତାଙ୍କୁ ଅବଶିଷ୍ଟ ବାଇଶି ଟଙ୍କା ପଚାଶ ପଇସା

ଫେରାଇ ନେବା ପାଇଁ କିମ୍ବା ସେହି ମୂଲ୍ୟର କେତେ ଖଣ୍ଡ ବହି ନେବା ପାଇଁ କହିବାରୁ ସେ ମନା କଲେ । ଏହାପରେ ଆଉ ଅନ୍ୟ କେତେକ ଅଜ୍ଞାତ ବ୍ୟକ୍ତିଙ୍କ ଠାରୁ ମନିଅର୍ଡ଼ରରେ ଯୋଗେ ସାହାଯ୍ୟ ମିଳିଲା । ଶେଷରେ ମୋଟ ଆବଶ୍ୟକତାଠାରୁ ଟ ୬୦ ଙ୍କା କମ ପଡ଼ିବାରୁ ତାହା ବନମାଳୀ-ସାଇ ପୁରୀର ଜଗନ୍ନାଥ ମିଶ୍ରଙ୍କ ଠାରୁ ହ୍ୟାଣ୍ଡ୍ ନୋଟ୍ ଲେଖି ଧାର୍ ଆଣି, ଯୋଗାଇ ଥିଲେ ।

ଏହିପରି ଭାବରେ ନୀଳାଚଳ ସାରସ୍ୱତ ସଂଘର ପ୍ରଥମ ଅର୍ଘ୍ୟ ତାଙ୍କର କରୁଣା ବଳରେ ଲୋକଲୋଚନକୁ ଆସି ତାଙ୍କର ସେବାରେ ଲାଗି ପାରିଲା । ଏହାର ପ୍ରକାଶ ପରେ ଉତ୍କଳର ବିଭିନ୍ନ ଅଞ୍ଚଳରେ ବହୁବ୍ୟକ୍ତି ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରା ଜାଣି ତାଙ୍କର ଆଶ୍ରିତ ହେବାର ସୁଯୋଗ ଲାଭ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ଏହାର ବହୁଳ ଲୋକପ୍ରିୟତା ଏହି ପୁସ୍ତକଟିର ବାରମ୍ବାର ପୁନଃମୁଦ୍ରଣ ପାଇ ପ୍ରେରଣା ଦେଇ ଆସୁଛି ଓ ଏହାର ଭାଷାନ୍ତରୀ-କରଣ ପାଇଁ ଦାବୀ ହୋଇ ଆସୁଛି ।

ପରିଶେଷରେ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀ ଚରଣରେ ଏତିକି ନିବେଦନ ଯେ, ତାଙ୍କର ପୂତ ଜୀବନଗାଥା ଉତ୍କଳର ଭକ୍ତ ସମାଜକୁ ତାଙ୍କର ଆଦର୍ଶ ଓ ଭାବଧାରା ପଥରେ ଅଗ୍ରସର କରାଇ ନେଉ ।

ସ୍ୱଳ୍ପ ସମୟ ମଧ୍ୟରେ ଭୁବନେଶ୍ୱରସ୍ଥ ରେନ୍‌ବୋ ଅଫ୍‌ସେଟ୍ ପ୍ରାଇ-ଭେଟ୍ ଲିମିଟେଡ଼ ପ୍ରେସ୍ ଏହି ଜୀବନୀ ଗ୍ରନ୍ଥଟିକୁ ପୁନଃମୁଦ୍ରଣ କରିଥିବାରୁ ଉକ୍ତ ପ୍ରେସ୍‌ର ସମସ୍ତ କର୍ମଚାରୀଗଣ ଯେପରି ପବିତ୍ର ଜୀବନ ଗଠନ କରିପାରିବେ ଏଥି ନିମିତ୍ତ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଛୁ ।

ଅତି ଅଳ୍ପ ସମୟ ମଧ୍ୟରେ ଏହାର ପୁନଃମୁଦ୍ରଣ କରାଯାଇ ଥିବାରୁ ଏଥିରେ ଭ୍ରମ ପ୍ରମାଦ ରହିବା ଅବଶ୍ୟମ୍ଭାବୀ । ପାଠକମାନେ ଦୋଷାଂଶ ପରିହାର କରି ସ୍ୱକାର୍ଯ୍ୟରେ ବ୍ରତୀ ହେଲେ ଶ୍ରମ ସାର୍ଥକ ଜ୍ଞାନ କରିବୁ ।

ଶ୍ରୀଶ୍ରୀ ନିଗମାନନ୍ଦ ସ୍ମୃତି ମନ୍ଦିର<br>(କେନ୍ଦ୍ର, ଆସନ ମନ୍ଦିର)<br>ସ୍ୱର୍ଗଦ୍ୱାର, ପୁରୀ<br>ତା ୧୭ । ୮ । ୧୯୮୯<br>ଝୁଲଣ ପୂର୍ଣ୍ଣିମା

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତ<br>**ଶ୍ରୀ ଚୈତନ୍ୟ ଚରଣ ଦାସ**<br>ସଭାପତି ଓ ପରିଚାଳକ<br>**ନୀଳାଚଳ ସାରସ୍ୱତ ସଂଘ, ପୁରୀ**

# ଜୟଗୁରୁ

## ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ (ଜୀବନୀ)

# ସପ୍ତମ ସଂସ୍କରଣର ମୁଖବନ୍ଧ

ପରମାରାଧ୍ୟ ଗୁରୁଦେବଙ୍କ ଅପାର କରୁଣା ବଳରୁ 'ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ' ପୁସ୍ତକର ସପ୍ତମସଂସ୍କରଣ ପାଠକମାନଙ୍କର ଆଗ୍ରହାତିଶଯ୍ୟ ଅବଗତ ହୋଇ ଆମେ ପୁନର୍ମୁଦ୍ରଣ ପାଇଁ ବାଧ୍ୟ ହେଲୁ । ପାଠକମାନେ ଅବଗତ ଅଛନ୍ତି ଯେ ଭାରତୀୟ ଆର୍ଯ୍ୟ ସଭ୍ୟତାରେ ଗୁରୁକରଣର ଧାରା ସୃଷ୍ଟିର ପ୍ରାକ୍‌କାଳରୁ ହିଁ ଚାଲିଆସୁଅଛି । ସାଧକମାନଙ୍କୁ ଆଧ୍ୟାତ୍ମିକ ରାଜ୍ୟର ବନ୍ଧୁର ପଥଗୁଡ଼ିକ ଅତିକ୍ରମ କରିବାରେ ଗୁରୁ ହେଉଛନ୍ତି ଏକମାତ୍ର ସହାୟ । ପୁଣି ଯେ କୌଣସି ଗୁରୁ ଏ କାର୍ଯ୍ୟ କରିବାକୁ ସମର୍ଥ ନୁହଁନ୍ତି । କେବଳ ନିର୍ବିକଳ୍ପ ସମାଧିବ୍ୟୁତ୍‌ଥିତ ସଦ୍‌ଗୁରୁ-ମାନେ ହିଁ ଶିଷ୍ୟ ଭକ୍ତମାନଙ୍କର ଉକ୍ତ ଆଧ୍ୟାତ୍ମିକ ଦାୟିତ୍ୱ ବହନ କରିଥାନ୍ତି ।

ସଦ୍‌ଗୁରୁ ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ ଦେବଙ୍କ ଜୀବନୀ ବହୁ ଅଲୌକିକ ଓ ରୋମାଞ୍ଚକର ଘଟଣାବଳୀରେ ପରିପୂର୍ଣ୍ଣ । ତାଙ୍କର ସାଂସାରିକ ଜୀବନ ତଥା ଆଧ୍ୟାତ୍ମିକଜୀବନ ଉଭୟଆଦର୍ଶରଭିତ୍ତିଭୂମିଉପରେଚିରଜାଜ୍ୱଲ୍ୟମାନ । ନୀଳାଚଳ ସାରସ୍ୱତ ସଂଘର ପ୍ରତିଷ୍ଠାତା ତଥା ପ୍ରାଣପୁରୁଷ ସଦ୍‌ଗୁରୁ ନିଗମାନନ୍ଦ ପରମହଂସ ଦେବଙ୍କ ପୂତଜୀବନୀ ପାଠକରି ଆବାଳବୃଦ୍ଧବନିତା ସେମାନଙ୍କ ଆଧୁନିକ ଜୀବନକୁ ଭାରତୀୟତାର ରସାଣରେ ରସାଣିତ କରି ଆଦର୍ଶ ଗୃହସ୍ଥ ଜୀବନଯାପନ କରିବା ପଥରେ ସହାୟତା ଲାଭ କରିବାକୁ ସକ୍ଷମ ହୋଇଛନ୍ତି । ଶ୍ରୀମଦ୍ ଶଙ୍କରାଚାର୍ଯ୍ୟ ଥିଲେ ଜ୍ଞାନର ଓ ଶ୍ରୀମନ୍ ମହାପ୍ରଭୁ ଗୌରାଙ୍ଗଦେବ ଥିଲେ ପ୍ରେମର ଅବତାର । ଶଙ୍କର ଓ ଗୌରାଙ୍ଗଙ୍କର ମିଳିତ ତନୁ ବା ଜ୍ଞାନ-ପ୍ରେମର ମୂର୍ତ୍ତି ବିଗ୍ରହ ସଦ୍‌ଗୁରୁ ନିଗମାନନ୍ଦ ଥିଲେ ଆଧ୍ୟାତ୍ମିକ ଗଗନରେ ଏକ ଦୀପ୍ତିମାନ ସୂର୍ଯ୍ୟ ସଦୃଶ । ସେ ଥିଲେ ଏକାଧାରରେ ଯୋଗୀ, ଜ୍ଞାନୀ, ତାନ୍ତ୍ରିକ ଓ ପ୍ରେମିକ—ସମସ୍ତଙ୍କର ଗୁରୁ । ଯେ କୌଣସି ଆଧ୍ୟାତ୍ମିକ ପଥର ପଥିକ, ଏପରି କି ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ, ଜୈନ, ଶିଖ୍ ଓ ସୁଫୀ ସମ୍ପ୍ରଦାୟର ସାଧକମାନଙ୍କୁ ସେମାନଙ୍କର ଉଦ୍ଦିଷ୍ଟ ପଥରେ ପରିଚାଳିତ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇ ଦେବାରେ ସେ ହେଉଛନ୍ତି ଏକମାତ୍ର ପଥ ପ୍ରଦର୍ଶକ ସଦ୍‌ଗୁରୁ । ତାଙ୍କ ପ୍ରଚାରିତ ଅସାମ୍ପ୍ରଦାୟିକ ଧର୍ମ ବା ଗୁରୁବାଦ ସମସ୍ତ ପ୍ରକାର ସାଧକଙ୍କ ନିକଟରେ ସମଭାବରେ ଆଦୃତ । ଅନ୍ୟ

ଧର୍ମ-ସମ୍ପ୍ରଦାୟକୁ ଘୃଣା କରିବା ପରିବର୍ତ୍ତେ ସମସ୍ତଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ନିଜ ଭାବରେ ଦୃଢ଼ ରହି ସାଧନପଥରେ ଅଗ୍ରସରହେଲେ ଅଚିରେ ସତ୍ୟଲାଭ କରି ହେବ ବୋଲି ସେ ଦୃଢ଼ କଣ୍ଠରେ ଘୋଷଣା କରିଛନ୍ତି । ଆର୍ଯ୍ୟଋଷିମାନଙ୍କ ଦ୍ୱାରା ଆବିଷ୍କୃତ ଯୋଗ, ଜ୍ଞାନ, ତନ୍ତ୍ର ଓ ପ୍ରେମ ଏହି ଚାରିଗୋଟି ଭାବର ସେ ଥିଲେ ସମନ୍ୱୟୀ ମୂର୍ତ୍ତି ।

ଆଗ୍ରହୀ ପାଠକମାନଙ୍କ ସୁବିଧା ନିମନ୍ତେ ଏଥିରେ ବର୍ଣ୍ଣାନୁକ୍ରମିକ ବିଷୟ ସୂଚୀ ସଂଯୋଗ କରାଯାଇ ଏହାକୁ ଅଧିକ ଉପାଦେୟ କରାଯାଇପାରିଛି । ଏହି ସଂସ୍କରଣରେ ଏତଦ୍‌ଭିନ୍ନ ଶ୍ରୀ ଶ୍ରୀ ଠାକୁର ମହାରାଜଙ୍କ ନଅଗୋଟି ରଙ୍ଗୀନ ସୁଦୃଶ୍ୟ ବିଗ୍ରହସହ ତାଙ୍କର ତାନ୍ତ୍ରିକଗୁରୁ ବାମାକ୍ଷେପା, ତତ୍କାଳୀନ ସାରସ୍ୱତ ମଠର ଏକ ଦୃଶ୍ୟ ଏବଂ ମା'ଯୋଗମାୟା ଦେବୀଙ୍କ ସୁଦୃଶ୍ୟବିଗ୍ରହ ଯଥା ସ୍ଥାନରେ ସନ୍ନିବେଶିତ କରାଯାଇ ଏହାକୁ ଆକର୍ଷଣୀୟ ଓ ଉପଯୋଗୀ ମଧ୍ୟ କରାଯାଇଛି । ବର୍ତ୍ତମାନ ପରିସ୍ଥିତିରେ କାଗଜ ଏବଂ ମୁଦ୍ରଣ ବ୍ୟୟ ଅତ୍ୟଧିକ ବୃଦ୍ଧି ଯୋଗୁଁ ଏହାର ପ୍ରକୃତ ମୂଲ୍ୟ ଯଥେଷ୍ଟ ଅଧିକହେବାର କଥା; କିନ୍ତୁ ଶ୍ରୀଶ୍ରୀ ଠାକୁରଙ୍କ ଅମୂଲ୍ୟ ଜୀବନଗାଥାକୁ ତାଙ୍କ ଭାବଧାରାରେ ଆଗ୍ରହୀ ଭକ୍ତମାନଙ୍କ ନିକଟରେ ପହଞ୍ଚାଇବା ସଂଘର ଲକ୍ଷ୍ୟ ହୋଇଥିବାରୁ ଏହାର ମୂଲ୍ୟ ମାତ୍ର ତିରିଶ ଟଙ୍କା ରଖାଯାଇଛି ।

ପରିଶେଷରେ ମଙ୍ଗଳଧର୍ମୀ ସହୃଦୟ ପାଠକଗଣ ଦୋଷାଂଶ ପରିତ୍ୟାଗ କରି ସ୍ୱଧର୍ମ ପ୍ରତିପାଳନରେ ବ୍ରତୀ ହେଲେ ଶ୍ରମ ସାର୍ଥକ ମନେ କରିବୁଁ । ଏହି ପ୍ରକାଶନ କାର୍ଯ୍ୟରେ ଯେଉଁ କର୍ମୀଭକ୍ତମାନେ ସାହାଯ୍ୟ କରିଛନ୍ତି, ସେମାନଙ୍କର ତଥା ବନଦୁର୍ଗା ପ୍ରେସ୍‌ର କର୍ମୀବୃନ୍ଦଙ୍କ ଅକ୍ଳାନ୍ତ ପରିଶ୍ରମ ପାଇଁ ସେମାନଙ୍କର ଐହିକ ତଥା ପାରତ୍ରିକ ଉନ୍ନତିକଳ୍ପେ ଶ୍ରୀ ଶ୍ରୀ ଗୁରୁଦେବଙ୍କ ରାତୁଲ ଶ୍ରୀଚରଣ ତଳେ ପ୍ରାର୍ଥନା କରୁଅଛୁ ।। ଇତି ।।

ପୌଷ ପୂର୍ଣ୍ଣିମା

ତା ୨୭।୧।୧୯୯୪

ଶ୍ରୀ ଶ୍ରୀ ନିଗମାନନ୍ଦ ସ୍ମୃତି ମନ୍ଦିର
(କେନ୍ଦ୍ର ଆସନ ମନ୍ଦିର)
ସ୍ୱର୍ଗଦ୍ୱାର, ପୁରୀ

ଶ୍ରୀ ଶ୍ରୀ ଠାକୁର ଚରଣାଶ୍ରିତ

ସତ୍ୟପ୍ରିୟ ମହାନ୍ତି

ଉପସଭାପତି,
ନୀଳାଚଳ ସାରସ୍ୱତ ସଂଘ, ପୁରୀ

# ପ୍ରଥମ ପରିଚ୍ଛେଦ

## ବାଲ୍ୟଜୀବନ

"ଓଁ ବ୍ରହ୍ମାନନ୍ଦଂ ପରମସୁଖଦଂ କେବଳଂ ଜ୍ଞାନମୂର୍ତ୍ତିଂ
ଦ୍ୱନ୍ଦ୍ୱାତୀତଂ ଗଗନସଦୃଶଂ ତତ୍ତ୍ୱମସ୍ୟାଦିଲକ୍ଷ୍ୟଂ,
ଏକଂ ନିତ୍ୟଂ ବିମଳମଚଳଂ ସର୍ବଧୀ ସାକ୍ଷୀଭୂତଂ
ଭାବାତୀତଂ ତ୍ରିଗୁଣରହିତଂ ସଦ୍‌ଗୁରୁଂ ତଂ ନମାମି ।"

ମହାପୁରୁଷ କିମ୍ବା ଅଲୌକିକ ସାମାନ୍ୟ ପ୍ରତିଭା ନେଇ ଯେଉଁମାନେ ଜନ୍ମଗ୍ରହଣ କରନ୍ତି, ସେମାନଙ୍କ ବିଷୟରେ କିଛି ଲେଖିବାକୁ ହେଲେ ସେମାନେ କିପରି ସମୟରେ ଜନ୍ମଗ୍ରହଣ କରିଥିଲେ ଏବଂ ସେମାନଙ୍କ ଆସିବା ପୂର୍ବରୁ ଦେଶର ଅବସ୍ଥା କିପରି ଥିଲା, ତାହା ପ୍ରଥମେ ଲକ୍ଷ୍ୟ କରିବା ଆବଶ୍ୟକ । ଯେତେବେଳେ ଦେଶରେ ପାଶ୍ଚାତ୍ୟ ଶିକ୍ଷା ପ୍ରଭାବରୁ, ଧର୍ମ, ନୀତି ଏବଂ ସମାଜ ମଧ୍ୟରେ ବିପ୍ଳବ ଓ ଅନାଚାର ଦେଖା ଯାଉଥିଲା, ଲୋକେ ସ୍ୱଧର୍ମ ପରିତ୍ୟାଗ କରି ଭୟାବହ ପରଧର୍ମ ଆଡ଼କୁ ସ୍ୱତଃ ଆକୃଷ୍ଟ ହୋଇ ପଡ଼ୁଥିଲେ, ଠିକ୍ ସେତିକିବେଳେ **ସ୍ୱାମୀ ନିଗମାନନ୍ଦ**ଙ୍କର ଆବିର୍ଭାବ ।

## ଜନ୍ମସ୍ଥାନ

ନଦୀୟା ଜିଲ୍ଲା ଭାରତରେ ପ୍ରାୟ ସର୍ବସାଧାରଣଙ୍କ ନିକଟରେ ସୁପରିଚିତ । ମହାପ୍ରଭୁ ଶ୍ରୀ ଚୈତନ୍ୟଦେବ ନଦୀୟାରେ ଆବିର୍ଭୂତ ହୋଇ

ଭଗବଦ୍ଭକ୍ତି ଓ ପ୍ରେମର ମାଧୁର୍ଯ୍ୟ ଜଗତକୁ ଦେଖାଇ ଦେଇଛନ୍ତି । ଶ୍ରୀମାନ୍ ମହାପ୍ରଭୁଙ୍କ ସମସ୍ତରୁ ଓ ତତ୍ପରବର୍ତ୍ତୀ କାଳରେ ଏହି ଜିଲ୍ଲାରେ ଯେ କେତେ ସାଧକ, ଭକ୍ତ ଓ ମହାପୁରୁଷଙ୍କର ଆବିର୍ଭାବ ଏବଂ ତିରୋଭାବ ଘଟିଛି, ତାହାର ସଂଖ୍ୟା ନାହିଁ । ସ୍ୱାମୀ ନିଗମାନନ୍ଦଙ୍କ ଜନ୍ମସ୍ଥାନ ଏହି ନଦୀୟା ଜିଲ୍ଲା ଅନ୍ତର୍ଗତ ମେହେରପୁର ମହକୁମାରେ । ଉକ୍ତ ମହକୁମାକୁ ଭୈରବ ନଦୀ ଦୁଇ ଭାଗରେ ବିଭକ୍ତ କରୁଅଛି । କିଛି ଦିନ ପୂର୍ବରୁ ଏହି ନଦୀର ଉଭୟ ତୀରରେ ନୀଳ ବ୍ୟବସାୟୀ ସାହେବମାନେ ବ୍ୟବସାୟ କରୁଥିଲେ । ଭୈରବର ପଶ୍ଚିମ ତଟରେ ଥିବା ନୀଳକୋଠିର ଦକ୍ଷିଣରେ କୁତବପୁର ବୋଲି ଗୋଟିଏ କ୍ଷୁଦ୍ର ପଲ୍ଲୀ ଅଛି । ଉକ୍ତ ଗ୍ରାମରେ ପ୍ରାୟ ସବୁ ଜାତିର ଲୋକ ବାସ କରନ୍ତି । ଏମାନଙ୍କ ମଧ୍ୟରେ କୁମ୍ଭାର ଓ ଶଙ୍ଖା ବ୍ୟବସାୟୀଙ୍କ ସଂଖ୍ୟା ବେଶୀ । ଉକ୍ତ ଗ୍ରାମରେ ଲୋକେ ଅଧିକାଂଶ ଶଙ୍ଖା ବ୍ୟବସାୟୀ ଥିବାରୁ ସେମାନଙ୍କର ସାଂସାରିକ ଅଭାବ ଖୁବ୍ ଅଳ୍ପ ଥିଲା— ସିଦ୍ଧି ପୂଜା, ମନସା ପୂଜା ଓ ଦୋଳ-ଦୁର୍ଗୋତ୍ସବ ବ୍ୟତୀତ ଅନ୍ୟ କିଛି ଧର୍ମଜ୍ଞାନ ସେମାନଙ୍କ ଭିତରେ ନ ଥିଲା । ସର୍ବଦା ସେମାନଙ୍କ ଭିତରେ ଈର୍ଷା, ଦ୍ୱେଷ, ଦଳାଦଳି ଓ ଦ୍ୱନ୍ଦ୍ୱ ଲାଗି ରହୁଥାଏ । ଏହିପରି ପାରିପାର୍ଶ୍ୱିକ ଅବସ୍ଥା ମଧ୍ୟରେ ଭୁବନମୋହନ ଭଟ୍ଟାଚାର୍ଯ୍ୟ ନାମକ ଜଣେ ନିଷ୍ଠାପର ବ୍ରାହ୍ମଣ ସେଠାରେ ବାସ କରୁଥିଲେ ।

## ପିତୃ ପରିଚୟ

ଭୁବନମୋହନ ଭଟ୍ଟାଚାର୍ଯ୍ୟ ଖ୍ୟାତି ଓ ବଂଶମର୍ଯ୍ୟାଦାରେ ଦେଶରେ ସୁପରିଚିତ ଥିଲେ । ତାଙ୍କର ପରୋପକାର, ବିନୟ ଓ ନମ୍ରତାରେ ମୁଗ୍ଧ ହୋଇ ଗ୍ରାମର ସମସ୍ତ ଲୋକ ତାଙ୍କୁ ଶ୍ରଦ୍ଧାଭକ୍ତି କରୁଥିଲେ । ଭଟ୍ଟାଚାର୍ଯ୍ୟ ମହାଶୟଙ୍କର ଦେବତା-ବ୍ରାହ୍ମଣମାନଙ୍କ ପ୍ରତି ବିଶେଷ ଶ୍ରଦ୍ଧା ଓ ଭକ୍ତି ଥିଲା । ସେ ଜଣେ ମଧ୍ୟ ବିଶ୍ୱବିଶ୍ରୁତ ମହାଯୋଗୀ ଭାସ୍କରାନନ୍ଦ ସ୍ୱାମୀଙ୍କର ଶିଷ୍ୟ ଥିଲେ ।

## ମାତୃ ପରିଚୟ

ଭଟ୍ଟାଚାର୍ଯ୍ୟ ମହାଶୟ କୁତବପୁର ନିକଟବର୍ତ୍ତୀ ରାଧାକାନ୍ତପୁରନିବାସୀ ତୈଲୋକ୍ୟନାଥ ଚକ୍ରବର୍ତ୍ତୀ ନାମକ ଜଣେ ସଙ୍ଗତିସମ୍ପନ୍ନ ବ୍ୟକ୍ତିଙ୍କ କନ୍ୟା ମାଣିକ୍ୟସୁନ୍ଦରୀ ଦେବୀଙ୍କୁ ବିବାହ କରିଥିଲେ ।

ମାଣିକ୍ୟସୁନ୍ଦରୀ ଦେବୀ ସ୍ୱାମୀଗୃହକୁ ଆସି ଶାଶୁଙ୍କ ଅଭାବରୁ ଅଳ୍ପ ବୟସରେ ଗୃହକର୍ତ୍ତ୍ରୀପଦ ପାଇଲେ ଏବଂ ତାଙ୍କ ପରୋପକାର ଓ ଗାମ୍ଭୀର୍ଯ୍ୟରେ ମୁଗ୍ଧ ହୋଇ ସମସ୍ତେ ତାଙ୍କୁ ବିଶେଷ ଭକ୍ତି କରୁଥିଲେ । ଦୀନଦୁଃଖୀ ଲୋକେ ତାଙ୍କ ଉଦାରତାର ପରିଚୟ ପାଇ ପ୍ରତିଦିନ ଦୁଇ ପ୍ରହର ସମୟରେ ଉପସ୍ଥିତ ହେଉଥିଲେ ଓ ତୃପ୍ତି ସହକାରେ ଭୋଜନ କରି ଫେରି ଯାଉଥିଲେ । ଏପରି ମଧ୍ୟ ହୋଇଛି, ଦେବୀ ଦୈନନ୍ଦିନ କାର୍ଯ୍ୟ ଶେଷ କରି ଅତିଥିମାନଙ୍କ ସତ୍କାର ପରେ ନିଜେ ଭୋଜନରେ ବସିବାମାତ୍ରେ ଯଦି କେହି ଆସି ପଦ୍ମଶ୍ରୀ ମା' ବୋଲି ଅନ୍ନ ଭିକ୍ଷା କରିଛି, ଦେବୀ ତତ୍‌କ୍ଷଣାତ୍ ସେଠାରୁ ଉଠି ନିଜର ଅନ୍ନବ୍ୟଞ୍ଜନ ତାକୁ ଦାନ କରି ଆନନ୍ଦରେ ଉପବାସରେ ଦିନ କଟାଇଛନ୍ତି ।

ମାଣିକ୍ୟସୁନ୍ଦରୀ ଦେବୀଙ୍କ ବିବାହ ପରେ ସାତ ଆଠ ବର୍ଷ କଟିଗଲା, ତଥାପି ସନ୍ତାନ ନ ହେବାରୁ ତାଙ୍କ ମନରେ ଗୋଟିଏ ଦାରୁଣ ନୈରାଶ୍ୟ ଜାତ ହେଲା । 'ଅନ୍ନପୂର୍ଣ୍ଣା ସଦୃଶୀ ମହୀୟସୀ ଦେବୀଙ୍କର ପୁତ୍ରସନ୍ତାନ ହେଲା ନାହିଁ' ବୋଲି କେହି ଆକ୍ଷେପ କରି କହିଲେ, ଉତ୍ତରରେ ଦେବୀ କହନ୍ତି, ''ନିଜ ପେଟରେ ନ ଧରିଲେ କଅଣ ମାଆ ହୋଇପାରିବ ନାହିଁ ?'' ଏହା ମୁହଁରେ କହିଲେ ମଧ୍ୟ ସେ ଅନ୍ତର ମଧ୍ୟରେ ପୁତ୍ରର ଅଭାବ ଅନୁଭବ କରି ପୁତ୍ର କାମନାରେ ଦେବତାଙ୍କ ନିକଟରେ ପ୍ରାର୍ଥନା କରୁଥିଲେ ।

## ଗର୍ଭଧାରଣ

ଅବଶେଷରେ ବୟୋଜ୍ୟେଷ୍ଠମାନଙ୍କର ଉପଦେଶାନୁସାରେ ମାଣିକ୍ୟସୁନ୍ଦରୀ କାର୍ତ୍ତିକେୟଙ୍କର ନିତ୍ୟ ପୂଜା କରିବାକୁ ଆରମ୍ଭ କଲେ । ନ୍ୟୂନାଧିକ ଦୁଇ ବର୍ଷ କାଳ ବ୍ରତ ନିୟମ ପାଳନ କଲା ପରେ ମାଣିକ୍ୟସୁନ୍ଦରୀ ଦେବୀଙ୍କର ସନ୍ତାନ-ସମ୍ଭାବନା ପ୍ରକାଶ ପାଇଲା । ଏହା ଜାଣିପାରି କୁତବପୁର

ଓ ରାଧାକାନ୍ତପୁରରେ ଆନନ୍ଦର ଢେଉ ଖେଳିଗଲା । ଗର୍ଭଧାରଣ ପରଠାରୁ ତାଙ୍କର ଆକୃତି ପ୍ରକୃତି ପରିବର୍ତ୍ତିତ ହୋଇ ଏକପ୍ରକାର ଅପୂର୍ବ ସ୍ୱର୍ଗୀୟ ସୁଷମା ଧାରଣ କଲା । ଗର୍ଭସ୍ଥ ସନ୍ତାନ ବଡ଼ ହେବା ସଙ୍ଗେ ସଙ୍ଗେ ନାନାବିଧ ଦିବ୍ୟ ଅନୁଭୂତି, ଦିବ୍ୟ ସ୍ୱପ୍ନ, ଦିବ୍ୟ ଦର୍ଶନ ପ୍ରଭୃତି ତାଙ୍କର ଦୈନନ୍ଦିନ ଘଟଣା ହୋଇଉଠିଲା । ମଝେ ମଝେ ଅନାଘ୍ରାତପୂର୍ବ ସୌରଭରେ ଗୃହ ଆମୋଦିତ ହେବାକୁ ଲାଗିଲା । ସମସ୍ତ ସମୟରେ ସେ ଦେବ-ଦେବୀଙ୍କର ବନ୍ଦନାଗୀତ ଓ ଆରତିର ଘଣ୍ଟାଧ୍ୱନି ଶୁଣିପାରୁଥାନ୍ତି । ଏହିସବୁ ଅଦ୍ଭୁତ ଘଟଣାରେ ସେ ନିଜେ ମଧ୍ୟ ଦିନେ ଦିନେ ଭୟଚକିତା ହୋଇପଡ଼ନ୍ତି ।

## ଜନ୍ମ ଓ ଜାତକର୍ମ

ଏହିପରି ଦଶ ମାସ ଅତୀତ ହେଲା । ସେ ତାଙ୍କର ପିତ୍ରାଳୟ ରାଧାକାନ୍ତପୁରରେ ଅବସ୍ଥାନ କରୁଥାନ୍ତି । ୧୨୮୬ ସାଲର ଶ୍ରାବଣ ମାସ ଝୁଲଣ ପୂର୍ଣ୍ଣିମା ଦିନ ରାତି ଦୁଇଘଣ୍ଟା ସମୟରେ ମାଣିକ୍ୟସୁନ୍ଦରୀ ଦେବୀଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହେଲା । ଦମ୍ପତିଙ୍କର ଆନନ୍ଦର ସୀମା ରହିଲା ନାହିଁ । କୌଳିକ ପ୍ରଥାନୁଯାୟୀ ସୂର୍ଯ୍ୟାଦି ଦେବତାମାନଙ୍କର ଅର୍ଚ୍ଚନା କରାଯାଇ ବାଳକର ନାମକରଣ କରାଗଲା । ଭୁବନମୋହନ ତାଙ୍କର ଗୁରୁ ଭାସ୍କରାନନ୍ଦ ସ୍ୱାମୀଙ୍କ ଆଦେଶାନୁସାରେ ବାଳକର ନାମ ନଳିନୀକାନ୍ତ ରଖିଲେ । ଗଣକ ଶିଶୁର 'ସିଂହ ରାଶି' ଓ ଏକାଦଶରେ ବୃହସ୍ପତିଙ୍କର ସଞ୍ଚାର ଦେଖି ନବପ୍ରସୂତ ଶିଶୁଟିର ଭବିଷ୍ୟତ ଆଭାସ ଭଟ୍ଟାଚାର୍ଯ୍ୟଙ୍କୁ ଜଣାଇଦେଲେ । ଭଟ୍ଟାଚାର୍ଯ୍ୟ ମହାଶୟ ଆନନ୍ଦରେ ମହାମାୟାଙ୍କ ଚରଣତଳେ ପ୍ରଣାମ କରି ପୁତ୍ରର ମଙ୍ଗଳକାମନା କଲେ ।

## ଗ୍ରହଚକ୍ର

ମେଷ—ଶନି, ମିଥୁନ—କେତୁ (ଇଂ ୧୭।୫୯।୫୨), କର୍କଟ—ବୁଧ, ସିଂହ—ରବି, ମଙ୍ଗଳ ଓ ଶୁକ୍ର, ଧନୁ—ରାହୁ, କୁମ୍ଭ—ଚନ୍ଦ୍ର, ମୀନ—ବୃହସ୍ପତି ।

## ବାଲ୍ୟ ଚପଳତା

କୁତବପୁରର ପୂର୍ବକଥିତ ପାରିପାର୍ଶ୍ୱିକ ଅବସ୍ଥା ଭିତରେ ଶିଶୁ ନଳିନୀକାନ୍ତ କ୍ରମେ ବଡ଼ ହେବା ସଙ୍ଗେ ସଙ୍ଗେ ତାଙ୍କର ଦୌରାତ୍ମ୍ୟ ବୃଦ୍ଧି ପାଇବାକୁ ଲାଗିଲା । ପ୍ରତିବେଶୀମାନେ ନଳିନୀକାନ୍ତଙ୍କ ଦୌରାତ୍ମ୍ୟ ଅସହ୍ୟ ବୋଧ କଲେ । ସମୟ ସମୟରେ ସେମାନେ ତାଙ୍କ ଅତ୍ୟାଚାରରେ ଉତ୍ୟକ୍ତ ହୋଇ ତାଙ୍କୁ ଶାସ୍ତି ଦେବାପାଇଁ ସଙ୍କଳ୍ପ କରନ୍ତି; ମାତ୍ର ପରମୁହୂର୍ତ୍ତରେ ତାଙ୍କର ପ୍ରସ୍ଫୁଟିତ ପଦ୍ମସଦୃଶ ମୁଖକୁ ଚାହିଁବାମାତ୍ରେ ସମସ୍ତ ଭୁଲିଯାଆନ୍ତି ଓ ତାହାଙ୍କ ଅତ୍ୟାଚାର ବିଷୟ ପିତାମାତାଙ୍କୁ ଆଉ ଜଣାନ୍ତି ନାହିଁ । କୁଞ୍ଚିତକେଶ ମଧ୍ୟରେ ସୁନ୍ଦର ମୁଖକୁ ଚାହିଁଲେ, ଅତ୍ୟନ୍ତ କ୍ରୁଦ୍ଧ ବ୍ୟକ୍ତି ମଧ୍ୟ ନ ହସି ରହିପାରେ ନାହିଁ । ଏହି ସବୁ ଦୌରାତ୍ମ୍ୟ ଦୂର କରିବାପାଇଁ ଭୁବନମୋହନ ପୁତ୍ରର ଶିକ୍ଷା ଆଡ଼କୁ ମନ ବଳାଇଲେ । ତାପରେ ନଳିନୀକାନ୍ତ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କଲେ ।

## ଶିକ୍ଷା

ନଳିନୀକାନ୍ତଙ୍କର ଯେଉଁ ଶକ୍ତି ଦୁଷ୍ଟାମି ଭିତରେ ପ୍ରକାଶ ପାଉଥିଲା, ତାହା ବର୍ତ୍ତମାନ ବିଦ୍ୟାଭ୍ୟାସରେ ନିୟୋଜିତ ହେବାରୁ ଅଳ୍ପଦିନ ଭିତରେ ନିମ୍ନ ପ୍ରାଥମିକ ଶ୍ରେଣୀର ସମସ୍ତ ପାଠ୍ୟ ଆୟତ୍ତ କରିବାରେ ସେ ସମର୍ଥ ହେଲେ ।

## ଦିବ୍ୟ ଦର୍ଶନ

ଦିନେ ସନ୍ଧ୍ୟା ସମୟରେ ତାଙ୍କର ଖୁଡ଼ି ତାଙ୍କ ହାତରେ ସନ୍ଧ୍ୟାବତୀ ଦେଇ ନିକଟବର୍ତ୍ତୀ ଚଣ୍ଡୀମଣ୍ଡପକୁ ପଠାଇଦେଲେ । ପ୍ରଦୀପ ହସ୍ତରେ ବାଳକ ମଣ୍ଡପର ସମୀପବର୍ତ୍ତୀ ହେବା ମାତ୍ରେ ମଣ୍ଡପ ଭିତରେ ଅକସ୍ମାତ୍ ନିଆଁ ଦପ୍ କରି ଜଳି ଉଠିଲା ଓ ସେହି ନିଆଁ ମଣ୍ଡଳାକୃତି ଧାରଣ କରି ତାହା ମଧ୍ୟରେ ଦଶଭୁଜା ମୂର୍ତ୍ତି ପ୍ରକାଶିତ ହେଲେ । ବାଳକ ନଳିନୀକାନ୍ତ ପ୍ରଦୀପ ପକାଇ ଦେଇ ମା'ଙ୍କ ନିକଟକୁ ପଳାଇଗଲେ ଓ ସମସ୍ତ ଘଟଣା ବର୍ଣ୍ଣନା କରି ଥରିବାକୁ ଲାଗିଲେ । ମା' ତାଙ୍କୁ ଆଶ୍ୱସ୍ତ କରି କହିଲେ, "ଭୟ କ'ଣ ବାପ,

ମୁଁ ଯେପରି ତୋର ମା', ଦଶଭୁଜା ସେହିପରି ଜଗତର ମା' । ମୋତେ ଦେଖି ତୁ କ'ଣ ଭୟ କରୁ ? ମା' ତୋତେ ଦେଖା ଦେଇଛନ୍ତି, ଏହା ତ ସୌଭାଗ୍ୟର ବିଷୟ ।'' ସେତେବେଳେ ତାଙ୍କର ବୟସ ନଅ ବର୍ଷ ମାତ୍ର ।

ଏହି ଘଟଣାର କେତେଦିନ ପରେ ନଳିନୀକାନ୍ତ ଆଉ ଗୋଟିଏ ଅଦ୍ଭୁତ ଦୃଶ୍ୟ ଦେଖିବାକୁ ପାଇଲେ । କୃଷ୍ଣପକ୍ଷର ଅନ୍ଧକାର ରାତ୍ରି—ନଳିନୀକାନ୍ତ ଗୃହ ମଧ୍ୟରେ ଶୟନ କରିଅଛନ୍ତି—ହଠାତ୍ ନିଦ୍ରାଭଙ୍ଗ ହେବାରୁ ଗୃହ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ପ୍ରକାଶିତ ହୋଇଥିବାର ଦେଖିପାରିଲେ । ଆଶ୍ଚର୍ଯ୍ୟର ବିଷୟ ଯେ, ସେ ବିସ୍ମୟାବିଷ୍ଟ ହୋଇ ଯେଉଁଆଡ଼କୁ ଚାହିଁଲେ ସବୁଆଡ଼େ ସେହି ଚନ୍ଦ୍ରକୁ ଦେଖିଲେ ।

ଶ୍ରୀ ଶ୍ରୀ ଠାକୁର କହିଛନ୍ତି ଯେ, ଶୈଶବାସ୍ଥାରୁ ହିଁ ତାଙ୍କର ଜନ୍ମାନ୍ତରୀଣ ସ୍ମୃତି ଅଳ୍ପ ଅଳ୍ପ ମନରେ ଜାଗ୍ରତ ହେଉଥିଲା । ତରୁଣ ବୟସରେ ସେ, 'ସୁଧାଂଶୁବାଳା' ଓ ତରଣୀସେନ ବଧ' ନାମକ ଯେଉଁ ଦୁଇଖଣ୍ଡ ଉପନ୍ୟାସ ଓ ନାଟକ ଲେଖିଥିଲେ, ସେଥିରେ ତାଙ୍କର ଏହି ଜନ୍ମାନ୍ତରୀଣ ସ୍ମୃତିର ଆଭାସ ନିହିତ । *

ବାଲ୍ୟକାଳରେ ତାଙ୍କର ବ୍ୟକ୍ତିବୋଧର ଅନୁଭୂତି ମଧ୍ୟ ଉଲ୍ଲେଖ ଯୋଗ୍ୟ । ବୈଦାନ୍ତିକ ଜ୍ଞାନୀ ବା ଯୋଗୀମାନେ ଜନ୍ମଜନ୍ମାନ୍ତର ତପସ୍ୟାରେ ଯେଉଁ ଅବସ୍ଥା ଆୟତ୍ତ କରିବାକୁ ସମର୍ଥ ହୁଅନ୍ତି ନାହିଁ, ବାଲ୍ୟକାଳରୁ ହିଁ ଶ୍ରୀ ଶ୍ରୀ ଠାକୁରଙ୍କଠାରେ ତାହା ସ୍ୱତଃସ୍ଫୂର୍ତ୍ତି ହୋଇଥିଲା ।

(ଜୀବନ-ପ୍ରସଙ୍ଗ, ୪୧।୪୨ ପୃଷ୍ଠା)

ହୁଏତ ସେ କେଉଁଠି ଚୁପ୍ ହୋଇ ବସି ରହିବା ବେଳେ ହଠାତ୍ ଦେଖିଛନ୍ତି ସମଗ୍ର ଜଗତ୍ ଜ୍ୟୋତିର୍ମୟ ହୋଇଯାଇଛି । ସ୍ଥୂଳଦେହ ପରିତ୍ୟାଗ କରି ଯେପରି ସେ ବିଦ୍ୟୁତ୍ ବେଗରେ ଅତି ଉର୍ଦ୍ଧ୍ୱକୁ ଏପରି କି ସୂର୍ଯ୍ୟମଣ୍ଡଳର ପରପାରକୁ ଉଠିଯାଉଛନ୍ତି, ଯେଉଁ ସ୍ଥାନରୁ କି ରହି ତାରି-

* ଶ୍ରୀ ଶ୍ରୀ ନିଗମାନନ୍ଦ ଜୀବନ-ପ୍ରସଙ୍ଗ, ୧ମ ଖଣ୍ଡ, ୪୧-୪୨ ପୃଷ୍ଠାରେ ବିଶଦ ବିବରଣୀ ଦ୍ରଷ୍ଟବ୍ୟ ।

ଚନ୍ଦ୍ର ସୂର୍ଯ୍ୟ-ସମନ୍ବିତ ଭୂମଣ୍ଡଳ ସୁସ୍ପଷ୍ଟ ଭାବରେ ଦୃଷ୍ଟିଗୋଚର ହେଉଅଛି । ପୃଥିବୀ ଯେ ଗୋଲ ଏବଂ ସୂର୍ଯ୍ୟ ଯେ ଗୋଟିଏ ସ୍ଥାନରେ ସ୍ଥିର ଅଛି, ଏଇ ପୃଥିବୀରେ ବସି ତାହା ଦୃଷ୍ଟିଗୋଚର ହୁଏ ନାହିଁ ।

ଶ୍ରୀ ଶ୍ରୀ ଠାକୁର କହୁଛନ୍ତି—"ସେହି ଅବସ୍ଥାରେ ସେ ପ୍ରତ୍ୟକ୍ଷ ଦେଖିଛନ୍ତି ସୂର୍ଯ୍ୟ ସ୍ଥିର, ନିଶ୍ଚଳ; ପୃଥିବୀ ଅବଗମ ଗତିରେ ଘୂରୁଅଛି ଓ ସୂର୍ଯ୍ୟଙ୍କୁ ପ୍ରଦକ୍ଷିଣ କରୁଅଛି । ସେ ଏହି ଦୃଶ୍ୟ ଦେଖି ଅତ୍ୟନ୍ତ ଆନନ୍ଦ ଲାଭ କରୁଥିଲେ । କିନ୍ତୁ ଏହି ସାକ୍ଷୀଭାବ ତାଙ୍କର ଆୟତ୍ତାଧୀନ ନଥିବାରୁ ସେ ଖୁବ୍ ଦୁଃଖ ଅନୁଭବ କରୁଥିଲେ । ସେହି ଅବସ୍ଥା ପରେ ତାହାର ପୁନରାବୃତ୍ତି ନିମିତ୍ତ ସେ ଯେତେ ଇଚ୍ଛା କରିଛନ୍ତି, ତାହା ଆଉ ହୋଇନାହିଁ । ଦଶ ବାର ଦିନ ପରେ ପୁଣି ସେହି ଅବସ୍ଥା ଆପଣା ମନକୁ ଆସିଯାଇଥିଲା । ତାହା ଉପରେ ନଳିନୀକାନ୍ତଙ୍କର କିଛି ଆୟତ୍ତ ନଥିଲା ବୋଲି ସେହି ଅନୁଭୂତି ଲାଭପରେ ତାଙ୍କର ବିଶେଷ ମନୋବ୍ୟଥା ହେଉଥିଲା" ।

(କଥାମୃତ ୧ମ—୭୦ ପୃଷ୍ଠା)

## ବାଲ୍ୟ ଚରିତ୍ର

ନଳିନୀକାନ୍ତ ଗ୍ରାମ୍ୟ ସ୍କୁଲରେ ବିଦ୍ୟାଭ୍ୟାସ କରିବା ସମୟରେ ତାଙ୍କର ତୀକ୍ଷ୍ଣ ବୁଦ୍ଧି ଓ ପ୍ରତିଭାର ପରିଚୟ ମିଳିଥିଲା । ସେ ନିଜର ସମବୟସ୍କ ପିଲାମାନଙ୍କ ଉପରେ କର୍ତ୍ତୃତ୍ବ କରନ୍ତି । ସମୟ ସମୟରେ ଏପରି କଥାମାନ କହନ୍ତି ଯେ, ବୃଦ୍ଧମାନେ ମଧ୍ୟ ନିରୁତ୍ତର ହୋଇଯାନ୍ତି ।

## ଅଦ୍ଭୁତ ସ୍ୱପ୍ନ

ନଳିନୀକାନ୍ତ ପିଲାଦିନେ ପ୍ରାୟ ଅନେକ ଥର ଗୋଟିଏ ପ୍ରକାରର ସ୍ୱପ୍ନ ଦେଖୁଥିଲେ । ସ୍ୱପ୍ନରେ ସେ ଦେଖନ୍ତି ଯେ, ନିଜ ବିଛଣାରେ ଘରେ ଶୋଇଛନ୍ତି, ଜଣେ ମହାପୁରୁଷ ତାଙ୍କୁ ଡାକୁଛନ୍ତି । ସେ କେବଳ ତାଙ୍କର ଶବ୍ଦ ଶୁଣି ପାରୁଛନ୍ତି; ମାତ୍ର ତାଙ୍କୁ ଦେଖିପାରୁ ନାହାନ୍ତି । ତାପରେ ଡାକ ଶୁଣି ବିଛଣାରୁ ଉଠି ତାଙ୍କ ସାଙ୍ଗରେ ଯିବାକୁ ଆରମ୍ଭ କରନ୍ତି । ଯାଉ ଯାଉ

ଏପରି ଗୋଟିଏ ସ୍ଥାନରେ ପହଞ୍ଚନ୍ତି ଯେ, ସେଠାରେ ଆଲୋକ କି ଅନ୍ଧକାର କିଛି ନାହିଁ । ଚନ୍ଦ୍ରପକ୍ଷ ରାତିରେ ମେଘ ଘୋଡ଼ାଇଥିଲେ ଯେପରି ଦିଶେ, ସେହିପରି ଦେଖା ଯାଉଥାଏ । କେବଳ ଦୂର ଯିବା ପରେ ଗୋଟିଏ ପୁଷ୍କରିଣୀ ଓ ପୁଷ୍କରିଣୀ ଭିତରେ ଗୋଟିଏ ପଦ୍ମ ଦେଖିବାକୁ ପାଆନ୍ତି । ଉକ୍ତ ମହାପୁରୁଷ ସେହି ବିକଶିତ ପଦ୍ମ ଭିତରେ ଠିଆ ହୋଇ କ୍ରମଶଃ ଊର୍ଦ୍ଧ୍ୱକୁ ଉଠିଯାଉଥିବାର ଦେଖନ୍ତି ଓ ତାପରେ ଅନୁଭବ କରନ୍ତି ଯେ, ସେ ନିଜେ ମଧ୍ୟ ତାଙ୍କ ସହିତ ଗୋଟିଏ ସୂତାରେ ବନ୍ଧା ହୋଇଛନ୍ତି । ମହାପୁରୁଷଙ୍କର ଊର୍ଦ୍ଧ୍ୱଗତିସଙ୍ଗେ ସଙ୍ଗେ ନଳିନୀକାନ୍ତ ମଧ୍ୟ ଟାଣି ହୋଇ ଊର୍ଦ୍ଧ୍ୱକୁ ଉଠିଯାଉଥାନ୍ତି । ଏହିପରି ଅନେକ ଉଚ୍ଚକୁ ଉଠିଯିବା ପରେ ଉକ୍ତ ମହାପୁରୁଷ ଯୋଗସୂତ୍ରଟିକୁ ମଝିରୁ କାଟି ଦିଅନ୍ତି । ନଳିନୀକାନ୍ତ ଗୁଡ଼ିପରି ବୁଲିବୁଲି ଆସି ତଳେ ପଡ଼ିଯିବା ସମୟରେ ନିଦ୍ରା ଭାଙ୍ଗିଯାଏ ।

ଏହା ବ୍ୟତୀତ ଶ୍ରୀ ଶ୍ରୀ ଠାକୁର ମଝେ ମଝେ ଆଉ ଗୋଟିଏ ସ୍ୱପ୍ନ ଦେଖନ୍ତି । ସେହି ସ୍ୱପ୍ନରେ ଜାଗ୍ରତା କୁଣ୍ଡଳିନୀ ଶକ୍ତି ବ୍ରହ୍ମରନ୍ଧ୍ର ଭେଦକରି ଯେପରି ଊର୍ଦ୍ଧ୍ୱ ଭାବଲୋକରେ ଉପନୀତା ହୋଇଛନ୍ତି, ତାଙ୍କର ଏହିପରି ମନେ ହୁଏ; କିନ୍ତୁ କିପରି ଫେରିବେ, ସେକଥା ଭାବି ତାଙ୍କର ଭୟ ହେବା ମାତ୍ରକେ ସ୍ୱପ୍ନଟି ଭାଙ୍ଗିଯାଏ । ଏଠାରେ ଏତିକି ବିଶେଷତ୍ୱ ଲକ୍ଷ୍ୟ କରିବାର କଥା ଯେ, ଯେତେବେଳେ ସେ ଏହି ସ୍ୱପ୍ନ ଦେଖୁଥିଲେ, ସେତେବେଳେ କୁଣ୍ଡଳିନୀ କିମ୍ବା ଧ୍ୟାନାଦି ସମ୍ବନ୍ଧରେ ତାଙ୍କର କୌଣସି ଧାରଣା ନଥିଲା । ପରେ ସାଧନା ସମୟରେ ତତ୍ତ୍ୱ ବୁଝିବା ପରେ ସେ ଏହି ସ୍ୱପ୍ନ ବୃତ୍ତାନ୍ତ ବ୍ୟକ୍ତ କରିଥିଲେ ।

(ଜୀବନ-ପ୍ରସଙ୍ଗ, ୧ମ—୪୪ ପୃଷ୍ଠା)

## ଧର୍ମ ସଂସ୍କାର

ନଳିନୀକାନ୍ତ ଗ୍ରାମ୍ୟ ସ୍କୁଲରେ ପଢ଼ା ଶେଷ କରି ମେହେରପୁର ହାଇ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଲାଗିଲେ । ଉପନୟନ ପରେ ତାଙ୍କର ଧର୍ମପ୍ରବୃତ୍ତି ପ୍ରବଳ ହୋଇ ଉଠିଲା । ସେ ଶାସ୍ତ୍ରମତ ସନ୍ଧ୍ୟା, ଆହ୍ନିକ ଓ ଦେବ-ଦେବୀଙ୍କର ସ୍ତବ କବଚ ପାଠ ଆରମ୍ଭ କରିଦେଲେ । ସେ ଗ୍ରାମସ୍ଥ ଓ

ଓ ମହାଭାରତ ପଢ଼ି ପଢ଼ି ଆକୁଳ ହୋଇପଡ଼ନ୍ତି । ସନ୍ତାନର ଏହି ସବୁ ଧର୍ମଭାବର ଲକ୍ଷଣ ଦେଖି ସ୍ନେହମୟୀ ମା' ଧର୍ମ ପୁସ୍ତକସବୁ ଗୋପନ କରି ଦଅନ୍ତି ଓ ପୁଣି କଥା ଭାବି ବଡ଼ ବ୍ୟାକୁଳ ହୋଇପଡ଼ନ୍ତି ।

## ସହଜାତ ସଂସ୍କାର

ଚଣ୍ଡିଆପୁରରେ ବିଦ୍ୟାଭ୍ୟାସ କରିବା ସମୟରେ ନୀଳମଣିକାନ୍ତଙ୍କ ଚରିତ୍ରରେ ଗୁରୁତର ପରିବର୍ତ୍ତନ ହେବାକୁ ଲାଗିଲା । ଆଭିଜାତ୍ୟର ଅଭିମାନ, ହୃଦୟର ସଂକୀର୍ଣ୍ଣତା ନୀଳମଣିକାନ୍ତଙ୍କ ମନରୁ କ୍ରମଶଃ ଅନ୍ତର୍ହିତ ହୋଇଗଲା । ଥରେ ଜଣେ ବିଜାତୀୟ ପଥିକ ଗ୍ରାମରେ ମରିଗଲା, କିନ୍ତୁ ତାକୁ ସଂସ୍କାର କରିବାକୁ କେହି ବାହାରିଲେ ନାହିଁ । ଏହା ଦେଖି ନୀଳମଣିକାନ୍ତ ନିଜେ ତାହା ସମ୍ପନ୍ନ କରିବା ପାଇଁ ଅଗ୍ରସର ହେବାରୁ ଅନ୍ୟାନ୍ୟ ଲୋକେ ଆସି ତାଙ୍କୁ ସାହାଯ୍ୟ କଲେ । ଯଦି ଗ୍ରାମବିବାଦ ହେତୁ କେହି ବାସନ୍ଦ ହେଲା, ନୀଳମଣିକାନ୍ତ ସର୍ବାଗ୍ରେ ତା' ଘରେ ନିମନ୍ତ୍ରଣରେ ଭୋଜନ କରି ଆସିଲେ । ଗ୍ରାମର ବୃଦ୍ଧଗଣ କୌଣସି କାରଣରୁ ଦଳ ବାନ୍ଧିଲେ, ଦଳାଦଳିର କାରଣ ଯେପରି ଭାଙ୍ଗି ଯିବ, ନୀଳମଣିକାନ୍ତ ତାହାର ଉପାୟ ଉଦ୍ଭାବନ କରି ଦଳ ଭାଙ୍ଗି ଦେଉଥିଲେ । ଯୁବକମାନଙ୍କ ନୈତିକ ଚରିତ୍ର-ହାନିକର କୌଣସି କଥା କାନରେ ପଡ଼ିଲା ମାତ୍ରେ ସେ ସେମାନଙ୍କ ବିରୁଦ୍ଧରେ ବାହାରି ଯେପରି ଉପାୟରେ ସେମାନେ ଶାସ୍ତି ପାଇବେ, ତାର ବିଧାନ କରୁଥିଲେ । ନୀଳମଣିକାନ୍ତଙ୍କ ଚରିତ୍ରରେ ଆଉ ଗୋଟିଏ ବିଶେଷ ଗୁଣ ଥିଲା ଯେ ସେ କେବେହେଲେ ଅନ୍ୟାୟ ସହ୍ୟ କରିପାରୁ ନଥିଲେ । ଅନ୍ୟାୟର ପ୍ରତିକାର ନ କରିବାଟା ଦୁର୍ବଳତାର ପରିଚୟ ବୋଲି ସେମାନେ ମନେ କରୁଥିଲେ । ଏହି ଅନ୍ୟାୟର ପ୍ରତିକାର କରିବାକୁ ଯାଇ ସେ ହିତାହିତଜ୍ଞାନଶୂନ୍ୟ ହୋଇ ଯାଉଥିଲେ ଓ ସମୟ ସମୟରେ ଏପରି କାର୍ଯ୍ୟ କରିପକାଉଥିଲେ ଯେ, ସେଥିପାଇଁ ଆତ୍ମୀୟସ୍ୱଜନମାନଙ୍କୁ ବଡ଼ ଉଦ୍‌ବେଗ ଭୋଗ କରିବାକୁ ପଡ଼ୁଥିଲା ।

ଉପରୋକ୍ତ ଘଟଣାବଳୀ ମଧ୍ୟରେ ଜନୈକ କୁଳବଧୂଙ୍କୁ ଶାସନ କରିବା ଘଟଣାଟି ବଡ଼ କୌତୁହଳପ୍ରଦ । 'ଶ୍ରୀ ଶ୍ରୀ ନିଗମାନନ୍ଦ ଜୀବନପ୍ରସଙ୍ଗ ପ୍ରଥମ ଭାଗ'ରେ ଘଟଣାଟିର ବିଶଦ ବିବରଣୀ ବର୍ଣ୍ଣିତ ହୋଇଅଛି । ନଳିନୀକାନ୍ତ ଭୈରବ ନଦୀକୁ ସ୍ନାନ କରିବାକୁ ଯାଇଥିଲେ । ସ୍ନାନ କରି ଫେରିଆସିବା ସମୟରେ ଦେଖିଲେ ଯେ ତାଙ୍କ ଗୃହର ଅଦୂରବର୍ତ୍ତୀ ପାଳମାନଙ୍କ ପାଖରେ ଗୋଳମାଳ ହେଉଛି । ସେଠାରେ ବହୁଲୋକ ଭିଡ଼ ଜମାଇଛନ୍ତି । ନଳିନୀକାନ୍ତ ଘଟଣାସ୍ଥଳରେ ଉପସ୍ଥିତ ହୋଇ ଦେଖିଲେ ଯେ ଉକ୍ତ ଗୃହର ବୋହୂଟିଏ ତାର ଶାଶୁଙ୍କୁ ଧରି ପ୍ରହାର କରୁଛି । ସମସ୍ତେ ଛିଡ଼ାହୋଇ କେବଳ କୌତୁକ ଦେଖୁଛନ୍ତି । କେହି କିଛି ପ୍ରତିକାର କରୁନାହାନ୍ତି । ବୃଦ୍ଧାଙ୍କର ଅବସ୍ଥା ଦର୍ଶନ କରି ନଳିନୀକାନ୍ତଙ୍କର ଆଉ ହିତାହିତ ଜ୍ଞାନ ରହିଲା ନାହିଁ । ସେ ନିଜ ପାଦରୁ ଜୋତା ଖୋଲି ସେଥିରେ ବୋହୂକୁ ଆପାଦମସ୍ତକ ପ୍ରହାର କରି ବୃଦ୍ଧାଙ୍କୁ ରକ୍ଷାକଲେ । ଏହି ଘଟଣାରେ ଗ୍ରାମରେ ଖୁବ୍ ଆନ୍ଦୋଳନ ହୋଇଥିଲା । କିନ୍ତୁ ଶେଷରେ ସମସ୍ତେ ଏକ ମୁଖରେ ସ୍ୱୀକାର କଲେ ଯେ "ନଳିନୀକାନ୍ତ ତ କିଛି ଅନ୍ୟାୟ କରିନାହିଁ !! ସେ ବରଂ ନ୍ୟାୟ ଓ ସତ୍ୟର ପକ୍ଷ ଗ୍ରହଣ କରି ଅନ୍ୟାୟର ପ୍ରତିକାର କରିଅଛି ।"

ନଳିନୀକାନ୍ତଙ୍କ ମନରେ ବ୍ରାହ୍ମଣର ଅଭିମାନ, ଶ୍ରେଷ୍ଠବଡ଼, ଉଚ୍ଚ ନୀଚ, ସ୍ପୃଶ୍ୟ ଅସ୍ପୃଶ୍ୟଭାବପ୍ରଭୃତି ଭେଦବୁଦ୍ଧି ନଦେଖି ଓ ନାନାପ୍ରକାର ଅସାମାଜିକବ୍ୟବହାର ଦର୍ଶନ କରି ଭୁବନମୋହନ ବଡ଼ ଉତ୍କଣ୍ଠିତ ହୋଇପଡ଼ିଲେ । ପୁତ୍ରର ଏପରି ଉଦାରଭାବ ଦର୍ଶନ କରି ପିତା ତାଙ୍କୁ ବିବାହ ଦେବାକୁ ସ୍ଥିର କଲେ ।

## ଟ୍ରେନ୍ ସଂଘର୍ଷ

ଦିନେ ନଳିନୀକାନ୍ତ କଲିକତାରୁ ବାହାରି ପ୍ରାୟ ଦେଢଘଣ୍ଟା ଟ୍ରେନ୍‌ରେ ଆସିବା ପରେ କାଞ୍ଚରପଡ଼ା ଷ୍ଟେସନ ନିକଟରେ ଆରୋହୀମାନଙ୍କ ଭିତରେ ଭୀଷଣ କୋଳାହଳ ହେବାର ଶୁଣିପାରିଲେ । ସେ ଦେଖିଲେ ଯେ ଆଉ ଗୋଟିଏ ଟ୍ରେନ୍ ବିପରୀତ ଦିଗରୁ ମାଡ଼ି ଆସୁଅଛି । ମୁହୂର୍ତ୍ତକ ଭିତରେ ଦୁଇ ଟ୍ରେନ୍ ମଧ୍ୟରେ ଧକ୍କା

ବାଜିବାରୁ କେତେଗୁଡ଼ିଏ ଡବା ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା ଓ ବହୁତ ପକ୍ଷୀ ମୃତାହତ ହେଲେ । କିନ୍ତୁ ନଳିନୀକାନ୍ତ ଗାଡ଼ିରୁ ଡେଇଁଯିବାରୁ ଦୈବକୃପାରୁ ଆତ୍ମରକ୍ଷା କରିପାରିଲେ ।

## ମାତୃବିୟୋଗ

ଏହି ସମୟରେ ନଳିନୀକାନ୍ତଙ୍କ ସ୍ନେହମୟୀ ଜନନୀଙ୍କର ମୃତ୍ୟୁ ହେଲା । ମାତୃବିୟୋଗ ସମୟରେ ସେ ମାତୁଳାଳୟ ରାଧାକାନ୍ତପୁରରେ ଥିବାରୁ ମାଆଙ୍କ ସହିତ ଶେଷସାକ୍ଷାତ୍ ହୋଇପାରିଲା ନାହିଁ । ତେଣୁ ନଳିନୀକାନ୍ତଙ୍କମନରେ ଦାରୁଣ ବ୍ୟଥା ହେଲା । ମନୁଷ୍ୟ ଦେହର ଏପରି ପରିଣତି ଦେଖି ତାଙ୍କ ମନ ସାମୟିକ ଭାବରେ ବିଷାଦଗ୍ରସ୍ତ ହୋଇଗଲା । ଦେହର ନଶ୍ୱରତା ବିଷୟରେ ସେ ଗଭୀର ଚିନ୍ତା କରିବାକୁ ଲାଗିଲେ । ସେହି ଦିନଠାରୁ ତାଙ୍କର ହାସ୍ୟ-ପରିହାସ ରହିତ ହେବାକୁ ଲାଗିଲା; ବାଳକ ବଦନରେ ଗାମ୍ଭୀର୍ଯ୍ୟର ଚିହ୍ନ ପରିଲକ୍ଷିତ ହେଲା । ସେ ସବୁବେଳେ ଚିନ୍ତାମଗ୍ନ ରହିବାକୁ ସୁଖ ପାଉଥିଲେ । ମାତୃଦେବୀଙ୍କ ବିୟୋଗ ପରେହିଁ ଯଥାର୍ଥଭାବରେ ତାଙ୍କ ଆଧ୍ୟାତ୍ମଜୀବନର ସୂତ୍ରପାତ ହୋଇଥିଲା । କଠୋପନିଷଦ୍ ମତରେ "ମୃତ୍ୟୁରୂପୀ ଯମହିଁ ମହାଜ୍ଞାନର ପ୍ରବକ୍ତା ।" ଜଗତରେ ମୃତ୍ୟୁହିଁ ଜୀବକୁ ମୁହୂର୍ତ୍ତିକ ପାଇଁ ହେଲେ ମଧ୍ୟ ଅନ୍ତର୍ମୁଖୀ କରିଦେଇଥାଏ । ମୃତ୍ୟୁ ସହିତ ନଳିନୀକାନ୍ତଙ୍କର ଏହି ପ୍ରଥମ ସାକ୍ଷାତ୍ । ସେହି ସାକ୍ଷାତ୍ ବ୍ୟର୍ଥ ହୋଇନାହିଁ । ତାଙ୍କ ଜୀବନ ଯେଉଁସବୁ ଭାବନା ଦ୍ୱାରା ନିୟନ୍ତ୍ରିତ, ସେ ସମସ୍ତ ଭାବନା ମଧ୍ୟରୁ ଅଧିକାଂଶ ମାତୃ ବିୟୋଗ ପରଠାରୁ ସଞ୍ଜାତ ।

ମାତୃବିୟୋଗ ପରଠାରୁ 'ମା' କୁଆଡ଼େ ଗଲେ, ବୋଲି ସେ ସେତେ ଭାବିତ ହୋଇଛନ୍ତି, ସେହି ପରିମାଣରେ ସେ ମହାମାୟାଙ୍କୁ ପ୍ରାର୍ଥନା କରି ଆକୁଳ ପ୍ରାଣରେ କାନ୍ଦି ଉଠିଛନ୍ତି । ଏହାହିଁ ତାଙ୍କଜୀବନବ୍ୟାପୀ ସାଧନାର ପ୍ରଧାନ ପର୍ବ ।

ଶ୍ରୀ ଶ୍ରୀ ଠାକୁର ବାଲ୍ୟକାଳରୁ ନିଜର ଭାବ ଗୋପନ କରି ଚଳୁଥିଲେ । ଏହା ତାଙ୍କ ଗାମ୍ଭୀର୍ଯ୍ୟର ପରିଚୟ । ତେଣୁ ସେ କିଶୋରବୟସର ଆବେଗଆକୁଳତା କଥା ଅନ୍ୟ ନିକଟରେ ପ୍ରକାଶ କରୁ ନଥିଲେ । ମାତୃବିଚ୍ଛେଦ ପରେ ସେ ମା'ଙ୍କ

ଦର୍ଶନ ଓ ଜଗନ୍ମାତାଙ୍କୁ ଲାଭ କରିବା ନିମିତ୍ତ ବିଶେଷ ଭାବରେ ଚେଷ୍ଟାକଲେ । × × × × କିଶୋର ନଳିନୀକାନ୍ତ ଭଗବାନଙ୍କୁ ମାତୃରୂପରେ ହିଁ ଦର୍ଶନ କରିବାକୁ ଇଚ୍ଛାକରିଥିଲେ । କିନ୍ତୁ ଜନନୀ ବା ମହାମାୟା କାହାରି ଦର୍ଶନ ନ ପାଇ ଅଭିମାନରେ ସେ କେତେ ଯେ ଅଶ୍ରୁ ବର୍ଷଣ କରିଛନ୍ତି, ତାହା ମୁଖରେ ବ୍ୟକ୍ତ କରିହେବ ନାହିଁ । × × × ଉପଯୁକ୍ତ ସମୟ ନ ହେଲେ ଏ ଜଗତରେ କୌଣସି ଘଟଣା ଘଟେ ନାହିଁ । ଶ୍ରୀ ଶ୍ରୀ ଠାକୁରଙ୍କର ଗୃହତ୍ୟାଗ ବର୍ତ୍ତମାନ ସମାଗତ ନୁହେଁ ବୋଲି ଜାଣି ଜଗନ୍ମାତା ମାତୃରୂପରେ ଦେଖା ଦେଇ ନ ଥିଲେ ।

ମାତୃବିୟୋଗ ପରେ ମା' କିମ୍ବା ତାଙ୍କୁ ଉପଲକ୍ଷ କରି ଜଗନ୍ମାତା କେହି ହେଲେ ନଳିନୀକାନ୍ତଙ୍କୁ ପରଲୋକବିଶ୍ୱାସୀ ଏବଂ ଭଗବତ୍‌ବିଶ୍ୱାସୀ କରାଇ ପାରି-ନାହାନ୍ତି । ମା'ଙ୍କୁ ହରାଇବା ଫଳରେ ତାଙ୍କୁ ଦଶଦିଗ ଶୂନ୍ୟ ବୋଧ ହେଲା । ସେ ମା' ବୋଲି ଯେତେ କାନ୍ଦିଲେ ମଧ୍ୟ କେବେହେଲେ ମା'ଙ୍କ ଦର୍ଶନ ଲାଭ କରିପାରିଲେ ନାହିଁ ।

ସୁତରାଂ ମାତୃହରା ହେତୁ ତାଙ୍କ ଜୀବନରେ ବିଷାଦଯୋଗର ସୂଚନା ଓ ତତ୍ତ୍ୱଜ୍ଞାନ ଲାଭ ନିମିତ୍ତ ବ୍ୟାକୁଳତାର ପ୍ରକୃତ ଉନ୍ମେଷ ଘଟିଥିଲା । ମା' ଚାଲିଯିବା ପରେ ଭଗବାନ ତାଙ୍କୁ ବିଶେଷ ଭାବରେ ଭାବିବାର ସୁଯୋଗ ଦେଲେ । ତାଙ୍କର ଚିତ୍ତ ଉଦାସ ହୋଇଗଲା । ଦୁଃଖର ଆଘାତରେ ତାଙ୍କର ସ୍ନେହାତୁର ଚିତ୍ତ ଗୋଟିଏ କିଛି ଅବଲମ୍ବନ ଖୋଜୁଥିଲା । ହିନ୍ଦୁ ସଂସ୍କାର ହେତୁ ସେ ଭଗବାନଙ୍କୁ ଥରେ ମା' ବୋଲି ଭାବି ତାଙ୍କ କୋଳରେ ବସି ତାଙ୍କୁ ଜାବୁଡ଼ି ଧରିବାକୁ ଇଚ୍ଛା କରିଥିଲେ । ତାହା ପୁଣି ମୃତ୍ୟୁ ସମୟରେ ମା' କେବଳ ସେ କଥା କହିଯାଇଥିବାରୁ— "ନଳିନୀକୁ କହିବ, ମୁଁ ତାକୁ ଜଗନ୍ମାତାଙ୍କ କୋଳରେ ସମର୍ପଣ କରି ଦେଇଗଲି ।" କିନ୍ତୁ ସେ ଦେଖିଲେ, ଶିଶୁ ଜନ୍ମ ପରେ ମା' ପାଇବା ଯେତେ ସହଜ, ଏଇ ଜଗନ୍ମାତାଙ୍କୁ ପାଇବା ସେତେ ସହଜ ନୁହେଁ । ଜୀବନରେ ପ୍ରଥମ-ମୃତ୍ୟୁ ସମ୍ମୁଖରେ ଦଣ୍ଡାୟମାନ ହୋଇ ସହଜ ଜ୍ଞାନରେ ନଳିନୀକାନ୍ତ ଦେଖିଲେ, ଏ ସଂସାରରେ ମୂଳରୁ ଶେଷ ପର୍ଯ୍ୟନ୍ତ ସବୁ କେବଳ ମାୟା । ଦେହ

ଭସ୍ମୀଭୂତ ହେବା ସଙ୍ଗେ ସଙ୍ଗେ ମା' ଯେପରି ତାଙ୍କ ଆଦରର ନଳିନୀକୁ ଭୁଲିଗଲେ, ଏକଦା ଚଣ୍ଡୀମଣ୍ଡପରେ ଯେଉଁ ଦେବୀ ତାଙ୍କୁ ଦର୍ଶନ ଦେଇଥିଲେ, ସେ ଦେବୀ ମଧ୍ୟ ସେହିପରି ନଳିନୀକାନ୍ତଙ୍କୁ ଭୁଲିଗଲେଣି ।


ମା'ଙ୍କ ମୃତ୍ୟୁ ପରେ ତାଙ୍କ ସଂସାରବନ୍ଧନ ଏକାବେଳେକେ ଯେପରି ଛିନ୍ନ ହୋଇଗଲା !! ଆଉ ମଧ୍ୟ ପରଲୋକ ଓ ଈଶ୍ୱରଙ୍କ ସମ୍ବନ୍ଧରେ ସଂଶୟ ଜାତ ହେବାରୁ ତାଙ୍କ ବାଲ୍ୟକାଳର ସହଜ ଭକ୍ତି ବିଶ୍ୱାସ ମଧ୍ୟ ଅନ୍ତର୍ହିତ ହୋଇଗଲା । ସେ କ୍ରମେ କ୍ରମେ ନାସ୍ତିକ ହୋଇଉଠିଲେ । ମାତୁଳାଳୟରେ ତିନି ବର୍ଷ ରହି ଦଣ୍ଡିଆପୁର ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇ ସେ ଢାକା ପଢ଼ିବାକୁ ଗଲେ ।

(ଶ୍ରୀ ଶ୍ରୀ ନିଗମାନନ୍ଦ ଜୀବନ-ପ୍ରସଙ୍ଗ-୧ମ ଖଣ୍ଡ, 'ଉଷର ହୃଦୟ' ଅଧ୍ୟାୟ)

## କୋଷ୍ଠୀ ବିଚାର

ପତ୍ନୀବିୟୋଗ ପରେ ଭୁବନମୋହନ ମୁହ୍ୟମାନ ହୋଇପଡ଼ିଲେ । ପ୍ରଥମତଃ ପତ୍ନୀବିୟୋଗ, ଦ୍ୱିତୀୟତଃ ଟ୍ରେନ୍ ସଂଘର୍ଷରୁ ନଳିନୀକାନ୍ତଙ୍କ ଜୀବନରକ୍ଷା— ଏଥିରେ ଭୁବନମୋହନ ଭବିଷ୍ୟତ ଅମଙ୍ଗଳ ଆଶଙ୍କା କରି ପୁତ୍ରର କୋଷ୍ଠୀ ଫଳାଫଳ ଜାଣିବା ପାଇଁ ବ୍ୟଗ୍ର ହୋଇଉଠିଲେ । କାଶୀମ୍‌ବଜାରର ରାଣୀ ସ୍ୱର୍ଣ୍ଣମୟୀଙ୍କ ସଭାପଣ୍ଡିତ ଶ୍ରୀ ଶ୍ୟାମାଚରଣ ଜ୍ୟୋତିଷାର୍ଣ୍ଣବ କାର୍ଯ୍ୟୋପଲକ୍ଷରେ କୁତବପୁର ଆସିଥିଲେ । ଭୁବନମୋହନ ପୁତ୍ରର କୋଷ୍ଠୀଫଳ ଜାଣିବାକୁ ଉକ୍ତ ପଣ୍ଡିତଙ୍କସହିତ ସାକ୍ଷାତ୍ କଲେ । ପଣ୍ଡିତମହାଶୟ କୋଷ୍ଠୀ ଦେଖି କହିଲେଯେ, ସେ ଏପରି ବୈଚିତ୍ର୍ୟମୟ କୋଷ୍ଠୀ କେବେ ଦେଖି ନାହାନ୍ତି । ଏହାଙ୍କର ଭବିଷ୍ୟତ ଜୀବନ ବଡ଼ ରହସ୍ୟମୟ । ବହୁକର୍ମ, ବହୁଜ୍ଞାନ, ବହୁମତ, ବହୁପଥ, ବହୁବିପଦ, ବହୁ ସମ୍ପଦ, ବହୁ ମାନ, ବହୁ ନିନ୍ଦା, ବହୁ ତ୍ୟାଗ ଓ ବହୁ ଲାଭ ଏହାଙ୍କ ଜୀବନର ବିଶେଷତ୍ୱ । ପଣ୍ଡିତ ମହାଶୟ ନଳିନୀକାନ୍ତଙ୍କୁ ନାନାପ୍ରକାର ଆଶୀର୍ବାଦ କରି ବିଦାୟ ଗ୍ରହଣ କଲେ ।

## କୋଷ୍ଠୀର ଗ୍ରହଚକ୍ର




ଜନ୍ମ ୧୨୮୬ ସାଲ ଭାଦ୍ର ୪ ଦିନ ଗୁରୁବାର ରାତ୍ର ୨ ଘଣ୍ଟା ଲ° ୨।୧୭।୫୮, ୨ୟ ୩।୧୦।୪୦, ୩ୟ ୪।୭।୩୮, ୪ର୍ଥ ୫।୭।୫୫, ୫ମ ୬।୧୦।୭, ୬ଷ୍ଠ ୭।୧୪।୧୭ ।

# ଦ୍ୱିତୀୟ ପରିଚ୍ଛେଦ

## ସାଂସାରିକ ଜୀବନ

### ବିବାହ

ନଳିନୀକାନ୍ତ ନିଷ୍ଠାବାନ୍, ଶାନ୍ତଶିଷ୍ଟ ବ୍ରାହ୍ମଣର ପୁତ୍ର ହୋଇ ଦିନକୁ ଦିନ ଯେପରି ମତିଗତିର ପରିଚୟ ଦେଲେ, ସେଥିରେ ଭୁବନମୋହନ ବଡ଼ ଉତ୍କଣ୍ଠିତ ହୋଇ ପଡ଼ିଲେ । ପୁତ୍ରର ବ୍ରାହ୍ମଣ ଜାତିର ଅଭିମାନ ନାହିଁ । କିଏ ବଡ଼, କିଏ ଶ୍ରେଷ୍ଠ, କିଏ ସ୍ପୃଶ୍ୟ, କିଏ ଅସ୍ପୃଶ୍ୟ—ଏହିସବୁ ଭେଦଭାବ ନ ଥିବା ଦେଖି ପିତା କୋଷ୍ଠୀର ଫଳ ସତ୍ୟ ହେବା ଆଶଙ୍କା କରି, ପୁତ୍ରକୁ ବିବାହ ଦେବାକୁ ମନସ୍ଥ କଲେ ଓ ଗୋଟିଏ ସୁପାତ୍ରୀ ଅନୁସନ୍ଧାନରେ ରହିଲେ । ହାଲିସହରର ନିବାସୀ ସ୍ୱର୍ଗୀୟ ବୈଦ୍ୟନାଥମୁଖୋପାଧ୍ୟାୟଙ୍କର ଗୋଟିଏକନ୍ୟାଥିଲେ । ଭୁବନମୋହନ ନିଜେ ଦେଖିଲେ ଯେ, ପାତ୍ରୀଟି ସର୍ବାଙ୍ଗସୁନ୍ଦରୀ ଓ ତାଙ୍କର ଲଜ୍ଜାବିନମ୍ର କଣ୍ଠସ୍ୱର ସଙ୍ଗୀତ ପରି ସୁଶ୍ରାବ୍ୟ । ୧୩୦୪ ସାଲରେ ୧୮ ବର୍ଷ ବୟସରେ ଭୁବନମୋହନ ପୁତ୍ରକୁ ବିବାହ ଦେଇ ତ୍ରୟୋଦଶ ବର୍ଷୀୟ ପୁତ୍ରବଧୂ ସୁଧାଂଶୁବାଳାଙ୍କୁ ସ୍ୱଗୃହକୁ ଆନୟନ କଲେ । *

### ବିବାହ ପରେ

ଏହି ସମୟରେ ନଳିନୀକାନ୍ତ ମାତୁଳାଳୟରେ ଅବସ୍ଥାନ କରୁଥିଲେ । ପୁତ୍ରର ମନୋରଞ୍ଜନ ପାଇଁ ଭୁବନମୋହନ ପୁତ୍ରବଧୂଙ୍କୁ ତାଙ୍କ ନିକଟକୁ ପଠାଇଦେଲେ; କିନ୍ତୁ ନଳିନୀକାନ୍ତ ପିତାଙ୍କ ସେବା ନିମିତ୍ତ ସଙ୍ଗେ ସଙ୍ଗେ ତାଙ୍କୁ ପୁଣି କୁତବପୁରକୁ ପ୍ରେରଣ କଲେ । ଏଥିରେ ମାତାମହ

---

* ବିଶେଷ ବିବରଣୀ ପାଇଁ ଶ୍ରୀମତୀ ନାରାୟଣୀ ଦେବୀଙ୍କ କୃତ "ଶ୍ରୀ ଶ୍ରୀ ନିଗମାନନ୍ଦ ଜୀବନ-ପ୍ରସଙ୍ଗ" ଦ୍ରଷ୍ଟବ୍ୟ ।

ନ୍ଙ୍କ ହୋଇ ପଢ଼ା ପଢ଼ିର ଖର୍ଚ୍ଚ ବନ୍ଦ କରିଦେବାରୁ ନଳିନୀକାନ୍ତ ଅଧିକ ପଢ଼ିବାର ଆଶା ତ୍ୟାଗକରି ଓଭରସିଅରି ପଢ଼ିବାକୁ ଆରମ୍ଭ କଲେ । ଓଭରସିଅରି ପାସ୍‌କରିଗ୍ରାମବାସୀଙ୍କ ଅନୁରୋଧରେ କିଛିଦିନ ସ୍ଥାନୀୟ ମଧ୍ୟଇଂରାଜୀବିଦ୍ୟାଳୟରେ ଶିକ୍ଷକତା କଲେ ଏବଂ ତାହା ସଙ୍ଗେ ସଙ୍ଗେ ନାଟକ ଦଳରେ ମିଶି ଅଭିନୟ କରିବା ଓ ନିଜେ ନାଟକ ଲେଖିବାକୁ ଆରମ୍ଭ କଲେ । ଅନ୍ୟକୃତ ନାଟକ ତାଙ୍କ ଭାବରେ ଅନୁରୂପ ବୋଲି ସେ 'ତରଣୀସେନ ବଧ' ନାମକ ଖଣ୍ଡିଏ ନାଟକ ଲେଖି ନିଜେ ତରଣୀସେନ ଭୂମିକାରେ ଅଭିନୟ କରୁଥିଲେ ।

## କର୍ମଜୀବନ

କିଛି ଦିନ ଏହି ଭାବରେ କଟିଯିବା ପରେ ସେ ଚାକିରି ଅନ୍ୱେଷଣ କରି ଦିନାଜପୁର ଜିଲ୍ଲାବୋର୍ଡ଼ରେ ଓଭରସିଅର କାର୍ଯ୍ୟ ପାଇଲେ । ଦିନାଜ-ପୁରଠାରେ ଚାକିରିରେ ଯୋଗଦାନ କରି ନଳିନୀକାନ୍ତ ସେହିଠାରେ ଅବସ୍ଥାନ କଲେ । ଯେଉଁ ଉଦ୍ଦେଶ୍ୟରେ ପୁତ୍ରକୁ ବିବାହ ଦେଲେ, ପୁତ୍ରବଧୂଙ୍କୁ ଘରେ ରଖିଲେ ତାହେଲେ ସେ ଉଦ୍ଦେଶ୍ୟ ବ୍ୟର୍ଥ ହେବ, ଏହା ଭାବି ଭୁବନମୋହନ ପୁତ୍ରବଧୂଙ୍କୁ ଦିନାଜପୁର ପଠାଇ ଦେଲେ । ସେହିଠାରେ ନଳିନୀକାନ୍ତଙ୍କର ଦାମ୍ପତ୍ୟ-ଜୀବନ ଆରମ୍ଭ ହେଲା । ଉଭୟଙ୍କ ଭିତରେ ପ୍ରଗାଢ଼ ଅନୁରାଗ ଦେଖି ପିତା ମନେ ମନେ ଆନନ୍ଦିତ ହୋଇ ଭାବିଲେ ଯେ କୋଷ୍ଠୀଫଳ ସମ୍ଭବତଃ ମିଥ୍ୟା ହେବ ।

ନଳିନୀକାନ୍ତ ଦିନାଜପୁର ଜିଲ୍ଲାବୋର୍ଡ଼ରେ ଚାକିରି କରି ଚାକିରିରେ ଯେ କି କଷ୍ଟ, ତାହା ମର୍ମେ ମର୍ମେ ଉପଲବ୍ଧି କରିବାକୁ ଲାଗିଲେ । ତାଙ୍କୁ ଇଞ୍ଜିନିୟର୍ ଅତୁଳକୃଷ୍ଣ ମୁଖାର୍ଜିଙ୍କ ନିକଟରେ ସର୍ବଦା ଭୟଭୀତ ହୋଇ ରହିବାକୁ ପଡ଼ୁଥିଲା । ଏପରି ହୀନବୃତ୍ତି ତାଙ୍କର ଅସହ୍ୟ ହେବାରୁ ସେ ସାହେବଙ୍କ ସହିତ ଦିନେ ବଚସା କରି ଚାକିରି ଛାଡ଼ିଦେଲେ । ତପରେ ସେ କଲିକତାର ଦିଗମ୍ବର ମିତ୍ରଙ୍କ ପୌତ୍ରୀ କୃଷ୍ଣପ୍ରମଦା ଦାସୀଙ୍କର ଦାକ୍ତିଆ ପ୍ରଗଣାସ୍ଥିତ ଜମିଦାରୀର ସୁପରଭାଇଜର ନିଯୁକ୍ତ ହୋଇ ପାର୍ବତୀପୁର ଷ୍ଟେସନର ଦୁଇ ତିନିମାଇଲ ଦୂରରେ ଥିବା ନାରାୟଣପୁର କଚେରୀରେ

ଅବସ୍ଥାନ କଲେ । ସେଠାରେ ସପରିବାର ବାସ କରିବା ନିମିତ୍ତ ଗୃହ ଥିବାରୁ ଭୁବନମୋହନ ପୁତ୍ରବଧୂଙ୍କୁ ସେଠାକୁ ପଠାଇଦେଲେ । ପ୍ରାୟ ଛଅମାସ ସେଠାରେ ବାସ କରିବା ପରେ ନଳିନୀକାନ୍ତ ଗୃହର କେତେକ ଅସୁବିଧା ଯୋଗୁ ସ୍ତ୍ରୀଙ୍କୁ ପୁଣି କୁଞ୍ଜବପୁର ପଠାଇଦେଲେ ।

## ନାସ୍ତିକ ଭାବ

ନଳିନୀକାନ୍ତ ଯୌବନରେ ପଦାର୍ପଣ କରି ବାଲ୍ୟକାଳର ଧର୍ମଭାବଗୁଡ଼ିକ ହରାଇ ବସିଲେ । ଭକ୍ତି ଓ ବିଶ୍ୱାସ ତିରୋହିତ ହେଲା । ସେ ସର୍ବଦା ମନେ କଲେ ଯେ, ମନୁଷ୍ୟ ମଲେ ତାହାର ସବୁ ଶେଷ ହୋଇଯାଏ । ଜନ୍ମାନ୍ତର, ପରକାଳ ଦେବଙ୍କର କଳ୍ପନା ଏବଂ ପୂଜାର୍ଚ୍ଚନା, ସମୟର ଅପବ୍ୟବହାର ମାତ୍ର । ସେ ଈଶ୍ୱରଙ୍କୁ ଅବିଶ୍ୱାସ ନ କଲେ ମଧ୍ୟ ବିଶ୍ୱାସ କରୁ ନଥିଲେ । ସେ ଭାବନ୍ତି, ଈଶ୍ୱର ଥାନ୍ତୁ ବା ନ ଥାନ୍ତୁ, ମନୁଷ୍ୟର କିଛି ଯାଏ ଆସେ ନାହିଁ । ଆମ୍ଭେମାନେ ଈଶ୍ୱରଙ୍କ ହାତର କ୍ରୀଡ଼ନକ ମାତ୍ର । ସଂସାରରେ ଯାହାଙ୍କର ଯେତେ ପ୍ରକାର ସୁବିଧା ଅଛି, ତାହା ସେ ଭୋଗ କରିନେବା ଉଚିତ । ମାତ୍ର ସେ ନାସ୍ତିକ ହେଲେ ମଧ୍ୟ ସର୍ବଦା ନୀତିପାଳନ କରି ଚଳୁଥିଲେ । ତାଙ୍କ ଭିତରେ ପ୍ରବଳ ଅନୁସନ୍ଧିତ୍ସା ପ୍ରବୃତ୍ତି ଜାଗ୍ରତ ଥିଲା ।

## ଛାୟାମୂର୍ତ୍ତି ଦର୍ଶନ

ସ୍ତ୍ରୀଙ୍କୁ ଗୃହକୁ ପଠାଇବାର ପ୍ରାୟ ତିନିମାସ ପରେ ନଳିନୀକାନ୍ତ ଡକ୍ତ ନାରାୟଣପୁରକଚେରୀରେ ଅବସ୍ଥାନ କରୁଥିବାସମୟରେଦିନେରାତ୍ରରେ ସେଟଲ୍-ମେଣ୍ଟ ସମ୍ବନ୍ଧୀୟ ଗୋଟିଏ ମୋକଦ୍ଦମାର ସାକ୍ଷ୍ୟ ଦେବା ନିମନ୍ତେ କାଗଜପତ୍ର ପ୍ରସ୍ତୁତ କରୁଅଛନ୍ତି, ଏପରି ସମୟରେ ହଠାତ୍ ତାଙ୍କ ଆଗରେ ଥିବା ବଡ଼ ଆଲୋକଟି ନିଷ୍ପ୍ରଭ ହୋଇଉଠିଲା । ଆଲୋକ କିଏ କମାଇ ଦେଉଛି ଭାବି ଚାହିଁବା ମାତ୍ରେ ଦେଖିଲେ, ଯେଉଁ ଟେବୁଲ ନିକଟରେ ତାଙ୍କର ସ୍ତ୍ରୀ ପ୍ରତିଦିନ ଆସି ଯେପରି ଠିଆ ହୁଅନ୍ତି, ଠିକ୍ ସେହି ସ୍ଥାନରେ ଟେବୁଲ ଉପରେ ହାତ ଦେଇ ସ୍ତ୍ରୀଙ୍କ ଛାୟାମୂର୍ତ୍ତି ଦଣ୍ଡାୟମାନ । ସେତେବେଳେ ତାଙ୍କ ସ୍ତ୍ରୀଙ୍କର କୁଞ୍ଜବପୁରଠାରୁ ନାରାୟଣପୁରକୁ ଆସିବା ଏକାନ୍ତ ଅସମ୍ଭବ; ତେଣୁ ଏହା ନିଜର ଗୋଟିଏ ଭ୍ରମ

ତେଣୁ ଏହା ନଜର ଗୋଟିଏ ଭ୍ରମ ବୋଲି ଭାବି ପୁଣି ଥରେ ଚାହିଁବାରୁ ଦେଖିଲେ ଯେ ମୂର୍ତ୍ତିଟି ସ୍ଥିର ଭାବରେ ପୂର୍ବପରି ଦଣ୍ଡାୟମାନ । ସ୍ୱାଭାବିକ ମୂର୍ତ୍ତି ଅପେକ୍ଷା ତାହା ଟିକିଏ ଜ୍ୟୋତିର୍ମୟ, ମୁଖ ଅତ୍ୟନ୍ତ ବିଷାଦ ମଳିନ । ଏହା ଦେଖି ଭୀତ ହୋଇ ନଳିନୀକାନ୍ତ ଚିତ୍କାର କରିଉଠିଲେ । ସଙ୍ଗେ ସଙ୍ଗେ ସେହି ଛାୟାମୂର୍ତ୍ତି ଉଭେଇଗଲା । ପାଟି ଶୁଣି ନିକଟସ୍ଥ ଘରେ ଥିବା ଚାକର-ମାନେ ଦଉଡ଼ି ଆସିଲେ, କିନ୍ତୁ ନଳିନୀକାନ୍ତ କାହାକୁ କିଛି କହିଲେ ନାହିଁ ।

## ମୂର୍ତ୍ତି ଦର୍ଶନ ପରେ

ସ୍ତ୍ରୀଙ୍କର ଛାୟାମୂର୍ତ୍ତି ଦର୍ଶନ ପରେ ନଳିନୀକାନ୍ତଙ୍କର ମନେ ହେଲା ଯେ, ସ୍ତ୍ରୀ ଆଉ ଇହଜଗତରେ ନାହାନ୍ତି । ତତ୍‌କ୍ଷଣାତ୍ ଘରକୁ ଯାଇ ଦେଖି ଆସିବାକୁ ବଡ଼ ମନ ବ୍ୟାକୁଳ ହେଲା । ମାତ୍ର ସେତେବେଳେ ହାତରେ ବହୁତ କାର୍ଯ୍ୟ ଥିବାରୁ ଏବଂ ପୂଜାଛୁଟି ଆଉ ଅଳ୍ପ ଦିନ ରହିଥିବାରୁ ସେହି ସମୟରେ ଯିବାକୁ ସ୍ଥିର କଲେ । ଛାୟାମୂର୍ତ୍ତି ଦର୍ଶନ ପରଠାରୁ ତାଙ୍କ ମନ ପ୍ରବଳ ବେଗରେ ଆଲୋଡ଼ିତ ହେବାକୁ ଲାଗିଲା । ପୂର୍ବ ସଂସ୍କାରସବୁ ମନ ଭିତରେ କ୍ରିୟାଶୀଳ ହେବାରୁ ଏପରି ଭାବନାମୟୀ ମୂର୍ତ୍ତି ଦେଖାଯାଉଅଛି ବୋଲି ସେ ସ୍ଥିର କଲେ । ଏପରି ମନକୁ ବୁଝାଇ ସେ ଟିକିଏ ନିଶ୍ଚିନ୍ତ ହେଲେ । ସ୍ତ୍ରୀ ମରିଯାଇଛନ୍ତି—ଏପରି ଅମଙ୍ଗଳ ଆଶଙ୍କା କରିବାକୁ ନଳିନୀକାନ୍ତଙ୍କୁ ବଡ଼ ଅପ୍ରିୟ ଓ ଅସୁଖ ବୋଧହେଲା । ଅବଶେଷରେ ମାନସିକ ଭ୍ରାନ୍ତି ଓ ଦୃଷ୍ଟିଭ୍ରମ ବୋଲି ବିବେଚନା କରି ସେ ମନଦୃଢ଼ କରିବାକୁ ଚେଷ୍ଟା କଲେ । ଏହାର ଦୁଇ ଦିନ ପରେ ପତ୍ର ପାଇଲେ ଯେ, ସ୍ତ୍ରୀ ଅସୁସ୍ଥା । ଏହି ପତ୍ର ପାଇ ମନଟା ବିଶେଷ ଖରାପ ହୋଇଗଲା । ସ୍ତ୍ରୀ ବଞ୍ଚି ରହିଥିବାର ମନରେ ଯେ କ୍ଷୀଣ ଆଶା ଟିକିକ ଥିଲା, ଅସୁସ୍ଥ ସମ୍ବାଦ ଶୁଣି ସେ ଆଶା ତିରୋହିତ ହେଲା । ଉକ୍ତ ଅସୁସ୍ଥତା ସହିତ ମୃତ୍ୟୁର ଘନିଷ୍ଠ ସମ୍ବନ୍ଧ ଅଛି ବୋଲି ନଳିନୀକାନ୍ତ ମନରେ ଭାବିବାକୁ ଲାଗିଲେ । ସେ ଭାବିଲେ, ତେବେ କ'ଣ ସ୍ତ୍ରୀ ମୃତ୍ୟୁ ସଙ୍ଗେ ସଙ୍ଗେ ମୋତେ ଶେଷ ଦେଖା ଦେଇଗଲେ ? ଯଦି ମୃତ୍ୟୁ ପରେ ଆତ୍ମାର ଅସ୍ତିତ୍ୱ ନ ଥାଏ; ତେବେ ମୃତବ୍ୟକ୍ତିର ମୂର୍ତ୍ତି ଦେଖାଯିବ ବା କିପରି ? ଏହିପରି ସେ ନାନା ଭାବନା କରିବାକୁ ଲାଗିଲେ; ମାତ୍ର କୌଣସି

ଶେଷପିଢାକୁରେ ଉପନୀତ ହୋଇପାରିଲେ ନାହିଁ । ଶେଷରେ ସେ ଭାବିଲେ, ଯେବେ ସ୍ତ୍ରୀଙ୍କର ମୃତ୍ୟୁ ହୋଇଥାଏ, ତେବେ ଘରକୁ ଯିବାଠାରୁ ନ ଯିବା ବରଂ ଭଲ ହୁଅନ୍ତା । ମାତ୍ର ଏ ସମ୍ବନ୍ଧରେ ଅନ୍ୟ କାହାକୁ କିଛି ଲେଖିବାକୁ ତାଙ୍କର ଇଚ୍ଛା ହେଲା ନାହିଁ । କାରଣ ସେ ବୁଝିଥିଲେ, ଏହା ଭାବିବା ବଡ଼ ସହଜ, କିନ୍ତୁ ମୃତ୍ୟୁସମ୍ବାଦ ବଡ଼ ମର୍ମନ୍ତୁଦ ।

## ସ୍ତ୍ରୀ ବିୟୋଗ

ଏହିପରି ନାନା ଚିନ୍ତା କରି ସେ ଗୃହକୁ ଯିବା ନିମିତ୍ତ ପ୍ରସ୍ତୁତ ହେଲେ ଏବଂ ଯଥାସମୟରେ ଗ୍ରାମରେ ପହଞ୍ଚି ଜାଣିଲେ ଯେ, ଯେଉଁ ଦିନ ଯେଉଁ ସମୟରେ ସେ ଛାୟାମୂର୍ତ୍ତି ଦର୍ଶନ କରିଥିଲେ, ତାହାର ଚାରିଦଣ୍ଡ ପୂର୍ବରୁ ସୁଧାଂଶୁବାଳାଙ୍କର ମୃତ୍ୟୁ ଘଟିଛି । *

## ଆସ୍ତିକ ଭାବ

ନଳିନୀକାନ୍ତ ଏହି ଦୁଃସମ୍ବାଦ ଶୁଣି ବହୁ ଚେଷ୍ଟା କରି ମଧ୍ୟ ନିଜକୁ ପ୍ରବୋଧ ଦେଇପାରିଲେ ନାହିଁ କିମ୍ବା ତାହା ଭୁଲିପାରିଲେ ନାହିଁ । ପରେ ଖୁଡ଼ୀଙ୍କଠାରୁ ସ୍ତ୍ରୀଙ୍କର ମୃତ୍ୟୁକାଳୀନ ସମ୍ବାଦ ଶୁଣି ସେ ଅତ୍ୟନ୍ତ ଚମକିତ ହୋଇପଡ଼ିଲେ । ଖୁଡ଼ୀ କହିଲେ, ମୃତ୍ୟୁର ତିନିଦିନ ପୂର୍ବରୁ ବୋହୂ ଅଚେତ ହୋଇ ଯାଇଥିଲା । କେବଳ ନଳିନୀ ନାମ ଶୁଣିଲେ ଆଖି ମେଲି ଚାହୁଁଥିଲା । ବୋହୂ ମୃତ୍ୟୁ ପୂର୍ବରୁ କହିଗଲା, "ତାଙ୍କୁ କହିବ—ସେ ଆଉ ବିବାହ କରିବେ ନାହିଁ । ଧର୍ମ ଓ ପରକାଳ ସତ୍ୟ । ତାଙ୍କୁ କହିବ, ସେ ସଦ୍‌ଗୁରୁଙ୍କ ଆଶ୍ରୟ ନେଇ ଦୀକ୍ଷା ଗ୍ରହଣପୂର୍ବକ ନିଷ୍ଠେ ପୁଣ୍ୟ ସାଧନ କରିବେ ।"

ନଳିନୀକାନ୍ତ ଗୃହରେ ଏକାକୀ ବସି ଚିନ୍ତା କରିବାକୁ ଲାଗିଲେ । ଏହି ଘର, ଏହି ଦ୍ରବ୍ୟସମ୍ଭାର ସମସ୍ତ ଅଛି; ମାତ୍ର ସେ ନାହିଁ । ସୁଖମୟ ସଂସାର ସ୍ୱପ୍ନପରି ଦୁଇ ଦିନ ପରେ ଭାଙ୍ଗିଗଲା । ମୃତ୍ୟୁ ପରେ ସବୁ ଶେଷ ହୁଏ କି କିଛି

---

* ଶ୍ରୀମତୀ ନାରାୟଣୀ ଦେବୀଙ୍କ କୃତ "ଶ୍ରୀ ଶ୍ରୀ ନିଗମାନନ୍ଦ ଜୀବନ-ପ୍ରସଙ୍ଗ"ରେ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି ।

ଥାଏ ? ଯଦି ଶେଷ ହୁଏ, ତେବେ ଗ୍ରୁପ୍ଯାମୂର୍ତ୍ତି ଆସିଲା କୁଆଡ଼ୁ ? ଯଦି ପ୍ରକୃତ ପରକାଳ ଅଛି, ତେବେ ତାଙ୍କ ସହିତ ଅନ୍ତେ ମାତ୍ର ସାକ୍ଷାତ କରିବି । ନଳିନୀକାନ୍ତଙ୍କ ମନ ଭିତରେ ଯେତେବେଳେ ଏହିସବୁ ଚିନ୍ତା ଖେଳୁଥିଲା, ସେହି ସମୟରେ ସେ ରୁଣୁଝୁଣୁ ଶବ୍ଦ ଶୁଣିବାକୁ ପାଇଲେ । ସ୍ତ୍ରୀ ଚାଲିଯିବା-ବେଳେ ପଦାଙ୍ଗୁଠିରେ ଥିବା ଅଙ୍ଗୁଷ୍ଠର ଶବ୍ଦ ପରି ସେ ଶବ୍ଦ ତାଙ୍କୁ ପ୍ରତୀତ ହେଲା । ମୁହୂର୍ତ୍ତିକ ପରେ ଶବ୍ଦ ଆସ୍ତେ ଆସ୍ତେ କମିଆସିଲା । ନଳିନୀକାନ୍ତଙ୍କ ନିକଟରେ ସତେ ଯେପରି କିଏ ଠିଆହେଲା । ସେ ସ୍ତ୍ରୀଙ୍କୁ ନିକଟରେ ଅନୁଭବ କରିପାରିଲେ । ତା ପରେ ଆଉ ବେଶୀ କିଛି ବୁଝି ନ ପାରି ପୂର୍ବାପେକ୍ଷା ଅଧିକ ବ୍ୟାକୁଳ ହେବାକୁ ଲାଗିଲେ । ଭୁବନମୋହନ ପୁତ୍ରବଧୂଙ୍କ ମୃତ୍ୟୁରେ ଅତ୍ୟନ୍ତ ବ୍ୟାକୁଳ ହୋଇପଡ଼ିଲେ ।

ମୃତ୍ୟୁ ପୂର୍ବରୁ ସୁଧାଂଶୁବାଳା ଯାହା କହିଗଲେ, ତାହା ଭାବି ନଳିନୀକାନ୍ତ ବିସ୍ମିତ ହୋଇପଡ଼ିଲେ । "ନିସ୍ତ୍ରୈଗୁଣ୍ୟ ସାଧନ କର" ଏକଥା ସେ ଗ୍ରାମ୍ୟ କୁଳବଧୂ ମୁଖରୁ ଶୁଣି କିଛି ବୁଝିପାରିଲେ ନାହିଁ । ନଳିନୀକାନ୍ତ ବିସ୍ମିତ ହୋଇ ନିସ୍ପନ୍ଦ ଭାବରେ ବସିରହିଲେ । ପରଦିନ ସମବୟସ୍କମାନଙ୍କ ପାଖରୁ ଗୃହକୁ ଫେରିବା ସମୟରେ ରାତ୍ରି ପ୍ରାୟ ଦଶଟା ବାଜିଗଲା । ଅନ୍ଧକାର ରାତ୍ରି । ଗ୍ରାମ ଭିତରେ ଗଛ ତଳ ଦେଇ ଗୃହକୁ ଫେରୁଛନ୍ତି, ସମ୍ମୁଖରେ ଥିବା ଶିମୁଳିଗଛ ମୂଳରେ ହଠାତ୍ ଚମକି ପଡ଼ିଲେ । ସ୍ତ୍ରୀଙ୍କର ସେହି ଗ୍ରୁପ୍ଯା ମୂର୍ତ୍ତି । ମୁଖଟି ଅତୀବ ବିଷାଦମଳିନ । ନଳିନୀକାନ୍ତଙ୍କ ମନ ବଡ଼ ବ୍ୟାକୁଳ ହୋଇଉଠିଲା । ଦ୍ୱିତୀୟ ବାର ଗ୍ରୁପ୍ଯାମୂର୍ତ୍ତି ଦର୍ଶନ ପରେ ନଳିନୀକାନ୍ତ ପରକାଳକୁ କବିକଳ୍ପନାପ୍ରସୂତ ବୋଲି ମନେ କରିପାରିଲେ ନାହିଁ ।

ତତ୍ପରଦିନ ସକାଳୁ ନଳିନୀକାନ୍ତ ପୁନର୍ବାର କର୍ମସ୍ଥଳକୁ ଯିବାକୁ ପ୍ରସ୍ତୁତ ହୋଇ ପିତାଙ୍କୁ ଅନୁମତି ମାଗିଲେ । ଭୁବନମୋହନ ବୋହୂର ଶ୍ରାଦ୍ଧ କରିବା ଲାଗି ପୁତ୍ରକୁ ରହିଯିବାକୁ କହିଲେ । ନଳିନୀକାନ୍ତ କିନ୍ତୁ କହିଲେ "ଆପଣ ମୁଖାଗ୍ନି ଦେଇଛନ୍ତି, ଶ୍ରାଦ୍ଧ କରିବେ । ମୁଁ ମୁନିବଙ୍କର ଜରୁରୀ ମୋକଦ୍ଦମା କାର୍ଯ୍ୟ ଛାଡ଼ି ଆସିଛି, ଆପଣଙ୍କ ଅନୁମତି ପାଇଲେ ଯିବି ।" ଭୁବନମୋହନ ଆପତ୍ତି କଲେ ନାହିଁ । ସୁତରାଂ ନଳିନୀକାନ୍ତ କଲିକତା ଚାଲିଆସିଲେ ।

ଅବସର ସମୟରେ ପରଲୋକତତ୍ତ୍ୱବିଦ୍ ସାଧୁ, ସନ୍ନ୍ୟାସୀ ଓ ପଣ୍ଡିତମାନଙ୍କ ସନ୍ଧାନ ନେବାକୁ ଲାଗିଲେ । ଏହି ସମୟରେ ପୁନରାୟ ସେହି ଛାୟାମୂର୍ତ୍ତି ନଳିନୀକାନ୍ତଙ୍କ ନିକଟରେ ପ୍ରକଟ ହେଲା । ଏଥର କିନ୍ତୁ ଛାୟାମୂର୍ତ୍ତି ନୁହେଁ, ଦିବ୍ୟ ଜ୍ୟୋତିର୍ମୟ ମୂର୍ତ୍ତି । ପୂର୍ବପରି ବିଷାଦରେଖାର ଚିହ୍ନ ସୁଦ୍ଧା ଆଉ ନାହିଁ । କିଛିକ୍ଷଣ ପରେ ମୂର୍ତ୍ତି ଅଦୃଶ୍ୟ ହୋଇଗଲା ।

## ତୃତୀୟବାର ଛାୟାମୂର୍ତ୍ତି ଦର୍ଶନ

କଲିକତାରେ ମୋକଦ୍ଦମା କାର୍ଯ୍ୟ ଶେଷ ହୋଇ ନ ଥିବାରୁ ସେ ନାରାୟଣପୁର କଚେରୀକୁ ଯାଇପାରି ନ ଥିଲେ । ଏହି ସମୟରେ ଦିନେ (ସୁଧାଂଶୁବାଳାଙ୍କ ମୃତ୍ୟୁର ନବମ ଦିନ) ନଳିନୀକାନ୍ତ ବିଛଣାରେ ଶୋଇଛନ୍ତି, ନିଦ୍ରା ଆସୁନାହିଁ, ମୃତ ପତ୍ନୀଙ୍କ କଥା ଭାବୁଛନ୍ତି, ଘରେ ମିଞ୍ଜି ମିଞ୍ଜି ହୋଇ ଆଲୁଅ ଜଳୁଛି । ଘର ଭିତରେ କିଏ ଯେପରି ବୁଲୁଥିବାର ଶବ୍ଦ ଶୁଣିପାରିଲେ । ଶବ୍ଦଟି ଠିକ୍ ସୁଧାଂଶୁବାଳାଙ୍କ ପଦଶବ୍ଦ ପରି ତାଙ୍କୁ ଲାଗିଲା । ନଳିନୀକାନ୍ତ ପରକାଳ-ଅବିଶ୍ୱାସୀ ଥିବାରୁ ବିସ୍ମୟରେ ଉଠିପଡ଼ି ପଚାରିଲେ, "ଏ ଘରେ କିଏ ?" ଉତ୍ତର ହେଲା, 'ମୁଁ ତୁମର ସୁଧା' । ନଳିନୀକାନ୍ତ କହିଲେ, 'ତୁମ କଣ୍ଠସ୍ୱର ତ ଶୁଣୁଛି, ତୁମକୁ ଦେଖିପାରୁନାହିଁ କାହିଁକି ?' ଉତ୍ତର ହେଲା, 'ତୁମେ ଭୟ ପାଇବ ନାହିଁ ତ ?' ନଳିନୀକାନ୍ତ କହିଲେ, 'ତୁମକୁ ଦେଖି ଯଦି ଭୟ ପାଇବି, ତେବେ ଖୁସି ହେବି କାହାକୁ ଦେଖି ?' ସେତେବେଳେ ନଳିନୀକାନ୍ତଙ୍କ ସମ୍ମୁଖରେ ଠିକ୍ ସୁଧାଂଶୁବାଳାଙ୍କର ଜୀବନ୍ତ ରୂପ ନୟନଗୋଚର ହେଲା । ନଳିନୀକାନ୍ତ କହିଲେ, 'ଏତେ ଦୂରରେ କାହିଁକି ? ମୋ ପାଖକୁ ଆସି ବସ ।' ଛାୟାମୂର୍ତ୍ତି ସୁଧାଂଶୁବାଳା ନଳିନୀକାନ୍ତଙ୍କ ବାମପାର୍ଶ୍ୱରେ ଆସି ବସିଲେ । ନଳିନୀକାନ୍ତ ବାମ ହାତରେ ତାଙ୍କୁ ଧରି ତାଙ୍କର ସେହି ଚିରପରିଚିତ ଚିରନୂତନ ମୁଖମଣ୍ଡଳ ପ୍ରତି ଦୃଷ୍ଟିପାତ କଲାମାତ୍ରେ ଛାୟାମୂର୍ତ୍ତି ସୁଧାଂଶୁବାଳା କହିଲେ 'ତୁମେ ମୋର ଶ୍ରାଦ୍ଧ କରିବ ନାହିଁ ?'

ନଳିନୀକାନ୍ତ—ବାବା ଶ୍ରାଦ୍ଧ କରିବେ, ତାଙ୍କୁ କହିଦେଇ ଆସିଛି ।

ଛାୟାମୂର୍ତ୍ତି—ତୁମେ ଶ୍ରାଦ୍ଧ କଲେ, ମୋର ଯେପରି ତୃପ୍ତି ହେବ ଅନ୍ୟ ଦ୍ୱାରା କରାଇଲେ ତାହା କଅଣ ସମ୍ଭବ ହେବ ?

ନଳିନୀକାନ୍ତ ହତାଶବ୍ୟଞ୍ଜକ ସ୍ୱରରେ କହିଲେ, 'ଆଗରୁ କହିଲ ନାହିଁ କାହିଁକି ? କାଲି ତ ଶ୍ରାଦ୍ଧ ଦିନ, ବର୍ତ୍ତମାନ ମୁଁ କଅଣ କରିପାରିବି ?'

ଛାୟାମୂର୍ତ୍ତି ଟିକିଏ ଭାବି ଉତ୍ତର କଲେ, 'ତୁମକୁ ଆଉ କିଛି କରିବାକୁ ହେବ ନାହିଁ । ତୁମର ଯାହା ଇଚ୍ଛା ହେବ, ମୋତେ ଦେବ, ମୁଁ ସେଥିରେ ତୃପ୍ତିଲାଭ କରିବି ।'

କଥାଟି ଶେଷ ହେବା ସଙ୍ଗେ ସଙ୍ଗେ ଛାୟାମୂର୍ତ୍ତି ଉଭେଇଗଲା । ନଳିନୀକାନ୍ତ କିଂକର୍ତ୍ତବ୍ୟବିମୂଢ଼ଭାବରେ ବସି ରହିଲେ ।

## ଶ୍ରାଦ୍ଧ

ନଳିନୀକାନ୍ତ ତତ୍ପରଦିନ ଗଙ୍ଗାରେ ସ୍ନାନ କରି ଦୁଇଟି ଟଙ୍କା ଧରି ବଜାରକୁ ଗଲେ । ଯେଉଁସବୁ ଦ୍ରବ୍ୟ ସୁଧାଂଶୁବାଳାଙ୍କର ପ୍ରିୟ ଥିଲା ଓ ଯାହା ଖାଇବାକୁ ସେ ଭଲ ପାଉଥିଲେ, ସେହିସବୁ ଦ୍ରବ୍ୟ କିଣିଆଣି ବସାକୁ ଫେରିଲେ । ତାପରେ ଗୃହକୁ ଲିପି ପୋଛିଦେଇ ଗୋଟିଏ ଥାଳିରେ ଶ୍ରାଦ୍ଧଜିନିଷଗୁଡ଼ିକ ଦେବତାଙ୍କ ଭୋଗ ପରି ସଜାଇ ଗୋଟିଏ ବସିବା ଆସନ ଓ ଗିଲାସେ ପାଣି ରଖିଦେଇ ମନେ ମନେ ସୁଧାଂଶୁବାଳାଙ୍କୁ ସ୍ମରଣ କରି କହିଲେ, 'ମୋର ଏ ସାମାନ୍ୟ ଆୟୋଜନ ଗ୍ରହଣ କର ।' ଏହିପରି ପ୍ରାର୍ଥନା କରି ବସିରହିଲେ । ନଳିନୀକାନ୍ତ ଭାବିଥିଲେ, ପୂର୍ବରାତ୍ରି ପରି ସୁଧାଶୁବାଳା ଉପସ୍ଥିତ ହୋଇ ସଶରୀରରେ ଭୋଜନ କରିବେ । କିନ୍ତୁ ସମସ୍ତ କ୍ରମେ ଅତୀତ ହେଲା । ଅଧଘଣ୍ଟା ବିତିଗଲା; ତଥାପି ସୁଧାଂଶୁବାଳା ଆସିଲେ ନାହିଁ କି ଖାଇଲେ ନାହିଁ ।

ନଳିନୀକାନ୍ତଙ୍କ ମନ ବିରକ୍ତ ହୋଇଉଠିଲା । ସେ ଭାବିଲେ, ସବୁବେଳେ ସ୍ତ୍ରୀର ଚିନ୍ତା କରୁଥିବାରୁ ଗତ ରାତ୍ରିରେ ତାହାର ଦର୍ଶନ ହୋଇଥିଲା । ଉତ୍କଟ ରୋଗ ପ୍ରକୋପରେ ପଡ଼ି ବିକାରଗ୍ରସ୍ତ ହୋଇ ମନୁଷ୍ୟ ଯେପରି କେତେ କ'ଣ ଦେଖେ, ସେହିପରି ମୋର ଶୋକଗ୍ରସ୍ତ ମନ ବିକାର-

ପ୍ରାପ୍ତ ହୋଇ ଏହିପରି ଦର୍ଶନ ଓ ଶ୍ରବଣ କରିଅଛୁ । ମଲା-ମନୁଷ୍ୟ କେବେ, କେଉଁ ଦିନ ଫେରିଆସିବ ନାହିଁ । ମୋର ଏହି ଦୁର୍ବଳ ମନର ସୁସ୍ଥତା ଆଣିବା ଆବଶ୍ୟକ । ମିଛରେ ମୁଁ ପଇସା ଖରଚ କରି ଏତେ ଜିନିଷ ଆଣିଲି । ମରବା ମଣିଷ ଯେ ଖାଏ, ଏକଥା ଚିରକାଳ ଅବିଶ୍ବାସ କରିବାର କଥା । ଏପରି ଗୋଟିଏ ବିକୃତ ସିଦ୍ଧାନ୍ତ ଯେ ମୋ ମନକୁ ଆସିଲା, ତାହା ବଡ଼ ଲଜ୍ଜାକର । ଯାହାହେଉ, ଖାଇବା ଜିନିଷଗୁଡ଼ିକ ମୁଁ ନିଜେ ଖାଇବି । ଏହା ଭାବି ନଳିନୀକାନ୍ତ ଚିନ୍ତିତ ଓ ବିରକ୍ତିର ସହିତ ଆସନରେ ଉପବିଷ୍ଟ ହେଲେ । ହାତ ବଢ଼ାଇ ଖାଇବାକୁ ଯିବାବେଳେ ଶବ୍ଦ ହେଲା, "ଛି, ଛି, ଏ କ'ଣ କରୁଛ ?" ଏହା କହି ସୁଧାଂଶୁବାଲା ନଳିନୀକାନ୍ତଙ୍କ ହାତ ଚିପି ଧରିଲେ । ନଳିନୀକାନ୍ତ ଅତି ବିସ୍ମୟପୂର୍ଣ୍ଣ ହୃଦୟରେ ଉତ୍ତର କଲେ, "ତୁମେ ତ ଖାଉ ନାହଁ, ତେଣୁ ମୁଁ ଖାଉଛି ।"

"ମୁଁ ସେସବୁ ଖାଇଛି, ମୋର ଉଚ୍ଛିଷ୍ଟ ଖାଇବ ?"—ଜ୍ୟୋତିର୍ମୂର୍ତ୍ତି ନଳିନୀକାନ୍ତଙ୍କ ହାତ ଧରି ଉତ୍ତର କଲେ ଓ ତାଙ୍କ ସ୍ମିତ ପ୍ରଫୁଲ୍ଲ ଅନ୍ତଃକରଣରେ କୃତଜ୍ଞତା ପ୍ରକାଶ କଲା ପରି ଚାହିଁ ରହିଲେ । ନଳିନୀକାନ୍ତ ପ୍ରଶ୍ନ କଲେ, "ଖାଇଛ ବୋଲି କହୁଛ କିପରି ? ମୁଁ ତ ଏତେ ସମୟ ବସିଛି, କାହିଁ ଖାଇଲ ନାହିଁ ?" ତହୁଁ ଜ୍ୟୋତିର୍ମୂର୍ତ୍ତି ଗମ୍ଭୀର ସ୍ୱରରେ କହିଲେ, "ମୃତ୍ୟୁ ସଙ୍ଗେ ସଙ୍ଗେ ମନୁଷ୍ୟର ସ୍ଥୂଳଦେହ ଲୋପ ପାଇଯାଏ । କିନ୍ତୁ ଆତ୍ମାର ମୃତ୍ୟୁ ନାହିଁ ବୋଲି ସୂକ୍ଷ୍ମ ଦେହରେ ମନୁଷ୍ୟର ଅସ୍ତିତ୍ୱ ରହିଯାଏ । ଏହି ଅବସ୍ଥାରେ ମନୁଷ୍ୟର ସ୍ଥୂଳଦେହ-ଉପଯୋଗୀ କୌଣସି ଦ୍ରବ୍ୟ ଭୋଗ କରିବାର କ୍ଷମତା ନ ଥାଏ । ସୂକ୍ଷ୍ମ ଭାବରେ ସବୁ ପଦାର୍ଥର ସୂକ୍ଷ୍ମାଂଶ ଗ୍ରହଣ କରେ ମାତ୍ର । ଏହି ଖାଇବା ପଦାର୍ଥଗୁଡ଼ିକ ତୁମେ ଯେତେବେଳେ ଦେଇଛ, ସେତେବେଳେ ମୁଁ ଏହାର ସୂକ୍ଷ୍ମାଂଶ ଗ୍ରହଣ କରିଛି ।" ନଳିନୀକାନ୍ତ କହିଲେ, "ମୁଁ ବର୍ତ୍ତମାନ ଏଗୁଡ଼ିକ କ'ଣ କରିବି ?" ଉତ୍ତର ହେଲା, "ଗଙ୍ଗାରେ ଫିଙ୍ଗିଦିଅ । ଦେଖୁ ଦେଖୁ ଜ୍ୟୋତିର୍ମୂର୍ତ୍ତି ଉଭେଇଗଲେ । ନଳିନୀକାନ୍ତ ନିର୍ବାକ ନିସ୍ପନ୍ଦ ଭାବରେ ବସିରହିଲେ । *

---

* ଶ୍ରୀମତୀ ନାରାୟଣୀ ଦେବୀଙ୍କ କୃତ "ଶ୍ରୀ ଶ୍ରୀ ନିଗମାନନ୍ଦ ଜୀବନ-ପ୍ରସଙ୍ଗ" ଦ୍ରଷ୍ଟବ୍ୟ ।

## ପରଲୋକତତ୍ତ୍ୱ ଅନୁସନ୍ଧାନ

ଥରେ, ଦୁଇଥର, ତିନିଥର ସ୍ତ୍ରୀମୂର୍ତ୍ତି ଦର୍ଶନ କଲାପରେ ନଳିନୀକାନ୍ତଙ୍କ ମନରେ ପରକାଳର ଅସ୍ତିତ୍ୱ ଦୃଢ଼ମୂଳ ହେଲା । ନଳିନୀକାନ୍ତ ଭାବିଲେ, ମନୁଷ୍ୟର ଆତ୍ମୀୟମାନେ ମରଯାନ୍ତି; କିନ୍ତୁ କିଏ ଆସି ସ୍ନେହବିରହ-ବିଧୁରର ସ୍ମୃତି ପୁନର୍ବାର ଜାଗ୍ରତ କରାଇଦିଏ ? ଏହି ପରଲୋକତତ୍ତ୍ୱ ଉଦ୍‌ଘାଟନ କରିବାକୁ ହେବ । ଯଦି ପରଲୋକ ଥାଏ, ତେବେ ତାହା ସହିତ ପୁନର୍ବାର ସାକ୍ଷାତ୍ କରିବାକୁ ହେବ । ନାନାଲୋକଙ୍କ ସହିତ ଆଲୋଚନା କରି ସେ ବୁଝିଲେ ଯେ, କଲିକତାରେ ଥିବା ଥିଓସଫିକାଲ ସୋସାଇଟିରେ ପରଲୋକତତ୍ତ୍ୱ ସମ୍ବନ୍ଧରେ ଆଲୋଚନା ହୁଏ ଓ ସେମାନେ ଆତ୍ମା ଅଣାଇ ପରଲୋକ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରନ୍ତି । ଏହି ସମୟରେ ତାଙ୍କର କୁମିରା ବଦଳି ହେବାରୁ, ସେ କଲିକତା ବାଟ ଦେଇ ସେଠାକୁ ଯିବାକୁ ମନସ୍ଥ କଲେ ।

କୁମିରା ଯିବା ବାଟରେ କଲିକତାରେ ଅବତରଣ କରି କିପରି ମୃତ ବ୍ୟକ୍ତିଙ୍କ ସହିତ ଆଳାପ କରିବାକୁ ହୁଏ ଏବଂ କେଉଁଠାକୁ ଗଲେ ଉକ୍ତ କୌଶଳାଦି ଶିକ୍ଷା କରାଯାଏ ଇତ୍ୟାଦି ବିଷୟ ଅବଗତ ହୋଇ ପୁନର୍ବାର କର୍ମସ୍ଥଳକୁ ଫେରିଆସିଲେ । ମଧ୍ୟେ ମଧ୍ୟେ କଲିକତାକୁ ଆସି ଉକ୍ତ ସୋସାଇଟିର ସଭ୍ୟମାନଙ୍କ ସହିତ ଆଲୋଚନା, ଆଳାପ ଓ ପରିଚୟାଦି କରି ଅବଗତ ହେଲେ ଯେ, ପରଲୋକ ସମ୍ବନ୍ଧରେ ପ୍ରତ୍ୟକ୍ଷଭାବରେ ଜ୍ଞାନଲାଭ କରିବାକୁ ହେଲେ ମାନ୍ଦ୍ରାଜ ନିକଟବର୍ତ୍ତୀ ଆଦ୍ୟାର (Adyar) ଆଶ୍ରମକୁ ଯାଇ ରେଭେରେଣ୍ଡ ଲେଡ଼ବିଟର ସାହେବଙ୍କ ନିକଟରୁ ଏ ବିଷୟ ଶିକ୍ଷା କରିବା ଦରକାର । ସେ ଦୁଇମାସ ଛୁଟି ନେଇ ମାନ୍ଦ୍ରାଜ ଚାଲିଗଲେ ।

## ଥିଓସଫି ଶିକ୍ଷା

ନଳିନୀକାନ୍ତ ଆଦ୍ୟାରଠାରେ ପାଦ୍ରୀ ଲେଡ଼ବିଟରଙ୍କ ନିକଟରୁ ପରଲୋକରୁ ଆତ୍ମା ଆଣିବାର କ୍ଷମତା ଅର୍ଜନ କଲେ । ଅଳ୍ପଦିନ ମଧ୍ୟରେ ମିଡ଼ିୟମ୍, ମେସ୍‌ମେରିଜିମ୍, ପ୍ଲାନ୍‌ଚେଟ୍, ମେଣ୍ଟାଲ୍ ଟେଲିଗ୍ରାଫିକ୍ ବା ଟେଲିପ୍ୟାଥି

ପ୍ରଭୃତି ବିଦ୍ୟା ଶିକ୍ଷା କଲେ । ସେମାନେ ଯେଉଁ ପାଠ୍ୟ (task) ଦିଅନ୍ତି, ନଳିନୀକାନ୍ତ ଦିନେ ଦୁଇଦିନ ଭିତରେ ତାହା ଆୟତ୍ତ କରି ପକାନ୍ତି । ନଳିନୀକାନ୍ତ 'Go to sleep' ବୋଲି କହି ତାଙ୍କର ଶିକ୍ଷାଦାତାଙ୍କୁ ମୁହୂର୍ତ୍ତିକ ଭିତରେ ସମ୍ମୋହିତ କରିପକାନ୍ତି; କିନ୍ତୁ ଶିକ୍ଷାଦାତାମାନେ କୌଣସି ପ୍ରକାରେ ତାଙ୍କୁ ସମ୍ମୋହିତ କରିପକାନ୍ତି ନାହିଁ । ଯାହାହେଉ, ଅଳ୍ପଦିନ ଭିତରେ ସେମାନଙ୍କ ଉପଦେଶ ଅନୁଯାୟୀ କାର୍ଯ୍ୟ କରି ନଳିନୀକାନ୍ତ ହାତେହାତେ ଫଳ ପାଇଲେ । ଯେଉଁ ଲୋକର ଆତ୍ମା ଆଣିବାକୁ ଚେଷ୍ଟା କରୁଥିଲେ, ତାହା ସଫଳ ହେଲା । ଉକ୍ତ ଆତ୍ମା ମିଡ଼ିୟମ ଭିତର ଦେଇ ନଳିନୀକାନ୍ତଙ୍କ ସହିତ କଥୋପକଥନ କରିବାକୁ ଲାଗିଲେ । ଅନେକ ଗୁପ୍ତ ରହସ୍ୟ ଯାହା ତାଙ୍କ ବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ, ତାହା ଠିକ୍ ଠିକ୍ ଭାବରେ କହିଦେଲେ । ଜୀବିତାବସ୍ଥାରେ ତାଙ୍କର ସ୍ତ୍ରୀ ଗୋଟିଏ ଗାନ ଗାଉଥିଲେ । ନଳିନୀକାନ୍ତଙ୍କୁ ଉକ୍ତ ଗାନଟି ବଡ଼ ମଧୁର ବୋଧହେଉଥିଲା । ଅନୁରୋଧକ୍ରମେ ମିଡ଼ିୟମ୍ ବ୍ୟକ୍ତି ଉକ୍ତ ଗାନଟି ଅବିକଳ ପୂର୍ବ ସ୍ୱରରେ ଗାଇବାକୁ ଲାଗିଲା । ଏହିପରି କିଛିଦିନ ଆନନ୍ଦରେ କଟିଗଲା । ପରେ ନଳିନୀକାନ୍ତ ବୁଝିଲେ ଯେ, ଏହି ପ୍ରଣାଳୀଦ୍ୱାରା ସେ ପରକାଳର ଭଗ୍ନାଂଶ ମାତ୍ର ବୁଝିପାରିଛନ୍ତି । କାରଣ ପ୍ରେତାତ୍ମାକୁ ମିଡ଼ିୟମ୍ ଭିତର ଦେଇ ଆଣିବାକୁ ପଡ଼େ ଓ ମିଡ଼ିୟମ୍ ବ୍ୟକ୍ତିଙ୍କୁ ପ୍ରଶ୍ନ କରି ଘଟଣାବଳୀ ଜାଣିବାକୁ ହୁଏ । ଥିଓସଫିକାଲ ସୋସାଇଟି ଦ୍ୱାରା ଯେଉଁ ବିଦ୍ୟା ଅର୍ଜିତ ହୁଏ, ତଦ୍ଦ୍ୱାରା ମୃତାତ୍ମାକୁ ଆକର୍ଷଣ କରି (Materlaise) ପ୍ରତ୍ୟକ୍ଷ ଭାବରେ ମୁଖ୍ୟ ବ୍ୟକ୍ତି ସହିତ ବାକ୍ୟାଳାପ କରି ହୁଏ ନାହିଁ ।

କିନ୍ତୁ ତାଙ୍କର ଇଚ୍ଛା ଯେ ସେ କିପରି ସ୍ତ୍ରୀଙ୍କ ସହିତ ପ୍ରତ୍ୟକ୍ଷ ଭାବରେ ବାକ୍ୟାଳାପ କରିବେ । ଉକ୍ତ ସୋସାଇଟିରେ ତାଙ୍କର ଏ ଅଭିଳାଷ ପୂର୍ତ୍ତି ହେବାର କୌଣସି ଉପାୟ ନ ଦେଖି ଦୁଇମାସ ପରେ ଉକ୍ତ ସୋସାଇଟିର ସମସ୍ତ ବିଦ୍ୟା ଆୟତ୍ତ କରି ସେ ପୁନର୍ବାର କର୍ମସ୍ଥଳ କୁମିଲ୍ଲାକୁ ଫେରିଆସିଲେ ।

ମିଡ଼ିୟମ୍ଦ୍ୱାରା ମୃତବ୍ୟକ୍ତିଙ୍କ ସହିତ ବାକ୍ୟାଳାପ କରିବା ସମୟରେ ସେ ସବୁ ପ୍ରତ୍ୟକ୍ଷ ସତ୍ୟ ବୋଲି ମନେ କରୁଥିଲେ । କିନ୍ତୁ ଯୋଗୀଙ୍କ ପରେ

ଏଦ୍ୱାର ତତ୍ତ୍ୱ ଆଲୋଚନା କରି ଜାଣିପାରିଲେ ଯେ, ମିଡ଼ିୟମ୍ ଭିତର ଦେଇ ପ୍ରକୃତ ପ୍ରେତାତ୍ମା ଆସେ ନାହିଁ; ତାହା ସମ୍ମୋହିତ ବ୍ୟକ୍ତିଙ୍କର ଆତ୍ମସ୍ଫୁରଣ ମାତ୍ର । ମନୁଷ୍ୟ ଯାହା କହେ ବା ଶୁଣେ ସେ ସମସ୍ତ ଶବ୍ଦ ବାୟୁମଣ୍ଡଳରେ ରେକର୍ଡ଼ ହୋଇ ରହେ । ସଂଯତ କରି ମନକୁ ସେହି ସ୍ତରରେ ଅବସ୍ଥାପିତ କଲାମାତ୍ରେ ପୂର୍ବପରି ସବୁ ଶୁଣାଯାଏ । ସମ୍ମୋହନ ବଳରେ ମିଡ଼ିୟମ୍ ବ୍ୟକ୍ତିଙ୍କୁ ମୋହିତକରି ପକାଇଲେ ଅର୍ଥାତ୍ ସମ୍ମୋହନ ବ୍ୟକ୍ତିଙ୍କର ଅର୍ଦ୍ଧଚୈତନ୍ୟ ଅବସ୍ଥା (Subconscious stage) ଆନୟନ କଲେ ମିଡ଼ିୟମ୍ ବ୍ୟକ୍ତିର ଆତ୍ମଶକ୍ତି ବର୍ଦ୍ଧିତ ହୁଏ । ତଦ୍ୱାରା ଅତୀନ୍ଦ୍ରିୟ ଦୃଷ୍ଟି ଖୋଲିଯିବାରୁ ମିଡ଼ିୟମ୍ ବ୍ୟକ୍ତି ଅତୀନ୍ଦ୍ରିୟ ଶକ୍ତିବଳରେ ପ୍ରଶ୍ନକର୍ତ୍ତାଙ୍କର ସବୁ ଗୁପ୍ତ ଖବର ଦେବାକୁ ସକ୍ଷମ ହୁଏ ।

## ସାଧୁ ବିଦ୍ୱେଷ

ଆତ୍ମା ଓ ପରକାଳରେ ନଳିନୀକାନ୍ତଙ୍କର ବିଶ୍ୱାସ ଆସିଲା ସତ୍ୟ, ମାତ୍ର ସାଧୁସନ୍ନ୍ୟାସୀମାନଙ୍କ ପ୍ରତି ଆନ୍ତରିକ ଘୃଣାଭାବ ଗଲାନାହିଁ । ନଳିନୀକାନ୍ତଙ୍କର ବିଶ୍ୱାସ ଯେ, ଯେଉଁମାନେ ଖାଇବାକୁ ପାଆନ୍ତି ନାହିଁ, ସେମାନେ ଧର୍ମ ନାମରେ ଭଣ୍ଡାମୀ କରି ବୁଲନ୍ତି । ସନ୍ନ୍ୟାସୀ ଦେଖିଲେ ତାଙ୍କର ବିଶେଷ କ୍ରୋଧ ହୁଏ । ଭୁବନମୋହନ ସ୍ୱାମୀ ଭାସ୍କରାନନ୍ଦଙ୍କ ଶିଷ୍ୟ । ତେଣୁ ସନ୍ନ୍ୟାସୀ-ମାନଙ୍କ ପ୍ରତି ତାଙ୍କର ବିଶେଷ ଶ୍ରଦ୍ଧା ଥାଏ । ସେ ସନ୍ନ୍ୟାସୀ ଦେଖିଲାମାତ୍ରେ ବିଶେଷ ଆଦର ଯତ୍ନ କରିଥାଆନ୍ତି । ଏଥିରେ ନଳିନୀକାନ୍ତ ତୀବ୍ର ପ୍ରତିବାଦ କରନ୍ତି ।

ଦିନେ ଜଣେ ଜଟାଜୁଟଧାରୀ ସନ୍ନ୍ୟାସୀ ଅତିଥି ଭାବରେ ଆସି ନଳିନୀକାନ୍ତଙ୍କ ଘରେ ପହଞ୍ଚିଲେ । ପିତା ଆଦର ଯତ୍ନ କରି ତାଙ୍କୁ ଘରେ ରଖାଇଲେ । ସନ୍ନ୍ୟାସୀଙ୍କ ପ୍ରତି ଆଦର ଯତ୍ନ ଦେଖି ନଳିନୀକାନ୍ତଙ୍କର ଦେହ ସହୁ ନ ଥାଏ; ତଥାପି ପିତା ବିରକ୍ତ ହେବେ ବୋଲି ଭାବି ପ୍ରକାଶ୍ୟରେ କିଛି କହୁ ନ ଥାନ୍ତି । କିଛି ସମୟ ପରେ ଦୈବାତ୍ ନଳିନୀକାନ୍ତ ବାବାଜୀ ରହିବା ଘର ବାଟ ଦେଇ ଯାଉଥିବାବେଳେ ଦେଖିଲେ ସନ୍ନ୍ୟାସୀ ନିଦ୍ରିତ । ନଳିନୀକାନ୍ତ ଧୀରେ ଧୀରେ ଯାଇ କତୁରୀ ଦ୍ୱାରା ତାଙ୍କର ଗୋଟିଏ ଜଟା

କାଟିଦେଇ ସେ ସ୍ଥାନରୁ ପଳାଇଆସିଲେ । ପରେ ସନ୍ନ୍ୟାସୀ ଉଠି କ୍ରୋଧରେ ପ୍ରଜ୍ଜ୍ୱଳିତ ହୋଇ 'ଭସ୍ମ କରିଦେବି, ଅଭିଶାପ ଦେବି' ଇତ୍ୟାଦି କହିବାକୁ ଲାଗିଲେ । ନଳିନୀକାନ୍ତ କିଛି ନ ଜାଣିଲା ପରି ସେ ସ୍ଥାନରେ ପହଞ୍ଚିଲେ । ତାଙ୍କର ଭାବଭଙ୍ଗୀ ଦେଖି କେହି ତାଙ୍କୁ ସନ୍ଦେହ କରିପାରିଲେ ନାହିଁ ଯେ, ତାଙ୍କ ଦ୍ୱାରା ଏ କାମ ହୋଇଛି । ତେଣୁ ତାଙ୍କୁ ମଧ୍ୟ କେହି ଏ ବିଷୟରେ ପଚାରିଲେ ନାହିଁ ।

## ସ୍ୱାମୀ ପୂର୍ଣ୍ଣାନନ୍ଦଙ୍କ ସହ ସାକ୍ଷାତ

ନଳିନୀକାନ୍ତ କୁମିଲ୍ଲାରେ ରହି କାର୍ଯ୍ୟ କରୁଥିବା ସମୟରେ କଲିକତାକୁ କୌଣସି ବଡ଼ ସାଧୁ ଆସୁଛନ୍ତି କି ନାହିଁ, ସର୍ବଦା ଲକ୍ଷ୍ୟ ରଖିଥାନ୍ତି । ସେହି ସମୟରେ କଲିକତା ସହରରେ ଧର୍ମର ପ୍ରବଳ ବନ୍ୟା ପ୍ରବାହିତ । ବିଜୟକୃଷ୍ଣ ଗୋସ୍ୱାମୀ, ରାମକୃଷ୍ଣ ପରମହଂସ, କେଶବଚନ୍ଦ୍ର ସେନ ଓ ଥିଓସଫିକାଲ ସୋସାଇଟିର ଧର୍ମପ୍ରଚାରକଗଣ କଲିକତାରେ ଧର୍ମ ପ୍ରଚାର କରୁଥାନ୍ତି; କିନ୍ତୁ କେହି ତାଙ୍କର ପିପାସା ମେଣ୍ଟାଇପାରିଲେ ନାହିଁ । କାରଣ ନଳିନୀକାନ୍ତଙ୍କ ଆକାଂକ୍ଷା ସ୍ୱତନ୍ତ୍ର ଧରଣର । ତେଣୁ ସମସ୍ତେ ବିଦ୍ରୂପାତ୍ମକ କଥା କହି ତାଙ୍କୁ ବିଦାୟ ଦଉଥାନ୍ତି ।

ସେ ଥରେ ଶୁଣିଲେ କଲିକତାକୁ ପୂର୍ଣ୍ଣାନନ୍ଦ ସ୍ୱାମୀ ନାମକ ଜଣେ ପ୍ରଖ୍ୟାତନାମା ସାଧୁ ଆସିଛନ୍ତି । ସାଧୁ ବିଶ୍ୱବିଦ୍ୟାଳୟର ଉଚ୍ଚ ଉପାଧିଧାରୀ । ପୂର୍ବାଶ୍ରମରେ ଡ଼ଫ୍ କଲେଜରେ ବିଜ୍ଞାନାଧ୍ୟାପକ ଥିଲେ । ସେ ସନ୍ନ୍ୟାସୀ ହୋଇ ବିନ୍ଧ୍ୟାଚଳରେ ଆଶ୍ରମ କରି ବାସ କରୁଛନ୍ତି ଓ ସିଦ୍ଧପୁରୁଷ ବୋଲି ତାଙ୍କର ବଡ଼ ଖ୍ୟାତି । ନଳିନୀକାନ୍ତଙ୍କର ଧାରଣା ଥିଲା ଯେ, ଅକର୍ମା-ସବୁ ସନ୍ନ୍ୟାସୀ ହୁଅନ୍ତି । ସେମାନେ ଭଣ୍ଡ । ପାଶ୍ଚାତ୍ୟ ଶିକ୍ଷିତ ବ୍ୟକ୍ତି ସଚ୍ଚରିତ୍ର ବୋଲି ତାଙ୍କର ଧାରଣା । କିନ୍ତୁ ସ୍ୱାମୀ ପୂର୍ଣ୍ଣାନନ୍ଦ ତ ଶିକ୍ଷିତ ଅଥଚ ସନ୍ନ୍ୟାସୀ କାହିଁକି ହେଲେ ? କୌତୂହଳର ବଶବର୍ତ୍ତୀ ହୋଇ ସେ ତାଙ୍କୁ ଦେଖିବାକୁ କଲିକତା ଗଲେ । କଲିକତାରେ ସ୍ୱାମୀଜୀଙ୍କ ନିକଟରେ ପହଞ୍ଚି ଦେଖିଲେ ଯେ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ନିକଟରେ ବସିଛନ୍ତି ଓ ଭଗବତ୍ ପ୍ରସଙ୍ଗ ନେଇ ଆଲୋଚନା କରୁଛନ୍ତି । କିନ୍ତୁ ନଳିନୀକାନ୍ତ ଯେଉଁ ଉଦ୍ଦେଶ୍ୟ ନେଇ

ଆସିଛନ୍ତି ତାହା ସମାଗତ ଭଦ୍ରବ୍ୟକ୍ତିଙ୍କଠାରୁ ସ୍ୱତନ୍ତ୍ର ଧରଣର । କିପରି ଜ୍ଞାନଲାଭ ହୁଏ କିପରି ଭଗବାନଙ୍କ ସନ୍ଧାନ ମିଳେ, ଏସବୁ ନେଇ ସମସ୍ତେ ବ୍ୟସ୍ତ । କିନ୍ତୁ ନଳିନୀକାନ୍ତ ଯେଉଁ ସନ୍ଧାନ ନିମିତ୍ତ ଆସିଛନ୍ତି, ତାହା ସର୍ବସମକ୍ଷରେ ପ୍ରକାଶ କଲେ ବଡ଼ ଲଜ୍ଜାର ବିଷୟ ହେବ, କାରଣ ଏହା ଯେ ବ୍ୟକ୍ତିଗତ ଗୁପ୍ତ କଥା । ତେଣୁ ସେ ସ୍ଥିର କଲେ, ସାଧୁ ସନ୍ନ୍ୟାସୀଙ୍କର ତ ପରର ମନୋଭାବ ବୁଝିବାର କ୍ଷମତା ଥାଏ । ଏଯଦି ପ୍ରକୃତରେ ସାଧୁ ହୋଇଥିବେ, ତେବେ ନିଶ୍ଚୟ ତାଙ୍କ ଭାବ ବୁଝିପାରି ଡ଼ାକିବେ । ସାଧୁ ଯଦି ମନକୁ କିଛି ନ ପଚାରନ୍ତି, ତେବେ ସେ କିଛି କହିବେ ନାହିଁ । ଏହି ସଂକଳ୍ପ କରି ସେ ପ୍ରତିଦିନ ଯଥା ସମୟରେ ସ୍ୱାମୀଜୀଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ସମସ୍ତେ ଫେରିବା ପରେ ଫେରିଆସନ୍ତି । ସମସ୍ତେ ସାଷ୍ଟାଙ୍ଗ ପ୍ରଣାମ କରନ୍ତି, ମାତ୍ର ନଳିନୀକାନ୍ତ ପ୍ରଣାମ କରନ୍ତି ନାହିଁ ।

ଦିନେ ସ୍ୱାମୀଜୀ ସମାଗତ ଦର୍ଶକମଣ୍ଡଳୀଙ୍କ ପ୍ରଶ୍ନର ମୀମାଂସା କରିସାରି କହିଲେ ଯେ, ଆଜି ତାଙ୍କର ବିଶେଷ କାର୍ଯ୍ୟ ଅଛି । ସେ ଆଉ ବେଶୀ କଥା କହିପାରିବେ ନାହିଁ ।

ଏହା ଶୁଣି ଦର୍ଶକମଣ୍ଡଳୀ ସେ ଦିନର ଆଲୋଚନା ବନ୍ଦ କରି ଉଠିବାକୁ ଆରମ୍ଭ କଲେ । ସଙ୍ଗେ ସଙ୍ଗେ ନଳିନୀକାନ୍ତ ମଧ୍ୟ ଉଠିଲେ । ଏହା ଦେଖି ପୂର୍ଣ୍ଣାନନ୍ଦ ସ୍ୱାମୀ ନଳିନୀକାନ୍ତଙ୍କୁ ଲକ୍ଷ୍ୟ କରି କହିଲେ, "ତୁମେ ଟିକିଏ ବସ । ତୁମ ସହିତ କଥା ଅଛି । ତୁମ ଘର ତ ନିକଟରେ, ଚଞ୍ଚଳ ଯିବାକୁ ଉଦ୍ୟତ କାହିଁକି ?"

ନଳିନୀକାନ୍ତ ଟିକିଏ ବିସ୍ମିତ ହେଲେ । ଭାବିଲେ ସ୍ୱାମୀଜୀ ଏକଥା କିପରି ଜାଣିଲେ ? ନାନା ଚିନ୍ତା ପରେ ସେ ମନରେ ଠିକ୍ କଲେ, ନିଶ୍ଚୟ ଏ ଜଣେ ସାଧୁ—ମହାପୁରୁଷ । ନିଶ୍ଚୟ ସେ ତାଙ୍କ କଥା ବୁଝିପାରିଛନ୍ତି, ଅନ୍ୟଥା ସମସ୍ତଙ୍କୁ ଉଠାଇଦେଇ ତାଙ୍କୁ ବସିବାକୁ କହିଲେ କାହିଁକି ? ସମସ୍ତେ ଚାଲିଯିବା ପରେ ସ୍ୱାମୀଜୀ କହିଲେ, "କେତେଦିନ ହେବ ତ ତୁମକୁ ଏଠାକୁ ଆସିବା ଦେଖୁଛି—ତୁମର କଅଣ କହିବାକୁ ଅଛି ପ୍ରକାଶ କର ।"

ନଳିନୀକାନ୍ତ—ମୋର ଯାହା କହିବାର ଅଛି, ତାହା ଜନସାଧାରଣ ଯେଉଁସବୁ ଜ୍ଞାତବ୍ୟ ବିଷୟ ନେଇ ସାଧୁମାନଙ୍କ ନିକଟକୁ ଆସନ୍ତି, ତାହା ଅପେକ୍ଷା ସ୍ୱତନ୍ତ୍ର ଧରଣର ।

ପୂର୍ଣ୍ଣାନନ୍ଦ—ନିଃସଙ୍କୋଚ ଭାବରେ ପ୍ରକାଶ କର ।

ନଳିନୀକାନ୍ତ—ଭଗବାନ କିଏ, କିପରି ତାଙ୍କ ସହିତ ସାକ୍ଷାତ ହେବ, ଏସବୁ ମୁଁ କହୁଁନାହିଁ । କାରଣ ଏହା ମୁଁ ବିଶ୍ୱାସ କରେ ବା ନ କରେ, ଭଗବାନ ମୋର ଲକ୍ଷ୍ୟ ନୁହନ୍ତି ।

ପୂର୍ଣ୍ଣାନନ୍ଦ—ସମସ୍ତଙ୍କର ଯେ ଭଗବାନ ଲକ୍ଷ୍ୟ ହେବେ, ତାହାର କୌଣସି ଅର୍ଥ ନାହିଁ ।

ନଳିନୀକାନ୍ତ—ମୁଁ ଶୁଣିପାରୁଛି, ଆପଣ ଭଗବାନଙ୍କୁ ଦେଖାଇ ଦେଉଛନ୍ତି । ଭଗବାନ ତ ବଡ଼ ଜିନିଷ । ମୁଁ ଗୋଟିଏ ସାମାନ୍ୟ ଜିନିଷ ମାଗିବି । ମୁଁ ପରଲୋକ ବିଶ୍ୱାସ କରୁ ନ ଥିଲି; କିନ୍ତୁ ମୋର ସ୍ତ୍ରୀବିୟୋଗ ପରେ ମୁଁ ତାଙ୍କୁ ତିନିଥର ଦର୍ଶନ କରିବାରୁ ପରଲୋକ ସମ୍ବନ୍ଧରେ ମୋର ବିଶ୍ୱାସ ଜନ୍ମିଛି । ମୁଁ ବୁଝୁଛି, ମୋର ସ୍ତ୍ରୀ କଷ୍ଟସ୍ଥ ଅଛି । ଏହି ତତ୍ତ୍ୱ ଜାଣିବା ପାଇଁ ମାନ୍ଦ୍ରାଜ ଯାଇ ଥିଓସଫି ସମ୍ପ୍ରଦାୟରେ ମିଶି ପରଲୋକ ସମ୍ବନ୍ଧରେ ଟିକିଏ ଜ୍ଞାନଲାଭ କରିଛି; କିନ୍ତୁ ମିଡ଼ିୟମ୍ ଭିତରେ ପ୍ରେତାତ୍ମାକୁ ଅଣାଇ ତୃପ୍ତି ବୋଧ କରିପାରିଲି ନାହିଁ । ମିଡ଼ିୟମ୍ ଭିତରେ ପ୍ରତିଥର ଯେ ଆତ୍ମା ଆସିବ, ଏହା ମଧ୍ୟ ସମ୍ଭବ ନୁହେଁ । ଏପରି ଅବସ୍ଥାରେ ମୁଁ ମୋର ପରଲୋକଗତା ସ୍ତ୍ରୀଙ୍କ ସହିତ ପ୍ରତ୍ୟକ୍ଷ ବାକ୍ୟାଳାପ କରିବାକୁ ଚାହେଁ । ଆପଣଙ୍କ ଶାସ୍ତ୍ରରେ ଯଦି ପରଲୋକଗତା ସ୍ତ୍ରୀଙ୍କୁ ଚାକ୍ଷୁଷ ଦର୍ଶନ କରିବା ଭଳି କିଛି ସାଧନା ଥାଏ, ମୁଁ ତାହା ଜାଣିବାକୁ ଇଚ୍ଛା କରେ । ଆପଣ ମୋତେ ତାହାର ପନ୍ଥା ଦେଖାଇ ଦେଇପାରିବେ କି ?

ପୂର୍ଣ୍ଣାନନ୍ଦ—ହଁ, ପାରିବି । ଆଜି ବହୁତ ରାତି ହେଲାଣି । ତୁମେ କାଲି ଦୁଇପ୍ରହର ସମୟରେ ଆସ ।

ନଳିନୀକାନ୍ତ—ମୋର ଇଚ୍ଛା ସତ୍ତ୍ୱେ ମୁଁ ଆପଣଙ୍କୁ ପ୍ରଣାମ କରିପାରି ନ ଥିଲି, ମୋତେ କ୍ଷମା ଦେବେ ।

ପୂର୍ଣ୍ଣାନନ୍ଦ—ତୁମେ ଠିକ୍ କହିଛ, ଏଥିରେ କିଛି ଅପରାଧ ନାହିଁ । ସାଧୁମାନେ ପ୍ରଣାମ ଗ୍ରହଣ କରନ୍ତି ନାହିଁ । ନିଜେ ନ ବୁଝି ଆତ୍ମଗୌରବ ନଷ୍ଟ କରିବା ଉଚିତ ନୁହେଁ ।

ନଳିନୀକାନ୍ତ ପୂର୍ଣ୍ଣାନନ୍ଦ ସ୍ୱାମୀଙ୍କ ସହିତ ଆଳାପରେ ବିଶେଷ ଆଶାନ୍ୱିତ ହୋଇ ଫେରିଲେ । କୌଣସି ପ୍ରକାରେ ରାତ୍ରି ଯାପନ କରି ପର ଦିନ ଦ୍ୱିପ୍ରହର ସମୟରେ ସ୍ୱାମୀଜୀଙ୍କ ନିକଟରେ ଉପସ୍ଥିତ ହେଲେ । ଅନେକ ସମୟ ପର୍ଯ୍ୟନ୍ତ ସ୍ୱାମୀଜୀଙ୍କ ସହିତ ଆଲୋଚନା ହେଲା ।

ପୂର୍ଣ୍ଣାନନ୍ଦ—ତୁମେ ନିଜର ସ୍ତ୍ରୀଙ୍କୁ ଦେଖା କରିବାକୁ ଇଚ୍ଛା କରୁଛ । ତୁମର ସ୍ତ୍ରୀ ଏବଂ ପ୍ରତ୍ୟେକ ସ୍ତ୍ରୀ ମାତ୍ରକେ ଜଗଜ୍ଜନନୀ ଆଦ୍ୟାଶକ୍ତି ମହାମାୟାଙ୍କର ଅଂଶସମ୍ଭୂତା ବା ରୂପା । ତୁମ ସ୍ତ୍ରୀ ତାଙ୍କଠାରେ ମିଶିଯାଇଛନ୍ତି । ତୁମ ସ୍ତ୍ରୀଙ୍କୁ ପାଇବାକୁ ଯେଉଁ ସାଧନା, ଜଗଜ୍ଜନନୀଙ୍କୁ ପାଇବାକୁ ମଧ୍ୟ ସେହି ସାଧନା । ତେବେ ସମଷ୍ଟି-ଆତ୍ମାକୁ ନ ପାଇ ତୁମେ ବ୍ୟଷ୍ଟି ଆତ୍ମା ପ୍ରତି ଆସକ୍ତ କାହିଁକି ? ଜଗଜ୍ଜନନୀଙ୍କୁ ପାଇପାରିଲେ ତ ତୁମର ଉଦ୍ଦେଶ୍ୟ ସିଦ୍ଧ ହେବ । ତୁମ ସ୍ତ୍ରୀଙ୍କୁ ପାଇବ, ଜଗଜ୍ଜନନୀଙ୍କୁ ମଧ୍ୟ ପାଇପାରିବ । ସେତେବେଳେ ଦେଖିବ, ସବୁ ତୁମର କରାୟତ୍ତ । ମୁଁ ସେହି ଜଗଜ୍ଜନନୀ ମା'ଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିବାର ଉପାୟ କହିଦେବି ।

ନଳିନୀକାନ୍ତ- ଜଗଜ୍ଜନନୀଙ୍କୁ ପାଇବାରେ ମୋର କିଛି ମାତ୍ର ଆବଶ୍ୟକତା ନାହିଁ । ମୁଁ ସେହି ଆତ୍ମୀୟାକୁ ପାଇବା ପାଇଁ ଆବଶ୍ୟକ ହେଲେ ଜଗଜ୍ଜନନୀଙ୍କ ଆରାଧନା କରିବାକୁ ପ୍ରସ୍ତୁତ ଅଛି । ଏହି ସାଧନପ୍ରଣାଳୀ ମୋତେ କହିଦିଅନ୍ତୁ ଓ ମୋତେ ଆପଣଙ୍କ ସହିତ ହିମାଳୟ ନେଇଯାନ୍ତୁ ।

ପୂର୍ଣ୍ଣାନନ୍ଦ—ମୁଁ ତୁମର ଗୁରୁ ନୁହେଁ । ତୁମର ଗୁରୁ ନିର୍ଦ୍ଦିଷ୍ଟ ଅଛନ୍ତି । ତୁମେ ତାଙ୍କୁ ଅନୁସନ୍ଧାନ କରି ପ୍ରଥମେ ବ୍ରହ୍ମଚର୍ଯ୍ୟ-ଦୀକ୍ଷା ଗ୍ରହଣ କର, ପରେ ସନ୍ନ୍ୟାସ ଗ୍ରହଣ କରିବ । ଉପଯୁକ୍ତ ଗୁରୁଙ୍କଠାରୁ ଦୀକ୍ଷା ନେଇ ମହାଶକ୍ତିଙ୍କ ସାଧନାରେ ପ୍ରବୃତ୍ତ ହୁଅ ।

ଅନନ୍ତର ନଳିନୀକାନ୍ତ ପୂର୍ଣ୍ଣାନନ୍ଦଙ୍କଠାରୁ ବିଦାୟ ନେଇ ପୁନରାୟ କର୍ମସ୍ଥଳ କୁମିରାକୁ ଫେରିଆସିଲେ ।

## ଗୁରୁ ଅନୁସନ୍ଧାନ

ନଳିନୀକାନ୍ତ ପୂର୍ଣ୍ଣାନନ୍ଦ ସ୍ୱାମୀଙ୍କ ସଂସ୍ପର୍ଶରେ ଆସିବାରୁ ସ୍ୱାମୀଙ୍କର ଶ୍ରୀକୃଷ୍ଣ ଦର୍ଶନ ଲାଭ କରିବାର ଆଶା ମନ ମଧ୍ୟରେ ସଞ୍ଚାର ହେଲା । ସେ ବୁଝିଲେ ଯେ ଗୁରୁ ନ ହେଲେ କିଛି ହେବ ନାହିଁ । ତେଣୁ ଗୁରୁ ପାଇବା ନିମିତ୍ତ ସେ ବ୍ୟାକୁଳ ହୋଇପଡ଼ିଲେ । କିନ୍ତୁ କୌଣସିଠାରେ ଗୁରୁଙ୍କର ସନ୍ଧାନ ମିଳିଲା ନାହିଁ । ପିତା ଭୁବନମୋହନ ପୁତ୍ରର ବ୍ୟାକୁଳତା ଦେଖି କୁଳଗୁରୁଙ୍କ ନିକଟରୁ ମନ୍ତ୍ର ନେବାକୁ କହିଲେ; କିନ୍ତୁ ନଳିନୀକାନ୍ତଙ୍କର କୁଳଗୁରୁଙ୍କଠାରେ ଆଦୌ ବିଶ୍ୱାସ ନ ଥିଲା । ସେ କାତରପ୍ରାଣରେ ଓ ବ୍ୟାକୁଳକଣ୍ଠରେ ଗୁରୁଲାଭ ନିମିତ୍ତ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିବାକୁ ଲାଗିଲେ ।

## ମନ୍ତ୍ରପ୍ରାପ୍ତି

ଦିନେ ହଠାତ୍ ଗଭୀର ରାତ୍ରରେ ନଳିନୀକାନ୍ତଙ୍କ ଶୟନକକ୍ଷ ଆଲୋକମୟ ହୋଇଉଠିଲା । ସେହି ଆଲୋକର ଝଲକରେ ତାଙ୍କର ନିଦ୍ରାଭଙ୍ଗ ହେବାରୁ ସେ ଦେଖିପାରିଲେ ଯେ, ସମ୍ମୁଖରେ ଜଣେ ଜଟାଜୁଟବିମଣ୍ଡିତ ଦୀର୍ଘକାୟ ସନ୍ନ୍ୟାସୀ ଦଣ୍ଡାୟମାନ । ସସ୍ମିତ ମୁଖମଣ୍ଡଳ, ଦେହପ୍ରଭାରେ ଚତୁର୍ଦ୍ଦିଗ ଆଲୋକିତ ହୋଇଉଠିଛି । ନଳିନୀକାନ୍ତ ଶୀଘ୍ର ଶଯ୍ୟା ତ୍ୟାଗ କରି ସନ୍ନ୍ୟାସୀଙ୍କ ଚରଣତଳେ ପ୍ରଣାମ କଲେ । ସନ୍ନ୍ୟାସୀ ସସ୍ନେହ ଗମ୍ଭୀର ସ୍ୱରରେ କହିଲେ, "ବତ୍ସ, ତୁମେ ମନ୍ତ୍ର ଗ୍ରହଣ ନିମିତ୍ତ ବ୍ୟାକୁଳ ହୋଇପଡ଼ିଛ । ମୁଁ ତୁମ ପାଇଁ ଆଣିଛି, ଗ୍ରହଣ କର ।" ଏହା କହି ଗୋଟିଏ ବିଲ୍ୱପତ୍ର ନଳିନୀକାନ୍ତଙ୍କ ହାତକୁ ବଢ଼ାଇଦେଲେ । ନଳିନୀକାନ୍ତ ମନ୍ତ୍ରମୁଗ୍ଧିତ ପୁତ୍ତଳିକା ପରି ପତ୍ରଟି ଗ୍ରହଣ କଲେ । ପ୍ରଦୀପ ଜାଳି ଦେଖିଲେ ଯେ, ଗୋଟିଏ ବିଲ୍ୱପତ୍ରରେ ରକ୍ତଚନ୍ଦନ ଦ୍ୱାରା ଏକାକ୍ଷରୀ ମନ୍ତ୍ର ଲେଖା ଅଛି । ଏହା କି ମନ୍ତ୍ର, କିପରି ଜପ କରିବାକୁ ହେବ, ତାହା ଜାଣିବା ନିମିତ୍ତ ମନ୍ତ୍ରଦାତାଙ୍କ ଆଡ଼କୁ ଦୃଷ୍ଟି ନିକ୍ଷେପ କଲେ । ଦେଖିଲେ ଯେ ସେ ମୂର୍ତ୍ତି ଅନ୍ତର୍ହିତ ହୋଇଯାଇଛି, ଗୃହ ଶୂନ୍ୟ । ସେ ପାଗଳଙ୍କ ପରି ଘର, ବାହାର ସବୁଆଡ଼ ତନ୍ନ ତନ୍ନ କରି ଖୋଜିଲେ; କିନ୍ତୁ ସନ୍ନ୍ୟାସୀଙ୍କର କୌଣସି

ସନ୍ଧାନ ପାଇଲେ ନାହିଁ । ଦୁଃଖରେ ଅଧୀର ହୋଇ ତପ୍ପରେ ସେ ବାଳକ ପରି କ୍ରନ୍ଦନ କରିବାକୁ ଲାଗିଲେ—'ହାୟ କଅଣ କଲି, କାହିଁକି ବା ପ୍ରଦୀପ ଜାଳିବାକୁ ଗଲି ? ପ୍ରଦୀପ ନ ଜାଳି ତାଙ୍କୁ ପଚାରିଥିଲେ ତ ହୋଇଥାନ୍ତା ।' ଏପରି ଅନୁତାପରେ ରଜନୀ ଅତିବାହିତ ହୋଇଗଲା । ନଳିନୀକାନ୍ତ ମନେ ମନେ ଭାବିଲେ, "ଏହା କ'ଣ ସ୍ୱପ୍ନ ? ନା, ସ୍ୱପ୍ନରେ ବିଲ୍ୱପତ୍ର ଆସିବ ବା କୁଆଡ଼ୁ ?" ନଳିନୀକାନ୍ତ ବଡ଼ ସନ୍ଦେହରେ ପଡ଼ିଲେ ।

## ମନ୍ତ୍ର ତଥ୍ୟାନୁସନ୍ଧାନ

ପୂର୍ବବର୍ଣ୍ଣିତ ଘଟଣାକୁ ସ୍ୱପ୍ନ ବୋଲି ସେ ଆଦୌ ବିଶ୍ୱାସ କରିପାରିଲେ ନାହିଁ । ତାଙ୍କ ମନ ଅସ୍ଥିର ହୋଇଉଠିଲା । ସେ ମନ୍ତ୍ରର ତଥ୍ୟାନୁସନ୍ଧାନ ନିମିତ୍ତ ବଙ୍ଗଦେଶର ବଡ଼ ବଡ଼ ପଣ୍ଡିତମାନଙ୍କ ନିକଟକୁ ଗଲେ । ସମସ୍ତେ କହିଲେ, "ମନ୍ତ୍ର ଅଶୁଦ୍ଧ ଜପ ନିଷ୍ଫଳ । ସମୟ ସମୟରେ ସଇତାନମାନେ ମଧ୍ୟ ଏପରି ମନ୍ତ୍ର ଦେଇଥାନ୍ତି ।" କିନ୍ତୁ ଏଥିରେ ନଳିନୀକାନ୍ତଙ୍କ ମନ ମାନିଲା ନାହିଁ । ସେ ଏହି ଦୈବୀ ଘଟଣାର ପ୍ରକୃତ ମର୍ମ ଜାଣିବା ନିମିତ୍ତ କିଛି ଦିନ ପାଇଁ କାର୍ଯ୍ୟରୁ ଅବସର ନେଇ କଲିକତା ଯାତ୍ରା କଲେ ।

## ଅଦ୍ଭୁତ ସାଧୁ

କଲିକତା ଆସି ପ୍ରଥମେ ବେଲୁର ମଠ ଓ ପରେ ଚଟ୍ଟଗ୍ରାମ ଅନ୍ତର୍ଗତ ଜଗଦ୍ଗୁରୁ ପୂର୍ଣ୍ଣାନନ୍ଦ ସ୍ୱାମୀଙ୍କ ନିକଟକୁ ଗମନ କଲେ, କିନ୍ତୁ କୌଣସିଠାରେ ତାଙ୍କର ପ୍ରାଣର ପିପାସା ମେଣ୍ଟିଲା ନାହିଁ । ଦିନେ ସେ ଶୁଣିଲେ ଯେ ବାରିକପୁର ନିକଟ ଗୃଣକ ନାମକ ଗ୍ରାମକୁ ଜଣେ ସାଧୁ ଆସିଛନ୍ତି । ନଳିନୀକାନ୍ତ କାଳବିଳମ୍ବ ନ କରି ତାଙ୍କ ସହିତ ସାକ୍ଷାତ କରିବାକୁ ଗଲେ । ସେଠାରେ ଯାହା ଦେଖିଲେ, ସେଥିରେ ତାଙ୍କର ବିସ୍ମୟର ସୀମା ରହିଲା ନାହିଁ । ଗୋଟିଏ ଗଛମୂଳରେ ସାଧୁଜୀ ଆସନ ଜମାଇ ବସିଛନ୍ତି । ମୁଖମଣ୍ଡଳ ପ୍ରସନ୍ନ ଓ ଗମ୍ଭୀର, ଶରୀର ବଳିଷ୍ଠ ଓ ତେଜପୂର୍ଣ୍ଣ । ଦେହରେ କାନ୍ତି ବିଶୁଦ୍ଧ ହିଙ୍ଗୁଳସଦୃଶ । ସାଧୁଙ୍କ ସେବାରେ କେତେଗୁଡ଼ିଏ ଯୁବତୀ ସ୍ତ୍ରୀ ବ୍ୟସ୍ତ ଥିବାର

ନଳିନୀକାନ୍ତ ଦେଖି ପାରିଲେ । ସେମାନଙ୍କ ମଧ୍ୟରୁ କିଏ ଭିକ୍ଷା କରି ଆଣୁଛି, କିଏ ରନ୍ଧନକାର୍ଯ୍ୟରେ ଲାଗିଛି, କିଏ ବା ସାଧୁଙ୍କ ଅଙ୍ଗରେ ତୈଳ ମର୍ଦ୍ଦନ କରୁଛି । ସାଧୁ କାହାକୁ କିଛି ଆଦେଶ କରୁନାହାନ୍ତି; ସମସ୍ତେ ଯନ୍ତ୍ରଚାଳିତ ପରି ନିଜ ନିଜ କାର୍ଯ୍ୟରେ ଲାଗିଛନ୍ତି । ସାଧୁଙ୍କର କେହି ପୁରୁଷ ଶିଷ୍ୟ ନାହାନ୍ତି । ନଳିନୀକାନ୍ତ ଏ ବ୍ୟାପାରର ରହସ୍ୟ କିଛି ବୁଝିପାରିଲେ ନାହିଁ । ଜଣେ ସାଧକଙ୍କର ଯଦି ଏତେଗୁଡ଼ିଏ ସ୍ତ୍ରୀଲୋକ ଆବଶ୍ୟକ ହୁଅନ୍ତି, ଏହା ବ୍ୟଭିଚାର ଭିନ୍ନ ଆଉ କ'ଣ ହୋଇପାରେ ? ସେ ନାସିକା କୁଞ୍ଚନ କରି ସେଠାରୁ ଲେଉଟି ଆସିଲେ ।

କେବଳ ନଳିନୀକାନ୍ତ କାହିଁକି, ଯେ କୌଣସି ସାଧାରଣ ଗୃହସ୍ଥ ମଧ୍ୟ ଏପରି ଘଟଣାରେ ଠିକ୍ ତାଙ୍କରି ପରି ନାସିକା କୁଞ୍ଚନ କରିଥାନ୍ତେ । ସାଧୁମାନେ ମନବୁଦ୍ଧିର ଯେଉଁ ସ୍ତରରେ ବିଚରଣ କରନ୍ତି, ସାଧାରଣ ଲୋକେ ତାହାର ଅତି ନିମ୍ନସ୍ତରରେ ଥିବାରୁ ଏବଂ ସେମାନେ ସାଧୁସନ୍ନ୍ୟାସୀ-ମାନଙ୍କର ଦୈନନ୍ଦିନ କାର୍ଯ୍ୟକଳାପ ସଂସାରିକ ବିଚାରବୁଦ୍ଧି ଦ୍ୱାରା ନିଜ ସ୍ତରରୁ ବିଚାର କରୁଥିବାରୁ ଅନେକ ସମୟରେ ମାରାତ୍ମକ ଭୁଲ୍‌ମାନ କରି-ବସନ୍ତି । ନଳିନୀକାନ୍ତଙ୍କର ମଧ୍ୟ ତଦ୍ରୂପ ଭୁଲ ହୋଇଥିଲା । କହିବା ବାହୁଲ୍ୟ ଯେ ପ୍ରେମସିଦ୍ଧି ପରେ ଶ୍ରୀ ଶ୍ରୀ ଠାକୁର ବୁଝିପାରିଲେ ଯେ, ଏହି ସାଧୁ ଜଣେ ଅସାଧାରଣ ଶକ୍ତିସମ୍ପନ୍ନ ମହାପୁରୁଷ । *

## କାଶୀ ଗମନ

ନଳିନୀକାନ୍ତ ଉକ୍ତ ସାଧୁଙ୍କ ପ୍ରତି ବୀତଶ୍ରଦ୍ଧ ହୋଇ ଫେରିଆସି ମନ୍ତ୍ରର ତଥ୍ୟ ଅନୁସନ୍ଧାନ ନିମିତ୍ତ କାଶୀ ଗମନ କଲେ । ସେଠାରେ କେଦାର ଘାଟରେ ଥିବା ଜଗନ୍ମୋହନ ତର୍କାଲଙ୍କାରଙ୍କ ଶିଷ୍ୟମାନଙ୍କ ସହିତ ବହୁ ଆଲୋଚନା ପରେ ମଧ୍ୟ ତାଙ୍କର ଆଶା ପୂର୍ଣ୍ଣ ହେବାର କୌଣସି ସମ୍ଭାବନା

---

* ପ୍ରେମସାଧନାର ପ୍ରଣାଳୀ ଓ ରହସ୍ୟ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ପ୍ରଣୀତ 'ପ୍ରେମିକଗୁରୁ' ନାମକ ପୁସ୍ତକରେ ବିଶଦ ଭାବରେ ବର୍ଣ୍ଣିତ ହୋଇଅଛି ।

ଦେଖିଲେ ନାହିଁ । ଅଧିକନ୍ତୁ ନାନା ଲୋକ ନାନା କଥା କହିବାରୁ ସେ ମନ୍ତ୍ରର ସାଧନ ପ୍ରଣାଳୀ ଅବଗତ ହେବା ବିଷୟରେ ସମ୍ପୂର୍ଣ୍ଣ ନିରାଶ ହୋଇ-ପଡ଼ିଲେ । ଏ ଜୀବନରେ ପ୍ରିୟତମା ପତ୍ନୀଙ୍କ ସହିତ ସାକ୍ଷାତର କୌଣସି ସମ୍ଭାବନା ନଦେଖି ତାଙ୍କର ମନ ବିଷାଦଗ୍ରସ୍ତ ହୋଇପଡ଼ିଲା । ସେ ସ୍ଥିର କଲେ ଯେ, ଯଦି ଏ ଜୀବନରେ ପରଲୋକତତ୍ତ୍ୱ ସମ୍ବନ୍ଧୀୟ ଜ୍ଞାନଲାଭ ହୋଇ ନ ପାରିଲା, ତେବେ ଜୀବନଧାରଣ କରିବା ବୃଥା ।

## ଆତ୍ମହତ୍ୟା ସଂକଳ୍ପ

ସୁତରାଂ ଆତ୍ମହତ୍ୟା ହିଁ ଏ ଜ୍ୱାଳା ନିର୍ବାପନ କରିବାର ଏକମାତ୍ର ପନ୍ଥା । ଆତ୍ମହତ୍ୟାଜନିତ ମହାପାପର ଫଳ ହୁଏତ ପରଲୋକରେ ଭୋଗ କରିବାକୁ ପଡ଼ିପାରେ, କିନ୍ତୁ ସେ ଭୋଗ କି ପ୍ରକାର ଓ ତାହାର ସ୍ୱରୂପ ବା କ'ଣ, ତାହା ତ ସେ ଜାଣନ୍ତି ନାହିଁ । ସୁତରାଂ ଆତ୍ମହତ୍ୟା କରିବାକୁ ସ୍ଥିର କରି ଲଛମନଝୋଲାକୁ ଯାଇ ନିଖିଳ ପାପବିନାଶିନୀ ଗଙ୍ଗାଗର୍ଭରେ ଝାସ ଦେବା ହିଁ ଶ୍ରେୟସ୍କର ବୋଲି ସ୍ଥିର କରି ନଳିନୀକାନ୍ତ ଶୟନ କଲେ ।

## ଅଦୃଶ୍ୟ ସହାୟ

ରାତିର ଶେଷରେ ସ୍ୱପ୍ନରେ ଗୋଟିଏ ବୃଦ୍ଧ ବ୍ରାହ୍ମଣ ମୂର୍ତ୍ତିର ଆବିର୍ଭାବ ହେଲା । ବ୍ରାହ୍ମଣ ନଳିନୀକାନ୍ତଙ୍କ ଦେହରେ ହାତ ବୁଲାଇ କହିଲେ, "ବତ୍ସ, ତୁମେ ଗୁରୁଙ୍କୁ କେଉଁଠାରେ ଖୋଜି ବୁଲୁଛ ? ସେ ତ ତୁମ ଘର ନିକଟରେ ବୀରଭୂମ ଜିଲାର ତାରାପୀଠ ନାମକ ସ୍ଥାନରେ ଅଛନ୍ତି । ସେଠାରେ ତାରାପୀଠ ବିଦ୍ୟମାନ । ସେହି ତାରାପୀଠରେ ବାମାକ୍ଷେପା ନାମକ ପ୍ରସିଦ୍ଧ ତାନ୍ତ୍ରିକ ସାଧୁ ତୁମକୁ ତାନ୍ତ୍ରିକ ସାଧନା ପ୍ରଦାନ କରିବାକୁ କ୍ଷମ ଅଟନ୍ତି । ତୁମେ ସେଠାକୁ ଯାଇ ତାଙ୍କର ଶରଣାପନ୍ନ ହୁଅ । ତାଙ୍କ କୃପା ହେଲେ ତୁମେ ଅଭୀଷ୍ଟବସ୍ତୁ ଲାଭ କରିପାରିବ ।" ଏହା କହି ବୃଦ୍ଧ ବ୍ରାହ୍ମଣ ତାଙ୍କର ଆହୁରି ଅନେକ ପ୍ରଶ୍ନର ମୀମାଂସା କରିଦେଲେ । ବୃଦ୍ଧଙ୍କର ଶୀତଳ କରସ୍ପର୍ଶରେ ନଳିନୀକାନ୍ତଙ୍କ କ୍ଷୁଧା ତୃଷା ଅନ୍ତର୍ହିତ ହୋଇଗଲା । ପର ଦିନ ସେ ବୀରଭୂମ ଅଭିମୁଖରେ ଯାତ୍ରା କଲେ ।

— x — x —

# ତୃତୀୟ ପରିଚ୍ଛେଦ

## ସାଧକ ଜୀବନ

### ସାଧକ ନଳିନୀକାନ୍ତ

ନଳିନୀକାନ୍ତ ବୀରଭୂମ ଜିଲାର ମଲ୍ଲାରପୁର ଷ୍ଟେସନ୍‌ରେ ପହଞ୍ଚି ସେଠାରୁ ପଦବ୍ରଜରେ ଯାଇ ତାରାପୁରରେ ଉପସ୍ଥିତ ହେଲେ । ଏହି ଗ୍ରାମର ଶେଷଭାଗରେ ଦ୍ୱାରକା ନଦୀ ତୀରରେ ଏକକୋଶବ୍ୟାପୀ ଭୀମଦର୍ଶନ ମହାଶ୍ମଶାନ ଅବସ୍ଥିତ । କେବଳ ମାନବାସ୍ଥି ଓ ଚିତାଭସ୍ମରେ ଶ୍ମଶାନଭୂମି ପୂର୍ଣ୍ଣ । ଏହି ମହାଶ୍ମଶାନ ଦେଖି ଯୋଗୀମାନେ ଚରିଥାନ୍ତି । ବୈରାଗ୍ୟଲୋଭୀମାନଙ୍କର ବିକ୍ଷିପ୍ତ ଚିତ୍ତ ଏ ଦୃଶ୍ୟ ଦେଖି ସଂଯତ ହୋଇଯାଏ । ତାନ୍ତ୍ରିକମାନଙ୍କର ଅନୁଷ୍ଠାନମୂଳକ ସାଧନା ନିମିତ୍ତ ଗୃଧ୍ରିଣୀ, ଶିବା, ସାରମେୟ, ନରକପାଳ ଓ କଙ୍କାଳ, ଶ୍ମଶାନ ଶବ, ନଦୀତଟ, ସିଦ୍ଧପୀଠ ପ୍ରଭୃତି ଯେଉଁସବୁ ଦ୍ରବ୍ୟର ପ୍ରୟୋଜନ, ସେସବୁର ଏକତ୍ର ସମାବେଶ ହୋଇଥିବାରୁ ସମଗ୍ର ତନ୍ତ୍ରଶାସ୍ତ୍ରଟି ଯେପରି ମୂର୍ତ୍ତି ପରିଗ୍ରହ କରି ସେଠାରେ ବିରାଜମାନ କରିଅଛି । ଏହି ମହାଶ୍ମଶାନରେ ଦଶ ମହାବିଦ୍ୟାର ଅନ୍ୟତମ ତାରା ଦେବୀଙ୍କର ମନ୍ଦିର ବିଦ୍ୟମାନ । ଚତୁର୍ଦ୍ଦିଗରେ ନୃସଙ୍କାର ହୋମକୁଣ୍ଡ ଧିକାଳନି ଅବିରତ ଜଳୁଅଛି । ଏହି ତାରାମନ୍ଦିର ଗୋଟିଏ ସିଦ୍ଧପୀଠ । ସିଦ୍ଧପୀଠ ସ୍ୱୟଂସିଦ୍ଧ । କେହି ତାହାକୁ ପ୍ରତିଷ୍ଠା କରିନାହାନ୍ତି, ଏହା ସ୍ୱୟଂ ପ୍ରତିଷ୍ଠିତ । ବଶିଷ୍ଠ ନାମରେ ଜଣେ ଉଗ୍ର ତପସ୍ୱୀ ଏହି ପୀଠରେ ସିଦ୍ଧି ଲାଭ କରିଥିଲେ । ବଙ୍ଗଳାର ସର୍ବଶ୍ରେଷ୍ଠ ତାନ୍ତ୍ରିକ ବାମାକ୍ଷେପାଙ୍କର ଉଗ୍ରସାଧନାବଳରେ ସେତେବେଳେ ତାରାପୀଠ ପ୍ରସିଦ୍ଧି ଲାଭ କରିଥିଲା ।

## ବାମାକ୍ଷେପା

ଉକ୍ତ ବାମାକ୍ଷେପା ସାଧନବଳରେ ଚରମ ତତ୍ତ୍ୱକୁ ମହାଶକ୍ତି ବୋଲି ପ୍ରତ୍ୟକ୍ଷ ଭାବରେ ଜାଣିଥିଲେ ଏବଂ ତନ୍ତ୍ରୋକ୍ତ ବିବିଧ ସାଧନା କରି ସିଦ୍ଧିଲାଭ କରିଥିଲେ । ସେ ଜଣେ ପ୍ରଚଣ୍ଡ ଜାପକ ଥିଲେ । ଜପରେ ସିଦ୍ଧିଲାଭ କରିପାରିଲେ ମା'ଙ୍କ କୃପାରୁ କେହି ବଞ୍ଚିତ ହୁଅନ୍ତି ନାହିଁ । ଏହି କୃପା ସାଧୁ ବାମାକ୍ଷେପା ପାଇଥିଲେ । ସେ ଦେଖିବାକୁ ଦୀର୍ଘକାୟ କୃଷ୍ଣବର୍ଣ୍ଣ ପୁରୁଷ ଥିଲେ । ସେ ମାଆଙ୍କର କଥା ବ୍ୟତୀତ ଅନ୍ୟ କଥା କହୁ ନଥିଲେ, ମା' ତାରାଦେବୀଙ୍କ ମନ୍ଦିର ଛଡ଼ା ଅନ୍ୟତ୍ର ବାସ କରୁ ନଥିଲେ । ତେଣୁ ମାଆଙ୍କର କୃପାକୁ ସେ ନିଜ ହାତମୁଠାରେ ରଖିପାରିଥିଲେ । ସେ କୃପାର ପ୍ରଭାବ ମଧ୍ୟ ଅପୂର୍ବ ଥିଲା ।

## ତାନ୍ତ୍ରିକଗୁରୁଙ୍କ ଦର୍ଶନ

ଏଠାକୁ ଆସି ସ୍ଥାନଟି ଯେ ତନ୍ତ୍ରସାଧନାରେ ସମ୍ପୂର୍ଣ୍ଣ ଅନୁକୂଳ, ତାହା ନଳିନୀକାନ୍ତ ବେଶ୍ ଅନୁଭବ କରିପାରିଥିଲେ । ମନ୍ଦିରର ସାଧନାକୂଳ ପାରିପାର୍ଶ୍ୱିକ ଅବସ୍ଥା ଦର୍ଶନ କରି ତାଙ୍କର ମନ ଟିକିଏ ଗମ୍ଭୀରଭାବ ଧାରଣ କଲା । ଉଗ୍ରନ୍ତପ୍ରସାରୀ ଜନବହିର୍ଭୂତ ବିରଳ ଶ୍ମଶାନ ଦୃଶ୍ୟରେ ମନ ଭିତରେ ଏକପ୍ରକାର ଭୟର ମଧ୍ୟ ସଞ୍ଚାର ହେଲା । କିଛି ଦୂର ଅଗ୍ରସର ହେବା ପରେ ନଳିନୀକାନ୍ତ ବାମାକ୍ଷେପାଙ୍କୁ ତାରାଦେବୀଙ୍କ ମନ୍ଦିର ନିକଟରେ ଦେଖି ବିନା ପରିଚୟରେ ବାମାକ୍ଷେପା ବୋଲି ଚିହ୍ନିପାରି ତାଙ୍କର ଚରଣତଳେ ପ୍ରଣାମ କଲେ । ବାମାକ୍ଷେପା ନଳିନୀକାନ୍ତଙ୍କୁ ଉଠାଇ ବସିବାକୁ କହିଲେ । ଶ୍ରାନ୍ତି ବିଦୂରିତ ହେଲା ପରେ ବାମାକ୍ଷେପା ତାଙ୍କୁ ପଚାରିଲେ, "ତୁମେ କ'ଣ ଚାହଁ ?"

ଉତ୍ତରରେ ନଳିନୀକାନ୍ତ ସ୍ତ୍ରୀ ବିୟୋଗଜନିତ ବ୍ୟଥା ହୃଦୟରେ ବହନ କରି ସ୍ତ୍ରୀଙ୍କୁ ପାଇବା ନିମିତ୍ତ ଯେ ମହାଶକ୍ତିଙ୍କର ସାଧନା କରିବାକୁ ଆସିଛନ୍ତି, ସେସବୁ ବିଷୟ ଗୋପନ କରି ମନ୍ତ୍ରପ୍ରାପ୍ତି, ବାରାଣସୀରେ ଆତ୍ମହତ୍ୟା ଚେଷ୍ଟା, ସ୍ୱପ୍ନ ବିବରଣ ଇତ୍ୟାଦି ବିଷୟ ଆନୁପୂର୍ବିକ ବର୍ଣ୍ଣନା କରି ତାଙ୍କର କୃପାଭିକ୍ଷା କଲେ । ନଳିନୀକାନ୍ତ ଯେ ତାରାଦେବୀଙ୍କର ବୀଜମନ୍ତ୍ର

ପାଇଛନ୍ତି, ତାହା ଜାଣି ବାମାକ୍ଷେପା ବଡ଼ ବିସ୍ମିତ ହେଲେ ଓ ତାଙ୍କୁ ଅତ୍ୟନ୍ତ ଭାଗ୍ୟବାନ ବୋଲି କହି ସର୍ବାନ୍ତଃକରଣରେ ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଲେ ।

ନଳିନୀକାନ୍ତ ଆବେଗପୂର୍ଣ୍ଣ କଣ୍ଠରେ କହିଲେ, "ଗୁରୁଦେବ, ମନ୍ତ୍ର କିମ୍ବା ଦେବତାଙ୍କ ପ୍ରତି ମୋର ବିଶ୍ୱାସ ନାହିଁ । ଅଲୌକିକ ଶକ୍ତିଲାଭ କିମ୍ବା ଅସାମାନ୍ୟ ମୂର୍ତ୍ତି ଦର୍ଶନ କରିବାକୁ ମୋର ଆଦୌ କୌତୂହଳ ନାହିଁ । ମୁଁ କିଏ, କେଉଁଆଡ଼ୁ ଆସିଛି, ପରେ କେଉଁ ଆଡ଼କୁ ଯିବି ଇତ୍ୟାଦି ତତ୍ତ୍ୱ ମୋତେ ବୁଝାଇ ଦିଅନ୍ତୁ ।

ବାମାକ୍ଷେପା—ଖାଲି ବୁଝାଇ ଦେବନାହିଁ, ମୁଁ ତାହାସବୁ ପ୍ରତ୍ୟକ୍ଷ ଦେଖାଇଦେବି ।

ନଳିନୀକାନ୍ତ—ତାଙ୍କର କ'ଣ ଦର୍ଶନ ମିଳେ ?

ବାମାକ୍ଷେପା—ହଁ, ଗୁରୁମନ୍ତ୍ରରେ ତାଙ୍କର ପ୍ରାଣପ୍ରତିଷ୍ଠା କରି ଭକ୍ତିର ସହିତ ତାଙ୍କୁ ଡାକିଲେ ସେ ଅନ୍ତରରୁ ବାହାରକୁ ଆସନ୍ତି । ସେତେବେଳେ ତାଙ୍କୁ ଦର୍ଶନ, ସ୍ପର୍ଶ, ଘ୍ରାଣ ଓ ଆସ୍ୱାଦନ କରିହୁଏ । ତାଙ୍କର ଦର୍ଶନ ମାତ୍ରକେ ଜୀବର ସର୍ବକାମନା ପୂର୍ଣ୍ଣ ହୁଏ ।

ନଳିନୀକାନ୍ତ—ମୁଁ ବ୍ରାହ୍ମଣ ସନ୍ତାନ ହେଲେ ମଧ୍ୟ ସ୍ୱଧର୍ମ ରକ୍ଷାକରିବା ନିମିତ୍ତ କୌଣସି ଶିକ୍ଷା ପାଇନାହିଁ, ଆଚାର ନିୟମ ପ୍ରତିପାଳନ କରିନାହିଁ ଶାସ୍ତ୍ର ଅଧ୍ୟୟନ ବା କୌଣସି ସମୟରେ ଜପ ପୂଜାଦି କରିନାହିଁ । ଭକ୍ତିଲାଭ ନିମିତ୍ତ କୌଣସି ଅନୁଶୀଳନ ମଧ୍ୟ କରିନାହିଁ । ମୁଁ ମନ୍ତ୍ରଦ୍ୱାରା କିପରି ବା ପ୍ରାଣପ୍ରତିଷ୍ଠା କରିବି ଓ ଶକ୍ତିହୀନ ହୋଇ କିପରି ବା ତାଙ୍କୁ ଭକ୍ତିଭାବରେ ଡାକି ବାହାରକୁ ଆଣିପାରିବି ?

ବାମାକ୍ଷେପା—ମୁଁ ତୁମର ସ୍ୱପ୍ନଲବ୍ଧ ମନ୍ତ୍ରର ପ୍ରାଣପ୍ରତିଷ୍ଠା କରିଦେବି । ତୁମର ଭକ୍ତିର ଅଭାବ ନାହିଁ । ସତ୍ୟଲାଭ ନିମିତ୍ତ ପ୍ରାଣର ଯେଉଁ ଐକାନ୍ତିକ ବ୍ୟାକୁଳତା, ତାହାର ନାମ 'ଭକ୍ତି' । ମୋତେ ବିଶ୍ୱାସ କର, ମୁଁ ଯାହା ଆଦେଶ କରୁଛି ବିନା ବିଚାରରେ ପ୍ରତିପାଳନ କରିଯାଅ । ଅଚିରେ ତୁମର ମନୋବାସନା ପୂର୍ଣ୍ଣ ହେବ ।

ନଳିନୀକାନ୍ତ ବିସ୍ମୟବିସ୍ଫାରିତ ନେତ୍ରରେ ପୁଣି କହିଲେ, "କିପରି, ମୁଁ ତାଙ୍କର ଦର୍ଶନ ପାଇବି ? ସେ କିପରି ମୂର୍ତ୍ତିରେ ମୋତେ ଦେଖା ଦେବେ ?"

ବାମକ୍ଷେପା—ମା'ଙ୍କର ମୂର୍ତ୍ତିର କ'ଣ ସୀମା ଅଛି । ଏହି ଅନନ୍ତ ବିଶ୍ୱ ହିଁ ତାହାଙ୍କର ମୂର୍ତ୍ତି । ଯେ ଯେଉଁନାମରେ, ଯେଉଁ ରୂପରେ ତାଙ୍କୁ ଡାକେ ସେ ସେହି ରୂପରେ ତାଙ୍କର ମନୋମୟୀ ମୂର୍ତ୍ତି ଧାରଣ କରି ଆବିର୍ଭୂତା ହୋଇ ଭକ୍ତକୁ କୃତାର୍ଥ କରନ୍ତି । ତୁମ ସ୍ୱପ୍ନଲବ୍ଧ ମନ୍ତ୍ରର ପ୍ରତିପାଦ୍ୟ ରୂପ ଓ ଧ୍ୟାନ ମୁଁ ଯଥା ସମୟରେ କହିଦେବି ।

ନଳିନୀକାନ୍ତ—ମା' କିଏ ?

ବାମାକ୍ଷେପା—ମୁଁ ମାଆଙ୍କ ସହିତ ସାକ୍ଷାତ ଲାଭର ଉପାୟ କରିଦେବା ଛଡ଼ା ଆଉ କୌଣସି ପ୍ରଶ୍ନର ଉତ୍ତର ଦେଇପାରିବି ନାହିଁ । ତାଙ୍କ ସହିତ ସାକ୍ଷାତ ହେଲେ; ସେ କିଏ, ତାହା ତାଙ୍କ ନିକଟରୁ ବୁଝିନେବ ।

## ବିଧିନିଷେଧ

ତନ୍ତ୍ରୋକ୍ତ ସାଧନା ସବୁ ବିଧିନିଷେଧର ବଶବର୍ତ୍ତୀ ହୋଇ କରିବାକୁ ହୁଏ । ସୁତରାଂ ତନ୍ତ୍ରୋକ୍ତ କୌଣସି ସାଧନାରେ ବ୍ରତୀ ହେବାକୁ ହେଲେ କାଳାକାଳ ଅପେକ୍ଷା ନରଖି ଯେତେବେଳେ ଇଚ୍ଛା ସେତେବେଳେ ଆରମ୍ଭ କଲେ, ସିଦ୍ଧିଲାଭ ହୁଏନାହିଁ । ଉପଯୁକ୍ତସମୟରେ ବାମାକ୍ଷେପା ଶିଷ୍ୟଙ୍କୁ ଅଭିଷେକକରାଇ ଯଥାରୀତି ଜପରେ ନିଯୁକ୍ତ କରାଇଲେ । ନିତ୍ୟ ଜପ, ନୈମିତ୍ତିକ ପୂଜା, ପୁରଶ୍ଚରଣାଦି ସମ୍ପନ୍ନ ପରେ ଶିଷ୍ୟଙ୍କୁ ବୀରସାଧନାର ଉପଯୋଗୀ କରାଇ ସମସ୍ତ ସୁଯୋଗର ଅପେକ୍ଷା କରିବାକୁ ଲାଗିଲେ । ନଳିନୀକାନ୍ତଙ୍କୁ ନିୟମ ସଂଯମ ଓ ଆଗ୍ରହପରାୟଣ ହୋଇ ରହିବାକୁ ପଡ଼ିଲା । ସେ ବାମାକ୍ଷେପାଙ୍କ ମୁଖରୁ ମହାଶକ୍ତିଙ୍କର ସାଧନା ସମ୍ବନ୍ଧୀୟ ତଥ୍ୟ ଅବଗତ ହେବାକୁ ଲାଗିଲେ ।

# ମହାଶକ୍ତି

ଏହି ମହାଶକ୍ତି ହିଁ ଜଗଜ୍ଜନନୀ । ସେ ବିଶ୍ୱକୁ ସୃଷ୍ଟି କରିଛନ୍ତି—ଧାରଣ କରିଛନ୍ତି—ସମୟ ହେଲେ ପୁଣି ବିଶ୍ୱକୁ ଅଣୁପରମାଣୁ ରୂପରେ ଆକାଶରେ ଲୟ କରି ଦିଅନ୍ତି । ବିଶ୍ୱରେ ଯାହାକିଛି ଦୃଶ୍ୟମାନ, ତାହା ସମସ୍ତ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ବିକାଶ । ଜଗଜ୍ଜନନୀ ସମସ୍ତଙ୍କର ପ୍ରସୂତି । ଗ୍ରହ-ଉପଗ୍ରହର ଆକର୍ଷଣ ବିକର୍ଷଣ ମୂଳରେ ସେହି ମହାଶକ୍ତି । ମାନବର ଦୃଷ୍ଟିଶକ୍ତି, ଶ୍ରୁତିଶକ୍ତି, ଘ୍ରାଣଶକ୍ତି, ଆସ୍ୱାଦନ ଶକ୍ତି—ସମସ୍ତ ସେହି ଜଗଜ୍ଜନନୀଙ୍କ ଶକ୍ତି । ଯେଉଁ ଶକ୍ତିରେ ଦେବରାଜ ଇନ୍ଦ୍ର ବିଶ୍ୱବ୍ରହ୍ମାଣ୍ଡର ଅଧୀଶ୍ୱର, ଯେଉଁ ଶକ୍ତିଦ୍ୱାରା ଅଗ୍ନି ବିଶ୍ୱଦହନ କରିପାରନ୍ତି, ଯେଉଁ ଶକ୍ତି ପ୍ରଭାବରେ ପ୍ରଭଞ୍ଜନ ବିଶ୍ୱ ବିଲୋଡ଼ନ କରିପାରନ୍ତି, ଏ ସମସ୍ତ ସେହି ମହାଶକ୍ତିଙ୍କ ସୂକ୍ଷ୍ମବିକାଶ—ସେହି ବିରାଟଶକ୍ତିଙ୍କର ଗୋଟିଏଗୋଟିଏ ଅଂଶମାତ୍ର । ସ୍ଥୂଳରୂପରେ ମଧ୍ୟ ମହାଶକ୍ତି ସମସ୍ତ ବିଶ୍ୱ ପରିବ୍ୟାପ୍ତ । ସୁତରାଂ ଦୃଶ୍ୟମାନ ସମସ୍ତ ରୂପ ତାଙ୍କର ସ୍ଥୂଳ ରୂପ ମଧ୍ୟରେ ପର୍ଯ୍ୟବସିତ । ତଥାପି ଦେବୀମୂର୍ତ୍ତିରେ ଆରାଧନା କରିବା କର୍ତ୍ତବ୍ୟ । କାରଣ ଏହା ଶୀଘ୍ର ମୁକ୍ତିଦାନ କରିବାକୁ ସମର୍ଥ ।

ସେଥିପାଇଁ ଉପାସନା କାଳରେ କାଳୀ, ତାରା, ଅନ୍ନପୂର୍ଣ୍ଣା ପ୍ରଭୃତି ସ୍ତ୍ରୀ ରୂପ; ଶିବ, ବିଷ୍ଣୁ ପ୍ରଭୃତି ପୁରୁଷ ରୂପ ଏବଂ କୃଷ୍ଣ ପ୍ରଭୃତି ଅବତାର ରୂପ ଅବଲମ୍ବନୀୟ । ଏହିସବୁ ମୂର୍ତ୍ତି ମଧ୍ୟରୁ ଯାହାଙ୍କର ଯେଉଁ ମୂର୍ତ୍ତି ଅଭିଳଷିତ ଓ ପ୍ରୀତିପଦ, ସେ ତାହାଙ୍କ ଉପାସନା କରିବେ ।

# ସ୍ଥାନ ମହାତ୍ମ୍ୟ

କିନ୍ତୁ ଏହି ମହାଶକ୍ତିଙ୍କ ସହିତ ସାକ୍ଷାତ କରିବାକୁ ହେଲେ ନିଜ ଭିତରେ ସୁପ୍ତ ଶକ୍ତିକୁ ପ୍ରଥମେ ଜାଗ୍ରତ କରିବାକୁ ହେବ । ମାତ୍ର ଆତ୍ମଶକ୍ତିର ବିକାଶ ଯେ କୌଣସିସ୍ଥାନରେ ହୋଇପାରେନାହିଁ । ଯେଉଁସବୁ ଉପକରଣର ପ୍ରଭାବ ଓ ବାହ୍ୟ ସ୍ପର୍ଶଦ୍ୱାରା ସୁପ୍ତଶକ୍ତି ଜାଗିଉଠେ, ସେ ସମସ୍ତ ଏହି ଶ୍ମଶାନ କ୍ଷେତ୍ରରେ ବିଦ୍ୟମାନ

ଥିବାରୁ ତନ୍ତ୍ରସାଧନା ପକ୍ଷରେ ଶ୍ମଶାନ ହିଁ ବିଶେଷ ଅନୁକୂଳ କ୍ଷେତ୍ର । ସୁତରାଂ ତାରାପୀଠର ମହିମା କୀର୍ତ୍ତନ ବାହୁଲ୍ୟମାତ୍ର ।

## ସର୍ପ

ସର୍ପ ଦେହରେ ଭଗବାନ ହଳାହଳ ସୃଜନ କରିବା ସଙ୍ଗେ ସଙ୍ଗେ ତାକୁ ସମ୍ମୋହିନୀ ଶକ୍ତି ମଧ୍ୟ ଦେଇଛନ୍ତି । ଯେଉଁସବୁ ସାଧକ କୌଣସି ତାନ୍ତ୍ରିକ ଗୁରୁଙ୍କ ନିକଟରେ ରହି ସର୍ପ ସହିତ ବସବାସ କରନ୍ତି, ସର୍ପର ଶ୍ୱାସପ୍ରଶ୍ୱାସ ଭିତର ଦେଇ ସର୍ପର ଅଣୁପରମାଣୁ ସେହି ସାଧକଙ୍କ ଭିତରକୁ ଯାଏ; ସର୍ପ ଦେହ ଯେଉଁସବୁ ଧାତୁରେ ଗଠିତ, ସାଧକ ଦେହରେ ସେହିସବୁ ପରମାଣୁ ସଞ୍ଚାରିତ ହୁଏ । ତେଣୁ କିଛିଦିନ ପରେ ସର୍ପ ଦଂଶନରେ ତାଙ୍କର କୌଣସି ପ୍ରକାର ଯନ୍ତ୍ରଣା ଅନୁଭୂତ ହୁଏ ନାହିଁ; ଦଂଶନ ମଧ୍ୟ କ୍ରିୟାଶୀଳ ହୁଏ ନାହିଁ । ସାଧକଙ୍କର ମନ ଭିତରେ ସମ୍ମୋହିନୀ ଶକ୍ତିର ସଞ୍ଚାର ହୁଏ ।

## କୁକୁର

ଶ୍ମଶାନରେ କୁକୁର ଓ ପେଚା ବିଶେଷ ଉପକାରୀ । କୁକୁର ଓ ପେଚାଙ୍କର ଗଭୀର ଅନ୍ଧକାରରେ ମଧ୍ୟ ଦୃଷ୍ଟିଶକ୍ତି ଲୋପ ହୁଏ ନାହିଁ । ଅନବରତ କୁକୁର ଓ ପେଚାଙ୍କ ସହିତ ଏକତ୍ର ରହିଲେ, ସେମାନଙ୍କ ଦେହରୁ ଏହି ଶକ୍ତି ସାଧକଙ୍କ ଦେହରେ ପ୍ରବେଶ କରେ । ତେଣୁ ସାଧକଙ୍କର ରାତ୍ରି ସାଧନାରେ ଅନ୍ଧକାର ସ୍ଥାନରେ ମଧ୍ୟ ଦୃଷ୍ଟିଶକ୍ତି କାର୍ଯ୍ୟକାରୀ ହୋଇଥାଏ ।

## ଗୃଧିଣୀ

ଗୃଧିଣୀମାନଙ୍କର ଅସାଧାରଣ ଦୃଷ୍ଟିଶକ୍ତି । ଏମାନେ ତିନି ଚାରି ମାଇଲ ଦୂରରୁ ଦେଖିପାରନ୍ତି । ଅନେକ ଦିନ ଅନାହାରରେ ରହି ପାରନ୍ତି ଏବଂ ଦୂଷିତ ପଦାର୍ଥର ବିଜାଣୁ ଖାଇ ହଜମ କରି ଦିଅନ୍ତି । ସୁତରାଂ ଏମାନଙ୍କ ସହିତ ଏକତ୍ର ବାସ କରିବାଦ୍ୱାରା ସାଧକମାନଙ୍କର ଦୃଷ୍ଟିଶକ୍ତି, ଅନାହାରରେ ରହିବା ଶକ୍ତି ପ୍ରଭୃତି ବହୁପରିମାଣରେ ବୃଦ୍ଧିପାଏ ।

## ଶୃଗାଳ


ଏହି ଶ୍ମଶାନରେ ଦିବାଭାଗରେ ମଧ୍ୟ ଶୃଗାଳମାନେ ବିଚରଣ କରନ୍ତି । ଏକଦା ରାତ୍ରିକାଳରେ ନଳିନୀକାନ୍ତ ଗୋଟିଏ ଶୃଗାଳକୁ କିଛିଦୂର ତଡ଼ି ନେଇ ଯାଉଥିବା ବେଳେ ଶୃଗାଳଟି ଚିତ୍କାର କରୁଥିଲା । ସଙ୍ଗେ ସଙ୍ଗେ ତାର ମୁଖଗହ୍ବରରୁ ଅଗ୍ନି ନିର୍ଗତ ହେଉଥିଲା । ଅନ୍ଧକାର ରାତ୍ରିରେ ସେହି ଅଗ୍ନି ଭିତରେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ଭାଇରଚନା ଦେଖି କିଂକର୍ତ୍ତବ୍ୟବିମୂଢ଼ ହୋଇ ନଳିନୀକାନ୍ତ କିଛିକ୍ଷଣ ଦଣ୍ଡାୟମାନ ହେଲେ । ପରେ ମନ୍ଦିରକୁ ଯାଇ ବାମାକ୍ଷେପାଙ୍କ ନିକଟରୁ ଏହାର ତତ୍ତ୍ୱ ଅବଗତ କଲେ । ଏହି ଶିବାଟି ଉଲ୍‌କାମୁଖୀ । ଏହିପରି ଶୃଗାଳ ଯେଉଁ ସ୍ଥାନରେ ବାସ କରନ୍ତି, ସେହି ସ୍ଥାନରେ ସାଧକମାନଙ୍କର ସାଧନାର ଶକ୍ତି, ସାହସ ଓ ଦୃଢ଼ତା ବହୁ ପରିମାଣରେ ବୃଦ୍ଧିପାଏ ।

## କୁଳକନ୍ୟା

ଏହି ବିସ୍ତୃତ ଶ୍ମଶାନରେ ଅନବରତ ଚଣ୍ଡାଳୁଣୀ, ଧୋବଣୀ, ନାପିତୁଣୀ, ଗଉଡୁଣୀ, ବ୍ରାହ୍ମଣକନ୍ୟା ପ୍ରଭୃତି କୁଳକନ୍ୟାମାନଙ୍କର ଶବଦାହ ହୋଇଥାଏ । ଲୋକେ ବେଳେବେଳେ ମଧ୍ୟ ଶବ ଅର୍ଦ୍ଧଦଗ୍ଧ କରି ଫୋପାଡ଼ି ଦେଇଯାନ୍ତି । ସେହି ଶବମାନଙ୍କରୁ ନିର୍ଗତ ପଦାର୍ଥ ସାଧକଙ୍କ ଭିତରେ ପ୍ରବେଶ କରି ସାଧନାର ଶକ୍ତି ବୃଦ୍ଧି କରାଏ । ତନ୍ତ୍ରସାଧନାର ସହାୟକ ଉପଯୋଗୀ ସମସ୍ତ ଉପକରଣର ସମାବେଶ ନଳିନୀକାନ୍ତ ତାରାପୀଠରେ ଦେଖିବାକୁ ପାଇଲେ । ସୁତରାଂ ତାରାପୀଠ ଯେ ତନ୍ତ୍ରସାଧନାର ସର୍ବୋତ୍କୃଷ୍ଟ କ୍ଷେତ୍ର ଏଥିରେ ଆଉ ସନ୍ଦେହ ରହିଲା ନାହିଁ । ବିଭିନ୍ନ ଜୀବ ଭିତରେ ଭଗବାନଙ୍କର ବିଶେଷ ବିଶେଷ ଶକ୍ତି ନିହିତ ଥିବାର ସେ ଅନୁଭବ କରିପାରିଲେ ।

## ଚିତାସାଧନା

ନଳିନୀକାନ୍ତ କିଛିଦିନ ଏହି ସ୍ଥାନରେ ବାସ କରିବା ପରେ ତାଙ୍କର ସ୍ନାୟୁ ଓ ମାଂସପେଶୀସମୂହ ଭିତରେ ଗୋଟିଏ ନୂତନ ଶକ୍ତି ସେ ଅନୁଭବ କରିବାକୁ ଲାଗିଲେ । ଏହି ସାଧନ କ୍ଷେତ୍ରରେ କିଛିଦିନ ବାସ କରିବା ପରେ ତାଙ୍କ ମନ ଶକ୍ତି ସାଧନାପାଇଁ ଉନ୍ମତ୍ତ ହୋଇଉଠିଲା । ଅବଶେଷରେ ନିର୍ଦ୍ଦିଷ୍ଟ କୃଷ୍ଣପକ୍ଷ ଶନିବାର



ଶ୍ରୀଶ୍ରୀ ଠାକୁରଙ୍କ ତାନ୍ତ୍ରିକ ଗୁରୁ ବାମାକ୍ଷେପା

ରାତ୍ରି ଉପସ୍ଥିତ ହେଲା । ତା ପୂର୍ବରୁ ବାମାକ୍ଷେପା ସାଧନ ଉପଯୋଗୀ ସମସ୍ତ ଆବଶ୍ୟକ ଦ୍ରବ୍ୟ ସଂଗ୍ରହ କରି ରଖିଥିଲେ ।

ଉକ୍ତ ଦିନ ଦୁଇ ପ୍ରହର ରାତ୍ରି ଗତହେଲାରୁ ବାମାକ୍ଷେପା ଶିଷ୍ୟଙ୍କୁ ସଙ୍ଗରେ ଧରି ସାଧାରଣଙ୍କ ଅଗୋଚରରେ ଶ୍ମଶାନକୁ ଗମନକଲେ । ସେଦିନ ଦୁଇତିନିଗୋଟି ଶବ ଏହି ଶ୍ମଶାନରେ ଦାହ ହୋଇଥାନ୍ତି । ବାମାକ୍ଷେପା ନିର୍ଦ୍ଦିଷ୍ଟ ଚିତା ନିକଟକୁ ଯାଇ ଶିଷ୍ୟଙ୍କୁ ଯଥାସ୍ଥାନରେ ବସିବାକୁ ଆଦେଶ ଦେଲେ । ସଂକଳ୍ପ କରାଇ ଗୁରୁ, ଗଣେଶ, ବଟୁକ, ଯୋଗିନୀ ଓ ମାତୃକାଗଣଙ୍କ ପୂଜା କରାଇ ପରେ ଆତ୍ମରକ୍ଷା କରିବାକୁ ସଂସ୍କାରାଦି କରି ଶାସ୍ତ୍ରାନୁମୋଦିତ ଦିଗ୍‌ବନ୍ଧନ, ଆମିଷାନ୍ନ ବଳି ପ୍ରଦାନ ଓ ଚିତା କାର୍ଯ୍ୟକରି ତଦୁପରି ପୀତବସ୍ତ୍ର ବିନ୍ୟାସପୂର୍ବକ ବଟପତ୍ରରେ ପୀଠମନ୍ତ୍ର ଲେଖିଦେଲେ । ଅନନ୍ତର ବ୍ୟାଘ୍ରଚର୍ମ ଉପରେ ଶିଷ୍ୟଙ୍କୁ ବୀରାସନରେ ବସାଇ ସମ୍ମୁଖରେ ପ୍ରଦୀପ ଜାଳି କହିଲେ, ମା' ବିଶ୍ୱରୂପା ତାହାକୁ କପରି ଯେ ଦେଖା-ଦେବେ, ତାହା କେହି କହିପାରିବେ ନାହିଁ । ଇଷ୍ଟଦେବୀ ଯେପରି ମୂର୍ତ୍ତିରେ ଦେଖାଦିଅନ୍ତୁ ପଛକେ, ତୁମର ସନ୍ଦେହ ଦୂର କରିବାକୁ ସେ ସତ୍ୟ କରି କହିବେ ଯେ; ମୁଁ ତୁମର ଇଷ୍ଟଦେବୀ । ତା ପରେ ତୁମେ ପ୍ରଣାମ କରିବ, ଦେବୀ ତୁମ ମସ୍ତକରେ ପଦସ୍ପର୍ଶ କରିବେ । ଇଷ୍ଟ ଭିନ୍ନ ଅନ୍ୟଦେବତାଙ୍କର ସାଧକଙ୍କ ଲଲାଟରେ ପଦସ୍ପର୍ଶ କରିବାର ଅଧିକାର ନାହିଁ ।

## ମନ୍ତ୍ରଜପ

ନଳିନୀକାନ୍ତ ସଂକଳ୍ପ କରି ହୃଦୟରେ ଇଷ୍ଟଦେବତାଙ୍କର ଧ୍ୟାନପୂର୍ବକ ଏକାକୀ ଏହି ଜନମାନବଶୂନ୍ୟ ଶୂନ୍ୟ ମହାଶ୍ମଶାନରେ ଚିତାଉପରେ ବସି ଗୁରୁଦେବଙ୍କର ଉପଦେଶ ଅନୁସାରେ ଜପ କରିବାକୁ ଲାଗିଲେ । କି ଭୟାବହ ଦୃଶ୍ୟ ! ମହା-ଶ୍ମଶାନ, ଜନମାନବର କୌଣସି ଶବ୍ଦ ନାହିଁ, କେତେବେଳେ ବା ଶୃଗାଳ ଓ ନିଶାଚର ପକ୍ଷୀମାନଙ୍କର କର୍କଶଶବ୍ଦ ଏବଂ ଦ୍ୱାରକା ନଦୀର ମୃଦୁ-ମଧୁର କୁଳୁକୁଳୁ ନାଦ ଶ୍ରୁତିଗୋଚର ହେଉଥାଏ । ଯୁବକ ସାଧକ କୃଷ୍ଣ ଚତୁର୍ଦ୍ଦଶୀର ଗାଢ଼ ଅନ୍ଧକାରରେ ଆତ୍ମସତ୍ତା ବୁଡ଼ାଇଦେଇ ଘୋର ତନ୍ମୟତା ସହିତ ଜପରେ ନିମଗ୍ନ ।

## ବିଭୀଷିକା ଦର୍ଶନ

ନଳିନୀକାନ୍ତ ଦୂରରୁ ଖଟ୍‌ଖଟ୍ ଶବ୍ଦ ଓ ଶୃଗାଳମାନଙ୍କ କାମୁଡ଼ାକାମୁଡ଼ି ଶବ୍ଦ ପ୍ରଥମେ ଶୁଣିବାକୁ ପାଇଲେ । ଶବ୍ଦ କ୍ରମେ ନିକଟବର୍ତ୍ତୀ ହେବାକୁ ଲାଗିଲା । ଯେପରି ଖୁବ୍ ନିକଟରେ କେହି ଉଚ୍ଚ ସ୍ୱରରେ ହସିଉଠିଲା । ମନେହେଲା ବମ୍‌ବମ୍ ଶବ୍ଦ କରି କିଏ ନାଚୁଛି । ନଳିନୀକାନ୍ତ ଅସ୍ଥିର ହୋଇଉଠିଲେ । ହିଂସ୍ରଜନ୍ତୁମାନେ ତାଙ୍କ ଶରୀରରେ ଘଷିହୋଇ ଯାଉଥିବାର ସେ ଅନୁଭବ କଲେ । ସଙ୍ଗେ ସଙ୍ଗେ ସେ ଗୁରୁ ବାମାକ୍ଷେପାଙ୍କର 'ମା ଭୈ, ମା ଭୈ' ବୋଲି ଉଚ୍ଚ ଶବ୍ଦ ଶୁଣିବାକୁ ପାଇଲେ । ସେ ଶବ୍ଦରେ ଶିଷ୍ୟଙ୍କର ବିକ୍ଷିପ୍ତ ଚିତ୍ତ ସଂଯତ ହୋଇଉଠିଲା । ପୁନର୍ବାର ମନ ଏକାଗ୍ର କରି ସେ ଜପ କରିବାକୁ ଆରମ୍ଭ କଲେ । କିଛିକ୍ଷଣ ପରେ ଆକାଶରେ ମେଘଗର୍ଜନର ଶବ୍ଦ ଶୁଣାଗଲା । ଚତୁର୍ଦ୍ଦିଗରୁ ଏହି ଶବ୍ଦ ଆସି ନଳିନୀକାନ୍ତଙ୍କର କର୍ଣ୍ଣକୁହର ଭେଦ କଲା । ସେ ଚକ୍ଷୁ ଉନ୍ମୀଳନ କରି ଦେଖିଲେ ଗଗନସ୍ପର୍ଶୀ ଉଚ୍ଚ କୃଷ୍ଣକାୟ ବିରାଟ ଶୈରବତ ତାଙ୍କ ଆଡ଼କୁ ଦୌଡ଼ିଆସୁଛି । ଶ୍ୱେତଦନ୍ତ କୃଷ୍ଣାଙ୍ଗ ଭୂତ-ପ୍ରେତ ହିଁ ହିଁ କରି ହସୁଛନ୍ତି । ଦୁଗ୍ଧ-ଧବଳ ନରକଙ୍କାଳମାନେ ବିକଟ ନୃତ୍ୟ ଆରମ୍ଭ କରିଛନ୍ତି । ଏହି ସ୍ଥାନରୁ ପଳାଇବାର ବାଟନାହିଁ । ଏସବୁ ମାନସିକ ବିକାର ମନେକରି ନଳିନୀକାନ୍ତ ପୁନର୍ବାର ଜପରେ ପ୍ରବୃତ୍ତ ହେଲେ, କ୍ରମେ କ୍ରମେ ବାହ୍ୟାରର ଉପଦ୍ରବ ପ୍ରଶମିତ ହୋଇଆସିଲା ।

## ମହାଶକ୍ତିର ଆବିର୍ଭାବ

ସହସା ଏକ ଅଲୌକିକ ଦୃଶ୍ୟରେ ତାଙ୍କର ପୂର୍ଣ୍ଣ ଜ୍ଞାନ ଫେରିଆସିଲା । ସେ ଦେଖିଲେ, ତାଙ୍କର ପ୍ରତି ଲୋମକୂପରୁ ବାଷ୍ପାକାରରେ ତରଳ ଜ୍ୟୋତି ନିର୍ଗତ ହୋଇ ଜଗତ ଆଚ୍ଛନ୍ନ କରିଅଛି । ନଳିନୀକାନ୍ତ ସେହି ତେଜ ପ୍ରଭାବରେ ପ୍ରତିହତ ହୋଇ ନେତ୍ର ନିମୀଳନ କଲେ । ତତ୍‌କ୍ଷଣାତ୍ ଉକ୍ତ ତେଜପୁଞ୍ଜ, ଦିବ୍ୟ ରମଣୀ ମୂର୍ତ୍ତିରେ ବିଭାସିତ ହେଲା । ସେହି ମୂର୍ତ୍ତି ସନ୍ଦର୍ଶନରେ ନଳିନୀକାନ୍ତଙ୍କର ବିସ୍ମୃତ

ଅବଧି ରହିଲା ନାହିଁ । ଏ ଯେ ତାଙ୍କର ସେହି ପରଲୋକଗତା ସ୍ତ୍ରୀ ସୁଧାଂଶୁବାଳା ! କିନ୍ତୁ ଏହା ପୂର୍ବର ସୁଧାଂଶୁବାଳାଙ୍କଠାରୁ ଅଧିକତର ଗରିମାମୟୀ ମହିମାମୟୀ ଓ ଲାବଣ୍ୟମୟୀ । ଏହି ଦେବୀ ନଳିନୀକାନ୍ତଙ୍କୁ ଚାହିଁ ହସିଲେ । ଏଥିରେ ନଳିନୀକାନ୍ତଙ୍କ ମନରେ ମହା ଦ୍ୱନ୍ଦ୍ୱ ଓ ସନ୍ଦେହ ଉପସ୍ଥିତ ହେଲା । ସେ ତ ସ୍ତ୍ରୀଙ୍କୁ ପାଇବା ନିମିତ୍ତ ତାରାଦେବୀଙ୍କ ସାଧନା କରୁଛନ୍ତି, ତେବେ ଯେଉଁ ମୂର୍ତ୍ତିସମ୍ମୁଖରେ ଉପସ୍ଥିତ, ସେ କ'ଣ ତାଙ୍କର ସ୍ତ୍ରୀ ନା ଇଷ୍ଟଦେବୀ ତାରା ? ନଳିନୀକାନ୍ତ ପ୍ରଶ୍ନ କଲେ' 'ସତ୍ୟ କରି କହ ତୁମେ କିଏ ?

ଦେବୀ—ମୁଁ ତାରା, ତୁମର ଇଷ୍ଟଦେବୀ ।

ନଳିନୀକାନ୍ତ—ତୁମର ଏ ମୂର୍ତ୍ତି । ମୋର ଗୁରୁପଦିଷ୍ଟ ମୂର୍ତ୍ତି ନୁହେଁ । ସତ୍ୟକରି କହ ତୁମେ କିଏ ?

ଦେବୀ—ମୁଁ ସତ୍ୟକରି କହୁଅଛି ମୁଁ ତାରା । ତୁମେ ତୁମର ସ୍ତ୍ରୀଙ୍କୁ ପାଇବା ନିମିତ୍ତ ମୋର ସାଧନା କରିଅଛ । ତୁମର ସାଧନା ଫଳବତୀ ହୋଇଅଛି । ମୁଁ ତେଣୁ ତୁମର ମନୋମୟୀ ରୂପରେ ଯେଉଁ ରୂପ ତୁମର ହୃଦ୍ୟ, ଯାହା ଦେଖିଲେ ତୁମେ ତୃପ୍ତିଲାଭ କରିବ, ସେହି ରୂପରେ ଆସିଛି । ମୋର ବେଦମୟୀ ରୂପ ଦେଖିଲେ, ତୁମେ ସହ୍ୟ କରିପାରିବ ନାହିଁ । ମୁଁ ବିଶ୍ୱରୂପା—ମୋଠାରେ ସବୁ ଓ ସବୁଥିରେ ମୁଁ । ଯେ କୌଣସି ରୂପରେ ମୁଁ ଦେଖାଦେଇପାରେ ।

ନଳିନୀକାନ୍ତ ପରୀକ୍ଷା ନିମିତ୍ତ ଦେବୀଙ୍କୁ ପ୍ରଣାମ କଲେ । ଦେବୀ ତାଙ୍କ ଲଲାଟରେ ବାମପଦ ସ୍ପର୍ଶକରି କହିଲେ, "ସାଧନାର ଫଳ ସ୍ୱରୂପ ବର ପ୍ରାର୍ଥନା କର । ଯେ କୌଣସି ବର ଚାହଁ—ତ୍ରୈଲୋକ୍ୟରେ ଯାହାକିଛି ତୁମର ଅଭୀଷ୍ଟ କହ, ମୁଁ ତୁମର ସେ ସମସ୍ତ ସମ୍ପଦର ଅଧିକାରୀ କରିଦେବି ।"

ନଳିନୀକାନ୍ତ—ତ୍ରୈଲୋକ୍ୟର ଐଶ୍ୱର୍ଯ୍ୟରେ ମୋର ପ୍ରୟୋଜନ ନାହିଁ; ମୁଁ ତୁମକୁ ଚାହେଁ ।

ଦେବୀ—ମୁଁ ସର୍ବଦା ଭକ୍ତବାଞ୍ଛା-କଳ୍ପତରୁ ଓ ବରଦାତ୍ରୀ; ତୁମର ବାଞ୍ଛା ଅବଶ୍ୟ ପୂର୍ଣ୍ଣ ହେବ । ମୁଁ ସର୍ବଦା ତୁମଠାରେ ବିଦ୍ୟମାନ ରହିବି । ବର୍ତ୍ତମାନ ବର ପ୍ରାର୍ଥନା କର ।

ନୀଳମଣିକାନ୍ତ—ମୋର ମାଗିବାର କିଛି ନାହିଁ । ମୁଁ ଭିକ୍ଷାଝୁଲି ଧରି ତୁମ ନିକଟକୁ ଆସିନାହିଁ । ମୁଁ କେବଳ ତୁମକୁ ଚାହେଁ । ଯେତେବେଳେ ତୁମକୁ ସ୍ମରଣ କରିବି, ସେତେବେଳେ ତୁମେ ଏହି ମୂର୍ତ୍ତିରେ ମୋ ନିକଟରେ ଆବିର୍ଭୂତ ହେବ —ଯଦି ଦେଇ ପାରିବ ତ ଏହି ବର ଦିଅ ।

ଦେବୀ—ତୁମେ ଗୁରୁ କୃପାରୁ ମୋର ସାକ୍ଷାତ୍ ଦର୍ଶନ କଲ । ତୁମର ଆଉ ବନ୍ଧନ ସମ୍ଭବ ନାହିଁ । ମୁଁ ତୁମ ସହିତ ଅଭିନ୍ନ ଭାବରେ ବିରାଜିତ ରହିବି । ତୁମେ ନିଶ୍ଚିନ୍ତ ମନରେ, ନିର୍ଭୟରେ ଯଥେଚ୍ଛାକ୍ରମେ ବିଚରଣ କର । ସମସ୍ତ ଫଳାଫଳ ମୋତେ ସମର୍ପଣ କରି ମୋ ଭକ୍ତମାନଙ୍କ ମଧ୍ୟରେ ବହୁଜ୍ଞାନ ବିତରଣ କର । ବତ୍ସ ! ମୁଁ ବର୍ତ୍ତମାନ ନିଜ ରୂପରେ ଅବସ୍ଥାନ କରୁଛି । ତୁମେ ଇଚ୍ଛା କଲାମାତ୍ରେ ତୁମର ମନୋମୟୀ ମୂର୍ତ୍ତିରେ ତୁମ ନିକଟରେ ଆବିର୍ଭୂତ ହେବି ।

ନୀଳମଣିକାନ୍ତ—ଗୁରୁପଦିଷ୍ଟ ମୂର୍ତ୍ତି ମୋତେ ଥରେ ମାତ୍ର ଦେଖାଅ ।

ତତ୍ପରେ ମନୋମୟୀ ମୂର୍ତ୍ତି ଧୀରେ ଧୀରେ ବିଲୀନ ହୋଇ ଜ୍ୟୋତିଃ-ପୁଞ୍ଜରେ ପରିଣତ ହେଲେ । ମହାଶୂନ୍ୟରେ ବିରାଟ ଜ୍ୟୋତିର୍ମଣ୍ଡଳ ମଧ୍ୟବର୍ତ୍ତୀ ସଦ୍ୟଛିନ୍ନ, ରକ୍ତାକ୍ତ ନୃମୁଣ୍ଡମାଳିନୀ, ରକ୍ତନେତ୍ରା, ଊର୍ଦ୍ଧ୍ୱକେଶା, ଖଡ୍ଗଧାରିଣୀ, ରୁଦ୍ର-ନୃତ୍ୟପରାୟଣା ତାରା ନୀଳମଣିକାନ୍ତଙ୍କୁ ସ୍ୱରୂପ ଦେଖାଇଲେ । ମହାଶକ୍ତିଙ୍କ ସ୍ୱରୂପ ମୂର୍ତ୍ତି ଦର୍ଶନ କରି ନୀଳମଣିକାନ୍ତ ଭାବବିହ୍ୱଳହୋଇ ମୂର୍ଚ୍ଛିତ ହୋଇପଡ଼ିଲେ ।

ଗୁରୁ ବାମାକ୍ଷେପା ତାରା ମନ୍ଦିରରେ ଥାଇ ସବୁ ଦେଖୁଥିଲେ । ଶିଷ୍ୟଙ୍କୁ ଚୈତନ୍ୟଶୂନ୍ୟ ଦେଖି ଧୀରେ ଧୀରେ ତାଙ୍କ ନିକଟକୁ ଯାଇ ସ୍ନେହରେ ତାଙ୍କର ସ୍ପନ୍ଦନହୀନ ଦେହକୁ କୋଳ କରି ବସିରହିଲେ । ନୀଳମଣିକାନ୍ତ ନୟନ ଉନ୍ମୀଳନ କରିବାକ୍ଷଣି ବାମାକ୍ଷେପାଙ୍କୁ ଦେଖିପାରିଲେ । ସେତେବେଳକୁ ନିଶାବସାନ ହୋଇଯାଇଛି । ବାମାକ୍ଷେପା କହିଲେ, "ବତ୍ସ । ତୁ ଧନ୍ୟ; ତୋ ପରି ଶିଷ୍ୟର ଗୁରୁହୋଇ ମୁଁ ମଧ୍ୟ ଧନ୍ୟ ।" ନୀଳମଣିକାନ୍ତ,ଧୈର୍ଯ୍ୟାବଲମ୍ବନପୂର୍ବକ ଗୁରୁପାଦ ନିଜ

ହୃଦୟ ମଧ୍ୟରେ ଧାରଣ କରି ପ୍ରେମ ବିଗଳ ନୟନରେ କହିଲେ—

"ନମସ୍ତେ ନାଥ ଭଗବନ୍ ଶିବାୟ ଗୁରୁରୂପିଣେ
ବିଦ୍ୟାବତାର ସଂସିଦ୍ଧୌ ସ୍ୱୀକୃତାନେକ ବିଗ୍ରହ । ୧ ।

ନାରାୟଣ ସ୍ୱରୂପାୟ ପରମାତ୍ମୈକ ମୂର୍ତ୍ତୟେ
ସର୍ବଜ୍ଞାନତମୋଭେଦଭାନବେ ଚିଦ୍‌ଘନାୟତେ । ୨ ।

ସ୍ୱତନ୍ତ୍ରାୟ ଦୟାକ୍ଳୃପ୍ତ ବିଗ୍ରହାୟ ଶିବାତ୍ମନେ
ପରତନ୍ତ୍ରାୟ ଭକ୍ତାନାଂ ଭବ୍ୟାନାଂ ଭବ୍ୟରୂପିଣେ । ୩ ।

ବିବେକିନାଂ ବିବେକାୟ ବିମର୍ଶାୟ ବିମର୍ଶିଣାମ୍
ପ୍ରକାଶାନାଂ ପ୍ରକାଶାୟ ଜ୍ଞାନିନାଂ ଜ୍ଞାନରୂପିଣେ । ୪ ।

ତ୍ୱତ୍ପ୍ରସାଦାଦହଂ ଦେବ କୃତକୃତ୍ୟାସ୍ମି ସର୍ବତଃ ।
ମାୟାମୃତ୍ୟୁମହାପାଶାଦ୍ୱି ମୁକ୍ତୋଽସ୍ମି ଶିବୋଽସ୍ମି ଚ । ୫ ।

## ପତ୍ନୀରୂପା ମହାଶକ୍ତିଙ୍କ ସହିତ ପ୍ରେମାଳାପ

ସିଦ୍ଧିଲାଭ ପରେ ଦିନେ ଦୁଇଦିନ ବାମାକ୍ଷେପାଙ୍କ ନିକଟରେ ଅବସାନ କରି ତାଙ୍କ ନିକଟରୁ ବିଦାୟ ନେଇ ନଳିନୀକାନ୍ତ କର୍ମସ୍ଥଳ କୁମିରାକୁ ପୁଣି ପ୍ରତ୍ୟାବର୍ତ୍ତନ କଲେ । ଅନ୍ତଃସଲିଳା ଫଲ୍‌ଗୁ ନଦୀ ପରି ବାହାରେ କର୍ମର ବାହ୍ୟିକ ଆବରଣ ଥିଲେ ହେଁ ତାଙ୍କ ଅନ୍ତରରେ ଅଫୁରନ୍ତ ଆନନ୍ଦ ପ୍ରବାହିତ ହେବାକୁ ଲାଗିଲା । ନଳିନୀକାନ୍ତ ଦୈନନ୍ଦିନ ଶେଷ କାର୍ଯ୍ୟ କଲା ପରେ ଅବକାଶ ମିଳିଲାକ୍ଷଣି ତାଙ୍କର ନିର୍ଜନ ଗୃହରେ ମନୋମୟୀମୂର୍ତ୍ତିଙ୍କୁ ସ୍ମରଣ କରିବାମାତ୍ରେ ମା' ତାଙ୍କ ସମ୍ମୁଖରେ ଆବିର୍ଭୂତ ହୁଅନ୍ତି । ପ୍ରଥମେ ପ୍ରଥମେ ପରୀକ୍ଷା କରିବାକୁ ନିର୍ଜନ ଗୃହ ଭିତରେ ଦିନ ମଧ୍ୟରେ ଦୁଇ ତିନି ଥର ସ୍ମରଣ କରି ନଳିନୀକାନ୍ତ ତାଙ୍କ ସହିତ ଆନନ୍ଦରେ କାଳ ଯାପନ କରିବାକୁ ଲାଗିଲେ ।

ନଳିନୀକାନ୍ତଙ୍କର ନବୀନ ବୟସ; ନୂତନ ଉତ୍ସାହ—ସେଥିରେ ପୁଣି ସେ ତାନ୍ତ୍ରିକ ସିଦ୍ଧିଲାଭ କରିଛନ୍ତି । ଜଗଦ୍ଧାତ୍ରୀ ବିଶ୍ୱଜନନୀ ନଳିନୀକାନ୍ତଙ୍କୁ ସ୍ୱାମୀ

ଭାବରେ ବରଣ କରି ତାନ୍ତ୍ରିକମାନଙ୍କ ଭିତରେ ଅଭିନବ ଓ ବରଣୀୟ ଆସନ ପ୍ରଦାନ କରିଛନ୍ତି; ସୁତରାଂ ନୂତନ ଭାବର ଶୃଙ୍ଖଳାରେ ନଳିନୀକାନ୍ତଙ୍କ ବାହ୍ୟିକ ଆକୃତି-ପ୍ରକୃତିରେ ମଧ୍ୟ ପରିବର୍ତ୍ତନ ଦେଖାଗଲା ।

ପତ୍ନୀ ରୂପରେ ଦେବୀ ଦେଖାଦେବାରୁ ନଳିନୀକାନ୍ତଙ୍କ ମନରେ କ୍ରମେ କ୍ରମେ ସ୍ୱାମୀଭାବ ଜାଗିଉଠିଲା । ଠିକ୍ ପତ୍ନୀ ସୁଧାଂଶୁବାଳାଙ୍କର ଆକୃତି । ସେହି ପ୍ରକୃତି, ସେହି ବୟସ, ସେହି ଚାହାଁଣୀ, ସେହି ହସ, ସେହି ପଦକ୍ଷେପ, ସେହି ଅଙ୍ଗଭଙ୍ଗୀ ସବୁ ଏକ ପ୍ରକାର । ଗୋଟିଏ ଶଯ୍ୟା ଉପରେ ଉଭୟ ବସି ଅଫୁରନ୍ତ ଅର୍ଥହୀନ କଥାବାର୍ତ୍ତାରେ ସମୟ ଅତିବାହିତ କରିବାକୁ ଲାଗିଲେ । ମହାମାୟାଙ୍କୁ ନଳିନୀକାନ୍ତ ସ୍ତ୍ରୀ ଭାବରେ ଦେଖିବାକୁ ପାଇଲେ । କିନ୍ତୁ ସ୍ତ୍ରୀ ମୂର୍ତ୍ତି ନିକଟରେ ତତ୍ତ୍ୱାଲୋଚନା କରିବାକୁ ଲଜ୍ଜାବୋଧ ହେବାରୁ ସେ ତତ୍ତ୍ୱ କଥା ପଚାରିପାରିଲେ ନାହିଁ । କ୍ରମେ ଏପରି ହେଲା ଯେ, ମୂର୍ତ୍ତି ସମ୍ବନ୍ଧରେ ଟିକିଏ ଚିନ୍ତା କଲାକ୍ଷଣି ଦେବୀ ଆବିର୍ଭୂତା ହୋଇ ପ୍ରେମାଳାପ କରିବାକୁ ଲାଗିଲେ । ଅବଶେଷରେ ନଳିନୀକାନ୍ତଙ୍କର ଏହି ମୂର୍ତ୍ତିକୁ ଧରି କୋଳ କରିବାକୁ ଇଚ୍ଛା ହେଲା । ଦିନେ ଅବଶେଷରେ ନଳିନୀକାନ୍ତ ଉକ୍ତ ମୂର୍ତ୍ତିଙ୍କୁ ଧରି କୋଳକୁ ନେବାକୁ ଚେଷ୍ଟା କଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଧରିବାକୁ ଯିବାକ୍ଷଣି ଉକ୍ତ ମୂର୍ତ୍ତି ନିକଟକୁ ଆସି ନଳିନୀକାନ୍ତଙ୍କ ଶରୀରରେ ମିଶିଗଲେ । ସେ ତତ୍କ୍ଷଣାତ୍ ଅଜ୍ଞାନ ହୋଇ ପଡ଼ିଲେ । ଏହା ପରେ ମଧ୍ୟ ନଳିନୀକାନ୍ତ ଯେତେବେଳେ ଇଚ୍ଛା କରନ୍ତି, ସେତେବେଳେ ମୂର୍ତ୍ତି ତାଙ୍କ ନିକଟକୁ ଆସନ୍ତି, କିନ୍ତୁ ତାଙ୍କର ଏ ପିପାସା ମେଣ୍ଟେ ନାହିଁ । ନିଜ ପ୍ରିୟବସ୍ତୁ ନିକଟକୁ ଆସୁଛି, କିନ୍ତୁ ଧରିବାକୁ ଗଲାକ୍ଷଣି ଧରା ଦେଉ ନାହିଁ । ଏ ପ୍ରକାର ବିଚିତ୍ର ବ୍ୟବହାରରେ ନଳିନୀକାନ୍ତଙ୍କ ପ୍ରାଣରେ ଯେ କି ଭୀଷଣ ବେଦନା ହେଲା, ତାହା ଅବର୍ଣ୍ଣନୀୟ ।

## ସ୍ୱରୂପ ସ୍ମୃତି

ସ୍ତ୍ରୀ ଭାବରେ ମହାଶକ୍ତିଙ୍କ ସହିତ ସାକ୍ଷାତ କରିବା ପରେ ନଳିନୀକାନ୍ତଙ୍କର ଆନନ୍ଦ ପରିବର୍ତ୍ତରେ ନିରାନନ୍ଦର ସଞ୍ଚାର ଅଧିକ ହେଲା । ସେ ଭାବିଲେ ସ୍ତ୍ରୀ

ରୂପରେ ମହାଶକ୍ତି ଆସିଲେ ମଧ୍ୟ ସ୍ୱରୂପରେ ତ ସେ ତାଙ୍କ ସ୍ତ୍ରୀ ନୁହନ୍ତି । କାହିଁ ସହଜ ଭାବରେ ସେ ତ ତାଙ୍କୁ ପାଇଲେ ନାହିଁ ! ସାଧାରଣ ଭାବରେ ଆମେ ଯେପରି ମା'ଙ୍କସହିତ କଥୋପକଥନକରୁ, ତାଙ୍କ ନିକଟକୁଯାଉ, ଜଗଜ୍ଜନନୀଙ୍କର ଏ ମୂର୍ତ୍ତି ସଙ୍ଗରେ ତ ସେପରି କରିହେଲା ନାହିଁ ।

ଏହିପରି ଭାବେ ନଳିନୀକାନ୍ତ ଆଉ ଦେବୀଙ୍କୁ ସ୍ମରଣ କଲେ ନାହିଁ । ମାତ୍ର ମନଭିତରେ ସାମାନ୍ୟ ଟିକିଏ ଚିନ୍ତା ଜାଗ୍ରତ ହେଲାକ୍ଷଣି ମହାଶକ୍ତିଙ୍କର ପୂର୍ବରୂପ ତତ୍‌କ୍ଷଣାତ୍ ନୟନଗୋଚର ହେବାକୁ ଲାଗିଲା । ସେ ବିରକ୍ତ ଭାବରେ ତାଙ୍କ ଆଡ଼କୁ ଚାହିଁ 'ଯାଅ ବୋଲି କହିଲାକ୍ଷଣି ଦେବୀ ଚାଲିଯାନ୍ତି । ଏହିପରି ଭାବରେ କେତେ ଦିନ ଅତିବାହିତ ହେବା ପରେ ଅକସ୍ମାତ୍ ତାଙ୍କ ମନରେ ଗୋଟିଏ ଗୁରୁତର ପରିବର୍ତ୍ତନ ହେଲା । ନଳିନୀକାନ୍ତ ଭାବିଲେ, ଯେଉଁ ମହାଶକ୍ତି ସ୍ତ୍ରୀରୂପରେ ଦେଖାଦେଇ ମୋତେ ପ୍ରଲୁବ୍ଧ କରୁଛନ୍ତି, ସେ କିଏ ? ମୁଁ କାହିଁକି ତାଙ୍କ ରୂପ ମୋହରେ ଆକୃଷ୍ଟ ହୋଇ ତାଙ୍କ ଦାସତ୍ୱ ଶୃଙ୍ଖଳରେ ଆବଦ୍ଧ ହୋଇ ପଡ଼ୁଛି ? ଏ ତାରାଦେବୀ କିଏ ? ମୁଁ ଦେଖୁଛି ଯେ, ମୋ ଦେହରୁ ତରଳଜ୍ୟୋତିଃ ବାହାରି ତାହା ତାରା ମୂର୍ତ୍ତିରେ ପରିଣତ ହେଉଅଛି । ତେଣୁ ତାରାଦେବୀଙ୍କ ଜନ୍ମ ମୋ ଦେହରୁ । ତେବେ ମୁଁ କିଏ ? ମୋର ସ୍ୱରୂପ ବା କଅଣ ? ମୁଁ ମହାଶକ୍ତିଙ୍କ ଦର୍ଶନ ଲାଭ କଲେ ମଧ୍ୟ ମୋ ଅହଂତ୍ୱର ତ କିଛି ପରିବର୍ତ୍ତନ ହେଲା ନାହିଁ ! ମୁଁ ପୂର୍ବରୁ ଯେଉଁଭଳି ନଳିନୀକାନ୍ତ ଥିଲି, ସେହିଭଳି ନଳିନୀକାନ୍ତ ତ ରହିଛି ! ମୋର ତ ଅନ୍ୟ କିଛି ପରିବର୍ତ୍ତନ ହେଲା ନାହିଁ ! ଏ ତାରାଦେବୀ କିଏ ? ସେ ମୋତେ ଦର୍ଶନ ଦେବାଦ୍ୱାରା ମୋର ତ କିଛି ମାତ୍ର ପରିବର୍ତ୍ତନ ହେଲାନାହିଁ ! ନାକଫୋଡ଼ା ବଳଦଙ୍କ ପରି ମୁଁ ଏହାଙ୍କ ଦ୍ୱାରା ଚାଳିତହୋଇ ଘଣିବୁହା ବଳଦସଦୃଶ ଚିରଦିନ ଏହାଙ୍କର ଆଜ୍ଞାବହହୋଇ ମଧ୍ୟ ଏହାଙ୍କ ସ୍ୱରୂପ ଆସ୍ୱାଦନରୁ ବଞ୍ଚିତରହିବି ? ଏହି ମହାଶକ୍ତି ତାରାଙ୍କ ସହିତ ମୋର ନିତ୍ୟ ସମ୍ବନ୍ଧ କ'ଣ ଅଛି, ଏହା ନ ଜାଣିବା ପର୍ଯ୍ୟନ୍ତ ମୋର ଲେଶ ମାତ୍ର ଶାନ୍ତିନାହିଁ । ଏହି ଭାବ କ୍ରମଶଃ ବଢ଼ିବାକୁ ଲାଗିଲା । ନଳିନୀକାନ୍ତ କିଛି ସ୍ଥିର କରି ନ ପାରି ବାମକ୍ଷେପାଙ୍କ ନିକଟକୁ ପୁନର୍ବାର ଯାତ୍ରା କଲେ ।

# ତାନ୍ତ୍ରିକ ଗୁରୁଙ୍କର ନିର୍ଦ୍ଦେଶ

ନଳିନୀକାନ୍ତ ବାମାକ୍ଷେପାଙ୍କୁ ପ୍ରାଣର ବ୍ୟାକୁଳତା ସବୁ ଜଣାଇ ପ୍ରଶ୍ନ କଲେ, "ଗୁରୁଦେବ, ମୁଁ ପ୍ରତ୍ୟକ୍ଷରେ ଦେଖିଲି, ତାରା ଦେବୀଙ୍କର ଜନ୍ମ ମୋ ଦେହରୁ ହେଲା । ତେବେ ମୁଁ କିଏ ଓ ମୋର ସ୍ୱରୂପ କଅଣ ପ୍ରକାଶ କରନ୍ତୁ ।"

ନଳିନୀକାନ୍ତଙ୍କ ମୁଖରୁ ଇଦୃଶ ବାକ୍ୟ ଶ୍ରବଣ କରି ବାମାକ୍ଷେପା କ୍ଷିପ୍ତ ହୋଇ ରୁଦ୍ରରୂପ ଧାରଣକଲେ । ନେତ୍ରଦ୍ୱୟ ଜବାପୁଷ୍ପପରି ରଞ୍ଜିତ ହୋଇଉଠିଲା ବାମାକ୍ଷେପାଙ୍କ ମୁଖମଣ୍ଡଳ ପ୍ରଳୟଙ୍କର ମେଘ ପରି ଗାଢ଼ ଅନ୍ଧକାରମୟ ହୋଇଗଲା । ରୁକ୍ଷ ସ୍ୱରରେ ଭୟଙ୍କର ଚିତ୍କାର କରି କଦର୍ଯ୍ୟ ଭାଷାରେ ସେ କହିଲେ, "ହତଭାଗା, ମହାଶକ୍ତିଙ୍କ ଜନ୍ମ ତୋଠାରୁ ?" ବାମାକ୍ଷେପାଙ୍କର ଏହି ଚିତ୍କାରରେ ତାରାମନ୍ଦିର କମ୍ପି ଉଠିଲା । ବାମାକ୍ଷେପା ଅତ୍ୟନ୍ତ ବିରକ୍ତହୋଇ ସେ ସ୍ଥାନଛାଡ଼ି ତାରାମନ୍ଦିରକୁ ଚାଲିଗଲେ । ଏଥିରେ ନଳିନୀକାନ୍ତ ବିନ୍ଦୁମାତ୍ର ଭୀତ ବା ବିଚଳିତ ହେଲେ ନାହିଁ । ଯେଉଁ ପ୍ରଶ୍ନ ତାଙ୍କ ଭିତରେ ଜାଗିଉଠିଛି, ତାହାର ସମାଧାନ କରିବାକୁ ହେଲେ ଯେତେ ବିପଦ ପଡ଼ୁ ପଛକେ ସହ୍ୟ କରିବାକୁ ହେବ ବୋଲି ସ୍ଥିରକରି ନଳିନୀକାନ୍ତ ଦୃଢ଼ତା ଅବଲମ୍ବନ କଲେ ।

ବାମାକ୍ଷେପା ପରଦିନ ପ୍ରତ୍ୟୁଷରେ ନଳିନୀକାନ୍ତଙ୍କ ନିକଟକୁ ପୁଣି ଆସି କହିଲେ, "ମା' ତାରାଦେବୀଙ୍କୁ ତୋ ବିଷୟରେ ପ୍ରଶ୍ନ ପଚାରି ଉତ୍ତର ପାଇଛି । ତତ୍ତ୍ୱଜ୍ଞାନ ଲାଭ କରିବାକୁ ହେଲେ ତୋତେ ସନ୍ନ୍ୟାସ ଗ୍ରହଣ କରିବାକୁ ହେବ । ଏ ପଥରେ ତତ୍ତ୍ୱଜ୍ଞାନ ଲାଭ ହେବ ନାହିଁ ।"

ନଳିନୀକାନ୍ତ ହୃଷ୍ଟଚିତ୍ତରେ କହିଲେ, "ତାହାହେଲେ ମୋତେ ସନ୍ନ୍ୟାସ ଦିଅନ୍ତୁ ।"

ବାମାକ୍ଷେପା ଉତ୍ତର ଦେଲେ, "ବତ୍ସ, ତୋତେ ଶଙ୍କର ସମ୍ପ୍ରଦାୟଭୁକ୍ତ ସନ୍ନ୍ୟାସୀ ହେବାକୁ ପଡ଼ିବ । ମୁଁ ଅବଧୂତ ସନ୍ନ୍ୟାସୀ, ସୁତରାଂ ମୋ ଦ୍ୱାରା ଏହା ହୋଇପାରିବ ନାହିଁ । ତୁ 'ଜ୍ଞାନୀଗୁରୁ' ଅନୁସନ୍ଧାନ କର । ଅଚିରେ ତୋର ମନୋବାସନା ପୂର୍ଣ୍ଣ ହେବ । ମା' ତୋ ଦ୍ୱାରା ବହୁତ କାର୍ଯ୍ୟ କରାଇବେ ।"

ଏହା କହି ବାମାକ୍ଷେପା ଶିଷ୍ୟଙ୍କ ସଙ୍ଗରେ ଧରି ନାନାଆଡ଼େ ବୁଲାଇ ଉପରି ଗୁରୁଲାଭ ହେବ, ମା' ତାଙ୍କଦ୍ୱାରା କ କ ବିଷୟ କରାଇ ନେବାକୁ ଚାହାନ୍ତି ଓ ତାଙ୍କର ଭବିଷ୍ୟତ ଜୀବନ ବିଷୟରେ ଅନେକ ଗୁପ୍ତ କଥା କହିଲେ, ଯାହା ନଳିନୀକାନ୍ତଙ୍କ ପରବର୍ତ୍ତୀ ଜୀବନରେ ସଫଳ ହେଲା ।

## ସଂସାର ତ୍ୟାଗ

ବାମାକ୍ଷେପାଙ୍କ ନିକଟରୁ ବିଦାୟ ନେଇ ନଳିନୀକାନ୍ତ କୁମିରା ଫେରିଆସି ଚାକିରୀରୁ ଇସ୍ତଫାଦେଇଦେଲେ ଏବଂ ପିତା, ଭ୍ରାତା ପ୍ରଭୃତି ଆତ୍ମୀୟସ୍ୱଜନମାନଙ୍କୁ କିଛି ନ ଜଣାଇ କାଶୀଧାମକୁ ଯାତ୍ରା କଲେ । 'ମୁଁ କିଏ'—ଏହି ତଥ୍ୟର ତତ୍ତ୍ୱ ଉଦ୍‌ଘାଟନ କରିବା ସକାଶେ ସେ ପାଗଳପ୍ରାୟ ହୋଇଥିଲେ । ସୁତରାଂ କୌଣସି ସାଂସାରିକ ବନ୍ଧନ ତାଙ୍କୁ ସଙ୍କଳ୍ପଚ୍ୟୁତ କରିପାରିଲା ନାହିଁ ।

ମାତ୍ର ଏ ସମ୍ବାଦ ପାଇ ଆତ୍ମୀୟସ୍ୱଜନମାନେ ଅତ୍ୟନ୍ତ ଅଧୀର ହୋଇପଡ଼ିଲେ । ପିତା ଭୁବନମୋହନଙ୍କ ମସ୍ତକରେ ଯେପରି କି ବଜ୍ରପାତ ହେଲା । ପୁତ୍ରର ଶାନ୍ତ ସ୍ୱଭାବ, ମଧୁର ବ୍ୟବହାର, ପିତାଙ୍କ ପ୍ରତି ଅଚଳା ଭକ୍ତି ଗୋଟିକ ପରେ ଗୋଟିଏ ତାଙ୍କ ଆଖି ଆଗରେ ଭାସିଉଠିଲା । ପୁତ୍ର ସନ୍ନ୍ୟାସ-ଜୀବନର କଠୋରତା ଉପରି ସହ୍ୟ କରିବ— ଏହା ଭାବି ପିତାଙ୍କର କୋମଳ ହୃଦୟ ଅସହ୍ୟ ବେଦନାରେ ମୁହ୍ୟମାନ ହେଲା । ବୃଦ୍ଧ ବାଳକ ପରି ଭେ ଭେ ହୋଇ କାନ୍ଦିବାକୁ ଲାଗିଲେ । ଆତ୍ମୀୟସ୍ୱଜନମାନେ ବୃଦ୍ଧଙ୍କୁ ନାନା ପ୍ରକାର ସାନ୍ତ୍ୱନା ଦେଲେ ଓ ନଳିନୀକାନ୍ତଙ୍କ ସନ୍ଧାନ ନେବାକୁ ଚାରିଆଡ଼କୁ ଲୋକ ପଠାଇଲେ ।

## କାଶୀ ଯାତ୍ରା

କାଶୀଧାମରେ ଉପସ୍ଥିତ ହୋଇ ନଳିନୀକାନ୍ତ ଶଙ୍କର ସମ୍ପ୍ରଦାୟଭୁକ୍ତ ସନ୍ନ୍ୟାସୀମାନଙ୍କ ସହିତ ସନ୍ନ୍ୟାସର ସାର୍ଥକତା ସମ୍ବନ୍ଧରେ ଆଲୋଚନା କଲେ । ସେତେବେଳେ କାଶୀରେ କୃଷ୍ଣାନନ୍ଦ ସ୍ୱାମୀଙ୍କର ପ୍ରଭାବ ଓ ପ୍ରତିପତ୍ତି

ଖୁବ୍ ବେଶୀ । ନଳିନୀକାନ୍ତ ତାଙ୍କ ସହିତ ପରିଚିତ ହୋଇ ସନ୍ନ୍ୟାସଗ୍ରହଣ ସମ୍ବନ୍ଧରେ ଆଲୋଚନା କରିବାକୁ ଲାଗିଲେ । କୃଷ୍ଣାନନ୍ଦ ସ୍ୱାମୀ ନଳିନୀକାନ୍ତଙ୍କୁ ବିଶେଷ ସ୍ନେହ କଲେ ଏବଂ ତାଙ୍କ ଭିତରେ ଅସାମାନ୍ୟ ପ୍ରତିଭା ଥିବାର ବ୍ୟକ୍ତ କଲେ । ଠିକ୍ ଏହି ସମୟରେ ନଳିନୀକାନ୍ତ ଜାଣିପାରିଲେ ଯେ, ତାଙ୍କର ଆତ୍ମୀୟସ୍ୱଜନ ତାଙ୍କୁ କାଶୀଧାମରେ ଖୋଜୁଛନ୍ତି । ସୁତରାଂ ତାଙ୍କ ପକ୍ଷରେ ଆଉ କାଶୀରେ ରହିବା ଯୁକ୍ତିଯୁକ୍ତ ବୋଧ ନ ହେବାରୁ ସେଠାରୁ ସେ ବୃନ୍ଦାବନ ଯାତ୍ରା କଲେ ।

## ଯାଦୁବିଦ୍ୟା ଶିକ୍ଷା

ବୃନ୍ଦାବନକୁ ଆସି ନଳିନୀକାନ୍ତ ଜଣେ ବୈଷ୍ଣବ ବାବାଜୀଙ୍କ ଘରେ ଆଶ୍ରୟ ନେଇ ଗୁରୁ ଅନ୍ୱେଷଣରେ ପ୍ରବୃତ୍ତ ହେଲେ । ଯୁବକ ବୟସ, ସୁନ୍ଦର ସୁଶ୍ରୀଯୁକ୍ତ ଶରୀର; ଏଥିରେ ସାଧୁମାନଙ୍କ ଦୃଷ୍ଟି ତାଙ୍କ ଆଡ଼କୁ ଆକୃଷ୍ଟ ହେଲା । ପ୍ରକୃତ ଜ୍ଞାନୀଗୁରୁଙ୍କ ସନ୍ଧାନ ବୃନ୍ଦାବନରେ ମଧ୍ୟ ମିଳିଲା ନାହିଁ । ତଥାକଥିତ ସାଧୁମାନେ ନାନା ପ୍ରକାର ଭୋଜବିଦ୍ୟା, ଯାଦୁବିଦ୍ୟା, ରୋଗନିରାମୟକାରୀ ମନ୍ତ୍ରାଦି, ତପ୍ତତୈଳରେ ହସ୍ତପଦ ବୁଡ଼ାଇବା, ପାଉଁଶକୁ ଚିନିରେ ପରିଣତ କରାଇବା, ଲୁହାକୁ ସୁନାର ରୂପ ଦେବା, ଅଗ୍ନି ନିର୍ବାପନ କରିବା, ସର୍ପଦଂଶନ ନିଷ୍ଫଳ କରିବା, ବୃକ୍ଷଶିର ଅବନତ କରିବା ପ୍ରଭୃତି କୌଶଳମାନ ଉପଯାଚକ ହୋଇ ତାଙ୍କୁ ଶିକ୍ଷାଦେବାକୁ ଲାଗିଲେ । ନଳିନୀକାନ୍ତ ମଧ୍ୟ କୌତୂହଳ ପରବଶ ହୋଇ ଏସବୁ ଶିକ୍ଷା କଲେ, କିନ୍ତୁ ପରେ ଏଥିପ୍ରତି ତାଙ୍କର ଧିକ୍କାର ଆସିଲା । ସେ ମନରେ ଭାବିଲେ, "କାହିଁକି ଏଗୁଡ଼ାକ ଶିକ୍ଷା କଲି ? ଏହା ସହିତ ଆଧ୍ୟାତ୍ମତତ୍ତ୍ୱର ସମ୍ବନ୍ଧ ବା କ'ଣ ?"

ଏହିପରି ସମୟରେ ଦିନେ ତାଙ୍କର ଆଶ୍ରୟଦାତା ବୈଷ୍ଣବ ବାବାଜୀ ନଳିନୀକାନ୍ତଙ୍କୁ ଡାକିନେଇ ତାଙ୍କ ସହିତ ନିଜର ଅବିବାହିତା କନ୍ୟାଟିକୁ ବିବାହ ଦେବାକୁ ଇଚ୍ଛା ପ୍ରକାଶ କଲେ । ନଳିନୀକାନ୍ତ ବାବାଜୀଙ୍କ ଉକ୍ତ ଅଯାଚିତ ଦାନ ଗ୍ରହଣ କରିବାକୁ ଅନିଚ୍ଛୁକ ହୋଇ ସେଠାରୁ ପଳାଇ ଆସିଲେ ।

# ଅନାହାରୀ ସାଧୁ

ନଳିନୀକାନ୍ତ ନାନା ସ୍ଥାନ ଭ୍ରମଣ କରି ସାଧୁମାନଙ୍କ ସହିତ ମିଶି ଯେଉଁ ଅଭିଜ୍ଞତା ଅର୍ଜନ କଲେ, ସେଥିରେ ତାଙ୍କ ହୃଦୟ ନୈରାଶ୍ୟରେ ପୂର୍ଣ୍ଣ ହେଲା । ପରେ ସେ ଆଉ ଜଣେ ସନ୍ନ୍ୟାସୀଙ୍କୁ ଭେଟିଲେ । ଉକ୍ତ ସନ୍ନ୍ୟାସୀଙ୍କର ବିଶେଷତ୍ୱ ହେଲା ଯେ, ସେ କିଛି ଆହାର ନ କରି ଜୀବନ ଧାରଣ କରିପାରନ୍ତି । ଏକଥା ଶୁଣି ଓ ତାଙ୍କର ବାହ୍ୟିକ ଆଚରଣ ଦେଖି ନଳିନୀକାନ୍ତ ତାଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ତାଙ୍କ ନିକଟରେ ରହି ଭୃତ୍ୟପରି ସେବା କରିବାକୁ ଲାଗିଲେ । ଦିନ ତମାମ ସେ ଲକ୍ଷ୍ୟ କଲେ ଯେ, ସନ୍ନ୍ୟାସୀ ଆଦୌ ଆହାର କରୁ ନାହାନ୍ତି; ମାତ୍ର ଦିନେ ରାତିରେ ନଳିନୀକାନ୍ତଙ୍କର ହଠାତ୍ ନିଦ୍ରାଭଙ୍ଗ ହେବାରୁ ଅପର ପାର୍ଶ୍ୱସ୍ଥ ଗୃହ ମଧ୍ୟରେ ସନ୍ନ୍ୟାସୀ ଆହାର କରୁଥିବାର ସେ ଦେଖି ପାରିଲେ । ଏଥିରେ ତାଙ୍କ ପ୍ରାଣରେ ଭୀଷଣ ଆଘାତ ଲାଗିଲା । ସେ ଭାବିଲେ, "ମୋ କର୍ମରେ କ'ଣ ଏହିପରି ବିଡ଼ମ୍ବନା ଥିଲା ?" ଏ ଘଟଣା ପରେ ନଳିନୀକାନ୍ତ ଲୁଗାପଟା ଧରି ସେଠାରୁ ବାହାରିଲେ । ସନ୍ନ୍ୟାସୀ କହିଲେ, "କିହୋ, ସାଧୁ ହେବା କ'ଣ ଏତିକରେ ଶେଷ ହେଲା ?" ଏ କଥା ଶୁଣି ନଳିନୀକାନ୍ତ ବିଶେଷ କ୍ରୋଧାନ୍ୱିତ ହୋଇ କହିଲେ, "ତୁମ ପରି ଭଣ୍ଡ ସାଧୁ ପାଖରେ ରହି ଲାଭ କ'ଣ ?" ଚେଲାମାନେ ତାଙ୍କ କଥା ଶୁଣି ଉତ୍ତେଜିତ ହେବାରୁ ନଳିନୀକାନ୍ତ ପୂର୍ବ ରାତିରେ ସାଧୁଙ୍କର ଖାଇବା କଥା ସମସ୍ତ ପ୍ରକାଶ କରିଦେଲେ । ଏଥିରେ ଚେଲାମାନେ ବିଶେଷ ଲଜ୍ଜିତ ହୋଇ ନୀରବ ରହିଲେ ।

ଏହିପରି ନାନା କ୍ଷେତ୍ରରେ ବିଡ଼ମ୍ବିତ ହୋଇ ହରିଦ୍ୱାର, କନ୍‌ଖଲ, ହୃଷିକେଶ ପ୍ରଭୃତି ନାନା ତୀର୍ଥ ଭ୍ରମଣ କରି ଗୁରୁଙ୍କର ଅନୁସନ୍ଧାନ ଉଦ୍ଦେଶ୍ୟରେ ସେ ଅନେକ ସାଧୁଙ୍କ ସଂସର୍ଗରେ ଆସିଥିଲେ । କେଉଁ ସାଧୁ ପ୍ରଚୁର ପରିମାଣରେ ଖାଆନ୍ତି, କିଏ ବା ଆଦୌ ଖାଆନ୍ତି ନାହିଁ, କିଏ ସାତ ଦିନ ଅନ୍ତରରେ ଭୋଜନ କରନ୍ତି; କିଏ ସାରାଦିନ ଗଙ୍ଗାରେ ଠିଆହୋଇ ରହିପାରନ୍ତି, କିଏ ବା ଖୁବ୍ ଶୀତ ସହ୍ୟ କରିପାରନ୍ତି, କିଏ ଏକ ପାଦରେ ଠିଆହୋଇ ରହିପାରନ୍ତି—ଏ ସବୁ ଓ ତାନ୍ତ୍ରିକମାନଙ୍କର ଭୀତିପ୍ରଦ ବିଭିନ୍ନ

ଆଚରଣ ଦେଖି ଶେଷରେ ପ୍ରକୃତ ସାଧୁଜୀବନ ପ୍ରତି ମଧ୍ୟ ତାଙ୍କର ବିତୃଷ୍ଣା ଜାତ ହେଲା ।

## ଜ୍ୟୋତିର୍ମୟ ଜଗତ

କିଛି ଦିନ ଏହିପରି ଭାବରେ ଅତିବାହିତ ହେବା ପରେ ଦିନେ ହଠାତ୍ ନଳିନୀକାନ୍ତଙ୍କୁ ସାରା ଜଗତଟା ଜ୍ୟୋତିର୍ମୟ ଦେଖାଗଲା । ଯେଉଁ ଆଡ଼କୁ ଚାହିଁଲେ, ସେଆଡ଼ ସୁନା ରଙ୍ଗ ଭଳି ଦିଶିଲା । ରାତିରେ ଶୋଇଲେ ମଧ୍ୟ ସବୁଆଡ଼ ଦିନ ପରି ସୁନାରଙ୍ଗ ଦେଖାଗଲା । ଆଖି ବୁଜିଲେ ଜଗତ ଯେପରି ଦେଖାଗଲା, ଆଖି ମେଲା କଲେ ମଧ୍ୟ ସେହିପରି ଦେଖାଗଲା । ତେଣୁ ଦିନରାତି ଯେ କେତେବେଳେ ହୁଏ, ସେ କିଛି ବୁଝିପାରିଲେ ନାହିଁ । ତାଙ୍କୁ ଜଗତଟା ଏକ ପ୍ରକାର ସୁନ୍ଦର ବୋଧ ହେଲା । ଏହିପରି ଅବସ୍ଥାରେ ସେ ପୁଣି କାଶୀ ଯାତ୍ରା କଲେ । କାଶୀରେ ଉପସ୍ଥିତହୋଇ ସେ ଦେଖିଲେଯେ, ସମସ୍ତ ସ୍ୱର୍ଣ୍ଣମୟ । ସୁନାର କାଶୀ ବାସ୍ତବିକ ସ୍ୱର୍ଣ୍ଣବର୍ଣ୍ଣ । ଏହିପରି କିଛିଦିନ ଗଲା ପରେ ଏ ଅବସ୍ଥାଟା ତାଙ୍କୁ ବଡ଼ ଖରାପ ଲାଗିଲା । ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କର ଏ ଅବସ୍ଥା ଗଲାନାହିଁ । ଦିନେ ମଣିକର୍ଣ୍ଣିକା ଘାଟରେ ଜଣେ ସାଧୁଙ୍କ ପାଦ ଛୁଇଁ ପ୍ରଣାମ କରିବା ସଙ୍ଗେ ସଙ୍ଗେ ତାଙ୍କର ଏ ଅବସ୍ଥା ହଠାତ୍ ଦୂର ହୋଇଗଲା । ଏହାକୁ ସାଧୁଙ୍କର ମହାତ୍ମ୍ୟ ବୋଲି ବୁଝିପାରି ନଳିନୀକାନ୍ତ ସେ ସାଧୁଙ୍କୁ ଏହି ଅବସ୍ଥାର କାରଣ ପଚାରିଲେ; ମାତ୍ର ସାଧୁ କୌଣସି ଉତ୍ତର ଦେଇ ନ ପାରିବାରୁ ତାଙ୍କର ମନ ବିଶେଷ ଖରାପ ହୋଇଗଲା । ସେ ପରବର୍ତ୍ତୀ କାଳରେ ଜାଣିଲେ ଯେ, ନିଜ ଗୁରୁଙ୍କ ବ୍ୟତୀତ ଅନ୍ୟ ସନ୍ନ୍ୟାସୀମାନଙ୍କୁ ଦୂରରୁ ପ୍ରଣାମ କରିବାଉଚିତ । ପାଦଛୁଇଁ ପ୍ରଣାମ କଲେ ଭଲ ବା ମନ୍ଦ ହୋଇପାରେ । ତତ୍ପରେ ସେ ନାନା ସ୍ଥାନରେ ଗୁରୁ ଅନ୍ୱେଷଣ କରିବାକୁ ଲାଗିଲେ । ମଝିରେ ମଝିରେ ଦୁଇ ତିନି ଦିନ ପର୍ଯ୍ୟନ୍ତ କିଛି ଖାଇବାକୁ ମିଳେ ନାହିଁ । କେତେଥର କ୍ଷୁଧା ସମ୍ଭାଳି ନପାରି ସେ କାଦୁଅ ଖାଇ ପାଣି ପିଇ ରହନ୍ତି । ସେତେବେଳେ ତାଙ୍କର ଦେହପ୍ରତି ଆଦୌ ନଜର ନଥିଲା । ମୁଣ୍ଡରେ ବାଳ ସବୁ ଜଟା ବାନ୍ଧି ଯାଇଥିଲା । ଧୂଳିମାଟି ଲାଗି ମୁଣ୍ଡର ବାଳ ଏପରି ହୋଇଥିଲା ଯେ, ଲୋକେ ଦେଖିଲେ ପାଗଳ ବୋଲି ମନେ କରୁଥିଲେ ।

# ଜ୍ଞାନୀଗୁରୁ ପ୍ରାପ୍ତି

ନଳିନୀକାନ୍ତ କାଶୀରୁ ଫେରି ଆସି ନାନା ସ୍ଥାନରେ ପରିଭ୍ରମଣ କରି ଶେଷରେ ଆଜମୀରରେ ଅବସ୍ଥାନ କରିବାକୁ ଲାଗିଲେ । ସେଠାରେ ଥିବା ପ୍ରବାସୀ ବଙ୍ଗାଳୀମାନେ ତାଙ୍କୁ ଦେଖି ବଡ଼ ଆନନ୍ଦ ଅନୁଭବ କଲେ । ନଳିନୀକାନ୍ତ ମଧ୍ୟ ସେମାନଙ୍କ ସହିତ ବନ୍ଧୁତା ସ୍ଥାପନକଲେ । ଦିନେ ସେ ଶୁଣିଲେଯେ, ନିକଟରେ ଜଣେ ସାଧୁ ଧର୍ମ ବିଷୟରେ ବକ୍ତୃତାଦେବେ । ସେ ବନ୍ଧୁମାନଙ୍କୁ ସେଠାକୁ ଯାଇ ବକ୍ତୃତା ଶୁଣିବାକୁ ଅନୁରୋଧ କଲେ । ପ୍ରବାସୀ ବଙ୍ଗାଳୀମାନେ ସେଠାରେ ସରକାରୀ ଉଚ୍ଚ ପଦରେ ଆସୀନ ହୋଇ ପ୍ରଭୁତ୍ୱ କରୁଥାନ୍ତି । ସୁତରାଂ ହିନ୍ଦୁସ୍ଥାନୀ ସାଧୁଙ୍କ ବକ୍ତୃତା ଶୁଣିବାକୁ ସେମାନେ ରାଜି ହେଲେ ନାହିଁ; ଏପରି କି ନଳିନୀକାନ୍ତଙ୍କୁ ସେଠାକୁ ଯିବାକୁ ମଧ୍ୟ ନିଷେଧ କଲେ । ନଳିନୀକାନ୍ତ କିନ୍ତୁ କୌଣସି କଥା ନଶୁଣି ସେଠାରେ ଯାଇ ଉପସ୍ଥିତ ହେଲେ । ଦୂରରୁ ଦେଖିଲେ, ଜଣେ ଜଟାଜୁଟବିମଣ୍ଡିତ ସାଧୁ ବକ୍ତୃତା ଦେଉଛନ୍ତି । ଆଉ ଟିକିଏ ଅଗ୍ରସର ହୋଇ ନଳିନୀକାନ୍ତ ଚମକି ପଡ଼ିଲେ ଯେ, ଯେଉଁ ସନ୍ନ୍ୟାସୀ ତାଙ୍କୁ ସ୍ୱପ୍ନରେ ବିଲ୍ୱପତ୍ରରେ ଏକାକ୍ଷରୀ ମନ୍ତ୍ର ପ୍ରଦାନ କରି ଅଦୃଶ୍ୟ ହୋଇଥିଲେ, ସେହି ସାଧୁ ସେଠାରେ ବକ୍ତୃତା ଦେଉଛନ୍ତି ଓ ହଜାର ହଜାର ଲୋକ ତାଙ୍କ କଥା ଶୁଣୁଛନ୍ତି । ନଳିନୀକାନ୍ତ 'ଚିହ୍ନିଲି', 'ଗୁରୁ ପାଇଲି', ବୋଲି ଚିତ୍କାର କରି ସହସ୍ର ସହସ୍ର ଲୋକଙ୍କ ଭିତରେ ଧାଇଁ ଯାଇଁ ସାଧୁଙ୍କ ଚରଣ ତଳରେ ମୂର୍ଚ୍ଛିତ ହୋଇ ପଡ଼ିଗଲେ । ବକ୍ତୃତା ବନ୍ଦ ହୋଇଗଲା । ନଳିନୀକାନ୍ତ ବାହ୍ୟଜ୍ଞାନ ଫେରି ଆସିବା ପରେ ଦେଖିଲେ ଯେ ତାଙ୍କ ସମ୍ମୁଖରେ ଦୁଇଟି ଚେଲା ଓ ଉକ୍ତ ସାଧୁ ଦଣ୍ଡାୟମାନ । ସାଧୁ କହିଲେ, "କ'ଣ ମାଗୁଛୁ ?" ନଳିନୀକାନ୍ତ ଜବାବ ଦେଲେ, "ଆପଣଙ୍କ ସାଙ୍ଗରେ ଯାଇ ସାଧୁ ଜୀବନ ଯାପନ କରିବି ।" ସାଧୁ ରୁକ୍ଷ ସ୍ୱରରେ କହିଲେ, "ନା, ବଙ୍ଗାଳୀ ଭୋଗୀ ଜାତି, ସାଧୁ ହୋଇପାରିବେ ନାହିଁ ।" ସେତେବେଳେ ନଳିନୀକାନ୍ତ କୁମିରା ଗୃହ ଭିତରେ ସାଧୁଙ୍କର ଦର୍ଶନ ଲାଭ ଓ ତାଙ୍କଠାରୁ ମନ୍ତ୍ରପ୍ରାପ୍ତି ବିଷୟକ ସମସ୍ତ ଘଟଣା ଯଥାଯଥ ବର୍ଣ୍ଣନାକରି କୃପାଭିକ୍ଷା କଲେ । "ସବ୍ ଝୁଟା ବାତ୍ ହୈ, ଭାଗୋ । ଶାଲା ମଚ୍ଛଲିଖୋର୍"—କହି

ସାଧୁ ଦୀର୍ଘ ପଦକ୍ଷେପରେ ସେଠାରୁ ପ୍ରତ୍ୟାବର୍ତ୍ତନ କଲେ । ଚେଲା ଦୁହେଁ ଲୋଟା କମ୍ବଳ ଧରି ତାଙ୍କ ପଛେ ପଛେ ଚାଲିଲେ । ନଳିନୀକାନ୍ତ ସାଧୁଙ୍କ ନିଷେଧ ସତ୍ତ୍ୱେ ସେମାନଙ୍କୁ ଅନୁସରଣ କଲେ ।

## ଆଶ୍ରମ ଜୀବନ

ସେ ସାଧୁଙ୍କର ନାମ ସଚ୍ଚିଦାନନ୍ଦ ସରସ୍ୱତୀ । ପୁଷ୍କରତୀର୍ଥରେ ତାଙ୍କର ଆଶ୍ରମ । ନଳିନୀକାନ୍ତ ସେଠାରେ ଉପସ୍ଥିତ ହେବାକ୍ଷଣି ସଚ୍ଚିଦାନନ୍ଦ ପୁଣି ନାନା ଅକଥ୍ୟ ଭାଷାରେ ଗାଳି ଦେଇ ତାଙ୍କୁ ସେଠାରୁ ତଡ଼ିଦେବାକୁ ଚେଷ୍ଟା କଲେ; ମାତ୍ର ନଳିନୀକାନ୍ତ ଏଥିରେ ବିଚଳିତ ନ ହୋଇ ସେଠାରେ ରହିଲେ ଓ ଆଶ୍ରମର କଠୋର ନିୟମ ସଂଯମରେ ନିଜକୁ ଅଭ୍ୟସ୍ତ କରିବାକୁ ଲାଗିଲେ । ସେ କାଠ ହାଣିବା, ବାସନ ମାଜିବା, ଘାସ କାଟିବା, ରନ୍ଧନ କରିବା ଇତ୍ୟାଦି ଯାବତୀୟ କାର୍ଯ୍ୟ କରି ଓ ପ୍ରତ୍ୟହ ସାଧୁଙ୍କର ଅକଥ୍ୟ ବାକ୍ୟବାଣ ସହ୍ୟ କରି ତାଙ୍କର କୃପା ଆକର୍ଷଣ କରିବାକୁ ଚେଷ୍ଟାକଲେ । ଆଶ୍ରମର ଆହାର୍ଯ୍ୟ ଥିଲା ଖଟା ଆଉ ମିଠା ସହିତ ରୁଟି । ଗୋରୁ ଯେପରି କୁଣ୍ଡା ଖାଆନ୍ତି, ସେହିପରି କୁଣ୍ଡାରେ ଏ ରୁଟି ତିଆରି ହୁଏ । ଖଟା ଅର୍ଥାତ୍ ଲଙ୍କାରେ ତାବ୍ରସ୍ୱାଦସହିତ ଖଟା; ମିଠା ଅର୍ଥାତ୍ ଘୋଳଦହି । ଏହା ବ୍ୟତୀତ ଅନ୍ୟ କୌଣସି ପ୍ରକାର ଆହାର୍ଯ୍ୟର ବ୍ୟବସ୍ଥା ସେଠାରେ ନଥିଲା । ଜଣେ ବିଳାସୀବଙ୍ଗାଳୀ ଯୁବକଙ୍କ ପକ୍ଷରେ କଠୋର ଜୀବନଯାପନରେ ଅଭ୍ୟସ୍ତ ହେବା ଯେ କି କଷ୍ଟ ସାଧ୍ୟ, ତାହା ଆଧୁନିକ ସନ୍ନ୍ୟାସୀ, ବ୍ରହ୍ମଚାରୀ ଓ ଗୃହସ୍ଥମାନଙ୍କର ଚିନ୍ତା କରିବା ବିଷୟ ।

## ରନ୍ଧନ

ସଚ୍ଚିଦାନନ୍ଦଙ୍କ ଶିଷ୍ୟମାନଙ୍କ ଭିତରେ ନଳିନୀକାନ୍ତ ଏକମାତ୍ର ବ୍ରହ୍ମଚାରୀ ସେବକ ଥିବାରୁ ଅନେକ ସମୟରେ ତାଙ୍କୁ ରନ୍ଧନ କରିବାକୁ ପଡୁଥିଲା । ଦିନେ ନଳିନୀକାନ୍ତ ଚୁଲ୍ଲୀରେ ଭାତ ବସାଇଦେଇ ସଚ୍ଚିଦାନନ୍ଦଙ୍କ ବ୍ରହ୍ମଜ୍ୟୋତି ଉଦ୍ଭାସିତ

ମୁଖମଣ୍ଡଳ ପ୍ରତି ଦୂରରୁ ନିର୍ନିମେଷ ନୟନରେ ଚାହିଁ ରନ୍ଧନ କଥା ଭୁଲିଗଲେ । ଏଣେ ଭାତ ପୋଡ଼ି ଗନ୍ଧ ବାହାରିଲା । ଏହା ଦେଖି ସଚ୍ଚିଦାନନ୍ଦ ତାଙ୍କୁ ନାନା ଅକଥ୍ୟ ଭାଷାରେ ଗାଳିଦେଲେ । ନଳିନୀକାନ୍ତ କିଛି ଉତ୍ତର ନଦେଇ ମନେ ମନେ ଭାବିଲେ, "କାହିଁକି ଏପରି ହେଲା ବୁଦ୍ଧିଭ୍ରମ କି ?"

## ଘାସକଟା ଓ କାଠହଣା

କିଛିଦିନ ପରେ ତାଙ୍କୁ ଆଶ୍ରମର ଗୋରୁମାନଙ୍କ ପାଇଁ ଘାସ କାଟିବାକୁ ଆଦେଶ ହେଲା । ପାହାଡ଼ିଆ ଘାସ ଭିତରେ ବଡ଼ ବଡ଼ ଜୋକ ଥାଆନ୍ତି । ନଳିନୀକାନ୍ତଙ୍କର ଜୋକ ପ୍ରତି ବଡ଼ ଭୟ ଥାଏ । ସେ ଦିନେ ବିଚାର କଲେ ଜୋକ ପ୍ରତି ଏତେ ଭୟ କାହିଁକି ? ସେ ତ ମୋତେ ଖାଇଯିବେ ନାହିଁ ? ଏହା ଭାବି ସେ କେତୋଟି ଜୋକ ଆଣି ନିଜ ଦେହରେ ଲଗାଇ ବସିରହିଲେ । ଏହିପରି କ୍ରମେ ଜୋକଭୟ ଦୂର ହେଲା । ଯେଉଁଦିନଠାରୁ ତାଙ୍କର ଏ ଭୟ ଦୂର ହୋଇଛି, ସେହିଦିନଠାରୁ ତାଙ୍କ ଉପରେ ଘାସକଟା ପରିବର୍ତ୍ତେ କାଠ ହାଣିବା ଭାର ପଡ଼ିଲା । ନଳିନୀକାନ୍ତ ଉକ୍ତ କାର୍ଯ୍ୟରେ ମଧ୍ୟ ମନୋନିବେଶ କଲେ । ଦିନେ କୁଠାର ଆଘାତରେ ତାଙ୍କର ଗୋଡ଼ କଟିଯାଇ ରକ୍ତଧାର ପ୍ରବାହିତ ହେଲା । ସେହିଦିନଠାରୁ କାଠହଣା କାର୍ଯ୍ୟ ମଧ୍ୟ ବନ୍ଦ ହେଲା ।

## ପିତୁଳା ମାଜିବା

ଏହାପରେ ପିତୁଳା ମାଜିବା କାର୍ଯ୍ୟ ତାଙ୍କ ଉପରେ ପଡ଼ିଲା । ସଚ୍ଚିଦାନନ୍ଦ ବୈଦାନ୍ତିକ ସାଧୁ ହୋଇ ମଧ୍ୟ ଅନେକ ପିତୁଳା ପୂଜା କରୁଥିଲେ । ନଳିନୀକାନ୍ତ ବୈଦାନ୍ତିକ । ପିତୁଳା ମାନନ୍ତି ନାହିଁ । ସେ ସଚ୍ଚିଦାନନ୍ଦଙ୍କ ପିତୁଳା ପୂଜାକୁ ଘୃଣା ଚକ୍ଷୁରେ ଦେଖନ୍ତି ଓ ଅଶ୍ରଦ୍ଧାର ସହିତ ପୂଜାଦି କରନ୍ତି । ନଳିନୀକାନ୍ତଙ୍କ ପୂଜା ବେଳେ ଏ ଭାବ ଦେଖି ସଚ୍ଚିଦାନନ୍ଦ ତାଙ୍କୁ ସାବଧାନ କରିଦେଇ ଦେବତାଙ୍କ ପୂଜା ଏପରି ଅଶ୍ରଦ୍ଧାଭାବରେ କରିବାକୁ ନିଷେଧ କଲେ । ସେଥିରେ ନଳିନୀକାନ୍ତ

ଉତ୍ତର କଲେ, "ଏ ମୂର୍ତ୍ତି ତ ଗୋଟିଏ ଧାତୁ ନିର୍ମିତ । ଏହାକୁ ଦେବତା କିପରି କୁହାଯିବ ? ଧାତୁ ମୂର୍ତ୍ତିର ତ ପ୍ରାଣ ନାହିଁ ।" ଏକଥା ଶୁଣି ସଚ୍ଚିଦାନନ୍ଦ କ୍ରୋଧରେ ଅନେକ ଅକଥ୍ୟ ଭାଷାରେ ଗାଳିଦେବାକୁ ଲାଗିଲେ । ସଚ୍ଚିଦାନନ୍ଦସ୍ୱାମୀ ଚାଲିଯିବା ପରେ ନଳିନୀକାନ୍ତ ଉକ୍ତ ମୂର୍ତ୍ତିଟିକୁ ଆସନରୁ ଟାଣିଆଣି ମୂର୍ତ୍ତିର ଦୁଇଗାଲରେ ଦୁଇଟି ଚଟକଣା ବସାଇ ଦେଇ କହିଲେ, "ତୋ ସକାଶେ ସିନା ମୁଁ ଏତେ ଗାଳି ଖାଇଲି ।" ସଚ୍ଚିଦାନନ୍ଦ କେଉଁଠାରେ ଥିଲେ କେଜାଣି, ହଠାତ୍ ଆସି କହିଲେ, "ଆରେ, ତୁ ପରା କହୁଥିଲୁ, ସେ ମୂର୍ତ୍ତିର ପ୍ରାଣ ନାହିଁ ? ପ୍ରାଣ ନାହିଁ ତ କଥା କହୁଥିଲୁ, କାହା ସହିତ ? ଉଭୟେ ହସି ହସି ପ୍ରସ୍ଥାନ କଲେ ।

## ଧୂନି ସଜାଡ଼ିବା

ସଚ୍ଚିଦାନନ୍ଦ ସ୍ୱାମୀଙ୍କର ସର୍ବଦା ଧୂନି ଜାଳିବା ଅଭ୍ୟାସ ଥାଏ । ପଶ୍ଚିମା-ସାଧୁ ଧୂନିକୁ ବଡ଼ ପବିତ୍ର ମନେକରନ୍ତି । ଧୂନିରେ ସେମାନେ ଦୁଧ ଗରମ କରନ୍ତି; ଗଞ୍ଜେଇ ଖାଆନ୍ତି, ରୁଟି ସେକନ୍ତି । ତଥାପି ସେମାନଙ୍କର ସଂସ୍କାର ଯେ ସେମାନେ ଧୂନିକୁ ପବିତ୍ର ମନେକରି ପୂଜା କରନ୍ତି । ସଚ୍ଚିଦାନନ୍ଦଙ୍କର ନିୟମ ଥିଲା, ଧୂନି କାଠକୁ କେହି ଡେଇଁବେ ନାହିଁ । କିନ୍ତୁ ନଳିନୀକାନ୍ତ ବଙ୍ଗାଳୀ ଯୁବକ, ପ୍ରଥମ ଜୀବନରେ ନାସ୍ତିକ ଥିଲେ ମଧ୍ୟ ବର୍ତ୍ତମାନ ବୈଦାନ୍ତିକ ଜ୍ଞାନୀ—ସେ ସବୁ ଏକଥା ମୋଟେ ମାନନ୍ତି ନାହିଁ । ଦିନେ ହଠାତ୍ ଧୂନି କାଠରେ ତାଙ୍କର ଗୋଡ଼ ବାଜିଗଲା । ସେଦିନ ଗୁରୁଦେବ ତାଙ୍କୁ ଖୁବ୍ ତିରସ୍କାର କଲେ । ଦ୍ୱିତୀୟ ଦିନ ପୁଣି ଗୋଡ଼ ବାଜିଲା; ସେଦିନ ମଧ୍ୟ ସଚ୍ଚିଦାନନ୍ଦ ତିରସ୍କାର କରିବାକୁ ଛାଡ଼ିଲେ ନାହିଁ । ପୁନର୍ବାର ତୃତୀୟଦିନ ଗୋଡ଼ ବାଜିବାରୁ ସଚ୍ଚିଦାନନ୍ଦ ଅଗ୍ନିଶର୍ମା ହୋଇ ଚିମୁଟା ଉତ୍ତୋଳନ କରି କହିଲେ, "ପୁଣି ଏପରି କଲେ ଗୋଡ଼ ଭାଙ୍ଗିଦେବି ।" ଏଥିରେ ନଳିନୀକାନ୍ତ ସାବଧାନ ହୋଇଗଲେ ।

## ସଚ୍ଚିଦାନନ୍ଦଙ୍କ ବ୍ୟବହାର

ଏହିପରି ଅକାତର ଭାବରେ କର୍କଶ ବ୍ୟବହାର ସହ୍ୟ କରିବାର ଦେଖି ନଳିନୀକାନ୍ତଙ୍କ ପ୍ରତି ସଚ୍ଚିଦାନନ୍ଦ ସ୍ୱାମୀଙ୍କର ମନ କ୍ରମେ ସ୍ନେହଶୀଳ ହୋଇ

ଆସିଲା । ସଚ୍ଚିଦାନନ୍ଦ ଅଶ୍ଳୀଳ ଭାଷାରେ ଗାଳି ଦେଉଥିବେଳେ ନଳିନୀକାନ୍ତଙ୍କୁ ବଡ଼ କଷ୍ଟ ବୋଧହୁଏ । ନଳିନୀକାନ୍ତ ଭାବନ୍ତି, ଯେଉଁମାନେ ସାଧୁ ଓ ମହାପୁରୁଷ, ସେମାନଙ୍କର ଭାଷା ଏତେ ଦୂର କଦର୍ଯ୍ୟ ବା କପରି ହୋଇ ପାରେ ? ଏହା ଭାବି ସେ ଆଶ୍ରମ ଜୀବନ-ଯାପନ କରିବାକୁ ଇଚ୍ଛା କଲେ ନାହିଁ । କେବଳ ଏହି ଅଶ୍ଳୀଳ ଭାଷା ଯୋଗୁଁ ଆଶ୍ରମ ତ୍ୟାଗ କରି ସେ ଅନ୍ୟତ୍ର ଚାଲିଯିବାକୁ ଇଚ୍ଛା ପ୍ରକାଶ କରିବାରୁ ସଚ୍ଚିଦାନନ୍ଦଙ୍କ ଅନ୍ୟତମ ଶିଷ୍ୟ ବ୍ରହ୍ମାନନ୍ଦ ନଳିନୀକାନ୍ତଙ୍କୁ ନାନା-ପ୍ରକାର ଆଶ୍ୱାସନା ଦେଇ କହିଲେ, "ଦେଖ ଭାଇ; ସନ୍ନ୍ୟାସୀ ହେବାକୁ ହେଲେ ଜୀବତ୍ୱକୁ ବଳିଦେବାକୁ ହେବ । ଅର୍ଥାତ୍ ଆଶ୍ରମ ଜୀବନ ଯାପନ କରି ସନ୍ନ୍ୟାସୀ ବଞ୍ଚି ରହିବ ସତ, କିନ୍ତୁ ତାହାର ଜୀବତ୍ୱ କିଛି ରହିବ ନାହିଁ । ସେହି ହେତୁ ସନ୍ନ୍ୟାସୀମାନଙ୍କ ପ୍ରତି ଏ କଠୋର ବ୍ୟବସ୍ଥା ।" ଏହି ବ୍ରହ୍ମାନନ୍ଦ ସ୍ୱାମୀ—ଯେକି ପରବର୍ତ୍ତୀ ଜୀବନରେ 'ବ୍ରହ୍ମାନନ୍ଦ ପରମହଂସ' ବୋଲି ପରିଚିତ ହୋଇ 'ବ୍ରହ୍ମାନନ୍ଦୀ ଭଜନ' ପ୍ରଭୃତି ଅନେକ ଧର୍ମପୁସ୍ତକ ଲେଖି ହିନ୍ଦୁସ୍ଥାନରେ ପ୍ରାୟ ପ୍ରତ୍ୟେକଙ୍କ ନିକଟରେ ପରିଚିତ ତାଙ୍କ ଉପଦେଶରେ ନଳିନୀକାନ୍ତ ଟିକିଏ ସ୍ଥିର ହେଲେ । ମାତ୍ର ତାଙ୍କର ମନ ଏଥିରେ ପୁରା ବୁଝିଲା ନାହିଁ । ନଳିନୀକାନ୍ତ ଭାବିଲେ, ଜୀବର ଜୀବତ୍ୱ ନାଶ କରିବାକୁ ହେଲେ ଯେ ଅକଥ୍ୟ ଭାଷାରେ ଗାଳି ସହିବାକୁ ହେବ, ଏ କପରି କଥା ? ଏହିପରି ସମୟରେ ସେ ଦିନେ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ପୂର୍ବାଶ୍ରମ କଥା ଜାଣିବାକୁ ପାଇଲେ ।

## ସଚ୍ଚିଦାନନ୍ଦ ପୂର୍ବାଶ୍ରମ

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ କାବୁଲର ଦୋସ୍ତ ମହମ୍ମଦ ଖାଁ ଯେତେବେଳେ ଇଂରେଜମାନଙ୍କ ସହିତ ଯୁଦ୍ଧ ଘୋଷଣା କଲେ; ସେତେ-ବେଳେ ଲର୍ଡ଼ ଅକ୍‌ଲଣ୍ଡଙ୍କ ଅଧୀନରେ ଥିବା ସିପାହୀମାନଙ୍କ ଭିତରେ ସଚ୍ଚିଦାନନ୍ଦ ଜଣେ ହାବିଲଦାର ଥିଲେ । ଇଂରେଜମାନେ ପେଶଵାରରେ ଛାଉଣୀ ପକାଇଥିବାବେଳେ ସଚ୍ଚିଦାନନ୍ଦ ଦିନେ ରାତିରେ ନିକଟସ୍ଥ ପାହାଡ଼ ଉପରେ ଗୋଟିଏ ଆଲୋକ ଦେଖିଲେ ଓ ଏହି ଆଲୋକ ବିଷୟ ଊର୍ଦ୍ଧ୍ୱତନ କର୍ମଚାରୀଙ୍କୁ ଜଣାଇଲେ । ଶତ୍ରୁମାନେ ଏହି ପାହାଡ଼ ଉପରେ

ଲୁକ୍କାୟିତ ଶତ୍ରୁଆକ୍ରମଣରସୁଯୋଗ ଅନ୍ୱେଷଣ କରୁଥିବାମନେକରିସଚ୍ଚିଦାନନ୍ଦ କପ୍ତାନଙ୍କୁ ସଙ୍ଗରେ ଧରି ଉକ୍ତ ପାହାଡ଼ ଉପରକୁ ଗଭୀର ରାତ୍ରରେ ଅଗ୍ରସର ହେଲେ । କିଛି ଦୂର ଯିବା ପରେ ଆଲୋକଟିକୁ ଦେଖି ନ ପାରି ଫେରିଆସିଲେ । କ୍ରମାଗତ ଦୁଇ ତିନି ରାତି ପର୍ଯ୍ୟନ୍ତ ଉକ୍ତ ଘଟଣାର ପୁନରାବୃତ୍ତି ହେଲା; ମାତ୍ର ସେମାନେ ପାହାଡ଼ ଉପରକୁ ଯାଇ ଶେଷରେ ଆଲୁଅ ନ ଦେଖି ପ୍ରତ୍ୟାବର୍ତ୍ତନ କଲେ । ଦିନେ ରାତିରେ ସଚ୍ଚିଦାନନ୍ଦ ବନ୍ଧୁକ ନେଇ ଏକାକୀ ସେହି ଆଲୁଅକୁ ଲକ୍ଷ୍ୟ କରି ପାହାଡ଼ ଉପରେ ଆରୋହଣ କଲେ । କିଛି ସମୟ ପରେସଚ୍ଚିଦାନନ୍ଦ ଉକ୍ତ ଆଲୋକ ନିକଟରେଉପସ୍ଥିତ ହୋଇ ଦେଖିଲେ, ଗୋଟିଏ ଗୁହା ଦ୍ୱାରରେ ଜଣେ ଅତି ଶୀର୍ଣ୍ଣକାୟ କଙ୍କାଳସାର ବୃଦ୍ଧ ସେହି ଆଲୋକ ଦେଖାଉଛନ୍ତି । ସଚ୍ଚିଦାନନ୍ଦଙ୍କୁ ନିକଟରେ ଦେଖି ସେ ବୃଦ୍ଧ ତାଙ୍କୁ କହିଲେ, ମୁଁ ତୁମ ନିମିତ୍ତ ଅପେକ୍ଷା କରିଛି । ମୋହର ଦେହତ୍ୟାଗର ସମୟ ଉପସ୍ଥିତ । ବର୍ତ୍ତମାନ ତୁମକୁ ସୈନିକ ବୃତ୍ତି ତ୍ୟାଗ କରି ମୋର ଏହି ଆସନର ଭାର ଗ୍ରହଣ କରି ସାଧୁଜୀବନ ଯାପନକରିବାକୁହେବ ଓ ତୁମକୁବେଦାନ୍ତ-ସାଧନ-ଚତୁଷ୍ଟୟକରିବାକୁପଡ଼ିବ ।’’ ଏହି ସମୟଠାରୁ ସଚ୍ଚିଦାନନ୍ଦ ସୈନିକ ବୃତ୍ତି ତ୍ୟାଗ କରି ସାଧୁ ହେଲେ ଓ ଦୀର୍ଘ-କାଳବ୍ୟାପୀ କଠିନ ସାଧନା ପରେ ନିର୍ବିକଳ୍ପ ସମାଧିଲାଭ କଲେ ।

ସ୍ୱାମୀ ସଚ୍ଚିଦାନନ୍ଦଙ୍କ ମୁଖରୁ ଏହି ଅପୂର୍ବ କାହାଣୀ ଶ୍ରବଣ କରି ନଳିନୀକାନ୍ତ ବୁଝିଲେ ଯେ, ପ୍ରତ୍ୟକ୍ଷ ଜ୍ଞାନର ଅଧିକାରୀହେଲେ ମଧ୍ୟସହଜାତ ସଂସ୍କାର ଓ ବୃତ୍ତିର ସଂସ୍କାର କୌଣସି ପ୍ରକାର ଦୂର ହୁଏ ନାହିଁ । ସେହିହେତୁ ସଚ୍ଚିଦାନନ୍ଦଙ୍କ ଭାଷା ଏପରି କଦର୍ଯ୍ୟ । ଭାବର ପରିବର୍ତ୍ତନ ହେଲେ ମଧ୍ୟ ହାବିଲଦାର ଭାଷାର କିଛି ପରିବର୍ତ୍ତନ ହୋଇ ନାହିଁ । ଏସବୁ କଥା ଶୁଣି ନଳିନୀକାନ୍ତ ମନେ ମନେ ଭାବିଲେ ଭଗବାନଙ୍କୁ ନ ଚାହିଁଲେ ମଧ୍ୟ ସେ ମିଳନ୍ତି । ଶ୍ରୁତିରେ ପଢ଼ିଥିଲେ, ‘ଯମ ଏଷ ବୃଣୁତେ—ଈଶ୍ୱର ଯାହାକୁ ମନସ୍ଥ କରନ୍ତି, ସେହି କେବଳ ଈଶ୍ୱରଙ୍କୁ ପାଇପାରେ । ସେ ଏହା ପଢ଼ିଥିଲେ ମଧ୍ୟ ପ୍ରତ୍ୟକ୍ଷବୋଧ କରିପାରି ନ ଥିଲେ । ନଳିନୀକାନ୍ତ ଭାବିଥିଲେ ଯେ, ସଚ୍ଚିଦାନନ୍ଦସ୍ୱାମୀ ସାଧନ କରି ସିଦ୍ଧିଲାଭକରିଛନ୍ତି ।

ସେ ବର୍ତ୍ତମାନ ବୁଝିଲେ ଯେ, ସୁକୃତଶାଳୀ ବ୍ୟକ୍ତିମାନଙ୍କୁ ଭଗବାନ ଏହିପରି ଭାବରେ ଗୁରୁଙ୍କଦ୍ୱାରା କୃପା କରନ୍ତି ।

ଏହା ଭାବୁ ଭାବୁ ନଳିନୀକାନ୍ତ ନିଜ କ୍ଷୁଦ୍ର ଜୀବନର ସମସ୍ତ କଥା ଭାବିବାକୁ ଆରମ୍ଭ କଲେ । ସେ ନିଜ ସ୍ତ୍ରୀଙ୍କୁ ପାଇବାକୁ ଆସି ଜଗଜ୍ଜନନୀଙ୍କ ସାକ୍ଷାତ କିପରି ଲାଭ କଲେ, କିପରି ବା ଆହେତୁକ ଭାବରେ ଗୁରୁକୃପା ପାଇଲେ ଓ ଜଗଜ୍ଜନନୀଙ୍କ ସାକ୍ଷାତ ଲାଭ ପରେ କିପରି ନିଜକୁ ଜାଣିବାପାଇଁ ଜ୍ଞାନ-ସାଧନରେ ପ୍ରବୃତ୍ତ ହେଲେ, ସମସ୍ତ କଥା ମୁହୂର୍ତ୍ତକ ଭିତରେ ତାଙ୍କ ମନରେ ଖେଳିଗଲା । ବାମାକ୍ଷେପାଙ୍କ ନିକଟରେ କରିଥିବା ସାଧନା, ଦେବୀଙ୍କ ନିକଟରୁ ବରଲାଭ ଇତ୍ୟାଦି ବିଷୟ ସଚ୍ଚିଦାନନ୍ଦଙ୍କ ନିକଟରେ କହିବାକୁ ଇଚ୍ଛା କଲେ । ମାତ୍ର ପରମୁହୂର୍ତ୍ତରେ ମନେହେଲା, ନା, ସେ କ'ଣ ମନେ କରିବେ ! ପରେ କ'ଣ ବା କହିବେ ! ଏହା ଭାବି ସେ ଭୟରେ କିଛି କହିପାରିଲେ ନାହିଁ ।

## ଜାତି-ବର୍ଣ୍ଣର ପ୍ରଶ୍ନ

ସଚ୍ଚିଦାନନ୍ଦ ସ୍ୱାମୀ ନାନା ଅକଥ୍ୟ ଭାଷାରେ ଗାଳିଦେଲେ ମଧ୍ୟ ନଳିନୀକାନ୍ତଙ୍କୁ ଖୁବ୍ ଆଦର କରୁଥିଲେ । ସଚ୍ଚିଦାନନ୍ଦ ନିଜେ ଅଦ୍ୱିତୀୟ ଜ୍ଞାନ-ସାଧନ-ସିଦ୍ଧ ପଣ୍ଡିତ ଥିଲେ । ସଂସ୍କୃତ ଭାଷାରେ ତାଙ୍କର ମଧ୍ୟ ଅଗାଧ ପାଣ୍ଡିତ୍ୟ ଥିଲା । ସେ ପାଞ୍ଚ ଛଅ ଘଣ୍ଟା ବ୍ୟାପୀ ସଂସ୍କୃତରେ ଅନର୍ଗଳ ବକ୍ତୃତା ଦେଇପାରୁଥିଲେ । ସଚ୍ଚିଦାନନ୍ଦ ନିଜେ ନଳିନୀକାନ୍ତଙ୍କୁ ଦର୍ଶନଶାସ୍ତ୍ରାଦି ପଢ଼ାଇଥିଲେ । ନଳିନୀକାନ୍ତ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ନିକଟରେ ବହୁଦିନ ରହିବା ପରେ ତାଙ୍କର ସାହାସ ସଞ୍ଚାର ହେବାରୁ ସେ ପ୍ରଶ୍ନ କରିବାକୁ ଆରମ୍ଭ କଲେ । ନଳିନୀକାନ୍ତଙ୍କୁ ରୋଷେଇ କରିବାକୁ ବଡ଼ କଷ୍ଟ ହୁଏ; କାରଣ ପାହାଡ଼ ତଳ ଝରଣାରୁ ପାଣି ଆଣି ରାନ୍ଧିବାକୁ ପଡ଼େ । ଦିନେ ନଳିନୀକାନ୍ତ ସଚ୍ଚିଦାନନ୍ଦଙ୍କୁ ପଚାରିଲେ, "ଠାକୁର, ତୁମେ ତ ପରମହଂସ ସନ୍ନ୍ୟାସୀ, ତୁମର ପୁଣି ବର୍ଣ୍ଣାଶ୍ରମର ବିଚାର କ'ଣ ? ତୁମେ ତ ଯାହା ତାହା ହାତରେ ଖାଇପାର, ତେବେ ଅନର୍ଥକ ମୋ ଉପରେ କାହିଁକି ସବୁ ଭାର ପକାଉଛ ?"

ସଚ୍ଚିଦାନନ୍ଦ ପଗ୍ଚରିଲେ, "ଗୀତା ପଢ଼ିଛୁ ?"
ନଳିନୀକାନ୍ତ କହିଲେ, "ହଁ ଖୁବ୍ ପଢ଼ିଛି ।"
"ଛତୁଷ୍ଟା ପଢ଼ିଛୁ"—ସଚ୍ଚିଦାନନ୍ଦ ରୁକ୍ଷସ୍ୱରରେ ଜବାବ ଦେଲେ—
"ଯଦ୍ ଯଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ
ସ ଯତ୍ ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତ୍ତତେ ।।"

—"ଏହାର ଅର୍ଥ କ'ଣ କହିଲୁ ? ମୋର ଜାତିବିଗ୍ଚର ନଥିଲେ ମଧ୍ୟ ସମାଜ ସଂସ୍କୃତି ନିମିତ୍ତ ଏସବୁ ମାନି ଚଳିବାକୁ ପଡ଼େ । ଏବେ ବୁଝିଲୁ ?

## ନଳିନୀକାନ୍ତଙ୍କର ଶାସ୍ତ୍ରାଲୋଚନା

ନଳିନୀକାନ୍ତ ବାଲ୍ୟକାଳରେ ବିଦ୍ୟା ଅଭ୍ୟାସ କରିବା ସମୟରେ ପ୍ରାକୃତିକ ଭୂଗୋଳରୁ ଭୂବିଦ୍ୟା ପାଠକରି ଗ୍ରହଣ, ଭୂମିକମ୍ପ ପ୍ରଭୃତିର କାରଣ ଯାହା ଅବଗତ ହୋଇଥିଲେ, ସେଥିରେ ତାଙ୍କ ହୃଦୟରେ ଦାରୁଣ ଦୁଃଖରେ ବୋଝ ଲଦି-ହୋଇଥିଲା । ସେ ଦୁଃଖ କାହାକୁ ଜଣାଇ ନ ଥିଲେ କିମ୍ବା କେହି ମଧ୍ୟ ଜାଣିପାରି ନ ଥିଲେ । ସମୟେ ସମୟେ ମନେହୁଏ, ଗ୍ରହଣ ଓ ଭୂମିକମ୍ପ ପରି ହିନ୍ଦୁମାନଙ୍କର ସମସ୍ତ କଥା ମିଛ । ତାଙ୍କର ସ୍ୱଧର୍ମରେ ଆସ୍ଥା ନ ଥିଲେ ମଧ୍ୟ ହିନ୍ଦୁମାନଙ୍କର ଶାସ୍ତ୍ର ମିଥ୍ୟାଗଳ୍ପ ଓ ଧର୍ମ ପିଲା ଖେଳ—ଏକଥା ମନେ କରିବାକୁ କଷ୍ଟବୋଧ ହୁଏ । କୁସଂସ୍କାରସମ୍ପନ୍ନ ଅସଭ୍ୟ ହିନ୍ଦୁ ବଂଶରେ ଜନ୍ମଗ୍ରହଣ କରିଛନ୍ତି ବୋଲି ଭାବିବାକୁ ମଧ୍ୟ ମନରେ କଷ୍ଟ ହୁଏ । ସେ ଏହି ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ଆଶ୍ରମରେ ରହି ଆର୍ଯ୍ୟଶାସ୍ତ୍ରର ଜଟିଳ ରହସ୍ୟ ଭେଦ କରିବାକୁ ଚେଷ୍ଟା କଲେ । ବାଲ୍ୟକାଳର ସେହି ଅନୁସନ୍ଧିତ୍ସା ବୃତ୍ତି ଜାଗିଉଠିଲା । ତାହା ଫଳରେ ସେ ଜାଣିପାରିଲେ, ପୃଥିବୀ ତ୍ରିକୋଣ, ଚତୁଷ୍କୋଣ ବା ସମତଳ ପ୍ରଭୃତି ଯାହାସବୁ ଅଶିକ୍ଷିତ ବ୍ୟକ୍ତିଙ୍କ ମୁଖରେ ଶୁଣାଯାଏ, ତାହା ହିନ୍ଦୁ ଶାସ୍ତ୍ରର କଥା ନୁହେଁ, କାରଣ ହିନ୍ଦୁମାନଙ୍କ ଶାସ୍ତ୍ରରେ ଅଛି—

"କପିତ୍ଥ ଫଳବତ୍ ବିଶ୍ୱଂ ଦକ୍ଷିଣୋତ୍ତରୟୋଃ ସମମ୍ ।"

(ଗୋଳାଧ୍ୟାୟ)

ଯେଉଁ ହିନ୍ଦୁମାନେ ସୂର୍ଯ୍ୟଦେବଙ୍କୁ ରଥରେ ଆରୋହଣ କରାଇ ଦେଇ ଉଦୟାଚଳରୁ ଅସ୍ତାଚଳକୁ ନେଇଯାନ୍ତି, ସେମାନେ ମଧ୍ୟ ହିନ୍ଦୁଶାସ୍ତ୍ରର ପ୍ରକୃତ ତଥ୍ୟ ଜାଣନ୍ତି ନାହିଁ । ଶାସ୍ତ୍ରରେ ଲିଖିତ ଅଛି—

"ଚଳା ପୃଥ୍ୱୀ ସ୍ଥିରା ଭାତି ଭୂଗୋଳା ବ୍ୟୋମ୍ନି ତିଷ୍ଠତି ।"

(ଗୋଳାଧ୍ୟାୟ)

ଭାସ୍କରାଚାର୍ଯ୍ୟଙ୍କର ଗୋଳାଧ୍ୟାୟ ଗ୍ରନ୍ଥରୁ ଆଉ ଗୋଟିଏ ଶ୍ଲୋକ ପାଠ କରି ନଳିନୀକାନ୍ତଙ୍କ ହୃଦୟ ଆନନ୍ଦରେ ପୂର୍ଣ୍ଣ ହୋଇଗଲା । ଯେଉଁ ମାଧ୍ୟାକର୍ଷଣ ଆବିଷ୍କାର କରି ନିଉଟନ୍ ପାଶ୍ଚାତ୍ୟ ଜଗତରେ ଯୁଗାନ୍ତର ଉପସ୍ଥାପନ କରିପାରିଛନ୍ତି ଏବଂ ଭାରତବାସୀଙ୍କ ମଧ୍ୟରେ ଇଂରେଜମାନଙ୍କର ଅନେକ ଶିଷ୍ୟ ସେହି ଗୌରବରେ ଗୌରବାନ୍ୱିତ ହୋଇ ପୂର୍ବପୁରୁଷମାନଙ୍କୁ ଅସ୍ୱାଭାବିକ ଦୋଷରେ ଦୋଷୀ ସାବ୍ୟସ୍ତ କରି ବସନ୍ତି, ସେ ତତ୍ତ୍ୱ ହିନ୍ଦୁ ଋଷିଗଣ ବହୁ ପୂର୍ବରୁ ଅବଗତ ହୋଇଥିଲେ ।

ଆକୃଷ୍ଟ ଶକ୍ତିଶ୍ଚ ମହୀତୟା ଯତ୍ ଖସ୍ଥଂ ଗୁରୁ ସ୍ୱାଭିମୁଖଂ ସ୍ୱଶକ୍ତ୍ୟା,
ଆକୃଷ୍ୟତେ ତତ୍ ପତତୀବ ଭାତି ସମେ ସମନ୍ତାତ୍ କ୍ୱପତତ୍ୱିୟଂ ଖେ ।"

(ଗୋଳାଧ୍ୟାୟ)

ସେହି ଦିନଠାରୁ ସେ ହିନ୍ଦୁ ଋଷିମାନଙ୍କୁ ଗୁରୁ ପରି ପୂଜା କରିବାକୁ ଲାଗିଲେ । ଏହି ପ୍ରକାରରେ କେତେଦିନ ଗଲା । ସଚ୍ଚିଦାନନ୍ଦଙ୍କ କଠୋର ବ୍ୟବହାର କ୍ରମେ ସହ୍ୟ କରିବାକୁ ସେ ଅଭ୍ୟସ୍ତ ହୋଇପଡ଼ିଲେ। ଦିନେ ନଳିନୀକାନ୍ତ ସନ୍ନ୍ୟାସ ଗ୍ରହଣ କରିବା ଇଚ୍ଛା ପ୍ରକାଶ କରି ସଚ୍ଚିଦାନନ୍ଦଙ୍କୁ ଅନୁରୋଧ କଲେ; କିନ୍ତୁ ତାଙ୍କର ଅନୁମତି ନ ପାଇଲେ ସଚ୍ଚିଦାନନ୍ଦ ଶାସ୍ତ୍ରାନୁଯାୟୀ ସନ୍ନ୍ୟାସ ଦେବାକୁ ଅସ୍ୱୀକାର କଲେ । ତାଙ୍କର ଯୁକ୍ତି ଖଣ୍ଡନ କରିବାକୁ ଯାଇ ନଳିନୀକାନ୍ତ କହିଲେ, "କୌଣସି ପିତାମାତା ତାଙ୍କ ପୁତ୍ରକୁ ସନ୍ନ୍ୟାସ ଗ୍ରହଣ କରିବାକୁ ଅନୁମତି ଦେବେ-ନାହିଁ । ବ୍ୟାସ ଜଗଦ୍‌ଗୁରୁ । ସେ ମଧ୍ୟ ଶୁକଦେବଙ୍କୁ ସନ୍ନ୍ୟାସୀ ହେବାକୁ ଅନୁମତି ଦେଲେ ନାହିଁ । ଶଙ୍କରଙ୍କୁ ତାଙ୍କ ମାତା ସ୍ୱେଚ୍ଛାରେ ଅନୁମତି ଦେଇ ନାହାନ୍ତି । ସେଦିନଠାରୁ ନଜିର ବଡ଼ ।"

ଏହା ଶୁଣି ସଚ୍ଚିଦାନନ୍ଦ ହସି ହସି କହିଲେ, "ଆରେ ତୋତେ ଯୁକ୍ତିରେ କୌଣସି ସାଧୁ ପାରିବେ ନାହିଁ ।"

## ସନ୍ନ୍ୟାସର କଠୋରତା

ବ୍ରହ୍ମଚାରୀମାନଙ୍କୁ ସନ୍ନ୍ୟାସ ଆଡ଼କୁ ନେବାକୁ ହେଲେ ଜ୍ଞାନୀଗୁରୁମାନେ ଆଶ୍ରମଜୀବନର କଠୋରତା ଭିତରେ ଜୀବର ଜୀବତ୍ୱ ନିଷ୍ପିଷ୍ଟ କରି ସେମାନଙ୍କ ଭିତରେ ଆତ୍ମଶକ୍ତିର ସ୍ଫୁରଣ କରିବାକୁ ଚେଷ୍ଟା କରନ୍ତି । ଯେଉଁ ବ୍ରହ୍ମଚାରୀମାନେ ପ୍ରଫୁଲ୍ଲ ଅନ୍ତଃକରଣରେ ଓ ହସହସ ବଦନରେ ଗୁରୁଦେବଙ୍କର ଅତି କଠୋର ଆଦେଶ ମଧ୍ୟ ପ୍ରତିପାଳନ କରନ୍ତି, ଯେଉଁମାନେ କଠୋରତା ସହ୍ୟ କରି କରି ଏପରି ସହନଶୀଳ ହୋଇଯାଆନ୍ତି ଯେ ହାତ କଟିଗଲେ ମଧ୍ୟ ଅଶ୍ରୁବର୍ଷଣ କରନ୍ତି ନାହିଁ, ସେହିମାନେ ହିଁ ଜ୍ଞାନପନ୍ଥୀ ସନ୍ନ୍ୟାସୀ ହେବାର ଯୋଗ୍ୟ ହୁଅନ୍ତି । କାରଣ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ମତରେ ୧୨ ଖଣ୍ଡ ଗ୍ରାମ ପୋଡ଼ି ଭସ୍ମ କରିଦେଲେ ଯେତିକି ପାପ, ଜଣେ ଲୋକକୁ ସନ୍ନ୍ୟାସ ଦେବା ପରେ ତାର ପତନ ହେଲେ ଗୁରୁଙ୍କର ସେତିକି ପାପ ହୁଏ । ଆଶ୍ରମର କଠୋରତା ବିଶେଷତଃ ପଶ୍ଚିମା-ସାଧୁ ଗୁରୁଙ୍କ ଶାସନରେ ନଳିନୀକାନ୍ତଙ୍କର ଜୀବତ୍ୱ ଏପରି ଭାବରେ ନଷ୍ଟ ହୋଇଯାଇଥିଲା ଯେ, ତାଙ୍କର ଆତ୍ମଶକ୍ତି ସନ୍ନ୍ୟାସ ଗ୍ରହଣ ପରେ କିପରି ସ୍ଫୁରିତ ହୋଇଥିଲା, ତାହା ଆମ୍ଭେମାନେ ପରବର୍ତ୍ତୀ ଅଧ୍ୟାୟରେ ଦେଖି ପାରିବା ।

## ସନ୍ନ୍ୟାସ ଗ୍ରହଣ

ନଳିନୀକାନ୍ତଙ୍କର ସହ୍ୟଶକ୍ତି ଓ ଗୁରୁସେବାରେ ସନ୍ତୁଷ୍ଟ ହୋଇ ସଚ୍ଚିଦାନନ୍ଦ ଦିନେ ରାତ୍ରିରେ ତାଙ୍କୁ ସନ୍ନ୍ୟାସ ଦେବା କଥା ନିଜେ ନିଜେ ପ୍ରକାଶ କଲେ । ୧୩୦୯ ସାଲ ଭାଦ୍ର ୧୧ ଦିନ ଏଥିପାଇଁ ସ୍ଥିର ହେଲା । ନଳିନୀକାନ୍ତ ସନ୍ନ୍ୟାସ

ନେବେ—ଏହି ଆନନ୍ଦରେ ନିର୍ଜନକୁ ଯାଇ କିଛିକ୍ଷଣ ନୃତ୍ୟ କଲେ । ରାତ୍ରରେ ନିଦ୍ରା ହେଲା ନାହିଁ । କୌଣସି ପ୍ରକାରେ ଅସ୍ଥିରତା ସହିତ ରାତ୍ରି କଟାଇ ସକାଳୁ ଉଠି ସଚ୍ଚିଦାନନ୍ଦ ଯେ କେତେବେଳେ ସନ୍ନ୍ୟାସ ଦେବେ, ସେ ବିଷୟ ଭାବିବାକୁ ଲାଗିଲେ । ପରେ ସଚ୍ଚିଦାନନ୍ଦଙ୍କ ଆଦେଶରେ ମସ୍ତକ ମୁଣ୍ଡନ କରି ଭାଦ୍ରମାସର ପ୍ରଖର ସୂର୍ଯ୍ୟକିରଣକୁ ଟିକିଏ ହେଲେ ଭ୍ରୂକ୍ଷେପ ନ କରି ଆନନ୍ଦରେ ପ୍ରାୟ ଏକ ମାଇଲ ଦୂରରେ ଥିବା ଝରଣାରେ ସ୍ନାନ ସମାପନାନ୍ତେ ଆଶ୍ରମକୁ ଫେରିଆସିଲେ । ତତ୍ପରେ ଯଥାବିହିତ ଯାଜ୍ଞିକ ଅନୁଷ୍ଠାନ ଦ୍ୱାରା ସନ୍ନ୍ୟାସ ଗ୍ରହଣ କଲେ । ନଳିନୀକାନ୍ତ ନିଗମର ନିଗୂଢ଼ ରହସ୍ୟ ଅତି ଶୀଘ୍ର ଆୟତ୍ତ କରିଥିବାରୁ ସଚ୍ଚିଦାନନ୍ଦ ତାଙ୍କୁ "ନିଗମାନନ୍ଦ" ନାମ ପ୍ରଦାନ କଲେ ।


## ସନ୍ନ୍ୟାସର ଅନୁଭୂତି

ସଚ୍ଚିଦାନନ୍ଦ ସନ୍ନ୍ୟାସୀ ନଳିନୀକାନ୍ତଙ୍କୁ "ଅହଂ ବ୍ରହ୍ମାସ୍ମି"(ତୁମେ ବ୍ରହ୍ମ,ତୁମେ ମୁକ୍ତ)—ଏହି ମହାବାକ୍ୟ ଶୁଣାଇଦେଲାକ୍ଷଣି ନଳିନୀକାନ୍ତଙ୍କ ମନର ଅବସ୍ଥା ଆମୂଳ ପରିବର୍ତ୍ତିତ ହୋଇଗଲା । ପୂର୍ବ ଚିନ୍ତା, ପୂର୍ବକଥା ସେ ଏକାବେଳକେ ଭୁଲିଗଲେ । ମନରେ ଅଭୂତପୂର୍ବ ଆନନ୍ଦର ସ୍ରୋତ ଖେଳିଗଲା । ମନହେଲା, ଯେପରି ସେ ସ୍ୱର୍ଗରୁ ନୂତନ ଭାବ ନେଇ ଖସି ପଡ଼ିଲେ । ଘରଦ୍ୱାର ପିତାମାତା, ଭ୍ରାତାଭଗ୍ନୀ ପ୍ରଭୃତି ସମ୍ପର୍କ ସ୍ମୃତିପଟରୁ ଉଭେଇଗଲା । ପ୍ରତ୍ୟକ୍ଷ ମନେହେଲା, ଅନନ୍ତ ଦ୍ୱୀପପୁଞ୍ଜ ସମୁଦ୍ରରେ ଭାସିଲା ପରି ତାଙ୍କ ଆଗରେ ବିରାଟ ସତ୍ତା ଭିତରେ ସମସ୍ତ ଜଗତ ଭାସୁଛି । ତାଙ୍କରି ଆଲୋକରେ ଚନ୍ଦ୍ର ସୂର୍ଯ୍ୟ, ଗ୍ରହନକ୍ଷତ୍ର ପ୍ରଭୃତି ଜ୍ୟୋତିଷ୍କମଣ୍ଡଳ ଉଦ୍ଭାସିତ ହେଉଛନ୍ତି । ତାଙ୍କର ସସୀମ ଅସ୍ତିତ୍ୱବୋଧ ଲୋପ ପାଇଗଲା ।

## ଭିକ୍ଷା କରିବା ନିମିତ୍ତ ଆଦେଶ

ସନ୍ନ୍ୟାସ ଗ୍ରହଣ ପରେ ନିଗମାନନ୍ଦ ପ୍ରତି ଗୋଟିଏ ନୂତନ କାର୍ଯ୍ୟର ଆଦେଶ ହେଲା । ସେ ପ୍ରତିଦିନ କିଛି ଭିକ୍ଷା ଆଣିବେ ଓ ତଦ୍ଦ୍ୱାରା ଉଦର ପୂର୍ତ୍ତି କରିବେ । ଯେତିକି ପ୍ରୟୋଜନ, ପ୍ରତିଦିନ ଠିକ୍ ସେତିକିରୁ

ବେଶୀ ଭିକ୍ଷା କରିପାରିବେନାହିଁ । ଦୁଇ ଦିନର ଭିକ୍ଷା ଦିନକେ କରିବା ସନ୍ନ୍ୟାସୀଙ୍କ ପକ୍ଷରେ କର୍ତ୍ତବ୍ୟ ନୁହେଁ । ସଚ୍ଚିଦାନନ୍ଦଙ୍କର ରାଜା, ଜମିଦାର ପ୍ରଭୃତି ବହୁତ ବଡ଼ଲୋକ ଶିଷ୍ୟ ଥାଆନ୍ତି, କିନ୍ତୁ ସେମାନଙ୍କ ଘରୁ ଖାଇବା ନିଷିଦ୍ଧ । ନିଗମାନନ୍ଦଙ୍କର ଭିକ୍ଷା କରିବା ପ୍ରବୃତ୍ତି ଆଦୌ ନ ଥିଲା, ଭିକ୍ଷାବୃତ୍ତିକୁ ସେ ବଡ଼ ଘୃଣା କରୁଥିଲେ । ସୁତରାଂ ଯେଉଁ ଦିନ ଭିକ୍ଷା ମିଳେ ନାହିଁ, ସେଦିନ ଅଗତ୍ୟା ଉପବାସ ରହୁଥିଲେ । ନିଗମାନନ୍ଦଙ୍କ ଉପବାସୀ ରହିବା କଥା ଶୁଣିଲେ ସଚ୍ଚିଦାନନ୍ଦ ନାନା ଶ୍ଳେଷପୂର୍ଣ୍ଣ ବାକ୍ୟରେ ତାଙ୍କୁ ତିରସ୍କାର କରନ୍ତି । ତାପରେ ଦିନେ ନିଗମାନନ୍ଦ ଭିକ୍ଷାଥାଳି ନେଇ ପଥିକମାନଙ୍କ ନିକଟରୁ ଭିକ୍ଷା ମାଗିବା ଉଦ୍ଦେଶ୍ୟରେ ରାସ୍ତା-ଧାରରେ ଛିଡ଼ା ହେଲେ । ଜଣେ ପଥିକକୁ ଦେଖି ଭାବିଲେ ଯେ; ସେ ନିଶ୍ଚୟ ଏହି ଆଗନ୍ତୁକଙ୍କୁ ମାଗିବେ; କିନ୍ତୁ ଲୋକଟି ତାଙ୍କ ପାଖକୁ ଆସିବାକ୍ଷଣି ନିଗମାନନ୍ଦଙ୍କ ମୁହଁ କର୍ମି ଉଠିଲା ଓ ସେ ଲଜ୍ଜାରେ ପଥିକଙ୍କୁ କିଛି ନ ମାଗି ଚୁପ୍ ରହିଗଲେ । ପୁନରାୟ ଦୂରରୁ ଆଉ ଜଣେ ଲୋକ ଆସିବା ଦେଖି ମନେ ମନେ ଭାବିଲେ, ତାଙ୍କୁକହିବେ, "ମହାଶୟ ମୁଁ ଗୃହତ୍ୟାଗୀ ସନ୍ନ୍ୟାସୀ; ଗୁରୁଦେବଙ୍କ ଆଦେଶରେ ଭିକ୍ଷା କରିବାକୁ ବାହାରିଛି । ଅନୁଗ୍ରହ କରି କିଛି ଦେଇଯାନ୍ତୁ ।" କିନ୍ତୁ ଲୋକଟି ପାଖକୁ ଆସି ଉପସ୍ଥିତ ହେଲାକ୍ଷଣି ଲଜ୍ଜାରେ ତାଙ୍କୁ କିଛି କହି ନ ପାରି ଚୁପ୍ ରହିଗଲେ । ଗୃହସ୍ଥମାନଙ୍କ ଦୁଆରକୁ ଭିକ୍ଷା କରିବାକୁ ଯିବା ସମୟରେ ଯଦି ଯାଚକରି କେହି କିଛି ଦେଲେ, ତେବେ ଆଣିଲେ; ନଚେତ୍ ଶୂନ୍ୟ ଝୁଲି ନେଇ ଫେରିଆସିଲେ । ଦିନେ ଖାଲିଝୁଲି ନେଇ ଆଶ୍ରମକୁ ଫେରିଲେ; ସେଦିନ କିଛି ଖାଇବାକୁ ପାଇଲେ ନାହିଁ । ରାତିରେ ସଚ୍ଚିଦାନନ୍ଦ ପଚାରିଲେ, "ଆରେ ଆଜି କିଛି ମିଳିଛି ? ଖିଆପିଆ ହୋଇଛି ?" ନିଗମାନନ୍ଦ ଅଭିମାନରେ କହିଲେ, "ମୋର ଖିଆପିଆ ହେଉ ବା ନହେଉ ସେଥିରେ ତୁମର ଯାଏଆସେ କେତେ ?" ସଚ୍ଚିଦାନନ୍ଦ ତାଙ୍କ ଅନ୍ତରର ବ୍ୟଥା ବୁଝିପାରି ଆଦେଶ ଦେଲେ ଯେ, ଆଉ ତାଙ୍କୁ ଭିକ୍ଷାମାଗିବାକୁ ହେବ ନାହିଁ । ସଚ୍ଚିଦାନନ୍ଦଙ୍କର କି ଆଶ୍ଚର୍ଯ୍ୟ ଶକ୍ତି । ସେହିଦିନ ଠାରୁ ନିଗମାନନ୍ଦଙ୍କୁ ଭିକ୍ଷା କରିବାକୁ ପଡ଼ିଲା ନାହିଁ । ଲୋକମାନେ ମନକୁ ମନ ଯାଚି ଡାଲି, ଚାଉଳ ଓ ଅଟା ପ୍ରଭୃତି ଦେଇଗଲେ । ନିଗମାନନ୍ଦ ଗୁରୁଭକ୍ତି କାହାକୁ କହନ୍ତି, ଜାଣି ନଥିଲେ ମଧ୍ୟ ସଚ୍ଚିଦାନନ୍ଦଙ୍କ ପ୍ରତି ତାଙ୍କର



ଜ୍ଞାନୀଗୁରୁ ଶ୍ରୀଶ୍ରୀ ଠାକୁର

ଗୋଟିଏ ସ୍ୱାଭାବିକ ଆକର୍ଷଣ ଥିଲା । ସେ ତାଙ୍କୁ ମୁହଁରେ ଜବାବ ଦେଉଥିଲେ ମଧ୍ୟ ଅନ୍ତରରେ ଖୁବ୍ ଶ୍ରଦ୍ଧା କରୁଥିଲେ ଓ ବାହାରେ ଭକ୍ତିଭାବ ଦେଖାଇ ନଥିଲେ ମଧ୍ୟ ଲୁଚିରହି ତାଙ୍କୁ ଅନାଇ ରହୁଥିଲେ ଏବଂ ଗାଧୋଇସାରି ଗୁରୁ ଯିବା ପରେ ତାଙ୍କ ଓଦାଲୁଗାରୁ ପାଣି ଝରି ଭିଜି ଯାଇଥିବା ମାଟିକୁ ଗୋଟେଇ ଆଣି ଅନ୍ୟର ଅଲକ୍ଷ୍ୟରେ ତାହା ଖାଇଦେଉଥିଲେ ।

## ଚାରିଧାମ ଭ୍ରମଣ

ଏହା ପରେ ଚାରିଧାମ ଭ୍ରମଣ କରି ଚାରି ମହାବାକ୍ୟ ହୃଦ୍ଗତ କରିବାକୁ ଗୁରୁ ସଚ୍ଚିଦାନନ୍ଦଙ୍କ ଆଦେଶ ହେଲା । ଚାରିଧାମ ଭ୍ରମଣ କରି ପ୍ରତି ଧାମର ପ୍ରତିପାଦ୍ୟ ପ୍ରତ୍ୟେକ ମହାବାକ୍ୟ ଆତ୍ମା ମଧ୍ୟରେ ଜାଗ୍ରତ କରିବାକୁ ପଡ଼ିବ । ଭାରତର ତୀର୍ଥମାନଙ୍କଭିତରେ ଏହିଚାରିଧାମ ସର୍ବଶ୍ରେଷ୍ଠ । 'ବଦ୍ରିକାଶ୍ରମ ତ୍ୟାଗ କ୍ଷେତ୍ର' ଥିବାରୁ ସନ୍ନ୍ୟାସୀମାନଙ୍କୁ ପ୍ରଥମେ ସେଠାକୁ ଗମନକରି ତ୍ୟାଗସାଧନା ଓ ପାର୍ଥିବ ଜଗତରେ ଯାହା ଲୋଭନୀୟ ବସ୍ତୁ ଅଛି ସେଥିପ୍ରତି ହେୟଜ୍ଞାନ କରିବାକୁ ହେବ । ଚିର ତୁଷାରାବୃତ୍ତି ହିମାଦ୍ରି ଶିଖରକୁ ଯିବାକୁ ହେଲେ 'ତ୍ୟାଗଭାବ' ସ୍ୱତଃ ଭିତରେ ଫୁଟିଉଠେ । ସୁତରାଂ ନିଗମାନନ୍ଦଙ୍କ ମନୋଭିବାଟେ ବଦ୍ରିନାରାୟଣ ଗମନ କରିବାକୁ ପ୍ରସ୍ତୁତ ହୋଇ ସଚ୍ଚିଦାନନ୍ଦଙ୍କ ନିକଟରୁ ସାଶ୍ରୁ-ନୟନରେ ବିଦାୟ ଗ୍ରହଣ କରି ଆଶୀର୍ବାଦ ପ୍ରାର୍ଥନା କଲେ । ଦୟାମାୟାଶୂନ୍ୟ ନିର୍ବିକାର ଚୈତନ୍ୟରୂପୀ ଗୁରୁ ସଚ୍ଚିଦାନନ୍ଦଙ୍କ ହୃଦୟ ମଧ୍ୟ ତରଳିଗଲା । ସଚ୍ଚିଦାନନ୍ଦ ନିର୍ବାକ୍ ନିସ୍ପନ୍ଦ ଭାବରେ କିଛିକ୍ଷଣ ରହି କହିଲେ, "ଠଏର ଯାଅ-ଅଭି" (ଆଉ କିଛିଦିନ ଅପେକ୍ଷା କର) । ସୁତରାଂ ନିଗମାନନ୍ଦଙ୍କ ଯିବା ସ୍ଥଗିତ ରହିଲା ।

ତାପରେ କିଛିଦିନ ଅତୀତ ହୋଇଗଲା । ନିଗମାନନ୍ଦ ପୁନରାୟ ବିଦାୟ ମାଗିବାରୁ ସଚ୍ଚିଦାନନ୍ଦ ନିଜେ ତାଙ୍କ ସହିତ ତୀର୍ଥଭ୍ରମଣରେ ବାହାରିବାକୁ ସ୍ଥିର କଲେ । ଆଶ୍ରମର ସମସ୍ତ ବ୍ୟବସ୍ଥା କରିଦେଇ ପୁଷ୍କରଠାରୁ ମନୋଖି ବାଟେ ଦେଇ ବଦ୍ରିନାରାୟଣ ଆଡ଼କୁ ଅଗ୍ରସର ହେଲେ ।

ବାଟ ଚାଲିବା ଅବସ୍ଥାରେ ବହିପତ୍ର ବୋଝ ବନ୍ଧନ କରି ଜଗମାନନ୍ଦଙ୍କୁ ଯିବାକୁ ପଡ଼ିଲା । ବହି ମଧ୍ୟରେ 'ବେଦାନ୍ତଜ୍ଞାନସାଗର' 'ପ୍ରେମସାଗର' 'ପଞ୍ଚଦଶୀ ପ୍ରଭୃତି ହାତଲେଖା ହିନ୍ଦୀ ବହି ଥାଏ ।

## ମଶୌରି ଓ ବଦ୍ରୀନାରାୟଣ ପଥରେ

ମଶୌରି ପାରି ହୋଇ ପାହାଡ଼ ଦେହରେ ବନକୁସୁମର ସୌରଭ ଓ ସୁଷମା ଉପଭୋଗ କରି ନାନା ଜାତିର ଅଦୃଷ୍ଟପୂର୍ବ ବନବିହଙ୍ଗ ମାନଙ୍କର ଶ୍ରୁତିବିନୋଦନକାରୀ କଳ-କୂଜନରେ ମୁଗ୍ଧ ହୋଇ ଓ ପାହାଡ଼ ଉପରେ ଥିବା ଛୋଟ ଛୋଟ ସହରର ସୁଧାଧବଳିତ ସୌଧଶ୍ରେଣୀ ଦର୍ଶନ କରି ଗୁରୁ ଓ ଶିଷ୍ୟ ପାର୍ବତ୍ୟପଥ ଅତିକ୍ରମ କରିବାକୁ ଲାଗିଲେ । ସଚ୍ଚିଦାନନ୍ଦଙ୍କର ଖାଲି ପାଦରେ ବାଟ ଚାଲିବା ଅଭ୍ୟାସ ଥିଲା, କିନ୍ତୁ ଜଗମାନନ୍ଦଙ୍କର ସେ ଅଭ୍ୟାସ ନ ଥିଲେ ମଧ୍ୟ ଜ୍ଞାନ ଲାଭ-ପିପାସାରେ ଏସବୁ କଷ୍ଟ ପ୍ରତି ତାଙ୍କର ଭ୍ରୂକ୍ଷେପ ନଥିଲା । ତାଙ୍କର ପଦନଖଗୁଡ଼ିକରେ ରକ୍ତ ଜମି କଳା ପଡ଼ି ଯାଇଥିଲା । ଖଣ୍ଡିଏ ମାତ୍ର କମ୍ବଳରେ ଶୀତ, ଗ୍ରୀଷ୍ମ ଉଭୟ ସହ୍ୟ କରି ଓ ଅନାହାରରେ କାଳଯାପନକରି ଜଗମାନନ୍ଦଙ୍କର ଶରୀର କ୍ଷୀଣ ହୋଇଯାଇଥିଲା । ସନ୍ନ୍ୟାସଙ୍କର ପତନ ହେବ ଭାବି ସଚ୍ଚିଦାନନ୍ଦ ସତର୍କ ପ୍ରହରୀ ପରି ସର୍ବଦା ତାଙ୍କ ସଙ୍ଗରେ ରହୁଥିଲେ । ତେଣୁ ତାଙ୍କୁ ଛାଡ଼ି ଆହାର କରିବା ବ୍ୟତୀତ ଅନ୍ୟ କିଛି ଆହାରର ସୁବିଧା ମିଳୁ ନ ଥିଲା । ଏଥିରେ ଜଗମାନନ୍ଦଙ୍କର ରସନାବୃତ୍ତି ଏକାବେଳକେ ନିଷ୍ପେଷିତ ହୋଇ ସାଇଥିଲା ।

## ଗୌରୀ ମା'ଙ୍କ ଆଶ୍ରମ

ଯାହା ହେଉ, ଏହି ଭାବରେ ବାଟ ଚାଲୁଚାଲୁ ଦିନେ ସନ୍ଧ୍ୟା ହୋଇଗଲା । ଅନ୍ଧକାର ରାତ୍ରି । ରାତ୍ରି ଯାପନକରିବାକୁସୁବିଧାଜନକ ସ୍ଥାନ ମିଳୁନାହିଁ । ଜଗମା-ନନ୍ଦଙ୍କର ଚାଲିବା ଶକ୍ତି କ୍ରମେ ହ୍ରାସ ହୋଇଯାଉଛି । ଏସବୁ ଦେଖି ସଚ୍ଚିଦାନନ୍ଦ କହିଲେ, "ଆଉରି ଦୁଇକୋଶ ବାଟଗଲେ, ଜଣେ ସ୍ତ୍ରୀ ସାଧୁଙ୍କର ଦର୍ଶନମିଳିବ । ସେହିଠାରେ ରାତ୍ରି ଯାପନ କରିବା । ସ୍ତ୍ରୀ ସାଧୁଙ୍କକଥାଶୁଣି ଜଗମାନନ୍ଦ କୌତୂହଳ

ନିଶବର୍ତ୍ତୀ ହୋଇ ଚାଲିବାକୁ ଲାଗିଲେ । ଅନ୍ଧାର ରାତିରେ କୌଣସି ପ୍ରକାର ବାଟ ଚାଲି ଶେଷରେ ସ୍ତ୍ରୀ-ସାଧୁ ଗୌରୀ ମା'ଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଏହି ଆଶ୍ରମଟି ନିର୍ଜ୍ଜନ ପାହାଡ଼ ଉପରେ ଉପସ୍ଥିତ । ଗୌରୀ ମା ଯେଉଁଠାରେ ଥା'ନ୍ତି, ତାହାର ଅନତିଦୂରରେ ସେବକମାନଙ୍କର ରହିବାର ସ୍ଥାନ । ଲତାପତ୍ର ଘେରା ନିର କୋଠରୀଯୁକ୍ତ ଗୋଟିଏ ଗ୍ରେଟ ଘରେ ଗୌରୀ ମା' ରହନ୍ତି । ସେ ସର୍ବଦା ଉଲଗ୍ନ ଅବସ୍ଥାରେ ଥାନ୍ତି; ମାତ୍ର କାହାର ସହିତ ସାକ୍ଷାତ କରିବା ସମୟରେ ବସ୍ତ୍ର ପରିଧାନ କରନ୍ତି । ତାଙ୍କର ବୟସ କେତେ ତାହା କେହି କହିପାରିବେ ନାହିଁ । ଦେଖିବାକୁ ବୟସ ଅନୁମାନ ୧୭।୧୮ ବର୍ଷ; କିନ୍ତୁ ଗୌରୀ ମା'ଙ୍କ ବୟସ ଯାହା ଶୁଣାଯାଏ, ତାହା ସାଧାରଣଙ୍କ ବିଶ୍ୱାସଯୋଗ୍ୟ ହେବ ନାହିଁ । ଉକ୍ତ ଆଶ୍ରମରେ ବିନା ଅନୁମତିରେ ପୁରୁଷ ଲୋକଙ୍କର ପ୍ରବେଶ ଅଧିକାର ନାହିଁ । ଉକ୍ତ ଗୌରୀ ମା'ଙ୍କ ସହିତ ସଚ୍ଚିଦାନନ୍ଦଙ୍କର ପୂର୍ବରୁ ପରିଚୟ ଥିଲା; ସୁତରାଂ ସଚ୍ଚିଦାନନ୍ଦଙ୍କୁ ସାକ୍ଷାତର ଅନୁମତି ମିଳିଗଲା । ନିଗମାନନ୍ଦ ମଧ୍ୟ ତାଙ୍କ ସହିତ ଗଲେ । ସଚ୍ଚିଦାନନ୍ଦଙ୍କ ସହିତ ଗୌରୀ ମା'ଙ୍କର କ'ଣ କଥା ହେଲା କେଜାଣି, ଗୌରୀ ମା' କେବଳ ତରୁଣ ସନ୍ନ୍ୟାସୀଙ୍କ ଆଡ଼କୁ ଥରେ ମାତ୍ର ଚାହିଁଲେ, ମୁହଁରେ କିଛି କହିଲେ ନାହିଁ ।

## ବଦରିକାଶ୍ରମ

ଏହା ପରେ ଗୌରୀ ମା'ଙ୍କ ଆଶ୍ରମରୁ ବାହାରି ନିଗମାନନ୍ଦ ବଦରିକା ଆଶ୍ରମରେ ଉପସ୍ଥିତ ହେଲେ ।

ଏହି ତ୍ୟାଗଭୂମି ବଦରିକାଶ୍ରମରେ ମହାମୁନି ବ୍ୟାସ ତପସ୍ୟା କରି ଆପଣାର ତପ ପ୍ରଭାବରେ ସମଗ୍ର ଭାରତକୁ ପୁଣ୍ୟ ଭୂମିରେ ପରିଣତ କରିପାରିଥିଲେ । ବଦରିକାଶ୍ରମରେ ସ୍ୱୟଂ ଶଙ୍କରାଚାର୍ଯ୍ୟ, "ଆୟମାତ୍ମା ବ୍ରହ୍ମ"—ଏହି ପ୍ରକାର ଉପଲବ୍ଧି କରିବାକୁ ପ୍ରତ୍ୟେକ ସନ୍ନ୍ୟାସୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଠାକୁ ଆସି ନିଗମାନନ୍ଦ ବିମଳ ଶାନ୍ତି ଉପଭୋଗ କରିବାକୁ ଲାଗିଲେ ଏବଂ ସେଠାରେ କିଛିଦିନ ଅବସ୍ଥାନ କଲାପରେ ମାନସରୋବର ଦର୍ଶନ କରିବାକୁ ବାହାରିଲେ ।

## ମାନସସରୋବର

ନିଗମାନନ୍ଦ ମାନସସରୋବର ନିକଟରେ ଉପସ୍ଥିତ ହୋଇ ଦେଖିଲେ, ତାହା କି ଅପୂର୍ବ ସୁନ୍ଦର ? ମର ଜଗତରେ ହିମାଦ୍ରିର ନିଭୃତ ନିଳୟରେ ଏପରି ନୟନ-ମନ-ବିମୋହନକାରୀ ଦୃଶ୍ୟ ଲୁକ୍କାୟିତ ଥିବା ଏଥିପୂର୍ବରୁ କଳ୍ପନାରେ ସୁଦ୍ଧା ସେ ଭାବି ପାରି ନ ଥିଲେ । ବିସ୍ତୀର୍ଣ୍ଣ ସ୍ୱଚ୍ଛନୀଳାମ୍ବୁ, ସୁବୃହତ୍ ପଦ୍ମପତ୍ର ଓ ତଦ୍ରୂପ ସୁବୃହତ୍ ପ୍ରସ୍ଫୁଟିତ ପଦ୍ମର ଅପରୂପ ଶୋଭା, ଦୁଗ୍ଧଧବଳ ଅସଂଖ୍ୟ କଳହଂସଙ୍କର ଶ୍ରୁତିମଧୁର କାକଳି, ସରୋବରର ନିଭୃତ ସୁଷମା ବୃଦ୍ଧି କରୁଥିବାର ସେ ଦେଖିଲେ । ଏପରି ଅଦୃଷ୍ଟପୂର୍ବ ଦୃଶ୍ୟରେ ଆନନ୍ଦ ଧିକ୍ୟ ହେତୁ ନିଗମାନନ୍ଦଙ୍କ ଆଖି ଖୋଲିଗଲା । ସେ ଦେଖିଲେ, ଅପର ତୀରରେ ବହୁସଂଖ୍ୟକ ଯୌବନଭରା ସୁନ୍ଦରୀ ନଗ୍ନକାୟରେ ସରୋବରରେ ସନ୍ତରଣ କରୁଛନ୍ତି । କୌତୂହଳବଶବର୍ତ୍ତୀ ହୋଇ ଗୁରୁ ସଚ୍ଚିଦାନନ୍ଦଙ୍କୁ ପଚାରିବାରୁ ସଚ୍ଚିଦାନନ୍ଦ କହିଲେ, "ଆରେ ତୋର ଚକ୍ଷୁ ଖୋଲି ଯିବାରୁ ଏସବୁ ଦେଖାଯାଉଛି; ଏମାନେ ସବୁ ଅପ୍‌ସରୀ ।"

## ସୂକ୍ଷ୍ମଦୃଷ୍ଟି

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ଅନେକ ସମୟରେ କହୁଥାନ୍ତି ଯେ ସପ୍ତଲୋକର ପ୍ରତିଲୋକରେ ସାତଟି ବାୟୁସ୍ତର ଅଛି । ଏହି ଊନପଞ୍ଚାଶ ସ୍ତରରେ ଊନପଞ୍ଚାଶ ବାୟୁ ଅବସ୍ଥିତ । ଲୋକସମୂହର ଉତ୍କର୍ଷ ଅପକର୍ଷ ଅନୁସାରେ ବାୟୁରେ ମଧ୍ୟ ତାରତମ୍ୟ ଅଛି । ପୃଥିବୀର ଯେଉଁ ସପ୍ତସ୍ତର ଅଛି; ଏହା ଭିତରେ ନିମ୍ନ ସ୍ତରର ଜୀବ ଉଚ୍ଚସ୍ତରର ଜୀବକୁ ଦେଖିପାରନ୍ତି ନାହିଁ । କେବଳ ଯେଉଁମାନଙ୍କ ଦୃଷ୍ଟି ପ୍ରସାରିତ, ସେହିମାନେ ସୂକ୍ଷ୍ମଜୀବମାନଙ୍କୁ ଦେଖିପାରନ୍ତି । ଯୋଗୀମାନଙ୍କ ଦୃଷ୍ଟିରେ ଏହା ଧରାପଡ଼େ । ଯେଉଁମାନଙ୍କ ଦୃଷ୍ଟି ପ୍ରସାରିତ ନୁହେଁ, ସେମାନେ ହିମାଳୟ ପ୍ରଭୃତି ସ୍ଥାନରେ ଅଧିକ କିଛି ଦେଖିପାରନ୍ତି ନାହିଁ ।

## ଏକାନ୍ତ ସର୍ପ

ଗୁରୁ-ଶିଷ୍ୟ ଉଭୟ ସେଠାରୁ ଆହୁରି ଅଗ୍ରସର ହେବାକୁ ଲାଗିଲେ । କିଛି ଦୂରରେ ଦେଖିଲେ, ଗୋଟିଏ ବୃହଦାକାୟ ସର୍ପ ଏକ ସ୍ଥାନରେ କୁଣ୍ଡଳୀ କରି ମିଟିମିଟି ଚାହିଁଛି । ସେଠାକାର ସନ୍ନ୍ୟାସୀମାନେ କହିଲେ, ଏ ସର୍ପ ଅନ୍ଧ, ମଇଦା ଭିନ୍ନ ଅନ୍ୟ କିଛି ଖାଏ ନାହିଁ । ସ୍ଥାନ ମାହାତ୍ମ୍ୟରେ ପରମହଂସ ଜୀବ ହେଲେ ମଧ୍ୟ ତାର ଅହିଂସା ଆସିଯାଇଛି । ଏକଥା ଶୁଣି ନିଗମାନନ୍ଦ ବିସ୍ମିତ ହେଲେ ଓ ହିମାଦ୍ରିର ଅନ୍ୟାନ୍ୟ ଦୃଶ୍ୟସବୁ ଦେଖିଦେଖି ପୁଷ୍କରକୁ ଫେରିବାକୁ ମନସ୍ଥକଲେ । ହିମାଦ୍ରି ଭ୍ରମଣବେଳେ ନିଗମାନନ୍ଦଙ୍କ ଦୃଷ୍ଟି ଆଗରେ କେତେ ଯେ ଦୃଶ୍ୟପଟ ଖୋଲି ଯାଇଥିଲା, ତାହା ବର୍ଣ୍ଣନା କରିହେବ ନାହିଁ ।

## ଗୌରୀ ମା'ଙ୍କର ଆଦେଶ

ପୁଷ୍କର ଫେରିବା ବାଟରେ ସଚ୍ଚିଦାନନ୍ଦ ସ୍ୱାମୀ ପୁନରାୟ ଗୌରୀ ମା'ଙ୍କ ଆଶ୍ରମରେ ଉପନୀତ ହେଲେ । ଗୌରୀ ମା'ଙ୍କ ସହିତ ସାକ୍ଷାତ କରି ବିଦାୟ ନେଇ ଆସିବାବେଳେ ଗୌରୀ ମା'ଙ୍କ ହସ ହସ ବଦନରେ ନିଗମାନନ୍ଦଙ୍କ ପ୍ରତି ଦୃଷ୍ଟିପାତ କରି ସଚ୍ଚିଦାନନ୍ଦଙ୍କୁ କହିଲେ, "ତୁମ ସହିତ ଯେଉଁ ସନ୍ନ୍ୟାସୀ ଶିଷ୍ୟ ଆସିଛନ୍ତି, ସେ ଯଦି କେତେବେଳେ 'ନିର୍ବିକଳ୍ପ ସମାଧି' ଲାଭ କରନ୍ତି, ତେବେ ତାଙ୍କୁ ମୋ ପାଖକୁ ପଠାଇ ଦେବ ।" କଥାଟିକୁ ଗୌରୀ ମା' ଏପରି ଭାବରେ କହିଲେ ଯେ, ନିଗମାନନ୍ଦ ତାହା ପରିଷ୍କାର ଶୁଣିପାରିଲେ । ତାହା ପରେ ଏହି ପ୍ରସଙ୍ଗ ଆଲୋଚନାକରି ଗୁରୁ-ଶିଷ୍ୟ ଉଭୟ ସେଠାରୁ ପ୍ରସ୍ଥାନକଲେ । ସଚ୍ଚିଦା-ନନ୍ଦ ସ୍ୱାମୀ ଶିଷ୍ୟ ନିଗମାନନ୍ଦଙ୍କୁ ଏକାକୀ ଅନ୍ୟ ଧାମମାନ ପରିଭ୍ରମଣ କରିବାପାଇଁ ନିର୍ଦ୍ଦେଶ ଦେଇ ଏହିଠାରୁ ନିଜ ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କଲେ । ତତ୍ପରେ ନିଗମାନନ୍ଦ ଦ୍ୱାରକା ଅଭିମୁଖରେ ଯାତ୍ରା କଲେ ।

## ଦ୍ୱାରକା

ଦ୍ୱାରକା ଐଶ୍ବର୍ଯ୍ୟ କ୍ଷେତ୍ର । ଏଠାରେ ଭଗବାନ ଶ୍ରୀକୃଷ୍ଣ ଐଶ୍ବର୍ଯ୍ୟର ଲୀଳା ଦେଖାଇ ଯାଇଛନ୍ତି । ଭାରତର ଅନ୍ୟ କୌଣସିଠାରେ ଏପରି ଐଶ୍ବର୍ଯ୍ୟ ଦେଖା-ଯାଇ ନାହିଁ । ଏହି ସ୍ଥାନରେ ଶଙ୍କରାଚାର୍ଯ୍ୟଙ୍କ ପ୍ରତିଷ୍ଠିତ 'ଶାରଦା ମଠ' ଅବସ୍ଥିତ । ଏଠାରେ 'ସାମବେଦର ତତ୍ତ୍ୱମସି' ମହାବାକ୍ୟ ଅର୍ଥାତ୍ 'ସେ ଏବଂ ମୁଁ ଏକ' ଏହି ଭାବ ହୃଦୟ ଭିତରେ ଫୁଟାଇବାକୁ ହେବ । ଭଗବାନ ଯେ ପ୍ରତି ଜୀବ ଭିତରେ ପ୍ରକାଶ ପାଉଛନ୍ତି, ଏହି ଭାବ କେବଳ ପୁସ୍ତକ ପାଠ ନ କରି ଏହି କ୍ଷେତ୍ରରେ ରହି ବିଚାର କଲେ, ପ୍ରତ୍ୟକ୍ଷ ଜ୍ଞାନ ଆସିବାରେ ସାହାଯ୍ୟ କରେ; କାରଣ ବୈଦାନ୍ତିକ ସନ୍ନ୍ୟାସୀ ଜ୍ଞାନପନ୍ଥୀ ।

## କାମିନୀ-କାଞ୍ଚନର ଆକର୍ଷଣ

ନିଗମାନନ୍ଦ ଦ୍ୱାରକା ମଠକୁ ଆସି ଦେଖିଲେ ଯେ, ଏହି ମଠରେ କୌଣସି ମହନ୍ତ ନାହାନ୍ତି । ଗୋଟିଏ ବୃଦ୍ଧାଙ୍କ ହାତରେ ମଠରେ ସମସ୍ତ କର୍ତ୍ତୃତ୍ୱ ନ୍ୟସ୍ତ । ନିଗମାନନ୍ଦ କିଛିଦିନ ସେଠାରେ ଅବସ୍ଥାନ କରିବା ଫଳରେ ବୃଦ୍ଧା ତାଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ନିଗମାନନ୍ଦ ମଧ୍ୟ ତାଙ୍କୁ ମା ବୋଲି ଡାକିଲେ । ବୃଦ୍ଧା ନିଗମାନନ୍ଦଙ୍କୁ ସ୍ନେହ କରିବାର କାରଣ ହେଲା ଯେ, ସେତେବେଳେ ଦ୍ୱାରକା ମଠରେ କେହି ମହନ୍ତ ନଥିବାରୁ ବୃଦ୍ଧା ତାଙ୍କୁ ମଠରେ ମହନ୍ତ କରିବା ନିମିତ୍ତ ମନେ ମନେ ସ୍ଥିର କରିଥିଲେ । ନିଗମାନନ୍ଦ ଦ୍ୱାରକା ମଠରେ ସୁଖରେ କାଳ କାଟୁଥିବା ଅବସ୍ଥାରେ ଜଣେ ଭୈରବୀ ସେଠାରେ ଆସି ଉପସ୍ଥିତ ହେଲେ । ଭୈରବୀ ପୂର୍ଣ୍ଣ ଯୌବନା । ହାତରେ ତ୍ରିଶୂଳ । ନିଗମାନନ୍ଦଙ୍କ ସହିତ ଭୈରବୀଙ୍କର ସାକ୍ଷାତ ହେବା ଦିନଠାରୁ ଭୈରବୀ ସେଠାକୁ ଯାତାୟତ କରିବାକୁ ଲାଗିଲେ । କିଛିଦିନ ପରେ ଜଣାପଡ଼ିଲା ଯେ, ଭୈରବୀ ଜଣକ ଯଶୋହର ଜିଲ୍ଲାର ଜଣେ ବ୍ରାହ୍ମଣ କନ୍ୟା । ନିଗମାନନ୍ଦଙ୍କ ସନ୍ନ୍ୟାସ ପନ୍ଥା ଯେ ଭୁଲ୍ ଏବଂ କଳିକାଳରେ ଭୈରବୀ ଅବଲମ୍ବିତ ତନ୍ତ୍ରୋକ୍ତ ପନ୍ଥା ଯେ ଠିକ୍; ତାହା ତନ୍ତ୍ରୋକ୍ତ ବିଧି ଓ ନାନା ପ୍ରକାର ଯୁକ୍ତିତର୍କର ଅବତାରଣା କରି ସେହି ଭୈରବୀ ନିଗମାନନ୍ଦଙ୍କୁ ବୁଝାଇବାକୁ

ଲାଗିଲେ । ଭୈରବୀ ଏକେତ ସୁନ୍ଦରୀ, ଦ୍ୱିତୀୟରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ । ଏହା ଦେଖି ନିଗମାନନ୍ଦ କ୍ରମେ ଭୈରବୀଙ୍କ ଆଡ଼କୁ ଆକୃଷ୍ଟ ହୋଇପଡ଼ିଲେ । ଭୈରବୀ ନିଗମାନନ୍ଦଙ୍କୁ ଯୁକ୍ତି ଦେଖାଇଲେ ଯେ, ତନ୍ତ୍ରୋକ୍ତ ବିଧାନାନୁସାରେ ଉଭୟଙ୍କ ମଧ୍ୟରେ ବିବାହ ହୋଇପାରେ । ନିଗମାନନ୍ଦ ଭୈରବୀଙ୍କର ନାରୀତ୍ୱରେ ମୁଗ୍ଧ ହୋଇ ବିବାହରେ ମତ ଦେଲେ । ଭାବିଲେ, ମନ୍ଦ କ'ଣ ହେବ ? ଏ ମଠର ମହନ୍ତ ହେବାକୁ ପଡ଼ିବ । ପୁଣି ତନ୍ତ୍ରୋକ୍ତ ବିଧାନମତେ ବିବାହକରି ଧର୍ମ ଜୀବନ ଯାପନ କରିବାକୁ ହେବ । ଏହିପରି ଭାବି ଶୈବବିଧ ମତେ ବିବାହ କରିବାର ଦିନ ପର୍ଯ୍ୟନ୍ତ ଠିକ୍ କରିଦେଲେ ।

## ସଦ୍‌ଗୁରୁଙ୍କ ପ୍ରଭାବ

ବିବାହର ପୂର୍ବଦିନ ରାତିରେ ନିଗମାନନ୍ଦ ମନଦୃଢ଼ କରି ନିଦ୍ରିତ ହୋଇ-ପଡ଼ିଲେ । ସ୍ୱପ୍ନରେ ଦେଖିଲେ ଭୈରବୀଙ୍କ ତାଙ୍କର ବିବାହ ହୋଇଯାଇଛି । ଭୈରବୀ ତାଙ୍କ ନିକଟରେ ବସିଛନ୍ତି । ସ୍ୱପ୍ନରେ ନିଗମାନନ୍ଦଙ୍କ ମନରେ ଆନନ୍ଦ ଆସିବା ପରିବର୍ତ୍ତେ ନିରାନନ୍ଦ ଉପସ୍ଥିତ ହେଲା । ଗୁରୁ ସ୍ୱାମୀ ସଚ୍ଚିଦାନନ୍ଦଙ୍କ ଉପସ୍ଥିତ ସାଡ଼େଚାରିସେର ଓଜନର ଚମୁଟାର ଝଣଝଣ ଶବ୍ଦଯେପରି ନିଗମାନନ୍ଦ ଶୁଣିବାକୁ ପାଇଲେ । ନିଗମାନନ୍ଦଙ୍କରଭାବାନ୍ତରହେବାସଙ୍ଗେସଙ୍ଗେଭୈରବୀଙ୍କର ସୁନ୍ଦର ଶରୀର ଲହୁଣୀପରି ତରଳିଯାଇ ସେଥିରୁ ମାଂସପେଶୀସମୂହ ଖସିପଡ଼ିଲା । ଅବଶିଷ୍ଟ କଙ୍କାଳରାଶି ନିଗମାନନ୍ଦଙ୍କୁଆଲିଙ୍ଗନ କରିବାକୁଉଦ୍ୟତହେବାସମୟରେ ସେ ଚିତ୍କାର କରିଉଠିଲେ ଓ ତାଙ୍କର ନିଦ୍ରାଭଙ୍ଗ ହୋଇଗଲା । ସଙ୍ଗେ ସଙ୍ଗେ ଲୋଟା, କମ୍ବଳ ପ୍ରଭୃତି ନେଇ ନିଗମାନନ୍ଦ ସେଠାରୁ ଦୌଡ଼ି ପଳାଇଲେ । ଚିତ୍କାର ଶବ୍ଦରେ ମଠରବୁଢ଼ା ଉଠି ନିଗମାନନ୍ଦଙ୍କ ପଥରୋଧକଲେ । ନିଗମାନନ୍ଦ ବୁଢ଼ାଙ୍କୁ ଠେଲି ଦୌଡ଼ି ପଳାଇଯିବାକୁ ଲାଗିଲେ । କେଉଁଠାରେ ଯେ ତାଙ୍କ ଦୌଡ଼ିବା ବନ୍ଦ ହେଲା, ସେ ଜାଣନ୍ତି ନାହିଁ ।

## ହିଙ୍ଗଲାଜ ଗମନ

ଏହାପରେ ନିଗମାନନ୍ଦ କରାଚୀ ବାଟ ଦେଇ କତିପୟ ସାଧୁ ସନ୍ନ୍ୟାସୀଙ୍କ ସହିତ ଓଟପିଠିରେ ବସି ଅନ୍ୟତମ ପୀଠସ୍ଥାନ ହିଙ୍ଗଲାଜରେ ପହଞ୍ଚିଲେ । ସେଠାରେ ଦେବୀଙ୍କର ବ୍ରହ୍ମରନ୍ଧ୍ର ପତିତ ହୋଇଥିଲା ବୋଲି କଥିତ ଅଛି । ସମାଧି ଅବସ୍ଥାରେ ଯେଉଁ ଜ୍ୟୋତି ଦର୍ଶନ ହୁଏ, ଏଠାରେ ଥିବା କୂପ ମଧ୍ୟରୁ ସେହିପରି ସ୍ନିଗ୍ଧ ଜ୍ୟୋତିଃ ବାହାରୁଥିବାର ଦେଖାଯାଏ । ଏଠାରେ ବହୁ ହିନ୍ଦୁ ସାଧୁ ସନ୍ନ୍ୟାସୀ ଓ କେତେକ ମୁସଲମାନ ଫକୀରଙ୍କୁ ମଧ୍ୟ ସେ ଦେଖିଲେ । ଧର୍ମଲାଭ ନିମିତ୍ତ ଏଠାରେ ହିନ୍ଦୁ ମୁସଲମାନଙ୍କର ଭେଦଭାବ ନଥିବା ଦେଖି ନିଗମାନନ୍ଦ ବଡ଼ ତୃପ୍ତ ହେଲେ । ସେଠାରେ କିଛି ଦିନ ଅବସ୍ଥାନ କରି ପୁନରାୟ କରାଚୀ ଫେରିଆସିଲେ ।

## ଦାକ୍ଷିଣାତ୍ୟ ଭ୍ରମଣ

ଏହାପରେ ନିଗମାନନ୍ଦ ବରୋଦା ରାଜ୍ୟ ଭିତର ଦେଇ ଦକ୍ଷିଣକୁ ଗଲେ । ଏହି ରାଜ୍ୟର ଲୋକେ ମଠ ଓ ମନ୍ଦିରକୁ ଖୁବ୍ ପବିତ୍ର ମନେକରି ସମ୍ମାନ କରନ୍ତି । ଏଠାରେ ଥିବା ଧର୍ମଧ୍ୱଜାଧାରୀ ମହନ୍ତମାନଙ୍କର ଆଧ୍ୟାତ୍ମିକ ଦୈନ୍ୟଦର୍ଶନ କରି ନିଗମାନନ୍ଦ ବଡ଼ କଷ୍ଟ ଅନୁଭବ କଲେ । ବରୋଦା ରାଜ୍ୟର ଦକ୍ଷିଣକୁ ଗମନ କରିବା ସଙ୍ଗେ ସଙ୍ଗେ ସେ ଦାକ୍ଷିଣାତ୍ୟବାସୀଙ୍କ ତାମିଲ ଭାଷା ବୁଝିବାକୁ ଅକ୍ଷମ ହେଲେ । ଏଠାରେ ଲୋକମାନେ ସାଧୁ ଦେଖିଲେ ସମ୍ମାନ କରନ୍ତି, ଅଯାଚିତ ଭାବରେ ଭିକ୍ଷା ଦାନ କରନ୍ତି । ତେଣୁ ନିଗମାନନ୍ଦ ସେଠାରେ ବିଶେଷ କିଛି ଅସୁବିଧା ଅନୁଭବ କଲେ ନାହିଁ । ଦାକ୍ଷିଣାତ୍ୟ ଭ୍ରମଣ ସମୟରେ ଭିକ୍ଷାଲବ୍ଧ ଚାଉଳ, ଡାଲି, ଲୁଣ, ପରିବା ଯାହାକିଛି ପାଉଥିଲେ, ସବୁ ଏକତ୍ର ସିଦ୍ଧକରି ଉଦର ପୂର୍ତ୍ତି କରୁଥିଲେ । ଦେହର ସ୍ଥୂଳ ପ୍ରଭାବକୁ କ୍ଲିଷ୍ଟକରି ଏହିପରି ଭାବରେ କିଛିଦିନ ପରେ ସେ ରାମେଶ୍ୱରରେ ଆସି ଉପସ୍ଥିତ ହେଲେ ।

## ରାମେଶ୍ୱର

ରାମେଶ୍ୱର କର୍ମକ୍ଷେତ୍ର । ଭଗବାନ ତ୍ରେତା ଯୁଗରେ ନର ଲୀଳା କରିବା ସମୟରେ ଏହି ସ୍ଥାନକୁ କର୍ମକ୍ଷେତ୍ର ରୂପେ ବାଛିଥିଲେ ବୋଲି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ରାମେଶ୍ୱରଠାରେ 'ଶୃଙ୍ଗେରୀମଠ' ସ୍ଥାପନ କରିଥିଲେ । ଏହି ମଠକୁ ଆସି ବୈଦିକ ସନ୍ନ୍ୟାସୀମଣ୍ଡଳୀ ଯଜୁର୍ବେଦର 'ଅହଂ ବ୍ରହ୍ମାସି' ଅର୍ଥାତ୍ ଏହି ଆତ୍ମା ହିଁ ଅନନ୍ତ ଅସୀମ 'ବ୍ରହ୍ମ' ଏହି ମହାବାକ୍ୟ ଧ୍ୟାନ କରି ବ୍ରହ୍ମସ୍ୱରୂପରେ ନିମଜ୍ଜିତ ହୁଅନ୍ତି । ଜଗମାନନ୍ଦ ଏହି ଭାବରେ କିଛିଦିନ ଅତିବାହିତ କରି ମାନ୍ଦ୍ରାଜ ବାଟେ ପଦବ୍ରଜରେ ଦିନରେ ପ୍ରାୟ ତେଇଶି ଚବିଶ କୋଶ ବାଟ ଚାଲି ଚାଲି ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମରେ ଉପନୀତ ହେଲେ ।

## ଶ୍ରୀକ୍ଷେତ୍ର

ଏହି କ୍ଷେତ୍ର 'ଭୋଗକ୍ଷେତ୍ର' । ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥ ଦେବଙ୍କର ଯେଉଁ ବାହ୍ୟିକ ଭୋଗର ଆଚରଣ ସ୍ମରଣାତୀତ କାଳରୁ ଚାଲିଆସୁଛି, ତାହା ଅନ୍ୟ କେଉଁଠାରେ ଦେଖାଯାଏ ନାହିଁ । ଏହି କ୍ଷେତ୍ରରେ ଶଙ୍କରାଚାର୍ଯ୍ୟଙ୍କ କର୍ତ୍ତୃକ 'ଗୋବର୍ଦ୍ଧନ ମଠ' ସ୍ଥାପିତ ହୋଇଅଛି । ଋକବେଦର ମହାବାକ୍ୟ 'ପ୍ରଜ୍ଞାନାଂ ଆନନ୍ଦଂ ବ୍ରହ୍ମ ଏହି ସ୍ଥାନରେ ବର୍ଣ୍ଣିତ । ପୂର୍ବୋକ୍ତ ତିନି ମଠରେ ଆତ୍ମା ସହିତ ବ୍ରହ୍ମର ଐକ୍ୟ ବର୍ଣ୍ଣିତ ଥିଲା; ବର୍ତ୍ତମାନ ବ୍ରହ୍ମର ସ୍ୱରୂପ ବର୍ଣ୍ଣିତ ଓ ବିଧେୟ । ବ୍ରହ୍ମ କିପରି ? ଆନନ୍ଦମୟ । ଜଗମାନନ୍ଦ ବୈଦିକ ସନ୍ନ୍ୟାସୀ । ସେ ଆଚାର୍ଯ୍ୟ ଶଙ୍କରଙ୍କ ପ୍ରତିଷ୍ଠିତ ମଠ ଚତୁଷ୍ଟୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଗାମ୍ଭୀର୍ଯ୍ୟ ଦର୍ଶନ କରି ମୁଗ୍ଧ ହେଲେ । ପୁରୀରେ ପ୍ରାୟ ଏକ ମାସ ଅବସ୍ଥାନ କରି ସମୁଦ୍ରତୀରବର୍ତ୍ତୀ ମଠନିଚୟର ଗୁରୁତ୍ୱର ଆଭାସ ପାଇ ପୁନରାୟ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ଆଶ୍ରମକୁ ଫେରିଗଲେ । ସେ ପୁରୀ ଧାମରେ ପରିବ୍ରାଜକ ଅବସ୍ଥାରେ ଭ୍ରମଣ କରୁଥିବା ବେଳେ ବଙ୍ଗଳା ଧର୍ମଶାଳାରେ (ବର୍ତ୍ତମାନ ତାହାର ନାମ ବଙ୍ଗଳା ହାଉସ୍)ରେ ଅବସ୍ଥାନ କରିଥିଲେ । ସେ ଯେଉଁ କୋଠରୀରେ ଥିଲେ, ତାହା ମଧ୍ୟ ପରବର୍ତ୍ତୀ କାଳରେ ସେବକମାନଙ୍କୁ ଚିହ୍ନାଇ ଦେଇଥିଲେ ।

# ଯୋଗସାଧନ ନିମିତ୍ତ ଆଦେଶ

ସ୍ୱାମୀ ନିଗମାନନ୍ଦ ଭାରତବର୍ଷର ଚାରିଧାମ ଓ ସପ୍ତଖଣ୍ଡ ଭ୍ରମଣ କରି ଗୁରୁଦେବଙ୍କ ଆଶ୍ରମକୁ ଫେରିଆସି କିଛି ଦିନ ଅବସ୍ଥାନ କଲା ପରେ ଦିନେ ଗୁରୁ ସଚ୍ଚିଦାନନ୍ଦ ନିଗମାନନ୍ଦଙ୍କୁ ଡାକି କହିଲେ, "ଆରେ ମୋ ନିକଟରେ ତୋର ଯାହା ହେବାର ଥିଲା, ସବୁ ଶେଷ ହୋଇଗଲାଣି । ଯୋଗ ବ୍ୟତୀତ ଆତ୍ମଜ୍ଞାନ ପୂର୍ଣ୍ଣତା ପ୍ରାପ୍ତ ହୁଏ ନାହିଁ । ତୁ ଯେଉଁସବୁ ତତ୍ତ୍ୱ ଶାସ୍ତ୍ରାଲୋଚନା କରି ଜାଣିଛୁ, ସେହିସବୁ ତତ୍ତ୍ୱ ପ୍ରତ୍ୟକ୍ଷ ଉପଲବ୍ଧି କରିବା ନିମିତ୍ତ ତୋତେ 'ଯୋଗୀଗୁରୁ' ଅନୁସନ୍ଧାନ କରିବାକୁ ହେବ । ତାଙ୍କ ନିର୍ଦ୍ଦେଶମତେ ଯୋଗ ସାଧନ କରି ସିଦ୍ଧ ହେବାକୁ ପଡ଼ିବ । ଯୋଗବଳରେ ଏସବୁ ତତ୍ତ୍ୱର ପ୍ରତ୍ୟକ୍ଷ ଦର୍ଶନଲାଭ ହେବ । ତୁ ଯୋଗୀଗୁରୁ ଅନୁସନ୍ଧାନ କରି ଯୋଗ ସାଧନ କର ।" ଆବେଗର ସହିତ ନିଗମାନନ୍ଦ ଉତ୍ତର ଦେଲେ, "ତୁମକୁ ଛାଡ଼ି ଆଉ କେଉଁ ଆଡ଼କୁ ଯିବାକୁ ଇଚ୍ଛା ନାହିଁ । ତୁମେ ମୋତେ ଯୋଗ ଶିକ୍ଷା ଦିଅ ।"

ସଚ୍ଚିଦାନନ୍ଦ କହିଲେ, "ବତ୍ସ ନିଗମାନନ୍ଦ, ମୁଁ ଯୋଗ ପଥରେ ସିଦ୍ଧ ନୁହେଁ; ଜ୍ଞାନପଥରେ ସିଦ୍ଧ । କିନ୍ତୁ ଜ୍ଞାନପଥ ବଡ଼ କଠିନ । କୃଚ୍ଛ୍ର ସାଧନର କଷ୍ଟ ସହ୍ୟ କରି ପାରିଲେ ମଧ୍ୟ ଏହି ପନ୍ଥାରେ ସତ୍ୟଲାଭ କରିବା ପାଇଁ ବହୁତ ସମୟ ଲାଗିବ । ଦିବ୍ୟ ଦୃଷ୍ଟିରେ ମୁଁ ଦେଖିପାରୁଛି ଯେ, ଯୋଗୀଗୁରୁ ଅନୁସନ୍ଧାନ କରି ଯୋଗ ସାଧନ କଲେ ଅତି ଅଳ୍ପ ସମୟ ଭିତରେ ତୋର ପରମାତ୍ମା ତତ୍ତ୍ୱ ଉପଲବ୍ଧି ହୋଇପାରିବ । ସେତେବେଳେ ବିନା ଆୟାସରେ ନିର୍ବିକଳ୍ପ ସମାଧି ଭିତରେ ବ୍ରହ୍ମତତ୍ତ୍ୱ ଫୁଟିଉଠିବ ।

# ସଚ୍ଚିଦାନନ୍ଦଙ୍କର ବିଦାୟ-ଆଶୀର୍ବାଦ

ପୁଣି ଗୁରୁ ଅନୁସନ୍ଧାନ କଥା ଶୁଣି ନିଗମାନନ୍ଦଙ୍କ ମୁଖ ମଳିନ ହୋଇପଡ଼ିଲା । ସାକ୍ଷାତ୍ ବ୍ରହ୍ମତତ୍ତ୍ୱବିତ୍ ପରମଜ୍ଞାନୀ ଗୁରୁଦେବଙ୍କର ଆଶ୍ରୟ ତ୍ୟାଗ କରି ପୁନରାୟ ଗୁରୁ ଅନ୍ୱେଷଣ ଯେ ଏକ ଦୁରୁହ ବ୍ୟାପାର, ତାହା ମନେ ମନେ ଚିନ୍ତା କରି ହତାଶାର ଛାୟା ତାଙ୍କ ମନରେ ଖେଳିଗଲା । ସ୍ୱାମୀ ସଚ୍ଚିଦାନନ୍ଦ ଶିଷ୍ୟଙ୍କର ଏପରି ବିଷର୍ଣ୍ଣ ଭାବ ଦେଖି କହିଲେ, "ବତ୍ସ, ଭୟ କର ନାହିଁ; ଯୋଗୀଗୁରୁ ତୁରନ୍ତ ମିଳିଯିବେ ।" ଏହାପରେ ନିଗମାନନ୍ଦ ଯୋଗୀଗୁରୁ ଅନୁସନ୍ଧାନରେ କୃତସଂକଳ୍ପ ହୋଇ ଆଉ କାଳ ବିଳମ୍ବ ନ କରି ଗୁରୁଦେବଙ୍କର ଆଶୀର୍ବାଦ ଗ୍ରହଣପୂର୍ବକ ଆଶ୍ରମରୁ ବିଦାୟ ନେଲେ । ଗୁରୁ ସଚ୍ଚିଦାନନ୍ଦ ଏକାନ୍ତ ଦୁଃଖିତ ଅନ୍ତଃକରଣରେ ଶିଷ୍ୟ ନିଗମାନନ୍ଦଙ୍କୁ ବିଦାୟ ଦେଇ ଦୃଷ୍ଟି ପଥରୁ ଅନ୍ତର୍ହିତ ହେବା ପର୍ଯ୍ୟନ୍ତ ସତୃଷ୍ଣ ନୟନରେ ତାଙ୍କ ଯିବା ପଥକୁ ଅନାଇ ରହିଥାନ୍ତି ।

# ଚତୁର୍ଥ ପରିଚ୍ଛେଦ

## ଯୋଗସାଧନ

### ଯୋଗୀଗୁରୁ ଅନୁସନ୍ଧାନ

ନିଗମାନନ୍ଦ ଗୁରୁ ସଚ୍ଚିଦାନନ୍ଦଙ୍କ ଆଦେଶରେ ଯୋଗୀଗୁରୁ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ ଓ ଅନେକ ସିଦ୍ଧ ମହାତ୍ମାଙ୍କର ଦର୍ଶନଲାଭ କଲେ । କିନ୍ତୁ କେହି ତାଙ୍କ ପ୍ରାଣ ପ୍ରବଳ ପିପାସା ନିବାରଣ କରିପାରିଲେ ନାହିଁ । ଯେଉଁମାନେ ଯୋଗୀ ବୋଲି ଖ୍ୟାତ, ସେମାନଙ୍କ କୃପଣତା ଓ କଠୋର ବ୍ୟବହାରରେ ନିଗମାନନ୍ଦ ମର୍ମାହତ ହୋଇପଡ଼ିଲେ । ଅନେକ ଭଣ୍ଡ ସାଧୁଙ୍କ କବଳରେ ପଡ଼ି ତାଙ୍କୁ ନାନାରୂପ ଲାଞ୍ଛନା ଭୋଗ କରିବାକୁ ପଡ଼ିଲା, ତଥାପି ସେ ଭଗ୍ନୋତ୍ସାହ ନ ହୋଇ ଗୁରୁ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ ।

### ବ୍ୟାଘ୍ର କବଳରେ ନିଗମାନନ୍ଦ

ଏହିପରି ଭାବରେ ବୁଲୁ ବୁଲୁ ଦିନେ ଗୋଟିଏ ବଣ ମଝିରେ ସନ୍ଧ୍ୟା ହୋଇଗଲା । ନିଗମାନନ୍ଦ ଶ୍ରାନ୍ତ ଦୂରକରିବା ନିମିତ୍ତ ଗୋଟିଏ ଗଛମୂଳରେ ବସିପଡ଼ିଲେ । କିଛିକ୍ଷଣ ପରେ ପଛକୁ ଚାହିଁ ଦେଖିଲେ ଏକ ପ୍ରକାଣ୍ଡ ବ୍ୟାଘ୍ର ତାଙ୍କ ଆଡ଼କୁ ଆସୁଛି । ଏହା ଦେଖି ନିଗମାନନ୍ଦ ଭୟରେ ଜଡ଼ ହୋଇଗଲେ । ଏପରି ହେଲା ଯେ, ଉଠି ପଳାଇଯିବାକୁ ମଧ୍ୟ ବଳ ପାଇଲା ନାହିଁ । ସେ ଭାବିଲେ, ମରିବାକୁତ ନିଶ୍ଚୟ ହେବ, ତେବେ ବ୍ୟାଘ୍ର ମୁଖ ଦେଖି ମଲେ ପରଜନ୍ମରେ ବ୍ୟାଘ୍ର ହେବାକୁ ପଡ଼ିବ । ଏହା ଭାବି ପାଖରେ ଥିବା କମ୍ବଳରେ ଶରୀର ଆବୃତ୍ତ କରି

ବ୍ୟାଘ୍ର ସମ୍ମୁଖରେ ଚିତ୍ ହୋଇ ପଡ଼ିରହି ମୃତ୍ୟୁକୁ ଅପେକ୍ଷା କରିବା ଲାଗିଲେ ଃ ବ୍ୟାଘ୍ର ଚିନ୍ତା ନ କରିବାକୁ ଯେତେ ଚେଷ୍ଟା କଲେ ମଧ୍ୟ ତାଙ୍କ ମନ ବ୍ୟାଘ୍ର ଚିନ୍ତାରେ ଅସ୍ଥିର ହେବାକୁ ଲାଗିଲା । ଶେଷରେ ତାଙ୍କ ମନ ବ୍ୟାଘ୍ରମୟ ହୋଇଗଲା । ବ୍ୟାଘ୍ର ନିକଟକୁ ଆସି ଚାରିଆଡ଼େ ବୁଲି ତାଙ୍କୁ ଶୁଙ୍ଘିଦେଇ ଚାଲିଗଲା । ଅଦୂରସ୍ଥିତ ଶୁଖିଲା ପତ୍ର ଖସ୍ ଖସ୍ ହେବାରୁ ନିଗମାନନ୍ଦ ବୁଝିପାରିଲେ ଯେ, ବ୍ୟାଘ୍ର ଚାଲିଯାଉଛି । ତଥାପି ସେ ଉଠିଲେ ନାହିଁ । ଭାବିଲେ ବ୍ୟାଘ୍ର ଶିକାରୀ ଜନ୍ତୁ, ଛକି କରି ବସିଛି, ଉଠିଲାମାତ୍ରେ ଖାଇବ । କିଛିକ୍ଷଣ ପରେ କେତେଜଣ ବଣୁଆଲୋକଙ୍କ ପାଟି ଶୁଣାଯିବାରୁ ନିଗମାନନ୍ଦ ଉଠି ସେମାନଙ୍କ ନିକଟକୁ ଗଲେ । ସେମାନେ ସମସ୍ତ କଥାଶୁଣି ନିଗମାନନ୍ଦଙ୍କୁ ସେମାନଙ୍କ ଘରକୁ ନେଇଗଲେ ଓ ଆଦର ଯତ୍ନକରି ଖାଇବାକୁ ଦେଇ ତତ୍‌ପର ଦିନ ବଣ ପାର କରାଇ ଦେଇ ଆସିଲେ । ତା ପରେ ନିଗମାନନ୍ଦ ପୁନରାୟ ଅନିର୍ଦ୍ଦିଷ୍ଟ ଭାବରେ ଚାଲିବାକୁ ଲାଗିଲେ ।


## କୋଟା ରାଜ୍ୟରେ ପଥଭ୍ରାନ୍ତି

ନିଗମାନନ୍ଦ ନାନା ସ୍ଥାନ ଭ୍ରମଣ କରୁ କରୁ କୋଟା ରାଜ୍ୟ ସୀମାରେ ଉପନୀତ ହେଲେ । କୋଟା ରାଜ୍ୟ ରାଜପୁତନାର କରଦରାଜ୍ୟ, ପାର୍ବତ୍ୟ ପ୍ରଦେଶ ଏବଂ ବନ୍ଧୁର ପଥ । ଏହି ପଥରେ ଯାଉ ଯାଉ ଦିନେ ସନ୍ଧ୍ୟା ହୋଇଗଲା । ଉଭୟ ଦିଗରେ ଉଚ୍ଚ ପର୍ବତ ଓ ପର୍ବତ ଭିତରେ ଶ୍ୱାପଦସଙ୍କୁଳ ଜନବିରଳ ସଂକୀର୍ଣ୍ଣ ପଥ । କିଛିଦୂର ଅଗ୍ରସର ହୋଇ ଦେଖିଲେ, ସେ ପଥ ହରାଇ ବିପଦରେ ପଡ଼ିଛନ୍ତି । କିନ୍ତୁ ସେ ଏତେ ଦୂର ଚାଲି ଯାଇଥିଲେ ଯେ, ସେଠାରୁ ଫେରିଯାଇ ମାର୍ଗ ଠିକ୍ କରିବା ତାଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ଶୋଷରେ ତଣ୍ଟି ଶୁଖି ଯାଉଥାଏ । ପାଦରୁ ରକ୍ତ ଝର୍‌ଝର୍ ହୋଇ ବହୁଥାଏ । ଚାରିଆଡ଼େ ଖୋଜିଲେ; ମାତ୍ର କୌଣସିଠାରେ ଝରଣାଟିଏ ସୁଦ୍ଧା ପାଇଲେ ନାହିଁ । ସେତେବେଳକୁ ସନ୍ଧ୍ୟା ହୋଇଗଲାଣି । ସହସା କିଛି ଦୂରରେ ସେ ଜଣେ ଯୁବତୀଙ୍କୁ ଦେଖିଲେ । ବିଜନ

ବନରେ ଲୋକେ ଦେଖି ନିଗମାନନ୍ଦ ଟିକିଏ ଆଶ୍ୱସ୍ତ ଓ କେତେକ ପରିମାଣରେ ବିସ୍ମିତ ହେଲେ । ସ୍ତ୍ରୀଲୋକଟି ଆଗନ୍ତୁକଙ୍କର ନାମଧରି ଡାକିଲେ—'ନିଗମାନନ୍ଦ' —ଯେପରି ବହୁଦିନର ପରିଚିତ ବନ୍ଧୁ ! ତାଙ୍କ ଡାକ ସହଜ ସରଳ ଓ ସର୍ବପ୍ରକାର ସଙ୍କୋଚଶୂନ୍ୟ ବୋଲି ନିଗମାନନ୍ଦଙ୍କୁ ବୋଧ ହେଲା । ବିସ୍ମୟ-ବିମୁଗ୍ଧ ହୋଇ ନିଗମାନନ୍ଦ ଯୁବତୀଙ୍କ ଆଡ଼କୁ ଅଗ୍ରସର ହେଲେ । ଯୁବତୀଙ୍କର ଆକୃତି-ପ୍ରକୃତି ଦେଖି ପାହାଡ଼ିଆ ସ୍ତ୍ରୀଲୋକ ବୋଲି ମନେ ହେଲା ନାହିଁ । ନାନା ପ୍ରକାର କଳ୍ପନା କରି ନିଗମାନନ୍ଦ ଯୁବତୀଙ୍କ ନିକଟରେ ଉପସ୍ଥିତ ହେଲେ । ଯୁବତୀ କହିଲେ, "ନିଗମାନନ୍ଦ, ତୁମକୁ ବଡ଼ ପିପାସା ହେଉଛି ଓ ତୁମେ କ୍ଷୁଧାତୃଷ୍ଣାରେ ବଡ଼ କାତର ହୋଇ ପଡ଼ିଛ । କିଛି ଦୂର ଆଗକୁ ଯାଅ, ଗୋଟିଏ ପର୍ଣ୍ଣକୁଟୀର ପାଇବ । ସେଠାରେ ତୁମ ପାଇଁ ଖାଦ୍ୟ ଦ୍ରବ୍ୟର ବନ୍ଦୋବସ୍ତ ହୋଇଅଛି । କ୍ଷୁଧାପିପାସା ଦୂର କରି ସେଠାରେ ରାତ୍ରିଯାପନ କରିବ ।" ନିଗମାନନ୍ଦ ଯୁବତୀଙ୍କ ବାକ୍ୟ ଅନୁସାରେ ଶୀଘ୍ର ଶୀଘ୍ର ଚାଲିବାକୁ ଲାଗିଲେ, କାରଣ ଅନ୍ଧକାର ହେବା ପୂର୍ବରୁ ଜଙ୍ଗଲରୁ ବାହାରି ଯିବାକୁ ପଡ଼ିବ । ସେତେବେଳେ ବହୁତ ପ୍ରଶ୍ନ ତାଙ୍କ ମନ ଭିତରେ ଜାଗ୍ରତ ହେବାକୁ ଲାଗିଲା ।

## ଯୋଗିନୀ କୁଟୀର

ନିଗମାନନ୍ଦ ମନେ ମନେ ନାନା ଚିନ୍ତା କରି କିଛି ଦୂର ଯିବା ପରେ ଗୋଟିଏ ପୂର୍ଣ୍ଣକୁଟୀର ଦେଖିବାକୁ ପାଇଲେ । ସେଠାରେ ଦେଖିଲେ, ପୂର୍ବର ସେହି ଜ୍ୟୋତିର୍ମୟୀ ଭୈରବୀ ଯୁବତୀ କୁଟୀର ସମ୍ମୁଖରେ ଦଣ୍ଡାୟମାନ । ପ୍ରଥମେ ନାମ ଧରି ଡାକି ପରେ ହାତ ଧରି କୁଟୀର ଭିତରକୁ ସେ ତାଙ୍କୁ ନେଇଗଲେ ଓ ଲୋଟାଏ ଜଳ ଦେଇ କହିଲେ, "ଗୋଡ଼ ହାତ ଧୁଅ, ତୁମ ପାଇଁ କୁଟୀର ଭିତରେ ସାମାନ୍ୟ ଜଳଯୋଗର ବ୍ୟବସ୍ଥା ହୋଇଛି । ତାହା ଶେଷ କରି ଏଠାରେ ବିଶ୍ରାମ କର ।" ନିଗମାନନ୍ଦ ଭୈରବୀଙ୍କ ପ୍ରଦତ୍ତ ଜଳରେ ଗୋଡ଼ ଧୋଇବେ କି ନାହିଁ, ଇତସ୍ତତଃ ହେବାରୁ ଭୈରବୀ ନିଜେ ତାଙ୍କ ଗୋଡ଼ରେ ଜଳ ଢାଳିଦେଲେ । ନିଗମାନନ୍ଦ ଅପ୍ରତିଭ ହୋଇ କୁଟୀର ଭିତରକୁ ଯାଇ ଦେଖିଲେ, ଗୋଟିଏ ରେକାବୀରେ ଚିନି ସନ୍ଦେଶ, ଫଳ ଓ



ତାନ୍ତ୍ରିକ ଗୁରୁ ଶ୍ରୀଶ୍ରୀ ଠାକୁର

କନ୍ଦମୂଳ ରହିଛି । ସମ୍ମୁଖରେ ଖଣ୍ଡିଏ କୁଶାସନ ପଡ଼ିଛି । ନିଗମାନନ୍ଦ ଭୈରବୀଙ୍କ ସ୍ୱଚ୍ଛମନ୍ଦ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ।

ଆହାର ପରେ ସ୍ୱାମୀ ନିଗମାନନ୍ଦ ଏତେ ରାତିରେ କେଉଁଆଡ଼କୁ ଯିବେ ଭାବୁଛନ୍ତି, ଏହି ସମୟରେ ଯୁବତୀ ଭୈରବୀ କହିଲେ, 'ଏହିଠାରେ ରାତି ଯାପନ କର, ପ୍ରତ୍ୟୁଷରୁ ଚାଲିଯିବ; ଏ ବଣରେ ବ୍ୟାଘ୍ର ଭଲ୍ଲୁକଙ୍କର ବଡ଼ ଉତ୍ପାତ । ତୁମେ ମଧ୍ୟ ବାଟ ଚହ୍ନି ନାହଁ ।'' ନିଗମାନନ୍ଦ ଅନ୍ୟ ଉପାୟ ନ ଦେଖି ସେଥିରେ ସମ୍ମତ ହୋଇଗଲେ । ଯୁବତୀ କୁଟୀର ଭିତରେ ଦୁଇଟି ବଡ଼ କୁଶାସନ ପକାଇ ଗୋଟିକରେ ନିଜେ ଶୋଇଲେ ଓ ଅନ୍ୟଟିରେ ନିଗମାନନ୍ଦଙ୍କୁ ଶୋଇବାକୁ ନିର୍ଦ୍ଦେଶ ଦେଲେ । ଉଭୟଙ୍କ ଶଯ୍ୟା ଭିତରେ ପ୍ରାୟ ଏକହାତ ଭୂମିର ପାର୍ଥକ୍ୟ ରହିଲା । ଏକେ ତ ବିସ୍ତୀର୍ଣ୍ଣ ଗଭୀର ଅରଣ୍ୟ ଭିତରେ ପର୍ଣ୍ଣକୁଟୀର, ସେଥିରେ ପୁଣି ପାର୍ବତ୍ୟ ଅନ୍ଧକାର, ଭୀଷଣ ନିସ୍ତବ୍ଧତା ଭିତରେ ଦଣ୍ଡୀ ସନ୍ନ୍ୟାସୀଙ୍କ ନିକଟରେ ଯୁବତୀ ଭୈରବୀଙ୍କର ଶଯ୍ୟା । ଏଥିରେ ନିଗମାନନ୍ଦଙ୍କର ନିଦ୍ରା ହେଲା ନାହିଁ । ମନ ଭିତରେ ନାନା ଭାବର ଉଦୟ ହେବାକୁ ଲାଗିଲା । ଭୈରବୀ ଏହା ଜାଣିପାରି ନିଗମାନନ୍ଦଙ୍କୁ ପଚାରିଲେ, ''କିହେ, ବର୍ତ୍ତମାନ ସୁଦ୍ଧା ନିଦ୍ରା ଆସିନାହିଁ ?''

ନିଗମାନନ୍ଦ—ବହୁ ଚେଷ୍ଟାସତ୍ତ୍ୱେ ନିଦ୍ରା ଆସୁନାହିଁ ।

ଭୈରବୀ—ଓହୋ, ବୋଧହୁଏ ନ ଖାଇ ନ ପିଇ ଏଣେ ତେଣେ ବୁଲିବାରୁ ବାୟୁ ଚଞ୍ଚଳ ହୋଇ ଯାଇଛି; ତେଣୁ ନିଦ୍ରା ହେଉନାହିଁ । ଆଚ୍ଛା............

ଏହା କହି ଯୁବତୀ ନିଗମାନନ୍ଦଙ୍କ ମସ୍ତକ ଉପରେ ବସି ତାଙ୍କ ମସ୍ତକ ଓ ପିଠିରେ ହାତ ବୁଲାଇବାକୁ ଲାଗିଲେ । ଏଥିରେ ନିଗମାନନ୍ଦଙ୍କ ମନ ବଡ଼ ଚଞ୍ଚଳ ହୋଇ ଉଠିଲା । ତାଙ୍କର ଭାବଭଙ୍ଗୀ ଦେଖି ଭୈରବୀ କହିଲେ, 'ନିଗମାନନ୍ଦ, ତୁମ ମନରେ କ'ଣ ସନ୍ଦେହ ହେଉଛି ?''

ନିଗମାନନ୍ଦ—ଏପରି କରିବା ସନ୍ନ୍ୟାସୀ ନିୟମର ବହିର୍ଭୂତ ।

ଭୈରବୀ—ତେବେ ଉପାୟ କ'ଣ ? ତୁମକୁ ଯେ ନିଦ ହେଉନାହିଁ ?

ନିଗମାନନ୍ଦ—ଗୋଟିଏ ରାତି ନିଦ୍ରା ନ ହେଲା ନାହିଁ, ମୁଁ କୁଟୀର ବାହାରେ ଶୟନ କରୁଛି । ତୁମେ କୁଟୀର ମଧ୍ୟରେ ଶୟନ କର ।

ଭୈରବୀ—ନା, ନା, ତା ହେବ ନାହିଁ । ବାହାର ହିଂସ୍ରଜନ୍ତୁମାନଙ୍କର ଆବାସସ୍ଥଳ । ବରଂ ମୁଁ ବାହାରେ ଯାଇ ଶୟନ କରୁଛି, ତୁମେ କୁଟୀରରେ ନିଶ୍ଚିନ୍ତରେ ନିଦ୍ରା ଯାଅ ।

ଜଗମାନନ୍ଦ ଏଥିରେ ସମ୍ମତ ହୋଇପାରିଲେ ନାହିଁ । ଭାବିଲେ, ଏହି ଦୁର୍ଭେଦ୍ୟ ଅନ୍ଧକାର ରାତ୍ରିରେ ବ୍ୟାଘ୍ର-ଭଲ୍ଲୁକପୂର୍ଣ୍ଣ ଭୀଷଣ ଅରଣ୍ୟରେ ଭୈରବୀ ତାଙ୍କର ନିଜ କୁଟୀର ଛାଡ଼ି ବାହାରେ ରହିବେ, ଆଉ ମୁଁ ଅତିଥି ହୋଇ ଗୃହସ୍ୱାମୀଙ୍କୁ ବହିଷ୍କାର କରି ସୁଖରେ ନିଦ୍ରା ଯିବି—ଏହା ବଡ଼ ଅଶୋଭନୀୟ । ଏହା ଭାବି ଜଗମାନନ୍ଦ ସରଳ ଭାବରେ କେତେକ ପ୍ରଶ୍ନ ଭୈରବୀଙ୍କୁ ପଚାରିଲେ ।

ଜଗମାନନ୍ଦ—କେତୋଟି ବିଷୟରେ ମୋ ମନରେ ସନ୍ଦେହ ହେଉଛି, ସେସବୁ ବିଷୟ ମୁଁ ତୁମଠାରୁ ଜାଣିପାରିଲେ, ସୁଖରେ ଶୋଇପାରିବି ।

ଭୈରବୀ—ବେଶ୍ ସ୍ୱଚ୍ଛନ୍ଦରେ ପଚାରିପାର ।

ଜଗମାନନ୍ଦ—ତୁମେ କିପରି ଏଠାକୁ ଆସିଲ ? କିପରି ବା ମୋ ନାମ ଜାଣିଲ ? ତୁମେ କାହିଁକି ଏଠାରେ ଅଛ ? ଏସବୁ ବିଷୟ ମୁଁ ଜାଣିବାକୁ ଚାହେଁ ।

ଭୈରବୀ—ତୁମେ ପୂର୍ବରୁ ଯେଉଁ ଯୁବତୀ ଭୈରବୀଙ୍କୁ ଦେଖିଥିଲ, ସେ ମୋର ସଙ୍ଗୀ । ଉଭୟ ଗୋଟିଏ କୁଟୀରରେ ବାସ କରୁ । ଆମ୍ଭେ ଦୁହେଁ କାଶ୍ମୀର ଦେଶର ବ୍ରାହ୍ମଣ କନ୍ୟା । ବୈରାଗ୍ୟ ଉଦୟ ହେବାରୁ ସଂସାର ତ୍ୟାଗ କରି ଜଣେ ଯୋଗୀଙ୍କଠାରୁ ସାଧନାଦି ଶିକ୍ଷା କରିଅଛୁ । ଉକ୍ତ ଯୋଗୀଙ୍କ କୃପାରୁ ଆମେ ଦୁଇଜଣ ଯୋଗସିଦ୍ଧି ଲାଭକରି ଏଠାରେ ଅବସ୍ଥାନ କରୁଛୁ ।

ଭୈରବୀଙ୍କ ସହିତ ଆଲୋଚନା କରି ଜଗମାନନ୍ଦ ବୁଝିଲେ ଯେ, ଏହି ଯୁବତୀ-ଭୈରବୀ- ଭୂତ-ଭବିଷ୍ୟତଜ୍ଞାତା, ଆଲୋକସାମାନ୍ୟା ଯୋଗସିଦ୍ଧା । ସେ ଭୈରବୀଙ୍କୁ ଯୋଗୀଗୁରୁ କରିବାକୁ ଇଚ୍ଛା ପ୍ରକାଶ କଲେ । ଭୈରବୀ ଅନିଚ୍ଛୁକ ହେବାରୁ ଜଗମାନନ୍ଦ ଅନିଚ୍ଛାର କାରଣ ପଚାରିଲେ ।

ଭୈରବୀ କହିଲେ, "ମୁଁ ସ୍ତ୍ରୀ ଲୋକ, ଯୁବତୀ, ପୁଣି ସୁନ୍ଦରୀ ।

ନିଗମାନନ୍ଦ—ସେଥିରେ କ'ଣ ଅଛି ? ମୁଁ ତ ଗୁରୁ ବୋଲି ଭାବିବି । ଗୁରୁ ବୋଲି ଭାବିଲେ ମନ ଚଞ୍ଚଳ ହେବ ନାହିଁ ।

ଭୈରବୀ—ତୁମେ ଯେ କୌଣସି ଭାବରେ ଭାବିଲେ ମଧ୍ୟ ପାରିବ ନାହିଁ । ତୁମର ନବୀନ ବୟସ । ଗୋଟିଏ ରାତି ମୋ ପାଖରେ ରହି ତୁମ ମନ ଚଞ୍ଚଳ ହୋଇଉଠିଲା । ସେଥିରେ ପୁଣି ଦୀର୍ଘଦିନ ଧରି ମୋ ପାଖରେ ରହି କିପରି ଯୋଗ ଶିକ୍ଷା କରିବ ? ତାପରେ ମୋର ବୟସ ଷାଠିଏ ବର୍ଷ ହେଲେ ମଧ୍ୟ ମୋର ତ ଗୋଟାଏ ଦେହଧର୍ମ ଅଛି ।

ନିଗମାନନ୍ଦ ବୟସ କଥା ଶୁଣି ଆଶ୍ଚର୍ଯ୍ୟ ହେଲେ । ଏତେ ବୟସ ଅଥଚ ଭୈରବୀଙ୍କୁ ଷୋଡ଼ଶୀ ଭିନ୍ନ କେହି ଅଧିକ ବୟସ ବୋଲି ଭାବିବେ ନାହିଁ । କିଛିକ୍ଷଣ ପରେ ଭୈରବୀ କହିଲେ, "ମୁଁ ତୁମର ଗୁରୁ ନୁହେଁ । ଯାଅ, ଗୁରୁଙ୍କ ସନ୍ଧାନ କର, ପାଇବ ।"

ନିଗମାନନ୍ଦ—କେଉଁଠାରେ ପାଇବି ?

ଭୈରବୀ—ଏଠାରୁ କଲିକତା ଯାଅ । ସେଠାରେ ଯୋଗସିଦ୍ଧ ଗୁରୁ ପାଇବ । ଏସବୁ ଅଞ୍ଚଳରେ ବୃଥା ଖୋଜି ବୁଲ ନାହିଁ ।

ନିଗମାନନ୍ଦ—କଲିକତା କିପରି ଯିବି ? ହାତରେ ଟଙ୍କା ପଇସା କିଛି ନାହିଁ ।

ଭୈରବୀ—ଆଚ୍ଛା, ଦେଖାଯିବ ।

ଏହା ପରେ ଉଭୟେ ସୁଖରେ ରାତି ଯାପନ କଲେ । ପ୍ରଭାତ ହେବାରୁ ଭୈରବୀ ନିଗମାନନ୍ଦଙ୍କୁ ସଙ୍ଗରେ ନେଇ ଚାଲିବାକୁ ଲାଗିଲେ । ନିଗମାନନ୍ଦଙ୍କର ମନ ଭୈରବୀଙ୍କ ପ୍ରତି ଏତେ ଆକୃଷ୍ଟ ହୋଇ ପଡ଼ିଲା ଯେ, ସେଠା ଛାଡ଼ି ଚାଲିଯିବାକୁ ତାଙ୍କର ଆଦୌ ଇଚ୍ଛା ହେଉ ନ ଥାଏ । ତଥାପି ଉଭୟ ଜଙ୍ଗଲ ବାହାରକୁ ଆସି ଦେଖିଲେ, ସମ୍ମୁଖରେ ଗ୍ରେଟ୍ ଇଣ୍ଡିଆନ୍ ପେନିନ୍‌ସୁଲାର (G. I. P) ରେଲଲାଇନ୍ । ଭୈରବୀ ଏହି ଲାଇନରେ କିଛି ଦୂର ଆସି କହିଲେ, "ହେଇଟି ଟଙ୍କା ନିଅ, ଷ୍ଟେସନ ଦେଖାଯାଉଛି, ସେଠାକୁ ଯାଇ ଟିକେଟ କରି କଲିକତା ଯାଅ ।"

ନିଗମାନନ୍ଦ ନିତାନ୍ତ ଅନିଚ୍ଛା ସତ୍ତ୍ୱେ ଚାଲିବାକୁ ଲାଗିଲେ । କିଛିଦୂର ଯାଇ ପଛକୁ ଚାହିଁ ଦେଖିଲେ, ଭୈରବୀ ପୂର୍ବପରି ଦଣ୍ଡାୟମାନ । ଷ୍ଟେସନ

ନିକଟକୁ ଯାଇ ଦେଖିଲେ, ଭୈରବୀ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ଭୈରବୀଙ୍କ ଆକସ୍ମିକ ଅନ୍ତର୍ଦ୍ଧାନରେ ତାଙ୍କ ମନ ବଡ଼ କ୍ଷୁର୍ଣ୍ଣ ହୋଇଗଲା । ମନେ ହେଲା ମୁଁ କ'ଣ କଲି ? ଏପରି ଗୁରୁ ପାଇ ଛାଡ଼ିଦେଲି ! ଏହା ଭାବି ପୁଣି ଜଙ୍ଗଲ ଆଡ଼କୁ ଦୌଡ଼ିଲେ, ଯାଇ ଦେଖିଲେ, କୁଟୀର ନାହିଁ କି ଭୈରବୀ ନାହାନ୍ତି । ନଗମାନନ୍ଦ ଅଧିକ ବିସ୍ମିତ ହୋଇଗଲେ । ନଗମାନନ୍ଦ ପୁନର୍ବାର ଭାବିଲେ, ଭୈରବୀ ସମ୍ଭବତଃ କୌଣସି ଊର୍ଦ୍ଧ୍ୱଜଗତର ପ୍ରାଣୀ ଯୋଗିନୀ, ଯକ୍ଷିଣୀ ଆଦିଙ୍କର ହେବେ । ଅନ୍ୟଥା ମନୁଷ୍ୟ ଏପରି ଉନ୍ନତ ହେବା ତ ସମ୍ଭବ ନୁହେଁ । ନଗମାନନ୍ଦ ମନେ ମନେ ଭାବିଲେ, କିପରି ଏହା ସମ୍ଭବ ହେଲା ? ଶେଷରେ ନାନା ସ୍ଥାନ ବୁଲି ପୁଣି ଷ୍ଟେସନକୁ ଫେରି ଆସିଲେ । ଷ୍ଟେସନମାଷ୍ଟରଙ୍କୁ କଲିକତା ଯିବା ଭଡ଼ା ପଚାରିବାରୁ ସେ କହିଲେ, 'ଅଠର ଟଙ୍କା ଦଶ ଅଣା ।' ନଗମାନନ୍ଦ ଦେଖିଲେ, ଭୈରବୀ ତାଙ୍କୁ ଯେଉଁ ଟଙ୍କା ଦେଇଛନ୍ତି ସେଥିରେ ଭଡ଼ା ଦେଇ ଆଉ ଚାରି ଅଣା ବଳୁଛି । ସେଥିରେ ତାଙ୍କର କଲିକତା ଯିବା ପର୍ଯ୍ୟନ୍ତ ଖର୍ଚ୍ଚ ଚଳିଯିବ । ସେଠାରୁ ସେ ଟିକଟ କରି କଲିକତା ଯାତ୍ରା କଲେ ।

## ଡାକ୍ତର ଆନିବେସାନ୍ତଙ୍କ ସହିତ ଆଲୋଚନା

ନଗମାନନ୍ଦ କଲିକତା ଆସି ପୂର୍ବେ ଯେଉଁଠି ଥିଲେ, ସେଠାରେ ରହିବାକୁ ଠିକ୍ ମନେ କଲେ ନାହିଁ । କାରଣ ସେ ଯେ ବର୍ତ୍ତମାନ ସନ୍ନ୍ୟାସୀ; ସନ୍ନ୍ୟାସୀଙ୍କର ପୂର୍ବ ପରିଚୟ ବାଞ୍ଛନୀୟ ନୁହେଁ । ତେଣୁ ସେ ଧର୍ମଶାଳାରେ ଅବସ୍ଥାନ କରିବାକୁ ଲାଗିଲେ । ଦୁଇ ଚାରି ଦିନ ପରେ ସମ୍ବାଦପତ୍ରରେ ଦେଖିଲେ, ଥିଓସଫିଷ୍ଟ ଆନିବେସାନ୍ତ କୃଷ୍ଣନଗରରେ ପରଲୋକ ସମ୍ବନ୍ଧରେ ବକ୍ତୃତା ଦେବେ । କୌଣସି ନୂଆ କଥା ପ୍ରକାଶ କରିବେ କି ନାହିଁ ଏବଂ ବେଦାନ୍ତ ଦର୍ଶନଠାରୁ ତାଙ୍କ ତତ୍ତ୍ୱ କେତେ ପୃଥକ୍, ଲେଡ୍‌ବିଟର ସାହେବଙ୍କଠାରୁ ସେ ଅଧିକ କିଛି ଜାଣନ୍ତି କି ନାହିଁ, ଏସବୁ ଜାଣିବା ପାଇଁ ନଗମାନନ୍ଦଙ୍କର ବଡ଼ କୌତୂହଳ ଜାତ ହେଲା । ସେ ତାଙ୍କର ଲୋଟା କମ୍ବଳ ପ୍ରଭୃତି ନେଇ ସିଆଲ୍‌ଦା ଷ୍ଟେସନ୍‌ରେ ପହଞ୍ଚିଲେ । ହାତରେ ପଇସା ନାହିଁ, ଅଥଚ ଟ୍ରେନ୍‌ରେ ଯିବାକୁ ଇଚ୍ଛା । ମାତ୍ର ବିନା ଟିକଟରେ

ଟ୍ରେନ୍‌ରେ ବସିବାକୁ ମନ ନ ହେବାରୁ ସେ ଇତସ୍ତତଃ ବୁଲିବାକୁ ଲାଗିଲେ । ବର୍ତ୍ତମାନ ସମସ୍ତ ପାଣ ସାଧୁ-ସନ୍ନ୍ୟାସୀମାନଙ୍କର ଟ୍ରେନ୍‌ରେ ଯିବା ନିମିତ୍ତ ସେତେବେଳେ ଏତେ କଡ଼ା ନିୟମ ନ ଥିଲା; କିନ୍ତୁ ଉପଯାଚକ ହୋଇ ପ୍ରାର୍ଥୀ ହେବାକୁ ହେବ, ଏହା ତାଙ୍କୁ ଭଲ ଲାଗିଲା ନାହିଁ । ଏହି ସମୟରେ କୃଷ୍ଣନଗର ବାସୀ ଜଣେ ଭଦ୍ରଲୋକ ଆପଣା ମନକୁ ପଗ୍ଭର ବୁଝିଲେ ଯେ, ସ୍ୱାମୀଜୀ କୃଷ୍ଣନଗର ଯିବେ । ଭଦ୍ରଲୋକ ଗାର୍ଡ଼ଙ୍କୁ କହି ଟ୍ରେନ୍‌ରେ ବସାଇ-ଦେବାରୁ ନିଗମାନନ୍ଦ କୃଷ୍ଣ ନଗରରେ ଉପସ୍ଥିତ ହୋଇ ପରମେଶ୍ୱର ଲାହିଡ଼ି ନାମକ ଜଣେ ଓକିଲଙ୍କ ବସାରେ ରହିଲେ । ଯଥାସମୟରେ ଉକ୍ତ ଓକିଲ ଓ ନିଗମାନନ୍ଦ ସଭାସ୍ଥଳରେ ଉପସ୍ଥିତ ହେଲେ । ସେଠାରେ ଯାଇ ଦେଖିଲେ ସଭାସ୍ଥଳ ଲୋକାରଣ୍ୟ । ବେସାନ୍ତଙ୍କ ଅଦ୍ଭୁତ ବକ୍ତୃତା ଶକ୍ତି ଓ ଶାସ୍ତ୍ରଗତ ବିଦ୍ୟାରେ ଅଗାଧ ପାଣ୍ଡିତ୍ୟ ଦେଖି ନିଗମାନନ୍ଦ ଚମତ୍କୃତ ହେଲେ । କିନ୍ତୁ ବେସାନ୍ତଙ୍କ ସାମ୍ପ୍ରଦାୟିକ ମତ ହିନ୍ଦୁ ଶାସ୍ତ୍ରର ବହିର୍ଭୂତ ବୋଲି ତାଙ୍କର ଧାରଣା ହେବାକୁ ଲାଗିଲା । ବେସାନ୍ତ ବକ୍ତୃତା ଶେଷରେ କହିଲେ ଯେ, ଯଦି କାହାର ତାଙ୍କ ବକ୍ତୃତାରେ କିଛି ଆପତ୍ତି କରିବାର ଥାଏ, କିମ୍ବା କୌଣସି ଅଂଶ ସମ୍ବନ୍ଧରେ କିଛି ସମାଲୋଚନା କରିବାର ଥାଏ, ତେବେ ତାଙ୍କ ବସାକୁ ଗଲେ ସେ ତାହା ଶୁଣିବେ ଓ ମୀମାଂସା କରିଦେବେ ।

ପରଦିନ ନିଗମାନନ୍ଦ ପୂର୍ବୋକ୍ତ ଓକିଲ ମହାଶୟଙ୍କୁ ସଙ୍ଗରେ ନେଇ ବେସାନ୍ତଙ୍କ ବସାକୁ ଯାଇ କହିଲେ, "ଆପଣ ବକ୍ତୃତାର କୌଣସି ଅଂଶରେ କହିଛନ୍ତି କି, ମୃତ୍ୟୁପରେ ପ୍ରତ୍ୟେକ ବ୍ୟକ୍ତିଙ୍କର ପୃଥିବୀରେ ଜୀବିତାବସ୍ଥାରେ ଘଟିଥିବା ସମସ୍ତ ଘଟଣା ମନେ ଥାଏ—ଏହା କିପରି ବା ସମ୍ଭବ ହୋଇପାରିବ ?"

ବେସାନ୍ତ—କାହିଁକି ସମ୍ଭବ ହୋଇପାରିବ ନାହିଁ ? ପ୍ରତ୍ୟେକ ଘଟଣା ମୃତବ୍ୟକ୍ତିଙ୍କର ମନେ ଥାଏ ।

ନିଗମାନନ୍ଦ—ମୃତ୍ୟୁ ପରେ ପ୍ରତ୍ୟେକ ଘଟଣା ଯଦି ଜୀବର ମନେ ରହିବ, ତେବେ ଆଉ ପୁନର୍ଜନ୍ମ ହେବ ନାହିଁ ।

ବେସାନ୍ତ—କାହିଁକି ହେବ ନାହିଁ । ନିଶ୍ଚୟ ହେବ ।

ଜଗମାନନ୍ଦ—ସତ୍‌ଅସତ୍ ଘଟଣା ସବୁ ଯଦି ପରକାଳରେ ସ୍ମରଣ ହୁଏ ଏବଂ ସେସବୁର ଫଳାଫଳ ଯଦି ସ୍ମୃତିପଟରେ ଉଦୟ ହୁଏ, ତେବେ ମନ୍ଦପଥ ପରିତ୍ୟାଗ କରି ପ୍ରତ୍ୟେକ ଲୋକ ଜନ୍ମମୁକ୍ତି ପଥରେ ଉପରକୁ ଉଠିଯିବେ, ଆଉ ଜନ୍ମ ହେବେ ନାହିଁ । କୁକାର୍ଯ୍ୟର କୁଫଳରେ ସେମାନେ ଏତେ ବିରକ୍ତ ହୋଇ ପଡ଼ିବେ ଯେ, ସେମାନେ ମନ୍ଦପଥ କୌଣସି ପ୍ରକାରେ ଗ୍ରହଣ କରିପାରିବେ ନାହିଁ; ସୁତରାଂ ସେମାନେ ସୁପଥ ବାଛି ନେଇ ଦେବଯାନରେ ଗତି କରିବେ ।

ବେସାନ୍ତ (ରାଗିଉଠି) ତେବେ ଆପଣ କ'ଣ କହିବାକୁ ଚାହାନ୍ତି ?

ଜଗମାନନ୍ଦ—ମୃତ ବ୍ୟକ୍ତିଙ୍କର କେବଳ ପ୍ରବଳ ଆସକ୍ତିର କଥା ସ୍ମରଣ ହୁଏ । ମନୁଷ୍ୟ ଯେଉଁ ବିଶିଷ୍ଟ ବସ୍ତୁ ପ୍ରତି ଆକୃଷ୍ଟ ଥାଏ, ସେହି ବସ୍ତୁର ଆକର୍ଷଣରେ ପ୍ରବୃତ୍ତି ପଥରେ ପୁନର୍ଜନ୍ମ ଗ୍ରହଣ କରେ । ଯେଉଁ ବ୍ୟକ୍ତି ସତ୍ ଅର୍ଥାତ୍ ଯେ ଭଗବତ୍ ଆରାଧନା କରନ୍ତି, ତାଙ୍କର ସେହି ଆରାଧନାରେ ପ୍ରବଳ ଆସକ୍ତି ଥାଏ । ସୁତରାଂ ସେ ସୁପଥରେ ଗମନ କରିବେ, ଆଉ ଫେରିବେ ନାହିଁ । ଆପଣଙ୍କର ଯୁକ୍ତି ଯେ, ପ୍ରତ୍ୟେକ ଘଟଣା ସ୍ମରଣ ରହିବ; ଏହା ଭ୍ରମପୂର୍ଣ୍ଣ, ଅବୈଜ୍ଞାନିକ ଓ ଯୁକ୍ତିବିରୁଦ୍ଧ । ମନୁଷ୍ୟ ଜୀବିତ ଅବସ୍ଥାରେ ଅନେକ କଥା ଭୁଲିଯାଉଛି । ମୃତ୍ୟୁ ଏକ ଭୀଷଣ ପରିବର୍ତ୍ତନ । ମୃତ୍ୟୁ ପରେ ଯେ ସେ ପ୍ରତ୍ୟେକ ଘଟଣା ମନେରଖିବ, ତାହା ଆପଣ କିପରି ଜାଣିଲେ ?

ବେସାନ୍ତଙ୍କ ମୁଖ ଲାଲ୍ ହୋଇଆସିଲା । ସେ ରୁକ୍ଷ ସ୍ୱରରେ କହିଲେ, ମୋର ଜ୍ଞାନଦ୍ୱାରା ଜାଣିଲି, ମୋର ଜ୍ଞାନଦ୍ୱାରା ଜାଣିଲି (My knowledge, My knowledge) !"

ବାଦାନୁବାଦରେ ବେସାନ୍ତ କେବଳ ଚିତ୍କାର କରିବାକୁ ଲାଗିଲେ । ଏହା ଦେଖି ପରମେଶ୍ୱରବାବୁ କହିଲେ, ମହାଶୟ, ଆପଣ ଯାହାଙ୍କ ସହିତ ତର୍କ କରୁଛନ୍ତି, ସେ ଆପଣଙ୍କ ଚକ୍ଷୁରେ ବାଳକ ହେଲେ ମଧ୍ୟ ବୈଦାନ୍ତିକ ସନ୍ନ୍ୟାସୀ ଏବଂ ଜଷ୍ଟିସ୍ ଲେଡ୍‌ବିଟରଙ୍କ ନିକଟରେ ରହି ପରଲୋକତତ୍ତ୍ୱ ଅନୁସନ୍ଧାନ କରିଛନ୍ତି । ଏହାଙ୍କ କଥାଶୁଣି ଆପଣଙ୍କର ଯୁକ୍ତି ଥିଲେ, କହନ୍ତୁ ।

ବେଦାନ୍ତ କିଛିଏ ପ୍ରକୃତିସ୍ଥ ହୋଇ ଈଷତ୍ ହାସ୍ୟ କରି କହିଲେ "ବେଶ୍ କହନ୍ତୁ ।"

ନିଗମାନନ୍ଦ—ଜ୍ଞାନ କହିଲେ ନାନା ପ୍ରକାର ଜ୍ଞାନ ବୁଝାଏ । କାହାଠାରୁ ଶୁଣି ଜ୍ଞାନଲାଭ ହୁଏ, ପୁସ୍ତକ ପାଠ କରି ଜ୍ଞାନ ଲାଭ ହୁଏ କିମ୍ବା ନିଜେ ସାଧନ କରି ଜ୍ଞାନ ଲାଭ ହୁଏ । ଏହି ତିନି ପ୍ରକାର ଜ୍ଞାନ ଭିତରୁ ଆପଣ କି ଭାବରେ ପରଲୋକ ସମ୍ବନ୍ଧୀୟ ଜ୍ଞାନ ଲାଭ କରିଛନ୍ତି ?

ବେଦାନ୍ତ—ଆମ ସମିତିର ଶୀର୍ଷ ଦେଶରେ ଯେଉଁମାନେ ଅଛନ୍ତି, ସେମାନଙ୍କୁ 'ମାଷ୍ଟର' କୁହାଯାଏ । ସେମାନେ ତ୍ରିକାଳଜ୍ଞ ମହାପୁରୁଷ । ହିମାଳୟର ନିଭୃତ କନ୍ଦରରେ ରହି ସେମାନେ ଲୋକହିତକର ଚିନ୍ତା କରୁଛନ୍ତି । ସେମାନଙ୍କ ଇଙ୍ଗିତରେ ଆମର ଏହି ପ୍ରତିଷ୍ଠାନ ଚାଲୁଛି । ଆମ ଭିତରେ ଯେଉଁ ଶୁଦ୍ଧାତ୍ମା, ସେମାନେ ମଝିରେ ମଝିରେ ମାଷ୍ଟରମାନଙ୍କ ସହିତ ସାକ୍ଷାତ୍ ପାଆନ୍ତି ଓ ତାଙ୍କଠାରୁ ସବୁ ଶୁଣନ୍ତି । ଆମର ଜ୍ଞାନ ସେମାନଙ୍କଠାରୁ ଶ୍ରୁତ ।

## କଲିକତା ତ୍ୟାଗ

ବେଦାନ୍ତଙ୍କ ସହିତ ଆଲୋଚନା ପରେ ନିଗମାନନ୍ଦ ତାଙ୍କ ନିକଟରୁ ବିଦାୟ ନେଇ କଲିକତା ଚାଲିଆସିଲେ; କିନ୍ତୁ କେଉଁଠାରେ ଯୋଗୀ-ଗୁରୁଙ୍କର ସନ୍ଧାନ ପାଇଲେ ନାହିଁ । ଭାବିଲେ, ଭୈରବୀଙ୍କ କଥା କଅଣ ତାହାହେଲେ ମିଥ୍ୟା ହେଲା ? ନା, ତା ତ ହୋଇ ନ ପାରେ । ଏହି ସମୟରେ କାମାକ୍ଷାରେ 'ଅମ୍ବୁବାଚୀ' ପର୍ବ ଆସନ୍ନ । ନିଗମାନନ୍ଦ କାମାକ୍ଷା-ଗମନକାରୀ କେତେଜଣ ସାଧୁଙ୍କ ସହିତ କାମାକ୍ଷା ଯିବେ ବୋଲି ଭାବିଲେ । ପୁଣି ଯିବେ କି ନ ଯିବେ—ଏହା ଭାବି ଭାବି ବହୁବଜାରଠାରୁ ମେଡ଼ିକାଲ କଲେଜ ଆଡ଼କୁ ଯାଉଛନ୍ତି, କଲେଜ ନିକଟସ୍ଥ ଶିବମନ୍ଦିର ପାହାଚ ଉପରେ ଜଣେ ଭୈରବୀଙ୍କୁ ଦେଖିବାକୁ ପାଇଲେ । ତାହାଙ୍କର ଆଖିରେ ସ୍ୱାମୀଜୀଙ୍କ ଆଖି ପଡ଼ିବାମାତ୍ରେ ଭୈରବୀ ସ୍ୱାମୀଜୀଙ୍କୁ ସମ୍ମୋହିତ କରିବାକୁ ଲାଗିଲେ । ନିଗମାନନ୍ଦ ଭୈରବୀଙ୍କ ସମ୍ବନ୍ଧରେ ଚିନ୍ତା କରି କିଛି ଦୂର ଯାଇ ପୁନର୍ବାର ଶିବମନ୍ଦିର ସମ୍ମୁଖ ଦେଇ ଦୁଇ ଚାରି ଥର ଯାତାୟତ କରିବାକୁ ଲାଗିଲେ ଓ

ଭୈରବୀଙ୍କ ଆଡ଼କୁ ଘୁଞ୍ଚିରହିଲେ । ଭୈରବୀ ଦାନ୍ତ ଚିପି ହସୁଥାଆନ୍ତି । ସେତେବେଳେ ହଠାତ୍ ନିଗମାନନ୍ଦଙ୍କର ମନେହେଲା, ଏ କ'ଣ ? ମୁଁ କ'ଣ ସମ୍ମୋହିତ ହୋଇଯାଉଛି ? ମୁଁ ଯାତାୟତ କରୁଛି କାହିଁକି ? ସେ କିଛିକ୍ଷଣ ଚକ୍ଷୁ ମୁଦ୍ରିତ କରି ଭାବି ସ୍ଥିର କଲେ ଯେ, ସେ ସର୍ବଦା ଆତ୍ମଭାବସ୍ଥ ନ ଥିବାରୁ ଓ ଅନ୍ୟମନସ୍କ ଥିବାରୁ ଏହି ସୁଯୋଗରେ ଭୈରବୀ ତାଙ୍କୁ ସମ୍ମୋହିତ କରିପାରିଛି । କାଳ ବିଳମ୍ବ ନ କରି ସେ ସ୍ଥାନ ତ୍ୟାଗ କରି ଧର୍ମଶାଳାରେ ଉପସ୍ଥିତ ହୋଇ ନିଗମାନନ୍ଦ ସ୍ଥିର କଲେ ଯେ, ଆତ୍ମଦର୍ଶନ ପର୍ଯ୍ୟନ୍ତ ଅର୍ଥାତ୍ ସାଧକ ଅବସ୍ଥାରେ ଦାରୁମୟୀ ସ୍ତ୍ରୀମୂର୍ତ୍ତି ମଧ୍ୟ ସେ ଆଉ ଦେଖିବେ ନାହିଁ । ସାଧିକାମାନଙ୍କ ପକ୍ଷରେ ମଧ୍ୟ ତଦ୍ରୂପ । ସାଧକମାନଙ୍କର ଲୋକାଳୟରେ ବିଶେଷତଃ କଲିକତା ପରି ଜନାକୀର୍ଣ୍ଣ ସ୍ଥାନରେ ରହିବା ଠିକ୍ ନୁହେଁ । ଏହା ଭାବି କାମାକ୍ଷାଯାତ୍ରୀ କତିପୟ ସାଧୁଙ୍କ ସହିତ ସେ କାମାକ୍ଷା ଯାତ୍ରା କଲେ ।

## କାମାକ୍ଷା ଗମନ

କାମାକ୍ଷା ଆସି ନିଗମାନନ୍ଦ ସେଠାରେ ଅସମ୍ଭବ ପ୍ରକାରର ସାଧୁ-ସମାଗମ ଦେଖିଲେ ।

ଏଠାରେ ଶକ୍ତିସାଧକମାନେ ମାରଣ, ଉଚ୍ଚାଟନ, ଯୋଗିନୀ, ଭୂତ, ପ୍ରେତାଦି ସକାମ ସାଧନା କଲେ, ସିଦ୍ଧିଲାଭ କରନ୍ତି ବୋଲି ପ୍ରବାଦ ଅଛି । ଏଠାରେ ଦେବୀଙ୍କର ଯୋନି ପତିତ ହୋଇଥିଲା । ପ୍ରତି ବର୍ଷ 'ଅମ୍ବୁବାଚୀ' ସମୟରେ ପୀଠରୁ ଅଜସ୍ର ରକ୍ତସ୍ରାବ ହୋଇଥାଏ ବୋଲି ଲୋକେ କହନ୍ତି । ଜନଶ୍ରୁତିକୁ ପରୀକ୍ଷା କରିବା ନିମିତ୍ତ ନିଗମାନନ୍ଦ ପଣ୍ଡାଙ୍କୁ ପ୍ରତି ରାତିରେ ଦୁଇ ଟଙ୍କା ଲେଖାଏଁ ଦେଇ ମନ୍ଦିରାଭ୍ୟନ୍ତରକୁ ଯାଇ ପୀଠ ମଧ୍ୟରେ ହାତ ଦେଇ ଦେଖିଲେ, ଏହା ମିଥ୍ୟା । ତେବେ ଏଠାରେ ଗୋଟିଏ ପାରଦର ପ୍ରସ୍ରବଣ ଅଛି ବୋଲି ତାଙ୍କର ମନେହେଲା । ଅମ୍ବୁବାଚୀ ପର୍ବ ଗତ ହେଲା । କିଛି ଦିନ ସେଠାରେ ରହିବା ପରେ ତାଙ୍କର ପରଶୁରାମ ତୀର୍ଥ ଦର୍ଶନ କରିବାକୁ ଇଚ୍ଛା ହେଲା । କାମାକ୍ଷାରେ ଶୀତକାଳ ପର୍ଯ୍ୟନ୍ତ ଅପେକ୍ଷା କରି ସେ ଗୌହାଟୀରୁ ଡିବ୍ରୁଗଡ଼ ଆସି କେତେଜଣ ସାଧୁଙ୍କ ସହିତ ଷ୍ଟେସନରେ ଯାଇ ସାଦିୟାରେ

ପହଞ୍ଚିଲେ । ସେଠାରୁ ଦୁର୍ଗମ ଶ୍ୱାପଦସଙ୍କୁଳ ବନଭୂମି ଅତିକ୍ରମ କରି ପରଶୁରାମ ତୀର୍ଥରେ ଉପନୀତ ହେଲେ ।

## ପରଶୁରାମ ତୀର୍ଥ

ନିଗମାନନ୍ଦ ପରଶୁରାମ ତୀର୍ଥରେ ପହଞ୍ଚି ବ୍ରହ୍ମକୁଣ୍ଡରେ ସ୍ନାନ ସମାପନ କରି ସେଠାରେ ଅବସ୍ଥାନ କଲେ । ଦୁଇ ଦିନ ପରେ ସେ ପ୍ରବଳ ଜ୍ୱର ଓ ଆମାଶୟ ରୋଗରେ ଆକ୍ରାନ୍ତ ହୋଇ ପଡ଼ିଲେ । ତାଙ୍କର ଉତ୍ଥାନଶକ୍ତି ରହିତ ହୋଇଗଲା । ନିଗମାନନ୍ଦ ବଡ଼ ଚିନ୍ତିତ ହୋଇ ସଙ୍ଗୀମାନଙ୍କୁ ଦୁଇ ଚାରି ଦିନ ଅପେକ୍ଷା କରିବାକୁ କହିଲେ । କିନ୍ତୁ ସେମାନେ ଦିନେ ନିଗମାନନ୍ଦଙ୍କ ଅଗୋଚରରେ ରାତିରୁ ଉଠି ପଳାଇଗଲେ । ନିଗମାନନ୍ଦ ତା ପରଦିନ ସକାଳେ ଦେଖିଲେ ଯେ, ସଙ୍ଗୀମାନେ ତାଙ୍କୁ ଛାଡ଼ି ଚାଲି ଯାଇଛନ୍ତି, ଆଉ କେହି ନାହାନ୍ତି । ଏକାକୀ ଏହି ପାହାଡ଼ିଆ ଜଙ୍ଗଲରେ କେଉଁଠାକୁ ଯିବେ ଭାବି, ତାଙ୍କ ଦେହ ଥରିଉଠିଲା । ଏହି ସମୟରେ ଜଣେ ପାହାଡ଼ିଆ ଲୋକ ଆସି ଉପସ୍ଥିତ ହେଲା । ସେ ନିଗମାନନ୍ଦଙ୍କ ଯନ୍ତ୍ରଣା ଦେଖି ବନ୍ୟ ଲତାପତ୍ର ଆଣି ତାର ରସ ଖାଇବାକୁ ଦେଇ ତା ସଙ୍ଗରେ ଯିବାକୁ ଇଙ୍ଗିତ କଲା । ନିଗମାନନ୍ଦ ବାଧ୍ୟ ହୋଇ ତା କାନ୍ଧରେ ଭର ଦେଇ ତାହାର କୁଟୀରକୁ ଗଲେ ।

## ପାହାଡ଼ିଆ ଲୋକଙ୍କ ଆତିଥ୍ୟ

ଆମ୍ଭେମାନେ ସଭ୍ୟ ଶିକ୍ଷିତ ବୋଲି ଅଭିମାନ କରୁ; କିନ୍ତୁ ଅତିଥି ଦେଖିଲେ ଦିନକ ପାଇଁ ମଧ୍ୟ ଆଶ୍ରୟ ଦେବାକୁ କୁଣ୍ଠିତ ହୋଇଥାଉଁ । କାହାକୁ ବିପଦରେ ପଡ଼ିବା ଦେଖିଲେ, ତାକୁ ଚାହୁଁ ନାହିଁ; କିନ୍ତୁ ଏ ଅଶିକ୍ଷିତ ଜଙ୍ଗଲୀ ଲୋକଙ୍କର ଦୟା ଓ ଆତିଥ୍ୟରେ ନିଗମାନନ୍ଦ ମୁଗ୍ଧ ହୋଇଗଲେ । ସେମାନଙ୍କ ସେବା ଶୁଶ୍ରୂଷାରେ କ୍ରମେ ସେ ସୁସ୍ଥ ହେବାକୁ ଲାଗିଲେ ।

## ପାହାଡ଼ ଭ୍ରମଣ

ଗୋଟିଏ ସ୍ଥାନରେ ବେଶୀଦିନ ରହିବାକୁ ଭଲ ନ ଲାଗିବାରୁ ନିଗମାନନ୍ଦ ଦିନେ ଦିନେ ପାହାଡ଼ର ଏଣେତେଣେ ବୁଲିବାକୁ ଯାଆନ୍ତି । ଦୂରବର୍ତ୍ତୀ ଆଉ ଅନେକ ପାହାଡ଼ୀ ଲୋକଙ୍କ ସହିତ ମଧ୍ୟ ତାଙ୍କର ପରିଚୟ ହେଲା । ସେ ପ୍ରତ୍ୟହ ନୂତନ ନୂତନ ସ୍ଥାନକୁ ଯାଇ ଭ୍ରମଣ କରି ଗିରିଆଡ଼ର ଦର୍ଶନୀୟ ଶୋଭାମାନ ଦେଖିବାକୁ ଲାଗିଲେ । ବସ୍ତି ପରେ ବସ୍ତି, ଜଙ୍ଗଲ ପରେ ଜଙ୍ଗଲ ଅତିକ୍ରମ କରୁ କରୁ ଦିନେ ନିଗମାନନ୍ଦ ବ୍ରହ୍ମକୁଣ୍ଡର ପ୍ରାୟ ୪୦ ମାଇଲ ଉତ୍ତରରେ ଥିବା ଗୋଟିଏ ପାହାଡ଼ିଆ ବସ୍ତିରେ ଯାଇ ପହଞ୍ଚିଲେ । ଏହି ବସ୍ତିରେ ଅବସ୍ଥାନ କରୁଥିବା ସମୟରେ ନିଗମାନନ୍ଦ ଦିନେ ଉପରବେଳା ଗୋଟିଏ ଛୁଣ୍ଡା ତାଳପତ୍ର ଛତା ନେଇ ବୁଲିବାକୁ ଯାଇଥିଲେ ଅନେକ ଉଚ୍ଚନୀଚ ପାହାଡ଼ ପାର ହୋଇ ସେ ଗୋଟିଏ ସୁନ୍ଦର ମନୋରମ ସ୍ଥାନରେ ଆସି ଉପସ୍ଥିତ ହେଲେ । ଏହି ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ସେ କ୍ଳାନ୍ତ ଦୂର କରିବା ନିମିତ୍ତ ସେଠାରେ ବସିପଡ଼ିଲେ । ସେ ବସିବସି ଭଗବାନଙ୍କର ବିଚିତ୍ର ସୃଷ୍ଟିରହସ୍ୟ କଥା ଚିନ୍ତା କରିବାକୁ ଲାଗିଲେ । କେତେ ନଦୀ, କେତେ ପାହାଡ଼, ପର୍ବତ, ଦେଶବିଦେଶର କଥା ତାଙ୍କର ମନେ ପଡ଼ିଗଲା । ଜନ୍ମଭୂମି କଥା ଜୀବନର ପୂର୍ବ ଅବସ୍ଥା, ବାଲ୍ୟକାଳ, ପିତାମାତା, ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନଙ୍କ କଥା ମଧ୍ୟ ଗୋଟି ଗୋଟି କରି ମନରେ ଖେଳିଗଲା । ଅବଶେଷରେ ସ୍ତ୍ରୀଙ୍କର କଥା ମନେ ପଡ଼ିବାରୁ ମନ ଚଞ୍ଚଳ ହୋଇ ଉଠିଲା । ବେଦବେଦାନ୍ତ-ଉପନିଷଦ-ପୁରାଣାଦି ଏତେ ଅଭ୍ୟାସ କରିଥିଲେ ହେଁ ସେ ସମୟରେ କେହି ସେ ଚିନ୍ତାସ୍ରୋତକୁ ବାଧା ଦେଇ-ପାରିଲେ ନାହିଁ । ନିଗମାନନ୍ଦ ଭାବିଲେ, ତାହାହେଲେ ଏତେ ଦିନ ହେଲା କ'ଣ ମିଛରେ ବେଦାନ୍ତ ଅଭ୍ୟାସ କଲି ? ନାହିଁ, କେହି ତ ମୋର ଏହି ସଂସ୍କାରର ସ୍ରୋତକୁ ବାଧା ଦେଇ ପାରିଲେ ନାହିଁ ? ସେ କ୍ରମେ ଆତ୍ମହରା ହୋଇ ପଡ଼ିଲେ ।

## ଭୀଷଣ ଅରଣ୍ୟରେ ପଥଭ୍ରାନ୍ତ ଓ ବୃକ୍ଷକୋଟରରେ ରାତ୍ରି ଯାପନ

କେତେ ସମୟ ପରେ ଜ୍ଞାନଲାଭ ହେବାରୁ ନିଗମାନନ୍ଦ ଦେଖିଲେ ଯେ, ସନ୍ଧ୍ୟା ଉତ୍ତୀର୍ଣ୍ଣ ହୋଇଯାଇଛି । ପାହାଡ଼ିଆ ବସ୍ତିକୁ ଫେରିବେ ବୋଲି ସେ ଶୀଘ୍ର ଶୀଘ୍ର ଚାଲିବାକୁ ଲାଗିଲେ । ଅନ୍ଧକାରରେ କିଛି ଦୂର ଯାଇ ଦେଖିଲେ ଯେ, ସେ ଯେଉଁ ଆଡ଼କୁ ଯାଉଛନ୍ତି, ସେଆଡ଼େ ଭୀଷଣ ଅରଣ୍ୟ । ଏଣେତେଣେ ବୁଲି ନିରସ୍ତ ହୋଇ ଭାବିଲେ, 'ସମ୍ଭବତଃ ଆଜି ବାଘଭାଲୁଙ୍କ କବଳରେ ପ୍ରାଣ ଯିବ ।' ଗଛରେ ଚଢ଼ିଲେ ବ୍ୟାଘ୍ର ଭଲ୍ଲୁକଙ୍କ ହାତରୁ ବା ରକ୍ଷା ମିଳିପାରନ୍ତା; କିନ୍ତୁ ତାଙ୍କର ଯେ ଗଛଚଢ଼ା ଅଭ୍ୟାସ ଆଦୌ ନାହିଁ । ନିକଟରେ ଗୋଟିଏ ବରଗଛର ଡାଳ ତଳକୁ ଝୁଲି ପଡ଼ିଥିବାର ଦେଖି ସେ ତାହା ଧରି ଉଠିବାକୁ ଚେଷ୍ଟା କଲେ । ବହୁ କଷ୍ଟରେ ଗଛରେ ଚଢ଼ି ଦେଖିଲେ, ଗଛର ନିମ୍ନଦେଶରେ ଗୋଟିଏ ପ୍ରକାଣ୍ଡ ଗହ୍ୱର; ଜଣେ ମନୁଷ୍ୟ ଖୁବ୍ ସ୍ୱଚ୍ଛନ୍ଦରେ ସେଥିରେ ବସିପାରିବ । ଅନ୍ଧକାର ହେତୁ କିଛି ଦିଶୁ ନ ଥିଲା । ନିଗମାନନ୍ଦ ଛତାରେ ଆଘାତ କରି ତନ୍ମଧ୍ୟରେ କିଛି ନ ଥିବାର ଜାଣିଲେ; କିନ୍ତୁ ପରେ ଭୟ ହେଲା, କାଳେ କୌଣସି ଜନ୍ତୁ ଆହାର ଅନ୍ୱେଷଣ ପରେ ଏଠାକୁ ଫେରିଆସିବ । ଶେଷରେ ସେ ବହୁତ ଭାବି ଭାବି ନିରୁପାୟ ହୋଇ ଛତାଟିକୁ ଗହ୍ୱରମୁଖରେ ଦେଇ ତା ଭିତରେ କଷ୍ଟରେ ବସିରହିଲେ । ରାତି ଶେଷକୁ ଟିକିଏ ନିଦ ହେଲା ।

## ଯୋଗୀଗୁରୁ ଦର୍ଶନ

କିଛି ସମୟ ପରେ ନିଗମାନନ୍ଦଙ୍କର ହଠାତ୍ ନିଦ ଭାଙ୍ଗିଯିବାରୁ ସେ ଦେଖିଲେ ଯେ ବଣର ଚାରିଆଡ଼ ଆଲୋକମୟ ହୋଇଯାଇଛି । ଘଟଣା କ'ଣ ତାହା ଜାଣିବାକୁ ସେ ବୃକ୍ଷକୋଟର ମଧ୍ୟରୁ ବାହାରି ପଡ଼ିଲେ । ସମ୍ମୁଖରେ ଦେଖିଲେ, ଗଛମୂଳରେ ଶୁଷ୍କ ପତ୍ରଦ୍ୱାରା ଅଗ୍ନି ପ୍ରଜ୍ୱଳିତ କରି ଜଣେ ମନୁଷ୍ୟ ବସିଛନ୍ତି । ବିଜନ ବନରେ ମନୁଷ୍ୟ ଦେଖି ନିଗମାନନ୍ଦ ନାନା ଚିନ୍ତା କରିବାକୁ ଲାଗିଲେ । ଭାବିଲେ, ହଠାତ୍ ଏଠାକୁ ମନୁଷ୍ୟ ଆସିଲେ କିପରି ?

ଏ କଅଣ ମୋର ପରି ପଥ ଭୁଲି କୁପଥରେ ଘୂରୁଛନ୍ତି ନା କୌଣସି ଭୂତପ୍ରେତ ? ଭୟରେ ତାଙ୍କ ଦେହ ଥରିବାକୁ ଲାଗିଲା, କିନ୍ତୁ ସେ ଅବସ୍ଥା ରହିଲା ନାହିଁ । ସାହସ କରି ଗଛରୁ ତଳକୁ ଆସି ସେ ଏହି ମନୁଷ୍ୟମୂର୍ତ୍ତିଙ୍କ ନିକଟରେ ଦଣ୍ଡାୟମାନ ହେଲେ । ଗଛରୁ ଓହ୍ଲାଇବାବେଳେ ଶବ୍ଦ ହେଲେ ମଧ୍ୟ ସେ ବ୍ୟକ୍ତି ଟିକିଏ ହେଲେ ଚାହିଁଲେ ନାହିଁ । ନିଗମାନନ୍ଦ ନିକଟକୁ ଯାଇ ଦେଖିଲେ ଜଣେ କୌପୀନ ପରିହିତ ସାଧୁ; ନିକଟରେ ଗଞ୍ଜେଇ ଚିଲମ । ସେ ମୁଣ୍ଡ ନୁଆଁଇ ଗଞ୍ଜେଇ ଦଳୁଛନ୍ତି । ଗଞ୍ଜେଇ ଖାଇବା ପାଇଁ ଧୁନି ଜାଳିଛନ୍ତି । ଏଠାରେ ଯେ ସାଧୁସନ୍ନ୍ୟାସୀ ରହନ୍ତି, ନିଗମାନନ୍ଦ ଏହା ପୂର୍ବରୁ କାହାରିଠାରୁ ଶୁଣି ନ ଥିଲେ । ସାହାସ କରି ସେ ସାଧୁଙ୍କୁ କିଛି ପଚାରିପାରିଲେ ନାହିଁ । ଭୀତତ୍ରସ୍ତ ଭାବରେ ନିକଟକୁ ଯାଇ ବସିଲେ ମଧ୍ୟ ସାଧୁ ତାଙ୍କୁ ଚାହିଁଲେ ନାହିଁ । ପରେ ଚିଲମ ଲଗାଇ ସାଧୁ ନିଜେ ଥରେ ଟାଣି ନିଗମାନନ୍ଦଙ୍କ ଆଡ଼କୁ ତାହା ବଢ଼ାଇଦେଲେ । ଗଞ୍ଜେଇ ଟଣା ଶେଷ ହେଲା ମାତ୍ରକେ ଧୁନି ଲିଭାଇ ଦେଇ ଚିମୁଟା ହାତରେ ଧରି ନିଗମାନନ୍ଦଙ୍କୁ ତାଙ୍କର ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇ ସାଧୁ ଚାଲିବାକୁ ଲାଗିଲେ । ସେ ଏତେ ଶୀଘ୍ର ଚାଲିଲେ ଯେ, ନିଗମାନନ୍ଦ ତାଙ୍କ ପଛରେ ଦଉଡ଼ି ଦଉଡ଼ି ମଧ୍ୟ ପାରିଲେ ନାହିଁ । ନିଗମାନନ୍ଦ ଯାଉ ଯାଉ ବଙ୍କିମଚନ୍ଦ୍ରଙ୍କର 'କପାଳକୁଣ୍ଡଲୀ' ଗଳ୍ପ ମନେ ପଡ଼ିଗଲା । କାପାଳିକ ଯେପରି ପଥହରା ନନ୍ଦକୁମାରକୁ ହତ୍ୟା କରିବ ବୋଲି ନେଇ ଯାଉଥିଲା, ତାଙ୍କୁ ସେହିପରି ହତ୍ୟା କରିବାକୁ ସାଧୁ ନେଉଛନ୍ତି ନା କ'ଣ ? ସେ ତ ନନ୍ଦକୁମାର ପରି ପଥହରା ପଥିକ ଓ ସାଧୁଙ୍କ ଚେହେରା ତ ସେହି କାପାଳିକ ପରି । ଏହା ଭାବି ସେ ସାଧୁଙ୍କ ପଛରେ ନ ଯାଇ ରହିଗଲେ; କିନ୍ତୁ ସାଧୁ ପଛକୁ ଫେରି ଚାହିଁଲେ ନାହିଁ । ତହୁଁ ନିଗମାନନ୍ଦ ଭାବିଲେ, ନା, ଏ କାପାଳିକ ନୁହଁନ୍ତି; କାପାଳିକ ହୋଇଥିଲେ ତ ଫେରି ଚାହାଁନ୍ତେ । ଏହା ଭାବି ନିଗମାନନ୍ଦ ବହୁ କଷ୍ଟ ସହ୍ୟ କରି ଦଉଡ଼ି ଦଉଡ଼ି ଯାଇ ତାଙ୍କ ପାଖରେ ପହଞ୍ଚିଲେ ।

ସାଧୁ ଓ ନିଗମାନନ୍ଦ ପୂର୍ବପରି ଚାଲି ଚାଲି ଶେଷରେ ଗୋଟିଏ ମୁଣ୍ଡିଆ ନିକଟରେ ଉପସ୍ଥିତ ହେଲେ । ସ୍ଥାନଟି ବେଶ୍ ପରିଷ୍କାର । ନିକଟରେ ଗୋଟିଏ ଶ୍ରେଷ୍ଠ ଝରଣା । ଏହିଠାରେ ସାଧୁ ନିଗମାନନ୍ଦଙ୍କ ଆଡ଼କୁ

ଫେର ଗୃହିଁଲେ । କି ବିଶାଳ ମୂର୍ତ୍ତି । ଉଜ୍ଜ୍ୱଳ ଗୌରବର୍ଣ୍ଣ, ପ୍ରଶାନ୍ତ ବକ୍ଷସ୍ଥଳ, ପ୍ରଶସ୍ତ ଲଲାଟ, ଘନକୃଷ୍ଣ ଦୀର୍ଘ-କୁଞ୍ଚିତ କେଶ, ଆକର୍ଣ୍ଣ ବିସ୍ତୃତ ନୟନଯୁଗଳ, ଜ୍ୟୋତିର୍ମୟ ମୁଖମଣ୍ଡଳ । ଏପରି ସୁନ୍ଦର ମୂର୍ତ୍ତି ଦେଖି ନିଗମାନନ୍ଦ ବିସ୍ମୟ ଓ ଆନନ୍ଦରେ ଅଧୀର ହୋଇ ତାଙ୍କ ଚରଣତଳେ ପ୍ରଣାମ କଲେ । ସାଧୁ ସ୍ନେହରେ ନିଗମାନନ୍ଦଙ୍କ ହାତ ଧରି ଉଠାଇ କହିଲେ, "ବତ୍ସ, ହଠାତ୍ ସ୍ୱପ୍ନରେ ବନ ମଧ୍ୟରେ ମୋତେ ଦେଖିଲ । ମୁଁ ତୁମକୁ କିଛି ନ କହି ମୋର ପଶ୍ଚାତ୍‌ଧାବନ କରିବାକୁ ଇଙ୍ଗିତ କଲି । ଏଥିରେ ବୋଧହୁଏ ତୁମେ ବିସ୍ମିତ ଓ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଛ, ଭୟ ମଧ୍ୟ କରୁଛ । ମୁଁ କିନ୍ତୁ ତୁମକୁ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ନାହିଁ । କାରଣ ଏଥି ପୂର୍ବରୁ ତୁମେ କିଏ, କାହିଁକି ବୁଲୁଛ, ତୁମର ଅଭାବ କଅଣ, କାହିଁକି ବା ଗଭିର ଜଙ୍ଗଲରେ ଥିଲ, ସେସବୁ ମୁଁ ଅବଗତ ହୋଇ ତୁମକୁ ଆଣିବା ପାଇଁ ସେଠାକୁ ଯାଇଥିଲି । ମୋଦ୍ୱାରା ତୁମର ବାସନା ସିଦ୍ଧ ହେବ ।" ଏହା କହି ସାଧୁ ନିଗମାନନ୍ଦଙ୍କର ଏ ଜନ୍ମର, ପୂର୍ବ ଜନ୍ମର ଓ ଭବିଷ୍ୟତର ଅନେକ ଗୁପ୍ତ କଥା ବ୍ୟକ୍ତ କଲେ । ତାହା ଶୁଣି ନିଗମାନନ୍ଦ ଆହୁରି ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ସେ ବୁଝିଲେ, ଏ ଜଣେ ଯୋଗସିଦ୍ଧ ମହାପୁରୁଷ । ତେଣୁ ସବୁ ଦୁଃଖକଷ୍ଟ ଭୁଲି ତାଙ୍କୁ ଆତ୍ମସମର୍ପଣ କରି ତାଙ୍କ ନିକଟରେ ଶରଣପ୍ରାର୍ଥୀ ହେଲେ ।

## ଯୋଗଶାସ୍ତ୍ରାଲୋଚନା

ମହାପୁରୁଷ ପାହାଡ଼ ନିକଟକୁ ଯାଇ ଗୋଟିଏ ସ୍ଥାନରୁ ବଡ଼ ପଥର ଖଣ୍ଡେ ଟାଣି ବାହାର କଲେ । ସେ ପଥରଖଣ୍ଡ କପିକଲ ପରି ଗୋଟିଏ ଗୁହା ମୁଖରେ ଲଗା ହୋଇଥିଲା । ପଥର ବାହାରିଯିବାରୁ ନିଗମାନନ୍ଦ ପାହାଡ଼ ଦେହରେ ଏକ ପ୍ରକାଣ୍ଡ ଗହ୍ୱର ଦେଖିଲେ । ସେହି ମହାପୁରୁଷ ଓ ନିଗମାନନ୍ଦ ଉଭୟ ଗୁହା ଭିତରେ ପ୍ରବେଶ କଲେ । ଭିତରେ ଛୋଟ ଛୋଟ ଦୁଇଟି କୋଠରୀ; ଗୋଟିକରେ ରନ୍ଧନ ଓ ଖିଆପିଆ ହୁଏ, ଅନ୍ୟଟିରେ ସାଧନାଦି କରାଯାଏ । ଶେଷୋକ୍ତ କୋଠରୀଟି ତାଳପତ୍ର ପୋଥିଦ୍ୱାରା ପୂର୍ଣ୍ଣ । ପୋଥି-

ଗୁଡ଼ିକ ହିନ୍ଦୀରେ ଲେଖା । ଯେତେବେଳକୁ ସୂର୍ଯ୍ୟ ଉଦୟ ହୋଇଯାଇଥିଲେ । ନିଗମାନନ୍ଦ ଘର ଭିତରେ ଆହାରସାମଗ୍ରୀ କିଛି ଦେଖିଲେ ନାହିଁ । ସେତେବେଳକୁ ସେ ଦାରୁଣ କ୍ଷୁଧାରେ କାତର ହୋଇ ପଡ଼ିଥିଲେ । ମହାପୁରୁଷ ନବାଗତଙ୍କୁ ଗୋଟିଏ ଝରଣା ଦେଖାଇ ସେଠାରେ ସ୍ନାନ କରିବାକୁ ନିର୍ଦ୍ଦେଶ ଦେଇ କେଉଁଆଡ଼େ ଚାଲିଗଲେ । ଅଳ୍ପ କେତେ ସମୟ ପରେ ଫେରିଆସି ନିଗମାନନ୍ଦଙ୍କୁ କିଛି କନ୍ଦମୂଳ ଖାଇବାକୁ ଦେଲେ । ଏଠାରେ କନ୍ଦମୂଳ ଓ ବନ ଫଳ ବ୍ୟତୀତ ଅନ୍ୟ କିଛି ମିଳେ ନାହିଁ । ମହାପୁରୁଷ ସାତ ଆଠ ଦିନ ଅନ୍ତରରେ ଥରେ ଲେଖାଏଁ ବାହାରକୁ ଯାଇ ବସ୍ତିରୁ ଚାଉଳ ମାଗି ଆଣନ୍ତି । ସେଠାରେ ଅବସ୍ଥାନ କରିବା ସମୟରେ ନିଗମାନନ୍ଦ ସପ୍ତାହରେ ଥରେ ମାତ୍ର ଭାତ ଓ କନ୍ଦମୂଳ ସିଝା ଖାଇବାକୁ ପାଇଥିଲେ । ମହାପୁରୁଷଙ୍କ ନାମ **ଉଦାସୀନାଚାର୍ଯ୍ୟ ଯୋଗୀ ସୁମେରୁଦାସଜୀ'** । ସୁମେରୁଦାସଜୀ ନିଗମାନନ୍ଦଙ୍କୁ ହସ୍ତଲିଖିତ ଯୋଗ ଓ ସ୍ୱରୋଦୟ ଶାସ୍ତ୍ର ପାଠ କରିବାକୁ ଦେଲେ । ନିଗମାନନ୍ଦ ଅରଣ୍ୟମଧ୍ୟରେ ଏତେଗୁଡ଼ିଏ ଗ୍ରନ୍ଥ ଦେଖି ତାଙ୍କୁ ପଚାରିଲେ, "କିପରି ଭାବରେ ଏସବୁ ଏଠାକୁ ଆସିଲା ?" ସୁମେରୁଦାସଜୀ କହିଲେ, "ମୁସଲମାନମାନେ ଭାରତ ଆକ୍ରମଣ କରି ଯେତେବେଳେ ମନ୍ଦିର ଲୁଣ୍ଠନ ଓ ଶାସ୍ତ୍ରାଗାର ଭସ୍ମୀଭୂତ କଲେ, ସେତେବେଳେ ହିନ୍ଦୁ ସାଧୁମାନେ ଅତ୍ୟାଚାର ସହ୍ୟ କରି ନ ପାରି ସେମାନଙ୍କର ଅମୂଲ୍ୟ ଶାସ୍ତ୍ରଗୁଡ଼ିକ ନେଇ ବଣ ଜଙ୍ଗଲରେ ଆଶ୍ରୟ ନେଲେ । ସେମାନଙ୍କ ଭିତରୁ ଅନେକ ଏଠାରେ ଥିଲେ । ଗୁରୁପରମ୍ପରାକ୍ରମେ ଏହି ଶାସ୍ତ୍ରସବୁ ମୁଁ ପାଇଛି । ପରେ ଭାରତର ସୁଦିନ ହେଲେ ଏସବୁ ଲୋକାଳୟକୁ ଫେରିଯିବ ।"

## ପ୍ରାଥମିକ ଶିକ୍ଷା ଓ ଉପଦେଶ

ନିଗମାନନ୍ଦ ଦେଖିଲେ ଯେ, ଦେଶରେ ଯେଉଁ ଗ୍ରନ୍ଥ ସ୍ୱରୋଦୟ ଶାସ୍ତ୍ର ବୋଲି ପ୍ରଚଳିତ, ଏଠା ହସ୍ତଲିଖିତ ସ୍ୱରୋଦୟ ଶାସ୍ତ୍ର ସହିତ ତାହାର ବିଶେଷ ସାମଞ୍ଜସ୍ୟ ନାହିଁ । ପ୍ରଥମେ ଦେହତତ୍ତ୍ୱ, ବାୟୁତତ୍ତ୍ୱ, ନାଡ଼ୀତତ୍ତ୍ୱ ପ୍ରଭୃତି ଯାହା ଯୋଗଶାସ୍ତ୍ରର ମୂଳ କଥା, ତାହା ସୁମେରୁଦାସଜୀ ନିଜେ ବୁଝାଇବାକୁ

ଲାଗିଲେ । ଜଗମାନନ୍ଦ ଗଛବକଳରେ ପଥରର ଉପଦ୍ରାଗ ତାହାସବୁ ଲେଖି ରଖୁଥିଲେ ଓ ସେସବୁ ଅଭ୍ୟାସ କରୁଥିଲେ । ଯୋଗଶାସ୍ତ୍ରର ମର୍ମକଥା ସୁମେରୁଦାସଜୀଙ୍କଠାରୁ ଶୁଣି ଏବଂ ସଙ୍ଗେ ସଙ୍ଗେ ତାହାର ମୌଖିକ ବିଶ୍ଳେଷଣ ଓ ସେସବୁର ଅତି ଅଦ୍ଭୁତ ପ୍ରକ୍ରିୟାଗୁଡ଼ିକର ସୂକ୍ଷ୍ମ ଦର୍ଶନ କରି ଜଗମାନନ୍ଦଙ୍କର ବିସ୍ମୟର ଅବଧି ରହିଲା ନାହିଁ । ଭାବ ଓ ଭକ୍ତିରେ ହୃଦୟ ପୂର୍ଣ୍ଣ ହୋଇଗଲା । ଯୋଗଶାସ୍ତ୍ରରେ ଯେଉଁସବୁ ପ୍ରକ୍ରିୟା ଅଛି, ତାହା ଆଜିକାଲିର ଲୋକଙ୍କ ପକ୍ଷରେ ଶିକ୍ଷା କରିବା ବିଶେଷ କଷ୍ଟକର । ସୁମେରୁଦାସଜୀ ସେସବୁ ନ ଶିଖାଇ ଅନେକ ସହଜସାଧ୍ୟ କୌଶଳ ଦେଖାଇଦେଲେ ଓ ଯୋଗର ସମାଧି ଆସିଲେ, ସର୍ବପ୍ରଥମେ ଯାହା କର୍ତ୍ତବ୍ୟ, ତାହା ମଧ୍ୟ ଉପଦେଶ ଦେଲେ । ସମାଧି ଅବସ୍ଥାରେ ଦେହରେ କିପରି ଚିହ୍ନ ସବୁ ପ୍ରକଟ ହୁଏ, ତାହା ସେ ଦେଖାଇଲେ । ଜଗମାନନ୍ଦ ଜାଣିଲେ ଯେ, ପ୍ରକୃତ ଯୋଗୀମାନେ ଗିରିଗୁହା ବ୍ୟତୀତ କୌଣସି ଲୋକାଳୟରେ ରହନ୍ତି ନାହିଁ ।

ଅବସର ସମୟରେ ଜଗମାନନ୍ଦ ସୁମେରୁଦାସଜୀଙ୍କ ସହିତ ପାର୍ବତ୍ୟ ବନଭୂମିର ଶୋଭା ଦର୍ଶନ କରିବାକୁ ବାହାରନ୍ତି । ଏହି ସମୟରେ ନାନା ପ୍ରସଙ୍ଗ ନେଇ ନାନା କଥା ପଡ଼େ । ସୁମେରୁଦାସଜୀଙ୍କଠାରୁ ଜଗମାନନ୍ଦ ନିଜର ବିଗତ ଜନ୍ମର କଥା ଶୁଣି ତାଙ୍କର ବର୍ତ୍ତମାନ ଜୀବନ ଓ ଆତ୍ମବିସ୍ମରଣ ବିଷୟ ଚିନ୍ତା କରି ଅବସନ୍ନ ଓ ଦୁଃଖିତ ହେଲେ; କିନ୍ତୁ ତାଙ୍କର ଭବିଷ୍ୟତ କଥା ଶ୍ରୁତିସୁଖକର ଓ ଚମତ୍କପ୍ରଦ ବୋଲି ମନେହେଲା । ପରମଜ୍ଞାନୀ ପୁନରାୟ ଜନ୍ମଗ୍ରହଣ କଲେ ଯେ ଏପରି ଅଜ୍ଞାନ ଘୋଟିଯାଏ, ପୁଣି ତାହା ଦୂର କରିବାକୁ ଯେ ଏତେ ଚେଷ୍ଟାର ପ୍ରୟୋଜନ ହୁଏ, ତାଙ୍କୁ ଏହା ବଡ଼ ଆଶ୍ଚର୍ଯ୍ୟ ବୋଧହେଲା । ଯେଉଁ ପ୍ରସିଦ୍ଧ ସାଧୁଙ୍କ * ବିଷୟ ସେ ଶୈଶବରୁ ଶୁଣି ଆସୁଥିଲେ, ବର୍ତ୍ତମାନ ଜାଣିଲେ ଯେ, ସେ ଏହି ଦେହରେ ଜଗମାନନ୍ଦ । ପୁନଶ୍ଚ ଜଗମାନନ୍ଦ ସୁମେରୁଦାସଙ୍କ ଆଲୋଚନାରୁ ବୁଝିଲେ ଯେ,

---

* ପୂର୍ବଜନ୍ମରେ ଜଗମାନନ୍ଦ 'ବ୍ରହ୍ମାନନ୍ଦ ଗିରି' ହୋଇ ଜଣେ ତାନ୍ତ୍ରିକ ସାଧକ ଭାବରେ ତ୍ରିପୁରା ଜିଲାରେ ଜନ୍ମଗ୍ରହଣ କରିଥିଲେ । ବିଶେଷ ବିବରଣୀ 'ନୀଳାଚଳବାଣୀ' ପୁସ୍ତକରେ ବର୍ଣ୍ଣିତ ହୋଇଅଛି ।

ଯୋଗୀମାନେ ଗିରିଗୁହାରେ ବାସ କଲେ ମଧ୍ୟ ଜଗତର ଶ୍ରେଷ୍ଠବଡ଼ କୌଣସି ସମ୍ବାଦ ସେମାନଙ୍କୁ ଅଜ୍ଞାତ ନ ଥାଏ । ସମ୍ବାଦପତ୍ରରେ ଯେପରି ସମ୍ବାଦ ପ୍ରକାଶ ପାଏ ଓ ଲୋକେ ତାହା ଜାଣନ୍ତି, ସେହିପରି ଖାଲି ଏ ଜଗତରେ ନୁହେଁ, ଅପରାପର ସମସ୍ତ ଜଗତର ସବୁ ଖବର ଯୋଗୀମାନେ ଜାଣନ୍ତି । କାରଣ ସିଦ୍ଧ ହେବା ପରଠାରୁ ସେମାନେ ଜଗତର କଲ୍ୟାଣ ନିମିତ୍ତ ଦେହ-ଧାରଣ କରିଥାନ୍ତି ।

## ତ୍ରାଟକ ଯୋଗର ଶକ୍ତି

ଦିନେ ଅପରାହ୍ନରେ ସୁମେରୁଦାସଜୀଙ୍କ ସହିତ ନିଗମାନନ୍ଦ ଭ୍ରମଣ କରିବାକୁ ଯାଇ ଅକସ୍ମାତ୍ ସମ୍ମୁଖରେ ଗୋଟିଏ ବିରାଟକାୟ ବ୍ୟାଘ୍ର ଦେଖି ଭୟରେ କାତର ହୋଇପଡ଼ିଲେ । ସଙ୍ଗେ ସଙ୍ଗେ ସୁମେରୁଦାସଜୀ ବ୍ୟାଘ୍ର ଚକ୍ଷୁରେ ନିଜର ଦୃଷ୍ଟି ସ୍ଥାପନ କରିବା ମାତ୍ରେ ବ୍ୟାଘ୍ର ଭୟରେ ସ୍ତମ୍ଭିତ ହୋଇଗଲା । ବ୍ୟାଘ୍ର ଉପରୁ ସୁମେରୁଦାସଜୀଙ୍କର ଦୃଷ୍ଟି ଅପସୃତ ହେବା ମାତ୍ରେ ବ୍ୟାଘ୍ରଟି ଦ୍ରୁତ ଗତିରେ ପଳାୟନ କଲା । ନିଗମାନନ୍ଦ ବିସ୍ମିତ ହୋଇ ପଚାରିଲେ, "ଏହାକୁ କି ଯୋଗ କହନ୍ତି ?" ଏହା 'ତ୍ରାଟକ ଯୋଗ' ବୋଲି କହି ସୁମେରୁଦାସଜୀ ନିଗମାନନ୍ଦଙ୍କୁ ତ୍ରାଟକ ଯୋଗ ସମ୍ବନ୍ଧୀୟ ଉପଦେଶ ପ୍ରଦାନ କଲେ ଏବଂ ଏହି ତ୍ରାଟକଯୋଗର କୌଶଳ ଶିକ୍ଷା ଦେଇ କହିଲେ ଯେ, "ମନୁଷ୍ୟ ଭିତରେ ସମସ୍ତ ଶକ୍ତି ବିଦ୍ୟମାନ । ଟିକିଏ ଜାଗ୍ରତ କରିପାରିଲେ, ମନୁଷ୍ୟ ସମସ୍ତ ପୃଥିବୀକୁ କରାୟତ୍ତ କରିପାରେ ।"

## ସୁମେରୁଦାସଙ୍କ ପରିଚୟ

ପ୍ରାରବ୍ଧ ମନୁଷ୍ୟକୁ କର୍ମରେ ପ୍ରବୃତ୍ତ କରାଏ, କିନ୍ତୁ ମନୁଷ୍ୟ ତାହା ବୁଝିପାରେ ନାହିଁ । ନିଗମାନନ୍ଦ ବନଶୋଭା ଦର୍ଶନ କରିବାକୁ ଆସିଥିଲେ । କିନ୍ତୁ ପ୍ରକୃତ ପକ୍ଷରେ ପ୍ରାରବ୍ଧ ତାଙ୍କୁ ସୁମେରୁଦାସଙ୍କ ନିକଟକୁ ନେଇ ଆସିଲା । ସୁମେରୁଦାସଙ୍କର ମଧ୍ୟ ଏହିପରି ଭାବରେ ସାଧୁତ୍ୱର ବିକାଶ ହୋଇଥିଲା । ପୂର୍ବରୁ ତାଙ୍କର ସାଧୁ ହେବାର ଇଚ୍ଛା ନ ଥିଲା । ସୁମେରୁ ଦାସଜୀ ଦିନେ ଗଳ୍ପ ଛଳରେ ନିଗମାନନ୍ଦଙ୍କୁ କହିଲେ ଯେ, ସେ

ପଞ୍ଜାବକେଶରୀ ରଣଜିତ୍ ସିଂହଙ୍କର ସଭାସଦ୍ ଥିଲେ । ରଣଜିତ୍ ସିଂହଙ୍କ ମୃତ୍ୟୁ ପରେ ଦଲୀପ ସିଂହ ଦ୍ୱିତୀୟ ଶିଖ୍‌ସମରରେ ପରାଜିତ ହେଲେ । ସୁମେରୁ-ଦାସଜୀ ଦଲୀପଙ୍କ ସଙ୍ଗେ ବିଲାତ ଗଲେ । ନାନା କାରଣରୁ ବିରକ୍ତ ହୋଇ ସେ ଦଲୀପ ସିଂହଙ୍କୁ ଛାଡ଼ି ଆସି ୟୁରୋପର ବହୁସ୍ଥାନ ଭ୍ରମଣ କରି ରୁଷିଆ ଦେଶରେ ପହଞ୍ଚିଲେ । ତା'ପରେ ଚୀନ ଦେଶର ନାନା ସ୍ଥାନରେ ଭ୍ରମଣ କରି ଶେଷରେ ଯାଇ ତିବ୍ବତରେ ଅବସ୍ଥାନ କଲେ । ଏହିଠାରେ ଥିବା ସମୟରେ ଜଣେ ଯୋଗୀ ତାଙ୍କୁ ଆକର୍ଷଣ କରି ନେଇଗଲେ । ତାଙ୍କ କୃପାରୁ ସୁମେରୁଦାସଜୀ ଯୋଗସିଦ୍ଧ ହୋଇ ପୂର୍ବୋକ୍ତ ଗୁହାରେ ରକ୍ଷିତ ସନାତନ ଧର୍ମଶାସ୍ତ୍ରସମୂହର ରକ୍ଷକ ହୋଇ ରହିଲେ । ସଭାସଦ୍ ଥିଲାବେଳେ ତାଙ୍କ ନାମ ଥିଲା କୁଥମିଲାଲ ସିଂହ । ଯୋଗସିଦ୍ଧି ପରେ ସେ ସ୍ୱାମୀ ସୁମେରୁ-ଦାସଜୀ ନାମରେ ପରିଚିତ ହେଲେ । ପ୍ରସଙ୍ଗକ୍ରମେ ଆଉ ଦିନେ ସୁମେରୁ-ଦାସଜୀ ପ୍ରକାଶ କଲେ ଯେ, ଭାରତର ଥିଓସଫିକାଲ ସୋସାଇଟି ସହିତ ମଧ୍ୟ ତାଙ୍କର ଅତି ଘନିଷ୍ଠ ସମ୍ପର୍କ ରହିଛି । ଏହି ସୋସାଇଟିର ପ୍ରତିଷ୍ଠାତା ମାଡ଼ାମ୍ ବ୍ଲାଭାଟସ୍କି ଜାହାଜରେ ଯାଉଥିବା ବେଳେ ଦିନେ ସୁମେରୁଦାସଜୀ କୌଣସି ଆଧ୍ୟାତ୍ମିକ କାରଣବଶତଃ ତାଙ୍କୁ ସୂକ୍ଷ୍ମଭାବରେ ସାକ୍ଷାତ୍ କରି ତାଙ୍କର ମତ ପରିବର୍ତ୍ତନ କରାଇଥିଲେ ଓ ତାଙ୍କୁ ଭାରତକୁ ଅଣାଇଥିଲେ । ତାଙ୍କରି ପ୍ରେରଣାରେ ମାଡାମ୍ ୟୁରୋପରେ ଭାରତର ଆଧ୍ୟାତ୍ମ-ସମ୍ପଦ ବିଷୟରେ ପ୍ରଚାର କଲେ । ବର୍ତ୍ତମାନ ନିଗମାନନ୍ଦ ଜାଣିଲେ ଯେ, ବ୍ଲାଭାଟସ୍କି ସୁମେରୁ-ଦାସଜୀଙ୍କର ଶିଷ୍ୟା, ସୁତରାଂ ତାଙ୍କର ଗୁରୁଭଗ୍ନୀ ।

## ଯୋଗିଗୁରୁଙ୍କ ନିର୍ଦ୍ଦେଶ

ଏହି ପାଶ୍ଚାତ୍ୟ ପ୍ରଦେଶରେ ନିଗମାନନ୍ଦ ଗୁରୁ ସୁମେରୁଦାସଜୀଙ୍କ ନିକଟରେ ତିନିମାସରୁ କିଛି ଅଧିକ କାଳ ରହି ଯୋଗସାଧନାର ପ୍ରାଥମିକ କ୍ରିୟାଗୁଡ଼ିକ ଆୟତ୍ତ କରିପାରିଥିଲେ । ଅନ୍ୟାନ୍ୟ କ୍ରିୟା ଅଭ୍ୟାସ ନିମିତ୍ତ ବନଭୂମି ଅନୁକୂଳ ନୁହେଁ ବୋଲି ସୁମେରୁଦାସଜୀ ଉପଦେଶ ଦେଇ କହିଲେ, "ବର୍ତ୍ତମାନ ତୁ ଲୋକାଳୟକୁ ଯାଇ ଯୋଗସାଧନ କର । କେବଳ ଶାସ୍ତ୍ର

ପାଠକଲେ ଚଳିବ ନାହିଁ; ସାଧନା କରିବା ଆବଶ୍ୟକ । କିନ୍ତୁ ସାଲୁ କନ୍ଦମୂଳ ଶିଝା ଖାଇ ତାହା କରିହେବ ନାହିଁ । ଯୋଗ ସାଧନା ସମୟରେ ଗଜା ଘର ଘିଅ ଦୁଧ ଇତ୍ୟାଦି ପୁଷ୍ଟିକର ଖାଦ୍ୟ ଖାଇବାକୁ ହେବ । ସେଥିପାଇଁ ଅର୍ଥର ପ୍ରୟୋଜନ । ତୁ ବର୍ତ୍ତମାନ ଲୋକାଳୟକୁ ଯାଇ କୌଣସି ଧନୀ ଗୃହସ୍ଥର ଆଶ୍ରୟରେ ରହି ଯୋଗ ସାଧନା କର ।"

ନିଗମାନନ୍ଦ—କେଉଁ ଆଡ଼କୁ ଯିବ ?

ସୁମେରୁଦାସ—ଏଠାରୁ ମେଦିନୀପୁର ଯା; ସେଠାରେ ତୋତେ ସାହାଯ୍ୟ କରିବାକୁ ଲୋକେ ଯୁଟିଯିବେ ।

ଗୃହତ୍ୟାଗ କରିବା ପରେ କେବଳ ବେଦାନ୍ତ ଚର୍ଚ୍ଚା କରିବା ଫଳରେ ନିର୍ବିକଳ୍ପ ଅବସ୍ଥା ପ୍ରତି ନିଗମାନନ୍ଦଙ୍କର ସ୍ୱାଭାବିକ ଆକର୍ଷଣ ଥିଲା । ସୁତରାଂ ସେ ପଚାରିଲେ, "ଯୋଗସାଧନାର ଚରମାବସ୍ଥା ହେଉଛି 'ଅସମ୍ପ୍ରଜ୍ଞାତ ସମାଧି'—ଏହି ଅବସ୍ଥା ଲାଭ ପରେ ନିର୍ବିକଳ୍ପ ଅବସ୍ଥା ପାଇଁ କ'ଣ ପୁଣି ସାଧନା କରିବାକୁ ହୁଏ ?" ସୁମେରୁଦାସ କହିଲେ, "ଅସମ୍ପ୍ରଜ୍ଞାତ ଆସିଗଲେ ନିର୍ବିକଳ୍ପ ଆପେ ଆପେ ଆସିଯିବ ।" ଅସମ୍ପ୍ରଜ୍ଞାତ ସମାଧିଲାଭ ହେଲେ ଆପଣା ମନକୁ ନିର୍ବିକଳ୍ପ ସମାଧି ହୋଇଯିବ ।

ନିଗମାନନ୍ଦ ତାଙ୍କ ଆଦେଶ ଶିରୋଧାର୍ଯ୍ୟ କଲେ । ବିଦାୟ ପୂର୍ବରୁ ସୁମେରୁ ଦାସଜୀ ନିଗମାନନ୍ଦଙ୍କର ଭବିଷ୍ୟତ ସମ୍ବନ୍ଧରେ ଅନେକ ଉପଦେଶ ଦେଇ ପ୍ରଫୁଲ୍ଲଚିତ୍ତରେ ତାଙ୍କୁ ପୂର୍ବକଥିତ ପାର୍ବତ୍ୟ ବସ୍ତିରେ ଛାଡ଼ିଦେଇ ଆସିଲେ । ସେଠାରେ ପାହାଡ଼ିଆ ଲୋକେ ପୁଣି ନିଗମାନନ୍ଦଙ୍କୁ ଫେରିଆସିବାର ଦେଖି ଅତିଶୟ ଆନନ୍ଦିତ ହେଲେ । ନିଗମାନନ୍ଦ ସେଠାରୁ ବ୍ରହ୍ମକୁଣ୍ଡ ନିକଟକୁ ଗଲେ । ବ୍ରହ୍ମକୁଣ୍ଡ ପରଶୁରାମ ତୀର୍ଥକୁ ଯାଉଥିବା ଯାତ୍ରୀମାନଙ୍କ ସହିତ ପୁଣି ସେ ବଙ୍ଗ ଦେଶକୁ ଫେରି ଆସିଲେ ।

ଗୁରୁ ଆଶ୍ରମ ତ୍ୟାଗ କରି ବଙ୍ଗଦେଶକୁ ଆସି ପ୍ରଥମେ ନିଗମାନନ୍ଦ ମେଦିନୀପୁର ଗଲେ । ଯାଉ ଯାଉ ଦିନେ ସେ ଏହି ଜିଲ୍ଲାର ତମଲୁକ ସବ୍‌ଡିଭିଜନର ନନ୍ଦିଗ୍ରାମ ଥାନା ମଧ୍ୟରେ ଥିବା ହରିପୁର ଗ୍ରାମରେ ଉପସ୍ଥିତ ହୋଇ ଗ୍ରାମର ଦେବାଳୟରେ ରାତ୍ରି ଯାପନ କଲେ । ଅତି ପ୍ରତ୍ୟୁଷରୁ

ଗ୍ରାମର ଜମିଦାର ସାରଦାପ୍ରସାଦ ମଜୁମଦାର ସେଠାକୁ ଆସି ନିଗମାନନ୍ଦଙ୍କ ପରିଚୟ ପଚାରି କହିଲେ, 'ଆପଣ କିଏ ? କାହିଁକି ବୁଲୁଛନ୍ତି, କୁହନ୍ତୁ ?' ନିଗମାନନ୍ଦ ତାଙ୍କୁ ପରିଚୟ ନେବାର କାରଣ ପଚାରିବାରୁ ସେ କହିଲେ, "କାଲି ରାତିରେ ଜଣେ ଦୀର୍ଘକାୟ ସାଧୁ ସ୍ୱପ୍ନରେ ମୋତେ କହିଲେ, ତୁମ ଦେବାଳୟରେ ଜଣେ ସାଧୁ ରାତି ଯାପନ କରୁଛନ୍ତି । ତାଙ୍କୁ ଯୋଗସାଧନାରେ ସାହାଯ୍ୟ କର, ତୁମର ପ୍ରଭୁତ ମଙ୍ଗଳ ହେବ । ଆପଣ କ'ଣ ସେହି ସାଧୁ ?" ଏକଥା ଶୁଣି ନିଗମାନନ୍ଦ ବୁଝିଲେ ଯେ, ତାଙ୍କ ଗୁରୁ ସୁମେରୁଦାସଜୀ ଏବେ ମଧ୍ୟ ତାଙ୍କ ସଙ୍ଗରେ ଅଛନ୍ତି ।

ନିଗମାନନ୍ଦ ନିଜର ପରିଚୟ ଦେଇ କହିଲେ ଯେ, ସେ ଯୋଗସାଧନା ନିମିତ୍ତ ନାନା ସ୍ଥାନରେ ଭ୍ରମଣ କରୁଛନ୍ତି । ତାଙ୍କ କଥା ଶୁଣି ସାରଦାବାବୁ କହିଲେ, 'ଯେଉଁ ପ୍ରକାର ସାହାଯ୍ୟର ପ୍ରୟୋଜନ ହେବ, ତାହା ମୁଁ ଦେବାକୁ ପ୍ରସ୍ତୁତ ଅଛି ।' ସାରଦାବାବୁଙ୍କର ଘର ପଛରେ ଗୋଟିଏ ବଗିଚା ଥିଲା । ନିଗମାନନ୍ଦ ସାରଦାବାବୁଙ୍କୁ ସେହିଠାରେ ତିନିଗୋଟି କୋଠରୀଯୁକ୍ତ ଗୋଟିଏ ଘର ତିଆରି କରିବାକୁ କହିଲେ । ଘର ପ୍ରସ୍ତୁତ ହୋଇଯିବା ପରେ ନିଗମାନନ୍ଦ ସାରଦାବାବୁଙ୍କୁ କହିଲେ ଯେ, ସେ ଏଠାରେ ସାଧନା କରୁଛନ୍ତି, ଏକଥା ଯେପରି ଅନ୍ୟ କେହି ନ ଜାଣନ୍ତି । ଏଥିରେ ସାରଦାବାବୁ ସମ୍ମତ ହେଲେ । ଶାରଦାବାବୁ ସେଠାର ଜମିଦାର ଓ ସାତ୍ତ୍ୱିକଭାବାପନ୍ନ । ତାଙ୍କର କୌଣସି ସଂସାରିକ ଅଭାବ ନ ଥିଲା । ନିଗମାନନ୍ଦଙ୍କୁ ସେ ଯୋଗସାଧନାରେ ସାହାଯ୍ୟ କରିବାକୁ ଲାଗିଲେ ।

## ଯୋଗସାଧନା

ନିଗମାନନ୍ଦ ସୁମେରୁଦାସଜୀଙ୍କ ଉପଦେଶ ଅନୁସାରେ ପ୍ରଥମେ ଶରୀରକୁ ସାଧନାର ଉପଯୋଗୀ କରିବା ନିମିତ୍ତ ହଠଯୋଗର ଷଟ୍‌ସାଧନା-ଦ୍ୱାରା ଶରୀରଶୋଧନର ଅଭ୍ୟାସ କରିବାକୁ ଲାଗିଲେ । ହଠଯୋଗ ଓ ଲୟଯୋଗ ସମ୍ପୂର୍ଣ୍ଣ ପୃଥକ୍ । ହଠଯୋଗଦ୍ୱାରା ଶରୀର ଦୃଢ଼ ପାଞ୍ଚ ଶତ ବର୍ଷ ସ୍ଥାୟୀ ହୁଏ, ଲୟ ଯୋଗଦ୍ୱାରା ଜୀବାତ୍ମା ଓ ପରମାତ୍ମାଙ୍କର ଲୟ ହୁଏ ।

ହଠଯୋଗର ଷଟ୍‌ସାଧନା * ସାହାଯ୍ୟରେ ଶରୀରଶୋଧନ କରିବାକୁ ହୁଏ । ଶରୀର ଶୋଧନ ନ ହେଲେ ଲୟଯୋଗର ଅପରାପର ସାଧନଗୁଡ଼ିକ କ୍ରିୟାଶୀଳ ହୁଏ ନାହିଁ ।

ସୁମେରୁଦାସଜୀ ଷଟ୍‌ସାଧନାର ପ୍ରତ୍ୟେକ କ୍ରିୟାକୁ ଦୁଇ ମାସ କରି ଅଭ୍ୟାସ କରିବାକୁ ନିଗମାନନ୍ଦଙ୍କୁ ଉପଦେଶ ଦେଇଥିଲେ । ଧୌତିପ୍ରକରଣ ଶେଷ କରିବାକୁ ବର୍ଷେ ଲାଗିବାର କଥା । ଏକ ବର୍ଷରୁ ଅଧିକ ସମୟ ଶୋଧନ ଅଭ୍ୟାସ କରିବା ଅନାବଶ୍ୟକ; କିନ୍ତୁ ଆସନ ଅଭ୍ୟାସ ଓ ଧୌତି ଏକ ସଙ୍ଗରେ କରାଯାଇ-ପାରେ । ନାସିକା ମଧ୍ୟରେ ସୂତ୍ର ଚାଳନା କରିବା, ଗରମ ଜଳ ସହିତ ତିନି ଆଙ୍ଗୁଳି ଚଉଡ଼ା କନା ଉଦରସ୍ଥ କରି ପୁନରାୟ ତାହା ବମନ କରିବା, ପୁଷ୍କରିଣୀର ଜଳ ଭିତରେ ଅଣ୍ଟା ପର୍ଯ୍ୟନ୍ତ ବୁଡ଼ାଇ ଦେଇ ମଳଦ୍ୱାର ଓ ଲିଙ୍ଗଦ୍ୱାରଦ୍ୱାରା ମୁଦ୍ରା ବିଶେଷ ସାହାଯ୍ୟରେ ଜଳ ଗ୍ରହଣ ଓ ତ୍ୟାଗ କରିବା ଇତ୍ୟାଦି ଶୋଧନ ପ୍ରକ୍ରିୟା କରିବାରେ ଦିନ ଅତିବାହିତ ହେବାକୁ ଲାଗିଲା ।

ଯୋଗର ପ୍ରଥମ ଓ ପ୍ରଧାନ ସାଧନା ହେଉଛି, ମେରୁଦଣ୍ଡକୁ ସିଧା କରିବା । ଏହି ଉଦ୍ଦେଶ୍ୟରେ ନିଗମାନନ୍ଦ ଆସନ ଅଭ୍ୟାସ ଆରମ୍ଭକଲେ । ଆସନରେବସିବା ସମୟରେ କାଳେ ନିଦ ଲାଗିଯିବ, ତେଣୁ ସେ ପଛପଟେ ଗୋଟିଏ କାଠର ତକ୍ତା ପୋତି ରାତି ପରେ ରାତି ବିନିଦ୍ରନୟନରେ ଆସନ ଅଭ୍ୟାସ କରିବାକୁଲାଗିଲେ । ଯୋଗ ଅଭ୍ୟାସ ସମୟରେ ଯୋଗସାଧନଜନିତ କ୍ଷୟ ପରିପୂରଣ କରିବା ପାଇଁ ରାଜାଙ୍କ ପରି ଦୁଧ, ଘିଅ ଖାଇବା ଦରକାର । ସାରଦାବାବୁ ଅକୁଣ୍ଠିତ ଚିତ୍ତରେ ନିଗମାନନ୍ଦଙ୍କ ପାଇଁ ସେହିଭଳି ବ୍ୟବସ୍ଥା କରିଦେଲେ । ଏହିପରି ନଅ ମାସ ଗତ ହେଲା ।

---

* ହଠଯୋଗର ସାଧନା ସମ୍ବନ୍ଧରେ ବିଶେଷ ବିବରଣୀ ଜାଣିବାକୁ ଇଚ୍ଛାକଲେ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କପ୍ରଣୀତ 'ଯୋଗୀଗୁରୁ' ଓ 'ଜ୍ଞାନୀଗୁରୁ' ଗ୍ରନ୍ଥ ଦ୍ରଷ୍ଟବ୍ୟ ।

## ଯୋଗ ବିଘ୍ନ

ଜଣେ ସନ୍ନ୍ୟାସୀ ସାରଦାବାବୁଙ୍କ ଉଦ୍ୟାନରେ ଯୋଗସାଧନା କରୁଛନ୍ତି, ଏହା କ୍ରମେ ସର୍ବତ୍ର ରାଷ୍ଟ୍ର ହୋଇପଡ଼ିଲା । ନିଗମାନନ୍ଦଙ୍କ ନିକଟକୁ ଲୋକେ ବିଶେଷତଃ ସ୍କୁଲର ଛାତ୍ରମାନେ ଯାତାୟାତ କରିବାକୁ ଲାଗିଲେ । ଦିନେ ନିଗମାନନ୍ଦ ସେମାନଙ୍କୁ ପଚାରିଲେ, "ତୁମ୍ଭେମାନେ କାହିଁକି ଆସୁଛ ?" ସେମାନେ ଉତ୍ତର ଦେଲେ, ବାବା, ଆମକୁ ଶିଷ୍ୟ କରି ଯୋଗ ଶିକ୍ଷା ଦିଅନ୍ତୁ । ନିଗମାନନ୍ଦ କହିଲେ, "ମୁଁ କଅଣ ଜାଣେ ଯେ ଶିକ୍ଷା ଦେବି ?" ସେମାନେ କହିଲେ, ଆପଣ ଯାହା ଜାଣନ୍ତି, ତାହା ହିଁ ଶିକ୍ଷା ଦିଅନ୍ତୁ ?" ଏହିପରି ଭାବରେ ପ୍ରତିଦିନ ଲୋକ ଆସି ନାନାପ୍ରକାର ପ୍ରଶ୍ନ କରି ସନ୍ନ୍ୟାସୀଙ୍କର ସମୟ ନଷ୍ଟ କଲେ ଓ ଅଧିକ ବାକ୍ୟବ୍ୟୟ କରି ନିଗମାନନ୍ଦଙ୍କର ଶରୀରରେ ବାୟୁ ବୃଦ୍ଧି ହେଲା । ଉଦ୍ୟାନମଧ୍ୟସ୍ଥ ପୁଷ୍କରିଣୀକୁ ବାହାରର ସ୍ତ୍ରୀ ପୁରୁଷ ସ୍ନାନ କରିବାକୁ ଆସି ସନ୍ନ୍ୟାସୀଙ୍କର ମଳଦ୍ୱାର ଦ୍ୱାରା ଜଳ ଆକର୍ଷଣ ଓ ତ୍ୟାଗ ପ୍ରକ୍ରିୟା ଦେଖିବାକୁ ଲାଗିଲେ । ଏଥିରେ ନିଗମାନନ୍ଦ ବିରକ୍ତ ହୋଇ ଅସୁବିଧାଗୁଡ଼ିକ ଦୂର କରିବା ନିମିତ୍ତ ସାରଦାବାବୁଙ୍କୁ କହିଲେ । ସାରଦାବାବୁ ଅପରବେଳା ୪ଘଣ୍ଟା ପର୍ଯ୍ୟନ୍ତ ତାଙ୍କ ନିକଟକୁ ଲୋକ ଯିବା ବନ୍ଦ କରିଦେଲେ ଓ ଧୌତି ନିମିତ୍ତ ଗୋଟିଏ ଇଟାର କୁଣ୍ଡ ପ୍ରସ୍ତୁତ କରାଇ ସେଥିରେ ପାଣି ଭର୍ତ୍ତି କରି ରଖିବାର ବ୍ୟବସ୍ଥା କଲେ ।

## ସ୍ଥାନ ତ୍ୟାଗ

ଏଥିରେ ବାହାର ଉପଦ୍ରବ କେତେକ ପରିମାଣରେ ପ୍ରଶମିତ ହେଲେ ମଧ୍ୟ ଆଉ ଗୋଟିଏ ନୂତନ ଉପଦ୍ରବ ଉପସ୍ଥିତ ହେଲା । କିନ୍ତୁ ପରେ ସେ ବୁଝିଲେ ଯେ, ମାୟା ତାଙ୍କର ଅନୁଚରମାନଙ୍କ ସାହାଯ୍ୟରେ ଯୋଗରେ ବିଘ୍ନ ଘଟାଉଛନ୍ତି । ଯୋଗବିଘ୍ନରୂପ ଅନ୍ତରାୟ ଉପସ୍ଥିତ ହେଲେ ସାଧକଙ୍କର ଉତ୍କର୍ଷ ଲାଭ ସୁଦୂରପରାହତ । କିନ୍ତୁ ଏହି ଯୋଗବିଘ୍ନ ଦୂରକରିବା ସାରଦାବାବୁଙ୍କପକ୍ଷରେ ସାଧ୍ୟାତୀତ ମନେକରି ନିଗମାନନ୍ଦ ଗୋପନରେ ସେ ସ୍ଥାନ ତ୍ୟାଗ କରିବାର ସଂକଳ୍ପ କଲେ ।

କିନ୍ତୁ ସାରଦାବାବୁଙ୍କୁ ନ କହି ଚାଲିଯିବାଟା ଅକୃତଜ୍ଞର କାର୍ଯ୍ୟ ହେବ ବୋଲି ବିଚାରି "ସାଧନ କାର୍ଯ୍ୟରେ ନାନାରୂପ ଅସୁବିଧା ଓ କୌଣସି ଗୁରୁତର କାରଣ ହେତୁ ମୁଁ ଏ ସ୍ଥାନ ତ୍ୟାଗ କରି ଗୁରୁଦେବଙ୍କ ଆଦେଶରେ ଅନ୍ୟତ୍ର ଚାଲିଲି" ବୋଲି ଖଣ୍ଡିଏ ପତ୍ର ସାରଦାବାବୁଙ୍କ ନିକଟକୁ ଲେଖିଦେଇ ନିଗମାନନ୍ଦ ରାତିରେ ଗୋପନରେ ସେ ସ୍ଥାନ ତ୍ୟାଗ କଲେ । ସେଠାରୁ ସିରାଜଗଞ୍ଜ ବାଟେ ଗୌହାଟି ଯାତ୍ରା କଲେ ।

## କାମାକ୍ଷା ଗମନ

ସ୍ୱାମୀ ନିଗମାନନ୍ଦ ଗୌହାଟୀରେ ପହଞ୍ଚି କାହା ନିକଟରେ ଉପଯାଚକ ଭାବରେ ଆଶ୍ରୟ ଭିକ୍ଷା କରିବା ତାଙ୍କର ପ୍ରକୃତିବିରୁଦ୍ଧ ଥିବାରୁ କାମାକ୍ଷା ଗମନ ପ୍ରଶସ୍ତ ମନେକରି ସେଠାରେଯାଇ ଉପସ୍ଥିତ ହେଲେ । କାମାକ୍ଷା ହିନ୍ଦୁମାନଙ୍କର ପ୍ରସିଦ୍ଧ ତୀର୍ଥ । ବହୁ ଧାର୍ମିକ ସଜ୍ଜନଙ୍କର ସେଠାରେ ସମାବେଶ ହୋଇଥାଏ । ସୁତରାଂ ସେଠାରେ ତାଙ୍କ ପକ୍ଷରେ ସାଧନାର ସୁବିଧା ମିଳି ଯାଇପାରେ ଭାବି ସେ କାମାକ୍ଷା ଯିବାକୁ ମନସ୍ଥକଲେ । କାମାକ୍ଷା ଯିବାସମୟରେ ଗୌହାଟୀରେ ଉନେ ପଥପାର୍ଶ୍ୱସ୍ଥ ଗୃହରୁ ଜଣେ ଭଦ୍ରଲୋକ ତାଙ୍କୁ ଡାକି କହିଲେ, "ଆହେ ସନ୍ନ୍ୟାସୀ ଠାକୁର, ଶୁଣ ଶୁଣ ।" ଆଧୁନିକ ଲୋକ ଯେପରି ବିଦ୍ରୁପ କରନ୍ତି, ଭଦ୍ରଲୋକଙ୍କର ସ୍ୱର ମଧ୍ୟ ସେହିପରି ଥିଲା । ସେଥିରେ ଲକ୍ଷ୍ୟ ନ ରଖି ଭଦ୍ରଲୋକଟି ଯେଉଁଠାରେ ବସିଥିଲେ, ସେଠାରେ ନିଗମାନନ୍ଦ ଉପସ୍ଥିତ ହେଲେ । ଭଦ୍ରଲୋକ ଜଣକ ନିଗମାନନ୍ଦଙ୍କୁ ବସିବାକୁ ନିର୍ଦ୍ଦେଶ ଦେଇ ପଚାରିଲେ, "ସନ୍ନ୍ୟାସୀ ଠାକୁର, କେଉଁଆଡେ ଯାଉଛନ୍ତି ?" ନିଗମାନନ୍ଦ କାମାକ୍ଷା ଯାଉଛନ୍ତି ବୋଲି ଉତ୍ତର ଦେଲେ । ଭଦ୍ରଲୋକଟି କହିଲେ, "କାମାକ୍ଷା ଯାଉଛନ୍ତି, କାଲିଯିବେ; ଆଜି ଏଠାରେ ରହିଯାଆନ୍ତୁ ।" ଏଥିରେ ନିଗମାନନ୍ଦ ବିଶେଷ ଆପତ୍ତି ନକରି ରହିବାକୁ ସମ୍ମତ ହେଲେ ।

ଗୃହସ୍ୱାମୀ ଜଣେ ଭୃତ୍ୟକୁ ଗୋଟିଏ କୋଠରୀ ପରିଷ୍କାର କରିବାକୁ କହି ସ୍ୱାମୀଜୀଙ୍କୁ ସେଠାରେ ରହିବା ନିମିତ୍ତ ନିର୍ଦ୍ଦେଶ ଦେଲେ । ତତ୍ପରେ ନିଗମାନନ୍ଦ

ସ୍ନାନ କରି ଆସି ଗୀତା ପାଠ କରିବାକୁ ଲାଗିଲେ । ଗୃହସ୍ୱାମୀ କଚେରୀକୁ ଯିବା ସମୟରେ ସନ୍ନ୍ୟାସୀଙ୍କର ଆହାର କରିବା ଓ ରହିବାର କପରି ବ୍ୟବସ୍ଥା ହୋଇଅଛି, ଦେଖିବା ପାଇଁ ସେହି କୋଠରୀରେ ପ୍ରବେଶ କରି ଦେଖିଲେ ଯେ, ସନ୍ନ୍ୟାସୀ ଗୀତାପାଠ କରୁଛନ୍ତି । ବାବୁଟି ପଚାରିଲେ, "କହେ ସନ୍ନ୍ୟାସୀ ଠାକୁର ! ଆପଣଙ୍କର ଗୀତାପାଠ ଅଭ୍ୟାସ ନା କ'ଣ ?"

ଜଗମାନନ୍ଦ କହିଲେ, "ଟିକଏ ଅଭ୍ୟାସ ଅଛି ।" ଗୃହସ୍ୱାମୀ ପଚାରିଲେ— "କପରି ଗୀତାପାଠ କରନ୍ତି ? ଗୁରୁ ବୁଝାଇ ଦେଇଛନ୍ତି, ତାହା ବୁଝି ପାଠ କରୁଛନ୍ତି ନା ମନକୁ ମନ ପଢୁଛନ୍ତି ?" ଜଗମାନନ୍ଦ ଉତ୍ତର ଦେଲେ—"ନା, ଗୁରୁ ବୁଝାଇ ଦେଇଛନ୍ତି ।" ଗୃହସ୍ୱାମୀ ପଚାରିଲେ, "ଆଚ୍ଛା, କୁହନ୍ତୁ ଦେଖି, 'ଜାତସ୍ୟ ହି ଧ୍ରୁବଂ ମୃତ୍ୟୁ, ଧ୍ରୁବଂ ଜନ୍ମ ମୃତସ୍ୟ ଚ'—ଏହାର ଅର୍ଥ କଅଣ ?" ଜନ୍ମ ହେଲେ ଯଦି ମରିବା ନିଶ୍ଚୟ, ତେବେ ଆଉ ଏତେ ଶାସ୍ତ୍ର ପଢ଼ାପଢ଼ି କରି କଅଣ ହେବ ? ତେଣୁ ମୁଁ ଏସବୁ ଛାଡ଼ି ଦେଇଛି । ମୁଁ ମଧ୍ୟ ପୂର୍ବେ ଗୀତା ପଢ଼ୁଥିଲି ।" ଜଗମାନନ୍ଦ କହିଲେ—"ଜନ୍ମ ହୋଇ ଯଦି ସଦ୍‌ଗୁରୁ ଲାଭ ହୁଏ ଏବଂ ତାଙ୍କର ଉପଦେଶାନୁଯାୟୀ ସାଧନ କରାଯାଏ, ତେବେ ପ୍ରତ୍ୟକ୍ଷ ଜ୍ଞାନ ହୁଏ ଯେ ପ୍ରକୃତରେ ମୋର ଜନ୍ମ ହୋଇନାହିଁ !' ସୁତରାଂ 'ଯାହାଙ୍କର ଜନ୍ମ ନାହିଁ, ତାହାଙ୍କର ମୃତ୍ୟୁ ମଧ୍ୟ ନାହିଁ'—ଏହା ପ୍ରକୃତରେ ଉପଲବ୍‌ଧି କରାଯାଏ । 'ଯିବା ଆସିବା ଖାଲି ଜଡ଼ ଶରୀରର, ଏହି ଜଡ଼ ଦେହ ଉପରୁ ଯେତେବେଳେ ଅଭିମାନ ଓ ଦେହାତ୍ମବୋଧ ଚାଲିଯାଏ, ସେତେବେଳେ ଜଡ଼ ଦେହର ମଧ୍ୟ ଆଉ ଗମନା-ଗମନ ସମ୍ଭବ ହୁଏନାହିଁ ।"

ଯୁବକ ସନ୍ନ୍ୟାସୀଙ୍କର ସୁଯୁକ୍ତିପୂର୍ଣ୍ଣ ଉତ୍ତର ଶୁଣି ଗୃହସ୍ୱାମୀ କହିଲେ, "ବାଃ, ବାଃ, ଅତି ସୁନ୍ଦର ମୀମାଂସା । ମୋର ଏ ବିଷୟରେ ଆପଣଙ୍କ ସହିତ ଆହୁ ଅନେକ ଆଲୋଚନା କରିବାକୁ ଇଚ୍ଛା । ବର୍ତ୍ତମାନ କଚେରୀ ଯିବା ସମୟ ହୋଇ-ଯାଉଛି । ସନ୍ଧ୍ୟା ସମୟରେ ଏ ବିଷୟରେ ଆହୁରି ଆଲୋଚନା କରିବା, ଆପଣ ଚାଲିଯିବେ ନାହିଁ ।"

ଉକ୍ତ ଭଦ୍ରଲୋକଙ୍କ ପରିଚୟ ପାଠକମାନଙ୍କର ଜାଣିବା ପ୍ରଥମେ ଆବଶ୍ୟକ । କାରଣ ଶ୍ରୀଶ୍ରୀ ଠାକୁରଙ୍କ ସାଧନ-ଜୀବନ ସହିତ ତାଙ୍କର ବିଶେଷ ସମ୍ପର୍କ ରହିଛି । ତାଙ୍କର ନାମ 'ଯଜ୍ଞେଶ୍ୱର ବିଶ୍ୱାସ' । ସେତେବେଳେ ସେ ଗୌହାଟୀରସହକାରୀ କମିଶନର ।

## ଆଶ୍ରୟ ଲାଭ

ସେଦିନ ସନ୍ଧ୍ୟା ସମୟରେ ନାନା ଆଲୋଚନା ପରେ ଯଜ୍ଞେଶ୍ୱରବାବୁ ନିଗମାନନ୍ଦଙ୍କ ଅଭିପ୍ରାୟ ଜାଣିପାରି ନିଜ ଆଶ୍ରୟରେ ରଖି ତାଙ୍କ ସାଧନାରେ ସାହାଯ୍ୟ ଦେବାକୁ ଓ ସାଧନାମୂଳକ ସମସ୍ତ କଥା ଗୋପନ ରଖି ସମସ୍ତ ବ୍ୟୟ ଭାର ବହନ କରିବାକୁ ବିଶେଷ ଆଗ୍ରହ ପ୍ରକାଶ କଲେ । ନିଗମାନନ୍ଦ କାମାକ୍ଷା ନ ଯାଇ ଏହିଠାରେ ରହିଲେ । କିଛିଦିନ ପରେ ଯଜ୍ଞେଶ୍ୱର ବାବୁ ତାଙ୍କ ଉଦ୍ୟାନ ମଧ୍ୟରେ ଗୋଟିଏ ଶ୍ରେଷ୍ଠ ଗୃହଘର ତିଆରି କରିଦେବାରୁ ନିଗମାନନ୍ଦ ଏହି ଘରେ ରହି ସାଧନା ଆରମ୍ଭ କଲେ ।

## ପୁଣି ସାଧନା ଆରମ୍ଭ

ଯୋଗୀଶ୍ୱର ସୁମେରୁଦାସଙ୍କର ଆଦେଶ ଥିଲା ଯେ, ଷଟ୍‌ସାଧନାର ପ୍ରତ୍ୟେକ-ଟିକୁ ଦୁଇମାସ ପର୍ଯ୍ୟନ୍ତ ଅଭ୍ୟାସ କରି ଛାଡ଼ିଦେବାକୁ ହେବ । ନିଗମାନନ୍ଦଙ୍କର ଷଟ୍‌ସାଧନାର ଆଉ ତିନିମାସ ବାକି ଥିଲା । ଏହି ସ୍ଥାନରେ ସେ ତାହା ପୂର୍ଣ୍ଣ କଲେ ।

## ଷଟ୍‌ସାଧନର ଉଦ୍ଦେଶ୍ୟ

ଦେହକୁ ଯୋଗସାଧନର ଉପଯୋଗୀ କରିବାକୁ ହେଲେ, ପ୍ରଥମେ ଦେହ ଯେପରି ସାଧନାର କ୍ଲେଶ ସହ୍ୟ କରିପାରିବ ଓ ବାୟୁ ଧାରଣ କରି ପାରିବ, ସେଥିପାଇଁ ଷଟ୍‌ସାଧନ ଆବଶ୍ୟକ । ଷଟ୍‌ସାଧନଦ୍ୱାରା ଶରୀର ରସ ଓ ଶ୍ଳେଷ୍ମାଶୂନ୍ୟ ହୋଇ ଯୋଗର କ୍ରିୟାସମୂହର ସାଧନ ପାଇଁ ଉପଯୋଗୀ ହୁଏ । ଆଉ ମଧ୍ୟ ଷଟ୍‌ସାଧନ ଦ୍ୱାରା ଅନ୍ନମୟ କୋଷର କ୍ରିୟାକୁ ପ୍ରତିରୋଧ କରାଯାଇ ପ୍ରାଣମୟ କୋଷଉପରେ ପ୍ରଭୁତ୍ୱ ବିସ୍ତାର କରାଯାଏ । ଏହି ସାଧନା ପରେ ପ୍ରାଣାୟାମ ସାଧନା ଆରମ୍ଭ ହୁଏ । ଶରୀର ରସ ଓ ଶ୍ଳେଷ୍ମା ଦ୍ୱାରା ପୂର୍ଣ୍ଣଥିଲେ ପ୍ରାଣାୟାମ

ସମୟରେ ଯେଉଁ ବାୟୁ ଗ୍ରହଣ କରାଯାଏ; ତାହା ଦେହରେ ସର୍ବତ୍ର ସଞ୍ଚାରିତ ହୋଇପାରେ ନାହିଁ । ତେଣୁ ବାୟୁବାହାରକୁ ଶୀଘ୍ର ବାହାରିଯିବାକୁ ଚେଷ୍ଟାକରେ; କାରଣ ସାଧକଙ୍କ ଶରୀରରେ ବାୟୁଧାରଣ ଉପଯୋଗୀ ସ୍ଥାନ ମିଳେ ନାହିଁ । ଫୁସ୍‌ଫୁସ୍ ଓ ଅନ୍ୟାନ୍ୟ ବାୟୁଶୋଷଗୁଡ଼ିକ ଶ୍ଳେଷ୍ମାଦ୍ୱାରା ଆବୃତ୍ତ ଥିବାରୁ ସାଧକ ବାୟୁଗ୍ରହଣ କଲେ ମଧ୍ୟ ତାହା ଦେହରେ ସର୍ବତ୍ରପ୍ରବେଶ କରି ସ୍ଥିତି ଲାଭ କରି ନ ପାରିବାରୁ ବାହାରକୁ ଚାଲିଆସେ । ଯଦି ଷଟ୍‌ସାଧନା ନ କରି ବାୟୁ ଧାରଣ କରାଯାଏ, ତେବେ ଅନ୍ନମୟ କୋଷର କ୍ରିୟା ରୁଦ୍ଧ ହୋଇପାରେନାହିଁ । ସୁତରାଂ ଅନ୍ନମୟ କୋଷର ବାଧା ଫଳରେ ଦେହର ସୁଖଦୁଃଖ ସମସ୍ତ ଅନ୍ୟାନ୍ୟ କୋଷ ଉପରେ କ୍ରିୟାଶୀଳ ହେବାରୁ ଯୋଗର ପରବର୍ତ୍ତୀ ସାଧନର କ୍ରିୟାଗୁଡ଼ିକ ଅସାଧ୍ୟ ହୋଇପଡ଼େ ।

## ପ୍ରାଣାୟାମ ସାଧନା


ଉପରୋକ୍ତ ଷଟ୍‌ସାଧନ ଜଗମାନନ୍ଦଙ୍କର ଏକବର୍ଷ ଭିତରେ ଶେଷ ହୋଇ-ଗଲା । ତେଣୁ ସେ ପ୍ରାଣାୟାମ ସାଧନା ଦ୍ୱାରା ପ୍ରାଣମୟ କୋଷର କ୍ରିୟାକୁ ସଂଯତ ଓ ନିୟନ୍ତ୍ରିତ କରିପାରିଲେ । ପ୍ରାଣାୟାମ ସାଧନା ସମୟରେ ଖୁବ୍ ସାରବାନ୍ ଖାଦ୍ୟର ପ୍ରୟୋଜନ ହୁଏ । ଯଜ୍ଞେଶ୍ୱର ବାବୁଙ୍କ ସ୍ତ୍ରୀ ସରଯୂଦେବୀ ନିଜ ସନ୍ତାନଙ୍କୁ ଯେପରି ପାଳନ କରିବାକୁ ହୁଏ, ଠିକ୍ ସେହିପରି ଜଗମାନନ୍ଦଙ୍କର ଯେତେବେଳେ ଯେଉଁ ଖାଦ୍ୟର ପ୍ରୟୋଜନ, ସେହି ସମୟରେ ସେହି ଖାଦ୍ୟ ତାଙ୍କୁ ଖୁଆଇ ଦେଇଯାଆନ୍ତି । ଏହିଭାବରେ କିଛିଦିନ ପ୍ରାଣାୟାମ ସାଧନ କଲାପରେ ଜଗମାନନ୍ଦ ପ୍ରାଣମୟ କୋଷର କ୍ରିୟାକୁ ରୋଧ କରିପାରିଲେ ।

## ଧାରଣା ଓ ଧ୍ୟାନ

ପ୍ରାଣାୟାମ ପ୍ରତ୍ୟାହାର ଦ୍ୱାରା ବାୟୁ ସାମ୍ୟ ହେବାରୁ ମନର ଚାଞ୍ଚଲ୍ୟ ନଷ୍ଟ ହୋଇଗଲା । କାରଣ ବାୟୁ ସହିତ ମନର ଅତି ଘନିଷ୍ଠ ସମ୍ବନ୍ଧ । ବାୟୁ ଚଞ୍ଚଳ ହେଲେ ମନ ମଧ୍ୟ ଚଞ୍ଚଳ ହୁଏ ।

ବାୟୁ ସାମ୍ୟ ହେବା ପରେ ନିଗମାନନ୍ଦଙ୍କ ମନର ସଂକଳ୍ପ-ବିକଳ୍ପ ଜନିତ ଚଞ୍ଚଳତା ନଷ୍ଟ ହୋଇ ମନ ସ୍ଥିର ହୋଇଗଲା । ତତ୍ପରେ ସେ ରାଜଯୋଗର ଉଚ୍ଚାଙ୍ଗ ସ୍ତରର 'ଧାରଣା ଓ ଧ୍ୟାନ'ର ସାଧନା ଆରମ୍ଭ କଲେ । ଧ୍ୟାନଦ୍ୱାରା ମନୋମୟ କୋଷ ଜୟ କରିବାକୁ ହୁଏ । ଏହି ସମୟରେ ବହିର୍ସାହାଯ୍ୟ ନିମିତ୍ତ ଜଣେ ସାହାଯ୍ୟକାରୀ ଆବଶ୍ୟକ ହୋଇପଡ଼େ ।

ଧାରଣାର ଗାଢ଼ତାକୁ 'ଧ୍ୟାନ' କହନ୍ତି ଏବଂ ଧ୍ୟାନର ପରିପାକ ଅବସ୍ଥା ହିଁ 'ସମାଧି' । ଧ୍ୟାନ ସମୟରେ ଯେ କେତେବେଳେ ସମାଧି ଆସିଯିବ, ତାହାର ନିଶ୍ଚୟତା ନାହିଁ ଏବଂ ସମାଧିର ସ୍ୱରୂପ ନ ଜାଣିବା ପର୍ଯ୍ୟନ୍ତ ସାଧକଙ୍କ ମନରେ ଗୋଟିଏ ଭୟମିଶ୍ରିତ ଭାବ ଥାଏ । ବିଶେଷତଃ ଗୁରୁ ନିକଟରେ ନ ଥିଲେ, ଏହି ଭୟ ହୁଏ ଯେ, ଯଦି ସମାଧି ନ ଭାଙ୍ଗେ, ତେବେ କ'ଣ କରାଯିବ ? ତେଣୁ ସାଧକଙ୍କର ଜଣେ ସାହାଯ୍ୟକାରୀ ବା ଚେଲାର ପ୍ରୟୋଜନ ହୁଏ । ଯଜ୍ଞେଶ୍ୱର ବାବୁଙ୍କ ସ୍ତ୍ରୀ ସରଯୂ ଦେବୀ ନିଗମାନନ୍ଦଙ୍କର ଚେଲା କାର୍ଯ୍ୟରେ ନିଯୁକ୍ତ ହେଲେ । ନିଗମାନନ୍ଦ ତାଙ୍କୁ ତାଙ୍କର କର୍ତ୍ତବ୍ୟ ସମ୍ବନ୍ଧରେ ବିହିତ ଉପଦେଶ ଦେଇ ବୁଝାଇ କହିଲେ ଯେ- ଯଦି ସେ ଧ୍ୟାନ କରୁ କରୁ ସମାଧିସ୍ଥ ହୋଇପଡ଼ନ୍ତି, ତେବେ ପ୍ରଥମ ଦିନ ଚବିଶ ଘଣ୍ଟା ଭିତରେ ବାହ୍ୟଜ୍ଞାନ ଫେରାଇ ଆଣିବାକୁ ଚେଷ୍ଟାକରିବ । ସେ ଆସନରେ ଉପବିଷ୍ଟ ଥିଲେ ମଧ୍ୟ ଦେହ ମୃତ ପରି ରହିଥିବ ଏବଂ ବାହ୍ୟିକ ଚେତନାର କୌଣସି ପ୍ରକାର ଚିହ୍ନ ଦେଖାଯିବ ନାହିଁ । ଅନ୍ତଃସଲିଳା ଫଲଗୁ ନଦୀ ପରି ଭିତରେ ଚେତନା ଥିବ । ପ୍ରଥମେ ସ୍କନ୍ଧ-ଦେଶରେ ଗବ୍ୟଘୃତ ମର୍ଦ୍ଦନ କରି ପରେ ଦାନ୍ତ ଫିଟାଇବାକୁ ଚେଷ୍ଟା କରିବାକୁ ହେବ । ଦାନ୍ତ ଫିଟିଲା ପରେ ଦେଖାଯିବ ଯେ, ଜିହ୍ୱା ସ୍ୱସ୍ଥାନରେ ନ ଥାଇ ତାଳୁଦ୍ୱାର ରୋଧ କରିଅଛି । ଜିହ୍ୱାକୁ ଖାଣ୍ଟି ଶୁଦ୍ଧରୂପାର ଚମୁଚାଦ୍ୱାରା ମୃଦୁଭାବରେ ଆକର୍ଷଣ କରି ସେଥିରେ ଘୃତ ମାଲିସ କରି ସ୍ୱାଭାବିକ ଅବସ୍ଥାକୁ ଆଣିବାକୁ ପଡ଼ିବ । ତାହାପରେ ପରିଷ୍କୃତ କନାଦ୍ୱାରା ବଳିତା ପ୍ରସ୍ତୁତ କରି ଉକ୍ତ ବଳିତା ସାହାଯ୍ୟରେ ସାଧକଙ୍କୁ ଦୁଗ୍‌ଧପାନ କରାଇବାକୁ ହେବ । ଏହିସବୁ କ୍ରିୟା ଖୁବ୍ ସାହସ ଓ ଧୈର୍ଯ୍ୟର ସହିତ କଲେ ସାଧକଙ୍କର ପୁଣି ବାହ୍ୟଜ୍ଞାନ ଫେରି ଆସିବ ।



ଯୋଗୀଗୁରୁ ଶ୍ରୀଶ୍ରୀ ଠାକୁର

## ସମ୍ପ୍ରଜ୍ଞାତ ସମାଧି

ଯୋଗକ୍ରିୟାଗୁଡ଼ିକର ଧାରାବାହିକ ନିୟମ ହେଉଛି ଯେ, ଗୋଟିଏ କ୍ରିୟା ଫଳପ୍ରସୂ ହେଲେ ତାହାର ପରବର୍ତ୍ତୀ କ୍ରିୟାଟି ମଧ୍ୟ ସିଦ୍ଧ ହେବ । ଏହା ନିଜର ଆୟତ୍ତାଧୀନ, ଏଥିପାଇଁ କାହାର କୃପା ଉପରେ ନିର୍ଭର କରିବାକୁ ହୁଏ ନାହିଁ । କେତେବେଳେ ଯେ ଯୋଗ-ସମାଧି ଆସିଯିବ ତାହା ଯୋଗସାଧକମାନେ ନିଜେ ନିଜେ ଉପଲବ୍ଧି କରିପାରନ୍ତି । ମେରୁଦଣ୍ଡ ଭିତର ଦେଇ ମୂଳାଧାରସ୍ଥିତ କୁଳକୁଣ୍ଡଳିନୀ ଶକ୍ତି କିପରି କ୍ରମଶଃ ଉତ୍ଥିତ ହେଉଅଛି, ତାହା ନିଗମାନନ୍ଦ ପ୍ରତ୍ୟକ୍ଷ ଉପଲବ୍ଧି କରିପାରିଲେ । କୁଣ୍ଡଳିନୀର ଊର୍ଦ୍ଧ୍ୱଗମନ ଓ ଅଧୋଗମନ ସମୟକୁ 'ସମ୍ପ୍ରଜ୍ଞାତ' ସମାଧି କହନ୍ତି । କୁଣ୍ଡଳିନୀ ଗୋଟିଏ ଗୋଟିଏ ପଦ୍ମକୁ ଉଠିଲେ ଗୋଟିଏ ଗୋଟିଏ ଜଗତର ବିକାଶ ହୁଏ । ଏହା କିନ୍ତୁ ଚରମ ଅବସ୍ଥା ନୁହେଁ । ଚରମାବସ୍ଥାରେ ପହଞ୍ଚିବା ପୂର୍ବରୁ ସାଧକଙ୍କ ଦିବ୍ୟ ଦର୍ଶନ, ଦିବ୍ୟ ଶ୍ରବଣ ଓ ବୈଦ୍ୟୁତିକ ଗତି ପ୍ରଭୃତି ଲାଭ ହୁଏ । ନିଗମାନନ୍ଦ ନିଜର ଏହିସବୁ ଲକ୍ଷଣ ଦେଖି ବୁଝିଲେ ଯେ, ଅତିଶୀଘ୍ର ତାଙ୍କର ସର୍ବାଭୀଷ୍ଟ ସିଦ୍ଧ ହେବ । ତେଣୁ ପୂର୍ବରୁ ସମାଧି ଅବସ୍ଥାର କର୍ତ୍ତବ୍ୟ ବିଷୟରେ ଗୁରୁଦେବଙ୍କ ଉପଦେଶାଦି ଦେଲେ ।

## ତ୍ରିକୂଟ ସ୍ଥାନ

ଆତ୍ମଶକ୍ତି ଉପରେ ନିର୍ଭର କରି ଯୋଗୀମାନେ ତ୍ରିକୂଟ ସ୍ଥାନ ପର୍ଯ୍ୟନ୍ତ ବାୟୁ ସାହାଯ୍ୟରେ ଗମନକରିପାରନ୍ତି । କିନ୍ତୁ ଏହି ତ୍ରିକୂଟସ୍ଥାନରେଉପନୀତହେଲାକ୍ଷଣି ଗୁରୁଙ୍କର ସାହାଯ୍ୟ ପ୍ରୟୋଜନହୁଏ । ନିଗମାନନ୍ଦ ସମ୍ପ୍ରଜ୍ଞାତ ସମାଧି ଦ୍ୱାରା କ୍ରମେ ବିଜ୍ଞାନମୟ କୋଷକୁ ଅତିକ୍ରମ କଲେ ଏବଂ ଏହି କୋଷର କ୍ରିୟାକୁ ରୋଧ କରି ଆନନ୍ଦମୟ କୋଷର ତୋରଣ ଦ୍ୱାରଦେଶ ଉପନୀତ ହେଲେ ।

## ନିରାଲମ୍ବପୁରୀ

ଏହି ତୋରଣଦ୍ୱାର ଶ୍ରୀଗୁରୁଙ୍କ କୃପା ବ୍ୟତୀତ ଅତିକ୍ରମ କରାଯାଇପାରେ ନାହିଁ । ଶ୍ରୀଗୁରୁଙ୍କ କୃପାରୁନିଗମାନନ୍ଦ ତ୍ରିକୂଟସ୍ଥାନ ଅତିକ୍ରମକରିନିରାଲମ୍ବପୁରୀରେ

ପରମାତ୍ମାଙ୍କ ସହିତ ନିମଜ୍ଜିତ ହେଲେ । ତାଙ୍କର 'ଅସମ୍ପ୍ରଜ୍ଞାନ ସମାଧି' ଲାଭ ହେଲା । ପ୍ରାୟ ଚବଶ ଘଣ୍ଟା ଅତୀତ ହୋଇଗଲା; ତଥାପି ସନ୍ନ୍ୟାସୀଙ୍କର ଚେତନା ଭଙ୍ଗର କୌଣସି ଲକ୍ଷଣ ଦେଖା ନ ଯିବାରୁ ସରଯୂଦେବୀ ଚିନ୍ତାହୋଇପଡ଼ିଲେ । ସେ ଦେଖିଲେ ଯେ ତାଙ୍କର ଶ୍ୱାସପ୍ରଶ୍ୱାସ ବନ୍ଦ ହୋଇଯାଇଛି । ବାହ୍ୟିକ ଭାବରେ ମୃତ୍ୟୁର ସମସ୍ତ ଲକ୍ଷଣ ଦେଖାଯାଉଥିଲେ ମଧ୍ୟ ସେ ବସିଛନ୍ତି । ଚବଶ ଘଣ୍ଟା ଅତୀତ ହେବାପରେ ସରଯୂଦେବୀ ନିଗମାନନ୍ଦଙ୍କ ଉପଦେଶ ଅନୁସାରେ କ୍ରିୟା କରି ତାଙ୍କର ବାହ୍ୟଚେତନା ଫେରାଇ ଆଣିଲେ ।

ଅପୂର୍ବ ଆନନ୍ଦ ଲାଭ କରି ନିଗମାନନ୍ଦ ଚବଶଘଣ୍ଟା ପରେ ବାହ୍ୟଜ୍ଞାନ ଫେରିପାଇଲେ । ଆନନ୍ଦ ସାଗରରେ ନିମଜ୍ଜିତ ହୋଇ ଫେରି ଆସିବାରୁ ଏହି ଜଗତ ତାଙ୍କ ନିକଟରେ ନୂତନ ବୋଧ ହେଲା । ସେ ଅନ୍ୟ ଉଚ୍ଚଭାବ ସବୁ ଭୁଲିଗଲେ, ତାଙ୍କର ଗୋଟିଏ 'ଆନନ୍ଦମୟଭାବ' ମାତ୍ର ଅବଶିଷ୍ଟ ରହିଲା । ପ୍ରଥମ ଦିନର ଅଭିଜ୍ଞତା ପରେ ନିଗମାନନ୍ଦ ପୂର୍ବ ଅପେକ୍ଷା ଅଧିକ ସାହସୀ ହୋଇ ଦ୍ୱିତୀୟଥର ସମାଧିରେ ବସିବା ପୂର୍ବରୁ ତିନିଦିନ ପରେ ବାହ୍ୟଜ୍ଞାନ ଫେରାଇ ଆଣିବାକୁ ସରଯୂ ଦେବୀଙ୍କୁ ଆଦେଶ ଦେଇ ମୁହୂର୍ତ୍ତିକ ଭିତରେ ସହସ୍ରାରସ୍ଥିତ ନିରାଲମ୍ବପୁରୀର ଚିତ୍ତସରୀରେ ନିମଜ୍ଜିତହେଲେ । ତାଙ୍କ ଉପଦେଶମତେ ତିନିଦିନ ପରେ ତାଙ୍କର ବାହ୍ୟଚେତନା ଫେରାଇ ଅଣାହେଲା । ନିଗମାନନ୍ଦ ସମାଧିଭଙ୍ଗ ପରେ ଦଶଦିନ ପର୍ଯ୍ୟନ୍ତ ଦୁର୍ବଳତା ଅନୁଭବ କଲେ ।

ତୃତୀୟଥର ସମାଧିରେ ବସିବାପୂର୍ବରୁ ସାତଦିନ ପରେ ବାହ୍ୟଜ୍ଞାନ ଫେରାଇ ଆଣିବାକୁ ଆଦେଶ ଦେଇ ନିଗମାନନ୍ଦ ଆସନରେ ଉପବିଷ୍ଟ ହେଲେ । ଏହି ସମାଧି ଅବସ୍ଥାରେ ସେ ବ୍ରହ୍ମାଣ୍ଡର ସପ୍ତଭୂମିରେ ଦିନେଦିନେ ଅବସ୍ଥାନ କରି ପ୍ରତ୍ୟେକ ଲୋକ ବିଷୟରେ ସମ୍ୟକ୍ ଜ୍ଞାନଲାଭକଲେ । ଦେହସ୍ଥ ସୂକ୍ଷ୍ମଚକ୍ରସହିତ ସ୍ଥୂଳଲୋକର ଅତି ଘନିଷ୍ଠ ସମ୍ବନ୍ଧ । ନିଗମାନନ୍ଦ ଗୋଟିଏ ଗୋଟିଏ ଚକ୍ରରେ ଅବସ୍ଥାନ କରି ପ୍ରତ୍ୟେକ ଲୋକର ସୃଷ୍ଟିବୈଚିତ୍ର୍ୟ ଦର୍ଶନ କରି ଅବଶେଷରେ ବ୍ରହ୍ମଲୋକରେ ଉପନୀତ ହେଲେ । ସପ୍ତମଦିନ ଅତିବାହିତହୋଇଗଲା । ସମାଧିଭଙ୍ଗ ନହେବାର

ଦେଖି ସରଯୁ ଦେବୀ ଅତ୍ୟନ୍ତ ଚିନ୍ତିତା ହୋଇପଡ଼ିଲେ । ସେ ନାନା ପ୍ରକ୍ରିୟାଦ୍ୱାରା ବାହ୍ୟଜ୍ଞାନ ଫେରାଇ ଆଣିବାକୁ ଚେଷ୍ଟାକଲେ; ମାତ୍ର କାହିଁରେ କିଛି ଫଳ ହେଲା ନାହିଁ । ଯଜ୍ଞେଶ୍ୱରବାବୁ ମଧ୍ୟ କୌଣସି ଉପାୟ ନଦେଖି ଜଣେ ମହିଳା ଡାକ୍ତରଙ୍କୁ ଡ଼କାଇ ବହୁ କଷ୍ଟରେ ସନ୍ନ୍ୟାସୀଙ୍କର ଚେତନା ଫେରାଇ ଆଣିଲେ । ରାଜଯୋଗର ଚରମାବସ୍ଥାରେ ପରମାତ୍ମାଙ୍କର ଦର୍ଶନ ହୁଏ ବା ପରମାତ୍ମାଙ୍କ ସହିତ ଯୋଗ ସ୍ଥାପିତ ହୁଏ ଅଥବା ପରମାତ୍ମାଙ୍କଠାରେ ଆତ୍ମାର ଲୟ ହୁଏ । ଯେ କୌଣସି ଭାଷା ଦ୍ୱାରା ପ୍ରକାଶ କଲେ ମଧ୍ୟ ଏ ଅବସ୍ଥା ବୁଝିହୁଏ ନାହିଁ, କେବଳ 'ଅସମ୍ପ୍ରଜ୍ଞାତ ସମାଧି' ସାହାଯ୍ୟରେ ଏହା ଉପଲବ୍ଧି କରିହୁଏ ।

ଏହି ସମାଧି-ସୁଖ ଲାଭକଲା ପରେ ନିଗମାନନ୍ଦ ପ୍ରାୟ ସବୁବେଳେ ଏକ ପ୍ରକାର ସମାଧିରେ ସମୟକଟାଇଲେ । ଯେତେବେଳେଇଚ୍ଛାହୁଏ,ସେତେବେଳେ ସମାଧିମଗ୍ନ ହୋଇପଡ଼ନ୍ତି । କିନ୍ତୁ ଲୋକେ କାଳେ ଉଦ୍‌ବିଗ୍ନ ହେବେ ଭାବି ସତ୍ତ୍ୱର ନିମ୍ନଲୋକଭୂମିକୁ ଅବତରଣ କରିଆସନ୍ତି ।

## ନିର୍ବିକଳ୍ପ ସମାଧି ଲାଭ

କ୍ରମେ ନିଗମାନନ୍ଦ ସମାଧିକୁ ଖୁବ୍ ଆୟତ୍ତ କରିପକାଇଲେ । ଟିକିଏ ସ୍ଥିର ହୋଇ ବସିଲାମାତ୍ରେ କୁଣ୍ଡଳିନୀର ଊର୍ଦ୍ଧ୍ୱଗମନ ପ୍ରାକୃତିକ ନିୟମରେ ହେବାକୁ ଲାଗିଲା ଓ ଇଚ୍ଛାମାତ୍ରକେ ନିଗମାନନ୍ଦ ପୁନରାୟ ତାହାକୁ ଯଥା ସ୍ଥାନକୁ ଫେରାଇ ଆଣିବାର ଶକ୍ତି ଲାଭ କଲେ । ଏହାପରେ ନିଗମାନନ୍ଦ ଲୋକସଙ୍ଗ ପରିତ୍ୟାଗକରି ମଧ୍ୟେ ମଧ୍ୟେ କାମାକ୍ଷା ପାହାଡ଼କୁ ବୁଲିବାକୁ ଗଲେ । ଏହି ସମୟରେ କାମାକ୍ଷା ମନ୍ଦିରରେ ନିତ୍ୟାନନ୍ଦ ସ୍ୱାମୀ ବୋଲି ଜଣେ ସାଧୁ ଥାଆନ୍ତି । ତାଙ୍କ ସହିତ ନିଗମାନନ୍ଦଙ୍କର ଅତ୍ୟନ୍ତ ସୌହାର୍ଦ୍ଦ୍ୟ ଜନ୍ମିଲା । ତାଙ୍କ ନିକଟରେ ନିଗମାନନ୍ଦ ପ୍ରକାଶ କଲେ ଯେ, ସେ ବେଦାନ୍ତର 'ନିର୍ବିକଳ୍ପ ସମାଧି' ଆଣିବେ । ଏହା ଶୁଣି ନିତ୍ୟାନନ୍ଦ ସ୍ୱାମୀ କହିଲେ, ଏପରି ସମାଧି ଆଣିଲେ ବିପଦ ହେବ । ଏହି ସମାଧି ପରେ ଦେହ କ୍ୱଚିତ୍ ଫେରନ୍ତି । ନିଗମାନନ୍ଦ ତାଙ୍କ କଥା ନ ମାନି କାମାକ୍ଷା ପାହାଡ଼ ଉପରେ ଗୋଟିଏ ନିର୍ଜନ ସ୍ଥାନ ନିର୍ଦ୍ଦିଷ୍ଟ କଲେ । ପରଦିନ ଶୀଘ୍ର

ପାନାହାର ଶେଷ କରି କାହାକୁ କିଛି ନ କହି ଏକାକୀ ପାହାଡ଼ ଉପରେ ଯାଇ ପୂର୍ବନିର୍ଦ୍ଦିଷ୍ଟ ସ୍ଥାନରେ ଉପବେଶନ କରି ଭାବିଲେ, "ଅନେକ ଦିନରୁ ଜ୍ଞାନ ସାଧନା କରୁଛି, କେବେହେଲେ ନିର୍ବିକଳ୍ପ ସମାଧି-ସୁଖ ଆସ୍ୱାଦନ କରି ନାହିଁ।" ଏହିପରି ଭାବନା କରି ଜୀବନ ପ୍ରତି ଭ୍ରୂକ୍ଷେପ ନ ରଖି ସେ ଧ୍ୟାନସ୍ଥ ହୋଇପଡ଼ିଲେ।

## ନିର୍ବିକଳ୍ପ ସମାଧିପ୍ରଣାଳୀ

ଧ୍ୟାନରେ ବସି ନିଗମାନନ୍ଦ ଅହଂତତ୍ତ୍ୱର ପ୍ରସାର କରିବାକୁ ଲାଗିଲେ। ପ୍ରଥମେ କଳ୍ପନା ଦ୍ୱାରା ସେ ଭାବିଲେ, ଏହି ଶରୀରଟା 'ମୁଁ'। ତାହା ପରେ କାମାକ୍ଷା ପାହାଡ଼ ପରେ ଆସାମ ପ୍ରଦେଶ, ତା ପରେ ସମଗ୍ର ଭାରତବର୍ଷକୁ ମୁଁ ବୋଲି ଭାବିବା ମାତ୍ରେ ଭାରତବର୍ଷର ନଦୀନଦୀ, ପାହାଡ଼-ପର୍ବତ ସମସ୍ତ ତାଙ୍କର ଦୃଷ୍ଟିଗୋଚର ହେଲା। କ୍ରମେ ତାଙ୍କର ମନ ଊର୍ଦ୍ଧ୍ୱ ଜଗତକୁ ଉଠିବାକୁ ଲାଗିଲା। ସେତେବେଳେ ନିଗମାନନ୍ଦ ଗୋଟିଏ କ୍ଷୀଣଜ୍ୟୋତିଃ-ବିଶିଷ୍ଟ ଆଲୋକ ଦେଖିପାରିଲେ। ଉଠିବା ସଙ୍ଗେ ସଙ୍ଗେ ମନେ ହେଲା, ଯେପରି ଗୋଟିଏ ପରେ ଗୋଟିଏ ଦ୍ୱାର ଖୋଲି ଯାଉଛି ଓ ସେ କ୍ରମଶଃ ଉପରକୁ ଉଠି ଯାଉଛନ୍ତି। ଅବଶେଷରେ ସେ ସପ୍ତଲୋକ ପାର ହୋଇ ଏକ ଜ୍ୟୋତିର୍ମୟମଣ୍ଡଳରେ ଉପସ୍ଥିତ ହେଲେ। ଏହି ଜ୍ୟୋତିର୍ମଣ୍ଡଳ ମଧ୍ୟରେ ନିଗମାନନ୍ଦ ନିଜକୁ ସର୍ବଜ୍ଞ ଅନୁଭବ କରିପାରିଲେ। ତାହା ପରେ ଯେଉଁ ଆନନ୍ଦ ହେଲା, ତାହା ଭାଷାରେ ବ୍ୟକ୍ତ କରିବା ଅସମ୍ଭବ।

## ଗୁରୁଭାବର ସଞ୍ଚାର

ଏହି ଅବସ୍ଥାରେ କିଛିକ୍ଷଣ ଅବସ୍ଥାନ କଲା ପରେ ହଠାତ୍ ତାଙ୍କ ମନରେ ଗୋଟିଏ ଦୃଢ଼ ସଂକଳ୍ପ ଜାଗିଉଠିଲା ଯେ, 'ମୁଁ ଗୁରୁ'। ତତ୍‌କ୍ଷଣାତ୍ ଏହି ଅନନ୍ତ ଜ୍ୟୋତିଃପୁଞ୍ଜ କେନ୍ଦ୍ରରୂପୀ ଏକ ବିନ୍ଦୁ ଆକାର ଧାରଣ କଲା। ସେହି ବିନ୍ଦୁ ମଧ୍ୟରେ ନିଜକୁ ମଧ୍ୟ ସେ 'ଗୁରୁ' ବୋଲି ଅନୁଭବ କରିପାରିଲେ। ଏହି ଗୁରୁଭାବ ବ୍ୟତୀତ ଅନ୍ୟ କୌଣସି ଭାବର ସତ୍ତା ତାଙ୍କଠାରେ ରହିଲା ନାହିଁ।

## ଅନ୍ତରଙ୍ଗ

କିଛି ସମୟ ପରେ ଜଗମାନନ୍ଦ ଦେଖିଲେ ଯେ ଘୋର ଅନ୍ଧକାର । ଏହି ଅନ୍ଧକାର ରାଜ୍ୟକୁ ସେ ବା କିପରି ଆସିଲେ, କିପରି ସେ ଏହି ଅନ୍ଧକାରରୁ ବାହାର ହେବେ, ତାହା ଠିକ୍ କରିପାରିଲେ ନାହିଁ ।

କିଛି କ୍ଷଣ ପରେ ହଠାତ୍ ଦେଖିଲେ, ଜାଲ ପରି ଛିଦ୍ରବିଶିଷ୍ଟ ଗୋଟିଏ ଜ୍ୟୋତିର୍ମୟ ପଦାର୍ଥ ସେହି ଅନ୍ଧକାର ରାଜ୍ୟରେ ଦେଖାଯାଉଛି । ସେହି ଜାଲର ଠିକ୍ ମଧ୍ୟଭାଗରେ ଥିବା ଗୋଟିଏ ଛିଦ୍ର ଉପରେ ଜଗମାନନ୍ଦଙ୍କ ଦୃଷ୍ଟି ପଡ଼ିବା କ୍ଷଣି ଛିଦ୍ରଟି କ୍ରମେ ବଡ଼ ହେବାକୁ ଲାଗିଲା । ଜଗମାନନ୍ଦ ସେହି ଛିଦ୍ର ଦେଇ ଖସିପଡ଼ିଲେ । ସେ ଏତିକିବେଳେ ଗର୍ଭଯନ୍ତ୍ରଣା ପରି ଭୀଷଣ ଯନ୍ତ୍ରଣା ଅନୁଭବ କଲେ । ସେ କ୍ରମେ ଏହିପରି ନିର୍ଗୁଣରୁ ସଗୁଣ ଅବସ୍ଥାକୁ ଫେରିଆସିଲେ । ତାହାପରେ ତପଃ, ସତ୍ୟ ପ୍ରଭୃତି ଲୋକ ତାଙ୍କ ଚକ୍ଷୁ ଆଗରେ ପ୍ରତ୍ୟକ୍ଷ ଫୁଟିଉଠିଲା । ଅବଶେଷରେ ଭୂଲୋକରେ ଉପସ୍ଥିତ ହେବାକ୍ଷଣି ସମଗ୍ର ପୃଥିବୀ ଜଗମାନନ୍ଦଙ୍କର ନୟନଗୋଚର ହେଲା । ତତ୍ପରେ ଭାରତବର୍ଷ ଦେଖାଗଲା । ଅନ୍ୟାନ୍ୟ ବଡ଼ ବଡ଼ ଦେଶ ମହାଦେଶଗୁଡ଼ିକ ମଧ୍ୟ ସେ ପ୍ରତ୍ୟକ୍ଷ ଦେଖିପାରିଲେ । ପରେ ଆସାମ ପ୍ରଦେଶ, ଶେଷରେ କାମାକ୍ଷା ପାହାଡ଼, ପାହାଡ଼ର ବୃକ୍ଷଲତା ଦେଖୁ ଦେଖୁ ନିଜ ଦେହ ଦୃଷ୍ଟିଗୋଚର ହେଲା । ଜଗମାନନ୍ଦ ହଠାତ୍ ଦେହ ଭିତରେ ପଶିଗଲେ । କିନ୍ତୁ କେଉଁ ମୁହୂର୍ତ୍ତରେ କିପରି ସେ ଦେହ ଭିତରେ ପଶିଲେ, ତାହା ବୁଝିପାରିଲେ ନାହିଁ । ଦେହ ଭିତରୁ ବାହାରିବାବେଳେ ସେ କିପରି ବାହାରିଥିଲେ । ତାହା ମଧ୍ୟ ସେ ଜାଣିପାରି ନ ଥିଲେ । ଦେହ ଭିତରେ ପ୍ରବେଶ କଲା ମାତ୍ରକେ ତାଙ୍କର ବାହ୍ୟଜ୍ଞାନ ଫେରିଆସିଲା । କିନ୍ତୁ 'ମୁଁ ଗୁରୁ' ଏହି ବିଶେଷ ଭାବ ପ୍ରବଳ ଭାବରେ ଜାଗିଉଠିଲା ।

ଅପାର ଆନନ୍ଦ ନେଇ ଜଗମାନନ୍ଦ ଯଜ୍ଞେଶ୍ୱରବାବୁଙ୍କ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଯଜ୍ଞେଶ୍ୱରବାବୁ ସନ୍ନ୍ୟାସୀଙ୍କୁ ଫେରିପାଇ ବିଶେଷ ଆନନ୍ଦିତ ହେଲେ । ଏହି ସମୟରେ ଜଗମାନନ୍ଦଙ୍କର ମୁଖମଣ୍ଡଳ ଅପୂର୍ବ ଜ୍ୟୋତିର୍ମୟ ହୋଇଥିଲା । ଏବଂ ତାଙ୍କ ଚକ୍ଷୁରୁ ସର୍ବଦା ଜ୍ୟୋତିଃର ଝଲକ ବାହାରୁଥିଲା । ଏହି ଅଲୌକିକତା ଅନ୍ୟ ଲୋକେ ମଧ୍ୟ ଦେଖି ପାରୁଥିଲେ ।

# ପଞ୍ଚମ ପରିଚ୍ଛେଦ

## ଗୁରୁ ନିଗମାନନ୍ଦ

### କୁମ୍ଭମେଳାକୁ ଗମନ

ସିଦ୍ଧମନୋରଥ ହୋଇ ନୂତନ ଜଗତର ନୂତନ ଆଲୋକରେ ଉଦ୍ଭାସିତ ହେବା ପରେ ନିଗମାନନ୍ଦ ଗୌହାଟୀରେ ଆଉ ଅଧିକ ସମୟ ରହିବାକୁ ଉଚିତ ମନେ କଲେନାହିଁ । ସୁତରାଂ ସେ ଗୌହାଟୀରୁ ବଙ୍ଗଦେଶ ହୋଇ କୁମ୍ଭମେଳାରେ ଯୋଗଦାନ କରିବା ଉଦ୍ଦେଶ୍ୟରେ ବାହାରିଲେ । ସର୍ବେଶ୍ୱରବାବୁ ଓ ସରଯୂଦେବୀ ଅତ୍ୟନ୍ତ ମନୋବେଦନା ସହିତ ତାଙ୍କୁ ବିଦାୟ ଦେଲେ ଏବଂ କୁମ୍ଭମେଳାରୁ ଫେରି ପୁନରାୟ ଗୌହାଟୀ ଆସିବାକୁ ଓ ସମ୍ଭବ ହେଲେ ତାଙ୍କର ସନ୍ନ୍ୟାସୀ ଗୁରୁଙ୍କୁ କାମାକ୍ଷା ଦର୍ଶନ ନିମିତ୍ତ ସଙ୍ଗରେ ଆଣିବାକୁ ଅନୁରୋଧ କଲେ । ନିଗମାନନ୍ଦ ମଧ୍ୟ ଗୁରୁଦେବଙ୍କୁ ସଙ୍ଗରେ ଘେନି ଆସିବାକୁ ପ୍ରତିଶ୍ରୁତି ଦେଇ ସେଠାରୁ ପୁଷ୍କର ଅଭିମୁଖେ ଯାତ୍ରା କଲେ । କୁମ୍ଭ ସାଧୁ ମହାସମ୍ମିଳନୀ ସେଥର ପ୍ରୟାଗରେ ହେଉଥିଲା; ତେଣୁ ନିଗମାନନ୍ଦ ଏଲାହାବାଦରେ ଉପସ୍ଥିତ ହେଲେ । ତାହା ୧୩୧୨ ସାଲର କଥା । ଦିନେ ଦୁଇ ଦିନ ପରେ ନିଗମାନନ୍ଦ ଶୁଣିଲେ ଯେ, ତାଙ୍କର ଗୁରୁ ସଚ୍ଚିଦାନନ୍ଦ ସରସ୍ୱତୀ କୁମ୍ଭମେଳାକୁ ଆସି ଶୃଙ୍ଗେରୀ ମଠର ମହାନ୍ତ ଶଙ୍କରାଚାର୍ଯ୍ୟଙ୍କ ସହିତ ଅବସ୍ଥାନ କରୁଛନ୍ତି । ଏହା ଶୁଣି ଗୁରୁଦର୍ଶନ ନିମିତ୍ତ ତାଙ୍କ ମନ ବଡ଼ ଚଞ୍ଚଳ ହୋଇଉଠିଲା । ନିଗମାନନ୍ଦ ଗୁରୁଦେବଙ୍କ ସାକ୍ଷାତପାଇଁ ବାହାରି ପଡ଼ିଲେ ।

# ପରମହଂସ ପଦ ପ୍ରାପ୍ତି

ଶୃଙ୍ଗେରୀ ମଠ ମହନ୍ତଙ୍କ ଆସ୍ଥାନକୁ ଯାଇ ନିଗମାନନ୍ଦ ଦେଖିଲେ ଯେ, ପ୍ରକାଣ୍ଡ ସିଂହାସନରେ ଉକ୍ତ ଶୃଙ୍ଗେରୀ ମଠର ମହନ୍ତ ଓ ତାଙ୍କ ଚତୁଃପାର୍ଶ୍ୱରେ ଏହି ମଠ ଅନ୍ତର୍ଗତ ପ୍ରାୟ ଶତାଧିକ ସାଧୁ ବସିଛନ୍ତି । ସେମାନଙ୍କ ଭିତରେ ସ୍ୱାମୀ ସଚ୍ଚିଦାନନ୍ଦ ମଧ୍ୟ ବସିଛନ୍ତି । ନିଗମାନନ୍ଦ ସର୍ବପ୍ରଥମେ ତାଙ୍କର ଗୁରୁ ସ୍ୱାମୀ ସଚ୍ଚିଦାନନ୍ଦ ପରମହଂସଙ୍କୁ ପ୍ରଣାମ କଲେ, ପରେ ମହନ୍ତ ଓ ଅନ୍ୟାନ୍ୟ ସାଧୁମାନଙ୍କୁ ପ୍ରଣାମ କଲେ । ଏଥିରେ ସାଧୁମାନେ ବାଦାନୁବାଦ କରିବାକୁ ଲାଗିଲେ । ଶଙ୍କରପ୍ରତିଷ୍ଠିତ ମଠର ଶୀର୍ଷ ସ୍ଥାନରେ ଥିବା ମହନ୍ତଙ୍କୁ 'ଜଗଦ୍‌ଗୁରୁ' କୁହାଯାଏ । ତାହାଙ୍କୁ ଅର୍ଥାତ୍ ଜଗଦ୍‌ଗୁରୁଙ୍କୁ ପ୍ରଥମେ ସମ୍ମାନ ନକରି ନିଗମାନନ୍ଦ ସଚ୍ଚିଦାନନ୍ଦଙ୍କୁ ପ୍ରଣାମ କରିବା, ଏହି ବାଦାନୁବାଦର କାରଣ । ଏପରି ଭାବରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ପ୍ରଥମେ ପ୍ରଣାମ ନକରିବାର କାରଣ କ'ଣ ପଚାରିବାରୁ ନିଗମାନନ୍ଦ କହିଲେ, "ମୋ ଗୁରୁ ହିଁ ଜଗଦ୍‌ଗୁରୁ" ।

"ମନ୍ନାଥଃ ଶ୍ରୀଜଗନ୍ନାଥୋ ମଦ୍‌ଗୁରୁଃ ଶ୍ରୀ ଜଗଦ୍‌ଗୁରୁ
ମଦାତ୍ମା ସର୍ବଭୂତାତ୍ମା ତସ୍ମୈ ଶ୍ରୀ ଗୁରବେ ନମଃ ।"

'ତେଣୁ ଶୃଙ୍ଗେରୀ ମଠର ମହନ୍ତ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ମୋ ଗୁରୁ ସଚ୍ଚିଦାନନ୍ଦଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଯଦି ଭେଦଭାବ ରହିବ, ତେବେ 'ଅନବସ୍ଥା' ଦୋଷ ଜାତ ହୋଇ ଅଦ୍ୱୈତବାଦ ନଷ୍ଟ ହୋଇଯିବ । ଯଦି ମୋ ଗୁରୁଙ୍କଠାରୁ କିଏ ବଡ଼ ଅଛନ୍ତି ବୋଲି ମୁଁ ସ୍ୱୀକାର କରିବି, ତେବେ ତାଙ୍କଠାରୁ ମଧ୍ୟ ଆଉ କେହି ବଡ଼ ଅଛନ୍ତି ବୋଲି ମାନିବାକୁ ହେବ । ଏହାହିଁ 'ଅନବସ୍ଥା' ଦୋଷ । ଯେଉଁ ଦିନ ଜଗଦ୍‌ଗୁରୁ ମୋ ଗୁରୁଙ୍କୁ ଗୁରୁଭାର ଅର୍ପଣ କଲେ, ସେହି ଦିନଠାରୁ ମୋ ଗୁରୁ ମଧ୍ୟ ଜଗଦ୍‌ଗୁରୁଙ୍କଠାରୁ ଅଭେଦ ।"

ମହନ୍ତ ମହାରାଜ ନିଗମାନନ୍ଦଙ୍କ ଯୁକ୍ତି ଶୁଣି କହିଲେ, "ବାବା ଠିକ୍ ବାତ୍ ବୋଲ୍‌ତା ହୈ ।" ତା ପରେ ଜଗଦ୍‌ଗୁରୁ ମହନ୍ତ ନିଗମାନନ୍ଦଙ୍କୁ ନିକଟକୁ ଡାକି ପଚାରିଲେ, "ଆଚ୍ଛା, ତୁମ୍ ବାହାରମେ ପାହାଡ଼ ପର୍ବତ

ସରନ୍ତୁ ସାଗର ସବ୍ ଦେଖ ?'' ନିଗମାନନ୍ଦ ଉତ୍ତର ଦେଲେ, ''ହାଁ ସବ୍ ଦେଖା ।'' ତାପରେ ମହନ୍ତ ମହାରାଜ ପଚାରିଲେ, 'ଔର କାହାଁ ଦେଖା ?' (ଆଚ୍ଛା, ଏହି କୁମ୍ଭମେଳା ପରି ଆଉ ଗୋଟିଏ ସ୍ଥାନ କେଉଁଠାରେ ଦେଖିଛ କି ?)

ନିଗମାନନ୍ଦ ଉତ୍ତର ଦେଲେ, 'ତୈଲୋକ୍ୟେ ଯାନି ଭୂତାନି ତାନି ସର୍ବାଣି ଦେହତଃ । ସମାଧିମେ ସବ୍ ଦେଖ୍‌ଲିୟା ।' (କୁମ୍ଭମେଳା ପରି ଆଉ ଗୋଟିଏ ସ୍ଥାନ ଶରୀର ମଧ୍ୟରେ ସମାଧି ଅବସ୍ଥାରେ ଦେଖିଛି ।) ମହନ୍ତ ପଚାରିଲେ; ଆଚ୍ଛା ଗୋଟିଏ ଗଛରେ ଦୁଇଟି ପକ୍ଷୀ ଦେଖିଛ କି ?'' * ନିଗମାନନ୍ଦ କହିଲେ, 'ନା, ଗୋଟିଏ ଗଛରେ ଗୋଟିଏ ମାତ୍ର ପକ୍ଷୀ ପ୍ରତ୍ୟକ୍ଷ କରିଛି ।' ମହନ୍ତ ପଚାରିଲେ, 'ତେବେ ଗୋଟିଏ ଗଛରେ ଦୁଇଟି ପକ୍ଷୀ ବୋଲି ପ୍ରତୀୟମାନ ହେବାର କାରଣ କଅଣ ? ଉତ୍ତରରେ ନିଗମାନନ୍ଦ କହିଲେ, 'ପ୍ରକୃତ ପକ୍ଷୀଟି ଗଛ ଉପରେ ସ୍ଥିର ହୋଇ ବସିଛି । ତଳେ ଗୋଟିଏ ପାଣିକୁଣ୍ଡ ଥୁଆ ହୋଇଛି । ଉପର ପକ୍ଷୀଟିର ଛାୟା ତଳ ପାଣିକୁଣ୍ଡରେ ପଡ଼ିଛି । ତଳ ପାଣିକୁଣ୍ଡ ଦୋହଲୁଥିବାରୁ ପକ୍ଷୀଛାୟା ଜଡ଼ ହେଲେ ମଧ୍ୟ ଚଳନଶୀଳ ବୋଲି ବୋଧ ହେଉଛି । ଉପର ପକ୍ଷୀ ନିଶ୍ଚଳ ହୋଇ ବସିଛି । ନିମ୍ନାଭିମୁଖୀ ମନର ଦୃଷ୍ଟି ତଳକୁ ଥିବାରୁ ସେ ତଳ ପକ୍ଷୀଟିକୁ ଦେଖିପାରୁଛି, କିନ୍ତୁ ମନ ଯେଉଁଦିନ ନିମ୍ନାଭିମୁଖୀ ନହୋଇ ଊର୍ଦ୍ଧ୍ୱକୁ ଗତି କରିବ, ସେହିଦିନ ଜାଣିବ ଯେ, ପ୍ରକୃତ ପକ୍ଷୀ ଉପରେ ବସିଛି । ତାହାର ଛାୟା ସ୍ୱଚ୍ଛ ଜଳକୁଣ୍ଡରେ ନିପତିତ ହେବାରୁ ଦୁଇଟି ପକ୍ଷୀ ପ୍ରତୀୟମାନ ହେଉଛି ।

ଏହି କଥାରେ ସନ୍ତୁଷ୍ଟ ହୋଇ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସଚ୍ଚିଦାନନ୍ଦଙ୍କୁ ଡାକି କହିଲେ; 'ତୁମର ଏହି ଶିଷ୍ୟ ପରମହଂସ ହେଲେଣି । କାହିଁକି ଏହାଙ୍କୁ ଏପର୍ଯ୍ୟନ୍ତ ଦଣ୍ଡ ଧାରଣ କରାଇଛ ?' ସଚ୍ଚିଦାନନ୍ଦ କହିଲେ, ସେ ଦଣ୍ଡ ନେଇ ମୋ ନିକଟରୁ ଗଲାପରେ ଏତେଦିନ ପରେ ଆଜି ଦେଖାଦେଉଛି ।' ତାପରେ ସ୍ୱାମୀ ସଚ୍ଚିଦାନନ୍ଦ ଦଣ୍ଡାୟମାନ ହୋଇ ସାଧୁମଣ୍ଡଳୀଙ୍କ ଅନୁମତି ମାଗି କହିଲେ,

---

* ଗଛ = ଦେହ; ଦୁଇଟି ପକ୍ଷୀ = ଜୀବାତ୍ମା ଓ ପରମାତ୍ମା ।

'ମୋର ଚେଲାକୁ **'ପରମହଂସ'** ଉପାଧି ଦେବି, ଆପଣମାନେ ଅନୁମତି ଦିଅନ୍ତୁ ।' ସମସ୍ତେ ମହା ଆନନ୍ଦରେ ଏହା ଅନୁମୋଦନ କଲେ । ସେହିଦିନଠାରୁ ନିଗମାନନ୍ଦଙ୍କ ନାମ ହେଲା । **ପରିବ୍ରାଜକାଚାର୍ଯ୍ୟ ପରମହଂସ ସ୍ୱାମୀ ନିଗମାନନ୍ଦ ସ୍ୱରସତୀ'** ।

## ଗୁରୁଦକ୍ଷିଣା

ସାଧକ ନିଗମାନନ୍ଦ ଗୁରୁ ସଚ୍ଚିଦାନନ୍ଦଙ୍କଠାରୁ ଯୋଗସାଧନ ନିମିତ୍ତ ବିଦାୟ ନେଇଯିବା ପରେ ଏହି ପ୍ରଥମ ସାକ୍ଷାତ ହେଲା । ନିଗମାନନ୍ଦ ଆଉ ପୂର୍ବପରି ନାହାନ୍ତି । ସେ ବର୍ତ୍ତମାନ ଗୁରୁ ଭାବରେ ଅଧିଷ୍ଠିତ । ବ୍ରହ୍ମଜ୍ୟୋତିରେ ମୁଖମଣ୍ଡଳ ଉଦ୍ଭାସିତ;ଶରୀରଯୋଗାଗ୍ନିମୟ । ନିଗମାନନ୍ଦଙ୍କର ଏବଂ ଭୂତ ଗମ୍ଭୀରଅଚଳସ୍ପର୍ଶୀ ପ୍ରଶାନ୍ତ ଭାବ ଦେଖି ସଚ୍ଚିଦାନନ୍ଦ ଚମତ୍କୃତ ହେଲେ ଓ ତାଙ୍କୁ ନିର୍ଜନ ସ୍ଥାନକୁ ଡାକି ନେଇ କହିଲେ, 'ବର୍ତ୍ତମାନ ତୋତେ ଗୁରୁ ଦକ୍ଷିଣା ଦେବାକୁ ହେବ ।'

ନିଗମାନନ୍ଦ କହିଲେ, 'କଅଣ ଦେବି କହନ୍ତୁ ।'

ସଚ୍ଚିଦାନନ୍ଦ କହିଲେ, ''ତୋତେ ମୋର ଗୁରୁଭାର ବହନ କରିବାକୁ ହେବ ଓ ପୁଷ୍କର ଗାଦିରେ ବସିବାକୁ ପଡ଼ିବ ।'

ଏହା ଶୁଣି ନିଗମାନନ୍ଦ କହିଲେ ଯେ, ସେ ତାଙ୍କର ପ୍ରଥମ ଆଦେଶ ପାଳନକରିବାକୁ ସମ୍ମତ ଅଛନ୍ତି; କିନ୍ତୁ ପୁଷ୍କରଗାଦିରେ ବସିଲେ ତାଙ୍କ ଦ୍ୱାରା କିଛି କାର୍ଯ୍ୟ ହୋଇପାରିବ ନାହିଁ । ଦୁନିଆର ସବୁ ଗାଦି ଯେତେବେଳେ ସ୍ୱାମୀ ସଚ୍ଚିଦାନନ୍ଦଙ୍କର, ସେତେବେଳେ ସେ ଯେଉଁ ଗାଦିରେ ବସିଲେ ତାଙ୍କଦ୍ୱାରା ଜଗତର ବିଶେଷ କାର୍ଯ୍ୟ ହୋଇପାରିବ; ସେହି ଗାଦିରେ ବସିବା ଶ୍ରେୟସ୍କର । ତାଙ୍କର ଅନ୍ୟତମ ଗୁରୁଭ୍ରାତା ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ପୁଷ୍କରଗାଦି ଦେବାକୁ ନିଗମାନନ୍ଦ ଅନୁରୋଧ କରି ନିଜ ବଙ୍ଗଦେଶର ଗୁରୁ ହେବାର ଆଦେଶ ପ୍ରାର୍ଥନା କଲେ । ଏହା ଶୁଣି ସଚ୍ଚିଦାନନ୍ଦ କହିଲେ, 'ତେବେ ଚାଲ, ମୁଁ ତୋତେ ବଙ୍ଗ ଦେଶରେ ଗୁରୁପଦରେ ପ୍ରତିଷ୍ଠା କରିଦେଇ ଆସିବି ।' ଏହା ପରେ ଉଭୟ ସେଠାରୁ ଫେରି ପୂର୍ବୋକ୍ତ ଯଜ୍ଞେଶ୍ୱର ବାବୁଙ୍କ ଗୃହରେ ଉପନୀତ ହେଲେ ।

# ଗୁରୁ ରୂପରେ ପ୍ରତିଷ୍ଠା

ଯଜ୍ଞେଶ୍ୱରବାବୁ ସ୍ୱାମୀ ସଚ୍ଚିଦାନନ୍ଦ ଓ ନିଗମାନନ୍ଦ ଉଭୟଙ୍କୁ ପାଇ ନିଜକୁ ପରମ ଭାଗ୍ୟବାନ ମନେକଲେ । କିଛିଦିନ ସେଠାରେ ରହିବା ପରେ ସ୍ୱାମୀ ସଚ୍ଚିଦାନନ୍ଦ କାମାକ୍ଷା ଦର୍ଶନ କରିବାକୁ ବ୍ୟଗ୍ର ହୋଇପଡ଼ିଲେ । ଯଜ୍ଞେଶ୍ୱରବାବୁ ସଚ୍ଚିଦାନନ୍ଦଙ୍କୁ ବିଦାୟଦେବାବେଳେ ଦୀକ୍ଷା ନେବା ପାଇଁ ପ୍ରାର୍ଥନା କଲେ, 'ମୋଠାରୁ କଅଣ ଦୀକ୍ଷା ନେବ ? ଏହି ନିଗମାନନ୍ଦଠାରୁ ନିଅ; ମୋଠାରୁ ଏ ବହୁତ ବଡ଼ ହୋଇଗଲାଣି ।' ଏହାପରେ ଯଜ୍ଞେଶ୍ୱରବାବୁ ଓ ତାଙ୍କ ପତ୍ନୀ ସରଯୂଦେବୀ ଉଭୟ ନିଗମାନନ୍ଦଙ୍କନିକଟରୁ ଦୀକ୍ଷା ଗ୍ରହଣ କଲେ । ଏହି ଦୁଇଜଣ ସ୍ୱାମୀ ସ୍ତ୍ରୀ ନିଗମାନନ୍ଦଙ୍କର ସର୍ବପ୍ରଥମ ଶିଷ୍ୟ ହେଲେ । ତାପରେ ସଚ୍ଚିଦାନନ୍ଦ କାମାକ୍ଷା ଦର୍ଶନ କରିବାକୁ ଚାଲିଗଲେ ।

ଏହି ସ୍ଥାନରେ ଶ୍ରୀ ଶ୍ରୀ ଠାକୁରଙ୍କ ବୈଶିଷ୍ଟ୍ୟ ଲକ୍ଷଣୀୟ । ସେ 'ମୁଁ ଗୁରୁ' —ଏହି ଭାବ ନେଇ ନିର୍ବିକଳ୍ପ ସମାଧିରୁ ବ୍ୟୁତ୍ଥିତ ହୋଇଥିଲେ । ପରେ ଆମେ ଜାଣିବାକୁ ପାଇବା ଶ୍ରୀ ଶ୍ରୀ ଠାକୁର ଗୁରୁଗିରି କରିବା ନିମିତ୍ତ ଗାରୋହିଲ ଯୋଗାଶ୍ରମରେ କିଭଳି ପ୍ରତ୍ୟାଦିଷ୍ଟ ହୋଇଥିଲେ, ତଥାପି ଶାସ୍ତ୍ରମର୍ଯ୍ୟାଦା ରକ୍ଷାକରି ନିରାକାର ପରଂବ୍ରହ୍ମ ସ୍ୱରୂପ ତାଙ୍କର ସାକ୍ଷାତ୍ ସଦ୍‌ଗୁରୁ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ଅନୁମତି ବ୍ୟତିରେକେ ସେ କୌଣସି ଶିଷ୍ୟଙ୍କୁ ଦୀକ୍ଷାଦାନକରିବାରେ ବ୍ରତୀହୋଇ ନ ଥିଲେ ।

# ଷଷ୍ଠ ପରିଚ୍ଛେଦ

## ଜ୍ଞାନସାଧନ

### ଅନ୍ନପୂର୍ଣ୍ଣା ମହାତ୍ମ୍ୟ

ଯୋଗସାଧନା ଦ୍ୱାରା ନିର୍ବିକଳ୍ପ ସମାଧି ଲାଭ କଲା ପରେ ପରମହଂସ ନିଗମାନନ୍ଦଙ୍କ ମନରେ କେତେ କାଳ ପାଇଁ ଗୋଟିଏ ଅଭିମାନ ଜାଗିଉଠିଲା ଏବଂ ସେ ସାକାରବାଦକୁ ଖଣ୍ଡନ କରି ଯୁକ୍ତିଦ୍ୱାରା ନିରାକାରବାଦ ପ୍ରତିପାଦନ କରିବାକୁ ଲାଗିଲେ । ସେ ଅନେକ ସାକାରବାଦୀ ପଣ୍ଡିତଙ୍କୁ ଯୁକ୍ତିରେ ପରାସ୍ତ କରି ବିଦ୍ୟାନଗରୀ କାଶୀରେ ଉପସ୍ଥିତ ହେଲେ । ନିର୍ବିକଳ୍ପ ସମାଧି ପରେ ସ୍ୱାମୀ ନିଗମାନନ୍ଦଙ୍କ ନିକଟରେ 'ବ୍ରହ୍ମ' ବ୍ୟତୀତ ଆଉ କିଛି ନଥିଲା । କାଶୀରେ ଉପସ୍ଥିତ ହୋଇ ସେ ଦେଖିଲେ ଯେ, ଜଣେ ଆଚାରଶୁଦ୍ଧ ବ୍ରାହ୍ମଣ ଚକ୍ଷୁ ମୁଦ୍ରିତ କରି ଶିବଲିଙ୍ଗ ପୂଜା କରୁଛନ୍ତି । ସ୍ୱାମୀ ନିଗମାନନ୍ଦ ଏହି ମନ୍ଦିରକୁ ଯାଇ ଶିବଲିଙ୍ଗକୁ କୋଳ କରି ବସିଲେ । ବ୍ରାହ୍ମଣ ଚକ୍ଷୁ ଫିଟାଇ ସ୍ୱାମୀଜୀଙ୍କୁ ଶିବଲିଙ୍ଗ ସଂଲଗ୍ନ ଦେଖି ଶିବ ଅପବିତ୍ର ହେଲେ ବୋଲି କହି ରାଗରେ ଉତ୍ତେଜିତ ହୋଇଉଠିଲେ । ସ୍ୱାମୀ ନିଗମାନନ୍ଦଙ୍କ ଚକ୍ଷୁରେ ଜଗତ ବ୍ରହ୍ମମୟ, ଶିବ କେଉଁଠାରେ କେବେ ଅପବିତ୍ର ହୁଅନ୍ତି ନାହିଁ ବୋଲି ତାଙ୍କର ଧାରଣା । ବ୍ରାହ୍ମଣଙ୍କର ଉକ୍ତ ବାକ୍ୟ ଶୁଣି ନିଗମାନନ୍ଦ କହିଲେ, 'ଶିବ ମଙ୍ଗଳମୟ, ସଦା ପବିତ୍ର; କିନ୍ତୁ କାଶୀରେ ଦେଖୁଛି, ଶିବ ମଧ୍ୟ ଅପବିତ୍ର ହୁଅନ୍ତି ।' ଏହା ଶୁଣି ଉକ୍ତ ବ୍ରାହ୍ମଣ ନିଗମାନନ୍ଦଙ୍କର ପରମହଂସତ୍ୱର ପରିଚୟ ପାଇ ଲଜ୍ଜିତ ହେଲେ ।

ପରମହଂସ ନିଗମାନନ୍ଦ ସେଠାରୁ ଯାଇ ରାସ୍ତାରେ କାଙ୍ଗାଳମାନଙ୍କୁ ଉଚ୍ଛିଷ୍ଟ ପତ୍ରସଂଲଗ୍ନ ଅନ୍ନାବଶେଷ ଆହାର କରୁଥିବାର ଦେଖି ଅନ୍ନପୂର୍ଣ୍ଣାଙ୍କ

କାଶୀଧାମରେ ମନୁଷ୍ୟ ଏପରି ଅଭୁକ୍ତ ରହୁଥିବାରୁ ବିସ୍ମୟ ପ୍ରକାଶ କଲେ । ଏହା ଶୁଣି ଜଣେ ପଣ୍ଡିତ କହିଲେ, 'କେହି ଆଗନ୍ତୁକ କାଶୀରେ ଅଭୁକ୍ତ ରହନ୍ତି ନାହିଁ । ଅନ୍ନପୂର୍ଣ୍ଣା କିପରି ଆଗନ୍ତୁକଙ୍କୁ ଅଭୁକ୍ତ ରଖନ୍ତି ନାହିଁ, ତାହା ପରୀକ୍ଷା କରିବା ଅଭିଳାଷରେ ସ୍ୱାମୀ ନିଗମାନନ୍ଦ ପରମହଂସ ନିଜେ ସମସ୍ତ ଦିନ ଅନାହାରରେ ରହି ସନ୍ଧ୍ୟା ସମୟରେ ଦଶାଶ୍ୱମେଧ ଘାଟ ନିକଟରେ ବସିରହିଲେ । ଏହି ସମୟରେ ଜଣେ ଅତି କଦାକାରବୃଦ୍ଧାକଣ୍ଢିଏ ମଇଳାଲୁଗା ପିନ୍ଧିତାଙ୍କ ନିକଟକୁ ଆସି କହିଲେ, 'ବାବା' ମୁଁ ଗଙ୍ଗାରେ ସ୍ନାନ କରିବି । ମୋର ଏହି ପୁଡ଼ାଟି ତୁମ ନିକଟରେ ରଖିଯାଉଛି । ତୁମେ ଟିକିଏନଜର ରଖ ।' କିଛିକ୍ଷଣପରେ ନିଗମାନନ୍ଦ ସମାଧିସ୍ଥ ହୋଇପଡ଼ିଲେ । ପ୍ରାୟ ୧୦ ଘଣ୍ଟା ପରେ ତାଙ୍କର ସମାଧି ଭଙ୍ଗହେଲା । ନିଗମାନନ୍ଦ ଦେଖିଲେ, ହିନ୍ଦୁସ୍ଥାନୀ ବୃଦ୍ଧା ସେପର୍ଯ୍ୟନ୍ତ ଗଙ୍ଗାରୁ ଫେରି ତା'ର ପୁଡ଼ାଟି ନେଇ ନାହିଁ ଏବଂ ପୁଡ଼ା ସେହିଠାରେ ପୂର୍ବପରି ପଡ଼ିରହିଛି । ଏହା ଦେଖି ସେ ବିସ୍ମିତ ହେଲେ । କିଛି ସମୟ ଅପେକ୍ଷା କରି ପୁଡ଼ାଟିଖୋଲିଲେ । ସେଥିରେ ବର୍ତ୍ତମାନର ଆଠଗୋଟି ସୀତାଭୋଗ ଥିବାର ଦେଖି ତାଙ୍କର ବିସ୍ମୟ ଆହୁରି ବର୍ଦ୍ଧିତ ହେଲା ଏବଂ ହିନ୍ଦୁସ୍ଥାନୀ ବୃଦ୍ଧା ଭୁଲ୍‌ରେ ପୁଡ଼ାଟି ଛାଡ଼ିଯାଇଥିବାର ଆଦୌ ସନ୍ଦେହ ହେଲାନାହିଁ । ମା' ଅନ୍ନପୂର୍ଣ୍ଣାଙ୍କରଛଳନା ବୁଝିପାରି ନିଗମାନନ୍ଦସାରାଦିନ ଅଭୁକ୍ତ ଥିବାରୁ ସେ ସୀତାଭୋଗତକ ଆହାର କରି କ୍ଷୁଧା ନିବୃତ୍ତି କଲେ ।

## ଅପୂର୍ଣ୍ଣବୋଧର ଜାଗରଣ

ମାତ୍ର ମା' ଅନ୍ନପୂର୍ଣ୍ଣା ପ୍ରଚ୍ଛନ୍ନ ବେଶରେ ତାଙ୍କ ନିକଟରେ ଖାଦ୍ୟ ରଖିଦେଇ ପ୍ରକାଶ୍ୟରେ ଖାଇବାକୁ କହି ନଥିବାରୁ ନିଗମାନନ୍ଦଙ୍କରଅଭିମାନ ନିଃଶେଷହେଲା ନାହିଁ । ମନରେ ଏହିପରି ଚିନ୍ତାକରି ନିଜର ନିର୍ଦ୍ଦିଷ୍ଟ ବାସସ୍ଥାନ ପର୍ଯ୍ୟନ୍ତ ଯାଇ ନ ପାରି ସେ ଗୋଟିଏ ଚେମେଣୀ-ମଳ-ପରିପୂର୍ଣ୍ଣ ଭଗ୍ନଗୃହରେ ଶୟନ କଲେ । କିଛି ସମୟ ପରେ ସ୍ୱପ୍ନରେ ଦେଖିଲେ ଯେ, ସେହି ବୃଦ୍ଧା କହୁଛନ୍ତି, 'କରେ, ସୀତାଭୋଗ ଖାଇଲୁ ? କାଶୀରେ କେହି ଅଭୁକ୍ତ ରହନ୍ତି ନାହିଁ, ତେଣୁ ମୁଁ ତୋତେ ସୀତାଭୋଗ ଦେଇଥିଲି । ତୁ କିଛି ଜ୍ଞାନ ଲାଭ କରିପାରି ନାହୁଁ ।

ଭଗବାନ ସର୍ବଶକ୍ତିମାନ୍, ଅଖଣ୍ଡମଣ୍ଡଳାକାର—ଏ କଥା ତ ବୈଦାନ୍ତିକ ସତ୍ୟ । ବେଦାନ୍ତରେ ଅଛି, ଚନ୍ଦ୍ର, ସୂର୍ଯ୍ୟ ପ୍ରଭୃତିଙ୍କର ଅଧିଷ୍ଠାତ୍ରୀ ଦେବତା ଅଛନ୍ତି; ତେବେ କାଶୀରେ ନ ଥିବେ କାହିଁକି ?''

ନିଗମାନନ୍ଦ ପଚାରିଲେ, 'ମା', ତୁମେ କିଏ ?'

ବୃଦ୍ଧା କହିଲେ, 'ମୁଁ ଅନ୍ନପୂର୍ଣ୍ଣା; କାଶୀର ଅଧିଷ୍ଠାତ୍ରୀ ଦେବୀ ।

ନିଗମାନନ୍ଦ ପଚାରିଲେ, 'ତେବେ ତୁମେ ଏପରି ବେଶରେ କାହିଁକି ଦେଖାଦେଲ ? ନିଜ ରୂପ ଥରେ ଦେଖାଅ ।'

ଉତ୍ତରରେ ବୃଦ୍ଧା କହିଲେ, 'ତୁ ତ ଦେବଦେବୀ ବିଶ୍ୱାସ କରୁ ନାହୁଁ । ତେଣୁ ମୁଁ ସେହି ବୃଦ୍ଧା ରୂପରେ ତୋତେ ଦେଖା ଦେଇଥିଲି । ଭଗବାନ ଅନନ୍ତ ଶକ୍ତିମାନ୍ । ଦେବଦେବୀସବୁ ତାଙ୍କର ବିଭିନ୍ନ ଶକ୍ତିର ପରିଚାୟକ । ଯେ ବିଶ୍ୱରୂପ, ଯାହାଙ୍କ ଶକ୍ତିରେ ବିଶ୍ୱ ପରିଚାଳିତ, ତାଙ୍କର କଅଣ ଗୋଟିଏ ବୃଦ୍ଧା ରୂପ ଧାରଣ କରିବାର ଶକ୍ତି ନାହିଁ ?'

ଏହା କହି ମା' ଅନ୍ନପୂର୍ଣ୍ଣା ନିଗମାନନ୍ଦଙ୍କୁ ଭୁବନମୋହିନୀ ଦେବୀଅନ୍ନପୂର୍ଣ୍ଣା ମୂର୍ତ୍ତିରେ ସାକ୍ଷାତ୍ ଦେଲେ । ଅଙ୍ଗ ଗନ୍ଧରେ ଗୃହ ଆମୋଦିତ ହୋଇଉଠିଲା । ଅନ୍ନପୂର୍ଣ୍ଣାଙ୍କ ଦେହରେ ବ୍ରହ୍ମସାକାରରେଫୁଟିଉଠିଥିବାରସ୍ୱାମୀ ନିଗମାନନ୍ଦପ୍ରତ୍ୟକ୍ଷ ଦେଖିପାରିଲେ । ଅନ୍ନପୂର୍ଣ୍ଣା ପୁନରାୟ କହିଲେ, 'ବତ୍ସ, ଯେ ନିରାକାର ନିର୍ଗୁଣ ବ୍ରହ୍ମ, ସେହି ପୁଣି ସାକାରରେ, ସଗୁଣରେ ଆସି ଲୀଳା କରୁଛନ୍ତି । ତାଙ୍କର ସାକାର ମୂର୍ତ୍ତି ପ୍ରତି ତୋର ଏତେ ଦ୍ୱେଷ କାହିଁକି ? ତୋର ପରବ୍ରହ୍ମ ଜ୍ଞାନଲାଭହୋଇଛି,ଅପରବ୍ରହ୍ମ*ଜ୍ଞାନ ତୁ ବର୍ତ୍ତମାନ ସୁଦ୍ଧା ଲାଭ କରିପାରି ନାହୁଁ । ଭାବ ବା ଲୀଳାଜଗତ ବର୍ତ୍ତମାନ ସୁଦ୍ଧା ତୋ ନିକଟରେ ଅଜ୍ଞାତ । ସୁତରାଂ ତୁ ଅପୂର୍ଣ୍ଣ । ଭାବର ସାଧନା କର, ତେବେ ସବୁ ଖୋଲିଯିବ ।' ଏହା କହି ଦେବୀ ଅଦୃଶ୍ୟ ହୋଇଗଲେ । ନିଗମାନନ୍ଦଙ୍କର ସ୍ୱପ୍ନ ଭାଙ୍ଗିଗଲା ।

---

* 'ଅପର ବ୍ରହ୍ମଜ୍ଞାନ' ବିଷୟରେ ବିଶଦ ବିବରଣ 'ସାରସ୍ୱତ ମଠ'ରୁ ପ୍ରକାଶିତ ,ଜୀବନୀ ଓ ବାଣୀ' ପୁସ୍ତକ ଦ୍ରଷ୍ଟବ୍ୟ ।

ସଙ୍ଗେ ସଙ୍ଗେ ମନ ଭିତରେ ଅପୂର୍ଣ୍ଣତାର ଆକୁଳତା ଜାଗିଉଠିଲା । ସେ ଭାବିଲେ, 'ନାହିଁ, ମୁଁ ତ ପୂର୍ଣ୍ଣ ନୁହେଁ, ଲୀଳାରହସ୍ୟ ତ ମୁଁ ଆୟତ୍ତ କରିପାରିଲି ନାହିଁ ।' ପରେ ପ୍ରଭାତ ହେବାରୁ ଅନ୍ନପୂର୍ଣ୍ଣା ମନ୍ଦିରକୁ ଯାଇ ଦେବୀଙ୍କୁ ଦର୍ଶନ କଲେ ଓ ତାଙ୍କୁ ଜ୍ୟୋତିର୍ମୟୀ ରୂପରେ ଦେଖି ମନ ଆହୁରି ବ୍ୟାକୁଳ ହୋଇଉଠିଲା । ପୂର୍ବରୁ ଯେଉଁ ଲୀଳାଜଗତ ପ୍ରତି ତାଙ୍କର ଅବିଶ୍ୱାସ ଥିଲା, ତାହା ବର୍ତ୍ତମାନ ପ୍ରତ୍ୟକ୍ଷାନୁଭୂତ ହେବାରୁ ସେ ବୁଝିଲେ ଯେ, ଏ ତତ୍ତ୍ୱ ତାଙ୍କଠାରେ ପ୍ରକାଶିତ ନ ହେବାରୁ ବର୍ତ୍ତମାନ ସୁଦ୍ଧା ସେ ପୂର୍ଣ୍ଣଜ୍ଞାନ ଲାଭ କରିପାରି ନାହାନ୍ତି ।

## ଗୌରୀ ମାଆ

କିଛି ଦିନ ନିଗମାନନ୍ଦ ଭଗବତ୍ ଆରାଧନାର ପନ୍ଥା ଜାଣିବା ନିମିତ୍ତ ଉପାୟ ଅନ୍ୱେଷଣ କଲେ । କିନ୍ତୁ କେଉଁଠାରେ କିଛି ଫଳ ହେଲା ନାହିଁ । ଏହି ସମୟରେ ଗୌରୀ ମା'ଙ୍କ କଥା ନିଗମାନନ୍ଦଙ୍କର ମନେ ପଡ଼ିଗଲା । ସେ କାଳ ବିଳମ୍ବ ନ କରି ପଦବ୍ରଜରେ ମସୌରୀ ବାଟେ ଯାଇ ପର୍ବତମାଳା ପରିବେଷ୍ଟିତ ଗୌରୀ ମାଆଙ୍କ ଆଶ୍ରମରେ ଉପନୀତ ହେଲେ ।

ପାଠକମାନଙ୍କର ସ୍ମରଣ ଥିବ ଯେ, ନିଗମାନନ୍ଦ ଗୌରୀ ମାଆଙ୍କ ନିକଟକୁ ଦୁଇ ବର୍ଷ ପୂର୍ବେ ସ୍ୱାମୀ ସଚ୍ଚିଦାନନ୍ଦଙ୍କ ସହିତ ଯାଇଥିଲେ । ଗୌରୀ ମାଆ ବିଶିଷ୍ଟ ବିଶିଷ୍ଟ ମହାପୁରୁଷଙ୍କ ସହିତ ସୁଦ୍ଧା ସାକ୍ଷାତ କରନ୍ତି ନାହିଁ; କିନ୍ତୁ ସଚ୍ଚିଦା-ନନ୍ଦଙ୍କ ସଙ୍ଗ, ତାଙ୍କର ପରିଚୟ ଥିବାରୁ ଓ ନିଗମାନନ୍ଦ ତାଙ୍କ ସହିତ ଯାଇ-ଥିବାରୁ ଗୌରୀ ମା'ଙ୍କସହିତସାକ୍ଷାତ ହୋଇଥିଲା । ଗୌରୀ ମା'ଙ୍କସେବକମାନେ ପୃଥକ୍ ଥାଆନ୍ତି । ନିଗମାନନ୍ଦ ଆଶ୍ରମରେ ଉପସ୍ଥିତ ହୋଇ ଭିତରକୁ ପ୍ରବେଶ କରିବାକୁ ପ୍ରହରୀଙ୍କୁ ଅନୁମତି ମାଗିଲେ; ମାତ୍ର ପ୍ରହରୀ ପ୍ରଥମ ଦିନ କର୍ଣ୍ଣପାତ କଲେ ନାହିଁ । ପର ଦିନ ପୁନରାୟ କହିବାରୁ ପ୍ରହରୀ ଗୌରୀ ମାଆଙ୍କୁ ଜଣାଇଲେ । ଭିତରକୁ ଯିବାକୁ ଗୌରୀମା'ଙ୍କର ଆଦେଶ ହେଲା । ଗୌରୀ ମାଆ କାଶ୍ମୀରଦେଶୀୟ ବ୍ରାହ୍ମଣକନ୍ୟା; ଅନୁପମ ରୂପଲାବଣ୍ୟସମ୍ପନ୍ନା, ଯୋଗବିଭୂତି-ଯୁକ୍ତା । ଏହାଙ୍କ ବୟସ ପ୍ରାୟ ଚାରି ଶତ ବର୍ଷ ହେଲେ ମଧ୍ୟ ଦେଖିବାକୁ ସପ୍ତଦଶବର୍ଷୀୟା ଯୁବତୀ ପରି ପ୍ରତୀୟମାନ ହେଉଥିଲା । ଗୋଟିଏ ମନୋରମ

ଉପତ୍ୟକା ପ୍ରଦେଶରେ ବିସ୍ତୀର୍ଣ୍ଣ ଆମ୍ରମାଧ୍ୟୁତନ ମଧ୍ୟରେ ଲତାପତ୍ରପରିଶୋଭିତ ନିଭୃତ କୁଞ୍ଜଗହ୍ଵରରେ ଉଲଗ୍ନାବସ୍ଥାରେ ସେ ଅବସ୍ଥାନ କରନ୍ତି । କେବଳମାତ୍ର ସିଦ୍ଧ ମହାତ୍ମାଙ୍କର ବ୍ୟତୀତ କେହି କୁଞ୍ଜ ମଧ୍ୟରେ ପ୍ରବେଶ କରିପାରନ୍ତି ନାହିଁ ।ଅନ୍ୟ ମହାପୁରୁଷମାନଙ୍କୁ ସେ ବସ୍ତ୍ରାଚ୍ଛାଦିତ ଦେହରେ ବାହାରିଆସି ଦର୍ଶନ ଦାନ କରିଥାନ୍ତି । ଦେବୀଙ୍କର ଅସାଧାରଣ ଶାସ୍ତ୍ରଜ୍ଞାନ ଓ ଯୋଗବିଭୂତି ଦେଖିଲେ ଚମତ୍କୃତ ହେବାକୁ ପଡ଼େ । ଯେକୌଣସି ପ୍ରାଦେଶିକ ଭାଷାରେ ପ୍ରକାଶିତ ଆଧୁନିକତମ ଶ୍ରେଷ୍ଠ ପ୍ରବନ୍ଧ ଓ କବିତାର ସମାଲୋଚନା ତାଙ୍କ ମୁଖରୁ ଶ୍ରବଣକରି ପରମହଂସ ନିଗମାନନ୍ଦ ଅବାକ୍ ହୋଇଗଲେ ।

## ଗୌରୀ ମାଆଙ୍କର ଅଭ୍ୟର୍ଥନା

ସନ୍ଧ୍ୟା ସମୟରେ ଗୌରୀ ମାଆ ନିଗମାନନ୍ଦଙ୍କୁ ଡ଼କାଇ ପଠାଇଲେ ଏବଂ ତାଙ୍କର ବାସଗୃହ ସନ୍ନିକଟବର୍ତ୍ତୀ ଗୋଟିଏ ପ୍ରକୋଷ୍ଠରେ ନିଗମାନନ୍ଦଙ୍କଅବସ୍ଥାନ ନିମିତ୍ତ ନିର୍ଦ୍ଦେଶ କରିଦେଲେ । ସନ୍ଧ୍ୟା ଅତୀତ ହେବାମାତ୍ରେ ସେହି ଶ୍ୟାମଳ ତୃଣାଚ୍ଛାଦିତ ସମତଳ ଭୂମି ଉପରେ କାହା ଇଚ୍ଛାରେ ଗୋଟିଏ ସୁସଜ୍ଜିତ କକ୍ଷ ଆବିର୍ଭୂତ ହେଲା । ମନେହେଲା, ଯେପରି କୌଣସି ମାୟାବୀଙ୍କର ମାୟାଦଣ୍ଡ ସ୍ପର୍ଶରେ ଲୋକଲୋଚନ ଅଲକ୍ଷ୍ୟରେ ଗୋଟିଏ ବିରାଟ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ହୋଇଯାଇଛି । ସୁସଜ୍ଜିତ କକ୍ଷ ସହସା ଆଲୋକରେ ଝଲମଲ ହୋଇଉଠିଲା । କକ୍ଷାଭ୍ୟନ୍ତରରେ ସ୍ଵର୍ଗୀୟସୌରଭଉଦଗ୍ରଦିଗ ଆମୋଦିତ କରିଦେଲା । ନିଗମାନନ୍ଦ ସେହି ମାୟାରଚିତ କକ୍ଷକୁ ଆହୂତ ହେଲେ । ନିଗମାନନ୍ଦ ବୁଝିଲେ ଯେ, ଗୌରୀ ମାଆଙ୍କ ଯୋଗୈଶ୍ଵର୍ଯ୍ୟ ପ୍ରଭାବରେ ସେହି କକ୍ଷ ତାଙ୍କ ଅଭ୍ୟର୍ଥନା ନିମିତ୍ତ ରଚିତ ହୋଇଅଛି । ନିଗମାନନ୍ଦ କକ୍ଷାଭ୍ୟନ୍ତରରେ ପ୍ରବିଷ୍ଟ ହେଲେ । ଅପୂର୍ବ ଦ୍ରବ୍ୟ-ସମ୍ଭାରରେ ସମୃଦ୍ଧିଶାଳୀ କକ୍ଷଟି ଏହି ମରଜଗତର କୌଣସି ସ୍ଥାନନୁହେଁବୋଲି ତାଙ୍କରମନେହେଲା । ଗୃହର କାନ୍ଥରେଚିତ୍ରିତଶ୍ଵେତପୀତ-ଲୋହିତ ରଙ୍ଗର ପୁଷ୍ପ ପେନ୍ଥା ହୋଇ ଝୁଲୁଛି । ଗୁଞ୍ଜନକାରୀ ଭ୍ରମରଦଳ ମଧୁପାନରେ ରତ । ସୁନ୍ଦର ଅଲୋକ ଝାଡ଼ ସାହାଯ୍ୟରେ ଗୃହଟି ଉଜ୍ଜ୍ୱଳ ହୋଇଅଛି । କକ୍ଷମଧ୍ୟସ୍ଥ

ପଲଙ୍କ ଉପରେ ଦୁଗ୍ଧଫେନନିଭ ଶଯ୍ୟା ଉପରେ ନିଗମାନନ୍ଦଙ୍କୁ ବସିବାକୁ କହି ଗୌରୀ ମା' ଦଣ୍ଡାୟମାନ ହୋଇ ରହିଲେ । ସୁଦୀର୍ଘ ବିରହ ପରେ ପ୍ରିୟଜନର ଆଗମନକୁ ପ୍ରେମିକା ଦ୍ୱାର ଦେଶରେ ଯେପରି ଅପେକ୍ଷା କରି ରହିଥାଏ, ଗୌରୀ ମା'ଆସେହିପରି ନିଗମାନନ୍ଦଙ୍କପ୍ରତୀକ୍ଷାରେ ଛିଡ଼ାହୋଇରହିଲେ । କିନ୍ତୁ ଏକଅଣ ? ଯେଉଁ ଗୌରୀଙ୍କ କୃପା ଲାଭ କରି ତ୍ରିକାଳଜ୍ଞ ମହାପୁରୁଷମାନେ ଧନ୍ୟ ହୋଇ ମା'ଆ ବୋଲି ସମ୍ବୋଧନ କରନ୍ତି, ସେହି ଗୌରୀ ଆଜି ନିଗମାନନ୍ଦଙ୍କୁ ଏ କି ପ୍ରକାର ଅଭ୍ୟର୍ଥନା କରୁଛନ୍ତି ? କିଛିର ନୀରବତା ଭଙ୍ଗକରି ନିଗମାନନ୍ଦକହିଲେ, 'ଗୁରୁ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ସଙ୍ଗରେ ଆପଣଙ୍କ ନିକଟକୁ ଆସିଥିଲି । ସେ ସମୟରେ ଆପଣ ତାଙ୍କୁ କହିଥିଲେ, ଯଦି କେତେବେଳେ ମୁଁ ନିର୍ବିକଳ୍ପ ସମାଧି ଲାଭ କରେ ସେତେବେଳେ ଯେପରି ଆପଣଙ୍କ ସହିତ ସାକ୍ଷାତ କରିବ ।'

ଗୌରୀ ପଚାରିଲେ—''ତୁମେ କି କି ସାଧନା କରିଛ ?'' ନିଗମାନନ୍ଦ କହିଲେ—'ଗୃହତ୍ୟାଗ ପୂର୍ବରୁ ତାନ୍ତ୍ରିକ ସାଧନାରେ ସିଦ୍ଧି ଲାଭ କରି ମହାଶକ୍ତିର ସାକ୍ଷାତ ପାଇଲି । ପରେ ସେଥିରେ ମଧ୍ୟ ନିଜକୁ ଅପୂର୍ଣ୍ଣ ବୋଲି ମନେହେବାରୁ ଯୋଗସାଧନଦ୍ୱାରା ଅସମ୍ପ୍ରଜ୍ଞାତସମାଧି ଓ ତତ୍ପରେ ନିର୍ବିକଳ୍ପ ସମାଧି ଲାଭକଲି ।' ଗୌରୀ ପଚାରିଲେ—'ଆତ୍ମସାଧନାରେ ଯାହା ଜଣାଯାଏ, ସେସବୁ ତତ୍ତ୍ୱ ପ୍ରକାଶ କରିବାକୁ ମହାଶକ୍ତିଙ୍କୁ ବର ମାଗିଲ ନାହିଁକାହିଁକି ? କିମ୍ବା ପରେ ତାଙ୍କ ନିକଟରୁ ଏସବୁ ତତ୍ତ୍ୱ ଜାଣିନେଲେ ନାହିଁ କାହିଁକି ? ତାହା ହୋଇଥିଲେ ଏତେ କଠୋରତା ଭିତର ଦେଇ ଯିବାକୁ ପଡ଼ି ନ ଥାନ୍ତା । କିନ୍ତୁ ମହାଶକ୍ତିଙ୍କନିକଟରେ ଏସବୁ ତତ୍ତ୍ୱ ସେ ସେ କାହିଁକି ପଚାରିଲେ ନାହିଁ, ନିଗମାନନ୍ଦ ତାହା ଗୌରୀଙ୍କ ନିକଟରେ କହିବା ସମୀଚୀନ ମନେ କଲେ ନାହିଁ; କାରଣସେସବୁଯେବ୍ୟକ୍ତିଗତ ଗୁପ୍ତ କଥା । ତାହା ପ୍ରକାଶ କରି ନିଜେ ନିଜେ ଲଜ୍ଜା ପାଇବା ଭିନ୍ନ ଆଉ କିଛି ନୁହେଁ । ସୁତରାଂ ସେକଥାର ଉତ୍ତର ବିଶେଷ କିଛି ନଦେବାରୁ ଗୌରୀ କହିଲେ—'ଭଗବାନଙ୍କୁ ପାଇଲେ ସବୁ ପାଇବାଶେଷହେଲା ।' ନିଗମାନନ୍ଦକହିଲେ—, 'ଆପଣମାନେ ଯାହାଙ୍କୁ ଭଗବାନ କହୁଛନ୍ତି,ମୋର ମନେ ହୁଏ ସେ ଗୁଣମୟ ।'



ପରମହଂସ ଶ୍ରୀମତ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

ଗୌରୀ କହିଲେ—'ଗୁଣର ଯେଉଁଠାରେ ଶେଷ, ନିର୍ଗୁଣର ସେହିଠାରେ ଉଦୟ । ନିଜେ କଠୋର ସାଧନା କରି ତାଙ୍କର ବିଭିନ୍ନ ତତ୍ତ୍ୱ ଜାଣିବାଠାରୁ ଯେ ଏହି ସବୁ ବିଷୟ ଜାଣନ୍ତି, ସେ ତତ୍ତ୍ୱରୂପୀ, ଯାହାଙ୍କ ପାଖରେ ଯାବତୀୟ ତତ୍ତ୍ୱର ଗୁହିକାଠି, ତାଙ୍କୁ ସ୍ୱାମୀ ଭାବରେ ପାଇ ତାଙ୍କ ସହିତ ଘର କରିବା କଅଣ ଭଲ ନୁହେଁ ?'

ଜଗମାନନ୍ଦ ଉତ୍ତର ଦେଲେ —'ହଁ, ନିଶ୍ଚୟ ଭଲ ।'

ଗୌରୀ କହିଲେ—'ଆଉ ସେହି ଭଗବାନ ମଧ୍ୟ ସ୍ତ୍ରୀ ଭାବରେ ମିଳିପାରନ୍ତି । ସ୍ତ୍ରୀ ସ୍ୱାମୀଙ୍କୁ ଯେପରି ପ୍ରାଣଭରି ଭଲପାଏ, ତାଙ୍କର ସେବା କରେ; ସେହିପରି ସେହି ନିର୍ଗୁଣ ସଗୁଣର ସନ୍ଧିସ୍ୱରୂପ ଭଗବାନ ସ୍ତ୍ରୀ ରୂପରେ ଯଦି ଦାସୀ ହୋଇ ସେବା କରନ୍ତି, ତାହା କ'ଣ ମଧୁର ନୁହେଁ ? ତାହା କ'ଣ ଯୋଗ-ବେଦାନ୍ତର ଶୁଷ୍କ ଜ୍ଞାନଠାରୁ ସରସ ଓ ଉତ୍କୃଷ୍ଟ ନୁହେଁ ?

ଉତ୍ତରରେ ଜଗମାନନ୍ଦ କହିଲେ, 'ନିଶ୍ଚୟ ଭଲ' ।

ଗୌରୀ କହିଲେ—'ଦେଖ ଏହି ବ୍ରହ୍ମାଣ୍ଡରେ ଯେତେ ପ୍ରକାରର ଜୀବ ଅଛନ୍ତି, ସମସ୍ତେ କ୍ରମେ ଉତ୍କର୍ଷ ଲାଭ କରି ମନୁଷ୍ୟ ହୋଇଛନ୍ତି । ମନୁଷ୍ୟ ଭିତରେ କେତେ ପ୍ରକାର ମନୁଷ୍ୟ ଅଛନ୍ତି । ସେମାନଙ୍କ ଭିତରେ ପୁଣି ତାରତମ୍ୟ ଅଛି । ମନୁଷ୍ୟତ୍ୱର ବିକାଶ ହୋଇ ତାହା ଦେବତ୍ୱରେ ପରିଣତ ହେଉଛି । ଏହିପରି ଭାବରେ ବ୍ରହ୍ମାଣ୍ଡରେ ଜୀବମାନଙ୍କର ଉତ୍କର୍ଷ ବିଗ୍ରହ କରିବାକୁ ଗଲେ ଯେଉଁଠାରେ ଉତ୍କର୍ଷର ଚରମ ପରିଣତି ହୋଇଛି, ସେହି ସ୍ଥାନକୁ 'ଭାବାଲୋକ' କୁହାଯାଏ । ଏହି ଭାବାଲୋକ ସଗୁଣ ନିର୍ଗୁଣର ସନ୍ଧି ସ୍ଥଳରେ ଅବସ୍ଥିତ । ଏହିଠାରେ ଦାସ୍ୟ, ସଖ୍ୟ, ବାତ୍ସଲ୍ୟ, ମାଧୁର୍ଯ୍ୟ ପ୍ରଭୃତି ଭାବରେ ଉତ୍କର୍ଷ ପରିସ୍ଫୁଟ ହୁଏ ଏବଂ ମୂର୍ତ୍ତି ଧାରଣ କରେ । ଧର, ଜଗତରେ ହିଂସ୍ର ଇତର ଜନ୍ତୁଠାରୁ ମନୁଷ୍ୟ ପର୍ଯ୍ୟନ୍ତ, ଯେତେ ସ୍ତ୍ରୀଜୀବ ଅଛନ୍ତି, ସମସ୍ତଙ୍କ ଭିତରୁ ସ୍ତ୍ରୀତ୍ୱ ବାହାର କରିଦେଇ ଯଦି ମୂର୍ତ୍ତି ଗଢ଼ାଯାଏ, ତାହା ପ୍ରତି ପ୍ରତ୍ୟେକ ମନୁଷ୍ୟର 'ସ୍ତ୍ରୀଭାବ' ଭିନ୍ନ ଅନ୍ୟ ଭାବ ଜାତ ହେବ ନାହିଁ । ସେହିପରି ଧର, ଗୋଟିଏ ବାଘୁଣୀ ଭିତରେ ଯେଉଁ ମାତୃଭାବ ଅଛି, ତାହା

ତାହାର ଶାବକ ଭିନ୍ନ ଅନ୍ୟ କେହି ଉପଲବ୍ଧି କରିପାରନ୍ତି ନାହିଁ । କିନ୍ତୁ ଭାବଲୋକରେ 'ମାତୃଭାବ' ମୂର୍ତ୍ତିମନ୍ତ ହୋଇଥିବାରୁ ଏହି ମୂର୍ତ୍ତିକୁ ପ୍ରତ୍ୟେକ ଜୀବହୃଦୟରେ ମାତୃଭାବରେ ଦେଖି ପାରିବେ ବା ଏହି ମୂର୍ତ୍ତିକୁ ଦେଖିଲେ ପ୍ରତ୍ୟେକ ଜୀବ ହୃଦୟରେ 'ମାତୃଭାବ'ର ଉଦୟ ହେବ । ଏହି ପ୍ରକାରରେ ଜଗତର ସମସ୍ତଭାବ ସେଠାରେ ମୂର୍ତ୍ତିମନ୍ତ ହୋଇଅଛି । ନିତ୍ୟଲୋକରେ ଯାହା ପ୍ରତିଷ୍ଠିତ, ଏହି ଜଗତର ଗୃହସ୍ଥ ଧର୍ମରେ ତାହାର ଆଭାସ ବା ଛାୟା ପତିତ । ବଙ୍ଗଳାର ଭକ୍ତିଧର୍ମ ଓ ଜଗତର ଗାର୍ହସ୍ଥ୍ୟଧର୍ମ ଏହି ଆଦର୍ଶରେ ଗଠିତ । ଭାବଲୋକରେ ଯାହା ସୂକ୍ଷ୍ମ, ଏ ଜଗତରେ ଯାହା ସ୍ଥୂଳ ହୋଇ କେତେକ ପରିମାଣରେ କଦର୍ଯ୍ୟ ହୋଇଅଛି । ପ୍ରେମିକ ଭାବୁକଙ୍କ ନିକଟରେ ଏହି ଆବରଣପଟ ଉଦ୍‌ଘାଟିତ ହୋଇଯାଏ, ଯେପରି ତୁମର ଗୌରାଙ୍ଗଦେବ ହୋଇଥିଲେ । ତାଙ୍କର ଅଭାବ ବା ଥିଲା କଅଣ ? ତେବେ ସୁଦ୍ଧା ନିଜର ସ୍ୱରୂପ ଘୋଡ଼ାଇ ରଖି ସେ ନିତ୍ୟଲୋକରେ ଲୀଳାରସରେ ନିଜକୁ ବୁଡ଼ାଇ ରଖିଥିଲେ ।

ପରମହଂସ ନିଗମାନନ୍ଦ ଗୋସାଇଁଙ୍କଠାରୁ ଗୌରାଙ୍ଗଙ୍କ ନାମ ଶୁଣି ଚମକିପଡ଼ିଲେ । ଗୌରୀ କାଶ୍ମୀର ଦେଶର ବ୍ରାହ୍ମଣକୁମାରୀ, ଅଥଚ ଏ ଗୌରାଙ୍ଗଙ୍କୁ ଜାଣନ୍ତି ! ନିଗମାନନ୍ଦ ଗୌରୀଙ୍କ ଯୁକ୍ତିର ସାରବତ୍ତା ବୁଝିପାରି ପରେ କହିଲେ 'କିନ୍ତୁ ଏଠାରେ ସ୍ୱାମୀ-ସ୍ତ୍ରୀଙ୍କର ଯେଉଁ ଆକର୍ଷଣ, ଏହା କେତେକ ପରିମାଣରେ ସ୍ଥୂଳ । ଏହି ସ୍ୱାମୀ ସ୍ତ୍ରୀଙ୍କର ଧର୍ମ ଯଦି ସେହି ନିତ୍ୟଲୋକର ଆଦର୍ଶରେ ଗଠିତ ହୋଇଥାଏ, ତେବେ ସେମାନଙ୍କର ପରସ୍ପରର ଆକର୍ଷଣର କାରଣ କଅଣ ?'' ଗୌରୀ କହିଲେ, 'ପୁରୁଷମାନଙ୍କ ଭିତରେ ଏପରି କିଛି ପଦାର୍ଥ ଗୁପ୍ତ ଭାବରେ ଅଛି, ଯାହା ତାଙ୍କର ପୁରୁଷତ୍ୱ ଅକ୍ଷୁର୍ଣ୍ଣ ରଖେ । ସେ ପଦାର୍ଥଟି ପୁରୁଷଙ୍କର ହାତ, ଗୋଡ଼ ମୁଣ୍ଡ ପ୍ରଭୃତି କେଉଁଠାରେ ନାହିଁ ଅଥଚ ତାହା ଶରୀରରେ ଗୁପ୍ତ ଭାବରେ ଅଛି । ସେହିପରି ସ୍ତ୍ରୀମାନଙ୍କ ଭିତରେ ମଧ୍ୟ ଏପରି କିଛି ପଦର୍ଥ ଗୁପ୍ତ ଭାବରେ ଅଛି, ଯାହା କି ସେମାନଙ୍କ ହାତ, ଗୋଡ଼ ପ୍ରଭୃତିରେ ନାହିଁ । ଏହି ଗୁପ୍ତ ପଦାର୍ଥ ଦୁଇଟି ପରସ୍ପର ମିଳିତ ହେବାକୁ ଚାହାନ୍ତି । କ୍ରିୟାବିଶେଷ ଦ୍ୱାରା ଏହି ପଦାର୍ଥ ଦୁଇଟି ମିଳିତ ହେଲେ ଆନନ୍ଦ ଜାତ ହୁଏ ।

ଯଦି ସ୍ତ୍ରୀ ଓ ପୁରୁଷ ଉଭୟଙ୍କ ଭିତରୁ ଏହି ଗୁପ୍ତ ପଦାର୍ଥ ଦୁଇଟି ନେଇ ମୂର୍ତ୍ତି ଗଢ଼ାଯାଏ, ତେବେ ସେମାନଙ୍କୁ ଅଙ୍ଗବିଶେଷର ସଙ୍ଗମ ଦ୍ୱାରା ଆନନ୍ଦ ଆଣିବାକୁ ହେବ ନାହିଁ । ସେମାନେ ଉଭୟେ ଚିରକାଳ ଯୁଗଳ ମିଳନରେ କୋଟିଗୁଣ ଆନନ୍ଦ ଉପଭୋଗ କରିବେ । ଜଣକର ଗୋଟିଏ ଅଙ୍ଗ ଅପରର ଗୋଟିଏ ଅଙ୍ଗସ୍ପର୍ଶରେ ସେମାନେ ଏକା ପ୍ରକାର ଆନନ୍ଦ ଅନୁଭବ କରିପାରିବେ । * ସ୍ଥୂଳ ଜୀବଙ୍କର ଅଙ୍ଗବିଶେଷ ସଙ୍ଗମରେ ଆନନ୍ଦ ହେଲା ପରି ସେ ମୂର୍ତ୍ତିଦ୍ୱୟ କେବଳ ମିଳନଦ୍ୱାରା ଆନନ୍ଦ ଲାଭ କରିବେ । ତାହାର ତାରତମ୍ୟ ହେବ ନାହିଁ । ଜଗତର ଚରମ ସୀମାକୁ ଯେତେ ଯିବ, ମିଳନ ବା ଏକତ୍ୱ ଆଡ଼କୁ ତେତେ ଗତି କରିବ । ସ୍ଥୂଳରେ କେବଳ ବୈଚିତ୍ର୍ୟ ବା ବିୟୋଗ । ତେଣୁ ଜଗତରେ ଏତେ ଭଲପାଇବା । ଭଲପାଇବା ଆଦି ଓ ଭଲପାଇବା ଅନ୍ତ । ଏହି ଭଲ ପାଇବାକୁ ହିଁ 'ଭଗବାନ' କହନ୍ତି । ଭଗବାନ ପ୍ରେମର କାଙ୍ଗାଳ । ତୁମେ କଅଣ ତାଙ୍କୁ ଭଲ ପାଇପାରିବ ?''

ଏହା କହୁ କହୁ ଗୌରୀ ମାଆଙ୍କର ଭାବର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଆକୃତିର ପରିବର୍ତ୍ତନ ଲକ୍ଷିତ ହେଲା । ତାଙ୍କର ଓଷ୍ଠ ଥାଇ କମ୍ପି ଉଠିଲା । ରକ୍ତିମ ଗଣ୍ଡରେ ତରଙ୍ଗ ଦେଖାଦେଲା । ନେତ୍ରଦ୍ୱୟରୁ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା । ଦେହ ରୋମାଞ୍ଚିତ ହୋଇଉଠିଲା । ଗୌରୀ କମ୍ପି କମ୍ପି ପଚାରିଲେ, 'କହ, ତୁମେ ମୋଠାରୁ କଅଣ ଚାହଁ ?' ଜଗମାନନ୍ଦ କହିଲେ, 'ମୁଁ ଏଠାକୁ ପ୍ରେମର ଭିକାରି ହୋଇ ଆସିଛି । ଶୁଣିଛି, ପ୍ରେମର କୌଣସି ସାଧନା ନାହିଁ । କେବଳ ମହାପୁରୁଷଙ୍କ କୃପା ହେଲେ ପ୍ରେମର ଉଦୟ ହୁଏ । ସେହି ପ୍ରେମର ସଞ୍ଚାରଣ ସୂତ୍ର ଭଲ ପାଇବା ।' ଗୌରୀ ମା' କହିଲେ, 'ମୁଁ ତୁମକୁ ପ୍ରେମ ଶିକ୍ଷା ଦେବି । କିନ୍ତୁ ତୁମେ କଅଣ ମୋତେ ଭଲ ପାଇପାରିବ ? ଭଲ ପାଇ ନ ପାରିଲେ କିଛି ସଞ୍ଚାରିତ ହୋଇପାରିବ ନାହିଁ ।' ଏହା କହି ସେ କାନ୍ଦିବାକୁ ଲାଗିଲେ ।

---

* ଏ ସମ୍ବନ୍ଧରେ ବିଶେଷ ଜାଣିବାକୁ ଇଚ୍ଛାକଲେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଣୀତ 'ପ୍ରେମିକ ଗୁରୁ' ପୁସ୍ତକ ଦ୍ରଷ୍ଟବ୍ୟ ।

# ଭାବର ସଞ୍ଚାର

ଗୌରୀଙ୍କର ଦେହରେ ସାତ୍ତ୍ୱିକ ଭାବର ଉଦୟ ହେଲା । କମ୍ପି କମ୍ପି ସେ ନିଗମାନନ୍ଦଙ୍କ ଚରଣତଳେ ଲୋଟିପଡ଼ିଲେ । ନିର୍ବିକାରଙ୍କ ପ୍ରେମିକା ଋଷିଙ୍କର ମନ ଯେ ଏତେ କୋମଳ ହୁଏ, ନିଗମାନନ୍ଦ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଯାହାଙ୍କୁ ଦେଖି ବଜ୍ରାଦପି କଠୋର ବୋଲି ମନେ ହେଉଥିଲା, ପ୍ରେମ ପ୍ରସଙ୍ଗରେ ତାଙ୍କୁ କୁସୁମଠାରୁ କୋମଳ ଦେଖି ସେ ଆଶ୍ୱସ୍ତହେଲେ । ନିଗମାନନ୍ଦ ପଦତଳରୁ ଧରି ତାଙ୍କୁ ଉଠାଇଲେ । ଗୌରୀ ଆବେଗମୟ ସ୍ୱରରେ କହିଲେ, 'ମୁଁ ସମସ୍ତ ଜୀବନ ଧରି ତୁମ ଆସିବା ପ୍ରତୀକ୍ଷାରେ ବସିରହିଛି । ତୁମେ କେବେ ଏ ପ୍ରେମପ୍ରବାହ ଜଗତରେ ପ୍ରବାହିତ କରିବ ? ଆଜି ତୁମକୁ ପାଇ ମୁଁ ଧନ୍ୟ ହୋଇଛି । ଯେଉଁ ନର ଦେବତ୍ୱ ଲାଭ କରିଛନ୍ତି ଏବଂ ଯେଉଁ ନାରୀ ହ୍ଲାଦିନୀର ସ୍ୱରୂପ ଲାଭକରିଛନ୍ତି, ଉଭୟଙ୍କ ମିଳନରେ ଆଜି ଏ ସ୍ଥାନ କୈଳାସ ବା 'ବୈକୁଣ୍ଠରେ ପରିଣତହେଲା ।' ଏହା କହୁ କହୁ ନିଗମାନନ୍ଦ ଯେଉଁ ପଲଙ୍କରେ ବସିଥିଲେ, ଗୌରୀ ସେହି ପଲଙ୍କରେ ଗୋଟିଏ ପାଖରେ ବସିପଡ଼ିଲେ । ଗୌରୀଙ୍କର ପ୍ରେମଶିକ୍ଷାଦେବା ପ୍ରଣାଳୀ ନିଗମାନନ୍ଦଙ୍କ ଭିତରେ ଧୀରେ ଧୀରେ ଉନ୍ମାଦନା ଆଣିଦେଲା । ଠାକୁର ନିଗମାନନ୍ଦ ନିଶାଗ୍ରସ୍ତପରି ଗୌରୀଙ୍କ ଆଡ଼କୁ ନିମେଷଶୂନ୍ୟ ନେତ୍ରରେ ଚାହିଁରହିବାକୁ ବାଧ୍ୟ ହେଲେ ।

ପାଠକମାନେ ଅବଗତ ଅଛନ୍ତି ଯେ, କୋଟା ଜଙ୍ଗଲରେ ଦେଖିଥିବା ଯୋଗିନୀଙ୍କ ତୁଳନାରେ ଗୌରୀଙ୍କ ବୟସ ପ୍ରାୟ ଷଡ଼ବିଂଶ ବର୍ଷ ପରି ପ୍ରତୀୟମାନ ହେଉଥିଲା । କିନ୍ତୁ ପ୍ରାଣର କମ୍ପନ ଦ୍ୱାରା ଦେଖୁ ଦେଖୁ ଗୌରୀଙ୍କ ବୟସ ଓ ଆକୃତିରସମ୍ପୂର୍ଣ୍ଣପରିବର୍ତ୍ତନ ହୋଇଗଲା । ଗୌରୀ ରାସେଶ୍ୱରୀଙ୍କ ଭାବରେ ପରିପୂର୍ଣ୍ଣ ହୋଇଗଲେ । ଭାବର କମ୍ପନ ସଙ୍ଗେ ସଙ୍ଗେ ତାଙ୍କର ବୟସ ଷୋଡ଼ଶ ବର୍ଷ ବୋଲି ପ୍ରତୀୟମାନ ହେଲା । ଷୋଡ଼ଶୀ ରମଣୀଙ୍କ ପରି ଅବୟବ ଦେଖାଗଲା । ଗୌରୀଙ୍କ ପୂର୍ବ ରୂପ ଅନ୍ତର୍ହିତ ହୋଇଗଲା । ଯେଉଁ ରୂପ, ଯୋଗ ଓ ଜ୍ଞାନର କଠୋର ସାଧନାଦ୍ୱାରା ଦୁଇ ବର୍ଷ ହେଲା ମନରୁ ଅନ୍ତର୍ହିତ ହୋଇ ଯାଇଥିଲା, ସେହି ପୂର୍ବାଶ୍ରମର ପ୍ରାଣୋନ୍ମାଦନାକାରୀ ମା' ସୁଧାଂଶୁବାଳାଙ୍କର ରୂପ ଗୌରୀ

ଧାରଣ କଲେ । କିନ୍ତୁ ଆକୃତି ତାଙ୍କ ପରି ହେଲେ ମଧ୍ୟ ତାଙ୍କଠାରୁ ସହସ୍ରଗୁଣରେ ଜ୍ୟୋତିର୍ମୟୀ । ନୟନରୁ ମୁକ୍ତା ଫଳ ପରି ବିନ୍ଦୁ ଝରି ପଡ଼ୁଛି । ସାରା ସଂସାରଟା ପ୍ରହେଳିକା ପରି ସ୍ୱାମୀ ନିଗମାନନ୍ଦଙ୍କ ପଦତଳକୁ ଖସିଗଲା । ସେ ଆଉ କିଛି ଦେଖିବାକୁ ପାଇଲେ ନାହିଁ । ଖାଲି ଠାକୁର ଠାକୁରାଣୀ— ଭାବ ଓ ପ୍ରେମରେ ଉଭୟେ ଉନ୍ମତ୍ତ । ବହୁ ଦିନ ପରେ ଦେଖାସାକ୍ଷାତ ଚକ୍ଷୁ ଜଳରେ ଭାବବିହ୍ୱଳମୟ ହେବାକୁ ଲାଗିଲା । ବ୍ରହ୍ମଜ୍ଞ ନିଗମାନନ୍ଦଙ୍କର ବ୍ରହ୍ମଜ୍ଞାନ ଚୂର୍ଣ୍ଣୀଭୂତ ହୋଇଗଲା । ସେ ଦୀନାତିଦୀନ ଭାବରେ ମହା ଭାବମୟୀଙ୍କ ନିକଟରେ ପ୍ରଣୟର ଭିଖାରୀ ହୋଇ ମୂର୍ଚ୍ଛିତ ହୋଇପଡ଼ିଲେ । ଠିକ୍ ସେହି ସମୟରେ ମନୋମୟୀ ରୂପଧାରିଣୀ ଗୌରୀଙ୍କ ପ୍ରେମସ୍ପର୍ଶରେ ନିଗମାନନ୍ଦ 'ଭାବସମାଧି'ରେ ମଗ୍ନ ହେଲେ । ନିତ୍ୟଲୋକର ଆବରଣପଟ ଚିରଦିନ ଉନ୍ମୁକ୍ତ ହୋଇଗଲା ।

ପ୍ରତ୍ୟୁଷ ପର୍ଯ୍ୟନ୍ତ ନିଗମାନନ୍ଦ ଭାବସମାଧିରେ ମଗ୍ନ ହୋଇ ରହିଲେ । ସକାଳୁ ତାଙ୍କରବାହ୍ୟ ଚୈତନ୍ୟ ଫେରିଆସିଲା । ସେ ଗୌରୀଙ୍କ ନିକଟରୁ ବିଦାୟ ଭିକ୍ଷା କଲେ । ସୁଦୀର୍ଘକାଳ ପାହାଡ଼ ଭିତରେ ଆତ୍ମଗୋପନ କରି ହୃଦୟ-ଭଣ୍ଡାରରେ ଯେଉଁ ପ୍ରେମ ସଞ୍ଚୟ କରି ରଖିଥିଲେ; ଗୌରୀ ଆଜି ତାହା ଉପଯୁକ୍ତ ପାତ୍ରରେ ସଞ୍ଚାରିତ କରି ଜଗତରେ ପ୍ରଚାର କରିବାକୁ ତାଙ୍କୁ ଆନନ୍ଦରେ ବିଦାୟ ଦେଲେ ।

ବିଦାୟ ଦେବାବେଳେ ଗୌରୀମା' ପୁନଶ୍ଚ କହିଲେ-"ଶ୍ରୀ ଗୌରାଙ୍ଗଦେବ ବୈଦିକ ସନ୍ନ୍ୟାସ ଗ୍ରହଣ କରିଥିଲେ । ସେ ଅବତାର ଥିବାରୁ ଜ୍ଞାନ ସ୍ୱତଃସିଦ୍ଧ ଭାବରେ ତାଙ୍କଠାରେ ପୂର୍ଣ୍ଣ ଥିଲା । ଜୀବକୁ ପୂର୍ଣ୍ଣତ୍ୱଲାଭର ସହଜ ଉପାୟ ପ୍ରଦର୍ଶନ ନିମିତ୍ତ ଶ୍ରୀ ଚୈତନ୍ୟଦେବ ସର୍ବଦା ପ୍ରେମଭକ୍ତି ଆଶ୍ରୟପୂର୍ବକ ଅବସ୍ଥାନକରୁଥିଲେ । ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପ୍ରଗାଢ଼ ପ୍ରୀତିର ସମ୍ବନ୍ଧ । ମହାପ୍ରଭୁ ଏହି ସମ୍ବନ୍ଧ ବିଷୟରେସବୁସମୟରେନିଜ ଶିଷ୍ୟମାନଙ୍କୁ ଉପଦେଶ ଦେଉଥିଲେ । ଭଗବାନଙ୍କୁ ପଞ୍ଚଭାବରେ ଭଜନା କରାଯାଇଥାଏ । ପ୍ରତ୍ୟେକ ମନୁଷ୍ୟ ତାଙ୍କୁ ପରମ ଆତ୍ମୀୟ ଅଥବା ପିତା-ମାତା, ପ୍ରଭୁ, ସଖା ବା ସ୍ୱାମୀରୂପେ ଭଲପାଇବା କର୍ତ୍ତବ୍ୟ ।

ଭଗବାନଙ୍କ ପ୍ରତି ଏହି ପ୍ରେମ-ଭକ୍ତିର ଭାବନା ନେଇ ସଂସାର କରିବାକୁ ହୁଏ । ମନୁଷ୍ୟ ତାଙ୍କୁ ଏହିଭଳି ଭାବରେ ଭଲପାଇବ ବୋଲି ଭଗବାନ ସଂସାର ସୃଷ୍ଟି କରି ଅଛନ୍ତି ଏବଂ ସଂସାରର ଶ୍ରେଷ୍ଠ ସୃଷ୍ଟି ମନୁଷ୍ୟକୁ ହିଁ ଜ୍ଞାନଭକ୍ତିର ଐଶ୍ୱର୍ଯ୍ୟ ପ୍ରଦାନ କରିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ସ୍ୱ ସ୍ୱ ଇଷ୍ଟଦେବତାଙ୍କୁ ପ୍ରାଣ ଅପେକ୍ଷା ପ୍ରିୟତମ ଜ୍ଞାନ କରିବେ । ଏହି ପ୍ରେମଭକ୍ତି ଦ୍ୱାରା ହିଁ ଜୀବନର ଚରମ ସାର୍ଥକତା ଲାଭ କରାଯାଇଥାଏ ।

ଗୌରୀ ମା'ଙ୍କ ଉପଦେଶରେ ଜ୍ଞାନ-ଯୋଗସିଦ୍ଧ ନିଗମାନନ୍ଦ ଭଗବତ୍ ପ୍ରେମରେ ବିଭୋର ହୋଇଗଲେ । ସେ ବୁଝିପାରିଲେ, ଜନ୍ମଜନ୍ମାନ୍ତର ଧରି ଜୀବକୁ ଏହି ପ୍ରେମ-ଭକ୍ତି ମନ୍ତ୍ରରେ ଦୀକ୍ଷିତ କରିବା ନିମିତ୍ତ ଭଗବାନ ଚେଷ୍ଟା କରି ଆସୁଛନ୍ତି । ଜଣେ ସାଧକ ସିଦ୍ଧିଲାଭ କଲେ ସେଥିରେ ଭଗବାନ ହିଁ ଆନନ୍ଦ ଉପଭୋଗ କରନ୍ତି । କାରଣ ସେ ସେତେବେଳେ ସାଧାରଣ ଲୋକ ହିସାବରେ କେବଳ ପୁତ୍ର-କନ୍ୟାଙ୍କୁ ନିଜର ବୋଲି ଭାବିବ ନାହିଁ; ଭଗବାନଙ୍କୁ ପୁତ୍ର-କନ୍ୟା ଜ୍ଞାନରେ ସୁଖ ପାଇବ । ନଳିନୀକାନ୍ତଙ୍କୁ କିଶୋର ବୟସରେ ମାତୃହୀନ କରି, ଯୌବନରେ ପତ୍ନୀ ବିଚ୍ଛେଦ ପରେ ପରଲୋକଗତା ପତ୍ନୀ ବେଶରେ ଦର୍ଶନ ଦେଇ ସେହି ଭଗବାନ ହିଁ ତାଙ୍କୁ ଜ୍ଞାନସାଧନାରେ ଉଦ୍‌ବୁଦ୍ଧ କରିଛନ୍ତି । ତେଣୁ ଭଗବାନ ହିଁ ମାନବର ପରମହିତୈଷୀ ବନ୍ଧୁ । ତାଙ୍କ ଭଳି ଆତ୍ମୀୟସ୍ୱଜନ ଜୀବର ଅନ୍ୟ କେହି ନାହାନ୍ତି । ସେତେବେଳେ ସହଜ ଭକ୍ତିଭାବ ରୂପି ନିଗମାନନ୍ଦଙ୍କ ଭିତରେ ପୁଣି ଜାତ ହେଲା । ସେ ବାଲ୍ୟକାଳରେ ପାଠ-ପଢ଼ିଥିଲେ—

"ସୁସମୟେ କରିଥାନ୍ତି ସବେ ଗଳାହାର
ଅସମୟେ ହାୟ ହାୟ କେ ନୁହେଁ କାହାର ।
ଆପଦ ବିପଦ ସବୁକାଳେ ଭଗବାନ
କେବଳ ପରମବନ୍ଧୁ ରଖ ଏହି ଜ୍ଞାନ ।।"

ବର୍ତ୍ତମାନ ବାଲ୍ୟକାଳର ସେହି ନୀତିଶିକ୍ଷା ସମ୍ପୂର୍ଣ୍ଣ ସତ୍ୟରେ ପରିଣତ ହେଲା । ସେ ମନ୍ତ୍ରଲାଭ ନିମିତ୍ତ ବ୍ୟାକୁଳ ହେବାରୁ ଭଗବାନ ସଚ୍ଚିଦାନନ୍ଦ ସ୍ୱାମୀଙ୍କ ମୂର୍ତ୍ତିରେ ତାଙ୍କୁ ମନ୍ତ୍ରଦାନ କଲେ । ଗୁରୁ ଖୋଜି ନ ପାଇ ଆତ୍ମ ହତ୍ୟାର ସଂକଳ୍ପ କରିବାରୁ ସେହି ଭଗବାନ ହିଁ ତାଙ୍କୁ ସ୍ୱପ୍ନରେ ବାମାକ୍ଷେପାଙ୍କ

ସନ୍ଧାନ ପ୍ରଦାନ କଲେ । ସାଧନାବସ୍ଥାରେ ମଧ୍ୟ ସେହି ଭଗବାନ ତାଙ୍କୁ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ କେବଳ ରକ୍ଷା କରିନାହାନ୍ତି, ପରନ୍ତୁ ଅତି ଆପଣାରଲୋକ ଭଳି ସାହାଯ୍ୟ କରି ଆସିଛନ୍ତି । ପୁଣି ସାଧନା ଶିକ୍ଷା ଦେଇ ନିର୍ବିକଳ୍ପ ଜ୍ଞାନଲାଭ ପରେ ମଧ୍ୟ ସେହି ଭଗବାନ ତାଙ୍କୁ ଅନ୍ନପୂର୍ଣ୍ଣା ମୂର୍ତ୍ତିରେ ଦର୍ଶନ ଦେଇ ତାଙ୍କୁ ମନରୁ ଭ୍ରାନ୍ତି ଦୂର କରିଛନ୍ତି । ନିଗମାନନ୍ଦ ଯେତେ ଭାବିଲେ, ତାଙ୍କ ହୃଦୟ ସେତେ ଶ୍ରଦ୍ଧାଭକ୍ତିରେ ବିଗଳିତ ହୋଇଗଲା । ସେ ଜ୍ଞାନସିଦ୍ଧ ପରେ ପ୍ରେମ-ଭକ୍ତି ଲାଭ କରି ସହଜରେ ପ୍ରେମରେ ପାଗଳ ପରି ହୋଇଗଲେ ।

ସ୍ୱାମୀ ନିଗମାନନ୍ଦଙ୍କର ଇଷ୍ଟଦେବୀ ଥିଲେ ମହାବିଦ୍ୟା ତାରାଦେବୀ । ଏହି ସମୟରେ ଭଗବାନ ପୁଣି ତାଙ୍କୁ ଇଷ୍ଟଦେବୀ ମୂର୍ତ୍ତିରେ ଦର୍ଶନ ଦାନ-ପୂର୍ବକ କହିଥିଲେ—"ତୁମେ ପୂର୍ବ ଜନ୍ମରେ ମୋତେ ତୁମର ସ୍ତ୍ରୀ ରୂପରେ ସୁଖ ପାଇବାକୁ ଇଚ୍ଛା କରିଥିଲ । ଏହି ଜନ୍ମରେ ତୁମର ସେହି ବାସନା ପୂର୍ଣ୍ଣ ହେବ । ମୁଁ ଭକ୍ତବାଞ୍ଛା କଳ୍ପତରୁ । ବର୍ତ୍ତମାନଠାରୁ ମୁଁ ତୁମକୁ ତୁମର ସାଧ୍ୱୀ ସ୍ତ୍ରୀ ସୁଧାଦେବୀଙ୍କ ପରି ସୁଖପାଇବ ଓ ସେବା କରିବ । ତୁମେ ନିଜକୁ ମହାଶକ୍ତିଙ୍କ ସ୍ୱାମୀ ସାକ୍ଷାତ ଶିବ ବୋଲି ଜ୍ଞାନ କରିବ । ଜଗଦ୍‌ଗୁରୁ ଶିବ ହିଁ ମହାଶକ୍ତିଙ୍କଭର୍ତ୍ତା । ଅତଏବ ତୁମେ ମଧ୍ୟ ଶିବସ୍ୱରୂପ । **ତୁମେ ହିଁ ସାର୍ବଭୌମ ଗୁରୁ** । ଜଗଦ୍‌ବାସୀ ତୁମର ସନ୍ତାନ । ତୁମେ ଗୁରୁ ଭାବରେ ଲୋକାଳୟକୁ ଗମନ କରି ଜୀବକୁ ସ୍ୱରୂପ-ଜ୍ଞାନ ଦେଇ ଉଦ୍ଧାର କର । ଅଜ୍ଞାନୀ ଜୀବଙ୍କୁ ଆତ୍ମଜ୍ଞାନଦାନର ବ୍ୟବସ୍ଥା କର ।"

ଶାସ୍ତ୍ରରେ ଅଛି, ଶ୍ରୀ ଭଗବାନ ହିଁ ଜଗଦ୍‌ଗୁରୁ । ଜଗଦୀଶ୍ୱରୀ ରୂପରେ ସେ ଯେତେବେଳେ ପରିବ୍ରାଜକ ନିଗମାନନ୍ଦଙ୍କୁ ଗୁରୁଭାବ ଅଙ୍ଗୀକାର କରିବାକୁ କହିଲେ ଓ ନିଜେ ଦାସୀ ଭାବରେ ତାଙ୍କର ସେବା କରିବେ, ଏହି ପ୍ରତିଶ୍ରୁତି ଦେଲେ, ସେତେବେଳେ ସ୍ୱାମୀ ନିଗମାନନ୍ଦ ନିଜକୁ ପୂର୍ଣ୍ଣ ବୋଲି ଜ୍ଞାନ କଲେ ।

## ଭାବର ସାଧନା

ସ୍ୱାମୀ ନିଗମାନନ୍ଦ ଗୌରୀ ମା'ଙ୍କ ନିକଟରୁ ବିଦାୟ ନେଇ ଯଜ୍ଞେଶ୍ୱର ବାବୁଙ୍କ ଗୃହକୁ ଭାବର ସାଧନ ନିମିତ୍ତ ଫେରି ଆସିଲେ । ସେତେବେଳେ

ତାଙ୍କର ଆଦୌ ବାହ୍ୟଜ୍ଞାନ ରହୁ ନଥିଲା । ସେତେବେଳେ ସେ ମଳ-ମୂତ୍ର ତ୍ୟାଗ କରନ୍ତୁ ଜାଣିପାରନ୍ତୁ ନାହିଁ । ସର୍ବଦା ପାଗଳ ପରି ଥାଆନ୍ତୁ; ଯେଉଁଠାରେ ଇଚ୍ଛା ସେଠାରେ ମଳମୂତ୍ର ତ୍ୟାଗ କରିପକାନ୍ତୁ । ଯଜ୍ଞେଶ୍ୱରବାବୁଙ୍କ ସ୍ତ୍ରୀ ନିଜ ସନ୍ତାନ ଜ୍ଞାନରେ ସେସବୁ ପରିଷ୍କାର କରନ୍ତି । କେହି ଖୁଆଇଦେଲେ କିଛି ଖାନ୍ତି, ନଚେତ୍ କିଛି ଖାଇବାକୁ ତାଙ୍କର ଇଚ୍ଛା ହୁଏ ନାହିଁ ।

## ପ୍ରେମୋନ୍ମାଦ

ତିନି ମାସ ଭାବର ସାଧନ କଲା ପରେ ଠାକୁରଙ୍କର ପ୍ରେମୋନ୍ମାଦ ଭାବ ଉପସ୍ଥିତ ହେଲା । ଏହି ସମୟରେ ସେ ସର୍ବଦା ହସି, କାନ୍ଦି, ନାଚି ବୁଲୁଥାନ୍ତି । ଜଗତର ପ୍ରତି ଅଣୁପରମାଣୁରେ ସେ ଚିରସୁନ୍ଦରଙ୍କୁ ଦେଖି ବିଭୋର ହୋଇଯାନ୍ତି । ସୁନ୍ଦର ରୂପଦେଖିବାମାତ୍ରେ ସେ ସମାଧିସ୍ଥ ହୋଇପଡ଼ନ୍ତି । ଯେତେବେଳେ ତାଙ୍କର ଏହିପରି ପ୍ରେମୋନ୍ମାଦ ଅବସ୍ଥା ସଂଘଟିତ ହୁଏ, ତାହା ଏକାଦିକ୍ରମେ ତିନିଚାରି ଦିନ କାଳ ସ୍ଥାୟୀ ହୋଇ ରହେ । ସେତେବେଳେ ତାଙ୍କର କେଶ ଏବଂ ଲୋମ କଣ୍ଟା ପରି ଫୁଲିଉଠେ; ନେତ୍ରଦ୍ୱୟ ଜବା ଫୁଲ ପରି ରଙ୍ଗ ହୋଇଯାଏ, ଦିବାନିଶି ଚକ୍ଷୁରୁ ଅବିରଳ ଧାରା ବହିର୍ଗତ ହୁଏ; କେବେ କେବେ ନେତ୍ରପ୍ରାନ୍ତ ଓ ଲୋମକୂପ ଦେଇ ରକ୍ତମଧ୍ୟ ନିର୍ଗତ ହୁଏ । ଏହି ସମୟରେ ଲୁଗାପଟାରେ ସେ ମଳମୂତ୍ର ତ୍ୟାଗ କରିପକାନ୍ତି । ସରଯୂଦେବୀ ନିଜ ହାତରେ ଏହା ସବୁ ପରିଷ୍କାର କରିଦିଅନ୍ତି ।

ଯେତେବେଳେ ଏହି ଭାବ ଜାତ ହୁଏ, ସେତେବେଳେ ଠାକୁରଙ୍କର ଚତୁର୍ଦ୍ଦିଗରେ ପ୍ରେମମୟୀଙ୍କ ରୂପ ଫୁଟିଉଠେ । ସୁନ୍ଦର ଫୁଲଟିଏ ଦେଖିଲାକ୍ଷଣି ସେଥିରେ ସେ ପ୍ରେମମୟୀଙ୍କ ରୂପ ଅନୁଭବ କରନ୍ତି । ଉଷାର ଅରୁଣ ସ୍ପର୍ଶରେ ଯେପରି ପ୍ରେମମୟୀଙ୍କ ସୁହାସିତ ମୁଖଟି ଫୁଟି ଉଠିବାର ସେ ଦେଖିପାରନ୍ତି ।

ଭାବସମାଧି * ଭାଙ୍ଗିବା ପରେ ଯଜ୍ଞେଶ୍ୱର ବାବୁ ଓ ତାଙ୍କ ସ୍ତ୍ରୀ ସମାଧିକାଳୀନ ଅବସ୍ଥା ସ୍ୱାମୀଜୀଙ୍କ ଆଗରେ ବର୍ଣ୍ଣନା କରନ୍ତି । କୌଣସି

---

* ଭାବସମାଧିରେ ସ୍ଥୂଳ ଶରୀର ଯୋଗସମାଧି ପରି ଜଡ଼ ମୃତବତ୍ ହୁଏ ନାହିଁ ।

ସ୍ତ୍ରୀ ଲୋକ ସେହି ଅବସ୍ଥାରେ ଦେଖିବାକୁ ଆସିଲେ, ଠାକୁର ଉପରେ ତାହାର ମାଳା ଧରି କାନ୍ଦନ୍ତି, ଗୋଟିଏ ଫୁଲଗଛ ପାଇଲେ ଉପରେ ପୁନଃ ପୁନଃ ଚୁମ୍ବନ କରନ୍ତି ଇତ୍ୟାଦି କଥା ଶୁଣି ଠାକୁର ବିସ୍ମିତ ହୁଅନ୍ତି । ଏକଥା ଶୁଣି ନିଗମାନନ୍ଦ ବଡ଼ ଚିନ୍ତିତ ହୋଇପଡ଼ିଲେ । ଏପରି ଅସାମାଜିକ ବ୍ୟବହାର ଯୋଗୁଁ ତାଙ୍କର ବାହାରି ଗୃହରେ ରହିବା ଠିକ୍ ନୁହେଁ ବୋଲି ଶିଷ୍ୟ ଦମ୍ପତିଙ୍କୁ କହି କଲିକତା ଯିବାକୁ ଇଚ୍ଛା ପ୍ରକାଶ କଲେ । ଏହା ଶୁଣି ଯଜ୍ଞେଶ୍ୱର ବାବୁ କହିଲେ, "ଠାକୁର" ଆପଣଙ୍କ ଭାବସମାଧି ଅବସ୍ଥାରେ ଆଲିଙ୍ଗନ ପାଇବା ତ ଭାଗ୍ୟର କଥା ।" ଏହା କାହା ପକ୍ଷରେ ଭାଗ୍ୟର କଥା ହେଲେ ମଧ୍ୟ ପୁଣି କାହାଠାରୁ ଅପମାନ ମିଳିପାରେ ଭାବି ପରମହଂସ ନିଗମାନନ୍ଦ ଗୌହାଟୀ ତ୍ୟାଗ କରି କଲିକତା ଯାତ୍ରା କଲେ ।

## ଯୋଗୀଗୁରୁ ସୁମେରୁ ଦାସଜୀଙ୍କ ସହିତ ସାକ୍ଷାତ

କଲିକତାରେ ଠାକୁର ନିଗମାନନ୍ଦ କାହାରି ଗୃହରେ ରହିବାକୁ ଉଚିତ ମନେ ନ କରି କାଳୀଘାଟସ୍ଥ ଧର୍ମଶାଳାରେ ପହଞ୍ଚିଲେ । ସେଠାରେ ଦେଖିଲେ ଯେ, ଗୁରୁ ସୁମେରୁଦାସଜୀ ନକୁଳେଶ୍ୱର ମନ୍ଦିରରେ ବସି ଗଞ୍ଜେଇ ସଜାଡ଼ୁଛନ୍ତି । ସେ ଠାକୁରଙ୍କୁ ଦେଖି ଆନନ୍ଦରେ କେଉଁଆଡ଼ୁ ଆସିଲୁ ବୋଲି ପ୍ରଶ୍ନ କଲେ । ଠାକୁର ମଧ୍ୟ ତାଙ୍କୁ ସେହିପରି ପଚାରିଲେ ଏବଂ ସୁମେରୁ-ଦାସଜୀ ପୁରୀରୁ ଆସିଥିବାର କହିଲେ । ପରେ ସ୍ୱାମୀ ନିଗମାନନ୍ଦ ଯଜ୍ଞେଶ୍ୱର ବାବୁଙ୍କ ଗୃହରେ ଭାବସମାଧିରେ ଯେପରି ଉନ୍ମାଦଗ୍ରସ୍ତ ହୋଇ ଗୌହାଟୀ ପରିତ୍ୟାଗ କରି କଲିକତା ଆସିଲେ ତାହାସବୁ ବର୍ଣ୍ଣନା କଲେ ଓ ସେଠାରେ ଗୁରୁଙ୍କ ସହିତ ରାତ୍ରି ଯାପନ କଲେ ।

"ବାଂଲାର ସାଧନାଯ଼ ନିଗମାନନ୍ଦ" ପୁସ୍ତକ ବ୍ୟତୀତ ଅନ୍ୟାନ୍ୟ ପ୍ରଚଳିତ ଜୀବନୀ ଗ୍ରନ୍ଥମାନଙ୍କରେ ଦେଖାଯାଏ, ଗାରୋହିଲରେ ଶ୍ରୀ ଶ୍ରୀ ଠାକୁର ତାଙ୍କ ଜ୍ଞାନୀଗୁରୁ ସଚ୍ଚିଦାନନ୍ଦଙ୍କ ସଙ୍ଗରେ ବାସ କରିଥିଲେ । କିନ୍ତୁ ଏ ତଥ୍ୟଟି ସର୍ବୈବ ଭ୍ରମପୂର୍ଣ୍ଣ ।

ଶ୍ରୀ ଶ୍ରୀ ଠାକୁର ନିଜେ ୧୩୨୩ ସାଲର ଶେଷ ଭାଗରେ ଯୋଗାନନ୍ଦଜୀଙ୍କୁ ଲେଖିଥିଲେ—" × × × × × × କାହିଁ ଅପେକ୍ଷା ଗାରୋହିଲରେ

ତୁମ ସାଧନାର ସବୁ ଦିଗରୁ ସୁବିଧା ହେବ । ସେଠାରେ ମୋର ସାଧନ ପୀଠଟି ରହିଛି । ମୁଁ ଆଦେଶ କଲେ ପାହାଡ଼ିଲୋକେ ଆଶ୍ରମରେ ଗୃହ ନିର୍ମାଣ କରିଦେବେ । ତୁମେ ପତ୍ରପ୍ରାପ୍ତି ମାତ୍ରେ ମଠକୁ ଆସିବ । ତୁମକୁ ଯୋଗ-ଶିକ୍ଷା ଦେଇ ଏହି ମାସରେ ହିଁ ଗାରୋହିଲ ପଠାଇଦେବି । କାରଣ ବସନ୍ତ-କାଳ ହିଁ ଯୋଗାରମ୍ଭ ନିମିତ୍ତ ପ୍ରଶସ୍ତ ।"


ଏହାପରେ ଶ୍ରୀ ଶ୍ରୀ ଠାକୁର ଗାରୋହିଲ ଯୋଗାଶ୍ରମର ସିଦ୍ଧପୀଠକୁ ଚିରସ୍ଥାୟୀ ଓ ସୁପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ସ୍ୱାମୀ ଯୋଗାନନ୍ଦଙ୍କୁ ସାଧନକୌଶଳ ପ୍ରଭୃତି ଶିକ୍ଷା ଦେଇ ଯୋଗସାଧନ ନିମିତ୍ତ ଗାରୋହିଲ୍ ଯୋଗାଶ୍ରମକୁ ପ୍ରେରଣ କଲେ ।

(ସାରସ୍ୱତ ମଠ ଓ ସ୍ୱାମୀ ସ୍ୱରୂପାନନ୍ଦ, ପୃ ୨୦୮-୨୦୯)

ସନ ୧୩୨୩ ସାଲ ଚୈତ୍ର ମାସରେ ଯୋଗାନନ୍ଦଜୀ ଗାରୋହିଲ୍ ଯୋଗାଶ୍ରମ ପୁନଃପ୍ରତିଷ୍ଠା କରିଥିଲେ । ସୁତରାଂ ଗାରୋହିଲ ବିଷୟରେ ସେ ଯେଉଁ ତଥ୍ୟ ପ୍ରଦାନ କରିଛନ୍ତି, ତାହା ସର୍ବାପେକ୍ଷା ପ୍ରମାଣସିଦ୍ଧ ।

ସେ କହିଛନ୍ତି, "ଗାରୋହିଲ୍ ଓ ମୟୁମନସିଂହ ସେହି ଅଞ୍ଚଳରେ ସଚ୍ଚିଦାନନ୍ଦ ସରସ୍ୱତୀଙ୍କୁ କେହି ଚିହ୍ନି ନାହାନ୍ତି । ସେଠାରେ ଠାକୁର ମହାରାଜଙ୍କ ଯୋଗୀଗୁରୁ ସୁମେରୁ ଦାସଜୀ ବହୁ ପରିଚିତ । ସେଠାକାର ପ୍ରାଚୀନ ଅଧିବାସୀମାନେ ତାଙ୍କୁ ଦୀର୍ଘଦିନ ଧରି ଦେଖିଆସିଛନ୍ତି ଏବଂ ତାଙ୍କ ଅଲୌକିକ ବିଭୂତି ବା ଯୋଗୈଶ୍ୱର୍ଯ୍ୟ ବିଷୟ ମୋ ନିକଟରେ ବ୍ୟକ୍ତ କରିଛନ୍ତି ।"

ଏ ବିଷୟରେ ସ୍ୱାମୀ ଯୋଗାନନ୍ଦଙ୍କ ପ୍ରଣୀତ 'ଅତୀନ୍ଦ୍ରିୟ ଦର୍ଶନ ଓ ଅଲୌକିକ ରହସ୍ୟ' ପୁସ୍ତକର ତୃତୀୟ ଅଧ୍ୟାୟ ୪୭ ପୃଷ୍ଠାରେ 'ଗାରୋହିଲ୍ ଯୋଗାଶ୍ରମ ମହାତ୍ମ୍ୟ' ପାଠକଲେ ଜିଜ୍ଞାସୁ ପାଠକମାନେ ସମସ୍ତ ତଥ୍ୟ ଅବଗତ ହୋଇପାରିବେ । ସୁତରାଂ 'ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ' ପୁସ୍ତକର ପୂର୍ବବର୍ତ୍ତୀ ସଂସ୍କରଣଗୁଡ଼ିକର ଯେଉଁ ଅଧ୍ୟାୟରେ **'ଜ୍ଞାନୀଗୁରୁ ସଚ୍ଚିଦାନନ୍ଦଙ୍କ ସହିତ ସାକ୍ଷାତ'** ଶୀର୍ଷନାମା ଲେଖା ଥିଲା, ଏହି ସଂସ୍କରଣରେ ତାହା ପରିବର୍ତ୍ତିରେ **"ଯୋଗୀଗୁରୁ ସୁମେରୁ ଦାସଜୀଙ୍କ ସହିତ ସାକ୍ଷାତ"** ବୋଲି ଉଲ୍ଲେଖ କରାଗଲା । ଅନ୍ୟାନ୍ୟ ସମସ୍ତ ତଥ୍ୟ ଠିକ୍



ଗାଉ୍ରେଢ଼ଲ ଯୋଗାଶ୍ରମ

ଅଛି । 'କୋଦାଳଧୋଆ ଗ୍ରାମର 'କାଉଗୁପଡ଼ା' ନାମକ ସ୍ଥାନରେ ସୁମେରୁଦାସଜୀ ଦୀର୍ଘଦିନ ବାସ କରିଥିଲେ । ଶ୍ରୀ ଶ୍ରୀ ଠାକୁର ପରେ ଏହି ସ୍ଥାନରେ ଗାରେହିଲ ଯୋଗାଶ୍ରମ ପ୍ରତିଷ୍ଠା କରିଥିଲେ ।

## କଠୋର ଆଶ୍ରମ ଜୀବନ

କିଛିଦିନ ପରେ 'ତୁର୍ ପାହାଡ଼'ରେ ଉପସ୍ଥିତ ହୋଇ ଜଙ୍ଗଲ ମଧ୍ୟରେ ଦୁଇଟି କୋଠରି ନିର୍ମାଣ କରି ସ୍ୱାମୀ ନିଗମାନନ୍ଦ ସାଧନା କରିବାକୁ ଲାଗିଲେ । ଏଠାରେ କିଛିଦିନ ରହିବା ପରେ ଗାରୋହିଲ୍‌ର କୋଦାଳ-ଧୋଆ ନାମକ ସ୍ଥାନରେ ଗୋଟିଏ ଆଶ୍ରମ ନିର୍ମାଣ କଲେ । ଏହି ଆଶ୍ରମର ନାମ ହେଲା "ଗାରୋହିଲ ଯୋଗାଶ୍ରମ ।"

## ଗାରୋହିଲ ଯୋଗାଶ୍ରମ

କୋଦାଳଧୋଆର ପାର୍ବତ୍ୟ ଅଧିବାସୀ ହାଜଂ ଜାତିର ଲୋକେ ଏହି ଅଳ୍ପବୟସ୍କ ସାଧୁଙ୍କୁ ଦେଖି ତାଙ୍କ ପ୍ରତି ଆକୃଷ୍ଟ ହେଲେ ଓ ଆହାରାଦି ଯୋଗାଇବାକୁ ଲାଗିଲେ । ହାଜଂମାନେ ସାଧୁଙ୍କ ନିମିତ୍ତ ଖଣ୍ଡିଏ ଶ୍ରେଷ୍ଠ ଚୁଲି ଘର ଓ ଶୋଇବା ନିମିତ୍ତ ବାଉଁଶରେ ଗୋଟିଏ ଖଟ ନିର୍ମାଣ କରି-ଦେଲେ ।

## ଶିକ୍ଷକତା

ହାଜଂ ଜାତିର ପିଲାଙ୍କୁ ଶିକ୍ଷାଦେବା ଉଦ୍ଦେଶ୍ୟରେ ସ୍ୱାମୀ ନିଗମାନନ୍ଦ ସେଠାରେ ଗୋଟିଏ ନିମ୍ନ ପ୍ରାଥମିକ ବିଦ୍ୟାଳୟ ଆରମ୍ଭ କଲେ । ନିଜେ ଶିକ୍ଷକତା କରି ହାଜଂମାନଙ୍କୁ ବିଦ୍ୟାଶିକ୍ଷା ଦେବାକୁ ଲାଗିଲେ । କ୍ରମେ ସ୍ଥାନୀୟ ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷ ବିଦ୍ୟାଳୟ ପରିଦର୍ଶନ କରି ମାସିକ ସାତଟଙ୍କା ସାହାଯ୍ୟର ବ୍ୟବସ୍ଥା କରିଦେଲେ । ଏହି ସାହାଯ୍ୟ ମଞ୍ଜୁର ହେବା ପରେ ହାଜଂମାନେ ନିଗମାନନ୍ଦଙ୍କୁ ପଣ୍ଡିତଜୀ ବୋଲି ଡାକିବାକୁ ଲାଗିଲେ ।

## ପ୍ରେମିକର ବାସର ଘର

ଅବସରରେ ବିଦ୍ୟାଳୟର କାର୍ଯ୍ୟ ଶେଷ କରି ଠାକୁର ଗୃହରେ ସାଧନ କରନ୍ତି । ସମୟେ ସମୟେ ସେ ଦୁଇ ତିନି ଦିନ ପର୍ଯ୍ୟନ୍ତ ଦ୍ୱାର ବନ୍ଦ କରି

ଘରେ ରହନ୍ତି । ଲୋକମାନେ ଏହି ସମୟରେ ଠାକୁରଙ୍କୁ ଭୂତ ଲାଗିଛି ଭାବି ତାଙ୍କ ଘରେ ପଶନ୍ତି ନାହିଁ । ମଦନ ଓ ସୀତାରାମ ପ୍ରଭୃତି ଅନୁଗତ ଲୋକମାନେ ଠାକୁରଙ୍କୁ ତଦବସ୍ଥାରେ ପାଗଳ ଭିନ୍ନ ଅନ୍ୟ ଆଖ୍ୟା ଦେଇ-ପାରନ୍ତି ନାହିଁ ।

ଗାରୋହିଲ୍ ଉପରସ୍ଥ ବୃହତ୍ ବୃହତ୍ ବଲ୍ଲୀ ବୃକ୍ଷମୂଳେ ପର୍ଣ୍ଣକୁଟୀର ପ୍ରେମିକ ନିଗମାନନ୍ଦଙ୍କ ବାସର ଗୃହରେ ପରିଣତ ହେଲା । ମହାଭାବମୟୀ ଅସ୍ଥି-ଚର୍ମମୟ ସ୍ଥୂଳ ଶରୀରରେ ଠାକୁରଙ୍କ ନିକଟରେ ଆବିର୍ଭୂତା ହେଲେ ଏବଂ ବିଶ୍ୱର ସମସ୍ତ ପ୍ରେମ, ସମସ୍ତ ହାସ୍ୟ ବହନ କରି ଠାକୁରଙ୍କୁ ଅର୍ଘ୍ୟ ଦେବାକୁ ପ୍ରତିଦିନ ଉପସ୍ଥିତ ହେବାକୁ ଲାଗିଲେ । ପ୍ରେମିକ ନିଗମାନନ୍ଦ ନିଭୃତ ପର୍ଣ୍ଣକୁଟୀରରେ ମହାଭାବମୟୀଙ୍କୁ ଦେଖି କେବଳ ଅଶ୍ରୁ ବିସର୍ଜନ କରନ୍ତି । ଠାକୁର ମଞ୍ଚା ଉପରେ ଶୋଇଥିଲେ ମହାଭାବମୟୀ ଠାକୁରାଣୀ ତାଙ୍କ ପାର୍ଶ୍ୱରେ ଶୋଇପଡ଼ନ୍ତି । ଠାକୁର ଉଠିଲେ, ସେ ମଧ୍ୟ ଉଠନ୍ତି । ଠାକୁର ପଦାକୁ ଯିବାକୁ ବାହାରିଲେ ସେ ବସନାଗ୍ର ଟାଣି ଧରନ୍ତି । ଠାକୁର ନ ମାନି ଚାଲିଗଲେ ପ୍ରେମମୟୀ ମୁଖ ଗମ୍ଭୀର କରି ବସିରହନ୍ତି । ନିଭୃତ ପର୍ଣ୍ଣକୁଟୀରରେ ଠାକୁର ନିଗମାନନ୍ଦ ଏହିପରି ଘର କରିବାକୁ ଲାଗିଲେ । ଏହା କିନ୍ତୁ ଅନ୍ୟ କେହି ଜାଣିପାରିଲେ ନାହିଁ; କେହି ମଧ୍ୟ ଏ ଲୀଳା ଦେଖିପାରିଲେ ନାହିଁ ।

ଏହିପରି କେତେ ଦିନ ବିତିଗଲା । ଅବଶେଷରେ ଦିନେ ପ୍ରେମମୟୀ କହିଲେ, "ତୁମେ ଏହି ଭାବରେ କେତେ ଦିନ କଟାଇବ ? ତୁମକୁ ଯେ ଗୁରୁଗିରି କରିବାକୁ ହେବ, ଏ କଥା କଅଣ ତୁମର ସ୍ମରଣ ନାହିଁ ?" ନିଗମାନନ୍ଦ କିଛି ଉତ୍ତର ଦେଲେ ନାହିଁ । ଗୁରୁ ହେବାର ଜଞ୍ଜାଳକୁ ସେ କେବେହେଲେ ପସନ୍ଦ କରୁ ନ ଥିଲେ । ନିର୍ବିକଳ୍ପ ସମାଧି ଅବସ୍ଥାରେ ସେହି ଗୁରୁଭାବ ଜାଗି ଉଠିବାରୁ ତାଙ୍କର ବ୍ୟୁତ୍ଥାନ ହୋଇଥିଲା । ନିଭୃତରେ ଏହିପରି ଆନନ୍ଦରେ ଦିନ କଟାଇ ଗୁରୁଭାର କଥା ଭୁଲିଯିବାରୁ ପ୍ରେମମୟୀ ତାଙ୍କୁ ସ୍ମରଣ କରାଇଦେଲେ । ତଥାପି କୌଣସି ଉତ୍ତର ନ ପାଇବାରୁ ପ୍ରେମମୟୀ ପୁନର୍ବାର ପ୍ରଶ୍ନ କଲେ, "କାହିଁକି, କିଛି ଉତ୍ତର ଦେଲ ନାହିଁ ?" ଠାକୁର କହିଲେ, "ଗୁରୁ ହେବା ବଡ଼ ଜଞ୍ଜାଳ ଓ

ଦାୟିତ୍ୱପୂର୍ଣ୍ଣ କଥା ।" ଏହାଶୁଣି ପ୍ରେମମୟୀ କହିଲେ, "ଏହା କହିଲେ କଅଣ ଚଳିବ ?" ଉତ୍ତରରେ ଠାକୁର କହିଲେ, "ଯଦି ତୁମେ ମୋତେ ଦୁଇଟି ବର ଦେବ, ତେବେ, ମୁଁ ଏ ଦାୟିତ୍ୱ ବହନ କରିବି ।" ପ୍ରେମମୟୀ ମାଗିଲେ, "ସେ ବର ଦୁଇଟି କଅଣ, ଶୁଣେ ?" ଠାକୁର ଉତ୍ତର କଲେ, "ମୋର ଶିଷ୍ୟତ୍ୱ ଗ୍ରହଣ କରି ଯେଉଁମାନେ ପରେ ମୋତେ ଛାଡ଼ିଯିବେ ବା ମୋର ବିରୁଦ୍ଧାଚରଣ କରି ଅନ୍ୟ ଗୁରୁ କରିବେ, ସେମାନେ ତିନି ଜନ୍ମ ଭିତରେ ନିଶ୍ଚୟ ମୁକ୍ତ ଯାଇବେ ।"

ପ୍ରେମମୟୀ କହିଲେ—ଆଚ୍ଛା ତା' ହେବ ଅପର ବରଟି ପୁଣି କଅଣ ? ଠାକୁର କହିଲେ —ଯେଉଁମାନେ ମୋର ଶିଷ୍ୟତ୍ୱ ଗ୍ରହଣ କରି ଶେଷ ପର୍ଯ୍ୟନ୍ତ ମୋର ଶିଷ୍ୟ ହୋଇ ରହିବେ, ସାଧନ-ଭଜନ କରନ୍ତୁ ବା ନ କରନ୍ତୁ, ସେମାନେ ଗୋଟିଏ ଜନ୍ମରେ ମୁକ୍ତିଲାଭ କରିବେ । ପ୍ରେମମୟୀ ଉତ୍ତର ଦେଲେ—"ଆଚ୍ଛା, ତାହା ହିଁ ହେବ । ଯେଉଁ ଶିଷ୍ୟମାନେ ଭକ୍ତି ଓ ବିଶ୍ୱାସର ସହିତ ଉତ୍କଟ ସାଧନ କରିବେ, ସେମାନେ ଏହି ଦେହସ୍ଥିତିକାଳରେ ମୁକ୍ତି-ଲାଭ କରିବେ ଓ ଅନ୍ୟମାନେ କ୍ରମମୁକ୍ତି ପଥରେ ଗତି କରିବେ । ସେମାନଙ୍କର ଆଉ ପୁନର୍ଜନ୍ମ ହେବ ନାହିଁ । ଏହା ମୁଁ ତ୍ରିବାର ସତ୍ୟ କଲି ।"

ଏହା ପରେ ଦୁଇ ମାସ ଚାଲିଗଲା । ଠାକୁରଙ୍କର ଲୋକାଳୟକୁ ଆସିବାର କୌଣସି ଲକ୍ଷଣ ଦେଖାଗଲା ନାହିଁ । ପ୍ରେମମୟୀ ପୂର୍ବପରି ଦାମ୍ପତ୍ୟ ଜୀବନଯାପନ କରିବାକୁ ଲାଗିଲେ । ସ୍ୱୟଂ ବିଶ୍ୱଜନୟିତ୍ରୀ ମା' ଭଗବତୀ ଠାକୁରଙ୍କ ଗୃହିଣୀ । କ୍ଷୁଦ୍ର ପର୍ଣ୍ଣକୁଟୀରରେ ନିତ୍ୟ ବୃନ୍ଦାବନର ବିକାଶ । ଏହି ଭାବ-ଲୋକର ଆନନ୍ଦ ତ୍ୟାଗକରି ମାୟାବିଜଡ଼ିତ ସଂସାରକୁ ଯାଇ ନିଜକୁ କର୍ମ-ସ୍ରୋତରେ ଭସାଇ ଦେବାକୁ ଠାକୁରଙ୍କର ଇଚ୍ଛା ହେଲା ନାହିଁ । ପାଶ୍ଚାତ୍ୟ ଶିକ୍ଷାଦୃପ୍ତ ବଙ୍ଗବାସୀମାନଙ୍କ ଗୁରୁଭାର ଗ୍ରହଣ କରିବା ଏକାବେଳକେ ଅସମ୍ଭବ ବୋଧ ହେଲା । ବିଶେଷତଃ ସେହି ସମୟରେ ବଙ୍ଗଳାରେ ସ୍ୱଦେଶୀ ଯୁଗର ଆରମ୍ଭ, ଦେଶରେ ଭୟଙ୍କର ବିପ୍ଳବ । ବିଦେଶୀ ବର୍ଜ୍ଜନ, ବଙ୍ଗଭଙ୍ଗର ପ୍ରତିବାଦ, ସଭା ସମିତିରେ ଲାଠି ଖେଳ । ଏପରି ଅବସ୍ଥାରେ ସନ୍ନ୍ୟାସୀଙ୍କ କଥା କିଏ ବା ଶୁଣିବ ? ସୁତରାଂ ଠାକୁର ପୂର୍ବପରି ଠାକୁରାଣୀଙ୍କୁ ନେଇ ଘର କରିବାକୁ ଲାଗିଲେ । ପୂଜନୀୟ ଦିନେ ଠାକୁରାଣୀ ସ୍ମରଣ କରାଇ-

ହେବାକୁ ଠାକୁର କହିଲେ, "ଗୁରୁ ହେଲେ ଗୃହସ୍ଥମାନଙ୍କ ଆଶ୍ରୟରେ ରହିବାକୁ ହେବ । ସେମାନେ ସନ୍ଦେହର ଦାସ । ସୁତରାଂ ସେମାନଙ୍କ ସହିତ ସଦାସର୍ବଦା ସଙ୍କୋଚରେ ଚଳିବାକୁ ପଡ଼ିବ । ମନର ଏ ଭାବ ମଧ୍ୟ ରହିବ ନାହିଁ । ପରନ୍ତୁ ମୁଁ ଆଉ ତୁମକୁ ଏ ଭାବରେ ପାଇପାରିବ ନାହିଁ ।" ଏହା ଶୁଣି ଠାକୁରାଣୀ କହିଲେ, "ତୁମେ ତୁମର ସତୀ, ସାଧ୍ୱୀ ଓ ପତିବ୍ରତା ଶିଷ୍ୟାଙ୍କ ଭିତରେ ମୋତେ ଦେଖି ପାରିବ । ସେମାନେ ମୋ ପରି ତୁମକୁ ସୁଖ ପାଇବେ ।"

## ନିରୁପାଧି ଭାବ

ତେବେ ସୁଦ୍ଧା ଠାକୁର ନୈକାଳୟକୁ ଆସିବାକୁ ଇଚ୍ଛା ପ୍ରକାଶ କଲେ ନାହିଁ । ପୂର୍ବପରି ଦିନରେ ବିଦ୍ୟାଳୟରେ କଟାଇ ରାତିରେ ଠାକୁରାଣୀଙ୍କ ସହିତ ଆନନ୍ଦରେ କଟାଇବାକୁ ଲାଗିଲେ । ଦିନେ ରାତିରେ ଠାକୁର ପ୍ରେମ-ମୟୀଙ୍କୁ ଛାତି ଉପରେ ଶୁଆଇବାକୁ ଭାବି ହସ୍ତ ପ୍ରସାରଣ କଲେ; ମାତ୍ର ସଙ୍ଗେ ସଙ୍ଗେ ହସ୍ତ ସଙ୍କୋଚ କରିନେଲେ ଏପରି କଲେ କାଳେ ଗୋପୀ-ମାନଙ୍କ ପରି ବାସନା ଜାଗିଉଠିବ, ଏହି ଭାବ ତାଙ୍କ ମନରେ ଉଦୟ ହେଲା । ସେ ମନେ ମନେ ଚିନ୍ତାକଲେ, ଭଗବାନ ଯଦି ପ୍ରେମମୟୀଙ୍କ ରୂପ ପରିବର୍ତ୍ତିରେ ଗୋଟିଏ ଛୋଟ ପିଲା ରୂପ ଧାରଣ କରନ୍ତେ, ତେବେ ସେ ତାଙ୍କୁ ଛାତିରେ ପକାଇ ଶୋଇପାରନ୍ତେ । ଏହିପରି ଭାବି ବାହାରକୁ ଆସି ପୁନରାୟ ଗୃହ ଭିତରକୁ ଯାଇ ମଞ୍ଚା ଉପରେ ପ୍ରେମମୟୀଙ୍କ ପରିବର୍ତ୍ତିରେ ଗୋଟିଏ ସାତବର୍ଷର ସୁନ୍ଦରୀ ବାଳିକା ଶୋଇଥିବାର ଦେଖିଲେ । ବାଳିକା ଠାକୁରଙ୍କୁ ଚାହିଁ ହସିଲେ । ଠାକୁର ବୁଝିଲେ ଯେ, ପ୍ରେମମୟୀ ତାଙ୍କରି ପାଇଁ ବାଳିକା ରୂପ ଧାରଣ କରିଛନ୍ତି । ଠାକୁର ତାଙ୍କୁ ବହୁତ ଆଦର କରି ଛାତି ଉପରେ ପକାଇ ଶୋଇ ରହିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଏହି ଛୋଟ ବାଳିକା ଛାତି ଉପରେ କ୍ରମେ ବଢ଼ିବାକୁ ଲାଗିଲେ । ବାଳିକାଟି କ୍ରମେ ଷୋଡ଼ଶୀ ହେଲେ । ଠାକୁର ଏହି ଆଶ୍ଚର୍ଯ୍ୟ ବୃଦ୍ଧି ଲକ୍ଷ୍ୟ କରି ବିସ୍ମିତ ହେବାକୁ ଲାଗିଲେ । ବାଳିକାର ଅଙ୍ଗପ୍ରତ୍ୟଙ୍ଗ ସମସ୍ତ ପରିବର୍ଦ୍ଧିତ ହୋଇ ଠାକୁରଙ୍କୁ ଭାରି ବୋଧ ହେଲା । କ୍ରମେ ପ୍ରେମମୟୀ ବଡ଼ ହୋଇ ତାଙ୍କର

ସ୍ତ୍ରୀ ସୁଧାଂଶୁବାଲା ରୂପ ଧାରଣ କଲେ । ଠାକୁର ପ୍ରେମମୟୀଙ୍କ ଖେଳ ଦେଖି ହସିଉଠିଲେ । ଠାକୁରାଣୀ ମଧ୍ୟ ହସିଲେ । ଠାକୁରଙ୍କ ଗ୍ରୀବା ଉପରେ ପ୍ରେମମୟୀଙ୍କ ରୂପ, ଦୈହିକ ଗଠନ ଅତି ଦ୍ରୁତଭାବରେ ପରିବର୍ତ୍ତିତ ହେଲା । ପ୍ରେମମୟୀଙ୍କ ବୟସ ସେତେବେଳେ ୩୦।୩୫ ଦେଖାଗଲା । କ୍ରମେ ଯୌବନ ଅନ୍ତର୍ହିତ ହୋଇ ପ୍ରେମମୟୀଙ୍କର ବାର୍ଦ୍ଧକ୍ୟ ଆଡ଼କୁ ଗତି ହେବାର ଦେଖି ଠାକୁର ଗମ୍ଭୀର ହେବାକୁ ଲାଗିଲେ । ତାଙ୍କର ମାନସିକ ପରିବର୍ତ୍ତନ ପରିଲକ୍ଷିତ ହେଲା । କ୍ରମେ ପ୍ରେମମୟୀଙ୍କ ବୟସ ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଆକୃତିର ଏପରି ପରିବର୍ତ୍ତନ ହେଲା ଯେ, ଠାକୁର ତାଙ୍କୁ ଗ୍ରୀବା ଉପରୁ ଖସାଇ ଦେଇ ମଞ୍ଚା ଉପରୁ ଉଠିଆସିଲେ । ଏ ଯେ ଠାକୁରଙ୍କର ଗର୍ଭଧାରିଣୀ ମା' ମାଣିକସୁନ୍ଦରୀ ଦେବୀ ! ଠାକୁରଙ୍କ ଶରୀର ରୋମାଞ୍ଚିତ ହୋଇଉଠିଲା ।

ମା', ସ୍ତ୍ରୀ ଓ କନ୍ୟା ଏକ, କେବଳ ଦେହର ପାର୍ଥକ୍ୟ ମାତ୍ର । ଏହା ବଡ଼ ବିସ୍ମୟକର, ବଡ଼ ଭୟାନକ; ଅଥଚ ନିଗୂଢ଼ ସତ୍ୟ । ମା', ସ୍ତ୍ରୀ ଓ କନ୍ୟା ତିନିହେଁ ଏକ, ଏକ ହିଁ ତିନି ।

ଆଜି ଠାକୁରଙ୍କ ଭାବ ମୂଳରେ କୁଠାରଘାତ ହେଲା । ଏହି ଘଟଣାରୁ ମା' ସ୍ତ୍ରୀ ଓ କନ୍ୟାର ପୃଥକ୍ ଭାବ ଅନ୍ତର୍ହିତ ହୋଇ ଏକ ନିରୂପାଧି ନିର୍ଗୁଣ ଭାବ ତାଙ୍କ ହୃଦୟସ୍ତ ଅଧିକାର କରିବସିଲା । ତେଣୁ ରୂପବିକାଶ ମଧ୍ୟ ଅଦୃଶ୍ୟ ହୋଇଗଲା । ଏହିପରି ଭାବେ ଆକୃତିର ବୈଷମ୍ୟ ଅରୂପରେ ବା ନିରାକାର ନିର୍ଗୁଣ ଭାବରେ ଲୟ ହୋଇଗଲା ।

—*—

# ସପ୍ତମ ପରିଚ୍ଛେଦ

## ସିଦ୍ଧ-ଜୀବନ

### ପରିପୂର୍ଣ୍ଣ ଭାବ

ତନ୍ତ୍ର ସାଧନାଦ୍ୱାରା କେବଳ ତିନିବର୍ଷ ଭିତରେ ଶ୍ରୀ ଶ୍ରୀ ଠାକୁରଙ୍କ ମଧ୍ୟରେ ଅଖିଳ ତତ୍ତ୍ୱରାଶି ପ୍ରକାଶିତ ହୋଇପଡ଼ିଲା । ତନ୍ତ୍ରୋକ୍ତ ସାଧନାଦ୍ୱାରା ଯେତେବେଳେ ସେ ଜଗଜ୍ଜନନୀଙ୍କ ଆଦ୍ୟା ରୂପରେ ସନ୍ଦର୍ଶନ କଲେ, ସେତେବେଳେ ସେ ନିଜକୁ ଅସୀମ ଶକ୍ତିଶାଳୀ ଓ ଶିବ ସମ୍ପୃକ୍ତ ବୋଲି ମନେକଲେ । ସେତେବେଳେ ତାଙ୍କ ନିକଟରେ ଶକ୍ତି-ଲୀଳାପ୍ରସୂତ ଜଗତ ପ୍ରକଟ ହୋଇପଡ଼ିଲା । ଏହି ସମୟରେ ଠାକୁର ମନେ କରୁଥିଲେ, ଯାହା ଜାଣିବାର ସମସ୍ତ ଜଣାଗଲାଣି । ଏହାପରେ ଜାଣିବାର ଆଉ କିଛି ନାହିଁ । ତତ୍ପରେ ଅତି ଅଳ୍ପଦିନ ଭିତରେ ତାଙ୍କ ମଧ୍ୟରେ ଏହି ତନ୍ତ୍ରୋକ୍ତ ଶକ୍ତିବାଦର ଅପୂର୍ଣ୍ଣତ୍ୱବୋଧ ଜାଗିଉଠିବାରୁ ସନ୍ନ୍ୟାସୀ ହୋଇ ସେ ବେଦାନ୍ତ ବିଚାର କରିବାକୁ ଲାଗିଲେ ।

ବେଦାନ୍ତ ବିଚାରରେ ଏକ ମହା ଅନର୍ଥ ଆସି ଉପସ୍ଥିତ ହେଲା । ସେ ତନ୍ତ୍ରସାଧନା ଦ୍ୱାରା ଯାହାସବୁ ଶିକ୍ଷା କରିଥିଲେ, ପ୍ରଥମରେ ସେସବୁ ମିଥ୍ୟା ବୋଧ ହେବାକୁ ଲାଗିଲା । ତନ୍ତ୍ରଶାସ୍ତ୍ର ଏହି ଜଗତର ଏକମାତ୍ର ମହାଶକ୍ତିଙ୍କ ନେଇ ବିଚାର କରିଅଛି । କିନ୍ତୁ ବେଦାନ୍ତ ମତରେ ଏହି ଜଗତ ମାୟା, ମିଥ୍ୟା ଏବଂ ପ୍ରହେଳିକା । ଯାହା ସ୍ଥୂଳ ବା ଦୃଶ୍ୟମାନ, ଯାହା ମହାଶକ୍ତି ଜଗଜ୍ଜନନୀଙ୍କ ଦ୍ୱାରା ପ୍ରସୂତ, ତାହା ସମସ୍ତ ମିଥ୍ୟା ବା ସ୍ୱପ୍ନ

ରଚନା ଭଳି ଅଳୀକ । ଏହାର କୌଣସି ସତ୍ତା ନାହିଁ । ବେଦାନ୍ତର ପ୍ରତିପାଦ୍ୟ ବ୍ରହ୍ମ ଏକମାତ୍ର ସତ୍ୟ । ସେହି ଅଧିଷ୍ଠାନ ବା ଆଧାରରୂପ ବ୍ରହ୍ମରେ ରୂପ କଳ୍ପିତ ହୋଇଥାଏ । ସୁତରାଂ ଅଧିଷ୍ଠାନର ସତ୍ତା ବ୍ୟତୀତ ମାୟାର ସ୍ୱତନ୍ତ୍ର ସତ୍ତାର ଏକାନ୍ତ ଅଭାବ । ତେଣୁ ପ୍ରାଥମିକ ବସ୍ତୁରେ ତନ୍ତ୍ରୋକ୍ତ ଶକ୍ତିବାଦ ଉଡ଼ିଗଲା । ସେତେବେଳେ ପରମହଂସଦେବଙ୍କର ମନେହେଲା, ସତେ କଅଣ ଶକ୍ତି ମିଥ୍ୟା ? ତେବେ ସେ ଯାହାଙ୍କୁ ସାକ୍ଷାତ ପାଇଥିଲେ, ସେ ଦେଖା କଅଣ ସ୍ୱପ୍ନ ପରି ମିଥ୍ୟା ? ପ୍ରକୃତ ତତ୍ତ୍ୱ କଅଣ ତେବେ ଏହି ବେଦାନ୍ତ ? ତାହାହେଲେ କଅଣ ତନ୍ତ୍ର ମିଥ୍ୟା, ତନ୍ତ୍ରର ସାଧନା କ'ଣ ମିଥ୍ୟାର ସାଧନା ?

ଶଙ୍କର ମତରେ ବା ନବ୍ୟବେଦାନ୍ତର 'ବ୍ରହ୍ମ ସତ୍ୟ' ଓ 'ଜଗତ୍ ମିଥ୍ୟା' ବୋଲି କଥିତ । ସୁତରାଂ ଏହି ବେଦାନ୍ତ ସାଧନାରେ ଜଗତ୍‌ଜ୍ଞାନ ଲାଭ ହୁଏ ନାହିଁ, ଏହା ମିଥ୍ୟା । କିନ୍ତୁ ତନ୍ତ୍ର ମତରେ ବା ଶାକ୍ତ ବା ଶୈବ ବେଦାନ୍ତ ମତରେ ଜଗତ୍ ମିଥ୍ୟା ନୁହେଁ । ଶ୍ରୀ ଶ୍ରୀ ଠାକୁର ପୂର୍ଣ୍ଣଜ୍ଞାନ ଲାଭ କରିବାକୁ ଇଚ୍ଛା କରିଥିଲେ ବୋଲି ତାଙ୍କୁ ଯୋଗପଥରେ ଗତି କରିବାକୁ ହୋଇଥିଲା । ତନ୍ତ୍ର ଅନ୍ୟ କିଛି ନୁହେଁ, ତାହା ଯୋଗଶାସ୍ତ୍ରର କର୍ମକାଣ୍ଡ ମାତ୍ର । ଶଙ୍କର ମତର ସାଧନାରେ ଶ୍ରୀ ଶ୍ରୀ ଠାକୁର ବ୍ରହ୍ମଜ୍ଞାନ ଲାଭକରିଥିଲେ, ପିଣ୍ଡ ବ୍ରହ୍ମାଣ୍ଡ ଜ୍ଞାନ ଲାଭ କରି ନ ଥିଲେ ।

କିନ୍ତୁ ଯେତେବେଳେ ଯୋଗସାଧନା ଦ୍ୱାରା ଅସମ୍ପ୍ରଜ୍ଞାତ ସମାଧି ଲାଭ ହେଲା, ସେତେବେଳେ ତାଙ୍କ ନିକଟରେ ଆଉ ଗୋଟିଏ ଅନ୍ତର୍ଜଗତ ଫୁଟି ଉଠିଲା । ଦେହରୂପ କ୍ଷୁଦ୍ର ବ୍ରହ୍ମାଣ୍ଡ ଭିତରେ ସେ ଏକ ମହାନ୍ ଅନନ୍ତ ଅନ୍ତର୍ଜଗତର ସନ୍ଧାନ ପାଇଲେ । ଏହି ଅନ୍ତର୍ଜଗତ ଏତେ ବୈଚିତ୍ର୍ୟମୟ ଯେ, ସେଠାରୁ ତାଙ୍କର ଆଉ ଏକ ଜଗତ ସମ୍ବନ୍ଧରେ ପ୍ରତ୍ୟକ୍ଷ ଜ୍ଞାନ ଲାଭ ହେଲା । ଯେତେବେଳେ ତାଙ୍କର ନିର୍ବିକଳ୍ପ ସମାଧି ଲାଭ ହେଲା ବା ପ୍ରତ୍ୟକ୍ଷ ବ୍ରହ୍ମ-ଜ୍ଞାନର ଉଦୟ ହେଲା, ସେତେବେଳେ ସେ ଏହି ସୃଷ୍ଟିଲୀଳା ରୂପ ବହିଃ ଜଗତର ଓ ତଦନ୍ତରସ୍ଥ ଜଗତର ସ୍ୱରୂପ ଜାଣିଲେ ଏବଂ ତନ୍ତ୍ର ସହିତ ଜ୍ଞାନର ସାମଞ୍ଜସ୍ୟ କରିପାରିଲେ । ସେତେବେଳେ ସେ ଉପଲବ୍ଧି କଲେ ଯେ, ଶକ୍ତିରେ ଅଧିଷ୍ଠାନଭୂତସତ୍ତା ଭାବରେ ବ୍ରହ୍ମର ଉପାସନା ହୁଏ, ଯେପରି

ନିରୁପାଧିକ ବସ୍ତୁର ଚୈତନ୍ୟସ୍ୱରୂପ ବ୍ରହ୍ମର ଉପାସନା ଅସମ୍ଭବ । ଅଧିକନ୍ତୁ ଶକ୍ତିର ଆଶ୍ରୟ ନାହିଁ, ସେ ବ୍ରହ୍ମର ଆଶ୍ରିତା । ତେଣୁ ତାନ୍ତ୍ରିକତାର ମହାଶକ୍ତି ଶିବରୂପ ମହାଶକ୍ତିଙ୍କ ଉପରେ ସଂସ୍ଥିତା ।

ପରେ ସେ ଯୋଗ ସହିତ ତନ୍ତ୍ର ଓ ଜ୍ଞାନର ମିଳନ ଦେଖିପାରିଲେ । ସେ ଦେଖିଲେ, ପ୍ରକୃତି ପୁରୁଷ ଉଭୟାତ୍ମିକ ବ୍ରହ୍ମ ହିଁ ତନ୍ତ୍ରର ଶିବଶକ୍ତି । ଉପରନ୍ତୁ ସେ ଯୋଗ ଓ ବେଦାନ୍ତର ପରମାତ୍ମା ତତ୍ତ୍ୱ ଓ ବ୍ରହ୍ମତତ୍ତ୍ୱର ଏକାଧାରରେ ମିଳନ ଦେଖିପାରିଲେ । ତିନି ପ୍ରକାର ବିଭିନ୍ନ ଶାସ୍ତ୍ରୋକ୍ତ ସାଧନପଦ୍ଧତି ବିଭିନ୍ନ ଆଧ୍ୟାତ୍ମତତ୍ତ୍ୱ ପ୍ରକାଶ କରୁଥିଲେ ମଧ୍ୟ ସମସ୍ତ ସାଧନା ମୂଳତତ୍ତ୍ୱର ଅବିରୋଧୀ ।

ଭାବଲୋକର ସନ୍ଧାନ ପାଇବା ମାତ୍ରକେ ଅନ୍ୟ ଗୋଟିଏ ଜଗତ ତାଙ୍କ ସମ୍ମୁଖରେ ଭାସିଉଠିଲା । ସେ ଦେଖିଲେ, ତନ୍ତ୍ର ଯେପରି ମାୟାଶକ୍ତିଙ୍କୁ ନେଇ ବିଚାର କରିଛି, ଭକ୍ତିଶାସ୍ତ୍ର ସେହିପରି ହ୍ଲାଦିନୀ ଶକ୍ତିର ଅନୁଶୀଳନ କରିଛନ୍ତି । ସମସ୍ତ ସାଧନାରେ ସିଦ୍ଧିଲାଭ କରି ମଧ୍ୟ ଯଦି ଏହି ଭାବତତ୍ତ୍ୱ ତାଙ୍କଠାରେ ପ୍ରକାଶିତ ହୋଇ ନ ଆନ୍ତା, ତେବେ ତାଙ୍କର ଜୀବନ ଭିନ୍ନପ୍ରକାର ହେବାର ବିଶେଷ କାରଣ ଥିଲା । ଶ୍ରୀ ଶ୍ରୀ ଠାକୁର ଏହା ଅନୁଭବ କରିପାରିଲେ ଯେ ତନ୍ତ୍ରର ଶକ୍ତିବାଦ ଓ ଭକ୍ତିର ଭାବତତ୍ତ୍ୱ ଉଭୟଙ୍କ ସମ୍ବନ୍ଧ ଅତି ଘନିଷ୍ଠ ।

ଯାହାହେଉ, ଉପରୋକ୍ତ ତତ୍ତ୍ୱଗୁଡ଼ିକ ପ୍ରକାଶ ହେଲାମାତ୍ରେ ୨୬ ବର୍ଷ ବୟସ୍କ ସନ୍ନ୍ୟାସୀଙ୍କ ଭିତରେ ଏପରି ଅସୀମ କର୍ମର ଜୀବନ୍ତ ପ୍ରେରଣା ଜାଗିଲା ଯେ, ବିଲ୍ୱବୃକ୍ଷ ମୂଳର କ୍ଷୁଦ୍ର ପର୍ଣ୍ଣକୁଟୀର ତାଙ୍କୁ ଆଉ ଆବଦ୍ଧ କରି ରଖି-ପାରିଲା ନାହିଁ । ସେ ବର୍ତ୍ତମାନ ଭବତାପଦଗ୍ଧ ଅଜ୍ଞାନ ଜୀବକୁ ସ୍ୱରୂପାନନ୍ଦ ଦେବାକୁ ବ୍ୟାକୁଳ ହୋଇ ପାର୍ବତ୍ୟ ପ୍ରଦେଶ ପରିତ୍ୟାଗ କରି ଲୋକାଳୟକୁ ଆସିବାକୁ ସ୍ଥିର କଲେ । ତାଙ୍କର ଦେହ-ମନ ଅନ୍ୟ ଗୋଟିଏ ବିରାଟ ଇଚ୍ଛାରେ ଯନ୍ତ୍ରବତ୍ ପରିଚାଳିତ ହେଲା ପରି ସେ ବର୍ତ୍ତମାନ ଉପଲବ୍ଧି କଲେ ।

'ପଣ୍ଡିତଜୀ'ଙ୍କ ଭିତରେ ଜଣେ ବଡ଼ ସାଧୁ ପ୍ରଚ୍ଛନ୍ନ ଭାବରେ ରହିଥିବା କଥା ବହୁଦୂର ବ୍ୟାପ୍ତ ହୋଇପଡ଼ିଲା । ତାଙ୍କର ସନ୍ଧାନ ପାଇ ଆଧ୍ୟାତ୍ମ-ତତ୍ତ୍ୱଲିପ୍ସୁ ଲୋକମାନେ ଏହି ଜନବିରଳ ବନଭୂମିରେ ତାଙ୍କ ନିକଟରେ ଉପସ୍ଥିତ ହେଲେ । ପରେ ଦିନେ ପଲ୍ଲୀସଙ୍ଗୀନିବାସୀ କେତେକ ଭଦ୍ର-

ଲୋକଙ୍କ ବିଶେଷ ଆଗ୍ରହରେ ଗାରୋ ପାହାଡ଼ର ନିର୍ଜନ ଆବାସ ତ୍ୟାଗକରି ସନ୍ନ୍ୟାସୀ କେତେ ଦିନ ପାଇଁ ପଲାସଡ଼ଙ୍ଗା ଗମନ କଲେ ।

ସେଠାରେ ପଲାସଡ଼ଙ୍ଗାର ଲୋକମାନେ ସନ୍ନ୍ୟାସୀଙ୍କ ସମ୍ବର୍ଦ୍ଧନା ପାଇଁ ସଂକୀର୍ତ୍ତନର ଆସର ଯୋଗାଡ଼ କରିଥିଲେ । ଫଳରେ ସଂକୀର୍ତ୍ତନ ଶ୍ରବଣରେ ଠାକୁର ନିଗମାନନ୍ଦ ସମାଧିମଗ୍ନ ହୋଇପଡ଼ିଲେ । ସନ୍ଦେହଚରିତ୍ର ଲୋକମାନଙ୍କ ମଧ୍ୟରୁ ଜନୈକ ଯୁବକ ସନ୍ନ୍ୟାସୀଙ୍କ ସମାଧି ପରୀକ୍ଷା କରିବା ପାଇଁ ଖଣ୍ଡିଏ ପ୍ରଜ୍ଜ୍ୱଳିତ ଅଙ୍ଗାର ତାଙ୍କର ଦକ୍ଷିଣ ଜାନୁର ସନ୍ଧିସ୍ଥାନରେ ରଖିଦେଲେ । ଦୁଇ ଘଣ୍ଟା ପରେ ଠାକୁରଙ୍କର ସମାଧି ଭଗ୍ନ ହେଲା; ସେତେବେଳେ ସେ ଦଗ୍‌ଧ ସ୍ଥାନରେ ବେଦନା ଅନୁଭବ କଲେ । ଉପସ୍ଥିତ ଲୋକମାନେ ବିଶେଷ ଲଜ୍ଜିତ ହୋଇ କ୍ଷତସ୍ଥାନରେ ପ୍ରଲେପାଦି ଦେଲେ । ମାତ୍ର ସଙ୍ଗେ ସଙ୍ଗେ ଦୁର୍ବୃତ୍ତ ଯୁବକର ମସ୍ତିଷ୍କବିକୃତି ଦେଖାଦେଲା ଓ ସେହି ଯୁବକଙ୍କୁ କ୍ଷମା ପ୍ରାର୍ଥନା କରିବା ପାଇଁ ଉପସ୍ଥିତ ଲୋକେ ଠାକୁରଙ୍କୁ ପ୍ରାର୍ଥନା କଲେ । ଠାକୁର ଯୁବକଙ୍କୁ ନିଜ ସଙ୍ଗରେ ଗାରୋହିଲ୍ ପାହାଡ଼କୁ ନେଇଗଲେ । ସେଠାରେ ଋହି ସାତ ଆଠ ଦିନ ପରେ ଯୁବକ ରୋଗମୁକ୍ତ ହେଲେ । ଏହି ପୋଡ଼ାଚିହ୍ନ ଅନ୍ତିମ ସମୟ ପର୍ଯ୍ୟନ୍ତ ଠାକୁରଙ୍କ ଦେହରୁ ଲିଭି ନ ଥିଲା ।

ଗୃହସ୍ଥମାନଙ୍କ ସହିତ ପ୍ରଥମ ସମ୍ମେଳନରେ ସାଧାରଣଙ୍କର ସାଧୁମାନଙ୍କ ପ୍ରତି ଅବିଶ୍ୱାସର ପ୍ରମାଣ ପାଇ ସେ ଅନୁମାନ କଲେ ଯେ, ଲୋକାଳୟକୁ ଗଲେ ଏହିପରି ଘଟିବ ଏବଂ ସାଧାରଣ ଲୋକଙ୍କର ସହଜରେ ବିଶ୍ୱାସ ହେବ ନାହିଁ । ସୁତରାଂ ତାଙ୍କ ସମ୍ବନ୍ଧରେ ଯେପରି କେହି ଭ୍ରାନ୍ତଧାରଣାର ବଶବର୍ତ୍ତୀ ନ ହୁଅନ୍ତି, ସେଥି ନିମିତ୍ତ ସାଧାରଣଙ୍କ ଦୃଷ୍ଟି ଆକୃଷ୍ଟ ହେବା ଭଳି କେତେ-ଗୁଡ଼ିଏ ସହଜ ଓ ପ୍ରତ୍ୟକ୍ଷ ଫଳପ୍ରଦ ସାଧନତତ୍ତ୍ୱର ସମାବେଶ କରି ଖଣ୍ଡିଏ ପୁସ୍ତକ ରଚନା କରିବାକୁ ଠିକ୍ କଲେ । ପରମଯୋଗୀ ସୁମେରୁଦାସଙ୍କ-ନିକଟରୁ ଠାକୁର ଯେଉଁସବୁ ସାଧନତତ୍ତ୍ୱ ଶିକ୍ଷାକରି ନିଜେ ଫଳ ପାଇଥିଲେ, ତାଙ୍କ ଆଦେଶ ଅନୁଯାୟୀ ତନ୍ମଧ୍ୟରୁ କେତେଗୁଡ଼ିଏ ସହଜ, ସୁଖସାଧ୍ୟ ଓ ସାଧାରଣଙ୍କ ଉପଯୋଗୀ ଲୟଯୋଗର ସାଧନରହସ୍ୟ ସନ୍ନିବେଶିତ କରି 'ଯୋଗୀଗୁରୁ' ନାମକ ଖଣ୍ଡିଏ ପୁସ୍ତକ ଲେଖିବାକୁ ଆରମ୍ଭ କଲେ । ଏହି

ପୁସ୍ତକ ଲେଖା ଶେଷ ହେଲା ମାତ୍ରେ ସେ ସ୍ଥାନ ତ୍ୟାଗ କରିବାକୁ ସ୍ଥିର କରି ଅକୃତ୍ରିମ ଭାବରେ ତାଙ୍କର ସେବା କରୁଥିବା ସୀତାରାମ, ମଦନ ପ୍ରଭୃତି ଅନୁଗତ ବ୍ୟକ୍ତିମାନଙ୍କଠାରୁ ଶୀଘ୍ର ବିଦାୟ ନେବାକୁ ମନସ୍ଥ କଲେ । ସେମାନଙ୍କୁ ଡାକି ଶ୍ରୀ ଶ୍ରୀ ଠାକୁର କହିଲେ ଯେ, ସେ ଚାଲିଯିବେ ଓ ସେମାନଙ୍କୁ ଦେଇଯିବା ପାଇଁ ତାଙ୍କର କିଛି ସମ୍ବଳ ନାହିଁ ।

ସେମାନେ 'ପଣ୍ଡିତଜୀ'ଙ୍କ କଥା ଶୁଣି କାନ୍ଦିଉଠିଲେ । ତା ପରେ ଠାକୁର ମନ୍ତ୍ରର ବିଶେଷତ୍ୱ ବୁଝାଇଦେଇ ସେମାନଙ୍କୁ ମନ୍ତ୍ର ନେବାକୁ କହିଲେ । ମନ୍ତ୍ରରେ ଟଙ୍କା କଉଡ଼ି ନ ମିଳିଲେ ସୁଦ୍ଧା ପରକାଳରେ ଉପକାର ହେବ; ଆଉ ଜନ୍ମିବାକୁ ପଡ଼ିବ ନାହିଁ ବୋଲି ବୁଝି ସେମାନେ ମନ୍ତ୍ର ନେବାକୁ ଆଗ୍ରହ ପ୍ରକାଶ କଲେ । ଏହାପରେ ଦେଶ-କାଳ-ପାତ୍ର ବିବେଚନା କରି ଠାକୁର ମଦନ ଓ ସୀତାରାମଙ୍କୁ ଶକ୍ତିମନ୍ତ୍ରରେ ଦୀକ୍ଷିତ କଲେ । କିଛିଦିନ ପରେ ମଦନଙ୍କ ଭିତରେ ମନ୍ତ୍ରଶକ୍ତି ଏପରି ସ୍ଫୁରଣ ହେଲା ଯେ, ରାତ୍ରରେ ନିଦ୍ରିତାବସ୍ଥାରେ ସେହି ଅସଭ୍ୟ ବ୍ୟକ୍ତି ମଦନମୁଖରୁ 'କାଳୀକର୍ପୂର ସ୍ତୋତ୍ର' ଶୁଣାଗଲା । ମୂର୍ଖ ବ୍ୟକ୍ତିମାନେ ତାହାର କିଛି ବି ଅର୍ଥ ବୁଝି ନ ପାରି ମଦନକୁ ଭୂତ ଲାଗିଛି ବୋଲି ପଣ୍ଡିତଜୀଙ୍କୁ କହିଲେ । ଶ୍ରୀ ଶ୍ରୀ ଠାକୁର ମଦନକୁ ଦେଖି ବୁଝିଲେ ଯେ, ଦୀକ୍ଷାଶକ୍ତିରେ ସାମୟିକ ଭାବରେ ବ୍ୟକ୍ତିତ୍ୱ ଲୋପ ପାଇ ବହୁ ପୂର୍ବଜନ୍ମର କିନ୍ତୁ ତ୍ରିର ସଂସ୍କାର ଜାଗିଉଠିବାରୁ ମଦନ 'କାଳୀକର୍ପୂର ସ୍ତୋତ୍ର' ବୋଲୁଅଛି । ଗୃହର ଅନ୍ୟାନ୍ୟ ଲୋକେ ବୁଝି ନ ପାରି ଭୟଗ୍ରସ୍ତ ହେଉଛନ୍ତି । ତେଣୁ ଶ୍ରୀ ଶ୍ରୀ ଠାକୁର ଶକ୍ତିର ସ୍ଫୁରଣ ବନ୍ଦ କରାଇଦେଲେ ।

ଦିନେ ଠାକୁର 'ଯୋଗୀଗୁରୁ' ଲେଖିବା ଭିତରେ ମଦନକୁ ଗଞ୍ଜେଇ ତିଆରି କରିବାକୁ କହିଲେ । ମଦନ ଝୁଲାମୁଣି ଖୋଜି ଗଞ୍ଜେଇ ପାଇଲା ନାହିଁ । ଠାକୁର ଏହା ଦେଖି କହିଲେ, ବିଶ୍ୱାସ କରି ଖୋଜିଲେ ଗଞ୍ଜେଇ ନିଶ୍ଚୟ ମିଳିବ । ତାହା ନ ହେଲେ ପୁସ୍ତକ ଲେଖା ବନ୍ଦ ହୋଇଯିବ । ମଦନ ଏପଟ ସେପଟ ଖୋଜି ଅବଶେଷରେ ବିଲ୍ୱବୃକ୍ଷ ମୂଳରେ ଗୋଟିଏ ଗଞ୍ଜେଇ କଲି ପାଇ ଅତିଶୟ ଆନନ୍ଦିତ ହେଲା ଓ ଗଞ୍ଜେଇ ସଜାଇ ଠାକୁରଙ୍କୁ ଦେଲା । ଗଞ୍ଜେଇ କଲି କିପରି କେଉଁଠାରୁ ଆସିଲା ବୋଲି ମଦନ

ଆଶ୍ଚର୍ଯ୍ୟ ହୋଇ ପଚାରିବାରୁ ଠାକୁର କହିଲେ, "ତାଙ୍କୁ ବିଶ୍ୱାସ କଲେ ଗଞ୍ଜେଇତ ସାମାନ୍ୟ କଥା, ଏ ଜଗତର ସମସ୍ତ ପଦାର୍ଥ ଅକ୍ଲେଶରେ ପାଇ-ପାରିବ ।" ଏହା କହି ମଦନ 'ବିଶ୍ୱାସ କଲେ ବ୍ୟାଘ୍ର ଭୟ ଯିବ କି ନାହିଁ' ବୋଲି ପଚାରିବାରୁ ଠାକୁର କହିଲେ ଯେ, "ଯଦି ସେମାନେ ତାଙ୍କ କଥାକୁ ବିଶ୍ୱାସ କରିବେ, ବାଘ ସେମାନଙ୍କୁ ଭୟ କରି ଚଳିବ; ସେମାନେ ବାଘର ଲାଞ୍ଜ ଧରି ଖାଲି ହାତରେ ଟାଣି ଆଣିପାରିବେ । ସେମାନଙ୍କୁ ଆଉ ଭୁଜାଲି ନେଇ ଜଙ୍ଗଲକୁ ଯିବାକୁ ହେବ ନାହିଁ । କେବଳ ବିଶ୍ୱାସ ଆବଶ୍ୟକ ।"

ଠାକୁରଙ୍କ କଥା ପରୀକ୍ଷା କରିବା ଇଚ୍ଛା ମଦନ ମନରେ ବଳବତୀ ହୋଇଉଠିଲା । ସେ ସୀତାରାମ ପ୍ରଭୃତି ଚାରି ପାଞ୍ଚ ଜଣ ସଙ୍ଗୀଙ୍କୁ ନେଇ ସମସ୍ୱରରେ "ଜୟଗୁରୁ" "ଜୟଗୁରୁ" କହି ସର୍ବତ୍ର ବିଭିନ୍ନ ସ୍ଥାନରେ ବ୍ୟାଘ୍ର ଅନ୍ୱେଷଣ କରିବାକୁ ଲାଗିଲା । କିନ୍ତୁ ଯେଉଁ ସ୍ଥାନମାନଙ୍କରେ ବ୍ୟାଘ୍ର ପ୍ରାୟ ଦେଖାଯାଆନ୍ତି, ସେଠାରେ ବ୍ୟାଘ୍ରର ସନ୍ଧାନ ସୁଦ୍ଧା ମିଳିଲା ନାହିଁ । ବେଳ ପ୍ରାୟ ଦ୍ୱିପ୍ରହର ସମୟରେ ଗୋଟିଏ ପ୍ରକାଣ୍ଡ ବ୍ୟାଘ୍ର ଦେଖି ସେମାନେ ଭୀତ ହୋଇପଡ଼ିଲେ ସୁଦ୍ଧା ଠାକୁରଙ୍କ ବାକ୍ୟ ପରୀକ୍ଷା କରିବା ନିମିତ୍ତ ଧୀରାଧିର ହୋଇ ବ୍ୟାଘ୍ର ସମ୍ମୁଖରେ ଉପସ୍ଥିତ ହେଲେ । ବ୍ୟାଘ୍ର ସେମାନଙ୍କୁ ସାତ ହାତ ଦୂରରୁ ଦେଖି ବନଭୂମି କମ୍ପିତ କରି ଭୀଷଣ ଗର୍ଜନ ସହ ପଳାୟନ କଲା । ହାଜଂମାନେ ଫେରିଆସି ସେମାନଙ୍କ ବ୍ୟାଘ୍ର ଅଭିଯାନର ସମସ୍ତ ବିଷୟ ପଣ୍ଡିତଜୀଙ୍କୁ କହିଲେ । ଏହା ଶୁଣି ଠାକୁର କହିଲେ, "ତୁମେମାନେ ଯଦି ଗୁରୁଙ୍କ ବାକ୍ୟ ପରୀକ୍ଷା କରିବାକୁ ନ ଯାଇ ତାହାକୁ ପ୍ରାଣେ ପ୍ରାଣେ ବିଶ୍ୱାସ କରିଥାନ୍ତ, ତାହାହେଲେ ତୁମେ ପ୍ରଥମେ ଭୀତ ହୋଇ ନ ଥାନ୍ତ । ସେତେବେଳେ ତୁମେ ସାତ ହାତ ଉଚ୍ଚକୁ ଉଠି ବ୍ୟାଘ୍ରର ଲାଙ୍ଗୁଳ ଟାଣି ଆଣିପାରିଥାନ୍ତ । ବ୍ୟାଘ୍ର ମନୁଷ୍ୟଠାରୁ ଅଧିକ ଶକ୍ତି ଧାରଣ କରେ ନାହିଁ । ମନୁଷ୍ୟ ନିଜ ଶକ୍ତିକୁ ରକ୍ଷା କରିପାରେ ନାହିଁ ବୋଲି ବ୍ୟାଘ୍ର ମନୁଷ୍ୟକୁ ଖାଇଯାଏ ।" ଠାକୁର ଆହୁରି ବୁଝାଇ କହିଲେ ଯେ, "ବ୍ୟାଘ୍ର ମନୁଷ୍ୟ ଖାଏ ଏହି ସଂସ୍କାରଟା ମନୁଷ୍ୟକୁ ଦୁର୍ବଳ କରିଦିଏ । ବ୍ରହ୍ମଚର୍ଯ୍ୟ ରକ୍ଷା ହେତୁ ବ୍ୟାଘ୍ରର ସମ୍ମୋହନ ଶକ୍ତି ଜାଗ୍ରତ ହୁଏ । ବ୍ରହ୍ମଚର୍ଯ୍ୟହୀନ ଦୁର୍ବଳ ମନୁଷ୍ୟ

ଉପରେ ବ୍ୟାଘ୍ରର ଏହି ଶକ୍ତି ଚକ୍ଷୁ ଭିତର ଦେଇ କ୍ରିୟା କରି ମନୁଷ୍ୟଙ୍କୁ ଚଳତ୍ଶକ୍ତିହୀନ କରିପକାଏ । ବ୍ୟାଘ୍ର ମନୁଷ୍ୟର ଶାରୀରିକ ବଳ ଅପେକ୍ଷା ଅଧିକ ବଳ ଧାରଣ କରିପାରେ ନାହିଁ । ଗୁରୁବିଶ୍ୱାସୀଙ୍କୁ ବାଘ ଭୟ କରି ଚଳିବ ଏବଂ ଗୁରୁବିଶ୍ୱାସୀଙ୍କର ଦୁନିଆଁ କରତଳଗତ ।'' ମଦନ ପ୍ରଭୃତି ଦୁଷ୍କୃତିଙ୍କରେ ହେନ୍ଦ୍ରିଅନଠାରୁ ଭୁକାଲି ପରିତ୍ୟାଗ କରି 'ଜୟଗୁରୁ' ନାମ-ରୂପ ଅସ୍ତ୍ର ଗ୍ରହଣ କରିବାକୁ ପ୍ରତିଜ୍ଞା କଲେ । 'ଯୋଗୀଗୁରୁ' ପୁସ୍ତକ ଲେଖା ଶେଷ ହେବାରୁ ତହିଁର ମୁଦ୍ରଣ ବ୍ୟୟ ସଂଗ୍ରହ କରିବା ପାଇଁ ଠାକୁର ଗାରୋହିଲ୍ ତ୍ୟାଗ କରି ଲୋକାଳୟକୁ ଆସିଲେ । ଶ୍ରୀ ଶ୍ରୀ ଠାକୁର ସେତେବେଳେ ବେଦାନ୍ତର ନିର୍ବିକଳ୍ପ ସମାଧିରେ ବ୍ରହ୍ମଙ୍କୁ ଜାଣି ବ୍ରହ୍ମବିତ୍, ଯୋଗସାଧନାରେ ପରମାତ୍ମାଙ୍କୁ ପ୍ରତ୍ୟକ୍ଷ କରି ସିଦ୍ଧଯୋଗୀ ଏବଂ ଭାବ-ସାଧନାରେ ଭଗବତ୍ତତ୍ତ୍ୱ ଅବଗତ ହୋଇ ପରମଭାବଗତ । ସୁତରାଂ ଗୋଟିଏ କଥାରେ ସେ ସେତେବେଳକୁ ଶାସ୍ତ୍ରନିର୍ଦ୍ଦିଷ୍ଟ ଲକ୍ଷଣ ଅନୁସାରେ ପୂର୍ଣ୍ଣଜ୍ଞାନୀ ପରମହଂସ ।

( ଶ୍ରୀ ଶ୍ରୀ ନିଗମାନନ୍ଦ ଜୀବନ ପ୍ରସଙ୍ଗ-୨ୟ ଖଣ୍ଡ )

—*—

# ଅଷ୍ଟମ ପରିଚ୍ଛେଦ

## ଯୋଗୈଶ୍ୱର୍ଯ୍ୟ ପ୍ରକାଶ

ମଇମନସିଂ ଜିଲାରେ ବେଳଆରଚର ବୋଲି ଗୋଟିଏ ସ୍ଥାନ ଅଛି । ଏହି ସ୍ଥାନରେ କଂସ ନଦୀତୀରସ୍ଥ ଶ୍ମଶାନ ନିକଟରେ କାଳୀଙ୍କର ମନ୍ଦିର ଅବସ୍ଥିତ । ଏହି ମନ୍ଦିର ପାର୍ଶ୍ୱଦେଶ ଦେଇ ସାଧାରଣଙ୍କ ଯାତାୟାତ ପଥ ଯାଇଅଛି । ସେଠାରେ ପହଞ୍ଚି ଶ୍ରୀ ଶ୍ରୀ ଠାକୁର ଉକ୍ତ ମନ୍ଦିରରେ ଅବସ୍ଥାନ କଲେ । ତରୁଣ କୌପୀନବନ୍ତ ସନ୍ନ୍ୟାସୀଙ୍କ ସୌମ୍ୟ ଓ ତେଜସ୍ୱୀନ ମୂର୍ତ୍ତି, ଈଷତ୍ ଅରୁଣବର୍ଣ୍ଣ ସ୍ଥିର ଚକ୍ଷୁ ଓ ଉଦାସ ଦୃଷ୍ଟି ଏବଂ ମସ୍ତକରେ ପଡ଼ିଥିବା ଦୀର୍ଘ ଚମୁଟା ସେ ବାଟରେ ଯାଉଥିବା ଲୋକମାନଙ୍କର ଦୃଷ୍ଟି ଆକର୍ଷଣ କଲା । ସେମାନଙ୍କ ମଧ୍ୟରୁ କେତେଜଣ ସନ୍ନ୍ୟାସୀଙ୍କୁ ପ୍ରଣାମ କଲେ; କିନ୍ତୁ ଏପରି ତେଜୋଦୀପ୍ତ ସନ୍ନ୍ୟାସୀଙ୍କୁ ସାହସ କରି କେହି କିଛି ପଚାରିପାରିଲେ ନାହିଁ । ସଙ୍ଗେ ସଙ୍ଗେ ସନ୍ନ୍ୟାସୀ ସେଠାରେ ଅବସ୍ଥାନ କରୁଥିବା କଥା ଲୋକମୁଖରେ ପ୍ରଚାରିତ ହୋଇଗଲା ।

କାଳୀମନ୍ଦିର ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ଜଣେ ମୋଦକ ବାସ କରୁଥିଲେ । ତାଙ୍କର ସ୍ତ୍ରୀ ଦାରୁଣ ଶୂଳ ବେଦନାରେ ଛଅ ମାସ ବର୍ଷ ଶଯ୍ୟା-ଶାୟିନୀ ହୋଇ ରହିଥିଲେ । ସନ୍ନ୍ୟାସୀଙ୍କ ବିଷୟ ଶୁଣିବାମାତ୍ରେ ମୋଦକ-ପତ୍ନୀ ସ୍ୱାମୀଙ୍କୁ ବହୁତ ବିନୟ କରି ସନ୍ନ୍ୟାସୀଙ୍କ ନିକଟକୁ ପଠାଇଦେଲେ । ମୋଦକ ମହାଶୟ ପ୍ରଥମେ ତାଙ୍କ ସ୍ତ୍ରୀଙ୍କ ରୋଗ ନିରାମୟ ନିମିତ୍ତ ସନ୍ନ୍ୟାସୀଙ୍କୁ ପ୍ରାର୍ଥନା କଲେ । ଠାକୁର ଶୂଳ ରୋଗର ପ୍ରତିକାର କୌଶଳ ଓ ମନ୍ତ୍ରାଦି ଶ୍ରୀମତ୍ ସଚ୍ଚିଦାନନ୍ଦ ସ୍ୱାମୀଙ୍କଠାରୁ ଶିକ୍ଷା କରିଥିଲେ; କିନ୍ତୁ କୌଣସିଠାରେ ତାହା ପରୀକ୍ଷା କରି ନ ଥିଲେ । ଏହି ସୁଯୋଗରେ ଉକ୍ତ କୌଶଳକୁ ପରୀକ୍ଷା କରିବାକୁ ସ୍ଥିର କରି କହିଲେ, "ଆଚ୍ଛା ଚେଷ୍ଟା କରାଯିବ; କିନ୍ତୁ ଫଳାଫଳ

ଭଗବାନଙ୍କ ହାତରେ ।" ତା'ପରେ ମୋଦକ ମହାଶୟ ପତ୍ନୀ ସେଠାକୁ ଅଣାଗଲେ ଓ କିଛି ସୋରିଷ ତେଲ ଏବଂ ଗୋଟିଏ ନୂଆ ହାଣ୍ଡି ଆଣିବାକୁ ଠାକୁର ମୋଦକଙ୍କୁ ଆଦେଶ ଦେଲେ । ମୋଦକ ମହାଶୟଙ୍କ ପତ୍ନୀ ବହୁ-କାଳ ହେଲା ଏହି ଦୁରାରୋଗ୍ୟ ରୋଗରେ ଅସହ୍ୟ ଯନ୍ତ୍ରଣା ଭୋଗ କରୁ-ଥିବାରୁ ଓ ସବୁପ୍ରକାର ଚିକିତ୍ସା ବିଫଳ ହୋଇଥିବାରୁ ଅନେକ ଜାଣିବା ଶୁଣିବା ଲୋକ ରୋଗ ଆରୋଗ୍ୟ ବ୍ୟାପାର ଦେଖିବା ନିମିତ୍ତ କାଳିମନ୍ଦିରରେ ଉପସ୍ଥିତ ହେଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଆଦେଶକ୍ରମେ ତେଲ ଉତ୍ତପ୍ତ ହୋଇ ହାଣ୍ଡିରେ ଟକ୍‌ମକ୍ ଫୁଟିଲା । ପରେ ଠାକୁର କନତାର ବସ୍ତ୍ରାବରଣ କରି ନିଜର ବାମପଦ ଉତ୍ତପ୍ତ ତେଲରେ ବୁଡ଼ାଇ ଗୋଇଠି ରୋଗିଣୀ ଦେହରେ ସ୍ପର୍ଶ କଲେ । ସ୍ପର୍ଶମାତ୍ରକେ ବେଦନା କମିବାକୁ ଲାଗିଲା । କିଛି ସମୟ ପରେ ରୋଗିଣୀଙ୍କ ବେଦନା ସମ୍ପୂର୍ଣ୍ଣ ନିରାମୟ ହୋଇଯିବାରୁ ସେ ସୁସ୍ଥ ଓ ପ୍ରଫୁଲ୍ଲ ଅନ୍ତଃକରଣରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଏହି କଥା ମୁହୂର୍ତ୍ତକ ଭିତରେ ଗ୍ରାମଆଡ଼େ ରାଷ୍ଟ୍ର ହୋଇଗଲା । ଠାକୁରଙ୍କର ଏପରି କ୍ଷମତା ଦର୍ଶନ କରି ଲୋକେ ବିସ୍ମିତ ହୋଇପଡ଼ିଲେ । ଏହି ଘଟଣା ପରେ କାଳୀମନ୍ଦିରରେ ଗୋଟିଏ ବୃହତ୍ ମେଳା ଜମିଗଲା ପରି ହେଲା ଏବଂ ଏ ବିଷୟ ସ୍ଥାନୀୟ ଜମିଦାର ଏବଂ ନାଏବଙ୍କ କର୍ଣ୍ଣଗୋଚର ହେଲା ।

ପାଥିଲଦହ ପ୍ରଗଣା ବେନିଆରଚରର ନାଏବ ଉମାଚରଣ ସରକାର ନିଃସନ୍ତାନ ଥିବାରୁ ତାଙ୍କର ସ୍ତ୍ରୀ ହେମଲତା ଦେବୀ ସାଧୁ ସନ୍ନ୍ୟାସୀମାନଙ୍କ ପ୍ରତି ବିଶେଷ ଭକ୍ତିପରାୟଣା ଥିଲେ । ନାଏବଦମ୍ପତି ଏହି ଅଦ୍ଭୁତ ସନ୍ନ୍ୟାସୀଙ୍କ କଥା ଲୋକମୁଖରୁ ଶ୍ରବଣ କରି ଠାକୁରଙ୍କୁ ଦର୍ଶନ କରିବାକୁ ଆସିଲେ ଏବଂ ଦର୍ଶନ ପରେ ବହୁ ଅନୁନୟ ବିନୟ କରି ତାଙ୍କୁ ନିଜ ଗୃହକୁ ନେଇଗଲେ । ସେମାନେ ଅଳ୍ପ ସମୟ ଭିତରେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରତି ଆକୃଷ୍ଟ ହୋଇପଡ଼ିଲେ । ଏହିଠାରେ ଅବସ୍ଥାନ କରୁଥିବା ବେଳେ ଗାରୋ-ହିଲର ସୀତାରାମଙ୍କ ପ୍ରତିଶ୍ରୁତି ଏକଶତ ଟଙ୍କା ଆସିଯିବାରୁ ସେହି ମୂଳ-ଧନରେ 'ଯୋଗୀଗୁରୁ' ଗ୍ରନ୍ଥ ପ୍ରକାଶିତ ହେଲା । 'ଯୋଗୀଗୁରୁ' ମୁଦ୍ରଣ

କରିବା ନିମିତ୍ତ ଶ୍ରୀ ଶ୍ରୀ ଠାକୁର କଲିକତା ଯାଇ ସେଠାରେ କିଛି ଦିନ ଅବସ୍ଥାନ କରି ପୁଣି ମୟମନସିଂକୁ ଫେରି ଆସିଲେ ।

ଏହି 'ଯୋଗୀଗୁରୁ' ଗ୍ରନ୍ଥ ପ୍ରକାଶିତ ହେବା ପରେ ନାନା ସ୍ଥାନରୁ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ଜିଜ୍ଞାସୁ ସାଧକମାନେ ପତ୍ର ପ୍ରେରଣ କରିବାକୁ ଲାଗିଲେ ଓ ଅନେକ ସାଧକ ତାଙ୍କ ସହିତ ସାକ୍ଷାତ କରି ସାଧନପ୍ରଣାଳୀ ଶିକ୍ଷା କରିବାକୁ ଆସିଲେ । ବିଭିନ୍ନ ସ୍ଥାନକୁ ଯିବା ନିମିତ୍ତ ନିମନ୍ତ୍ରଣ ଆସିଲା । ଅନେକଲୋକ 'ଯୋଗୀଗୁରୁ' ପାଠକରି ଠାକୁରଙ୍କର ଶିଷ୍ୟତ୍ୱ ସ୍ୱୀକାର କରିବାକୁ ଲାଗିଲେ । ଏହି ସମୟରେ କୁମିଲ୍ଲା ଅନ୍ତର୍ଗତ ଦୁର୍ଗାପୁରର ଜମିଦାର ଚନ୍ଦ୍ରକାନ୍ତ ସେନଙ୍କ ବିଶେଷ ଆଗ୍ରହରେ ମୟମନସିଂ ତ୍ୟାଗ କରି ଶ୍ରୀ ଶ୍ରୀ ଠାକୁର ଦୁର୍ଗାପୁରକୁ ଯାତ୍ରା କଲେ ଓ କିଛିଦିନ ଚନ୍ଦ୍ରକାନ୍ତବାବୁଙ୍କ ଘରେ ରହିବା ପରେ ତାଙ୍କ ଗୃହ ସଂଲଗ୍ନ ନବନିର୍ମିତ ଆଶ୍ରମରେ ବାସକରି ଦେଶର ତତ୍କାଳୀନ ଅବସ୍ଥା ଅବଲୋକନ କରିବାକୁ ଲାଗିଲେ ।

## ଯୋଗୈଶ୍ୱର୍ଯ୍ୟ ପ୍ରକାଶ

ଶ୍ରୀ ଶ୍ରୀ ଠାକୁର ଦେଖିଲେ ଯେ, ତ୍ୟାଗ ବୈରାଗ୍ୟର ବାଣୀ ସମସ୍ତଙ୍କ ନିକଟରେ ଉପେକ୍ଷିତ, ଅନାଦୃତ । ଭୋଗର ଆପାତମନୋରମ ଦୃଶ୍ୟରେସମସ୍ତେ ମୁଗ୍ଧ ଓ ହଠାତ୍ ଦିନକରେ ବଡ଼ଲୋକ ହୋଇଉଠିବା ଆକାଙ୍କ୍ଷାରେ ସମସ୍ତେ ପ୍ରଲୁବ୍ଧ । ଠାକୁର ଭାବିଲେ ଯେ, ଦେଶର ଉପସ୍ଥିତ ଅବସ୍ଥାରେ ସେ ଯଦି ତ୍ୟାଗ ଓ ବୈରାଗ୍ୟ ବାଣୀ ପ୍ରଚାର କରି ଜଗତକୁ ଅନିତ୍ୟ ପ୍ରତିପାଦନ କରିବାକୁ ଚେଷ୍ଟା କରିବେ, ତେବେ କେହି ତାଙ୍କ ନିକଟକୁ ଆସିବେ ନାହିଁ । ଯଦି କେହି ତାଙ୍କ ନିକଟକୁ ନ ଆସନ୍ତି, ତେବେ ସେ ତାଙ୍କର ଉପଲବ୍ଧ ସାଧନ-ସତ୍ୟ ସର୍ବସାଧାରଣରେ ପ୍ରଚାର କରିବେ ବା କିପରି ? ତେଣୁ ସେ ଗୋଟିଏ ଉପାୟ ଅବଲମ୍ବନ କରିବାକୁ ସ୍ଥିର କଲେ । ସାଧନର ଅବାନ୍ତର ଫଳ ସ୍ୱରୂପ ତାଙ୍କର ଯେଉଁସବୁ ଅଲୌକିକ ଶକ୍ତି ଲାଭ ହୋଇଥିଲା, ସେହି ଶକ୍ତିକୁ ସର୍ବାଦୌ ଏ କ୍ଷେତ୍ରରେ ପ୍ରୟୋଗ କରିବାକୁ ସ୍ଥିର କଲେ ।

ଏହି ସମୟରେ ପ୍ରତିଦିନ ବହୁଶହ ରୋଗୀ ଠାକୁରଙ୍କ ନିକଟରେ ଉପସ୍ଥିତ ହେଉଥିଲେ ଓ ଅଭୀଷ୍ଟ ସିଦ୍ଧିଲାଭ ପରେ ପ୍ରଫୁଲ୍ଲଚିତ୍ତରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ଠାକୁରଙ୍କ କୃପାରୁ ଅନ୍ୟୂନ ତିନିଶହ ଶୂଳରୋଗୀ ଆରୋଗ୍ୟଲାଭ କରିଥିଲେ । ଅନ୍ୟାନ୍ୟ ଜଟିଳ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ତଦ୍ରୂପ ।

ପାଟନାସ୍ଥ ଝଲବସନ୍ତପୁରର ଜମିଦାର ଦାରୁଣ ଯକ୍ଷ୍ମାରୋଗରେ ପୀଡ଼ିତ ହୋଇ ଠାକୁରଙ୍କ ଆଶ୍ରମରେ ଉପସ୍ଥିତ ହେଲେ । ଠାକୁରଙ୍କ ପ୍ରସାଦ ଗ୍ରହଣ କରିବାମାତ୍ରେ ତାଙ୍କ ରୋଗ ତତ୍କ୍ଷଣାତ୍ ନିରାମୟ ହୋଇଗଲା । ସେ ଜମିଦାର ଏବେ ମଧ୍ୟ ସେହି କୃପାବଳରୁ ସୁଖଶାନ୍ତିରେ ବାସ କରୁଛନ୍ତି ।

ବେଙ୍ଗଲ-ନାଗପୁର ରେଲବାଇ ବିଭାଗର ଜଣେ ଇଞ୍ଜିନିୟର ଦୃଷ୍ଟିଶକ୍ତି ହରାଇ ଅସମୟରେ ଅବସର ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ । ଦୃଷ୍ଟିଶକ୍ତି ଫେରିପାଇବା ନିମିତ୍ତ ସେ ଠାକୁରଙ୍କ ନିକଟକୁ ଯାଇ ମନେମନେ ପ୍ରାର୍ଥନା ଜଣାଇ ପ୍ରଣାମ କଲାମାତ୍ରେ ଦୃଷ୍ଟିଶକ୍ତି ଫେରିପାଇ ଅନ୍ୟର ବିନା ସାହାଯ୍ୟରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ।

ଏହି ରୋଗ ନିରାମୟ ତତ୍ତ୍ୱ ବିଷୟରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି, "ପ୍ରାଣର କମ୍ପନ ବ୍ୟତୀତ କୌଣସି ରୋଗ ଆରୋଗ୍ୟ ହୋଇପାରେ ନାହିଁ । ଔଷଧ ଦେହ ଭିତରେ କମ୍ପନ ସୃଜନ କରେ । ଏହି କମ୍ପନ ଦ୍ୱାରା ଦେହର ଯେଉଁ ସ୍ଥାନରେ ଯେଉଁ ଧାତୁର ଅଭାବରୁ ରୋଗର ଉତ୍ପତ୍ତି ହୋଇଥାଏ, ଔଷଧ ସେହି ଧାତୁର ସମତା ପରିପୂରଣ କରେ । ପ୍ରକୃତ ସାଧୁଙ୍କ ନିକଟକୁ ଭକ୍ତି ଓ ବିଶ୍ୱାସନେଇ ଆସିଲେ ରୋଗୀ ଦେହରେ ସେହିପରି ସ୍ପନ୍ଦନ ଆପଣା ମନକୁ ହୋଇଯିବା ଫଳରେ ରୋଗୀର ଯେଉଁ ସ୍ଥାନରେ ଯାହା ଅଭାବ ଥାଏ, ତାହା ପରିପୂରଣ ହୋଇଯାଏ । କିନ୍ତୁ ପ୍ରାରବ୍ଧଜନିତ ରୋଗରେ ସ୍ଥାନ ବିଶେଷରେ ସାଧୁ ଜନେ କୃପାକରି କିମ୍ବା ପ୍ରସାଦ ବା ଧୁନିର ପାଉଁଶ ଖାଇବାକୁ ଦେଇ ରୋଗୀ ଦେହରେ ସ୍ପନ୍ଦନ ସୃଷ୍ଟି କରାଇ ଦିଅନ୍ତି ।"

ଶ୍ରୀ ଶ୍ରୀ ଠାକୁର ଅଲୌକିକ ତପଃଶକ୍ତି ପ୍ରଭାବରେ କେତେକ ନିର୍ଦ୍ଧନ ଧନର ସନ୍ଧାନ ପାଇଲେ, କେତେ ନିଃସନ୍ତାନ ସନ୍ତାନ ଲାଭ କଲେ, କେତେ

ଜଟିଳ ରୋଗଗ୍ରସ୍ତ ବ୍ୟକ୍ତି ରୋଗମୁକ୍ତ ହେଲେ । ଧନୀ, ନିର୍ଦ୍ଧନ, ପଣ୍ଡିତ, ମୂର୍ଖ ସମସ୍ତେ ତାଙ୍କ ନିକଟକୁ ଅଭୀପ୍ସିତ ବସ୍ତୁ ଲାଭ ଆଶାରେ ଦଉଡ଼ିବାକୁ ଲାଗିଲେ । ଏ ସମୟରେ ଶ୍ରୀ ଶ୍ରୀ ଠାକୁର କାମକମନାକଳୁଷିତ ମାନବମାନଙ୍କ ଐହିକ ସୁଖଲାଭର ଇଚ୍ଛା ଏତେ ବେଶୀ ପ୍ରତ୍ୟକ୍ଷକଲେ ଯେ, ନିତ୍ୟବସ୍ତୁ ପ୍ରସଙ୍ଗ ଉତ୍ଥାପନ କରିବା ପାଇଁ ତାଙ୍କୁ ଅବକାଶ ସୁଦ୍ଧା ମିଳିଲାନାହିଁ । ଏହି ଶ୍ରେଣୀର ମାନବମାନଙ୍କ କାମନା ପୂରଣ ନିମିତ୍ତ ସେ 'ସିଦ୍ଧି-ଯୋଗ' ନାମକ ଖଣ୍ଡିଏ ପୁସ୍ତିକା ଲେଖିବାକୁ ଆରମ୍ଭ କଲେ । କିନ୍ତୁ ଦିନେ ଗୁରୁ ସୁମେରୁଦାସଜୀ ଉପସ୍ଥିତ ହୋଇ ପୁସ୍ତକ ଲେଖା ବନ୍ଦ କରାଇ ଦେଇ କହିଲେ, "ମୁଁ ତୋତେ ବ୍ରହ୍ମବିଦ୍ୟା ବିତରଣ କରିବା ପାଇଁ ବିଶେଷ ଭାବରେ ଭାର ଅର୍ପଣ କରି ଲୋକାଳୟକୁ ପଠାଇଲି; କିନ୍ତୁ ତୁ ଅବିଦ୍ୟା ବିତରଣ କରି ବନ୍ଧନ ଉପରେ ଆହୁରି ବନ୍ଧନ କରିବାକୁ ଆରମ୍ଭ କରିଦେଇଛୁ, ଏସବୁ ଅବାନ୍ତର କଥା ଛାଡ଼ି ଦେ ।" ଗୁରୁଦେବଙ୍କ ବାକ୍ୟ ଶ୍ରବଣ କରି ନିଗମାନନ୍ଦ କହିଲେ—"ମୁଁ ନିଜେ ଇଚ୍ଛା କରି କିଛି କରୁନାହିଁ, କିନ୍ତୁ ଦର୍ଶନ, ସ୍ପର୍ଶନ ମାତ୍ରକେ ସେମାନଙ୍କର ଅଭୀଷ୍ଟ ପୂରଣ ହୋଇଯାଉଛି । ଏପରି ଅବସ୍ଥାରେ ମୁଁ ବା କଅଣ କରିପାରେ ?"

ସୁମେରୁ ଦାସ କହିଲେ—"ତୁ ଯୋଗୈଶ୍ୱର୍ଯ୍ୟ ସମ୍ବରଣ କର । ସାଧନାର ଫଳ ସ୍ୱରୂପ ସତ୍ୟର ଯେଉଁ ବିମଳ ଜ୍ୟୋତିଃ ତୋ ଅନ୍ତରରେ ଫୁଟିଉଠିଛି, ତାହା ପ୍ରଭାବରେ ତୁ କାମକଳୁଷିତ ମୋହାଚ୍ଛନ୍ନମାନଙ୍କର ଅଜ୍ଞାନ ନାଶ କର । କୌଣସି ଶକ୍ତିର ବିକାଶ କର ନାହିଁ । ସ୍ତୁତି-ନିନ୍ଦାକୁ ଅପେକ୍ଷା ନ ରଖି ବ୍ରହ୍ମ ଭାବରେ ଅନୁପ୍ରାଣିତ ହୋଇ ସର୍ବସାଧାରଣଙ୍କ ଭିତରେ ବ୍ରହ୍ମଜ୍ଞାନ ବିତରଣ କର ।"

ସେହି ଦିନଠାରୁ ଶ୍ରୀ ଶ୍ରୀ ଠାକୁର ସାଧାରଣ ଭାବରେ ରୋଗ ନିରାମୟ ବନ୍ଦ କରିଦେଲେ ଓ କେବଳ ଅଧ୍ୟାତ୍ମବିଦ୍ୟାଲାଭେଚ୍ଛୁ ବ୍ୟକ୍ତିମାନଙ୍କୁ ସାକ୍ଷାତ ଦେବେ ବୋଲି ପ୍ରକାଶ କଲେ । ଆଶ୍ଚର୍ଯ୍ୟର ବିଷୟ ଯେ, ଯେଉଁଦିନଠାରୁ ସେ ଏହା ବନ୍ଦ କରିଦେଲେ, ସେହିଦିନଠାରୁ ଅଧ୍ୟାତ୍ମବିଦ୍ୟାଲାଭେଚ୍ଛୁ ବ୍ୟକ୍ତିମାନେ ନାନାସ୍ଥାନରୁ

ଆସି ତାଙ୍କର ପଦାଶ୍ରସ୍ଥ ଗ୍ରହଣ କରିବାକୁ ଲାଗିଲେ । ଶିଷ୍ୟ ଓ ଭକ୍ତମାନଙ୍କ ଆହ୍ୱାନରେ ତାଙ୍କୁ ଅନେକ ସମୟରେ ଦୁର୍ଗାପୁରରୁ ଢ଼ାକା ଏ ମୟମନସିଂ ଯିବାକୁ ପଡ଼ୁଥିଲା ।

ଏହି ସମୟରେ ବହୁଲୋକ ତାଙ୍କ ନିକଟକୁ ଆସିବା ଦେଖି ଗୁପ୍ତବିଭାଗର ପୁଲିସମାନେ ତାଙ୍କର ଗତିବିଧି ଲକ୍ଷ୍ୟ କରିବାକୁ ଲାଗିଲେ । ଥରେ ଶଶୀଭୂଷଣ ଭଟ୍ଟାଚାର୍ଯ୍ୟ ନାମକ ଜଣେ ଗୁପ୍ତି-ପୁଲିସ ବିଭାଗର କର୍ମଚାରୀ ସହସା ଠାକୁରଙ୍କ ଅନ୍ତର୍ଦ୍ଧାନ ହେବାର କ୍ଷମତା ଦର୍ଶନ କରି ତାଙ୍କର ପ୍ରକୃତ ସ୍ୱରୂପ ବୁଝିପାରିଲେ । ଏହି ଘଟଣାରେ ଶଶୀବାବୁ ଓ ଅନ୍ୟାନ୍ୟ ଦର୍ଶନଲାଭେଚ୍ଛୁ ବ୍ୟକ୍ତିମାନେ ବୁଝିଲେ ଯେ, ଇଚ୍ଛାମାତ୍ରକେ ସେ କମ୍ପନଦ୍ୱାରା ନିମିଷକ ମଧ୍ୟରେ ପରମାଣୁର ସମଷ୍ଟି ଏହି ଦେହକୁ ପୁନର୍ବାର ପରମାଣୁରେ ପରିଣତ କରିଦେଇ ଅନ୍ୟର ଅଲକ୍ଷରେ ଅବସ୍ଥାନ କରିପାରନ୍ତି । ତେଣୁ ପୁଲିସ କର୍ମଚାରୀବୃନ୍ଦ ତାଙ୍କୁ ଯେତେ ଭାବରେ ବିବ୍ରତ କରିବାକୁ ଚେଷ୍ଟା କଲେ ମଧ୍ୟ ତାଙ୍କର ଅନିଚ୍ଛାକୃତ କାର୍ଯ୍ୟ କେହି କରିପାରିଲେ ନାହିଁ । ମନୁଷ୍ୟର କ୍ଷୁଦ୍ରବୁଦ୍ଧି ଓ କ୍ଷୁଦ୍ରଶକ୍ତି ମହାପୁରୁଷଙ୍କର ବିରାଟ ଶକ୍ତି ନିକଟରେ ପରାଜିତ ହେଲା ।

# ନବମ ପରିଚ୍ଛେଦ

## ଯୋଗମାୟା ଦେବୀ

### ହେମଲତାଙ୍କ ଭାବ

'ଯୋଗୀଗୁରୁ' ପୁସ୍ତକ ପ୍ରକାଶିତ ହେଲାପରେ ନାନା ସ୍ଥାନରୁ ଚିଠିପତ୍ର ମୟମନସିଂର ଉମାଚରଣ ସରକାରଙ୍କ ଠିକଣାରେ ଆସିବାକୁ ଲାଗିଲା । ଶ୍ରୀ ଶ୍ରୀ ଠାକୁର ସେ ସମୟରେ'ଯୋଗୀଗୁରୁ'ମୁଦ୍ରଣ କରିବାପରେ କଲିକତାରେଅବସ୍ଥାନ କରୁଥାନ୍ତି । ଠାକୁର କଲିକତା ଯିବା ଦିନଠାରୁ ହେମଲତା ଗୃହରେ କୌଣସି କାର୍ଯ୍ୟ କଲେ ନାହିଁ । ଦ୍ୱାର ବନ୍ଦ କରି କଲ୍ପନା ସାହାଯ୍ୟରେ ଶ୍ରୀ ଶ୍ରୀ ଠାକୁରଙ୍କ ମୂର୍ତ୍ତି ମାନସପଟରେ ଚଳଚିତ୍ରପରିଦେଖିବାକୁ ଲାଗିଲେ । ଏଥିମଧ୍ୟରେଗୌହାଟୀର ଯଜ୍ଞେଶ୍ୱରବାବୁ ମଧ୍ୟ "ଯୋଗୀଗୁରୁ" ପୁସ୍ତକ ପ୍ରାପ୍ତ ହୋଇ ତାଙ୍କର ଭ୍ରାମ୍ୟମାଣ ଗୁରୁଙ୍କ ସନ୍ଧାନ ପାଇଁ ଉମାଚରଣଙ୍କଠିକଣାରେଠାକୁରଙ୍କୁପତ୍ରଦେବାକୁଲାଗିଲେ । ଠାକୁରକଲିକତାରେଅବସ୍ଥାନକରୁଥିବାରୁହେମଲତା ଦେବୀ ସମସ୍ତ ପତ୍ର ପ୍ରଥମେ ପଢ଼ି କେବଳ ଜରୁରୀ ଚିଠିଗୁଡ଼ିକ କଲିକତା ପଠାଉଥାନ୍ତି । ଯଜ୍ଞେଶ୍ୱରବାବୁଙ୍କ ସ୍ତ୍ରୀ ସରଯୂଦେବୀଙ୍କ ପତ୍ରଗୁଡ଼ିକ ହେମଲତାଙ୍କୁ ପାଠ କରିବାକୁ ବଡ଼ କୌତୂହଳ ଲାଗେ । ହେମଲତା ଦେଖିଲେ ଯେ, ଆହୁରି ଅନେକ ଶିଷ୍ୟ ମଧ୍ୟ ଠାକୁରଙ୍କୁ ଭଲ ପାଇବାକୁ ଓ ତାଙ୍କୁ ସେବା କରିବା ପାଇଁ ବ୍ୟଗ୍ର ହୋଇ ବସିଛନ୍ତି । ଗୌହାଟୀରୁ ଆସୁଥିବା ସ୍ୱାମୀ ସ୍ତ୍ରୀଙ୍କ ପତ୍ର ଏପରି ଭାବବ୍ୟଞ୍ଜକ ଯେ, ତାହା ପାଠ କରି ହେମଲତାର ବିସ୍ମୟର ଅବଧି ରହିଲା ନାହିଁ । ଠାକୁରଙ୍କ ସମାଧିକାଳୀନ ଚିତ୍ରଗୁଡ଼ିକ ସେମାନଙ୍କ ମନରେ ଉଦୟ ହୋଇ ଯେପରି ବ୍ୟାକୁଳତା ଆନୟନ କରୁଥିଲା, ତାହା ହେମଲତା ସେମାନଙ୍କ ପତ୍ରରୁ ପାଠକରି ସ୍ତମ୍ଭିତ ହେଲେ ।

ହେମଲତା ଭାବିଲେ ଯେ, ତାଙ୍କ ହୃଦୟର ଗୁପ୍ତ କଥାଗୁଡ଼ିକ ସରୟୂ ଦେବୀଙ୍କ ପତ୍ରର ପ୍ରତି ଅକ୍ଷରରେ ଯେପରିକି ଚର୍ଚ୍ଚିତ ହୋଇ ରହିଛି । ବିନା ବିଚାରରେ କରିଛନ୍ତି, ତାହା ବାସ୍ତବରେ ହିଁ ଠିକ୍ । ଏସବୁ କଥା ଭାବି ସେ ସ୍ଥିରକଲେ ଯେ, ସେ ଯାହାକୁ ଠିକ୍ ବୋଲି ଭାବି ଗ୍ରହଣ କଲେ ସେ ମଧ୍ୟ ସରୟୂଦେବୀଙ୍କ ପରି ଶ୍ରୀ ଶ୍ରୀ ଠାକୁରଙ୍କୁ ସୁଖ ପାଇବେ ।

ଶ୍ରୀ ଶ୍ରୀ ଠାକୁର କଲିକତାରୁ ଫେରିଆସି ଦୁର୍ଗାପୁର ଜମିଦାରଙ୍କ ଅନୁରୋଧକ୍ରମେ ମୟମନସିଂ ତ୍ୟାଗ କରି କୁମିଲ୍ଲାରେ ଆଶ୍ରମ ସ୍ଥାପନ କଲେ । ସେଠାକୁ ଚାଲିଆସିବା ପରଦିନ ଉମାଚରଣସରକାର ମହାଶୟ ସସ୍ତ୍ରୀକ ଆଶ୍ରମରେ ଆସି ଉପସ୍ଥିତ ହେଲେ ଓ ସେଠାରେ ସ୍ଥାୟୀ ଭାବରେ ରହି ସାଧନ-ଭଜନ କରିବାର ଇଚ୍ଛା ଜ୍ଞାପନ କଲେ ।

କିନ୍ତୁ ଆଶ୍ରମରେ ସସ୍ତ୍ରୀକ ରହି ସାଧନା କରିବାକୁ ଠାକୁର ଅନୁମତି ଦେଲେ ନାହିଁ । ସରକାର ମହାଶୟ ଯେତେ ଅନୁନୟ କଲେ ମଧ୍ୟ ଠାକୁର ବିରକ୍ତି ପ୍ରକାଶ କରି ଗମ୍ଭୀରଭାବ ଧାରଣ କରିବାକୁ ଲାଗିଲେ । ଗୃହର ନିସ୍ତବଧତା ଭଙ୍ଗ କରି ସରକାର ମହାଶୟ କହିଲେ, "ଗୋଟିଏ କଥା ପଚାରିପାରେ କି ?" ଠାକୁର କହିଲେ, "ପଚାର ।" ଉମାଚରଣ ପ୍ରଶ୍ନ କଲେ, "ଆପଣଙ୍କ 'ଯୋଗୀଗୁରୁ' ଗ୍ରନ୍ଥରେ ଲେଖାଅଛି ଯେ, 'କୃପାସିନ୍ଧୁ ଫୁରାବେନା ବିନ୍ଦୁ ବିତରନେ'—ଏହା କଅଣ ଆପଣଙ୍କ ଲେଖା ?

ଶ୍ରୀ ଶ୍ରୀ ଠାକୁର କୌଣସି ଉତ୍ତର ନ ଦେଇ ପୂର୍ବାପେକ୍ଷା ଅଧିକତର ଗମ୍ଭୀର ହୋଇ ବସିରହିଲେ । ସରକାର ମହାଶୟ ସେ ମୂର୍ତ୍ତି ନିକଟରେ ବେଶି ସମୟ ବସି ନ ପାରି ଧୀରେ ଧୀରେ ଚାଲିଗଲେ । କିଛିଦିନ ପରେ ପୁନରାୟ ଆଶ୍ରମରେ ରହିବାକୁ ଅନୁରୋଧ କରିବାରୁ ଠାକୁର ସେମାନଙ୍କୁ ବୁଝାଇ କହିଲେ ଯେ, ଏହା ତାଙ୍କର ଆଶ୍ରମ, ଏଠାରେ ସ୍ୱାମୀ-ସ୍ତ୍ରୀ ଭାବରେ ରହିବାକୁ ଅନୁମତିଦେବା, ତାଙ୍କ ପକ୍ଷରେ ଅସମ୍ଭବ । ଏଠାରେ ରହି ସାଧନା କରିବାକୁ ହେଲେ ଭ୍ରାତା ଭଗିନୀ ପରି ରହିବାକୁ ହେବ; କିନ୍ତୁ ତାହା ସେମାନଙ୍କ ପକ୍ଷରେ ବଡ଼ କଠିନ ବୋଧହେବ । ତଥାପି ସରକାର ମହାଶୟ ଆଶ୍ରମରୁ ଗଲେ ନାହିଁ ଓ ଏକାନ୍ତ ନିଷ୍ଠାର ସହିତ


ସାଧନାଦି କରିବାକୁ ଲାଗିଲେ । ହେମଲତା ଦେବୀ ପାକଶାଳାର ଭାର ନେଇ ସମାଗତ ଶିଷ୍ୟଭକ୍ତମାନଙ୍କୁ ପ୍ରସାଦ ବିତରଣ କରିବା କାର୍ଯ୍ୟରେ ନିୟୋଜିତହେଲେ ।

ସରକାର ମହାଶୟ ଅତିଶୟ ନିଷ୍ଠାର ସହିତ ସାଧନାଦି କରି ଯୋଗମାର୍ଗରେ କ୍ରମେ ଉନ୍ନତିଲାଭ କରିବାକୁ ଲାଗିଲେ । ହେମଲତା ଦେବୀ ମଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ସେବାରେ ନିଜକୁ ନିଷ୍ଠାର ସହିତ ନିୟୋଜିତ କଲେ । ଅଳ୍ପ ଦିନରେ ସେମାନଙ୍କର ବିବେକ ଜାଗ୍ରତ ହେବାରୁ ସେମାନଙ୍କ ଭିତରୁ ଦାମ୍ପତ୍ୟଭାବ କ୍ରମେ ଅନ୍ତର୍ହିତ ହୋଇଗଲା । ଏହି ସମୟରେ ଢାକାର ଡାକ୍ତର ଶ୍ରୀ ନୃପେନ୍ଦ୍ର ଚନ୍ଦ୍ର ଗୁପ୍ତ ଓ ଅନ୍ୟାନ୍ୟ ଭକ୍ତ ସପରିବାର ତୀର୍ଥଭ୍ରମଣ କରିବାକୁ ବାହାରି ଶ୍ରୀ ଶ୍ରୀ ଠାକୁରଙ୍କୁ ସଙ୍ଗରେ ନେଇଗଲେ । ତୀର୍ଥଯାତ୍ରାରେ ଅନ୍ୟାନ୍ୟ ଶିଷ୍ୟମାନେ ସ୍ତ୍ରୀ-ପୁତ୍ର ନେଇ ଯାଉଥିବାରୁ ହେମଲତା ମଧ୍ୟ ଯିବାକୁ ବାହାରିଲେ । ଉମାଚରଣ ସରକାର ହେମଲତା ଦେବୀଙ୍କୁ ପଠାଇ ଦେଇ ନିଜେ ଆଶ୍ରମର ଭାର ଗ୍ରହଣ କଲେ । ସାଧକ ଯୋଗ ସାଧନାରେ କୃତକାର୍ଯ୍ୟ ହେଲାବେଳେ ନାନା ବିଘ୍ନ ଆସି ଉପସ୍ଥିତ ହୁଏ । ସରକାର ମହାଶୟଙ୍କ ଯୋଗବିଘ୍ନ ଉପସ୍ଥିତ ହେଲା । କେତେକ ଖଳ ପ୍ରକୃତିର ଲୋକ ଗ୍ରାମ ମଧ୍ୟରେ ସନ୍ନ୍ୟାସୀଙ୍କର ଆଶ୍ରମ ଦେଖି ପୂର୍ବରୁ ବିରକ୍ତଥିଲେ । ଠାକୁରଙ୍କ ଅନୁପସ୍ଥିତିର ସୁଯୋଗ ପାଇ ସେମାନେ ସରକାର ମହାଶୟଙ୍କୁ ଠାକୁରଙ୍କ ବିରୁଦ୍ଧରେ ନାନା କଥା କହିବାକୁ ଲାଗିଲେ । ଶେଷରେ ଏପରି ହେଲା ଯେ, ଉମାଚରଣ ଆଶ୍ରମର ସମସ୍ତ ଜିନିଷପତ୍ର ନେଇ ଦିନେ ରାତ୍ରରେ ପଳାୟନ କଲେ ।

ଯେଉଁଦିନ ରାତ୍ରରେ ସରକାର ମହାଶୟ ଆଶ୍ରମର ଜିନିଷପତ୍ର ନେଇ ପଳାୟନ କଲେ, ଘଟଣାଚକ୍ର ଏପରି ଯେ, ଠିକ୍ ତତ୍ପରଦିନ ପ୍ରଭାତ ସମୟରେ ଶ୍ରୀ ଶ୍ରୀ ଠାକୁର ନୃପେନ୍ ଭାଇ ପ୍ରଭୃତିଙ୍କ ସହିତ ଆଶ୍ରମରେ ଆସି ଉପସ୍ଥିତ ହୋଇ ଦେଖିଲେ, ଆଶ୍ରମଗୃହ ଶୂନ୍ୟ । କୌଣସି ଜିନିଷପତ୍ର ନାହିଁ କିମ୍ବା ସରକାର ମହାଶୟ ନାହାନ୍ତି । ଏହାଦେଖି ଚଣ୍ଡୀ ବ୍ରହ୍ମଚାରୀ ପୁଲିସକୁ ଖବର ଦେବାକୁ ଚାଲିଯିବା ପରେ ହେମଲତା ଦେବୀଙ୍କର ମାନସିକ ଅବସ୍ଥା ବଡ଼ ଶୋଚନୀୟ

ହୋଇପଡ଼ିଲା । ସେ ଭାବିଲେ, ଗୁରୁଙ୍କ ସହିତ ଏ କି ପ୍ରକାର ବିଶ୍ୱାସଘାତକତା ! ଭଗବାନ, ମୋର ମାନ ରକ୍ଷା କର ।

ଶ୍ରୀ ଶ୍ରୀ ଠାକୁର ଭାବିବାକୁ ଲାଗିଲେ, ସେ ସଂସାର ଲୀଳା ଅନୁଧ୍ୟାନ କରିବାକୁ ଭଗବାନଙ୍କ ଇଚ୍ଛାରେ ଲୋକାଳୟକୁ ଆସିଛନ୍ତି । ବିଷୟ ଭିତରେ ଜଡ଼ିତ ହୋଇ ପୁଲିସ ସାହାଯ୍ୟରେ ବିଷୟ ଉପରେ ସ୍ୱତ୍ୱ ସାବ୍ୟସ୍ତ କରିବା କଅଣ ଭଗବାନଙ୍କର ଇଚ୍ଛା ? ସେ ଲୋକମାନଙ୍କ ଦ୍ୱାରା କର୍ମ କରାଇନେଇ ତାହା ବଦଳରେ ସେମାନଙ୍କୁ କୃପା କରିବାକୁ ମହାଶୂନ୍ୟାବସ୍ଥାରୁ ଲୋକାଳୟକୁ ଆସିଛନ୍ତି । ସଗୁଣ ଭାବର ଲୀଳା ଯେ କେତେ ବୈଚିତ୍ର୍ୟମୟ, ତାହା ପ୍ରଥମେ ଏହି ଲୋକ ଚରିତ୍ର ଭିତରେ ପ୍ରକାଶିତ ହେଉଅଛି । ଭଗବାନ କେଉଁଠାରେ ସ୍ତ୍ରୀ ହୋଇ ସ୍ୱାମୀଙ୍କୁ ପ୍ରତାରିତ କରୁଛନ୍ତି, ପୁଣି କେଉଁଠାରେ ଚୋର ହୋଇ ହାଜତକୁ ଯାଉଛନ୍ତି, ଆଉ କେଉଁଠାରେ ବା ବିଚାରାସନରେ ବସି ଦୋଷୀକୁ ଦଣ୍ଡ ଦେଉଛନ୍ତି । ଲୀଳାମୟଙ୍କର ଏହିସବୁ ଲୀଳାଚାତୁର୍ଯ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ଜ୍ଞାନଚକ୍ଷୁରେ ପ୍ରତିଭାତ ହେବାରୁ ସେ ଗୋଟିଏ ମଧୁର ଲୀଳା ଉପଭୋଗ କରିବାକୁ ଲାଗିଲେ । ଠାକୁର ଦେଖିଲେ ଯେ ଉମାଚରଣ ସେହି ଅନନ୍ତ ବୈଚିତ୍ର୍ୟମୟ ଜଗତର ଗୋଟିଏ କ୍ଷୁଦ୍ର ଦୃଶ୍ୟ । ସରକାର ମହାଶୟଙ୍କୁ ପୁଲିସ ଧରିଆଣି ତଦନ୍ତ କମିଶ ଉପସ୍ଥିତ କରାଇଲେ । ଶ୍ରୀ ଶ୍ରୀ ଠାକୁର ପୁନରାୟ ଦେଖିଲେ ଯେ, ସେହି ଲୀଳାମୟ ପୁଲିସ ଓ ଚୋର ହୋଇ ଭିନ୍ନ ଭିନ୍ନ ଦେହରେ ଅପୂର୍ବ ସଂସାରଲୀଳା କରୁଛନ୍ତି । କିନ୍ତୁ ପୁଲିସ ବା ଚୋର କେହି ସେସବୁ କିଛି ଜାଣି ପାରୁନାହାନ୍ତି । ସେମାନେ ଗୁଣାବରଣରେ ନିଦ୍ରିତ । ଲୀଳାମୟ ଶୁଦ୍ଧସତ୍ତ୍ୱମୟ ଦେହ ଭିତରେ ସ୍ୱରୂପବିସ୍ମୃତ ବ୍ୟକ୍ତିମାନଙ୍କୁ ଧକ୍କାଦେଇ ଜାଗ୍ରତ କରିବାର ଚେଷ୍ଟା କରୁଛନ୍ତି । ଠାକୁରଙ୍କର ବିସ୍ମୟର ଅବଧି ରହିଲା ନାହିଁ । ପରେ ଠାକୁର ଉମାଚରଣଙ୍କ ସପକ୍ଷରେ କହି ତାଙ୍କୁ ଛାଡ଼ିଦେବାକୁ ପୁଲିସକୁ ଅନୁରୋଧ କଲେ ଓ ଜିନିଷପତ୍ର ଏବଂ ନଗଦ ଟଙ୍କା ଯାହାସବୁ ଉମାଚରଣ ନେଇଯାଇଥିଲେ, ତାହାସବୁ ତାଙ୍କୁ ଫେରାଇ ଦେଲେ । ଏ କଥାର ରହସ୍ୟ କେହି କିଛି ବୁଝିପାରିଲେ ନାହିଁ । ସେ ପଚାରିଲେ ଠାକୁର ତାଙ୍କୁ କହିଲେ, 'ତସ୍କରସ୍ପୃଷ୍ଟ ଦ୍ରବ୍ୟ ସାଧୁଙ୍କର ବ୍ୟବହାର ନିଷିଦ୍ଧ ।' ସରକାର ମହାଶୟ ଚାଲିଯିବାବେଳେ ଠାକୁର ହେମଲତାଙ୍କୁ ସ୍ୱାମୀଙ୍କ ସହିତ ଯିବାକୁ ଆଦେଶ



ଭୈରବୀ ମା' ଯୋଗମାୟା ଦେବୀ

ନେଲେ । କିନ୍ତୁ ସରକାର ମହାଶୟ ଅପମାନ ଓ ଆକ୍ରୋଶରେ ସ୍ତ୍ରୀ ହେମଲତାଙ୍କୁ ନେବାକୁ ଅସ୍ୱୀକାର କରି ଚାଲିଯିବାରୁ ହେମଲତା ଦେବୀ ମୂର୍ଚ୍ଛିତା ହୋଇ ପଡ଼ିଗଲେ ।

ଦିନ ଚାଲିଗଲା । ସରକାର ମହାଶୟ ଆଉ ଫେରିଲେ ନାହିଁ । ହିନ୍ଦୁ ନାରୀର ସ୍ୱାମୀଗୃହ ହିଁ ତୀର୍ଥସ୍ୱରୂପ । କିନ୍ତୁ ଯେଉଁ ସ୍ତ୍ରୀଙ୍କ ସ୍ୱାମୀ ପରିତ୍ୟାଗ କରି ଚାଲିଗଲେ, ଯାହାଙ୍କର ମଧ୍ୟ ଅନ୍ୟ ସାଧୁ ଆଶ୍ରମରେ ଟିକିଏ ସ୍ଥାନ ନାହିଁ, ସେହି ନାରୀମାନଙ୍କର ସାଧୁ ଜୀବନଯାପନ କଅଣ ହିନ୍ଦୁଶାସ୍ତ୍ର ସ୍ୱୀକାର କରନ୍ତି ନାହିଁ ! ପୁରୁଷମାନଙ୍କ ପକ୍ଷରେ ଯେଉଁ ଯେଉଁ ଅବସ୍ଥାନ୍ତର ଅଧିକାର ଅଛି, ନ୍ୟାୟ ଧର୍ମାନୁସାରେ ସ୍ତ୍ରୀଲୋକମାନଙ୍କର ଠିକ୍ ତାହା ରହିବାର କଥା । ଏହିପରି ଚିନ୍ତାକରି ହେମଲତା ଦେବୀ ଶ୍ରୀ ଶ୍ରୀ ଠାକୁରଙ୍କୁ ପଚାରିଲେ, "ଠାକୁର ସ୍ତ୍ରୀଲୋକଙ୍କର କ'ଣ ଆତ୍ମା ଅଛି ?"

ଠାକୁର କହିଲେ—ହଁ, ଅଛି ।

ହେମଲତା ପଚାରିଲେ, "ଠାକୁର, ସ୍ତ୍ରୀଲୋକମାନଙ୍କର ଯଦି ଆତ୍ମା ଅଛି, ତେବେ ମୁଁ ଯେ ସ୍ତ୍ରୀ ହୋଇ ସୃଷ୍ଟି ହୋଇଅଛି, ମୋ ଦେହରେ କ'ଣ କେବଳ ଅନ୍ୟ ଲୋକର ଅଧିକାର; ମୋର କିଛି ଅଧିକାର ନାହିଁ ? ମୁଁ ଯଦି ନିଜକୁ ଚିନ୍ମୟ ଆତ୍ମା ବୋଲି ଚିନ୍ତା କରେ, ତେବେ ମୋର ପତ୍ନୀତ୍ୱ କ'ଣ ଲୋପ ହୋଇଯାଇ ପାରିବ ନାହିଁ ?"

ଠାକୁର—ଅଧୀନତା ଅସ୍ୱୀକାର କଲାମାତ୍ରେ ତାଙ୍କୁ ସ୍ୱାଧୀନ ବୁଝାଯିବ । ତେବେ ନିର୍ବିଶେଷ ଭାବରେ ଆତ୍ମାକୁ ଉପଲବ୍ଧ କରିବା ସବିଶେଷ ଆତ୍ମା ପକ୍ଷରେ ବିଶେଷ ସାଧନାସାପେକ୍ଷ । କେବଳ ନିର୍ବାଣ ମୁକ୍ତିର ପ୍ରାରମ୍ଭରେ ସେ ଭାବ ଆସିପାରେ ।

ହେମଲତା—ଆତ୍ମାର ପୁଣି ସବିଶେଷ, ନିର୍ବିଶେଷ କଅଣ ? ଆତ୍ମା କଅଣ ସବୁ ସମୟରେ ନିର୍ବିଶେଷ ନୁହେଁ ?

ଠାକୁର—ହଁ । ଆତ୍ମାର ସ୍ୱରୂପ ଅବସ୍ଥା ହିଁ ନିର୍ବିଶେଷ ଅବସ୍ଥା । ଆତ୍ମା କଥା ଏକତ୍ୱବୋଧକ ସତ୍ୟ, ଯେପରି ବିଦ୍ୟୁତ୍ । ବିଦ୍ୟୁତ୍ ଭିତରେ ଯେପରି ନେଗେଟିଭ୍-ପଜେଟିଭ୍ ଅଛି, ପୁରୁଷ-ଆତ୍ମା ଓ ସ୍ତ୍ରୀ-ଆତ୍ମା ଠିକ୍ ସେହିପରି ।

ସାଧନାଦ୍ୱାରା ସ୍ତ୍ରୀ ଓ ପୁରୁଷ ଧୀରେ ଧୀରେ ଉନ୍ନତ ହୋଇ ସେମାନଙ୍କର ଚରମ ଆଦର୍ଶ ରାଧା ଓ କୃଷ୍ଣ ଏବଂ ଶକ୍ତି ଓ ଶିବରେ ଲୟ ହୁଅନ୍ତି । ଏକମାତ୍ର ଜ୍ଞାନ-ସାଧନା ଦ୍ୱାରା ଚରମ ଅବସ୍ଥାରେ ପରମହଂସତ୍ୱ ଲାଭ ହୁଏ । ସେ ସମୟରେ ଆତ୍ମାର ନିର୍ବିଶେଷ ଅବସ୍ଥାର ଉପଲବ୍ଧି ହୁଏ । ସୁତରାଂ ନିର୍ବିକଳ୍ପ ସମାଧି ଭିନ୍ନ ଆତ୍ମାର ନିର୍ବିଶେଷ ଅବସ୍ଥା ବୁଝିବା କଠିନ । ନିର୍ବିଶେଷ ଅବସ୍ଥା ଲାଭ ହେଲେ ସ୍ତ୍ରୀ-ପୁରୁଷ ଭେଦଭାବ ଲୋପ ହୋଇଯାଏ । ଏହାର ପୂର୍ବକ୍ଷଣ ପର୍ଯ୍ୟନ୍ତ ଜୀବନର ପରସ୍ପର ପ୍ରତି ଆସକ୍ତି ଥାଏ । ସୁତରାଂ ତୁମେ ମଧ୍ୟ ସେହି ଭାବବର୍ଜିତ ନୁହଁ । ତୁମେ ଗୃହସ୍ଥ ଗୃହରେ ସ୍ୱାମୀ ଓ ସ୍ତ୍ରୀ ପରସ୍ପରଙ୍କର ଭାବ ଆସ୍ୱାଦ କରି ଉନ୍ନତ ପଥରେ ଅଗ୍ରସର ହୁଅନ୍ତି । କୌଣସି ନାରୀ ସ୍ୱାମୀଙ୍କୁ ତ୍ୟାଗକରି କଠୋର ସାଧନା କରିବା କ୍ୱଚିତ୍ ଦେଖାଯାଇ ନାହିଁ । ପୂର୍ବକାଳର ଇତିହାସରୁ ଦେଖାଯାଏ ଯେ, ଋଷିକାମାନେ ସ୍ୱାମୀ ଗୃହରେ ବାସ କରି ସାଧନାଦି କରୁଥିଲେ ।

ହେମଲତା—ତତ୍ପରବର୍ତ୍ତୀ ଯୁଗରେ ଗୋପୀମାନେ ସ୍ୱାମୀଗୃହରେ ସାଧନା କରିନାହାନ୍ତି ?

ଠାକୁର—ଗୋପୀମାନେ ରୂପାଶକ୍ତିବଶରେ ସୁଖ ପାଇବାକୁ ଯାଇଥିଲେ; ସାଧନା କରିବାକୁ ଯାଇ ନ ଥିଲେ । ସେ ସମୟରେ ସମାଜବନ୍ଧନ ଅତି ଶିଥିଳ ଥିଲା । ବର୍ତ୍ତମାନ ସୁଦ୍ଧା ସେ ଦେଶରେ ସମାଜ ବନ୍ଧନ ଅତି ଶିଥିଳ ।

ହେମଲତା—ମୀରାବାଈ ?

ଠାକୁର—ହଁ, ମୀରା ଆସିଥିଲେ । ଏକମାତ୍ର ଉତ୍କଟ ବୈରାଗ୍ୟ ହେଲେ ସବୁ ବନ୍ଧନ ଛିନ୍ନ ହୋଇଯାଏ ।

ହେମଲତା—ମହାପୁରୁଷଙ୍କର ସ୍ତ୍ରୀ-ପୁରୁଷ ଭେଦଭାବ ଲୋପ ପାଇଯାଇ ଥାଏ । ତେଣୁ ଆପଣ ତ ମୋତେ ଟିକିଏ ଆପଣଙ୍କ ଆଶ୍ରମରେ ସ୍ଥାନ ଦେଇ-ପାରନ୍ତେ ?

ଠାକୁର—ନା, ତା ପାରିବ ନାହିଁ । ମୁଁ କେବଳ ମୋତେ ନେଇ ନୁହେଁ । ମୋ କର୍ମକ୍ଷେତ୍ର ଭିତରେ ଯେଉଁମାନେ ଏକତ୍ର ହେବେ, ସେମାନେ ତ ଭେଦବୁଦ୍ଧି ନାଶ କରି ମୋ ନିକଟକୁ ଆସିବେ ନାହିଁ ।

ହେମଲତା ଏହା ଶୁଣି ବ୍ୟାକୁଳ ହୋଇ କହିଲେ, "ମୋତେ ସନ୍ନ୍ୟାସ ଦେଇ ସଂସାର ବନ୍ଧନରୁ ମୁକ୍ତ କରି ଦିଅନ୍ତୁ । ମୋତେ ସନ୍ନ୍ୟାସ ଦିଅନ୍ତୁ ।" କିଛି ଦିନ ଅତିବାହିତ ହୋଇଗଲା । ଶ୍ରୀ ଶ୍ରୀ ଠାକୁର ନାନା ପ୍ରକାର ଭାବି ହେମଲତାଙ୍କୁ ସନ୍ନ୍ୟାସ ଦେବା ନିମିତ୍ତ ମନେ ମନେ ସ୍ଥିର କଲେ । ସନ୍ନ୍ୟାସ ଦେବାର ଦିନ ସ୍ଥିର ହୋଇ ସମସ୍ତ ଆୟୋଜନ ହେଲା । ଶ୍ରୀ ଶ୍ରୀ ଠାକୁର ଯଥାଶାସ୍ତ୍ର ସଂସ୍କାର କରିବା ପରେ ଦେଖିଲେ, ପ୍ରେମମୟୀ ହେମଲତାଙ୍କର ଗଳଦେଶ ଧାରଣ କରି ସନ୍ନ୍ୟାସର ସାକ୍ଷୀସ୍ୱରୂପ ଦଣ୍ଡାୟମାନ ହୋଇଛନ୍ତି । ତାହା ଦେଖି ଠାକୁର ତାଙ୍କୁ 'ଯୋଗମାୟା' ନାମ ପ୍ରଦାନକଲେ । 'ପ୍ରେମମୟୀ' ଧୀରେ ଧୀରେ ଯୋଗମାୟାଙ୍କ ଦେହରେ ବିଲୀନ ହୋଇଗଲେ । ଏହାପରେ ଶ୍ରୀ ଶ୍ରୀ ଠାକୁର ଶକ୍ତିସଞ୍ଚାର ଉଦ୍ଦେଶ୍ୟରେ ଯୋଗମାୟାଙ୍କୁ ସ୍ପର୍ଶକଲେ । ସ୍ପର୍ଶମାତ୍ରକେ ଯୋଗମାୟା ମୂର୍ଚ୍ଛିତା ହୋଇ ପଡ଼ିଗଲେ । ପ୍ରାୟ ଦୁଇ ତିନିଘଣ୍ଟା ପରେ ତାଙ୍କର ବାହ୍ୟଚୈତନ୍ୟ ଲାଭ କରି ସେ କହିଲେ, "କାହିଁକି ମୋତେ ଫେରାଇ ଆଣିଲ ? ମୁଁ ତ ବେଶ୍ ଆନନ୍ଦରେ ଥିଲି ।" ଶ୍ରୀ ଶ୍ରୀ ଠାକୁର ସହାସ୍ୟ ବଦନରେ ଉତ୍ତର କଲେ, "କେଉଁଠାରେ ଥିଲ ?"

ଯୋଗମାୟା—ତା ତ ଜାଣେ ନାହିଁ । କୌଣସି ଅବ୍ୟକ୍ତ ମାଧୁର୍ଯ୍ୟମୟ ଅବସ୍ଥାରେ ଥିଲି । କାହିଁକି ମୋତେ ଫେରାଇ ଆଣିଲ ?

ଠାକୁର— ତାପ ସହଯୋଗରେ ଯେପରି ରସଯୁକ୍ତ କୌଣସି ବସ୍ତୁ ବା ତରଳ ପଦାର୍ଥ ସ୍ଫୀତ ହୋଇଉଠେ,ମନୁଷ୍ୟ ଭିତରେ ସେହିପରି ରସ ବିଦ୍ୟମାନ । ଏହା ଠିକ୍ ସ୍ଥୂଳଭାବର ରସ ନୁହେଁ । ଏହାକୁ ଆନନ୍ଦ ବା ଭାବ କୁହାଯାଇପାରେ । କୌଣସି ଶକ୍ତିଶାଳୀ ବ୍ୟକ୍ତି ଯଦି ତାଙ୍କର ଶକ୍ତିକୁ ଅନ୍ୟ ଦେହରେ ଚାଳନା କରନ୍ତି, ତେବେ ସାମୟିକ ଭାବରେ ଗୁଣାବରିତ ବା ମାଳିନ୍ୟମିଶ୍ରିତ ସ୍ଫୀତ ହୋଇ ଉଠେ । ଦୀକ୍ଷାଶକ୍ତି ଦ୍ୱାରା ତୁମର ସେହି ଭାବର ଉଦ୍‌ବୋଧନ ହୋଇଥିଲା ।

ଯୋଗମାୟା—କିପରି ମୁଁ ମୋ ଭିତରେ ଏହି ଶକ୍ତିକୁ ଅନୁକ୍ଷଣ ଜାଗ୍ରତ ରଖି ଏହି ଭାବରେ ଭାବିତ ହୋଇପାରିବି ?

ଠାକୁର—ତୁମେ ଯେଉଁ ଶକ୍ତିବଳରେ ତୁମର ଅଧ୍ୟାତ୍ମ ଭାବ ବା ଆନନ୍ଦ-ଭାବକୁ ଅନୁକ୍ଷଣ ଜାଗ୍ରତ ରଖିପାରିବ, ତାହା ତୁମର ଅଜ୍ଞାତସାରରେ ତୁମର ସର୍ବଶରୀରରେ ପରିବ୍ୟାପ୍ତ ରହି ତୁମର ଦୈହିକ ଯନ୍ତ୍ରକୁ କ୍ରିୟାଶୀଳ କରି ରଖିଅଛି । ଯଦି ଦୈହିକ ସମସ୍ତ ପରିବ୍ୟାପ୍ତ ଶକ୍ତିକୁ ମାନସିକ ଶକ୍ତି ବଳରେ ଏକତ୍ର କରି ମୂଳାଧାରସ୍ଥିତ ଶକ୍ତି ସହିତ ମିଳିତ କରାଇ ସେହି ଶକ୍ତିକୁ ସୁଷୁମ୍ନା ପଥରେ ସହସ୍ରାରକୁ ଚାଳନା କରି ପରମ ଶିବଙ୍କ ସହିତ ମିଳନ କରାଯାଇ ପାରିବ, ତେବେ ତୁମର ମୋକ୍ଷଲାଭ ହେବ । ଅନ୍ୟଥା ପୁନଃ ପୁନଃ ଜନ୍ମମୃତ୍ୟୁର ଗତାନୁଗତିକ ପଥ । ବର୍ତ୍ତମାନ ତୁମେ ସେହି କୁଣ୍ଡଳିନୀ ଶକ୍ତିସହିତ ନିଜକୁ ଅଭେଦ ଚିନ୍ତା କରି ସାଧନାରେ ଅଗ୍ରସର ହୁଅ । ସେ ଏତେ ଦିନଯାଏ ତୁମ ପ୍ରତୀକ୍ଷାରେ ବସିଛନ୍ତି । ଏହିପରି ସେ ପ୍ରତ୍ୟେକଙ୍କର ପ୍ରତୀକ୍ଷାରେ ପ୍ରତି ଦେହରେ ବସିଥାଆନ୍ତି । ସମୟ ହେଲେ ତାଙ୍କ ଆଡ଼କୁ ସମସ୍ତଙ୍କର ଦୃଷ୍ଟି ପଡ଼େ ।

## ଯୋଗମାୟା ଦେବୀଙ୍କ ସାଧନା ଓ ସେବା

ଏହି ଆଶ୍ରମରେ ରହି ଯୋଗମାୟା ଦେବୀ ଏକନିଷ୍ଠ ଗୁରୁସେବା ଏବଂ ତା ସଙ୍ଗେ ସଙ୍ଗେ ସାଧନା ଦ୍ୱାରା ତପସ୍ୟା ଗୁରୁଆସନରେ ସମାଧି ବା ସିଦ୍ଧିଲାଭ କରିଥିଲେ । ସିଦ୍ଧିଲାଭ ପରେ ଯୋଗମାୟା ଦେବୀ ଶ୍ରୀ ଶ୍ରୀ ଠାକୁରଙ୍କ ଶିଷ୍ୟ ଭକ୍ତମାନଙ୍କ ନିକଟରେ 'ମା' ଆସନରେ ଅଧିଷ୍ଠିତା ହୋଇ ସମସ୍ତଙ୍କର ଶ୍ରଦ୍ଧାଭକ୍ତି ଆକର୍ଷଣ କରିବାକୁ ଲାଗିଲେ । ଉତ୍ସବ ସମୟରେ ମା' ଯୋଗମାୟା ଯେତେ-ବେଳେ ଅକ୍ଲାନ୍ତ ପରିଶ୍ରମ କରି ସହାସ୍ୟ ବଦନରେ ଭକ୍ତମାନଙ୍କୁ ପ୍ରସାଦ ବିତରଣ କରନ୍ତି ସେତେବେଳେ ସେ ସାକ୍ଷାତ୍ ଅନ୍ନପୂର୍ଣ୍ଣା ସଦୃଶ ପ୍ରତୀୟମାନ ହୁଅନ୍ତି । ସେ ସର୍ବାବସ୍ଥାରେ ଅମ୍ଳାନବଦନା ଓ ହାସ୍ୟମୁଖୀ ଥିଲେ । ଶ୍ରୀ ଶ୍ରୀ ଠାକୁର କୃଚ୍ଛ୍ର-ସାଧନ କରି ଯେଉଁ ଶକ୍ତି ଲାଭ କରିଥିଲେ, ଶ୍ରୀ ଶ୍ରୀ ମା' ଯୋଗମାୟା ଅକପଟ ଗୁରୁସେବା ଓ ପ୍ରେମଭକ୍ତି ବଳରେ ସେହି ଦୁର୍ଲ୍ଲଭ ବସ୍ତୁ ଓ ତତ୍ତ୍ୱର ଅଧିକାରିଣୀ ହୋଇପାରିଥିଲେ । ୧୩୪୮ ସାଲ ମାର୍ଗଶୀର ୧୫ଦିନ ଗୁରୁବାର ରାତ୍ରି ଘ ୧୦-୩୦ ମିନଟ ସମୟରେ ମା' ଯୋଗମାୟା ଧ୍ୟାନସ୍ଥ ହୋଇ ମନ୍ତ୍ର ଜପପୂର୍ବକ ଦେହରକ୍ଷା କଲେ ।



କୋକିଲାମୁଖ୍ ଆସାମ-ବଙ୍ଗୀୟ ସାରସ୍ୱତ ମଠ (1934)

# ଦଶମ ପରିଚ୍ଛେଦ

## ସାରସ୍ୱତ ମଠ

### ଢାକା ଆଗମନ

ଜମିଦାର ଶ୍ରୀଯୁକ୍ତ ନରେନ୍ଦ୍ର ନାରାୟଣ ରାୟ ଚୌଧୁରୀ ଓ ଡାକ୍ତର ନୃପେନ୍ଦ୍ର ଚନ୍ଦ୍ର ରାୟଙ୍କର ଆଗ୍ରହାତିଶଯ୍ୟରେ ଠାକୁର କୁମିଲ୍ଲାରୁ ଢାକାକୁ ଚାଲିଆସିଲେ । ଢାକାର ଫରିଦାବାଦ ଅଞ୍ଚଳରେ ଗୋଟିଏ ଅସ୍ଥାୟୀ ଗୃହରେ ଆଶ୍ରମର କାର୍ଯ୍ୟ ଚାଲିବାକୁ ଲାଗିଲା । ଏହି ସମୟରେ ବହୁଲୋକ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ଯାତାୟାତ କରୁଥାନ୍ତି । ଘନ ଘନ ଯିବା ଆସିବା ଫଳରେ ଯେଉଁମାନଙ୍କ ସମ୍ବନ୍ଧ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଅତି ଘନିଷ୍ଠ ହୋଇଥିଲା, ଡାକ୍ତର ରଜନୀଚନ୍ଦ୍ର ଧର ସେମାନଙ୍କ ମଧ୍ୟରେ ଅନ୍ୟତମ । ଠାରଙ୍କ ଅନୁମତି ନେଇ ରଜନୀଚନ୍ଦ୍ର ତାଙ୍କର ଦୁଇପୁତ୍ର ଓ କନ୍ୟାଙ୍କ ସହିତ ସପରିବାର ଆଶ୍ରମଭୁକ୍ତ ହେଲେ । ଏହି ରଜନୀଚନ୍ଦ୍ର ଧରଙ୍କୁ ଶ୍ରୀ ଶ୍ରୀ ଠାକୁର ସନ୍ନ୍ୟାସ ଦେବା ପରେ ତାଙ୍କୁ 'ସ୍ୱରୂପାନନ୍ଦ' ନାମ ପ୍ରଦାନ କଲେ । ତାଙ୍କର ଜ୍ୟେଷ୍ଠପୁତ୍ର ନରେନ୍ଦ୍ର ନାଥ ଏମ. ଏ ପାଶ୍ କରି ବରଦା ବ୍ରହ୍ମଚାରୀ ଓ ପରେ ସ୍ୱାମୀ ନିର୍ବାଣାନନ୍ଦ ବୋଲି ପରିଚିତ ହେଲେ ।

ଏହି ସମୟରେ ଢାକାରେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରତିପତ୍ତି ପ୍ରସାରିତ ହୋଇ ପଡ଼ିଲା । ନାନା ସ୍ଥାନକୁ ସେ ଆହୂତ ହେବାକୁ ଲାଗିଲେ । ମାଣିକଗଞ୍ଜର ଉକିଲ ଶ୍ରୀଯୁକ୍ତ ରଜନୀମୋହନ ବସାକଙ୍କ ଅନୁରୋଧରେ ଶ୍ରୀ ଶ୍ରୀ ଠାକୁର ମାଣିକଗଞ୍ଜ ଗଲେ । ସେଠାରେ କୀର୍ତ୍ତନ ଶ୍ରବଣରେ ସେ ଭାବସ୍ଥ ହୋଇପଡ଼ିଲେ । ସେ ସମୟରେ ଯେଉଁମାନେ ଶ୍ରୀ ଶ୍ରୀ ଠାକୁରଙ୍କୁ ସ୍ପର୍ଶ କରିବାକୁ ଗଲେ ସମସ୍ତେ ତତ୍କ୍ଷଣାତ୍ ସମାଧିସ୍ଥ ହୋଇପଡ଼ିଲେ । ସ୍ଥାନୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟର ଶିକ୍ଷକ ଶ୍ରୀଯୁକ୍ତ

କାମାକ୍ଷାଚରଣ ଘୋଷ ଠାକୁରଙ୍କୁ ସ୍ପର୍ଶକରି ୩/୪ ଘଣ୍ଟାବ୍ୟାପୀ ସଂଜ୍ଞାହୀନଅବସ୍ଥାରେ ଅବସ୍ଥାନ କଲା ପରେ ତାଙ୍କର ଭାବୋନ୍ମାଦ ଅବସ୍ଥା ଆସିଗଲା । ପରେ ଶ୍ରୀ ଶ୍ରୀ ଠାକୁର ତାଙ୍କର ଚୈତନ୍ୟ ଫେରାଇ ଆଣିଲେ । ଶ୍ରୀ ଶ୍ରୀ ଠାକୁରଙ୍କ ଜାଗ୍ରତ ଶକ୍ତିର ସଂସ୍ପର୍ଶରେ ଆସି ବାହ୍ୟ ଚୈତନ୍ୟ ହରାଇବାରକାରଣ ଏଥିପୂର୍ବରୁ "ଯୋଗମାୟା ଦେବୀ"ଙ୍କ ପ୍ରସଙ୍ଗରେ ବର୍ଣ୍ଣିତ ହୋଇଅଛି । ଶ୍ରୀ ଶ୍ରୀ ଠାକୁର ଆଶ୍ରମକୁ ଫେରିଆସି ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ 'ଜ୍ଞାନୀଗୁରୁ' 'ତାନ୍ତ୍ରିକ ଗୁରୁ' ଓ 'ପ୍ରେମିକ ଗୁରୁ' ପ୍ରଣୟନ କରି ପ୍ରକାଶ କଲେ । ମାଣିକଗଞ୍ଜରେ ଠାକୁରଙ୍କର ଐଶ୍ୱରିକ ଭାବ ଦର୍ଶନରେ ଲୋକେ ଏପରି ମୁଗ୍‌ଧ ହୋଇଯାଇଥିଲେ ଯେ ସେତେବେଳର ପ୍ରସିଦ୍ଧ ଦୈନିକ ସମ୍ବାଦପତ୍ର 'ବେଙ୍ଗଲି'ର ସ୍ତମ୍ଭରେ ମଧ୍ୟ ତାଙ୍କର ଅସାଧାରଣ ଯୋଗୈଶ୍ୱର୍ଯ୍ୟ କଥା ପ୍ରକାଶ ହେବାକୁ ଲାଗିଲା ।

## ଶାନ୍ତି ଆଶ୍ରମ

ଢାକାରେ ପ୍ରାୟ ଏକ ବର୍ଷ ଅବସ୍ଥାନ କଲା ପରେ ସଦ୍‌ଗୁରୁଙ୍କ କଣ୍ଠିକ ଆସାମ ପ୍ରଦେଶର ଶିବସାଗର ଜିଲ୍ଲା ଅନ୍ତର୍ଗତ ଜୋରହାଟ ମହକୁମାରେ କିଛି ଜମି ପଟ୍ଟା ନେଇ ଠାକୁର **୧୩୧୯ ସାଲ ବୈଶାଖ ମାସ ଅକ୍ଷୟ ତୃତୀୟା** ଦିନ ସେଠାରେ ଆଶ୍ରମ ପ୍ରତିଷ୍ଠା କଲେ ଏବଂ ତାହାର ନାମ 'ଶାନ୍ତିଆଶ୍ରମ' ଦେଲେ । ପରବର୍ତ୍ତୀ କାଳରେ ଏହା **'ଆସାମ ବଙ୍ଗୀୟ ସାରସ୍ୱତ ମଠ** ନାମରେ ଅଭିହିତ ହେଲା ।

ଯେଉଁ ଉଦ୍ଦେଶ୍ୟ ନେଇ ଠାକୁର ଆସାମର ନିଭୃତ ଉପତ୍ୟକାରେ ଆଶ୍ରମ ପ୍ରତିଷ୍ଠା କରିଥିଲେ, ତାହା ଆଶ୍ରମର ଉନ୍ନତି ସଙ୍ଗେ ସଙ୍ଗେ ରୂପାନ୍ତରିତ ହେବାକୁ ଲାଗିଲା । ଆଶ୍ରମର ଅନ୍ତର୍ନିହିତ ଭାବମାଧୁର୍ଯ୍ୟରେ ମୁଗ୍‌ଧ ହୋଇ ସାଧାରଣଙ୍କ ଦୃଷ୍ଟି ଏହି ଆଶ୍ରମ ଆଡ଼କୁ ଆକୃଷ୍ଟ ହେଲା ।

## ସାରସ୍ୱତ ମଠ ବର୍ଣ୍ଣନା

ଜୋରହାଟଠାରୁ ପ୍ରାୟ ଛଅ ମାଇଲ ଦୂରରେ ବିସ୍ତୀର୍ଣ୍ଣ ପ୍ରାନ୍ତର ମଧ୍ୟରେ 'ସାରସ୍ୱତ ମଠ' ଅବସ୍ଥିତ । ମଠର ତିନି ଦିଗରେ ଦୁଇ ତିନି ମାଇଲ ପର୍ଯ୍ୟନ୍ତ

ଜନବସତି ନାହିଁ । ଅନ୍ୟ ଦିଗରେ ମିର ନାମକ ସରଳସ୍ୱଭାବ ପାର୍ବତ୍ୟ ଜାତିଲୋକଙ୍କର ଗୋଟିଏ ଶ୍ରେଷ୍ଠଗ୍ରାମ ଅଛି । ଗ୍ରାମ ବାଟେ, ମରିୟାଣୀ-ଜୋରହାଟ ଲାଇଟ୍ ରେଲପଥ' କୋକିଳାମୁଖ ପର୍ଯ୍ୟନ୍ତ ଯାଇଅଛି । ଉତ୍ତରଦିଗରେ ପର୍ବତରାଜ ହିମାଳୟ, ପୂର୍ବରେ ଉଦୟଗିରି ଏବଂ ଦକ୍ଷିଣରେ ନାଗାପର୍ବତ । ଆକାଶରେ ମେଘ ନ ଥିଲେ ହିମାଳୟର ତୁଷାର ଶୃଙ୍ଗ ଓ ଦିଗନ୍ତପ୍ରସାରିତ ପର୍ବତମାଳାର ବିରାଟ ଗାମ୍ଭୀର୍ଯ୍ୟ ଛବି ପ୍ରାଣମନ ବିମୋହନ କରେ । ମଠର ପ୍ରବେଶପଥର ଦୁଇ ପାର୍ଶ୍ୱରେ ନାଗେଶ୍ୱରଫୁଲର ବୃକ୍ଷରାଜି ଶ୍ରେଣୀବଦ୍ଧ ଭାବରେ ବିରାଜମାନ । ବିସ୍ତୀର୍ଣ୍ଣ କୃଷିକ୍ଷେତ୍ର ନିକଟରେ ପ୍ରକାଣ୍ଡ ଗୋଶାଳା, ପୁଷ୍କରିଣୀର ଐଶାନ୍ୟକୋଣରେ ରମଣୀୟ ବିଲ୍ୱବୃକ୍ଷ ମଧ୍ୟରେ ଶିବାଳୟ ଓ ଯୋଗସାଧନାର କୁଟୀର, ପଶ୍ଚିମରେ ଅସଂଖ୍ୟ ଗନ୍ଧପୁଷ୍ପ ସୁଶୋଭିତ ସୁବିନ୍ୟସ୍ତ ପୁଷ୍ପବୃକ୍ଷର ମଧ୍ୟଦେଇ ପ୍ରବେଶପଥଟି ଚାଲିଯାଇଛି । ସମ୍ମୁଖରେ 'ଶାନ୍ତି ଆଶ୍ରମ', 'ନିଗମାନନ୍ଦ ପାଠାଗାର' ଏବଂ 'ଦାତବ୍ୟ ଔଷଧାଳୟ' ବାମ ଦିଗରେ 'ବ୍ରହ୍ମଚାରୀ ନିବାସ', ତାହାର ଦକ୍ଷିଣକୁ 'ମୁଦ୍ରଣ କାର୍ଯ୍ୟାଳୟ', 'ତନ୍ତଶାଳା' ଓ ନାନା ବୃକ୍ଷଗୁଳ୍ମାଦି ସମୃଦ୍ଧ 'କୃଷି ବିଦ୍ୟାଳୟ'ର ପ୍ରକାଣ୍ଡ ଶିକ୍ଷାକ୍ଷେତ୍ର । ଶାନ୍ତି ଆଶ୍ରମର ଉତ୍ତରକୁ ମଠର 'ଆସନ ଘର', ପଶ୍ଚିମରେ 'ସେବକମାନଙ୍କର ପାକଶାଳା' ଓ ଦକ୍ଷିଣରେ 'ଭଣ୍ଡାର ଘର' ।

ପ୍ରାଚୀନ ଇତିହାସ ପୁରାଣରୁ ତପୋବନର ବର୍ଣ୍ଣନା ପାଠ କରି କଳ୍ପନା ଦ୍ୱାରା ମାନସପଟରେ ଯେଉଁ ଚିତ୍ରର ଉଦୟ ହୁଏ, ଏହି ମଠକୁ ଆସିଲେ ଠିକ୍ ତଦନୁରୂପ ଚିତ୍ର ପ୍ରତ୍ୟକ୍ଷ କରିବାକୁ ମିଳେ । ତେଜୋଦୀପ୍ତ ବ୍ରହ୍ମଚାରୀମାନଙ୍କର ସହାସ୍ୟ ପ୍ରଫୁଲ୍ଲ ବଦନ; କାୟମନୋବାକ୍ୟରେ କଠୋର କର୍ତ୍ତବ୍ୟନିଷ୍ଠା, ଗୋଚାରଣ ହଳ ଚାଳନ, ସନ୍ଧ୍ୟାବନ୍ଦନା, ପୁଷ୍ପଚୟନ, ଶାସ୍ତ୍ର ଅଧ୍ୟୟନ, ତପସ୍ୟା ପ୍ରଭୃତି ସବୁ ପ୍ରାଚୀନ ତପୋବନର ଅକ୍ଷୁର୍ଣ୍ଣ ଚିତ୍ର ଏଠାରେ ଦେଖିବାକୁ ମିଳେ ।

## ମଠର ଗୌରବ

ସାରସ୍ୱତ ମଠରୁ ଗୁରୁଶକ୍ତି ବଙ୍ଗ. ବିହାର, ଓଡ଼ିଶା, ରାଜପୁତନା, ଇନ୍ଦୋର, ମଧ୍ୟଭାରତ, ଗୁଜୁରାଟ ପ୍ରଭୃତି ଭାରତର ବିଭିନ୍ନ ଅଞ୍ଚଳରେ ଓ ସୁଦୂର

ବ୍ରହ୍ମଦେଶରେ ପ୍ରସାରିତ ହେବାକୁ ଲାଗିଲା । ସରକାରୀ ଉଚ୍ଚକର୍ମଚାରୀମାନେ ମଠର କାର୍ଯ୍ୟରେ ଆକୃଷ୍ଟ ହୋଇ ମଠ ପ୍ରଦର୍ଶନ କରି ତାର ପ୍ରକୃତ ସ୍ୱରୂପ ବୁଝି ପ୍ରଗାଢ଼ ଶ୍ରଦ୍ଧା ପ୍ରଦର୍ଶନ କଲେ ।କ୍ରମେମଠ ଦେଶବାସୀଙ୍କ ଚିତ୍ତଆକର୍ଷଣ କରିବାକୁ ଲାଗିଲା । ଭକ୍ତମାନେ ତତ୍ତ୍ୱ ଜାଣିବା ନିମିତ୍ତ ସମବେତ ହୋଇ ମଠକୁ ଗୋଟିଏ ତୀର୍ଥ-ସ୍ଥାନରେ ପରିଣତ କରିଦେଲେ । ପ୍ରଥମେ ମଠରେ ଗୋଟିଏ ହସ୍ତଚାଳିତ ମୁଦ୍ରଣ-ଯନ୍ତ୍ର ପ୍ରତିଷ୍ଠିତ ହୋଇ ତତ୍ପରେ ତାହା ଇଞ୍ଜିନ୍‌ଚାଳିତ ବିରାଟ ମୁଦ୍ରଣାଳୟରେ ପରିଣତ ହୋଇଥିଲା । ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରଣୀତ 'ସାରସ୍ୱତ ଗ୍ରନ୍ଥାବଳୀ' ଓ 'ଆର୍ଯ୍ୟ-ଦର୍ପଣ' ନାମକ ମାସିକ ପତ୍ରିକା ଏହି ପ୍ରେସରୁ ମୁଦ୍ରିତ ହେବାକୁ ଲାଗିଲା । ବଢ଼େଇ ଓ କମାର କାର୍ଯ୍ୟ ଶିକ୍ଷା ଆରମ୍ଭ ହେଲା ଓ ପ୍ରୟୋଜନୀୟ ବସ୍ତ୍ରାଦି ବୟନ ନିମିତ୍ତ ଗୋଟିଏ ତନ୍ତଶାଳା ପ୍ରତିଷ୍ଠିତ ହେଲା । ମୋଟ ଉପରେ ମଠ ସବୁପ୍ରକାରେ ଆତ୍ମନିର୍ଭରଶୀଳ ହୋଇଉଠିଲା । କ୍ରମେ ତାହା ଧର୍ମାୟତନ, ଶାନ୍ତିଭବନ ଓ ଆନନ୍ଦ ନିକେତନ ରୂପେ ଗଣ୍ୟ ହୋଇ ଆଦର୍ଶ କର୍ମକ୍ଷେତ୍ର, କଳାଭବନ ଓ ଶିକ୍ଷା-ୟତନରେ ପରିଣତ ହେଲା ।

ଏହି ସମୟରେ ଶ୍ରୀ ଶ୍ରୀ ଠାକୁର ବରଦା ବ୍ରହ୍ମଚାରୀଙ୍କୁ ପ୍ରାଚ୍ୟ ଓ ପାଶ୍ଚାତ୍ୟର ଉଚ୍ଚ ଶିକ୍ଷାରେ ଶିକ୍ଷିତ କରାଇ ତାଙ୍କ ହାତରେ ଋଷିବିଦ୍ୟାଳୟର ଭାର ଅର୍ପଣ କଲେ । ସ୍ଥାନୀୟ କୁଷ୍ଠ ବ୍ୟକ୍ତିମାନଙ୍କୁ ଓ ରୋଗୀମାନଙ୍କୁ ଆଶ୍ରୟ, ଖାଦ୍ୟ ଏବଂ ଔଷଧ ଇତ୍ୟାଦି ଦେବା ଏବଂ ବନ୍ୟାଦି ପ୍ରାକୃତିକ ବିପର୍ଯ୍ୟୟରେ ସାହାଯ୍ୟ କରିବାପାଇଁ 'ଗୌରାଙ୍ଗ ଅନାଥ ନିକେତନ' ମଠର ବିଶେଷ ଅଙ୍ଗରୂପେ ପ୍ରତିଷ୍ଠିତ ହେଲା ।

ପରେ ନାନା ସ୍ଥାନରୁ ଆହ୍ୱାନ ଆସିବାରୁ ବଙ୍ଗଦେଶର ପାଞ୍ଚ ବିଭାଗରେ ପାଞ୍ଚଗୋଟି 'ବିଭାଗୀୟ ଆଶ୍ରମ' ମଠର ଆଦର୍ଶରେ ପ୍ରତିଷ୍ଠା କରାଗଲା ।

ଶ୍ରୀ ଶ୍ରୀ ଠାକୁର ମଠର କର୍ତ୍ତୃତ୍ୱ ପୂର୍ବୋକ୍ତ ଉପାଧ୍ୟମାନ ଯୁବକ ବରଦା ବ୍ରହ୍ମଚାରୀଙ୍କ ଉପରେ ନ୍ୟସ୍ତ କରି କର୍ମକ୍ଷେତ୍ରରୁ ଅବସର ଗ୍ରହଣ କରିଥିଲେ । କିନ୍ତୁ କିଛି ଦିନ ପରେ ବରଦା ବ୍ରହ୍ମଚାରୀ ନିଭୃତ ସାଧନ ଭଜନ ନିମିତ୍ତ ମଠ ତ୍ୟାଗ କରି ଚାଲିଯିବାରୁ ଠାକୁର ପ୍ରଜ୍ଞାନନ୍ଦ ସ୍ୱାମୀଙ୍କୁ ମଠର ଭାର ଅର୍ପଣପୂର୍ବକ ସ୍ୱୟଂ ମଠଆଶ୍ରମ ସମସ୍ତ ତ୍ୟାଗକରି ପୁରୀଧାମକୁ ନିର୍ଜନ ବାସ କରିବା ନିମିତ୍ତ

ଚାଲିଆସିଲେ । ପୁଣି ଆସି ତାଙ୍କ ସହିତ ସାକ୍ଷାତ କରିବାକୁ ଶିଷ୍ୟ ଭକ୍ତମାନଙ୍କୁ ନିଷେଧ କରିଦେଲେ । ଏହି ଆସ୍ମିକ ଜଗତର ବ୍ୟାପାର ଦେଖି, କେହି କିଛି ଅନୁମାନ କରିପାରିଲେ ନାହିଁ । ଏଥିରେ ଶିଷ୍ୟ ଭକ୍ତମାନେ ଖୁବ୍ ଦୁଃଖିତ ହେଲେ ।

## ଅର୍ପଣନାମା

ଶ୍ରୀ ଶ୍ରୀ ଠାକୁର ଜନହିତକର ଏହିସବୁ ପ୍ରତିଷ୍ଠାନମାନ ସ୍ଥାପନ କରି ଏହାର ସୁପରିଚାଳନା ଉଦ୍ଦେଶ୍ୟରେ ବିଧିବ୍ୟବସ୍ଥାମାନ କଲେ ଓ ଭବିଷ୍ୟତରେ ଏହା ଯେପରି ବ୍ୟକ୍ତିଗତ ସ୍ୱାର୍ଥ ଉଦ୍ଦେଶ୍ୟରେ ନଷ୍ଟ ବା କ୍ଷତିଗ୍ରସ୍ତ ହୋଇ ନ ଯାଏ, ସେହି ଉଦ୍ଦେଶ୍ୟରେ ଗୋଟିଏ ଅର୍ପଣନାମା (Trust Deed) ରେଜେଷ୍ଟ୍ରୀ କଲେ । ଗୃହୀ ଓ ସନ୍ନ୍ୟାସୀମାନଙ୍କ ମଧ୍ୟରୁ ୧୧ ଜଣ ଉପଯୁକ୍ତ ଟ୍ରଷ୍ଟି ନିର୍ବାଚନପୂର୍ବକ ସମସ୍ତ ଭାର ସେମାନଙ୍କ ହାତରେ ନ୍ୟସ୍ତ କରି ନିଜେ କର୍ମକ୍ଷେତ୍ରରୁ ଅବସର ଗ୍ରହଣ କଲେ ।

## ଅବସର ଗ୍ରହଣ

ଶ୍ରୀ ଶ୍ରୀ ଠାକୁର ବିସ୍ତୃତ କ୍ଷେତ୍ର ପ୍ରସ୍ତୁତ କରି ତହିଁରେ ଯେଉଁ ବୀଜ ବପନ କଲେ, ତାହା ଯେପରି ଫଳପ୍ରସୂ ହୋଇପାରିବ, ତାହାର ଧ୍ୟାନ କରିବାକୁ ଲାଗିଲେ । କଚ୍ଛପ ଡିମ୍ବ ଦେଇ ନାନା ସ୍ଥାନରେ ବିଚରଣ କରେ, କିନ୍ତୁ ତାହାର ମନ ସବୁବେଳେ ସେହି ଡିମ୍ବ ଉପରେ ରହିଥାଏ । କଚ୍ଛପର ଏହି ଧ୍ୟାନର ତାପରେ ଡିମ୍ବ ଫୁଟେ । ସେହିପରି ସହଜ ଅବସ୍ଥାପ୍ରାପ୍ତ ମହାପୁରୁଷମାନେ ଶିଷ୍ୟ-ଭକ୍ତମାନଙ୍କ ସହିତ ମିଶି ସେମାନଙ୍କ ଦୋଷତ୍ରୁଟି ସମ୍ୟକ୍‌ରୂପେ ଅବଗତ ହୋଇ ଗୋଟିଏ ସ୍ଥାନରେ ସ୍ଥିର ଭାବରେ ବସିରହି ଶିଷ୍ୟ ଭକ୍ତମାନଙ୍କ ବିଷୟ ଚିନ୍ତା କରନ୍ତି । ପ୍ରଥମେ ଶ୍ରୀ ଶ୍ରୀ ଠାକୁର ତାଙ୍କ ଶିଷ୍ୟ ଭକ୍ତମାନଙ୍କ ସହିତ ମିଶି ସେମାନଙ୍କ ଅଜ୍ଞାନସ୍ତର ଉତ୍ତମରୂପେ ଜାଣି ସେଥିରୁ ସେମାନେ କିପରି ଉନ୍ନୀତ ହେବେ, ଏହି ଚିନ୍ତା କରିବା ପାଇଁ ନିର୍ଜନ ବାସ କରିବାକୁ ଚାଲିଆସିଲେ ।

ତତ୍ତ୍ୱଦର୍ଶୀ ମହାପୁରୁଷମାନଙ୍କୁ ଅଜ୍ଞାନତା ନାଶର ଭାର ଦିଆଯାଇଥାଏ । ଅଜ୍ଞାନତାର ପୁଣି ସ୍ତରଭେଦ ଅଛି । ବିଭିନ୍ନ ସ୍ତରର ଅଜ୍ଞାନ ନାଶର ଭାର ବିଭିନ୍ନ ତତ୍ତ୍ୱଦର୍ଶୀମାନଙ୍କ ଉପରେ ନ୍ୟସ୍ତ ହୁଏ । ଯେଉଁ ସାଧୁ ଯେତେ କ୍ଷମତାଶାଳୀ, ତାଙ୍କ ଉପରେ ସେତେ ବଡ଼ ସ୍ତରର ଭାର ପଡ଼େ । ବଡ଼ ସ୍ତର କହିଲେ କିନ୍ତୁ ଅଧିକତର ଅଜ୍ଞାନ ଅନ୍ଧକାରକୁ ବୁଝାଏ । ଯେଉଁମାନଙ୍କ ଉପରେ ଅଧିକ ଅଜ୍ଞାନନାଶର ଭାର ନ୍ୟସ୍ତ ହୁଏ, ସେମାନେ ଶିଷ୍ୟମାନଙ୍କର ଅଜ୍ଞାନର ସ୍ତର ଜାଣି ଏହି ଶିଷ୍ୟମାନଙ୍କ ଭିତରେ ଅସ୍ପବିସ୍ତୃତ କରିବା ନିମିତ୍ତ ବାହ୍ୟକର୍ମର ପ୍ରଚାର କରିବାକୁ ବାଧ୍ୟ ହୁଅନ୍ତି । ଅଧିକ ଅଜ୍ଞାନର ଭାର ବହନ କରିବାକୁ ହେଲେ ନିଜର ପତନର ମଧ୍ୟ ଯଥେଷ୍ଟ ସମ୍ଭାବନା ରହିଥାଏ । ଶଙ୍କର ଯେତେବେଳେ ତାନ୍ତ୍ରିକ-'ଉଭୟ-ଭାରତୀଙ୍କୁ ପରାସ୍ତ କରିବା ନିମିତ୍ତ କାମକଳା ତତ୍ତ୍ୱ ଶିକ୍ଷା କରିବାକୁ ରାଜା ଅମରଙ୍କ ଶରୀରରେ ପ୍ରବେଶ କରିଥିଲେ, ସେତେବେଳେ ଶଙ୍କରଙ୍କର ମଧ୍ୟ ପତନ ହୋଇଥିଲା ।

ଶିଷ୍ୟମାନଙ୍କୁ ନିଷ୍କାମ କର୍ମଯୋଗ ଭିତରେ ପୂରାଇ ନ ପାରିଲେ ସେମାନଙ୍କର ଅଜ୍ଞାନତା ନାଶ ଓ ମନୋବିକାଶ ହୋଇପାରିବ ନାହିଁ । ଏହି କର୍ମର ପ୍ରସାର କରିବାକୁ ଯାଇ ମଧ୍ୟ ତତ୍ତ୍ୱଦର୍ଶୀଙ୍କର ପତନର ଭୟ ଥାଏ । କାରଣ ଅଧ୍ୟାତ୍ମୀକରଣବଶତଃ ନାନା ଅବସ୍ଥା ଭିତରେ ନିଜକୁ ପୂରାଇ ପୁଣି ସେଠାରୁ ବାହାରିବାକୁ ପଡ଼େ । ଏହିପରି ଅବସ୍ଥାରୁ ମୁକ୍ତ ହେବାକୁ ଅନେକ ସମୟରେ ବଡ଼ କଷ୍ଟକର ହୋଇଥାଏ । ସାଧନା କରି ପ୍ରାରବ୍ଧ କ୍ଷୟ ଓ ଜ୍ଞାନଲାଭ କରିବା ସହଜ ନୁହେଁ । ସମସ୍ତଙ୍କର ସାଧନ-ଅନୁକୂଳ ଶରୀର ନୁହେଁ, ଅନେକଙ୍କର ବିଶ୍ୱାସ ମଧ୍ୟ ନାହିଁ । କାହାର ଶିକ୍ଷା ନାହିଁ, କାହାର ବ୍ରହ୍ମଚର୍ଯ୍ୟର ସାଧନା ନାହିଁ, କାହାର ବା ଆହାର୍ଯ୍ୟ ନାହିଁ । ତେଣୁ ତତ୍ତ୍ୱଦର୍ଶୀ ଗୁରୁ ସେମାନଙ୍କ ମନ ଉପରେ ପ୍ରଭୁତ୍ୱ ବିସ୍ତାର କରି ମନର ମାଳିନ୍ୟ ଦୂର କରିବା ଉଦ୍ଦେଶ୍ୟରେ ସେମାନଙ୍କୁ ନିଷ୍କାମ କର୍ମ ବା ବହୁ ଲୋକଙ୍କର ଉପକାର ହେବା ଭଳି କର୍ମରେ ପ୍ରବୃତ୍ତ କରାନ୍ତି । ଏତେ ଦ୍ରୁତ ଗତିରେ ଠାକୁରଙ୍କ କର୍ମର ପ୍ରସାର ହୋଇପଡ଼ିଲା ଯେ, ସେ ଶେଷରେ ଶିଷ୍ୟମାନଙ୍କ ଉପରେ କର୍ମ ଭାର ପକାଇ ଦେଇ ସେମାନଙ୍କ ଭିତରେ ଶକ୍ତି ସଞ୍ଚାର କରିବା ଉଦ୍ଦେଶ୍ୟରେ ପୁରୀଧାମକୁ ଚାଲି ଆସିଲେ ।

## ନୀଳାଚଳବାସୀଙ୍କ ଦୃଷ୍ଟି

ଶ୍ରୀ ଶ୍ରୀ ଠାକୁର ପୁରୀ ଆସି ପ୍ରଥମେ 'ଗିରକୁଟୀର' ନାମକ ଗୋଟିଏ ଭଡ଼ା ଘରେ ଅବସ୍ଥାନ କଲେ ପରେ ଗୋବର୍ଦ୍ଧନ ମଠ ଅଧୀନରେ ଥିବା ଗୋଟିଏ ପକ୍କା ଘର କ୍ରୟ କରି ତାହାର ନାମ **'ନୀଳାଚଳ କୁଟୀର'** ଦେଇ ସେହି ସ୍ଥାନରେ ବିଶ୍ରାମ କରିବାକୁ ଲାଗିଲେ । ପ୍ରଥମେ ଏହି ଗୋବର୍ଦ୍ଧନ ମଠବାସୀଙ୍କ ଦୃଷ୍ଟି ଠାକୁରଙ୍କ ଉପରେ ପଡ଼ିଲା । ପ୍ରତିଦିନ ବହୁସଂଖ୍ୟକ ଚିଠି, ପାର୍ଶଲ, ମନିଅର୍ଡ଼ର, ଟେଲିଗ୍ରାମ ଆସିବା ଦେଖି ଡାକ ବିଭାଗ ଓ ରେଲୱାଇ ବିଭାଗ କର୍ମଚାରୀଙ୍କ ଦୃଷ୍ଟି ମଧ୍ୟ ପଡ଼ିଲା । ସମୁଦ୍ରକୂଳରେ ଭ୍ରମଣ କରିବା ସମୟରେ ତାଙ୍କର ସୌମ୍ୟମୂର୍ତ୍ତି ଦର୍ଶନ କରି ଭ୍ରମଣକାରୀମାନଙ୍କ ଦୃଷ୍ଟି ତାଙ୍କ ପ୍ରତି ଆକୃଷ୍ଟ ହେଲା । ଅବଶେଷରେ ଲୋକେ ଜାଣିପାରିଲେ ଯେ, ଏହି 'ନୀଳାଚଳ କୁଟୀର'ରେ 'ଯୋଗୀଗୁରୁ' ପୁସ୍ତକ ପ୍ରଣେତା ସ୍ୱାମୀ ନିଗମାନନ୍ଦ ପରମହଂସ ବାସ କରୁଛନ୍ତି । ସେ ସନ୍ନ୍ୟାସୀ, ଅଥଚ ତାଙ୍କ ଘରେ ସ୍ତ୍ରୀଲୋକଙ୍କର କଣ୍ଠସ୍ୱର ଶୁଣାଯାଉଛି । ସମୁଦ୍ରତୀରରେ ଭ୍ରମଣ କରିବାବେଳେ ତାଙ୍କ ପଛରେ ସ୍ତ୍ରୀ ପିଲାମାନେ ଭ୍ରମଣ କରିବାକୁ ଯାଉଛନ୍ତି । ସେ ସାଧୁ, କିନ୍ତୁ କୌପୀନ ପରିଧାନ କରନ୍ତି ନାହିଁ । ବେଶ ପରିପାଟୀ ଠିକ୍ ବିଳାସୀ ଲୋକଙ୍କ ପରି । ଏହିସବୁ ଦେଖି ପୁରୀର ଲୋକମାନଙ୍କ ମନରେ ବିଶେଷ ସନ୍ଦେହ ଜାତ ହେଲା । ସେମାନେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ମିଶିଲେ ନାହିଁ । ଠାକୁର ଯେଉଁ ଉଦ୍ଦେଶ୍ୟ ନେଇ ପୁରୀଧାମକୁ ଆସିଥିଲେ, ଉପରୋକ୍ତ କାରଣରୁ ତାଙ୍କର ସେ ଉଦ୍ଦେଶ୍ୟ ସଫଳ ହେଲା । ଗୁରୁଙ୍କ ସହିତ ସ୍ଥୂଳ ସମ୍ପର୍କଠାରୁ ସୂକ୍ଷ୍ମ ଯେ ବେଶୀ, ତାହା ବୁଝାଇଲେ ମଧ୍ୟ ଶିଷ୍ୟ ଭକ୍ତମାନେ ନ ବୁଝିବାରୁ, ସେହିମାନଙ୍କ ମଙ୍ଗଳ କାମନା ନେଇ ଠାକୁର ପୁରୀରେ ନିର୍ଜନ ବାସ କରିବାକୁ ଆରମ୍ଭ କଲେ ।

## ପୁରୀରେ ଦୈନନ୍ଦିନ ଜୀବନ

ନିତାନ୍ତ କର୍ମକ୍ଳାନ୍ତ ଶରୀର ବିଶ୍ରାମ ସମୟରେ ନିଜକୁ ଯେପରି ଆଳସ୍ୟର କୋଳରେ ଢାଳିଦିଏ, ଶ୍ରୀ ଶ୍ରୀ ଠାକୁର ଏଠାରେ ଠିକ୍ ସେହିପରି

କରୁଥିଲେ । ତାଙ୍କର ଯେପରି ନିଦ୍ରା, ତାହା ଅନ୍ୟ ସାଧୁମାନଙ୍କଠାରେ କ୍ୱଚିତ୍ ଦେଖାଯାଏ ।

ଶ୍ରୀ ଶ୍ରୀ ଠାକୁରଙ୍କର ନୀଳାଚଳ କୁଟୀରରେ ଅବସ୍ଥାନକାଳୀନ ଦିନଚର୍ଯ୍ୟାର ସମୟସୂଚୀ ନିମ୍ନରେ ପ୍ରଦତ୍ତ ହେଲା ।

| | | | | |
|---|---|---|---|---|
| ପ୍ରାତଃ | ଘ୫-୦୦ | ରୁ | ଘ୬-୦୦ | — ଅଙ୍ଗ ସମ୍ବାହନ । |
| ” | ଘ୬-୦୦ | ରୁ | ଘ୬-୩୦ | — ତମାଖୁ ସେବନ । |
| ” | ଘ୬-୩୦ | ରୁ | ଘ୭-୦୦ | — ଶୌଚସ୍ନାନ । |
| ” | ଘ୭-୦୦ | ରୁ | ଘ୭-୩୦ | — ପ୍ରାତଃକୃତ୍ୟ-ଦନ୍ତଧାବନ ଇତ୍ୟାଦି |
| ” | ଘ୭-୩୦ | ରୁ | ଘ୮-୦୦ | — ପ୍ରାତରାଶ (ଜଳଯୋଗ) |

ଶୀତ, ଗ୍ରୀଷ୍ମ, ବର୍ଷା ଆଦି ଋତୁଭେଦରେ ଏହି ସମୟସୂଚୀ ସାମାନ୍ୟ ପରିବର୍ତ୍ତିତ ହୋଇଥାଏ । ସାଧାରଣତଃ ଘ୮-୩୦ ଠାରୁ ୯ ଘଣ୍ଟା ମଧ୍ୟରେ ସକାଳ ଜଳଯୋଗ ଶେଷ କରି ଶ୍ରୀ ଶ୍ରୀ ଠାକୁର ତଳମହଲାର ପୂର୍ବପାର୍ଶ୍ୱସ୍ଥ ପ୍ରକୋଷ୍ଠରେ ବଡ଼ମେଜପାଖ ଚୌକିରେ ବସି ଚିଠିପତ୍ରର ଉତ୍ତର ପ୍ରଦାନ ଓ ଦୈନନ୍ଦିନ ଆୟବ୍ୟୟ ହିସାବ ବା ଅନ୍ୟାନ୍ୟ ଅର୍ଥ ସମ୍ପର୍କୀୟ କାର୍ଯ୍ୟ କରନ୍ତି । ତତ୍ପରେ କିଛି ସମୟ ସମ୍ବାଦପତ୍ର ପାଠ କରନ୍ତି । କଦାଚିତ୍ ଅସମୟରେ କୌଣସି ଜିଜ୍ଞାସୁ ଆଗତ ହେଲେ, ବିଶେଷ ପ୍ରୟୋଜନରେ ତାଙ୍କ ସହିତ ଉତ୍ତରପାର୍ଶ୍ୱସ୍ଥ ଆସନବାରଣ୍ଡାରେ ବସି ଆଳାପ ଆଲୋଚନା କରିଥାନ୍ତି ।

ପୁରୀର ବାସଗୃହ ଠିକଣାରେ ସାପ୍ତାହିକ 'ବସୁମତୀ' ଓ ମାସିକ 'ଭାରତବର୍ଷ' ପତ୍ରିକା ଆସେ । ଶ୍ରୀ ଶ୍ରୀ ଠାକୁର ସକାଳେ ଓ ମଧ୍ୟାହ୍ନ ଭୋଗ ପରେ ଏହି ପତ୍ର ପତ୍ରିକା ତନ୍ନ ତନ୍ନ କରି ପାଠ କରନ୍ତି । ସାପ୍ତାହିକ 'ବସୁମତୀ' ସେତେବେଳେ ବେଶ୍ ବଡ଼ ଆକାରରେ ଥିଲା । ପ୍ରତ୍ୟହ ଗୋଟିଏ ଦୁଇଟି ପୃଷ୍ଠା ପଢ଼ି ଶେଷ କରନ୍ତି ।

ପୂର୍ବାହ୍ନ ଦଶଟାବେଳେ ଉତ୍ତରପାର୍ଶ୍ୱସ୍ଥ ବାରଣ୍ଡାରେ ତୈଳମର୍ଦ୍ଦନ ନିମିତ୍ତ ଚୌକି ଦିଆଯାଏ । ଶ୍ରୀ ଶ୍ରୀ ଠାକୁର ତା ଉପରେ ବସନ୍ତି ଓ ସେବକମାନେ ପ୍ରାୟ ୪୫ ମିନିଟ ବା ଏକ ଘଣ୍ଟା ପର୍ଯ୍ୟନ୍ତ ତାଙ୍କ ଶ୍ରୀଅଙ୍ଗରେ ତୈଳମର୍ଦ୍ଦନ କରନ୍ତି । ଶ୍ରୀ ଶ୍ରୀ ଠାକୁର ଉକ୍ତ ସମୟ ମଧ୍ୟରେ ପତ୍ରପତ୍ରିକା

ନିବିଷ୍ଟ ଚିତ୍ତରେ ପାଠ କରିବାରେ ଲାଗିଥାନ୍ତି । ଶେଷରେ ଯେତେବେଳେ ମସ୍ତକରେ ତୈଳ ବୋଳିବା ସମୟ ଆସେ, ସେତେବେଳେ ଶ୍ରୀ ଶ୍ରୀ ଠାକୁର ବାଧ୍ୟହୋଇ ଚଷମା ଖୋଲି ଧରନ୍ତି । କହିବା ବାହୁଲ୍ୟ, ଲେଖାପଢ଼ା ସମୟ ବ୍ୟତୀତ ଶ୍ରୀ ଶ୍ରୀ ଠାକୁର ଅନ୍ୟସମୟରେ ଚଷମା ବ୍ୟବହାର କରନ୍ତି ନାହିଁ ।

ତୈଳାଭ୍ୟଙ୍ଗ ପରେ ସେହି ବାରଣ୍ଡାର ଗୋଟିଏ ପ୍ରାନ୍ତରେ (ଶ୍ରେଷ୍ଠ କୋଠରୀ ସନ୍ନିକଟରେ) ଚୌକି ପକାଇ ଦୁଇଟି ବଡ଼ ବଡ଼ ବାଲ୍ଟିରେ ଜଳ ଭରାଯାଏ । ଠାକୁର ନିଜେ ଘଟରେ ଜଳ ନେଇ ଢାଳି ହୁଅନ୍ତି । ବାଲ୍ଟିଏ ଜଳ ଢାଳା ସରିଲେ ସେବକମାନେ ଗାତ୍ରମାର୍ଜ୍ଜନା କରିଦିଅନ୍ତି । ତେଲଘଷା ପରେ ଶ୍ରୀ ଶ୍ରୀ ଠାକୁରଙ୍କ କେଶ ଖୋଷାବନ୍ଧା ହୋଇଥାଏ । ଗାତ୍ରମାର୍ଜ୍ଜନ ପରେ ସେହି ଖୋଷା ଖୋଲିଦେଇ ଆଉ ଏକ ବାଲ୍ଟି ଜଳରେ ସ୍ନାନ ସମାପ୍ତ କରନ୍ତି ।

ତତ୍ପରେ ସେବକମାନେ ତାଙ୍କର ଦେହ ପୋଛିଦେଇ ମୁଣ୍ଡର କେଶ କେତେକାଂଶରେ ପୋଛିଦେଇ ସେ ନିଜେ ଦଣ୍ଡାୟମାନ ହୋଇ ନିଜେ ଗାମୁଛାରେ ଶରୀରର ନିମ୍ନାଙ୍ଗ ପୋଛିହୋଇ ଶୁଷ୍କ ବସ୍ତ୍ର ବେଢ଼ାଇ ହୋଇ ଆର୍ଦ୍ର ବସ୍ତ୍ର ତ୍ୟାଗ କରନ୍ତି । ତତ୍ପରେ କଠଉ ପିନ୍ଧି ଆସି ଚୌକିରେ ଉପବେଶନ କଲେ, ତାଙ୍କ କେଶକୁ ଭଲ କରି ପ୍ରସାଧନ କରି ସାତଟି ଜଟା ଭଜି କରିଦିଆଯାଏ । ଏହି ସମୟରେ ଶ୍ରୀ ଶ୍ରୀ ଠାକୁର ଆତ୍ମମଗ୍ନ ଅବସ୍ଥାରେ ବୋଧହୁଏ ଇଷ୍ଟମନ୍ତ୍ର ଜପ କରୁଥାନ୍ତି । ସେତେବେଳେ କି ସୁନ୍ଦର ଆନନ୍ଦମୟ ମୂର୍ତ୍ତି ତାଙ୍କର !!

ଘ ୧।୩୦ରୁ ଘ୧୨ଣ୍ଟା ମଧ୍ୟରେ ମଧ୍ୟାହ୍ନ ଭୋଗ ଅର୍ପିତ ହୁଏ । ବିଶେଷ କାରଣରୁ ବା ଉତ୍ସବାଦିରେ ଏହା ଅପେକ୍ଷା ବିଳମ୍ବ ଘଟେ ।

ମଧ୍ୟାହ୍ନ ଭୋଗ ପର୍ଯ୍ୟନ୍ତ ଶ୍ରୀ ଶ୍ରୀ ଠାକୁର ନିମ୍ନ ପ୍ରକୋଷ୍ଠରେ ଅବସ୍ଥାନ କରୁଥାନ୍ତି । ସନ ୧୯୩୯ ମସିହା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଥିଲା । ତତ୍ପରେ ତଳ ଘରର ବଡ଼ ମେଜ ଲୀଳା ମା'ଙ୍କ ପଢ଼ାପଢ଼ି ନିମିତ୍ତ ଛାଡ଼ିଦେଇ ଶ୍ରୀ ଶ୍ରୀ ଠାକୁର ସକାଳ ଜଳଯୋଗ ପରେ ଉପର ଘର ଟେବୁଲ ଉପରେ ନିଜ କାର୍ଯ୍ୟ କରୁଥିଲେ । ସେତେବେଳେ ସେ ସ୍ନାନ ନିମିତ୍ତ ପ୍ରାୟ ୧୦ଟା ବେଳେ ତଳକୁ ଓହ୍ଲାନ୍ତି ।

ମଧ୍ୟାହ୍ନ ଭୋଗ ପରେ ହସ୍ତମୁଖ ଧୌତ କରି ଥରେ ପ୍ରସ୍ରାବ କରି ଯା'ନ୍ତି । ତା'ପରେ ମନ୍ଦିରରେ ଥିବା ଚେୟାର (ଚୌକି) ପାଖରେ ତାଙ୍କୁ ବାହାରେ ବସିବାପାଇଁ ଦିଆଯାଏ, ତା ଉପରେ ପାଞ୍ଚ ସାତ ମିନିଟ ବସିସାରି ଉପରକୁ ଯାଇ ବାରନ୍ଦାରେ ଥୁଆ ଚୌକି ଉପରେ ଦୁଇ ତିନି ମିନିଟ ବିଶ୍ରାମ ନେଇଥାନ୍ତି । ଶ୍ୱାସ ହେତୁ ପାହାଚରେ ଉଠିବା ପୂର୍ବରୁ ଓ ପରେ ତାଙ୍କୁ ଏହିଭଳି ବିଶ୍ରାମ ନେବାକୁ ହେଉଥିଲା ।

ତତ୍ପରେ ଶୟନ କକ୍ଷକୁ ଯାଇ ଗ୍ଲେଟ ଖଟ ଉପରେ ପ୍ରାୟ ଘଣ୍ଟାଏ ଧରି ବିଶ୍ରାମ କରନ୍ତି । ସେତିକିବେଳେ ତାଙ୍କୁ ପାନ ଓ ତମାଖୁ ଅର୍ପଣ କରାଯାଏ । ତାହା ସେବନ କରୁଥିବାବେଳେ ପୁଣି ଚଟି ଓ ପତ୍ରପତ୍ରିକା ପଢ଼ନ୍ତି । ଅପରାହ୍ନ ୨ ଘଣ୍ଟା ବେଳେ ବଡ଼ ରୁପା ଗ୍ଲାସରେ ଗିଲାସେ ଜଳ ପାନ କରି ବଡ଼ ପଲଙ୍କରେ ଶୟନ କରନ୍ତି ଏବଂ ୨୫।୩୦ ମିନିଟ୍ ମଧ୍ୟରେ ଉଠି ତମାଖୁ ଖାଇ ପୁଣି ଚାରି କିମ୍ବା ସାଢ଼େ ଚାରିଟା ସମୟରେ ପାଇଖାନା ଯା'ନ୍ତି । ତତ୍ପରେ ହସ୍ତ, ମୁଖ ପ୍ରକ୍ଷାଳନ କରି ପ୍ରାୟ ପାଞ୍ଚଟାବେଳେ ସମୁଦ୍ର-ତୀର ସାନ୍ଧ୍ୟଭ୍ରମଣ ନିମିତ୍ତ ଯାଇ ସାଢ଼େ ଛଅଟା କିମ୍ବା ୭ ଘଣ୍ଟା ବେଳେ ଫେରି ଆସିଲେ ମନୁ ମା' (ଲୀଳା) ତାଙ୍କୁ ଧୂପ ଦାନ ଓ ପ୍ରଣାମ କରନ୍ତି, ସ୍ତୋତ୍ରପାଠ କରନ୍ତି । ତତ୍ପରେ କିଛି ଫଳ, ମିଷ୍ଟାନ୍ନ ଓ ଭାଙ୍ଗ ଖାଇ ଠାକୁର ଉପରକୁ ଯା'ନ୍ତି । ଯେଉଁଦିନ ଠାକୁର ବୁଲି ନ ଯା'ନ୍ତି ସେଦିନ ଗୃହ ଉପରେ ଚେୟାରରେ ଉପବେଶନ କରନ୍ତି । କିନ୍ତୁ ଦର୍ଶନାର୍ଥୀ କେହି ଥିଲେ ସାନ୍ଧ୍ୟ ଜଳଯୋଗ ପରେ ଆସନ ବାରନ୍ଦାରେ ଆସି ବସନ୍ତି । ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ହୁଏତ ବୁଲିଯିବା ବନ୍ଦ ହୁଏ । ସେଦିନ ଦର୍ଶନାର୍ଥୀ କେହି ଥିଲେ, ଠାକୁର ଗୃହରେ ନ ବସି ତଳେ ବାରନ୍ଦାରେ ବସି ଗଳ୍ପ କରନ୍ତି ବା ଉପଦେଶ ଦାନ କରନ୍ତି ।

ସାଧାରଣତଃ ସାନ୍ଧ୍ୟ ଭୋଗ ପରେ ଶ୍ରୀ ଶ୍ରୀ ଠାକୁର ରାତ୍ରି ନଅଟା ପର୍ଯ୍ୟନ୍ତ ଉପର ବାରନ୍ଦାରେ ଗ୍ଲେଟ ଖଟରେ ଅଥବା ଗ୍ରୀଷ୍ମ କାଳ ହୋଇଥିଲେ ଶୀତଳପଟି ପକାଇ ସେହି ବିଛଣାରେ ଗୋଲ ତକିଆକୁ ଆଉଜି ଅର୍ଦ୍ଧଶାୟିତ ଭାବରେ ଚକ୍ଷୁ ବୁଜି ହୋଇ ନିଜ ଭାବରେ ମଗ୍ନ ଥାନ୍ତି ।

ଅପରାହ୍ଣରେ ନିଦ୍ରାରୁ ଉଠି ଶ୍ରୀ ଶ୍ରୀ ଠାକୁର ଜଟାଗୁଡ଼ିକୁ ନିଜେ ଖୋଷା ଭଳି ଏକାଠି ବାନ୍ଧି ଦିଅନ୍ତି । ସନ୍ଧ୍ୟାରେ ବିଶ୍ରାମ ସମୟରେ ସେବକମାନେ ଅଙ୍ଗସମ୍ମାର୍ଜ୍ଜନପୂର୍ବକ କେଶ ପ୍ରସାଧନ କରି ଦୁଇଟି ବେଣୀ କରି ପଶ୍ଚାତ୍ଦିଗରେ ଖୋଷା ମୋଡ଼ିବା ଭଳି କରିଦିଅନ୍ତି ।

ରାତି ନଅଟାରୁ ନଅଟା ତିରିଶ ମିନିଟ ସମୟ ମଧ୍ୟରେ ରାତ୍ରି ଭୋଗ ହୁଏ । ଭୋଗ ପରେ ପୁନଶ୍ଚ ଉପର ବାରନ୍ଦାରେ ସନ୍ଧ୍ୟାବେଳେ ପରାଯାଇଥିବା ବିଛଣା ଉପରେ ବୀରାସନରେ କିଛିକ୍ଷଣ ବସିସାରି ଅଧାଗୁଆ ହୋଇ ପାନ ତମାଖୁ ଖାଆନ୍ତି । ପ୍ରାୟ ରାତ୍ରି ଏଗାରଟା ପାଖାପାଖି ଗିଲାସେ ଜଳପାନ କରି ଶଯ୍ୟା ଗ୍ରହଣ କରନ୍ତି । ସାଧାରଣତଃ ରାତ୍ରି ଦୁଇଟା ଅଢ଼େଇଟା ପରେ ତାଙ୍କର ନିଦ୍ରାଭଙ୍ଗ ହୋଇଥାଏ ।

ଦିବାରାତି ମଧ୍ୟରେ ତାଙ୍କୁ ଚାରିଥର ଜଳପାନ କରିବାର ଦେଖାଯାଏ । ଦୁଇଥର ପାଇଖାନାକୁ ଦିନବେଳା ଯାଆନ୍ତି ଏବଂ ରାତ୍ରିରେ ଆହାରାନ୍ତେ ଦୁଇଥର ପ୍ରସ୍ରାବ କରି ଯାʼନ୍ତି । ଏତଦ୍‌ବ୍ୟତୀତ ରାତ୍ରିରେ ଥରେ ଉଠି ପ୍ରସ୍ରାବ କରିସାରି ଜଳପାନ କରନ୍ତି । କଦାଚିତ୍ ତାଙ୍କୁ ଅସମୟରେ ଶୌଚ ଯିବା ବା ପ୍ରସ୍ରାବ କରିବାର ଦେଖାଯାଏ । ଶ୍ୱାସ ହେତୁ ଶେଷ ଆଡ଼କୁ ସେ ଏକାଦଶୀ ପାଳନ କରୁଥିଲେ । ସେଦିନ ଦ୍ୱିପ୍ରହରେ ଗିଲାସେ ସରବତ୍ ଓ ସନ୍ଧ୍ୟାରେ ଏକ ଚିଲମ ଗଞ୍ଜେଇ ବ୍ୟତୀତ ଅନ୍ୟ କିଛି ଗ୍ରହଣ କରୁ ନ ଥିଲେ ।

ଶ୍ରୀ ଶ୍ରୀ ଠାକୁର ଏତେ କମ ଖାଆନ୍ତି ଯେ ତାହା ପ୍ରତ୍ୟକ୍ଷଦର୍ଶୀ ବ୍ୟତୀତ ଅନ୍ୟ କେହି ବିଶ୍ୱାସ କରିବେ ନାହିଁ । କେବଳ ଦିବାରାତ୍ରି ମଧ୍ୟରେ ଦୁଇଥରରେ ଥରକେ ଅଧସେର ଲେଖାଏଁ କ୍ଷୀର ପାନ କରନ୍ତି । ଉଲ୍ଲେଖଯୋଗ୍ୟ ଆହାର ଏତିକି ମାତ୍ର । ହସ୍ତବାଡ଼ିରେ ଷୋଡ଼ଶ ଭୋଗ ହୋଇଥାଏ ସତ୍ୟ; କିନ୍ତୁ ଠାକୁର ସର୍ବଦା ମିତାହାରୀ । ସାଧାରଣତଃ ଠାକୁରଙ୍କ ଆହାର ଥିଲା ଅତି ସାତ୍ତ୍ୱିକ ଏବଂ ମସ୍ତିଷ୍କ ଗଠନର ଉପଯୋଗୀ । *

---

* ବିଶେଷ ବିବରଣୀ ଜାଣିବାକୁ ହେଲେ "ନୀଳାଚଳେ ଠାକୁର ଜଗମାନନ୍ଦ" ପୁସ୍ତକର 'ଅବିସ୍ମରଣୀୟ' ଅଧ୍ୟାୟ ଦ୍ରଷ୍ଟବ୍ୟ ।

## ଶ୍ରୀ ଶ୍ରୀ ଠାକୁରଙ୍କ ନିଦ୍ରା

ଏଠାରେ ବିଶ୍ରାମ କରୁଥିବା ସମୟରେ ଶ୍ରୀ ଶ୍ରୀ ଠାକୁର ଯେତେବେଳେ ନିଦ୍ରିତ ଥାନ୍ତି, ପୌଷମାସ ବ୍ୟତୀତ ଅନ୍ୟ ସବୁ ସମୟରେ ପ୍ରାୟ ସମସ୍ତ ରାତି ତାଙ୍କୁ ପଙ୍ଖା କରିବାକୁ ପଡ଼େ । ପୌଷମାସରେ ମଧ୍ୟ ସମୟ ସମୟରେ ପଙ୍ଖା ଆବଶ୍ୟକ ହୁଏ । ପଙ୍ଖା କରୁଥିବାବେଳେ ବ୍ରହ୍ମଚାରୀ ସେବକମାନଙ୍କ ହାତ ଟିକିଏ ଶିଥିଳ ହେଲା ମାତ୍ରେ ଯେତେ ରାତି ହେଉ ପଛକେ ଠାକୁର 'ଉହୁ' କରିଉଠନ୍ତି । ହାତ ବଦଳାଇବା ସମୟରେ ମଧ୍ୟ 'ଉହୁ' ଶବ୍ଦ ଶୁଣାଯାଏ । ଯଦି କେହି ଏହି ପ୍ରକୋଷ୍ଠ ଭିତରେ ନିଃଶବ୍ଦ ପାଦ ସଞ୍ଚାରଣ କରନ୍ତି କିମ୍ବା ଗାଢ଼ ନିଦ୍ରା ହୋଇ ଭାବି ନିମ୍ନ ସ୍ୱରରେ କଥା କହନ୍ତି, ତତ୍‌କ୍ଷଣାତ୍ ଶ୍ରୀ ଶ୍ରୀ ଠାକୁର ସେହି ଶବ୍ଦରେ ଅସ୍ଥିର ହୋଇପଡ଼ନ୍ତି । କିନ୍ତୁ ସମୟ ସମୟରେ ଖୁବ୍ ଉଚ୍ଚ ସ୍ୱରରେ କଥା କହୁଥିଲେ ମଧ୍ୟ ତାଙ୍କ ନିଦ୍ରାରେ ବ୍ୟାଘାତ ହୁଏ ନାହିଁ । ଥରେ ନିକଟବର୍ତ୍ତୀ ଘରେ ନିଆଁ ଲାଗିଗଲା । ବହୁ ଲୋକ ଆସି ପାଟିଗୋଳ କଲେ; କିନ୍ତୁ ଠାକୁରଙ୍କ ନିଦ୍ରାରେ କୌଣସି ବ୍ୟାଘାତ ହେଲା ନାହିଁ । ଏହି ପ୍ରସଙ୍ଗରେ ଠାକୁର କହିଥିଲେ, "ନିଆଁ ଲାଗି ଏତେ ଗୋଳମାଳ ହେଲା, ମୁଁ ଅଗ୍ନିନିର୍ବାପନର ମନ୍ତ୍ର ଜାଣେ, ନିଆଁ ଲାଗିଥିବା କଥା ଜାଣିପାରିଥିଲେ, ତାହା ଲିଭାଇଦେଇ ପାରିଥାନ୍ତି ।" * ଶ୍ରୀ ଶ୍ରୀ ଠାକୁରଙ୍କ ନିଦ୍ରା ଶିଷ୍ୟ ଭକ୍ତମାନଙ୍କ ମଙ୍ଗଳ ଚିନ୍ତା ବ୍ୟତୀତ ଅନ୍ୟ କିଛି ନୁହେଁ ।

## ଶ୍ରୀ ଶ୍ରୀ ଠାକୁରଙ୍କ ଯୋଗନିଦ୍ରା

ପ୍ରଶ୍ନ ଉଠିପାରେ ଯେ, ଜଣେ ଜଣକର ଚିନ୍ତା କରି କିପରି ମଙ୍ଗଳ କରିପାରିବ ? କିନ୍ତୁ ସାଧୁମାନଙ୍କର ଆତ୍ମବିସ୍ମୃତି ଯେ ମଙ୍ଗଳର ନିଦାନ, ତାହା ସହଜରେ ବୁଝାଯାଏ । ଯୋଗନିଦ୍ରା ସାହାଯ୍ୟରେ ଶିଷ୍ୟମାନଙ୍କ ଭିତରେ ନିଜକୁ ସମ୍ପ୍ରସାରିତ କରିଦେଇ ଗୁରୁ ସେମାନଙ୍କୁ ତାଙ୍କ ଆଡ଼କୁ

---

* ଏହି ଅଗ୍ନି ନିର୍ବାପନ କୌଶଳ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଣୀତ 'ଯୋଗୀଗୁରୁ' ପୁସ୍ତକରେ ବିଶଦ ଭାବରେ ଉଲ୍ଲେଖ ଅଛି ।

ଆକର୍ଷଣ କରନ୍ତି । ଗୁରୁଙ୍କ ଆଡ଼କୁ ଶିଷ୍ୟ ଆକର୍ଷିତ ହେଲେ ଶିଷ୍ୟର ଅନ୍ୟ ବିଷୟ ପ୍ରତି ଥିବା ଆସକ୍ତି କମେ କମିଆସେ । ଗୁରୁଙ୍କର ପ୍ରବଳ ଆକର୍ଷଣ ଦ୍ୱାରା ହିଁ ଶିଷ୍ୟମାନଙ୍କର ମଙ୍ଗଳ ସାଧିତ ହୁଏ । କାରଣ ଯାହା ସତ୍ୟ, ସୁନ୍ଦର, ନିର୍ମଳ, ସେହି ଆଡ଼କୁ ଶିଷ୍ୟମାନେ ଯେତେଦୂର ଆକୃଷ୍ଟ ହୋଇ ଆସନ୍ତି, ସେମାନଙ୍କର ସେତିକି ମନୋବିକାଶହୋଇ ମୋହନିଦ୍ରାର ଅବସାନ ହୁଏ । ସେତେବେଳେ ସେମାନେ ଗୁରୁଙ୍କୁ ସମ୍ୟକ୍ ବୁଝିପାରି ତାଙ୍କୁ ଅତି ସୁନ୍ଦର ବୋଲି ଅନୁଭବ କରିପାରନ୍ତି । ଅପର ଲୋକେ ଶିଷ୍ୟମାନଙ୍କର ଏହି ଭାବର କାରଣ ଖୋଜି ବାହାର କରିପାରନ୍ତି ନାହିଁ । ଜଣେ ଲୋକ କାହିଁକି ଯେ ଅନ୍ୟକୁ ଦେଖି ମୁଗ୍ଧ ହୁଏ, ତାହା ଅପର ବ୍ୟକ୍ତି ଦେଖି କିଛି ବୁଝି ନ ପାରି ଅବଜ୍ଞା କରନ୍ତି । କିନ୍ତୁ ସେମାନଙ୍କ ଅବଜ୍ଞା ଯେ, ଅଜ୍ଞାନପ୍ରସୂତ, ତାହା ସେମାନେ ବୁଝିପାରନ୍ତି ନାହିଁ । ଭଗବାନଙ୍କ ସହିତ ମିଳିତ ହେଲେ, ପ୍ରକୃତରେ ଆତ୍ମବିସ୍ମୃତି ଘଟେ । ସୁତରାଂ ଶ୍ରୀ ଶ୍ରୀ ଠାକୁରଙ୍କ ନିଦ୍ରା ଶିଷ୍ୟ-ମାନଙ୍କର ମଙ୍ଗଳ ଚିନ୍ତା ଭିନ୍ନ ଅନ୍ୟ କିଛି ନୁହେଁ ।

ଠାକୁର ଶୋଇଥିବା ଅବସ୍ଥାରେ ବେଳେ ବେଳେ ଏପରି ଦେଖନ୍ତି ଯେ, ସମଗ୍ର ଗୃହ ଜ୍ୟୋତିର୍ମୟ ଦେଖାଯାଉଥାଏ—ଅଥଚ ଆଖି ମେଲି କରି ଚାହିଁଲେ ଘୋର ଅନ୍ଧକାର । ତାଙ୍କର ପୁଣି ଏପରି ଅବସ୍ଥା ଆସିଥିଲା ଯେ, ସେ ଗୋଟିଏ ପାଖକୁ ମୁହଁ କରି ଶୋଇଥିଲେ ସୁଦ୍ଧା ଅନ୍ୟପାଖର ସମସ୍ତ ଦ୍ରବ୍ୟ ତାଙ୍କୁ ପରିଷ୍କାର ଦେଖାଯାଉଥାଏ । ତାଙ୍କର ଦୃଷ୍ଟି ଏତେ ପ୍ରସାରିତ ହୋଇ ଯାଇଥିଲା ଯେ, ତାହା କାନ୍ଥ ଭେଦ କରି ବହୁଦୂର ଚାଲିଯାଏ । ତାଙ୍କ ଦୃଷ୍ଟିରେ କାନ୍ଥ ଦର୍ପଣ ପରି ପ୍ରତୀୟମାନ ହୁଏ । ସେ ଏହି ଯୋଗନିଦ୍ରାରେ ଥିଲାବେଳେ ଦୂରରୁ ଚୁପଚାପ୍ କଥା ସବୁ ଶୁଣିପାରନ୍ତି ।

ଶ୍ରୀ ଶ୍ରୀ ଠାକୁର ଦେହକୁ ନିଜ ବଶରେ ରଖି ନିଦ୍ରା ଯାଆନ୍ତି ଓ ନିଦ୍ରା-ବସ୍ଥାରେ ମଧ୍ୟ ନିଜେ ଜାଗ୍ରତ ରହିଥାନ୍ତି । ପୂର୍ବରୁ ଚିତ୍ତ ଯେଉଁ ଅବସ୍ଥାରେ ଥିଲା, ନିଦ୍ରା ହେଲେ ମଧ୍ୟ ଠିକ୍ ସେହି ଅବସ୍ଥାରେ ଥାଏ । ପୂର୍ବର ସମସ୍ତ ଚିନ୍ତା ଭାବନା ଠିକ୍ ସେହିଭଳି ଚାଲିଥାଏ । ଏହାକୁ 'ଯୋଗନିଦ୍ରା' କହନ୍ତି । ଏ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି—"ଆମ୍ଭମାନଙ୍କ ନିଦ୍ରା ଓ ସାଧାରଣଙ୍କ ନିଦ୍ରା ଭିତରେ ବହୁତ ପାର୍ଥକ୍ୟ ଅଛି । ଆମ

ନିଦ୍ରାକୁ 'ଯୋଗନିଦ୍ରା' କୁହାଯାଏ । ଶୋଇବା ପୂର୍ବରୁ ମୋତେ ଅନ୍ଧକାର ଦେଖାଯାଏ ଓ ପରେ ସବୁ ଆଲୋକମୟ ହୋଇଯାଏ । ମୁଁ ଇଚ୍ଛାକଲେ ଯେକୌଣସି ଚିନ୍ତା ନେଇ ନିଦ୍ରା ମଧ୍ୟରେ ଜାଗ୍ରତ ରହିପାରେ । ମୋର ଏପରି ଅବସ୍ଥା ଆସିଯାଇଛି ଯେ, ମୋ ପାଖରେ ସବୁ ଏକାକାର । କେଉଁଟା ଯେ ଜାଗ୍ରତ ଓ କେଉଁଟା ଯେ ନିଦ୍ରା, ତାହା ଠିକ୍ କରି ହୁଏ ନାହିଁ । ଦିନେ ସ୍ୱପ୍ନରେ ତାଜମହଲ ଦେଖିଲି । ତା ପରେ ପ୍ରକୃତରେ ତାଜମହଲ ଦେଖି ଜାଣି ପାରିଲି ଯେ ଏହା ଠିକ୍ ସେହିପରି ।"

## ଯୋଗନିଦ୍ରାର ସାଧନ

"ତୁମେମାନେ ନିଦ୍ରାଯିବା ପୂର୍ବରୁ ପ୍ରଥମେ ଆଖି ବୁଜି ଗୋଟିଏ ଜ୍ୟୋତିବିନ୍ଦୁ ଧାରଣା କରିବ । ପ୍ରଥମେ ସେ ବିନ୍ଦୁ ଚଳଚଳ ହେବ । ଭ୍ରୂ ମଧ୍ୟରେ ବିନ୍ଦୁଟିକୁ ଧାରଣା କରିବ କିମ୍ବା ଶରୀରର ଚତୁର୍ଦ୍ଦିଗରେ ବିଦ୍ୟୁତ୍‌ମୟ ଚିନ୍ତା କରିବ । ଏହି ଚିନ୍ତା ଫଳରେ ଶରୀର ମଧ୍ୟରେ ବିଦ୍ୟୁତ୍ ପ୍ରକାଶିତ ହେବ । ଏହା ବ୍ୟତୀତ 'ଜୟଗୁରୁ' 'ଜୟଗୁରୁ' ଜପ କରି ଓ ଧ୍ୟାନ କରି ନିଦ୍ରାଗଲେ ଆହୁରି ଉତ୍ତମ । ଏହା ଦିନକ ଭିତରେ ହେବ ନାହିଁ । ଅଭ୍ୟାସ କରୁ କରୁ ଯେତେଦିନ ଯାଉ ପଛକେ ନିଶ୍ଚୟ ଫଳ ପାଇବ । ତୁମେମାନେ କେବଳ ଏହି ପ୍ରକ୍ରିୟାଟି ଅଭ୍ୟାସ କଲେ ଦେଖିବ, ତେବେ ଦୀର୍ଘକାଳବ୍ୟାପୀ କୁଚ୍ଛ୍ର ଯୋଗସାଧନାର ଫଳ ଅନାୟାସରେ ଲାଭ କରିପାରିବ ।"

## 'ନୀଳାଚଳ ସାରସ୍ୱତ ସଂଘ' ସ୍ଥାପନ

ଶ୍ରୀ ଶ୍ରୀ ଠାକୁର ନୀଳାଚଳରେ ଆତ୍ମଗୋପନ କରି ବାସ କରୁଥିଲେ ମଧ୍ୟ ଓ ବାହାରେ ବିଳାସୀ ବଡ଼ଲୋକଙ୍କ ପରି ଦେଖାଯାଉଥିଲେ ମଧ୍ୟ ଉତ୍କଳର କେତେଜଣ ଅନୁସନ୍ଧିତ୍ସୁ ନରନାରୀ ତାଙ୍କର ସ୍ୱରୂପ ବୁଝିପାରି ତାଙ୍କ ଚରଣାଶ୍ରୟ ଲାଭ କଲାପରେ ଠାକୁର ସେମାନଙ୍କୁ ସଂଘବଦ୍ଧ ହେବା ନିମିତ୍ତ ଆଦେଶ ଦେଇ ୧୯୩୪ ମସିହା ଅଗଷ୍ଟ ୨୪ ତାରିଖ ଝୁଲଣ ପୂର୍ଣ୍ଣିମା ଦିବସରେ ନିଜେ 'ନୀଳାଚଳ ସାରସ୍ୱତ ସଂଘ' ସ୍ଥାପନ କରି 'ଆଦର୍ଶ ଗୃହସ୍ଥ ଜୀବନ ଗଠନ', 'ସଂଘ ଶକ୍ତିର ପ୍ରତିଷ୍ଠା', 'ଭାବ ବିନିମୟ' ଓ 'ନୀତିପାଳନ'

କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହି ସଂଘସ୍ଥିତ ଶିଷ୍ୟଭକ୍ତମାନଙ୍କ ନିକଟରେ ସହଜ ଭାବରେ ନିଜକୁ ଧରା ଦେଇଥିଲେ ।

ଏତଦ୍‌ବ୍ୟତୀତ ଶ୍ରୀ ଶ୍ରୀ ଠାକୁର ଉପଦେଶ ଦେଇଥିଲେ, "ତୁମେମାନେ ପ୍ରତ୍ୟେକେ ନିଜ ନିଜ ଘରେ ଗୁରୁଙ୍କ ପ୍ରତିମୂର୍ତ୍ତି ଆସନରେ ସ୍ଥାପନ କରି ତୁମ ଦେଶର ରୀତି ଅନୁଯାୟୀ ସେହି ପ୍ରତିମୂର୍ତ୍ତିକୁ ପୂଜା କରିବ ଏବଂ ମୋର ସେହି ପ୍ରତିମୂର୍ତ୍ତିକୁ ସଂଘର ଅଧୀଶ୍ୱର ବା କର୍ତ୍ତା ଜ୍ଞାନରେ ଆସନରେ ପ୍ରତିଷ୍ଠିତ ରଖି ମୋର ଉପଦେଶଗୁଡ଼ିକୁ ପାଳନ କରିବାକୁ ସଚେଷ୍ଟ ରହିବ । ତୁମମାନଙ୍କର ସମସ୍ତ କଥା ମୋ ନିକଟରେ ଅକପଟ ଭାବରେ ବ୍ୟକ୍ତ କରିବ, କିଛି ଗୋପନ କରିବ ନାହିଁ ।" *

## କୁମ୍ଭମେଳାରେ ସାଧୁମହାତ୍ମାଙ୍କ ଦ୍ୱାରା ଶ୍ରୀ ଶ୍ରୀ ଠାକୁରଙ୍କ ଅଭ୍ୟର୍ଥନା

ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ଶିଷ୍ୟଭକ୍ତମାନେ କୁମ୍ଭମେଳାକୁ ଯାଇଥିଲେ । ହରିଦ୍ୱାରରେ ତାଙ୍କର ବିପୁଳ ସମ୍ବର୍ଦ୍ଧନା ହେଲା । ଗୁଜୁରାଟୀ, ତେଲୁଗୁ, ଏପରିକି ପଶ୍ଚିମା-ସାଧୁମାନେ ମଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ଶୋଭାଯାତ୍ରାରେ ଯୋଗଦାନ କରି ତାଙ୍କର ପ୍ରୀତିବର୍ଦ୍ଧନ କଲେ । ଏଥିପୂର୍ବରୁ ଆଉ ଥରେ ଶ୍ରୀ ଶ୍ରୀ ଠାକୁର କୁମ୍ଭମେଳାକୁ ଯାଇଥିଲେ । ସେଥର ତାଙ୍କ ସହିତ ଅଳ୍ପ କେତେଜଣ ଶିଷ୍ୟ ଓ ସେବକ ଥିଲେ । କୁମ୍ଭମେଳାକୁ ବହୁ ପ୍ରସିଦ୍ଧ ସାଧୁ ଆସନ୍ତି । ସେମାନେ ସ୍ଥାନେ ସ୍ଥାନେ ନିଜ ନିଜ ଶିଷ୍ୟ ସେବକମାନଙ୍କୁ ନେଇ ଆସ୍ଥାନ ଜମାଇ ବସି ମେଳାର ମାହାତ୍ମ୍ୟ ବୃଦ୍ଧି କରନ୍ତି । ଠାକୁର ସେଥର ସିଦ୍ଧ ସାଧୁ ଗମ୍ଭୀରନାଥ ବାବା, ବଡ଼ବଜାର ମହାପ୍ରଭୁ, ଅନନ୍ତାନନ୍ଦଜୀ ଓ ହୃଷିକେଶର ନେପାଳୀ ବାବାଙ୍କ କର୍ତ୍ତୃକ କିପରି ଭାବରେ

---

* "ନୀଳାଚଳ ବାଣୀ, ତା ୨୩ । ୮ । ୧୯୩୪ ଗୁରୁବାର ଏବଂ "ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ" ପୁସ୍ତକର ୧୪ଶ ପରିଚ୍ଛେଦର "ଇଷ୍ଟ ଓ ଶ୍ରୀ ଶ୍ରୀ ଠାକୁର" ଅଧ୍ୟାୟ ଦ୍ରଷ୍ଟବ୍ୟ ।

ସମାଦୃତ ହୋଇଥିଲେ, ତାହା ପ୍ରତ୍ୟକ୍ଷଦର୍ଶୀ ଶ୍ରଦ୍ଧେୟ ଗୁରୁଭ୍ରାତା ଶ୍ରୀଯୁକ୍ତ କ୍ଷୋଦାଦାସ ଭଟ୍ଟାଚାର୍ଯ୍ୟଙ୍କ ନିମ୍ନ ବବୃତରୁ ଜଣାପଡ଼ିବ । 'ମୁଁ ଗତ ୧୩୬୦ ସାଲରେ ଶ୍ରୀ ଶ୍ରୀ ଠାକୁରଙ୍କର ପଦାଶ୍ରୟ ଲାଭ କଲି । ପଦାଶ୍ରୟ ଗ୍ରହଣ କରିବାର କିଛି ଦିନ ପରେ ଶ୍ରୀ ଶ୍ରୀ ଠାକୁରଙ୍କ ସମ୍ବନ୍ଧରେ କେତେଗୁଡ଼ିଏ କୁତ୍ସା ଶୁଣିବାକୁ ପାଇଲି । ଏଥିରେ ଅବଶ୍ୟ ଠାକୁରଙ୍କର ପ୍ରତି ମୋର କୌଣସି ଭାବାନ୍ତର ହେଲା ନାହିଁ । କାରଣ ତାଙ୍କର ପ୍ରଥମ ଦର୍ଶନରେ ସେ ଜଣେ ଅସାଧାରଣ ସାଧୁ ବୋଲି ମୋର ମନେ ହୋଇଥିଲା । ସେହିବର୍ଷ ହରିଦ୍ୱାରରେ କୁମ୍ଭମେଳା । ମୁଁ ସେଥର ହରିଦ୍ୱାରକୁ ଯାଇ ଠାକୁରଙ୍କର ଚରଣବନ୍ଦନ ପୂର୍ବକ କହିଲି, 'ଠାକୁର, ଆମେ ସମସ୍ତେ ଗୃହୀ । ଏହି ମହାତୀର୍ଥକୁ ଆସି ଆମମାନଙ୍କୁ କଅଣ କରିବାକୁ ହେବ, କୁହନ୍ତୁ ।' ଶ୍ରୀ ଶ୍ରୀ ଠାକୁର କହିଲେ, 'ଏଠାରେ ବ୍ରହ୍ମକୁଣ୍ଡ ଏବଂ କୁଶାବର୍ତ୍ତ ଘାଟରେ ସ୍ନାନ ଓ ସାଧୁ ମହାତ୍ମାମାନଙ୍କୁ ଦର୍ଶନ, ବନ୍ଦନ ଭିନ୍ନ ଅନ୍ୟ କିଛି କରିବାକୁ ହେବ ନାହିଁ ।' ତାହା ଶୁଣି ମୁଁ କହିଲି, 'ଆଚ୍ଛା, ଠାକୁର, ଏଠାରେ ତ ସାଧୁ ସନ୍ନ୍ୟାସୀ ବହୁତ, ଆମେ ସାଧୁ ମହାତ୍ମା ଚିହ୍ନିବୁ କପରି ?' ଏହା ଶୁଣି ଶ୍ରୀ ଶ୍ରୀ ଠାକୁର ସାଧୁ ମହାତ୍ମାଙ୍କ ଦର୍ଶନ ନିମିତ୍ତ ଚାଲିଲେ । ସାଙ୍ଗରେ ମୁଁ, ବନମାଳୀ ଓ ସ୍ୱାମୀ ଯୋଗାନନ୍ଦ ଥାଉ ।

"ପ୍ରଥମରେ ଜଣେ ସାଧୁ ଆମମାନଙ୍କୁ ବାବା ଗମ୍ଭୀରନାଥଙ୍କ ଆଶ୍ରମକୁ ନେଇଗଲେ । ଯିବା ପୂର୍ବରୁ ଶ୍ରୀ ଶ୍ରୀ ଠାକୁର ଆମମାନଙ୍କୁ କହିଲେ, "ଦେଖ, ସାଧୁ ମହାତ୍ମାଙ୍କୁ ଦର୍ଶନ କରିବା ସମୟରେ ତାଙ୍କର ଚରଣ ସ୍ପର୍ଶ କରି ପ୍ରଣାମ କରିବ । ହାତ ଟେକି ପ୍ରଣାମ କରିବ ନାହିଁ । ସାଧୁ ମହାତ୍ମାମାନଙ୍କୁ ପ୍ରଣାମ କଲେ ସେମାନେ ଆଶୀର୍ବାଦ କରନ୍ତି ଓ ସେ ଆଶୀର୍ବାଦର ମୂଲ୍ୟ ଅତି ଅଧିକ ।" ଆମେମାନେ ବାବା ଗମ୍ଭୀରନାଥଙ୍କ ଆଶ୍ରମକୁ ଯାଉ ଯାଉ ବାବା ଗମ୍ଭୀରନାଥ ନିଜେ ଉଠି ଠିଆହୋଇ ଠାକୁରଙ୍କୁ ଅଭ୍ୟର୍ଥନା କରି ବସିବାକୁ କହିଲେ । ଦୁହେଁ ନୀରବଭାବରେ ବସି ରହିଲେ, କେହି କାହାକୁ କିଛି କହିଲେ ନାହିଁ । କିନ୍ତୁ ପରସ୍ପର ମଧ୍ୟରେ ଦେହ ହଲହଲି, ଚକ୍ଷୁ ଫେରାଫେରି ଇତ୍ୟାଦି ନିର୍ବାକ୍ ଆଳାପ ହେଲା । ଆମେସବୁ କିଛି ବୁଝିପାରିଲୁ ନାହିଁ । କିଛିକ୍ଷଣ ପରେ ଶ୍ରୀ ଶ୍ରୀ ଠାକୁର ଉଠିଲେ । ବାବା ଗମ୍ଭୀରନାଥ ମଧ୍ୟ କିଛି ଦୂର ଆସି ତାଙ୍କୁ ପାରୁଛିଟି ଦେଇଗଲେ ।

"ଆଜ୍ଞ ହରେ ଶ୍ରୀ ଶ୍ରୀ ଠାକୁର ବଡ଼ବଜାରର ମହାପ୍ରଭୁ, ଅନନ୍ତାନନ୍ଦଜୀ, ନେପାଳୀ ବାବା ଓ ଅନ୍ୟାନ୍ୟ ଅନେକ ସାଧୁ ମହାତ୍ମାଙ୍କ ଦର୍ଶନ କରାଇ-ଦେଲେ । ଆଶ୍ଚର୍ଯ୍ୟର ବିଷୟ, ବାବା ଗମ୍ଭୀରନାଥ ଯେଉଁ ଭାବରେ ଆଳାପ ଅଭ୍ୟର୍ଥନା କରିଥିଲେ, ସମସ୍ତେ ଠିକ୍ ସେହି ପ୍ରକାରର ଅଭ୍ୟର୍ଥନା କଲେ । ଶ୍ରୀ ଶ୍ରୀ ଠାକୁରଙ୍କୁ ମୁଁ କହିଲି, 'ଠାକୁର, ଆପଣ ଏପରି ଯେ ଠାରଠାରେ ହୋଇ କଥାବାର୍ତ୍ତା ହେଲେ, ଏହାର ତାତ୍ପର୍ଯ୍ୟ କ'ଣ ?' ଶ୍ରୀ ଶ୍ରୀ ଠାକୁର କୌଣସି ଉତ୍ତର ଦେଲେ ନାହିଁ ।

"ସେଠାରେ ଶ୍ରୀ ଶ୍ରୀ ଠାକୁର ବିଳାସୀଙ୍କ ପରିଚ୍ଛେଦରେ ବାହାରେ ଭ୍ରମଣ କରୁଥିଲେ ମଧ୍ୟ ଦେଶର ସ୍ତ୍ରୀ, ପୁରୁଷ ଓ ଗୃହୀ ସନ୍ନ୍ୟାସୀମାନେ ତାଙ୍କୁ ଅଭିବାଦନ କରନ୍ତି । ମୁଁ କେତେଥର ପଚାରିଛି, 'ଠାକୁର, ତୁମ ଆକୃତିରେ ଏପରି କି ଲକ୍ଷଣ ଅଛି ଯେ, ଯାହା ଦେଖି ଏ ଦେଶର ସାଧାରଣ ଲୋକେ ମଧ୍ୟ ତୁମର ପଦବନ୍ଦନା କରୁଛନ୍ତି ?' ଶ୍ରୀ ଶ୍ରୀ ଠାକୁର କହିଲେ, "ଏ ଦେଶର ଲୋକେ ସାଧୁ ମହାତ୍ମା ଚିହ୍ନନ୍ତି । ତୁମେମାନେ ବା ମୋତେ କ'ଣ ଚିହ୍ନିବ ? ପ୍ରସିଦ୍ଧ ସାଧୁମାନେ ମୋ ସହିତ କପରି ବ୍ୟବହାର କଲେ, ସେଥିରୁ ତୁମ ଗୁରୁଙ୍କର ଗୁରୁତ୍ୱ ବୁଝିନିଅ ।"

●

# ଏକାଦଶ ପରିଚ୍ଛେଦ

## ଐଶ୍ୱରିକ ଶକ୍ତି

ପ୍ରଥମେ ଯେତେବେଳେ କୃଷ୍ଣନଗରରେ ଆନନ୍ଦବେଦାନ୍ତୀଙ୍କ ସହିତ ସ୍ୱାମୀ ନିଗମାନନ୍ଦଙ୍କର ବାଦାନୁବାଦ ହେଲା, ସେହି ସମୟରୁ ସ୍ୱାମୀ ସୁମେରୁ-ଦାସଜୀଙ୍କର ଦୃଷ୍ଟି ନିଗମାନନ୍ଦଙ୍କ ପ୍ରତି ଆକୃଷ୍ଟ ହେଲା । ସୁମେରୁଦାସଜୀ ନିଗମାନନ୍ଦଙ୍କ ଜୀବନର ଇତିବୃତ୍ତି ଏବଂ ଭବିଷ୍ୟତ ଘଟଣାବଳୀ ଯୋଗ-ବଳରେ ଅବଗତ ହୋଇ ତାଙ୍କ ଉପରେ ନିଜର ଇଚ୍ଛାଶକ୍ତି ପ୍ରୟୋଗ କରିଥିଲେ । ସୁମେରୁଦାସଜୀଙ୍କର ସେହି ଇଚ୍ଛାଶକ୍ତିର ଆକର୍ଷଣ ପ୍ରଭାବରେ ନିଗମାନନ୍ଦଙ୍କୁ ପରଶୁରାମ ତୀର୍ଥକୁ ଯିବାକୁ ପଡ଼ିଥିଲା ଏବଂ ହିମାଳୟର ସେହି ନିଭୃତ ପ୍ରଦେଶକୁ ତାଙ୍କ ଆଗମନ ସମ୍ଭବ ହୋଇଥିଲା ।

ଯୋଗୀଗୁରୁ ସୁମେରୁଦାସଜୀ ଯୋଗଶାସ୍ତ୍ରର ବିଶଦ ଆଲୋଚନା କରି ନିଗମାନନ୍ଦଙ୍କୁ ଯୋଗଶାସ୍ତ୍ରର ପ୍ରାଥମିକ ଶିକ୍ଷା ଓ ଉପଦେଶମାନ ଦେଇ ଲୋକାଳୟକୁ ଯାଇ ଯୋଗାଭ୍ୟାସ କରିବାକୁ ଆଦେଶ କଲେ । ନିଗମାନନ୍ଦ ତାଙ୍କର ଆଦେଶ ଶିରୋଧାର୍ଯ୍ୟ କରି କହିଲେ, "ଅନୁଗ୍ରହ କରି ମୋର ଗୋଟିଏ ପ୍ରାର୍ଥନା ପୂରଣ କରନ୍ତୁ; କେବେ କୌଣସି ସମୟରେ ହେଲେ ମୁଁ ଯେପରି ଆପଣଙ୍କ କୃପାରୁ ବଞ୍ଚିତ ନ ହୁଏ ।" ଏହା ଶୁଣି ସୁମେରୁଦାସଜୀ କହିଲେ, "ବତ୍ସ ନିଗମାନନ୍ଦ ! ତୁମେ ଚିରଦିନ ସମାନଭାବରେ ମୋର କୃପା ପ୍ରାପ୍ତ ହେବ । କିନ୍ତୁ ସିଦ୍ଧିଲାଭ ପରେ ତୁମେ ସନାତନ ଧର୍ମର ପ୍ରଚାର ଓ ସତ୍‌ଶିକ୍ଷା ବିସ୍ତାରରେ ସହାୟକ ହେବ । ମୁଁ ତୁମକୁ ଏହି ଭାର ଅର୍ପଣ କଲି । କୁହ, ଏହା ଗ୍ରହଣ କଲ କି ନାହିଁ ?" ଏଥିରେ ନିଗମାନନ୍ଦ ସମ୍ମତ ହୋଇ ଲୋକା-ଳୟକୁ ଆସି କଠୋର ଯୋଗସାଧନା କରି ପ୍ରଥମେ ସବିକଳ୍ପ, ତତ୍‌ପରେ

ନିର୍ବିକଳ୍ପ ସମାଧି ଲାଭ କଲେ । ନିର୍ବିକଳ୍ପ ସମାଧିରେ ତାଙ୍କର ଗୁରୁଭାବର ସଞ୍ଚାର ହେବାରୁ ସେ "ମୁଁ ଗୁରୁ" ଏହି ଭାବ ନେଇ ନିର୍ବିକଳ୍ପ ଭୂମିରୁ ଅବତରଣ କଲେ । ପରେ ପ୍ରେମସାଧନାରେ ସିଦ୍ଧିଲାଭ କରି ଗୁରୁ ଭାବରେ ଅଧିଷ୍ଠିତ ହୋଇ ସହଜ ମନୁଷ୍ୟ ଭାବରେ ଅବସ୍ଥାନ କରିବାକୁ ଲାଗିଲେ ।

ଠାକୁରଙ୍କର ବ୍ୟାବହାରିକ ଜୀବନ ଜଣେ ବିଳାସୀ ବଡ଼ଲୋକଙ୍କ ପରି ଥିଲେ ସୁଦ୍ଧା ରାଜା, ଜମିଦାର, ଓକିଲ, ମୁକ୍ତାର, ହାକିମ, ଡାକ୍ତର, ଧନୀ, ନିର୍ଦ୍ଧନ, ଶିକ୍ଷିତ, ଅଶିକ୍ଷିତ ପ୍ରଭୃତି ସବୁ ଶ୍ରେଣୀର ଓ ସବୁ ସମ୍ପ୍ରଦାୟର ଅଧ୍ୟାତ୍ମତତ୍ତ୍ୱପିପାସୁ ବ୍ୟକ୍ତିମାନେ ତାଙ୍କ ଭିତରେ ଯେ କି ଅସାଧାରଣ ଶକ୍ତି ଅଛି, ତାହାର ପରିଚୟ ପାଇଥିଲେ । ଅଧିକ ମାତ୍ର ତାଙ୍କର ଦର୍ଶନଲାଭର ସୁଯୋଗ ପାଇଲେ ବା ତାଙ୍କ ମନୋରଞ୍ଜନ କରିପାରିଲେ, ସେମାନେ ନିଜକୁ ପରମ ଭାଗ୍ୟବାନ ମନେ କରୁଥିଲେ ।

ତାଙ୍କର ଶାରୀରିକ ସୁଖ ସୁବିଧା ପାଇଁ ଧନୀମାନେ ଅଜସ୍ର ଅର୍ଥ ଦାନ କରିଥିଲେ ହେଁ ଠାକୁର ତାହା ସବୁ ଲୋକହିତକର କାର୍ଯ୍ୟରେ ବ୍ୟୟ କରି ତ୍ୟାଗୀର ଆଦର୍ଶ ଦେଖାଇ ଦେଇ ଯାଇଛନ୍ତି ।

ଅନେକ ସମୟରେ ଦେଖାଯାଇଛି ଯେ, ଶ୍ରୀ ଶ୍ରୀ ଠାକୁର ଲୋକହିତକର କାର୍ଯ୍ୟରେ ବ୍ରତୀ ହୋଇ ଯେତେବେଳେ ହଜାର, ହଜାର ଟଙ୍କାର ପ୍ରୟୋଜନ, ସେତେବେଳେ ସାମାନ୍ୟ ପନ୍ଦର କୋଡ଼ିଏ ଟଙ୍କା ଧରି ବସିଥାନ୍ତି । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଉକ୍ତ ଆରବ୍ଧ କାର୍ଯ୍ୟ ସୁସମ୍ପନ୍ନ କରିବା ପାଇଁ ଆବଶ୍ୟକ ହେଲା ମାତ୍ରେ ଅପ୍ରତ୍ୟାଶିତ ଭାବରେ ପ୍ରୟୋଜନାତିରିକ୍ତ ଅର୍ଥ ତାଙ୍କ ପାଖରେ ଆସି ପହଞ୍ଚିଯାଏ ।

କେତେ ଯୁବକ ଏହି ମହାପୁରୁଷଙ୍କର ଦର୍ଶନ କରିବା ମାତ୍ରେ ପତି-ପ୍ରାଣା ଭାର୍ଯ୍ୟାର ସୁକୋମଳ ସ୍ପର୍ଶ ତ୍ୟାଗ କରି ଏହି ସହଜ ସରଳ ମହା-ପୁରୁଷଙ୍କ ଭିତରେ ଅନନ୍ତ ସୌନ୍ଦର୍ଯ୍ୟର ସଙ୍କେତ ପାଇ ସଂସାର ତ୍ୟାଗ କରି ଅନୁକ୍ଷଣ ତାଙ୍କର ସେବାରେ ନିଜକୁ ନିୟୋଜିତ କରି ଅସାଧାରଣ ଶକ୍ତି ଲାଭ କରିଛନ୍ତି । ଏପରି ମଧ୍ୟ ଦେଖାଯାଇଛି ଯେ, ରୂପଜୀବୀମାନଙ୍କ ଘୃଣିତ କ୍ରୀଡ଼ା କୌତୁକରେ ମଗ୍ନ ଥିବା ଅନେକ ଶିକ୍ଷିତ ଓ ଧନୀ ବ୍ୟକ୍ତି ଠାକୁରଙ୍କ ସଂସ୍ପର୍ଶରେ ଆସି ଦେବଦୁର୍ଲ୍ଲଭ ଚରିତ୍ର ଲାଭ କରିଛନ୍ତି । ଠାକୁର

ଲୋକ ଆକର୍ଷଣ ପାଇଁ ବାହ୍ୟିକ କୌଣସି ଶକ୍ତି ପ୍ରକାଶ କରୁ ନ ଥିଲେ । ଲୌହ ଓ ଚୁମ୍ବକ ଖଣ୍ଡ ଦେଖିବାକୁ ଠିକ୍ ଏକ ପ୍ରକାର, କିନ୍ତୁ ଯେତେବେଳେ ଲୌହଖଣ୍ଡଗୁଡ଼ିକ ଚୁମ୍ବକ ପ୍ରତି ଆକୃଷ୍ଟ ହୋଇ ତତ୍ସଂଲଗ୍ନ ହୋଇଯାଏ, ସେତେବେଳେ କିଏ ଲୌହ, କିଏ ଚୁମ୍ବକ ବୁଝିହୁଏ ନାହିଁ । କୌଣସି ପ୍ରକାର ଅତିମାନୁଷିକ ଶକ୍ତି ଓ ଯୋଗୈଶ୍ୱର୍ଯ୍ୟ ଦେଖାଉ ନ ଥିଲେ ମଧ୍ୟ ଅଧ୍ୟାତ୍ମତତ୍ତ୍ୱପିପାସୁମାନେ ସ୍ୱତଃ ଠାକୁରଙ୍କ ସଂସ୍ପର୍ଶରେ ଆସୁଥିଲେ ଏବଂ ନିଜ ନିଜ ହୃଦୟରେ ଠାକୁରଙ୍କ ସୁପ୍ରତିଷ୍ଠିତ ଆସନ ଅନୁଭବ କରି କୃତାର୍ଥ ହେଉଥିଲେ । ଐଶ୍ୱର୍ଯ୍ୟବିହୀନ ଭାବ ହିଁ ଠାକୁରଙ୍କ ମହତ୍ତ୍ୱ । ତାଙ୍କର ଯଦି କିଛି ଐଶ୍ୱର୍ଯ୍ୟ ଥାଏ, ତେବେ ତାହା ଜୀବପ୍ରେମ ।

## ଚରିତ୍ରର ବିଶେଷତ୍ୱ

ଶ୍ରୀ ଶ୍ରୀ ଠାକୁରଙ୍କ ଚରିତ୍ରର ଆଉ ଗୋଟିଏ ବିଶେଷତ୍ୱ ହେଉଛି ଯେ, ତାଙ୍କ ସମ୍ମୁଖରେ କେହି କୌଣସି ଅନ୍ୟାୟ କାର୍ଯ୍ୟ କଲେ, ସେ ନିଜେ ତାହା ଲକ୍ଷ୍ୟ ନ କରି ଉଦାସୀନ ରହନ୍ତି । କିନ୍ତୁ କେହି ଯଦି ଏହି ଅନ୍ୟାୟ ପ୍ରତି ତାଙ୍କର ଦୃଷ୍ଟି ଆକର୍ଷଣ କରି ଦିଅନ୍ତି, ସେ ତତ୍‌କ୍ଷଣାତ୍ ତହିଁର ପ୍ରତି-ବିଧାନ କରନ୍ତି । ସହଜ ମନୁଷ୍ୟଙ୍କ ଚକ୍ଷୁରେ କେତେବେଳେ କାହାର କୁଟିଳ ଗତି ଧରାପଡ଼େ ନାହିଁ ।

## ଶ୍ରୀ ଶ୍ରୀ ଠାକୁରଙ୍କ ସର୍ବଜ୍ଞତା ଓ ସର୍ବତ୍ର ବିଦ୍ୟମାନତା

ଉପରୋକ୍ତ କାରଣରୁ କେହି ଯଦି ତାଙ୍କର ସର୍ବଜ୍ଞତା, ସର୍ବତ୍ର-ବିଦ୍ୟମାନତା ଓ ଭକ୍ତବତ୍ସଳତାରେ ସନ୍ଦେହ କରନ୍ତି, ତେବେ ସେ ସଂପୂର୍ଣ୍ଣ ଭ୍ରାନ୍ତ । ଆମ୍ଭେମାନେ କିପରି ମହାପୁରୁଷଙ୍କୁ ପାଇ ହେଲାରେ ହରାଇଅଛୁ, ତାହାର କେତୋଟି ଉଜ୍ଜ୍ୱଳ ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ।

'ଭକ୍ତର ଭଗବାନ'—ଏହା ଆମ୍ଭେମାନେ କେବଳ ଶାସ୍ତ୍ର-ପୁରାଣ-ମାନଙ୍କରେ ପଢ଼ିଥିଲୁ । କିନ୍ତୁ ଭଗବାନ ଯେ କିପରି ମିଳନ୍ତି, ତାହାର

ସମ୍ବାଦ ବା କିଏ ରଖୁଛି ? ବିନା ସାହାଯ୍ୟରେ, ବିନା ମନ୍ତ୍ରରେ, ବିନା ଆବାହନରେ କେବଳ ଭକ୍ତ ବିଶ୍ୱାସରେ ଆକୃଷ୍ଟ ହୋଇ ଶ୍ରୀ ଶ୍ରୀ ଠାକୁର ବିଶ୍ୱାସୀ ଧର୍ମୀମାନଙ୍କ ଭିତରେ ଭଗବତ୍‌ଭାବର ଉଦ୍‌ବୋଧନ କରିଛନ୍ତି । ପୁଣି ତାଙ୍କୁଣ ଦୀନଦୁଃଖୀମାନଙ୍କର ଜୀର୍ଣ୍ଣଶୀର୍ଣ୍ଣ ପର୍ଣ୍ଣକୁଟୀରରେ ପଦାର୍ପଣ କରି ସେମାନଙ୍କୁ ପ୍ରେମବନ୍ଧନରେ ଆବଦ୍ଧ କରିଛନ୍ତି । ବିଶ୍ୱାସୀ ଭକ୍ତଙ୍କ ନିକଟରେ ଶ୍ରୀ ଶ୍ରୀ ଠାକୁର କିପରି ସ୍ୱରୂପ ପ୍ରକାଶ କରିଛନ୍ତି, ତହିଁର ଗୋଟିଏ ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ।

## ଶୈଳବାଳାଙ୍କ ଗୁରୁଭକ୍ତି

ତ୍ରିପୁରା ଜିଲାର ଗୋଟିଏ ଗ୍ରାମରେ ଜଣେ ବୃଦ୍ଧା ବାସ କରୁଥିଲେ । ତାହାଙ୍କର ଏକମାତ୍ର ପୁତ୍ର । ନାମ ଅଶ୍ୱିନୀ, ପୁତ୍ରବଧୂର ନାମ ଶୈଳବାଳା । ଶୈଳବାଳାଙ୍କର ଗୋଟିଏ ଶିଶୁପୁତ୍ର । ଏହି ଗୃହଜଣଙ୍କୁ ନେଇ ପରିବାରଟି ଗଠିତ । ଅଶ୍ୱିନୀ ପ୍ରତିଦିନ ଯାହା ଆଣେ, ସେଥିରେ ପରିବାରଟି ଯଥାତଥା ଚଳନ୍ତି । ପୁତ୍ରବଧୂ ଶୈଳବାଳା ଲୋକଙ୍କଠାରୁ ଶ୍ରୀ ଶ୍ରୀ ଠାକୁରଙ୍କ କଥାଶୁଣି ତାଙ୍କର ଖଣ୍ଡିଏ ଫଟୋ ସଂଗ୍ରହ କରି ପୂଜା କରୁଥାଏ । ବୃଦ୍ଧାର କିନ୍ତୁ ବିଶ୍ୱାସ, ସାଧୁ ସନ୍ନ୍ୟାସୀଙ୍କ ପୂଜା କଲେ ବଂଶ ନାଶ ହୁଏ । ତେଣୁ ଏକମାତ୍ର ପୁତ୍ର ଅଶ୍ୱିନୀର ଅମଙ୍ଗଳ ଆଶଙ୍କା କରି ସେ ସର୍ବଦା ପୁତ୍ରବଧୂକୁ ଠାକୁରଙ୍କ ପ୍ରତିମୂର୍ତ୍ତି ପୂଜା କରିବାକୁ ନିଷେଧ କଲେ । ଘଟଣାଚକ୍ର ଏପରି ହେଲା ଯେ, କିଛିଦିନ ପରେ ଅଶ୍ୱିନୀ ବସନ୍ତ ରୋଗରେ ହଠାତ୍ ପ୍ରାଣ ତ୍ୟାଗ କଲା । ଏହା ଦେଖି ବୃଦ୍ଧା ହତଜ୍ଞାନ ହୋଇଗଲା । ତାକୁ ଗୃହଆଜି ଶୂନ୍ୟ ଦେଖାଗଲା । କିଛି ସମୟ ପରେ ଜ୍ଞାନ ଫେରି ଆସିବାରୁ ତାକୁ ବୋଧ ହେଲା, ଯେପରି ଠାକୁରଙ୍କ ଫଟୋଟି ହସି ହସି କହୁଛନ୍ତି ଯେ, ଜନ୍ମମୃତ୍ୟୁ, ପ୍ରହେଳିକା ମାତ୍ର । ବୃଦ୍ଧା ଆଜି ସହ୍ୟ କରି ନପାରି ସାଧୁଙ୍କ ଯୋଗୁ ପୁତ୍ରର ମୃତ୍ୟୁ ଘଟିଥିବା, ମନେ ମନେ ସ୍ଥିର କରିନେଲା । ବୃଦ୍ଧା ନିଜର ଓ ଯୁବତୀ ପୁତ୍ରବଧୂର ଅବସ୍ଥା ଆଲୋଚନା କରି କାତର ହୋଇପଡ଼ିଲା ଏବଂ କ୍ରୋଧରେ ଠାକୁରଙ୍କ ପ୍ରତିମୂର୍ତ୍ତିକୁ ଟାଣିଆଣି କହିଲା, "ଛି, ଛି, ଠାକୁର, ତୁମ ଘରେ

ରଖିବା ପିଲା ଅଶ୍ୱିନୀର ଏହି ଦଶା ହେଲା ! ବର୍ତ୍ତମାନ ତ ମୋର ଅଶ୍ୱିନୀ ମରଯାଇଛି । ଆଉ ତୁମକୁ ବା କାହିଁକି ଘରେ ରଖିବି ? ମୁଁ ମା' ହୋଇ ପୁଅକୁ ବିସର୍ଜନ ଦେଇଛି, ତୁମକୁ ମଧ୍ୟ ବିସର୍ଜନ ଦେବି ।" ଏହା କହି ଫଟୋଟିକୁ ନିକଟସ୍ଥ ପୁଷ୍କରିଣୀରେ ନିକ୍ଷେପ କରିବାକୁ ଗୃହରୁ ବହିର୍ଗତ ହେଲା ।

ରାତିର ଅସ୍ପଷ୍ଟ ଆଲୋକ ଭିତରେ ନୈଶନିସ୍ତବ୍ଧତା ଭଙ୍ଗ କରି ଏକାକିନୀ ବୁଢ଼ୀ ପୁଷ୍କରିଣୀ ନିକଟକୁ ଯାଇ ଫଟୋଟିକୁ ଜଳରେ ନିକ୍ଷେପ କରିବାକୁ ଉଦ୍ୟମ କରିବା ସମୟରେ ଦୂରରୁ କିଏ ଯେପରି ମଧୁର ସ୍ୱରରେ ଡ଼ାକିଲେ, "ମା' ମା', ମୁଁ ତ ତୁମର ପୁଅ ଦୁଃଖ କାହିଁକି ?"

ବୁଢ଼ୀ ସ୍ତବ୍ଧ ହୋଇ ଠିଆ ହୋଇଗଲା । ଆଗନ୍ତୁକ ସମ୍ମୁଖକୁ ଆସିବାକ୍ଷଣି ବୁଢ଼ୀ କିଂକର୍ତ୍ତବ୍ୟମୂଢ଼ ଓ ଚଳତ୍ଶକ୍ତିହୀନ ହୋଇ ଦେଖିଲା ଯେ, ଯାହାଙ୍କର ପ୍ରତିମୂର୍ତ୍ତି ବୁଢ଼ୀ ଜଳରେ ନିକ୍ଷେପ କରିବାକୁ ଯାଉଛି, ସେହି ଠାକୁର ସମ୍ମୁଖରେ ଦଣ୍ଡାୟମାନ । ସେହି କୁଞ୍ଚିତ କେଶରାଶି, ସେହି ସୌମ୍ୟ ମୁଖମଣ୍ଡଳ, ସେହି ସ୍ନିଗ୍ଧ ଦୃଷ୍ଟି । ବୁଢ଼ୀର ବିସ୍ମୟ ଉପରେ ବିସ୍ମୟ ଆସିଲା । ଠାକୁର କହିଲେ, "ମା' ମା', ଚାଲ ଘରକୁ ଯିବା । ମୁଁ ତୁମକୁ ମା' ବୋଲି ଡ଼ାକିବି, ସେଥିରେ ତୁମର ପ୍ରାଣ ଶୀତଳ ହେବ ।"

ବୁଢ଼ୀ ଠାକୁରଙ୍କୁ ଘେନି ଘରକୁ ଫେରି ଆସିଲା । ଠାକୁର ଗୃହ ମଧ୍ୟରେ ପ୍ରବେଶ କରି ବୁଢ଼ୀର କୋଳରେ ବସିପଡ଼ିଲେ । ବୁଢ଼ୀ ଆଉ କୌଣସି ଆସନ ପାଇଲା ନାହିଁ । କାରଣ ଘରେ ଯାହାକିଛି ଥିଲା, ସବୁ ଅଶ୍ୱିନୀ ସହିତ ଶ୍ମଶାନକୁ ଯାଇଥିଲା । ଶୈଳବାଳା ସଂଜ୍ଞାହୀନ । ଠାକୁର ବୁଢ଼ୀ କୋଳରେ ବସି ଡ଼ାକିଲେ "ଶୈଳ ! ଉଠ, ଦେଖ, ତୁମମାନଙ୍କ ଦୁଃଖ ଦେଖି, ମୁଁ ଏଠାକୁ ଆସିଛି ।" ଶୈଳବାଳାର ଚେତନା ଆସିଲା । ସେ ଦେଖିଲା ଯେ ସେ ଏତେ ଦିନ ହେଲା ଯେଉଁ ଠାକୁରଙ୍କ ଫଟୋରଖି ପୂଜା କରୁଥିଲା, ସେହି ଠାକୁର ସ୍ୱୟଂ ବୁଢ଼ୀ କୋଳରେ ବସିଛନ୍ତି । ଶୈଳବାଳା ସବୁ ଭୁଲିଯାଇ ଶ୍ରୀଶ୍ରୀ ଠାକୁରଙ୍କ ଚରଣ ତଳେ ପଡ଼ିଗଲା ।

ଏହିପରି ଭାବରେ ଦୁଇଦିନ କଟିଗଲା । ଠାକୁର ଗୃହ ଛାଡ଼ି କୁଆଡ଼େ ଗଲେ ନାହିଁ । ସେମାନେ ଏହି ଅଭୂତପୂର୍ବ ବ୍ୟାପାର ଦେଖି ଆଉ କାନ୍ଦିପାରିଲେ ନାହିଁ । ତୃତୀୟରେ ଠାକୁର ଶ୍ରେଷ୍ଠ ପୁଅଟିର ମୁଣ୍ଡରେ ହାତ ବୁଲାଇଦେଇ ଆଶୀର୍ବାଦ

କରି କହିଲେ, "କୌଣସି ଭୟ ନାହିଁ । ମୁଁ ସବୁ ସମୟରେ ତୁମ୍ଭମାନଙ୍କୁ ଦେଖୁଛି । ବର୍ତ୍ତମାନ ଯାଉଛି; ବିପଦ ହେଲେ ପୁଣି ଆସିବି ।" ଏହା କହି ଠାକୁର ବାହାରକୁ ଯାଇ ଅନ୍ତର୍ଦ୍ଧାନ ହୋଇଗଲେ ।

ଅଣ୍ଟିମା ପରିବାରର ଅନ୍ନସଂସ୍ଥାନର ଅବସ୍ଥା ଏପରି ଯେ, ଦିନେ ନ ଅଣିଲେ ସେ ଦିନର ଆହାର୍ଯ୍ୟ ମିଳିବା କଷ୍ଟ । ଦୁଇ ଦିନର ଅନ୍ନସଂସ୍ଥାନ ସେମାନଙ୍କର ନଥାଏ । ଅଣ୍ଟିମା କୌଣସିମତେ ପରିବାରଟିକୁ ଚଳାଇ ନେଉଥିଲା । ତାର ମୃତ୍ୟୁ ପରେ ଘରେ ମୁଠାଏ ଚାଉଳ ନଥିଲେ ମଧ୍ୟ ବୁଢ଼ୀ ଲଜ୍ଜାରେ କାହାକୁ କିଛି ମାଗିବାକୁ ଇଚ୍ଛା କଲେ ନାହିଁ । ବୋହୂ ଶୈଳବାଳାର ବୟସ ଷୋଳ ବର୍ଷ ମାତ୍ର । କୋଳରେ ଶିଶୁ । ସେ ଅବା କେଉଁଆଡ଼କୁ ଯିବ, କାହାକୁ ମାଗିବ ? ଏ ଦୁଃଖ ପରକୁ ଜଣାଇଲେ ବା କ'ଣ ହେବ ? ଏହା ଭାବି ବୁଢ଼ୀ କାହାକୁ କିଛି ନ କହି ବସିରହିଲା । ଯେତେଦିନ ଯାଏ ପୋଖରୀରେ କଳମ୍ବ ଶାଗ ଓ ବାଡ଼ିରେ ସାରୁନାଡ଼ ଥିଲା, ସେତେଦିନ ପର୍ଯ୍ୟନ୍ତ ଲୋକଙ୍କ ଅଜ୍ଞାତସାରରେ ପରିବାରର ସମସ୍ତେ ତଦ୍ଦ୍ୱାରା ଉଦର ପୂରଣ କଲେ । ତାପରେ ଶାଗ ଶେଷ ହୋଇଯିବାରୁ ପାଣି ପିଇ ତିନି ଜଣଯାକ କୋଡ଼ିଏ ଦିନ ପର୍ଯ୍ୟନ୍ତ ଉଦର ପୂରଣ କରିବାକୁ ଲାଗିଲେ । ଶେଷରେ କ୍ଷୁଧଜ୍ୱାଳା ସହ୍ୟ କରି ନପାରି ଶ୍ରୀ ଶ୍ରୀ ଠାକୁରଙ୍କ ଆସନ ସମ୍ମୁଖରେ ଶୈଳବାଳା ମାଟି କାମୁଡ଼ି ପଡ଼ିରହିଲା ।

ଏଣେ ଗ୍ରାମର ଦୁଷ୍ଟ ଦୁର୍ବୃତ୍ତମାନେ ଠିକ୍ ସେହିଦିନ ବୁଢ଼ୀର ଗୃହ ଚତୁର୍ଦ୍ଦିଗରେ ବୁଲିବାକୁ ଲାଗିଲେ । ଶୈଳବାଳା ନିମ୍ନସ୍ୱରରେ ଶାଶୁଙ୍କୁ କହିଲା, "ମା', ବର୍ତ୍ତମାନ ଉପାୟ କଅଣ ? ମୋର ଭୟ ହେଉଛି, ଦୁଷ୍ଟଲୋକମାନେ ମୋତେ ଜୋର୍ କରି ନେଇଯିବେ ।" ଏହା କହି "ଗୁରୁଦେବ ରକ୍ଷା କର, ଗୁରୁଦେବ ରକ୍ଷା କର" ବୋଲି ଆକୁଳ ପ୍ରାଣରେ ସେ ଠାକୁରଙ୍କୁ ଡ଼ାକିଲା ।

ଶାଶୁ ନିରୁପାୟ । ଶରୀର ଅବସନ୍ନ । ତାର କଥା କହିବାର ସାମର୍ଥ୍ୟ ରହିଲା ନାହିଁ । ବୁଢ଼ୀ ଶୁଣିପାରିଲେ ଯେ, ଦୁଷ୍ଟ ମୁସଲମାନମାନେ ତାଙ୍କବାଡ଼ ମେଲା କରି ରାତ୍ରିର ନିଶୀଥ ସମୟରେ ସତୀର ସତୀତ୍ୱ ମ୍ଳାନ କରିବା ନିମିତ୍ତ ଘରେ ପଶିବାର ଉଦ୍ୟମ କରୁଛନ୍ତି । ଉପାୟାନ୍ତର ନ ଦେଖି ଅନଶନକ୍ଲିଷ୍ଟା ପ୍ରାଣୀଦ୍ୱୟ କିପରି ବେତସ ଲତା ପରି ଥରି ଥରି ସାଶ୍ରୁଲୋଚନରେ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ମିନତି

ଜଣାଇବାକୁ ଲାଗିଲେ "ଗୁରୁଦେବ, ଗୁରୁଦେବ ! ରକ୍ଷାକର । ଲଜ୍ଜା ନିବାରଣକର ହେ ଠାକୁର, ହେ ଦସ୍ୟୁମସ୍ତ ବିପଦ ବାରଣ କର । ହେ ଠାକୁର,ତୁମରପ୍ରତିଶ୍ରୁତି ତୁମେ ରକ୍ଷାକର ।" କଏ ଘରକୁ ପଶି ଆସୁଥିବା ଶବ୍ଦ ଶୁଣି ଶୈଳବାଳା କାତର ସ୍ୱରରେ ଡ଼ାକଲେ "ଗୁରୁଦେବ ! ଗୁରୁଦେବ ! ହେ ଠାକୁର ରକ୍ଷାକର ।"

ଦୂରରୁ ଶୁଣାଗଲା, ଭୟ ନାହିଁ, ଭୟ ନାହିଁ ।" ସଙ୍ଗେ ସଙ୍ଗେ ଠାକୁର ଗୃହରେ ପ୍ରବେଶ କରି ଭୂମିରେ ବସିପଡ଼ିଲେ । ବୃଦ୍ଧାକୁ ଚାହିଁ କହିଲେ, "ସେହି ଦୁର୍ବୃତ୍ତମାନଙ୍କୁ ଉଚିତ ଶାସ୍ତି ଦେଇ ମୁଁ ତଡ଼ି ଦେଇଛି ।"ବିଶ୍ୱାସୀମାନଙ୍କର ସମସ୍ତ ଆପଦ ବିପଦ ଭଗବାନ ନିଜେ ବହନ କରିଥାନ୍ତି । ଏହାଶୁଣି ସେମାନେ ଶ୍ରୀ ଶ୍ରୀ ଠାକୁରଙ୍କ ପାଦତଳେ ଲୋଟିପଡ଼ି କେବଳ କାନ୍ଦିବାକୁ ଲାଗିଲେ ।

ରାତ୍ରି ଶେଷ ହେବାରୁ ସକାଳେ ଦୁର୍ବୃତ୍ତମାନଙ୍କଠାରୁ ପରସ୍ପରରେ ଶୁଣାଗଲା ଯେ, ସେମାନେ ଯେତେବେଳେ ଦ୍ୱାରଭାଙ୍ଗି ଗୃହରେ ପ୍ରବେଶ କରିବାକୁ ଯାଉଥିଲେ, ଜଣେ ଶ୍ୟାମଳ ବର୍ଣ୍ଣର ସ୍ତ୍ରୀଲୋକ ଖଣ୍ଡିଏ କଟୁରୀରେ ସେମାନଙ୍କୁ ଆଘାତ କରି ତଡ଼ିବାକୁ ଲାଗିଲା । ସେମାନେ ରକ୍ତାକ୍ତ କଳେବର ପ୍ରାଣ ବିକଳରେ ସେଠାରୁ ଦଉଡ଼ି ପଳାଇ ଆସିଲେ ।

ଏହାପରେ ଶ୍ରୀ ଶ୍ରୀ ଠାକୁର ବୃଦ୍ଧା ଓ ଶୈଳବାଳାଙ୍କୁ ଦୁଇଖଣ୍ଡି ଗେରୁଆ ଲୁଗା ଦେଇ ତାହା ପିନ୍ଧିବାକୁ କହିଲେ । ଠାକୁର ସେମାନଙ୍କୁ ଅଭୟ ଦେଇ କହିଲେ, "ଆଉ ଦୁର୍ବୃତ୍ତମାନେ କଦାପି ଏଠାକୁ ଆସିବେ ନାହିଁ । ତୁମେମାନେ ରାତ୍ରିରେ ଶୋଇବା ପରେ ମୁଁ ଦୁଆରେ ବସି ପହରା ଦେବି । ତୁମେମାନେ ଆଉ ଭୟ କର ନାହିଁ ।"

ଏହି ଅଭୟବାଣୀ ଶୁଣାଇ ଘରର ଚାରିପାଖରେ ଗାର କାଟିଦେଇ ଠାକୁର ପୁଣି କହିଲେ, "ରାତ୍ରିରେ ତୁମେମାନେ ଏ ଗାର ପାର ହୋଇ କୁଆଡ଼େ ଯିବ ନାହିଁ । ଏହି ଗାର ଭିତରେ ତୁମକୁ ସ୍ପର୍ଶ କରିବାର ସାଧ୍ୟ କାହାରି ନାହିଁ ।" ଏହାକହି ଠାକୁର ସେମାନଙ୍କୁ କିଛି ପଇସା ଦେଇ ଅନ୍ତର୍ଦ୍ଧାନ ହୋଇଗଲେ ।ସେ ଅଦୃଶ୍ୟ ହେବା ପୂର୍ବରୁ ଶୈଳବାଳାଙ୍କୁ ଗୋଟିଏ ମୁଦି ଓ କିଛି ପଇସା ଦେଇ କହିଲେ, "କାଲି ସକାଳୁ ଗୋଟିଏ ବାଳକ ଆସିବ । ତୁମେମାନେ କିଛି ନ ଖାଇ

ତାହା ହାତରେ ପଇସା ଦେଲେ ସେ ତୁମପାଇଁ ବଜାରରୁ ଜିନିଷ କିଣିଆଣିବ । ତୁମ୍ଭେମାନେ ଗାଁର ବାହାରକୁ ବାହାରିବ ନାହିଁ । ମୁଁ ତୁମମାନଙ୍କୁ ଏଠାରୁ ନେଇଯିବା ପାଇଁ ଶୀଘ୍ର ଲୋକ ପଠାଇବି । ଯେଉଁ ଲୋକ ଆସିବ, ସେ ମୋର ପତ୍ର ଓ ଏହିପରି ଗୋଟିଏ ମୁଦ୍ରା ଦେଖାଇଲେ ତୁମେମାନେ ତାହା ସହିତ ମୋ ନିକଟକୁ ଯିବ ।'' ଏହା କହି ଠାକୁର ବାହାରକୁ ଯାଇ ଅଦୃଶ୍ୟ ହୋଇଗଲେ ।

ଶୈଳବାଳା ପରଦିନ ଦେଖିଲା ଯେ, ସତକୁ ସତ ଗୋଟିଏ ବାଲକ ଆସି କହିଲା, 'ମା', ତୁମେମାନେ ଉପବାସୀ ଅଛ । ମୋତେ ପଇସା ଦିଅ, ମୁଁ ତୁମମାନଙ୍କ ପାଇଁ ବଜାର ସଉଦା କିଣିଆଣିବି ।'' ସେମାନେ ଆନନ୍ଦରେ ବାଳକ ହାତରେ ଜିନିଷ ଖରିଦ କରାଇ ଆଣି ସୁଖରେ କାଳଯାପନ କରିବାକୁ ଲାଗିଲେ ।

ଅଳ୍ପ କେତେଦିନ ପରେ ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ରମର ଜଣେ ସେବକ ଶ୍ରୀ ଶ୍ରୀ ଠାକୁରଙ୍କ ଆଦେଶରେ ଶୈଳବାଳା ପ୍ରଭୃତିଙ୍କୁ ଆଣିବାକୁ ପତ୍ର ଓ ମୁଦ୍ରା ନେଇ ଉପସ୍ଥିତ ହେଲେ । ଶୈଳବାଳା କେବେ ସ୍ଥୂଳ ରୂପରେ ଠାକୁରଙ୍କୁ ଦେଖି ନ ଥିଲା କିମ୍ବା ଠାକୁରଙ୍କର ହସ୍ତାକ୍ଷର ଚିହ୍ନି ନଥିଲା; ତେଣୁ ସେ ପ୍ରଥମରୁ ସନ୍ଦେହ ପ୍ରକାଶ କଲା । ତାପରେ ସେବକ ମୁଦ୍ରା ଦେଖାଇବାରୁ ସେମାନେ ନିଃସନ୍ଦେହରେ ସେବକଙ୍କ ସହିତ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ନିମିତ୍ତ ଯାତ୍ରା କଲେ ।

ଶ୍ରୀ ଶ୍ରୀ ଠାକୁରଙ୍କ ଆଦେଶରେ ଭକ୍ତ ସମ୍ମିଳନୀରେ ସମବେତ ଭକ୍ତମଣ୍ଡଳୀଙ୍କ ନିକଟରେ ବୃଦ୍ଧା ସେମାନଙ୍କର କରୁଣ କାହାଣୀ ବର୍ଣ୍ଣନା କଲେ । ସେମାନଙ୍କ ଦୁଃଖ କାହାଣୀ ଶୁଣି ଉପସ୍ଥିତ ଭକ୍ତମାନେ ଅଶ୍ରୁ ସମ୍ବରଣ ନକରି ରହିପାରିଲେ ନାହିଁ । ଶ୍ରୀ ଶ୍ରୀ ଠାକୁର ବାଳକ ପରି ଭେ ଭେ ହୋଇ କାନ୍ଦିବାକୁ ଲାଗିଲେ ଓ ବୃଦ୍ଧାକୁ କୋଳରେ ଧରି ମା' ମା' ବୋଲି ସମ୍ବୋଧନ କରିଉଠିଲେ । ସଙ୍ଗେ ସଙ୍ଗେ ସେ ଭାବସ୍ତମ୍ଭିତ ହୋଇଗଲେ ।

ସମ୍ମିଳନୀ ଶେଷରେ ଠାକୁର ନିଜେ ପୁନଃ ଭିକାରେ ସେହି ପରିବାରଙ୍କ ଗୃହରେ ସାନବେଶରେ ଉପସ୍ଥିତ ହୋଇ ସେମାନଙ୍କ ପ୍ରଦତ୍ତ ଛିନ୍ନ କନ୍ଥାରେ ଶୟନ କରି

ଶାକାନ୍ନ ଭକ୍ଷଣ କରି ଆସିଥିଲେ । ସେହିଦିନଠାରୁ ଠାକୁର ସେମାନଙ୍କର ସମସ୍ତ ବ୍ୟୟ ନିଜେ ବହନ କରିଥିଲେ ।

## ଭୁବନେଶ୍ୱର ପଣ୍ଡା

ଭୁବନେଶ୍ୱର ନିକଟବର୍ତ୍ତୀ ବୋଧଖଣ୍ଡି ନାମକ ଗୋଟିଏ ଗ୍ରାମର ଗୋବିନ୍ଦ ପଣ୍ଡା ଶ୍ରୀ ଶ୍ରୀ ଠାକୁରଙ୍କ ଭକ୍ତ । ସେ ବହୁ ଧ୍ୟାନଧାରଣା, ଜପାଦି କରି ଯେତେ-ବେଳେ ଠାକୁରଙ୍କ ଐଶ୍ୱରିକ ଶକ୍ତିର କୌଣସି ନିଦର୍ଶନ ପାଇଲେ ନାହିଁ, ସେତେ-ବେଳେ ଜୀବନଭାର ବହନ କରିବା ତାଙ୍କ ପକ୍ଷରେ ଦୁର୍ବିସହ ହୋଇପଡ଼ିଲା । ବିରହକାତର ଜୀବନଧାରଣ ଅପେକ୍ଷା ଦେହତ୍ୟାଗ କରିବା ଶ୍ରେୟମନେକରିଦିନେ ଗଭୀର ନିଶୀଥ ସମୟରେ ଗଳ ଦେଶରେଦଉଡ଼ି ଲଗାଇ ଆତ୍ମହତ୍ୟା ଉଦ୍ଦେଶ୍ୟରେ ବୃକ୍ଷଶାଖାରେ ଝୁଲିପଡ଼ିଲେ । ସଙ୍ଗେ ସଙ୍ଗେ ଠାକୁର ପ୍ରକଟ ହୋଇ ପଣ୍ଡାଙ୍କୁ ରକ୍ଷା କରି ବୃକ୍ଷତଳକୁ ଆଣି ଶୁଆଇଦେଇ କହିଲେ, "ମୁଁ ସର୍ବଦା ସଙ୍ଗେ ସଙ୍ଗେ ଅଛି ।" ପର ଦିନ ସକାଳେ ତାଙ୍କୁ ସମସ୍ତେ ବୃକ୍ଷ ତଳେ ଅଚୈତନ୍ୟ ଅବସ୍ଥାରେ ପଡ଼ିଥିବାର ଦେଖିଲେ । ଉକ୍ତ ଗୋବିନ୍ଦ ପଣ୍ଡାଙ୍କ ଗଳାରେ ଆଜିସୁଦ୍ଧାଆମ୍ଭେମାନେ ଦଉଡ଼ି ଦାଗ ଦେଖିବାକୁ ପାଉ ।

## ଜଳମଗ୍ନ ଶିଷ୍ୟର ପ୍ରାଣରକ୍ଷା

ସବ୍‌ଜଜ୍ ଅଶ୍ୱିନୀବାବୁ ଖୁବ୍ ସନ୍ତରଣପଟୁ ଏବଂ ଠାକୁରଙ୍କର ଏକନିଷ୍ଠ ଭକ୍ତ । ସେ ପୁରୀ ଆସି ଠାକୁରଙ୍କ ନିକଟରେ କିଛିଦିନ ଅବସ୍ଥାନ କରିଥିଲେ । ନୋଳିଆମାନଙ୍କ ସାହାଯ୍ୟରେ ସମୁଦ୍ରରେ ଲୋକେ ସ୍ନାନକରିବା ଦେଖି ସେନିଜକୁ ସାହାସୀକ ମନେକରି ଥରେ ଠାକୁର ସମୁଦ୍ରକୂଳରେ ବସିଥିବା ବେଳେ ଏକାକୀ ସ୍ନାନ କରିବାକୁ ଯାଇ ସମୁଦ୍ରରେ ପ୍ରବେଶ କଲେ । କିଛି ଦୂର ଯିବାପରେ ଭିତର କାହାଳୀ (Under Current)ରେ ପଡ଼ିଗଲେ । ଭିତର କାହାଳୀ (Under Current)ରୁ ରକ୍ଷା ପାଇବା କୌଶଳ ଜାଣି ନ ଥିବାରୁ କୂଳକୁ ଆସିବାକୁ ବହୁ ଚେଷ୍ଟା କରି ସେ ବିଫଳ ହେଲେ । ଅବଶେଷରେ ତାଙ୍କର ଶରୀର

ଅବଶହୋଇପଡ଼ିଲା । ଜୀବନରକ୍ଷାରଆଶା ଏକପ୍ରକାର ତିରୋହିତହେବାରୁ ଶେଷ ମୁହୂର୍ତ୍ତରେ ସେ ଠାକୁରଙ୍କୁ ଧ୍ୟାନ କରିବାକୁ ଲାଗିଲେ । ଠାକୁର କୂଳରେ ବସି ଅଶ୍ୱିନୀବାବୁଙ୍କ ଦୁର୍ଦ୍ଦଶା ପ୍ରତ୍ୟକ୍ଷ କରି ତାଙ୍କୁ ରକ୍ଷା କରିବାକୁ ପ୍ରଥମେ କୋଳିଆ-ମାନଙ୍କୁ ପଠାଇଲେ । ମାତ୍ର କୋଳିଆମାନେ ତାଙ୍କର ବିରାଟ ଶରୀରକୁ ଧରିବାକୁ ସାହସ କରି ନ ପାରି ଫେରିଆସିଲେ । ଏ ଅବସ୍ଥାରେ ଅଶ୍ୱିନୀବାବୁଙ୍କ ନିର୍ଭରତା ଭାବ ଜାଗିଉଠିଲା ଏବଂ ସେ "ଜୟଗୁରୁ" ଜପ କରିବାକୁ ଲାଗିଲେ । ହଠାତ୍ ସେ ଦେଖିଲେ, ଠାକୁରଙ୍କର ବିରାଟ ଜ୍ୟୋତିର୍ମୟ ମୂର୍ତ୍ତି ସମ୍ମୁଖରେ ଦଣ୍ଡାୟମାନ । ଚକ୍ଷୁରେ ଅଭୟ ଓ କରୁଣା । ଏହି ମୂର୍ତ୍ତି ସ୍ୱର୍ଗ କରୁଛି, ମସ୍ତକ ଆକାଶକୁ ଲାଗିଛି, ତାଙ୍କର ଦୁଇଟି ଚରଣ ସମୁଦ୍ରର ତରଙ୍ଗ ଅଶ୍ୱିନୀବାବୁଙ୍କୁ ଏପରି ଜୋରରେ ଠେଲିଦେଲେ ଯେ, ସେ ଏକ ଧକ୍କାରେ ଢେଉରେ ଭାସି ଆସି କୂଳରେ ଠାକୁରଙ୍କ ଚରଣତଳରେ ଅଚେତନ ଅବସ୍ଥାରେ ପତିତ ହେଲେ । ତାଙ୍କର ବାହ୍ୟଜ୍ଞାନ ଏପରି ଲୋପ ହୋଇଯାଇଥିଲା ଯେ, ସମସ୍ତେ ତାଙ୍କୁ ମୃତ ବୋଲି ମନେ କଲେ । କିନ୍ତୁ କିଛି କ୍ଷଣ ପରେ ଚିକିତ୍ସା ଫଳରେ ତାଙ୍କର ଚେତନା ଆସିଲା ।

## ସର୍ବତ୍ର ବିଦ୍ୟମାନତା

ଅଶ୍ୱିନୀବାବୁ ତାଙ୍କ ନିଜ ଘରେ ଠାକୁରଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର କୋଠରୀ ରଖିଥାନ୍ତି । ସେ କୋଠରୀରେ ଠାକୁରଙ୍କ ପାଇଁ ପଲଙ୍କ ଓ ମଶାରି ସଜାଇ ଥାନ୍ତି । ଥରେ ଠାକୁରଙ୍କ ଜନ୍ମତିଥି ଉପଲକ୍ଷେ ତାଙ୍କ ଘରେ ଅନେକ ଶିଷ୍ୟ-ଭକ୍ତ ଏକତ୍ର ହୋଇଥିଲେ । ସେତେବେଳେ ଠାକୁର ବହୁ ଦୂରରେ ଅନ୍ୟତ୍ର ଅବସ୍ଥାନ କରୁଥାନ୍ତି । ଉତ୍ସବ ପରଦିନ ଅଶ୍ୱିନୀବାବୁ ସ୍ନାନ ପରେ ଠାକୁରପୂଜା କରିବା ପାଇଁ ଆସନ ଘରକୁ ଗଲେ । ବିଛଣାରୁ ମଶାରି ଟେକଦେଲାକ୍ଷଣି ଦେଖିଲେ, ଯେପରି କେହି ବାସ୍ତବିକ ବିଛଣାରେ ଶୋଇଥିଲେ ଏବଂ ଏହିକ୍ଷଣି ଉଠିଯାଇଛନ୍ତି । ଉକ୍ତ କୋଠରୀରୁ ବାହାରି ଦୁଆରକୁ ଆସି ଦେଖିଲେ ଯେ, ଠାକୁର ବାହାରେ ବସି ମୁଖ ଧୌତ କରୁଛନ୍ତି ଏବଂ ପୂର୍ବଦିନରେ ଥିବା ଭକ୍ତମାନଙ୍କ ଆଡ଼କୁ ଚାହିଁ ଆନନ୍ଦରେ ହସୁଛନ୍ତି । ଏହା ଦେଖିଅଶ୍ୱିନୀବାବୁଭକ୍ତିରେ ବିଭୋରହୋଇପଡ଼ିଲେ ।

ମାତ୍ର ପର ମୁହୂର୍ତ୍ତରେ ଚାହିଁଲାବେଳକୁ କେହି ନାହାନ୍ତି; ଠାକୁର ଅନ୍ତର୍ଦ୍ଧାନ ହୋଇଗଲେଣି ।

## ରୋଗୀଶଯ୍ୟାରେ ଶ୍ରୀ ଶ୍ରୀ ଠାକୁର

ଆମ୍ଭମାନଙ୍କର ଜଣେ ଶ୍ରଦ୍ଧାସ୍ପଦା ଗୁରୁଭଗ୍ନୀ ଗୋଟିଏ ଉତ୍କଟ ରୋଗର ଚିକିତ୍ସା ପାଇଁ କଲିକତା ଆସିଥିଲେ । ରୋଗଯନ୍ତ୍ରଣା ମଧ୍ୟରେ ସେ ଧୈର୍ଯ୍ୟ ଧରି ଗୁରୁଦେବଙ୍କ ସ୍ମୃତି ସର୍ବଦା ହୃଦୟ ମଧ୍ୟରେ ଜାଗ୍ରତ ରଖିବାକୁ ଚେଷ୍ଟା କରୁଥିଲେ । ଅବଶେଷରେ ରୋଗ ମାରାତ୍ମକ ଅବସ୍ଥାରେ ପହଞ୍ଚିଲା । ଠାକୁରଙ୍କ ଚରଣ ଦର୍ଶନ ନିମିତ୍ତ ସେ ଆକୁଳ ହୋଇପଡ଼ିଲେ । କେତେ ଜଣ ଗୁରୁଭ୍ରାତା ତାଙ୍କର ସେବା ଶୁଶ୍ରୂଷା କରୁଥିଲେ । ରୋଗିଣୀ ଅତି ବ୍ୟାକୁଳକଣ୍ଠରେ ଠାକୁରଙ୍କୁ ଡାକୁଥାନ୍ତି । ସେଠାରେ ଉପସ୍ଥିତ ଥିବା ଲୋକେ ପ୍ରତ୍ୟକ୍ଷ ଦେଖିଲେ ଯେ, ଠାକୁର କର୍ପୂରଧବଳ ସ୍ନିଗ୍ଧମୂର୍ତ୍ତିରେ ରୋଗିଣୀର ମୁଣ୍ଡ ଉପରେ ବସିଛନ୍ତି । ରୋଗିଣୀ ରୋଗଯନ୍ତ୍ରଣା ଭୁଲିଯାଇ ଶିବନେତ୍ରା ହୋଇ ଗୁରୁଦେବଙ୍କୁ ଦର୍ଶନ କରି ଅପାର ଆନନ୍ଦ ଅନୁଭବ କରୁଛନ୍ତି । ଏହି ଘଟଣାଟି ଉପସ୍ଥିତ ଲୋକେ ଏକାଧିକବାର ଦର୍ଶନ କରି ଠାକୁରଙ୍କ ଅହେତୁକୀ କୃପା ସ୍ମରଣପୂର୍ବକ ଅଭିଭୂତ ହୋଇଗଲେ ।

## କୀର୍ତ୍ତନରେ ଶ୍ରୀ ଶ୍ରୀ ଠାକୁର

ଥରେ ଦୋଳପୂର୍ଣ୍ଣିମୀ ଦିନ ଠାକୁରଙ୍କ ଶିଷ୍ୟ-ଭକ୍ତମାନେ ଖୋଳକରତାଳ ସହ କୀର୍ତ୍ତନ ଆରମ୍ଭ କଲେ । କୀର୍ତ୍ତନାନନ୍ଦ ଏପରି ଜମିଗଲା ଯେ, ସମସ୍ତେ 'ଜୟଗୁରୁ' 'ଜୟଗୁରୁ' ବୋଲି ଉଦ୍ଦଣ୍ଡ ନୃତ୍ୟ କଲେ । ସହସା ଦେଖାଗଲା, ଏକ ଅପରୂପ ଜ୍ୟୋତିରେ ସମଗ୍ର କୀର୍ତ୍ତନସ୍ଥଳ ଉଦ୍ଭାସିତ । ସେହି ଜ୍ୟୋତିର କେନ୍ଦ୍ର ଭାଗରେ ସହସ୍ରାଂଶୁସମପ୍ରଭ ଶିଶିରସମ ସ୍ନିଗ୍ଧ ଠାକୁରଙ୍କ ମୂର୍ତ୍ତି ଫୁଟିଉଠିଛି । ସଙ୍ଗେ ସଙ୍ଗେ ଦେଖାଗଲା, ଗୁରୁଦେବଙ୍କ ଅଙ୍ଗରୁ ଦେବମଣ୍ଡଳୀ ବ୍ରହ୍ମା, ବିଷ୍ଣୁ, ଶିବ, କାଳୀ ପ୍ରଭୃତି ବାହାରି କୀର୍ତ୍ତନରେ ନାଚିବାକୁ ଲାଗିଲେ । କ୍ରମେ ଭିତରବାହାର ସବୁ ଏକାକାର ହୋଇଗଲା, କେବଳ ଆନନ୍ଦ ମାତ୍ର ଅବଶିଷ୍ଟ ରହିଲା ।

## ଅନାବୃଷ୍ଟି ହରଣ

ଶ୍ରୀ ଶ୍ରୀ ଠାକୁର ମୟମନସିଂର ବଜ୍ରଆଉଟର କଚେରୀରେ ଅବସ୍ଥାନ କରୁଥିବା ବେଳେ ଥରେ ଅନାବୃଷ୍ଟି ଯୋଗୁଁ ଶସ୍ୟକ୍ଷେତ୍ରମାନ ଜଳିଯିବାକୁ ଲାଗିଲା । କୃଷୀମାନେ ହାହାକାର କରିଉଠିଲେ ଏବଂ ଦଳବଦ୍ଧ ଭାବେ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ଉପସ୍ଥିତ ହୋଇ କୃପା ପ୍ରାର୍ଥନା କଲେ । ସେମାନଙ୍କ ଆକୁଳ ପ୍ରାର୍ଥନା ତତ୍କ୍ଷଣାତ୍ ଫଳବତୀ ହେଲା ଏବଂ ସେମାନେ ସେହିଠାରେ ବସିଥିବା ଅବସ୍ଥାରେ ପ୍ରାବୃଟ କାଳ ପରି ଘୁରିଆଡ଼ୁ ମେଘ ଉଠାଇ ମୂଷଳଧାରାରେ ବର୍ଷା ହୋଇ ସମସ୍ତଙ୍କର ବିସ୍ମୟ ଓ ଆନନ୍ଦ ବର୍ଦ୍ଧନ କଲା । ଏ ଅଞ୍ଚଳର ଲୋକେ ଠାକୁରଙ୍କ ପ୍ରସଙ୍ଗ ଉଠିବା ସଙ୍ଗେ ସଙ୍ଗେ ଆଜିପର୍ଯ୍ୟନ୍ତ ଏହି ଘଟଣା ଉଲ୍ଲେଖ କରିଥାନ୍ତି ।

## ସ୍ୱପ୍ନରେ ରୋଗ ନିରାମୟ

ଢାକାର ଜଣେ ଗୁରୁଭଗ୍ନୀ ପକ୍ଷାଘାତ ରୋଗରେ ଶଯ୍ୟାଶାୟୀ ଥିଲେ । ଅନେକ ପ୍ରକାର ଚିକିତ୍ସାରେ ରୋଗର ଉପଶମ ହେଲା ନାହିଁ । ଦିନେ ସକାଳୁ ଦେଖାଗଲା ଯେ, ସେ ଚାଲି ବୁଲି ପାରୁଛନ୍ତି । ହଠାତ୍ ରାତିରେ କିପରି ରୋଗ ଆରୋଗ୍ୟ ହୋଇଗଲା ବୋଲି ପଚାରିବାରୁ ସେ କହିଲେ, "ଗତ ରାତିରେ ଶ୍ରୀ ଶ୍ରୀ ଠାକୁର ମୋ ଦେହରେ ହାତ ବୁଲାଇଦେଇ କହିଲେ, ତୁ ବଡ଼ କଷ୍ଟ ପାଉଛୁ । ତୋ ଯୋଗୁଁ ଯୋଗେଶ୍ୱର ମଧ୍ୟ ଖୁବ୍ କଷ୍ଟ ଭୋଗୁଛି ।" ଏହା କହି ଠାକୁର ଅନ୍ତର୍ଦ୍ଧାନ ହୋଇଗଲେ ।

## ବୃଷ୍ଟି ପ୍ରତିରୋଧ

ଜଣେ ମହାରାଷ୍ଟ୍ରୀୟ ଭକ୍ତ ଆସାମ କୋଇଲାଖଣିର ସହକାରୀ ମ୍ୟାନେଜର । ଦିନେ ସେ ଶ୍ରୀ ଶ୍ରୀ ଠାକୁରଙ୍କର ଗୋଟିଏ ଫଟୋ ଧରି ବାଟରେ ଯାଉଥିଲେ । ଅକସ୍ମାତ୍ ଝଡ଼ବୃଷ୍ଟି ଆରମ୍ଭ ହେଲା । ଫଟୋଟି ଭାଲେ ଭିଜିଯିବ, ଏହି ଚିନ୍ତା ତାଙ୍କ ମନରେ ପ୍ରବଳ ହୋଇଉଠିଲା । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ବାଟ ଚାଲିବାବେଳେ ତାଙ୍କ ଦେହରେ ବାରିପାତ ହେଲା ନାହିଁ । ସେ ବାଟ ଚାଲୁଥାନ୍ତି, ମାତ୍ର ବୃଷ୍ଟି ସମସ୍ତରେ ତାଙ୍କଠାରୁ ଏକ ହାତ ବ୍ୟବଧାନରେ ଥାଏ ।

# ଦ୍ୱାଦଶ ପରିଚ୍ଛେଦ

## ଭାବଜଗତରେ ଶ୍ରୀ ଶ୍ରୀ ଠାକୁର

### ପରିପୂର୍ଣ୍ଣ ଭାବ

ମଠ ପ୍ରତିଷ୍ଠା କରିବା ସମୟରେ ଠାକୁର ଏକ ଅଧ୍ୟାତ୍ମବିଭୂତିସମନ୍ୱିତ ମୂର୍ତ୍ତି ପରିଗ୍ରହ କରିଥିଲେ । ତାଙ୍କର ମାନବୀୟ ଭାବ ଲୁପ୍ତହୋଇ କେବଳ ଗୁରୁଭାବ ମାତ୍ର ଅବଶିଷ୍ଟଥିଲା । ତତ୍‌କାଳୀନଭାବ ଶିଷ୍ୟ-ଭକ୍ତମାନଙ୍କ ଭିତରେ ସଙ୍କୋଚବୋଧଥିଲା । ତାଙ୍କର ଉପଦେଶାବଳୀ ଏକ ଅର୍ଥବୋଧକ ଥିଲା ଏବଂ ଏହି ଉପଦେଶାବଳୀ ତାଙ୍କର କାର୍ଯ୍ୟ ସହିତ ଏକାବେଳକେ ମିଳିଯାଉଥିଲା । ସେତେବେଳେ ଠାକୁର ଶିଷ୍ୟ-ଭକ୍ତମାନଙ୍କ ପ୍ରତି ସହାନୁଭୂତି ଓ ପ୍ରୀତିସମ୍ପନ୍ନ ଥାଇ ତାଙ୍କର ସମସ୍ତ ଶକ୍ତି ପ୍ରୟୋଗପୂର୍ବକ ସେମାନଙ୍କ ବାସନାକାମନାର ମୂଳ ଉତ୍ପାଟିତ କରି, ସେମାନଙ୍କୁ ତାଙ୍କ ପ୍ରତି ଆସ୍ଥାବାନ୍ କରାଉଥିଲେ ।

### ଦୁର୍ବୋଧ ଭାବ

ମଠରେ କେତେ ବର୍ଷ ପରେ ଠାକୁର କୁମ୍ଭମେଳା ଦର୍ଶନ କରିବାକୁ ବାହାରିଲେ । ବାଟରେ କିଛି ଦିନ କାଶୀଧାମରେ ଗମ୍ଭୀରା ନାମକ ଆଶ୍ରମରେ ଅବସ୍ଥାନ କଲେ । ଏହି ସମୟରେ ଠାକୁରଙ୍କ ଭାବର ଅନେକ ପରିବର୍ତ୍ତନ ହୋଇଗଲା । ସେ ସେତେବେଳେ ଏକ ଅଭିନବ ମୂର୍ତ୍ତି ପରିଗ୍ରହ କରି ଲୋକମାନଙ୍କ ସହ ଚଳିଥିଲେ । ନିଜ ଶକ୍ତି ପ୍ରଭାବରେ ଗୁରୁଭାବ ଆବୃତ କରି ସେ ଶୁଦ୍ଧ ସତ୍ତ୍ୱମୟ ମନୁଷ୍ୟ ଭାବରେ ଅବସ୍ଥାନ କରିବାକୁ ଲାଗିଲେ । ଆତ୍ୟନ୍ତିକ ସରଳତା ହେତୁ ତାଙ୍କର ବ୍ୟାବହାରିକ ଜୀବନ ରହସ୍ୟମୟ ହୋଇଉଠିଲା ।

ବର୍ତ୍ତମାନ ସେ ବିଭିନ୍ନଭାବର ଲୋକମାନଙ୍କୁ ବିଭିନ୍ନ ପ୍ରକାରରେ ଉପଦେଶ ଦେବାକୁ ଲାଗିଲେ । ଠାକୁରଙ୍କର ଏତାଦୃଶ ପରିବର୍ତ୍ତନ ଲକ୍ଷ୍ୟ କରି ସମସ୍ତଙ୍କର ମନ ସଂଶୟରେ ଉଦ୍‌ବେଳିତ ହୋଇ ଉଠିଲା । ସଂଶୟ ନହେବ ବା କିପରି ? ମନୁଷ୍ୟ ତ ଆଉ ଦେବତା ନୁହନ୍ତି । ଅର୍ଜ୍ଜୁନଙ୍କଠାରୁ ଆରମ୍ଭ କରି ବର୍ତ୍ତମାନ ଯୁଗର ବିବେକାନନ୍ଦ ପର୍ଯ୍ୟନ୍ତ ସମସ୍ତେ ଏହି ସଂଶୟ ଓ ସନ୍ଦେହର ଦାସ । ଠାକୁର ନିଜେ ତାଙ୍କ ନିଜର ସ୍ୱରୂପକୁ ଗୋଟିଏ ବାହ୍ୟିକ ଆବରଣରେ ଏପରି ଭାବରେ ଆବୃତ କରି ପକାଇଲେ ଯେ, ତାଙ୍କର ଅନ୍ତରଙ୍ଗ ଶିଷ୍ୟ-ଭକ୍ତମାନେ ମଧ୍ୟ ତାଙ୍କର ଦୁର୍ବୋଧ୍ୟ ସ୍ୱରୂପକୁ ବୁଝିପାରିଲେ ନାହିଁ । ସଂସାରତ୍ୟାଗୀ ହୋଇ ସ୍ତ୍ରୀ ପୁରୁଷ ଉଭୟଙ୍କ ସହିତ ଅବାଧ ସମ୍ମିଶ୍ରଣ ହେତୁ ଗୋଟିଏ ଶ୍ରେଣୀର ଲୋକ ତାଙ୍କୁ ଘୋର ସମାଜଦ୍ରୋହୀ, ଆଦର୍ଶହୀନ, ସ୍ୱେଚ୍ଛାଗ୍ରସ୍ତ ସନ୍ନ୍ୟାସୀ ବୋଲି ନିନ୍ଦା କରିବାକୁ ଲାଗିଲେ । ଆଉ ଗୋଟିଏ ଶ୍ରେଣୀର ଲୋକ ତାଙ୍କ ସମ୍ବନ୍ଧରେ କୌଣସି ପ୍ରକାର ବିଚାର ନ କରି ନିଜ ଇଚ୍ଛାରେ ତାଙ୍କ ଚରଣରେ ଆଶ୍ରୟ ନେବାକୁ ଲାଗିଲେ । ସାଧାରଣ ଲୋକଙ୍କଠାରୁ ତାଙ୍କର ପାର୍ଥକ୍ୟ ବାରି ନ ହେଲେ ମଧ୍ୟ, ରାଜପରିବାରଭୁକ୍ତ ନବୀନ ଯୁବକଙ୍କ ପରି ତାଙ୍କ ବେଶଭୂଷା ହୋଇଥିଲେ ସୁଦ୍ଧା, ଶଯ୍ୟାଗାରର ପଲଙ୍କ ପାଟି ଧନୀ ବିଳାସୀ ଯୁବକଙ୍କ ଶଯ୍ୟା ପରି ହେଲେ ହେଁ ଅସୂର୍ଯ୍ୟମ୍ପଶ୍ୟା ହିନ୍ଦୁ ଲଳନାଗଣ—ଯେଉଁମାନେ କି ପରପୁରୁଷଙ୍କୁ ଜୀବନରେ କେଉଁଦିନ ଦେଖି ନାହାନ୍ତି, ଯେଉଁମାନେ ଗଙ୍ଗାସ୍ନାନ ସମୟରେ ସୁଦ୍ଧା ମଶାରି ଭିତରେ ସ୍ନାନ କରନ୍ତି, ସେମାନେ ଲଜ୍ଜା ସଙ୍କୋଚହୀନ ହୋଇ ଯେପରି ଦେବବିଗ୍ରହ ଦର୍ଶନ କରନ୍ତି, ସେହିପରି ଅବାଧରେ ଠାକୁରଙ୍କ ସହିତ ବାଳକଙ୍କ ପରି କଥାଭାଷା କରି ଭଗବତ୍‌ତତ୍ତ୍ୱର ସାଧନ ଶିକ୍ଷା କରିବାକୁ ଲାଗିଲେ ।

## ସହଜ ଭାବ

ଗୁରୁସ୍ଥାନୀୟ ଜୀବନ୍ମୁକ୍ତ ମହାପୁରୁଷମାନେ ତାଙ୍କର ବିକରଣଭାବ ସଙ୍କୋଚନ କରି ଯେତେବେଳେ ସାଧାରଣ ମନୁଷ୍ୟଙ୍କ ପରି ଅବସ୍ଥାନ କରନ୍ତି, ଅର୍ଥାତ୍

ଯେମାନଙ୍କର ଅଲୌକିକ ଭାବ ଓ ଶକ୍ତିସମୂହ ପ୍ରଚ୍ଛନ୍ନ କରିଦିଅନ୍ତି, ସେତେବେଳେ 'ସହଜ' ଆଖ୍ୟା ଦିଆଯାଏ । ସିଦ୍ଧି ଲାଭ ପରେ ଯେଉଁ ମହାପୁରୁଷମାନେ ଅଧିକ କାଳ ବଞ୍ଚନ୍ତି, ସେମାନଙ୍କର ସହଜ ଅବସ୍ଥା ଆସିଯାଏ । ଏ ଅବସ୍ଥା ଆସିଗଲେ ଏମାନଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼େ । 'ସହଜଭାବ' କହିଲେ ସହଜିଆଭାବ ନୁହେଁ । ସହଜ ଅବସ୍ଥା ପ୍ରାପ୍ତ ମହାପୁରୁଷମାନେ କୌଣସି ଗୋଟିଏ ବିଶେଷ ଆଦର୍ଶରେ କାହାକୁ ପରିଚାଳିତ କରନ୍ତି ନାହିଁ । ପ୍ରତି ମନୁଷ୍ୟ ଭିତରେ ତାଙ୍କର ସ୍ୱତନ୍ତ୍ର ଭାବ ପ୍ରକଟ ହୋଇଉଠେ । ପ୍ରତ୍ୟେକଙ୍କର ନିଜ ଭାବ ଅଛି । କାହାକୁ ଗୋଟିଏ ବିଶେଷ ଆଦର୍ଶରେ ଅନୁପ୍ରାଣିତ କଲେ, ତାଙ୍କର ବ୍ୟକ୍ତିତ୍ୱ ବାଧାପ୍ରାପ୍ତ ହୁଏ । ସୁତରାଂ ସହଜ ମନୁଷ୍ୟଙ୍କ ନିକଟରେ ଆଦର୍ଶବାଦ-ବ୍ୟକ୍ତିତ୍ୱ କ୍ଷୁର୍ଣ୍ଣିକାରକ । ସହଜ ମନୁଷ୍ୟ ଲୋକ ଆକର୍ଷଣ କରିବାକୁ କୌଣସି ବାହ୍ୟଶକ୍ତିର ଆଶ୍ରୟ ନିଅନ୍ତି ନାହିଁ । ତଥାପି ତାଙ୍କର ଗୋଟିଏ ସ୍ୱାଭାବିକ ଆକର୍ଷଣ ଥାଏ । ସେହି ପ୍ରଭାବରେ ତାଙ୍କ ନିଜର ଲୋକମାନେ ତାଙ୍କ ନିକଟକୁ ଆକର୍ଷିତ ହୋଇ ଆସନ୍ତି । ଠାକୁରଙ୍କର ପ୍ରତିଜ୍ଞା ଥିଲା ଯେ, ସେ ବିଭୂତି ଦେଖାଇ ଶିଷ୍ୟ କରିବେ ନାହିଁ । ଠାକୁର ବୋଲି ଯେଉଁମାନେ ଆପଣାମନକୁ ନ ଚିହ୍ନିବେ, ତାଙ୍କ ପାଖରେ ବିଭୂତି ପ୍ରଦର୍ଶନ ବିଫଳ ହେବ । ସହଜ ମନୁଷ୍ୟ ଭୋଗୀ କିମ୍ବା ତ୍ୟାଗୀ ବୋଲି ପ୍ରତୀୟମାନ ହୁଅନ୍ତି ନାହିଁ । ସହଜ ମନୁଷ୍ୟ ତାଙ୍କ ଶିଷ୍ୟମାନଙ୍କର କୌଣସି କୁଟିଳଗତି ଦେଖିପାରନ୍ତି ନାହିଁ ।

## ବାଳକ ଭାବ

ଠାକୁରଙ୍କୁ ନିଃସଂଶୟରେ ଗୋଟିଏ ରାଜପରିବାରଭୁକ୍ତ ଆଧୁନିକ ଶିକ୍ଷିତ ବାଳକ କୁହାଯାଇପାରେ । ଭକ୍ତମାନଙ୍କର ଇଚ୍ଛାନୁଯାୟୀ ବର୍ତ୍ତମାନ ଯୁଗୋପଯୋଗୀ ବେଶ ଧାରଣ କରୁଥିଲେ ଯୁବା ଓ ଶିଶୁଙ୍କ ପରି ଅନ୍ୟର ଇଚ୍ଛାରେ ଭୋଗ କରୁଥିଲେ ମଧ୍ୟ ବର୍ତ୍ତମାନ ଯୁଗର ଚାଲିବାଜି ତାଙ୍କଠାରେ ଲେଶମାତ୍ର ନ ଥିଲା । ବାଳକ ଯେପରି ସରଳ ବିଶ୍ୱାସୀ, ଠାକୁର ମଧ୍ୟ ତଦ୍ରୂପ ଥିଲେ । ଆଧୁନିକ ଲୋକମାନଙ୍କର ସଂସ୍ପର୍ଶରେ ଆସିଲେ ମଧ୍ୟ ମନୁଷ୍ୟ ଯେ କୌଣସି ଭାବରେ ହେଲେ

ଦୋଷଦୁଷ୍ଟ ହୋଇପାରେ, ତାହା ତାଙ୍କର ଧାରଣାର ବହିର୍ଭୂତ ଥିଲା । ମନୁଷ୍ୟ କଥା ଦୂରେ ଥାଉ, ଅତ୍ୟନ୍ତ ହିଂସ୍ର ଜନ୍ତୁର ହୃଦୟ ମଧ୍ୟ ପ୍ରେମର ଆଧାର ବୋଲି ତାଙ୍କର ବିଶ୍ୱାସ ଥିଲା ।

## ଜୀବନ୍ମୁକ୍ତଭାବ

ସାଧନାଦ୍ୱାରା ଜୀବନ୍ମୁକ୍ତ ଅବସ୍ଥା ଲାଭ କଲାପରେ କେବଳ ଯୋଗୀମାନେ ସହଜ ଅବସ୍ଥାକୁ ଆୟତ୍ତ କରିପାରନ୍ତି । ଯୋଗୀମାନେ କାହାଉପରେ ନିର୍ଭରଶୀଳ ନୁହନ୍ତି, କାହାର ଅନୁଗ୍ରହ ଭିକାରୀ ନୁହନ୍ତି । ସେମାନେ ପ୍ରବଳ ଆତ୍ମଶକ୍ତି ବଳରେ ମହାଶକ୍ତିଙ୍କୁ ଆୟତ୍ତକରି ସ୍ୱେଚ୍ଛାରେ ପରିଚାଳନା କରିପାରନ୍ତି । କୌଣସି ଦେବତା ମଧ୍ୟ ସେମାନଙ୍କର ଆତ୍ମବିସ୍ମୃତି ଆଣିପାରନ୍ତି ନାହିଁ । କୌଣସି ସମୟରେ ତାଙ୍କର ଆତ୍ମବିସ୍ମରଣ ହୁଏନାହିଁ । ସେମାନେ ଇଚ୍ଛାକଲେ ଅନ୍ୟକୁ ଅଭିଭୂତ କରିପାରନ୍ତି । ଏହିପରି ଜୀବନ୍ମୁକ୍ତ ଯୋଗୀମାନଙ୍କ କୃପାଲାଭ କରିବାକୁ ଦେବତାମାନେ ସୁଦ୍ଧା ଇଚ୍ଛା କରନ୍ତି । ତେଣୁ ଗୀତାକାର କହୁଛନ୍ତି—

'ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ,
କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ ଯୋଗୀ ଭବାର୍ଜୁନ ।' (୬।୪୬)

ତପସ୍ୱୀ, ଜ୍ଞାନୀ, କର୍ମୀ ସମସ୍ତଙ୍କଠାରୁ ଯୋଗୀଙ୍କର ଅବସ୍ଥା ଉଚ୍ଚ ବୋଲି ଗୁରୁରୂପୀ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯୋଗୀ ହେବାକୁ ଉପଦେଶ ଦେଇଛନ୍ତି । କିନ୍ତୁ କିପରି ଯୋଗୀ ସବୁଠାରୁ ବଡ଼ ?

''ଯୋଗିନାମପି ସର୍ବେଷାଂ ମଦ୍‌ଗତେନାନ୍ତରାତ୍ମନା
ଶ୍ରଦ୍ଧାବାନ ଭଜତେ ଯୋ ମାଂ ସମେ ଯୁକ୍ତତମୋ ମତଃ ।'' (୬।୪୭)

ଯୋଗସାଧନାରେ ସିଦ୍ଧମନୋରଥ ହେବା ପରେ ଭାବତତ୍ତ୍ୱର ସାଧନାରେ ଯୋଗେଶ୍ୱର ନିଗମାନନ୍ଦଙ୍କର କିପରି ଭାବରେ 'ଭାବମୟ ଠାକୁର' ଅବସ୍ଥା ହୋଇଥିଲା, ତାହା ଆମେମାନେ ଏଥିପୂର୍ବରୁ ଆଲୋଚନା କରିଅଛୁ ।

# ସହଜଭାବର ଉପକାରିତା

ଅବତାର ବା ଭକ୍ତମାନେ ଅନ୍ୟଙ୍କୁ କୃପା କରିବାକୁ ଇଚ୍ଛା କଲେ ସେମାନଙ୍କୁ ନିଜ ନିଜର ଉପାସ୍ୟ ଦେବତାଙ୍କୁ ପ୍ରାର୍ଥନା କରିବାକୁ ପଡ଼େ । କିନ୍ତୁ ଯୋଗୀମାନେ ଜାଗ୍ରତ ଶକ୍ତି (Living Battery) ପରି କାହାରିକୁ ଅପେକ୍ଷା ନ କରି ନିଜେ ନିଜେ ଏହା କରିପାରନ୍ତି । ସହଜ ଅବସ୍ଥାପ୍ରାପ୍ତ ଗୁରୁମାନଙ୍କର ଗୁରୁଭାବ ଏତେ ସହଜ ହୋଇଯାଏ ଯେ, କୌଣସି ଲୋକ ତାଙ୍କର ଗୁରୁତ୍ୱ ଉପଲବ୍ଧି କରିପାରନ୍ତି ନାହିଁ । କିନ୍ତୁ ଲୋକେ ଅନ୍ୟ ପ୍ରଭାବରେ ପ୍ରଭାବିତ ହୋଇ ତାଙ୍କୁ ତ୍ୟାଗ ନ କରି ସାଧାରଣ ଲୋକ ବୋଲି ମନରେ ଭାବି ତାଙ୍କ ସହିତ ମିଶିଯାଆନ୍ତି । ଏହି ସହଜ ମନୁଷ୍ୟ ତାଙ୍କର ସଞ୍ଚିତ ପ୍ରଭୃତି ଶକ୍ତି ପ୍ରଭାବରେ ଗୁରୁଭାବକୁ ଏଭଳି ପ୍ରଚ୍ଛନ୍ନ କରି ରଖିଥାଆନ୍ତି ଯେ, କୌଣସି ଲୋକ ତାଙ୍କ ସଂସ୍ପର୍ଶରେ ଆସିଲେ ଭିତରେ ଗୋଟିଏ ଅପୂର୍ବ ଆକର୍ଷଣ ଅନୁଭବ କରି ତାଙ୍କ ସହିତ ସ୍ୱଚ୍ଛନ୍ଦରେ ଭାବର ଆଦାନ-ପ୍ରଦାନ କରିବାର ସୁଯୋଗ ଲାଭ କରନ୍ତି । କିନ୍ତୁ ଯେଉଁ ସାଧୁମାନେ ଆଧ୍ୟାତ୍ମିକଭାବରେ ସମନ୍ୱିତ ହୋଇ ଅବସ୍ଥାନ କରନ୍ତି, ସେମାନଙ୍କ ନିକଟକୁ କେବଳ ସତ୍‌ଲୋକମାନେ ଯିବାକୁ ସାହସ କରନ୍ତି ଏବଂ ପାପୀ ତାପୀ ଦୂରରୁ ପଳାୟନ କରନ୍ତି । କିନ୍ତୁ ସହଜ ମନୁଷ୍ୟରୂପଧାରୀ ସାଧୁଙ୍କ ସମ୍ବନ୍ଧରେ ସେ କଥା ପ୍ରଯୁଜ୍ୟ ନୁହେଁ । ସେମାନଙ୍କ ଭିତରେ ଜୀବସେବାର ଶୁଭଇଚ୍ଛା ଓ ଭାବ ଏତେ ପ୍ରବଳ ଓ ମଜ୍ଜାଗତ ହୋଇଥାଏ ଯେ, ସେମାନେ ଦେଶର ଘରେ ଘରେ ବୁଲି ଲୋକଙ୍କ ସହିତ ନାନା ଛଳରେ ମିଶି ପ୍ରେମପ୍ରୀତି ସ୍ଥାପନ କରି ସେମାନଙ୍କ ଭିତରେ ଯେଉଁ ଅନାଦିସମ୍ଭୂତ ବୀଜ ନିହିତ ଅଛି, ଅଲକ୍ଷିତ ଭାବରେ ତାହା ଅଙ୍କୁରିତ କରାଇ ଦିଅନ୍ତି । ସହଜ ଅବସ୍ଥାପନ୍ନ ସାଧୁ ଯଦି ନିଜେ ଧରା ନ ଦିଅନ୍ତି, ତେବେ କେହି ତାଙ୍କୁ ଧରିବାର ସ୍ପର୍ଦ୍ଧା କରି ନ ପାରେ ଏକଥା ଶ୍ରୀ ଶ୍ରୀ ଠାକୁର ନିଜ ଶ୍ରୀମୁଖରେ ଅନେକଥର କହିଛନ୍ତି ।

ଆଶ୍ରିତ ଲୋକେ ଯେତେ ବହିର୍ମୁଖୀ ହୁଅନ୍ତି, ସହଜ ମନୁଷ୍ୟ ତତୋଽଧିକ ଆକର୍ଷଣରେ ସେମାନଙ୍କୁ ଆକର୍ଷଣ କରି ବାନ୍ଧି ରଖନ୍ତି । ସହଜ

ଅବସ୍ଥା ଅନେକ ପରିମାଣରେ ନିର୍ଗୁଣ ଅବସ୍ଥା ହେଲେ ମଧ୍ୟ ଏହି ଅବସ୍ଥାପ୍ରାପ୍ତ ସାଧୁମାନେ ଭକ୍ତ ବିଶ୍ୱାସ ନିକଟରେ ଆତ୍ମପ୍ରକାଶ କରନ୍ତି ।

ଶ୍ରୀ ଶ୍ରୀ ଠାକୁର ପ୍ରଗାଢ଼ ଭକ୍ତି ଓ ବିଶ୍ୱାସ ବଳରେ ଶିଷ୍ୟ-ଭକ୍ତମାନଙ୍କ ନିକଟରେ ଧରା ଦେଇଛନ୍ତି; ତାହା ଆମ୍ଭେମାନେ ପୂର୍ବପ୍ରସଙ୍ଗରେ ଆଲୋଚନା କରିସାରିଛୁ । ଏହା ହିଁ ହେଉଛି ସଂକ୍ଷେପରେ ଶ୍ରୀ ଶ୍ରୀ ଠାକୁରଙ୍କର ସହଜ ଅବସ୍ଥାର ସ୍ୱରୂପ । ଏହି ସହଜ ଅବସ୍ଥାରେ ମାଧୁର୍ଯ୍ୟ ଏହି ଯୁଗରେ ଏକମାତ୍ର ଏହି ଦେବ-ମାନବଙ୍କଠାରେ ପ୍ରକଟିତ ହୋଇଅଛି ।

## ସାର୍ବଭୌମ ଭାବ

ଶ୍ରୀ ଶ୍ରୀ ଠାକୁର କୌଣସି ବିଶେଷ ମତବାଦୀ ନୁହନ୍ତି । ଶକ୍ତିବାଦ, ବ୍ରହ୍ମବାଦ, ପରମାତ୍ମବାଦ, ଭକ୍ତିବାଦ ବା ଅନ୍ୟଭାବରେ ଦ୍ୱୈତବାଦ, ଅଦ୍ୱୈତବାଦ, ବିଶିଷ୍ଟାଦ୍ୱୈତବାଦ—ଯେଉଁ ଭାବରେ ଏହି ସ୍ତରଗୋଟି ତତ୍ତ୍ୱ ବୁଝାଇଥିଲେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ପ୍ରତ୍ୟେକ ମତରେ ବିଶ୍ୱାସୀ ଥିଲେ । ପ୍ରତ୍ୟେକ ମତବାଦର ଭିତର ଦେଇ ଗମନ କରି ସତ୍ୟଲାଭ କରିଥିବାରୁ ଓ ପ୍ରତ୍ୟେକ ମତବାଦର ସାଧନତତ୍ତ୍ୱ ସମ୍ବନ୍ଧରେ ବିଶେଷଅଭିଜ୍ଞତା ଲାଭ କରିଥିବାରୁ ପୂର୍ବଗୁରୁମାନଙ୍କ ଅପେକ୍ଷା ଠାକୁର ତାଙ୍କର ଦେହସ୍ଥିତିକାଳରେ ନାନାଭାବର ବହୁସଂଖ୍ୟକଲୋକମାନଙ୍କ ପରିଚାଳନା ଭାର ଗ୍ରହଣ କରିବାକୁ ସକ୍ଷମ ହୋଇଛନ୍ତି । ଯେଉଁମାନଙ୍କର ପରିଚାଳନା ଭାର ସେ ଗ୍ରହଣ କରିଛନ୍ତି ସେମାନେ ତାଙ୍କୁ କେବଳ 'ଆଚାର୍ଯ୍ୟଗୁରୁ' ବୋଲି ଶ୍ରଦ୍ଧା-ଭକ୍ତି ଅର୍ପଣ କରି ନାହାନ୍ତି; ପରନ୍ତୁ ଶ୍ରୀ ଶ୍ରୀ ଠାକୁର ଶିଷ୍ୟ-ଭକ୍ତମାନଙ୍କ ଭିତରେ ଗୁରୁଭାବ ଏତେ ଦୃଢ଼ଭାବରେ ଅଙ୍କିତକରି ଦେଇଛନ୍ତି ଯେ, ତାଙ୍କର ଦେହସ୍ଥିତି କାଳରୁ ଆଜି ପର୍ଯ୍ୟନ୍ତ ସେ ଶିଷ୍ୟଭକ୍ତମାନଙ୍କ କତିକି 'ଠାକୁର' ଭାବରେ ପ୍ରତ୍ୟକ୍ଷ ପୂଜିତ ହେଉଛନ୍ତି । ଶିଷ୍ୟ-ଭକ୍ତମାନେ ଘରେ ଘରେ ଠାକୁରଙ୍କ ପ୍ରତିମୂର୍ତ୍ତିକୁ ଧୂପ, ଦୀପ, ନୈବେଦ୍ୟରେ ଆରାଧନା କରୁଛନ୍ତି ।

# ନିରୁପାଧି ଭାବ

ତନ୍ତ୍ର, ଯୋଗ, ଜ୍ଞାନ ପ୍ରଭୃତିରେ ସାଧନାର ଧରାବନ୍ଧା ବାଟ ଅଛି । କିନ୍ତୁ ଶ୍ରୀ ଶ୍ରୀ ଠାକୁର ତାନ୍ତ୍ରିକ ଯୋଗୀମାନଙ୍କୁ ଏହି ଧରାବନ୍ଧା ସାଧନାପନ୍ଥା ପ୍ରଦର୍ଶନ କରୁଥିଲେ ହେଁ ଏହି ପଥର ପଥିକମାନଙ୍କୁ ପ୍ରକୃତି ଭେଦରେ ବିଭିନ୍ନ ପଥ ଦେଖାଇ ଦେଇଛନ୍ତି । ତତ୍ପ୍ରଦତ୍ତ ସମସ୍ତ ସାଧନ ପଦ୍ଧତିରେ ସେ ସବୁ ପ୍ରକାର ସଂସ୍କାର ବର୍ଜନ କରିବାକୁ ଓ ସବୁ ପ୍ରକାର ସାଧନାର ମୂଳକେନ୍ଦ୍ର ଶାଶ୍ୱତ ବସ୍ତୁକୁ ନିଜ ଦେହ ଭିତରେ ଅନୁଭବ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କାରଣ ବାହାରୁ କୌଣସି ଶକ୍ତି ଆସେ ନାହିଁ, ସାଧନ ଦ୍ୱାରା ଭିତରେ ଥିବା ସୁପ୍ତଶକ୍ତିକୁ ଜାଗ୍ରତ କରିବାକୁ ହୁଏ । ଦେହ ଭିତରେ ଆନନ୍ଦର ଉତ୍ସ ବିଦ୍ୟମାନ । ସାଧନା ସଂପୂର୍ଣ୍ଣ ଭାବରେ ବହିଃସମ୍ବନ୍ଧଶୂନ୍ୟ ଓ ଆନୁଷ୍ଠାନିକକ୍ରିୟା ବିବର୍ଜିତ ହେଲେ ଭିତରର ଶକ୍ତି ଅତି ଦ୍ରୁତଭାବରେ ଜାଗ୍ରତ ହୁଏ । ଏଠାରେ ସ୍ୱତଃ, ମନେ ହେବ ଯେ, ଶ୍ରୀ ଶ୍ରୀ ଠାକୁରଙ୍କ ସାଧନା ଯଦି ଦେହାଭ୍ୟନ୍ତର ବସ୍ତୁକୁ ଲକ୍ଷ୍ୟ କରୁଛି, ତେବେ ତାଙ୍କୁ ପ୍ରଧାନତଃ ଯୋଗୀ ବୋଲି କୁହାଯାଇପାରେ । କିନ୍ତୁ ତାହା କେହି କହିପାରିବେ ନାହିଁ । ଆଧାର ଭେଦରେ ଜଣଜଣଙ୍କ ଭିତରେ ତାଙ୍କର ଚିନ୍ତା ଭିନ୍ନ ଭିନ୍ନ ଭାବରେ ଫୁଟିଉଠିବା ଆମେମାନେ ପ୍ରତ୍ୟକ୍ଷ କରିଅଛୁ । ସୁତରାଂ ତାଙ୍କୁ କୌଣସି ବିଶେଷ ଶ୍ରେଣୀରେ ଶ୍ରେଣୀବଦ୍ଧ କରାଯାଇ ପାରିବ ନାହିଁ । କାରଣ ତାନ୍ତ୍ରିକମାନେ ଯେତେବେଳେ ତାଙ୍କ ପ୍ରଣୀତ 'ତାନ୍ତ୍ରିକ ଗୁରୁ' ପାଠ କରିଛନ୍ତି ଓ ତାଙ୍କ ସହିତ ଆଲୋଚନା କରିବାକୁ ବସିଛନ୍ତି, ସେତେବେଳେ ସେମାନେ ତାଙ୍କୁ ଅସାମାନ୍ୟ ତାନ୍ତ୍ରିକ ବୋଲି ବୁଝିପାରିଛନ୍ତି । ଯେଉଁମାନେ ତାଙ୍କ ପ୍ରଣୀତ 'ଜ୍ଞାନୀ ଗୁରୁ' ପାଠ କରି ତାଙ୍କ ସହିତ ଆଲୋଚନାକରିଛନ୍ତି, ସେମାନେ ତାଙ୍କୁ ଅଦ୍ୱିତୀୟ ଜ୍ଞାନୀ ବୋଲି ମନେ କରିଛନ୍ତି । ଯେଉଁମାନେ 'ଯୋଗୀଗୁରୁ' ପାଠ କରିଛନ୍ତି, ସେମାନେ ତାଙ୍କୁ ପ୍ରଧାନ ଯୋଗାଚାର୍ଯ୍ୟ ବୋଲି ମନେକରିଛନ୍ତି । ପୁଣି ଯେଉଁମାନେ 'ପ୍ରେମିକଗୁରୁ'ର ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ ପାଠ କରିଛନ୍ତି, ସେମାନେ ତାଙ୍କୁ ପରମ ପ୍ରେମିକ ବୋଲି ମନେ କରିଛନ୍ତି । ପରନ୍ତୁ ଯେଉଁମାନେ ତାଙ୍କର ତତ୍ତ୍ୱ ଚତୁଷ୍ଟୟ ସମ୍ବନ୍ଧୀୟ

ସବୁ ଗ୍ରନ୍ଥ ପାଠ କରିଛନ୍ତି, ସେମାନେ ତାଙ୍କର ଉପାଧିଶୂନ୍ୟ କିଛି ଖୋଜି ନ ପାଇ ବରଂ ବିସ୍ମୟ-ବିମୁଗ୍ଧ ହୋଇଯାଇଛନ୍ତି ।

## ଧ୍ୟାନତତ୍ତ୍ୱରେ ଶ୍ରୀ ଶ୍ରୀ ଠାକୁରଙ୍କର ଅଭିନବ ଅବଦାନ

ପୂର୍ବରୁ ଯେଉଁସବୁ ସାଧନା ପଦ୍ଧତିର ଧାରା ଚାଲିଆସୁଛି, ଠାକୁର ସେ ସମସ୍ତ ସାଧନା ଅପେକ୍ଷା 'ଜୀବନ୍ମୁକ୍ତ ଉପାସନା' ଆଶୁ ଫଳପ୍ରଦ ବୋଲି ମତ ପ୍ରକାଶ କରିଛନ୍ତି । ଜୀବନ୍ମୁକ୍ତଙ୍କର ଉପାସନା ଯେ କିପରି, ତାହା ବୁଝାଇବାକୁ ଯାଇ ଠାକୁର କହିଛନ୍ତି, "ସାଧୁସନ୍ନ୍ୟାସୀ ବା ଭକ୍ତମାନଙ୍କଠାରୁ ଶୁଣାଯାଏ ଯେ,ଶ୍ରୀରାମ, ଶ୍ରୀକୃଷ୍ଣ, ଶ୍ରୀଗୌରାଙ୍ଗ, ବ୍ୟାସ, ବଶିଷ୍ଠ ସନକାଦି ଋଷିଗଣଙ୍କର ବର୍ତ୍ତମାନ ସୁଦ୍ଧା ସାକ୍ଷାତ୍ ମିଳେ । ତେବେ କ'ଣ ନିର୍ବାଣ ମୁକ୍ତିଲାଭ କାହାରି ହୋଇ ନାହିଁ । ତେବେ କ'ଣ ବ୍ରହ୍ମନିର୍ବାଣ କେବଳ ମୁହଁର କଥା ? ଯୋଗୀଙ୍କ ଭିନ୍ନ କେହି ଏ ତତ୍ତ୍ୱର ମୀମାଂସା କରିପାରିବେ ନାହିଁ । ଜଗତରେ ପ୍ରତ୍ୟେକ ପ୍ରାଣୀର କ୍ରିୟା ଆକାଶରେ ଚିତ୍ର ହୋଇ ରହିଯାଏ । ବ୍ୟାସ, ବଶିଷ୍ଠ କୌଣସି ସ୍ୱତନ୍ତ୍ର ଲୋକରେ ବିଦ୍ୟମାନ ନାହାନ୍ତି । ସେମାନେପରମପଦରେ ଲୀନ ହୋଇଯାଇଛନ୍ତି।ସେମାନେ କୌଣସିଠାରେ ଭୌତିକ ଦେହ ଧରି ବସି ନାହାନ୍ତି । କିନ୍ତୁ ସେମାନଙ୍କ ଚିନ୍ତାଧାରା, ସେମାନଙ୍କ ସାଧନା, ତ୍ୟାଗ, ସଂଯମ, ଶିକ୍ଷା ଓ ଆଦର୍ଶଆକାଶପଟରେ ଚିତ୍ରିତ ହୋଇ ଗୁପ୍ତ ଓ ସୂକ୍ଷ୍ମ ଭାବରେ ରହିଅଛି । ଯଦି କୌଣସି ବ୍ୟକ୍ତିସେମାନଙ୍କ ସମ୍ବନ୍ଧରେ ସେହିପରି ଗଭୀର ଚିନ୍ତା କରିପାରନ୍ତି, ତେବେ ଏହି ସବୁ ଗୁପ୍ତ ଚିତ୍ର ତାଙ୍କ ନିକଟରେ ପ୍ରାଣବନ୍ତ ହୋଇ ପ୍ରକଟିତ ହୁଏ । ଋଷିମାନଙ୍କ ଅପେକ୍ଷା ଅବତାରମାନଙ୍କର ଲୀଳାଚିତ୍ର ବହୁକାଳ ପର୍ଯ୍ୟନ୍ତ ପ୍ରକଟିତ ଥାଏ । ଅବତାର-ଉପାସକମାନଙ୍କ ନିକଟରେ ଏହି ଚିତ୍ର ଫୁଟିଉଠେ । ତୁମେ ଆମେ ଏହି ଘରେବସି କଥାବାର୍ତ୍ତା କରୁଥାଉଁ, ଏହା ମଧ୍ୟ ବହୁକାଳ ସ୍ଥିତିଶୀଳ ହେବ । ଯଦି କେହି ଅନୁଧ୍ୟାନ କରନ୍ତି, ତେବେ ତାହା ତାଙ୍କ ନିକଟରେ ପ୍ରକଟିତ ହେବ ।"

ସୁତରାଂ ଦେଖାଯାଏ ଯେ, ଗତାନୁଗତିକ ଭାବରେ ପ୍ରଚଳିତ ପନ୍ଥାରେ ସାଧନ କରିବା ଅପେକ୍ଷା ନିରୁପାଧି ମହାପୁରୁଷଙ୍କ ପ୍ରଦର୍ଶିତ

ଅଭିନବ ପନ୍ଥାରେ ଉପାସନା କରିବା ଅଧିକତର କାର୍ଯ୍ୟକାରୀ । କାରଣ ଶିଷ୍ୟର ଦୈନ୍ୟ ଯେଉଁଠି, ଗୁରୁଦେବ ତାହା ଦିବ୍ୟ ଦୃଷ୍ଟିରେ ଦେଖି ତଦନୁରୂପ ସାଧନା ଦେଇ କିପରି ଭାବରେ ଶାନ୍ତି ଆଣି ଦିଅନ୍ତି, ତାହା କତିପୟ ବିରହବିଧୁରା ସାଧିକାଙ୍କର ସାଧନାପଦ୍ଧତିରୁ ବୁଝାଯିବ ।

ଶ୍ରୀ ଶ୍ରୀ ଠାକୁର ତାଙ୍କ ନିଜ ଚିନ୍ତା ଦ୍ୱାରା ଭାବତତ୍ତ୍ୱକୁ ଏପରି ଭାବରେ ପରିପୁଷ୍ଟ କରିଛନ୍ତି ଯେ, ତାଙ୍କର ଚିନ୍ତାପୁତ ଅଭିନବ ସାଧନା ପଦ୍ଧତି ବଡ଼ ବିସ୍ମୟକର ଭାବରେ ଫଳପ୍ରଦ ହୋଇଅଛି । ତାହା ଶୁଣିଲେ ଆମ୍ଭମାନଙ୍କର ସେତେବେଳେ ବିସ୍ମୟର ଅବଧି ରହେନାହିଁ । ଗତାନୁଗତିକ ଜୀବନଧାରାରେ ବ୍ୟତିକ୍ରମ ନ ହୋଇ ଯେ ସଂଯମ ରକ୍ଷା କରାଯାଏ, ଅସ୍ୱାଭିକ ପଥରେ ଗମନ ନକରି ଯେ ସାଧନା କରାଯାଇପାରେ ଓ ତଦ୍ୱାରା ଯେ ସହଜଭାବରେ ଇଷ୍ଟସିଦ୍ଧି ହୁଏ, ତାହା ସର୍ବପ୍ରଥମେ ନାସିରପୁର ଗ୍ରାମରେ ପରୀକ୍ଷିତ ହୋଇଥିଲା ।

ପତିବିରହରେ ଆତ୍ମବିସ୍ମୃତା ହୋଇ ଯେଉଁ ବିଧବାମାନେ ଶ୍ରୀ ଶ୍ରୀ ଠାକୁରଙ୍କ ଚରଣତଳେ ଆଶ୍ରୟପ୍ରାର୍ଥୀ ହୋଇଛନ୍ତି ସେମାନଙ୍କ ପକ୍ଷରେ ଅନ୍ୟ କୌଣସି ସାଧନ ଫଳପ୍ରଦ ହୋଇପାରିବ ନାହିଁ ବୋଲି ଜାଣି ଠାକୁର ସେମାନଙ୍କୁ ଗୋଟିଏ ଅଭିନବ ସାଧନ ପ୍ରଣାଳୀ ପ୍ରଦର୍ଶନ କଲେ । ଏପର୍ଯ୍ୟନ୍ତ କୌଣସି ଗୁରୁ ବା ମହାପୁରୁଷ ଏ ପନ୍ଥାରେ ଯେ ଭଗବତ୍ ଭାବର ଉଦ୍‌ବୋଧନ କରାଯାଇପାରେ, ତାହା କଳ୍ପନା ମଧ୍ୟ କରି ନ ଥିଲେ ।

ଶ୍ରୀ ଶ୍ରୀ ଠାକୁର କତିପୟ ସ୍ୱାମୀବିରହକାତରା ବିଧବାଙ୍କୁ ଦୀକ୍ଷା ପ୍ରଦାନ କରି ସେମାନଙ୍କୁ ନିଜ ନିଜ ଇଷ୍ଟମନ୍ତ୍ର ଜପ ଓ 'ମନ୍ତ୍ରାର୍ଥ' ପରିଚିନ୍ତନରେ ଇଷ୍ଟମୂର୍ତ୍ତି ଚିନ୍ତା କରିବା ସ୍ଥାନରେ ନିଜ ନିଜ ପ୍ରିୟଜନମାନଙ୍କର ମୂର୍ତ୍ତି ଭାବନା କରିବାକୁ ଉପଦେଶ ପ୍ରଦାନ କଲେ । ସ୍ୱାମୀ ବିରହବିଧୁରା ବିଧବା ତାର ସ୍ୱାମୀଙ୍କ ମୂର୍ତ୍ତି ଭାବନା କରି ମନ୍ତ୍ରଜପ କଲା ଓ ମନ୍ତ୍ରଜପ ବେଳେ ସ୍ୱାମୀଙ୍କ ରୂପ ଧ୍ୟାନ କରି ଅଶ୍ରୁଜଳରେ ବକ୍ଷ ଭସାଇବାକୁ ଲାଗିଲା । ବିଧବା ହୃଦୟର ପ୍ରୀତି ମନ୍ତ୍ରର ପ୍ରତିପାଦ୍ୟ ଦେହାଙ୍କର ଦେହ ରଚନା କରିଦେଲା । ସ୍ୱୟଂଭଗବାନ ତାଙ୍କରସ୍ୱାମୀରୂପ ପରିଗ୍ରହକରି ତୃଷିତ ତାପିତ ବିଧବାଙ୍କ ସମ୍ମୁଖରେ ପୂର୍ବସ୍ୱାମୀଙ୍କ ପରି ପ୍ରୀତ୍ୟାଚରଣ ହୋଇ କ୍ରୀଡ଼ା କୌତୁକ କରିବାକୁ ଲାଗିଲେ । ସ୍ୱାମୀ-ପ୍ରେମ-ସ୍ପର୍ଶ-ଲୋଲୁପା-ବିଧବା ଜାଣି-

ପାରିଲା ନାହିଁ ଯେ, ତାର ଏହି ସ୍ୱାମୀ ଜଗତ୍‌ସ୍ୱାମୀ । ମନେ ମନେ ଭାବିଲା, ମୃତ୍ୟୁର ପରପାରରୁ ମନ୍ତ୍ରରେ ଆହୂତ ହୋଇ ସ୍ୱାମୀ ଆସି ଦେଖା ଦେଇଛନ୍ତି । ପତିପ୍ରୀତି, ପତିଆସକ୍ତି, ନିରବଚ୍ଛିନ୍ନ ପତିଚିନ୍ତା ଯେ ଏହି ମୂର୍ତ୍ତି ଗଠନ କରିଛି ଓ ପ୍ରେମ ଯେ ସାଧକଙ୍କର ମନୋମୟୀ ମୂର୍ତ୍ତି ଗଢ଼ିପାରେ, ଏ କଥା ସେ ଜାଣିପାରିଲା ନାହିଁ ।

ଏହି ଭାବର ସାଧନା କରି ମୟୂନାବତୀ ନକ୍ଟବର୍ତ୍ତୀ ବସିରପୁରନିବାସୀ ଜନୈକା ଗୁରୁଭଗିନୀ ସାଧନା ଫଳରେ ଗଭୀର ରାତ୍ରିରେ ସ୍ୱାମୀ ରୂପରେ ପ୍ରେମସ୍ୱରୂପଙ୍କୁ ପାଇ ଆତ୍ମହରା ହୋଇଯାଇଥିଲେ । ନିଜ ଭାବରେ ସେ ସ୍ୱାମୀଙ୍କର ଧ୍ୟାନ, ଜପ, ପୂଜା, ଭାବନା ପ୍ରଭୃତି କରୁଥିଲେ । ଦିନକୁ ଦିନ ବିଧବାଙ୍କର ରୂପଲାବଣ୍ୟ, ତାରୁଣ୍ୟ ଓ କମନୀୟତାରେ ବୃଦ୍ଧି ଉଜ୍ଜ୍ୱଳ ହୋଇ ସାଧାରଣଙ୍କ ଦୃଷ୍ଟି ଆକର୍ଷଣର କାରଣ ହୋଇଉଠିଲା । ଏହିପରି ଦିନେ ସ୍ୱାମୀସ୍ପର୍ଶଲୋଲୁପା ରାଗମାର୍ଗର ସାଧିକା ଏହି ବିଧବାଙ୍କ ସମ୍ମୁଖରେ ପ୍ରେମଗଢ଼ାତନୁ-ସ୍ୱାମୀ ରୂପାନ୍ତର ପ୍ରାପ୍ତ ହୋଇ ସହସା ଠାକୁରଙ୍କ ରୂପ ଧାରଣ କରି ହସିଉଠିଲେ । ଏତକରେ କାମନ ଦାମ୍ପତ୍ୟଭାବ ଦୂରକୁ ପଳାୟନ କଲା । ବିଧବାଙ୍କର ପୂର୍ବ ଧାରଣା ଭାଙ୍ଗିଗଲା । ସେ ନତଜାନୁ ହୋଇ ଠାକୁରଙ୍କ ଚରଣ ତଳେ ପତିତା ହେଲେ ଏବଂ କ୍ଷମା ଭିକ୍ଷା କଲେ । ବିଧବାଙ୍କର ସେହିଦିନଠାରୁ ପ୍ରକୃତ ପ୍ରେମର ଉଦୟ ହେଲା ।

ଶ୍ରୀ ଶ୍ରୀ ଠାକୁର ଉପରୋକ୍ତ ସାଧନା ପ୍ରଦାନ କରି ଯାହା ଶତକଳ୍ପରେ ହେବା ସୁକଠିନ, ତାହା ଅତି ସତ୍ୱର ଫଳପ୍ରସୂ କରାଇଦେଲେ । ଉଦାହରଣ ଦେଇ ସମସ୍ତ ଘଟଣା ପ୍ରକାଶ କରିବା ବାହୁଲ୍ୟ ମାତ୍ର । କାରଣ ଏସବୁ କଥା ସାଧାରଣରେ ପ୍ରଚାର କରିବାର ବିଷୟ ନୁହେଁ । ଏହା ଯେ ହିନ୍ଦୁ ଗୃହର ଭକ୍ତିମତୀ କୁଳକାମିନୀମାନଙ୍କର ପ୍ରେମସାଧନାର ଗୁପ୍ତ କଥା, ପ୍ରେମସାଧନା ଯେ କପଟ, ତାହା ଭଗବତ୍‌ତତ୍ତ୍ୱବିଦ୍‌ଙ୍କ ଭିନ୍ନ ଅନ୍ୟମାନଙ୍କ ପକ୍ଷରେ ଜାଣିବା କଠିନ ।

ଅଧ୍ୟାତ୍ମ ଶାସ୍ତ୍ରରେ ଏହି ଅଭିନବ ପନ୍ଥା ଯେ ଶ୍ରୀ ଶ୍ରୀ ଠାକୁରଙ୍କ ଦ୍ୱାରା ସର୍ବପ୍ରଥମେ ଆବିଷ୍କୃତ ହୋଇଅଛି, ତାହା ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରିବେ ।

## ଆଦର୍ଶ ଭାବ

ଠାକୁର ଯଦି ସବୁ ମତରେ ବିଶ୍ୱାସୀ, ତେବେ ସ୍ୱତଃ ମନେହେବ ଯେ ତାଙ୍କର କ'ଣ ନିର୍ଦ୍ଦିଷ୍ଟ କୌଣସି ଆଦର୍ଶ ନାହିଁ ? ନା,ତାଙ୍କର କୌଣସି ଆଦର୍ଶ ନ ଥିଲା । ସେ କାହାର ସମ୍ମୁଖରେ କୌଣସି ଗୋଟିଏ ବିଶେଷ ଆଦର୍ଶ ରଖି ତାକୁ ତଦନୁରୂପ ଭାବରେ ଅନୁପ୍ରାଣିତକରିବାକୁ ଚେଷ୍ଟା କରିନଥିଲେ । କାରଣଠାକୁର ବାରମ୍ବାର କହିଛନ୍ତି ଯେ, କେହି ଆଦର୍ଶରେ ଦିନେ ପହଞ୍ଚି ପାରିବେ ନାହିଁ । ଆଦର୍ଶଭାବ ସାମାଜିକ ଜୀବନରେ ସୁଖ ସୁବିଧାର ବିଷୟ ହୋଇପାରେ; କିନ୍ତୁ ଆଧ୍ୟାତ୍ମଜୀବନ ଏଥିରେ ପ୍ରଭାବାନ୍ୱିତ ହୁଏନାହିଁ । ଜଗତ ବୈଚିତ୍ର୍ୟମୟ । ଏଠାରେ ଅନନ୍ତ ଜୀବ ଅନନ୍ତ ପ୍ରକାରରେ ଗଠିତ ହେବେ ।

## ବାଳକ ସୁଲଭ ସରଳ ଭାବ

ଶ୍ରୀ ଶ୍ରୀ ଠାକୁରଙ୍କ ଭିତରେ କୋମଳତାର ଅଭାବ କେବେହେଲେ ଲକ୍ଷିତ ହୋଇ ନଥିଲା । ସେ ସୁନ୍ଦର ଶିଶୁଟିଏ ଦେଖିଲେ ତାକୁ ଚୁମ୍ବନ କରିବାର ଦେଖାଯାଇଛି । ଏହା ଯେ ସ୍ନେହବଶତଃ ତାହା ନୁହେଁ । ଚିରସୁନ୍ଦରଙ୍କର କିଞ୍ଚିତ୍ ଆଭାସ ଯାହା ଭିତରେ ସେ ଦେଖିପାରନ୍ତି, ଠାକୁର ନିରୁପାଧି ଭାବରେ ପ୍ରତିଷ୍ଠିତ ହେଲେ ମଧ୍ୟ ସେଥିରୁ ତଳକୁ ଖସିଆସି ତାକୁ ଚୁମ୍ବନ କରନ୍ତି । ସେ ଅତିଶୟ ସରଳ ପ୍ରକୃତିର ସାଧୁ ଥିଲେ । ଦିନେ ସେ ଜନୈକ ଶିଷ୍ୟଙ୍କ ଘରକୁ ଯାଇଥିଲେ । ଶିଷ୍ୟର ଶିଶୁ ସନ୍ତାନକୁ ନିର୍ଜ୍ଜନ ପ୍ରକୋଷ୍ଠରେ କହିଲେ, "ଆରେ ଘୋଡ଼ା ଖେଳ ଜାଣୁ ?" ସେ କହିଲା, "ଜାଣେ, ତୁମେ ଚଢ଼ିବ ?" ଠାକୁର କହିଲେ,ଚଢିବା।" ଶିଶୁଟି ଘୋଡ଼ା ହେଲା । ଠାକୁର ତାଙ୍କର ବିରାଟ ଶରୀରର ଭାର ନିଜ ଉପରେ ରଖି ଶିଶୁ ପୃଷ୍ଠରେ ଚଢ଼ିଲେ । କିଛି ସମୟ ପରେ ଶିଶୁଟି ଠାକୁରଙ୍କୁ କହିଲା, "ଏଥର ତୁମେ ଘୋଡ଼ା ହୁଅ, ମୁଁ ଚଢ଼ିବି ।' ଠାକୁର ଭାବିଲେ, "ହଁ, ମୁଁ ଯେଉଁ ଅଧିକାରରେ ଶିଶୁପୃଷ୍ଠରେ ଚଢ଼ିଛି, ସେ ମଧ୍ୟ ସେହି ଅଧିକାରରେ ମୋ

ଉପରେ ଚଢ଼ିବା ଦାବୀ କରୁଛୁ !" ଅଗତ୍ୟା ସେହି ନିର୍ଜନ ପ୍ରକୋଷ୍ଠରେ ସେ ଘୋଡ଼ା ହେଲେ । ଶିଶୁଟି ତେଣିପଛ ଠାକୁରଙ୍କ ପିଠିରେ ଚଢ଼ିଗଲା । ଏଣେ ଏ ଦୃଶ୍ୟ ଶିଶୁର ମା' ଦେଖିପାରି ପୁଅକୁ ତିରସ୍କାରପୂର୍ବକ ଠାକୁରଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାକୁ ଲାଗିଲା ।

## ବିନିମୟ ଭାବ

ପୂର୍ବବର୍ଣ୍ଣିତ ଘୋଡ଼ାଖେଳ ପ୍ରସଙ୍ଗରେ ପରେ ଶ୍ରୀ ଶ୍ରୀ ଠାକୁର କହିଲେ ଯେ, ଏହା ବିନିମୟ । ମୁଁ ଘୋଡ଼ା ସାଜିଥିବା ଶିଶୁ ପିଠିରେ ଚଢ଼ିଲି । ତେଣୁ ଶିଶୁ ମଧ୍ୟ ମୋ ପିଠିରେ ଚଢ଼ିବାକୁ ବାଧ୍ୟ । ଏହି ବିନିମୟ ଭାବ ନେଇ ଠାକୁର କହନ୍ତି —"ତୁମେମାନେ ମୋତେ ପଙ୍ଖା କରୁଛ, ମୋର ପାଦ ଚିପି ଦେଉଛ । ମୋତେ ମଧ୍ୟ ଏହା ବିନିମୟରେ କିଛି କରିବାକୁ ହେବ । ଏ ଜଗତରେ କିଛି ବୃଥା ଯାଏ ନାହିଁ । ଅର୍ଥାତ୍ କାର୍ଯ୍ୟ କଲେ, ନିଶ୍ଚୟ ତାର ଫଳ ପାଇବ । କର୍ମ ସହିତ ଫଳର ଅଚ୍ଛେଦ୍ୟ ସମ୍ବନ୍ଧ ।"

ଶ୍ରୀ ଶ୍ରୀ ଠାକୁର ମଠରେ ଅବସ୍ଥାନ କରୁଥିବା ସମୟରେ ସର୍ବଦା ଋଷି ବିଦ୍ୟାଳୟର ବାଳକମାନଙ୍କ ସହ କ୍ରୀଡ଼ା କୌତୁକ କରନ୍ତି । ଦିନେ ସେ ବାଳକମାନଙ୍କସହିତ ଗୋଲାପଉଦ୍ୟାନରେ ଭ୍ରମଣକରୁଥିଲେ । ଋଷିବିଦ୍ୟାଳୟର ଜଣେ ଛାତ୍ର ଗୋଟିଏ ସୁନ୍ଦର ଗୋଲାପ କାଟି ଛିଣ୍ଡାଇ ପକାଇବା ଦେଖି ଠାକୁର ଅଛା କରି କହିଲେ, "କାହିଁକି ଗୋଲାପ କାଟି ଛିଣ୍ଡାଇଦେଲୁ, ମୁଁ ନିର୍ବାଣାନନ୍ଦଙ୍କୁ (ତତ୍କାଳୀନ ମଠାଧ୍ୟକ୍ଷ) କହି ତୋତେ ମାଡ଼ ଖୁଆଇବି ।" ଏଥିରେ ବାଳକଟି ଭୟରେ କ୍ରନ୍ଦନ କରି ଅଧ୍ୟକ୍ଷଙ୍କ ଆଗରେ ଏକଥା ନ କହିବାକୁ ମିନତି କଲା । ଠାକୁର କୌତୁକ ଦେଖିବା କମିଛି ପୁନରାୟ 'କହି ଦେବି' ବୋଲି କହିବାରୁ ବାଳକଟି ଅତିଶୟ କ୍ରନ୍ଦନ କରି ଏ କଥା ନିର୍ବାଣାନନ୍ଦଙ୍କୁ ନ କହିବା ପାଇଁ ବାରମ୍ବାର ଅନୁରୋଧ କରିବାକୁ ଲାଗିଲା । ପରେ ଠାକୁର ବାଳକକୁ ସାନ୍ତ୍ୱନା ଦେଇଥିଲେ ।

ଏହିପରି କିଛିଦିନ ଚାଲିଗଲା । ଦିନେ ଶ୍ରୀ ଶ୍ରୀ ଠାକୁର ଓ ବାଳକମାନେ ପୁନରାୟ ଗୋଲାପ ଉଦ୍ୟାନରେ ଭ୍ରମଣ କରୁଥାନ୍ତି । ଠାକୁର ଗୋଟିଏ

ଗୋଲାପ କଢ଼ି ଛିଣ୍ଡାଇ ଆନନ୍ଦରେ ହାତରେ ଧରିଲେ । ଏହା ଦେଖି ପୂର୍ବୋକ୍ତ ଶିଶୁ ଗ୍ରୁଟିଏ ଠାକୁରଙ୍କୁ କହିଲା, "କହେ ଠାକୁର, ଆଜି ଯିବ କୁଆଡ଼େ ? ମୁଁ ବଗିଚାର ଅଧ୍ୟକ୍ଷଙ୍କ ଆଗରେ କହି ତୁମକୁ ମାଡ଼ ଖୁଆଇବି ।" ଏହାଶୁଣି ହଠାତ୍ ଠାକୁରଙ୍କର ଭାବାନ୍ତର ଆସିଗଲା । ସେ ବ୍ୟାକୁଳ ଭାବରେ କାନ୍ଦିକାନ୍ଦି ବାଳକର ହାତ ଧରି ଏ ବିଷୟ ଅଧ୍ୟକ୍ଷଙ୍କୁ ନ କହିବାକୁ ମିନତି କଲେ । ବାଳକ ଛାଡ଼ିବାର ପାତ୍ର ନୁହେଁ । ସେ ମଧ୍ୟ କହିଦେବ ବୋଲି ଜିଦ୍ କରିବାରୁ ଠାକୁର ବାଳକ ପରି ଅତିଶୟ କ୍ରନ୍ଦନ କରି ମୂର୍ଚ୍ଛିତ ହୋଇ ପଡ଼ିଗଲେ । ପରେ ସମସ୍ତେ ଆସି ସବୁକଥା ବୁଝି ଠାକୁରଙ୍କର ଚେତନା ଫେରାଇ ଆଣିଲେ । ଏଥିରୁ ଜଣାଯାଏ ଯେ, 'ବାଳମନୟଭାବ' ଠାକୁରଙ୍କ ଭିତରେ କେତେ ପ୍ରବଳଥିଲା ।

ବାଳମନୟ ଭାବ ଯଦି ତାଙ୍କ ଭିତରେ ପ୍ରବଳ ଥିଲା, ତାହାହେଲେ କ'ଣ ଆମ ଠାକୁର କୃପାବାଦ ସ୍ୱୀକାର କରୁ ନ ଥିଲେ ? କୃପାରେ ପୁଣି ପାତ୍ର ପାତ୍ର ଭେଦ ଅଛି । ଯାହାଙ୍କର କୃପା ଆକର୍ଷଣର କ୍ଷମତା ଅଛି, ତାଙ୍କୁ ହିଁ କୃପା କରିବାକୁ ପଡ଼େ । ମୋଟଉପରେ ବାଳମନୟରେ କିଛି ନ ଦେଲେ କୃପା ହୋଇପାରେ ନାହିଁ । ବିଶ୍ୱାସ, ସୁଖପାଇବା ଇତ୍ୟାଦିର କୌଣସି ସାଧନା ନାହିଁ । ତଥାପି ଭଗବାନଙ୍କର ଯେଉଁ କୃପା ଉପଲବ୍ଧି ହୁଏ, ତାହାକୁ ମଧ୍ୟ କୃପା କହନ୍ତି; କିନ୍ତୁ ଏହା ସାଧାରଣ ନିୟମବହିର୍ଭୂତ ଭଗବତ୍ ବିଭୂତି ମାତ୍ର ।

## ସମନ୍ୱୟ ଭାବ

ଶ୍ରୀ ଶ୍ରୀ ଠାକୁର ସମନ୍ୱୟବାଦୀ ଥିଲେ । 'ଯେତେ ମତ ତେତେ ପଥ' ବୋଲି କହି ସେ ସବୁମତର ଗୁଣ କୀର୍ତ୍ତନ କରିଛନ୍ତି । ଠାକୁରଙ୍କ ଜୀବନ ସମନ୍ୱୟର ଜୀବନ । ଜଗତରେ ଯେତେବେଳେ ଅସଂଖ୍ୟ ମତବାଦ ଓ ବୈଷମ୍ୟର ସୃଷ୍ଟି ହୁଏ ଅବତାରମାନେ ଆସି ଗୋଟିଏ ମତବାଦ ଓ ଗୋଟିଏ ଆଦର୍ଶ ପ୍ରଚାର କରନ୍ତି । ଅଧିକାରୀ ଓ ଅନଧିକାରୀ ବିଚାର ନ କରି ସମସ୍ତଙ୍କୁ ଏକା ଭାବରେ, ଏକ ଆଦର୍ଶରେ ଚାଳିତ କରିବା ହେଲା, ଅବତାରଙ୍କର କାର୍ଯ୍ୟ । ଅବତାର ପ୍ରଚାରିତ ମତବାଦ ମଧ୍ୟରେ ଯେଉଁ ଗଭୀର ସତ୍ୟ ନିହିତ ଅଛି,

ସଦ୍‌ଗୁରୁମାନେ ନିଜ ଜୀବନରେ ସାଧନା କରି ତାହା ଜଗତ୍ ସପକ୍ଷରେ ପ୍ରଚାର କରନ୍ତି ।

ସଦ୍‌ଗୁରୁମାନେ ସେମାନଙ୍କର ପୂର୍ବବର୍ତ୍ତୀ ଅବତାରମାନଙ୍କ ପ୍ରଚାରିତ ମତବାଦଗୁଡ଼ିକ ଅସ୍ୱୀକାର ନ କରି ମଧ୍ୟ ଜଗତରେ ଅଭିନବ ଚିନ୍ତା ଆବିଷ୍କାର କରନ୍ତି । ତେଣୁ ଠାକୁର ଆମମାନଙ୍କୁ ଆଦର୍ଶକଥା କହିବାକୁ ଯାଇ କହିଛନ୍ତି, **"ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କ ପଥ ହିଁ ହେଲା ତୁମମାନଙ୍କର ଆଦର୍ଶ ।"**

ଜ୍ଞାନଲାଭ ହେଲା ଆମମାନଙ୍କର ଚରମ ଲକ୍ଷ୍ୟ । କିନ୍ତୁ ଶଙ୍କରଙ୍କ ପ୍ରବର୍ତ୍ତିତ ସାଧନ ପଥରେ ଆମମାନଙ୍କ ପରି ଦୁର୍ବଳ ଅଧିକାରୀ ପକ୍ଷରେ ଚାଲିବା ଅସମ୍ଭବ ବୋଲି ସେ ଆମମାନଙ୍କୁ ଭକ୍ତିପଥରେ ଚାଲିବାକୁ ଉପଦେଶ ଦେଇଛନ୍ତି । ଶଙ୍କରଙ୍କ ମତ ଓ ଗୌରାଙ୍ଗଙ୍କ ପଥ'—ଏହି ଉଦାର ସାର୍ବଭୌମ ଉପଦେଶ ଦ୍ୱାରା ଶ୍ରୀ ଶ୍ରୀ ଠାକୁର ଜ୍ଞାନ ଭକ୍ତିର ସମନ୍ୱୟ ସାଧନ କରିଯାଇଛନ୍ତି ।

ଜ୍ଞାନ-ଭକ୍ତିର ସମନ୍ୱୟ ପଥରେ ଚାଲି ନ ପାରିଲେ ନୀରସ ଶୁଷ୍କ ଜ୍ଞାନପଥରେ କିମ୍ବା ଜ୍ଞାନବର୍ଜ୍ଜିତ ଆଚାର ଅନୁଷ୍ଠାନ ପଥରେ ଭାରତର ଦୁର୍ଗତି ମୋଚନ ହେବ ନାହିଁ ବୋଲି ଶ୍ରୀ ଶ୍ରୀ ଠାକୁର ଆମ ସମ୍ମୁଖରେ ସମନ୍ୱୟର ଆଦର୍ଶ ରଖିଛନ୍ତି । କିପରି ଯେ ଜ୍ଞାନଭକ୍ତିର ସମନ୍ୱୟ ସମ୍ଭବପର, ତାହା ଶ୍ରୀ ଶ୍ରୀ ଠାକୁର ତାଙ୍କ ଜୀବନରେ ଦେଖାଇ ଦେଇ ଯାଇଛନ୍ତି । ଆମ୍ଭେମାନେ ଶ୍ରୀ ଶ୍ରୀ ଠାକୁରଙ୍କଠାରେ ଶଙ୍କର, ଗୌରାଙ୍ଗ ଅର୍ଥାତ୍ ଜ୍ଞାନ ଓ ଭକ୍ତିର ଅପୂର୍ବ ମିଳନ ସ୍ୱଚକ୍ଷୁରେ ପ୍ରତ୍ୟକ୍ଷ କରିଅଛୁ । ତନ୍ତ୍ର, ଯୋଗ, ଜ୍ଞାନ ଓ ଭକ୍ତିପଥରେ ସିଦ୍ଧିଲାଭ କରିଥିବାରୁ ସ୍ୱଭାବତଃ ଶ୍ରୀ ଶ୍ରୀ ଠାକୁରଙ୍କଠାରେ ଗୋଟିଏ ଉଦାର ଭାବ ସର୍ବଦା ବିରାଜିତ ରହୁଥାଏ ।

ସବୁ ମତର ଓ ସବୁ ପଥର ପଥିକମାନେ, ତାଙ୍କ ନିକଟକୁ ଆସି ସମାନ ମର୍ଯ୍ୟାଦା ଲାଭ କରିଥାନ୍ତି । ସାଧାରଣ ଅସାଧାରଣ ଯେକୌଣସି ପ୍ରକାର ମନୁଷ୍ୟ ତାଙ୍କ ନିକଟକୁ ଉପଦେଶପ୍ରାର୍ଥୀ ହୋଇ ଆସିଛନ୍ତି, ସେ ପ୍ରତ୍ୟେକଙ୍କୁ ପରମ ଆଶାବାଣୀ ଶୁଣାଇ ଯଥୋଚିତ ସାଧନାର ବ୍ୟବସ୍ଥା କରି ଦେଇଯାଇଛନ୍ତି । ସେ ବରାବର କହୁଛନ୍ତି, "ମୁଁ ଜଣେ ସାଧାରଣ ମନୁଷ୍ୟ । ସାଧନା କରି ଆଜି ଏକ ଜୀବନ୍ମୁକ୍ତ ଅବସ୍ଥା ଲାଭ କରିଛୁ । ତୁମେମାନେ ମଧ୍ୟ ମନୁଷ୍ୟ । ସୁତରାଂ

ତୁମେମାନେ କାହିଁକି ମୋ ପରି ଅବସ୍ଥା ଲାଭ କରିପାରିବ ନାହିଁ ? ମୋର ବିଶ୍ୱାସ ଯେ, ତୁମେମାନେ ନିଶ୍ଚୟ ମୋ ପରି ଜୀବନ୍ମୁକ୍ତ ଅବସ୍ଥା ଲାଭ କରି ଜୀବନ ଧନ୍ୟ କରିପାରିବ ।"

ଠାକୁରଙ୍କ ଶ୍ରୀମୁଖରୁ ଆମେ 'ଜ୍ଞାନ-ଭକ୍ତି', 'କର୍ମ-ଜ୍ଞାନ', 'ଗୃହୀ-ସନ୍ନ୍ୟାସୀ'-ଙ୍କର ସମ୍ମେଳନ ସମ୍ବନ୍ଧରେ ବହୁ ଉପଦେଶ ଲାଭ କରିଅଛୁ । ଆଦର୍ଶ ଗୃହୀ ଓ ଆଦର୍ଶ ସନ୍ନ୍ୟାସୀଙ୍କ ଭିତରେ ଯେ କୌଣସି ପାର୍ଥକ୍ୟ ନାହିଁ, ତାହା ସେ ଆମକୁ ଅନେକ ସମୟରେ ଉପଦେଶ ଦେଇ ବୁଝାଇ ଦେଇଛନ୍ତି ।

## ଜ୍ଞାନ ଭକ୍ତି

ଠାକୁର କହିଛନ୍ତି, "ବିଶ୍ଳେଷଣ ପଥ ଅର୍ଥାତ୍ ଜ୍ଞାନପଥର ସାଧକଗଣ ବ୍ରହ୍ମାନନ୍ଦରେ ନିମଗ୍ନ ହୋଇଯାନ୍ତି; ତେଣୁ ଲୀଳାନନ୍ଦ ଭୋଗ କରିପାରନ୍ତି ନାହିଁ । ପୁଣି ସଂଶ୍ଳେଷଣ ପଥ ଅର୍ଥାତ ଭକ୍ତିପଥର ସାଧକ ଲୀଳାନନ୍ଦରେ ବୁଡ଼ି ସ୍ୱରୂପାନନ୍ଦରୁ ବଞ୍ଚିତ ହୁଅନ୍ତି । କିନ୍ତୁ ଯେ ବିଶ୍ଳେଷଣ ପଥରେ ଗମନ କରି ସଂଶ୍ଳେଷଣ ପଥରେ ଫେରିଆସନ୍ତି, ସେ ହିଁ କେବଳ ସଚ୍ଚିଦାନନ୍ଦସାଗରରେ ବୁଡ଼ି ଆତ୍ମସ୍ୱରୂପରେ ଲୀଳାନନ୍ଦ ଉପଭୋଗ କରିଥାନ୍ତି । ଏକମାତ୍ର ସେହି ଲୋକଙ୍କର ଜୀବନ ସମ୍ପୂର୍ଣ୍ଣ । ଯେଉଁମାନେ ଲୀଳାନନ୍ଦରେ ମାତିଯାନ୍ତି, ସେମାନେ ନିତ୍ୟାନନ୍ଦର ଆସ୍ୱାଦ ନ ପାଇ ନିତ୍ୟାବସ୍ଥାକୁ କଠୋର ଶୁଷ୍କ ବୋଲି କହି ବିଜ୍ଞତା ପ୍ରକାଶ କରିଥାନ୍ତି । ଆଉ ଯେଉଁମାନେ କେବଳ ନିତ୍ୟାନନ୍ଦରେ ପାଗଳ, ସେମାନେ ଅନିତ୍ୟ ଜ୍ଞାନରେ ଲୀଳାନନ୍ଦକୁ ଅଶ୍ରଦ୍ଧା କରନ୍ତି । କିନ୍ତୁ ଭଗବାନ ଯେପରି ନିତ୍ୟ ଅର୍ଥାତ୍ ଅନାଦି ଓ ଅନନ୍ତ, ଭଗବାନଙ୍କର ଲୀଳା ମଧ୍ୟ ସେହିପରି ଅନାଦି ଓ ଅନନ୍ତ । ଭଗବାନଙ୍କର ଏହି ଉଭୟ ଭାବ ଯେ ଉପଲବ୍ଧି କରିଛନ୍ତି, ସେ କେବଳ ବ୍ରହ୍ମବିତ, ସେ କେବଳ ପ୍ରେମିକଶିରୋମଣି ।"

"ଭକ୍ତିମାର୍ଗ ଓ ଜ୍ଞାନମାର୍ଗ ଭିତରୁ ଗୋଟିଏ ପଥ ଅବଲମ୍ବନ କଲେ ପୂର୍ଣ୍ଣ ସଚ୍ଚିଦାନନ୍ଦ ଉପଲବ୍ଧି ହୋଇପାରେ ନାହିଁ । ଉଭୟ ମାର୍ଗ ଅବଲମ୍ବନ ନ କଲେ ଅର୍ଥାତ୍ ଜ୍ଞାନ ଭକ୍ତିର ସମନ୍ୱୟୀ ମାର୍ଗରେ ଗତି କରି ନ ପାରିଲେ କେହି ପୂର୍ଣ୍ଣାନନ୍ଦର ଅଧିକାରୀ ହୋଇପାରିବେ ନାହିଁ ଏବଂ ହୃଦୟର ସଂକୀର୍ଣ୍ଣତା ଦୂର

ହୋଇ ସାର୍ବଭୌମ ଉଦାରତା ଜନ୍ମିବ ନାହିଁ । ତେଣୁ ସେମାନେ ସାମ୍ପ୍ରଦାୟିକ ଭାବ ଗ୍ରସ୍ତ ନ ପାରି ହିଂସା ଦ୍ୱେଷରେ ଧର୍ମ ଜଗତକୁ କଳୁଷିତ କରିପକାଇବେ । କିନ୍ତୁ ଯାହାଙ୍କ ହୃଦୟରେ ଜ୍ଞାନ-ଭକ୍ତିର ମିଳନ ହୋଇଛି, ତାଙ୍କଠାରେ କୌଣସି ବିଦ୍ୱେଷ ରହିବ ନାହିଁ । ସେ ସବୁ ସମ୍ପ୍ରଦାୟରେ ମିଶି, ସବୁ ରସରେ ରସି ସବୁ ପ୍ରକାର ଆନନ୍ଦ ଲାଭ କରିପାରିବେ ।

ହନୁମାନ, ପ୍ରହ୍ଲାଦ, ଶୁକଦେବ, ଜନକ ପ୍ରଭୃତି ମହାତ୍ମାମାନେ ଜ୍ଞାନ-ଭକ୍ତିରମିଳନରେକୃତ୍ୟକୃତ୍ୟ ହୋଇଛନ୍ତି । ରାମପ୍ରସାଦ,ତୁଳସୀଦାସ,ଗୁରୁନାନକ ରାମକୃଷ୍ଣ ପରମହଂସ ଦେବ ପ୍ରଭୃତି ମହାପୁରୁଷମାନେ ମଧ୍ୟ ଜ୍ଞାନ ଭକ୍ତିର ମିଳନାନନ୍ଦର ସ୍ୱାଦ ଲାଭ କରିଛନ୍ତି । ଶଙ୍କର ଓ ଗୌରାଙ୍ଗଙ୍କର ମିଳନ ହିଁ ଜ୍ଞାନ ଭକ୍ତିର ସମନ୍ୱୟ । ଶଙ୍କର-ଗୌରାଙ୍ଗଙ୍କର ଅର୍ଥାତ୍ ଜ୍ଞାନ ଭକ୍ତିର ମିଳନ ହେଲେ ଧର୍ମଜଗତରେ ଯାବତୀୟ ହିଂସା, ଦ୍ୱେଷ, ଦ୍ୱନ୍ଦ୍ୱ, କୋଳାହଳ ଦୂରୀଭୂତ ହୋଇ ଶାନ୍ତି ଓ ପ୍ରେମର ଅମୀୟ ଧାରା ପ୍ରବାହିତ ହେବ ।

"ଶଙ୍କର ଓ ଗୌରାଙ୍ଗଙ୍କ ମିଳନ ହିଁ ପୂର୍ଣ୍ଣ ସତ୍ୟ—ପ୍ରକୃତ ଧର୍ମ । ସୁତରାଂ ସାଧକ ମାନେ ଶଙ୍କର ଓ ଗୌରାଙ୍ଗଙ୍କୁ ଏକ ଆସନ ସ୍ଥାପନ କରିବା କର୍ତ୍ତବ୍ୟ । ଆମେ ଯାହା ହୃଦୟରେ ଗୋଟିଏ ଆସନରେ ଶଙ୍କର ଓ ଗୌରାଙ୍ଗଙ୍କୁ ଦେଖିଲାକ୍ଷଣି ବିନା ବିଚାରରେ ତାଙ୍କୁ ରାମକୃଷ୍ଣଙ୍କ ଭକ୍ତ ବୋଲି ବୁଝିପାରିବୁ । କେଉଁ ଦିନ ଆମେ ଦେଖିବୁ ବା ଏପରି ଦିନ କେବେ ହେବ ଯେ ଦେଖିବାକୁ ମିଳିବ, ପ୍ରତ୍ୟେକଙ୍କ ହୃଦୟରେ ଓତଃପ୍ରୋତ ଭାବରେ ଶଙ୍କର ଓ ଗୌରାଙ୍ଗ ବିରାଜମାନ କରୁଛନ୍ତି । ଶଙ୍କର ଓ ଗୌରାଙ୍ଗଙ୍କର ଅର୍ଥାତ୍ ଜ୍ଞାନ-ଭକ୍ତିର ମିଳନ ହେଲାକ୍ଷଣି ଧର୍ମଜଗତ ଯାବତୀୟ ବିଦ୍ୱେଷ, ଦ୍ୱନ୍ଦ୍ୱକୋଳାହଳ ଦୂରୀଭୂତ ହୋଇ ଶାନ୍ତି ଓ ପ୍ରେମର ଅମୀୟଧାରା ପ୍ରବାହିତ ହେବ । ସେମାନଙ୍କ କୋଡ଼ରେ ସାଧାରଣ ଲୋକେ ମଧ୍ୟ ନିର୍ବିବାଦରେ ସ୍ଥାନ ଲାଭକରି କୃତାର୍ଥ ହେବେ । ଯାହାଙ୍କ ହୃଦୟରେ ଶଙ୍କର-ଗୌରାଙ୍ଗଙ୍କର ଗୋଟିଏ ସିଂହାସନ ସ୍ଥାପିତ ହୋଇପାରିଛି, ଯାହାଙ୍କ ହୃଦୟରେ ଭକ୍ତିଗଙ୍ଗା ଜ୍ଞାନ ସମୁଦ୍ର ସହିତ ମିଳିତ ହୋଇଛନ୍ତି, ସେହି ବ୍ୟକ୍ତି ହିଁ ଜୀବନ୍ମୁକ୍ତ ।"

# ତ୍ରୟୋଦଶ ପରିଚ୍ଛେଦ

## ଭାବଜଗତର ସ୍ୱରୂପ

### ଠାକୁରଙ୍କ ବାଣୀ

"ପ୍ରଥମେ ବ୍ରହ୍ମ ନିର୍ଗୁଣ ଥିଲେ । ତାଙ୍କର ଲୀଳା କରିବାକୁ ଇଚ୍ଛା ହେଲା । ଲୀଳା ଏକା ହୋଇପାରେ ନାହିଁ । ନିର୍ଗୁଣ ବ୍ରହ୍ମ ଇଚ୍ଛା କରିବା ମାତ୍ରକେ ତାଙ୍କ ଶରୀରରୁ ମାଆଙ୍କର ଉଦ୍ଭବ ହେଲା । ଏହି ମାଆ ସଗୁଣ ବ୍ରହ୍ମ ବା ଈଶ୍ୱର । ଏହି ମାଆଙ୍କଠାରୁ ଜଣେ ପୁରୁଷ ଓ ଜଣେ ନାରୀର ଉଦ୍ଭବ ହେଲା । ପରେ ଏହି ପୁରୁଷ ଓ ନାରୀଙ୍କଠାରୁ ଜୀବଜଗତ ସୃଷ୍ଟି ହେଲା । ମାଆ ଦେଖିଲେ, ତାଙ୍କର ସବୁ ଅଛି, କେବଳ ସ୍ୱାମୀ ନାହାନ୍ତି । ତେଣୁ ତପସ୍ୟା ଆରମ୍ଭ କଲେ । ତାଙ୍କ ତପସ୍ୟାରେ ନିର୍ଗୁଣ ବ୍ରହ୍ମ ଗୁରୁ ହୋଇ ସାକାରରେ ଅବତରଣ କଲେ । ମାଆଙ୍କ ସାଧନାରେ ନିର୍ଗୁଣ ବ୍ରହ୍ମ ଧରାଦେଲେ । ନିର୍ଗୁଣ-ସଗୁଣର ସନ୍ଧିସ୍ଥଳର ଅପ୍ରାକୃତ ଭୂମିରେ ମାଆ ତାଙ୍କୁ ନେଇ ସଂସାର ଗଠନ କଲେ । ଏହା ହେଲା, ମାଆଙ୍କର ନିଜ ସଂସାର । ଏହାକୁ 'ଭାବଲୋକ ବା ନିତ୍ୟଲୋକ' କହନ୍ତି ।

"ଅନନ୍ତ କୋଟି ବ୍ରହ୍ମାଣ୍ଡ ମୂଳରେ ଯେଉଁ ମହାଶକ୍ତି ବା ସଗୁଣ ବ୍ରହ୍ମ, ସେ ଅନନ୍ତ କୋଟି ବ୍ରହ୍ମାଣ୍ଡ ସୃଷ୍ଟି କରି ମଧ୍ୟ ତୃପ୍ତ ହୋଇପାରିଲେ ନାହିଁ । ତାଙ୍କ ଭିତରେ କି ଏକ ଅଭାବବୋଧ ବା ଅପୂର୍ଣ୍ଣତା ଜାଗିଉଠିଲା । ତେଣୁ ସେ ତପସ୍ୟା ଆରମ୍ଭ କଲେ । ତାଙ୍କ ତପସ୍ୟାରେ ମୁଗ୍ଧ ହୋଇ ନିର୍ଗୁଣ ବ୍ରହ୍ମ ମଧ୍ୟ କିଛିଦୂର ଖସିଆସିଲେ ।

"ସଗୁଣ ବ୍ରହ୍ମ ନିର୍ଗୁଣ ବ୍ରହ୍ମଙ୍କର ସେବା ନିମିତ୍ତ ଏହି ଭାବଜଗତରେ ଘର-ଦ୍ୱାର ପଶୁ-ପକ୍ଷୀ ପ୍ରଭୃତି ସୃଷ୍ଟି କଲେ । ଭାବ ଜଗତରେ ନିତ୍ୟ ଲୀଳା

ଫୁଟିବାକୁ ଲାଗିଲା । ଭାବଜଗତରେ କେବଳ ଭାବର ପାର୍ଥକ୍ୟ ହେଲା, ନଚେତ୍ ସେଠାରେ ତତ୍ତ୍ୱତଃ ସବୁ ଏକ ।

"ଏ ଜଗତରେ ଯେପରି ପଶୁପକ୍ଷୀ, କୀଟପତଙ୍ଗ ଓ ବୃକ୍ଷଲତା ଅଛନ୍ତି, ଭାବଲୋକରେ ସେହିପରି ସବୁ ଅଛି । ଭାବଲୋକରେ ଯେ ଭଗବାନ, ତାଙ୍କର ଦେହ ତ ଚିନ୍ମୟ ସତ୍ୟ; କିନ୍ତୁ ମନୁଷ୍ୟ, ପଶୁପକ୍ଷୀ, ବୃକ୍ଷଲତା ପ୍ରଭୃତିଙ୍କ ଦେହ ମଧ୍ୟ ଚିନ୍ମୟ । ସମସ୍ତେ ତାଙ୍କ ଲୀଳାର ସହଯୋଗୀ । କିଏ ବା ପାର୍ଶ୍ୱଦ, କିଏ ବା ସେ ସ୍ଥାନର ସୌନ୍ଦର୍ଯ୍ୟଦାୟକ ବସ୍ତୁ, କିଏ ବା ତାଙ୍କ ଚିତ୍ତର ଆନନ୍ଦ ଜନ୍ମାଇବା ପାଇଁ ଆନନ୍ଦଦାୟକ ସ୍ଥାନରେ ଗାନ କରୁଛନ୍ତି ଦ୍ୱୈତଭାବ ନ ଆସିଲେ ଅର୍ଥାତ୍ ସାକାରଭାବ ନ ଆସିଲେ ଲୀଳା ହୋଇପାରେ ନାହିଁ ।"

"ଏଠାରେ ସବୁ ଭାବ ଘନମୂର୍ତ୍ତି । ମାତୃଭାବ କହିଲେ ମାତୃତ୍ୱ ଗୁଣ ଅର୍ଥାତ୍ ସନ୍ତାନବାତ୍ସଲ୍ୟ, କୋମଳତା ଇତ୍ୟାଦି ଗୁଣର ସମଷ୍ଟିଭାବ ବୁଝାଏ । ଏହି ମାତୃଭାବ ଯେତେବେଳେ ମୂର୍ତ୍ତି ପରିଗ୍ରହ କରିବ, ସେତେବେଳେ ସେହି ମୂର୍ତ୍ତିକୁ ଦର୍ଶନ କଲେ ହିନ୍ଦୁ, ଖ୍ରୀଷ୍ଟିୟାନ, ମୁସଲମାନ ପ୍ରଭୃତି ସମସ୍ତଙ୍କ ପ୍ରାଣରେ ମାତୃଭାବ ଜାଗିଉଠିବ । ଏହି ମୂର୍ତ୍ତି ଏପରି ସୁନ୍ଦର ଓ ଚିତ୍ତାକର୍ଷକ ହେବ ଯେ, ଦର୍ଶନ ମାତ୍ରକେ ପ୍ରତ୍ୟେକ ପ୍ରାଣରେ ଏପରିକି ହିଂସ୍ର ଇତର ଜୀବ ପ୍ରାଣରେ ମଧ୍ୟ ବିମଳ ମାତୃଭାବ ଜାଗିଉଠିବ । ଅନ୍ୟ ସବୁ ଭାବ ସମ୍ବନ୍ଧରେ ମଧ୍ୟ ସେହି ଗୋଟିଏ କଥା । ଆମ୍ଭେମାନେ ସଚରାଚର ଯେଉଁ ସବୁ ମୂର୍ତ୍ତି ଦେଖିଥାଉଁ, ଏହା ସେପରି ନୁହେଁ । ମାନ୍ଦ୍ରାଜର କୃଷ୍ଣ ଦେଖିଲେ ବଙ୍ଗାଳୀଙ୍କର ଶ୍ରଦ୍ଧାଭକ୍ତି ହେବ ନାହିଁ । ପୁଣି ବଙ୍ଗଳାର କୃଷ୍ଣ ଦେଖିଲେ ପଶ୍ଚିମଭାରତ ଲୋକମାନଙ୍କର ଶ୍ରଦ୍ଧାଭକ୍ତି ଆସିବ ନାହିଁ । କାରଣ ଏ ମୂର୍ତ୍ତିଗୁଡ଼ିକ ପରସ୍ପର ଭାବର ଅନୁରୂପରେ ପ୍ରସ୍ତୁତ । କିନ୍ତୁ ଭାବଲୋକର କୃଷ୍ଣମୂର୍ତ୍ତି ଏପରି ଭାବରେ ସୃଷ୍ଟି ଯେ, ସବୁ ଲୋକଙ୍କର ଓ ସବୁ ଜାତିର ଭାବ ସେଥିରେ ଅବସ୍ଥାନ କରିଥାଏ । ଅର୍ଥାତ୍ ସେହି ମୂର୍ତ୍ତିକୁ ଯେ ଦେଖିବେ, ସେ ତାଙ୍କ ଭାବର ଅନୁରୂପ ବୋଲି ମନେ କରିବେ । ସଙ୍ଗୀତ ରାଗିଣୀର ମୂର୍ତ୍ତି ନାହିଁ, କିନ୍ତୁ ଭାବଲୋକରେ ରାଗରାଗିଣୀଗୁଡ଼ିକ ମୂର୍ତ୍ତିମନ୍ତ । ଏଠାରେ କୌଣସି ଗାନ ଶୁଣିଲେ ଯେଉଁ ଆନନ୍ଦ ଜାତ ହୁଏ, ସେଠାରେ ସେହି

ରଙ୍ଗିଣୀର ମୂର୍ତ୍ତି ଦେଖିଲେ ସେହି ଆନନ୍ଦ ଉଦୟ ହୁଏ । ଏଠାରେ ଯେଉଁ-ମାନଙ୍କର ମୂର୍ତ୍ତି ଅଛି, ଭାବଲୋକରେ ସେମାନେ ଅମୂର୍ତ୍ତ (ଅର୍ଥାତ୍ ସେମାନଙ୍କର ମୂର୍ତ୍ତି ନାହିଁ) । ଏହି ଜଗତରେ ଯେ ଅପମୂର୍ତ୍ତି, ସେଠାରେ ତାଙ୍କର ମୂର୍ତ୍ତି ଅଛି । ଭାବଲୋକରେ ଦାସ୍ୟ, ସଖ୍ୟ ପ୍ରଭୃତି ଭାବଗୁଡ଼ିକ ମୂର୍ତ୍ତିମାନ । ଭାବଲୋକ କୌଣସି ଗୁଣର ଅଧୀନ ନୁହେଁ । ଏକମାତ୍ର ପ୍ରେମିକ ସେଠାକୁ ଯାଇପାରନ୍ତି । ଯୋଗଦ୍ୱାରା ବା ଅନ୍ୟ କୌଣସି ତତ୍ତ୍ୱଦ୍ୱାରା ଭାବଲୋକ ଜ୍ଞାତ ହୁଏ ନାହିଁ । ଭାବଲୋକ ବିଶ୍ୱ-ବ୍ରହ୍ମାଣ୍ଡର ଊର୍ଦ୍ଧ୍ୱରେ ଅବସ୍ଥିତ । ଜଗତର ରହସ୍ୟ ଆୟତ୍ତ ହେଲେ ମଧ୍ୟ ଭାବଲୋକର ସନ୍ଧାନ ମିଳେ ନାହିଁ । ଏପରି କି ସମାଧିସ୍ଥ ଯୋଗୀ ମଧ୍ୟ ସେ ଲୋକର ଖବର ଜାଣନ୍ତି ନାହିଁ । ଏକମାତ୍ର ଭାବଗ୍ରାହୀ ପ୍ରେମିକ ଭକ୍ତଙ୍କର ସେ ଲୋକରେ ଅଧିକାର । ନିତ୍ୟଲୋକର ମୂର୍ତ୍ତିଗୁଡ଼ିକ ଏପରି ଭାବ-ଘନମୂର୍ତ୍ତି ଓ ଚିନ୍ମୟ ଯେ, ଅନୁଭବ ନ କଲେ ଏସବୁ ସମ୍ୟକ୍ ବୁଝିହେବ ନାହିଁ । ପୁଣି ଏପରି ଭାଷା ନାହିଁ ଯେ, ଯାହାଦ୍ୱାରା ସେସବୁ ଭାବ ପ୍ରକାଶ କରିହେବ । ଏ ଭାବ ବୁଝିବାକୁ ହେଲେ ସାଧନା ଆବଶ୍ୟକ । ଏକମାତ୍ର ଦୃଢ଼ବିଶ୍ୱାସ ହିଁ ଏହାର ସାଧନା । ବିଶ୍ୱାସ ନ କଲେ, ଯାହା କହିଲି, କିଛି ବୁଝିପାରିବ ନାହିଁ । ପୁଣି ମୋ କହିବା କେବଳ ଅନୁମାନର କଥା ନୁହେଁ; ସବୁ ପ୍ରତ୍ୟକ୍ଷ ସତ୍ୟ । ତୁମେମାନେ ଯଦି ଭାବଜଗତଟି ବୁଝିପାରିବ, ତାହାର ଅନୁଧ୍ୟାନ କରିବ, ତେବେ ମୃତ୍ୟୁପରେ ସେଠାକୁ ଯାଇ ଚିନ୍ମୟ ଦେହରେ ଚିନ୍ମୟ ଠାକୁରଙ୍କ ନିକଟରେ ଛିଡ଼ାହୋଇ ଏଠାରେ ଯେପରି ପଙ୍ଖାରେ ପବନ କରୁଛ, ସେଠାରେ ସେହିପରି ଚିନ୍ମୟ ପଙ୍ଖା ଦ୍ୱାରା ପବନ କରିପାରିବ । ଏହା ହେଉଛି ସବୁଠାରୁ ଉଚ୍ଚ ଭାବ । ତୁମମାନଙ୍କୁ ଏହି ଭାବର ସାଧନା ଦେଇଗଲି । ସୁତରାଂ ଏହି ଜଗତରେ ଥାଇ ଭାବ ପୁଷ୍ଟ କରି ଶେଷରେ ତୁମେମାନେ ନିତ୍ୟଜଗତକୁ ଯାଇ ସେହି ନିତ୍ୟ ଭାବରେ ମିଶିଯିବ । ସେଠାରେ ଚିରକାଳ ଏହି ଲୀଳା ଚାଲିବ ।"

## ଶ୍ରୀ ଶ୍ରୀ ଠାକୁରଙ୍କର ଚିନ୍ମୟ ଭାବ

"ମୋର ସ୍ଥୂଳ ଦେହଟା ଚିନ୍ମୟ ନୁହେଁ । ତୁମମାନଙ୍କ ସମ୍ମୁଖରେ ଦିନେ ମୋର ଏହି ଦେହ ନଷ୍ଟ ହୋଇଯିବ । ମୁଁ ଯେଉଁ ଚିନ୍ମୟ ଦେହ ଲାଭ କରିଛି

ତାହା ଏହି ଦେହଭିତରେ ଅଛି । ମୁଁ ସ୍ଥୂଳଦେହଧାରୀ ହେଲେ ମଧ୍ୟ ମୋ ଭିତରେ ଯୁଗପତ୍ କେନ୍ଦ୍ର ଓ ପରିଧିର ଜ୍ଞାନ ଅଛି । ମୁଁ ଏହି ଦେହରେ ଥାଇ ମଧ୍ୟ ବ୍ରହ୍ମ ।"

"ନିତ୍ୟଲୋକରେ ରାଧାକୃଷ୍ଣଙ୍କ ଯୁଗଳ ମିଳନ ଅବସ୍ଥା ନିତ୍ୟଭାବରେ ବିରାଜିତ । ରାଧା ପୂର୍ଣ୍ଣ ପ୍ରେମର ମୂର୍ତ୍ତି ଓ କୃଷ୍ଣ ପୂର୍ଣ୍ଣଜ୍ଞାନର ଘନବିଗ୍ରହ । ପୂର୍ଣ୍ଣ ଜ୍ଞାନ ପୂର୍ଣ୍ଣ ପ୍ରେମର ମିଳନରେ ନିତ୍ୟଲୋକ ଗଠିତ ।"

"ଏସବୁ ତତ୍ତ୍ୱ ଅତି ଦୁର୍ବୋଧ୍ୟ ଓ ଗୂଢ଼ । ଯାହା ହୃଦୟଙ୍ଗମ କରିବାକୁ ଚେଷ୍ଟା କର । ସ୍ଥିର ଚିତ୍ତରେ ଏସବୁ ଚିନ୍ତା କର । ଗୁରୁକୃପାରୁ କ୍ରମେ ସବୁ ଅନୁଭବ କରିପାରିବ ।

"ଭାବ ଅତ୍ୟନ୍ତ ଗୂଢ଼ତତ୍ତ୍ୱ । ଏହା ପାଞ୍ଚ ପ୍ରକାର—ଶାନ୍ତ, ଦାସ୍ୟ, ସଖ୍ୟ, ବାତ୍ସଲ୍ୟ ଓ ମଧୁର ଜଗତରେ ଏହି ପାଞ୍ଚ ଭାବର ସାଧକ ଅଛନ୍ତି । ଭକ୍ତି ସମ୍ବନ୍ଧରେ ଭଗବାନଙ୍କୁ ଯେଉଁ ଭାବରେ ସାଧନ କଲେ ସୁଦ୍ଧା ଏ ପାଞ୍ଚ ଭାବରୁ ଯେ କୌଣସି ଗୋଟିଏ ଭାବ ଅବଲମ୍ବନ କରିବାକୁ ହେବ । ମୁନିଋଷିମାନେ ଶାନ୍ତଭାବରେ, ହନୁମାନ ଦାସ୍ୟଭାବରେ, ଗୋପବାଳକମାନେ ସଖ୍ୟଭାବରେ, ଗୋପୀମାନେ ମଧୁରଭାବରେ ସାଧନ କରିଥିଲେ । ଶୁଣି କେହି କେହି ପାଞ୍ଚ ଭାବରେ ସିଦ୍ଧ ଥିଲେ । ଯେପରି ରାଜା ଅମ୍ବରୀଷ । ଅଷ୍ଟ ସାତ୍ତ୍ୱିକ ଭାବ, ନବ ପ୍ରକାର ଭକ୍ତି ଇତ୍ୟାଦି ସବୁ ତାଙ୍କଠାରେ ପ୍ରକାଶ ପାଇଥିଲା । ତେବେ ଏପରି ସାଧକ ବିରଳ । ମଧୁର ଭାବ ସର୍ବୋତ୍କୃଷ୍ଟ, ମାତ୍ର ସାଧାରଣ ସ୍ୱାମୀ-ସ୍ତ୍ରୀ ଭାବ ମଧୁର ଭାବ ନୁହେଁ । ଏହି ମଧୁର ଭାବ ଅବ୍ୟକ୍ତ । ରାୟ ରାମାନନ୍ଦ ପ୍ରଭୃତି ଏହି ଭାବର ସାଧକ ଥିଲେ । କେହି ଭକ୍ତିସିଦ୍ଧ ନ ହେଲେ ତାଙ୍କୁ ଠିକ୍ ଭକ୍ତ କୁହାଯାଏ ନାହିଁ । ଯାହାଙ୍କୁ ଦେଖିବା ମାତ୍ରକେ ଭକ୍ତର ସବୁ ଲକ୍ଷଣ ଉଦୟ ହୁଏ, ସେ ହେଉଛନ୍ତି 'ଭକ୍ତ' ।

## ଭାବସାଧନାର ସଙ୍କେତ

"ଦେଖ, ପ୍ରେମ ସାଧନା କେବେହେଲେ ସିଦ୍ଧ ହୁଏ ନାହିଁ । କାରଣ ସିଦ୍ଧ ହେଲେ ସାଯୁଜ୍ୟ ଆସିଯିବ ଏବଂ ସାଧକ ଲୟପ୍ରାପ୍ତ ହୋଇଯିବେ ।

ସେତେବେଳେ ସାଧକଙ୍କର ଅହଂତ୍ୱ ରହିବ ନାହିଁ । ସିଦ୍ଧ ହେବା ନ ହେବା ସେ ବା ଜାଣିବେ କିପରି !

"ଏକମାତ୍ର ପରମପୁରୁଷ ହିଁ ପ୍ରେମସାଧନାସିଦ୍ଧ । ସେ କେବଳ ମୂର୍ତ୍ତିମାନ ପ୍ରେମରୂପରେ ନିତ୍ୟଧାମରେ ବିରାଜମାନ ରହିଛନ୍ତି । ଈଶ୍ୱରଙ୍କୁ ନ ଦେଖିଲେ ଏହି ପ୍ରେମର ସାଧନା ହୋଇପାରିବ ନାହିଁ । ପାଗଳ ନ ହେଲେ ବି ଏ ସାଧନା ହୋଇପାରିବ ନାହିଁ । ସେତେବେଳେ ସେ ବିଦ୍ୟୁତ୍ ପରି କ୍ଷଣକାଳ ପାଇଁ ଦେଖା ଦେଇ ଅଦୃଶ୍ୟ ହୋଇଯିବେ, ସାଧକ ସେତେବେଳେ ଚମକି ଉଠିବେ ଓ ତାଙ୍କୁ ପୁଣି ଦେଖିବା ପାଇଁ ପାଗଳ ହୋଇପଡ଼ିବେ । ଏପରି ନ ହେବା ପୂର୍ବରୁ ଯେଉଁ ଲୋକେ ପ୍ରେମସାଧନା କରନ୍ତି, ତାହା ଭଣ୍ଡାମି ଭିନ୍ନ ଅନ୍ୟ କିଛି ନୁହେଁ । ଇଷ୍ଟଦେବଙ୍କୁ ନ ଦେଖିବା ପୂର୍ବରୁ ପ୍ରେମସାଧନା ହୋଇପାରେ ନାହିଁ, ତେବେ ଭକ୍ତିର ସାଧନା ହୋଇପାରେ । ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଧ୍ୟାନରେ ଦେଖିବାକୁ ମିଳେ, ସେ ଇଷ୍ଟ ଦର୍ଶନ ପରେ ପନ୍ଦର ଦିନ କାଳ ବାହ୍ୟଜ୍ଞାନଶୂନ୍ୟ ହୋଇ-ଯାଇଥିଲେ । ମୁଁ ମଧ୍ୟ ତିନିମାସଯାଏ ବାହ୍ୟଜ୍ଞାନଶୂନ୍ୟ ହୋଇପଡ଼ିଥିଲି । ତା'ପରେ ପ୍ରେମୋନ୍ମାଦ ଅବସ୍ଥା ଆସିଲା । ଏସବୁ କଥା ତ ତୁମମାନଙ୍କ ନିକଟରେ ବହୁତ ଥର କହିଛି ।"

## ଭାବସାଧନାର ଗୁପ୍ତ କଥା

"ପ୍ରକୃତ ଜ୍ଞାନରେ ପ୍ରତିଷ୍ଠିତ ନ ହେଲେ ପ୍ରେମ ଲାଭ ଅସମ୍ଭବ । ଯେ ନିଜ ସ୍ୱରୂପ ଜାଣନ୍ତି ନାହିଁ, ଭଗବାନଙ୍କ ସ୍ୱରୂପ ଜାଣନ୍ତି ନାହିଁ; ସେ ଭଗବାନଙ୍କ ସହିତ କିପରି ବା ପ୍ରେମ ସ୍ଥାପନ କରିବେ ? ଜୀବଭାବରେ ଥାଇ ସଚ୍ଚିଦାନନ୍ଦ ଘନବିଗ୍ରହଙ୍କ ସଙ୍ଗରେ ପ୍ରେମ କରିବା କ'ଣ ସମ୍ଭବପର ? ସମଜାତୀୟ ନହେଲେ ପରସ୍ପରମଧ୍ୟରେ ଭାବର ଆଦାନ ପ୍ରଦାନ ହୋଇପାରେ ନାହିଁ । ପ୍ରେମଲାଭର ଅନେକ ଉପାୟ ବା ସାଧନା ଅଛି । ତାହା ମଧ୍ୟରେ ସହଜ ଭାବ ବା ସ୍ତ୍ରୀ-ପୁରୁଷ ସହଚର୍ଯ୍ୟର ସାଧନ ଅନ୍ୟତମ । ଏ ପଥ ସାର୍ବଭୌମ ପଥ ନ ହେଲେ ମଧ୍ୟ ମୁଁ ଏ ପଥକୁ ଉପେକ୍ଷା କରୁନାହିଁ । ତେବେ ପ୍ରଥମେ ଏ ପଥର ଅଧିକାର ଅର୍ଜ୍ଜନ କରିବା ପ୍ରୟୋଜନ । ସ୍ୱୟଂ ରାମାନନ୍ଦଙ୍କପରି ବିର୍ବିକାର ଚିତ୍ତ ବା ଦ୍ୱିଜ ଚଣ୍ଡୀଦାସଙ୍କ ପରି ପ୍ରତ୍ୟକ୍ଷ ଆଦର୍ଶ

ନ ହେଲେ ଏ ପଥର ଅଧିକାରୀଙ୍କୁ ଦୁର୍ଭୋଗ ଭୋଗ କରିବାକୁ ପଡ଼ିଥାଏ । ସୁତରାଂ ଅଧିକାର ଅର୍ଜନ ନ କରି ଅଥବା ପ୍ରତ୍ୟକ୍ଷାଦ୍ରଷ୍ଟା ନ ହୋଇ ଏ ପଥରେ ସାଧନ କରିବା ବିପଦଜନକ । ଏହି ସହଜ ସାଧନ ପଥରେ ଦୁଇଜଣଙ୍କ ଭିତରୁ ଜଣେ ସିଦ୍ଧ ହେବା ଆବଶ୍ୟକ; ଅନ୍ୟଥା ରସାନନ୍ଦ ଭୋଗ କରିବାକୁ ଯାଇ ଅନନ୍ତ ନରକ ଭୋଗ କରିବାକୁ ପଡ଼ିବ ।"

"ଗୋଟିଏ ପରେ ଗୋଟିଏ ଯେଉଁସବୁ ସାଧନା କଥା କହିଲି, ମୁଁ ମୋ ନିଜ ଜୀବନରେ ସେ ସବୁ ପରୀକ୍ଷାକରି ଦେଖିଛି । ତୁମ୍ଭମାନଙ୍କ ପାଖରେ ମୁଁ କଅଣ ବା କହିବି, ତୁମେମାନେ ମୋ ପିଲା ।

## ପ୍ରେମଲାଭର ସାର୍ବଭୌମ ପଥ

"ଗୁରୁକୃପାରୁ ଥରେ ଭିତରେ ବୁଡ଼ିଯାଇ ପାରିଲେ ସବୁ ଆୟତ୍ତ ହୋଇଯିବ । ସରଳ ଶାସ୍ତ୍ର ସମ୍ମତ ତ୍ୟାଗ ବୈରାଗ୍ୟ ପଥରେ ଗମନ କର । ସାଧନର ସଦର ଦୁଆର ଭେଦ କରି ଆନନ୍ଦଲୋକରେ ପ୍ରବେଶ କର । ଦେଖିବ, ସମସ୍ତ ଭାବ, ସମସ୍ତ ତତ୍ତ୍ୱ ତୁମର କରାୟତ୍ତ । ଜ୍ଞାନ ବୈରାଗ୍ୟର ପ୍ରତିଷ୍ଠା ବିନା ଗୁପ୍ତ ପଥରେ ସାଧନ କରାଯାଇ ପାରେ ନାହିଁ । ଗୁପ୍ତପଥ ଦୁରୂହ ଓ ସଙ୍କୀର୍ଣ୍ଣ ।"

"ଗୁପ୍ତପଥର ସାଧନ ବ୍ୟକ୍ତିଗତ ପଥ, କିନ୍ତୁ ତାହା ପ୍ରଚାରଯୋଗ୍ୟ ସାର୍ବଭୌମ ପଥ ନୁହେଁ । ଋଷି ପ୍ରଦର୍ଶିତ ସଦାଚାର ଓ ସଂଯମ ପଥ ସାର୍ବଭୌମ ପଥ । ଆମ୍ଭେମାନେ ଋଷି ପ୍ରଦର୍ଶିତ ସଦର ରାସ୍ତାରେ ଚାଲିବା । ମଠ ଆଶ୍ରମ ଏହି ସଦରରାସ୍ତା କଥା ପ୍ରଚାର କରୁଛି । ସୁପଥ ସୁଦୂରହେଲେ ମଧ୍ୟ ଉତ୍ତମ । ଏ ଜନ୍ମରେ ଯଦି ପହଞ୍ଚି ନ ପାରିବ, ତେବେ ସୁଦ୍ଧା ସଂସ୍କାର ଅର୍ଜିତ ହୋଇ ରହିବ । କିନ୍ତୁ ଗୁପ୍ତ ପଥରେ ଥରେ ପତନ ହେଲେ ଆଉ ଉଠିବାର ଉପାୟ ନାହିଁ । ସଦର ରାସ୍ତାରେ ଯାଉଥିବାବେଳେ ଅନେକ ସାଧୁଭକ୍ତ ସହାୟହୁଅନ୍ତି । ପୁଣି ତୁମେମାନେ ଯଦି ବିଶ୍ୱାସ କର, ତେବେ କୌଣସି ବିଶିଷ୍ଟ ସାଧନ ଭଜନ ନ କରି ମଧ୍ୟ ଗୁରୁକୃପା ବଳରେ ଦିନେ ଏସବୁ ପାଇଯିବ ।"

## ବୃନ୍ଦାବନରେ ସହଜ ଭାବ

"ଗୋପୀମାନଙ୍କର ବୃନ୍ଦାବନରେ ଶ୍ରୀକୃଷ୍ଣଙ୍କ ପ୍ରତି ସହଜ-ଭାବ ଥିଲା । ଗୋପୀମାନଙ୍କର ସୁଖ ପାଇବା ଭିତରେ ମହାତ୍ମ୍ୟଜ୍ଞାନ ନ ଥିଲା । ମହାତ୍ମ୍ୟଜ୍ଞାନ ଥିଲେ ସହଜଭାବ ଫୁଟେ ନାହିଁ । ଶ୍ରୀକୃଷ୍ଣଙ୍କ ସତ୍ୟସ୍ୱରୂପ ଥିଲେ । ତାଙ୍କୁ ଗୋପୀମାନେ ମନୁଷ୍ୟ ଭାବରେ ଭାବିଥିଲେ ମଧ୍ଯ ସେମାନଙ୍କ ଭିତରେ ଶ୍ରୀକୃଷ୍ଣଙ୍କ ସ୍ୱରୂପ ଆପଣା ମନକୁ ଫୁଟି ଉଠୁଥିଲା । ଯେପରି ମୁଁ ଜୀବନ୍ମୁକ୍ତ ମହାପୁରୁଷ; ସଦ୍‌ଗୁରୁ; ଏସବୁ ଛାଡ଼ିଦେଲେ ମଧ୍ଯ ଯଦି କେହି ମୋତେ ଖାଣ୍ଟି ମନୁଷ୍ୟ ଭାବରେ ସୁଖପାଆନ୍ତି, ତେବେ ତାଙ୍କ ଚରିତ୍ର ନିଶ୍ଚୟ ଉନ୍ନତ ହୋଇଉଠିବ । ଜଣେ ସାଧାରଣ ମନୁଷ୍ୟକୁ ଯଦି କେହି ପ୍ରାଣ ଦେଇ ଠିକ୍ ଠିକ୍ ସୁଖ ପାଆନ୍ତି, ତେବେ ତାଙ୍କ ଭିତରେ ଭଗବାନ ଫୁଟି ଉଠିବେ । ଚଣ୍ଡୀଦାସ ସାମାନ୍ୟ ରଜକକନ୍ୟାକୁ ସୁଖ ପାଇଥିଲେ, କିନ୍ତୁ ତାଙ୍କ ନିକଟରେ ରଜକକନ୍ୟାର ରୂପ କିଶୋରୀ ସ୍ୱରୂପ ହୋଇଉଠିଲା । ଭାବସାଧନାରେ ଜ୍ଞାନର ଆଲୋଚନା ହେଲେ ଭଗବାନ ମିଳନ୍ତି ନାହିଁ । ଗୋଟିଏ ଗଳ୍ପ ଶୁଣ :—

ଏକ ସମୟରେ ଜଣେ ଭକ୍ତଙ୍କର ଭଗବାନଙ୍କ ପ୍ରତି ବାତ୍ସଲ୍ୟ ଭାବ ଉଦୟ ହେଲା । ସେ ଭଗବାନଙ୍କୁ ପୁତ୍ର ରୂପରେ କାମନା କଲେ । ତାଙ୍କ ପ୍ରାଣର ଆକର୍ଷଣରେ ଭଗବାନ ଗୋଟିଏ ଛୋଟ ଶିଶୁ ରୂପରେ ଆସି କୁଣ୍ଢାଇ ଧରି ନିକଟରେ ଶୋଇଛନ୍ତି, ଏପରି ସମୟରେ ଗୋଟିଏ ବିରାଡ଼ି ମ୍ୟାଉଁ ମ୍ୟାଉଁ କରି ଉଠିଲା । ବିରାଡ଼ି ଡ଼ାକରେ ଶିଶୁ ଭଗବାନ ଭୟରେ ଥରଥର ହୋଇ ଆହୁରି ବେଶୀ ଜୋରରେ ଭକ୍ତଙ୍କୁ କୁଣ୍ଢାଇ ପକାଇଲେ । ସେତେବେଳେ ଭକ୍ତ ଭାବିଲେ, ଏହି ଶିଶୁ ଯଦି ପ୍ରକୃତ ଭଗବାନ ହୋଇଥାନ୍ତେ, ତେବେ ସାମାନ୍ୟ ବିରାଡ଼ି ଡ଼ାକରେ କ'ଣ ଡରିଯାଆନ୍ତେ ? ମନରେ ଭକ୍ତଭାବ ଜାଗ୍ରତ ହେବାକ୍ଷଣି ଜ୍ଞାନର ଆଲୋଚନା ହେବାରୁ ଶିଶୁରୂପୀ ଭଗବାନ ଅଦୃଶ୍ୟ ହୋଇଗଲେ । ତା'ପରେ ଦୈବବାଣୀ ହେଲା, "ତୁମର ଜ୍ଞାନବିଚାର ଆସିଯାଇଛି । ଭାବରୂପରେ ଆଉ ମୋତେ ପାଇପାରିବ ନାହିଁ ।" ଶ୍ରୀକୃଷ୍ଣ ଯଶୋଦାଙ୍କୁ ମୁଖ ଭିତରେ ବିଶ୍ୱବ୍ରହ୍ମାଣ୍ଡ ଦେଖାଇଥିଲେ ।

ଯଶୋଦାଙ୍କ ମନରେ ଭଗବାନଙ୍କର ବିଭୁତ୍ୱ ସ୍ଥାନ ପାଇଲା ନାହିଁ । ଯଶୋଦା ଭାବିଲେ, ପୁଅ କେଉଁଠାରେ ଡରିଛି ବା ପୁଅକୁ ଭୂତ ଗ୍ରାସିଛି । ଏଥିରେ ବାତ୍ସଲ୍ୟଭାବ ଖଣ୍ଡିତ ହେଲା ନାହିଁ । ମାହାତ୍ମ୍ୟଜ୍ଞାନ ଫୁଟିଉଠିଲେ ମହତ୍ତ୍ୱଜ୍ଞାନ ଉଦ୍ଭପାରିବ ନାହିଁ । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ମନୁଷ୍ୟ ଭାବରେ ଭଜନ କରୁଥିଲେ । କିନ୍ତୁ ସତ୍ୟସ୍ୱରୂପଙ୍କୁ ଭଜନ କରିବା ହେତୁ ସେମାନଙ୍କ ଚିତ୍ତ ଉନ୍ନତ ହୋଇଉଠିଲା ।

"ମୋର ଶିଷ୍ୟ ଭକ୍ତମାନଙ୍କ ଭିତରେ କେତେକ ଅଛନ୍ତି, ଯେଉଁମାନେ କି ଖାଣ୍ଟି ମନୁଷ୍ୟ ଭାବରେ ମୋତେ ସୁଖ ପାନ୍ତି । ସେମାନେ ମୋତେ ଗୁରୁ ଭଗବାନ ବୋଲି ମନେ ନ କରି ମନୁଷ୍ୟ ଭାବରେ ସୁଖ ପାଆନ୍ତି । ଫଣୀବାବୁ ଓ ବିହାରୀ ଶର୍ମା ଏହି ଶ୍ରେଣୀର । ସୁଖ ପାଇବାର ପାତ୍ର ଅଯୋଗ୍ୟ ବା ହୀନ ହେଲେ ମଧ୍ୟ ଅପର ପକ୍ଷର ସୁଖପାଇବା ଶକ୍ତିରେ ତାହାର ମଧ୍ୟ ଉତ୍କର୍ଷ ସାଧିତ ହୁଏ । ସାଧାରଣ ପଥରମୂର୍ତ୍ତିରେ ଯଦି ଭକ୍ତି ବିଶ୍ୱାସ ବଳରେ ବ୍ରହ୍ମଚୈତନ୍ୟଙ୍କର ବିକାଶ ହୋଇପାରେ, ତେବେ ତୁମେମାନେ ସମସ୍ତେ ମୋତେ ଭଗବାନ ବୋଲି ମନେ କଲେ ମୋ ଭିତରେ ଭଗବତ୍ ଶକ୍ତିର ବିକାଶ ନ ହେବ ବା କିପରି ? ଏଣୁ ମୁଁ କହୁଛି, ଶିଷ୍ୟମାନଙ୍କର ଭକ୍ତିବିଶ୍ୱାସ ବଳରେ ଗୁରୁଙ୍କର ମଧ୍ୟ ଗୁରୁତ୍ୱ ଫୁଟି ଉଠେ । ସୁଖ ପାଇଲେ ସୁଖ ପାଇବା ଲୋକର ଯେପରି ଉନ୍ନତି ହୁଏ, ଯାହାକୁ ସୁଖ ପାଇଲି ସେ ଲୋକର ମଧ୍ୟ ଚରିତ୍ରର ସେହିପରି ଉତ୍କର୍ଷ ସାଧିତ ହୋଇଥାଏ । ମୋ ଜୀବନରେ ସେହିପରି ହେଲା । ମୁଁ ମୋର ସ୍ତ୍ରୀର ପ୍ରକୃତ ସ୍ନେହ ପାଇଥିଲି । ମୁଁ ତାହାର ବାହ୍ୟିକ ରୂପରେ ମୁଗ୍ଧ ନ ଥିଲି, ମୁଗ୍ଧ ଥିଲି ତା ଗୁଣରେ । ରାତିସାରା ସେ ଶ୍ରାନ୍ତ ବସି ରହି ମୋର ସେବା କରୁଥାଏ । ମୁଁ କହିଲେ ଶୋଇପଡ଼େ । ମୁଁ ପୁଣି ଶୋଇପଡ଼ିଲେ ସେ ଉଠି ମୋର ପାଦ ସେବା କରେ । ମୁଁ ବିଦେଶରେ ଥିଲାବେଳେ ସେ ମୁଣ୍ଡରେ ତେଲ ଲଗାଏ ନାହିଁ । ମୁଁ ଘରକୁ ଆସି ପଚାରିଲେ ଉତ୍ତର ଦିଏ, କାହାପାଇଁ ଏ ସବୁ ପରିପାଟୀ କରିବି ? ଯେତେବେଳେ ସେ ଏହି ଦେହ ତ୍ୟାଗ କରି ଚାଲିଗଲା, ସେତେବେଳେ ଯାଇ ମୁଁ ତାର ସ୍ନେହ-ଶ୍ରଦ୍ଧା ବୁଝିଲି । ତା ସୁଖପାଇବା କଥା ଭାବି ମୁଁ ପାଗଳ ହୋଇଗଲି ।

ପ୍ରତିଜ୍ଞା କଲି ମୁଁ ଆଉ କାହାକୁ ସୁଖ ପାଇବି ନାହିଁ । ଯଦି କେଉଁଦିନ ଭଗବାନଙ୍କୁ ସ୍ତ୍ରୀ ଭାବରେ ପାଇବି, ତେବେ ତାଙ୍କୁ ସୁଖପାଇବି । ମୋର ଏହି ପ୍ରତିଜ୍ଞା ଥିଲା ବୋଲି ଅସଂଖ୍ୟ ପ୍ରଲୋଭନରେ ପଡ଼ି ମଧ୍ୟ ମୁଁ ବିଚଳିତ ହୋଇ ନାହିଁ ।"

"ବହୁ ସୌଭାଗ୍ୟରୁ ପ୍ରକୃତ ପ୍ରେମ ଓ ପ୍ରକୃତ ସୁଖପାଇବା ମିଳିଥାଏ । ମୁଁ ଏହି ସୁଖପାଇବା କଥାକୁ ବିସ୍ତାର କରିବାକୁ ଚାହେଁ । ମୋ ଶିଷ୍ୟ-ଭକ୍ତମାନେ ମୋତେ ସୁଖ ଦାଇ ଯାହା ଲାଭ କରୁଛନ୍ତି, ସାଧନ, ଭଜନ କରି କେହି ତାହା ପାଇ ପାରିନାହାନ୍ତି । ସୁତରାଂ ସୁଖ ପାଇବା ହେଉଛି ଅସଲ କଥା । ଏହି ସୁଖପାଇବା ପ୍ରତ୍ୟେକଙ୍କ ଭିତରେ ଅଛି । ପ୍ରତ୍ୟେକ ସୁଖ ପାଆନ୍ତି ଓ ସେମାନଙ୍କୁ ଅନ୍ୟ କିଏ ସୁଖ ପାଉ, ଏହା ଆକାଙ୍କ୍ଷା କରନ୍ତି । କିନ୍ତୁ ପ୍ରକୃତ ସୁଖ ପାଇବା କ୍ୱଚିତ୍ କାହାରି ଭାଗ୍ୟରେ ମିଳେ ।"

ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ, ସ୍ପର୍ଶନରେ କିପରି ଯେ ଭାବର ସଞ୍ଚାର ହୁଏ, ତାହା ଆମ୍ଭେମାନେ ଯୋଗମାୟା ଦେବୀଙ୍କ ପ୍ରସଙ୍ଗରେ ଓ ଠାକୁରଙ୍କ ମାଣିକଗଞ୍ଜ ଆଗମନ ପ୍ରସଙ୍ଗରେ ଆଲୋଚନା କରିଅଛୁ ।

ପାଠକମାନେ ହିନ୍ଦୁଧର୍ମର ଗୁରୁଗୋଟି ତତ୍ତ୍ୱ ଯେପରି ଭାବରେ ଏହି ଗୋଟିଏ ଆଧାରରେ ମୂର୍ତ୍ତି ପରିଗ୍ରହ କରିଥିଲା; ସେପରି ଆଧାର ଆଉ ମିଳିବ ନାହିଁ । ତାଙ୍କର ଏହି ସାଧନା ବ୍ୟକ୍ତିଗତ ଭାବରେ ପ୍ରୟୋଜନ ଥିଲା, କି ଭାରତର ବିଭିନ୍ନ ସମ୍ପ୍ରଦାୟକୁ ଗୁରୁବାଦ ମଧ୍ୟ ଦେଇ ଗୋଟିଏ ଐକ୍ୟର ସନ୍ଧାନ ଦେବାକୁ ପ୍ରୟୋଜନ ଥିଲା, ତାହା ଆମେମାନେ ପରେ ଦେଖି-ପାରିବା ।

—*—

# ଚତୁର୍ଦ୍ଦଶ ପରିଚ୍ଛେଦ

## ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ

## ଗୁରୁଭାବ

### ସାର୍ବଭୌମ ଗୁରୁ

ଶ୍ରୀ ଶ୍ରୀ ଠାକୁର ତନ୍ତ୍ର, ଜ୍ଞାନ, ଯୋଗ ଓ ପ୍ରେମ ସାଧନାରେ ସିଦ୍ଧିଲାଭ କରି ଉପରି ଜଗଦ୍‌ଗୁରୁଙ୍କ ଆଦେଶରେ ଗୁରୁଭାବ ବହନ କରି ଲୋକାଳୟକୁ ଆସିଲେ, ତାହା ଏଥିପୂର୍ବରୁ ବର୍ଣ୍ଣିତ ହୋଇଅଛି । ନିର୍ବିକଳ୍ପ ଭୂମିରୁ ଚରମ ସତ୍ୟଲାଭ କରି ଠାକୁର ଗୁରୁ ରୂପରେ ଯେତେବେଳେ ବଙ୍ଗ ଦେଶରେ ପଦାର୍ପଣ କଲେ, ସେତେବେଳେ ଘୋର ଦୁର୍ଦ୍ଦିନ । ସମାଜର ମେରୁଦଣ୍ଡ ସ୍ୱରୂପ ଯୁବକମାନଙ୍କର ତ୍ୟାଗ, ସଂଯମ ବା ବୀର୍ଯ୍ୟ ନାହିଁ । ଦେଶ ଆଗ୍ରହଶୂନ୍ୟ, ବ୍ରହ୍ମଚର୍ଯ୍ୟବିହୀନ । "ନାୟମାତ୍ମା ବଳହୀନେନ ଲଭ୍ୟଃ" । 'ବ୍ରହ୍ମଚର୍ଯ୍ୟ ସାଧନ' ଓ 'ଯୋଗୀଗୁରୁ' ପୁସ୍ତକ ପ୍ରକାଶିତ ହେବା ପରେ ଯୁବକମାନଙ୍କ ଚିତ୍ତ ନିୟମ ସଂଯମ ପ୍ରତି ଆକୃଷ୍ଟ ହେଲା । ଠାକୁରଙ୍କ ଶିକ୍ଷାଦୀକ୍ଷା ଏବଂ ଗୁରୁଶକ୍ତି ଦେଶର ଯୁବଶକ୍ତିର ଉଚ୍ଛୃଙ୍ଖଳତା ସ୍ରୋତର ଗତିରୋଧ କରିବାରେ ବିଶେଷ ସହାୟତା କଲା ।

ଶ୍ରୀ ଶ୍ରୀ ଠାକୁର ସବୁ ଭୂମିର ସମ୍ବାଦ ଜ୍ଞାତ ହୋଇ ସାର୍ବଭୌମ ଗୁରୁଭାବ ଗ୍ରହଣ କରିଥିବାରୁ ଯେ କୌଣସି ସାଧକଙ୍କର ସାଧନ-ପିପାସା ମେଣ୍ଟାଇବାକୁ ସମର୍ଥ ହୋଇ ପାରୁଥିଲେ । ତାଙ୍କ ନିକଟକୁ ଭାରତର ଯେ କୌଣସି ଜାତି, ଯେ କୌଣସି ସମ୍ପ୍ରଦାୟ, ଖ୍ରୀଷ୍ଟିୟାନ ଅଥବା ମୁସଲମାନ

ଆସିଲେ ମୁଖ୍ୟ ଠାକୁର ସେମାନଙ୍କୁ ସାଧନ-କୌଶଳ ଶିଖାଇ ଦେଇ ସେମାନଙ୍କଠାରେ ଶକ୍ତି ସଞ୍ଚାର କରି ଦେଉଥିଲେ, ଅଥଚ କୌଣସି ଜାତି କିମ୍ବା ସମ୍ପ୍ରଦାୟକୁ ଧର୍ମାନ୍ତର ଗ୍ରହଣ ପୂର୍ବକ ନିଜ ମତର ପରିବର୍ତ୍ତନ କରି ଅନ୍ୟ ମତରେ ସାଧନ କରିବାକୁ କଦାପି ପ୍ରଶ୍ରୟ ଦେଉ ନ ଥିଲେ । ଭାରତ ବାହାରର ଭିନ୍ନ ଭିନ୍ନ ଦେଶବାସୀ ମଧ୍ୟ ଠାକୁରଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଠାକୁର ସେମାନଙ୍କ ମଧ୍ୟରେ ଗୁରୁଶକ୍ତି ସଞ୍ଚାରିତ କରିଦେଇ ତାଙ୍କର ସାର୍ବଭୌମ ଗୁରୁଭାବର ବୈଶିଷ୍ଟ୍ୟ ରକ୍ଷା କରିଥିଲେ । ସେଥିପାଇଁ ବଙ୍ଗ, ବିହାର, ଆସାମ, ଉତ୍କଳ, ସିଂହଳ, ବ୍ରହ୍ମଦେଶର ଶିଷ୍ୟ-ଭକ୍ତମାନଙ୍କ ଗୃହରେ ଠାକୁରଙ୍କ ପ୍ରତିମୂର୍ତ୍ତି ବର୍ତ୍ତମାନ ମଧ୍ୟ ପୂଜା ପାଉଛନ୍ତି ।

## ସଦ୍‌ଗୁରୁ କିଏ ?

"ଯାହାଙ୍କର ନିର୍ବିକଳ୍ପ ସମାଧି ଲାଭ ହୋଇଛି, ତାଙ୍କୁ ସଦ୍‌ଗୁରୁ କୁହାଯାଏ । କେବଳ ସେହି ସଦ୍‌ଗୁରୁ ଅନ୍ୟକୁ କୃପା କରିବାକୁ ସମର୍ଥ । ଯେ ନିଜେ କୃପାସିଦ୍ଧ, ସେ ପୁଣି ଅନ୍ୟକୁ କୃପା କରିବେ ବା କିପରି ? ତେବେ ଗୋଟିଏ ପଥର ସିଦ୍ଧଗୁରୁମାନେ ଶିଷ୍ୟମାନଙ୍କଠାରେ ସେହି ଭାବ ସଞ୍ଚାରିତ କରିଦେଇପାରନ୍ତି; କିନ୍ତୁ ଏକମାତ୍ର ସଦ୍‌ଗୁରୁ କୃପା କରିପାରନ୍ତି ।"

"ସତ୍ ଶବ୍ଦ ଗୁରୁଙ୍କର ବିଶେଷଣ ନୁହେଁ । ସଦ୍‌ଗୁରୁ ଗୋଟିଏ କଥା । ଭକ୍ତିପଥରେ ସିଦ୍ଧ, ଯୋଗପଥରେ ସିଦ୍ଧ ଗୁରୁଙ୍କୁ ସଦ୍‌ଗୁରୁ କୁହାଯାଇପାରେ ନାହିଁ । ଜ୍ଞାନପଥରେ ସିଦ୍ଧ ଗୁରୁଙ୍କୁ 'ସଦ୍‌ଗୁରୁ' କୁହାଯାଏ । ନିର୍ବିକଳ୍ପ ସମାଧି କେବଳ ଜ୍ଞାନପଥରେ ଲାଭ ହୁଏ ।"

## ଅବତାର ଓ ସଦ୍‌ଗୁରୁ

ଅନେକ ସ୍ଥଳରେ ଅବତାର ଶବ୍ଦର ପ୍ରୟୋଗ ଦେଖି ଅବତାର ଓ ସଦ୍‌ଗୁରୁଙ୍କ ମଧ୍ୟରେ ପାର୍ଥକ୍ୟ ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ଠାକୁର ନିଜ ଶିଷ୍ୟ ଭକ୍ତମାନଙ୍କୁ ଲକ୍ଷ୍ୟ କରି କହିଛନ୍ତି, "ଅବତାରମାନେ ଅବତୀର୍ଣ୍ଣ ହୁଅନ୍ତି । ତୁମମାନଙ୍କ ଠାକୁର ଅବତାର ନୁହନ୍ତି, 'ସଦ୍‌ଗୁରୁ' । ତୁମେମାନେ

ଅବତାର ଓ ସଦ୍‌ଗୁରୁଙ୍କୁ ଏକ କରି ଦେଉଅଛ । ଏପରି କି କେହି କେହି ମୋତେ ଅବତାର ବୋଲି ପ୍ରଚାର କରିଦେଇଛନ୍ତି । ମୁଁ ଏହାର ତୀବ୍ର ପ୍ରତିବାଦ କରୁଛି । ତୁମେମାନେ କିନ୍ତୁ ସଦ୍‌ଗୁରୁଙ୍କୁ ଅବତାର ବୋଲି ଭୁଲ୍ କର ନାହିଁ । ଅବଶ୍ୟ ଗୋଟିଏ ହିସାବରେ ତୁମେମାନେ ସମସ୍ତେ ଜଣେ ଜଣେ ଅବତାର, ବ୍ରହ୍ମଙ୍କଠାରୁ ଖସିଆସି କେତେ ଲୀଳା ବା କରୁଛ । କିନ୍ତୁ ଅବତାରର ମୁଖ୍ୟ ଅର୍ଥ ତାହା ନୁହେଁ । ଲୀଳା ବା ଯୁଗ ପ୍ରୟୋଜନ ଅନୁସାରେ ଜଗଦ୍‌ଗୁରୁଙ୍କ ଇଚ୍ଛା ଯେତେବେଳେ ମୂର୍ତ୍ତି ହୋଇ ସ୍ଥୂଳ ମନୁଷ୍ୟ ରୂପରେ ଜନ୍ମଗ୍ରହଣ କରନ୍ତି, ସେତେବେଳେ ତାଙ୍କୁ 'ଅବତାର' କୁହାଯାଏ । ପୁଣି ସାଧାରଣ ଜୀବ ଜନ୍ମଜନ୍ମାନ୍ତରର କଠୋର ସାଧନା ଦ୍ୱାରା ଶେଷ ଜନ୍ମରେ ଯେତେବେଳେ ପୂର୍ଣ୍ଣତ୍ୱ ଲାଭ କରେ, ସେତେବେଳେ ତାଙ୍କର ବାସନା-କାମନାଶୂନ୍ୟ ଶୁଦ୍ଧ ଆଧାରରେ ଯଦି ଜଗଦ୍‌ଗୁରୁଙ୍କର ଇଚ୍ଛା ପ୍ରତି-ଫଳିତ ହୁଏ, ତେବେ ତାଙ୍କୁ 'ସଦ୍‌ଗୁରୁ' କୁହାଯାଏ । ସଦ୍‌ଗୁରୁ ମନୁଷ୍ୟ, ଅବତାର ମଧ୍ୟ ମନୁଷ୍ୟ । କାରଣ ମନୁଷ୍ୟ ନ ହେଲେ ମନୁଷ୍ୟର କୌଣସି ଉପକାର କରିହୁଏ ନାହିଁ । ଅବତାର ଜଗଦ୍‌ଗୁରୁଙ୍କ ମୂର୍ତ୍ତିବିଶେଷ ଇଚ୍ଛା ଏବଂ ସଦ୍‌ଗୁରୁ ତାଙ୍କର ସାଧାରଣ ଇଚ୍ଛା । ସାଧନା ଦ୍ୱାରା କ୍ରମୋନ୍ନତି ଲାଭ କରି ସାଧାରଣ ଜୀବ ସଦ୍‌ଗୁରୁତ୍ୱ ଲାଭ କରନ୍ତି । ଯେଉଁମାନଙ୍କର ବ୍ୟକ୍ତିତ୍ୱ, ବୈଶିଷ୍ଟ୍ୟ ସବୁ ନଷ୍ଟ ହୋଇଯାଏ, ନିଜର କୌଣସି ଇଚ୍ଛା ନ ଥାଏ ଜଗଦ୍‌ଗୁରୁ ଯାହାଙ୍କୁ ଯନ୍ତ୍ରସ୍ୱରୂପ କରି ତାଙ୍କର କାର୍ଯ୍ୟ କରନ୍ତି, ତାଙ୍କୁ ହିଁ 'ସଦ୍‌ଗୁରୁ' କୁହାଯାଏ ।

"ଜଗଦ୍‌ଗୁରୁଙ୍କର ଇଚ୍ଛା ଯେପରି ସ୍ଥୂଳ ମନୁଷ୍ୟ ମୂର୍ତ୍ତିରେ ଜନ୍ମଗ୍ରହଣ କରେ, ସେହିପରି ଶୁଦ୍ଧ ଆଧାରରେ ମଧ୍ୟ ପ୍ରତିଫଳିତ ହୁଏ । ଜଗଦ୍‌ଗୁରୁଙ୍କ ଇଚ୍ଛା ସ୍ଥୂଳ ମନୁଷ୍ୟ ମୂର୍ତ୍ତିରେ ଜନ୍ମଗ୍ରହଣ କଲେ ତାଙ୍କୁ 'ଅବତାର' କୁହାଯାଏ ଏବଂ ତାହା ଶୁଦ୍ଧ ଆଧାରରେ ପ୍ରତିଫଳିତ ହେଲେ ତାଙ୍କୁ 'ସଦ୍‌ଗୁରୁ' କୁହାଯାଏ । ତେଣୁ ସଦ୍‌ଗୁରୁଙ୍କୁ ମଧ୍ୟ 'ବିଶେଷ ଇଚ୍ଛାର ଅବତାର' କୁହାଯାଇ ପାରେ । ତତ୍ତ୍ୱତଃ ସଦ୍‌ଗୁରୁ ଓ ଅବତାରଙ୍କ ମଧ୍ୟରେ ପାର୍ଥକ୍ୟ ନ ଥିଲେ ମଧ୍ୟ କାର୍ଯ୍ୟତଃ ପାର୍ଥକ୍ୟ ଅଛି । ଅବତାର ଯେତେବେଳେ ଆସନ୍ତି, ଜଗତର ଭାବଧାରାକୁ ଆମୂଳ ପରିବର୍ତ୍ତନ କରି ଗୋଟିଏ ନୂତନ ଭାବ ପ୍ରବାହିତ

କରିଥାନ୍ତି । ପୁଣି ଅବତାର ପ୍ରବର୍ତ୍ତିତ ମତ ଓ ପଥକୁ ସାଧନା ଦ୍ୱାରା ସାଧାରଣରେ ପ୍ରତିଷ୍ଠିତ କରିବା ନିମିତ୍ତ ସଦ୍‌ଗୁରୁ ଉଦ୍ୟମ କରନ୍ତି । ଯେ ଯେଉଁ ଭାବରେ ଥାଆନ୍ତୁ ପଛକେ, ତାଙ୍କ ଭିତରେ ଅବତାରଙ୍କ ଭାବଧାରାକୁ ସେହିପରି ଫୁଟାଇ ଉଠାଇବା ସଦ୍‌ଗୁରୁଙ୍କର କାର୍ଯ୍ୟ । ଅବତାର ସମଷ୍ଟି ନିମିତ୍ତ ଏବଂ ସଦ୍‌ଗୁରୁ ବ୍ୟଷ୍ଟି ସମଷ୍ଟି ଉଭୟ ନିମିତ୍ତ, ବିଶେଷତଃ ବ୍ୟଷ୍ଟି ନିମିତ୍ତ ତୁମ ଗୁରୁ ଅବତାର ନୁହନ୍ତି, ସଦ୍‌ଗୁରୁ ।"

## ସଦ୍‌ଗୁରୁ ଓ ଜଗଦ୍‌ଗୁରୁ

"ଭଗବାନ ହିଁ ଜଗଦ୍‌ଗୁରୁ । ଭଗବାନଙ୍କର ପୁଣି ବିଶେଷ ବିଶେଷ କାର୍ଯ୍ୟ ଅଛି । ଭଗବାନ ମଧ୍ୟ ଦୁଇ ପ୍ରକାର, 'କର୍ତ୍ତା ଭଗବାନ' ଓ 'କାରଣ ଭଗବାନ' । କର୍ତ୍ତା-ଭଗବାନ ନିଜ ହାତରେ ପ୍ରକୃତ କାର୍ଯ୍ୟ କରନ୍ତି । ସେ ନିଜ ହାତରେ ସୃଷ୍ଟି ଆଦି କରନ୍ତି ଏବଂ କାରଣ-ଭଗବାନ କେନ୍ଦ୍ରରେ ବସି ସବୁ ଦେଖନ୍ତି, ଅଥଚ ନିଜେ କିଛି କରନ୍ତି ନାହିଁ । ଯେପରି ଜଣେ ଜଣେ ମାଜିଷ୍ଟ୍ରେଟ ଗୋଟିଏ ଗୋଟିଏ ଜିଲ୍ଲା ଶାସନ କରନ୍ତି । ଉପର ବିଭାଗର କର୍ତ୍ତା କମିଶନର, ତାଙ୍କ ଉପରେ ଶାସନକର୍ତ୍ତା ଗଭର୍ଣ୍ଣର—ଏମାନେ ନିଜ ନିଜ ହାତରେ କାମ କରନ୍ତି । କିନ୍ତୁ ସମସ୍ତ ଦେଶର କର୍ତ୍ତା ଗଭର୍ଣ୍ଣର-ଜେନେରାଲ ନିଜ ହାତରେ କିଛି କରନ୍ତି ନାହିଁ ଅଥଚ ସମସ୍ତଙ୍କ ଉପରେ ତାଙ୍କର କର୍ତ୍ତୃତ୍ୱ ଅଛି । ସେହିପରି ବ୍ୟଷ୍ଟି ବ୍ରହ୍ମାଣ୍ଡର ଅଧିପତି କର୍ତ୍ତା-ଭଗବାନ ଏବଂ ସର୍ବ ବ୍ରହ୍ମାଣ୍ଡର ଅଧିପତି କାରଣ-ଭଗବାନ । ଏହି କାରଣ-ଭଗବାନ ସବୁଠାରୁ ବଡ଼ । ଭଗବାନ ଓ ଗୁରୁଙ୍କ ଭିତରେ ପୁଣି ପାର୍ଥକ୍ୟ ଅଛି । ଭଗବାନଙ୍କର ବିଶେଷ ସତ୍ତା ଗୁରୁ । ବ୍ରହ୍ମଙ୍କୁ ଜଗଦ ଗୁରୁ କୁହାଯାଏ; କିନ୍ତୁ ସେ ତ ନିଷ୍କଳ । ତାଙ୍କ ଦ୍ୱାରା କିପରି ବା କାର୍ଯ୍ୟ ଚଳିବ । ତେଣୁ ବ୍ରହ୍ମ କର୍ତ୍ତା ଓ କାରଣ ରୂପରେ ପ୍ରକାଶିତ ହୋଇଛନ୍ତି । ଏହି କାରଣ-ଭଗବାନଙ୍କୁ 'ଗୁରୁ' କୁହାଯାଏ ।"

"ବ୍ରହ୍ମ ଜୀବଜଗତ ରୂପରେ ପ୍ରକାଶିତ ହୋଇଛନ୍ତି । ଯେତେବେଳେ ବ୍ରହ୍ମଙ୍କର ସୃଷ୍ଟିର କଳ୍ପନା ଜାଗିଉଠିଲା, ଅହଂ ବହୁସ୍ୟା ପ୍ରଜାୟେତେ' ବୋଲି ବହୁତ ହେବାର ଇଚ୍ଛା ଯେତେବେଳେ ଜାଗ୍ରତ ହେଲା, ସେତେବେଳେ ସେ

ନିଜକୁ ଗୁରୁରୂପରେ, ଦ୍ରଷ୍ଟାରୂପରେ, ମଙ୍ଗଳ ବିକାରର ଅତୀତ ରୂପରେ ସ୍ୱତନ୍ତ୍ର କରି ରଖିଦେଲେ ଓ ଅନ୍ୟ ଭାବରେ ଜୀବଜଗତ ରୂପରେ ପରିଣତ ହେଲେ । ଅତଏବ 'ବ୍ରହ୍ମଙ୍କର ପ୍ରଥମ ବିକାଶ ହିଁ ଗୁରୁ' । କିନ୍ତୁ ଥରେ ଜୀବ ହୋଇଗଲେ ଆଉ ସହଜରେ ଫେରି ହୁଏ ନାହିଁ । କାରଣ ସେତେବେଳେ ସ୍ୱରୂପ ଜ୍ଞାନ ଆବୃତ ହୋଇପଡ଼େ । ତେଣୁ ବଦ୍ଧ ହୋଇ ମଧ୍ୟ ଯେପରି ପୁନରାୟ ଆତ୍ମସ୍ୱରୂପ ଫେରି ଆସିପାରିବେ, ସେଥିପାଇଁ ପ୍ରଥମେ ସେ ନିଜକୁ ଗୁରୁ ରୂପରେ ବିକଶିତ କରି ସ୍ୱତନ୍ତ୍ର ଭାବରେ ରଖିଦେଲେ । ଅନ୍ୟଥା ଜୀବର ଆଉ ସ୍ୱରୂପ ପ୍ରତ୍ୟାବର୍ତ୍ତନର ଉପାୟ ରହନ୍ତା ନାହିଁ ।"

"ଏ ସମ୍ବନ୍ଧରେ ଗୋଟିଏ ଗଳ୍ପ କହୁଛି ଶୁଣ । ଉପମାଟି ବେଶ ସୁନ୍ଦର । କଥାକୁ କଥା ମିଳିଯାଉଛି । ଯଶୋର ଜିଲ୍ଲାର ଦୁଇଜଣ ବନ୍ଧୁ କାମରୂପକୁ ଆସି ଶାକ୍ତ ବିଦ୍ୟା ଶିକ୍ଷା କଲେ । ଶାକ୍ତ ବିଦ୍ୟା ବଳରେ ମନୁଷ୍ୟ ଯେ କୌଣସି ଜନ୍ତୁର ରୂପ ଧାରଣ କରିପାରେ । ଏହି ବିଦ୍ୟା ଶିକ୍ଷା କରି ସେମାନେ ଘରକୁ ଫେରି ଆସିଲେ । ସେମାନଙ୍କ ମଧ୍ୟରୁ ଜଣକର ନାମ ନନ୍ଦଆନନ୍ଦ । ସେ ଘରକୁ ଆସି ନିଜ ସ୍ତ୍ରୀ ନିକଟରେ ଶିଖିଥିବା ବିଦ୍ୟା କଥା ପ୍ରକାଶ କଲା । ସ୍ତ୍ରୀ ସବୁକଥା ଶୁଣି ଦିନେ କହିଲା, 'ଦେଖ' "ମୁଁ କେଉଁଦିନ କୁମ୍ଭୀର ଦେଖିନାହିଁ । ତୁମେ କୁମ୍ଭୀର ହୋଇ ମୋତେ ଥରେ କୁମ୍ଭୀର ରୂପ ଦେଖାଅ ।" ସ୍ତ୍ରୀ ଜିଦ୍ ଧରିବାରୁ ନନ୍ଦଆନନ୍ଦ ଅନୁରୋଧ ଭାଙ୍ଗି ନ ପାରି କହିଲା, 'ଦେଖ, ମୁଁ ବର୍ତ୍ତମାନ ମନୁଷ୍ୟ ଅଛି । ବିଦ୍ୟା ବଳରେ ଏ ଅବସ୍ଥାରେ ମୁଁ ସବୁ ଜନ୍ତୁଙ୍କ ରୂପ ଧାରଣ କରିପାରିବି । କିନ୍ତୁ ଥରେ କୁମ୍ଭୀର ହେଲେ ମନୁଷ୍ୟ ହେବାର ଶକ୍ତି ମୋର ଆଉ ରହିବ ନାହିଁ । ତେଣୁ ତାହାର ବ୍ୟବସ୍ଥା ଆଗରୁ କରିଯିବାକୁ ହେବ ।' ଏହା କହି କଳସୀଏ ଜଳ ମନ୍ତ୍ରପୂତ କରିଦେଇ ସ୍ତ୍ରୀକୁ କହିଲା, "ଦେଖ ତୁମେ ଯେତେବେଳେ ମନପୂରାଇ କୁମ୍ଭୀର ଦେଖିସାରିବ, ଏହି ମନ୍ତ୍ରପୂତ ଜଳକୁ ସେହି କୁମ୍ଭୀର ଉପରେ ଢାଳିଦେଲେ ମୁଁ ପୁନରାୟ ମନୁଷ୍ୟ ହୋଇଯିବି । ଯଦି ଦୈବାତ୍ ନଷ୍ଟ ହୋଇଯାଏ, ତେବେ ମୋର ଅନ୍ୟ ବନ୍ଧୁଙ୍କୁ ଖବର ଦେଲେ, ସେ ଏହାର ବ୍ୟବସ୍ଥା କରିଦେବେ ।" ସ୍ତ୍ରୀ ଏଥିରେ ରାଜିହେଲା । ଏହାପରେ ନନ୍ଦସ୍ଥାନନ୍ଦ ସିଦ୍ଧବିଦ୍ୟା

ସାହାଯ୍ୟରେ କୁମ୍ଭୀର ରୂପ ଧାରଣ କଲା । ସେହି ବିକଟ ଓ ବିଶାଳ ଜୀବର ଭୟଙ୍କର ମୁଖ ଓ ଛଟପଟ ଲାଞ୍ଜ ଦେଖି ଭୟରେ ନନ୍ଦଆନନ୍ଦର ସ୍ତ୍ରୀ ଅସ୍ଥିର ହୋଇପଡ଼ିଲା । ଭୟରେ ସେ ଗୋଟିଏ ଉଚ୍ଚ ଚଉକି ଉପରକୁ ଶୀଘ୍ର ଉଠିବାକୁ ଯିବାବେଳେ ଗୋଡ଼ ବାଜି ମନ୍ତ୍ରପୂତ ଜଳପୂର୍ଣ୍ଣ କଳସୀଟି ନଷ୍ଟ ହୋଇଗଲା । ଏଣେ ନନ୍ଦଆନନ୍ଦ ଘର ଓ ଅଗଣାରେ ବୁଲି ବୁଲି ଅବଶେଷରେ ଭୟରେ ନିକଟବର୍ତ୍ତୀ ମଧୁମତୀ ନଦୀକୁ ଚାଲିଗଲା । ସେତେବେଳେ ତାହାର ସ୍ତ୍ରୀ ନିଜର ଏହି ସର୍ବନାଶୀ କାର୍ଯ୍ୟର କୁଫଳ ବୁଝିପାରି ଦୂରସ୍ଥ ବନ୍ଧୁଙ୍କ ନିକଟକୁ ସମ୍ବାଦ ପଠାଇଲା । ବନ୍ଧୁ ଆସିବାକୁ ଚାରି ପାଞ୍ଚ ଦିନ ଲାଗିଲା । ବନ୍ଧୁ ଆସି ସବୁ ଶୁଣି କହିଲେ; ନନ୍ଦଆନନ୍ଦ ଆଉ ମନୁଷ୍ୟ ହେବାର ଉପାୟ ନାହିଁ । ଏ ବିଦ୍ୟାର ନିୟମ ହେଉଛି ଯେ, ମନୁଷ୍ୟ ଯେଉଁ ଜନ୍ତୁର ରୂପ ଧରିବ, ଯେ-ପର୍ଯ୍ୟନ୍ତ ସେହି ଜନ୍ତୁର ଖାଦ୍ୟ ସେ ଖାଇ ନ ଥିବ, ସେ ପର୍ଯ୍ୟନ୍ତ ତାକୁ ମନୁଷ୍ୟ କରିହେବ । ଏବେ ତ ଚାରି ପାଞ୍ଚ ଦିନ ହୋଇଗଲା । ନନ୍ଦଆନନ୍ଦ କ'ଣ ଏତେ ଦିନଯାଏ ଉପବାସୀ ଥିବ ? ନିଶ୍ଚୟ ସେ କୁମ୍ଭୀରର ଖାଦ୍ୟ ଖାଇ-ସାରିଥିବ । ତେଣୁ ସେ ଆଉ ମନୁଷ୍ୟ ହୋଇପାରିବ ନାହିଁ ।"

"ସେହିପରି ବ୍ରହ୍ମ ଜୀବ ହୋଇଛନ୍ତି ଏବଂ ପୂର୍ବ ସ୍ୱରୂପକୁ ଫେରି ଆସିବା ପାଇଁ ନିଜକୁ ଗୁରୁରୂପରେ ପ୍ରକାଶିତ କରି ରଖିଛନ୍ତି । ଲୌକିକ ଉପମାରେ ଉପମା ଦେବାକୁ ଗଲେ ଜଗଦ୍‌ଗୁରୁ ହେଉଛନ୍ତି ମନ୍ତ୍ରପୂତ ଜଳ । ମନୁଷ୍ୟ ଗୁରୁଙ୍କ ଭିତରେ ତାଙ୍କର ବିକାଶ । ସେ ସଦ୍‌ଗୁରୁଙ୍କଠାରେ ପ୍ରକାଶିତ ହୋଇ ଜୀବକୁ ତାଙ୍କ ଆଡ଼କୁ ଆକର୍ଷଣ କରି ନେଇଯାଉଛନ୍ତି । ମୋଟ ଉପରେ ଯେ ଏହି ମନ୍ତ୍ରପୂତ ଜଳ ହାତରେ ନେଇ ଆସନ୍ତି, ସେ ହେଉଛନ୍ତି ମନୁଷ୍ୟ ଗୁରୁ ବା ସଦ୍‌ଗୁରୁ । ତାଙ୍କ ଦ୍ୱାରା ଜଗତର କାର୍ଯ୍ୟ ହୁଏ ।"

"ମୁଁ ତୁମମାନଙ୍କର ଗୁରୁ । ମୁଁ ମନ୍ତ୍ରପୂତ ଜଳ ହାତରେ ଘେନି ଆସିଛି, ତୁମମାନଙ୍କୁ ପୁନରାୟ ପୂର୍ବ ସ୍ୱରୂପରେ ପହଞ୍ଚାଇଦେବି । ପ୍ରକୃତ ପକ୍ଷରେ ଜଗଦ୍‌ଗୁରୁଙ୍କ ଦ୍ୱାରା ତୁମ ଆମର କିଛି କାର୍ଯ୍ୟ ହୋଇପାରିବ ନାହିଁ । କାର୍ଯ୍ୟ ହେବ ସଦ୍‌ଗୁରୁଙ୍କ ଦ୍ୱାରା । କାରଣ ମନୁଷ୍ୟ ନ ହେଲେ, ଶ୍ରେଷ୍ଠ

ଆଧାରରେ ଅବତରଣ ନ କଲେ, ତୁମ ଆମର ଉପକାର ହୋଇପାରିବ ନାହିଁ । ମନୁଷ୍ୟଗୁରୁ ବା ସଦ୍‌ଗୁରୁଙ୍କ ଭିତରେ ଜଗଦ୍‌ଗୁରୁ ପ୍ରକାଶିତ ହୋଇ ଜୀବ ଉଦ୍ଧାର କରନ୍ତି । ତେଣୁ ମନୁଷ୍ୟ ଗୁରୁ ହିଁ ତୁମର ଶ୍ରେଷ୍ଠ ବନ୍ଧୁ ଓ ଉଦ୍ଧାରକର୍ତ୍ତା ।

## ଗୁରୁ ଓ ଭଗବାନ

"ସାଧାରଣତଃ ମନୁଷ୍ୟ ଯାହାଙ୍କୁ ଭଗବାନ ବା ଦେବତା ବୋଲି କହିଥାଏ, ସେ ଗୁଣମୟ । କିନ୍ତୁ ଆମେ ଯାହାଙ୍କୁ ଭଗବାନ ବୋଲି ବୁଝୁ, ତାଙ୍କ ସହିତ ବ୍ରହ୍ମଙ୍କର କୌଣସି ପାର୍ଥକ୍ୟ ନ ଥାଏ । ଗୁରୁ ଏବଂ ଭଗବାନ ଏକ ହେଲେ ମଧ୍ୟ ପ୍ରତ୍ୟେକଙ୍କର କାର୍ଯ୍ୟ ଭିନ୍ନ । ସୃଷ୍ଟି-ସ୍ଥିତି-ଲୟର ଯେ କର୍ତ୍ତା, ସେ ହେଉଛନ୍ତି ଭଗବାନ । ତାଙ୍କୁ 'ଗୁଣମୟ-ଭଗବାନ' କୁହାଯାଏ; କିନ୍ତୁ ଗୁରୁ ହେଲେ ନିର୍ଗୁଣ ଭଗବାନ । ଗୁରୁଙ୍କୁ ଭଗବାନ ବୋଲି କହିଲେ ତାଙ୍କୁ ଖର୍ବ କରି ଦିଆଯାଏ । ଆମ ଦେଶରେ ଗୁରୁ ଏବଂ ଭଗବାନଙ୍କୁ ଏକ ବୋଲି ଭାବି ଲୋକେ ତାଙ୍କ ନିକଟରେ ରୋଗ ଶୋକର ପ୍ରତିକାର ନିମିତ୍ତ ପ୍ରାର୍ଥନା କରନ୍ତି; କିନ୍ତୁ ଏହା ଠିକ୍ ନୁହେଁ । ଭଗବାନ ଦୟାଳୁ । କିନ୍ତୁ ଆମର ରୋଗ ଭଲ କରିଦେବେ, ଆମକୁ ପୁଅ ଦେବେ, ଏଥିପାଇଁ ସେ ଦୟାଳୁ ନୁହନ୍ତି । ଭଗବାନଙ୍କୁ ଦୟାଳୁ କପରି କୁହାଯିବ ? ପୁଅ ମରିଗଲେ ମାଆ ପୁଅ ନିମିତ୍ତ ଭଗବାନଙ୍କ ନିକଟରେ କ'ଣ କମ୍ ପ୍ରାର୍ଥନା କରେ ? କିନ୍ତୁ ଭଗବାନ କ'ଣ କିଛି ଶୁଣନ୍ତି ? ଭଗବାନ ଯେପରି ଦୟାଳୁ ସେହିପରି ନିଷ୍ଠୁର ଓ ନ୍ୟାୟବାନ । ଯେଉଁଥିରେ ଜୀବର କଲ୍ୟାଣ ହେବ, ଭଗବାନ ତହିଁର ବ୍ୟବସ୍ଥା କରନ୍ତି । ସୁତରାଂ ତାଙ୍କ କାର୍ଯ୍ୟର ଭଲମନ୍ଦ ବିଚାର କରିବାକୁ ଯିବାଟା ଜୀବ ପକ୍ଷରେ ଘୋର ଅନ୍ୟାୟ ଓ ଅସୀମ ଦୁଃସାହସିକତାର କଥା ।

## ଗୁରୁ କେତେ ପ୍ରକାର

"ଗୁରୁ ଚାରିପ୍ରକାର, ଯଥା—ଆଦର୍ଶଗୁରୁ, ଆଚାର୍ଯ୍ୟଗୁରୁ, ସଦ୍‌ଗୁରୁ ଓ ଜଗଦ୍‌ଗୁରୁ । ପିତା-ମାତା, ଶିକ୍ଷକ ପ୍ରଭୃତି ଆଦର୍ଶଗୁରୁ । ଯାହାଙ୍କଠାରୁ ପ୍ରାଥମିକ ଶିକ୍ଷାଦି ଲାଭ କରାଯାଏ, ସେ ଆଚାର୍ଯ୍ୟଗୁରୁ । ଯେଉଁଗୁରୁ ନିଜ ଶକ୍ତି

ଶିଷ୍ୟଠାରେ ସଞ୍ଚାରିତ କରି ଦେଇପାରନ୍ତି, ସେ 'ସଦ୍‌ଗୁରୁ' । ଶକ୍ତି ସଞ୍ଚାର କରିବା ହିଁ ସଦ୍‌ଗୁରୁଙ୍କର ବିଶେଷ କାର୍ଯ୍ୟ ।" ଜଗଦ୍‌ଗୁରୁ ହେଉଛନ୍ତି ସମସ୍ତଙ୍କର ଆଦିଗୁରୁ ବା ସମଗ୍ର ବିଶ୍ୱର ମୌଳିକ ସତ୍ତା । ସୃଷ୍ଟିର ଆବର୍ତ୍ତ ମଧ୍ୟରୁ ଜୀବରୂପରେ ପରିଣତ ସଚ୍ଚିଦାନନ୍ଦମୟ ବ୍ରହ୍ମଙ୍କୁ ପୁନର୍ବାର ସ୍ୱରୂପକୁ ପ୍ରତ୍ୟାବର୍ତ୍ତିତ କରିବା ଏହାଙ୍କର କାର୍ଯ୍ୟ । ଜଗତର ସମସ୍ତ ସଦ୍‌ଗୁରୁଙ୍କ ମଧ୍ୟରେ ଏହାଙ୍କର ସତ୍ତା ଆବିଷ୍ଟ ହୋଇ କାର୍ଯ୍ୟ କରିଥାଏ ।

## ଇଷ୍ଟ ଓ ଗୁରୁ

"ଇଷ୍ଟ ଏବଂ ଗୁରୁ ଅଭିନ୍ନ ଓ ଏକ । ତେବେ ସେସବୁ ଭାବ ଖୁବ ଉଚ୍ଚ । ଏହି ଭାବ ଅନୁଭବ ମଧ୍ୟରୁ ଉତ୍ପନ୍ନ ହେବା ଆବଶ୍ୟକ । ଦୁଗ୍ଧ ଓ ତାର ଧବଳତା ଯେପରି ଅଭେଦ; ଶକ୍ତି ଓ ଶକ୍ତିମାନ୍ ସେହିପରି ଅଭେଦ ।"

## ଇଷ୍ଟମୂର୍ତ୍ତି ଦର୍ଶନର ଧାରା

ପ୍ରଥମେ ଚକ୍ଷୁ ମୁଦ୍ରିତ କର । ଚକ୍ଷୁ ମୁଦିଲେ ଯେଉଁ ଘନଅନ୍ଧକାର ଦେଖିବାକୁ ମିଳିବ, ତାହା ଅନନ୍ତ ଓ ଅସୀମ । ତାହା ମଧ୍ୟରେ ଗୋଟିଏ ଉଜ୍ଜ୍ୱଳ ଜ୍ୟୋତିର୍ମୟ ମଣ୍ଡଳ କଳ୍ପନା କର । ତାହା ଭିତରେ ଚିର ବସନ୍ତ ବିରାଜିତ ଗୋଟିଏ ସ୍ଥାନର କଳ୍ପନା କରିନିଅ । ସେଠାରେ ବୃକ୍ଷଲତା ସବୁ ମଞ୍ଜୁରିତ ହୋଇ ଉଠିଛନ୍ତି, କୋକିଳ କୁହୁରବ କରୁଛି, ଭ୍ରମରମାନେ ମଧୁଗୁଞ୍ଜନ କରୁଛନ୍ତି—ଏହିପରି ପ୍ରାକୃତିକ ଶୋଭାମୟ ପବିତ୍ର ସ୍ଥାନରେ ଉତ୍ତମ କଳ୍ପନାରେ ସୁନ୍ଦର ଅଟ୍ଟାଳିକାଟିଏ ସ୍ଥାପନ କର । ସେଥି ମଧ୍ୟରେ ଗୋଟିଏ ମନୋରମ ଚୂଡ଼ା ସମନ୍ୱିତ ମନ୍ଦିର ଲକ୍ଷ୍ୟ କର । ସେଥି ମଧ୍ୟରେ ରାଧା-କୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଧାରଣା କର । ଯୁଗଳ ନ ହେଲେ ଲୀଳା ହୋଇ ପାରିବ ନାହିଁ ବୋଲି ଯୁଗଳଧାରଣା କରିବାକୁ ହେବ । ଧ୍ୟାନର ଗତି କିପରି ହେବ, ତାହା କହୁଛି ଶୁଣ । "ପ୍ରଥମେ ଇଷ୍ଟଦେବଙ୍କ ମୂର୍ତ୍ତି ଉପରେ ଦୃଷ୍ଟି ନିବଦ୍ଧ କରି ବା ମନର ଧାରଣା ସ୍ଥାପନ କର । ଏପରି ଧାରଣା କରିବାର ଅଳ୍ପକ୍ଷଣ ପରେ ମୂର୍ତ୍ତି ଇତସ୍ତତଃ ହେବେ । କାରଣ ମନ

ସେତେବେଳେ ବିକ୍ଷିପ୍ତ । ବନ୍ଧ୍ନ ଚିନ୍ତାଯୁକ୍ତ ମନ ଟିକିଏ ସ୍ଥିର ହୋଇ ଏକମୁଖୀ ହେଲେ ଇଷ୍ଟଦେବାଙ୍କର ମୂର୍ତ୍ତି ଚକ୍ଷୁ ସମ୍ମୁଖରେ ସ୍ଥିର ହୋଇ ରହିବ । ମନ ସମ୍ପୂର୍ଣ୍ଣ ସ୍ଥିର ହେଲେ ଇଷ୍ଟଦେବଙ୍କର ମୃଣ୍ମୟ ମୂର୍ତ୍ତି ଚିନ୍ମୟ ହୋଇଯିବ । ସେ ଠିକ ଜୀବନ୍ତ ମନୁଷ୍ୟ ପରି ହାତ ପାଦ ସଞ୍ଚାଳନ କରିବେ । ସେତେବେଳେ ତୁମେ ଭାବସ୍ଥ ଅବସ୍ଥାରେ ଥିବ । ପ୍ରକୃତ ଅବସ୍ଥାରେ ଯେତେବେଳେ ଚିନ୍ମୟ ମୂର୍ତ୍ତିଙ୍କୁ ଅହରହ ଦର୍ଶନ ସ୍ପର୍ଶନ କରିହେବ ଏବଂ ତାଙ୍କ ସହିତ ଭାଷଣ ଇତ୍ୟାଦି ସମ୍ଭବ ହୋଇଯିବ, ସେତେବେଳେ ତୁମ ସାଧନାର ଚରମ ଅବସ୍ଥା । ଏହା ପରେ ଯେଉଁ ମୂର୍ତ୍ତିଙ୍କ ସହିତ ଆଳାପ କରୁଥିଲ, ତାହା ତୁମ ମନର ରୂପାନ୍ତର ମାତ୍ର, ତୁମ ମନର ଭାବ ଅନୁରୂପ ମୂର୍ତ୍ତି ଧାରଣ କରୁଥିଲା ବୋଲି ବୁଝିପାରିବ । ବର୍ତ୍ତମାନ ତୁମର ଭାବ ଗାଢ଼ରୁ ଗାଢ଼ତର ହେବା ମାତ୍ରେ ଏହି ମୂର୍ତ୍ତି କ୍ରମେ କ୍ରମେ ବିଲୀନ ହୋଇଯିବେ । ତୁମର ଭାବ ମୂର୍ତ୍ତିର ଅଦର୍ଶନରେ ଆକୁଳ ହୋଇ ଗାଢ଼ତର ହୋଇଉଠିବ । ଏଥିରେ ତୁମର ଯେଉଁ ମୂର୍ତ୍ତିର ଦର୍ଶନ ହେବ, ତାହା ଶ୍ରୀ ଶ୍ରୀ ଗୁରୁ-କୃପାସମ୍ଭୂତ । ତୁମ ପ୍ରତି କରୁଣାପରବଶ ହୋଇ ସେ ଏହି ମୂର୍ତ୍ତି ଦେଖାଇଲେ । ଏ ମୂର୍ତ୍ତି ଅପ୍ରାକୃତ । ସେତେବେଳେ ଗୁରୁ ଓ ଇଷ୍ଟ ଅଭେଦ ଏ ମୂର୍ତ୍ତି ଆଉ ବିଲୀନ ହେବ ନାହିଁ । ଅପ୍ରାକୃତ ପ୍ରେମର ଚରମ ଅବସ୍ଥାରେ ମୂର୍ତ୍ତିର ଉପଭୋଗ କରାଯାଏ । ପ୍ରକୃତ ଭକ୍ତଙ୍କର ଏହା ହିଁ କାମ୍ୟ । ଏହା-ସବୁ ନିତ୍ୟଲୋକର କଥା । ବୁଝିବାକୁ ହେଲେ ଏକମାତ୍ର ବିଶ୍ୱାସ କରିବା ବ୍ୟତୀତ ଉପାୟ ନାହିଁ । ଏହା ଯୁକ୍ତିତର୍କ ଦ୍ୱାରା ବା ଶାସ୍ତ୍ରାଦି ପାଠ କରି ଜଣାଯାଏ ନାହିଁ । ତେବେ ଜ୍ଞାନ ବିଚାର ଦ୍ୱାରା ଏହି ବିଶ୍ୱାସ ପରିମାର୍ଜିତ ହେବା ଆବଶ୍ୟକ ।”

## ଇଷ୍ଟ ଓ ଶ୍ରୀ ଶ୍ରୀ ଠାକୁର

"ଏହି ଇଷ୍ଟଦେବଙ୍କ ସ୍ଥାନରେ ତୁମେ ନିଜର ଗୁରୁଦେବଙ୍କୁ ବସାଇଲେ ଆହୁରି ଭଲ । ଠାକୁରଙ୍କୁ ବିଶ୍ୱାମ କଲେ, ତଦ୍‌ଗତଚିତ୍ତ ହେଲେ ତାଙ୍କର ସମସ୍ତ ଜ୍ଞାନରାଶି ତୁମମାନଙ୍କର ଅଧିଗତ ହୋଇଯିବ । କେବଳ ଏକମାତ୍ର ଠାକୁରଙ୍କୁ ବିଶ୍ୱାସ କରି ଧ୍ୟାନ କଲେ, ତୁମେମାନେ ହିଁ ଠାକୁର

ହୋଇଯିବ । ଇଷ୍ଟମୂର୍ତ୍ତି ମଧ୍ୟ ଧ୍ୟାନ କରିପାର । କାରଣ କେହି ଯଦି ମନୁଷ୍ୟ ବୋଲି ଠାକୁରଙ୍କୁ ସନ୍ଦେହ କରନ୍ତି, ତେବେ ସେ ଇଷ୍ଟମୂର୍ତ୍ତିଙ୍କର ଧ୍ୟାନ କରିପାରନ୍ତି । ତଥାପି ପ୍ରକୃତ ଜ୍ଞାନ ନିମିତ୍ତ ଗୁରୁଙ୍କ ନିକଟକୁ ଆସିବାକୁ ପଡ଼ିବ । କାରଣ ଶ୍ରୀ ଗୁରୁ ଏକମାତ୍ର ଜ୍ଞାନଦାତା । ଗୁରୁ ଯେ କିପରି କୃପା କରନ୍ତି, ତାହା ମୁଁ ଯେତେବେଳେ ମୋର ଶିଷ୍ୟମାନଙ୍କ ଅଦ୍ଭୁତ ଅନୁଭୂତିର କଥା ଶୁଣେ, ସେତେବେଳେ ଆଶ୍ଚର୍ଯ୍ୟ ହୋଇଯାଏ । ଜଣେ ଗୁରୁଶକ୍ତିଙ୍କୁ ଦେଖୁଛି, ଅଥଚ ଗୁରୁଙ୍କୁ ଦେଖିପାରୁ ନାହିଁ । ତାଙ୍କୁ ମନ୍ତ୍ର ଦିଆହୋଇଛି; କିନ୍ତୁ ଇଷ୍ଟଶକ୍ତିର ଧ୍ୟାନଧାରଣା ତାଙ୍କୁ ଦିଆଯାଇ ନାହିଁ । ସେ ମୋ ସହିତ ଦେଖା କରି କହିଲେ, "ଠାକୁର, ଆପଣ ତ ମୋତେ ଗୁରୁଶକ୍ତିଙ୍କର ଧ୍ୟାନ ଧାରଣାଦି କହି ଦେଇ ନାହାନ୍ତି; କିନ୍ତୁ ଏପରି କାହିଁକି ମୋର ଦର୍ଶନ ହେଲା ?' ମୁଁ ପଚାରିଲି, 'କିପରି ?' ଉତ୍ତରରେ ସେ ଯାହା କହିଲେ, ତାହା ଶୁଣି ମୁଁ ଅବାକ ହୋଇଗଲି । ପ୍ରକୃତ ଭକ୍ତ ବୋଲି ମା' ତାଙ୍କୁ ମୋର ମନୋମୟୀ ମୂର୍ତ୍ତିରେ ଦର୍ଶନଦାନ କରିଛନ୍ତି ।"

## ଗୁରୁ ଓ ମାଆ

"ମା' ଓ ଗୁରୁ ଓତଃପ୍ରୋତ ଭାବରେ ଜଡ଼ିତ । ଜଣକ ଛଡ଼ା ଅନ୍ୟ ଜଣେ ରହିପାରନ୍ତି ନାହିଁ । ଗୁରୁ ଓ ମା' ସ୍ୱାମୀ-ସ୍ତ୍ରୀ ଭାବରେ ବିଦ୍ୟମାନ । ଶ୍ରୀଗୁରୁ ପରମ ଶିବ, ଉଦାସୀନ । ତାଙ୍କର କାହିଁରେ କିଛି ପ୍ରୟୋଜନ ନାହିଁ କି ଅଭାବ ନାହିଁ । ସେ ଏଣେତେଣେ ସର୍ବଦା ଚାଲିଯିବାକୁ ଚାହାନ୍ତି । ମା' ତାଙ୍କୁ ନିଜର ପ୍ରେମଦ୍ୱାରା ବଶୀଭୂତ କରି ରଖିଛନ୍ତି । ମା' ତାଙ୍କୁ ପ୍ରେମ ଦ୍ୱାରା ଓ ସେ ତାଙ୍କୁ ଜ୍ଞାନଦ୍ୱାରା ବଶୀଭୂତ କରି ପରସ୍ପର ପରସ୍ପରକୁ ଆକୃଷ୍ଟ କରି ରଖିଛନ୍ତି । ଈଶ୍ୱର ହର୍ତ୍ତା କର୍ତ୍ତା ହୋଇ ମଧ୍ୟ ଉଦାସୀନ ଏବଂ ମା' ବୃକ୍ଷତଳ-ବାସିନୀ ହୋଇ ମଧ୍ୟ ରାଜରାଜେଶ୍ୱରୀ । ସମସ୍ତଙ୍କ ଭଣ୍ଡାର ତାଙ୍କର ନିକଟରେ । ମା' ସମସ୍ତ ଦେଇପାରନ୍ତି, ମାତ୍ର ମୁକ୍ତି ଦେବା ଶ୍ରୀଗୁରୁଙ୍କ ହାତରେ । ମା' ଶ୍ରୀଗୁରୁଙ୍କ ଇଙ୍ଗିତ ଓ ଅନୁମତିରେ ମୁକ୍ତି ଦେଇପାରନ୍ତି । ତେଣୁ କହୁଛି, ଚାବିକାଠି ଶ୍ରୀଗୁରୁଙ୍କ ହାତରେ । ସେ ଦେବାକୁ କହିଲେ, ମା' ଦେବେ,

ନଚେତ୍ ନୁହେଁ । ଶ୍ରୀ ଗୁରୁଙ୍କ ଆଜ୍ଞା ବ୍ୟତୀତ ମା' ଜ୍ଞାନ ବା ମୁକ୍ତି ଦିଅନ୍ତି ନାହିଁ । ଏଣୁ କହୁଛୁ, ମୋତେ ଫାଙ୍କିଦେଲେ ତୁମେମାନେ ଫାଙ୍କିରେ ପଡ଼ିବ । ମୁଁ ତୁମର ଫନ୍ଦି ଦେଖି ନ ପାରିଲେ ମଧ୍ୟ ମୋ ଭିତରେ ଯେଉଁ ଅନ୍ତର୍ଯ୍ୟାମୀ ଗୁରୁ ଅଛନ୍ତି, ସେ ସବୁ ଦେଖୁଛନ୍ତି । ଫଳ ଦେବା ସମୟରେ ସେ ବୁଝିବିଚାରି ଫଳ ଦେବେ । ଏହି ମା' ସର୍ବଦା ଦେଖିବେ ଯେ, ତାଙ୍କ ସ୍ୱାମୀଙ୍କୁ ଯେପରି କେହି ଫାଙ୍କି ନ ଦିଅନ୍ତି । ଯଦି କେହି ତାଙ୍କ ସ୍ୱାମୀଙ୍କୁ ଫାଙ୍କିଦିଏ, ତେବେ ମା' ତାର ଫାଙ୍କି ଧରାଇ ଦିଅନ୍ତି, ଓ ଶ୍ରୀ ଗୁରୁଙ୍କ ଭଣ୍ଡାର ଯେପରି ରକ୍ଷା ହୁଏ, ତାହାର ଚେଷ୍ଟା କରନ୍ତି । ଏହି ମା' ହେଉଛନ୍ତି ମହାମାୟା । ଏହି ମା' ପଥ ଛାଡ଼ି ନ ଦେଲେ ଶ୍ରୀଗୁରୁଙ୍କ କୃପା ଲାଭ ହୋଇପାରେ ନାହିଁ । ମା' ଦ୍ୱାର ରୋଧ କରି ବସିଛନ୍ତି । ଶ୍ରୀଗୁରୁଙ୍କ ବିନା ଇଙ୍ଗିତରେ ସେ ଦ୍ୱାର ଛାଡ଼ି ଦିଅନ୍ତି ନାହିଁ । ଶ୍ରୀଗୁରୁଙ୍କ ଚରଣରେ ବିଶ୍ୱାସ ଥିଲେ, ଶ୍ରୀଗୁରୁଙ୍କ କୃପା-ପାତ୍ର ଦିଅନ୍ତି ନାହିଁ । ଶ୍ରୀଗୁରୁଙ୍କ ଚରଣରେ ବିଶ୍ୱାସ ଥିଲେ, ଶ୍ରୀଗୁରୁଙ୍କ କୃପା ପାତ୍ର ହେଲେ, ମା' ତାକୁ କୋଳରେ ଧରି ଶ୍ରୀଗୁରୁଙ୍କ ନିକଟରେ ପହଞ୍ଚାଇ ଦିଅନ୍ତି ।

"ସାଧକ ଯଦି କେବଳ ମା'ଙ୍କୁ ଭଲ ପାଆନ୍ତି, ମା'ଙ୍କୁ ଚାହାନ୍ତି, ତେବେ ମା' ତାଙ୍କ ନିଜର ଯାହା ଶକ୍ତି ଅଛି, ତାହା ଦେଇ ସାଧକଙ୍କୁ ଭୁଲାଇବାକୁ ଚେଷ୍ଟା କରନ୍ତି । ଏପରି କି ମା' ସ୍ନେହ କରି ସନ୍ତାନକୁ ସ୍ୱାମୀଙ୍କ କୋଳରେ ବସାଇ ଦେଇପାରନ୍ତି । କିନ୍ତୁ ଏଥିରେ ଶ୍ରୀଗୁରୁ କୃପା କରି ନ ପାରନ୍ତି । କାରଣ ସେ ନିଜେ ଭୋଳାନାଥ । ଏହା ପ୍ରତି ତାଙ୍କ ଦୃଷ୍ଟି ପଡ଼ି ନ ପାରେ । ପୁଣି ଯଦି କେହି ମା'ଙ୍କ ଧ୍ୟାନଧାରଣା କରି ଗୁରୁଙ୍କୁ ପାଇବାକୁ ଚାହାନ୍ତି, ତେବେ ମା ପ୍ରଥମେ ଗୁରୁଦେବଙ୍କୁ ଜଣାଇଦେବେ । ମା'ଙ୍କର ସୁପାରିଶ ନେଇ ସେ ଗୁରୁଙ୍କ ନିକଟରେ ପହଞ୍ଚିପାରିବ । କିନ୍ତୁ ମା' ହୁଏତ ସନ୍ତାନକୁ ସେ ପର୍ଯ୍ୟନ୍ତ ନେଇ ନ ପାରନ୍ତି । କାରଣ ସେ ତାଙ୍କର ନିଜ ଭଣ୍ଡାରର ଜିନିଷ ଦେଇ ସନ୍ତାନକୁ ଭୁଲାଇ ରଖିବାକୁ ଚେଷ୍ଟା କରନ୍ତି । କେହି ଯଦି ମା'ଙ୍କ ସମ୍ବନ୍ଧରେ କୌଣସି ଧାରଣା ନ କରି କେବଳ ଗୁରୁଙ୍କୁ ଚାହାନ୍ତି, ତେବେ ତାଙ୍କର ଖାଲି ଗୁରୁଦେବ ନିଜେ ବନ୍ଦନ କରି ମା'ଙ୍କୁ ଦ୍ୱାର ଛାଡ଼ିଦେବାକୁ ଇଙ୍ଗିତ କରନ୍ତି ।

# ଗୁରୁ ନିଗମାନନ୍ଦ

ଯେତେବେଳେ ମୁଁ ସାଧନ-ଭଜନପୂର୍ବକ ପୂର୍ଣ୍ଣଜ୍ଞାନ ଲାଭ କରି ଜୀବନ ପୂର୍ଣ୍ଣ କଲି, ହୃଦୟଭରା ଆନନ୍ଦ ଯେପରି ଜଗତରେ ତାହା ବିତରଣ କରିବାକୁ ଆସିଲି, ସେତେବେଳେ ମୋ ଚକ୍ଷୁରେ ଜଗତର ପୁରୁଷ ନାରୀ ସମସ୍ତେ ସୁନ୍ଦର ଦେଖାଯାଉଥିଲେ। ମୁଗ୍‌ଧ ହୋଇ ସେମାନଙ୍କୁ ଗ୍ରହି ଆନନ୍ଦରେ ମୁଁ ଆତ୍ମହରା ହୋଇଯାଉଥିଲି। ସେହି ଆନନ୍ଦ ବିତରଣ ମୋର ଲକ୍ଷ୍ୟ ଥିଲା। ତୃଷିତ ତାପିତ ପ୍ରାଣରେ ଶାନ୍ତିର ଅମିୟ ଧାରା ଢାଳିବା ହିଁ ଥିଲା, ମୋର ଉଦ୍ଦେଶ୍ୟ। ମୋ ଅନ୍ତରରୁ ସର୍ବଦା ଏହି ବାକ୍ୟ ବାହାରୁଥିଲା ଯେ କିଏ କେଉଁଠାରେ ତୃଷିତ, ତାପିତ ଅଛ, ମୋ ପାଖକୁ ଚାଲିଆସ, ମୁଁ ସମସ୍ତଙ୍କର ଭାର ନେବି, ସମସ୍ତଙ୍କର ଶାନ୍ତିବିଧାନ କରିବି। ମୁଁ ଯେତେବେଳେ ଗୁରୁ, ସେତେବେଳେ ମୋ ନିକଟକୁ ଅଭକ୍ତ, ପାଷାଣ୍ଡ ଯେ କେହି ଆସନ୍ତୁ ନା କାହିଁକି, ମୁଁ କାହାକୁ ହେଲେ ଫେରାଇଦେବି ନାହିଁ।''

''ମୁଁ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ (ମିଶନ) ଘେନି ଆସି ନାହିଁ। ମଠ, ଆଶ୍ରମ କିମ୍ବା ଋଷି ବିଦ୍ୟାଳୟ ପ୍ରତିଷ୍ଠା କରିବି ବୋଲି ମୁଁ ଜଗତକୁ ଆସି ନାହିଁ। ମୁଁ ଗୁରୁ ଭାବରେ ଅଧିଷ୍ଠିତ ରହି ଶିଷ୍ୟମାନଙ୍କ ପ୍ରାଣରେ ଜ୍ଞାନର ଆଲୋକ ଜାଳିଦେବାକୁ ଓ ସେମାନଙ୍କର ଶୁଷ୍କ ହୃଦୟରେ ଆନନ୍ଦର ଢେଉ ଖେଳାଇଦେବାକୁ ଗୁରୁରୂପରେ ଜଗତକୁ ଫେରିଆସିଛି। ଏହିସବୁ ମଠ ଆଶ୍ରମ ମନକୁ ମନ ଗଢ଼ିଉଠିଛି। ଯଦି ଆନନ୍ଦ ନାହିଁ, ତେବେ ମଠ ଆଶ୍ରମ କ'ଣ ହେବ ? ସବୁ ଭାଙ୍ଗିଦେଇ ଚାଲ ଗଛ ମୂଳରେ ବସି ଆନନ୍ଦ କରିବା।''

''ମଠ ଆଶ୍ରମ ମୋ ଇଚ୍ଛାର ସୃଷ୍ଟି। କିନ୍ତୁ ମୁଁ ଭଗବାନଙ୍କ ଇଚ୍ଛାରେ ଗୁରୁ ହୋଇଛି। ସୁତରାଂ ଯଦି ମୋତେ ମଠ ଆଶ୍ରମ ସମ୍ପର୍କୀୟ ବୈଷୟିକ କାର୍ଯ୍ୟରେ ଏତେ ମନ ଦେବାକୁ ନ ପଡ଼େ, ତେବେ ମୁଁ ମୋର ଗୁରୁଶକ୍ତି-ଦ୍ୱାରା ତୁମମାନଙ୍କର ଯଥେଷ୍ଟ ହିତ କରିପାରିବି।''

## ଗୁରୁଙ୍କର ଶକ୍ତିସଞ୍ଚାରଣୀ ଶକ୍ତି

"ଦେଖ, ଗୁରୁ ଶିଷ୍ୟମାନଙ୍କ ଭିତରେ ଅନେକ ପ୍ରକାରରେ ଶକ୍ତି ସଞ୍ଚାର କରିପାରନ୍ତି । ଗୁରୁଙ୍କର ଇଚ୍ଛାହେଲେ, କେହି ତାଙ୍କର ଦର୍ଶନ କଲେ ଓ କେହି ତାଙ୍କୁ ସ୍ପର୍ଶ କଲେ ଏବଂ କେହି ତାଙ୍କ ସହିତ କଥାବାର୍ତ୍ତା କଲେ ଗୁରୁ ନିଜ ଶକ୍ତିକୁ କେହି ଶିଷ୍ୟଙ୍କ ଭିତରେ ସଞ୍ଚାରିତ କରିଦେଇପାରନ୍ତି । ତେବେ ଯେଉଁମାନେ ଇଚ୍ଛାଶକ୍ତି ଦ୍ୱାରା ଶକ୍ତି ସଞ୍ଚାରଣ କରିପାରନ୍ତି, ସେହି-ମାନଙ୍କୁ ସଦ୍‌ଗୁରୁ କହନ୍ତି । ଲୋକନାଥ ବ୍ରହ୍ମଚାରୀଙ୍କ ଗୁରୁ ସ୍ୱର୍ଗୀୟ ଭଗବାନ ଗାଙ୍ଗୁଲି ଖୁବ୍ ବଡ଼ ପଣ୍ଡିତ ଥିଲେ । ସେ ତାଙ୍କ ଗୁରୁଙ୍କୁ ପଚାରିଲେ, 'ଆପଣ ଏତେବଡ଼ ଜ୍ଞାନୀ ହୋଇ ମୋତେ ଏପରି ମୂର୍ଖ କରି ରଖିଛନ୍ତି କାହିଁକି ? କିଛି ଶିକ୍ଷା ଦେଲେ ବି ନାହିଁ କାହିଁକି ?' ଗୁରୁ କହିଲେ, ଦେଖ ବହି ପଢ଼ି ଶିକ୍ଷା କଲେ ମନରେ ନାନା ପ୍ରକାର ସଂଶୟ ଜାତ ହୁଏ, ଅଭିମାନ ଆସେ, ଗୁରୁଙ୍କ ବାକ୍ୟରେ ସନ୍ଦେହ ଜାତ ହୁଏ । ତୁମକୁ ବହି ପଢ଼ିବାକୁ ହେବ ନାହିଁ । ତୁମେ କେବଳ ମୋତେ ଧ୍ୟାନ କଲେ ମୋର ସବୁ ଜ୍ଞାନ ଲାଭ କରି-ପାରିବ । ସେହିପରି ତୁମେମାନେ ମୋର ସ୍ୱରୂପ ଧ୍ୟାନ କଲେ ମୋର ସମସ୍ତ ଜ୍ଞାନରାଶି ତୁମମାନଙ୍କର ଅଧିଗତ ହେବ । ଟିକିଏ ଅନ୍ତର୍ମୁଖୀ ହେଲେ ଏସବୁ ତତ୍ତ୍ୱ କ୍ରମେ ଜାଣିପାରିବ ।"

## ଶିଷ୍ୟମାନଙ୍କର ଅଦ୍ଭୁତ ଅନୁଭୂତି

"ମୋଠାରୁ ଯେଉଁମାନେ ଦୀକ୍ଷା ନେଇଛନ୍ତି, ସେମାନଙ୍କ ମଧ୍ୟରୁ କେହି ଦୀକ୍ଷା ନେଉ ନେଉ ଆନନ୍ଦରେ କାନ୍ଦି ଉଠନ୍ତି । ଏପରି କି ଦୀକ୍ଷା ନେବା ସଙ୍ଗେ ସଙ୍ଗେ ଅନେକ ଅଜ୍ଞାନ ହୋଇଯାନ୍ତି । ଜଣ ଜଣଙ୍କର ଦୈନନ୍ଦିନ ଏପରି ଅବସ୍ଥା ହୁଏ ଯେ, ସର୍ବଦା ସେମାନେ ଠାକୁରଙ୍କୁ ସେମାନଙ୍କ କାର୍ଯ୍ୟ-କ୍ରମ ଭିତରେ ମଧ୍ୟ ଦେଖିପାରନ୍ତି । ସେମାନେ କହନ୍ତି ଯେ, ସେମାନେ ଗାଧୋଇବାକୁ ଗଲେ, ଠାକୁର ସଙ୍ଗେ ସଙ୍ଗେ ଯାଉଥିବାର ସେମାନେ ପ୍ରତ୍ୟକ୍ଷ କରନ୍ତି । ସେମାନେ ସ୍ନାନ କରୁଥିବାବେଳେ ଠାକୁର କୂଳରେ ଛିଡ଼ା ହୋଇ ରହନ୍ତି । ସ୍ନାନ ସାରି ଘରକୁ ଆସିଲେ, ଠାକୁର ମଧ୍ୟ ସଙ୍ଗେ

ସଙ୍ଗେ ଘରକୁ ଫେରନ୍ତି । ସୁଦର୍ଶନ ଚକ୍ର ପରି ଠାକୁର ସେମାନଙ୍କ ସଙ୍ଗେ ସଙ୍ଗେ ବୁଲି ସେମାନଙ୍କୁ ରକ୍ଷା କରୁଥିବାର ସେମାନେ ଅନୁଭବ କରନ୍ତି । ଚିରଣ ବୁଲିଣ ଜଣଙ୍କୁ ଏକାନ୍ତ ବସାଇ କହିଦେଲି, 'ଯାଅ, ତୁମର ଏହି ମନ୍ତ୍ର ।' ଏହା ହେଲା ସେମାନଙ୍କର ଦୀକ୍ଷା । ସେହିମାନଙ୍କ ଭିତରେ କାହାର କାହାର ଏପରି ଅବସ୍ଥା ହୋଇଯାଏ ଯେ, ସେମାନେ ଆକୁଳ ହୋଇ-ପଡ଼ନ୍ତି । ସଦ୍‌ଗୁରୁଙ୍କର ଏହା ହିଁ ବିଶେଷତ୍ୱ । ସେମାନେ ଯେ ଭାବରେ ଦୀକ୍ଷା ଦିଅନ୍ତୁ ପଛକେ, ଶିଷ୍ୟମାନଙ୍କ ଭିତରେ ଶକ୍ତିସଞ୍ଚାର ନିଶ୍ଚୟ ହେବ ।"

## ଗୁରୁଚିନ୍ତାର ଫଳ

"ଦେଖ, ଇଷ୍ଟଚିନ୍ତା କରିବାଠାରୁ ଗୁରୁଚିନ୍ତାର ଫଳ ଅଧିକ । କାରଣ ଇଷ୍ଟଙ୍କୁ ତ ଦେଖି ହୁଏ ନାହିଁ; କିନ୍ତୁ ଗୁରୁ ପ୍ରତ୍ୟକ୍ଷ ବିଦ୍ୟମାନ ଅଛନ୍ତି । ତେଣୁ ତୁମେମାନେ ଗୁରୁଙ୍କର ସ୍ୱରୂପ ଚିନ୍ତା କର । ଭ୍ରମର ଗୋବରପୋକକୁ ଧରି ଆଣିଲେ ଗୋବରପୋକ ଭ୍ରମରର ରୂପ ଚିନ୍ତା କରୁ କରୁ ତାହାର ରୂପ ପ୍ରାପ୍ତ ହୁଏ ।

"ଯଦି କାହାକୁ ବାଘ ଧରେ, ସେ ବାଘର ଭୀଷଣାକାର ସ୍ୱରୂପଟାକୁ ମନେ ମନେ ଚିନ୍ତା କରିବା ଯୋଗୁଁ ବାଘ ହୋଇଯାଏ । ସେହିପରି ତୁମେ-ମାନେ ଯଦି ଠାକୁରଙ୍କ ମୂର୍ତ୍ତି ଚିନ୍ତା କର, ତେବେ ମୃତ୍ୟୁ ପରେ ଠାକୁରଙ୍କ ସ୍ୱରୂପ ଲାଭ କରିବ । ତୁମେମାନେ ଠାକୁରଙ୍କୁ ସଦାସର୍ବଦା ଭାବ; ଦେଖିବ ତାଙ୍କର ଅଗାଧ ଜ୍ଞାନରାଶି ତୁମର ଅଧିଗତ ହୋଇଯାଇଛି, ତୁମେମାନେ ଠାକୁର ହୋଇଯାଇଛ । ଏ ବିଷୟରେ କୌଣସି ସନ୍ଦେହ ନାହିଁ, କେବଳ ଦୃଢ଼ ବିଶ୍ୱାସ ଥିବା ଆବଶ୍ୟକ ।"

## ଶ୍ରୀ ଶ୍ରୀ ଠାକୁରଙ୍କର ଆତ୍ମପରିଚୟ

'ଗୁରୁ ଅବତାରମାନେ ସ୍ୱେଚ୍ଛାରେ ଅବତରଣ କରନ୍ତି—ଯେପରି ଆଚାର୍ଯ୍ୟ ଶଙ୍କର ଓ ଶ୍ରୀମାନ୍ ମହାପ୍ରଭୁ ଗୌରାଙ୍ଗଦେବ । କିନ୍ତୁ ମୁଁ ସାଧାରଣ ମନୁଷ୍ୟ, ପଶୁ ପକ୍ଷୀ, କୀଟ-ପତଙ୍ଗ ଇତ୍ୟାଦି ଜୀବନ ଅତିକ୍ରମ କରି ଜନ୍ମ-

ଜନ୍ମାନ୍ତରର ସାଧନା ଫଳରେ ଏହି ଜନ୍ମରେ ଭଗବାନଙ୍କୁ ଜାଣିଛି । ମୋର ବ୍ରହ୍ମଜ୍ଞାନ ହୋଇଛି । ବ୍ୟକ୍ତିତ୍ୱ ଧ୍ୱଂସ ହୋଇଯିବାରୁ ଜଗଦ୍‌ଗୁରୁଙ୍କର ଇଚ୍ଛା ମୋଠାରେ ଲୀଳାୟିତ ହୋଇଉଠିଛି । ତୁମେମାନେ ମୋତେ ସଦ୍‌ଗୁରୁ ବୋଲି ଜାଣିରଖ । ମୁଁ ସାଧନା କରି ନିଜେ ମୁକ୍ତ ହୋଇଛି, ତୁମମାନଙ୍କୁ ମୁକ୍ତିପଥ ଦେଖାଇଦେବା ହେଲା, ମୋର କାର୍ଯ୍ୟ । ମୋ ଉପରେ ଯେଉଁମାନେ ନିର୍ଭର କରି ବସିଛ, ମୁଁ ସେମାନଙ୍କ ହାତ ଧରି ମୁକ୍ତ ଧାମକୁ ନେଇଯିବି । ସଦ୍‌ଗୁରୁଙ୍କ ବିଦ୍ୟାଳୟରେ ଯେଉଁମାନେ ପ୍ରବେଶ କରିଛନ୍ତି, ସେମାନେ ଯେ ସମସ୍ତେ ସଫଳତା ଲାଭକରିବେ, ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ । କେବଳ ଏହି ବିଶ୍ୱାସ ଥିଲେ ହେଲା ଯେ, ତୁମ ଠାକୁର ସଦ୍‌ଗୁରୁ ।''

''ଗୀତାର 'ମାଂ' କହିଲେ ନିରାକାର ପରବ୍ରହ୍ମ (ଶ୍ରୀକୃଷ୍ଣ ବା ଗୁରୁ)ଙ୍କୁ ବୁଝିବାକୁ ହେବ । ଅବତାରମାନେ ଆତ୍ମବିସ୍ମୃତ, କିନ୍ତୁ ସଦ୍‌ଗୁରୁ ଆତ୍ମବିସ୍ମୃତ ନୁହନ୍ତି । ଏହି ହିସାବରେ ସଦ୍‌ଗୁରୁ ଅବତାରଙ୍କଠାରୁ ବଡ଼ । ଆତ୍ମବିସ୍ମୃତ ନ ହେଲେ ଲୀଳା ଭଲ ହୋଇପାରିବ ନାହିଁ । ସମସ୍ତଙ୍କ ଭିତରେ କିଛି ନା କିଛି ଆବରଣ ରହିଛି, ମୋ ଭିତରେ ଗୁରୁଗିରି ଗୋଟିଏ ଆବରଣ । ଗୁରୁର ଅଭିମାନ ଅଛି ବୋଲି ମୁଁ ଶିଷ୍ୟ କରୁଛି । ଏହା ମଧ୍ୟ ଗୋଟିଏ ଲୀଳା । କିନ୍ତୁ ଏହି ଲୀଳା କରିବାକୁ ଯାଇ ମୁଁ ଆତ୍ମବିସ୍ମୃତ ହୋଇ ନାହିଁ । ଗୁରୁଗିରି କରିବାଟା ଯେ ଗୋଟିଏ ଅଭିନୟ—ଏହି ଜ୍ଞାନ ମୋର ଅଛି ।''

## ଜଗତର ଲୀଳା ଅଭିନୟ

''ତୁମେମାନେ ଜଗତକୁ ଅଭିନୟ କରିବାକୁ ଆସିଛ । ତୁମେମାନେ ଏଠାରେ ଅନ୍ୟାନ୍ୟ ଅନେକବିଷୟରେଜ୍ଞାନଲାଭକରିପାରିବ । କିନ୍ତୁ ସ୍ୱରୂପଜ୍ଞାନଜୀବଦ୍ଦଶାରେ ଲାଭ ହୋଇପାରିବ ନାହିଁ । ଯେଉଁ ଦିନ ସ୍ୱରୂପଜ୍ଞାନ ଫୁଟିଉଠିବ, ସେ ଦିନ ଏ ଦେହ ରହିବ ନାହିଁ । ଅଭିନୟ ମଝିରେ ଜ୍ଞାନ ଫୁଟି ଉଠିଲେ ଚଳିବ କିପରି ? ଧର, ଯେପରି ଜଣେ ପୁରୁଷ ଲୋକ ସୀତା ଅଭିନୟରେ ସୀତା ପାର୍ଟ ନେଇଛି । ଏପରିସମୟରେ ସେ ଯଦି ଦର୍ଶକମଣ୍ଡଳୀକୁ କହିଦିଏ ଯେ,ସେସ୍ତ୍ରୀଲୋକ ନୁହେଁ—ପୁରୁଷ, ତାହାହେଲେ ଅଭିନୟଟା ଏକାବେଳେ ନଷ୍ଟ (murder)

ହୋଇଯିବ । ତୁମମାନଙ୍କ ଅବସ୍ଥା ମଧ୍ୟ ସେହିପରି । ତେବେ ତୁମମାନଙ୍କର ଅଭିନୟ ଶେଷ ହୋଇ ଆସୁଛି; ଆଉ ବେଶୀ ଡେରି ନାହିଁ । ଅଭିନୟ ଶେଷ ହେଲାକ୍ଷଣି ସ୍ୱରୂପଜ୍ଞାନ ଲାଭ କରିବ ।''

ଅଭିନୟ ଶେଷ ହେବା ସଙ୍ଗେ ସଙ୍ଗେ ଯଦି ସ୍ୱରୂପଜ୍ଞାନ ଫୁଟିଉଠେ, ତେବେ ଗୁରୁଙ୍କର ପ୍ରୟୋଜନୀୟତା କ'ଣ ବୋଲି ପ୍ରଶ୍ନ ହେବାରୁ ଶ୍ରୀ ଶ୍ରୀ ଠାକୁରକହିଲେ, ''ଅନେକଦିନରୁ ଅଭିନୟ କରି କରି ତୁମେମାନେ ନିଜର ଅସଲ ସ୍ୱରୂପ ଭୁଲି-ଯାଇଛ । ଅଭିନେତାର ସ୍ୱରୂପକୁ ନିଜର ସ୍ୱରୂପ ମନେ କରୁଛ । ତୁମମାନଙ୍କର ଏହି ଭୁଲ୍ ଭାଙ୍ଗିବା ପାଇଁ ଓ ଅଭିନୟ ଯେ ଶେଷ ହୋଇ ଆସୁଛି, ଏହି ଅମୃତ ବାର୍ତ୍ତା ଶୁଣାଇବା ନିମିତ୍ତ ମୁଁ ଆସିଛି । ପୁଣି ପ୍ରକୃତ ପକ୍ଷରେ ଏ ଜଗତକୁ ସମସ୍ତେ ଅଭିନୟ କରିବାକୁ ଆସିଛନ୍ତି । କିନ୍ତୁ ଏଇଟା ଯେ ଅଭିନୟ, ଏକଥା କାହାର ଖିଆଲ ନାହିଁ । ଖିଆଲ ରହିବ ବା କିପରି ? ରାମକୃଷ୍ଣଦେବଙ୍କ ଭାଷାରେ କହିବାକୁ ଗଲେ, ପଞ୍ଚଭୂତର ଫାନ୍ଦେ, ବ୍ରହ୍ମ ପଡ଼ି କାନ୍ଦେ ।''

ଥରେ ଦେବରାଜ ଇନ୍ଦ୍ର ଶାପଗ୍ରସ୍ତ ହୋଇ ଶୂକରଯୋନିରେ ଜନ୍ମଗ୍ରହଣ କରିଥିଲେ । ଶୂକର ହେବା ପରେ ସେ ଯେ ଦେବରାଜ ଇନ୍ଦ୍ର, ଏ କଥା ଭୁଲିଗଲେ । ଏଣେ ସ୍ୱର୍ଗର ସିଂହାସନ ଖାଲି ପଡ଼ିଲା, ସ୍ୱର୍ଗରାଜ୍ୟ ପରିଚାଳନା ବନ୍ଦ ହୋଇଗଲା । ବିଷ୍ଣୁ ଇନ୍ଦ୍ରଙ୍କ ଭୁଲ୍ ଭାଙ୍ଗିବାକୁ ନାରଦଙ୍କୁ ପଠାଇଲେ । ନାରଦ ଯାଇ ଦେଖିଲେ ଯେ, ଇନ୍ଦ୍ର ଶୂକରରୂପରେ ପିଲାପିଲିଙ୍କୁ ଘେନି ଘାସମୂଳ ଖାଇ ବେଶ୍ ଆନନ୍ଦରେ ଜୀବନଯାପନ କରୁଛନ୍ତି । ନାରଦ ଯାଇ କହିଲେ, 'ଆହେ ବରାହପ୍ରବର ! ତୁମେ ସ୍ୱରୂପରେ ବରାହ ନୁହଁ—ଦେବରାଜ ଇନ୍ଦ୍ର ! ତୁମଅଭାବରେ ବର୍ତ୍ତମାନ ସ୍ୱର୍ଗ-ସିଂହାସନ ଶୂନ୍ୟ । ତୁମେ ସ୍ୱର୍ଗକୁ ଫେରିଆସ । ସେଠାରେ କେତେ ଆନନ୍ଦ ଓ କେତେ ସୁଖ ପାଇବ ।' ବରାହରୂପୀ ଇନ୍ଦ୍ର କହିଲେ, 'ଠାକୁର ତୁମର ଫନ୍ଦି ମୁଁ ବୁଝି ପାରୁଛି । ତୁମର ସମ୍ଭବତଃ ମୋ ମାଂସ ଖାଇବାକୁ ଇଚ୍ଛା ହେଲାଣି, ତେଣୁ ଏପରି କହୁଛ । ତୁମର ସ୍ୱର୍ଗ ରାଜ୍ୟ ତୁମ ପାଖରେ ଥାଉ । ମୁଁ ଏଠାରେ ଯେପରି ସୁଖରେ ଅଛି, ତା ତୁଳନାରେ ତୁମ ସ୍ୱର୍ଗରାଜ୍ୟର ସୁଖ କିଛି ନୁହେଁ । ''ନାରଦ ଅନନ୍ୟଗତିକ ହୋଇ ଫେରିଯାଇ ବିଷ୍ଣୁଙ୍କୁ ଏ

ବିଷୟ କହିଲେ । ବିଷ୍ଣୁ ସବୁ ଶୁଣି ନିଜେ ସୁଦର୍ଶନ ଚକ୍ର ହାତରେ ଧରି ବରାହରୂପୀ ଇନ୍ଦ୍ରଙ୍କ ନିକଟରେ ଉପସ୍ଥିତ ହେଲେ । ବିଷ୍ଣୁ ପ୍ରଥମେ ଇନ୍ଦ୍ରଙ୍କ ପୂର୍ବସ୍ମୃତି ଫେରାଇ ଆଣିବା ନିମିତ୍ତ ବହୁ ଚେଷ୍ଟା କଲେ; କିନ୍ତୁ କାହିଁରେ କିଛି ଫଳ ହେଲା ନାହିଁ । ଶେଷରେ ଇନ୍ଦ୍ରଙ୍କ ମୋହ ଭାଙ୍ଗିବା ନିମିତ୍ତ ବିଷ୍ଣୁ ଶୂକରର ପିଲାଗୁଡ଼ିକୁ ମାରିଦେଲେ । ସେତେବେଳେ ଶୂକର ଭୟଙ୍କର ଆର୍ତ୍ତନାଦ କଲା । ତାହା ପରେ ବିଷ୍ଣୁ ଶୂକରୀକୁ ମାରିବାକୁ ଉଦ୍ୟତ ହେବାରୁ ଶୂକର ବିଷ୍ଣୁଙ୍କୁ ବଧ କରିବାକୁ ଘୋର ବେଗରେ ଧାଇଁଆସିଲା । ବିଷ୍ଣୁ ଏହି ସମୟରେ ସୁଦର୍ଶନ ଚକ୍ର-ଦ୍ୱାରା ଶୂକରର ମସ୍ତକ ଛେଦନ କଲେ । ସଙ୍ଗେ ସଙ୍ଗେ ବରାହର ଦେହ ଭିତରୁ ଦେବରାଜ ଇନ୍ଦ୍ର ବାହାରି ପଡ଼ିଲେ । ବରାହରୂପୀ ଇନ୍ଦ୍ର ବର୍ତ୍ତମାନ ସବୁ ବୁଝିପାରିଲେ ଏବଂ ଏତେଦିନଯାଏ ନିଜସ୍ୱରୂପ ବିସ୍ମୃତ ହୋଇ ଏପରି ବ୍ୟବହାର କରିଥିବାରୁ ନିଜକୁ ବହୁତ ଆକ୍ଷେପ କଲେ ।

ଜୀବର ଯେଉଁଦିନ ଗୁରୁକୃପାରୁ ସ୍ୱରୂପଜ୍ଞାନ ଫୁଟିଉଠେ, କେତେ ଦୀର୍ଘକାଳ ସେ ସେ ବୃଥାରେ କଟାଇଛି, ସେହିଦିନ ସେ ତାହା ବୁଝି ପାରେ ।

## ଶ୍ରୀ ଶ୍ରୀ ଠାକୁରଙ୍କର ଧ୍ୟାନ ଓ ଧାରଣା

"ଗୋଟିଏ ଜ୍ୟୋତିର୍ମୟ ମଣ୍ଡଳ ଭିତରେ ମୋତେ ଚିନ୍ତା କର । ଏହା ସବୁଠାରୁ ଉଚ୍ଚ ସାଧନା । ମୁଁ ଏହିକଥା ସମସ୍ତଙ୍କୁ କହୁଛି । ବର୍ତ୍ତମାନ ତୁମେମାନେ ଏହି ସାଧନା କର, ଅର୍ଥାତ୍ ଚିତ୍ତକୁ ଏକାବେଳକେ ନିରାଲମ୍ବ କରିଦିଅ, ତା ନହେଲେ ମୋ ଧ୍ୟାନରେ ଚିତ୍ତ ଲୟ କର । ବଡ଼ ବଡ଼ ଭାବ ଆବେଗ ନ କରି ଏପରି କି ମୋର ଏହି ପଞ୍ଚଭୂତା ସ୍ଥୂଳଦେହଟାକୁ ଯଦି ଧ୍ୟାନ କର, ତାହାହେଲେ ଦିନେ ଏହି ଧ୍ୟାନ ଫଳରେ ମୋର ଅସଲ ରୂପ ତୁମ ଭିତରେ ଫୁଟିଉଠିବ ।

"ଆଉ ଦେଖ, ଏହିପରି ଭାବରେ ମୋତେ ଭାବିଲେ ସନ୍ୟାସର ଲକ୍ଷ୍ୟ ଯେଉଁ ବ୍ରହ୍ମଜ୍ଞାନ, ଯାହା ତୁମମାନଙ୍କର କରାୟତ୍ତ ହେବ । ତୁମେମାନେ ଯଦି ସଗୁଣ ବ୍ରହ୍ମଙ୍କର ଦ୍ରଷ୍ଟା ହୋଇପାରି, ସଗୁଣ ବ୍ରହ୍ମ ଯଦି ତୁମମାନଙ୍କ ନିକଟରେ


ଦୃଶ୍ୟ ହୋଇ ଫୁଟିଉଠନ୍ତି, ତାହାହେଲେ ତୁମମାନଙ୍କର ଶ୍ରେଷ୍ଠଜ୍ଞାନର ଅଭାବ ବା ରହିଲା କେଉଁଠି ? ସୁତରାଂ ଏହି ଭାବ ସବୁଠାରୁ ଉଚ୍ଚ ଭାବ । ତୁମେମାନେ ମୋତେ ଏହି ଭାବରେ ଭାବ, ତୁମମାନଙ୍କର ସର୍ବାର୍ଥ ସିଦ୍ଧି ହେବ ।"

## ମନୁଷ୍ୟ ଗୁରୁଙ୍କର ଶ୍ରେଷ୍ଠତ୍ୱ

"ଅର୍ଜ୍ଜୁନଙ୍କୁ କେତେ ବୁଝାଇଲା ପରେ ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କର ଶରଣାପନ୍ନ ହେଲେ । ସେହିପରି ମୋତେ ମଧ୍ୟ ଅଧିକାଂଶ ଭେଦରେ ତୁମମାନଙ୍କ ସାଧନ ପନ୍ଥାର କଥା କହିବାକୁ ପଡ଼ୁଛି । ମୁଁ ଯଦି କୃପାସିଦ୍ଧ ହୋଇଥା'ନ୍ତି ତେବେ କହନ୍ତି, ସବୁ ଗୁରୁକୃପା । କିନ୍ତୁ ମୁଁ ନିଜେ ସାଧନ ଭଜନ କରି ସବୁ ପଥର ଲକ୍ଷ୍ୟ ପ୍ରତ୍ୟକ୍ଷ କରିଛି ବୋଲି ଅଧିକାଂଶ ବୁଝି ସାଧନାପଥର କଥା କହିଦେଇ ପାରୁଛି । ମୁଁ ଏକଥା ସ୍ୱୀକାର କରୁଛି ଯେ କ୍ରିୟାକର୍ମର ଭିତରେ ମୁଁ ଗୁରୁକୃପା ମର୍ମେ ମର୍ମେ ଉପଲବ୍ଧି କରିଛି । ଛିନ୍ନକଣ୍ଠ କପୋତ୍ତ ପରି ମୁଁ କେତେ ଘୂରି ବୁଲିଛି, କିନ୍ତୁ ଭଗବାନ ଆସି ମୋତେ ଖୋଜି ନାହାନ୍ତି । ଯେଉଁ ଦିନଠାରୁ ମୁଁ ମନୁଷ୍ୟ ଗୁରୁଙ୍କ କୃପା ଲାଭ କଲି, ସେହିଦିନଠାରୁ ମୋର କେତେ ଅବସ୍ଥା ଖୋଲିଗଲା । ଏହା ବ୍ୟତୀତ ମୁଁ ନିଜେ ପ୍ରତ୍ୟକ୍ଷ କରିଛି—ଗୋଟିଏ ଗୋଟିଏ କ୍ରିୟା ମୁଁ ତିନିତିନି ବର୍ଷ ଧରି କରିଛି, କିଛି ଫଳ ନାହିଁ; କିନ୍ତୁ ଗୁରୁଦେବଙ୍କ ନିକଟକୁ ଆସିବା କ୍ଷଣି ସେ ସେହି କ୍ରିୟା ପ୍ରଦର୍ଶନ କରିଛନ୍ତି । ମୁଁ ପଚାରିଛି, 'ଠାକୁର ଏହାର ଫଳ କେତେ ଦିନରେ ପାଇବି ? ଗୁରୁଦେବ ଉତ୍ତର କରିଛନ୍ତି, 'ଯା, ଏକମାସ ଭିତରେ ଏହାର ଫଳ ପାଇବୁ ।' ମୁଁ ସାଧନ କରି ୨୮।୨୯ ଦିନରେ ଫଳ ପାଇଛି । ତେଣୁ ସାଧନ—ଭଜନ କ୍ରିୟାକର୍ମ ଭିତରେ ଗୁରୁକୃପା ଥିବା ଆବଶ୍ୟକ ।"

## ଗୁରୁ ହେବାର ଦାୟିତ୍ୱ

"ଗୁରୁଶକ୍ତି ତିନିପୁରୁଷ ଯାଏ କ୍ରିୟା କରେ । ମୋ କଥା ଧରିନିଅ । ମୋ ପରେ ଯେ ଗୁରୁ ହେବେ, ସେ କଅଣ ମୋ ପରି ସାଧନାସିଦ୍ଧ ହେବେ ?



ପରମହଂସ ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ଦେବ

ତେବେ ଗୁରୁଶକ୍ତି ତାଙ୍କ ଭିତରେ କଅଣ କ୍ରିୟା କରିବ ? ଅଧିକାଂଶ ଗୁରୁଙ୍କର ଉତ୍ତରାଧିକାରୀ କୃପାପାତ୍ର । ଗୁରୁ ହେବାର ଦାୟିତ୍ୱ ଅଛି । ମୁଁ ଯଦି ଜୀବିତ ଥାଉଥାଉ କାହାକୁ ଗୁରୁଶକ୍ତି ଦେଇଯାଇ ନ ପାରିବି, ତାହାହେଲେ ମୁଁ ମୁକ୍ତ ହୋଇପାରିବି ନାହିଁ । ସୂକ୍ଷ୍ମଲୋକରେ କୌଣସି ରଶ୍ମି ଦେହ ଆଶ୍ରୟ କରି ମୋତେ ରହିବାକୁ ପଡ଼ିବ । ତାପରେ ଯେତେବେଳେ ମୁଁ ଉପଯୁକ୍ତ ଆଧାରରେ ଆବିଷ୍ଟ ହୋଇଯିବି, ମୋର ଶକ୍ତି ତାଙ୍କ ଭିତରେ ଫୁଟିଉଠିବ । ସେହିଦିନ ମୋର ନିର୍ବାଣ । ସୁତରାଂ ଗୁରୁ ହେବା କମ୍ ବିପଦର କଥା ନୁହେଁ ।"

## ଗୁରୁ ଓ ଗୁରୁଶକ୍ତି

"ମୋର ଶିଷ୍ୟମାନେ ମୋଠାରୁ ଅନେକ ଅଦ୍ଭୁତ ଅନୁଭୂତି ପାଆନ୍ତି ଓ ଅନେକ ମୋଠାରୁ ସ୍ୱପ୍ନରେ ମନ୍ତ୍ରଲାଭ କରିଥାଆନ୍ତି । କିନ୍ତୁ ଅନେକ ସମୟରେ ହୁଏତ ମୁଁ ନିଜେ କିଛି ଜାଣିପାରେ ନାହିଁ ଅଥଚ ମୋ ଶକ୍ତିରେ ସବୁ ହୋଇଯାଇ ଥାଏ । ମୁଁ ସାକ୍ଷୀଶ୍ଚେତା କେବଳଂନିର୍ଗୁଣଶ୍ଚ ।' ମୁଁ ଏବଂ ମୋରଶକ୍ତି ଏହି ଦୁଇଟା କଥାକହିବାରୁ ତୁମେମାନେଗୋଳମାଳରେପଡୁଛ । ମୂଳତଃ କିନ୍ତୁଗୁରୁ ଓ ଗୁରୁଶକ୍ତି ଅଲଗା ବା ପୃଥକ୍ ତତ୍ତ୍ୱ ନୁହନ୍ତି । ପୁଣି ଗୋଟିଏ ହିସାବରେ ମୁଁ ସବୁ କରେ । ଯେପରି ସ୍ୱାମୀ ସ୍ତ୍ରୀ, ହର-ପାର୍ବତୀ । ଶିବଙ୍କୁ ଜଣେ ସୁଖପାଏ, ଭକ୍ତି କରେ, ତାଙ୍କ ଆଡ଼କୁ ଶକ୍ତିଙ୍କର ବିଶେଷ ନଜର ଥାଏ । ଶକ୍ତି କୋଳ କରି ନେଇ ଭକ୍ତଙ୍କୁ ଶିବ ବା ଗୁରୁଙ୍କ ନିକଟରେ ପହଞ୍ଚାଇ ଦିଅନ୍ତି । ଶିବ ବା ଗୁରୁ ବାସ୍ତବିକ କିଛି କରନ୍ତି ନାହିଁ; କାର୍ଯ୍ୟ କରନ୍ତି ଶକ୍ତି । ଏଣୁ ତୁମେମାନେ ମୋତେ ଫାଙ୍କି ଦେବାକୁ ଇଚ୍ଛା କଲେ ଫାଙ୍କି ଦେଇପାର; କିନ୍ତୁ ଫଳଦାତା ଶକ୍ତିଙ୍କ ଦୃଷ୍ଟି ତୁମଉପରେ ପଡ଼ିବ । ଫଳଦାତା ଅଟନ୍ତି ଶକ୍ତି, ମୁଁ ନୁହେଁ । ମୋର ଗୋଟାଏ ସ୍ୱଭାବ ଯେ ମୁଁ କେବେ ବିଭୂତି ପ୍ରକାଶ କରେ ନାହିଁ । ସବୁ ଜାଣୁଛି, ଶୁଣୁଛି; କିନ୍ତୁ ଯେ ପର୍ଯ୍ୟନ୍ତ ତୃତୀୟ ପକ୍ଷଠାରୁ ପ୍ରକାଶ ନ ହୋଇଛି, ସେ ପର୍ଯ୍ୟନ୍ତ ମୁଁ କିଛି କରେ ନାହିଁ । ଶକ୍ତି ସବୁ କରୁଛନ୍ତି ସତ୍ୟ, କିନ୍ତୁ ଗୁରୁଙ୍କର ସାହଚର୍ଯ୍ୟ ହେତୁ ତାଙ୍କର ଶକ୍ତିତ୍ୱ, ତା ନହେଲେ ଶକ୍ତି ଜଡ଼ ।

ଗୋଟିଏ ଭିକାରୁଣୀ କନ୍ୟା ଭାଗ୍ୟକ୍ରମେ ଜଣେ ରାଜାଙ୍କ ସହିତ ବିବାହିତ ହେଲା । ସେତେବେଳେ ସେ ରାଜରାଜେଶ୍ୱରୀ ହୋଇଗଲା । ପୂର୍ବେ ତାହାର କୌଣସି ମୂଲ୍ୟ ନ ଥିଲା, ବର୍ତ୍ତମାନ ତାହାର କେତେ ସମ୍ମାନ, କେତେ ଆଦର, କେତେ କ୍ଷମତା । ଗୁରୁଙ୍କୁ ସୁଖ ପାଇଲେ ଯେପରି ଶକ୍ତି ତାଙ୍କ ପ୍ରତି ଦୃଷ୍ଟି ରଖନ୍ତି, ଶକ୍ତିଙ୍କୁ ସୁଖ ପାଇଲେ ଶିବ ମଧ୍ୟ ତାଙ୍କ ପ୍ରତି ସେହିପରି ସନ୍ତୁଷ୍ଟ ହୁଅନ୍ତି ।

## ଶିଷ୍ୟମାନଙ୍କର ମହାଶକ୍ତିଙ୍କ କୃପାଲାଭର ସୁଯୋଗ

"ମୋ ଭିତରେ ଯେଉଁ ଶକ୍ତି ଅଛନ୍ତି, ତୁମମାନଙ୍କ ପ୍ରତି ତାଙ୍କର ଦୃଷ୍ଟି ଓ ଲକ୍ଷ୍ୟ ଅଛି । ନିରାକାର ପରଂବ୍ରହ୍ମ ଗୁରୁଙ୍କୁ ଧରିପାରିଲେ ଏହି ସୁବିଧା । ଅନନ୍ତକୋଟି ବ୍ରହ୍ମାଣ୍ଡର ଯେ ମହାଶକ୍ତି, ତାଙ୍କର ରାଜ୍ୟ କେତେ ବିସ୍ତୃତ । ତାଙ୍କର ସମୟ ନାହିଁ । ଉଗ୍ରତମ ତପସ୍ୟା ଓ କଠୋର ସାଧନା ବ୍ୟତୀତ ତାଙ୍କର ଦୃଷ୍ଟି ଆକର୍ଷଣ କରିବା ଆଦୌ ସମ୍ଭବପର ନୁହେଁ । କିନ୍ତୁ ମୋ ଭିତରେ ଯେଉଁ ଶକ୍ତି ନିହିତ, ତୁମେମାନେ ବିଶେଷ ଭାବରେ ତାଙ୍କର କୃପା ପାଇପାରିବ । ଅନନ୍ତକୋଟି ବ୍ରହ୍ମାଣ୍ଡର ମା'ଙ୍କର ସମୟ ନାହିଁ ଯେ, ସେ ତୁମ ପ୍ରତି ଦୃଷ୍ଟି ଦେବେ । କିନ୍ତୁ ମୋର ଶକ୍ତି ତୁମମାନଙ୍କର ଏହି ଅଳ୍ପ କେତେ ଜଣ ଶିଷ୍ୟଙ୍କ ପାଇଁ ନିୟୋଜିତ । ସୁତରାଂ କୃତ୍ରିଭ ବଡ଼ ନୁହେଁ ବୋଲି ତୁମ ପ୍ରତ୍ୟେକଙ୍କ ଉପରେ ମୋ ଶକ୍ତିର ଦୃଷ୍ଟି ଅଛି ।"

## ସଦ୍‌ଗୁରୁ ଓ ଶିଷ୍ୟ

"ଦେଖ, ସଦ୍‌ଗୁରୁଙ୍କ ଶିଷ୍ୟମାନେ ଭଗବାନଙ୍କ ଇଲାକାରୁ ବାହାର । ସେମାନଙ୍କ ଭାର ସଦ୍‌ଗୁରୁଙ୍କ ଉପରେ ନ୍ୟସ୍ତ । ସଦ୍‌ଗୁରୁ କ୍ରମମୁକ୍ତି ପଥରେ ଉନ୍ନୀତ ଶିଷ୍ୟଙ୍କୁ ମଧ୍ୟ ଇଚ୍ଛାଶକ୍ତି ଦ୍ୱାରା ଏହି ସ୍ଥୂଳଜଗତକୁ ନେଇଆସି ଗୋଟିଏ ଜନ୍ମରେ ମୁକ୍ତି ଦେଇପାରନ୍ତି । କ୍ରମୋନ୍ନତି ପଥରେ ମୁକ୍ତିଲାଭ କରିବାକୁ ହୁଏ ତ ବହୁ ସହସ୍ର ବର୍ଷ ଏପରି କି ଲକ୍ଷ ଲକ୍ଷ ଯୁଗ ଲାଗିଯାଇ ପାରନ୍ତା । କିନ୍ତୁ ସେ ଦୟାପରବଶ ହୋଇ ପୁଣି ଗୋଟିଏ ମାତ୍ର ଜନ୍ମର ବ୍ୟବସ୍ଥା କରି ତାଙ୍କର ନିର୍ବାଣ ମୁକ୍ତିର ଉପାୟ କରିଦିଅନ୍ତି । ଏହି ସଦ୍‌ଗୁରୁଙ୍କର ବିଶେଷ

ଇଚ୍ଛା । ଇଚ୍ଛା କଲେ ସେ ଶିଷ୍ୟଙ୍କୁ ମୁକ୍ତିପଥରେ ନେଇଯାଇ ପାରନ୍ତି, ପୁଣି ଇଚ୍ଛା କଲେ ଅଭିଶାପରେ ଚିର ଦୁଃଖଗ୍ରସ୍ତ କରି ରଖିପାରନ୍ତି । କିନ୍ତୁ ସେ ତାହା କରନ୍ତି ନାହିଁ । କାରଣ ସେ ଶିଷ୍ୟଙ୍କୁ ପ୍ରାଣଠାରୁ ବଳି ଅଧିକ ସ୍ନେହ କରନ୍ତି । ଶିଷ୍ୟକୁ ଛାଡ଼ି ଗୁରୁ ମୁହୂର୍ତ୍ତେ ହେଲେ ରହିପାରନ୍ତି ନାହିଁ । ତୁମେମାନେ ମୋତେ ସବୁସମୟରେ ପାଇପାରିବ । ମୋର ଦେହତ୍ୟାଗ ପରେ ମଧ୍ୟ ତୁମେମାନେ ମୋତେ ଦେଖିପାରିବ । ବର୍ତ୍ତମାନ ଯେପରି ଦେଖିପାରୁଛ, ସେତେବେଳେ ଠିକ୍ ଏହି ଭାବରେ ଦେଖିପାରିବ । ତେବେ ପ୍ରଭେଦ ହେଉଛି ଯେ ଏ ମୂର୍ତ୍ତି-ଖିଆପିଆ କରନ୍ତି, ତୁମମାନଙ୍କସହିତ ଚଲାବୁଲା କରନ୍ତି, ତୁମେମାନେ ସ୍ପର୍ଶକରି ପ୍ରଣାମ କର, କିନ୍ତୁ ସେ ମୂର୍ତ୍ତି ଦ୍ୱାରା ତାହା ହୋଇ ପାରିବ ନାହିଁ । ଅନ୍ୟଥା ତୁମେମାନେ ସେ ମୂର୍ତ୍ତିଙ୍କୁ ଦେଖିପାରିବ । ଠିକ୍ ଗୁରୁ ଶିଷ୍ୟ ହେଲେ କେହି କାହାକୁ ଛାଡ଼ି ରହିପାରିବେ ନାହିଁ । ଶିଷ୍ୟର ଆକୁଳ କ୍ରନ୍ଦନ ଓ ପ୍ରାର୍ଥନାରେ ଗୁରୁ ନ ଆସି ରହିପାରନ୍ତି ନାହିଁ । ଯଦି କୌଣସି ଭକ୍ତ ଗୁରୁଙ୍କୁ ଚିନ୍ତା କରେ, ତେବେ ତତ୍‌କ୍ଷଣାତ୍ ତାହା ଗୁରୁଙ୍କୁ ସ୍ପର୍ଶ କରିବ, ଗୁରୁଙ୍କର ମନ ଉଦ୍‌ବେଗ ହୋଇଉଠିବ । ଜଣେ ଶିଷ୍ୟ ଖୁବ୍ ବିପଦରେ ପଡ଼ି ଚିନ୍ତା କଲା ମାତ୍ରେ ଗୁରୁଙ୍କ ମନ ଚଞ୍ଚଳ ହୋଇଉଠିବ । ତାହାପରେ ଗୁରୁ ଚିନ୍ତା କରି ତାହାର ପ୍ରତିକାର ନ କରିବାଯାଏ ଗୁରୁଙ୍କ ଉଦ୍‌ବେଗ ଯିବନାହିଁ, ତେଣୁ ସ୍ଥୂଳଶରୀରରେ ବାଧା ଜାତ ହେବ । କିନ୍ତୁ ଗୁରୁ ଜୀବନ୍ମୁକ୍ତ ହୋଇଥିଲେ ଶିଷ୍ୟର ଚିନ୍ତା ସ୍ପର୍ଶ କରିବା ମାତ୍ରେ ତତ୍‌କ୍ଷଣାତ୍ ପ୍ରତିକାର ହୋଇଯିବ, ତାଙ୍କୁ ଆଉ ଉଦ୍‌ବେଗ ଭୋଗ କରିବାକୁ ପଡ଼ିବ ନାହିଁ ।

## ଗୁରୁକୃପା ଓ ଶାସ୍ତ୍ରପାଠ

"ଶାସ୍ତ୍ରପାଠ ବିଶେଷ ଆବଶ୍ୟକ । ପ୍ରଥମେ ଶାସ୍ତ୍ରପାଠ ଥିଲେ ପରେ ଗୁରୁକୃପାରୁ ତତ୍ତ୍ୱଗୁଡ଼ିକ ଅନ୍ତରରେ ଫୁଟିଉଠିବ । ତା ପରେ କିଏ କି ତତ୍ତ୍ୱ ସେଥିପାଇଁ ଆଉ ଭାବିବାକୁ ପଡ଼ିବ ନାହିଁ । ଶାସ୍ତ୍ରପାଠ ନ ଥିଲେ ତତ୍ତ୍ୱ-ମାନଙ୍କ ଭିତରେ ସାମଞ୍ଜସ୍ୟ ଆଣିବାକୁ ବିଶେଷ ଅସୁବିଧା ଭୋଗ କରିବାକୁ ପଡ଼େ । ମୋତେ ମଧ୍ୟ ଯୋଗସାଧନ ସମୟରେ ହଇରାଣ ହେବାକୁ ପଡ଼ିଥିଲା ।

ପୂର୍ବରୁ ଶାସ୍ତ୍ର ପଢ଼ି ନ ଥିବାରୁ ତତ୍ତ୍ୱଗୁଡ଼ିକ ଧରିବାକୁ କଷ୍ଟ ହେଉଥିଲା । ପ୍ରଥମେ ଦିନେ, ପରେ ଦୁଇ ଦିନ, ଶେଷରେ ନ ହେବାରୁ ସାତ ଦିନ ସମାଧିସ୍ଥ ହୋଇ ତତ୍ତ୍ୱଗୁଡ଼ିକ ଭଲକରି ବୁଝିନେଲି । ତା'ପରେ ଶାସ୍ତ୍ର ପଢ଼ି ଦେଖିଲି, ସବୁ ମିଳିଗଲା ।

ତୁମମାନଙ୍କର ବିଦ୍ୟାବୁଦ୍ଧି ନ ଥିଲେ ମଧ୍ୟ କେବଳ ମୋ ପ୍ରତି ବିଶ୍ୱାସ ଥିଲେ ତୁମମାନଙ୍କ ଭିତରେ ବ୍ରହ୍ମ, ଆତ୍ମା ଓ ଭଗବାନ—ଏହି ତିନିଗୋଟି ଅବସ୍ଥା ଫୁଟିଉଠିବ । କିନ୍ତୁ ଶାସ୍ତ୍ରଜ୍ଞାନ ନ ଥିଲେ ଅନ୍ୟକୁ ବୁଝାଇ ପାରିବ ନାହିଁ, ବୋକାର ସ୍ୱପ୍ନ ଦେଖିବା ଭଳି ହେବ । ଶ୍ରୀଗୁରୁଙ୍କ କୃପାରୁ ତତ୍ତ୍ୱଗୁଡ଼ିକ ଅନୁଭବ କରି ନିଜେ ନିଜେ ଅଫୁରନ୍ତ ଆନନ୍ଦ ପାଇବ, କିନ୍ତୁ ଅପରକୁ ବୁଝାଇ ପାରିବ ନାହିଁ । ଶାସ୍ତ୍ରପାଠ କରି ଯେତେ ଆଲୋଚନା କରିବ, ବିଷୟଗୁଡ଼ିକ ସେତେ ପରିଷ୍କାର ହୋଇଯିବ । ମୁଁ ନିଜେ ବହିଗୁଡ଼ିକ ଲେଖିବାକୁ ଯାଇ ଏହାର ମର୍ମ ବୁଝିଛି । ଭଗବାନ ମୋତେ ଅଧିକ ଦିନ ବଞ୍ଚାଇ ରଖିବାରୁ ମୁଁ ସମସ୍ତ ବିଷୟ ଆୟତ୍ତ କରିପାରିଛି । ଏତେ ଅଧିକ ଦିନ ବଞ୍ଚିଲି ବୋଲି କେତେ ବହି ପଢ଼ିଲି, ଜଗତର କେତେ ଭାବଧାରା ସହିତ ପରିଚିତ ହେଲି । ସେଥିରେ ବହିର୍ଜଗତର ବହୁ ଅଭିଜ୍ଞତା ଲାଭ କଲି । କିନ୍ତୁ ସାଧନଜଗତରୁ ମୁଁ ଯେତେବେଳେ ଫେରିଆସେ, ସେତେବେଳେ ବହିର୍ଜଗତ ବିଷୟରେ ମୁଁ କିଛି ଜାଣି ନଥିଲି । ପଢ଼ିଲେ, ଶୁଣିଲେ ଭଲ ବକ୍ତୃତା ଦେଇପାରିବ, ତେବେ ସମ୍ୟକ୍ ବୁଝି ଅପରକୁ ବେଶ୍ ବୁଝାଇ ପାରିବ । ଯାହାହେଉ, ତୁମମାନଙ୍କ ଜୀବନରେ ମୁଁ ଏପରି ଗୋଟିଏ ଅବସ୍ଥା ଦେଇଦେବି ଯେ, ଯାହା ଦ୍ୱାରା ତୁମେମାନେ ଏହି ଜୀବନରେ ଥାଇ ସବୁସବୁ ଅବସ୍ଥା ଦେଖିପାରିବ ବା ବୁଝିପାରିବ । ସେତେବେଳେ ମୋତେ ମଧ୍ୟ ଜାଣିପାରିବ ଓ ବୁଝିପାରିବ । ତେଣୁ ମୁଁ ତୁମମାନଙ୍କୁ ସେହି ପଥରେ ଚଳାଉଛି । ଏହାଦ୍ୱାରା ତୁମେମାନେ ଠାକୁର ହୋଇଯିବ । ଠାକୁରଙ୍କ ଅବସ୍ଥା, ତାଙ୍କର କର୍ମଧାରା ଧ୍ୟାନ କଲେ ତାଙ୍କର ଜ୍ଞାନଗରିମା ସବୁ ତୁମମାନଙ୍କର ଆୟତ୍ତ ହେବ, ଠାକୁରଙ୍କୁ ମଧ୍ୟ ତୁମେମାନେ କ୍ରମେ ଜାଣିପାରିବ ।"

"ତୁମେମାନେ ପ୍ରାଣରେ କାହାକୁ ସଦ୍‌ଗୁରୁ ବୋଲି ବୁଝିପାରିଲେ ତାଙ୍କର ଶରଣ ନେଇ ସାଧନ-ଭଜନ ଶିକ୍ଷା କର । ସେଥିରେ ମୁଁ ଦୁଃଖିତ ହେବି ନାହିଁ । କିନ୍ତୁ ସ୍ତ୍ରୀ-ଗୁରୁଙ୍କୁ ବାଘ, ସାପ ଭଳି ମନେକରି ସେମାନଙ୍କ ନିକଟରୁ ଦୂରରେ ରହିବ । ଶାସ୍ତ୍ର, ପୁରାଣ ଓ ଦେଶବିଦେଶର ଇତିହାସରେ କେତେ ମହାପୁରୁଷ ଓ ସଦ୍‌ଗୁରୁଙ୍କ କଥା ଅଛି; କିନ୍ତୁ ସ୍ତ୍ରୀ-ଗୁରୁଙ୍କ ସମ୍ବାଦ କେହି ଜାଣନ୍ତି ନାହିଁ । ନିର୍ବିକଳ୍ପ ସମାଧିରୁ କେହି ଫେରି ନ ଆସିଲେ ସଦ୍‌ଗୁରୁ ହୋଇପାରିବେ ନାହିଁ । ସ୍ତ୍ରୀମାନେ ପ୍ରେମିକା ଓ ସେବିକା ରୂପରେ ପୂଜନୀୟା । ନିର୍ବିକଳ୍ପରେ ସେମାନଙ୍କର ଅଧିକାର ନାହିଁ । ତେଣୁ ସ୍ୱୟଂ ଜଗଜ୍ଜନନୀ ନିଜେ ଗୁରୁ ନ ହୋଇ ଜଗଦ୍‌ଗୁରୁଙ୍କର ଦାସୀତ୍ୱ ସ୍ୱୀକାର କରି ବରଣୀୟା ଓ ମହନୀୟା ହୋଇଛନ୍ତି ।"

"ମୋତେ ଭାରତର ସଦ୍‌ଗୁରୁ ମାନେ ନିଶ୍ଚୟ ଚିହ୍ନିବେ । ସେତେବେଳେ ତୁମର ଅହଂକାର ଚୂର୍ଣ୍ଣ ହୋଇଯିବ, ନିଜର ଭ୍ରମ ବୁଝିପାରିବ । ମୁଁ ଆଜି ଦମ୍ଭ କରି କହୁଛି ଯେ, ମୋ କୃପା ବ୍ୟତୀତ ଏ ଜନ୍ମରେ ତୁମର ଅନ୍ୟ ଗତି ନାହିଁ । ଭଗବାନ କୃପା କରିବା ନିମିତ୍ତ ତୁମମାନଙ୍କ ଭାର ମୋ ଅନ୍ତରରେ ନିହିତ କରିଛନ୍ତି । ଏ କଥା ଯଦି ମିଥ୍ୟା ହୁଏ, ତୁମେମାନେ ଯଦି ଅନ୍ୟ କାହା କୃପାରୁ ସିଦ୍ଧିଲାଭ କରି ଫେରିଆସ, ତେବେ ମୁଁ ତୁମମାନଙ୍କୁ କାନ୍ଧରେ ବସାଇ ନାଚିବି । ନଚେତ୍ ଯଦି ନିଜର ଭ୍ରମ ବୁଝିପାରି ମୋର ଦେହସ୍ଥିତି କାଳ ମଧ୍ୟରେ ଫେରିଆସି ମୋର ଶରଣ ନିଅ, ତେବେ ମୁଁ ନିଶ୍ଚୟ ତୁମମାନଙ୍କୁ ରକ୍ଷା କରିବି ।

ଉପରୋକ୍ତ ଶ୍ରୀମୁଖନିଃସୃତ ଓ ଶ୍ରୀହସ୍ତଲିଖିତ ବାଣୀମାନଙ୍କରୁ ପାଠକ-ମାନେ ଶ୍ରୀ ଶ୍ରୀ ଠାକୁରଙ୍କ ଗୁରୁଭାବର କଥା ଅବଗତ ହୋଇପାରିବେ ।

—o—

# ପଞ୍ଚଦଶ ପରିଚ୍ଛେଦ

## ଅଲୌକିକ ଅନୁଭୂତି

### ଅଲୌକିକ ଭାବରେ ଶ୍ରୀ ଶ୍ରୀ ଠାକୁର ପ୍ରାପ୍ତି

ଶ୍ରୀ ଶ୍ରୀ ଠାକୁର ଯେପରି ବ୍ୟାକୁଳତାର ଚରମକୁ ଯାଇ ଅସମ୍ଭାବିତ ଭାବରେ ଗୁରୁଲାଭ କରିଥିଲେ, ଠିକ୍ ସେହିପରି ଭାବରେ ଠାକୁରଙ୍କର ବହୁ ଶିଷ୍ୟ-ଭକ୍ତ ଠାକୁରଙ୍କୁ ଲାଭ କରିଛନ୍ତି । ଯେଉଁମାନଙ୍କ ସହିତ ପୂର୍ବରୁ କେବେ ଯୋଗାଯୋଗ ନ ଥିଲା, ସେମାନେ ମଧ୍ୟ ତାଙ୍କ ସହିତ ସାକ୍ଷାତ କରିଛନ୍ତି । ସେଥି ମଧ୍ୟରୁ କେତେଗୁଡ଼ିଏ ପ୍ରଧାନ ଶିଷ୍ୟ-ଭକ୍ତଙ୍କ ବିଷୟ ନିମ୍ନରେ ଦିଆଗଲା ।

**ବସ୍ତରର ରାଜାସାହେବ**—ବସ୍ତରର ରାଜା ସାହେବ ମନେ ମନେ ବହୁ ଗୁରୁ ଅନୁସନ୍ଧାନ କରି କିଏ ତାଙ୍କର ଗୁରୁ, କାହା ନିକଟକୁ ଗଲେ ତାଙ୍କର ଅଭୀଷ୍ଟ ସିଦ୍ଧ ହେବ ଇତ୍ୟାଦି ବିଷୟ ଠିକ୍ କରି ନ ପାରି ତାଙ୍କ ରାଜ୍ୟର ଇଷ୍ଟଦେବୀ ଦନ୍ତୀକେଶ୍ୱରୀଦେବୀଙ୍କ ନିକଟରେ ଧାରଣା ଦେଇ ପଡ଼ି ରହିଲେ । କିଛିଦିନ ପରେ ଦୈବବାଣୀ ହେଲା, "ତୁମର ଗୁରୁ ବଙ୍ଗଦେଶର ସ୍ୱାମୀ ନିଗମାନନ୍ଦ ।" ତାପରେ ସେ ବହୁ ଅନୁସନ୍ଧାନ କରି ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ସାକ୍ଷାତ କଲେ ଏବଂ ରାଜା ଏବଂ ରାଣୀ ଉଭୟ ତାଙ୍କ ନିକଟରୁ ଦୀକ୍ଷିତ ହେଲେ ।

**ବି. ବି. ପାଠକ**—ଇନ୍ଦୋରର ଗାଇକୋୱାଡ଼ ଷ୍ଟେଟର ରେଭିନ୍ୟୁ ଅଫିସର ଶ୍ରୀ ବି. ବି. ପାଠକ ତତ୍ତ୍ୱଲାଭ ନିମିତ୍ତ କାହା ନିକଟକୁ ଗଲେ ସବୁ ବିଷୟ ଏବଂ ସବୁ ତତ୍ତ୍ୱର ମୀମାଂସା ମିଳିପାରିବ, ଏଥିପାଇଁ ବ୍ୟାକୁଳ

ହୋଇଉଠିଲେ । କିଏ ପ୍ରକୃତରେ ତତ୍ତ୍ୱଜ୍ଞ, ଏହା ଜାଣିବା ନିମିତ୍ତ ତାଙ୍କ ପ୍ରାଣରେ ପ୍ରବଳ ଆକାଂକ୍ଷା ଜାଗିଉଠିଲା । ଦିନେ ସେ ନଦୀକୂଳରେ ବସି ଉପରୋକ୍ତ ବିଷୟ ଚିନ୍ତା କରୁଛନ୍ତି, ଏହି ସମୟରେ ସମ୍ମୁଖସ୍ଥ ଆକାଶ-ମଣ୍ଡଳରେ ଗୋଟିଏ ଦିବ୍ୟ ଜ୍ୟୋତିର୍ମୟ ମୂର୍ତ୍ତି ଫୁଟିଉଠିଲା । ସେ ବୁଝିଲେ ଯେ ଏହି ବ୍ୟକ୍ତି ନିଶ୍ଚୟ ତତ୍ତ୍ୱଜ୍ଞ ପୁରୁଷ । କିନ୍ତୁ ଏ ମୂର୍ତ୍ତି କିଏ ? ତାହାର ନିଦ-ର୍ଶନ ନ ପାଇ ତାଙ୍କର ପ୍ରାଣ ଆହୁରି ଅଧିକ ବ୍ୟାକୁଳ ହୋଇ ଉଠିଲା । ଏହି ଭାବରେ କିଛି ଦିନ ବ୍ୟାକୁଳତା ଭିତରେ କଟିଯିବାପରେ ପୁଣି ଦିନେ ଠିକ୍ ସେହି ସ୍ଥାନରେ ଉକ୍ତ ମୂର୍ତ୍ତି ଫୁଟିଉଠିଲେ ଏବଂ ମୂର୍ତ୍ତିଙ୍କ ନିମ୍ନରେ ସ୍ୱର୍ଣ୍ଣା-କ୍ଷରରେ ନାମ ଫୁଟି ଉଠିଲା "ସ୍ୱାମୀ ନିଗମାନନ୍ଦ ପରମହଂସ" । ତାପରେ ଖୋଜି ଖୋଜି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ଆସି ସେ ଦୀକ୍ଷିତ ହେଲେ ।

## ତାନ୍ତ୍ରିକ ସାଧକ

ଜଣେ ବ୍ରାହ୍ମଣ ତନ୍ତ୍ରରେ ଥିବା କର୍ଣ୍ଣପ୍ରଶାଚୀ ସାଧନ କରି ସଫଳ ହୋଇଥିଲେ । ସେ ମନେ ମନେ କୌଣସି ପ୍ରଶ୍ନ କରିବାକ୍ଷଣି ଦେବୀ ତାହାର ଉତ୍ତର ଦେଇ ଦିଅନ୍ତି । ସେ ଦେବୀଙ୍କୁ ସାକ୍ଷାତରେ ଦେଖିବା ନିମିତ୍ତ ପ୍ରଶ୍ନ କରିବାରୁ ଦେବୀ କହିଲେ, "ତୁମର ତାନ୍ତ୍ରିକ ମତରେ ପୂର୍ଣ୍ଣାଭିଷେକ ହେଲେ ଯାଇ ଏ ମନୋବାସନା ପୂର୍ଣ୍ଣ ହେବ ।" ସେ ପୁନର୍ବାର ପ୍ରଶ୍ନକଲେ, "ମୁଁ ଏପରି ଗୁରୁ କେଉଁଠାରୁ ପାଇବି ?" ଦେବୀ କହିଲେ, 'ତୁମେ ପୁରୀ ଯାଅ, ସେଠାରେ ସ୍ୱାମୀ ନିଗମାନନ୍ଦ ପରମହଂସଙ୍କ ସାକ୍ଷାତ ପାଇବ । ସେ ତୁମକୁ ଏହି ପୂର୍ଣ୍ଣାଭିଷେକ କରିଦେବାକୁ ସକ୍ଷମ ହେବେ ।" ତାପରେ ସେ ପୁରୀ ଆସି ସାକ୍ଷାତରେ ଅନେକ ତତ୍ତ୍ୱର ମୀମାଂସା କରିନେଲେ ।

—o×o—

# ଷୋଡ଼ଶ ପରିଚ୍ଛେଦ

## ଆଧ୍ୟାତ୍ମିକ ଅନୁଭୂତି

### ଇଷ୍ଟ ଦର୍ଶନ

ଗୁରୁ ଓ ଭଗବାନ ଯେ ଏକ, ତାହା ଗୁରୁ ନିଜେ ଜଣେ ଶିଷ୍ୟଙ୍କୁ ବୁଝାଇଦେଲେ । ତଥାପି ସେ ଶିଷ୍ୟ ଇଷ୍ଟ ଓ ଗୁରୁଙ୍କ ମଧ୍ୟରେ ପାର୍ଥକ୍ୟ ବୁଝିପାରୁ ନ ଥାନ୍ତି । ଏହି ଶିଷ୍ୟ ଗୋଟିଏ ପାହାଡ଼ପୂର୍ଣ୍ଣ ଜଙ୍ଗଲରେ ନଦୀ ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଜପ କରୁଥିଲେ । ଧ୍ୟାନ କରୁଥିବା ସମୟରେ ଗୁରୁ ନିର୍ଦ୍ଦେଶ କରି ଦେଖାଇ ଦେଇ କହିଲେ, 'ବତ୍ସ, ଏ ହେଉଛନ୍ତି ତୁମର ଇଷ୍ଟଦେବ ।'' ଏହା କହି କିଛିକ୍ଷଣ ପରେ ଗୁରୁଦେବ ନିଜେ ଇଷ୍ଟମୂର୍ତ୍ତିଙ୍କ ଦେହରେ ମିଶିଗଲେ । ଶିଷ୍ୟ ଗୁରୁ ଓ ଇଷ୍ଟଙ୍କୁ ଅଭେଦ ମନେ କରି ଆନନ୍ଦ ଲାଭ କଲେ ।

### ଅସଂଯମୀ ସ୍ତ୍ରୀ

ଏ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁରଙ୍କ ନିଜ ମୁଖର ବାଣୀ ଯଥାଯଥ ଭାବରେ ଦିଆଗଲା—

''ଆମମାନଙ୍କର ଶୈଳକୁ ଜାଣ । ତାକୁ ମୁଁ ଭଗବାନଙ୍କୁ ସ୍ୱାମୀ ଭାବରେ ଭଜନ କରିବାକୁ ଉପଦେଶ ଦେଇଥିଲି । କୌଣସି କୌଣସିଠାରେ ପୁରୁଷ ଅସଂଯମୀ ଓ ପୁଣି କେଉଁଠାରେ ସ୍ତ୍ରୀ ମଧ୍ୟ ଅସଂଯମୀ ଥିବାର ଦେଖାଯାଏ । ଜଣେ ଅସଂଯମୀ ସ୍ତ୍ରୀ ମଧ୍ୟରାତ୍ରରେ ଆସି ସ୍ୱାମୀଙ୍କୁ ଉତ୍ତ୍ୟକ୍ତ କରିବାକୁ ଆରମ୍ଭ

କଲା । ସେହି ଘରେ ମୋର ଆସନଥିଲା; ଆସନରେ ଫଟୋ ମଧ୍ୟ ଥିଲା । ଶେଷରେ ସ୍ୱାମୀ କହିଲେ, ତୁମର କାଣ୍ଡଜ୍ଞାନ ନାହିଁ । ଏହି ଆସନରେ ପରା ଠାକୁର (ଫଟୋକୁ ଲକ୍ଷ୍ୟ କରି) ବସିଛନ୍ତି । ତୁମେ ଏପରି କ'ଣ କହୁଛ ? ସ୍ୱାମୀଙ୍କଠାରୁ ଏହା ଶୁଣି ସ୍ତ୍ରୀ ଚାହିଁ ଦେଖେ ତ ପ୍ରକୃତରେ ଶ୍ରୀ ଶ୍ରୀ ଠାକୁର ସ୍ଥୂଳମୂର୍ତ୍ତିରେ ଦଣ୍ଡାୟମାନ । ସେତେବେଳେ ସ୍ତ୍ରୀ ଲଜ୍ଜାରେ କେଉଁଆଡ଼କୁ ଯିବ ବାଟ ପାଇଲା ନାହିଁ ।''

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହୁଥିଲେ, ''ମୁଁ ଲକ୍ଷ୍ୟ କରି ଦେଖିଛି' ଯେଉଁ ନାରୀମାନେ ଠାକୁରଙ୍କୁ ସୁଖପାଆନ୍ତି ସେମାନେ ସତୀ-ସ୍ୱାଧୀ । ସେମାନେ ମୋତେ ଓ ସ୍ୱାମୀ ଉଭୟଙ୍କୁ ସୁଖପାଆନ୍ତି । ଶେଷରେ ସେମାନେ ମୋତେ ସ୍ୱାମୀଙ୍କ ଭିତରେ ଦେଖିପାରନ୍ତି । ମୋ ଜୀବନରେ ଏପରି ସବୁ ଘଟଣା ଘଟିଛି, ଯାହା ଅପ୍ରକାଶ୍ୟ, ଅଥଚ ପ୍ରକାଶ କଲେ ଏଥିରେ ଅନେକ ଉପକୃତ ହୋଇପାରନ୍ତେ । ବର୍ତ୍ତମାନ ଯୁବକ-ଯୁବତୀମାନେ ଉଚ୍ଛୃଙ୍ଖଳ ହୋଇ ପଡ଼ୁଛନ୍ତି; କିନ୍ତୁ ମୁଁ ଏପରି କୌଶଳ ଜାଣେ ଯେ ଯଦ୍ଦ୍ୱାରା ଶାନ୍ତିରେ ଦାମ୍ପତ୍ୟ ଜୀବନ ପରିଚାଳିତ ହୋଇପାରିବ ।

## ପ୍ରତିମୂର୍ତ୍ତିଙ୍କର ଲୁଚି ଭକ୍ଷଣ

ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରତିମୂର୍ତ୍ତି ଅନେକ ସମୟରେ କଥା କହନ୍ତି ଓ କେତେକଙ୍କୁ ହାତ ଉଠାଇ ଆଶୀର୍ବାଦ ମଧ୍ୟ କରନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କର ଜଣେ ଶିଷ୍ୟା କେତେଖଣ୍ଡି ଲୁଚି ପ୍ରତିମୂର୍ତ୍ତି ନିକଟରେ ଭୋଗ ଦେଇ କିଛିକ୍ଷଣ ଆଖିବୁଜି ଧ୍ୟାନ କରି ବସିଲେ । ଆଖି ମେଲିକରି ଦେଖନ୍ତି ତ ପ୍ରତିମୂର୍ତ୍ତି ହାତ ବଢ଼ାଇ ଲୁଚି ନେଉଛନ୍ତି । ଆଶ୍ଚର୍ଯ୍ୟ ହୋଇ ସେ ଲୁଚି ଗଣି ଦେଖିଲେ ଯେ, ଖଣ୍ଡିଏ ଲୁଚି କମ୍ । ଏସବୁ କଥା ଯୁକ୍ତିତର୍କ ଦ୍ୱାରା ବୁଝିବା କଠିନ ।

## ବସନ୍ତ ଠାକୁରାଣୀ

ଅନେକ ବସନ୍ତ ସମୟରେ ମାଆଙ୍କର ଆବିର୍ଭାବ ହୁଏ ବୋଲି କହନ୍ତି । ପ୍ରତ୍ୟେକଙ୍କଠାରେ ମା' ଅଛନ୍ତି; କିନ୍ତୁ ପ୍ରତ୍ୟେକଙ୍କର ଯେଉଁ ସ୍ଥୂଳ

ଅଂଶଟା ତାହା ମା' ନୁହନ୍ତି, କେବଳ ସୂକ୍ଷ୍ମ ଅଂଶଟିକୁ ମା' ବୋଲି ବୁଝାଯାଏ । ପ୍ରତ୍ୟେକ ରୋଗରେ ମାଆଙ୍କର ଆବିର୍ଭାବ ହୁଏ ସତ; ମାତ୍ର ଯେଉଁ ରୋଗର ପ୍ରକୋପ ବେଶୀ, ସେଥିରେ ତାଙ୍କର ଆବିର୍ଭାବ ଅନୁଭୂତ ହୋଇଥାଏ ।

କିଛିଦିନ ତଳେ ଶ୍ରୀ ଶ୍ରୀ ଠାକୁରଙ୍କର ଜଣେ ଶିଷ୍ୟର ବସନ୍ତ ରୋଗ ହେଲା । ସେ ରୋଗ ଯନ୍ତ୍ରଣାରେ ଅଧୀର ହୋଇ ସର୍ବଦା ଠାକୁରଙ୍କୁ ମନେମନେ ଭାବିବାକୁ ଲାଗିଲେ । ଦିନେ ସ୍ୱପ୍ନରେ ଜଣେ ରକ୍ତବସନା ସର୍ବାଭରଣଭୂଷିତା ଦେବୀ ଆବିର୍ଭୂତା ହୋଇ କହିଲେ, "ଏଥିରେ ତୁମ ଠାକୁରଙ୍କର ଅଧିକାର ନାହିଁ, ଏଥିରେ ସମ୍ପୂର୍ଣ୍ଣ ଅଧିକାର ମୋର । କିନ୍ତୁ ତୁମର ଗୁରୁଭକ୍ତି ଦେଖି ମୁଁ ସନ୍ତୁଷ୍ଟ ହେଲି । ଏହା କହି ବସନ୍ତ ସବୁ ତାଙ୍କ ଦେହରୁ ପୋଛି ନେଇ ପୋଟଳା ବାନ୍ଧି ଚାଲିଗଲେ । ସକାଳୁ ଉଠି ଶିଷ୍ୟ ଦେଖିଲା, ବସନ୍ତର ଚିହ୍ନ ସୁଦ୍ଧା ନାହିଁ, ସେ ସମ୍ପୂର୍ଣ୍ଣ ସୁସ୍ଥ । ଏହିପରି ଘଟଣା ଠାକୁରଙ୍କ ଶିଷ୍ୟମାନଙ୍କ ମଧ୍ୟରେ ଅନେକ ଘଟିଛି ।

## ଗୃହଦାହ

ଶ୍ରୀ ଶ୍ରୀ ଠାକୁରଙ୍କର ଜଣେ ଉତ୍କଳୀୟ ଶିଷ୍ୟଙ୍କ ଗୃହରେ ଦୈବାତ୍ ଅଗ୍ନି ଲାଗିଗଲା । ସେ ଗୃହରେ ଠାକୁରଙ୍କର ଆସନ ଓ ଅନ୍ୟାନ୍ୟ ଦେବଦେବୀଙ୍କ ଫଟୋ ବ୍ୟତୀତ ଆଉ କିଛି ନଥିଲା । ଅଗ୍ନି ଏପରି ପ୍ରବଳ ଭାବରେ ବ୍ୟାପିଗଲା ଯେ କେହି ସେଠାକୁ ଯାଇ ନିଆଁ ଲିଭାଇବାକୁ ସାହସ କଲେ ନାହିଁ । ନିଆଁ ଲିଭାଇବାକୁ ଗଲେ ନିକଟବର୍ତ୍ତୀ ଧାନଗଦା ଜଳିଯିବାର ଆଶଙ୍କାକରି ବହୁ କ୍ଷତିରୁ ରକ୍ଷାପାଇବା ଉଦ୍ଦେଶ୍ୟରେ ସେ ଘର ଜଳିଯିବାକୁ ଛାଡ଼ିଦେଲେ । ଏହି ସମୟରେ ସେଠାରେ ଥିବା ଜଣେ ଶିଷ୍ୟାଙ୍କର ମନେ ପଡ଼ିଲା ଯେ, ଠାକୁରଙ୍କ ଆସନ ତ ଆସି ନାହିଁ । ଲୋକେ ଯାଇ ଦେଖିଲେ କବାଟ ଭିତରୁ ବନ୍ଦ ହୋଇଯାଇଛି, ସେଠାରୁ ଆସନ ଆଣିବାର ଉପାୟ ନାହିଁ । ଆସନ ନଷ୍ଟ ହେବା ଭୟ ଶିଷ୍ୟାଙ୍କ ମନରେ ପ୍ରବଳ ହୋଇଉଠିଲା ଓ ସେ ବିଶେଷ ଦୁଃଖିତା ହୋଇ ମନେ ମନେ ଠାକୁରଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ । ପରେ ଦେଖାଗଲା, ଗୃହର ଅନ୍ୟାନ୍ୟ ଫଟୋ ସମେତ ସମସ୍ତ ଜିନିଷ ପୋଡ଼ିଯାଇଛି; କିନ୍ତୁ ଚଉକି ସହିତ ଶ୍ରୀ ଶ୍ରୀ

ଠାକୁରଙ୍କ ପ୍ରତିମୂର୍ତ୍ତି ପୂର୍ବ ପରି ନିଖୁଣ ଭାବରେ ବସି ରହିଛନ୍ତି । ଏହି ଫଟୋଟି ବର୍ତ୍ତମାନ ସୁଦ୍ଧା ଶିଷ୍ୟାଙ୍କ ନିକଟରେ ଅଛି ।

## ମନ୍ତ୍ର ଜପର ପ୍ରଣାଳୀ ପ୍ରଦର୍ଶନ

ଏ ବିଷୟରେ ଜଣେ ଶିଷ୍ୟଙ୍କର ବର୍ଣ୍ଣନା ନିମ୍ନରେ ଦିଆଗଲା । "ପିଲାଦିନେ ସଂସାରରେ ମୋର ଆଦୌ ମନ ଲାଗୁ ନ ଥିଲା । ଅଧେ ଆଲୋକ ଓ ଅଧେ ଅନ୍ଧକାର, କରୁଣ ଅଥଚ ଅସ୍ପଷ୍ଟ ବ୍ୟଥାର ବେଦନା ମୋର ବାଳକହୃଦୟ ମଥିତ କରି ଦେଉଥିଲା । ଆଜି ମୁଁ ମନୋମତ ମନୁଷ୍ୟଙ୍କ ସନ୍ଧାନ ପାଇଛି । ସେ ଯେ ଦୂରରେ ନାହାନ୍ତି, ଏହି ଆନନ୍ଦରେ ମୋର ଚିତ୍ତ ପରିପୂର୍ଣ୍ଣ ହୋଇଯାଇଛି । ମୁଁ ଆଜି ସେହି କଥା ସମସ୍ତଙ୍କୁ କହି ନିରାଶ ପ୍ରାଣରେ ଆଶାର ରାଗିଣୀ ବଜାଇ ଦେବି । କିଏ ସର୍ବଦା ମୋ ମନ ଭିତରେ କହେ, ତୁମର ନିଜ ଜନ୍ମକୁ ଖୋଜି ବାହାର କର; ନଚେତ୍ ତୁମକୁ ପଥ ଦେଖାଇ ଦେବ କିଏ ? ତେଣୁ ପାଗଳ ପରି ଘର ଛାଡ଼ି ମତମୁତାବକ ଗୁରୁ ଖୋଜିବାକୁ ମୁଁ ବାହାରି ପଡ଼ିଲି । ବହୁଦିନ ପରେ ଠାକୁରଙ୍କ ଆଶ୍ରୟ ଲାଭ କଲି । ଦୀକ୍ଷା ନେବା ପରେ ହୃଷୀକେଶରେ ସାଧନ-ଭଜନ ଉଦ୍ଦେଶ୍ୟରେ ଉପସ୍ଥିତ ହେଲି । ସେଠାରେ କୁଟୀର ନିର୍ମାଣ କରି ଆପଣାଭାବ ନେଇ ସେହି ନିର୍ଜନକୁଟୀରରେ ପଡ଼ିରହିଲି । କିଛି ଦିନ ଚାଲିଗଲା ଏହି କୁଟୀର ସମ୍ମୁଖରେ ଗୋଟିଏ ପାହାଡ଼, ତାହାର ଚୂଡ଼ାରେ ଗୋଟିଏ ଦେବ ମନ୍ଦିର । ପଥ ଦୁର୍ଗମ ବୋଲି କେହି ସାହସ କରି ଉପରକୁ ଯାଆନ୍ତି ନାହିଁ । ଦିନେ ମୁଁ ଗୁରୁଦେବଙ୍କୁ ସ୍ମରଣ କରି ମୋ କୁଟୀରରୁ ବାହାରି ବହୁ କଷ୍ଟରେ ପାହାଡ଼ ଉପରେ ଉପନୀତ ହେଲି । ରାତ୍ରି ହୋଇଯିବାରୁ ଫେରିବା ଅସମ୍ଭବ ମନେକରି ଏକାକୀ ମନ୍ଦିରରେ ଅବସ୍ଥାନ କଲି । ରାତ୍ରି ଦୁଇପ୍ରହରର ନୈଶନିସ୍ତବ୍ଧତା ଭଙ୍ଗ କରି ବହୁଦୂରରୁ ଭାସି ଆସୁଥିବା ଠାକୁରଙ୍କ ଜଳଦଗମ୍ଭୀର କଣ୍ଠସ୍ୱର ଶୁଣିପାରି ଚମକିପଡ଼ିଲି ! କ୍ରମେ ସେ ସ୍ୱର ଆହୁରି ନିକଟବର୍ତ୍ତୀ ହେବାରୁ ଦେଖିଲି, ମନ୍ଦିରର ଅଭ୍ୟନ୍ତର ଭାଗ ଉଦ୍ଭାସିତ କରି ଗୁରୁଦେବ ଶ୍ରୀ ଶ୍ରୀ ଠାକୁର ସମ୍ମୁଖରେ ଦଣ୍ଡାୟମାନ । ତାଙ୍କର ଦୀର୍ଘ ଉନ୍ନତ ବିଶାଳ ଦେହରୁ ସହସ୍ର ବିଦ୍ୟୁତ୍‌ମାଳା

ଝିଙ୍କିପଡ଼ୁଛି । ଶ୍ରୀ ଶ୍ରୀ ଠାକୁର କହିଲେ, "ବତ୍ସ, ତୁମେ ଯେଉଁ ଭାବରେ ଜପ କରୁଛ, ତାହା ଅଶୁଦ୍ଧ । ତୁମେ ଏପରି ଭାବରେ ମନ୍ତ୍ର ଜପ କର ।" ଏହା କହି ସେ ମନ୍ତ୍ରଜପର ପ୍ରଣାଳୀ ଦେଖାଇ ଦେଇ ଅନ୍ତର୍ହିତ ହୋଇଗଲେ । ମୂର୍ଚ୍ଛିତ ପରି ସେଠାରେ ପଡ଼ିରହିଲି । ତାଙ୍କର କଣ୍ଠସ୍ୱର ଶୁଣି ଓ ଅପରୂପ ଜ୍ୟୋତିରାଶି ଦେଖି ମୁଁ ମୋର ବାହ୍ୟଚେତନା ହରାଇ ବସିଲି । ତା ପରେ ଯେ କ'ଣ ହେଲା, ତାହା ଭାଷାରେ ବର୍ଣ୍ଣନା କରିହେବ ନାହିଁ । ପରେ ମୋର ହୃଦୟସ୍ଥ ଦର୍ପଣ ପରି ସ୍ୱଚ୍ଛ ହୋଇଗଲା । ଗୋଟିଏ ତୀବ୍ର ଅଥଚ ସ୍ନିଗ୍ଧ ଆଲୋକ ଛଟାରେ ସମସ୍ତ ଜଗତ ପରିପୂର୍ଣ୍ଣ ହୋଇଗଲା । ନିଖିଳ ବିଶ୍ୱ ଅନନ୍ତ, ନିର୍ବିକାର, ଚିଦାନନ୍ଦଘନ ଆନନ୍ଦରୂପ ବୋଲି ପ୍ରତୀୟମାନ ହେଲା । କେତେ ଦିନ ଯେ ଏହିପରି କଟିଗଲା ଜଣାପଡ଼ିଲା ନାହିଁ । ଅବଶେଷରେ ମୋର ପରିଚିତ ଜଣେ ଦୁଇଜଣ ସାଧୁ ଘୁରିଆସି ଖୋଜାଖୋଜି କରି କେଉଁଠାରେ ମୋତେ ନ ପାଇ ଶେଷରେ ମନ୍ଦିର ଦ୍ୱାରଭାଙ୍ଗି ଦେଖିଲେ ଯେ ମୋର ମୁମୂର୍ଷୁ ଅବସ୍ଥା । ସାଧୁମାନେ ବହୁ ସେବାଶୁଶ୍ରୂଷା କରି ମୋ ଦେହରେ ପ୍ରାଣ ସଞ୍ଚାର କରାଇଲେ ।

## ଶକ୍ତି ସଞ୍ଚାର

ଆଉ ଜଣେ ଶିଷ୍ୟଙ୍କ ବିବୃତି—"କାଳ ପ୍ରବାହ ଅବିରଳ ଧାରାରେ ବହିଚାଲିଛି । ଆମେ ସମସ୍ତେ ମଧ୍ୟ କାଳସ୍ରୋତରେ ନିଜକୁ ଭସାଇ ଦେଇ ନିଶ୍ଚେଷ୍ଟ ହୋଇ ବସିଛୁ । ଦିନେ ଭାବି ନାହୁଁ ଯେ, ଜୀବନର ପରିଣତି କେଉଁଠାରେ ? ଏହିପରି କ'ଣ ମୋର ଜୀବନ ପ୍ରବାହ ଚାଲିଥିବ ? ଏହିଭଳି ଶତ ଶତ ପ୍ରଶ୍ନ ମୋ ମନକୁ ଅସ୍ଥିର କରି ପକାଇଲା । ଭାବି ଭାବି କୌଣସି ମୀମାଂସା କରି ନ ପାରି ଭୋଗ ହିଁ ମନୁଷ୍ୟଜୀବନର ପରିଣତି ଓ ପରିପୂର୍ତ୍ତି ବୋଲି ମନେ ମନେ ଠିକ୍ କରିନେଲି । ଉତ୍ସାହିତ ହୋଇ ଅନ୍ଧ ପରି ଚାଲିବାକୁ ଲାଗିଲି । ପଥର ଧୂଳିରେ ଦୁଇଚକ୍ଷୁ ଆଚ୍ଛନ୍ନ ହୋଇଗଲା । ବହୁ ଆବର୍ଜନା ଦ୍ୱାରା ଉଜ୍ଜ୍ୱଳ ରତ୍ନ ଆବୃତ୍ତ ହୋଇପଡ଼ିଲା । ପ୍ରବୃତ୍ତି ନେଇ ଉନ୍ମତ୍ତ ପରି ଖେଳୁଖେଳୁ ଯେତେବେଳେ ମୁଁ କୁପଥଗାମୀ ହୋଇଗଲି, ସେତେ-ବେଳେ ମନ କାହାର ଅନୁଭୂତି ପାଇଁ ଅସ୍ଥିର ହୋଇଗଲା । ଅନୁତାପରେ

ମନ ଶତଧା ବିଦୀର୍ଣ୍ଣ ହେବାକୁ ଲାଗିଲା । ବର୍ତ୍ତମାନ କେଉଁଆଡ଼କୁ ଯିବି, କଅଣ ବା କରିବି ? ମୁଁ ଯାହା ଖୋଜୁଥିଲି, ଯା ତ ପାଇଲି ନାହିଁ । ବରଂ ଅନୁଭବ କଲି, ସମସ୍ତଙ୍କଠାରେ ଯେପରି କିଛି ଅଭାବ, ସମସ୍ତେ ଯେପରି ବିଷାଦରେ ଅଭିଭୂତ ।

ଠିକ୍ ଏହି ସମୟରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ମୋର ଦେଖାହେଲା । ଜୀବନତନ୍ତ୍ରୀ ଅଭିନବ ସ୍ୱରରେ ବାଜି ଉଠିଲା । ଅକ୍ଷୟତୃତୀୟା ଦିନ ମୁଁ ଶୋଇ ଶୋଇ ନାନା ବିଷୟ ଭାବୁଛି, ତନ୍ଦ୍ରା ଆସିଗଲା । ହଠାତ୍ ଦେଖେ, ଜଣେ ଭିକ୍ଷୁକ ଭିକ୍ଷା ମାଗୁଛି । ମୋତେ କାହିଁକି ଟିକେ ଭୟ ଲାଗିବାରୁ ନିକଟବର୍ତ୍ତୀ ଘରକୁ ପଶିଗଲି । ହଠାତ୍ ସେଠାରେ ଶ୍ରୀ ଶ୍ରୀ ଠାକୁରଙ୍କୁ ଦେଖିଲି; ମନ ଆନନ୍ଦରେ ନାଚି ଉଠିଲା । ମୁଁ ପଚାରିଲି, 'ବାବା, ଏହା କିପରି ହୁଏ ?' ଠାକୁର କହିଲେ, 'ଜାଣିନା, ଆଚ୍ଛା ମୋ ନିକଟକୁ ଆ, ସଳଖ ହୋଇ ବସ ।' ମୁଁ ସେହିପରି ବସିରହିଲି ।

'ଶ୍ରୀ ଶ୍ରୀ ଠାକୁର ମୋ କପାଳରେ ଅଙ୍ଗୁଳି ସ୍ପର୍ଶ କରିଦେବାମାତ୍ରେ ବିଦ୍ୟୁତ୍ ଚମକ ପରି ମୋ ଶରୀରରେ କ'ଣ ଖେଳିଗଲା ଓ ଗୋଟିଏ ସରଳ ଜ୍ୟୋତିଃପଥ ଉଦ୍‌ଘାଟିତ ହୋଇଗଲା । ତା'ପରେ ଶ୍ରୀ ଶ୍ରୀ ଠାକୁର ମୋ ନାକ ଚିପି ଧରିଲେ । ମୋର ନିଃଶ୍ୱାସ ଦ୍ରୁତ ବେଗରେ ଉପରକୁ ଉଠିଗଲା । ଏହାପରେ ନିଃଶ୍ୱାସ ରୋଧ ହେବାର ଉପକ୍ରମ ହେଲା । ମୋର ଚେତନା ଲୋପ ପାଇବା ସଙ୍ଗେ ସଙ୍ଗେ ଅନ୍ତର୍ଦୃଷ୍ଟି ଖୋଲିଗଲା । ମୁଁ ମୋର ଦେହ-ଯନ୍ତ୍ରର ସମସ୍ତ କ୍ରିୟା ଦେଖିପାରିଲି; କିନ୍ତୁ ନିଃଶ୍ୱାସ ନେବାର ଯେ ଅବିରତ ଚେଷ୍ଟା, ତାହା କମିଲା ନାହିଁ । ମୋର ଅବସ୍ଥା ଦେଖି ଶ୍ରୀ ଶ୍ରୀ ଠାକୁର ହସି-ହସି ନାକ ଛାଡ଼ି କାନ ଧରି ପକାଇଲେ । ସଙ୍ଗେ ସଙ୍ଗେ ମୋ ଶରୀରରେ ଗୋଟିଏ ତଡ଼ିତ୍ ପ୍ରବାହ ପ୍ରବାହିତ ହୋଇଗଲା । ମୁଁ ଦେଖିଲି ଗୋଟିଏ ପ୍ରଚଣ୍ଡ ଶକ୍ତି ମୋ ଭିତରେ ପ୍ରବେଶ କରୁଛି । ସେ ଶକ୍ତିପ୍ରବାହରେ ମୋ ଶରୀର ଯେପରି ହାଲୁକା ହୋଇ ଉପରକୁ ଉଠିଯାଉଛି । କାନତଳର ଶିରା ଦୁଇଟି ଫୁଲି ଉଠୁଛି । ସେହି ଶିରା ଭିତର ଦେଇ ଗୁହ୍ୟଦେଶର ସମସ୍ତଶକ୍ତି ଯାଇ ମସ୍ତକରେ ଜମା ହେବାକୁ ଲାଗୁଛି । ମୁଁ ଅପାର ଆନନ୍ଦ ଭିତରେ ଭୟଙ୍କର ବେଦନା ଅନୁଭବ କରୁଛି ଦେଖି ଠାକୁର ପୁଣି ହସି ହସି କାନ

ଟିକଏ ଚିପି ଦେବାରୁ ବେଦନା କମିବାକୁ ଲାଗିଲା । ଏଥର ମୁଁ କେବଳ ଆନନ୍ଦସାଗରରେ ଭାସିବାକୁ ଲାଗିଲି ଓ ଇଷ୍ଟମନ୍ତ୍ର ଜପ କଲି । ଶ୍ରୀ ଶ୍ରୀ ଠାକୁର ଏହା ଶକ୍ତିସଞ୍ଚାର ବୋଲି କହି ଅଦୃଶ୍ୟ ହୋଇଗଲେ । ମୁଁ ଉଠିପଡ଼ିଲି କାନତଳ ଶିରାରେ ବେଦନା ଅନୁଭବ କଲି; କିନ୍ତୁ ଆନନ୍ଦରେ ମୋର ଜୀବନ କଟିଗଲା ।"

## ଦିବ୍ୟାନୁଭୂତି

ଆଉ ଜଣେ ଶିଷ୍ୟଙ୍କର ବିବୃତି—"ମୋ ପାଦରେ ଅସ୍ତ୍ରୋପଚାର ହେବା ଦରକାର ପଡ଼ିଲା । ଅସ୍ତ୍ରୋପଚାର ପୂର୍ବରୁ ଅଜ୍ଞାନ କରିବା ନିମିତ୍ତ କ୍ଲୋରୋଫର୍ମ ପ୍ରୟୋଗ କରାଗଲା । କ୍ରମେ ମୋର ବାହ୍ୟ ଚେତନା ଲୋପ ପାଇଗଲା । ବାହାର ଆଚ୍ଛନ୍ନ ହେଲେ ମଧ୍ୟ ଦେଖିଲି, ମୋ ଭିତରେ ସମ୍ପୂର୍ଣ୍ଣ ଜ୍ଞାନ ଅଛି । କ୍ରମେ ମନେହେଲା, ନାଭିଠାରୁ ତଳକୁ ମୋର କୌଣସି ଜ୍ଞାନ ନାହିଁ, କେବଳ ଉପରକୁ ଜ୍ଞାନ ଅଛି । ତାହା ଯେ ସ୍ଥୂଳଦେହର ଜ୍ଞାନ, ତାହା କହିପାରିବି ନାହିଁ । ଏହା ପରେ ମୋର ଦେହଜ୍ଞାନ ଲୋପ ପାଇଗଲା ।

"ଏହି ସମୟରେ ମୁଁ ଦେଖି ପାରିଲି ଯେ, ମୋ ଭିତରେ ଯେପରି ଗୋଟିଏ ଆଶ୍ଚର୍ଯ୍ୟ ଜ୍ୟୋତିର୍ମୟ ପିଣ୍ଡ ଅତି ଦ୍ରୁତ ସ୍ପନ୍ଦିତ ଏବଂ ଆବର୍ତ୍ତିତ ହେଉଅଛି । ମୁଁ ଯେପରି ସେହି ଜ୍ୟୋତିଃପିଣ୍ଡ ଭିତରେ ରହିଛି । କ୍ରମେ ସେହି ଜ୍ୟୋତି ପିଣ୍ଡ ମଧ୍ୟରୁ ଅତି ଉଜ୍ଜ୍ୱଳ ଓ ତରଳ ଆଲୋକଛଟା ଚତୁର୍ଦ୍ଦିଗରେ ବ୍ୟାପ୍ତ ହୋଇ ପଡ଼ୁଛି । ସେହି ଆଲୋକ ଯେପରି ଚନ୍ଦ୍ର, ସୂର୍ଯ୍ୟ, ବୃକ୍ଷଲତା ପ୍ରଭୃତିକୁ ଧୋଇଦେଇ ପକାଉଛି ଏବଂ ଗ୍ରହଠାରୁ ଅନ୍ୟ ଗ୍ରହକୁ ବ୍ୟାପ୍ତ ହୋଇଯାଉଛି । କ୍ରମେ ନିଖିଳ ବ୍ରହ୍ମାଣ୍ଡରେ ତାହା ବିସ୍ତୃତ ହୋଇପଡ଼ୁଛି । ମୋର ଅହଂତ୍ୱବୋଧ ମଧ୍ୟ ସେହି ଆଲୋକ ଭିତରେ ବ୍ୟାପ୍ତ ହୋଇଗଲା । ମୁଁ ଦେଖିଲି ମୁଁ ଯେପରି ଚାରିଆଡ଼େ ରହିଛି । ଅନନ୍ତକୋଟି ବ୍ରହ୍ମାଣ୍ଡ ଯେପରି ମୋ ସତ୍ତାରେ ଆବଦ୍ଧ । ପୁଣି କେନ୍ଦ୍ରସ୍ଥିତ ଯେଉଁ ଜ୍ୟୋତିପୁଞ୍ଜ, ତାହା ଭିତରେ ମଧ୍ୟ ମୁଁ ରହିଛି । ଏକା ସମୟରେ ମୁଁ କେନ୍ଦ୍ରରେ ଓ ପରିଧିରେ ଉଭୟଠାରେ ବିଦ୍ୟମାନ ଥିବାର ଅନୁଭବ କଲି । ସେ ଅବସ୍ଥାରେ ଯେଉଁ

ଆନନ୍ଦ, ତାହା ଯେପରି ଅନନ୍ତ ଓ ଅନିର୍ବଚନୀୟ, ସେହିପରି ଶାନ୍ତ ଓ ସମାହିତ । ପାର୍ଥିବ କୌଣସି ବସ୍ତୁ ସହିତ ଏହାର ତୁଳନା ହୋଇପାରିବ ନାହିଁ ।

ହଠାତ୍ ମୋର ମନେ ହେଲା, ଏହି ଜ୍ୟୋତିପୁଞ୍ଜ ମଧ୍ୟରୁ ବାହାରିବାର କ'ଣ କୌଣସି ବାଟ ନାହିଁ ? ଏହା ଭାବିବାକ୍ଷଣି ଦେଖିଲି, ଗୋଲକ ମଧ୍ୟଭାଗରେ ଗୋଟିଏ ଛିଦ୍ର ରହିଛି । ଠାକୁର ତାହା ଉପରେ ଛିଡ଼ା ହୋଇଛନ୍ତି । ମୁଁ ଇଚ୍ଛାକଲେ ସେହି ବାଟ ଦେଇ ବାହାରିଯାଇ ପାରିବି । ମୁଁ ବାହାରିଗଲେ ମାନେ ପିଣ୍ଡଟି ମିଳାଇଯିବ ବା ଲୌକିକ ଭାଷାରେ ମୋର ମୃତ୍ୟୁ ହେବ ।

"କିଛିକ୍ଷଣ ପରେ ମୋର ଚେତନା ଫେରିଆସିଲା; କିନ୍ତୁ ଯେଉଁ ଆନନ୍ଦ-ରାଜ୍ୟରେ ମୁଁ ଥିଲି, ସେଠାରୁ ଫେରିଆସିବା ହେତୁ କାନ୍ଦିଉଠିଲି । ସେହି ଦିବ୍ୟାନୁଭୂତିରେ ମୋ ପ୍ରାଣ ଆକୁଳ ହୋଇଉଠିଲା ।

## ଗୁରୁଶକ୍ତିଙ୍କର ଦର୍ଶନଲାଭ

ଜନୈକ ସାଧକ ଶିଷ୍ୟଙ୍କ ବର୍ଣ୍ଣନା ସଂକ୍ଷେପରେ ଦିଆଗଲା—"ମୁଁ ଅଭିଷିକ୍ତ ହୋଇ ଶ୍ରୀ ଶ୍ରୀ ଠାକୁରଙ୍କ ଆଦେଶ ଅନୁସାରେ ଯୋଗକ୍ରିୟା ଆରମ୍ଭ କଲି । କ୍ରିୟା ଆରମ୍ଭ କରିବାର ଛ'ମାସ ପରେ ମୋ ଜୀବନର ଗତି ବିଶେଷ ପରିବର୍ତ୍ତିତ ହୋଇଗଲା—କ୍ରିୟାର ଫଳ ପାଇବାକୁ ଲାଗିଲି । ଦିନେ ରାତିରେ ଶଯ୍ୟାରେ ବସି ଧ୍ୟାନ କରୁ କରୁ ବୁଝିଲି ଯେ ମୁଁ ଅପର କୌଣସି ଶକ୍ତି ଦ୍ୱାରା ଆବଦ୍ଧ ହୋଇଯାଇଛି । ମୋର ବେଶ୍ ଜ୍ଞାନ ଅଛି, ଅଥଚ ମୁଁ ହଲଚଲ ହୋଇପାରୁ ନାହିଁ । ମୁଁ ଠାକୁରଙ୍କଠାରୁ ଶୁଣିଥିଲି ଯେ, ଶତଦଳ ପଦ୍ମରେ ସଶକ୍ତି ଗୁରୁଦେବଙ୍କ ଧ୍ୟାନ କରିବାକୁ ହୁଏ । ସ୍ଥୂଳ ଦେହରେ ଠାକୁରଙ୍କୁ ଦେଖିଛି; କିନ୍ତୁ ଗୁରୁଶକ୍ତି ସମ୍ବନ୍ଧରେ ତ ତାଙ୍କଠାରୁ କିଛି ଶୁଣିନାହିଁ । ଧ୍ୟାନ ବା କରିବି କିପରି ? ମନେ ମନେ ଗୁରୁଶକ୍ତି ଦର୍ଶନର ପ୍ରବଳ ଆକାଙ୍‌କ୍ଷା ରଖି ଗୁରୁ ଧ୍ୟାନ କରୁଥାଏ । କିଛିଦିନ ପରେ ଦେଖିଲି ଚକ୍ଷୁ ସ୍ଥିର ହେବାକ୍ଷଣି ଗୁରୁଙ୍କ ଆସନରେ ଗୋଟିଏ ଅପୂର୍ବ ରୂପଲାବଣ୍ୟସମ୍ପନ୍ନା ଦିବ୍ୟ ରମଣୀମୂର୍ତ୍ତି ନୟନଗୋଚର ହେଲେ । ଶ୍ରୀ ଶ୍ରୀ ଗୁରୁଦେବଙ୍କ ମୂର୍ତ୍ତି ଦେଖି ନ ପାରିବାରୁ

ମନେ ହେଲା ଯେ, ଏହି ମୂର୍ତ୍ତିଟି ମୋତେ ଛଳନା କରିବାକୁ ଆସିଛନ୍ତି । ମୁଁ ଏହି ମୂର୍ତ୍ତିଙ୍କୁ ମନେ ମନେ ଯାଅ ବୋଲି କହିବାରୁ ମୂର୍ତ୍ତିଟି ବିଷର୍ଣ୍ଣ ବଦନରେ ଚାଲିଗଲେ । ଦିନେ ଦିନେ ମଧ୍ୟ ସେହି ମୂର୍ତ୍ତି ନାନା ଖାଦ୍ୟଦ୍ରବ୍ୟପୂର୍ଣ୍ଣ ଥାଳି ଧରି ମୋ ନିକଟକୁ ଆସନ୍ତି ଓ ମୋତେ ଖାଇବାକୁ ଅନୁରୋଧ କରନ୍ତି । ମୁଁ ମାୟା ବୋଲି ଅନୁମାନ କରି ତଡ଼ିଦେବାମାତ୍ରେ ମୂର୍ତ୍ତିଟି ଉଭେଇ ଯାନ୍ତି । ମୁଁ ଦିନେହେଲେ ତାଙ୍କୁ ଆଦର କରେ ନାହିଁ; ତଥାପି ସେ ମୂର୍ତ୍ତି ମୋତେ ଛାଡ଼ନ୍ତି ନାହିଁ । କିଛି ଦିନ ପରେ ଶ୍ରୀ ଶ୍ରୀ ଠାକୁରଙ୍କୁ ସମସ୍ତ ବିଷୟ କହିବାରୁ ସେ କିଛି ଉତ୍ତର ନ ଦେଇ ହସିବାକୁ ଲାଗିଲେ ଓ ତାଙ୍କର ଇଙ୍ଗିତରୁ ବୁଝିଲି ଯେ, ଏ ଶକ୍ତି ଗୁରୁଶକ୍ତି । ପ୍ରକୃତ ଭକ୍ତ ବୋଲି ମାଆ ତାଙ୍କ ମନୋମୟୀ ମୂର୍ତ୍ତିରେ ଦେଖା ଦେଇଛନ୍ତି ।

"ସେହିଦିନଠାରୁ ମୁଁ ସଶକ୍ତି ଗୁରୁଦେବଙ୍କ ଧ୍ୟାନ କରିବାକୁ ଲାଗିଲି । ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ମା'ଙ୍କୁ ପ୍ରତ୍ୟକ୍ଷ ଦେଖିପାରିଲି । ଏହିପରି ଭାବରେ ଦିନେ କ୍ରିୟା କରୁ କରୁ ଦେଖିଲି, ଘୋର ଅନ୍ଧକାର । ଏହା ଦେଖି ମୋତେ ଭୟ ଲାଗିଲା । କିଛିକ୍ଷଣ ପରେ ଦେଖିଲି ଯେ ଗୋଟିଏ ଅପୂର୍ବ ଆଲୋକରଶ୍ମି ମୋ ଉପରେ ପଡ଼ୁଛି । ଆଲୋକ କେଉଁଆଡ଼ୁ ଆସିଲାବୋଲି ଭାବି ଚାରିଆଡ଼କୁ ଚାହିଁ ଦେଖେ ତ ଗୋଟିଏ ଜ୍ୟୋତିର୍ମୟୀ ରମଣୀମୂର୍ତ୍ତିଙ୍କ ଦେହରୁ ଆଲୋକ-ରଶ୍ମି ବାହାରୁଛି । ମୁଁ ଏହି ରମଣୀମୂର୍ତ୍ତିଙ୍କୁ ଦେଖି ଚିହ୍ନି ପାରିଲି ଯେ, ସେ ଆମର ଗୁରୁଶକ୍ତି ମା, ବ୍ରହ୍ମମୟୀ । ମୁଁ ହସିହସି ପଚାରିଲି, "ମା, ଠାକୁର କେଉଁଠାରେ ?" ମା, ଊର୍ଦ୍ଧ୍ୱକୁ ଅଙ୍ଗୁଳି ନିର୍ଦ୍ଦେଶ କରିଦେଲେ । ମୁଁ ଦେଖେ ତ ଶ୍ୱେତବର୍ଣ୍ଣ ଜ୍ୟୋତିର୍ମଣ୍ଡଳ ଭିତରେ ଶ୍ରୀ ଶ୍ରୀ ଠାକୁର ସମାସୀନ । ଶ୍ରୀ ଶ୍ରୀ ଠାକୁରଙ୍କ ଆଲୋକରେ ମା' ଆଲୋକିତ ଏବଂ ମାଆଙ୍କର ଆଲୋକରେ ମୁଁ ଆଲୋକିତ । ଶ୍ରୀ ଶ୍ରୀ ଠାକୁର ଓ ମାଆଙ୍କୁ ଏହି ଭାବରେ ଦେଖି ବଡ଼ ଆନନ୍ଦ ଲାଗିଲା । ମୁଁ ଏହି ସମ୍ବାଦ ସମସ୍ତ ସତୀର୍ଥଙ୍କୁ ଜଣାଇବି ବୋଲି ମନେ ମନେ ପ୍ରାର୍ଥନା କଲାମାତ୍ରେ ଶ୍ରୀ ଶ୍ରୀ ଠାକୁର କହିଲେ, 'ସାବଧାନ, ଏକଥା କହିବୁ ନାହିଁ—କାରଣ ଏହା କେହି ବିଶ୍ୱାସ କରିବେ ନାହିଁ ।' ମୁଁ ପୁନଃ ପୁନଃ ଜିଦ୍ ଧରିବାରୁ ସେ ମୋ ଉପରେ ଏପରି ତୀକ୍ଷ୍ଣ ଦୃଷ୍ଟି ନିକ୍ଷେପ କଲେ ଯେ, ମୁଁ ଭୟରେ ମା' ମା' ବୋଲି ଚିତ୍କାର କରି ମାଆଙ୍କ କୋଳକୁ ଡେଇଁ

ପଡ଼ିଲି । ହଠାତ୍ ଧ୍ୟାନ ଭାଙ୍ଗି ଯିବାରୁ ଦେଖେ ତ ପ୍ରଭାତ ହୋଇଗଲାଣି । ଠାକୁରଙ୍କୁ ସମସ୍ତ କଥା କହିବାରୁ ସେ କହିଲେ, 'ଏହା ସୃଷ୍ଟିତତ୍ତ୍ୱ' ।

## ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ

ଅନ୍ୟ ଜଣେ ଶିଷ୍ୟଙ୍କ ଅନୁଭୂତି—ମୁଁ ସସ୍ତ୍ରୀକ ଠାକୁରଙ୍କଠାରୁ ଦୀକ୍ଷା ନେଇ ଶାସ୍ତ୍ରମତ କ୍ରିୟାଦି ଆରମ୍ଭ କରିଦେଲି । ଦିନେ କ୍ରିୟା କରୁଛି, ହଠାତ୍ ମୁଁ ସ୍ପନ୍ଦନହୀନ ହୋଇଗଲି । ଏହି ଅବସ୍ଥାରେ ମୁଁ ଗୋଟିଏ ଉଜ୍ଜ୍ୱଳ ଶ୍ୱେତବର୍ଣ୍ଣ କମ୍ପନଶୀଳ ଜ୍ୟୋତିଃ ଦେଖିବାକୁ ପାଇଲି । କ୍ରମେ କ୍ରମେ ସେହି ଜ୍ୟୋତିଃ ଘନୀଭୂତହୋଇ ମାନବ ଦେହ ଆକାରରେ ପରିଣତ ହୋଇଗଲା । ସେତେବେଳେ ମଧ୍ୟ କମ୍ପନ ରହିଥାଏ । ସେଥିମଧ୍ୟରେ ଦେଖିଲି, ଜ୍ୟୋତିଃ ମଧ୍ୟରେ ସିଂହବାହିନୀ ଦଶଭୁଜା ମୂର୍ତ୍ତି ଅବସ୍ଥିତା । ଠାକୁରଙ୍କଠାରୁ ଶୁଣିଥିଲି ଯେ ଗୁରୁ ବା ଇଷ୍ଟଦର୍ଶନ ପୂର୍ବରୁ ନାନା ପ୍ରକାର ଦେବଦେବୀ, ଯକ୍ଷ, ରାକ୍ଷସ ପ୍ରଭୃତିଙ୍କ ଦର୍ଶନ ଘଟିଥାଏ—ସେତେବେଳେ ଭୀତ ନ ହୋଇ ସେମାନଙ୍କୁ ଭକ୍ତି ଦେଇ ଧ୍ୟେୟମୂର୍ତ୍ତିଙ୍କ ନିମିତ୍ତ ପ୍ରାର୍ଥନା କରିବାକୁ ହୁଏ । ମୁଁ ମାତୃମନ୍ତ୍ରର ଉପାସକ ନୁହେଁ, ତେଣୁ ସେ ମୂର୍ତ୍ତିଙ୍କୁ କହିଲି, ମୁଁ ଠାକୁରଙ୍କୁ ଦେଖିବାକୁ ଚାହେଁ । ଏହି କଥା ମନେ ମନେ ଭାବିବା ମାତ୍ରେ ମୂର୍ତ୍ତି ଉଭେଇଗଲା । ତାହା ପରେ ନାନା ଦେବଦେବୀ, ରାକ୍ଷସ ପ୍ରଭୃତିଙ୍କ ମୂର୍ତ୍ତିର ଆବିର୍ଭାବ ହେଲା । ମୁଁ ମଧ୍ୟ ଉପରୋକ୍ତ ପ୍ରକାରରେ ସେମାନଙ୍କୁ ଭକ୍ତି ଦେଲି । ସର୍ବ-ଶେଷରେ ଦେଖିଲି, ଗୋଲାକାର ଉଜ୍ଜ୍ୱଳ ଶ୍ୱେତବର୍ଣ୍ଣ ଜ୍ୟୋତିଃ ଭିତରେ, ଶ୍ୱେତ ରାଜହଂସ ଉପରେ ଶ୍ରୀ ଶ୍ରୀ ଠାକୁର ସମାସୀନ—ଏହା ଦେଖି ମୁଁ ବାହ୍ୟଜ୍ଞାନ ହରାଇ ବସିଲି । କେତେ ସମୟ ପରେ ପ୍ରଭାତର ଶୀତଳ ସମୀରଣ ସ୍ପର୍ଶରେ ମୋର ନିଦ୍ରା ଭଙ୍ଗ ହେବାରୁ ଦେଖିଲି ଯେ, ମୁଁ ଶଯ୍ୟାରେ ଶୋଇଛି । *

*

---

* ପୁରାତନ 'ଆର୍ଯ୍ୟ ଦର୍ପଣ'ର 'ଅପ୍ରାକୃତ ସ୍ୱପ୍ନ ଦର୍ଶନ' ପ୍ରବନ୍ଧରୁ ସଂଗୃହୀତ ।

# ସପ୍ତଦଶ ପରିଚ୍ଛେଦ

## ମୃତ୍ୟୁ ଓ ପରଲୋକ ବିଷୟରେ ଶ୍ରୀ ଶ୍ରୀ ଠାକୁର

ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ ବିଶ୍ୱବାସୀଙ୍କ ନିମିତ୍ତ ଯେଉଁ ଅଧ୍ୟାତ୍ମତତ୍ତ୍ୱରାଜିର ଅମୂଲ୍ୟ ସମ୍ପଦ ସଜାଇ ରଖିଛନ୍ତି, ତାହା ଯୁଗଯୁଗାନ୍ତର ଧରି ଅଧ୍ୟାତ୍ମ-ରସପିପାସୁମାନଙ୍କର ତୃଷ୍ଣା ମେଣ୍ଟାଇପାରିବ ଓ ହତାଶ ପ୍ରାଣରେ ଆଶାର ସଞ୍ଚାର କରିବ । ବିବିଧ ବିଷୟରେ ଲିଖିତ ଓ ମୌଖିକ ଭାବରେ ଶ୍ରୀ ଶ୍ରୀ ଠାକୁର ଯେ କେତେ ତତ୍ତ୍ୱାମୃତ ପରିବେଷଣ କରିଛନ୍ତି, ତାହାର ଇୟତ୍ତା ନାହିଁ । ମନୁଷ୍ୟକୁ ନିଜ କର୍ତ୍ତବ୍ୟରେ ଉଦ୍‌ବୁଦ୍ଧ କରିବାକୁ, ଅଜ୍ଞାନ ତମସାବୃତ ଚକ୍ଷୁ ଉନ୍ମୀଳନପୂର୍ବକ ସେମାନଙ୍କୁ ଜ୍ଞାନାଲୋକରେ ଉଦ୍ଭାସିତ କରି ପ୍ରେମପ୍ଳାବନରେ ଭସାଇବାକୁ ସେଗୁଡ଼ିକ ଅଦ୍ୱିତୀୟ । ବହୁ ବିଷୟରେ ବହୁ କଥା ସେ ଲିପିବଦ୍ଧ କରିଥିଲେ ମଧ୍ୟ ମୃତ୍ୟୁ ବିଷୟରେ ସେ ଯାହା ବର୍ଣ୍ଣନା କରିଛନ୍ତି, ବାସ୍ତବିକ୍ ତାହା ଅମୂଲ୍ୟ । ମୃତ୍ୟୁ ଓ ପରଲୋକ ସମ୍ବନ୍ଧରେ ଆଧ୍ୟାତ୍ମ ଜଗତରେ ସେ ଯେଉଁ ନୂତନ ଆଲୋକସମ୍ପାତ କରିଛନ୍ତି, ସେଥିରେ ବହୁ ପଥଭ୍ରଷ୍ଟ ବ୍ୟକ୍ତି ପଥ ଦେଖି-ପାରିବେ, ସାନନ୍ଦରେ ମୃତ୍ୟୁକୁ ବରଣ କରିନେବେ । ମୃତ୍ୟୁ ଆଉ ଭୟର କାରଣ ହୋଇ ସେମାନଙ୍କ ନିକଟରେ ରହିବ ନାହିଁ ।

### ପରଲୋକତତ୍ତ୍ୱରେ ଅଧିକାର

ମୃତ୍ୟୁ ବିଷୟରେ ତାଙ୍କର ଏତେ ଅଧିକାର ଜନ୍ମିବାର କାରଣ ହେଉଛି ଯେ, ସେ ମୃତ୍ୟୁକୁ ଅବଲମ୍ବନ କରି ଗୃହତ୍ୟାଗ କରିଥିଲେ । ମୃତ୍ୟୁ

ପରେ ଜୀବର ଅସ୍ତିତ୍ୱ ରହେ କି ନାହିଁ, ରହିଲେ ମଧ୍ୟ ତାଙ୍କ ସହିତ ଭାବର ଆଦାନ-ପ୍ରଦାନ ହୋଇପାରେ କି ନାହିଁ—ତାହା ଜାଣିବାକୁ, ବୁଝିବାକୁ ଓ ପ୍ରତ୍ୟକ୍ଷ କରିବାକୁ ସେ ଭୋଗସୁଖ ପରିତ୍ୟାଗ କରି ସଙ୍କଳ୍ପବଦ୍ଧ ହୋଇଥିଲେ । ବିଭିନ୍ନ ଚିକିତ୍ସିତ ସମାନ ଭାବରେ ବିଦ୍ୟାର୍ଜନ କରିଥିଲେ ମଧ୍ୟ ଗୋଟିଏ ଗୋଟିଏ ରୋଗ ବିଷୟରେ ଯେପରି ଜଣ ଜଣଙ୍କର ବିଶେଷ ଅଭିଜ୍ଞତା ଥାଏ, ସେହିପରି ଅଧ୍ୟାତ୍ମଜଗତରେ ମହାପୁରୁଷମାନେ ମୂଳ ତତ୍ତ୍ୱରେ ସମାନାଧିକାରୀ ହେଲେ ମଧ୍ୟ ଗୋଟିଏ ଗୋଟିଏ ଆନୁଷଙ୍ଗିକ ବିଷୟରେ ଜଣ ଜଣଙ୍କର ବିଶେଷ ବୈଶିଷ୍ଟ୍ୟ ରହିଥାଏ । ଶ୍ରୀ ଶ୍ରୀ ଠାକୁର ମୃତ୍ୟୁ ଓ ପରଲୋକ ବିଷୟରେ ବିଶେଷଜ୍ଞ ଥିଲେ । ଯଥୋପଯୁକ୍ତ ସାଧନ ସାହାଯ୍ୟରେ ସେହିସବୁ ତତ୍ତ୍ୱକୁ ସେ ସ୍ୱୀୟ ଜୀବନରେ କରାମଳକବତ୍ ଆୟତ୍ତ କରିଥିଲେ । ସ୍ଥୂଳ ଯବନିକା ଭେଦ କରି ସୂକ୍ଷ୍ମ, କାରଣ ଓ ତୁରୀୟ ରାଜ୍ୟକୁ ମଧ୍ୟ ତାଙ୍କର ଦୃଷ୍ଟି ନିପତିତ ହୋଇଥିଲା ।

## ପାରଲୌକିକ ଶକ୍ତି

ଶ୍ରୀ ଶ୍ରୀ ଠାକୁର ପରଲୋକଗତ ଆତ୍ମା ସହିତ କଥାବାର୍ତ୍ତା କରି-ପାରୁଥିଲେ । ଇଚ୍ଛାମତେ ସେ କୌଣସି ଆତ୍ମାକୁ ଡକାଇଆଣି ସେ ତାକୁ ନିର୍ଦ୍ଦେଶ ଦେଇ ପାରୁଥିଲେ । ଅନେକ ସମୟରେ ପରଲୋକଗତ ଆତ୍ମା ମଧ୍ୟ ପ୍ରତ୍ୟକ୍ଷ ହୋଇ ତାଙ୍କ ସହିତ କଥା କହି ପାରୁଥିଲେ । ସେ ଇଚ୍ଛା କରିବା ମାତ୍ରେ ଯେ କୌଣସି ବିଦେହୀ ଆତ୍ମାକୁ ଯୋଗାକର୍ଷଣ ବଳରେ ଅଣାଇ ତାଙ୍କ ସହିତ ନିଜେ କଥାବାର୍ତ୍ତା କରିପାରୁଥିଲେ ଓ ପ୍ରାର୍ଥୀଙ୍କୁ ଦେଖାଇ ଦେଇ-ପାରୁଥିଲେ । ଇହକାଳ ଓ ପରକାଳର ଯୋଗ ତାଙ୍କ ହାତମୁଠା ଭିତରେ ଥିଲା । ଇଚ୍ଛା କରିବା ମାତ୍ରେ ସେ ଭବିଷ୍ୟତ ଓ ପରଲୋକର ସମ୍ବାଦ ସଂଗ୍ରହ କରି ତତ୍‌କ୍ଷଣାତ୍ କହିଦେଇ ପାରୁଥିଲେ । କୌଣସି ପ୍ରକାର ଐଶ୍ୱର୍ଯ୍ୟ ପ୍ରକାଶର ପକ୍ଷପାତୀ ନ ଥିଲେ ମଧ୍ୟ ଅନେକ ସମୟରେ ଶିଷ୍ୟମାନଙ୍କର ଅତ୍ୟଧିକ ଆଗ୍ରହ ହେତୁ ବାଧ୍ୟ ହୋଇ ତାଙ୍କୁ ଅନେକ ଆଶ୍ଚର୍ଯ୍ୟଜନକ ଅତିମାନୁଷିକ କାର୍ଯ୍ୟ କରିବାକୁ ପଡ଼ୁଥିଲା ।

ମୃତ୍ୟୁତତ୍ତ୍ୱ ବିଷୟରେ ଶ୍ରୀ ଶ୍ରୀ ଠାକୁର ଯେଉଁ ଅମୂଲ୍ୟ ସମ୍ପଦ ସ୍ତରେ ସ୍ତରେ ସଜାଇ କରି ରଖି ଯାଇଛନ୍ତି, ସେଥିମଧ୍ୟରୁ କେତୋଟି ସଂକ୍ଷେପରେ ନିମ୍ନରେ ଦିଆଗଲା । ତାଙ୍କର କୃପା, ତାଙ୍କର ଶକ୍ତି ଏହି କାର୍ଯ୍ୟ ସମ୍ପାଦନରେ ସହାୟ ହେବ—ଏହା ହିଁ ପ୍ରାର୍ଥନା ।

## ମୃତ୍ୟୁଚିନ୍ତା

ସଂସାରରେ ଯେଉଁମାନେ କିଛି ସ୍ୱୀକାର କରନ୍ତି ନାହିଁ, ଯେଉଁମାନେ ଘୋର ନାସ୍ତିକ ଓ ପାଷାଣ୍ଡ ସେମାନେ ବି ମୃତ୍ୟୁକୁ ସ୍ୱୀକାର କରିଥାନ୍ତି । ଆମେ ଚକ୍ଷୁ ସମ୍ମୁଖରେ ପ୍ରତିନିୟତ ମୃତ୍ୟୁର ତାଣ୍ଡବଲୀଳା ଦେଖିପାରୁଛୁ । ମୃତ୍ୟୁ ଯେ ଦେହୀମାନଙ୍କର ଅବଶ୍ୟମ୍ଭାବୀ ପରିଣାମ, ଏ ବିଷୟରେ 'ବ୍ରହ୍ମଚର୍ଯ୍ୟ ସାଧନ' ଗ୍ରନ୍ଥର ସାଧନପ୍ରଣାଳୀ ଅଧ୍ୟାୟରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି— "ଆଜି ହେଉ ବା କାଲି ହେଉ କିମ୍ବା ଦଶ ବର୍ଷ ପରେ ହେଉ, ଦିନେ ସମସ୍ତଙ୍କୁ ସେହି ସର୍ବଗ୍ରାସୀ ଶମନସଦନକୁ ଯିବାକୁ ହେବ । ଅଗଣିତ ସୈନ୍ୟ-ସମାବୃତ ଲୋକ-ଶାସନକାରୀ ସମ୍ରାଟଙ୍କଠାରୁ ଆରମ୍ଭ କରି ବୃକ୍ଷତଳବାସୀ ଛିନ୍ନକନ୍ଥାସମ୍ବଳ ଭିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ଦିନେ ମୃତ୍ୟୁମୁଖରେ ପତିତ ହେବାକୁ ପଡ଼ିବ । ମୃତ୍ୟୁ କାହାର ଅପେକ୍ଷା ରଖେ ନାହିଁ । ମୃତ୍ୟୁ କାହାର ଧନଗୌରବ ପ୍ରତି ଦୃକ୍‌ପାତ କରେ ନାହିଁ । କେତେ ଦୁର୍ଦ୍ଧର୍ଷ ପ୍ରତାପାନ୍ୱିତ ମହାରଥୀ ଏହି ଜଗତରେ ଜନ୍ମଗ୍ରହଣ କରି ନିଜ ନିଜ ବଳବୀର୍ଯ୍ୟରେ ବସୁନ୍ଧରା ପ୍ରକମ୍ପିତ କରିଥିଲେ; କିନ୍ତୁ ସେମାନେ କେହି ଜୀବିତ ନାହାନ୍ତି । ବାସ୍ତବିକ ମନୁଷ୍ୟର ଏମିତି କିଛି ଶକ୍ତି ନାହିଁ, ଯଦ୍ଦ୍ୱାରା ସେ ଦାରୁଣ ବିଭୀଷିକାମୟୀ ମୃତ୍ୟୁର ପ୍ରତିରୋଧ କରିପାରିବ ।"

ମୃତ୍ୟୁର ଗତିରୋଧ କରିବାର ଶକ୍ତି ମନୁଷ୍ୟର ନାହିଁ ସତ; କିନ୍ତୁ ମୃତ୍ୟୁତତ୍ତ୍ୱ ଜାଣି ଅମୃତ ଲାଭ କରିବାର ଶକ୍ତି ତାହାର ଅଛି । ମୃତ୍ୟୁଚିନ୍ତା ଅମୃତଲାଭର ପରମସହାୟକ । ଏହି ମୃତ୍ୟୁକଥା ଚିନ୍ତା କରି କେତେ ମହାଜନ ସଂସାରସଙ୍ଗ ପରିତ୍ୟାଗପୂର୍ବକ ଅମୃତଲୋକର ସନ୍ଧାନ ପାଇଛନ୍ତି । ମୃତ୍ୟୁଚିନ୍ତାର ପ୍ରଣାଳୀ ଶ୍ରୀ ଶ୍ରୀ ଠାକୁର ନିମ୍ନଲିଖିତ ଭାବରେ ତାଙ୍କ ପ୍ରଣୀତ ଗ୍ରନ୍ଥାବଳୀରେ ଲେଖିଛନ୍ତି ।

# ମୃତ୍ୟୁଚିନ୍ତାର ଧାରାବାହିକ ପ୍ରଣାଳୀ

"ସର୍ବଦା ସର୍ବାବସ୍ଥାରେ ଯେପରି ମନେହୁଏ, ମୋତେ ମରିବାକୁ ହେବ । କେଉଁ ମୁହୂର୍ତ୍ତରେ ସେ ମରଣଦୁନ୍ଦୁଭି ବାଜିଉଠିବ, ତାହାର ନିଶ୍ଚୟତା ନାହିଁ । ଭଲ ମନ୍ଦ ଯେ କୌଣସି କାର୍ଯ୍ୟ କରିବା ପୂର୍ବରୁ ମୋତେ ମୃତ୍ୟୁ କଥା ସ୍ମରଣ ରଖିବାକୁ ହେବ । ମରଣ କଥା ମନେ ଥିଲେ ଆଉ ମରଜଗତରେ ମଦନମରଣର ଅଭିନୟ କରିବାକୁ ମନ ଅଗ୍ରସର ହେବ ନାହିଁ । ସର୍ବଦା ମୃତ୍ୟୁ ଚିନ୍ତା କରି କାର୍ଯ୍ୟ କଲେ ହୃଦୟରେ ପାପ ସ୍ଥାନ ପାଇବ ନାହିଁ; ଦୁର୍ବଳ ପ୍ରତି ଅତ୍ୟାଚାର କରିବାକୁ ଚିତ୍ତ ଧାବିତ ହେବ ନାହିଁ । ବିଷୟ ବିଭବ, ଆତ୍ମୀୟସ୍ୱଜନଙ୍କର ମାୟା ଶତବାହୁ ସୃଜନ କରି ଆସକ୍ତି-ଶୃଙ୍ଖଳରେ ଆଉ ବାନ୍ଧିପାରିବ ନାହିଁ । କର୍ମସୂତ୍ରର ପରିଚ୍ଛଦରେ ଏହି ସଂସାର, ଏହି ବିଷୟ ସମ୍ପତ୍ତି ପଡ଼ିଥିବ; ଅନାଦି ଅନନ୍ତ କାଳରୁ ମଧ୍ୟ ଏହା ପଡ଼ିରହିଛି । ମୋପରି କେତେ ଜଣ ଏହି ସଂସାରକୁ ଆସି, ଗୃହସଂସାର ଓ ସ୍ତ୍ରୀ ପୁତ୍ରଙ୍କୁ ସ୍ନେହ ବନ୍ଧନରେ ବାନ୍ଧି ରଖିବାକୁ ଚେଷ୍ଟା କରିଥିଲେ; କିନ୍ତୁ କାଳସ୍ରୋତରେ ସେ ସମସ୍ତେ କେଉଁଆଡ଼େ ଭାସି ଯାଇଛନ୍ତି । ଯାହାଙ୍କ ଅକ୍ଷୟ ଭଣ୍ଡାରର ଜିନିଷ, ତାହା ତାଙ୍କର ଅକ୍ଷୟ ଭଣ୍ଡାରରେ ପଡ଼ିରହିଛି । ମୁଁ ଭଗବାନଙ୍କ ସଂସାରରେ ଜଣେ ଭୃତ୍ୟମାତ୍ର । ଇହସଂସାରରେ ମୃତ୍ୟୁରୂପ ଗୁରୁପଦ ପାଇଲା ମାତ୍ରେ ମୋତେ ଏଠା ଛାଡ଼ି ଚାଲିଯିବାକୁ ହେବ । ଯେପରି ମନେହୁଏ, ଧନସମ୍ପଦର ଅହଂକାର, ବିଦ୍ୟାବୁଦ୍ଧିର ଗର୍ବ ସବୁ ବୃଥା । ଦିନେ ସବୁ ଚୂର୍ଣ୍ଣୀଭୂତ ହୋଇ ଯିବ । ଶାରୀରିକ ବଳ, ବୀର୍ଯ୍ୟ, ଧନ, ଜନ, ସମ୍ପଦ, ପ୍ରତାପ, ପ୍ରଭୁତ୍ୱ ପ୍ରଭୃତିର ଗର୍ବ ମୃତ୍ୟୁ ନିକଟରେ ଖର୍ବ ହେବ । ଯେପରି ମନେହୁଏ, ଆଜି ପାର୍ଥିବ ପଦାର୍ଥର ଅହଂକାରରେ ଉନ୍ମତ୍ତ ହୋଇ ଜଣେ ନିରାଶ୍ରୟ ଦୁର୍ବଳକୁ ତୁମେ ପଦାଘାତ କରୁଛ; କିନ୍ତୁ ଏପରି ଦିନ ଆସିବ, ଯେଉଁ ଦିନ ଶ୍ମଶାନରେ ଶବାକାରରେ ଶୟନ କରି ତୁମେ ଶ୍ୱାନ, ଶୃଗାଳଙ୍କ ଦ୍ୱାରା ପଦଦଳିତ ହେବ । ସେହି ଦିନ ନୀରବରେ ସବୁ ସହ୍ୟ କରିବାକୁ ପଡ଼ିବ । ଏହିପରି ଚିନ୍ତା କଲେ କ୍ରମେ ପାର୍ଥିବ ପଦାର୍ଥର ଅସାରତା ହୃଦୟଙ୍ଗମ ହେବ । ସେତେବେଳେ ଆସକ୍ତିର ବନ୍ଧନ ଶିଥିଳ ହୋଇଯିବ ।

"ପ୍ରକୃତ ପକ୍ଷରେ ଯେଉଁମାନେ ଘୋର ସଂସାରାସକ୍ତ, ଯେଉଁମାନେ ସଂସାରକୁ ନିତ୍ୟ ଜ୍ଞାନ କରି ଅସ୍ଥାୟୀ ଧନ-ଜନ ନେଇ ମତ୍ତ ଅଛନ୍ତି, ଯେଉଁମାନେ ଦେହାତ୍ମବୁଦ୍ଧିସମ୍ପନ୍ନ, ସେମାନଙ୍କ ମୋହ ଭାଙ୍ଗିବା ନିମିତ୍ତ ଉପରୋକ୍ତ ପ୍ରଣାଳୀମତେ ମୃତ୍ୟୁଚିନ୍ତାର ବ୍ୟବସ୍ଥା । ଅନ୍ୟଥା ଯେଉଁମାନେ ସାମାନ୍ୟ ତତ୍ତ୍ୱଜ୍ଞାନ ଆୟତ୍ତ କରିଛନ୍ତି, ସଂସାରର ଅନିତ୍ୟତା ବିଷୟରେ ଯେଉଁମାନଙ୍କର ସୁସ୍ପଷ୍ଟ ଅଭିଜ୍ଞତା ଜନ୍ମିଅଛି, ସେମାନଙ୍କ ନିକଟରେ ମୃତ୍ୟୁ ଆନନ୍ଦର, ଶାନ୍ତିର ଓ ପ୍ରୀତିର ସୋପାନ । ସେମାନଙ୍କର ମୃତ୍ୟୁ ଭୟ ନାହିଁ ।"

ଶ୍ରୀ ଶ୍ରୀ ଠାକୁର ତାଙ୍କର ଜଣେ ଶିଷ୍ୟଙ୍କ ମୃତ୍ୟୁଭୟ ନିବାରଣ କରିବାକୁ ଯେଉଁ ପତ୍ର ଲେଖିଥିଲେ, ତାହା ନିମ୍ନରେ ଦିଆଗଲା—

"ମରଣର ପରପାରର ଖବର ଜୀବ ଜାଣେ ନାହିଁ ବୋଲି ମୃତ୍ୟୁ ନାମରେ ଏତେ ଭୟ ପାଏ । ଆଜି ହେଉ ବା କାଲି ହେଉ, ଯେତେବେଳେ ନିଶ୍ଚୟ ମରିବାକୁ ହେବ, ସେତେବେଳେ ମରଣକୁ ଭୟ କଲେ ଚଳିବ ବା କିପରି ? ବିଶେଷତଃ ଯେଉଁମାନେ ସଦ୍‌ଗୁରୁଙ୍କ ଚରଣ ଆଶ୍ରୟ କରିଛନ୍ତି, ସେମାନେ ଏହି ରୋଗଶୋକପୂର୍ଣ୍ଣ ଜ୍ୱାଳାମୟ ସଂସାର ଛାଡ଼ି ମୃତ୍ୟୁ ପରେ ଶାନ୍ତିପୂର୍ଣ୍ଣ ଆନନ୍ଦଧାମକୁ ଶ୍ରୀ ଶ୍ରୀ ଗୁରୁଦେବଙ୍କ ନିକଟକୁ ଯିବେ । ମୃତ୍ୟୁ ସେ ରାଜ୍ୟର ଦ୍ୱାର । ସୁତରାଂ ମରଣକୁ ଭୟ ନ କରି ଆନନ୍ଦିତ ହେବା ଉଚିତ୍ । ସଂସାରରେ ପ୍ରାରବ୍ଧ ଭୋଗ ଓ କର୍ତ୍ତବ୍ୟ କରିଯାଅ; କିନ୍ତୁ ମନଟିକୁ ମରଣର ପରପାରରେ ଥିବା ଆନନ୍ଦଧାମର ଚିନ୍ତାରେ ନିୟୁକ୍ତ କରି ରଖ ।"

## ମୃତ୍ୟୁଭୀତି ନିବାରଣ

"ଦେଖ, ଏଠାରେ ତୁମେମାନେ ଚିରଦିନ ରହିବ ନାହିଁ । ଦିନେ ନା ଦିନେ ସମସ୍ତେ ମୃତ୍ୟୁମୁଖରେ ପତିତ ହେବେ । ମୃତ୍ୟୁ ନିମିତ୍ତ ପୂର୍ବରୁ ପ୍ରସ୍ତୁତ ହେଲେ, ମୃତ୍ୟୁ କ'ଣ, ପରଲୋକ କ'ଣ, ମୃତ୍ୟୁ ପରେ ଆତ୍ମାର କିପରି ଗତି ହୁଏ, ଏସବୁ ବିଷୟ ଆଲୋଚନା କଲେ ମୃତ୍ୟୁବିଭୀଷିକା ଆଉ ମନୁଷ୍ୟକୁ ଦୁର୍ବଳ କରିପାରିବ ନାହିଁ । ତୁମେମାନେ ମୃତ୍ୟୁ ଓ ପରଲୋକ ନେଇ ଆଲୋଚନା କରି ଦେଖ, ଏଥିରେ ତୁମମାନଙ୍କର ଜୀବନ ପ୍ରଭୂତ ପରିମାଣରେ

ଉନ୍ନତ ହୋଇଉଠିବ । ମରଣଟା ବାସ୍ତବିକ କିଛି ଭୟର କାରଣ ନୁହେ । କେବଳ ମନୁଷ୍ୟ କୁସଂସ୍କାର ବଶବର୍ତ୍ତୀ ହୋଇ ମୃତ୍ୟୁକୁ ଭୟ କରେ ।''

''ମାନବଙ୍କ ଇତିହାସର କମ୍ବୃନ୍ତର ପର୍ଯ୍ୟାଲୋଚନା କଲେ ଦେଖିବାକୁ ମିଳିବ ଯେ, ମୃତ୍ୟୁମୁଖରେ ଚୂନକାଳା ଦେଇ ମନୁଷ୍ୟ ତାକୁ ବିନା କାରଣରେ କମ୍ଭୂତକିମାକାର କରି ରଖିଛି । ଯେଉଁ ଜାତି ଯେତେ ଅସଭ୍ୟ, ସେ ଜାତି ସେତେ ଭୟଙ୍କର ଭାବରେ ମରଣର ଛବି ଅଙ୍କନ କରିବାକୁ ଚେଷ୍ଟା କରିଛି । ଏପରି କି ଉନ୍ନତ ଖ୍ରୀଷ୍ଟୀୟ ବ୍ରହ୍ମବିଦ୍ୟାରେ ମୃତ୍ୟୁ ଅର୍ଥ ଅନ୍ଧକାରମୟ ଅଧିତ୍ୟକା । କିନ୍ତୁ ସତ୍ୟ ଲୁଚିବାର ବସ୍ତୁ ନୁହେଁ । ଯୋଗ-ବଳରେ ହେଉ ବା ଆଧ୍ୟାତ୍ମିକ ଶକ୍ତିବଳରେ ହେଉ, ଏପରି ଶକ୍ତି ନେଇ ମହାପୁରୁଷମାନେ ଜନ୍ମଗ୍ରହଣ କରନ୍ତି ଯେ, ଯଦ୍ଦ୍ୱାରା ସାମୟିକ ସଂକୀର୍ଣ୍ଣତା ଅତିକ୍ରମ କରି ଜନ୍ମମୃତ୍ୟୁର ରହସ୍ୟ ଉଦ୍‌ଘାଟନ କରିବାକୁ ସେମାନେ ସମର୍ଥ ହୁଅନ୍ତି ।''

ଶ୍ରୀ ଶ୍ରୀ ଠାକୁର ସାଧନା ସାହାଯ୍ୟରେ ଯୋଗବଳ ଓ ଆଧ୍ୟାତ୍ମିକ ଶକ୍ତି ଉଭୟବିଧ ସମ୍ପଦ ଲାଭ କରି ମୃତ୍ୟୁତତ୍ତ୍ୱର ଯେଉଁ ନିଗୂଢ଼ ରହସ୍ୟ ଭେଦ କରିଥିଲେ 'ତତ୍ତ୍ୱମାଳା' ପୁସ୍ତକର ମୃତ୍ୟୁତତ୍ତ୍ୱରେ ତାହାର କିୟଦଂଶ ପ୍ରକାଶ ପାଇଛି । ଶ୍ରୀ ଶ୍ରୀ ଠାକୁର ଲେଖିଛନ୍ତି—

''ମୃତ୍ୟୁ ଶବ୍ଦର ଅର୍ଥ ପରିବର୍ତ୍ତନ' । ଲୋକେ କହନ୍ତି ଅମୁକର ଆୟୁ ପୂରିଗଲା, ତେଣୁ ସେ ମରିଛି । ଭୋଗ୍ୟ ତେଜକୁ ଆୟୁ କୁହାଯାଏ, ଅର୍ଥାତ୍ ଲିଙ୍ଗଶରୀରର ସତ୍ତାକୁ 'ଆୟୁ' ନାମରେ ଅଭିହିତ କରାଯାଇଛି । ମୃତ୍ୟୁ କହିଲେ ଆମ୍ଭେମାନେ ସ୍ୱଭାବର ପରିବର୍ତ୍ତନ ବୋଲି ବୁଝୁ । ସେ ପରିବର୍ତ୍ତନ ଦେହଗତ ବା ବ୍ୟକ୍ତିଗତ ନୁହେଁ, ସେ ପରିବର୍ତ୍ତନ ଆଧ୍ୟାତ୍ମିକ । ମନୁଷ୍ୟର ସ୍ଥୂଳ ଶରୀର ଭିତରେ ଯେଉଁ ଆଧ୍ୟାତ୍ମିକ ତତ୍ତ୍ୱ ଅଛି, ମୃତ୍ୟୁ ପରେ ତାହାର ପରିବର୍ତ୍ତନ ହୁଏ ।''

## ମୃତ୍ୟୁର ସ୍ୱରୂପ

ଅନେକ ମନେ କରନ୍ତି ଯେ, ମୃତ୍ୟୁ ହେଲେ ସବୁ ଶେଷ ହୋଇଗଲା । କିନ୍ତୁ ପ୍ରକୃତ ପକ୍ଷରେ ତାହା ନୁହେଁ । ଏ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି,

"ମନେକର ନାହିଁ ଯେ ମୃତ୍ୟୁ ଇହଜୀବନ ଚରମସୀମା । ମରିବା ମାତ୍ରେ ସବୁ ଶେଷ ହୋଇଯାଏ ନାହିଁ । ମୃତ୍ୟୁର ଅର୍ଥ ପରିବର୍ତ୍ତନ ହେଲେ ମଧ୍ୟ ସେ ପରିବର୍ତ୍ତନ ସମ୍ପୂର୍ଣ୍ଣ ନୁହେଁ । ସେଥିରେ ବ୍ୟକ୍ତିଗତ ଚରିତ୍ର ଏକାବେଳକେ ବିନଷ୍ଟ ହୋଇପାରେ ନାହିଁ । ମନେ ରଖ, ଗୋଲାପର କଢ଼ଟି ଫୁଟିଲେ ଫୁଲର ଅବସ୍ଥା ଓ ଅବସ୍ଥିତିଗତ ପରିବର୍ତ୍ତନ ଯେପରି ହୁଏ, ମନୁଷ୍ୟ ମଲେ ତାହାର ଆତ୍ମାଗତ ପରିବର୍ତ୍ତନ ତାହାଠାରୁ ଅଧିକ ନୁହେଁ । ସେଥିପାଇଁ ମୃତ୍ୟୁକୁ ଆତ୍ମାର ଅନନ୍ତ ଜୀବନଲାଭ ବୋଲି ସାଧୁମାନେ ଅଭିହିତ କରନ୍ତି ।"

## ମୃତ୍ୟୁର ଆକ୍ରମଣ

କିପରି ମନୁଷ୍ୟ ଧୀରେ ଧୀରେ ମରଣକୋଳରେ ଢଳିପଡ଼େ, କିପରି ମରଣ ଆସି ମନୁଷ୍ୟର ହାତ ଧରି ନେଇଯାଏ; ତାହାର ବର୍ଣ୍ଣନା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି, "ଯେଉଁ ମୁହୂର୍ତ୍ତରୁ ମନୁଷ୍ୟର ଦେହପୂର୍ଣ୍ଣ ବିସ୍ତୃତ, ପରିପୂର୍ଣ୍ଣ ଓ ପୁଷ୍ଟ ହୁଏ, ସେହି ମୁହୂର୍ତ୍ତରୁ ପରିବର୍ତ୍ତନର ସୂତ୍ରପାତ ହୁଏ । ପ୍ରତିଦିନ, ପ୍ରତି ନିମିଷରେ ମନୁଷ୍ୟର ମନୋବୃତ୍ତି ସବୁ ମରିଯାଇ ନିଜ ନିଜ ଅଧିକାରଭୂମିରୁ ଅପସୃତ ହୁଅନ୍ତି । ଏହି ପରିବର୍ତ୍ତନ ପ୍ରଥମେ ଅତି ଅଲକ୍ଷିତ ଭାବରେ ଚାଲିଥାଏ । କିନ୍ତୁ ତାହା ଯେ ନିରନ୍ତର ବର୍ଦ୍ଧିଷ୍ଣୁ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ମନୁଷ୍ୟର ବୟସ ଯେତେ ବର୍ଦ୍ଧିତ ହେଉଥାଏ ସଙ୍ଗେ ସଙ୍ଗେ ତାହାର ଆତ୍ମା ମଧ୍ୟ ଚୈତନ୍ୟରାଜ୍ୟରେ ସେତିକି ଅଧିକତର ପରିସ୍ଫୁଟ ହେଉଥାଏ । ସେହି ସୂକ୍ଷ୍ମାତିସୂକ୍ଷ୍ମ, ସର୍ବତ୍ରଗାମୀ ଆତ୍ମା ନିକଟରେ ଲାଳସାମୟ, ମୃତବସ୍ତୁପୂର୍ଣ୍ଣ ଅଶୁଚି ଶରୀର ବଡ଼ ସ୍ଥୂଳ, ବଡ଼ ଗତିହୀନ, ନିତାନ୍ତ ଜଡ଼ଭାବାପନ୍ନ ବୋଲି ପ୍ରତୀୟମାନ ହୁଏ । ସେହି ଶରୀରରେ ସୂକ୍ଷ୍ମ ଆତ୍ମାର କୌଣସି କାର୍ଯ୍ୟ ଚାଲିପାରେ ନାହିଁ । ତା ପରେ ମୃତ୍ୟୁ ଉପସ୍ଥିତ ହେଲେ ଆତ୍ମାର ସ୍ଥୂଳ ଦେହରେ ସୂକ୍ଷ୍ମ ଉପାଦାନରେ ଗୋଟିଏ ସୂକ୍ଷ୍ମ ଶରୀର ଗଠନ କରି ତାହାରି ବିଦାୟ ନେବା ନିମିତ୍ତ ପ୍ରସ୍ତୁତ ହୁଏ । କିନ୍ତୁ ହୃଦୟ, ଧମନୀ, ମସ୍ତିଷ୍କ ପ୍ରଭୃତି ଶାରୀରିକ ଯନ୍ତ୍ର ସକଳ ଆତ୍ମାକୁ

ଛାଡ଼ିବାକୁ ଇଚ୍ଛାନ୍ତ ନାହିଁ । ସ୍ଥୂଳ ଦେହ ପ୍ରାଣପଣ ଆତ୍ମାକୁ ଧରି ରଖିବାକୁ ଚେଷ୍ଟା କରେ । ଏହି ଧସ୍ତାଧସ୍ତି ହେତୁ ମୃତ୍ୟୁ ସମୟରେ ଦେହୀର ଶରୀରରେ ଅନେକ ଲକ୍ଷଣ ପ୍ରକାଶ ପାଏ । ଆମ୍ଭେମାନେ ସାଧାରଣତଃ ଏସବୁକୁ କଷ୍ଟର ଲକ୍ଷଣ ବୋଲି ମନେକରୁ, କିନ୍ତୁ ଏଥିରେ କଷ୍ଟର କୌଣସି କାରଣ ନାହିଁ । ଆତ୍ମା ଯେ ଚିରଦିନ ନିମିତ୍ତ ଦେହର ସଙ୍ଗ ତ୍ୟାଗ କରୁଛି, ସେଗୁଡ଼ିକ ତାହାର ନିଦର୍ଶନ । ସେ ସମୟରେ ମନୁଷ୍ୟ ଭିତରେ ଯେଉଁ ଆନନ୍ଦ ହୁଏ, ତାହା ଅନିର୍ବଚନୀୟ । ଆମ୍ଭେମାନେ ବାହାରେ ଦେଖୁ, ଜୀବର ମୃତ୍ୟୁ ଯନ୍ତ୍ରଣା ହେଉଛି । କିନ୍ତୁ ତାହା ଅନ୍ତରାତ୍ମାର ଆନନ୍ଦର ପରିଚାୟକ । ଅତ୍ୟନ୍ତ ଦୁଃଖ ଓ ଅତ୍ୟନ୍ତ ସୁଖର ବହିର୍ବିକାଶ ପ୍ରାୟ ଏକା ପ୍ରକାର । ସ୍ୱାଭାବିକ ମରଣରେ କୌଣସି କ୍ଳେଶ ନାହିଁ । ବ୍ୟାଧି ବା ଦୁର୍ଘଟଣାରେ ମୃତ୍ୟୁ ନ ହେଲେ ମରଣ ଗୋଟିଏ ଭଙ୍ଗସ୍ଥାନ, ଜାଗରଣସ୍ଥାନ, ସୁଷୁପ୍ତି ଅବସ୍ଥା ଭିନ୍ନ ଆଉ କିଛି ନୁହେଁ । କ୍ଳାନ୍ତ ପଡେ଼ ଯେପରି ମନୁଷ୍ୟ ଶୋଇପଡ଼େ, ସ୍ୱାଭାବିକ ମୃତ୍ୟୁ ସେହିପରି । ମନୁଷ୍ୟର ସେତେବେଳେ ଅନ୍ୟ କାହା ସହିତ କଥା କହିବାକୁ ଇଚ୍ଛା ହୁଏ ନାହିଁ । ସେତେବେଳେ ତା'ର ସଂସାରର ସମସ୍ତ ବିଷୟ ପ୍ରତି ଏକପ୍ରକାର ଉଦାସୀନ ବା ବୈରାଗ୍ୟ ଭାବ ଆସି ଥାଏ । ମନୁଷ୍ୟକୁ ଏହି ସମୟରେ ସୁଖରେ ମରିବାକୁ ଦେବା ଦରକାର, କିନ୍ତୁ କୁସଂସ୍କାରର ବଶବର୍ତ୍ତୀ ହୋଇ ଉଚ୍ଚ ସ୍ୱରରେ କ୍ରନ୍ଦନରୋଳ ଉଠାଇ ମୃତ୍ୟୁପଥଯାତ୍ରୀକୁ ଆମ୍ଭେମାନେ ବିବିଧ କଷ୍ଟ ଦେଇଥାଉଁ । ଆକସ୍ମିକ ଭାବରେ ଭାବରେ ଦୁର୍ଘଟଣାରେ ମୃତ୍ୟୁ ହେଲେ ପୂର୍ବରୁ ପ୍ରସ୍ତୁତ ନ ଥିବାରୁ ସୂକ୍ଷ୍ମ ଦେହ ଗଠିତ ହେବାକୁ ବହୁତ ବିଳମ୍ବ ହୁଏ । ଦୀର୍ଘ ଦିନ ରୋଗଭୋଗ ପରେ ଯେଉଁ ମୃତ୍ୟୁ ହୁଏ, ତାହା ମଧ୍ୟ ସ୍ୱାଭାବିକ ମୃତ୍ୟୁ । ଆକସ୍ମିକ ମୃତ୍ୟୁ ମୁହୂର୍ତ୍ତକ ଭିତରେ ସ୍ଥୂଳ ଦେହକୁ ଆତ୍ମାର ଅବସ୍ଥାନର ଅନୁପଯୁକ୍ତ କରିଦିଏ ।

## ସ୍ଥୂଳ ଦେହ ତ୍ୟାଗ

ଯେ କୌଣସି ସମୟରେ ବା ଯେ କୌଣସି ଭାବରେ ମୃତ୍ୟୁ ହେଲେ ମଧ୍ୟ ମୃତ୍ୟୁ ସମୟରେ ସମସ୍ତଙ୍କର ମାନସିକ ଅବସ୍ଥା ଏବଂ ଉତ୍କ୍ରାନ୍ତି ପ୍ରାୟ ଏକପ୍ରକାର ହୋଇଥାଏ । କିପରି ଭାବରେ ମନୁଷ୍ୟର ଦେହତ୍ୟାଗ ହୁଏ,

ସେ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର କହୁଛନ୍ତି—ଜୀବନର ଶେଷ ମୁହୂର୍ତ୍ତରେ ଜୀବନର ଆଧ୍ୟାତ୍ମିକ ଜ୍ଞାନ ଅନୁଭୂତ ଅର୍ଜିତ ହୁଏ ଏବଂ ସେତେବେଳେ ତାର ଭବିଷ୍ୟତ ଆବାସଭୂମିର ଅନନ୍ତ ଭାସ୍ୱରବୈଭବ ନୟନରେ ପ୍ରତିଫଳିତ ହୋଇଥାଏ । ଏହାପରେ ମୃତ୍ୟୁକାଳ ଉପସ୍ଥିତ ହେବାକ୍ଷଣି ମରଣପଥ-ଯାତ୍ରୀଙ୍କର ମସ୍ତକ ଚାରିପାଖରେ ଏକପ୍ରକାର ଅତି ସୂକ୍ଷ୍ମ, କୋମଳ, ଜ୍ୟୋତିଷ୍ମାନ ମଣ୍ଡଳ ପ୍ରକାଶ ପାଏ । ମସ୍ତିଷ୍କର ଊର୍ଦ୍ଧ୍ୱାଧଃ ପିଣ୍ଡ (Cerebrum and Cerebellum)ର ଗଭୀରତମ ଅଂଶ ବିକଶିତ ହୋଇଉଠେ । ଜୀବନ୍ତ ଅବସ୍ଥାରେ ଯେଉଁ ଜୀବନ ତଡ଼ିତ୍ ଓ ଚୌମ୍ବିକ ଶକ୍ତି ଶରୀରରେ ଅଧସ୍ତନ ବୃତ୍ତିଗୁଡ଼ିକୁ ଅନୁପ୍ରାଣିତ କରି ଚାଲୁଥିଲା, ତାହା ସେତେବେଳେ ଶତଗୁଣ ବର୍ଦ୍ଧିତ ହୋଇ କେବଳ ମସ୍ତିଷ୍କର ଆଶ୍ରୟ ନିଏ, ଅର୍ଥାତ୍ ସୁସ୍ଥ ଓ ଜୀବନ୍ତ ଅବସ୍ଥା ଅପେକ୍ଷା ସେତେବେଳେ ବୁଦ୍ଧିବୃତ୍ତି ଶତଗୁଣ ପରିବର୍ଦ୍ଧିତ ହୋଇଉଠେ । ଶରୀର ଧ୍ୱଂସର ଅବ୍ୟବହିତ ପୂର୍ବରୁ ଏହି ବୃଦ୍ଧି ସବୁଜୀବଙ୍କଠାରେ ପରିଲକ୍ଷିତ ହୁଏ । ଯଥାର୍ଥ ମୃତ୍ୟୁ ବା ଆତ୍ମାର ସର୍ବତୋଭାବରେ ଦେହତ୍ୟାଗ ପ୍ରକୃତ ପକ୍ଷରେ ଆରମ୍ଭ ହେଲେ ଶରୀରର ସବୁ ଇନ୍ଦ୍ରିୟରୁ ଓ ସବୁ ବୃତ୍ତିମାନଙ୍କଠାରୁ ତଡ଼ିତ୍ଶକ୍ତି ଓ ଚୌମ୍ବିକ ଶକ୍ତି ଏବଂ ଜୀବନର ଅନୁଭୂତ ପ୍ରଭୃତି ଶକ୍ତିକୁ ମସ୍ତିଷ୍କ ଆକର୍ଷଣ କରେ । ତାହା ଫଳରେ ଶିରୋମଣ୍ଡଳର ବହିର୍ଭାଗରେ ଗୋଟିଏ ଜ୍ୟୋତିଷ୍ମାନ ମଣ୍ଡଳର ବିକାଶ ହୁଏ । ଶରୀରର ଅଧୋଭାଗ ଯେଉଁ ପରିମାଣରେ ଶୀତଳ ଓ କାଳିମାଚ୍ଛନ୍ନ ହେଉଥାଏ, ସେହି ପରିମାଣରେ ସେହି ଜ୍ୟୋତିଃର ଦୀପ୍ତି ବର୍ଦ୍ଧିତ ହେଉଥାଏ । ସେହି ମଣ୍ଡଳରେ ମସ୍ତକର ଚତୁର୍ଦ୍ଦିଗର ସେହି ସୂକ୍ଷ୍ମ ବ୍ୟୋମରେ ଆଉ ଗୋଟିଏ ମସ୍ତକର ଗୋଟିଏ ଅସ୍ପଷ୍ଟ ରେଖା କ୍ରମେ ସ୍ପଷ୍ଟ ହୋଇଉଠେ । କ୍ରମେ କ୍ରମେ ସେହି ଜ୍ୟୋତିଷ୍ମାନ ବ୍ୟୋମ ଘନୀଭୂତ ହୋଇ ତାହାକୁ ଗୋଟିଏ ଘନୀଭୂତ ଆଲୋକମଣ୍ଡଳରେ ପରିଣତ କରେ । ଯେତେବେଳେ ଏହି ମସ୍ତକର ଗଠନକାର୍ଯ୍ୟ ଚାଲିଥାଏ, ସେହି ସମୟରେ ଦେହନିଃସୃତ ଆଲୋକଛଟାର ପରମାଣୁମଣ୍ଡଳୀରେ ଗୋଟିଏ କମ୍ପନ ସୃଷ୍ଟି ହୁଏ । ଏହିପରି ଜ୍ୟୋତିଷ୍ମାନ ଉପାଦାନରେ ମୃତ ଶରୀରର ସ୍କନ୍ଧ ଗ୍ରୀବା

ଆଦି ଅନୁକରଣ କରି ଗୋଟିଏ ସର୍ବାଙ୍ଗୀନ ସୂକ୍ଷ୍ମ ଶରୀର ଗଠିତ ହୁଏ । ସ୍ମରଣ ରଖିବାକୁ ହେବ ଯେ ଯେଉଁମାନଙ୍କର ଯୋଗ ବା ଆଧ୍ୟାତ୍ମିକ ଶକ୍ତି ବିକଶିତ ହୋଇନାହିଁ, ସେମାନଙ୍କ ପକ୍ଷରେ ଏହି ଅତୀନ୍ଦ୍ରିୟ ଅନୁଭୂତି ଏକାବେଳକେ ଅସମ୍ଭବ । ପ୍ରଥମତଃ ସ୍ଥୂଳ ଶରୀରରେ ଯେଉଁସବୁ ପ୍ରକୃତିଗତ ଦୋଷଥାଏ, ସେହି ସୂକ୍ଷ୍ମ ଦେହରେ ସେହିସବୁ ଦୋଷ ଆଦୌ ପରିଦୃଷ୍ଟ ହୁଏ ନାହିଁ । ଯେଉଁ ସବୁ ଦୋଷ ଜୀବିତାବସ୍ଥାରେ ଆତ୍ମାର ପୂର୍ଣ୍ଣବିକାଶ ପକ୍ଷରେ ଅନ୍ତରାୟ ଥିଲା, ମୃତ୍ୟୁପରେ ତାହା ନ ଥାଏ ବୋଲି ଆତ୍ମା କ୍ରମଶଃ ଉନ୍ନତି ପଥରେ ଧାବମାନ ।

## ଆତ୍ମାର ଉଜ୍ଜ୍ୱଳ ଜ୍ୟୋତିର୍ମୟ ଦେହ

"ଏହିପରି ଆତ୍ମା ଉଜ୍ଜ୍ୱଳ ଜ୍ୟୋତିର୍ମୟ ଦେହ ଧାରଣ କରି ମୃତ ଶରୀରସ୍ଥ ମସ୍ତିଷ୍କ ଉପରେ ଦଣ୍ଡାୟମାନ ହୁଏ । ଦେହ ଓ ଆତ୍ମାର ଏତେ ଦିନର ଏକତ୍ର ବାସ, ଏତେଦିନର ସ୍ନେହ ଓ ଅନୁରାଗ ଛାଡ଼ି ମଧ୍ୟ ଛାଡ଼ିବାକୁ ଆତ୍ମା ଚାହେଁ ନାହିଁ । ଅତିବାହ୍ୟକ ଦେହର ଶୂନ୍ୟସ୍ଥ ଚରଣ ଓ ଭୂମିଶାୟିତ ମୃତ ଦେହର ମସ୍ତକ ମଧ୍ୟରେ ଗୋଟିଏ ଜୀବନୀ-ତଡ଼ିତ୍‌ର ସୂକ୍ଷ୍ମ ବନ୍ଧନରଜ୍ଜୁ ଦେଖିବାକୁ ମିଳେ । ସେଥିରୁ ବେଶ ବୁଝାଯାଏ ଯେ, ମନୁଷ୍ୟ ଯାହାକୁ ମୃତ୍ୟୁ କହେ, ତାହା ଗୋଟିଏ ନବଜନ୍ମ ଅନ୍ୟ କିଛି ନୁହେଁ । ଜନ୍ମ ହେବା-ବେଳେ ନାଭିରଜ୍ଜୁ ଗଳାରେ ପିନ୍ଧି ମନୁଷ୍ୟ ସଂସାରରେ ଭୂମିଷ୍ଠ ହୁଏ ଠିକ୍ ସେହିପରି ମରଣପଥରେ ଅତୀନ୍ଦ୍ରିୟ ରାଜ୍ୟରେ ଏହି ସୂକ୍ଷ୍ମ ଜ୍ୟୋତିର୍ମୟ ଜୀବନୀରଜ୍ଜୁ ବା ସୂକ୍ଷ୍ମ ତଡ଼ିତ୍ ତନ୍ତୁ ନେଇ ଅତିବାହ୍ୟକ ଦେହର ଜନ୍ମ ହୁଏ । ଏହି ଜୀବନରଜ୍ଜୁ ବା ସୂକ୍ଷ୍ମ ତଡ଼ିତ୍ ତନ୍ତୁ କ୍ଷଣକାଳ ନିମିତ୍ତ ମୃତଦେହ ଓ ଅତିବାହ୍ୟକ ଦେହକୁ ପରସ୍ପର ସଂଯୁକ୍ତ କରି ରଖିଥାଏ । ସେଥିପାଇଁ ମରିବା ସଙ୍ଗେ ସଙ୍ଗେ ଶବ ସଂସ୍କାର କରିବା ଉଚିତ ନୁହେଁ । ସୂକ୍ଷ୍ମ ଶରୀରର ଏହି ଅଶରୀରୀ ନାଭିରଜ୍ଜୁ ଅନେକ ସମୟଯାଏ ବିଚ୍ଛିନ୍ନ ହୋଇପାରେ ନାହିଁ । ତାହା ଦ୍ୱାରା ସ୍ଥୂଳ ଓ ସୂକ୍ଷ୍ମ ଶରୀର ଭିତରେ ପରସ୍ପର ଅନୁଭୂତି ଅଭିଜ୍ଞାନର ଆଦାନ-ପ୍ରଦାନ ଚାଲିଥାଏ ।

## ସୂକ୍ଷ୍ମ ନାଡ଼ିରନ୍ଧ୍ରର କଥା

"ସେହି କାରଣରୁ ସମାଧି ବା ଯୋଗନିଦ୍ରା ପ୍ରଭୃତି ଯୋଗାତ୍ମିକ ପ୍ରକ୍ରିୟାରେ ମନୁଷ୍ୟ ଅପରୋକ୍ଷ ବା ଅତୀନ୍ଦ୍ରିୟ ବିଷୟସବୁ ପ୍ରତ୍ୟକ୍ଷ ଅନୁଭବ କରିପାରେ । ଏଥିପାଇଁ ମର୍ତ୍ତ୍ୟଭୂମିରେ ବସି ଭାରତର ପୁଣ୍ୟ-ପ୍ରତିମା ମୁନି ଋଷି-ମାନେ ଏହି ରନ୍ଧ୍ର ସାହାଯ୍ୟରେ ସପ୍ତର୍ଷିମଣ୍ଡଳର ଭିତର କଥା କହିଦେଇ ପାରୁଥିଲେ । ଏହାରି ସାହାଯ୍ୟରେ ମୁନି-ଋଷିମାନେ ଚନ୍ଦ୍ର, ସୂର୍ଯ୍ୟ ଓ ଗ୍ରହ ଉପଗ୍ରହ ଓ ଲୋକ-ଲୋକାନ୍ତର ବିଚରଣ କରି ବହୁ ତତ୍ତ୍ୱ ଓ ବହୁ କଳ୍ପନାତୀତ ସୃଷ୍ଟି, ସ୍ଥିତି, ପ୍ରଳୟର କାହାଣୀ ଏ ଦେଶ ସାହିତ୍ୟରେ ସନ୍ନିବେଶିତକରି ରଖି ଯାଇଛନ୍ତି । ଏହି ସୂକ୍ଷ୍ମ ନାଡ଼ିର କ୍ଷୁଦ୍ର ବିବର ମଧ୍ୟ-ଦେଇ ମାନବ ପ୍ରକୃତିର ସୀମାହୀନ ରହସ୍ୟଶାଳାରେ ପ୍ରବେଶ କରିପାରେ ।"

## ଆତ୍ମାର ଦେହତ୍ୟାଗ

"ଆତ୍ମା ମୃତ ଦେହରୁ ଏକାବେଳକେ ବିଚ୍ଛିନ୍ନ ହୋଇଗଲେ ସେହି ଅତିବାହିକ ଦେହକୁ ନିଃଶ୍ୱାସ ନେବା ନିମିତ୍ତ ଏହି ସ୍ଥୂଳବାୟୁ ଗ୍ରହଣ ନକରି ବାୟୁମଣ୍ଡଳର ଆଭ୍ୟନ୍ତରୀଣ ବାୟୁ ବ୍ୟବହାର କରିବାକୁ ପଡ଼େ । ଏହି ଆଧ୍ୟାତ୍ମିକ ବାୟୁରେ ନିଃଶ୍ୱାସ ନେବାକୁ ଆତ୍ମାର ପ୍ରଥମେ ଟିକିଏ କଷ୍ଟ ହୋଇଥାଏ; କିନ୍ତୁ ମୁହୂର୍ତ୍ତିକ ପରେ ସେ ଅସୁବିଧା କଟିଯାଏ । ସେତେବେଳେ ଆତ୍ମା ବେଶ ସ୍ୱଚ୍ଛନ୍ଦରେ ନିଃଶ୍ୱାସ ନେଇପାରେ । ଏହି ପରିବର୍ତ୍ତନ ସମୟରେ ଦେହୀର ଅହଂତ୍ୱର ସମୂହ ଧ୍ୱଂସ ବା ବିଶେଷ ପରିବର୍ତ୍ତନ ହୋଇପାରେ ନାହିଁ ।

'ମୃତ୍ୟୁ କାଳରେ ଯେଉଁସବୁ କଷ୍ଟର ଲକ୍ଷଣ ପ୍ରକାଶ ପାଏ, ତାହା ଆତ୍ମା ପଳାୟନ କରିବା ପାଇଁ ପଥ ପରିଷ୍କୃତିର ପରିଚାୟକ । ଆତ୍ମୀୟସ୍ୱଜନଙ୍କ ମଧ୍ୟରେ କାହାରି ଅନ୍ତର୍ଦୃଷ୍ଟି ଥିଲେ ସେମାନେ ନିଶ୍ଚୟ ଦେଖିବାକୁ ପାଇବେ ଯେ, ଯାହାଙ୍କ ମୃତ୍ୟୁ ନିମିତ୍ତ ସେମାନେ ଅତିଶୟ ବ୍ୟାକୁଳ ସେହି ମୃତ ବ୍ୟକ୍ତି ଉଜ୍ଜ୍ୱଳ ଜ୍ୟୋତିର୍ମୟ ଶରୀରରେ ସେମାନଙ୍କ ମଧ୍ୟରେ ଦଣ୍ଡାୟମାନ । କ୍ଷୁଦ୍ର ସୀମାବଦ୍ଧ ଜୀବନ ନେଇ ମାନବ ସନ୍ତାନ ଭୂମିଷ୍ଠ ହେବାବେଳେ ଯଦି ଏତେ

ଶୁଭ, ଏତେ ଉତ୍ସବ, ଏତେ ଆନନ୍ଦ ଉଛୁଳି ପଡ଼େ; ତେବେ ସେହି ସନ୍ତାନର ମୃତ୍ୟୁ ଦିନ —ଯେଉଁ ଦିନ କି ସେ ଅନନ୍ତ ଜୀବନ ରାଜ୍ୟରେ ଭୂମିଷ୍ଠ ହେଉଅଛି, ସେଦିନ ତାହାର ମର୍ତ୍ତ୍ୟ ଗୃହରେ କେତେ ଯେ ଉତ୍ସବ ହେବା ଦରକାର ! କିନ୍ତୁ ମାୟାବଦ୍ଧ ମନୁଷ୍ୟ ତାହା ଜାଣେ ନାହିଁ । ସେ ଦୋଷ ସମାଜଗତ ଶିକ୍ଷା ନିମିତ୍ତ ।

## ମୃତ୍ୟୁ ପରର ଅବସ୍ଥା ବା ପ୍ରେତଦେହ

ମୃତ୍ୟୁ ପରେ ମନୁଷ୍ୟ ମରିବା ସଙ୍ଗେ ସଙ୍ଗେ ଆତ୍ମାର ପ୍ରକୃତ ଦେହ ଉପରୋକ୍ତ ପ୍ରକାରରେ ଗଠିତ ହେଲେ ମଧ୍ୟ ସାଧାରଣ ମନୁଷ୍ୟ ନିଜେ ତାହା ବୁଝିପାରେ ନାହିଁ । କେବଳ ଅତୀନ୍ଦ୍ରିୟ ଶକ୍ତିସମ୍ପନ୍ନ ଯୋଗୀମାନେ ତାହା ଦେଖିପାରନ୍ତି । ସାଧାରଣ ବିଦେହୀ ଆତ୍ମାର ଅବସ୍ଥା କିପରି ଥାଏ, ତାହା ଶ୍ରୀ ଶ୍ରୀ ଠାକୁରଙ୍କ ବାଣୀରୁ ନିମ୍ନରେ ଉଦ୍ଧାର କରାଗଲା ।

“ସାଧାରଣ ମୃତ୍ୟୁରେ ବା ସ୍ୱାଭାବିକ ମୃତ୍ୟୁରେ ମନୁଷ୍ୟ ମରିବା ସଙ୍ଗେ ସଙ୍ଗେ ଅଜ୍ଞାନ ହୋଇପଡ଼େ । ସେତେବେଳେ ଆତ୍ମାର ସୁଖ ଦୁଃଖ ଜ୍ଞାନ ନ ଥାଏ । ଆଦ୍ୟ ଶ୍ରାଦ୍ଧଦିନରେ ପୂରକ ପିଣ୍ଡ ହୋଇଗଲେ, ସେ ପ୍ରେତଦେହ ପ୍ରାପ୍ତ ହୁଏ ଏବଂ କର୍ମଫଳ ଭୋଗ କରେ । ବାଳକ ଓ ପଶୁପକ୍ଷୀ ବ୍ୟତୀତ ଅନ୍ୟମାନଙ୍କୁ ପ୍ରେତଦେହ ଭୋଗ କରିବାକୁ ପଡ଼େ । ପ୍ରେତଶରୀର ଯେଉଁ ଲୋକରେ ବାସକରେ, ତାହାକୁ ଭବଲୋକ କହନ୍ତି । ମୃତ୍ୟୁ ଆନନ୍ଦମୟ ଅବସ୍ଥା ହେଲେ ମଧ୍ୟ ମୃତ୍ୟୁ ପରେ ଲୋକର ଅହଂତ୍ୱର ସ୍ମରଣ ହୁଏ ନାହିଁ, ଅର୍ଥାତ୍ 'ମୁଁ ମରିଛି' ଏକଥା ତାର ସ୍ମରଣ ହୁଏ ନାହିଁ । ଏହି ବିସ୍ମରଣ ଅବସ୍ଥାକୁ 'ପ୍ରେତ ଅବସ୍ଥା' କୁହାଯାଏ । ଏହି ଅବସ୍ଥାରେ ଲୋକ ନାନା ପ୍ରକାର କଷ୍ଟଭୋଗ କରେ ।

## ପ୍ରେତର କଷ୍ଟ

“ଯମପୁର ବୋଲି କିଛି ନାହିଁ । ମାତ୍ର ଏହି ପ୍ରେତ ଅବସ୍ଥାର କଷ୍ଟ ଯମପୁର ବର୍ଣ୍ଣନାଠାରୁ ଆହୁରି ଅଧିକ ଭୟଙ୍କର । ପ୍ରେତଜୀବନ ନିଜକୁ ମୃତ ବୋଲି ଆଦୌ ଭାବିପାରେ ନାହିଁ । ପ୍ରେତ ଯେତେବେଳେ ଦେଖେ ଯେ

ନିଜର ପ୍ରାଣଠାରୁ ଅଧିକ ଜୀବନବ୍ୟାପୀ ସଞ୍ଚିତ ଅର୍ଥ ପୁଣି ତାକୁ ନ ପଚାରି ବ୍ୟୟ କରୁଛି, ସେତେବେଳେ ସେ କ୍ରୋଧାନ୍ଧ ହୋଇ ବାରଣ କରିବାକୁ ଧାଏଁ । କିନ୍ତୁ ସ୍ଥୂଳ ଇନ୍ଦ୍ରିୟ ନ ଥିବାରୁ କିଛି ଅନିଷ୍ଟ କରିପାରେ ନାହିଁ; ତେଣୁ ଦୁଇ ଗୁଣ ରାଗରେ ଜର୍ଜ୍ଜରିତ ହେଉଥାଏ । ଏହି ଅବସ୍ଥା ଭଗବାନ ଆମ୍ଭମାନଙ୍କୁ ପ୍ରତିଦିନ ବୁଝାଉଛନ୍ତି । ଶୋଇବାକୁ ଯିବାବେଳେ କେତେବେଳେ ଯେ ଆମେ ଠିକ୍ ଶୋଇପଡ଼ୁ, ତାହା ଆମେ ଜାଣିପାରୁ ନାହିଁ । ଶୋଇପଡ଼ିବା ପରେ ଆମ ଆଗରେ ସ୍ୱପ୍ନଜଗତ ଫୁଟିଉଠେ । ସ୍ୱପ୍ନରେ ତୁମେ ଯାହାକର, ଯାହା ଦେଖ, ତାହା ସ୍ୱପ୍ନରେ ଦେଖୁଛ କିମ୍ବା କରୁଛ ବୋଲି ମନେ କରିପାର ନାହିଁ । ସ୍ୱପ୍ନରେ ଭୋଜ କରୁଛ—ଖାଉଛ, ମାତ୍ର ତୃପ୍ତି ଆସୁ ନାହିଁ । ଯଦି ଏହି ସମୟରେ ମନେ-କରନ୍ତି ଯେ, ଏଗୁଡ଼ିକ ସ୍ୱପ୍ନ, ତେବେ ପ୍ରତାରିତ ହୁଅନ୍ତି ନାହିଁ । ପ୍ରେତର ଠିକ୍ ଏହିପରି ଅବସ୍ଥା । ମୃତ୍ୟୁ ଜ୍ଞାନ କିମ୍ବା ଅହଂତ୍ୱର ସ୍ମରଣ ହେଲେ ତାହାର ତତ୍‌କ୍ଷଣାତ୍ ଉନ୍ନତି ହୋଇଯାନ୍ତି । କିନ୍ତୁ ଭୋଗସ୍ପୃହା ଥିବାରୁ ଅଜ୍ଞାନୀ ଜୀବ ନିଜକୁ ଭୁଲି, ଭୟଙ୍କର କଷ୍ଟ ଭୋଗ କରେ । ସ୍ୱପ୍ନକ୍ଷଣସ୍ଥାୟୀ, ମାତ୍ର ପ୍ରେତାବସ୍ଥା ବହୁକାଳ ସ୍ଥାୟୀ । ଏହି ଅବସ୍ଥା କାହାର କେତେ ଦିନ ରହିବ, ତାହା କହିବା କଠିନ । ଭୋଗସ୍ପୃହା ନ ମେଣ୍ଟିବା ଯାଏ କେହି ଏହା ଅତିକ୍ରମ କରିପାରିବେ ନାହିଁ । ସଂଯମ ବ୍ୟତୀତ ଏହି ସଞ୍ଜୀବନୀପୁରକୁ ଅତିକ୍ରମ କରିବା କଠିନ । ସ୍ୱପ୍ନ ସମୟରେ ଯେପରି କେହି ଜାଗ୍ରତ କରାଇଦେଲେ, ସ୍ୱପ୍ନ ଭାଙ୍ଗିଯାଏ, ସେହିପରି ପ୍ରେତାତ୍ମାକୁ ତାହାର ଭୁଲ୍ ବୁଝାଇଦେଇ ମରିବାଟା ସ୍ମରଣ କରାଇଦେଲେ ତାହାର ଅବସ୍ଥା ପରିବର୍ତ୍ତନ ହୋଇ ଊର୍ଦ୍ଧ୍ୱଗତି ହୁଅନ୍ତି । ମାତ୍ର ସଦ୍‌ଗୁରୁଙ୍କ ଭିନ୍ନ ଏ ସମୟରେ ଅନ୍ୟ କେହି ସାହାଯ୍ୟ କରିବାକୁ ସମର୍ଥ ନୁହନ୍ତି । ସଦ୍‌ଗୁରୁ ସେହି ଅବସ୍ଥାରେ ଚୈତନ୍ୟ କରାଇଦେଲେ ଉନ୍ନତିପଥକୁ ନେଇଯାଆନ୍ତି । ଅନ୍ୟଥା କର୍ମଫଳ ଭୋଗ ବ୍ୟତୀତ ପ୍ରେତଲୋକରେ ଅନ୍ୟ ଗତି ନାହିଁ ।"

## ପରଲୋକ ଅବିଶ୍ୱାସୀ

ଅନେକେ ପରଲୋକ ଆଦୌ ବିଶ୍ୱାସ କରନ୍ତି ନାହିଁ । ଏହିପରି ଗୋଟିଏ ଅବିଶ୍ୱାସୀ ଲୋକର କଥା ଶୁଣ । ଏହି ବ୍ୟକ୍ତି

କୁମିଲ୍ଲାର ଓକିଲ । ୧୩୦୪ ସାଲରେ ସେ ଦିନେ ସ୍ୱପ୍ନ ଦେଖିଲେ ଯେ, ଭୂମିକମ୍ପ ହେଉଛି । ସେ ପ୍ରାଣ ଭୟରେ ଶୀଘ୍ର ଶୀଘ୍ର ଘରର ଉପରମହଲରୁ ତଳକୁ ଅବତରଣ କରୁଥିବାବେଳେ ପାହାଚ ଭାଙ୍ଗିପଡ଼ି ସମସ୍ତ ଇଟା ତାଙ୍କ ଦେହରେ ଲଦି ହୋଇଗଲା । ସେ ଇଟାଗଦା ତଳେ ଚୁପିହୋଇ ପଡ଼ିଲେ । ମାତ୍ର ଅବ୍ୟକ୍ତ ଯନ୍ତ୍ରଣା ଭୋଗ କରିବା ବ୍ୟତୀତ ତାଙ୍କର ମୃତ୍ୟୁ ହେଲନାହିଁ । ସେ ସ୍ୱପ୍ନରେ ଗଁ ଗଁ କରିବାକୁ ଲାଗିଲେ । ପାଖରେ ତାଙ୍କର ସ୍ତ୍ରୀ ନିଦ୍ରିତା ଥିଲେ । ଗଁ ଗଁ ଶବ୍ଦରେ ତାଙ୍କର ନିଦ୍ରାଭଙ୍ଗ ହୋଇଗଲା ଓ ସେ ସ୍ୱପ୍ନାଭିଭୂତ ସ୍ୱାମୀଙ୍କୁ ଜୋର୍ କରି ଉଠାଇ ଦେଲେ । ଜାଗ୍ରତ ହୋଇ ଓକିଲ ମହାଶୟ ଚମକି ପଡ଼ିଲେ । ସେ ଭାବିବାକୁ ଲାଗିଲେ, ଯଦି ଏହି ସ୍ୱପ୍ନ ମହାସ୍ୱପ୍ନ ହୋଇଥାନ୍ତା, ଏହିପରି ଅବସ୍ଥାରେ ଯଦି ମନୁଷ୍ୟ ପ୍ରକୃତରେ ପତିତ ହୁଏ, ତାହାହେଲେ ତାହାର ଉପାୟ କ'ଣ ହେବ ? ପରଲୋକରେ ଯଦି ଏହିପରି ମହାସ୍ୱପ୍ନର ଅବସ୍ଥା ହୁଏ, ତାହାହେଲେ ତ ସେତେବେଳେ କୌଣସି ସ୍ତ୍ରୀ ଜାଗ୍ରତ କରାଇ ଦେବେ ନାହିଁ ? ଗୁରୁକରଣ ବୋଧହୁଏ ମାନବକୁ ମହାସ୍ୱପ୍ନରୁ ଜାଗ୍ରତ କରାଇ ଦେବାପାଇଁ ହୋଇଛି । ଏହା ବିବେଚନାକରି ସେ ମୋ ନିକଟକୁ ଆସି ଦୀକ୍ଷିତ ହେଲେ ଓ ପରଲୋକ ସମ୍ବନ୍ଧରେ ବହୁ ଗବେଷଣା କରି ସେ ଅନେକ ପୁସ୍ତକ ପ୍ରଣୟନ କରିଛନ୍ତି ।''

## ପିତୃଲୋକ

''ଭୁବର୍ଲୋକ ଦୁଇଭାଗରେ ବିଭକ୍ତ—ପ୍ରେତଲୋକ ଓ ପିତୃଲୋକ । ଜୀବ ଏହି ଲୋକରେ କିଛି ଦିନ ବାସ କରି କ୍ରମମୁକ୍ତ ପଥରେ ମହର୍ଲୋକ ପର୍ଯ୍ୟନ୍ତ ଗମନପୂର୍ବକ ସେହିଠାରୁ ଅଜ୍ଞାନ ହୋଇ ପୁନର୍ବାର ଜନ୍ମଗ୍ରହଣ କରେ । କେତେ-ଦିନ ପରେ ଜନ୍ମଗ୍ରହଣ କରିବ, ତାହାର କିଛି ସ୍ଥିରତା ନାହିଁ । କେହି କେହି ବାର୍ଷିକ ଶ୍ରାଦ୍ଧ ପରେ ଜନ୍ମଗ୍ରହଣ କରନ୍ତି, କାହାର ବା ଏକ ପୁରୁଷରେ ଜନ୍ମହୁଏ । ଏହାର ସ୍ଥିରତାନାହିଁ ବୋଲି ହିନ୍ଦୁ ଶାସ୍ତ୍ରକାରମାନେ ତ୍ରିପୁରୁଷ ପର୍ଯ୍ୟନ୍ତ ଶ୍ରାଦ୍ଧର ବ୍ୟବସ୍ଥା କରିଛନ୍ତି । ତ୍ରିପୁରୁଷ ଭିତରେ ଜନ୍ମ ହୋଇଥାଏ । ଶ୍ରାଦ୍ଧ ଦ୍ୱାରା ପର-ଲୋକଗତ ଆତ୍ମାର ମୁକ୍ତିପଥର କେତେକ ବାଧା ଅପସାରିତ ହୁଏ । ମାତ୍ର ନିଜ ଚେଷ୍ଟା ବ୍ୟତୀତ ମୁକ୍ତି ହୁଏନାହିଁ । ସ୍ରୋତ ମୁଖରେ ଗୋଟିଏ ପତ୍ର ସମୁଦ୍ରଆଡ଼କୁ

ଭାସିଯାଉଥିବା ଅବସ୍ଥାରେ ଯଦି କୌଣସି ଜଳଭଉଁରୀରେ ପଡ଼ିଯାଏ କିମ୍ବା କେଉଁଠାରେ ଅଟକିଯାଏ, ତାକୁ ସେଠାରୁ ଟିକିଏ ଖସାଇ ଦେଲେ ତାହାର ଗତି ଯେପରି ଅପ୍ରତିହତ ହୁଏ ଓ ସେ ସାଗରରେ ଯାଇ ପତିତ ହୁଏ, ସେହିପରି ଶ୍ରାଦ୍ଧ ଦ୍ୱାରା ମୁକ୍ତିପଥର କେତେକ ବାଧା ଅପସାରିତହୁଏ ମାତ୍ର ଆଉ ମଧ୍ୟ ଶ୍ରାଦ୍ଧ ଦ୍ୱାରା ପରଲୋକଗତ ଆତ୍ମାର ଅହଂତ୍ୱର ସ୍ଫୁରଣ ହୁଏ । ତାହାର ସ୍ଫୁରଣ ହୁଏ ଯେ ସେ ମରିଛି ।”

“ଯୋଗୀ, ଜ୍ଞାନୀ ଏବଂ ସହଜ ଭାବରେ ଜୀବନଯାପନ କରୁଥିବା ଲୋକମାନଙ୍କର ଶ୍ରାଦ୍ଧାଦିରେ ବିଶେଷ ପ୍ରୟୋଜନ ନାହିଁ । ସାଧୁ ମହାପୁରୁଷ ଓ ଉନ୍ନତ ଆତ୍ମିକମାନଙ୍କର ଦେହତ୍ୟାଗ ସଙ୍ଗେ ସଙ୍ଗେ ସୂକ୍ଷ୍ମ ଦେହ ଗଠିତ ହୋଇଯାଏ ।”

## ମୃତ୍ୟୁର ପ୍ରକାରଭେଦ

“ମୃତ୍ୟୁ ଚାରିପ୍ରକାର—ଜ୍ଞାନପୂର୍ବକ ମୃତ୍ୟୁ, ସ୍ୱାଭାବିକ ମୃତ୍ୟୁ, ଅପମୃତ୍ୟୁ ଓ ଆତ୍ମହତ୍ୟା । ଯୋଗୀମାନଙ୍କର ଜ୍ଞାନପୂର୍ବକ ମୃତ୍ୟୁ ହୁଏ, ସେମାନେ ଦେହାବସାନରେ ନିର୍ବାଣ ଲାଭ କରନ୍ତି । ବହୁଦିନ ରୋଗ ଭୋଗପରେ କିମ୍ବା ବାର୍ଦ୍ଧକ୍ୟବଶତଃ ଯେଉଁ ମୃତ୍ୟୁ ହୁଏ, ତାହା ସ୍ୱାଭାବିକ ମୃତ୍ୟୁ ।

## ସ୍ୱାଭାବିକ ମୃତ୍ୟୁର ଗତି

ସ୍ୱାଭାବିକ ମୃତ୍ୟୁ ପରେ ସତ୍ତ୍ୱ ଅସତ୍ତ୍ୱର ତାରତମ୍ୟ ଅନୁସାରେ ଉପରୋକ୍ତମତେ ପ୍ରଥମେ ଭୁବର୍ଲୋକ ଓ ପରେ ଅହଂତ୍ୱର ସ୍ଫୁରଣ ହେଲାମାତ୍ରେ ସ୍ୱର୍ଲୋକକୁ ଆତ୍ମା ଗମନ କରି ନିଜର କର୍ମଫଳ ଅନୁଯାୟୀ ଦୁଃଖ ଓ ସୁଖ ଭୋଗ କରେ । ପରେ ମର୍ତ୍ତ୍ୟଲୋକକୁ ଯାଇ ଭୋଗ ଦେହ ଅଭାବରେ ପୁନରାୟ ଜନ୍ମଗ୍ରହଣ କରିବାକୁ ବାଧ୍ୟ ହୁଏ । ସେସବୁ ଏକ ଅଦ୍ଭୁତ ରହସ୍ୟ ଏବଂ ଯେଉଁମାନଙ୍କର ବାସନା କାମନା ନଷ୍ଟ ହୋଇ ଯାଇଛି, ଯେଉଁମାନେ ସଦ୍‌ଗୁରୁ ବା ଭଗବାନଙ୍କ ଆଶ୍ରିତ ଅଥଚ ଅପରୋକ୍ଷାନୁଭୂତ ବା ଜ୍ଞାନ

ହୋଇନାହିଁ, ସେମାନେ ମହର୍ଲୋକ ଦେଇ ଜନ, ତପ ଓ ସତ୍ୟଲୋକରେ ଉପନୀତା ହୁଅନ୍ତି ଓ ପ୍ରଳୟ ପର୍ଯ୍ୟନ୍ତ ସେଠାରେ ଅବସ୍ଥାନ କରି ବ୍ରହ୍ମାଣ୍ଡପତିଙ୍କ ସହିତ ବ୍ରହ୍ମନିର୍ବାଣ ଲାଭ କରନ୍ତି । ଏହାର ନାମ 'କ୍ରମମୁକ୍ତି' । ସାଧାରଣ ଜୀବ ମହର୍ଲୋକକୁ ଆସି ଅଜ୍ଞାନ ହୋଇପଡ଼ନ୍ତି । କିନ୍ତୁ କର୍ମମୁକ୍ତ ପରେ ଯାତ୍ରୀ-ମାନେ ମହର୍ଲୋକକୁ ଆସିବାକ୍ଷଣି ସେମାନଙ୍କର ଆତ୍ମଜ୍ଞାନ ଫୁଟିଉଠେ ।"

"ମନୁଷ୍ୟମାନଙ୍କ ମଧ୍ୟରେ ଯେଉଁମାନଙ୍କର ପ୍ରାଣବାୟୁ ହୃଦୟରେ ରୁଦ୍ଧ ହୋଇ ଶରୀରପାତ ହୁଏ, ସେମାନଙ୍କ ଉତ୍କ୍ରାନ୍ତି ହୁଏ ନାହିଁ । ଏଣୁ ଅପଘାତ ମୃତ୍ୟୁ ବା ଅକସ୍ମାତ୍ ମୃତ୍ୟୁରେ ମନୁଷ୍ୟକୁ ପଶୁଜନ୍ମ ନେବାକୁ ହୁଏ । କାରଣ ସେତେବେଳେ ତାହାର ମନ ସର୍ବଭାବ ବା ସର୍ବସଂସ୍କାରବର୍ଜିତ ଥାଏ । କୌଣସି ଆଶା ଆକାଙ୍କ୍ଷା ବା କାମନା-ବାସନା ନଥିବା ସମୟରେ ତାହାର ମନ ହଠାତ୍ 'ତମ'ରେ ଅଭିଭୂତ ହୋଇପଡ଼େ । ସେ ନିଜକୁ ଜାଗ୍ରତ ରଖିବା ନିମିତ୍ତ କୌଣସି ଅବଲମ୍ବନ ନ ପାଇ ପ୍ରକୃତିର କ୍ରୀଡ଼ନକ ହୋଇଯାଏ । ଅପମୃତ୍ୟୁ ଅନେକ ସମୟରେ ପ୍ରାରବ୍ଧର ଫଳ ବୋଲି ଧରାଯାଏ । କିନ୍ତୁ ଯେଉଁମାନେ ଯୁଦ୍ଧରେ ମରନ୍ତି, ସେମାନଙ୍କ ମୃତ୍ୟୁକୁ ଅପମୃତ୍ୟୁ କୁହାଯିବ ନାହିଁ । ସେମାନେ ପୂର୍ବରୁ ମରିବା ପାଇଁ ପ୍ରସ୍ତୁତ ହୋଇ ଯୁଦ୍ଧକୁ ଯାଆନ୍ତି । ସେମାନେ ଗୋଟିଏ ସଂସ୍କାରରେ ଆବଦ୍ଧ ହୋଇଥାଆନ୍ତି ଯେ—'ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀଂ ।' ତେଣୁ ଯୁଦ୍ଧ ମୃତ୍ୟୁଠାରୁ ଉତ୍କୃଷ୍ଟ ।"

## ଆତ୍ମହତ୍ୟା

ଆତ୍ମହତ୍ୟା ମହାପାପ ମଧ୍ୟରେ ଗଣ୍ୟ । ପ୍ରେତଲୋକରେ ଏହାର ଫଳ ବଡ଼ ଭୀଷଣ । ଶ୍ରୀ ଶ୍ରୀ ଠାକୁର ଆତ୍ମହତ୍ୟା ସମ୍ବନ୍ଧରେ ଯେଉଁବାଣୀ ଶୁଣାଇଛନ୍ତି, ତାହା ନିମ୍ନରେ ଦିଆଗଲା :—

"ମୁଁ ଦିନେ ଧଳେଶ୍ୱରୀ ତୀରରେ ଫୁଲବାଡ଼ିଆ ନାମକ ସ୍ଥାନରେ ଭ୍ରମଣ କରୁଛି, ହଠାତ୍ ଗୋଟିଏ ବୃକ୍ଷ ଆଡ଼କୁ ମୋର ଦୃଷ୍ଟି ଆକୃଷ୍ଟ ହେଲା ।

ଦେଖିଲି ଗୋଟିଏ ପ୍ରେତାତ୍ମା ଗଛରେ ଦଉଡ଼ି ଲଗାଇ ଝୁଲୁଛି । ପରେ ତାହା ସମ୍ବନ୍ଧରେ ଜାଣିଲି ଯେ, ତାହାର ଶୂଳବେଦନା ଥିଲା । ରୋଗଯନ୍ତ୍ରଣାରେ ସେ ବହୁଦିନ ପୂର୍ବେ ଏହି ବୃକ୍ଷରେ ଦଉଡ଼ି ଲଗାଇଥିଲା । ଆଜି ପର୍ଯ୍ୟନ୍ତ ସେ ପାପର ଫଳରୁ ମୁକ୍ତ ହୋଇ ନାହିଁ ।''

''ଆତ୍ମହତ୍ୟାକାରୀମାନଙ୍କର ଭଗବାନଙ୍କ ନାମ ମଧ୍ୟ ସ୍ମରଣ ହୁଏ ନାହିଁ । ଯଦି ସ୍ମରଣ ହେଉଥାନ୍ତା, ତେବେ ସେମାନେ ଆତ୍ମହତ୍ୟା କରିପାରନ୍ତେ ନାହିଁ । ଆତ୍ମହତ୍ୟାକାରୀ ପୂର୍ବରୁ ଯେଉଁ ଦୁଃଖଯନ୍ତ୍ରଣା ଭୋଗ କରୁଥାଏ, ସେଥିରୁ ମୁକ୍ତିଲାଭ କରିବା ନିମିତ୍ତ ଆତ୍ମହତ୍ୟା କରେ । କିନ୍ତୁ ମୃତ୍ୟୁ ସମୟରେ ଅଜ୍ଞାନତାବଶତଃ 'ସେ ମରିଛି' ବୋଲି ଜାଣି ନ ପାରି ଯେଉଁ ଦୁଃଖ ଲାଗି ଆତ୍ମହତ୍ୟା କରିଥିଲା, ଠିକ୍ ସେହି ଯନ୍ତ୍ରଣା ବହୁକାଳ ଧରି ଭୋଗ କରୁଥାଏ । ତାହାର ପ୍ରେତଦେହ ହେବାକୁ ମଧ୍ୟ ବହୁ ବର୍ଷ ବିତିଯାଏ । ସେ ଅଜ୍ଞାନ ହୋଇ ଏହା ପ୍ରକାର କଷ୍ଟ ଭୋଗ କରୁଥାଏ ।''

୧୩୪୧ ସାଲ କାର୍ତ୍ତିକ ମାସରେ ଶ୍ରୀ ଶ୍ରୀ ଠାକୁର ବଗୁଡ଼ାସ୍ଥ ମାଲତୀନଗର ସୁରେନ୍ ଭାଇଙ୍କ ଘରକୁ ଯାଇଥିଲେ । କିଛିଦିନ ପୂର୍ବେ ସୁରେନ୍ ଭାଇଙ୍କ ଘରର ଗୋଟିଏ ବୃଦ୍ଧା ଦାସୀ ବେକରେ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲା । ସେହି ଦିନଠାରୁ ପଡ଼ୋଶୀ ଲୋକମାନଙ୍କର ଏପରି ଭୟ ହୋଇଯାଇଥିଲା ଯେ, ସେମାନେ ରାତିରେ ଶୋଇପାରୁ ନଥିଲେ । ଟିକିଏ ଶବ୍ଦ ହେଲାକ୍ଷଣି ସେମାନେ ଭୟରେ ଚମକି ପଡ଼ନ୍ତି । ଠାକୁର ଆସି ସୁରେନ୍ ଭାଇଙ୍କ ଘରେ ବସିବା ମାତ୍ରେ ସମସ୍ତେ କହିଲେ, ଠାକୁର କାଳୀ ଦାସୀ ମା' ଭୟରେ ଆମ୍ଭେମାନେ ଅସ୍ଥିର ।'' ଏହା ଶୁଣି ଠାକୁର କହିଲେ ''ଦେଖ ମନୁଷ୍ୟ ମରିବା ପରେ ଭୂତ ହେବାକୁ ମଧ୍ୟ ସମୟ ଲାଗେ । ଯେଉଁମାନେ ନିମ୍ନସ୍ତରର ଅର୍ଥାତ୍ ଯେଉଁମାନେ ଆତ୍ମହତ୍ୟା କରି ମରନ୍ତି, ସେମାନେ ଅନେକ ଦିନ ପର୍ଯ୍ୟନ୍ତ ସ୍ତବ୍ଧ ବା ମୋହଗ୍ରସ୍ତ ଥାନ୍ତି । 'ସେ ଯେ ମରିଛି'—ଏହି ଜ୍ଞାନ ହେବାକୁ ଅନେକଙ୍କର ଦୁଇ ତିନି ବର୍ଷ ସମୟ ଲାଗିଯାଏ । କାଳୀ ଦାସୀମା'ର ଭୂତ ହେବାକୁ ବର୍ତ୍ତମାନ ସୁଦ୍ଧା ଅନେକ ବିଳମ୍ବ ଅଛି । ଦେଖ, ଭୂତ ମନୁଷ୍ୟର କୌଣସି ଅନିଷ୍ଟ କରିପାରେ ନାହିଁ । ଅନିଷ୍ଟ କରିବାର କୌଣସି କ୍ଷମତା ମଧ୍ୟ ତାହାର ନାହିଁ ।''

ଅନେକ ସଂସାରୀ ଦୁଃଖ-କଷ୍ଟ, ଯନ୍ତ୍ରଣା କବଳରୁ ମୁକ୍ତ ପାଇବା ନିମିତ୍ତ ଆତ୍ମହତ୍ୟାରେ ଲିପ୍ତ ହୁଅନ୍ତି । କିନ୍ତୁ ସେଥିରେ ଯେ କଷ୍ଟର ଲାଘବ ନ ହୋଇ ଅଧିକତର ଯନ୍ତ୍ରଣାରେ ସେମାନଙ୍କୁ ପଡ଼ିବାକୁ ହୁଏ, ସେ ସମ୍ପର୍କରେ ଶ୍ରୀଶ୍ରୀ ଠାକୁର ଖଣ୍ଡିଏ ଚିଠିରେ ଲେଖିଛନ୍ତି—

"ଆତ୍ମହତ୍ୟା ମହାପାପ । ଇଚ୍ଛା କରି ମଲେ ମଧ୍ୟ ଅଭାବ ତାଡ଼ନାରୁ ରକ୍ଷା ମିଳେ ନାହିଁ । ମଲେ ଯଦି ସବୁ ଯନ୍ତ୍ରଣା ଚାଲି ଯାଉଥାନ୍ତା, ତେବେ ଜ୍ଞାନୀମାନେ ଆତ୍ମହତ୍ୟା କରୁଥାନ୍ତେ; ଜାଣିଶୁଣି ଏ ରକ୍ତ-ମାଂସର ପଚାଗନ୍ଧିଆ ଦେହରେ ବସି ରହନ୍ତେ ନାହିଁ । ଜ୍ଞାନୀମାନେ ଜାଣିଛନ୍ତି ଯେ, ବିଧାତାର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା-ଯନ୍ତ୍ରଣା ବଢ଼ିବ ସିନା, କମିବ ନାହିଁ । କଏଦୀ ଜେଲ୍ ଭାଙ୍ଗି ବାହାର ହେଲେ ତାର ନିସ୍ତାର ନାହିଁ, ବରଂ ଦଣ୍ଡ ବୃଦ୍ଧି ହୋଇଥାଏ । ଯେ ଯେପରି ପ୍ରାରବ୍ଧ ନେଇ ଆସିଛି; ତାଙ୍କୁ ତାହା ଭୋଗ କରିବାକୁ ହେବ । କୌଣସି ଅବସ୍ଥାରେ ଏ କଥା ବିସ୍ମୃତ ହୁଏ ନାହିଁ । ଯେ ସଂସାରରେ ନିରାଶ ହୋଇ ମରିପାରେ, ସେ ଭଗବାନଙ୍କ ନିମିତ୍ତ ଚେଷ୍ଟା କରି ମରୁ ନାହିଁ କାହିଁକି ? ବସ୍ ! ଦୁଃଖ କଷ୍ଟରେ ପଡ଼ି ମରିବାର ସଂକଳ୍ପ ମନରେ ସ୍ଥାନ ଦିଅ ନାହିଁ । ଆତ୍ମା ଅମର, ଆତ୍ମା ସର୍ବଶକ୍ତିମାନ ହେଲେ ମଧ୍ୟ ମରିବାର କ୍ଷମତା ତାହାରନାହିଁ । ଯେଉଁମାନେ ମରନ୍ତି, ପ୍ରକୃତରେ ସେମାନେ ମରନ୍ତି ନାହିଁ; କର୍ମଫଳର ଆବରଣକୁ ବଢ଼ାଇ ଦିଅନ୍ତି ।"

ଅନେକେ ପୁଣି କୃତପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଲୋକଲଜ୍ଜାରୁ ନିଷ୍କୃତି ପାଇବା ନିମିତ୍ତ ଆତ୍ମହତ୍ୟାର ଆଶ୍ରୟ ଗ୍ରହଣ କରନ୍ତି । ସେ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର ଖଣ୍ଡିଏ ଚିଠିରେ ଲେଖିଛନ୍ତି—

"ଆତ୍ମହତ୍ୟା କରିବାର ଚିନ୍ତା ମଧ୍ୟ ମନରେ ସ୍ଥାନ ଦିଅ ନାହିଁ । ଆତ୍ମହତ୍ୟାରେ କୌଣସି ଫଳ ଉନ୍ନତି ହେବ ନାହିଁ, ବରଂ ଏହି ଆତ୍ମହତ୍ୟା କରିବାର ଚିନ୍ତା ଆହୁରି ନରକ ଆଡ଼କୁ ଟାଣିନିଏ । ସୁତରାଂ ଜୀବିତ ଥାଇ ଦାରୁଣ ଦୁଃଖ-କଷ୍ଟରେ କୃତପାପର ପ୍ରାୟଶ୍ଚିତ୍ତ ହୋଇପାରେ । କିନ୍ତୁ ଆତ୍ମହତ୍ୟାରେ ସେ ଆଶା ସୁଦୂରପରାହତ । ଆତ୍ମହତ୍ୟାକାରୀର ଉଦ୍ଧାର ନାହିଁ, ଏ କଥା ଠିକ୍ ନୁହେଁ; ତେବେ ଆତ୍ମହତ୍ୟାକାରୀକୁ ଦୀର୍ଘ ଦିନ ପରଲୋକ ଯନ୍ତ୍ରଣା ଭୋଗ କରିବାକୁ ପଡ଼େ । ପରେ ପ୍ରାକୃତିକ ନିୟମରେ

ଜନ୍ମଗ୍ରହଣ କରି ଆତ୍ମଘାତୀ ଆତ୍ମାର ଉନ୍ନତି କରିପାରେ । ତେଣୁ ଆତ୍ମହତ୍ୟା ଶାସ୍ତ୍ରରେ ନିଷିଦ୍ଧ ।”

ଆକସ୍ମିକ ମୃତ୍ୟୁ ମଧ୍ୟ ବିବିଧ ପ୍ରକାରର । ଏହି ମୃତ୍ୟୁ ଦ୍ୱାରା ସ୍ୱରୂପରେ ଜାଗିବାକୁ ବଡ଼ ବିଳମ୍ବ ହୋଇଥାଏ । ଏପରି କି ଯେଉଁ ଘଟଣା ନେଇ ଆକସ୍ମିକ ମୃତ୍ୟୁ ଘଟେ, ଚିର ବହୁ ଦିନ ପର୍ଯ୍ୟନ୍ତ ସେହି ଆକାର ଧାରଣ କରିଥାଏ ।”

ଶ୍ରୀ ଶ୍ରୀ ଠାକୁରଙ୍କର ଜଣେ ପ୍ରିୟ ଭକ୍ତଙ୍କର ଭାଇ ଶିକାର ବେଳେ ବାଘ କାମୁଡ଼ାରେ ମରିଗଲେ । ସେହି ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର ତାଙ୍କୁ ଗୋଟିଏ ପତ୍ରରେ ଲେଖିଛନ୍ତି—

ମୃତ୍ୟୁ ସମୟରେ ଜୀବର ମନୋଭାବ ନ ଜାଣିଲେ ତାହାର ଗତି ସମ୍ବନ୍ଧରେ କହିବା କଠିନ । ତେବେ ତୁମ ଭାଇ ଦୁଇ ତିନି ଘଣ୍ଟା ପରେ ମରିଥିବାରୁ ଅପେକ୍ଷାକୃତ ଭଲ ହୋଇଛି । ବାଘ କୁମ୍ଭୀର ଧରିଲେ ମନଟା ଭୟରେ ତଦାକାରାକାରିତ ହୋଇଯାଏ । ତେବେ କିଛିକ୍ଷଣ ପରେ ମରିଥିବାରୁ ବ୍ୟାଘ୍ରଯୋନିରେ ଜନ୍ମ ନ ହେଲେ ମଧ୍ୟ ଆନ୍ତତଃ କିଛି ଦିନ ଯାଏ ବାଘଧନ୍ଦାରେ ସେ ବୁଲିବ, ଏହା ଅନିବାର୍ଯ୍ୟ । ଏକା ଜୀବନ୍ମୁକ୍ତଙ୍କ ବ୍ୟତୀତ ଏ ନିୟମରୁ କାହାର ବ୍ୟତିକ୍ରମ ହୁଏ ନାହିଁ ।”

## ଆତ୍ମହତ୍ୟା ନିବାରଣ

୧୩୩୭ ସାଲ ଭକ୍ତ-ସମ୍ମିଳନୀରେ ଜନୈକ ଶିଷ୍ୟ ଆସି ଶ୍ରୀ ଶ୍ରୀ ଠାକୁରଙ୍କୁ ପ୍ରଶ୍ନ କଲେ, “ଠାକୁର, ସାପ ଦେହରେ ମଣି ଅଛି; ସେହି ମଣି ଆହରଣ କରିବାକୁ ଯାଇ ସର୍ପାଘାତରେ ଯଦି କାହାର ପ୍ରାଣବିନାଶ ହୁଏ, ତେବେ ତାକୁ କ’ଣ ଆତ୍ମହତ୍ୟା ବୁଝାଯିବ ? ଶ୍ରୀ ଶ୍ରୀ ଠାକୁର କହିଲେ, “ନା ତାକୁ ଆତ୍ମହତ୍ୟା ବୁଝାଯିବ ନାହିଁ ।” ସେତେବେଳେ ଠାକୁର ବୁଝିପାରିଲେ ନାହିଁ ଯେ ତାଙ୍କ ଭକ୍ତ କେଉଁ ମଣି କଥା କହୁଛି । ପରେ ବୁଝିଲେ ଯେ, ସତ୍ୟଲାଭ ନ ହେଲେ ସେ ପ୍ରାଣବିସର୍ଜନ କରିବାକୁ ପ୍ରସ୍ତୁତ ଅଛି । ତେଣୁ କୌଶଳକ୍ରମେ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରୁ ତାହାର ଅନୁମତି

ନେଇଗଲି । ଶ୍ରୀ ଶ୍ରୀ ଠାକୁର ଭାବିଲେ, ଆଚ୍ଛା ଦେଖାଯାଉ, କଥାଟା କେତେଦୂର ଯାଉଛି । ଶ୍ରୀ ଶ୍ରୀ ଠାକୁରଙ୍କ ଆଦେଶକ୍ରମେ ପରେ ଏହି ଶିଷ୍ୟ ଆନୁପୂର୍ବିକ ସମସ୍ତ ଘଟଣା ବର୍ଣ୍ଣନା କଲେ । ତାଙ୍କର ବର୍ଣ୍ଣନା ନିମ୍ନରେ ଦିଆଗଲା ।

ମୁଁ କେତେଦିନ ଅନାହାରରେ ଥିଲି, ତାହା ମୋର ଠିକ୍ ମନେ ନାହିଁ । ବୋଧହୁଏ ତିନି ପାଞ୍ଚ ଦିନରୁ କମ୍ ନୁହେଁ । ତା ପରେ ହରିଦ୍ୱାରକୁ ଯାଇ ଗଙ୍ଗାରେ ମରିବାକୁ କୃତସଂକଳ୍ପ ହେଲି । ସେହିଦିନ ରାତିରେ ମୁଁ ସ୍ୱପ୍ନ ଦେଖିଲି, ଗଙ୍ଗାସ୍ରୋତରେ ଭାସି ଭାସି ଯାଇ ମୁଁ ପୁରୀରେ ଠାକୁରଙ୍କ ଚରଣତଳେ ଉପସ୍ଥିତ ହୋଇଛି । ଏହାପରେ ଭାବିଲି, ନା ସ୍ୱପ୍ନରେ ପାଇଲେ ଚଳିବ ନାହିଁ, ପ୍ରକୃତ ଭାବରେ ପାଇବାକୁ ହେବ । ମୁଁ ଗଙ୍ଗାରେ ଝାସ ଦେବି । ହୁଏତ ଦେହପାତ ହେଉ, ନଚେତ୍ ସତ୍ୟଲାଭ ହେଉ । ଗଙ୍ଗାକୂଳରେ ବସିଲି । ଭାବିଲି ମୁଁ ଗଙ୍ଗାରେ ଝାସ ଦେଉଛି ଦେଖିବି ଠାକୁର କୋଳକୁ ନେବେ କି ନାହିଁ ? ହଠାତ୍ ମୋର ଭାବାନ୍ତର ଉପସ୍ଥିତ ହେଲା । ଭାବିଲି, ଠାକୁର ନିଶ୍ଚୟ ଦେଖା ଦେବେ । ଯଦି ଦେଖା ନ ଦିଅନ୍ତି, ତେବେ ମୋର ଆତ୍ମହତ୍ୟା ଯୋଗୁଁ ଗୁରୁଆଡ଼େ ତାଙ୍କର କଳଙ୍କ ବିଘୋଷିତ ହେବ ସିନା ! ସମସ୍ତେ କହିବେ, ଠାକୁର ତାଙ୍କ ଭକ୍ତର ଅଭୀଷ୍ଟ ପୂରଣ କରି ନ ପାରିବାରୁ ସେ ଆତ୍ମହତ୍ୟା କରିଛି । ନା, ମୁଁ ଏହା ସହ୍ୟ କରିପାରିବି ନାହିଁ । ମୋର ମରିବା ହେଲା ନାହିଁ । ଧୀରେ ଧୀରେ ସେଠାରୁ ଆସି ବୃନ୍ଦାବନରେ ପହଞ୍ଚିଲି । ସେଠାରେ ଗୋଟିଏ କୁଞ୍ଜବନ ଅଛି । ତାହା ଘନ ଜଙ୍ଗଲରେ ସମାଚ୍ଛନ୍ନ । ରାତିରେ ସେଠାରେ ପ୍ରତିଦିନ ଭଗବାନ ରାସଲୀଳା କରିଥାନ୍ତି । କିନ୍ତୁ ରାତି ହେଲେ ସେଠାରେ କାହାକୁ ରଖାଇ ଦିଆହୁଏ ନାହିଁ । ଏଥି ପୂର୍ବରୁ ସେଠାରେ ରାତିବାସ କରିବାକୁ ଯାଇ କେତେ ଜଣଙ୍କର ପ୍ରାଣନାଶ ଘଟିଯାଇଛି । ଏହା ଶୁଣି ମୋର ପୂର୍ବଭାବ ପୁଣି ଫେରିଆସିଲା । ମୁଁ ଭାବିଲି, ଏହି କୁଞ୍ଜବନରେ ରାତିବାସ କରୁ କରୁ ଯଦି ଭଗବାନଙ୍କ ରାସଲୀଳା ଦର୍ଶନ ମୋ ଭାଗ୍ୟରେ ଘଟେ, ତାହାହେଲେ ମହାଲାଭ; ତା ନ ହେଲେ ଯଦି ମୋର ମୃତ୍ୟୁ ହୁଏ, ତାହା ତ ମୋର ଅଭିପ୍ରେତ । ଅନ୍ୟର ଅଗୋଚରରେ ସନ୍ଧ୍ୟା ପୂର୍ବରୁ ମୁଁ

କୁଞ୍ଜବନରେ ପ୍ରବେଶ କଲି । ସନ୍ଧ୍ୟା ପର୍ଯ୍ୟନ୍ତ ସ୍ଥିର ଥିଲି । କିନ୍ତୁ ପରେ ମନଟା ଉଚ୍ଛିନ୍ନ ହୋଇ ଉଠିଲା । ମୁଁ ସେଠାରୁ ବାହାରି ଆସିବା ପାଇଁ ବ୍ୟସ୍ତ ହୋଇ-ପଡ଼ିଲି । କିନ୍ତୁ ଲତା-ପତ୍ର ଦ୍ୱାରା ମୋ ଗୋଡ଼ଦୁଇଟି ଏପରି ଭାବରେ ଛନ୍ଦି ହୋଇ ଯାଇଥିଲା ଯେ, ପଳାଇ ଆସିବାର ଉପାୟ ନ ଥିଲା । ପ୍ରାଣପଣେ ପଳାଇବାକୁ ଚେଷ୍ଟା କଲି, କିନ୍ତୁ ସବୁ ବିଫଳ ହେଲା । କିଛି ସମୟ ପରେ ହଠାତ୍ ଦେଖିଲି ମୋ ଗୋଡ଼ରୁ ଲତା-ପତ୍ର କୁଆଡ଼େ ଗୁଲିଯାଇଛି । ମୁଁ କୁଞ୍ଜବନର ବାହାରେ ଛିଡ଼ା ହୋଇଛି । ସେହି ଦିନଠାରୁ ପ୍ରତିଜ୍ଞା କଲି ଯେ, ମୁଁ ଆଉ କେବେ ହେଲେ ଆତ୍ମହତ୍ୟାର ଚେଷ୍ଟା କରିବି ନାହିଁ । ତା ପରେ ତ ଆପଣଙ୍କ ଶ୍ରୀଚରଣ ତଳକୁ ଫେରିଆସିଛି ।

ଉପରୋକ୍ତ ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ, "ନିଜେ ଇଚ୍ଛା କଲେ ମଧ୍ୟ କେହି ମରିପାରନ୍ତି ନାହିଁ । ମୁଁ ଜଣେ ସାଧୁଙ୍କୁ ଜାଣେ, ଜୀବନରେ ତାଙ୍କର ନିତ୍ୟଲାଭ ନ ହେଲା ବୋଲି ସେ ନିଶୀଥ ରାତ୍ରରେ ଲଛମନଝୋଲାରୁ ଗଙ୍ଗାର ସ୍ରୋତକୁ ଡେଇଁ ପଡ଼ିଥିଲେ । ତାଙ୍କର ସେତେବେଳେ ବାହ୍ୟ ଚେତନା ନ ଥିଲା । ଚେତନା ହେବାରୁ ସେ ଦେଖିଲେ ଯେ, ସ୍ରୋତ ମଝିରେ ଥିବା ଖଣ୍ଡେ ପଥର ଉପରେ ସେ ଶୋଇଛନ୍ତି ।"

## ମୃତବ୍ୟକ୍ତିର ସଙ୍ଗୀ ଓ ଅବସ୍ଥା

ମୃତ୍ୟୁ ପରେ ସୂକ୍ଷ୍ମ ଦେହର କାର୍ଯ୍ୟ ସମ୍ପନ୍ନ ହେଲେ ଓ ତଡ଼ିତ ସୂକ୍ଷ୍ମ ଦେହର ବିଚ୍ଛିନ୍ନ ହେଲେ ଆତ୍ମା ଶୂନ୍ୟରୁ ନିମ୍ନକୁ ଅବତରଣ କରେ । ସେହି ସମୟରେ ତାର କର୍ମ ଓ ଜ୍ଞାନ ଅନୁଯାୟୀ ଦୁଇ ଗ୍ୱରି ଜଣ ପ୍ରେତାତ୍ମା ସଙ୍ଗୀ ଆସି ମିଳିଯାନ୍ତି । ସେତେବେଳେ ସେ ଧୀର ପଦସଞ୍ଚାରରେ ସେମାନଙ୍କ ସହିତ ନିଜ କର୍ମଫଳାନୁଯାୟୀ ଲୋକକୁ ଗମନ କରେ । ପାପୀ ଲୋକମାନେ ଅନ୍ଧ ପରି ପ୍ରେତରାଜ୍ୟରେ ଘୂରି ବୁଲନ୍ତି ।

ମୃତ୍ୟୁ ବିଷୟରେ ଏପର୍ଯ୍ୟନ୍ତ ଯାହା ଆଲୋଚିତ ହେଲା, ସ୍ଥୂଳଚକ୍ଷୁର ବହିର୍ଭୂତ ବୋଲି ତାହା ଅନେକଙ୍କ ନିକଟରେ ଅବିଶ୍ୱାସ ହୋଇପାରେ । ହୁଏତ ଅନେକେ ଏହା ମନେ କରିପାରନ୍ତି ଯେ, ଏହା କବିର କଳ୍ପନା

ପ୍ରସୂତ ଅଦ୍ଭୁତ କାହାଣୀ; କିନ୍ତୁ ପ୍ରକୃତ ପକ୍ଷରେ ତାହା ନୁହେଁ । ପ୍ରକୃତ ସାଧକଙ୍କର ସାଧନଚକ୍ଷୁ ସମ୍ମୁଖରେ ଏହି ସୂକ୍ଷ୍ମ ତତ୍ତ୍ୱ ଓ ଘଟଣାଗୁଡ଼ିକ ସୁସ୍ପଷ୍ଟ ରୂପେ ଯେ ଉଦ୍ଭାସିତ ହୋଇଥାଏ, ଏ ବିଷୟରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି—

"ସାଧନାଶକ୍ତିରେ ଯେଉଁମାନଙ୍କର ଅଧ୍ୟାତ୍ମଚକ୍ଷୁ ପ୍ରସ୍ଫୁଟିତ, ମୃତ୍ୟୁକାଳରେ ପ୍ରତ୍ୟେକ ଜୀବର ଯେ କିପରି ପରିବର୍ତ୍ତନ ହୁଏ, ତାହା ସେମାନେ ପ୍ରତ୍ୟକ୍ଷ ଦେଖିପାରନ୍ତି । ମୃତ୍ୟୁ ସେମାନଙ୍କ ନିକଟରେ ପ୍ରତ୍ୟକ୍ଷ ଘଟଣା । ସୁତରାଂ ସାଧକଙ୍କ ନିକଟରେ ଏହା କବିକଳ୍ପନାପ୍ରସୂତ ନୁହେଁ; ଅନ୍ତରରାଜ୍ୟର ନିତ୍ୟ ପ୍ରତ୍ୟକ୍ଷ ଘଟଣା । କିନ୍ତୁ ମୃତ୍ୟୁ ଚିନ୍ତାରେ ଭୀତ ହେବାର କୌଣସି କାରଣ ନାହିଁ । ମରଣର ସ୍ୱରୂପ, ମରଣର ନିୟମ ବୁଝି ଜୀବନରେ ତାହା ସାଧନା କଲେ ମୃତ୍ୟୁ ମଧୁର ଓ ଶାନ୍ତିମୟ ବୋଲି ପ୍ରତୀୟମାନ ହେବ ।

## ପ୍ରେତର ସୁବିଧା

ପ୍ରେତ ଦେହ ଗଠନ ହେବାମାତ୍ରେ ପରଲୋକଗତ ଆତ୍ମିକର କେବଳ ସେ ଯେ ମରିଛି, ଏହି ଜ୍ଞାନ ତାର ହୁଏ ନାହିଁ; କିନ୍ତୁ ଏହା ବ୍ୟତୀତ ନାନା ବିଷୟରେ ସେ ବିଶେଷ ସୁବିଧା ଲାଭ କରିଥାଏ । ଏହି ସମୟରେ ତାର କୌଣସି ପ୍ରକାରର ଦୈହିକ ଯନ୍ତ୍ରଣାବୋଧ ନ ଥାଏ; ବିଦ୍ୟୁତ୍ ଝଡ଼ ପ୍ରଭୃତି ଉତ୍ପାତର ଆଶଙ୍କା ମଧ୍ୟ ରହେ ନାହିଁ । ପକ୍‌କାଗୃହର ଭିତ୍ତି ଭେଦ କରି ତାହାର ଗତି ଅନାୟାସରେ ହୁଏ । ସେତୁକ ଲୌହ ସିନ୍ଦୁକର ଅଭ୍ୟନ୍ତରସ୍ଥ ଦ୍ରବ୍ୟାଦି ପ୍ରତ୍ୟକ୍ଷ କରିପାରେ ଓ ତାହାର ଭିତରେ ଅନାୟାସରେ ପ୍ରବେଶ କରି ପାରେ । ତାହାର ଇନ୍ଦ୍ରିୟବୃତ୍ତିଗୁଡ଼ିକ ବହୁ ସହସ୍ର ଗୁଣରେ ବର୍ଦ୍ଧିତ ହୋଇଥାଏ; କିନ୍ତୁ ସ୍ଥୂଳ ଇନ୍ଦ୍ରିୟ ଅଭାବରୁ ତାହାସବୁ ସମ୍ୟକ୍ ରୂପରେ ଉପଲବ୍ଧି କରି ନ ପାରି ଯନ୍ତ୍ରଣା ଭୋଗ କରେ । ଦୂରତ୍ୱବୋଧ ଏକାବେଳେ ଚାଲିଯାଏ । ପ୍ରବଳ ଝଡ଼ବୃଷ୍ଟି ସମୟରେ ପାର୍ଥିବ ଜଗତରେ ଆତ୍ମୀୟମାନଙ୍କରଆହ୍ୱାନରେ ବହୁ ପ୍ରେତାତ୍ମାଓମହାପୁରୁଷ ପକ୍‌କାଘରର ରୁଦ୍ଧ କକ୍ଷରେ ପ୍ରବେଶ କରି ଦର୍ଶନ ଦିଅନ୍ତି ଓ କଥୋପକଥନ କରିଥାନ୍ତି । ଏହାର ଭୂରି ଭୂରି ପ୍ରମାଣ ଆମ୍ଭେମାନେ ଯଥାସ୍ଥାନରେ ଦେଖିପାରିବା ।"

## ପରଲୋକ

"ଇହଲୋକ ଓ ପରଲୋକର ବ୍ୟବଧାନଟା ଘୁଞ୍ଚାଇ ଦେଇପାରିଲେ ଯେ କି ଆନନ୍ଦ, କି ସୁଖ, ତାହା ଭାଷାରେ ବ୍ୟକ୍ତ କରିହେବ ନାହିଁ । ପରଲୋକ ଅଛି । ଇହଲୋକରେ ଯେପରି ଆତ୍ମୀୟସ୍ୱଜନ ବିଦେଶରେ ଥିଲେ ଦୁଇ ତିନି ବର୍ଷ ପରେ ସେମାନଙ୍କ ସହିତ ଦେଖା କରିବାର ସମ୍ଭାବନା ଥାଏ, ସେଠାରେ ମଧ୍ୟ ଆମମାନଙ୍କର ଆତ୍ମୀୟସ୍ୱଜନଙ୍କ ସହିତ ଦେଖାହେବ—ଏହି ବିଶ୍ୱାସରେ, ଏହି ଚିନ୍ତାରେ ଧୈର୍ଯ୍ୟ ଓ ଆନନ୍ଦ ଆସେ । ବିଶ୍ୱ ଥାଉ ଥାଉ ଯଦି ମନୁଷ୍ୟ ଏହି ଚିନ୍ତାରେ ଅଭ୍ୟସ୍ତ ହୁଏ, ତାହାହେଲେ ମନୁଷ୍ୟଆଉ ଆତ୍ମୀୟସ୍ୱଜନଙ୍କ ମୃତ୍ୟୁରେ ଶୋକାକୁଳ ହୋଇପଡ଼ିବ ନାହିଁ ।

"ମୃତ୍ୟୁ ଆଉ କିଛି ନୁହେଁ, ଦୀର୍ଘଦିନ ନିମିତ୍ତ ପରଲୋକପ୍ରବାସ ମାତ୍ର । ମୃତ୍ୟୁତତ୍ତ୍ୱ ଓ ପରଲୋକ ରହସ୍ୟ ଜାଣିପାରିଲେ ତୁମେମାନେ ଆହୁରି ଅନେକ ତତ୍ତ୍ୱର ରହସ୍ୟ ଭେଦ କରିପାରିବ । ଶିକୁଳି ଯେପରି ଗୋଟିକ ସଙ୍ଗରେ ଆଉ ଗୋଟିଏ ଜଡ଼ିତ, ପରଲୋକ ସଙ୍ଗରେ ମଧ୍ୟ ଆଉ ସବୁ ତତ୍ତ୍ୱ ସେହିପରି ଭାବରେ ପରସ୍ପର ଜଡ଼ିତ । ଯେଉଁମାନଙ୍କର ସ୍ୱଭାବତଃ ଭଗବାନ କିମ୍ବା ଈଶ୍ୱରଙ୍କଠାରେ ବିଶ୍ୱାସ ଅଛି, ସେମାନଙ୍କ କଥା ଛାଡ଼ିଦେଲେ ମଧ୍ୟ ଯେଉଁମାନେ ଅନୁଶୀଳନ କରି ଧର୍ମଲାଭ କରିବାକୁ ଚାହାନ୍ତି, ମୁଁ ସେମାନଙ୍କୁ କହୁଛି—ପ୍ରଥମେ ମୃତ୍ୟୁତତ୍ତ୍ୱ ନେଇ ଆଲୋଚନା କରିବାକୁ ଆରମ୍ଭ କର । ଏହି ମୃତ୍ୟୁ ରହସ୍ୟ ଜାଣିବାକୁ ଗଲେ ଦେଖିବ, ପରଲୋକ ଚିନ୍ତା ସଙ୍ଗେ ସଙ୍ଗେ ଭଗବାନ, ଈଶ୍ୱର ଓ ବ୍ରହ୍ମ ମନକୁ ମନ ଆସି ପହଞ୍ଚିଯିବେ । ଏକମାତ୍ର ପରଲୋକ ଚିନ୍ତାରୁ ସବୁ ଲାଭ ହୋଇପାରିବ । ଏଥିପାଇଁ ହିନ୍ଦୁମାନଙ୍କର ପରଲୋକବିଶ୍ୱାସ ପ୍ରତି ଏତେ ଦୃଢ଼ତା । କେହି ଭଗବାନଙ୍କୁ ନ ମାନିଲେ ତାଙ୍କୁ ନାସ୍ତିକ କୁହାଯିବ ନାହିଁ । ଆମ୍ଭମାନଙ୍କ ଷଡ଼୍ ଦର୍ଶନ ଭିତରୁ କେତୋଟି ଦର୍ଶନ ଭଗବାନଙ୍କୁ ଆଦୌ ସ୍ୱୀକାର କରନ୍ତି ନାହିଁ; କିନ୍ତୁ ସେମାନେ ଆସ୍ତିକ ଦର୍ଶନ ଭିତରେ ସ୍ଥାନ ପାଇଛନ୍ତି । 'ପରଲୋକନାହିଁ,—ଯେ ଏହି କଥା କହନ୍ତି, ସେ ଘୋର ନାସ୍ତିକ । ତାଙ୍କୁ ପୁନଃ ପୁନଃ ମୃତ୍ୟୁଯନ୍ତ୍ରଣା ଭୋଗ କରିବାକୁ ହୁଏ । ମୃତ୍ୟୁଚିନ୍ତା ଅଧ୍ୟାତ୍ମତତ୍ତ୍ୱାନ୍ୱେଷିଙ୍କର ପରମ ବନ୍ଧୁ ।

ଆମମାନଙ୍କ ଦେଶରେ ଗୋଟିଏ କଥା ପ୍ରଚଳିତ ଅଛି ଯେ ସନ୍ନ୍ୟାସୀମାନେ ଶ୍ମଶାନରେ ରହନ୍ତି । ତାହାରକାରଣହେଲା ସନ୍ନ୍ୟାସୀମାନେ ହଦାଗ୍ରତ ମୃତ୍ୟୁଚିନ୍ତା ନେଇ ବିଚରେ । ଶ୍ମଶାନକ୍ଷେତ୍ରରେ ଥିଲେ ମୃତ୍ୟୁଚିନ୍ତାଟା ସର୍ବଦା ଜାଗରୂକ ଥାଏ ଏବଂ ଜଗତର ନଶ୍ୱରତା ପ୍ରତି ସହଜରେ ଜ୍ଞାନ ଆସିଯାଏ ।"

# ଭୂତ ଓ ପ୍ରେତ

ସ୍ଥୂଳ ଦେହରେ ବର୍ତ୍ତମାନ ଥିବାବେଳେ ଯେଉଁମାନଙ୍କ ସଙ୍ଗରେ କେତେ ଆତ୍ମୀୟତା, କେତେ ଘନିଷ୍ଠତା, କେତେ ବନ୍ଧୁତ୍ୱ; ବିଦେହୀ ଅବସ୍ଥାରେ ସୂକ୍ଷ୍ମ ଦେହରେ ସେମାନେ ଯଦି ଆମ ନିକଟକୁ ଆସନ୍ତି, ତାହାହେଲେ, ଆମେମାନେ ତାଙ୍କୁ ଦେଖି ଭୟରେ 'ଭୂତ' 'ଭୂତ' ବୋଲିଅସ୍ଥିର ହୋଇପଡ଼ୁ । ଏହି ଭୂତପ୍ରେତ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି "ଆମ ଦେଶରେ ଭୂତ ସମ୍ବନ୍ଧରେ ଗୋଟିଏ ଅଦ୍ଭୁତ ଧାରଣା ସମସ୍ତଙ୍କର ଅଛି । ଏହି ଭୂତଭୟ ସଂସ୍କାର ସଙ୍ଗରେ ଏପରି ଜଡ଼ିତ ହୋଇଯାଇଛି ଯେ, ଭୂତ ଶବ୍ଦଟା ଶୁଣିଲା ମାତ୍ରେ ପ୍ରାଣରେ ଭୟର ସଞ୍ଚାର ହୁଏ । ମଲା ପରେ ସମସ୍ତେ ଭୂତ ହୁଅନ୍ତି । ଆମେ ମରିଗଲେ ମଧ୍ୟ ଭୂତ ହେବୁ । ଭୂତ ଅର୍ଥ ଅତୀତ ବା ଗତ । ତେବେ ସାଧାରଣତଃ ମନୁଷ୍ୟ ମରିବା ପରେ ଭୂତ ହେବାକୁ ମଧ୍ୟ ସମୟଲାଗେ । କାରଣ ଯେଉଁମାନେ ନିମ୍ନସ୍ତରର ମନୁଷ୍ୟ, ସେମାନେ ଅନେକ ଦିନ ପର୍ଯ୍ୟନ୍ତ ସ୍ତବ୍ଧ ବା ମୋହଗ୍ରସ୍ତ ଥା'ନ୍ତି ।

'ସେ ଯେ ମରିଛି', ଏହି ଜ୍ଞାନ ହେବାକୁ ଅନେକଙ୍କର ଦୁଇ ତିନି ବର୍ଷ ଲାଗିଥାଏ । ତେଣୁ ମନୁଷ୍ୟର ଭୂତଭୟର କୌଣସି ଅର୍ଥ ନାହିଁ । ଏହା ଚିତ୍ତର ଦୁର୍ବଳତା ବା କୁସଂସ୍କାର । ବିଶେଷତଃ ଭୂତ (ପରଲୋକଗତ ଆତ୍ମା) ସ୍ଥୂଳ ମନୁଷ୍ୟର କୌଣସି ଅନିଷ୍ଟ କରିପାରେ ନାହିଁ । କାରଣ ଭୂତ ବା ପ୍ରେତାତ୍ମାର ମନୁଷ୍ୟ ଦେହ ଧାରଣ କରିବା ମଧ୍ୟ ସହଜ ନୁହେଁ । ବହୁ ଚେଷ୍ଟା କରି ସେମାନଙ୍କୁ ବାଷ୍ପୀୟ ଦେହ ଧାରଣ କରିବାକୁ ହୁଏ । ବାଷ୍ପ ଘନୀଭୂତ ହେଲେ ମନୁଷ୍ୟ ପରି ଆକାର ହୋଇଯାଏ । କିନ୍ତୁ ସେ ଦେହ ସାମାନ୍ୟ କାରଣରେ ମିଳେଇଯାଏ । ପରଲୋକଗତ ଆତ୍ମା ହୁଏ ତ କୌଣସି

ସମୟରେ ଆତ୍ମୀୟସ୍ୱଜନଙ୍କ ନିକଟରେ କୌଣସି ପ୍ରୟୋଜନୀୟ କଥା କହିବା ନିମିତ୍ତ ଦେହ ଧାରଣ କରେ—ଯେଉଁ ସାକ୍ଷାତରେ କି ପ୍ରେତାତ୍ମା ଓ ଆତ୍ମୀୟସ୍ୱଜନଙ୍କ ମଙ୍ଗଳ ହେବାର ସମ୍ଭାବନା । କିନ୍ତୁ ମନୁଷ୍ୟର ଏପରି ସଂସ୍କାର ଯେ, ସେହି ପ୍ରେତାତ୍ମାର କଥା ଶୁଣିବା ତ ଦୂରର କଥା, ଏପରି ଦେହ ଦେଖିବା ମାତ୍ରେ 'ଭୂତ' 'ଭୂତ' ବୋଲି ସେ ଚିତ୍କାର କରିଉଠନ୍ତି । ଏହି ଚିତ୍କାରରେ ଚମକିପଡ଼ି ଭୂତର ଦେହ ତତ୍‌କ୍ଷଣାତ୍ ମିଳେଇଯାଏ । ସୁତରାଂ ତାହାର ଆଉ କଥା କହିବା ହୋଇପାରେ ନାହିଁ । ଯେଉଁମାନଙ୍କ ସଙ୍ଗରେ ଏତେ କାଳର ଘରକରଣା କରି ଆସିଥିଲି, ବିଦେହୀ ଅବସ୍ଥାରେ ତାଙ୍କଠୁ ଏହିପରି ପ୍ରତ୍ୟାଖ୍ୟାନ କରିବା ଉଭୟଙ୍କ ପକ୍ଷରେ ବଡ଼ ମର୍ମାନ୍ତିକ । ଏହି ଅଜ୍ଞାନତା ଏବଂ କୁସଂସ୍କାର ଭିନ୍ନ କିଛି ନୁହେଁ ।"

"ଏ ଜଗତରେ ଯେ ଯାହା ନିକଟରେ ଅପରାଧୀ, ସେ ଜଗତରେ ସେ ତା ନିମିତ୍ତ ପ୍ରତିଶୋଧ ନେବା ପାଇଁ ବସିଥାଏ ଏବଂ ତାକୁ ଦେଖିଲା ମାତ୍ରେ ତାହାର ଅପରାଧର କଥା ସ୍ମରଣ କରାଇଦେଇ ପ୍ରତିଶୋଧ ନେବାକୁ ଇଚ୍ଛାକରେ । ପ୍ରେତ ମଧ୍ୟ ଭୟରେ ପଳାଉଥାଏ । ସେ ଯେଉଁଠାକୁ ଯାଏ, ଦେଖେ ଶତ୍ରୁ ତା'ସଙ୍ଗରେ ପଛେପଛେ ଗୋଡ଼ାଉଛି । ଏଥିରେ ସେ ଭୀଷଣ ଯନ୍ତ୍ରଣା ଭୋଗକରେ । ଏହା ହିଁ କର୍ମର ଭୋଗାବସ୍ଥା । ଏ ଜଗତରେ ଅପରାଧର ବିଚାର ନିମିତ୍ତ ଅପର ନିକଟରେ ପ୍ରାର୍ଥୀ ହେବାକୁ ପଡ଼େ; କିନ୍ତୁ ସେ ଜଗତରେ ଯେ ଯାହା ନିକଟରେ ଅପରାଧୀ, ସେ ହିଁ ତାର ବିଚାର କରେ ।"

## ପରଲୋକଗତ ଆତ୍ମାର ଆକର୍ଷଣ

ପରଲୋକଗତ ଆତ୍ମା ଯେପରି ବିଶେଷ ପ୍ରୟୋଜନରେ ଦର୍ଶନ ଉପଯୋଗୀ ଦେହ ପରିଗ୍ରହ କରି ଆତ୍ମୀୟସ୍ୱଜନଙ୍କ ନିକଟରେ ଆବିର୍ଭୂତ ହୁଏ, ସେହିପରି ମନୁଷ୍ୟ ମଧ୍ୟ ଚେଷ୍ଟା କଲେ ପରଲୋକଗତ ଆତ୍ମାକୁ ଏଠାକୁ ଆକର୍ଷଣ କରି ନେଇ ଆସିପାରିବ । ସାଧାରଣତଃ ମିଡ଼ିୟମ ଭିତରେ ଆତ୍ମା ଆସିଥାଏ । ମିଡ଼ିୟମ୍ ବ୍ୟତୀତ କାହାକୁ ଆକର୍ଷଣ କରିବା ଯୋଗସିଦ୍ଧ ମହାପୁରୁଷଙ୍କ ବ୍ୟତୀତ ସାଧାରଣଙ୍କ ପକ୍ଷରେ ସାଧ୍ୟାତୀତ । ପ୍ଲାନ୍‌ଚେଟ୍, ହିପ୍‌ନୋଟିଜିମ୍, ତିନିପାଦ ଟେବୁଲ, ଭୌତିକ ଚକ୍ର ପ୍ରଭୃତି ନାନା ଉପାୟରେ ପରଲୋକଗତ ଆତ୍ମାକୁ ଆକର୍ଷଣ କରାଯାଇଥାଏ ।

ସେଥିମଧ୍ୟରୁ ଠାକୁର ଭୌତିକ ଚକ୍ରର ବିଶେଷ ପକ୍ଷପାତୀ ଥିଲେ । ଏପରି କି ସ୍ଥାନ ବିଶେଷରେ ସେ କୌଣସି ଶିଷ୍ୟ ପରିବାରକୁ ପାଞ୍ଚ ସାତ ଜଣ ମିଳିତ ହୋଇ ଭୌତିକ ଚକ୍ର ରଚନା ପୂର୍ବକ ପରଲୋକଗତ ଆତ୍ମୀୟସ୍ୱଜନମାନଙ୍କୁ ଆକର୍ଷଣ କରି ତାଙ୍କ ସହିତ ଆଳାପ, ଆଲୋଚନା ଓ ସମ୍ବନ୍ଧ ଅକ୍ଷୁର୍ଣ୍ଣ ରଖିବା ନିମିତ୍ତ ଉପଦେଶ ଦେଇଯାଇଛନ୍ତି । ପ୍ଲାନଚେଟ ଉପରେ ଠାକୁରଙ୍କ ବିଶ୍ୱାସ ନ ଥିଲା । ମୁକ୍ତ ପୁରୁଷ ଉନ୍ନତ ଆତ୍ମା ଓ ଯେଉଁମାନେ ଜନ୍ମଗ୍ରହଣ କରିସାରିଛନ୍ତି, ସେମାନଙ୍କୁ ଆକର୍ଷଣ କରିବା ସାଧାରଣଙ୍କ ସାଧ୍ୟାତୀତ, ସୁତରାଂ ଅସମ୍ଭବ ।

## ପରଲୋକଗତ ଆତ୍ମାର ଆନୟନ

ସାଧାରଣଙ୍କ ସାଧ୍ୟାତୀତ ହେଲେ ମଧ୍ୟ ଉନ୍ନତ ଆତ୍ମାକୁ ଆକର୍ଷଣ କରିବା ଯେ ଯୋଗୀ ମହାପୁରୁଷଙ୍କ ପକ୍ଷରେ ଅସମ୍ଭବ ନୁହେଁ, ତାହା ଆମ୍ଭେମାନେ ଠାକୁରଙ୍କ ଜୀବନରେ ପ୍ରତ୍ୟକ୍ଷ କରିଅଛୁ । 'ଜ୍ଞାନୀଗୁରୁ'ର ପାଠକ ମାନେ ଅବଗତ ଅଛନ୍ତି ଯେ, 'ଧର୍ମ ସମ୍ବନ୍ଧରେ ଶିକ୍ଷିତ ବ୍ୟକ୍ତିଙ୍କ ଅଭିମତ' ପ୍ରବନ୍ଧ ଲେଖି ଠାକୁର ଅନ୍ତରରେ ଟିକିଏ ଅଶାନ୍ତି ଭୋଗ କରିଥିଲେ ଏବଂ ଦିନେ ରାତିରେ ଯୋଗନିଦ୍ରା ସାହାଯ୍ୟରେ ସ୍ୱର୍ଗୀୟ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ମହାଶୟଙ୍କ ଆତ୍ମାକୁ ଯୋଗ ଆକର୍ଷଣ ବଳରେ ଆନୟନକରି ତାଙ୍କ ସହିତ ବହୁ ବିଷୟରେ ଆଳାପ ଆଲୋଚନା କରିଥିଲେ ।

ଶ୍ରୀ ଶ୍ରୀ ଠାକୁର ଏହି ଯୋଗନିଦ୍ରା ସାହାଯ୍ୟରେ ଅନେକ ମୃତ ଓ ପରଲୋକଗତ ଆତ୍ମାକୁ ଆକର୍ଷଣ କରି ଆଣି ଦୀକ୍ଷା ଦେଇ ଉନ୍ନତ କରାଇ ଦେଇଛନ୍ତି । ସେ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁରଙ୍କ ସହିତ ହୋଇଥିବା ପ୍ରଶ୍ନୋତ୍ତର ନିମ୍ନରେ ଦିଆଗଲା ।

ଶିଷ୍ୟ ପଚାରିଲେ, 'ଯୋଗନିଦ୍ରା ବଳରେ କ'ଣ ମୃତ ଆତ୍ମାକୁ ଆଣି ଅନ୍ୟ ସମକ୍ଷରେ ପ୍ରତ୍ୟକ୍ଷ ଭାବରେ ଗୋଚରୀଭୂତ କରି ଦୀକ୍ଷା ଇତ୍ୟାଦି ଦିଆଯାଇ-ପାରେ ?''

ଶ୍ରୀ ଶ୍ରୀ ଠାକୁର କହିଲେ, 'ହିଁ, ଏହି ଯୋଗନିଦ୍ରା ସାହାଯ୍ୟରେ ଆକର୍ଷଣ କରି ମୃତ ଆତ୍ମାକୁ ଅଣାଯାଏ ଓ ଯେପରି ଭାବରେ ତୁମେ ମୋତେ ଦେଖୁଛ, ସେହିପରି ଭାବରେ ଦେଖିବାକୁ ମିଳେ । ଅଳ୍ପଦିନ ହେଲା ମୋର ଗୋଟିଏ ଶିଷ୍ୟର ସ୍ତ୍ରୀ ବିୟୋଗ ଘଟିଅଛି । ସ୍ତ୍ରୀ ପ୍ରତି ଏହି ଶିଷ୍ୟର ଅତ୍ୟଧିକ ଅନୁରକ୍ତି ଥିଲା । ସ୍ତ୍ରୀ ବିୟୋଗ ପରେ ମଧ୍ୟ ବର୍ତ୍ତିମାନ ତାହାର ଉନ୍ମତ୍ତ ହେବ । ଏହି ସ୍ତ୍ରୀର ଆତ୍ମାକୁ ଆଣି ଦୀକ୍ଷା ଦେବାପାଇଁ ସେ ଜିଦ୍ କରୁଛି । କାରଣ ତାହା ସହିତ ତାର ସ୍ତ୍ରୀର ଦୀକ୍ଷା ହୋଇ ନ ଥିଲା । ଯେତେଦିନଯାଏ ଆତ୍ମା ପ୍ରେତ ଲୋକରେ ଥିବ ସେତେଦିନଯାଏ ଆଣିବା ଅତି ସହଜ, କିନ୍ତୁ ଉପର ସ୍ତରକୁ ଉଠିଗଲେ ଟିକିଏ ଶ୍ରମସାପେକ୍ଷ ଓ ସମୟର ପ୍ରୟୋଜନ । ତେବେ ଉନ୍ନତ ଆତ୍ମାଙ୍କର ଠିକ୍ ଠିକ୍ ଦୀକ୍ଷା ହୁଏ ନାହିଁ । ଉପଦେଶାଦି ଦ୍ୱାରା ସେମାନଙ୍କୁ ଉନ୍ନତ କରାଇ ଦିଆଯାଏ ।''

## ଶ୍ରଦ୍ଧେୟ ଗୋବିନ୍ଦବାବୁଙ୍କର ମୃତପତ୍ନୀଙ୍କୁ ଆନୟନ

ଶ୍ରୀ ଶ୍ରୀ ଠାକୁର ବଗୁଡ଼ାରେ ଅବସ୍ଥାନ କରୁଥିବା ସମୟରେ ଗୋବିନ୍ଦ ବାବୁଙ୍କ ଘରେ ତାଙ୍କର ଭ୍ରାତୃଷ୍ପୁତ୍ରୀର ଐକାନ୍ତିକ ଅନୁରୋଧରେ ଗୋବିନ୍ଦ ବାବୁଙ୍କ ମୃତ ପତ୍ନୀଙ୍କ ଆତ୍ମାକୁ ଅଣାଇ ଦେଖାଇଲେ । ବାଳିକାଟି ତାହାର ଖୁଡ଼ୀକୁ ଦେଖି ଓ ପୂର୍ବ ପରିଧେୟ ବସ୍ତ୍ର ସହିତ ପୂର୍ବ ମୂର୍ତ୍ତିରେ ଏକାବେଳେକେ ମିଳିଯାଇଥିବାର ଦେଖି ଖୁବ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲା ।

## ହରିପ୍ରସାଦଙ୍କ ଆତ୍ମା ଆନୟନ

ଶ୍ରୀ ଶ୍ରୀ ଠାକୁର ତୀର୍ଥ ଭ୍ରମଣ ସମୟରେ ହରିଦ୍ୱାରଠାରେ ବ୍ରହ୍ମକୁଣ୍ଡ ତୀରବର୍ତ୍ତୀ ଜମ୍ମୁରାଜା-ଧର୍ମଶାଳାରେ ଅବସ୍ଥାନ କରୁଥିବାବେଳେ ଢାକାର ଡାକ୍ତର ଶ୍ରୀ ନୃପେନ୍ଦ୍ରଚନ୍ଦ୍ର ରାୟଙ୍କ ଐକାନ୍ତିକ ଅନୁରୋଧରେ ତାଙ୍କର ଶ୍ୱଶୁର ସ୍ୱର୍ଗୀୟ ହରିପ୍ରସାଦ ଚକ୍ରବର୍ତ୍ତୀଙ୍କ ଆତ୍ମାକୁ ଆନୟନ କରି ତାଙ୍କ ସହିତ ସାକ୍ଷାତର ସୁବିଧା କରାଇ ଦେଇଥିଲେ । ଡାକ୍ତର ନୃପେନ୍ଦ୍ର ଭାଇ ଆକାଶସ୍ଥ ଚନ୍ଦ୍ରମଣ୍ଡଳ ସଦୃଶ ଜ୍ୟୋତିର୍ମୟ ଚନ୍ଦ୍ରମଣ୍ଡଳ ଭିତରେ ଶ୍ୱଶୁରଙ୍କୁ ଦେଖିପାରିଥିଲେ । ପରେ ଏହି ସୂକ୍ଷ୍ମ

ଦେହ ତ୍ୟାଗ ଭେଦ କରି ପୂର୍ବୋକ୍ତ ଧର୍ମଶାଳାର ରୁଦ୍ଧ କକ୍ଷରେ ପ୍ରବେଶପୂର୍ବକ ନୃପେନ୍ଦ୍ର ଭାଇଙ୍କ ସହିତ ନାନା ବିଷୟରେ ଆଳାପ କରି ପୁନର୍ବାର ଚାଲି-ଯାଇଥିଲେ । ପକ୍କା ଗୃହ ସୂକ୍ଷ୍ମଦେହୀଙ୍କ ଆଗମନରେ କୌଣସି ପ୍ରତିବନ୍ଧକ ଜନ୍ମାଇ ପାରି ନ ଥିଲା ।

ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ପରଲୋକ, ସୂକ୍ଷ୍ମଲୋକ ଓ ଇହଲୋକର ବ୍ୟବଧାନ ଏକାବେଳକେ ଘୁଞ୍ଚିଯାଇଥିଲା । ସୂକ୍ଷ୍ମଲୋକ ସମ୍ବନ୍ଧରେ ତାଙ୍କର ଅସାଧାରଣ କ୍ଷମତାର ଆଉ ଗୋଟିଏ ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ।

## ପୁଷ୍କର ପ୍ରେତ

୧୩୩୭ ସାଲରେ କୁଚବିହାରର କେତେକ ଭକ୍ତଙ୍କ ଐକାନ୍ତିକ ଅନୁରୋଧରେ ଶ୍ରୀ ଶ୍ରୀ ଠାକୁର ଜନୈକ ଶିଷ୍ୟଙ୍କ ଗୃହକୁ ଗମନ କରିଥିଲେ । ସେଠାରେ ଯେଉଁ ଶିଷ୍ୟ ଘରେ ସେ ଅବସ୍ଥାନ କରୁଥିଲେ, ତାଙ୍କ ଗୃହରେ ଦେଢ଼ବର୍ଷ ଭିତରେ ଦୁଇ ଚାରିଜଣ ଲୋକ ମରିଯିବାର ଦେଖି ସମସ୍ତେ କହିଲେ—ଏହି ଗୃହରେ ପୁଷ୍କର ଲାଗିଛି । ଏ ଘର ଛାଡ଼ି ଚାଲିଯିବାକୁ ଓ ଶାନ୍ତି ସ୍ୱସ୍ତ୍ୟୟନ କରି ଏହାର ପ୍ରତିବିଧାନ କରିବାକୁ ସମସ୍ତେ ଉକ୍ତ ଶିଷ୍ୟଙ୍କୁ ପରାମର୍ଶ ଦେଲେ । ଆଉ ଜଣେ ଶିଷ୍ୟ ଠାକୁରଙ୍କୁ ଉପରୋକ୍ତ ବିଷୟ ଜଣାଇ ପ୍ରଶ୍ନ କଲେ, "ଅନେକଙ୍କର ଧାରଣା, ଏହି ଗୃହରେ ପୁଷ୍କର ଲାଗିଛି । ସେହି ପୁଷ୍କରର ଅତ୍ୟାଚାରରେ ଏହି ଗୃହରେ ବହୁତ ବିପ୍ଲବ ହେଉଅଛି । ବର୍ତ୍ତମାନ ଆପଣଙ୍କର ଏହି ଶିଷ୍ୟ ତାର ଏହି ଘର ଛାଡ଼ି ଅନ୍ୟତ୍ର ଯିବ କି ସେଥିପାଇଁ ଶାନ୍ତି ସ୍ୱସ୍ତ୍ୟୟନ କରିବ ? ସେମାନଙ୍କ ଧାରଣା, ପୁଷ୍କରଟା ସହର ଦକ୍ଷିଣ-ପଶ୍ଚିମ କୋଣରେ ଥିବା ଆମ୍ବ ଗଛରେ ଅଛି । ଆପଣ ଯାହା କହିଲେ, ସେ ତାହା କରିବ ।"

ଶ୍ରୀ ଶ୍ରୀ ଠାକୁର କହିଲେ—ଆଚ୍ଛା, କାଲି ମୁଁ ଏହାର ଉତ୍ତର ଦେବି । ତା ପରଦିନ ପ୍ରଣାମ କଲାମାତ୍ରେ ପ୍ରଶ୍ନକର୍ତ୍ତା ଶିଷ୍ୟଙ୍କୁ ଠାକୁର କହିଲେ, 'ଆରେ ପୁଷ୍କର ପ୍ରକୃତରେ ସେହି ଆମ୍ବଗଛରେ ଅଛି । ତାହାର ଦୃଷ୍ଟି ମଧ୍ୟ ଏହି ଗୃହ ଉପରେ । ମୁଁ ଆସିବାରୁ ତାହାର ଅସୁବିଧା ହୋଇଛି । ତେଣୁ ସେ ମୋ ଉପରେ ବଡ଼ ବିରକ୍ତ ହୋଇ କାଲି ରାତିସାରା ମୋ ନିକଟରେ ଉତ୍ପାତ କରି ମୋତେ

ଶୁଆଇ ଦେଇନାହିଁ ଓ ମୋତେ ତଡ଼ିଦେବା ନିମିତ୍ତ ଯଥାସାଧ୍ୟ ଚେଷ୍ଟା କରିବାରେ ତ୍ରୁଟି ରଖି ନାହିଁ । ତେଣୁ ଆଜି ଦିନତମାମ ମୋର ମୁଣ୍ଡବ୍ୟଥା ହେଉଛି ।

ଶିଷ୍ୟ ପଚାରିଲେ—ଠାକୁର, ତାହାହେଲେ ଏମାନେ ଏହି ଘର ଛାଡ଼ି ଚାଲି ଯିବେ ନା ଶାନ୍ତ ହୋମ କରିବେ ?

ଶ୍ରୀ ଶ୍ରୀ ଠାକୁର କହିଲେ 'ନା' ତାଙ୍କୁ କିଛି କରିବାକୁ ହେବ ନାହିଁ । ପୂଷ୍କରିର ଯେଉଁ ସାମାନ୍ୟ ପ୍ରଭାବ ଟିକିକ ଥିଲା, ମୁଁ ଆସିବାରୁ ତାହାସବୁ ନଷ୍ଟ ହୋଇଯାଇଛି । ସେ ବର୍ତ୍ତମାନ ଶକ୍ତିହୀନ ହୋଇପଡ଼ିଛି । ତାହାର ବର୍ତ୍ତମାନ ଆଉ କିଛି କରିବାର କ୍ଷମତା ନାହିଁ । ତେଣୁ ସେମାନଙ୍କୁ କହିଦିଅ, ସେମାନେ ଆଉ ଏ ବିଷୟରେ ଆଦୌ ଭାବିତ ହେବେ ନାହିଁ ।

## ସୂକ୍ଷ୍ମଲୋକ ସମ୍ବନ୍ଧରେ ଆଲୋଚନା

ଉପରୋକ୍ତ କଥା ଶୁଣି ଶିଷ୍ୟ ପ୍ରଶ୍ନ କଲେ, 'ଆଚ୍ଛା ଠାକୁର ! ଭୂତ ପ୍ରେତ, ବ୍ରହ୍ମଦୈତ୍ୟ, ଯକ୍ଷ, ରକ୍ଷ ଏମାନେ ପ୍ରକୃତରେ ଅଛନ୍ତି, ନା ଏସବୁ ମନୁଷ୍ୟର କଳ୍ପନା ?''

ଶ୍ରୀ ଶ୍ରୀ ଠାକୁର କହିଲେ, ''ସମସ୍ତେ ଅଛନ୍ତି, କିନ୍ତୁ ପରଲୋକଗତ ଆତ୍ମା ଯେ ଭୂତ ହୋଇ କାହା ଦେହରେ ଲାଗିବେ, ଏହା ସମ୍ପୂର୍ଣ୍ଣ ଅସମ୍ଭବ । ତେବେ ଗୋଟିଏ ଶ୍ରେଣୀର ସୂକ୍ଷ୍ମଜୀବ ଅଛନ୍ତି, ସେମାନେ ମନୁଷ୍ୟଙ୍କୁ ହିଂସା କରନ୍ତି ଓ ସେମାନେ ଅପକାର ମଧ୍ୟ କରିପାରନ୍ତି ଏବଂ ଅନେକ ସମୟରେ ଏହା କରିଥାନ୍ତି । ସେମାନଙ୍କୁ 'ଭୂତଯୋନି' କୁହାଯାଏ । ସେମାନେ ଅନେକ ସମୟରେ ଭଙ୍ଗାଘର ଓ ବଣ ଜଙ୍ଗଲରେ ବାସ କରନ୍ତି । ସେମାନଙ୍କ ମଧ୍ୟରେ ବିବାହ ଆଦି ହୁଏ । ବିବାହ ସମୟରେ ବାଦ୍ୟବାଜଣା ଆଦି ବାଜେ । ସେମାନଙ୍କର ପିଲାଛୁଆ ମଧ୍ୟ ହୁଅନ୍ତି । ଏମାନେ ଜନ୍ମନ୍ତି, ମରନ୍ତି । ଏମାନଙ୍କ ସ୍ତ୍ରୀ, ପିଲା,ଘରସଂସାର ସବୁଅଛି । ଅନେକ ସମୟରେ ଏମାନେ ମନୁଷ୍ୟ ଉପରେ ଅତ୍ୟାଚାର କରିଥାନ୍ତି । ଏମାନଙ୍କ ଅତ୍ୟାଚାରକୁ ମନୁଷ୍ୟ ପ୍ରେତାତ୍ମା ଉପରେ ଆରୋପ କରେ; କିନ୍ତୁ ଏହା ଠିକ୍

ନୁହେଁ । ମନୁଷ୍ୟମାନେ ଯେପରି ସେମାନଙ୍କ ସମାଜ ନେଇ ବାସ କରୁଛନ୍ତି, ସେହିପରି ସେମାନେ ସମାଜ ବାନ୍ଧି ବାସ କରନ୍ତି ।

ସେମାନଙ୍କ ରାଜତ୍ୱ ପୃଥକ୍ । ସ୍ଥୂଳ ଓ ସୂକ୍ଷ୍ମ ଉଭୟ ଦେହ ନେଇ ସେମାନଙ୍କ ରାଜତ୍ୱ । ମନୁଷ୍ୟ ସ୍ଥୂଳ ଦେହଧାରୀ, କିନ୍ତୁ ଏମାନେ କେହି କେହି ସୂକ୍ଷ୍ମ ଦେହଧାରୀ, କେହି ଅବା ସ୍ଥୂଳ ସୂକ୍ଷ୍ମ ସମ୍ମିଶ୍ରିତ । ପୂର୍ବକାଳରେ ଏମାନେ ଦେଶ-ତମାମ ବାସ କରୁଥିଲେ । ମନୁଷ୍ୟମାନଙ୍କ ନିକଟରୁ ସେବା ପୂଜା ପାଉଥିଲେ, କିନ୍ତୁ ବର୍ତ୍ତମାନ ଶିକ୍ଷାର ବିସ୍ତାର ଯେତେ ଅଧିକ ହେଉଛି, ଦେଶ ଜ୍ଞାନାଲୋକରେ ଯେତେ ଉଦ୍ଭାସିତ ହୋଇଉଠୁଛି, ଏମାନଙ୍କ ପ୍ରତି ମନୁଷ୍ୟମାନଙ୍କର ସେତିକି ଅଶ୍ରଦ୍ଧାଭାବ ଓ ଅବିଶ୍ୱାସ ଆସିଯାଉଛି । ଏମାନେ ବଳେ ବଳେ ଲୋକାଳୟ ଛାଡ଼ି ଦୂର ଜଙ୍ଗଲରେ ଆଶ୍ରୟନେଉଛନ୍ତି । ତେବେ ଏହି କୁଚବିହାର ପ୍ରଭୃତି ଅଞ୍ଚଳରେ ସେମାନଙ୍କ ଅତ୍ୟାଚାର ଏପର୍ଯ୍ୟନ୍ତ କମି ନାହିଁ । ମଶାଣୀଚଣ୍ଡୀ, ଯକ୍ଷିଣୀ ପ୍ରଭୃତି ସେମାନଙ୍କର ଭିନ୍ନ ଭିନ୍ନ ପ୍ରତିରୂପ । ସେମାନେ ଯେ ମନୁଷ୍ୟର ଉପକାର ନ କରନ୍ତି, ତାହା ନୁହେଁ । ତେବେ ବାଗରେ ପାଇଲେ ଅପକାର କରିବାକୁ ଛାଡ଼ନ୍ତି ନାହିଁ । ଭଗବାନଙ୍କ ରାଜତ୍ୱରେ ଯେ କେତେ ପ୍ରକାର ସୂକ୍ଷ୍ମ ଜୀବ ଅଛନ୍ତି, ତାହାର ଇୟତ୍ତା ନାହିଁ । ଆମେମାନେ ସ୍ଥୂଳ ଦେହଧାରୀ, ତେଣୁ ସ୍ଥୂଳ ଛଡ଼ା ସୂକ୍ଷ୍ମକୁ ବିଶ୍ୱାସ କରିପାରୁ ନାହିଁ ।"

ଶିଷ୍ୟ ପଚାରିଲେ, "ତାହାହେଲେ କ'ଣ ସ୍ଥୂଳଜଗତ ପରି ସୂକ୍ଷ୍ମ ଜଗତ ବୋଲି ଗୋଟାଏ କିଛି ଅଛି ?"

ଶ୍ରୀ ଶ୍ରୀ ଠାକୁର ଉତ୍ତର ଦେଲେ, "ହଁ ନିଶ୍ଚୟ ଅଛି । ଏ ଜଗତ ଯେପରି ନାନାପ୍ରକାର ଜୀବ ଦ୍ୱାରା ଅଧ୍ୟୁଷିତ, ସେ ଜଗତ ମଧ୍ୟ ସେହିପରି । ସେଠାରେ ମଧ୍ୟ ନାନାପ୍ରକାର ବୈଷମ୍ୟ । ପୁଣି ସେ ଜଗତକୁ ପୃଥକ୍ ବୋଲି କହୁଛି କାହିଁକି ଜାଣ ? ଏହି ଜଗତର ଅନ୍ତରାଳରେ ସେ ଜଗତ ବର୍ତ୍ତମାନ, ପ୍ରତ୍ୟେକ ସ୍ଥୂଳବସ୍ତୁର ଅନ୍ତରାଳରେ ତାଙ୍କ ସୂକ୍ଷ୍ମ ଶକ୍ତି ବିରାଜିତ । ସୂକ୍ଷ୍ମ ଦ୍ୱାରା ସ୍ଥୂଳଜଗତ ବର୍ଦ୍ଧିତ ଓ ପରିଚାଳିତ । ପ୍ରତ୍ୟେକ ବସ୍ତୁର ଅଭ୍ୟନ୍ତରରେ ତାହାର ଅଧିଷ୍ଠାତ୍ରୀ ଦେବୀ ବା ସୂକ୍ଷ୍ମଶକ୍ତିର ଅସ୍ତିତ୍ୱ ବିଦ୍ୟମାନ । କେବଳ ସ୍ଥୂଳ ବୋଲି କହୁ ନାହିଁ । ଏହି ଯେଉଁସବୁ ରୋଗବ୍ୟାଧି ହୁଏ, ପ୍ରତ୍ୟେକ ରୋଗର ଗୋଟିଏ

ଗୋଟିଏ ଅଧିଷ୍ଠାତ୍ରୀ ଦେବୀ ଅଛନ୍ତି । ମୁଁ ଥରେ ହଇଜା ଦେବୀଙ୍କୁ ପ୍ରତ୍ୟକ୍ଷ କରିଛି ଦେଖେ ତ, ଗୋଟିଏ ଅବଗୁଣ୍ଠନବତୀ ସ୍ତ୍ରୀ ଲୋକ ଦ୍ରୁତଗତିରେ ଚାଲି ଯାଉଛନ୍ତି ପୁଣି ତାଙ୍କର ସମ୍ମୁଖରେ ଗୋଟିଏ ରକ୍ତଗୋଲକ ଛୁଟିଯାଉଛି । ଏହି ସ୍ତ୍ରୀ ଲୋକଟି ହଇଜାର ଅଧିଷ୍ଠାତ୍ରୀ ଦେବୀ ଓ ଏହି ରକ୍ତ ଗୋଲକ ତାଙ୍କର ଶକ୍ତି ।"

ଶିଷ୍ୟ ପଚାରିଲେ, "ରୋଗର ଅଧିଷ୍ଠାତ୍ରୀ ଦେବୀ ସବୁ କଅଣ କରନ୍ତି ? କିପରି ରୋଗୀ ଦେହରେ ରୋଗର ଉଦ୍ଭବ ହୁଏ ?"

ଶ୍ରୀ ଶ୍ରୀ ଠାକୁର କହିଲେ, "ରୋଗର ଅଧିଷ୍ଠାତ୍ରୀ ଦେବୀ ଆସି ଦେହର ସମଗ୍ର ପ୍ରଣାଳୀଟାକୁ ଓଲଟପାଲଟ କରିଦିଅନ୍ତି । ତେଣୁ ରୋଗୀ ଦେହରେ ଅସ୍ୱାଭାବିକ ଲକ୍ଷଣ (ଯାହାକୁ କି ରୋଗ କହନ୍ତି) ପ୍ରକାଶ ପାଏ ।

ଶିଷ୍ୟ ପଚାରିଲେ, "ତା ହେଲେ ରୋଗ ଭଲ ହୁଏ କିପରି ?"

ଶ୍ରୀ ଶ୍ରୀ ଠାକୁର କହିଲେ, "ଔଷଧ ପ୍ରୟୋଗରେ ଏହି ଅସଂଯତ ପ୍ରଣାଳୀ (Abnormal System) ସଂଯତ ଅବସ୍ଥା (Normal Condition)କୁ ଫେରିଆସେ । କିନ୍ତୁ ସେମାନେ ଯାହାକୁ ନେବେ ବୋଲି ବିଚାରନ୍ତି, ତାର କାହିଁରେ ରକ୍ଷା ନାହିଁ । ଶତ ଔଷଧରେ ମଧ୍ୟ ତାର କୌଣସି ଫଳ ହୁଏ ନାହିଁ । ଏହିସବୁ ରୋଗବ୍ୟାଧିର ଅଧିଷ୍ଠାତ୍ରୀ ଦେବଦେବୀମାନେ ଭଗବାନଙ୍କର ସଂହାରିଣୀ ଶକ୍ତିର କ୍ରିୟାସମ୍ପାଦନ କରନ୍ତି । ତେଣୁ ଦେଖୁଛି, ଗୋଟାଏ ଗୋଟାଏ ଜାଗାରେ ମହାମାରୀ ଲାଗି ସେ ସେ ସ୍ଥାନ ଏକାବେଳକେ ଉଚ୍ଛନ୍ନ ହୋଇଯାଉଛି । ଏହା ନିରୋଧ କରିବାକୁ କାହାରି ହାତ ନାହିଁ । କିପରି କେଉଁଠାରୁ ଯେ ସେହିସବୁ ରୋଗର ଆକ୍ରମଣ ହୁଏ, ତାହାର ସ୍ଥିରତା ନାହିଁ । ଏହା ଭଗବାନଙ୍କର ଅଦ୍ଭୁତ ଲୀଳା ରହସ୍ୟ । ସେ କେଉଁ ଦିଗରୁ କ'ଣ କରୁଛନ୍ତି, ତାହା ବୁଝିବାର ସାଧ୍ୟ ମନୁଷ୍ୟର ନାହିଁ ।"

ଶିଷ୍ୟ ପଚାରିଲେ, "ମୁଁ ଏଠାରେ ଗୋଟିଏ କଥା ପଚାରିବି । ଆଗରୁ ଶୁଣି ଆସୁଛି ଯେ, ପ୍ରତ୍ୟେକ ନିଜ ନିଜର କର୍ମଫଳରେ ମୃତ୍ୟୁମୁଖରେ ପତିତ ହୁଅନ୍ତି । ଟାଇଟାନିକ ଜାହାଜରେ ଏତେ ଲୋକ ଥିଲେ । ସେ

ସମସ୍ତଙ୍କ ମୃତ୍ୟୁସମସ୍ତ କଅଣ ଗୋଟିଏ ବିନ୍ଦୁରେ କେନ୍ଦ୍ରୀଭୂତହୋଇଥିଲା ? ସେମାନଙ୍କ ଜୀବନସୂତ୍ର କଅଣ ଗୋଟିଏ ସ୍ଥାନରେ ଗ୍ରଥିତ ଥିଲା ?

ଶ୍ରୀ ଶ୍ରୀ ଠାକୁର କହିଲେ, "ହଁ କେବଳ ଟାଇଟାନିକ୍ ଜାହାଜର ସାମାନ୍ୟ କେତେଜଣ ମନୁଷ୍ୟ କାହିଁକି, ଏହି ଅନନ୍ତ ଜୀବ ସମନ୍ୱିତ ଅନନ୍ତକୋଟି ବିଶ୍ୱବ୍ରହ୍ମାଣ୍ଡ ଗୋଟିଏ ମାତ୍ର ସୂତ୍ରରେ ଗ୍ରଥିତ । ଯେଉଁଦିନ ଯେଉଁ ମୁହୂର୍ତ୍ତରେ ଏହି ଯୋଗସୂତ୍ର ବିଚ୍ଛିନ୍ନ ହୋଇଯିବ, ସେହିଦିନ ସେହି ମୁହୂର୍ତ୍ତରେ ଏହି ବିଶ୍ୱବ୍ରହ୍ମାଣ୍ଡ ରେଣୁ ରେଣୁ ହୋଇ ଖସିପଡ଼ିବ । ତାହାର ଅସ୍ତିତ୍ୱ ରହିବ ନାହିଁ । ଯେଉଁଦିନ ତୁମମାନଙ୍କର ଅଧ୍ୟାତ୍ମଦୃଷ୍ଟି ଖୋଲିଯିବ, ସେହିଦିନ ଏ ସମସ୍ତ ରହସ୍ୟ ତୁମେମାନେ ପ୍ରତ୍ୟକ୍ଷ କରିପାରିବ । ସେ କି ଆନନ୍ଦ !"

ଶିଷ୍ୟ ପଚାରିଲେ, "ଠାକୁର, ଏସବୁ କଅଣ ପ୍ରତ୍ୟକ୍ଷ କରାଯାଏ ?"

ଶ୍ରୀ ଶ୍ରୀ ଠାକୁର କହିଲେ, "ହଁ, ନିଶ୍ଚୟ ପ୍ରତ୍ୟକ୍ଷ କରାଯାଏ । ଅଧ୍ୟାତ୍ମଦୃଷ୍ଟି ଖୋଲିଗଲେ ଏହି ସାମାନ୍ୟ ଦୃଷ୍ଟି କାହିଁକି, ଏହି ଭଗବାନ୍ଙ୍କ ରାଜ୍ୟର କେତେ ଅଦ୍ଭୁତ ଅଦ୍ଭୁତ ରହସ୍ୟ ସେହି ଦୃଷ୍ଟି ଆଗରେ ଉଦ୍‌ଘାଟିତ ହୋଇଯାଏ । ସେ ସବୁ ରହସ୍ୟର ମାଲିକ, ତାଙ୍କୁ ଜାଣିଲେତ ଆଉ କିଛି ଜାଣିବାକୁ ବାକି ରହିବ ନାହିଁ ।"

## ପରଲୋକ ଉପରେ ଠାକୁରଙ୍କ ପ୍ରଭାବ

ପରଲୋକଗତ ଆତ୍ମାକୁ ଦେଖିବା ନିମିତ୍ତ ଶ୍ରୀ ଶ୍ରୀ ଠାକୁରଙ୍କୁ କୌଣସି ପ୍ରକ୍ରିୟା ଅବଲମ୍ବନ କରିବାକୁ ପଡ଼ୁ ନ ଥିଲା । କାରଣ ସେ ପରଲୋକତତ୍ତ୍ୱରେ ଏତେଦୂର ଅଭ୍ୟସ୍ତ ହୋଇ ଯାଇଥିଲେ ଯେ, ସେ ଏହି ସ୍ଥୂଳଚକ୍ଷୁରେ ସମସ୍ତ ପ୍ରତ୍ୟକ୍ଷ କରିପାରୁଥିଲେ । ଶ୍ରୀ ଶ୍ରୀ ଠାକୁର ଭୂତମାନଙ୍କ ସହିତ ସାକ୍ଷାତ୍ କରୁଥିଲେ ଏବଂ ଆଳାପ ମଧ୍ୟ କରୁଥିଲେ । ଭୂତମାନେ ମଧ୍ୟ ତାଙ୍କ ସହିତ ସାକ୍ଷାତ୍ କରି ସେମାନଙ୍କ ବ୍ୟଥା ବେଦନା ଜଣାଉଥିଲେ । ପ୍ରତ୍ୟେକ ଆତ୍ମାର ଖବର ତାଙ୍କ ନିକଟରେ ପ୍ରତ୍ୟକ୍ଷୀଭୂତ ହେଉଥିଲା । ଅନେକ ସମୟରେ ଶ୍ରୀ ଶ୍ରୀ ଠାକୁର କହନ୍ତି—

"ତୁମେମାନେ ଯେପରି ମୋ ପାଖରେ ଛିଡ଼ାହୋଇ ମୋ ସହିତ କଥାବାର୍ତ୍ତା କରୁଛ, ବହୁବିଧ ଜଟିଳ ପ୍ରଶ୍ନର ମୀମାଂସା କରନେଉଛ, ଠିକ୍ ସେହିପରି ତୁମମାନଙ୍କର ପରଲୋକଗତ ଗୁରୁଭ୍ରାତାମାନଙ୍କ ମଧ୍ୟରୁ ଅନେକେ ଆସି ମୋ ସହିତ ଆଳାପ ଆଲୋଚନା କରି ଓ ଉପଦେଶ ଶୁଣି ସମସ୍ୟାର ସମାଧାନ କରି ନେଉଛନ୍ତି । ବର୍ତ୍ତମାନ ମଧ୍ୟ ତୁମମାନଙ୍କର ପରଲୋକଗତ ଗୁରୁଭ୍ରାତାମାନଙ୍କର ଆତ୍ମା ମୋ ସମ୍ମୁଖରେ ତୁମମାନଙ୍କ ନିକଟରେ ବିଦ୍ୟମାନ ରହିଛନ୍ତି । ଅରେ ଚଟ୍ଟଗ୍ରାମର 'ସୃଷ୍ଟିଭୂଷଣ' ସୂକ୍ଷ୍ମରେ ଆସି ମୋ ନିକଟରେ ବସି ଉପଦେଶ ଶୁଣୁଥିଲେ, ତାଙ୍କ ସ୍ତ୍ରୀ ସୀତାଦେବୀ ତାହା ଦେଖି ଭୋ ଭୋ ହୋଇ କାନ୍ଦି ଉଠିଲେ ।

କେବଳ ମୌଖିକ ଭାବରେ ନୁହେଁ, ଲିଖିତ ଭାବରେ ଶ୍ରୀ ଶ୍ରୀ ଠାକୁର ପରଲୋକଗତ ଆତ୍ମାର ଅସ୍ତିତ୍ୱ, ସେମାନଙ୍କ ସହିତ କିପରି ଠାକୁର ସାକ୍ଷାତ୍ କରନ୍ତି ଓ କଥାବାର୍ତ୍ତା କରନ୍ତି, ସେସବୁ ଜ୍ୱଳନ୍ତ ଅକ୍ଷରରେ ଲିପିବଦ୍ଧ କରି ଯାଇଛନ୍ତି । ଧାରାବାହିକ ଭାବରେ ସେଥିମଧ୍ୟରୁ ପାଠକମାନଙ୍କର ଅବଗତ ନିମିତ୍ତ କେତେକ ପ୍ରକାଶ କରାଗଲା । ଏଥିରୁ ପରଲୋକଗତ ଆତ୍ମା ଉପରେ ଶ୍ରୀ ଶ୍ରୀ ଠାକୁରଙ୍କର କେତେଦୂର ଶକ୍ତି ଥିଲା, ତାହା ବୁଝାଯିବ ।

(୧) 'ଗୋପାଳ ସ୍ୱର୍ଗର ପାରିଜାତ ଶାପଭ୍ରଷ୍ଟ ଦେବଶିଶୁ । ତୁମ ଘରକୁ ଆସି ପ୍ରାରବ୍ଧ କ୍ଷୟହୋଇଯିବା ମାତ୍ରେ ସେ ସ୍ୱସ୍ଥାନକୁ ପ୍ରସ୍ଥାଣ କରିଅଛି । ତାହାପାଇଁ ଶୋକକରିବାବୃଥା । ବରଂ ତୁମମାନଙ୍କ ଶୋକରେ ସେସ୍ଥାନକୁ ଯାଇ ମଧ୍ୟ ଶାନ୍ତି ପାଇପାରୁ ନାହିଁ । ସୁତରାଂ ତୁମେମାନେ ବୃଥାରେ ଶୋକାଭିଭୂତ ହୋଇ ନିଜେ କଷ୍ଟ ପାଅ ନାହିଁ କିମ୍ବା ଗୋପାଳକୁ ଅଶାନ୍ତି ଦିଅ ନାହିଁ ।'

(୨) 'ତୁମ ସନ୍ତାନ ପରଲୋକରେ ଶାନ୍ତିରେ ଅଛି । ତାହା ସମ୍ବନ୍ଧରେ କିଛି ଜାଣିବାର ପ୍ରୟୋଜନ ନାହିଁ । ଏଥର ତାହାର ଭଲ ଜନ୍ମ ହେବ ।'

(୩) 'ତୁମର ପରଲୋକଗତ ପୁତ୍ରଟି ଗୋଟିଏ ସାଧୁପୁରୁଷ । କୌଣସି ଦୁରତିକ୍ରମଣୀୟ କର୍ମବଶରୁ ତ ତୁମ ଭଳି ଭକ୍ତ ବ୍ରାହ୍ମଣ ଗୃହରେ ସେ ଜନ୍ମ

ହୋଇଥିଲା । କର୍ମକ୍ଷୟ ପରେ ତାହାର ଗୁରୁ ଆସି ତାକୁ ସଙ୍ଗରେ ନେଇଯାଇଛନ୍ତି ତାହାର ଆଉ ଜନ୍ମ ହେବ ନାହିଁ । ତୁମେ ତୁମର କର୍ମଫଳ ହେତୁ ପୁତ୍ରଶୋକ ପାଇଲ, ଅନ୍ୟଥା ତୁମ ସଙ୍ଗରେ ତାର ଅନ୍ୟ କୌଣସି ଯୋଗସୂତ୍ର ନ ଥିଲା ।'

(୪) 'ତୁମର ସ୍ତ୍ରୀ ପୁଣ୍ୟବତୀ, ସତ୍ତ୍ୱଗୁଣା ନାରୀ । ଏକମାତ୍ର ପୁତ୍ରକାମନା ବ୍ୟତୀତ ତାର ଅନ୍ୟ କୌଣ ଆବରଣ ନ ଥିଲା; ତେଣୁ ମୃତ୍ୟୁ ପରେ ତାର ଆଦୌ ପାରଲୌକିକ ଭୋଗ ହୋଇନାହିଁ । ପବିତ୍ର ପୁତ୍ରକାମନା ନେଇ ସେ ବ୍ରାହ୍ମଣ ଘରେ ଜନ୍ମ ହୋଇଛି । ସୁତରାଂ ସୂକ୍ଷ୍ମଭାବରେ ତାର ଦର୍ଶନ ଆଉ ସମ୍ଭବପର ନୁହେଁ ।'

(୫) "ଶାନ୍ତ ଭିତରେ ପ୍ରେତ ଦେହ ଜାଗିଥିଲା । ଅଶାନ୍ତିଜନିତ ଭୋଗ ମଧ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ମୋ ସ୍ମୃତି ଜାଗରୂକ କରାଇଦେବାରୁ ସେ ପିତୃଲୋକକୁ ଉନ୍ନୀତ ହୋଇଅଛି । ଅଳ୍ପ ବୟସ ହେତୁ ଭଲ କିମ୍ବା ମନ୍ଦ କୌଣସି କର୍ମର ଫଳ ସଞ୍ଚିତ ନ ଥିବାରୁ ତାର ପାରଲୌକିକ ଭୋଗ ବିଶେଷ କିଛି ହୋଇନାହିଁ । ସୁତରାଂ ଅତି ଅଳ୍ପ ସମୟ ଭିତରେ ତାହାର ପୁଣି ଜନ୍ମ ହେବ । ଦେବସଂସ୍କାର ନେଇ ଯେପରି ଜନ୍ମ ହୋଇପାରେ ମୁଁ ତାହାର ଚେଷ୍ଟା କରିବି । ସୁତରାଂ ତାହା ନିମିତ୍ତ ତୁମକୁ କିଛି କରିବାକୁ ପଡ଼ିବ ନାହିଁ । ଜନ୍ମ ନ ହେବା ପର୍ଯ୍ୟନ୍ତ ମୁଁ ଲକ୍ଷ୍ୟ ରଖିବି ।'

## ମୃତ୍ୟୁ ସମୟରେ ଦର୍ଶନଦାନର ପ୍ରତିଶ୍ରୁତି

ଶିଷ୍ୟ-ଭକ୍ତମାନଙ୍କର ମୃତ୍ୟୁଭୀତି ନିବାରଣ ନିମିତ୍ତ ଶ୍ରୀ ଶ୍ରୀ ଠାକୁର ତାଙ୍କ ଶିଷ୍ୟ-ଭକ୍ତମାନଙ୍କୁ ମୃତ୍ୟୁ ନିମିତ୍ତ ପ୍ରସ୍ତୁତ ହେବା ପାଇଁ ସାବଧାନ କରାଇ ଦେଇଛନ୍ତି ଏବଂ ମୃତ୍ୟୁ ସମୟରେ ସେମାନଙ୍କୁ ଦର୍ଶନ ଦାନ କରିବାକୁ ପ୍ରତିଶ୍ରୁତି ଦେଇ ମୌଖିକ ଭାବରେ ଓ ଲିଖିତ ଭାବରେ ଅଜସ୍ର ଉପଦେଶ ବାଣୀ ପ୍ରଦାନ କରିଛନ୍ତି । ମୃତ୍ୟୁ ସମୟରେ ତାହାର ବିଶୃଙ୍ଖଳା ହୋଇ-ନାହିଁ ଏବଂ ଶ୍ରୀ ଶ୍ରୀ ଠାକୁର ମୃତ୍ୟୁ ସମୟରେ ଓ ମୃତ୍ୟୁ ପୂର୍ବରୁ ପ୍ରତ୍ୟେକଙ୍କୁ ଦେଖା ଦେଇ ସବୁଠାରେ ନିଜର ପ୍ରତିଶ୍ରୁତି ରକ୍ଷାକରିଥିବାର ଭୂରି ଭୂରି

ପ୍ରମାଣ ମିଳିଅଛି ଓ ବର୍ତ୍ତମାନ ସୁଦ୍ଧା ମିଳୁଛି । ସେଥି ମଧ୍ୟରୁ କେତୋଟି ଶ୍ରୀ ଶ୍ରୀ ଠାକୁରଙ୍କ ସ୍ୱହସ୍ତଲିଖିତ ଚିଠିରୁ ନିମ୍ନରେ ଦିଆଗଲା—

(୧) "ତୁମ ସହିତ ଦେଖାହେବା ପୂର୍ବରୁ ଯଦି ବ୍ୟାଧି ତୁମକୁ ଦେହ ତ୍ୟାଗ କରିବାକୁ ବାଧ୍ୟ କରେ, ତେବେ ମୁଁ ଚେଷ୍ଟା କରି ତୁମ ଆତ୍ମା ସହିତ ପରିଚିତ ହେବି ଓ ତୁମର ଅଜ୍ଞାନତା ନାଶ କରିଦେବି ଏବଂ ମୃତ୍ୟୁର ଦୁଇ ଚାରି ଦିନ ପୂର୍ବରୁ ସୂକ୍ଷ୍ମ ଦେହରେ ତୁମ ନିକଟରେ ଉପସ୍ଥିତ ରହିବି ।"

(୨) "ମୃତ୍ୟୁକୁ ଭୟ ନ କଲେ ତୁମକୁ ମୃତ୍ୟୁଞ୍ଜୟ କୁହାଯିବ । ମୁଁ ଜାଣିଛି, ରୋଗାଦିର ଯନ୍ତ୍ରଣା ଟିକିଏ ତୀବ୍ରଭାବରେ ତୁମକୁ ଭୋଗ କରିବାକୁ ପଡ଼ିବ ।ସୁତରାଂ ଗୃହରେ ଥାଇ ଯିବା ନିମିତ୍ତ ପ୍ରସ୍ତୁତ ହୁଅ । ହଠାତ୍ ନ ଯାଇ କିଛି ଦିନ ପୂର୍ବରୁ ପ୍ରସ୍ତୁତ ହେବା ଆବଶ୍ୟକ । ତାହାହେଲେ ମୃତ୍ୟୁର ଆନନ୍ଦ ସମ୍ୟକ୍ ଅନୁଭବ କରିପାରିବ। ମୁଁ ଯଥାସମୟରେ ସେ ସମ୍ବାଦ ତୁମକୁ ଜଣାଇବି ଓ ନିଜେ ମଧ୍ୟଯାଇ ସେଠାରେ ଉପସ୍ଥିତହେବି । ଯେଉଁଥିରେ ରୋଗର ତୀବ୍ରତା କମିଯିବ ଏବଂ ତୁମର ସହ୍ୟ କରିବାର କ୍ଷମତା ଆସେ, ଏଠାରେ ଥାଇ ମୁଁ ସେ ବିଷୟରେ ଯତ୍ନ କରିବି । ଅବଶ୍ୟ କର୍ମଫଳରେ ପ୍ରତିବନ୍ଧକ ଜନ୍ମାଇବି ନାହିଁ । କାରଣ ଏଠାରେ କର୍ମ ଏଠାରେ ଭୋଗ ହୋଇଯିବା ସବୁଠାରୁ ମଙ୍ଗଳ । ବିଶ୍ୱାସ ହେଉ ବା ନ ହେଉ ମୋର କର୍ତ୍ତବ୍ୟ ମୁଁ ଯଥାସମୟରେ ପାଳନ କରିବି ।"

ଶ୍ରୀ ଶ୍ରୀ ଠାକୁରଙ୍କ ନିକଟକୁ ମୃତ୍ୟୁ ବିଷୟରେ କେହି ପତ୍ର ଲେଖିଲେ, ସେ ପ୍ରୟୋଜନ ବୋଧକଲେ ମୃତ୍ୟୁ ସମୟ ମଧ୍ୟ ଜଣାଇ ଦେଇ ପାରୁଥିଲେ । ଏ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁର ସ୍ୱାମୀ ସ୍ୱରୂପାନନ୍ଦଙ୍କ ବିଷୟରେ ଯେଉଁ ପତ୍ର ଦେଇଥିଲେ, ତାହା ନିମ୍ନରେ ଦିଆଗଲା ।

"ଶ୍ରୀମାନ୍ ସ୍ୱରୂପାନନ୍ଦର ଅଭାବରେ ଆମମାନଙ୍କର ଯେଉଁ କ୍ଷତି ହେବ ତାହା ପୂରଣ ହେବାର ନୁହେଁ । ସୁତରାଂ ତାକୁ ଆଉ କିଛି ଦିନ ଜଗତରେ ରଖିବା ପାଇଁ ମୁଁ ବାରମ୍ବାର ନାନା ପ୍ରକାର ଚେଷ୍ଟା କରିଆସୁଛି । ଆତ୍ମା

ଆସ୍ବୀକୃତ ବେଳେ ମଧ୍ୟ ଦେହକୁ କର୍ମ ଉପଯୋଗୀ କରିବାର ପନ୍ଥା ପାଉ ନାହିଁ । ଦେହର ପ୍ରତି ପରମାଣୁ ରୋଗବୀଜରେ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଛି । ପୌଷ ମାସର କୃଷ୍ଣପକ୍ଷ ଦିନର ମୃତ୍ୟୁକୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା । ମୁଁ ପୂର୍ଣ୍ଣିମା ଦିନ ଜାଣିପାରିଲି ଯେ, ସେଦିନ ମଧ୍ୟ ତାର ଦେହତ୍ୟାଗ ହୋଇନାହିଁ । ସେହି ଦିନଠାରୁ ସଂକଳ୍ପ କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ ଆରମ୍ଭ କରିଛି । ଏଥିରେ ଯଦି ସୁଫଳ ନ ହୁଏ, ତେବେ ଆଉ ଏ ଦେହରେ ତାକୁ ଅଟକାଇ ରଖିବ ନାହିଁ ।"

ମୃତ୍ୟୁ ଉପରେ ଶ୍ରୀ ଶ୍ରୀ ଠାକୁରଙ୍କର କେତେଦୂର କ୍ଷମତା ଥିଲା, ତାହା ଉପରୋକ୍ତ କଥାରୁ ଜଣାପଡ଼ୁଛି । ମୃତ୍ୟୁ ସମୟରେ ଶ୍ରୀ ଶ୍ରୀ ଠାକୁର ଶିଷ୍ୟଭକ୍ତମାନଙ୍କୁ ଯେପରି ଦେଖା ଦେଉଥିଲେ, ସେହିପରି ମଧ୍ୟ ଅନେକ ସ୍ଥଳରେ ମୃତ୍ୟୁ ଜାଣି ପୂର୍ବରୁ ଶିଷ୍ୟ ଭକ୍ତମାନଙ୍କୁ ସାବଧାନ କରାଇ ଦେଉଥିଲେ । ତାହାର ଦୃଷ୍ଟାନ୍ତ ନିମ୍ନରେ ଦିଆଗଲା ।

## ମୃତ୍ୟୁର ପୂର୍ବ ଆଭାସ

୧୩୪୬ ସାଲ ଶ୍ରାବଣ ମାସରେ ଠାକୁର ଉପଲକନ୍ଦ ସୁରେନ ଭାଇଙ୍କ ଗୃହକୁ ଯାଇଥିଲେ । ତାଙ୍କ ଗୃହର ଗୋଟିଏ ଅଷ୍ଟମ ବର୍ଷୀୟ ବାଳକ ଶ୍ରୀମାନ୍ କୃଷ୍ଣ ସମ୍ବନ୍ଧରେ ଠାକୁ ପୂର୍ବାଭାସ ଦେଇଥିଲେ । ସେଥିରୁ ବୁଝାଯାଉଥିଲା ଯେ, କୃଷ୍ଣ ଏ ଜଗତର ବାଳକ ନୁହେଁ ।

ଶ୍ରୀ ଶ୍ରୀ ଠାକୁର କହିଲେ, "କୃଷ୍ଣକୁ ତ କେବେ ଏପରି ତନ୍ମୟ ହୋଇ ସ୍ତୋତ୍ରପାଠ କରିବାର ମୁଁ ଦେଖି ନାହିଁ । ଏଥର ଦେଖିଲି, ସେ ସ୍ତୋତ୍ର ପାଠ କରୁଛି ଓ ତାହାର ଚକ୍ଷୁ ଦେଇ ଅନବରତ ଅଶ୍ରୁ ଝରିପଡୁଛି । ଏତେ ଅଳ୍ପବୟସ୍କ ଶିଶୁ; ତାର ପୁଣି କି ସୁନ୍ଦର ଭାବ ! ଭିତରେ ଗୋଟିଏ ଭାବ ନ ପାଇଲେ କ'ଣ ଖାଲି-ମନୁଷ୍ୟ ଚକ୍ଷୁରେ ଜଳ ଆସେ ? ଦୁଃଖର ବିଷୟ, ଭଲ ପିଲାଗୁଡ଼ିକ ଏ ଜଗତରେପ୍ରାୟ ରହନ୍ତିନାହିଁ । କୃଷ୍ଣ ମଧ୍ୟ ଆଉ ଏଜଗତରେ ରହିବନାହିଁ ।"ଏହା

କହୁ କହୁ ଠାକୁରଙ୍କ ଭାବର ଆଶ୍ଚର୍ଯ୍ୟ ପରିବର୍ତ୍ତନ ହୋଇଗଲା । ମୁଖରେ ଗୋଟିଏ ଅବ୍ୟକ୍ତ ବେଦନାର ରେଖା ଫୁଟିଉଠିଲା । ଠାକୁର ଅସ୍ପଷ୍ଟ ସ୍ୱରରେ କହିଲେ, "କୃଷ୍ଣ ଆଉ ଏ ଜଗତରେ ରହିବ ନାହିଁ ।"

ତା ପରବର୍ତ୍ତୀ ୧୩୪୩ ସାଲରେ ସେହି ବାଳକର ମୃତ୍ୟୁ ହେଲା ।

ଶ୍ରୀ ଶ୍ରୀ ଠାକୁର ଅନ୍ତର୍ଦୃଷ୍ଟିସମ୍ପନ୍ନ ଥିଲେ । କାହାର କେଉଁ ସମୟରେ ମୃତ୍ୟୁ ହେଲେ ନିଜର ଓ ଆତ୍ମୀୟସ୍ୱଜନମାନଙ୍କର ମଙ୍ଗଳ ହେବ, ତାହା ସେ ମର୍ମେ ମର୍ମେ ବୁଝିପାରୁଥିଲେ । ତେଣୁ କେହି ନିଜର ଦୁର୍ଭୋଗ ଦର୍ଶନ କରି ଶୀଘ୍ର ତାହାର ମୃତ୍ୟୁ ପ୍ରାର୍ଥନା କରି ଲେଖିଲେ, ଠାକୁର ତାହା ଅନୁମୋଦନ କରୁ ନ ଥିଲେ ଓ କେହି ମୃତ୍ୟୁର ସମ୍ଭାବନା ଦେଖି ଆକୁଳଭାବରେ ଜୀବନ ଭିକ୍ଷା କଲେ ମଧ୍ୟ ସେ ତାହା ପୂରଣ କରୁ ନ ଥିଲେ ।

## ମୃତ୍ୟୁ କାମନା

ଶ୍ରୀ ଶ୍ରୀ ଠାକୁର ସ୍ୱାଭାବିକ ମୃତ୍ୟୁର ଖୁବ୍ ପକ୍ଷପାତୀ ଥିଲେ । କିନ୍ତୁ ଆତ୍ମହତ୍ୟା ବା ଆତ୍ମହତ୍ୟାର ସଂକଳ୍ପ ଏପରି କି କେହି ମନେ ମନେ ମୃତ୍ୟୁକାମନା କଲେ ମଧ୍ୟ ସେ ସହ୍ୟ କରିପାରୁ ନ ଥିଲେ । ମୃତ୍ୟୁକାମନା ଆତ୍ମହତ୍ୟାର ନାମାନ୍ତର ବୋଲି ସେ ମନେ କରୁଥିଲେ । ମୃତ୍ୟୁ କାମନା କରି କେହି ପତ୍ର ଲେଖିଲେ ବା କେହି ମୃତ୍ୟୁ କାମନା କରୁଛି ବୋଲି ଘୁଣାକ୍ଷରେ ଜାଣିପାରିଲେ, ସେ ସ୍ୱତଃପ୍ରବୃତ୍ତ ହୋଇ ସେଥିରେ ବାଧା ପ୍ରଦାନ କରୁଥିଲେ ଓ ଅମୃତମୟ ବାଣୀ ପ୍ରଦାନ କରି ତାଙ୍କୁ ସତ୍ୟପଥକୁ ଟାଣିଟାଣି ଆଣୁଥିଲେ । ଉଦାହରଣ ସ୍ୱରୂପ ଜଣେଶିଷ୍ୟ-ସାଧନ ଭଜନରେ ଅକୃତକାର୍ଯ୍ୟ ହୋଇ ମୃତ୍ୟୁକୁ ଶ୍ରେଷ୍ଠ ଜ୍ଞାନ କରି ତାଙ୍କର ଜନୈକ ସତୀର୍ଥଙ୍କ ନିକଟକୁ ନିଜର ମନୋଭାବ ସୂଚାଇ ପତ୍ର ଲେଖିଥିଲେ । ଠାକୁର ଏହା ଜାଣିପାରି ସ୍ୱତଃପ୍ରବୃତ୍ତ ହୋଇ ତାଙ୍କୁ ଯେଉଁ ପତ୍ର ଲେଖିଥିଲେ, ତାହା ନିମ୍ନରେ ବିବୃତ ହେଲା ।

'ତୁମର ପତ୍ରଗୁଡ଼ିକ ଦେଖିଛି । ତୁମେ ନାନା କାରଣ ହେତୁ ବିଶେଷତଃ ଶାରୀରିକ ଅସୁସ୍ଥତା ହେତୁ ନିର୍ବ୍ବାଦ କରିବାର ହତାଶ ହୋଇ ମୃତ୍ୟୁକୁ ଶ୍ରେୟଃ ଜ୍ଞାନ କରୁଛ । ବସ୍ତୁ, ମୃତ୍ୟୁର ପ୍ରାର୍ଥନା ଆତ୍ମହତ୍ୟାର ନାମାନ୍ତର ମାତ୍ର । ଯାହାଙ୍କ ଇଚ୍ଛାରେ ତୁମେ ଏ ଜଗତକୁ ଆସିଛ, ମୃତ୍ୟୁ ମଧ୍ୟ ତାଙ୍କର ଇଚ୍ଛାରେ ହେବ । ଯୋଗ, ଜପ, ତପ, ବ୍ୟତୀତ ତାଙ୍କ ଇଚ୍ଛାରେ ମୁହୂର୍ତ୍ତକରେ ମଧ୍ୟ ଧନ୍ୟ ହୋଇ ଯାଇପାରିବ । ସୁତରାଂ ତାଙ୍କ ଉପରେ ନିର୍ଭର କର; ଯଦି କିଛି ନ ପାରୁଛ ପଡ଼ି ରହି ତାଙ୍କର ନାମ ନିଅ । ତାଙ୍କ କୃପାରୁ ଏ ଜୀବନରେ ପ୍ରତ୍ୟକ୍ଷ ଜ୍ଞାନ ଲଭ ମଧ୍ୟ ଅସମ୍ଭବ ହେବ ନାହିଁ । ସୁତରାଂ ହତାଶ ନ ହୋଇ ଯାହା ପାରୁଛ କର, ନାମ ଭୁଲ ନାହିଁ । ଆଶୀର୍ବାଦ କରେ, ସେଥିରେ ତୁମର ବାସନା ପୂର୍ଣ୍ଣ ହେବ ।"

## ବିୟୋଗବ୍ୟଥାରେ ସାନ୍ତ୍ୱନା

ଆତ୍ମୀୟସ୍ୱଜନଙ୍କ ବିୟୋଗରେ ସଂସାରୀ ଲୋକ ପକ୍ଷରେ ଶୋକମୋହରେ ଅଭିଭୂତ ହେବା ସ୍ୱାଭାବିକ । ଶ୍ରୀ ଶ୍ରୀ ଠାକୁର ଏହା ଜାଣିବା ମାତ୍ରେ ତତ୍‌କ୍ଷଣାତ୍ ସେମାନଙ୍କ ନିକଟକୁ ସମୟୋପଯୋଗୀ ସାନ୍ତ୍ୱନାବାଣୀ ପ୍ରେରଣ କରି ସେମାନଙ୍କ ଶୋକମୋହ ବିଦୂରିତ କରି ଦେଉଥିଲେ । କେବଳ ତାଙ୍କର ଶିଷ୍ୟ-ଭକ୍ତମାନଙ୍କ ପ୍ରାଣରେ ନୁହେଁ, ସମସ୍ତଙ୍କ ପ୍ରାଣରେ ମଧ୍ୟ ତାଙ୍କର ସାନ୍ତ୍ୱନାବାଣୀ ଅମୀୟଧାରା ସିଞ୍ଚନ କରିବା ଅଜ୍ଞାନରେ ମୋହଅନ୍ଧକାର ବିଦୂରିତ କରି ସେମାନଙ୍କ ପ୍ରାଣରେ ଜ୍ଞାନର ବର୍ତ୍ତିକା ଜାଳିଦେବ । ବାହୁଲ୍ୟ ଭୟରେ ସେସବୁର ଉଲ୍ଲେଖ କରାଗଲା ନାହିଁ । *

## ଶ୍ରୀ ଶ୍ରୀ ଠାକୁରଙ୍କ କୃପା

ଆତ୍ମୀୟସ୍ୱଜନଙ୍କ ମୃତ୍ୟୁ ହେଲେ ଶ୍ରୀ ଶ୍ରୀ ଠାକୁର ଯେପରି ଲିଖିତ ଓ ମୌଖିକ ଭାବରେ ସାନ୍ତ୍ୱନାବାଣୀ ପ୍ରଦାନ କରନ୍ତି, ବିନା ଲେଖାରେ ଓ ବିନା ବାକ୍ୟ ବ୍ୟୟରେ ମଧ୍ୟ ଗୁରୁଶକ୍ତି ବଳରେ ସେହିପରି ସାନ୍ତ୍ୱନା

---

* ଏ ସମ୍ବନ୍ଧରେ "ଶ୍ରୀ ଶ୍ରୀ ଠାକୁରଙ୍କ ଚିଠି" ପୁସ୍ତକ ଦ୍ରଷ୍ଟବ୍ୟ ।

ଦେଇଥାନ୍ତି । ତାହା ଯେପରି ବିସ୍ମୟକର, ସେହିପରି ଶାନ୍ତିପ୍ରଦ । ଗୋଟିଏ ବୃହତ୍ତ ପରିବାରରେ ପ୍ରାୟ ୪୫ ଜଣ ଲୋକ । ସେ ସମସ୍ତେ ସଦ୍‌ଗୁରୁଙ୍କ ଆଶ୍ରୟ ଲାଭ କରି ସଂସାରର ଅବଶ୍ୟମ୍ଭାବୀ ନିତ୍ୟ ଘାତ-ପ୍ରତିଘାତ, ବିୟୋଗ ବେଦନା କିପରି ଅବିଚଳିତ ଚିତ୍ତରେ ସହ୍ୟ କରି ସର୍ବାବସ୍ଥାରେ ଆନନ୍ଦକୁ ବରଣ କରି ନେଇଛନ୍ତି, ମରଣ ସେମାନଙ୍କ ନିକଟରେ ଶାନ୍ତିପ୍ରଦାନ ହୋଇ କିପରି ଆନନ୍ଦପ୍ରଦ ହୋଇଛି, ତହିଁର ରଞ୍ଜିତହୀନ ବିବୃତି ନିମ୍ନରେ ଦିଆଗଲା ।

ଅନେକଙ୍କ ଧାରଣା ଯେ ସଦ୍‌ଗୁରୁଙ୍କ ଆଶ୍ରୟ ଗ୍ରହଣ କଲେ, ବେଶ୍ ସୁଖ ସ୍ୱଚ୍ଛନ୍ଦ୍ୟରେ ହସିଖେଳି ସଂସାରର ସୁଖ ଉପଭୋଗପୂର୍ବକ ଜୀବନ ଅତିବାହିତ କରାଯାଏ । ରୋଗ, ଶୋକ, ବିପଦ, ଆପଦ ସଦ୍‌ଗୁରୁଙ୍କ ଚରଣାଶ୍ରୟୀଙ୍କୁ ସ୍ପର୍ଶ କରିପାରେ ନାହିଁ । ଏହା କିନ୍ତୁ ସେମାନଙ୍କ ଭ୍ରାନ୍ତ ଧାରଣା । ସ୍ୱୟଂ ଶ୍ରୀକୃଷ୍ଣଙ୍କୁ ସଖାରୂପେ ପାଇ ମଧ୍ୟ ପାଣ୍ଡବମାନଙ୍କ ବ୍ୟବହାରିକ ଦୁର୍ଗତି ଦୂର ହୋଇ ନାହିଁ । ବରଂ ସେମାନେ ବିବିଧ ଲାଞ୍ଛନାରେ ଅଭାବନୀୟ ଭାବରେ ଲାଞ୍ଛିତ ହୋଇଛନ୍ତି । ସେମାନେ ଲାଞ୍ଛିତ ହୋଇଛନ୍ତି ସତ୍ୟ; ତଥାପି ସଖା ଓ ଗୁରୁ ଶ୍ରୀକୃଷ୍ଣଙ୍କ ମୁଖକୁ ଚାହିଁ, ତାଙ୍କର ବାଣୀ ଗ୍ରହଣ କରି ହସହସ ବଦନରେ ସେସବୁ ସହ୍ୟ କରିଛନ୍ତି । ହୃଦୟରେ ଆନନ୍ଦ ପ୍ରତିଷ୍ଠିତ କରିପାରିଛନ୍ତି । ଏହି ଭାବ ଶ୍ରୀଶ୍ରୀ ଠାକୁରଙ୍କ କୃପାରୁ ପ୍ରକଟିତ ହୋଇଅଛି । ବିୟୋଗବେଦନା, ଦୁଃଖ-କଷ୍ଟ ଲାଭ କରି ମଧ୍ୟ ହସ ହସ ବଦନରେ ସେ ସବୁ ସହ୍ୟ କରିବାର ଶକ୍ତି ଦେଇ ଠାକୁର କିପରି ଭାବରେ ତାଙ୍କ ଆଶ୍ରିତମାନଙ୍କୁ ପରିଚାଳିତ କରିଛନ୍ତି, ତାହାର ଭୂରି ଭୂରି ଦୃଷ୍ଟାନ୍ତ ଅଛି ।

ପାବନା ଜିଲାର ଦିଘଲକାନ୍ଦି ଗ୍ରାମରେ ବନ୍ଦ୍ୟୋପାଧ୍ୟାୟ ପରିବାର ପ୍ରତିପତ୍ତି ଓ ବଂଶମର୍ଯ୍ୟାଦାରେ ସମଗ୍ର ଦେଶରେ ସୁପରିଚିତ । ଯାମିନୀକାନ୍ତ ବନ୍ଦ୍ୟୋପାଧ୍ୟାୟ ଏହି ପରିବାରର କର୍ତ୍ତା । ୧୩୪୩ ସାଲରେ ସମଗ୍ର ପରିବାରଟି ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରୁ ଦୀକ୍ଷିତ ହୋଇଥିଲେ । ୧୩୩୯

ସାଲ ଶ୍ରାବଣ ମାସରେ ଶ୍ରୀ ଶ୍ରୀ ଠାକୁର ତାଙ୍କ ଗୃହରେ ପଦାର୍ପଣ କରିବା ସମୟରେ ପରିବାରର ଗୋଟିଏ ଦ୍ୱାଦଶ ବର୍ଷୀୟା କନ୍ୟା ଶ୍ରୀମତୀ ବ୍ରଜବାଲା ଦେବୀ ଟାଇଫଏଡ୍ ରୋଗରେ ଶଯ୍ୟାଶାୟୀ ହୋଇପଡ଼ିଥିଲା । ସନ୍ଧ୍ୟା ସମୟରେ ଆରତିର ଆୟୋଜନ ହେଉଛି, ଖବର ଆସିଲା ଯେ, ରୋଗିଣୀ ଠାକୁରଙ୍କୁ ଦେଖିବାକୁ ଇଚ୍ଛୁକ । ଶୁଣିବାକ୍ଷଣି ଶ୍ରୀ ଶ୍ରୀ ଠାକୁର ରୋଗିଣୀକୁ ଦେଖିବାକୁ ଉଠିଗଲେ । ପାଞ୍ଚମିନିଟ୍ କାଳ ସ୍ଥିର ଦୃଷ୍ଟିରେ ତାହାକୁ ଚାହିଁ ଫେରିଆସି ଆସନରେ ବସି ଠାକୁର କହିଲେ—

"ଏପରି ସାଙ୍ଘାତିକ ରୋଗୀ ଗୃହରେ ଥାଉ ଥାଉ ତୁମେମାନେ ମୋତେ ଏଠାକୁ ଆଣିଲ କାହିଁକି ? ମୋତେ ଏ ସମ୍ବାଦ ତା ପୂର୍ବରୁ ତୁମମାନଙ୍କର ଜଣାଇବା ଉଚିତ ଥିଲା ।" ଏହା ଶୁଣି ସମସ୍ତେ ନିରୁତ୍ତର ହୋଇଗଲେ । ଶ୍ରୀ ଶ୍ରୀ ଠାକୁର ପୁନରାୟ କହିଲେ, "ଆଚ୍ଛା, ଆଜି ବା କାଲି ଯଦି ଏହି ରୋଗିଣୀର କିଛି ହୁଏ, ତେବେ ତୁମେମାନେ କ'ଣ ମୋତେନେଇ ଏହିପରି ଆନନ୍ଦକରିପାରିବ ?" ସେମାନେ ତତ୍‌କ୍ଷଣାତ୍ କହିଉଠିଲେ, ଖୁବ୍ ପାରିବୁ ଠାକୁର ! ଖୁବ୍ ପାରିବୁ !" ଠାକୁର କହିଲେ, ତୁମେ ପାରିଲେ ସୁଦ୍ଧା ମୁଁ ପାରିବ ନାହିଁ ।" କିଛିକ୍ଷଣ ନୀରବ ରହି ପୁଣି କହିଲେ, "ଏଥର ତୁମମାନଙ୍କ ଠାକୁର ଏଠାକୁ ଆସିବାର ଗୂଢ଼ ଅଛି–ପରେ କ୍ରମେ କ୍ରମେ ତାହା ପ୍ରତ୍ୟକ୍ଷ କରିବ ।

ତା ପରଦିନ ସକାଳୁ ରୋଗିଣୀର ଅବସ୍ଥା ଖରାପ ହୋଇଗଲା । ଦିନ ଦୁଇଟା ସମୟରେ ରୋଗିଣୀ 'ଠାକୁର' 'ଠାକୁର' କହି ପ୍ରାଣତ୍ୟାଗକଲା । ସଂସାରୀ ଲୋକ ପକ୍ଷରେ ଏହା ଅସହନୀୟ । ଏହି ସନ୍ତାନବିୟୋଗ ଘଟଣାଟି କିପରି ଯେ ଏମାନେ ସହ୍ୟ କରିବାର ଶକ୍ତି ପାଇଲେ, ତାହା କେହି ଜାଣିପାରିଲେ ନାହିଁ । ଏହି ବୃହତ୍ ପରିବାରଟିରୁ ମୁକ୍ତକଣ୍ଠରେ କ୍ରନ୍ଦନରୋଳ ଉତ୍ଥିତ ହୋଇଥିଲେ ଯେ କି ଭୀଷଣ ବ୍ୟାପାର ସଂଘଟିତ ହୋଇଥାନ୍ତା, ତାହା ଚିନ୍ତା କରିବାର ବିଷୟ । କିନ୍ତୁ ଆଶ୍ଚର୍ଯ୍ୟ କଥା, ଏହି ମୃତାର ପିତାମାତା, ପିତାମହ, ପିତାମହୀ, ଆତ୍ମୀୟସ୍ୱଜନ କାହାର କଣ୍ଠରୁ ଲେଶମାତ୍ର କ୍ରନ୍ଦନ ଶୁଣାଗଲା ନାହିଁ । ସମସ୍ତଙ୍କ ପ୍ରାଣ ଆନନ୍ଦରେ ପରିପୂର୍ଣ୍ଣ ହୋଇଗଲା । ଏଣେ ଶ୍ରୀ ଶ୍ରୀ ଠାକୁର ବ୍ରଜବାଳାର ମୃତ୍ୟୁ କାହାଣୀ ଓ

ପରିବାରବର୍ଗଙ୍କର ଧୈର୍ଯ୍ୟ ଦେଖି ସ୍ତମ୍ଭିତ ହୋଇଗଲେ ଓ ଆନନ୍ଦରେ ତାଙ୍କର ଅଶ୍ରୁ ନିର୍ଗତ ହୋଇପଡ଼ିଲା ।

## ଶ୍ରୀ ଶ୍ରୀ ଠାକୁରଙ୍କ ବର ପ୍ରଦାନ

ସନ୍ଧ୍ୟା ସମୟରେ ଶ୍ରୀ ଶ୍ରୀ ଠାକୁର ତାଙ୍କ ଆସନରେ ଉପବେଶନ କରି ଗମ୍ଭୀର ସ୍ୱରରେ କହିଲେ, "ମୁଁ ଆଜି ବ୍ରଜବାଳାର ମୃତ୍ୟୁର ଅନୁପୂର୍ବିକ ସମସ୍ତ ଘଟଣା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଉଛି । ତୁମ୍ଭେମାନେ ବ୍ରଜବାଳାକୁ ମୋ ହାତରେ ଦେଇ ତୁମ ଠାକୁରଙ୍କୁ ଚିରଦିନ ଜମିରେ ବାନ୍ଧିରଖିଲ । ଆଜିଠାରୁ ଏହି ଠାକୁର ସୂକ୍ଷ୍ମଭାବରେ ତୁମମାନଙ୍କ ଘରେ ବନ୍ଧା ରହିଲେ । ସେତେବେଳେ ତୁମେମାନେ ଡାକିବ, ସେତେବେଳେ ସେ ତୁମକୁ ଦେଖା ଦେବେ ଓ ଶାନ୍ତି-ତୃପ୍ତିର ଅମିୟ ଧାରାରେ ତୁମକୁ ସ୍ନାତ କରାଇବେ । ଆଜି ତୁମେମାନେ ଯେପରି ବିୟୋଗବେଦନା ହସହସ ବଦନରେ ସହ୍ୟ କଲ, ମୁଁ ଆଶୀର୍ବାଦ କରୁଛି, ଏହା ଅପେକ୍ଷା ଆହୁରି ବଡ଼ ବଡ଼ ବିପଦ ତୁମେମାନେ ଧୈର୍ଯ୍ୟର ସହିତ ସହ୍ୟ କରିବାକୁ ପ୍ରସ୍ତୁତ ହୁଅ ।"

ତୃତୀ ପାଞ୍ଚ ଦିନ ପରେ ଶ୍ରୀ ଶ୍ରୀ ଠାକୁର ଭୁବନବାବୁଙ୍କୁ କହିଲେ, "ଦେଖ ତୁମ ପିତାଙ୍କ ଦେହ ଖରାପ । ସେ ଏହି ଥର ଦେହରକ୍ଷା କରିବେ । ତୁମ ପିତାଙ୍କର ଆୟୁ ନାହିଁ । ତୈଳହୀନ ପ୍ରଦୀପ ପରି କୌଣସି ପ୍ରକାରେ ସେ ଜଳୁଛନ୍ତି । ତୃତୀବର୍ଷ ପୂର୍ବରୁ ତାଙ୍କର ମୃତ୍ୟୁ ହେବାର ଥିଲା । କିନ୍ତୁ ବିଶେଷ କାରଣବଶତଃ ସେ ବର୍ତ୍ତମାନ ସୁଦ୍ଧା ଜୀବିତ ରହିଛନ୍ତି । ଏହିଥର ଶେଷ ଯାତ୍ରା ।"

ପରିବାରର ସମସ୍ତେ ଏକଥା ଶୁଣି ବିସ୍ମିତ ହେଲେ । କାରଣ ସେତେ-ବେଳ ପର୍ଯ୍ୟନ୍ତ ବୃଦ୍ଧଙ୍କ ଦେହରେ କୌଣସି ରୋଗ ନ ଥିଲା । କିନ୍ତୁ ଆଶ୍ଚର୍ଯ୍ୟ କଥା ଯେ, ଏହିଦିନ ଦୁଇପ୍ରହର ସମୟରେ ବୃଦ୍ଧ ଆଉ ଆହାର କରିପାରିଲେ ନାହିଁ । ସମସ୍ତେ ଜାଣିଲେ ସେ ଆଉ ବଞ୍ଚିବେ ନାହିଁ ।

ଶ୍ରୀ ଶ୍ରୀ ଠାକୁରଙ୍କୁ ମୃତ୍ୟୁର ଶେଷ ପର୍ଯ୍ୟନ୍ତ ରହିବାକୁ ମିନତି କରିବାରୁ ସେ କହିଲେ, "ମୁଁ ଥିଲେ ତାର ମୃତ୍ୟୁ ହୋଇପାରିବ ନାହିଁ, ତା ଭିତରେ ବିପର୍ଯ୍ୟତ ଶକ୍ତିର କ୍ରିୟା ଚାଲିବ । ତେଣୁ ବର୍ତ୍ତମାନ ମୋର ଏଠାରେ ନ ରହିବା ଆବଶ୍ୟକ ।"

ତା ପରେ ଶ୍ରୀ ଶ୍ରୀ ଠାକୁର ଚାଲିଗଲେ । ଭୁବନ ଭାଇଙ୍କ ହାତରେ ଖବର ଦେଇ ପଠାଇଲେ, "ମୁଁ ଯଥାସମୟରେ ତୁମ ପିତାଙ୍କୁ ଦର୍ଶନଦେଇ ଗନ୍ତବ୍ୟପଥ ନିର୍ଦ୍ଦେଶ କରାଇଦେବି ।" ବୃଦ୍ଧ ଏକଥା ଶୁଣି ବାଳକପରି 'ଜୟଗୁରୁ' 'ଜୟଗୁରୁ' କହି କାନ୍ଦି ଉଠିଲେ ।

ମୃତ୍ୟୁର ତିନିଦିନ ପୂର୍ବରୁ ସେ ବୃଦ୍ଧ ବ୍ରଜର ବଂଶୀ ଓ ମୃଦଙ୍ଗ ଶବ୍ଦ ଶୁଣିପାରିଲେ । ମୃତ୍ୟୁର ଦିନକ ପୂର୍ବରୁ ରାତି ତିନିଘଟିକା ସମୟରେ ହଠାତ୍ ବୃଦ୍ଧ କରତାଳି ଦେଇ ଠାକୁରଙ୍କ ସ୍ତୋତ୍ର ପାଠକରି ଉପସ୍ଥିତ ଲୋକଙ୍କୁ ଦେଖାଇ କହିଲେ, "ଏହି ଦେଖ, ଠାକୁର ଆସିଛନ୍ତି, କି ଆନନ୍ଦ ।" ସେହି ସମୟରେ ଉପସ୍ଥିତ ସମସ୍ତେ ଗୃହ ମଧ୍ୟରେ ସଦ୍ୟ ପ୍ରସ୍ଫୁଟିତ ସହସ୍ର ଗୋଲାପର ଗନ୍ଧ ପାଇବାକୁ ଲାଗିଲେ । ତା ପରେ ଶ୍ରାବଣ ୬୮ ଦିନ ବୃଦ୍ଧ ଶ୍ରୀ ଶ୍ରୀ ଠାକୁରଙ୍କ ନାମ ନେଇ ନଶ୍ୱର ଦେହ ତ୍ୟାଗ କଲେ ।

ବୃଦ୍ଧଙ୍କର ଏହି ମହାପ୍ରସ୍ଥାନରେ କ୍ରନ୍ଦନ ପରିବର୍ତ୍ତିରେ ଗୃହରେ 'ଜୟଗୁରୁ' ମହାନାମର ଉଚ୍ଚରୋଳ ଉଠିଲା । ବିଷାଦକାଳିମା ପରିବର୍ତ୍ତିରେ ସମସ୍ତଙ୍କ ମୁଖରେ ଆନନ୍ଦର ଢେଉ ଖେଳିଗଲା ।

ଭୁବନ ଭାଇ ପୂର୍ବରୁ ଭାବିଥିଲେ ଯେ, ପିତୃଦେବଙ୍କ ବିୟୋଗ ବ୍ୟଥା ସେ ସହ୍ୟ କରିପାରିବେ ନାହିଁ । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ଅତି ସହଜ ଭାବରେ ତାହା ସହ୍ୟ ହୋଇଗଲା । ସେମାନଙ୍କର ଶୋକ, ତାପ, ନିରାନନ୍ଦ କେଉଁଆଡ଼େ ଉଭେଇଗଲା ।

କିଛି ଦିନ ପରେ ଉକ୍ତ ପରିବାରର ଗୋଟିଏ ଅଢ଼େଇ ବର୍ଷ ବୟସ୍କ ଶିଶୁର ମୃତ୍ୟୁ ହେଲା; କିନ୍ତୁ ଆଶ୍ଚର୍ଯ୍ୟ, ଅନ୍ୟ କଥା ଦୂରେ ଥାଉ, ସ୍ୱୟଂ

ତାହାର ଗର୍ଭଧାରିଣୀ ଜନନୀଙ୍କ ମୁଖରେ ବିଷାଦର ଲେଶମାତ୍ର ଚିହ୍ନ ସୁଦ୍ଧା ରହିଲା ନାହିଁ । ସମସ୍ତେ ସମସ୍ୱରରେ "ଜୟଗୁରୁ" କହୁଥିଲେ ।

ମୃତ ଶିଶୁକୁ ନେଇ ସମସ୍ତେ 'ଜୟଗୁରୁ' କରୁଥାନ୍ତି । ସମ୍ମୁଖରେ ଦୁଇଜଣ ବାଳକଙ୍କ ଖେଳକୌତୁକ ଦର୍ଶନକରି ତାହାର ଗର୍ଭଧାରିଣୀ ଜନନୀ ଠୋ ଠୋ ହୋଇ ହସିଉଠିବା ଦେଖି ଶାଶୂ କହିଲେ, "ବୋହୂ, ପାଖରେ ତୋର ମୃତ ଶିଶୁର ଶବ ପଡ଼ିଛି, ତା ପାଖରେ ବସି ତୁ କିପରି ଏଭଳି ହସୁଛୁ ?" ବୋହୂ ଉତ୍ତର କଲା, "ମା', କଅଣ କରିବି ? କୌଣସି ପ୍ରକାରରେ ଯେ ମୋ ମନକୁ ଦୁଃଖ ଆସୁନାହିଁ । ଠାକୁର ସବୁ ଆମ ଅନ୍ତରରେ ରହି ଆନନ୍ଦରେ ଅଜସ୍ର ଧାର ଢାଳି ଦେଉଛନ୍ତି ।"

ତା ପରେ ପ୍ରାୟ ବାର ଦିନ ମଧ୍ୟରେ ଗୋଟିଏ ଏକାଦଶ ବର୍ଷୀୟ ବାଳକ ଶମ୍ଭୂନାଥ ଜର ରୋଗରେ ଆକ୍ରାନ୍ତ ହୋଇ 'ଜୟଗୁରୁ' ଗାନ କରି କରି ଚିରବିଦାୟ ଗ୍ରହଣ କଲା ।

ପିତାମାତାଙ୍କ ସମ୍ମୁଖରେ ଉପର୍ଯ୍ୟୁପରି ସନ୍ତାନର ମୃତ୍ୟୁଶଯ୍ୟା ଯେ କିପରି ଭୀଷଣ, ତାହା ସହଜରେ ଅନୁମେୟ । ମାତ୍ର ଏ କ୍ଷେତ୍ରରେ ଠିକ୍ ବିପରୀତ ହେଲା । ପିତାମାତାଙ୍କ ଚକ୍ଷୁରେ ଟୋପାଏ ହେଲେ ଲୁହ ଆସିଲା ନାହିଁ ।

ସମସ୍ତ ଘଟଣା ବର୍ଣ୍ଣନା କରି ଶ୍ରୀ ଶ୍ରୀ ଠାକୁରଙ୍କୁ ପତ୍ର ଦେବାରୁ ସେ ଭାବସ୍ତମ୍ଭିତ ହୋଇଯାଇ ସେମାନଙ୍କୁ ଯେଉଁ ଉତ୍ତର ଦେଇଥିଲେ, ତାହା ନିମ୍ନରେ ଦିଆଗଲା—

"ତୁମର ପତ୍ର ପାଇ ଶମ୍ଭୂନାଥର କୈଳାସ ଯାତ୍ରା ବିଷୟ ଅବଗତ ହେଲି । ଶମ୍ଭୂ ନିମିତ୍ତ ମୋର କୌଣସି ଦୁଃଖ ନାହିଁ । ମୃତ୍ୟୁ ଭିତରେ ମନୁଷ୍ୟ କିପରି ଅମୃତତ୍ୱ ଲାଭ କରିପାରେ, ମୁଁ ତାହା ଜାଣେ । ଶମ୍ଭୂ ମଧ୍ୟ ମୋ ଦୃଷ୍ଟିର ଅନ୍ତରାଳରେ ନାହିଁ । ସେ କିଏ, କାହିଁକି ଆସିଥିଲା, ବାଲ୍ୟକାଳରେ ଜୀବନଲୀଳା ଶେଷକରି କାହିଁକି ଯେ ଚାଲିଗଲା ମୁଁ ସବୁ ଅବଗତ ଅଛି । ମୋ ବଡ଼ ମା'ଙ୍କୁ କହିବ, ବ୍ରଜବାଳା ଓ ଶମ୍ଭୂନାଥ ମୋ ନିକଟରେ ଅଛନ୍ତି ।"

ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରସଙ୍ଗରେ ଏହିପରି ଭୂରିଭୂରି ପ୍ରମାଣ ଦିଆଯାଇ ପାରେ। ତାହା ବିସ୍ତୃତ ଜୀବନୀ ଲେଖକମାନେ ଲେଖିବେ।

## କର୍ମଫଳବାଦ

ଶ୍ରୀ ଶ୍ରୀ ଠାକୁର ଶ୍ରୀମୁଖରେ କହିଛନ୍ତି—'କର୍ମ ତ୍ରିବିଧ; କ୍ରିୟମାଣ, ସଞ୍ଚିତ ଓ ପ୍ରାରବ୍‌ଧ। କର୍ମ କରୁଛ ଓ ବର୍ତ୍ତମାନ ତାହାର ଫଳ ଭୋଗ କରୁଛ, ସେହି କର୍ମକୁ **କ୍ରିୟମାଣ କର୍ମ** କହନ୍ତି। କର୍ମ କରି ତାହାର ଫଳଭୋଗ କରୁଛ, କିନ୍ତୁ ତୃପ୍ତି ଆସିନାହିଁ—ଏହି ଅବସ୍ଥାରେ ଯଦି ମୃତ୍ୟୁ ହୁଏ, ତେବେ ସ୍ୱର୍ଗ ଓ ନରକରେ ତାହାର ଫଳ ଭୋଗ କରିବାକୁ ହୁଏ। କ୍ରିୟମାଣ କର୍ମଦ୍ୱାରା ଭୋଗ୍ୟବସ୍ତୁ ସଂଗ୍ରହ କରି ଭୋଗ କରୁଛ; ତା ସଙ୍ଗେ ସଙ୍ଗେ ଆହି ନୂଆକର୍ମ କରିଯାଉଛ। ସେହି କର୍ମର ଫଳପାଇବାପୂର୍ବରୁ ଯଦି ଦେହତ୍ୟାଗ ହୁଏ, ତେବେ ସେହି କର୍ମଫଳକୁ **ସଞ୍ଚିତ କର୍ମ କହନ୍ତି**। ଜୀବ ସ୍ୱର୍ଗ ବା ନରକରେ ଅତୃପ୍ତ ବାସନା ପୂରଣ କଲାପରେ ଏହି ସଞ୍ଚିତ କର୍ମକୁ ନେଇ ପୁନରାୟ ଜନ୍ମଗ୍ରହଣ କରେ। ଏହି **ସଞ୍ଚିତ କର୍ମର ଭୋଗକୁ ପ୍ରାରବ୍‌ଧ କହନ୍ତି**। ଯେଉଁ କର୍ମର ଭୋଗ ଆରମ୍ଭ ହୋଇଗଲାଣି, ସେହି କର୍ମର ନାମ ପ୍ରାରବଧ କର୍ମ। ସାଧନା ଦ୍ୱାରା, 'କ୍ରିୟମାଣ ଓ ସଞ୍ଚିତ କର୍ମ'ର ବିନାଶ ହୁଏ। କିନ୍ତୁ ପ୍ରାରବ୍‌ଧ କୌଣସି ପ୍ରକାରେ ହେଲେ ନଷ୍ଟ ହୋଇପାରେ ନାହିଁ। ଅତଏବ ହିନ୍ଦୁଧର୍ମ ମତରେ ଜୀବାତ୍ମା ବାସନା-କାମନାରୁ ମୁକ୍ତ ନ ହେବା ପର୍ଯ୍ୟନ୍ତ ପୃଥିବୀକୁ ଯିବା ଆସିବା କରୁଥାଏ। ଜୀବାତ୍ମା ସ୍ଥୂଳଦେହ ତ୍ୟାଗ କରି ଲିଙ୍ଗ ଦେହରେ ଅନୁସୃତ ହୁଏ, ଲିଙ୍ଗ ଦେହ ଆଶ୍ରୟ କରି ସ୍ଥୂଳଦେହ ତ୍ୟାଗ କରେ। ଲିଙ୍ଗ ଦେହ ଏହି ଲୋକରୁ ଅନ୍ତରୀକ୍ଷ ଲୋକକୁ ଗମନ କରେ। ସେହି ଲୋକକୁ ପ୍ରେତଲୋକ କୁହାଯାଏ। ସେଠାରେ ପାପର ଫଳ ଭୋଗ ହୁଏ। ତାହାପରେ ପୁଣ୍ୟକର୍ମର ଫଳ ଭୋଗ ହେଲା ପରେ ଯେଉଁ ସଂସ୍କାର (ସଞ୍ଚିତ କର୍ମ) ଥାଏ, ତାହାକୁ ନେଇ ପୁନରାୟ ପୃଥିବୀରେ ଜନ୍ମଗ୍ରହଣ କରେ। ତାହା ଗୋଟିଏ ବିଚିତ୍ର ଲୀଳା, ଅଦ୍ଭୁତ କାଣ୍ଡ।

ସଂସ୍କାର ସୂତ୍ରରେ ଗ୍ରଥିତ ହୋଇ ସେହିସବୁ ବାସନାବଦ୍ଧ ଜୀବାତ୍ମା ଯେପରି ମାତୃଗର୍ଭରେ ପ୍ରବେଶ କରନ୍ତି ତାହା ଯୋଗୀମାନଙ୍କର ଅନ୍ତର୍ଦୃଷ୍ଟିରେ ପ୍ରତ୍ୟକ୍ଷୀଭୂତ ହୁଏ । ସାଧନା ବ୍ୟତୀତ ଜଡ଼ଚକ୍ଷୁରେ ତାହା ଦର୍ଶନ କରାଯାଇପାରେ ନାହିଁ ।

“ଭୋଗ ଶେଷ ପରେ ଜୀବନ ଜନ୍ମ ସମୟ ହେବାକ୍ଷଣି ସେତେବେଳେ ସେ ମହର୍ଲୋକକୁ ଯାଏ । ସେଠାରୁ ଶିଶିର ବିନ୍ଦୁ ସହିତ ମିଶି ପୃଥିବୀରେ ପଡ଼େ ଏବଂ କୌଣସି ବୃକ୍ଷ ବା ଔଷଧି ସହିତ ମିଶିଯାଏ । ଦେଶକାଳ ପାତ୍ରାନୁସାରେ ଏପରି ଶୃଙ୍ଖଳାର ସହିତ ସେ ମାଟିରେ ପଡ଼େ ଯେ, ଯାହା ଔରସରେ ସେ ଜନ୍ମଗ୍ରହଣ କରିବ, ସେହି ପୁରୁଷ ତାକୁ ଉଦରସ୍ଥ କରେ । ପୁରୁଷ ଖାଦ୍ୟ ସହିତ ଉଦରସ୍ଥ ହୋଇ ପ୍ରାକୃତିକ ନିୟମରେ ସେ କ୍ରମେ ରସ, ରକ୍ତ, ମଜ୍ଜା ଓ ଅବଶେଷରେ ଶୁକ୍ରର ଜୀବାଣୁ ରୂପରେ ଅବସ୍ଥାନ କରେ । ତା ପରେ ଯଥା ସମୟରେ ମାତୃ ଆଧାରରେ ବୀର୍ଯ୍ୟରୂପରେ ଶୋଣିତ ସଙ୍ଗରେ ମିଶିଯାଏ । ସେଠାରେ ପ୍ରାକୃତିକ ନିୟମରେ ଏବଂ ଜୀବାତ୍ମାର ଗୁଣ ଓ କର୍ମ ଅନୁଯାୟୀ ଦେହ ନିର୍ମାଣ ହୋଇଥାଏ । ଏହି ଦେହ ପ୍ରସ୍ତୁତ କରିବା ମଧ୍ୟ ଜୀବର ସ୍ୱେଚ୍ଛାଧୀନ । ମନୁଷ୍ୟର ନିଜର କର୍ମ ଓ ଗୁଣ ଅନୁଯାୟୀ ଦେଶକାଳପାତ୍ରାନୁସାରେ ଦେହ ପ୍ରସ୍ତୁତ ହୁଏ । ଯାହାଙ୍କର ଯେଉଁ କର୍ମ ନିମିତ୍ତ ଦେହ ପ୍ରସ୍ତୁତ ହୋଇଯାଇଛି, ସେ ନିଶ୍ଚୟ ସେହି କର୍ମ ସାଧନ କରିବେ । ରୋଗଶୋକର ନିୟତି ଭୋଗ କରିବାକୁ ଥିଲେ, ତାହା ମଧ୍ୟ ଭୋଗ କରିବାକୁ ହେବ । ମନୁଷ୍ୟ ବୁଝିପାରେ ନାହିଁ ବୋଲି ପ୍ରାରବ୍ଧ କର୍ମନାଶ ନିମିତ୍ତ ଦେବଦେବୀଙ୍କର ମାନସିକ ପୂଜା କରେ । କିନ୍ତୁ ସେମାନଙ୍କର ଏହି ମାନସିକ ପୂଜା ଦ୍ୱାରା ଆହୁରି ଅନିଷ୍ଟ ହୁଏ । କାରଣ ଏଥିରେ ତ ପ୍ରାରବ୍ଧ ଖଣ୍ଡନ ହୁଏ ନାହିଁ, ବରଂ ନୂତନ କର୍ମ ସଞ୍ଚୟ ହୋଇ ଆହୁରି ଜାଲରେ ଜଡ଼ିତ ହେବାକୁ ହୁଏ ।

## ଗୁରୁଶକ୍ତି ଓ କର୍ମ ନିୟନ୍ତ୍ରଣ

“ମହର୍ଲୋକ ପର୍ଯ୍ୟନ୍ତ ଅହଂଭାବର ଜ୍ଞାନ ଥାଏ । ଯେଉଁମାନେ ମରିଯାନ୍ତି ସେମାନଙ୍କର ଏହି ଲୋକ ପର୍ଯ୍ୟନ୍ତ ପୂର୍ବରୁ ସ୍ମୃତି ଜାଗରୁକ ଥାଏ; ତାପରେ

ଆଉ ତାହା ସ୍ମରଣ ରହେ ନାହିଁ । ମୋର କୌଣସି ଶିଷ୍ୟ ବର୍ତ୍ତମାନ ମହର୍ଲୋକର ଊର୍ଦ୍ଧ୍ୱକୁ ଯାଇନାହାନ୍ତି ।”

ଏହି କଥା ନେଇ ଜନୈକ ଶିଷ୍ୟ କେତେକ ପ୍ରଶ୍ନ ପଚାରି ଯାହା ଉତ୍ତର ପାଇଥିଲେ ତାହା ନିମ୍ନରେ ଦିଆଗଲା ।

ଶିଷ୍ୟ ପଚାରିଲେ, “ଆପଣଙ୍କ ଶିଷ୍ୟ ହୋଇ ମହର୍ଲୋକର ଊର୍ଦ୍ଧ୍ୱକୁ ନ ଯିବାର କାରଣ କଅଣ ? ସେମାନେ ଆପଣଙ୍କ କୃପା ପାଇ ମଧ୍ୟ ମହର୍ଲୋକର ଉପରକୁ ଯିବାର ଅଧିକାରୀ ହୋଇପାରିଲେ ନାହିଁ କାହିଁକି ?”

ଶ୍ରୀ ଶ୍ରୀ ଠାକୁର କହିଲେ, “ସେମାନଙ୍କର ଅଧିକାର ଅଛି, କିନ୍ତୁ ମୁଁ ସ୍ଥୂଳ ଜଗତରେ ଅଛିବୋଲି ମୋତେ ଛାଡ଼ି ସେମାନେ ଊର୍ଦ୍ଧ୍ୱ ଜଗତକୁ ଯିବାକୁ ଚାହାନ୍ତି ନାହିଁ । ତୁମେମାନେ ଯେପରି ମୋ ନିକଟରେ ଛିଡ଼ା ହୋଇଛ, ମୋର ଉପଦେଶ ଶୁଣୁଛ, ସେହିପରି ମୋର ପରଲୋକଗତ ଶିଷ୍ୟଭକ୍ତମାନେ ମଧ୍ୟ ମୋ ନିକଟରେ ସୂକ୍ଷ୍ମ ଦେହରେ ଆସି ଉପଦେଶ ଶୁଣୁଛନ୍ତି । ପୁଣି ତୁମର ଗୁରୁଭାଇମାନଙ୍କର ଯେ କାହାରି ପୁନର୍ଜନ୍ମ ନ ହୋଇଛି, ତାହା ମଧ୍ୟ ଠିକ୍ ନୁହେଁ । ଏଥର ପୁନର୍ଜାତ—ର ତ ମୁଁ ଅନ୍ନପ୍ରାସନ କରିଆସିଲି । ସେ ଶିଷ୍ୟଟି ବ୍ରାହ୍ମଣକୁଳରେ ଜନ୍ମ ନେଇଛି । ସେମାନେ ମୋର ଶିଷ୍ୟ । ଛ'ମାସର ଶିଶୁ ମୋ ଆଡ଼କୁ ଅପଲକ ଦୃଷ୍ଟିରେ ଚାହିଁରହିଲା ମୁଁ ତାକୁ କୋଳରେ ନେଇ କେତେ ଆଦର କରି ବସାଇଲି ଓ କହିଲି, “ମୋତେ ଚିହ୍ନି ପାରୁଛୁଟିକି ? ମୁଁ ଯେ ତୋତେ ଚିହ୍ନେ ।”

ଶିଷ୍ୟ ପଚାରିଲେ, ‘ଠାକୁର ସେ ତ ଆପଣଙ୍କର ବିଶିଷ୍ଟ ଭକ୍ତ ଥିଲେ; ତଥାପି ତାଙ୍କୁ ପୁଣି ଜନ୍ମଗ୍ରହଣ କରିବାକୁ ହେଲା କାହିଁକି ?”

ଶ୍ରୀ ଶ୍ରୀ ଠାକୁର କହିଲେ, “ସେ ମୋର ପରମ ଭକ୍ତ ଥିଲା ସତ୍ୟ; କିନ୍ତୁ ସେପରି ଜ୍ଞାନ ସଂଗ୍ରହ କରି ନଥିଲା । ସେ କ୍ରମମୁକ୍ତି ପଥରେ ଯାଇପାରିଥାନ୍ତା, ଆଉ ଜନ୍ମ ନ ହେଲେ ମଧ୍ୟ ଚାଲିଯାଇଥାଆନ୍ତା, କିନ୍ତୁ ସେଥିରେ ମୁକ୍ତି ନିମିତ୍ତ

ବହୁ ବିଳମ୍ବ ହୋଇଯିବ ବୋଲି ମୁଁ ଆଉ ଗୋଟିଏ ମାତ୍ର ଜନ୍ମର ବ୍ୟବସ୍ଥା କରି-ଦେଲି । ଏଥର ସେ ମୁକ୍ତିଲାଭ କରିବ ।''

ଶିଷ୍ୟ ପ୍ରଶ୍ନ କଲେ, 'ଏହି ଯେ ଗୁରୁଶକ୍ତି ଓ ଜନ୍ମନିୟନ୍ତ୍ରଣ ବ୍ୟାପାର, ଏହି ଦୁଇଟି ବିଷୟରେ ମୁଁ କିଛି ବୁଝିପାରୁ ନାହିଁ । କିପରି କେଉଁଠାରୁ ଆଣି କାହାକୁ କାହା ଘରେ ଆପଣ ଜନ୍ମ ଦିଅନ୍ତି,— ଏସବୁ କିପରି ହୁଏ ?'

ଶ୍ରୀ ଶ୍ରୀ ଠାକୁର, ''ମୁଁ କାହାକୁ ଜନ୍ମ ଦିଏ ନାହିଁ । ସେ ବ୍ୟାପାର ଅନ୍ୟ ହାତରେ । ମୁଁ କେବଳ ଉନ୍ନତ ଶିଷ୍ୟଙ୍କର ଜନ୍ମ ହେବାର କାରଣ କରିଦିଏ । ତେବେ ଏସବୁ କଥା ସମସ୍ତଙ୍କ ପାଇଁ ନୁହେଁ । ଜମୋନ୍ନତି ପଥରେ ଯେଉଁମାନେ ଚାଲନ୍ତି, ସେହିମାନଙ୍କ ନିମିତ୍ତ ଏସବୁ କରେ । ଭୋଗଟା ସେତେବେଳେ ବୀଜାକାରରେ ରହିଯାଏ । ଯେପରି ଗୋଟିଏ ଗୋଲାପ ଗଛର ନୂତନ ଡାଳରେ ଅନେକଗୁଡ଼ିଏ ଗୋଲାପର କଢ଼ ଫୁଟି ଆସୁଛି, ସେହି ଡାଳଟାର ଅଗଟିକୁ କାଟିଦେଲେ ମଧ୍ୟ ତାହାର ଶକ୍ତି ଭିତରେ ରହିଯାଏ, ତାହା ଅଗରେ ଦେଖାଯାଏ ଯେ, ଡାଳ ମଧ୍ୟରେ ସୁନ୍ଦର ଦୁଇ ଚାରୋଟି ମାତ୍ର ଫୁଲ ଫୁଟିଛି, ଏହା ମଧ୍ୟ ସେପରି ।''

''ଗୁରୁ ଭୋଗପଥ ରୁଦ୍ଧ କରିଦେବାରୁ ପୁଣି ପ୍ରାକୃତିକ ନିୟମରେ ଏହି ପାର୍ଥିବ ଜଗତରେ ତାହାଙ୍କର ଜୀବନକଳି ଫୁଟିଉଠେ । ଏସବୁର ମାଲିକ 'କର୍ତ୍ତା ଭଗବାନ' । ମୁଁ କେବଳ ଇଚ୍ଛା ଶକ୍ତି ଦ୍ୱାରା ଭୋଗପଥ ରୁଦ୍ଧ କରିଦେଇ ଖଲାସ ହୋଇଯାଏ । ତା ପରେ ମୋ ଇଚ୍ଛାକୁ ଅବଲମ୍ବନ କରି ତାଙ୍କର (ଭଗବାନଙ୍କର) ଯାହା କରିବା କଥା, ସେ ତାହା କରନ୍ତି ।''

ଶିଷ୍ୟ ପଚାରିଲେ, ''ଠାକୁର, ତାହାହେଲେ ଭଗବାନ ଗୋଟିଏ ହିସାବରେ ତ ଗୁରୁଙ୍କର ଆଜ୍ଞାଧୀନ । ଭଗବାନ ତ ଗୁରୁଙ୍କର ମନ ଯୋଗାଇ ଚଳନ୍ତି ।''

ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ, ''ଧର, ଗୋଟିଏ ରାଜାଙ୍କର ଗୁରୁ ସେ ରାଜାଙ୍କ ଅଧୀନସ୍ଥ କର୍ମଚାରୀଙ୍କୁ ଗୋଟିଏ ନିର୍ଦ୍ଦେଶ ଦେଲେ । ସେହି

କାମଟାକୁ କର୍ମଗୁଣ ଯେପରି ରାଜାଙ୍କର କର୍ମ ବୋଲି ସମ୍ମାନ ଦୃଷ୍ଟିରେ ସମ୍ପନ୍ନ କରନ୍ତି, ଏହା ମଧ୍ୟ ଠିକ୍ ସେହିପରି । ଗୋଟିଏ ହିସାବରେ ଭଗବାନ ମଧ୍ୟ ଗୁରୁଙ୍କର ଆଜ୍ଞାଧୀନ ହେବାରୁ ଗୁରୁଙ୍କର ଅନୁଗତଶିଷ୍ୟମାନଙ୍କ ସମ୍ବନ୍ଧରେବିଧାତା ବିଶେଷ ସୁବ୍ୟବସ୍ଥା କରନ୍ତି । ଏ ସମ୍ବନ୍ଧରେ ଗୁରୁଙ୍କୁ ଆଉ ଅଧିକ କିଛି ଚିନ୍ତା କରିବାକୁ ପଡ଼େ ନାହିଁ । ତୁମ୍ଭମାନଙ୍କର ଏହିସବୁ ବିଷୟ ପ୍ରତିଯେପରି କୌତୂହଳ, ମୋର ସେପରି ନୁହେଁ । ସ୍ୱାଭାବିକ ନିୟମରେ ସବୁ ହୋଇଯାଉଛି ।”

## ସନ୍ତାନ କାମନା

କେହି ସନ୍ତାନ କାମନା କରି ପତ୍ର ଲେଖିଲେ, ଠାକୁର କାହାରି କାହାରି ଇଚ୍ଛା ପୂରଣ କରି ଦିଅନ୍ତି, ପୁଣି କାହାରି କାହାରି ଇଚ୍ଛା ଆଦୌ ପୂରଣ କରନ୍ତି ନାହିଁ । ଏ ସମ୍ବନ୍ଧରେ ଦୁଇଟି ଦୃଷ୍ଟାନ୍ତ ଦିଆଗଲା । ଶ୍ରୀ ଶ୍ରୀ ଠାକୁର ଯେପରି ଅନ୍ତର୍ଦୃଷ୍ଟି ନେଇ ଶିଷ୍ୟର କାମନା-ବାସନା ପୂରଣ କରନ୍ତି ଓ ସରଳ ଭାବରେ ତାହାର ଭଲମନ୍ଦ ବ୍ୟକ୍ତ କରନ୍ତି, ତାହା ଯେପରି ବିସ୍ମୟକର, ଆତ୍ମା ଉପରେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଭାବ ଓ ନିୟନ୍ତ୍ରଣ ବ୍ୟାପାର ମଧ୍ୟ ସେହିପରି ଆଶ୍ଚର୍ଯ୍ୟଜନକ ।

ଜଣେ ଶିଷ୍ୟାଙ୍କର ପ୍ରାର୍ଥନା ପୂରଣ କରି ଶ୍ରୀଶ୍ରୀ ଠାକୁର ତାଙ୍କୁ ସନ୍ତାନବତୀ ହେବାର ଆଶୀର୍ବାଦ କରିଥିଲେ । ଗର୍ଭସଞ୍ଚାର ପରେ ଶିଷ୍ୟାଙ୍କର ରକ୍ତସ୍ରାବ ହେବା ଦେଖି ତାଙ୍କ ସ୍ୱାମୀ ଭୟକରି ଶ୍ରୀ ଶ୍ରୀ ଠାକୁର ନିକଟକୁ ପତ୍ର ଦେଇ ନିମ୍ନଲିଖିତମତେ ଉତ୍ତର ପାଇଥିଲେ—

“ତୁମର ପତ୍ର ପାଇ ବିସ୍ତାରିତ ଅବଗତ ହେଲି । ତୁମ ଲିଖିତ ବିଷୟରେ କୌଣସି ବିପଦ ବା ଅମଙ୍ଗଳର ଆଭାସରେ ମୋର ମନ ବିଚଳିତ ହେଲା ନାହିଁ ମୁଁ ଜାଣେ, ତୁମ ସ୍ତ୍ରୀର ଗର୍ଭ ଆଶ୍ରୟ କରି କୌଣସି ମହା-ପୁରୁଷଙ୍କର ଆବିର୍ଭାବ ହେବ । ମୁଁ ତିନି ବର୍ଷ କାଳ ଚେଷ୍ଟାକରି ତାଙ୍କୁ ତୁମ ସ୍ତ୍ରୀଙ୍କ ଗର୍ଭ ନିର୍ଦ୍ଦିଷ୍ଟ କରିଦେଇଛି । ତୁମର ସ୍ତ୍ରୀ ସେସବୁ ବିଷୟ ଜାଣନ୍ତି ।

ଆଣି ଥିଲି, ପୁତ୍ର ଜନ୍ମ ପରେ ମୁଁ ନିଜେ ତାହାର ସଂସ୍କାର କରିଦେବି ଓ ସେହି ସମୟରେ ତୁମକୁ ସବୁ ବିଷୟ ଜଣାଇବି । ଯାହାହେଉ, ତୁମେ ଭୀତ ହୁଅ ନାହିଁ । ମଝିରେ ମଝିରେ ଯେ ସାମାନ୍ୟ ରକ୍ତସ୍ରାବ ହୁଏ, ତାହା ସୁଲକ୍ଷଣ; ମହାପୁରୁଷଙ୍କର ଆଗମନର ଚିହ୍ନ । ଏପରି କି ଆଠ ନଅ ମାସ ପର୍ଯ୍ୟନ୍ତ ମଧ୍ୟ ରକ୍ତସ୍ରାବ ହୋଇପାରେ ।

"ବତ୍ସ, ତୁମେମାନେ ମହାଭାଗ୍ୟବାନ । ପୁତ୍ର ଯୋଗୁଁ ତୁମେ ଧନ୍ୟ ହେବ, କୁଳ ପବିତ୍ର ହେବ । କିନ୍ତୁ ଏହା ମଧ୍ୟ ସ୍ମରଣ ରଖିଥିବ ଯେ, ଏ ଜଗତରେ ନିରବଚ୍ଛିନ୍ନ ସୁଖ ସମ୍ଭବ ନୁହେଁ । ସୁଖ ନିକଟରେ ଦୁଃଖ, ସମ୍ପଦ ପାଖରେ ବିପଦ ରହିବା ସ୍ୱାଭାବିକ ନିୟମ । ଏ ଜଗତରେ କୌଣସି ମହାପୁରୁଷଙ୍କ ପିତାମାତା ଦିବାରାତ୍ର ଚକ୍ଷୁଜଳରେ ବକ୍ଷ ସିକ୍ତ ନ କରି ରହି ନାହାନ୍ତି । ଅତଏବ କାହିଁରେ ହେଲେ ଅଧୈର୍ଯ୍ୟ ନ ହୋଇ ଭଗବାନଙ୍କ ପ୍ରତି ଆତ୍ମନିର୍ଭରଶୀଳ ହୋଇ ସ୍ୱାମୀ-ସ୍ତ୍ରୀ ଉଭୟେ ତାଙ୍କର ଗୁଣଗାନ କର; ସାତ୍ତ୍ୱିକ ଭାବରେ ହୃଦୟ ପୂର୍ଣ୍ଣ କର । ଏହି ସମୟରେ ଦୁଶ୍ଚିନ୍ତା ଓ ବ୍ୟାକୁଳତା ଗର୍ଭସ୍ଥ ସନ୍ତାନ ପକ୍ଷରେ ବିପଦଜନକ । ଆଉ ଗୋଟିଏ କଥା, ଏହି ଦୈବଲୀଳା ଯେପରି ଅନ୍ୟ କୌଣସି ଲୋକ ଜାଣି ନ ପାରିବେ, ସେଥିରେ ଭିତର କାରଣ ଅଛି । ଏପରି କି ତୁମର ପିତାମାତା ମଧ୍ୟ ଜାଣିବେ ନାହିଁ ।"

ପୁନଶ୍ଚ ଜଣେ ଶିଷ୍ୟା ସନ୍ତାନ କାମନା କରି ପତ୍ର ଦେବାରୁ ଶ୍ରୀ ଶ୍ରୀ ଠାକୁର ଉତ୍ତର ଦେଲେ—

"ତୁମର ପ୍ରାର୍ଥନା ମୋର ସ୍ମରଣ ଅଛି । କିନ୍ତୁ ମୁଁ ଏପର୍ଯ୍ୟନ୍ତ କିଛି କରିପାରିଲି ନାହିଁ । ତୁମର ଯେ ସନ୍ତାନ ହେବ, ସେଥିପାଇଁ ଜନ୍ମାନ୍ତରରେ ତାର ସୁକୃତ ଥିବା ଆବଶ୍ୟକ । କେତେ ନିରନ୍ନ ବା ପାପୀଣୀ ମା'ଙ୍କ ଘରେ ସନ୍ତାନଙ୍କର ଅବଧି ନାହିଁ । କିନ୍ତୁ ତୁମେ ଗୋଟିଏ ମାତ୍ର ସନ୍ତାନ ନିମିତ୍ତ ଲାଳାୟିତ, ପୁଣି ସେଥିରୁ ବଞ୍ଚିତ । ମୁଁ କେତେ ଆତ୍ମାଙ୍କୁ ତୁମ ଗର୍ଭକୁ ପଠାଇବା ନିମିତ୍ତ ଆକର୍ଷଣ କରି ଆଣିଛି । କିନ୍ତୁ କାହାର କର୍ମସହିତ ତୁମ କର୍ମର ସାମଞ୍ଜସ୍ୟ କରିପାରୁନାହିଁ । ତେଣୁ ବାଧ୍ୟ ହୋଇ ସେମାନଙ୍କୁ ପରିତ୍ୟାଗ କରିବାକୁ ପଡ଼ୁଛି । ଉଭୟ ଦିଗ

ସାମଞ୍ଜସ୍ୟ ନ ହେଲେ ଭଗବାନଙ୍କ ରାଜ୍ୟରେ ମୋ ଦ୍ୱାରା ବିଦ୍ରୋହ ଉପସ୍ଥିତ ହେବ । ତେଣୁ ସମୟର ପ୍ରତୀକ୍ଷା କରି ରହିଛି ।

"ମୁଁ ବିବେକଚ୍ୟୁତ ହେଲେ ନିଜ ଶକ୍ତି ପ୍ରୟୋଗ କରି ତୁମର ବାସନା ପୂରଣ କରିଦିଅନ୍ତି; କିନ୍ତୁ ତୁମେ ଯେ ଭବିଷ୍ୟତରେ ଅଶାନ୍ତି ଭୋଗ କରିବ; ସୁଖ ପରିବର୍ତ୍ତରେ ସର୍ବଦା ଦୁଃଖ ଦାବାଗ୍ନିରେ ଦଗ୍ଧ ହେବ । ତେଣୁ କିଛି କରିପାରୁ ନାହିଁ । ମୁଁ ଯେଉଁମାନଙ୍କୁ ସୁଖପାଏ, ସନ୍ତାନ ନାମରେ ସେମାନଙ୍କ ମୁଣ୍ଡରେ ଶଇତାନର ବୋଝ ମୁଁ ଲଦି ଦେଇ ପାରିବି ନାହିଁ । ଅନ୍ୟଥା ବହୁ ଦିନ ଧରି ମୋ ନିକଟରେ ଯେଉଁ ବାସନା ନେଇ ବୁଲୁଛ, ଏତେଦିନ ଭିତରେ ମୁଁ କିଛି କରିଦେଇ ପାରିଥାନ୍ତି । ଯାହାହେଉ ମୁଁ କିଛିଦିନ ନିଜ ଶକ୍ତି ପ୍ରୟୋଗ କରି ଦେଖିବି, ସାମ୍ୟାକୃଷ୍ଟ ଜୀବ ପାଇବି କି ନାହିଁ ।"

ଏ ସମ୍ବନ୍ଧରେ ବିଶେଷ ଲେଖିବାନିଷ୍ପ୍ରୟୋଜନ । ଉପରୋକ୍ତ ଆଲୋଚନାରୁ ପାଠକମାନେ ଜନ୍ମମରଣ ଉପରେ ଶ୍ରୀ ଶ୍ରୀ ଠାକୁରଙ୍କର ଅଲୌକିକ ଶକ୍ତି ସମ୍ବନ୍ଧରେ ବିଶେଷଭାବରେ ଅବଗତ ହେବେ ।

## ଯୋଗବଳରେ ଦେହତ୍ୟାଗ

ରୋଗଶଯ୍ୟାରେ ଶାୟିତ ହୋଇ ରୋଗ ଯନ୍ତ୍ରଣା ଭୋଗ ନ କରି କିମ୍ବା ଦୈବାଦୁର୍ବିପାକରେ ମୃତ୍ୟୁର କବଳିତ ନ ହୋଇ ଯୋଗୀମାନେ ଯୋଗ ବଳରେ ଦେହତ୍ୟାଗ କରିଥାନ୍ତି । ଏଥିରେ କାହାର ବିଶ୍ୱାସ ନଥିଲେ ମଧ୍ୟ ହିନ୍ଦୁମାତ୍ରକେ ଏହା ଅବଗତ ଅଛନ୍ତି । ଯଦୁବଂଶ ଧ୍ୱଂସ ପରେ ବଳଦେବ ଯୋଗାବଲମ୍ବନପୂର୍ବକ ଦେହତ୍ୟାଗ କରିଥିଲେ । ବିଦୁର ଭଗବାନଙ୍କଠାରୁ ଇଚ୍ଛାମରଣ ଶିକ୍ଷା କରି ଧୃତରାଷ୍ଟ୍ର ଗାନ୍ଧାରୀ ଓ କୁନ୍ତୀଦେବୀଙ୍କ ସହିତ ହିମାଳୟରେ ଯୋଗାବଲମ୍ବନରେ ଦେହ ଛାଡ଼ିଥିଲେ । ମହାପାପୀ ଦୁରାଚାର ବ୍ୟକ୍ତି ମଧ୍ୟ ଯୋଗବଳରେ ଦେହ ତ୍ୟାଗ କରିପାରିଲେ ମହାମୁକ୍ତି ଲାଭ କରିଥାନ୍ତି । *

---

* ଯୋଗବଳରେ ଦେହତ୍ୟାଗ ପ୍ରକ୍ରିୟା ଜାଣିବା ପାଇଁ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଣୀତ "ଜ୍ଞାନୀଗୁରୁ" ପୁସ୍ତକ ଦ୍ରଷ୍ଟବ୍ୟ ।

# ମୁକ୍ତିଲାଭର ସ୍ୱରୂପ

ପରଲୋକତତ୍ତ୍ୱ ଆଲୋଚନାରୁ ସହଜରେ ଜଣାଯିବ, ମୁକ୍ତି ନ ହେବା ପର୍ଯ୍ୟନ୍ତ ଜୀବର ପୁନଃପୁନଃ ଜନ୍ମ ମୃତ୍ୟୁ ସୁନିଶ୍ଚିତ । ତେଣୁ ବର୍ତ୍ତମାନ ସେହି ମୁକ୍ତିର ସ୍ୱରୂପ ସମ୍ବନ୍ଧରେ ଜାଣିବା ବିଶେଷ ଆବଶ୍ୟକ । ଏ ସମ୍ବନ୍ଧରେ ଶ୍ରୀ ଶ୍ରୀ ଠାକୁରଙ୍କ ବାଣୀ ନିମ୍ନରେ ଦିଆଗଲା—

"ମୁକ୍ତି ହେଉଛି ସକଳ ଦୁଃଖର ଅବସାନ ଏବଂ ସୁଖଲାଭ । ସାଧନାର ତାରତମ୍ୟ ଅନୁସାରେ ପୁଣି ଏହି ସୁଖଲାଭର ତାରତମ୍ୟ ଘଟିଥାଏ । ତେଣୁ ଆମ ଶାସ୍ତ୍ରରେ ମୁକ୍ତିର ପ୍ରକାରଭେଦ ରହିଛି । ସାଲୋକ୍ୟ, ସ୍ୱରୂପ୍ୟ ସାର୍ଷ୍ଟି ଓ ସାଯୁଜ୍ୟ —ଏହି ଚତୁର୍ବିଧ ମୁକ୍ତିରେ ଦ୍ୱୈତ ଜ୍ଞାନର ଲୋପ ହୁଏ ନାହିଁ, ତେଣୁ ଆତ୍ୟନ୍ତିକ ଦୁଃଖରେ ସମ୍ୟକ୍ ନିବୃତ୍ତି ମଧ୍ୟ ହୋଇପାରେ ନାହିଁ । ପୁଣି ଦୁଃଖର ଲେଶାଭାସ ଥିଲେ, ତାକୁ ଚରମ ମୁକ୍ତି କିପରି କୁହାଯିବ ?

"ଧର, ଜଣକର ସ୍ୱର୍ଗଲୋକକୁ ଗତି ହୋଇଛି । ସ୍ୱର୍ଗ ଯେ ଅଫୁରନ୍ତ ଆନନ୍ଦର ସ୍ଥାନ ତାହା ତ ତୁମମାନଙ୍କର ଅଜଣା ନାହିଁ । କିନ୍ତୁ ସ୍ୱର୍ଗବାସୀଙ୍କର ସୁଖ ଅପର୍ଯ୍ୟାପ୍ତ ହୋଇଥିଲେ ମଧ୍ୟ ଆପଣା ଆପଣା କର୍ମାନୁଯାୟୀ ଭୋଗର ତାରତମ୍ୟ ହୋଇଥାଏ ତେଣୁ ପୂର୍ବଲିଖିତ ସ୍ୱର୍ଗଗତଜୀବ ଇନ୍ଦ୍ରଙ୍କୁ ଇନ୍ଦ୍ରାଣୀଙ୍କ ସହିତ ନନ୍ଦନକାନନରେ ବିହାର କରୁଥିବା ଦେଖି ଜଳିପୋଡ଼ି ମରୁଥାଏ । ସେତେବେଳେ ଭାବେ, ମୁଁ ଯଦି ଏହିପରି ସୁଖୀ ହୋଇଥାନ୍ତି ! ତାହାହେଲେ ଦେଖ, ସ୍ୱର୍ଗକୁ ଯାଇ ମଧ୍ୟ ତାର ଯନ୍ତ୍ରଣାର ଲାଘବ ହେଲା ନାହିଁ । ବାସନାକଲ୍ମଷିତ ହୋଇ ରହିଲା । ଏହି ଚାରି ପ୍ରକାର ମୁକ୍ତିରେ ପ୍ରାୟ ଗୋଟିଏ ପ୍ରକାରର ଦଶା, କୌଣସି ନା କୌଣସି ଦୋଷ ଅଛି । ଚରମମୁକ୍ତି ହେଉଛି 'ନିର୍ବାଣ' । ସେ ମୁକ୍ତିରେ ବାସନାର ଲେଶ ନାହିଁ, କାମନାର ଗନ୍ଧ ନାହିଁ, ଦୁଃଖର ସ୍ପର୍ଶ ନାହିଁ । ଅଛି ଅନନ୍ତ ସତ୍ତା, ଅନନ୍ତ ଆନନ୍ଦ. ଅନନ୍ତ ଜ୍ଞାନ । ଅର୍ଥାତ୍ ସେ ବୁଝିପାରେ ଯେ, ଏତେ ଦିନ ଯାଏ ମୁଁ ନିଜକୁ ଗୋଟିଏ କ୍ଷୁଦ୍ର ଦେହଭାଣ୍ଡସ୍ଥ ବୋଲି ମନେ କରିଥିଲି । ସେହି ମୁଁ ଯେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପରିବ୍ୟାପ୍ତ ହୋଇ ଚରାଚର ବିରାଜିତ ଅଛି । ମୋ ସତ୍ତାରେ

ସମସ୍ତେ ସତ୍ତ୍ୱବାନ୍ । ମୁଁ ଅଛି, ତେଣୁ ସମସ୍ତେ ଅଛନ୍ତି । ମୁଁ ମନୁଷ୍ୟ, ମୁଁ ଈଶ୍ୱର, ମୁଁ ଦେବତା; ମୁଁ ବ୍ରହ୍ମ । ଜୀବ ଯେତେବେଳେ ଏହି ଜ୍ଞାନରେ ଉପସ୍ଥିତ ହୁଏ, ସେତେବେଳେ କଅଣ କାମନା-ବାସନା ଥାଏ ? ସେ ଦେଖେ, ସେ ନିଜେ ବିଭିନ୍ନ ଭାବରେ ବିଭିନ୍ନ ବସ୍ତୁ ଭୋଗ କରୁଚି । କାରଣ ତାହା ବ୍ୟତୀତ ଯେ ଦ୍ୱିତୀୟ ସତ୍ତା ନାହିଁ । ସେତେବେଳେ ସେ କାହାକୁ ଦେଖି ବା ହିଂସା କରିବ ? ଅନେକେ ମନେ କରନ୍ତି, ନିର୍ବାଣ ଅର୍ଥ ଲୋପପାଇବା । ସେମାନେ କହନ୍ତି, ଆମର ଯଦି ଇନ୍ଦ୍ରିୟ ନରହିଲା, ତେବେ ଆମେ ସୁଖଭୋଗ କରିବୁ କପରି ? ଏପରି ନିର୍ବାଣ ଆମେ ଚାହୁଁ ନାହୁଁ । ସେମାନେ ବୁଝିପାରନ୍ତି ନାହିଁ ଯେ, ଯେତେବେଳେ ଆମେ ନିଦ୍ରା ଯାଉ, ସେତେବେଳେ ଆମର ସବୁ ଇନ୍ଦ୍ରିୟ ଘୁମାଇ ପଡ଼ନ୍ତି; ତଥାପି ଆମେ କପରି ସୁଖ ଭୋଗକରୁ ଓ ଆନନ୍ଦ ଲାଭ କରୁ ? କ୍ଷୁଦ୍ର ଇନ୍ଦ୍ରିୟ ଦେହ, ମନ ଯେ ଆମର ଆନନ୍ଦଲାଭର ବିରାଟ ଅନ୍ତରାୟ, ତାହା ସେମାନେ ବୁଝିପାରନ୍ତି ନାହିଁ । ସେମାନେ ଚାହାନ୍ତି, ମୃତ୍ୟୁଦ୍ୱାରା ଅମୃତ ଆସ୍ୱାଦନ କରିବାକୁ । କିନ୍ତୁ ତାହା କ'ଣ କେବେହେଲେ ସମ୍ଭବ ? ତେଣୁ ବେଦାନ୍ତ କହିଛନ୍ତି- ନିଜର ବ୍ୟକ୍ତିତ୍ୱ ପର୍ଯ୍ୟନ୍ତ ବିସର୍ଜନ ଦେବାକୁ ହେବ । କାଳ୍ପନିକ ସୃଷ୍ଟିର ମିଥ୍ୟାବୋଧ ଜାଗ୍ରତ କରିବାକୁ ପଡ଼ିବ । ତାହା ହେଲେ ଏହା ଫଳରେ ଅଦ୍ୱୈତଜ୍ଞାନର ଉଦୟ ହୋଇ ଜୀବିତାବସ୍ଥାରେ 'ଜୀବନ୍ମୁକ୍ତି' ଓ ପରେ 'ନିର୍ବାଣମୁକ୍ତି' ଲାଭ ହେବ । ଆଉ ପାଇବାକୁ କିଛି ବାକି ରହିବ ନାହିଁ । ଏହାକୁ ଚରମତମ 'ମୁକ୍ତି କୁହାଯାଏ ।'

ଶ୍ରୀ ଶ୍ରୀ ଠାକୁରଙ୍କର ଶିଷ୍ୟମାନେ ଜୀବିତାବସ୍ଥାରେ କପରି ମୃତ୍ୟୁର ଅନୁଭୂତି ଲାଭ କରିଛନ୍ତି, ତାହାର ମଧ୍ୟ ଯଥେଷ୍ଟ ଉଦାହରଣ ଅଛି ।

## ଜୀବିତାବସ୍ଥାରେ ମୃତ୍ୟୁର ଅନୁଭୂତି

ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରିୟଶିଷ୍ୟ ସ୍ୱାମୀ ସ୍ୱରୂପାନନ୍ଦ ମହାରାଜ ଦିନେ ଗୋପେଶ୍ୱର ଗାଁଠାରୁ ମଠକୁ ଯାଉଥିଲେ । ରାସ୍ତା ମଧ୍ୟରେ ହଠାତ୍ ତାଙ୍କର ମନ କ'ଣ ହୋଇଗଲା । ସେ ଅନୁଭବ କଲେ, ସେ ଦେହରୁ ବାହାରି

ମଠକୁ ଚାଲି ଯାଉଛନ୍ତି ଓ ଦେହଟି ଶଯ୍ୟାରେ ଛାଡ଼ା ହୋଇ ରହିଛି । ସେ ଦେହରୁ ବାହାର ପଡ଼ିଲେ ମଧ୍ୟ ରଜ୍ଜୁଦ୍ୱାରା ସଂଲଗ୍ନ ଅଛନ୍ତି । ମଠକୁ ଆସି ଚାଲିବୁଲି ସେବକମାନଙ୍କ କାର୍ଯ୍ୟ କରୁଥିବାର ଦେଖି କିଛିକ୍ଷଣ ପରେ ସେହି ଶଯ୍ୟାରେ ଛାଡ଼ା ହୋଇଥିବା ଦେହ ଭିତରେ ପଶିଗଲେ । ଦେହ ଚାଲିବାକୁ ଲାଗିଲା । ମଠକୁ ଆସି ଯେଉଁମାନଙ୍କୁ ଇତି ପୂର୍ବରୁ ସ୍ୱପ୍ନରେ ଦେଖିଥିଲେ, ସେମାନଙ୍କୁ ପଚାରିଲେ ଯେ, ସେମାନେ ଅମୁକ ଜାଗାର ଅମୁକ କାର୍ଯ୍ୟ କରୁଥିଲେ କି ନାହିଁ ? ସେମାନେ ସମସ୍ତେ ତାହା ସ୍ୱୀକାର କଲେ ।

ଆମ୍ଭମାନଙ୍କର ଶ୍ରଦ୍ଧେୟ ଗୁରୁ ଭ୍ରାତା ଡ଼ାକ୍ତର ନୃପେନ୍ଦ୍ର ଭାଇ ମଧ୍ୟ ଧ୍ୟାନେ ମୃତ୍ୟୁକାଳୀନ ଅବସ୍ଥା ପ୍ରତ୍ୟକ୍ଷ କରିଥିଲେ । ସେ ଦେଖିଲେ ଯେ, ତାଙ୍କର ମୃତଦେହ ଶଯ୍ୟାରେ ଶାୟିତ ଅଛି । ଆତ୍ମୀୟସ୍ୱଜନମାନେ ଚାରିପାଖରେ ବସି କ୍ରନ୍ଦନ କରୁଛନ୍ତି; କିନ୍ତୁ ତାଙ୍କ ନିଜର ଅବସ୍ଥା ଅବର୍ଣ୍ଣନୀୟ । ସୂକ୍ଷ୍ମ ଜ୍ୟୋତିର୍ମୟ ଦେହରେ ସେ ଆନନ୍ଦରେ ବିରାଜମାନ । ଶଯ୍ୟାପାର୍ଶ୍ୱସ୍ଥ ଆତ୍ମୀୟମାନଙ୍କୁ କ୍ରନ୍ଦନରୁ ନିବୃତ୍ତ କରିବାକୁ ସେ ନାନା ପ୍ରକାର ଚେଷ୍ଟା କରୁଛନ୍ତି, କିନ୍ତୁ କେହି ତାଙ୍କର ଇଙ୍ଗିତ ବୁଝିପାରୁ ନାହାନ୍ତି । ନୃପେନ୍ଦ୍ର ଭାଇ ସେତେବେଳେ ବୁଝିପାରିଲେ ଯେ, ଆକାଶ ଓ ବାୟୁମଣ୍ଡଳ ଏହି ଜଡ଼ଜଗତ ଅପେକ୍ଷା ସମ୍ପୂର୍ଣ୍ଣ ବିଭିନ୍ନ ଉପାଦାନରେ ଗଠିତ । ଏହା କୋଟି ସୂର୍ଯ୍ୟସମପ୍ରଭ ଓ କୋଟିଚନ୍ଦ୍ର ସୁଶୀତଳ । ଚାରିଆଡ଼ର ମନୋରମ ଦୃଶ୍ୟ କେଡ଼େ ଆନନ୍ଦପ୍ରଦ । ଅତି ମନୋହର ଗୋଟିଏ ରଥ ତାଙ୍କ ପାଇଁ ଅପେକ୍ଷା କରି ରହିଛି । କେତେ ଜଣ ଜ୍ୟୋତିର୍ମୟ ପୁରୁଷ ତାଙ୍କୁ ଅଭ୍ୟର୍ଥନା କରିବା ନିମିତ୍ତ ଦଣ୍ଡାୟମାନ । ଏଣେ ଏହିସବୁ ଦୃଶ୍ୟ ଓ ତେଣେ ଆତ୍ମୀୟସ୍ୱଜନଙ୍କ ଶୋକାକୁଳ ଅବସ୍ଥା ଦର୍ଶନ କରି ତାଙ୍କର ପାର୍ଥିବ ଆତ୍ମୀୟମାନଙ୍କ ପ୍ରତି ମମତା ଆସିଗଲା । ସେମାନଙ୍କ ପାଇଁ ଦୁଃଖ ହେବାରୁ ଚକ୍ଷୁରେ ଜଳ ଆସିଲା । ହଠାତ୍ ସେ ଚୈତନ୍ୟ ଲାଭ କରି ଉଠିପଡ଼ିଲେ ।

## ପରମାଶ୍ଚର୍ଯ୍ୟପୁର

ଜଣେ ଶିଷ୍ୟଙ୍କ ନିଜ ଅନୁଭୂତି—"ମୋର ଖୁବ୍ ଅସୁସ୍ଥ ଶରୀର । ସମସ୍ତେ ମୋତେ ନେଇ ବ୍ୟସ୍ତ । ରୋଗ ଏପରି ପ୍ରବଳ ଆକାର ଧାରଣ କଲା

ଯେ, ମୁଁ ବାହ୍ୟଜ୍ଞାନଶୂନ୍ୟ ହୋଇପଡ଼ିଲି । ଏହିପରି ଅଜ୍ଞାନ ଅବସ୍ଥାରେ ସମୟ ସମୟରେ ଦୁଇ ତିନି ଦିନ କଟିଯାଏ । କିନ୍ତୁ ଏଥିରେ ମୋର ଭିତରର ଜ୍ଞାନ-ସମ୍ପୂର୍ଣ୍ଣରୂପେ ଥାଏ ।"

"ଦିନେ ଅଚେତନ ହୋଇପଡ଼ିଛି, ଏହି ସମୟରେ ଦେଖିଲି, ଗୋଟିଏ ଦିବ୍ୟ ଜ୍ୟୋତିର୍ମୟ ପୁରୁଷ ମୋର ଶୟନକକ୍ଷରେ ପ୍ରବେଶ କଲେ । ମୋ ନିକଟକୁ ଆସି ସେ କହିଲେ, 'ମୁଁ ତୁମକୁ ନେବାକୁ ଆସିଛି । ବାହାରେ ଦିବ୍ୟରଥ ଅପେକ୍ଷା କରି ରହିଛି । ତୁମେ ପ୍ରସ୍ତୁତ ହୁଅ ।' ମୁଁ ଦେଖିଲି, ମୋର ନଶ୍ୱର ଦେହ ଅତିଶୟ କୁତ୍ସିତ ଓ ଦଗ୍ଧକାଷ୍ଠ ପରି ଅଙ୍ଗାରବର୍ଣ୍ଣ ହୋଇ ପଡ଼ିଛି ଓ ମୋର ହିରଣ୍ମୟ ଶରୀର ହୋଇଯାଇଛି । ମୁଁ ଯଥାଯୋଗ୍ୟ ଭୂଷଣ ପରିଧାନ କରି ରଥ ପାଖକୁ ଆସିଲି । ଶ୍ରୀ ଶ୍ରୀ ଠାକୁର ମୋ ନିକଟରେ ଥିଲେ । ଘରୁ ବାହାରିଯିବାବେଳେ ମନେ ହେଲା, ମୁଁ ତ ଗଲି, ତେବେ ଠାକୁର ତ ରହିଗଲେ ? ଠାକୁରଙ୍କୁ ଛାଡ଼ିଯିବାରୁ ମୋର ଉତ୍ସାହ କମିଗଲା ମାତ୍ର ମୁଁ ଫେରିପାରିଲି ନାହିଁ । ବାହାରକୁ ଆସି ଦେଖିଲି, ଗୋଟିଏ ଦିବ୍ୟ ଜ୍ୟୋତିର୍ମୟ ରଥ ମୋ ନିମିତ୍ତ ପ୍ରସ୍ତୁତ ଅଛି । ସେ ରଥ ଯେ କିପରି ସୁନ୍ଦର ତାହା ଅବର୍ଣ୍ଣନୀୟ ।"

"ମୁଁ ଦିବ୍ୟପୁରୁଷଙ୍କର ଆଦେଶକ୍ରମେ ରଥରେ ଆରୋହଣ କରି ବାହାରି ପଡ଼ିଲି । ଦିବ୍ୟପୁରୁଷ ସାରଥି ରଥ ଚଳାଇବାକୁ ଲାଗିଲେ । କିନ୍ତୁ ମନ ଭିତରେ ଦୁଃଖ ହେଲା ଯେ, ମୁଁ ଠାକୁରଙ୍କୁ ଛାଡ଼ିଆସିଲି । ରଥ କ୍ରମେ ଉପରକୁ ଉଠିବାକୁ ଲାଗିଲା । ପରେ ଏହି ପୃଥିବୀ ଗୋଟିଏ ଚିତ୍ରପଟ ପରି ବୋଧ ହେଲା । କ୍ରମେ ଆମର ରଥ ଗ୍ରହ-ନକ୍ଷତ୍ରର ସୀମା ଅତିକ୍ରମ କରି ଉପରକୁ ଉଠିଗଲା । ଗ୍ରହ-ନକ୍ଷତ୍ରମାନଙ୍କୁ ଆମେ ବହୁ ନିମ୍ନରେ ଶୂନ୍ୟରେ ଦେଖିପାରିଲୁ । ରଥ କ୍ରମେ କ୍ରମେ ଗୋଟିଏ ଗାଢ଼ ଅନ୍ଧକାରମୟ ସ୍ଥାନରେ ଉପନୀତ ହେଲା । ସେହି ସୀମା ପାର ହୋଇ ପାରେ ଏକ ଦିବ୍ୟଭୂମିର ପାର୍ଶ୍ୱଦେଶରେ ଉପସ୍ଥିତ ହେଲୁ । ସେ ଦେଶର ଶୋଭା ଅବର୍ଣ୍ଣନୀୟ ଓ ଧ୍ୟାନର ଅଗମ୍ୟ । ଏହି ଅପରୂପ ଜ୍ୟୋତି ମଧ୍ୟରେ ଗୋଟିଏ ଅପୂର୍ବ ପୁରୀ ।

ପୁରୀର ପ୍ରବେଶପଥରେ ଅପୂର୍ବ ରତ୍ନମୟ ତୋରଣ । ରଥ ତୋରଣଦ୍ୱାରରେ ଆସି ଉପସ୍ଥିତ ହେବାରୁ ମୁଁ ରଥରୁ ଅବତରଣ କଲି । ମନେ ହେଲା, ମୋ ଦେହ ଯେପରି ଅତି ଆଶ୍ଚର୍ଯ୍ୟ ଭାବରେ ରମଣୀୟ ଓ ଲଘୁ ହୋଇଯାଇଛି । କିନ୍ତୁ ଠାକୁରଙ୍କୁ ଛାଡ଼ିଆସିଛି ବୋଲି ମୋର ପ୍ରାଣ କାନ୍ଦିବାକୁ ଲାଗିଲା ।"

"ସୋପାନ ଉପରକୁ ଆରୋହଣ କରିବା ମାତ୍ରେ ଦେଖିଲି, ଜଣେ ପରମାଶ୍ଚର୍ଯ୍ୟ ଜ୍ୟୋତିର୍ମୟ ପୁରୁଷ ମୋତେ ଅଭ୍ୟର୍ଥନା କରିବାକୁ ଦଣ୍ଡାୟମାନ । ତାଙ୍କର ସମ୍ପୂର୍ଣ୍ଣ ଅବୟବ ମୁଁ ଦେଖିପାରିଲି ନାହିଁ । ତାଙ୍କର ସମସ୍ତ ଦେହଟି ଗୋଟିଏ ସ୍ୱଚ୍ଛ ଅନ୍ତରାଳରେ ଲୁଚି ରହିଯାଇଥିଲା ଓ କେବଳ ଚରଣଯୁଗଳ ଦେଖାଯାଉଥିଲା । ତାଙ୍କ ଚରଣଯୁଗଳର ଶୋଭା ଦେଖି ମନେ ହେଲା, ଏପରି ସୌନ୍ଦର୍ଯ୍ୟ କେହି କଳ୍ପନାରେ ସୁଦ୍ଧା ଆଣିପାରିବେ ନାହିଁ । ତା ପରେ ଦିବ୍ୟ ଅଙ୍ଗନାଗଣ ମୋତେ ନେଇ ଗୋଟିଏ ରତ୍ନସିଂହାସନରେ ବସାଇ ସେବା କରିବାକୁ ଲାଗିଲେ । ତଥାପି ମୋର ମନ ଶ୍ରୀ ଶ୍ରୀ ଠାକୁରଙ୍କ ନିମିତ୍ତ ବ୍ୟାକୁଳ ହୋଇଉଠିଲା । ତା' ପରେ ମୁଁ ଶୁଣିପାରିଲି ଯେ, ସେହି ଜ୍ୟୋତିର୍ମୟ ପୁରୁଷ ମୋତେ ପୁନର୍ବାର ମର୍ତ୍ତ୍ୟଧାମକୁ ଫେରାଇ ଦେବାକୁ ଆଦେଶ ଦେଇଛନ୍ତି । ତତ୍‌କ୍ଷଣାତ୍ ମୁଁ ଅଚେତନ ହୋଇପଡ଼ିଲି । ହଠାତ୍ ଚେତା ହେବାରୁ ଦେଖିଲି, ମୁଁ ମୋର ଶୟନକକ୍ଷରେ ଅଛି । ଶ୍ରୀ ଶ୍ରୀ ଠାକୁର ମୋ ନିକଟରେ ଅଛନ୍ତି ।"

"ଶ୍ରୀ ଶ୍ରୀ ଠାକୁରଙ୍କୁ ସମସ୍ତ ବିଷୟ କହିବାରୁ ସେ କହିଲେ, ଯଦି ତୁମର ଠାକୁରଙ୍କୁ ଛାଡ଼ିଯାଉଛ ବୋଲି ସଙ୍କୋଚ ଭାବ ଆସି ନ ଥାନ୍ତା, ତେବେ ତୁମେ ଯେଉଁ ଅବସ୍ଥା ଲାଭ କରିଥିଲ, ସେଠାରୁ ଆଉ ଫେରିଆସି ନ ଥାନ୍ତ । ଏହି ସଙ୍କୋଚ ଥିଲା ବୋଲି ପୁନର୍ବାର ଦେହକୁ ଫେରିବାକୁ ପଡ଼ିଲା । ଠାକୁର ପାଇଁ ସଙ୍କୋଚ ନ ଥିଲେ ତୁମେ ସେହି ପରମାଶ୍ଚର୍ଯ୍ୟ ପୁରୁଷଙ୍କର ସମସ୍ତ ଶରୀର ଦେଖିପାରିଥାନ୍ତ । ସେତେବେଳେ ଦେଖିଥାନ୍ତ ଯେ, ସେହି ପୁରୁଷ ହେଉଛନ୍ତି, ତୁମର ଠାକୁର । ସେତେବେଳେ ତାଙ୍କର ଆନନ୍ଦ ଘନବିଗ୍ରହ ଦେଖି ଆଉ ଫେରି ଆସି ନ ଥାନ୍ତ ।"

# ମୃତ୍ୟୁର ଅନୁଭୂତି

ଆଉ ଜଣେ ଶିଷ୍ୟଙ୍କ ବର୍ଣ୍ଣନା—"ଉତ୍ସବ ଉପଲକ୍ଷରେ ମୁଁ କେତେ ଜଣ ଭକ୍ତଙ୍କ ସହିତ ଆମୋଦ ପ୍ରମୋଦ କରୁଥିଲି । ହରିନାମ କୀର୍ତ୍ତନରେ ସେ ସ୍ଥାନଟି ସତତ ମୁଖରିତ ହୋଇ ଉଠୁଥିଲା । ଆମେ ସମସ୍ତେ ମିଶି କୀର୍ତ୍ତନାନନ୍ଦରେ ଯୋଗ ଦେଲୁ । କୀର୍ତ୍ତନ ଖୁବ୍ ଜମିଗଲା । ମୋର ଭାବାନ୍ତର ଉପସ୍ଥିତ ହେବାରୁ ମୁଁ ସେଠାରୁ ଯାଇ ଚୁପ୍ କରି ବସି ଧ୍ୟାନମଗ୍ନ ହେବା ପାଇଁ ଚେଷ୍ଟା କରୁଛି, କେତେ ଜଣ ସଙ୍ଗୀ ମୋର ଅନିଚ୍ଛାସତ୍ତ୍ୱେ ମୋତେ ଟାଣି ନେଇଗଲେ । ମୋ ଶରୀର ଏପରି ଅବସନ୍ନ ହୋଇ ଯାଇଥିଲା ଯେ, ମୁଁ ଆଉ ଛିଡ଼ା ହୋଇପାରିଲି ନାହିଁ । ଭୂମିରେ ଢଳି ପଡ଼ିଲି । ଦେହ ସ୍ପନ୍ଦନ-ହୀନ ହୋଇଗଲା । ଏଭଳି ଅବସ୍ଥା ଦେଖି ମୋର ଜଣେ ଡାକ୍ତର ବନ୍ଧୁ ମୋ ନାଡ଼ି ଚିପି କର୍ଣ୍ଣରେ ଉଚ୍ଚ ସ୍ୱରରେ ନାମ ଉଚ୍ଚାରଣ କରିବାକୁ ଲାଗିଲେ । ମୋର ବାହ୍ୟଜ୍ଞାନ ନ ଥିଲେ ମଧ୍ୟ ମୁଁ ସବୁ ଦେଖି ପାରୁଥାଏ । ଏହା ଦେଖି ମୋର ମନେ ହେଲା, ଏହି ଅବସ୍ଥାରେ ମୋର ମୃତ୍ୟୁ ହୋଇପାରେ; କିନ୍ତୁ ବର୍ତ୍ତମାନ କର୍ତ୍ତବ୍ୟ କ'ଣ ? ଶ୍ରୀ ଶ୍ରୀ ଠାକୁରଙ୍କୁ ଧ୍ୟାନ କରିବାକୁ ଲାଗିଲି । ହଠାତ୍ ଠାକୁରଙ୍କର ପ୍ରସନ୍ନ ମୁଖମଣ୍ଡଳ ମୋ ସମ୍ମୁଖରେ ଭାସିଉଠିଲା । ପରେ ମୋ ଭିତରୁ ସୋଽହଂ ଧ୍ୱନି ଉତ୍ଥିତ ହେଲା । ସଙ୍ଗେ ସଙ୍ଗେ ଠାକୁର ଅଦୃଶ୍ୟ ହୋଇଗଲେ । ମୁଁ ଦେହତ୍ୟାଗ ପରେ ବିଶ୍ୱଆତ୍ମା ବ୍ୟାପ୍ତ ହୋଇଗଲି ପରି ଅନୁଭବ କଲି । ମୋ ଭିତରେ କୀର୍ତ୍ତନ ଧ୍ୱନି ହେଲା ଭଳି ଶୁଣାଗଲା । କିଛିକ୍ଷଣ ଏହିପରି ଆନନ୍ଦ ଅବସ୍ଥାରେ କଟିଗଲା । ଏହି ଅବସ୍ଥା ବିଶେଷ ଆନନ୍ଦଦାୟକ ବୋଲି ବୋଧ ହେବାରୁ ମୁଁ ମୋର ଦେହ ଖୋଜିଲି । ଦେଖିଲି, ତାହା ଭୂମିରେ ପଡ଼ିରହିଛି । ସେତେବେଳେ ବୁଝି ପାରିଲି ଯେ, ମୁଁ ଦେହମୁକ୍ତ ଅବସ୍ଥାରେ ଅବସ୍ଥାନ କରୁଛି । ଏ ସ୍ଥାନରେ ମୋର ଦୁଃଖ କିଛି ନାହିଁ; କିନ୍ତୁ ଚରମତତ୍ତ୍ୱ ଲାଭ କରି ନଥିବାରୁ ପୁନରାୟ ଦେହକୁ ଫେରିବାକୁ ମନ ହେଲା । ସେହି ସମୟରେ ପ୍ରାର୍ଥନା କଲି, ମୋର ଯେପରି ଚେତନା ଲାଭ ପରେ ଏକଥା ସ୍ମରଣ ରହିବ । କିଛିକ୍ଷଣ ପରେ ଶରୀରରେ ସ୍ପନ୍ଦନ ଅନୁଭବ କଲି । ପ୍ରଭାତ ସମୟରେ ଉଠିବାବେଳେ ସବୁ

ମନେ ପଡ଼ିଗଲା । ଭାବିଲି, ମୃତ୍ୟୁ ଯଦି ଏହିପରି, ତେବେ ମୃତ୍ୟୁ କେତେ ସୁଖକର ନୁହେଁ ?"

ଶ୍ରୀ ଶ୍ରୀ ଠାକୁର ଯେପରି ଅନେକ ଶିଷ୍ୟ-ଭକ୍ତଙ୍କୁ ସେମାନଙ୍କ ପୂର୍ବଜନ୍ମ ବିଷୟରେ ଚେତାଇ ଦେଉଥିଲେ, ସେହିପରି ଅନେକ ଶିଷ୍ୟ ଭକ୍ତଙ୍କର ପୂର୍ବଜନ୍ମ ସ୍ମୃତି ମଧ୍ୟ ଆପଣା ମନକୁ ଜାଗ୍ରତ ହେଉଥିଲା ।

ଶ୍ରୀ ଶ୍ରୀ ଠାକୁର ତାଙ୍କର ପ୍ରତ୍ୟେକ ଶିଷ୍ୟ-ଭକ୍ତଙ୍କ ପୂର୍ବଜନ୍ମ ଓ ଇହଜନ୍ମର ଭବିଷ୍ୟତ ବିଷୟ ପ୍ରତ୍ୟକ୍ଷଭାବରେ ବ୍ୟକ୍ତ କରିଦେଇ ପାରୁଥିଲେ । ଓ ପରେ ଖଣ୍ଡିଏ ଖାତାରେ ଟିପି କରି ରଖୁଥିଲେ । ବିଦେହୀ ହେବାର ଅଳ୍ପଦିନ ପୂର୍ବରୁ ସେ ଖାତାଟି ନଷ୍ଟ କରିଦେଇ ଯାଇଛନ୍ତି; କାରଣ ଇହଜନ୍ମର ଭବିଷ୍ୟତ ବିଷୟ ଜଣାପଡ଼ିଲେ ସେମାନଙ୍କର ଅମଙ୍ଗଳ ହେବ ।

## ପୂର୍ବରୁ ମୃତ୍ୟୁ ଜାଣିବାର ଉପାୟ

ଜନ୍ମଗ୍ରହଣ କଲେ ମୃତ୍ୟୁ ନିଶ୍ଚିତ । ତନ୍ତ୍ର, ପୁରାଣ, ଆୟୁର୍ବେଦ, ଜ୍ୟୋତିଷ ଓ ସ୍ୱରୋଦୟ ଶାସ୍ତ୍ରରେ ବହୁପ୍ରକାର ମୃତ୍ୟୁ ଲକ୍ଷଣ ଲେଖାଅଛି । ତାହା ପାଠ କରି ମୃତ୍ୟୁ ସମୟ ନିର୍ଦ୍ଧାରଣ କରିବା ସାଧାରଣଙ୍କ ପକ୍ଷରେ ଏକାବେଳକେ ଦୁଃସାଧ୍ୟ । ଠାକୁର ବିଭିନ୍ନ ଯୋଗୀ ଏବଂ ସାଧୁ ସନ୍ନ୍ୟାସୀ-ମାନଙ୍କଠାରୁ ଯେଉଁ ସବୁ ମୃତ୍ୟୁ ଲକ୍ଷଣ ଶିକ୍ଷା କରି ବହୁବାର ବହୁ ଲୋକଙ୍କ-ଦ୍ୱାରା ପରୀକ୍ଷା କରାଇ ସତ୍ୟ ଫଳ ପାଇଛନ୍ତି, ସାଧାରଣଙ୍କ ଉପକାର ନିମିତ୍ତ ସେଥିର କେତେକ ଲକ୍ଷଣ ବର୍ଣ୍ଣନା କରିଛନ୍ତି । ଶାସ୍ତ୍ରାଦିରେ ମୃତ୍ୟୁର ଯେଉଁ ସବୁ ଲକ୍ଷଣ ଅଛି, ସେ ସବୁ ଲେଖିବା ସୁଦୀର୍ଘ ସମୟସାପେକ୍ଷ । ଆଉ ଗୋଟିଏ କଥା, ଏହିସବୁ ଲକ୍ଷଣ କାହା ଶରୀରରେ ମଧ୍ୟ ପ୍ରକାଶିତ ନ ହୋଇପାରେ । ବିଶେଷତଃ ନିଶ୍ୱାସର ଗତି ଓ ଶ୍ୱାସର ପରିଚୟ ଜଣା ନ ଥିଲେ, ଏ ବିଷୟରେ କେହି କିଛି ବୁଝିପାରିବେ ନାହିଁ । ଶ୍ରୀ ଶ୍ରୀ ଠାକୁର କହିଛନ୍ତି, ଗୋଟିଏ ଲକ୍ଷଣ ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରରେ ନିଶ୍ଚୟ ଦେଖାଯିବ । ପାଠକ

ମାନଙ୍କ ଅବଗତ ନିମିତ୍ତ ସେହି ଲକ୍ଷଣଟି 'ଯୋଗୀଗୁରୁ' ପୁସ୍ତକରୁ ନିମ୍ନରେ ଉଦ୍ଧୃତ ହେଲା—

## ପ୍ରକ୍ରିୟା

ଦକ୍ଷିଣ ହସ୍ତ ମୁଷ୍ଟିବଦ୍ଧ କରି ନାସିକା ସମ୍ମୁଖସ୍ଥ ମସ୍ତକର ଉପରି ଭାଗରେ କିମ୍ବା ଭ୍ରୂର ଊର୍ଦ୍ଧ୍ୱ କପାଳ ଉପରେ ରଖି ନାସିକା ସମ୍ମୁଖରେ ହାତର କଚଟି ତଳକୁ ସମାନ ଭାବରେ ଦୃଷ୍ଟିପାତ କଲେ ହାତ ଅତିଶୟ ସରୁ ଦେଖାଯିବ । ଏହା ସ୍ୱାଭାବିକ ନିୟମ । କିନ୍ତୁ ଯେଉଁଦିନ ଦେଖିବ, ହାତ ସହିତ ମୁଷ୍ଟିର ଯୋଗ ନାହିଁ, ହାତରୁ ମୁଷ୍ଟି ବିଚ୍ଛିନ୍ନ ଦେଖାଯାଉଛି, ସେହି ଦିନଠାରୁ ଛଅ ମାସ ମାତ୍ର ଆୟୁ ଅବଶିଷ୍ଟ ଅଛି ବୋଲି ବୁଝିବାକୁ ହେବ ।" *

ଶ୍ରୀ ଶ୍ରୀ ଠାକୁର କହିଛନ୍ତି, 'ଏହି ଲକ୍ଷଣ ପ୍ରତ୍ୟେକ ବ୍ୟକ୍ତିଙ୍କ ଶରୀରରେ ଦେଖାଯିବ ।' ଠାକୁର ଅନେକ ଲୋକଙ୍କ ଦ୍ୱାରା ଏହା ବହୁବାର ପରୀକ୍ଷା କରି ନିଃସନ୍ଦେହ ହୋଇଛନ୍ତି । ଏହି ଲକ୍ଷଣ ସମସ୍ତେ ସହଜରେ ନିଜ ଶରୀରରେ ପରୀକ୍ଷା କରିପାରନ୍ତି ।

ଉପରୋକ୍ତ ଲକ୍ଷଣ ବୁଝିପାରିବାକ୍ଷଣି ମୃତ୍ୟୁ ନିମିତ୍ତ ପ୍ରସ୍ତୁତ ହେବା କର୍ତ୍ତବ୍ୟ । ମୃତ୍ୟୁ ସମୟରେ ଯେଉଁ ଭାବନା କରି ଦେହତ୍ୟାଗ କରନ୍ତି, ସେ ସେହି ଭାବର ଅନୁରୂପ ପ୍ରାପ୍ତ ହୁଅନ୍ତି । "ଜପ ତପ ବୃଥା କର ମରଣେ ଜାଣିଲେ ହୁଏ" —ଏହି ପ୍ରଚଳିତ ବାକ୍ୟ ତାହାର ପ୍ରମାଣ । ଭଗବାନଙ୍କ ଧ୍ୟାନ କରି ମୃତ୍ୟୁର ସମ୍ମୁଖୀନ ହେଲେ ଆଉ ଯାତନା ଭୋଗ କରିବାକୁ ହେବ ନାହିଁ ।

---

* ଏ ସମ୍ପର୍କରେ ବିସ୍ତୃତ ବିବରଣୀ ଜାଣିବାକୁ ହେଲେ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଣୀତ 'ଯୋଗୀଗୁରୁ' ପୁସ୍ତକ ଦ୍ରଷ୍ଟବ୍ୟ ।

ଆମ୍ଭେମାନେ ଜାଣୁ ଯେ, ପରଲୋକ ଶ୍ରୀ ଶ୍ରୀ ଠାକୁରଙ୍କର କରତଳଗତ ଥିଲା । ଶିଷ୍ୟ-ଭକ୍ତମାନଙ୍କର ମୃତ୍ୟୁ ପରେ ପରଲୋକରେ ସେମାନଙ୍କର ଗତି ବିଷୟରେ ଶ୍ରୀ ଶ୍ରୀ ଠାକୁର ଯଥାଯଥ ବର୍ଣ୍ଣନା କରୁଥିଲେ ଓ ପରଲୋକଗତ ଶିଷ୍ୟ-ଭକ୍ତମାନେ କିଏ କିପରି ଭାବରେ ଜନ୍ମଗ୍ରହଣ କରିଅଛନ୍ତି, ତାହା ମଧ୍ୟ ପ୍ରକାଶ କରି ସେମାନଙ୍କ ଭବିଷ୍ୟତ ଯଥାଯଥ ବ୍ୟକ୍ତ କରୁଥିଲେ । ସେ ଇହ-ଲୋକ ଓ ପରଲୋକର ସମସ୍ତ ସମ୍ବାଦ ମୁହୂର୍ତ୍ତକ ଭିତରେ ପ୍ରକାଶ କରିଦେଇ-ପାରୁଥିଲେ । ସବୁ ଆତ୍ମାଙ୍କର ସମ୍ବାଦ ଯେ ତାଙ୍କୁ ଜଣା ଥିବ, ତାହା ପ୍ରାୟ ପ୍ରତ୍ୟେକ ଶିଷ୍ୟ-ଭକ୍ତ ଅନୁଭବ କରିଛନ୍ତି । ପରଲୋକ ବ୍ୟାପାର ସମ୍ବନ୍ଧରେ ଆମ୍ଭେମାନେ ଶ୍ରୀ ଶ୍ରୀ ଠାକୁରଙ୍କର ଯେଉଁସବୁ ଅଲୌକିକ କଥା ଜାଣୁ, ତାହା ଅନ୍ୟ ସାଧାରଣ ସାଧୁ ସନ୍ଥଙ୍କ ସମ୍ବନ୍ଧରେ ଶୁଣାଯାଏ ନାହିଁ । ଶ୍ରୀ ଶ୍ରୀ ଠାକୁର-ଙ୍କର ଜୀବନ ପ୍ରସଙ୍ଗରେ ପରଲୋକ ଗୋଟିଏ ବିଶେଷ ସ୍ଥାନ ଅଧିକାର କରିଅଛି । ସେହି ଅଭିନବ ମହାପୁରୁଷଙ୍କର ମୃତ୍ୟୁ ଓ ପରଲୋକ ସମ୍ବନ୍ଧୀୟ ଆଶ୍ୱାସବାଣୀରୁ କେତେକ ଉଦ୍ଧୃତ ନ କଲେ, ଏହା ଅପୂର୍ଣ୍ଣ ହେବ ।

## ଶ୍ରୀ ଶ୍ରୀ ଠାକୁରଙ୍କ ଆଶ୍ୱାସବାଣୀ

"କେବଳ ସଦ୍‌ଗୁରୁଙ୍କ ଶିଷ୍ୟ ହେଲେ ଯେ, ତିନି ଜନ୍ମରେ ମୁକ୍ତି ହେବ, ଏ କଥାର କୌଣସି ଅର୍ଥ ନାହିଁ । (କିଛିକ୍ଷଣ ମୌନ ରହି) ତେବେ ମୋ ନିଜ କଥା ମୁଁ କହିପାରେ । ମୋର ଅନୁଗତ ଶିଷ୍ୟମାନେ ତିନି ଜନ୍ମରେ ନିଶ୍ଚୟ ମୁକ୍ତି ପାଇବେ, କିନ୍ତୁ ମୋର ଶିଷ୍ୟ ହୋଇ କେହି କଦାଚରଣ କଲେ ମଧ୍ୟ ତାହାର ମୁକ୍ତି ପାଇବାକୁ ତିନି ଜନ୍ମରୁ ଅଧିକ ଲାଗିବ ନାହିଁ । ଗୁରୁଭାର ନେବାବେଳେ ମୁଁ ଗୁରୁଦେବଙ୍କ ସହିତ ଏକ ଚୁକ୍ତି କରି ଆସିଛି । ତେଣୁ ତୁମମାନଙ୍କର ଆଉ ଭାବନା କ'ଣ ? ତୁମେମାନେ ପରମ ଭାଗ୍ୟବାନ । ମୁକ୍ତି ତୁମମାନଙ୍କର କରତଳଗତ । ତୁମେମାନେ ଖାଇବ, ପିଇବ, ଆନନ୍ଦ କରି ନାଚିବ । ସବୁ ଦାୟିତ୍ୱ ମୋର । ତୁମେମାନେ କେବଳ ମୋର ଇହଲୋକର ଭାର ନିଅ, ମୁଁ ତୁମମାନଙ୍କର ପରଲୋକର ଭାର ନେଲି । ବ୍ୟବହାରିକ ହିସାବରେ ତୁମମାନଙ୍କ ମଧ୍ୟରେ କେହି ଶ୍ରେଷ୍ଠ, କେହି ବଡ଼,

କେହି ପଣ୍ଡିତ, କେହି ମୂର୍ଖ ଥିଲେ ମଧ୍ୟ ପୈତୃକ ସମ୍ପତ୍ତି ଭାଗବଣ୍ଟାବେଳେ କଡ଼ାଗଣ୍ଡା ହିସାବରେ ସମସ୍ତଙ୍କର ସମାନ ଅଧିକାର ।''

''ସତ୍ୟଲାଭର ଦୁଇଟି ଚିରନ୍ତନ ପଥ । ଗୋଟିଏ 'କଠୋର ସନ୍ନ୍ୟାସ ଯୋଗ' । ଅପରଟି 'ବ୍ରହ୍ମବିଦ ଗୁରୁଙ୍କର ସେବା' । ସନ୍ନ୍ୟାସଯୋଗ ବର୍ତ୍ତମାନ ଯୁଗରେ କଠିନ ବୋଲି ମୁଁ ତୁମମାନଙ୍କୁ ସେବା ପଥ ଦେଖାଇ ଦେଇଛି । ସନ୍ନ୍ୟାସର ଲକ୍ଷ୍ୟ ଯେଉଁ ବ୍ରହ୍ମଜ୍ଞାନ, ଏହି ସେବା ପଥରେ ତୁମମାନଙ୍କର ତାହା ଲାଭ ହେବ । ତେବେ ଯଦି କହିବ, ଠାକୁର ତେବେ ଏତେ ସାଧନ-ଭଜନ କଲେ କାହିଁକି ? ଏହାର ଉତ୍ତରରେ ମୁଁ କହୁଛି, ତୁମମାନଙ୍କ ଠାକୁର ଏତେ ସାଧନ-ଭଜନ କରିଛନ୍ତି ବୋଲି ତ ତୁମମାନଙ୍କୁ ପୃଥକ ଭାବରେ ସାଧନ ଭଜନ କରିବାକୁ ପଡ଼ିବ ନାହିଁ । ଯେ ଯାହାଙ୍କୁ ସୁଖପାଏ, ଭଜନ କରେ, ତାହା ଭିତରେ ତାଙ୍କର ଗୁଣରାଶି ଅଲକ୍ଷ୍ୟରେ ସଂକ୍ରମିତ ହୋଇଯାଏ; ତାହା କଅଣ ତୁମେମାନେ ଜାଣ ନାହିଁ ? ଏହା ଯେ ଏକାବେଳକେ ବୈଜ୍ଞାନିକ ସତ୍ୟ । ସେହି ହିସାବରେ ତୁମେମାନେ ଯଦି ମୋତେ ସୁଖପାଅ, ଭଜନ କର, ତେବେ ମୋର ସମସ୍ତ ଗୁଣରାଶି, ସମସ୍ତ ସାଧନ-ଭଜନର ଫଳ ତୁମ-ମାନଙ୍କ ଭିତରେ ସଂକ୍ରମିତ ହୋଇଯିବ । ଏତେ ସାଧନ କରି ତୁମ ଠାକୁରଙ୍କର ଯେଉଁ ଗତି, ବିନା ସାଧନ ଭଜନରେ ତୁମମାନଙ୍କର ସେହି ଗତି ହେବ । ମୁଁ ତୁମମାନଙ୍କର ଗୁରୁ । ତୁମକୁ ମୁକ୍ତି ଦେବି ବୋଲି ତୁମମାନଙ୍କର ସବୁ କର୍ମର ବୋଝ ମୁଁ ନିଜେ ବହନ କରିଛି । × × × ପ୍ରତୀକ୍ଷା କର, ନିଶ୍ଚିନ୍ତରେ ନିର୍ଭୟରେ ବସିଥାଅ । ତୁମେମାନେ ଯେତେ ହୀନ ହୁଅ, ଯେତେ ଦୁର୍ବଳ ହୁଅ, ଯେତେ ତୁଚ୍ଛ ହୁଅ, ସମସ୍ତେ ଦିନେ ଅଗ୍ନିମନ୍ତ୍ର ହୋଇଯିବ, ମୋ ଦୁଆରୁ ନିରାଶ ହୋଇ କାହାକୁ ଫେରିବାକୁ ପଡ଼ିବ ନାହିଁ । ମୁଁ କହୁଛି ଦିନେ ତୁମେମାନେ ସବୁ ସମ୍ପଦର ଅଧିକାରୀ ହେବ, ସବୁ ପାଇବ । ମୋ କଥା ଉପରେ ନିର୍ଭର କରି ନିର୍ଭୟରେ ନିଶ୍ଚିନ୍ତରେ ସେହି ଶୁଭଦିନ ପ୍ରତୀକ୍ଷାରେ ବସିରହ । ଚିରକାଳ ଯାହା କହିଆସିଛି, ଆଜି ପୁଣି ତାହା କହୁଛି । ଯେଉଁମାନେ ମୋତେ ମୋର ବୋଲି ଭାବି ଆତ୍ମସମର୍ପଣ କରି ଶରଣ ନେଇଛନ୍ତି, ସେମାନଙ୍କ ମୁକ୍ତି ନ ହେବା ପର୍ଯ୍ୟନ୍ତ ମୁଁ ମଧ୍ୟ ମୁକ୍ତ ହେବି ନାହିଁ ।''

ଶ୍ରୀ ଶ୍ରୀ ଠାକୁର ସାଧନସିଦ୍ଧ ହୋଇ ମହାଭାବମୟୀଙ୍କର ପ୍ରତ୍ୟକ୍ଷ ପ୍ରତ୍ୟାଦେଶ ଲାଭ କଲା ପରେ ଗୁରୁଗିରିର ଦାୟିତ୍ୱ ଗ୍ରହଣ କରିଥିଲେ । ମହାଭାବମୟୀଙ୍କର ଆଶୀର୍ବାଣୀ ବ୍ୟତୀତ ଶ୍ରୀ ଶ୍ରୀ ଠାକୁର ଆମମାନଙ୍କୁ ଆଉ କେତୋଟି ଆଶ୍ୱାସବାଣୀ ଶୁଣାଇଛନ୍ତି । ଗୀତାରେ ଅଛି, "ଅନ୍ତିମ କାଳରେ ଯେଉଁମାନେ ମୋତେ ସ୍ମରଣ କରି ଦେହତ୍ୟାଗ କରନ୍ତି, ସେମାନେ ନିଶ୍ଚୟ ମୋର ଭାବ ପ୍ରାପ୍ତ ହୁଅନ୍ତି ।"

କିନ୍ତୁ ଅନ୍ତିମ କାଳରେ ଶ୍ରୀଗୁରୁ ଇଷ୍ଟନାମ ଯେ ସ୍ମରଣ ରଖିବା ବଡ଼ ଦୁରୂହ ବ୍ୟାପାର । ଶେଷ ସମୟରେ ସ୍ମୃତିପଟରେ ତାଙ୍କ କଥା ଉଙ୍କିମାରୁଥିଲେ ତ ଯାଇ ସଦ୍‌ଗତି ଲାଭ ହେବ ? ଏ ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର କହିଛନ୍ତି, "ଅନ୍ତିମ ସମୟରେ ମୁଁ ନିଜେ ଉପସ୍ଥିତ ରହି ତୁମମାନଙ୍କୁ ଗନ୍ତବ୍ୟସ୍ଥଳକୁ ନେଇଯିବି ।" ଶ୍ରୀ ଶ୍ରୀ ଠାକୁରଙ୍କ ଏହି ଆଶ୍ୱାସବାଣୀ ଯେ ଅକ୍ଷରେ ଅକ୍ଷରେ ସତ୍ୟ, ତାହା ଆମେମାନେ ଏହା ପୂର୍ବ ପ୍ରସଙ୍ଗରେ ବର୍ଣ୍ଣନା କରିସାରିଛୁ । ବର୍ତ୍ତମାନ ସୁଦ୍ଧା ଗୁରୁଆଡ଼ୁ ଶିଷ୍ୟ-ଭକ୍ତମାନଙ୍କର ମହାପ୍ରୟାଣର ଇତିବୃତ୍ତି ପାଇ ଆମେମାନେ ଅଶ୍ରୁ ସମ୍ବରଣ ନ କରି ରହିପାରୁ ନାହୁଁ । ପ୍ରତିଶ୍ରୁତି ଦେଇ ପ୍ରତିଶ୍ରୁତି କିପରି ରକ୍ଷା କରିବାକୁ ହୁଏ, ତହିଁର ପ୍ରତ୍ୟକ୍ଷ ଦୃଷ୍ଟାନ୍ତ ଶ୍ରୀ ଶ୍ରୀ ଠାକୁର ବହୁ ଘଟଣାରେ ଆମମାନଙ୍କୁ ଦେଖାଇ ଦେଇଛନ୍ତି । ଦୈନନ୍ଦିନ ଜୀବନରେ କୌଣସି ବିଶେଷତ୍ୱ ପରିଲକ୍ଷିତ ନ ହେଲେ ମଧ୍ୟ ଅନ୍ତିମ ସମୟରେ ଏହିପରି ଅନେକ ଶିଷ୍ୟଙ୍କୁ ଦେଖିଛୁ ଯେ, ଅତି ଆଶ୍ଚର୍ଯ୍ୟ ରୂପେ ସେମାନଙ୍କର ଭାବର ପରିବର୍ତ୍ତନ ହୋଇଯାଇଛି ଓ ମୃତ୍ୟୁ ସମୟରେ ଜ୍ଞାନ ଲୋପ ହୋଇନାହିଁ ।

ଅବିଶ୍ୱାସୀ ପ୍ରାଣରେ ବିଶ୍ୱାସ ସଞ୍ଚାର ନିମିତ୍ତ ଶ୍ରୀ ଶ୍ରୀ ଠାକୁର ଅନେକ ଭକ୍ତଙ୍କ ଗୃହରେ ମୃତ୍ୟୁ ସମୟରେ ତାଙ୍କର ଅଲୌକିକ ମହାତ୍ମ୍ୟ ପ୍ରକଟ କରି ଯାଇଛନ୍ତି । ଅନ୍ତିମ କାଳରେ ଜ୍ଞାନ ଉଜ୍ଜ୍ୱଳ ରଖିବା ନିମିତ୍ତ ମନୁଷ୍ୟ କେତେ ପ୍ରାଣପଣ ସାଧନ କରି ନ ଥାଏ ? କିନ୍ତୁ ଆମ ଠାକୁର ସେ ସମ୍ବନ୍ଧରେ ଆମମାନଙ୍କୁ ନିଶ୍ଚିନ୍ତ କରି ଯାଇଛନ୍ତି । ଶ୍ରୀ ଶ୍ରୀ ଠାକୁର କହିଛନ୍ତି—

"ପରଲୋକ ଓ ପରକାଳର ଭାର ମୋ ଉପରେ । ତୁମେମାନେ ନିଶ୍ଚିନ୍ତରେ ମୋର ନିର୍ଦ୍ଦେଶିତ କର୍ମଗୁଡ଼ିକ କରିଯାଅ । ତୁମେମାନେ ମନେ କରୁଛ, ସାଧନା କରି ଆତ୍ମଜ୍ଞାନ ଲାଭ କରିବ ! ଏତେ ସହଜରେ ସାଧନା ହୁଏ ନାହିଁ ବାବା ! ସାଧନ-ଭଜନ କରି କେତେ ମୁନି-ଋଷିଙ୍କର ଦେହରେ ଉଇହୁଙ୍କା ହୋଇଯାଇଛି । ଜଣେ ଆତ୍ମଜ୍ଞାନ ଲାଭ କରି ସେହି ଜ୍ଞାନକୁ ବିତରଣ କରେ । ତୁମେ ଜାଣିରଖ, ମହାପୁରୁଷମାନଙ୍କର ଏପରି ଶକ୍ତି ଅଛି ଯେ, ସେମାନେ ଇଚ୍ଛା କଲେ ମୁହୂର୍ତ୍ତକ ମଧ୍ୟରେ ପାଞ୍ଚଶହ ଆତ୍ମାକୁ ମୁକ୍ତ କରିଦେଇ ପାରନ୍ତି । ଗୁରୁଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା ଆବଶ୍ୟକ । ଶ୍ରୀ ଶ୍ରୀ ରାମକୃଷ୍ଣଦେବ ଜ୍ଞାତସାରରେ ଓ ଅଜ୍ଞାତସାରରେ ପାଞ୍ଚଶହରୁ ଅଧିକ ଆତ୍ମା ମୁକ୍ତ କରିଦେଇଛନ୍ତି ।"

ଯେଉଁ ଚିନ୍ତା ନେଇ ଲୋକମାନଙ୍କର ସମଗ୍ର ଜୀବନ ଉତ୍କଣ୍ଠ ସାଧନାରେ ଅତିବାହିତ ହୁଏ, ଶ୍ରୀ ଶ୍ରୀ ଠାକୁର ଆତ୍ମଶକ୍ତିଦ୍ୱାରା ସେ ଚିନ୍ତାରୁ ଆମମାନଙ୍କୁ ସମ୍ପୂର୍ଣ୍ଣ ମୁକ୍ତ କରି ଦେଇଛନ୍ତି । ଶ୍ରୀ ଶ୍ରୀ ଠାକୁରଙ୍କର ଏହିସବୁ କଥା ଚିନ୍ତା କଲେ କୃତଜ୍ଞତାର ଭାବ ସ୍ୱତଃ ଆସିଯାଏ । ଶିଷ୍ୟ-ଭକ୍ତମାନଙ୍କ ପ୍ରାଣରେ ଯେ ପରିମାଣରେ ବିଶ୍ୱାସର ସଞ୍ଚାର ହେବ, ସେମାନଙ୍କ ଅନ୍ତରରେ ସେତିକି ପରିମାଣରେ କୃତଜ୍ଞତାର ଭାବ ଫୁଟିଉଠିବ । 'ଆମ୍ଭମାନଙ୍କର ମୃତ୍ୟୁଭୟ ନାହିଁ'—ଏ କଥା ଚିନ୍ତା କଲେ ଆନନ୍ଦ ଏବଂ ଗୌରବ ଅନୁଭୂତ ହୁଏ । ଶ୍ରୀ ଶ୍ରୀ ଠାକୁର ଆମମାନଙ୍କୁ ଅହେତୁକୀ କୃପା ବିତରଣ କରି ଏହିପରି ଆନନ୍ଦ ଏବଂ ଗୌରବର ଅଧିକାରୀ କରିଦେଇ ଯାଇଛନ୍ତି ।

'ଅଭୟ ବାଣୀର ଅଭୟ ତାନରେ ଘୁଞ୍ଚାଇଛ ମୃତ୍ୟୁଭୟ<br>ତୁମରି ପ୍ରିୟ ଶିଷ୍ୟ ଆଜି ତୁମରି କୃପାରେ ମୃତ୍ୟୁଞ୍ଜୟ ।'

—*—

# ଅଷ୍ଟାଦଶ ପରିଚ୍ଛେଦ

## ଶ୍ରୀ ଶ୍ରୀ ଠାକୁରଙ୍କ
## ସାର୍ବଭୌମ ଦାନ

ଶ୍ରୀ ଶ୍ରୀ ଠାକୁର ବିଭିନ୍ନ ଭାବରେ ବିଭିନ୍ନ ବିଷୟ ଦାନ କରିଯାଇଥିଲେ ମଧ୍ୟ ନିମ୍ନଲିଖିତ ବିଷୟ ସମସ୍ତଙ୍କୁ ସାର୍ବଭୌମ ଭାବରେ ଦାନ କରି ଯାଇଛନ୍ତି ।

### (୧) ସାରସ୍ୱତ ଗ୍ରନ୍ଥାବଳୀ ଓ ଆର୍ଯ୍ୟାଦର୍ପଣ

ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରଣୀତ ସାରସ୍ୱତ ଗ୍ରନ୍ଥାବଳୀ ଧର୍ମଜଗତରେ ଯୁଗାନ୍ତର ଉପସ୍ଥାପନ କରିଛି । ସାଧନ ସମ୍ବନ୍ଧରେ ଏପରି ସହଜ, ସରଳ ଅଥଚ ଉଚ୍ଚକୋଟୀର ଆଧ୍ୟାତ୍ମିକ ରହସ୍ୟପୂର୍ଣ୍ଣ ପୁସ୍ତକ ଆଉ ନାହିଁ । ହିନ୍ଦୁ-ଧର୍ମର ସାର ସଂଗ୍ରହ କରି ଏହି ଅମୂଲ୍ୟ ଗ୍ରନ୍ଥଗୁଡ଼ିକ ରଚିତ ହୋଇଅଛି । ଏହି ପୁସ୍ତକଗୁଡ଼ିକ ଲଣ୍ଡନରେ ବ୍ରିଟିଶ ମ୍ୟୁଜିୟମ୍ ଆଦରର ସହିତ ଗ୍ରହଣ କରିଛନ୍ତି ଓ ମ୍ୟୁଜିୟମର ସେକ୍ରେଟେରୀ ମହୋଦୟ ପୁସ୍ତକାବଳୀର ଗୁଣରେ ମୁଗ୍ଧ ହୋଇ ବିରାଟ ପ୍ରଶଂସାପତ୍ରରେ ପୁସ୍ତକ ପ୍ରଣେତାଙ୍କୁ ଧନ୍ୟବାଦ ଦେଇଛନ୍ତି । ହିନ୍ଦୁ ଶାସ୍ତ୍ରରୂପ ସମୁଦ୍ର ମନ୍ଥନରେ ଏହି ସୁଧାର ଉଦ୍ଭବ ହୋଇଅଛି । ଏହି ସୁଧାପାନରେ ମରଜଗତର ମନୁଷ୍ୟ ଅମୃତ ଲାଭ କରିବ ଓ ଆତ୍ମଜ୍ଞାନର ଆକାଂକ୍ଷା ଦୂରୀଭୂତ ହେବ । ଉପରୋକ୍ତ ପୁସ୍ତକମାନଙ୍କରେ ଯେପରି ନିର୍ବିବାଦରେ ଧର୍ମଲାଭ କରିବାର ଉପାୟ ବର୍ଣ୍ଣିତ ହୋଇଅଛି, ସେହି ପ୍ରଣାଳୀରେ ଅନୁଶୀଳନ କରି ସାଧନ କରିବାକୁ ହୁଏ । ଏଥିରେ ଚିତ୍ତଶୁଦ୍ଧି,

ଯୋଗ, ଜ୍ଞାନ, କର୍ମ, ଭକ୍ତି ପ୍ରଭୃତି ସବୁ ଶାସ୍ତ୍ରର ସାର ତଥ୍ୟ ସଂଗୃହୀତ ହୋଇଅଛି । ଏହି ଗ୍ରନ୍ଥମାନଙ୍କରେ ଅଧିକାରାନୁଯାୟୀ ନାନାପ୍ରକାର ସାଧନପନ୍ଥା ମଧ୍ୟ ପ୍ରକଟିତ ହୋଇଅଛି । ଏପରି କୌଣସି ନୂତନ ତତ୍ତ୍ୱ ନାହିଁ, ଯାହାକି ଏହି ଗ୍ରନ୍ଥାବଳୀର କୌଣସି ନା କୌଣସିଠାରେ ଲିପିବଦ୍ଧ ହୋଇ ନାହିଁ । ହିନ୍ଦୁଶାସ୍ତ୍ର ବୁଝିବା ପାଇଁ ଏହିସବୁ ପୁସ୍ତକରେ ଯେପରି ପନ୍ଥା ଅବଲମ୍ବନ କରାଯାଇଛି, ତାହା ଶିକ୍ଷା କରି ହିନ୍ଦୁଶାସ୍ତ୍ର ଅଧ୍ୟୟନ କଲେ ଅତି ସହଜରେ ସେସବୁର ମର୍ମ ହୃଦୟଙ୍ଗମ କରି ହେବ ।

ପ୍ରଚଳିତ ପ୍ରଧାନ ପ୍ରଧାନ ମତବାଦଗୁଡ଼ିକର ସାଧନାକ୍ରମକୁ ସେ ଆତ୍ମ-ବଳରେ ଅତିକ୍ରମପୂର୍ବକ ଯେଉଁ ଅଭିଜ୍ଞତା ଲାଭ କରିଥିଲେ, ସେଥିମଧ୍ୟରୁ ସାଧନର କ୍ରମଗୁଡ଼ିକୁ ସହଜସାଧ୍ୟ ଏବଂ ବ୍ୟକ୍ତିଗତ ରୁଚି ଓ ସାମର୍ଥ୍ୟ ଉପଯୋଗୀ କରି ଲୋକଶିକ୍ଷା ନିମିତ୍ତ ସାରସ୍ୱତ ଗ୍ରନ୍ଥାବଳୀ ଭିତରେ ପ୍ରଚାର କରାଯାଇଛନ୍ତି ।

ଶ୍ରୀ ଶ୍ରୀ ଠାକୁର ତାଙ୍କ ପ୍ରଣୀତ ପୁସ୍ତକ ଭିତରେ ଯେପରି ସ୍ପଷ୍ଟାକାର ସହିତ ବିଭିନ୍ନ ବିଷୟକ ସାଧନ ବିଜ୍ଞାନର ଇଙ୍ଗିତ ଦେଇଛନ୍ତି, ତାହା ସାଧନସିଦ୍ଧ ମହାପୁରୁଷଙ୍କ ବ୍ୟତୀତ ଅନ୍ୟ କାହା ପକ୍ଷରେ ସମ୍ଭବ ନୁହେଁ । ଏ ସମ୍ବନ୍ଧରେ ସେ ତାଙ୍କର 'ଯୋଗୀଗୁରୁ ଗ୍ରନ୍ଥର ନିବେଦନରେ ନିର୍ଭୀକ ଭାବରେ ଘୋଷଣା କରିଛନ୍ତି ଯେ, ମୁଁ ସଂସାରାଶ୍ରମ ପରିତ୍ୟାଗ ପୂର୍ବକ ବହୁ ଦିନ ବୃଥା ପରିଭ୍ରମଣ ଓ ସାଧୁସନ୍ନ୍ୟାସୀଙ୍କ ସେବା କଲା ପରେ ଜଗଦ୍‌ଗୁରୁ ଭୂତଭାବନ ଭବାନୀପତିଙ୍କ କୃପାରୁ ସଦ୍‌ଗୁରୁ ଲାଭ କରି ତାଙ୍କ କୃପାରୁ ଲୁପ୍ତପ୍ରାୟ ଗୁପ୍ତ ଯୋଗସାଧନର କୌଶଳ ଓ ଉପାୟାଦି ଶିକ୍ଷା କରିଅଛି । ବହୁ ଦିନ ଧରି ସେହିସବୁ କୌଶଳରେ କ୍ରିୟା ଅନୁଷ୍ଠାନ କରି ପ୍ରତ୍ୟକ୍ଷ ଫଳ ମଧ୍ୟ ପାଇଛି ।

କେବଳ ସେତିକି ନୁହେଁ, ଆତ୍ମସାଧନ ଉପରେ ତାଙ୍କର ଅସୀମ ପ୍ରତ୍ୟୟ ଥିଲା ବୋଲି ସେ 'ଯୋଗୀଗୁରୁ' ପୁସ୍ତକରେ ଅକୁଣ୍ଠିତ ଚିତ୍ତରେ କହିଛନ୍ତି, "ଯଦି କାହାର ଏହିପରି ସାଧନାରେ ପ୍ରବୃତ୍ତି ହୁଏ ଏବଂ ସେ ଯଦି

ଅନୁଗ୍ରହ କରି ଏହି କ୍ଷୁଦ୍ର ଗ୍ରନ୍ଥକାରଙ୍କ ନିକଟରେ ଉପସ୍ଥିତ ହୁଅନ୍ତି, ତେବେ ପରୀକ୍ଷା ଦ୍ୱାରା ଉପଯୁକ୍ତ ବୁଝିପାରିଲେ, ମୁଁ ସେମାନଙ୍କୁ ସହିତ ଶିକ୍ଷା ଦେବାକୁ ପ୍ରସ୍ତୁତ ଅଛି ଏବଂ ଯେଉଁମାନଙ୍କର ଶିକ୍ଷାଦୋଷରୁ ମନ୍ତ୍ର ବା ହିନ୍ଦୁଶାସ୍ତ୍ରରେ ବିଶ୍ୱାସ ନାହିଁ, ସେମାନେ ମୋ ନିକଟରେ ଉପସ୍ଥିତ ହେଲେ ଗୁରୁକୃପାରୁ ମୁଁ ସେମାନଙ୍କୁ ମନ୍ତ୍ରର ଅଲୌକିକ କ୍ଷମତା ଓ ଯୋଗର ବିଭୂତି ପ୍ରତ୍ୟକ୍ଷ ଦେଖାଇ ଦେଇପାରେ ।"

ସାରସ୍ୱତ ଗ୍ରନ୍ଥାବଳୀ ଅର୍ଥାତ୍ 'ବ୍ରହ୍ମଚର୍ଯ୍ୟ ସାଧନ' 'ଯୋଗୀଗୁରୁ', 'ଜ୍ଞାନୀଗୁରୁ', 'ତାନ୍ତ୍ରିକଗୁରୁ ଓ ପ୍ରେମିକଗୁରୁ—ପ୍ରଭୃତି ଗ୍ରନ୍ଥରୂପସୁଧା ହିନ୍ଦୁଶାସ୍ତ୍ରରୂପ ସମୁଦ୍ର ମନ୍ଥନ ଦ୍ୱାରା ଉଦ୍ଭବ ହୋଇଅଛି । ଏହି ସୁଧା ପାନରେ ମରଜଗତର ମନୁଷ୍ୟ ଅମରତ୍ୱ ଲଭ କରି ଧନ୍ୟ ହେବେ । ସେମାନଙ୍କର ଆତ୍ମଜ୍ଞାନର ଅପୂର୍ଣ୍ଣ ଆକାଙ୍କ୍ଷା ପୂରୀଭୂତ ହୋଇପାରିବ । ସଦ୍‌ଗୁରୁ ଯେଉଁଭଳି ନିର୍ବିବାଦରେ ଧର୍ମଲାଭ କରିବାର ଉପାୟ ବିବୃତ କରିଛନ୍ତି, ଏହି ପୁସ୍ତକ କେତେକାଂଶରେ ସାହାଯ୍ୟରେ ତାହା ସମ୍ପାଦିତ ହୋଇପାରିବ । ଧର୍ମପିପାସୁ ବ୍ୟକ୍ତିମାନେ ପ୍ରଥମେ 'ବ୍ରହ୍ମଚର୍ଯ୍ୟ ସାଧନ'ରେ ବର୍ଣ୍ଣିତ ହୋଇଥିବା ନିୟମାବଳୀ ପାଳନ କଲେ କ୍ରମେ ସେମାନଙ୍କର ଚିତ୍ତଶୁଦ୍ଧି ହେବ । ତା' ପରେ ମନ ସ୍ଥିର କରିବା ନିମିତ୍ତ 'ଯୋଗୀଗୁରୁ' ପୁସ୍ତକ ବର୍ଣ୍ଣିତ ଆସନ ମୁଦ୍ରା, ପ୍ରାଣାୟମ ଓ କ୍ଷୁଦ୍ର କ୍ଷୁଦ୍ର ସାଧନାଦି ଅଭ୍ୟାସ କରିବେ । ତା ସଙ୍ଗେ ସଙ୍ଗେ 'ଜ୍ଞାନୀଗୁରୁ' ପୁସ୍ତକ ବର୍ଣ୍ଣିତ ତତ୍ତ୍ୱ ବିଚାର କରିବେ । ଜୀବନର ଚରମ ଲକ୍ଷ୍ୟ ନିର୍ଦ୍ଧାରିତ ହେଲେ ସ୍ଥୂଳଭାବରେ 'ତାନ୍ତ୍ରିକ ଗୁରୁ' ବର୍ଣ୍ଣିତ କ୍ରିୟା ଅଭ୍ୟାସ କଲେ କିମ୍ବା ସୂକ୍ଷ୍ମଭାବରେ 'ଯୋଗୀଗୁରୁ' ଓ 'ଜ୍ଞାନୀଗୁରୁ' ବର୍ଣ୍ଣିତ ଯୋଗସାଧନ ଅଭ୍ୟାସ କଲେ ଲକ୍ଷ୍ୟବସ୍ତୁ ଉପଲବ୍ଧି କରିପାରିବେ । ତା'ପରେ 'ପ୍ରେମିକଗୁରୁ' ଗ୍ରନ୍ଥୋକ୍ତ ପ୍ରେମ-ଭକ୍ତିର ଅମୃତ ପ୍ରବାହରେ ମିଳିତ ହୋଇ ଚିରକାଳ ନିମିତ୍ତ ଲକ୍ଷ୍ୟବସ୍ତୁରେ ମଗ୍ନ ହେବେ ।

ଏହି ସ୍ୱପ୍ନବାରି ଦେଶରେ ଭଗବତ୍ ଜ୍ଞାନ ସମ୍ବନ୍ଧରେ ବଡ଼ ବଡ଼ ପାଣ୍ଡିତ୍ୟପୂର୍ଣ୍ଣ କଥା ଶୁଣାଯାଏ, କିନ୍ତୁ ମନ୍ତ୍ରକୁ ଜୀବନରେ ସିଦ୍ଧ କରିବା ଲୋକ ବିରଳ ।



ଶାଲ୍ ପରିହିତ ଶ୍ରୀଶ୍ରୀ ଠାକୁର

## (୨) ଭକ୍ତ ସମ୍ମିଳନୀ

ପରମହଂସ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଦେବ ତାଙ୍କ ଶିଷ୍ୟ-ଭକ୍ତମାନଙ୍କ ମଧ୍ୟରେ 'ଆଦର୍ଶ ଗୃହସ୍ଥ ଜୀବନ ଗଠନ', 'ସଂଘ ଶକ୍ତିର ପ୍ରତିଷ୍ଠା' ଓ 'ଭାବ ବିନିମୟ' ନିମିତ୍ତ ପ୍ରତିବର୍ଷ ବଡ଼ଦିନ ଛୁଟିରେ 'ଭକ୍ତ ସମ୍ମିଳନୀ' ନାମରେ ଗୋଟିଏ ବାର୍ଷିକ ଅଧିବେଶନ ପ୍ରବର୍ତ୍ତନ କରିଛନ୍ତି । ଠାକୁର ତାଙ୍କର ଦେହାବସ୍ଥିତି କାଳରେ ପ୍ରତି ସମ୍ମିଳନୀରେ ଉପସ୍ଥିତ ରହି ଶିଷ୍ୟ-ଭକ୍ତ-ମାନଙ୍କୁ ନାନା ଭାବରେ ଉପଦେଶ ପ୍ରଦାନ କରୁଥିଲେ ।

ଶ୍ରୀ ଶ୍ରୀ ଠାକୁରଙ୍କୁ ଯେପରି ଆମେମାନେ ଭୁଲି ନ ଯିବା ସେଥିପାଇଁ ସେ ପୂର୍ବରୁ ସବୁ ସୁବିଧା କରି ଦେଇଛନ୍ତି । ଯାହା କଲେ, ଯାହା ଦେଖିଲେ ଶ୍ରୀ ଶ୍ରୀ ଠାକୁରଙ୍କ ସ୍ମୃତି ଆମ ହୃଦୟରେ ଜାଗରୂକ ରହିବ, ସେଥିର ବ୍ୟବସ୍ଥା ସେ ପୂର୍ବରୁ କରି ରଖିଛନ୍ତି । ଏହି 'ଭକ୍ତ ସମ୍ମିଳନୀ' ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରାଣର ଅନୁଷ୍ଠାନ, ଅତି ପ୍ରିୟବସ୍ତୁ । ଭକ୍ତମାନଙ୍କ ସମ୍ମେଳନ ବା ଭକ୍ତମାନଙ୍କ ମେଳା ଦେଖିବା ନିମିତ୍ତ ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରାଣର ଆବେଗ ଯେ କେତେ ଦୃଢ଼ ଥିଲା, ଭକ୍ତମାନେ ତାହା ଅବଗତ ଅଛନ୍ତି । 'ଭକ୍ତ ସମ୍ମିଳନୀ' ସମ୍ପର୍କରେ ଶ୍ରୀ ଶ୍ରୀ ଠାକୁର ଯେଉଁ ଉଦ୍‌ବୋଧନ ବାଣୀ ପ୍ରକାଶ କରିଛନ୍ତି, ସେଥିମଧ୍ୟରୁ କେତେକ ନିମ୍ନରେ ବିବୃତ ହେଲା—

"ମୋର ଅନ୍ତରଙ୍ଗ ପ୍ରିୟ ଭକ୍ତମାନେ ଜାଣନ୍ତି ଯେ, ମୁଁ ପ୍ରତି ବର୍ଷ ବଡ଼ଦିନ ଛୁଟିରେ ଗୋଟିଏ ଗୋଟିଏ ସ୍ଥାନରେ 'ଭକ୍ତ-ସମ୍ମିଳନୀ' ଦେଖିବାକୁ ଚାହେଁ । ଏହା ଦ୍ୱାରା ମଠର ଗୌରବ ପ୍ରତିଷ୍ଠା ଓ ଜଗତର ମଙ୍ଗଳ ହେବ ।

ସଂସାରତାପରେ ବିଦଗ୍ଧ, ଦୁଃଖକଷ୍ଟରେ ନିର୍ଯ୍ୟାତିତ ଶ୍ରୀ ଶ୍ରୀ ଠାକୁରଙ୍କର ଗୃହସ୍ଥ ସନ୍ତାନମାନେ ଯେପରି ଅମୃତର ଆସ୍ୱାଦନ ଲାଭ କରିପାରିବେ, ସେଥିପାଇଁ ଶ୍ରୀ ଶ୍ରୀ ଠାକୁର ତାଙ୍କର ଗୃହୀ ଶିଷ୍ୟଭକ୍ତମାନଙ୍କୁ ଆକୁଳପ୍ରାଣରେ ଏହି ଭକ୍ତ-ସମ୍ମିଳନୀରେ ଯୋଗଦାନ କରିବା ନିମିତ୍ତ ଆହ୍ୱାନ କରିଛନ୍ତି । ଏହି ସମ୍ମିଳନୀରେ ପ୍ରକାଶ୍ୟ ଭାବରେ ଆନନ୍ଦର ସ୍ରୋତ ପ୍ରବାହିତ ହୁଏ ।

ଶ୍ରୀ ଶ୍ରୀ ଠାକୁରଙ୍କ ଜୀବନ ସର୍ବଦା ଆନନ୍ଦରେ ପୂର୍ଣ୍ଣ ଥିଲା । ସେ ସବୁବେଳେ କେବଳ ଆନନ୍ଦରେ ବିଭୋର ହୋଇ ରହୁଥିଲେ । ସେ ଦିନେ କହିଲେ, "ଦେଖ, ମୋର ଇଚ୍ଛା ହେଉଛି ଯେ, ବ୍ୟାଟେରୀ ପରି ଗୋଟିଏ ଯନ୍ତ୍ର ଦ୍ୱାରା ଜଣ ମନୁଷ୍ୟ ଭିତରେ ମୁଁ ଏହି ଆନନ୍ଦ ପ୍ରବେଶ କରାଇ ଦିଅନ୍ତି ।" ନିର୍ବିଚାରରେ କେତେଜଣ ଅସତ୍ ପ୍ରକୃତିର ଲୋକଙ୍କୁ ଦୀକ୍ଷା ଦେବାର ଦେଖି ଅନେକେ ଆକ୍ଷେପ କରି କହିବାରୁ ଶ୍ରୀ ଶ୍ରୀ ଠାକୁର ଉତ୍ତର ଦେଲେ, "ଦେଖ; ଦାନ କରିବାକୁ ଯାଇ ଏତେ ଭଲମନ୍ଦ ପାତ୍ରାପାତ୍ର ବିଚାର କଲେ ଚଳିବ ନାହିଁ; ବର୍ଷା କେବଳ ଜମିଗୁଡ଼ିକୁ ଠିକ୍ ଠିକ୍ ଭାବେ ବାଛୁଛି କି ନାହିଁ; ବାଛିଲେ ସର୍ବନଷ୍ଟ ହେଲା । ତାପରେ ଏ ଯେ ସିଦ୍ଧବୀଜ—ଏହା ବଣରେ, ଜଙ୍ଗଲରେ, ପାହାଡ଼ରେ ଯେଉଁଠାରେ ପଡ଼ୁ ପଛକେ ଗଛ ଉତ୍ପନ୍ନ ହେବ । ଦେଖିନାହଁ, ପକ୍ଷୀମାନଙ୍କ ପେଟରେ ଯେଉଁ ବୀଜ ସିଦ୍ଧ ହୋଇଯାଏ, ତାହା ପାହାଡ଼ରେ ପଡ଼ିଲେ ମଧ୍ୟ ଗଛ ହୁଏ । ମୁଁ ସ୍ପଷ୍ଟ କରି ଜାଣେ, ମୋ ଶିଷ୍ୟମାନଙ୍କର ଖୁବ୍ ବେଶୀ ହେଲେ ସୁଦ୍ଧା ତିନିଜନ୍ମରୁ ଅଧିକ ସମୟ ମୁକ୍ତି ପାଇଁ ଲାଗିବ ନାହିଁ ।"

ଏହି ଆନନ୍ଦର ଆବେଗରେ ଶ୍ରୀ ଶ୍ରୀ ଠାକୁର ଭକ୍ତ-ସମ୍ମିଳନୀକୁ ସମସ୍ତଙ୍କୁ ଆହ୍ୱାନ କରୁଥିଲେ । ୧୩୩୮ ସାଲର ଭକ୍ତ ସମ୍ମିଳନୀରେ ସମବେତ ଭକ୍ତସମାଜକୁ ଲକ୍ଷ୍ୟକରି ଶ୍ରୀ ଶ୍ରୀ ଠାକୁର କହିଲେ, "ଷୋଳବର୍ଷ ପୂର୍ବେ ଏହି ସମ୍ମିଳନୀର ସୂତ୍ରପାତ । ୧୩୨୨ ସାଲ କୋକିଳାମୁଖ ମଠରେ ଏହାର ପ୍ରଥମ ଅଧିବେଶନ । ଜୟଦେବପୁର ସମ୍ମିଳନୀରେ ସମ୍ମିଳିତ ଭାବର ପ୍ରଥମ ବିକାଶ । ସେହିଦିନଠାରୁ ସମ୍ମିଳନୀ ପୂର୍ଣ୍ଣରୁ ପୂର୍ଣ୍ଣତର ହୋଇ ଚାଲିଆସୁଛି । ସମ୍ମିଳନୀକୁ ଆସିବା ନିମିତ୍ତ କାହାକୁ ମୁଁ ଡାକେନାହିଁ, କାହାକୁ ଅନୁରୋଧ କରେନାହିଁ । ତୁମେମାନେ କେତେ ବାଧାବିଘ୍ନ ଅତିକ୍ରମ କରି ଏହି ସମ୍ମିଳନୀକୁ ଆସିଛ । ତୁମେମାନେ କଷ୍ଟକୁ କଷ୍ଟ ବୋଲି ଗ୍ରହଣ କରନାହିଁ । ଏଠାକୁ ଯେ ଆସିବାକୁ ହେବ, ସେଥିପାଇଁ ଧରାବନ୍ଧା ନିୟମ ମଧ୍ୟ ନାହିଁ । ତଥାପି ତୁମେମାନେ ପ୍ରାଣର ଆକର୍ଷଣରେ ଏହି ସମ୍ମିଳନୀକୁ ଆସ । ବର୍ଷକ ପରେ ଥରେ ଆପଣାର ଲୋକଙ୍କ ସଙ୍ଗଲାଭ କରି ପରସ୍ପର ସୁଖ, ଦୁଃଖ ଓ

ବ୍ୟଥା ବେଦନାର ଆଲୋଚନା ଦ୍ୱାରା ଯେଉଁ ଆନନ୍ଦର ବିକାଶ ହୁଏ, କେବଳ ତାହାର ଆକର୍ଷଣରେ ତୁମେମାନେ ସମ୍ମିଳନୀକୁ ଚାଲିଆସ । ଜଗତରେ ଯଦି ମୁଁ ଆଉ କିଛି କରିଯାଇ ନ ଥାନ୍ତି, ତେବେ କେବଳ ଏହି ସମ୍ମିଳନୀ ମୋର ସ୍ମୃତି ରଖିଯାଇ ଥାଆନ୍ତା । ଦେଶରେ ଏହାପୂର୍ବରୁ ଆଉ କେବେ ଏ ଧରଣର ଧର୍ମାଧିବେଶନର ପ୍ରଚେଷ୍ଟା ହୋଇନାହିଁ । ଏହାପରେ ଅନେକେ ଏହାର ଆଦର୍ଶ ଗ୍ରହଣ କରିଛନ୍ତି । ଆମ ଆଶ୍ରମ ଓ ମଠ ଯଦି ଜଗତର ଅନ୍ୟ କୌଣସି କାର୍ଯ୍ୟରେ ନ ଲାଗି କେବଳ ସମ୍ମିଳନୀରେ କ୍ଷେତ୍ର ରୂପେ ବିଦ୍ୟମାନ ରହିବ, ତେବେ ତାହାହିଁ ଯଥେଷ୍ଟ ହେବ । ଆଜିଠାରୁ ତୁମେମାନେ ସମ୍ମିଳନୀର ପ୍ରଥମ ଦିନର କାର୍ଯ୍ୟକ୍ରମ ବିଷୟ ନେଇ ସାମାନ୍ୟ ଆଲୋଚନା କର, ତାପରେ କେବଳ ଆନନ୍ଦ କର । ଆନନ୍ଦ ହିଁ ମୋର ଲକ୍ଷ୍ୟ । ଆନନ୍ଦକୁ ଲକ୍ଷ୍ୟ କରି ଏହି ସମ୍ମିଳନୀର ପ୍ରତିଷ୍ଠା । ସମ୍ମିଳନୀରେ ତୁମେମାନେ ନିଜ ନିଜର ବ୍ୟଥା ବେଦନା ଜଣାଇବ । ତୁମମାନଙ୍କର ପୁଞ୍ଜୀଭୂତ ପ୍ରଶ୍ନଗୁଡ଼ିକ ମୋ ନିକଟରେ ଜ୍ଞାପନ କରିବ, ମୁଁ ସବୁ ମୀମାଂସା କରିଦେବି ।”

‘ଭକ୍ତ ସମ୍ମିଳନୀ’ରେ ସମବେତ ଭକ୍ତମାନଙ୍କୁ ଲକ୍ଷ୍ୟକରି ଶ୍ରୀ ଶ୍ରୀ ଠାକୁର କହିଲେ, ‘ମୋର ସମ୍ମିଳନୀର ପ୍ରଧାନ ଉଦ୍ଦେଶ୍ୟ ତିନୋଟି; ‘ଆଦର୍ଶ ଗୃହସ୍ଥଜୀବନ ଗଠନ’, ‘ସଂଘଶକ୍ତିର ପ୍ରତିଷ୍ଠା’ ଓ ‘ପରସ୍ପର ମଧ୍ୟରେ ଭାବ ବିନିମୟ’ ।”

“ମୁଁ ଚାହେଁ, ତୁମେମାନେ ଆଦର୍ଶ ଗୃହସ୍ଥ ହୁଅ, ସଂଘବଦ୍ଧ ହୁଅ ଓ ତୁମମାନଙ୍କ ଭିତରେ ପରସ୍ପର ଭାବର ଆଦାନ ପ୍ରଦାନ ହେଉ । ଏହିପରି ଭାବରେ ମିଳିରେ ତୁମେମାନେ ଅମୃତର ଆସ୍ୱାଦନ ଲାଭ କର । ଆଦର୍ଶ ଗୃହସ୍ଥ ଜୀବନ ଗଠନ ସମ୍ପର୍କରେ ମୁଁ ବରାବର ତୁମମାନଙ୍କୁ କହିଆସିଛି । ଆଜି ପୁଣି ସେହି ସମ୍ପର୍କରେ ଆଉ କେତେଗୁଡ଼ିଏ କଥା କହୁଛି । ଜୀବନଟାକୁ ଆନନ୍ଦମୟ କରିବାକୁ ହେବ । ଦୁଃଖ, କଷ୍ଟ, ରୋଗ, ଶୋକ, ଜନ୍ମ ମୃତ୍ୟୁରେ ସର୍ବାବସ୍ଥାରେ ନିଜର ଆନନ୍ଦ ସ୍ୱରୂପତ୍ୱକୁ ବଜାୟ ରଖିବାକୁ ହେବ । ଯେଉଁମାନେ ତୁମମାନଙ୍କର ଏ ଜୀବନର ସଂସ୍ପର୍ଶରେ ଆସିବେ, ସେମାନଙ୍କୁ ମଧ୍ୟ ଆନନ୍ଦରେ ବୁଡ଼ାଇ ରଖିବାକୁ ହେବ । ତାହାହିଁ ହେବ ଆଦର୍ଶ

ଜୀବନ । ସଂସାରରେ ସ୍ତ୍ରୀ, ପୁତ୍ର, କନ୍ୟା, ନାମ, ଯଶ, ଖ୍ୟାତି, ପ୍ରତିପତ୍ତି ସବୁ ରହିଥିବ; କିନ୍ତୁ ତୁମେମାନେ ନିଜକୁ ନିର୍ଲିପ୍ତ ରଖି ବାହାରେ ସବୁ 'ମୋର, 'ମୋର' କହିବ; ଅନ୍ତରରେ ଜାଣିବ, ଏମାନେ ତୁମର କେହି ନୁହନ୍ତି, ସବୁ ଭଗବାନଙ୍କର । ଏହି ଭାବ ହିଁ ତୁମମାନଙ୍କୁ କର୍ମବନ୍ଧନରୁ ମୁକ୍ତ କରିବ । ତୁମେମାନେ ଏପରି ମଧୁର ବ୍ୟବହାର ଏବଂ ଅମାୟିକ ଆଚରଣ ଦେଖାଇବ ଓ ପ୍ରତ୍ୟେକେ ନିଜକୁ ଏପରି ଭାବରେ ଗଠନ କରିବ ଯେ, ସହ-ଧର୍ମିଣୀ ମନେ କରିବେ, ମୋ ସ୍ୱାମୀଙ୍କ ପରି ଦେବତୁଲ୍ୟ ସ୍ୱାମୀ ଆଉ କାହାର ଭାଗ୍ୟରେ ମିଳିବେ ନାହିଁ; ପିଲାମାନେ ମନେ କରିବେ ଯେ, ଆମ ପିତାଙ୍କ ପରି ସ୍ନେହପରାୟଣ ପିତା ଆଉ କାହାରି ନାହାନ୍ତି, ଭାଇ ମନେ କରିବ, ମୋ ଭାଇ ପରି ଭାତୃବତ୍ସଳ ଭାଇ କାହାକୁ ମିଳିବ ନାହିଁ, ରାଜା ମନେ କରିବେ, ଏପରି ପ୍ରଜା କାହାରି ନାହାନ୍ତି । ସମସ୍ତଙ୍କୁ ଭଲପାଇ ସେମାନଙ୍କ ଜୀବନଟିକୁ ମଧୁମୟ କରିପକାଇବାକୁ ହେବ । ସଂସାରରେ ଯାହାର ଯେତିକି ପାଉଣା, ତାକୁ ସେତିକି ବୁଝାଇଦେବାକୁ ହେବ, ଅଥଚ ନିଜ ଲକ୍ଷ୍ୟରେ ଅଟଳ ରହିବ । ଏହା ହିଁ ହେଉଛି ଆଦର୍ଶ ଗୃହସ୍ଥର କର୍ତ୍ତବ୍ୟ । ଏଣେ କିନ୍ତୁ ମନେ ମନେ ଭାବୁଥିବ, ତୁମେ କାହାରି ନୁହଁ କି ତୁମର କେହି ନୁହନ୍ତି । କାହା ପାଖରେ ଯେପରି ବନ୍ଧା ନ ପଡ଼ । 'ଆର୍ଯ୍ୟ-ଦର୍ପଣ'ରେ 'ବୈଦାନ୍ତି-କର ଗୃହସ୍ଥାଳୀ' ପ୍ରବନ୍ଧଟି ଏ ସମ୍ପର୍କରେ ପାଠ କରି ଦେଖ ।''

## ଯୁଗ ସମସ୍ୟାରେ ଗୃହସ୍ଥମାନଙ୍କର କର୍ତ୍ତବ୍ୟ

ବର୍ତ୍ତମାନ ଗୃହସ୍ଥମାନଙ୍କର ବଡ଼ କଠିନ ଯୁଗ ପଡ଼ିଛି, ଏଇଟା ବିରୋଧର ଯୁଗ । ରାଷ୍ଟ୍ରରେ, ସମାଜରେ, ପରିବାରରେ, ଧର୍ମକ୍ଷେତ୍ରରେ, ସବୁଆଡ଼େ ବିରୋଧ ଲାଗିରହିଛି । ସ୍ତ୍ରୀ ସ୍ୱାମୀଙ୍କ ମତ ଅନୁସାରେ ଚଳୁ ନାହିଁ, ପୁତ୍ର ପିତାଙ୍କର କଥା ଶୁଣୁ ନାହିଁ । ସବୁ ଦିଗରେ ବିରୋଧ ଓ ସାମଞ୍ଜସ୍ୟ । ଏଣେ ପୁଣି ଦେଶରେ ନେତାମାନେ ସମାଜ ସଂସ୍କାର କରିବାରେ ଲାଗି-ପଡ଼ିଛନ୍ତି । ସମାଜ ଯେ ବର୍ତ୍ତମାନ ନାହିଁ, ତାହାର ପୁଣି ସଂସ୍କାର କରିବେ କଅଣ ? ବରଂ ଦେଶ ଭିତରେ ଯେତିକି ଶୃଙ୍ଖଳା ଥିଲା, ଏମାନେ ତାହା

ଶେଷ କରିଦେଇ ଗଣ୍ଡଗୋଳ ଭିଆଉଛନ୍ତି । ସେମାନଙ୍କ ସୁବିଧା କେତେକ ମାତ୍ର ଚାଲୁଛନ୍ତି । ତାଙ୍କ ଉନ୍ନତିର ପଥ ବର୍ତ୍ତମାନ ସୁଦ୍ଧା ଠିକ୍ ହୋଇ ନାହିଁ, କେବଳ ଗୋଳମାଳରେ ହରିବୋଲ ପକାଇ ନିତ୍ୟ ନୂତନ ମତବାଦ ପଛେ ପଛେ ଆମ୍ଭମାନଙ୍କ ଦେଶର ଲୋକେ ଘୂରିବୁଲୁଛନ୍ତି । ଶାନ୍ତି ନାହିଁ, ଆନନ୍ଦ ନାହିଁ । ସମସ୍ତେ ଖାମଖିଆଲରେ ଚାଲିଛନ୍ତି ଏବଂ ଏଥିପାଇଁ ଖୁବ୍ ହଇରାଣ ମଧ୍ୟ ହେଉଛନ୍ତି ।

"ମୋର ଉପଦେଶ ଯେ, ତୁମେମାନେ ସବୁ ପ୍ରକାର ବିରୋଧରୁ ନିଜକୁ ନିରପେକ୍ଷ ରଖ । ତୁମେମାନେ କାହା କଥାରେ ପ୍ରତିବାଦ କର ନାହିଁ, କାହା ସଙ୍ଗରେ ବିରୋଧ କର ନାହିଁ । ଯେ କୌଣସି ବିରୋଧ ଓ ବିସମ୍ବାଦରେ ମଧ୍ୟ ତୁମେମାନେ ପ୍ରାଚୀନପନ୍ଥୀ ହୋଇ ଚାଲ, ସପକ୍ଷରେ କମ୍ବା ବିପକ୍ଷରେ ଯାଅନାହିଁ । ନିରପେକ୍ଷର ନିର୍ଯ୍ୟାତନା ଅଧିକ ନୁହେଁ । ନିଜ ନିଜ ଧର୍ମର ଭିତ୍ତି ଠିକ୍ ରଖି, ଆପଣାର ସ୍ୱତ-ମାନ ବଜାୟ ରଖି ଅଧିକାଂଶଙ୍କର ସିଧା ବାଟରେ ଚାଲ । ଜଗତରେ ସତ୍ୟକୁ ଅବଲମ୍ବନ କରି ଚାଲିଲେ ସମସ୍ତଙ୍କୁ କିଛି ନା କିଛି ଉତ୍ପୀଡ଼ନ ସହ୍ୟ କରିବାକୁ ହୋଇଛି । ନ୍ୟାୟ-ପଥରେ ଚାଲି ଯଦି ସମାଜର ଟିକିଏ ଅଧେ ଅତ୍ୟାଚାର ସହ୍ୟ କରିବାକୁ ପଡ଼େ, ତାହା ମଧ୍ୟ ଭଲ । କାରଣ ମୁଁ ଯେଉଁ ଭାବ ପ୍ରତିଷ୍ଠା କରିବି ବୋଲି ଇଚ୍ଛା କରୁଛି, ସମାଜ ତାହାର ବିରୋଧୀ । ଆଦର୍ଶ ଗୃହସ୍ଥଜୀବନ ପ୍ରତିଷ୍ଠା ହିଁ ମୋର ମୁଖ୍ୟ ଉଦ୍ଦେଶ୍ୟ । ପୂର୍ବକାଳରେ ଦେଶରେ ଏହା ହିଁ ଥିଲା ବୋଲି ଦେଶ ସବୁ ଦିଗରୁ ଶୀର୍ଷସ୍ଥାନକୁ ଉଠିଥିଲା । ଆଜି ତାହା ନାହିଁ ବୋଲି ଦେଶର ଏହି ଅଧଃପତନ । ପ୍ରାଚୀନ ଋଷିପ୍ରବର୍ତ୍ତିତ ପଥରେ ଚାଲି ତୁମେମାନେ ଆଦର୍ଶ ଗୃହସ୍ଥ ହୁଅ—ଏହା ମୋର ଆଶା ଓ ଆଶୀର୍ବାଦ ।"

"ଆଦର୍ଶ ଗୃହସ୍ଥ ହେଲେ ପ୍ରଥମେ ନିଜ ସଂସାର ପ୍ରତି ଦୃଷ୍ଟି ଦେବାକୁ ହେବ । ମୋର ଶିଷ୍ୟ-ଭକ୍ତଙ୍କ ପିଲାମାନେ ବଡ଼ ହୋଇଉଠିଲେ, ଦେଖା-ଯାଉଛି ଯେ, ସେମାନେ ଆଉ ପିତା ମାତାଙ୍କର ଶାସନ ମାନି ଚଳୁ ନାହାନ୍ତି; ଅଥଚ ପିତା-ମାତାଙ୍କ ଇଚ୍ଛା ପୁତ୍ର ଭଲ ହେଉ, ଆଦର୍ଶ ଚରିତ୍ରବାନ ହେଉ । ପିତା-ମାତାଙ୍କ ପରିଜନଙ୍କ ଅନ୍ଧ ସ୍ନେହରେ । ସେମାନଙ୍କର ଯଥେଷ୍ଟ ଦୁର୍ବଳତା

ଅଛୁ । ସନ୍ତାନଙ୍କୁ ଅବାଧ ବୋଲି ତ୍ୟାଗ କଲି—ଏପରି ଆଦର୍ଶ କେତେ-ଜଣ ପିତା-ମାତା ଦେଖାଇପାରୁଛନ୍ତି ? ପରିବାରର ଯେ କର୍ତ୍ତା, ତାଙ୍କୁ ପ୍ରଥମେ ଆଦର୍ଶ ହେବାକୁ ପଡ଼ିବ । ସନ୍ତାନ-ସ୍ନେହରେ ଅନ୍ଧ ହୋଇ, ସେମାନଙ୍କର ଅନ୍ୟାୟ ଦାବୀକୁ ପ୍ରଶ୍ରୟ ଦେଇ କେତେଜଣ ଯେ ମୋ ନିକଟରେ ଆକ୍ଷେପ କରୁଛନ୍ତି, ତାହାର ସଂଖ୍ୟା ନାହିଁ । ଏସବୁ ପୁରୁଷତ୍ୱର ପରିଚାୟକ ନୁହେଁ । ସ୍ତ୍ରୀ-ପୁତ୍ର-ପରିବାର ସମ୍ବନ୍ଧରେ ପ୍ରତ୍ୟେକ ଦୃଢ଼ ହେବା ଦରକାର ।''

''ତୁମେମାନେ ଆଦର୍ଶ ଗୃହସ୍ଥ ହୁଅ, ଏହାହିଁ ମୋର ଆନ୍ତରିକ କାମନା । ଗୃହସ୍ଥଙ୍କୁ ନେଇ ସମାଜ ଗଠିତ । ସମାଜକୁ ଜାଗ୍ରତ କରାଇବାକୁ ହେଲେ ଆଦର୍ଶ ଗୃହୀର ବିଶେଷ ପ୍ରୟୋଜନ । ଭଗବାନ ବା ଗୁରୁକୃପା ଅର୍ଥ ଏହା ନୁହେଁ ଯେ, ସଂସାରରେ ସ୍ତ୍ରୀ ପୁତ୍ର ନେଇ ବେଶ୍ ଆନନ୍ଦରେ ଦିନ କଟାଇ-ଦେବା । ପରନ୍ତୁ ବିଧିନିର୍ଦ୍ଧାରିତ ପ୍ରାରବ୍ଧ ଭୋଗ କରି ହସ ହସ ବଦନରେ ଲକ୍ଷ୍ୟପଥରେ ଯଥାର୍ଥ ଭାବରେ ଅଗ୍ରସର ହେବା ହିଁ ସଦ୍‌ଗୁରୁ ବା ଭଗବାନଙ୍କ କୃପା । ତୁମେମାନେ ଆଦର୍ଶ ସ୍ୱାମୀ ଓ ଆଦର୍ଶ ପିତାର କର୍ତ୍ତବ୍ୟ ପ୍ରତିପାଳନ କରି ଆଦର୍ଶ ଗୃହୀରୂପେ ସଂସାରରେ ପ୍ରତିଷ୍ଠିତ ହୁଅ । ମୁଁ ମଧ୍ୟ ଏହି କାମନା ନେଇ ଗୁରୁଗିରିର ଅଭିମାନ ବହନ କରୁଅଛି । ପ୍ରତି ଶିଷ୍ୟ ହୃଦୟରେ ଭଗବତ୍ ଦର୍ଶନର ଆକୁଳ ଆକାଂକ୍ଷା ନେଇ ମୁଁ ଅପେକ୍ଷା କରୁଅଛି । ତୁମ-ମାନଙ୍କ ବାହୁରେ ଶକ୍ତି ଓ ହୃଦୟରେ ଭକ୍ତିର ବିକାଶ ହେଉ, ତୁମ ଘରେ ପୁନରାୟ ଶଙ୍କର-ଗୌରୀଙ୍କର ଆବିର୍ଭାବ ହେଉ ।''

''ତୁମେମାନେ ଆଦର୍ଶ ସଂସାର ସ୍ଥାପନ କର । ମୋତେ ମୂଳରେ ପ୍ରତିଷ୍ଠା କରି ମୋ ସଂସାରରେ କାର୍ଯ୍ୟ କରିଯାଅ । ଯେପରି ମନେଥାଏ, ଘର-ଦ୍ୱାର, ବିଷୟ ସମ୍ପଦ ସବୁ ଠାକୁରଙ୍କର, ତୁମେମାନେ ସେବକ ମାତ୍ର । ତୁମମାନଙ୍କର ପ୍ରତ୍ୟେକ ନିଶ୍ୱାସ ଯେପରି ଶ୍ରୀ ଶ୍ରୀ ଠାକୁରଙ୍କ ଉଦ୍ଦେଶ୍ୟରେ ବହିର୍ଗତ ହୁଏ ।'

ଶ୍ରୀ ଶ୍ରୀ ଠାକୁରଙ୍କୁ ଆମ ସଂସାରରେ ଅସଲ କର୍ତ୍ତା ବା ଅଭିଭାବକ ମନେ କରି ତାଙ୍କରି ସେବକ ଭାବରେ ସଂସାର କରିବା ପାଇଁ ଠାକୁର ଆମକୁ

ଉପଦେଶ ଦେଇଛନ୍ତି । ଯେଉଁ ସଂସାରର ମୂଳକର୍ତ୍ତା ଠାକୁର ଓ ସେବକ ଅହଂଅଭିମାନଶୂନ୍ୟ ସେହି ସଂସାରରେ ଆମେ ଦେଖିଛୁ, ଦାରୁଣ ପୁତ୍ରଶୋକ ବା ଆତ୍ମୀୟସ୍ୱଜନଙ୍କ ବିୟୋଗରେ ଅଶ୍ରୁ ନିର୍ଗତ ହୋଇ ନାହିଁ । ସେ ସମୟରେ ବରଂ ସେବକ ମନେ କରିଛନ୍ତି, ଯାହାଙ୍କର ଜିନିଷ ତାଙ୍କୁ ଦେଇ ଦାୟିତ୍ୱରୁ ମୁଁ ମୁକ୍ତିଲାଭ କଲି । ଆଉ ଦେଖାଯାଉଛି ଯେ, ସେହି ଗୃହୀ ଅନୁକୂଳ-ପ୍ରତିକୂଳ ଅବସ୍ଥାରେ ପଡ଼ି ଆନନ୍ଦର ଆତିଶଯ୍ୟରେ କର୍ତ୍ତବ୍ୟଭ୍ରଷ୍ଟ କିମ୍ବା ପ୍ରତିକୂଳ ସ୍ଥଳରେ ମୁହ୍ୟମାନ ହୋଇ ପଡ଼ିନାହାନ୍ତି । ଏହିଭଳି ସଂସାର ହିଁ ଆଦର୍ଶ ସଂସାର । ଶ୍ରୀ ଶ୍ରୀ ଠାକୁର ପ୍ରାୟ କହନ୍ତି, "ରାମାୟଣ ମହାଭାରତର ଆଦର୍ଶ ସଂସାର ଏହିପରି ଥିଲା ।"

ସଂସାରର ଘାତ-ପ୍ରତିଘାତରେ ଯେତେବେଳେ କାହାର ସଂସାର ପ୍ରତି ବିତୃଷ୍ଣା ଆସିଛି, ସେତେବେଳେ ଠାକୁର ସାନ୍ତ୍ୱନା ଦେଇ କହିଛନ୍ତି, "ବତ୍ସ, ସଂସାର ଆଶ୍ରମ ଭୀଷଣ ଓ କଠୋରତର ବୋଲି ଜାଣିରଖ । ତଥାପି ସଂସାର ଆଶ୍ରମ ହେଉଛି ଜୀବନର ଉନ୍ନତିର ସୋପାନ । ସଂସାର ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ମା' ସନ୍ତାନକୁ କୋଳକୁ ନିଅନ୍ତି ନାହିଁ । ମାୟାରାଜ୍ୟର ନାମ ସଂସାରର କେଉଁଆଡ଼କୁ ଯାଇ ତୁମେ ମାୟା ଅତିକ୍ରମ କରିବ ? ମାଆଙ୍କର ଶରଣାଗତ ହୋଇ ସଂସାର-ଅଗ୍ନିରେ ପୋଡ଼ି ଜଳିଯାଅ । ମା' ଉନେ ବାଟ ଖୋଲିଦେବେ । ରୋଗରେ, ଶୋକରେ, ବିପଦ ଆପଦରେ ସେ ଯେପରି ରଖିଛନ୍ତି, ସେଥିରେ ସନ୍ତୁଷ୍ଟ ରହିବାକୁ ଅଭ୍ୟାସ କର । ଭଗବାନ ସଂସାର ଭିତର ଦେଇ ଆଧ୍ୟାତ୍ମିକ ରାଜ୍ୟର ପଥ ନିର୍ମାଣ କରିଛନ୍ତି ।

ଆଦର୍ଶ ଜୀବନ ଗଠନ କରିବାକୁ ହେଲେ କିପରି କର୍ତ୍ତବ୍ୟନିଷ୍ଠା, ସୁଖ ଦୁଃଖରେ ସମଜ୍ଞାନ ଓ ନିର୍ଭରତା ପ୍ରଭୃତି ଦୈବୀଗୁଣର ପ୍ରୟୋଜନ, ତାହା ଶ୍ରୀ ଶ୍ରୀ ଠାକୁରଙ୍କ ଉପଦେଶ ବାଣୀଗୁଡ଼ିକ ପାଠକଲେ ହୃଦୟଙ୍ଗମ ହେବ । ଦୈନନ୍ଦିନ ଜୀବନରେ ବ୍ୟକ୍ତିଗତ ଆଶା ଆକାଙ୍କ୍ଷା ଅନୁଯାୟୀ ଯଦି ସ୍ତ୍ରୀ ପୁତ୍ର, ବିଷୟ ବିଭବ ସବୁ ମିଳିଯାଉଥାଏ, ତେବେ ଠାକୁରଙ୍କ କୃପାକୀର୍ତ୍ତନ କରିବ, ଅନ୍ୟଥା ସେଥିରେ ଟିକିଏ ବ୍ୟତିକ୍ରମ ହେଲେ ବିମର୍ଷ ଉପସ୍ଥିତ ହେବ; ଏହା ଯଥାର୍ଥ ଠାକୁରଙ୍କ କୃପାନୁଭୂତିର ଲକ୍ଷଣ ନୁହେଁ । ଯଦି

ଅନୁକୂଳ ବା ପ୍ରତିକୂଳ ଉଭୟ ଅବସ୍ଥାରେ ଭାବ ଠିକ୍ ରହେ, ତେବେ ବୁଝିବାକୁ ହେବ, ଆମେ ପ୍ରକୃତ ଭାବରେ ଠାକୁରଙ୍କ କୃପା ପାଇଅଛୁ ।

ନିଷ୍କାମକର୍ମ ଭିତର ଦେଇ ଶୁଦ୍ଧଚିତ୍ତରେ ଜଗତରେ ଆମେ ଶ୍ରୀ ଶ୍ରୀ ଠାକୁରଙ୍କ ଭାବ ପ୍ରଚାର କରିଯିବା । ଠାକୁରଙ୍କୁ ଯେଉଁମାନେ ଭଲ ପାଇବେ, ସେମାନେ କେବେହେଲେ ଅକର୍ମା ବା ଅଳସୁଆ ହୋଇ ରହି ପାରିବେ ନାହିଁ । ସଂସାରୀ ଗୃହୀମାନଙ୍କ ପ୍ରତି ଉପଦେଶ ଛଳରେ ପୁଣି ସେ କହିଛନ୍ତି—"ସାବଧାନ ହୋଇ ସଂସାରରେ ଚଳ; ସାଧାରଣଙ୍କ ସହିତ ମିଶିଯାଅ ନାହିଁ । ଆହୁରି ମଧ୍ୟ ଯେ ତୁମକୁ ଯେତେ ଭିନ୍ନ ମନେକଲେ ବି ତୁମେ କାହାରିକୁ ପର ବୋଲି ଭାବ ନାହିଁ । ମନେ ମନେ ଭାବିବ, କି ପାପୀ, କି ପୁଣ୍ୟାତ୍ମା ସବୁ ଜୀବ ଭଗବାନଙ୍କର, ସୁତରାଂ ସମସ୍ତେ ତୁମ ନିଜର । ତେଣୁ ମଙ୍ଗଳ ଭିନ୍ନ କାହାରି ହେଲେ ଅନିଷ୍ଟ ଚିନ୍ତା କର ନାହିଁ । ସମସ୍ତଙ୍କୁ ଭଲ ପାଅ । ପ୍ରତ୍ୟେକଙ୍କୁ ଦେଖି ଆନନ୍ଦିତ ହୁଅ । ସାଧ୍ୟ ଓ ସୁବିଧା ଅନୁସାରେ ସମସ୍ତଙ୍କର ଉପକାର କର । ଅପକାରୀକୁ ଉପକାର ଦ୍ୱାରା ଜୟ କର; ଦୁର୍ଜ୍ଜନକୁ କ୍ଷମା ଦ୍ୱାରା ପରାସ୍ତ କର ତେବେ ଯାଇ ଆତ୍ମରକ୍ଷା କରିବାକୁ ବିହିତ ଉପାୟ ଅବଲମ୍ବନ କରିପାରିବ । ଆମୋଦ ଛଳରେ ସୁଦ୍ଧା କାମ, କ୍ରୋଧ ବା ମିଥ୍ୟାର ଆଶ୍ରୟ ନିଅ ନାହିଁ ।"

ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରେ ଗୃହୀ ଶିଷ୍ୟ ଭକ୍ତମାନେ ନାନାପ୍ରକାର ପ୍ରାର୍ଥନା କରିଥାନ୍ତି । ସେହି ପ୍ରସଙ୍ଗରେ ୧୩୪୧ ସାଲ 'ଭକ୍ତ ସମ୍ମିଳନୀ'ରେ ଠାକୁର କଳ୍ପତରୁ ସାଜି ସମସ୍ତଙ୍କ ମନୋଗତ ପ୍ରାର୍ଥନା ଜାଣିନେଇ ସେମାନଙ୍କୁ ତାହା ପୂରଣ ହେବାର ଆଶୀର୍ବାଦ କରି ଅବଶେଷରେ ମନ୍ତବ୍ୟ ସ୍ୱରୂପ କହିଲେ—

"ତୁମେମାନେ ପ୍ରାର୍ଥନା କରିବା ଜାଣ ନାହିଁ । ମାଗିବାଟା ତୁମର ଠିକ୍ ହୁଏ ନାହିଁ । ଠିକ୍ ପ୍ରାଣ କଅଣ ଚାହୁଁଛି, ତାହା ତୁମେ ବୁଝିପାର ନାହିଁ । କଅଣ ପାଇଲେ ତୁମର ମଙ୍ଗଳ ହେବ, ତାହା ତୁମେ ଧାରଣା କରିପାର

ନାହିଁ । କେତେଗୁଡ଼ିଏ ଏଣୁତେଣୁ ଜିନିଷ ମାଗି ତୁମର ପ୍ରଧାନ ଦାବୀକୁ ନଷ୍ଟ କରି ପକାଉଛ । ତୁମମାନଙ୍କର ମାଗିବା ଚାପରେ ଭଗବାନ ଏକାବେଳେକେ ଅତିଷ୍ଠ ହୋଇପଡ଼ୁଛନ୍ତି । ଆଜି ଏଇଟା ଦରକାର, କାଲି ଆଉ ଗୋଟିଏ ଦରକାର । ତାପରେ ପୁଣି ଆଉ ଗୋଟିଏ ଦରକାର । ଏହିପରି ଭଗବାନଙ୍କ ଦରବାରରେ ତୁମର ମାଗିବା ଦରଖାସ୍ତ ଫାଇଲ ହୋଇ ରହିଛି । ଭଗବାନ ଗୋଟିକ ପରେ ଗୋଟିଏ ନିୟମାନୁସାରେ ସବୁଗୁଡ଼ିକ ପୂରଣ କରି-ଯାଉଛନ୍ତି; କୌଣସି ପ୍ରାର୍ଥନା ବାଦ ଯାଉନାହିଁ । ତେବେ ଆଜି ହୁଏତ ଯାହା ମାଗୁଛ, ତତ୍କ୍ଷଣାତ୍ ଯେ ତାହା ମିଳିଯିବ ଏହା ଠିକ୍ ନୁହେଁ । ଏହା ପୂର୍ବରୁ ଯେଉଁସବୁ ପ୍ରାର୍ଥନା କରି ରଖିଛ, ସେଗୁଡ଼ିକ ପୂରଣ ହୋଇଗଲେ ସିନା ଆଜିକାର ପ୍ରାର୍ଥନାଟା ପୂରଣ ହେବ ? ତୁମମାନଙ୍କର ବର୍ତ୍ତମାନ ଯେ ଅବସ୍ଥା, ଏହା ମଧ୍ୟ ତୁମମାନଙ୍କ ମାଗିବାର ଫଳ । ଏ ସମ୍ବନ୍ଧରେ ଗୋଟିଏ ଗଳ୍ପ କହୁଛି ଶୁଣ—

"ଶୀତକାଳରେ ଜଣକର ଖଣ୍ଡିଏ କମ୍ବଳ ପ୍ରୟୋଜନ ହେଲା । ସେ ଶୀତରେ ଖୁବ କଷ୍ଟ ପାଇବ ବୋଲି ରାଜଦରବାରରେ ଗୋଟିଏ କମ୍ବଳ ପାଇଁ ଦରଖାସ୍ତ ପେଶ୍ କଲା । ଏହି ଦରଖାସ୍ତ ପୂର୍ବରୁ ତାହାର ଆଉ ଅନେକ ଦରଖାସ୍ତ ଜମା ହୋଇଥିଲା । ସେଠାରେ ନିୟମ ଥିଲା ଯେ, ଆଗ ପୂର୍ବର ଦରଖାସ୍ତ ମଞ୍ଜୁର କରି ପଛ ଦରଖାସ୍ତ ପୂରଣ ନିମିତ୍ତ ମୁଲତବୀ ରଖିଦେବା । ଏ କ୍ଷେତ୍ରରେ ତାହା ହିଁ ହେଲା ।"

"ପୂର୍ବ ପ୍ରାର୍ଥନା ମଞ୍ଜୁର ହୋଇ ଏହି ଶେଷ ପ୍ରାର୍ଥନା ପଡ଼ିବାବେଳକୁ ଭୀଷଣ ଗ୍ରୀଷ୍ମ । ଏହି ଗ୍ରୀଷ୍ମ ମଧ୍ୟରେ ତାହା ଉପରେ କମ୍ବଳର ଚାପ ପଡ଼ିଲା । ତେଣୁ ନିଜ ସୁଖ ନିମିତ୍ତ ଚାହିଁଥିବା ଜିନିଷ ବର୍ତ୍ତମାନ ତାର ଦୁଃଖର କାରଣ ହେଲା । ସେହିପରି ତୁମେ ଯେଉଁ ଦୁଃଖ କଷ୍ଟ ପାଉଛ, ଏହାକୁ ତୁମେ ଦିନେ ସୁଖ ନିମିତ୍ତ ମାଗିଥିଲ । ସମୟର ବିପର୍ଯ୍ୟରେ ତାହା ଆଜି ଦୁଃଖଦାୟକ ହୋଇ ଠିଆ ହୋଇଛି । ଅତଏବ ଯେଉଁ ଜିନିଷଟା ମାଗିବାକୁ ଇଚ୍ଛା କରିବ ତାହାର ସ୍ୱରୂପ (ଭଲ-ମନ୍ଦ) ନ ବୁଝିବା ପର୍ଯ୍ୟନ୍ତ ଚାହିଁବ ନାହିଁ ଅର୍ଥାତ୍ ଯାହା ମାଗିବ, ବୁଝିସୁଝି ମାଗିବ ।"

"ତୁମେମାନେ ଯେତେବେଳେ ସଂକଳ୍ପ କରି ମୋତେ ଗୁରୁତ୍ୱରେ ବରଣ କରିଛ, ପୁଣି ମୁଁ ଯେତେବେଳେ ତୁମକୁ ଶିଷ୍ୟ ରୂପେ ଗ୍ରହଣ କରିଛି, ସେତେବେଳେ ମୁଁ ତାହାର ବିଧାନ କରିବି । ଏ କଥାରେ ଦୃଢ଼ବିଶ୍ୱାସ ରଖ । ବିଶ୍ୱାସ ହେଲା ପ୍ରଥମ ପ୍ରାର୍ଥମାସ୍ତୁ । ବିଶ୍ୱାସ ଆସିଲେ ନିର୍ଭରତା ଆସିବ । ସେତେବେଳେ ଆଉ ଆବଶ୍ୟକ କ'ଣ ? ତୁମେମାନେ ଜ୍ଞାନ, ଭକ୍ତି, ପ୍ରେମ ସବୁ ପାଇବ । ତେଣୁ କହୁଛି, ତୁମେମାନେ ବିଶ୍ୱାସ କରି ମୋ ଉପରେ ନିର୍ଭର କର, ମୋତେ ସବୁ ଭାର ଛାଡ଼ିଦିଅ । ତୁମମାନଙ୍କୁ କିଛି ମାଗିବାକୁ ପଡ଼ିବ ନାହିଁ । ପ୍ରାର୍ଥନା ଜଣାଇବାକୁ ହେବ ନାହିଁ । ଯହିଁରେ ତୁମମାନଙ୍କର ହିତ ହେବ, ଯହିଁରେ ମଙ୍ଗଳ ହେବ, ମୁଁ ତାହାର ବ୍ୟବସ୍ଥା କରିବି ।"

## (୩) ଜୟଗୁରୁ ନାମ

ଶ୍ରୀ ଶ୍ରୀ ଠାକୁର ସାରସ୍ୱତ ସଂଘର ଶିଷ୍ୟ ଭକ୍ତମାନଙ୍କ ନିମିତ୍ତ ଗୋଟିଏ ଅସାମ୍ପ୍ରଦାୟିକ ନାମ ପ୍ରଦାନ କରି ଦେଇ ଯାଇଛନ୍ତି । ଏହି ନାମ ଇଚ୍ଛା କଲେ ସମସ୍ତେ ନେଇପାରନ୍ତି । କାରଣ ଏହି ନାମରେ ଯାହାଙ୍କର ମାହାତ୍ମ୍ୟ କୀର୍ତ୍ତନ କରାହୋଇଛି, ସେ ପ୍ରତ୍ୟେକଙ୍କର ଇଷ୍ଟ ବା ଗୁରୁ । ଏହି ନାମ ଯେ କୌଣସି ସମ୍ପ୍ରଦାୟର ଲୋକେ ଅନାୟାସରେ ଗ୍ରହଣ କରିପାରନ୍ତି । 'ଜୟଗୁରୁ' ନାମରେ ଠାକୁର ପ୍ରାଣପ୍ରତିଷ୍ଠା କରି ଦେଇଯାଇଛନ୍ତି । ଏହା ସିଦ୍ଧ ନାମ । ଅନ୍ୟାନ୍ୟ ନାମ ନେବାକୁ ହୁଏତ ସାମ୍ପ୍ରଦାୟିକ ଆଘାତ ଲାଗିପାରେ; କିନ୍ତୁ ଏ ନାମରେ କାହାରି ଆପତ୍ତି ନାହିଁ । କାରଣ ଗୁରୁ ସମସ୍ତଙ୍କର ଅଛନ୍ତି । ଗୁରୁ ବ୍ୟତୀତ କେହି କୌଣସି କର୍ମରେ ସିଦ୍ଧିଲାଭ କରି ପାରିବେ ନାହିଁ । ଏପରି କି ଯେଉଁମାନେ ନାସ୍ତିକ ସେମାନଙ୍କର ମଧ୍ୟ ଗୁରୁ ଅଛନ୍ତି । ଅନ୍ୟଥା ସେମାନେ ନାସ୍ତିକବାଦର ଶିକ୍ଷା ପାଇଲେ କେଉଁଠାରୁ ? ପ୍ରକୃତପକ୍ଷରେ ଗୁରୁଙ୍କର ଜୟ ନ ହେଲେ ଶିଷ୍ୟର ବା ଜୟ କିପରି ହେବ ? 'ଜୟଗୁରୁ'ର ମୁଖ୍ୟ ଅର୍ଥ ହେଉଛି, ଆମର ସ୍ୱାର୍ଥପର ଇଚ୍ଛା ତୃପ୍ତି ହେଉ, ଶ୍ରୀଗୁରୁଙ୍କ ମହତି ଇଚ୍ଛା ଆମ ଭିତରେ ଫୁଟି ଉଠି ଜୟଯୁକ୍ତ ହେଉ ।

ଶ୍ରୀ ଶ୍ରୀ ଠାକୁର ଜଗଦ୍‌ଗୁରୁଙ୍କ ଆସନ ପ୍ରତିଷ୍ଠା ଏବଂ 'ଜୟଗୁରୁ' ମହାନାମ ପ୍ରଚାର—ଏହି ଉଭୟ ଦ୍ୱାରା ଗୁରୁବାଦର ପ୍ରତିଷ୍ଠା କରିଛନ୍ତି । ହିନ୍ଦୁମାନେ ଗୁରୁବାଦ ସ୍ୱୀକାର କରୁଥିବାରୁ ଏହି ଗୁରୁବାଦର ମଧ୍ୟଦେଇ ସାମଞ୍ଜସ୍ୟ ଆନୟନ ଏବଂ ହିନ୍ଦୁ ସଙ୍ଗଠନ ସମ୍ଭବପର ବୋଲି ତାଙ୍କର ଧାରଣା ।

ଶ୍ରୀ ଶ୍ରୀ ଠାକୁରଙ୍କର ଶିଷ୍ୟ-ଭକ୍ତମାନେ 'ଜୟଗୁରୁ' ନାମ ମାହାତ୍ମ୍ୟ ଯେପରି ଭାବରେ ଅନୁଭବ କରି ପ୍ରତି କ୍ଷେତ୍ରରେ ଆଶ୍ଚର୍ଯ୍ୟଜନକ ଫଳ ପାଇଛନ୍ତି, ତାହାର ଦୃଷ୍ଟାନ୍ତ କିଛି କମ୍ ନୁହେଁ ।

## 'ଜୟଗୁରୁ'—ନାମ ମହାତ୍ମ୍ୟ

ଭଗବାନଙ୍କ ଅନନ୍ତ ନାମ ମଧ୍ୟରୁ ଗୁରୁନାମ ଅନ୍ୟତମ । ଗୁରୁନାମ ଅନାଦି । ତାରଣ କର୍ତ୍ତା ଓ ଉଦ୍ଧାର କର୍ତ୍ତା ହିଁ ଗୁରୁ । ତେଣୁ ଗୁରୁନାମ 'ତାରକବ୍ରହ୍ମ' ନାମରେ ଅନ୍ତର୍ଗତ । ଗୁରୁନାମରେ ମହା ଉଦ୍ଧାରଣ ଶକ୍ତି ନିହିତ । ନାମ ସହିତ ନାମୀ ଅଭେଦ, ତେଣୁ ଗୁରୁ ଓ ଗୁରୁନାମ ଅଭିନ୍ନ । 'ଜୟଗୁରୁ' ନାମ ନେବାକ୍ଷଣି ଗୁରୁଶକ୍ତି ଭକ୍ତଙ୍କ ମଧ୍ୟରେ ପ୍ରବେଶ କରେ । ଯେ ଏହି ନାମ ଗ୍ରହଣ କରନ୍ତି, ସେ ଗୁରୁଶକ୍ତିଙ୍କ କୃପା ଅର୍ଥାତ୍ ସ୍ୱରୂପ ଜ୍ଞାନ ଲାଭ କରିଥାନ୍ତି । ଏହି ନାମରେ ଯାହାଙ୍କୁ ଲକ୍ଷ୍ୟ କରାଯାଇଛି, ସେ ପ୍ରତ୍ୟେକଙ୍କର ଗୁରୁ ଓ ଇଷ୍ଟ । ଅନ୍ତତଃ ଦୁଇ ଚାରିଜଣ ସେବକ ଯଦି ଏହି ନାମ ଗ୍ରହଣ କରି ପ୍ରାଣଦାନ ପୂର୍ବକ ଏହି ସିଦ୍ଧମନ୍ତ୍ର ସାଧନାରେ ବ୍ରତୀ ହୋଇପାରନ୍ତେ, ତେବେ ଏହି ନାମର ଅଦ୍ଭୁତ ଶକ୍ତି ଅନୁଭୂତ ହୋଇପାରନ୍ତା । ନାମରେ ପ୍ରାଣଶକ୍ତିର ସଞ୍ଚାର ହେଲେ ବା ଅନ୍ତର ମଧ୍ୟରେ ଏହି ନାମର ଜାଗରଣ ବା ସ୍ଫୁରଣ ହେଲେ ନାମୀଙ୍କର ଦର୍ଶନ ମିଳେ । ଏହି ନାମର ପ୍ରଚାର ପୂର୍ବରୁ ଏହି ସିଦ୍ଧ ନାମର ଜଣେ ଦୁଇଜଣ ଏକନିଷ୍ଠ ସେବକ ଓ ଜାପକ ଆବଶ୍ୟକ । ଏହି ମନ୍ତ୍ର ବା ନାମର ଜାଗରଣ ହୁଏ । ଜୟଗୁରୁ ନାମ ଜପରେ ଅଭ୍ୟସ୍ତ ହୋଇଗଲେ, ଦେଖିବ ନାମର ଶକ୍ତି ବଳରେ, ଅନବରତ ନାମ ଜପ ଅବିରାମ

ଗଢ଼ରେ ଚାଲିଛି । ନାମ ପ୍ରଚାର ପୂର୍ବରୁ ଜାପକମାନଙ୍କର ସେହି ନାମରେ ରୁଚି ଥିବା ଆବଶ୍ୟକ । ଯଥାବିଧି ଅଭ୍ୟାସ କଲେ ଏହି ସିଦ୍ଧମନ୍ତ୍ରର ଚୈତନ୍ୟ ହୁଏ—ମନ୍ତ୍ରଚୈତନ୍ୟ ହେଲେ ସଦ୍‌ଗୁରୁ ସାଧକଙ୍କୁ ଦର୍ଶନ ଦେଇ ଆତ୍ମଜ୍ଞାନ ରୂପ ଦୀକ୍ଷା ପ୍ରଦାନ କରନ୍ତି ।

ଜନୈକ ଭକ୍ତ ସ୍ୱପ୍ନ ଦେଖିଲେ ଯେ, ସେ ପୁରୀର ଆସନ ନୀଳାଚଳ କୁଟୀରକୁ ଯାଇଛନ୍ତି । କେତେକ କାରଣରୁ ଶ୍ରୀ ଶ୍ରୀ ଠାକୁରଙ୍କ ସେବକଙ୍କ ସହିତ ଶିଷ୍ୟଙ୍କର କଳହ ହେବାରୁ ସେବକ ଉପରମହଲାକୁ ଯାଇ ଶ୍ରୀ ଶ୍ରୀ ଠାକୁରଙ୍କୁ ଏ ବିଷୟ ଜଣାଇଲେ । ତାହା ଶୁଣି ଶ୍ରୀ ଶ୍ରୀ ଠାକୁର ଭକ୍ତଙ୍କର ରାଗ ହୋଇ ଉଗ୍ର-ଭୈରବ ମୂର୍ତ୍ତିରେ ଶିଷ୍ୟଙ୍କୁ ଶାସ୍ତି ଦେବା ନିମିତ୍ତ ଚାଲିଆସି କାନ୍ଥରେ ଗୋଟିଏ 'ଦୁର୍ବୋଧ' ପ୍ରଶ୍ନ ଲେଖିଦେଇ ରାଗରେ କହିଲେ, 'ଶୀଘ୍ର ଏହାର ଉତ୍ତର, ଦିଅ, ନଚେତ୍ ବର୍ତ୍ତମାନ ମୁଁ ତୁମକୁ ଭୀଷଣ ଶାସ୍ତି ଦେବି ।' ଶିଷ୍ୟଟି ଶ୍ରୀ ଶ୍ରୀ ଠାକୁରଙ୍କ ଉଗ୍ରମୂର୍ତ୍ତି ଦେଖି ଭୟରେ ଜଡ଼ ହୋଇ ଅନବରତ 'ଜୟଗୁରୁ' 'ଜୟଗୁରୁ' ନାମ ଜପ କରିବା ଛଡ଼ା ଆଉ କିଛି ଉତ୍ତର ଦେଇପାରୁ ନ ଥାନ୍ତି । ଶ୍ରୀ ଶ୍ରୀ ଠାକୁର ସେହି ଉଗ୍ରମୂର୍ତ୍ତି ଧରି ଶିଷ୍ୟ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ଉତ୍ତରକୁ ଅପେକ୍ଷା କରିବାକୁ ଲାଗିଲେ । ଶିଷ୍ୟଟି ସେ ଭୀଷଣ ମୂର୍ତ୍ତି ଆଗରେ ସ୍ଥିର ହୋଇ ନ ପାରି ନିରବଚ୍ଛିନ୍ନ ଭାବରେ ତାଙ୍କରି ପ୍ରଦତ୍ତ 'ଜୟଗୁରୁ' ନାମ ଜପ କଲେ ଓ ଶାସ୍ତିର ପ୍ରତୀକ୍ଷା କରି ଏକ ଦୃଷ୍ଟିରେ ଶ୍ରୀ ଶ୍ରୀ ଠାକୁରଙ୍କୁ ଚାହିଁରହିବାକୁ ବାଧ୍ୟ ହେଲେ ।

କିନ୍ତୁ ନାମର ପ୍ରବଳ ଜପ ସଙ୍ଗେ ସଙ୍ଗେ ଠାକୁରଙ୍କର ସେହି ଉଗ୍ର ମୂର୍ତ୍ତିର ଭୀଷଣତା କ୍ରମେ କମିଆସିଲା । ଶେଷରେ ପୂର୍ବପରି କମନୀୟ ମୂର୍ତ୍ତି ଧାରଣ କରି ଶ୍ରୀ ଶ୍ରୀ ଠାକୁର ଆନନ୍ଦରେ ଶିଷ୍ୟଙ୍କୁ କୋଳକରି କହିଲେ, 'ତୋର ନାମ ଜପର ପ୍ରଚଣ୍ଡ ଶକ୍ତି ଦେଖି ମୁଁ ଆଉ ତୋତେ ଶାସ୍ତି ଦେଇ ପାରିଲି ନାହିଁ । ତତ୍ପରେ ସେ ଅଦୃଶ୍ୟ ହୋଇଗଲେ ।

## ବ୍ୟାଘ୍ର କବଳରୁ ରକ୍ଷା

ଗୋଟିଏ ଜଙ୍ଗଲ ଭିତର ଦେଇ ପାଞ୍ଚ ଛଅ ଜଣ ଲୋକ ଗ୍ରାମକୁ ଯାଉଥିଲେ । ହଠାତ୍ ସେମାନଙ୍କ ସମ୍ମୁଖରେ ଗୋଟିଏ ବ୍ୟାଘ୍ର ଉପସ୍ଥିତ

ହେଲା । ଲୋକମାନଙ୍କ ଭିତରେ ଜଣେ ଶ୍ରୀ ଶ୍ରୀ ଠାକୁରଙ୍କ ଶିଷ୍ୟ ଥିଲେ । ସେ 'ଜୟଗୁରୁ' 'ଜୟଗୁରୁ' ବୋଲି ଚିତ୍କାର କରିବାକୁ ଲାଗିଲେ । ଏହା ଶୁଣି ଅନ୍ୟ ଲୋକମାନେ ମଧ୍ୟ ଅନିଚ୍ଛା ସତ୍ତ୍ୱେ ବାଧ୍ୟ ହୋଇ ତାଙ୍କ ସହିତ 'ଜୟଗୁରୁ' ନାମରେ ଯୋଗଦେଇ ଅନ୍ତିମ ସମୟର ଅପେକ୍ଷାରେ ରହିଲେ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ, ବ୍ୟାଘ୍ରଟି କ୍ରମେ କ୍ରମେ ସେମାନଙ୍କ ସମ୍ମୁଖରୁ ହଟି ପଳାଇଗଲା ।

## ପ୍ରତିମୂର୍ତ୍ତିଙ୍କର ଘର୍ମାକ୍ତ କଳେବର

ଲେଖକଙ୍କର ନିଜ ଅନୁଭୂତି—ଠାକୁରଙ୍କ ଦେହତ୍ୟାଗ ପରର ଘଟଣା । ନୀଳାଚଳରେ 'ଭକ୍ତ ସମ୍ମିଳନୀ'ର ଚତୁର୍ଥ ଦିନ, ଆଜି ବିଦାୟ ଦିବସ । 'ନୀଳାଚଳ କୁଟୀର'ଠାରୁ ସମ୍ମିଳନୀର ପ୍ରଥମ ଦିନ ଶୋଭାଯାତ୍ରା କରି ଠାକୁରଙ୍କ ପ୍ରତିମୂର୍ତ୍ତି ନେଇ ଆସିଅଛୁ । ଆଜି ମଧ୍ୟ ତାଙ୍କୁ ନେଇ ସେଠାରେ ପହଞ୍ଚାଇ ଦିଆ ହେବ । ତେଣୁ ଶୀଘ୍ର ଶୀଘ୍ର ସଜ୍ଜିତ ମୋଟର କାରରେ ଶ୍ରୀ ଶ୍ରୀ ଠାକୁରଙ୍କୁ ବସାଇ ଖୋଳ, କରତାଳ, ମେଘା ବାଦ୍ୟ ସହକାରେ 'ଜୟଗୁରୁ' କୀର୍ତ୍ତନ କରି ନୀଳାଚଳ ପଥରେ ଚାଲିବାକୁ ଲାଗିଲୁ । ଅବିଶ୍ରାନ୍ତ ଭାବରେ 'ଜୟଗୁରୁ' ମହାନାମ କୀର୍ତ୍ତନ, ଉଦ୍ଦଣ୍ଡ ନର୍ତ୍ତନ ପ୍ରତି ନୀଳାଚଳବାସୀ ସମସ୍ତଙ୍କର ଦୃଷ୍ଟି ଆକୃଷ୍ଟ ହେଲା । ଜଗନ୍ନାଥ ମନ୍ଦିର ସମ୍ମୁଖରେ କୀର୍ତ୍ତନ ଏପରି ଜମିଗଲା ଯେ, ବାହାରର ଦର୍ଶକ ମଧ୍ୟ ସ୍ଥିର ହୋଇ ରହିପାରିଲେ ନାହିଁ । ସେ ଦୃଶ୍ୟ ଯେଉଁମାନେ ଦେଖି ନାହାନ୍ତି, ତାହା ସେମାନେ କେବେହେଲେ କଳ୍ପନାରେ ଆଣିପାରିବେ ନାହିଁ । ଅଦାଲତ ବାଟରେ ଆମର ଶୋଭାଯାତ୍ରା ଚାଲିଲା । ପୋଷ୍ଟ ଅଫିସ ନିକଟରେ ସହସା ଦେଖାଗଲା ଯେ, ମୋଟରର ଗତି ରୁଦ୍ଧ ହୋଇଆସୁଛି । କାହିଁକି ଯେ ମୋଟରର ଗତି ରୁଦ୍ଧ ହେଲା ଜାଣିବା ପାଇଁ ଜଣେ ଯାଇ ଦେଖିଲା, ବିରାଟ ପ୍ରତିକୃତିର ଯେଉଁ ଅଂଶ ଛତାଦ୍ୱାରା ଆବୃତ ନ ଥିଲା, ସେହି ଅଂଶ ଅର୍ଥାତ୍ ନାଭିର ନିମ୍ନରୁ ପଦତଳ ପର୍ଯ୍ୟନ୍ତ ଅନାବୃତ ଅଂଶ ସୌର ତାପରେ ଘର୍ମାକ୍ତ ହୋଇଉଠିଛି । ରୌଦ୍ର ଲାଗିଲେ ଯେପରି ଜୀବନ୍ତ ମନୁଷ୍ୟ ଦେହରୁ ଝାଳ ବହେ, ଠାକୁରଙ୍କ

ପ୍ରତିମୂର୍ତ୍ତିରୁ ମଧ୍ୟ ସେହିପରି ଝାଳ ବୋହୁଛି । ଉପସ୍ଥିତ ଜନତା ଥରଥର ହୋଇ ଝାଳ ନିଗିଡ଼ି ପଡ଼ୁଥିବାର ଦେଖି ଆଉ ସ୍ଥିର ହୋଇ ରହିପାରିଲେ ନାହିଁ । ଶ୍ରୀ ଶ୍ରୀ ଠାକୁରଙ୍କର ପ୍ରତ୍ୟକ୍ଷ ଆବିର୍ଭାବ ସମସ୍ତେ ସ୍ୱୀକାର କଲେ । ଆମ୍ଭେମାନେ ସାମାନ୍ୟ ଫଟୋ ମନେକରି ବ୍ୟଜନର ବ୍ୟବସ୍ଥା କରିନଥିଲୁ । ଶ୍ରୀ ଶ୍ରୀ ଠାକୁରଙ୍କୁ ନେଇ ଆଶ୍ରମରେ ପହଞ୍ଚି ତାଙ୍କୁ ନିର୍ଦ୍ଦିଷ୍ଟ ଆସନରେ ବସାଇ ପବନ କରିବାରୁ ଆସ୍ତେ ଆସ୍ତେ ଝାଳ ବନ୍ଦ ହୋଇଗଲା ।

ଏହି ନାମର ଶକ୍ତି, ଏହି ନାମର ଆକର୍ଷଣ ଅତୁଳନୀୟ । ପ୍ରଥମେ ନାମକୁ ଜାଗ୍ରତ ରଖିବାକୁ ଚେଷ୍ଟା କରିବ । ତା'ପରେ ଦେଖିବ; ଏହି ନାମ ସର୍ବଦା ନିଜକୁ ଜାଗ୍ରତ ରଖିଛି । 'ଜୟଗୁରୁ' ନାମରେ ଅଭ୍ୟସ୍ତ ହୋଇ-ଗଲେ ଅନୁଭୂତ ହେବ ଯେ, ନାମର ଶକ୍ତିବଳରେ ଭିତରେ ନାମ ଜପ ଚାଲିଛି ।

ତେଣୁ ଜୟଗୁରୁ ନାମ-ମହାତ୍ମ୍ୟ ବର୍ଣ୍ଣନାରେ ଅଛି—

''ମହାମନ୍ତ୍ର ସିଦ୍ଧ ନାମ 'ଜୟଗୁରୁ' ଜୟ
ଅନାଦିର ଆଦି ନାମ 'ଜୟଗୁରୁ' ଜୟ
ଅସାମ୍ପ୍ରଦାୟିକ ନାମ 'ଜୟଗୁରୁ' ଜୟ
ସର୍ବ ସମ୍ପ୍ରଦାୟ ନାମ 'ଜୟଗୁରୁ' ଜୟ ।''

—*—

# ଊନବିଂଶ ପରିଚ୍ଛେଦ

## ମାତୃଜାତିର ଉଦ୍‌ବୋଧନରେ ଶ୍ରୀ ଶ୍ରୀ ଠାକୁର

ପୁରୁଷ ଭକ୍ତମାନଙ୍କୁ ଉଦ୍‌ବୋଧିତ କରିବାକୁ ଶ୍ରୀ ଶ୍ରୀ ଠାକୁରଙ୍କ ପ୍ରାଣ ଯେ କିପରି ବ୍ୟାକୁଳ ଥିଲା, ତାହା ଆମ୍ଭେମାନେ ତାଙ୍କ ଚିଠି ପଢ଼ିଲେ ଜାଣିପାରିବା । ଅପର ପ୍ରାଣର ବ୍ୟଥା ବେଦନା ହୃଦୟଙ୍ଗମ କରି, ସେମାନଙ୍କ ବ୍ୟଥାରେ ବ୍ୟଥିତ ହୋଇ ତାହାର ପ୍ରତିକାରର ପନ୍ଥା ଦେଖାଇଦେବାରେ ଠାକୁର ସିଦ୍ଧହସ୍ତ ଥିଲେ । ସେ ଯେ କେବଳ ତାଙ୍କର ପୁରୁଷ ସନ୍ତାନମାନଙ୍କୁ ଉଦବୁଦ୍ଧ କରିଯାଇଛନ୍ତି, ତାହା ନୁହେଁ, କ୍ଷୁଦ୍ର ସ୍ୱାର୍ଥ ବିସର୍ଜନ ଦେଇ, ବିଳାସିତାକୁ ତୁଚ୍ଛ କରି ମାତୃଜାତି କିପରି ଯେ ସେହି ଆଦର୍ଶ ଯୁଗର ନାରୀ-ମାନଙ୍କ ପରି ଗୌରବ ଆସନ ଅଧିକାର କରିପାରିବେ, ସେଥିପାଇଁ ଶ୍ରୀ ଶ୍ରୀ ଠାକୁର ଆପ୍ରାଣ ଚେଷ୍ଟା କରିଛନ୍ତି । ଏହି ସଂସାରରେ ରହି ଯେପରି ସାଧନା ବଳରେ ସ୍ୱାମୀ ସ୍ତ୍ରୀ ଆଦର୍ଶ ଗୃହସ୍ଥ ଜୀବନ ଯାପନ କରିପାରିବେ, ସେମାନଙ୍କୁ ଠାକୁର ସେହି ଭାବରେ ଶିକ୍ଷା ଦେଇଯାଇଛନ୍ତି । ଗଠନ ଯଜ୍ଞରେ ଆତ୍ମନିୟୋଗ କରି ଠାକୁର ବୁଝିଲେ ଯେ, କେବଳ ପୁରୁଷ ଭକ୍ତଙ୍କୁ ଉଦ୍‌ବୁଦ୍ଧ କଲେ ଚଳିବ ନାହିଁ, ସ୍ତ୍ରୀମାନଙ୍କୁ ମଧ୍ୟ ସମାନ ଭାବରେ ଉଦ୍‌ବୁଦ୍ଧ ନ କଲେ, ସେମାନଙ୍କୁ ଆଦର୍ଶରେ ଅନୁପ୍ରାଣୀତ ନ କଲେ, ଆଦର୍ଶ ପରିବାର ଗଠନ ସମ୍ଭବ ହେବ ନାହିଁ ।

ଯୁଗଧର୍ମ ଅନୁସାରେ ସବୁଆଡ଼େ ପରିବର୍ତ୍ତନ ହୋଇଥାଏ । ଭାରତର ହିନ୍ଦୁ ସମାଜରେ ଯୁବ ପ୍ରଭାବରେ ଅନେକ ପରିବର୍ତ୍ତନ ହୋଇଆସିଛି ସତ; କିନ୍ତୁ ନାରୀମାନଙ୍କ ସ୍ଥାନ ମଧ୍ୟଯୁଗରୁ ହିନ୍ଦୁ ସମାଜରେ ଘୃଣିତ, ଅପମାନିତ ଓ

ପଦଦଳିତ ହୋଇ ଆସୁଛି । ଏହି ନାରୀ ଜାଗରଣ ସମ୍ବନ୍ଧରେ ଠାକୁର ନାରୀ ପ୍ରଗତିର ଗୋଟିଏ ଦିଗ ଉନ୍ମୁକ୍ତ କରିଦେଲେ ।

ନାରୀମାନଙ୍କ ପ୍ରତି ତାଙ୍କର ଏତାଦୃଶ ମମତା ଆସିବାର କାରଣ ହେଉଛି ଯେ, ତାଙ୍କର ସ୍ତ୍ରୀ ସୁଧାଂଶୁବାଳାଙ୍କୁ ଅବଲମ୍ବନ କରି ସେ ସିଦ୍ଧିଲାଭ କରିଥିଲେ ଓ ଭଗବାନଙ୍କୁ ସ୍ତ୍ରୀ ଭାବରେ ପାଇଥିଲେ । ସାଧନାଜଗତରେ ନାରୀମାନେ ମଧ୍ୟ ତାଙ୍କୁ ବହୁତ ସାହାଯ୍ୟ କରିଛନ୍ତି । କୋଚା ଜଙ୍ଗଲର ନାରୀ ଯୋଗିନୀ ତାଙ୍କୁ ଯୋଗୀଗୁରୁଙ୍କର ସନ୍ଧାନ ଦେଇଥିଲେ । ତାପରେ ଯଜ୍ଞେଶ୍ୱର ବାବୁଙ୍କ ସ୍ତ୍ରୀ ସରଯୂ ଦେବୀ ତାଙ୍କର ଚେଲାର କାର୍ଯ୍ୟ କରିଥିଲେ ।

ପୁଣି ମହାଭାବମୟୀ ଗୌରୀ ମା'ଙ୍କଠାରୁ ସେ ଭାବତତ୍ତ୍ୱ ଶିକ୍ଷା କରି ପ୍ରେମମୟୀଙ୍କୁ ରକ୍ତମାଂସମୟ ସ୍ଥୂଳ ଶରୀରରେ ପାଇଥିଲେ । ପ୍ରେମମୟୀଙ୍କ ଇଙ୍ଗିତରେ ତାଙ୍କଠାରୁ ବର ନେଇ ସେ ଲୋକାଳୟକୁ ଗୁରୁ ହୋଇ ଆସିଲେ । ତା'ପରେ ହେମଲତା ଦେବୀଙ୍କୁ ତାନ୍ତ୍ରିକ ସନ୍ନ୍ୟାସ ଦେଇ ତାଙ୍କୁ ମହାଭାବର ଅଧିକାରିଣୀ କରିଥିଲେ । ଆଧ୍ୟାତ୍ମିକ ଜଗତରେ ମଧ୍ୟ ସେ ସ୍ତ୍ରୀ ଲୋକମାନଙ୍କୁ ଅଭିନବ ସାଧନ ପ୍ରଦାନ କରି କିପରି ଉନ୍ନତ କରାଇ ଦେଇଥିଲେ, ତାହା ଆମେ ଏଥିପୂର୍ବରୁ ଦେଖିଅଛୁ ।

ସ୍ତ୍ରୀଲୋକମାନେ ଶ୍ରୀ ଶ୍ରୀ ଠାକୁରଙ୍କ ନିକଟରୁ ସାଧନ ଭଜନ ନେଇ କିପରି ଆଧ୍ୟାତ୍ମିକ ଉନ୍ନତି ଲାଭ କରିଛନ୍ତି, ତାହା ବାହୁଲ୍ୟ ଭୟରେ ଏଠାରେ ପୁନରାବୃତ୍ତି କରାଗଲା ନାହିଁ । କିନ୍ତୁ ସେମାନଙ୍କ ଉଦ୍‌ବୋଧନ ନିମିତ୍ତ ସେମାନଙ୍କ ନିକଟକୁ ଦିଆଯାଇଥିବା ପତ୍ରରୁ ଖଣ୍ଡିକର ଅନୁବାଦ ନ ଦେଇ ରହିପାରିଲୁ ନାହିଁ ।

"ମୋର ଉପଯୁକ୍ତ ଶିଷ୍ୟାଙ୍କ ପରି ସଂଯତ ହୁଅ, ଚରିତ୍ର ଗଠନ କର । ତୁମେମାନେ ମାତୃଜାତି । ତୁମେମାନେ ରମଣୀତ୍ୱ ଭୁଲି ଜନନୀ ଆସନରେ ପ୍ରତିଷ୍ଠିତ ହୁଅ । ନିଜ ମଧ୍ୟରେ ସେହି ଜଗଜ୍ଜନନୀ ପ୍ରେମମୟୀଙ୍କୁ ଉପଲବ୍‌ଧି କର । ମା', ଏହି ସଂସାର ଭୋଗବିଳାସର ସ୍ଥାନ ନୁହେଁ । ଏ ଯେ କର୍ମକ୍ଷେତ୍ର

କର୍ମପ୍ରଭାବରେ ପରକାଳର ଯବନିକା ଉତ୍ତୋଳନ କରିବାକୁ ହେବ। ଭୋଗରେ ତାହା ଆହୁରି ଜମାଟ ହୋଇ ପଥରୋଧ କରିବ। ବାସନା-କାମନା ବନ୍ଧନର କାରଣ। ଏକମାତ୍ର ଭଗବତ୍ ଚରଣାରବିନ୍ଦ ବ୍ୟତୀତ ଆଉ କୌଣସି ବାସନା-କାମନାକୁ ମନରେ ସ୍ଥାନ ଦିଅନାହିଁ। ଅଭାବ ଦ୍ୱାରା ଯେଉଁ ଜଗତ ଗଠିତ, ସେଠାରେ ପୂର୍ଣ୍ଣ ସୁଖ ଶାନ୍ତିର ଆଶା ବିଡ଼ମ୍ବନା। ଏଠାରେ ଗୋଟିଏ ପାଖରେ ହସ, ଅନ୍ୟ ପାଖରେ କ୍ରନ୍ଦନ। ତେବେ ନିରବଚ୍ଛିନ୍ନ ସୁଖଶାନ୍ତି କେଉଁଠାରେ ? ତାହା ସେହି ସଦାନନ୍ଦମୟ ଭଗବାନଙ୍କ ଚରଣରେ। ସୁତରାଂ କୌଣସି ଅବସ୍ଥାରେ ହେଲେ ସେ ଚରଣରୁ ଲକ୍ଷ୍ୟଚ୍ୟୁତ ହୁଅ ନାହିଁ। ମୁଁ ତୁମକୁ ମୋର ଆନନ୍ଦମୟୀ ମା' ରୂପରେ ଦେଖିବାକୁ ଚାହେଁ। ତୁମର ସାକାର ମୂର୍ତ୍ତିରେ ମୋର ବିଶ୍ୱରୂପା ନିରାକାର ମାଆଙ୍କୁ ଦେଖି ଗୁରୁଗିରିର ସାର୍ଥକତା କରିବି। ରମଣୀହୃଦୟ କାମଗନ୍ଧଶୂନ୍ୟ ମାଆଙ୍କ ପରି ପବିତ୍ର ଓ ପ୍ରେମ ପୂର୍ଣ୍ଣ ହେଲେ ସେହି ହୃଦୟରେ ଜଗଜ୍ଜନନୀଙ୍କର ଆବେଶ ହୋଇଥାଏ। ମା', ସ୍ତ୍ରୀ ଓ କନ୍ୟା ଏକ; ମହାମାୟାଙ୍କର ଭିନ୍ନ ଭିନ୍ନ ଭାବର ବିକାଶ ମାତ୍ର। ଜନନୀତ୍ୱରେ ରମଣୀଜୀବନର ପୂର୍ଣ୍ଣତ୍ୱ—ଏକଥା ଭୁଲିଯାଅ ନାହିଁ।"

ଶ୍ରୀ ଶ୍ରୀ ଠାକୁର ତାଙ୍କର ଶିଷ୍ୟମାନଙ୍କ ମଧ୍ୟରେ ଭାବବିନିମୟ ନିମିତ୍ତ 'ଭକ୍ତ ସମ୍ମିଳନୀ'ରେ 'ମହିଳା ଅଧିବେଶନ' କରାଇ ଯାଇଛନ୍ତି। ଆଶ୍ରମ ମଠ ଅଧୀନରେ 'ଗୌରାଙ୍ଗ ଅନାଥ ନିକେତନ'ରେ ନିରାଶ୍ରୟା ମହିଳାମାନଙ୍କୁ ମଧ୍ୟ ସ୍ଥାନ ଦେଇ ସେମାନଙ୍କ ଭାର ଯୋଗମାୟା ଦେବୀଙ୍କ ହସ୍ତରେ ଅର୍ପଣ କରି ସେମାନଙ୍କୁ ସାଧନ-ଭଜନ ଦ୍ୱାରା ଉନ୍ନତ କରାଇଛନ୍ତି ଓ ବିବିଧ ଭାବରେ ଉପଦେଶ ପ୍ରଦାନ କରିଯାଇଛନ୍ତି।

## ସଧବାଙ୍କ ପ୍ରତି ଉପଦେଶ

"ମା', ମାତୃତ୍ୱରେ ହୃଦୟ ପୂର୍ଣ୍ଣ କର। ରମଣୀତ୍ୱ ଶଇତାନର ଉଚ୍ଛିଷ୍ଟ। ସୁତରାଂ ଜନନୀତ୍ୱ ବ୍ୟତୀତ ଭଗବାନଙ୍କର ପବିତ୍ର ମୂର୍ତ୍ତି ତାହାର ନୟନ-ଗୋଚର ହୁଏ ନାହିଁ। ଆଶୀର୍ବାଦ କରୁଛି, ତୁମମାନଙ୍କ ଭିତରେ ମାତୃତ୍ୱ

ପ୍ରତିଷ୍ଠିତ ହେଉ । ମାତୃସମ୍ମୁଖରେ ତୁମେମାନେ ଚରିତ୍ର ନମିଉ ବନ୍ଧନ ହୋଇଯାଅ ।”

“ଗୃହିଣୀର ସ୍ୱାମୀସେବା ଓ ସନ୍ତାନପାଳନ ସ୍ୱଧର୍ମ । ସୁତରାଂ ତୁମ-ମାନଙ୍କର ସାଧନ-ଭଜନର ସମୟ ଅଳ୍ପ । ତେଣୁ ସର୍ବଦା ଜପ କରିବାକୁ ଅଭ୍ୟାସ କର । ସର୍ବାନ୍ତଃକରଣରେ ନିର୍ଭର କରିବା ବ୍ୟତୀତ ତୁମମାନଙ୍କର ଅନ୍ୟ ଉପାୟ ନାହିଁ ।”

“ସ୍ୱାମୀ ସ୍ତ୍ରୀଲୋକର ଗୁରୁ । କାୟମନୋବାକ୍ୟରେ ତାଙ୍କର ଆଦେଶ ପ୍ରତିପାଳନ ଓ ତାଙ୍କର ସେବା କରିବା ହିଁ ନାରୀର ପରମ ଧର୍ମ । ସ୍ୱାମୀଙ୍କୁ ଗୁରୁବ୍ରହ୍ମ ଜ୍ଞାନ କରି ଭଗବାନଙ୍କଠାରେ ନିର୍ଭର କରିପାରିଲେ ନାରୀଜନ୍ମ ସାର୍ଥକ ହୋଇଯିବ ।”

“ଏ ଜଗତରେ ରାଜରାଣୀଠାରୁ ଭିକାରୁଣୀ ପର୍ଯ୍ୟନ୍ତ ସମସ୍ତଙ୍କର ସମାନ ଅଭାବ । ଭାବରାଜ୍ୟରେ ନ ପହଞ୍ଚିବା ପର୍ଯ୍ୟନ୍ତ ଏହି ଅଭାବ କାହାରି ମେଣ୍ଟେ ନାହିଁ । ଜୀବଜଗତକୁ ଭଲ ପାଇବାକୁ ଶିକ୍ଷା କର, ମାତୃତ୍ୱର ବିକାଶ କର ତେବେ ଯାଇ ଜଗତକୁ ଆନନ୍ଦମୟ ଦେଖିପାରିବ ।”

“ପୁଅଝିଅ ନାତିନାତୁଣୀ ପାଞ୍ଚ ଜଣଙ୍କୁ ନେଇ ଘରସଂସାର କରିବାକୁ ଗଲେ ବିପଦ ଆପଦ ଅବଶ୍ୟମ୍ଭାବୀ । ପୁରାଣ ଇତିହାସ କାଳରୁ ଆରମ୍ଭ କରି ବର୍ତ୍ତମାନ ସମୟ ପର୍ଯ୍ୟନ୍ତ କେହି ଏପରି କି ପୁଣ୍ୟଶ୍ଳୋକ ବ୍ୟକ୍ତିଗଣ ପର୍ଯ୍ୟନ୍ତ କେହି ଆରାମରେ ସଂସାର କରିପାରି ନାହାନ୍ତି । ମରଜଗତରେ ତାହା ଅସମ୍ଭବ । ସୁତରାଂ ଅସମ୍ଭବ ଆଶା କଲେ ଯେ ପଦେ ପଦେ କେବଳ ହତାଶ ହେବାକୁ ପଡ଼ିବ, ଏଥିରେ ସନ୍ଦେହ ନାହିଁ । ସୀତା, ଶୈବ୍ୟା, ଚିନ୍ତାଙ୍କ କଥା ଚିନ୍ତା କଲେ ସୁଖ କଥା ମୁଖରେ ଆଣିବାକୁ କମ୍ ଲଜ୍ଜା ବୋଧ ହେବ ନାହିଁ । ସୁତରାଂ ଜ୍ଞାନଚକ୍ଷୁରେ ଯେପରି ସଂସାରଲୀଳା ବୁଝିପାରିବ, ସେଥିପାଇଁ ପ୍ରାର୍ଥନା କର ।”

# ବିଧବାମାନଙ୍କ ପ୍ରତି ଉପଦେଶ

"ସଂସାରରେ ଯାହା ନିତ୍ୟ ଘଟଣା, ସେଥିରେ ବିଚଳିତ ହେଲେ ଚଳିବ କିପରି ? ନିତି ପ୍ରତି କେତେ ନାରୀ ବିଧବା ହେଉଛନ୍ତି । ଭଗବାନଙ୍କ ଇଚ୍ଛା ବ୍ୟତୀତ ପତ୍ରଟିଏ ମଧ୍ୟ ହଲଚଲ ହୁଏ ନାହିଁ । ସୁତରାଂ ତାଙ୍କର ମଙ୍ଗଳ-ବିଧାନରେ ଯାହା ହୋଇଛି, ସେଥିରେ ଅନୁଶୋଚନା କରିବା ମୂଢ଼ର କାର୍ଯ୍ୟ ।"

"ସ୍ୱାମୀଙ୍କ ସହିତ ଭୋଗବିଳାସରେ ମାତି ସନ୍ତାନ ପ୍ରସବ କରିବା କ'ଣ ନାରୀଜୀବନର ଏକମାତ୍ର କର୍ତ୍ତବ୍ୟ ? ପ୍ରାତଃସ୍ମରଣୀୟା ରାଣୀ ଭବାନୀ, ଶରତ୍‌ସୁନ୍ଦରୀ, ହରସୁନ୍ଦରୀ, ସ୍ୱର୍ଣ୍ଣମୟୀ ପ୍ରଭୃତି ବିଧବା ନାରୀମାନଙ୍କ ପରି କେଉଁ ସଧବା ନାରୀ ସମାଜର ସମସ୍ତ ଲୋକଙ୍କର ଶ୍ରଦ୍ଧା-ଭକ୍ତି ଆକର୍ଷଣ କରିବାକୁ ସମର୍ଥ ହୋଇପାରନ୍ତି ? ସୁତରାଂ ବିଧବା ହେବା ପାପ ନୁହେଁ, ବରଂ ପୁଣ୍ୟର ଉଦ୍‌ବୋଧନ ।"

"ସଧବା ନାରୀ ସ୍ୱାମୀଙ୍କ ଭିତରେ ଭଗବାନଙ୍କୁ ଏବଂ ବିଧବା ନାରୀ ଭଗବାନଙ୍କ ଭିତରେ ସ୍ୱାମୀଙ୍କୁ ଚିନ୍ତା କରିବେ । ଏହା ମୋର ଅଭିମତ । ଅନ୍ୟଥା ଧର୍ମ ବା ଭଗବାନଙ୍କୁ ଛାଡ଼ି କେବଳ ମୃତ ସ୍ୱାମୀଙ୍କ ଚିନ୍ତା କଲେ ବିନ୍ଦୁମାତ୍ର ଉନ୍ନତି ହେବ ନାହିଁ ।"

"ଯଦି ବିଶ୍ୱାସ କର ଯେ ଭଗବାନ ହିଁ ସ୍ୱାମୀ, ପିତା, ପୁତ୍ର ରୂପରେ ପ୍ରକାଶିତ, ତେବେ ସ୍ୱାମୀଙ୍କ ମୃତ୍ୟୁ ପରେ ତ ସେ ଭଗବାନଙ୍କଠାରେ ମିଶିଯାଇଛନ୍ତି, ତାହାହେଲେ ଭଗବାନଙ୍କୁ ସ୍ୱାମୀ ମୂର୍ତ୍ତିରେ ଧ୍ୟାନ କରି ଓ ଆନ୍ତରିକ ସୁଖ ପାଇବା ସଙ୍ଗେ ସଙ୍ଗେ ଭିତରେ ଭଜନ କଲେ ତୁମର ପ୍ରଭୂତ ଉପକାର ହେବ । ଏପରି କି ତୁମେ ଭଗବାନଙ୍କୁ ସ୍ୱାମୀ ରୂପରେ ପାଇ ପାରିବ । ଏପରି ଘଟଣା ମୁଁ ଜାଣେ; ସୁତରାଂ ଏହା ସତ୍ୟ ।"

"ପରଲୋକରେ ଚରମ ମିଳନ ନିମିତ୍ତ ପ୍ରସ୍ତୁତ ହୋଇ ବାକି କେତୋଟା ଦିନ କଟାଇଦିଅ । ପ୍ରାଣରେ ନ ପାଇଲେ ବାହାରେ ପାଇବା ବୃଥା । ବିରହ ବ୍ୟତୀତ ପ୍ରାଣର ମିଳନ ହୁଏ ନାହିଁ । ଅଭାବରେ ଭାବ ଲାଭ ହୁଏ । ଆଶୀର୍ବାଦ କରୁଛି; ତୁମେ ଅନ୍ତରରେ ଅନୁଭୂତ ଲାଭ କର ।"

# ଆଶୀର୍ବାଣୀ

"ବତ୍ସ ! ବାହ୍ୟିକ ବିଷୟ ମାତ୍ରକେ ମାୟିକ । ତୁମେ ମୋତେ ଅନ୍ତର ମଧ୍ୟରେ ଦେଖିବାକୁ ଅଭ୍ୟାସ କର । ମୋ ବିଷୟ ଶୁଣି ମୋ ସମ୍ବନ୍ଧରେ ତୁମର ଯେଉଁ କାଳ୍ପନିକ ଧାରଣା ଜାତ ହୋଇଅଛି, ସେହି କଳ୍ପନା ଦ୍ୱାରା ମୋର ଗୋଟିଏ ମନୋମୟୀ ମୂର୍ତ୍ତି ଗଠନ କରି ସେହି ମୂର୍ତ୍ତିକୁ ହୃଦୟ ସିଂହାସନରେ ବସାଇ ଚିନ୍ତା ଦ୍ୱାରା ତାଙ୍କୁ ପ୍ରତ୍ୟକ୍ଷ କରିବାକୁ ଅଭ୍ୟାସ କର । ଏହି ମୂର୍ତ୍ତିଙ୍କୁ ଧ୍ୟାନରେ ପ୍ରତ୍ୟକ୍ଷ ଭାବରେ ଉପଲବ୍ଧ କରିପାରିଲେ ତୁମର ସର୍ବାର୍ଥ ସିଦ୍ଧ ହେବ, ସମସ୍ତ ଅଭାବର ବିନାଶ ହେବ । ସେହି ମୂର୍ତ୍ତିଙ୍କୁ ଭକ୍ତି ଓ ଆବେଗର ସହିତ ମାନସିକ ସେବାପୂଜା ଓ ଅର୍ଚ୍ଚନା କରି ଶୁଶ୍ରୂଷା କର । ଏହି ଭାବରେ ହୃଦୟକୁ ପରିପୂର୍ଣ୍ଣ ରଖିବାକୁ ଚେଷ୍ଟା କର । ଅନ୍ତର ମଧ୍ୟରେ ତାଙ୍କୁ ସ୍ମରଣ ରଖି ବାହ୍ୟ ଦେହ ଦ୍ୱାରା ବାହ୍ୟିକ କର୍ତ୍ତବ୍ୟ ସତ୍ପାଳନରେ ରତ ରହ । ଅନ୍ତରରେ ଯେମତି ବାହ୍ୟ ପଦାର୍ଥର ଦାଗ ନ ପଡ଼େ, ସେଥିପ୍ରତି ବିଶେଷ ଭାବରେ ସତର୍କ ରହ ।"

"ମା' ମୋର ସ୍ୱତନ୍ତ୍ର ଅସ୍ତିତ୍ୱ ଭୁଲିଯାଇ, ମୁଁ ଦେହସ୍ଥ—ଏହା ବିସ୍ମୃତ ହୋଇ, ମୋତେ ହୃଦୟସ୍ଥ ବୋଲି ଚିନ୍ତା କରିବା ଫଳରେ ତୁମ ମୋ ଭିତରେ ଦୂରତ୍ୱ ଓ ବ୍ୟବଧାନ ତିରୋହିତ ହୋଇଯିବ । ଏହି ସାଧନାଠାରୁ ବିଶେଷ ଭାବରେ ଶ୍ରେଷ୍ଠ ସାଧନା ହେଉଛି ଯେ, ତୁମେ ସ୍ୱାମୀଙ୍କ ମଧ୍ୟରେ ଗୁରୁଦେବଙ୍କୁ ଦର୍ଶନ କରିବାକୁ ଅଭ୍ୟାସ କର । ମୋତେ ସ୍ୱାମୀଙ୍କ ହୃଦୟସ୍ଥ ବୋଲି ଜ୍ଞାନ କର । ମୋତେ ସ୍ୱାମୀଙ୍କ ହୃଦୟସ୍ଥ ବୋଲି ଜ୍ଞାନ କରି ସ୍ୱାମୀଙ୍କୁ ଭଗବତ୍ ଜ୍ଞାନରେ ସୁଖ ପାଇପାରିଲେ ଓ ସେହି ଭାବରେ ଆତ୍ମହରା ହୋଇପାରିଲେ ଭଗବତ୍ ଭକ୍ତି ଲାଭ କରିପାରିବ । ସ୍ୱାମୀଙ୍କ ସେବା ଓ ସ୍ୱାମୀଙ୍କ ନିମିତ୍ତ ବ୍ୟାକୁଳତା ସମସ୍ତ ଗୁରୁସେବା ଏବଂ ଗୁରୁଙ୍କ ନିମିତ୍ତ ବ୍ୟାକୁଳତାରେ ପରିଣତ ହୋଇଯିବ । ଏହିପରି ଅନୁଭବ କରିପାରିଲେ ମାନବଜନ୍ମ ତଥା ନାରୀଜନ୍ମ ସାର୍ଥକ ହୋଇଯିବ । ପ୍ରାଣରେ ଆନନ୍ଦର ହିଲ୍ଲୋଳ ପ୍ରବାହିତ ହେବ ।"

"ମୁଁ ଆଶୀର୍ବାଦ କରୁଛି, ତୁମେ ସେହି ଭାବର ଅଧିକାରିଣୀ ହୁଅ । ମୁଁ ଇଚ୍ଛାମୟୀଙ୍କ ଇଚ୍ଛାକୁ ତୁମ ଭଳି ସରଳମତି ଶିଷ୍ୟଙ୍କ ନିକଟରେ ସରଳ ଭାବରେ ବ୍ୟକ୍ତ କରୁଛି । ତୁମେ ସେହି ସରଳ ପଥରେ ଗମନ କରି ଲକ୍ଷ୍ୟଲାଭ କରିବାକୁ ଚେଷ୍ଟା କର ।"

—ଶ୍ରୀ ଶ୍ରୀ ଠାକୁର

# ବିଂଶ ପରିଚ୍ଛେଦ

## ଉଦ୍ଧମୟୀ ବାଣୀ

"ଭଗବାନ ଗୋଟିଏ ସାର୍ବଭୌମ ଅଭାବ ସଂସାରରେ ରଖି ଦେଇଛନ୍ତି । ତାହା ହେଉଛି ଯେ, ଜୀବ ନିଜକୁ କୌଣସି ଅବସ୍ଥାରେ ହେଲେ ସୁଖୀ ମନେ କରିପାରେ ନାହିଁ । ଏହା ହିଁ ଭଗବାନଙ୍କର ସର୍ବଶ୍ରେଷ୍ଠ ଦୟା । ଅଭାବ-ପୀଡ଼ନରେ ଜୀବ କ୍ରମୋନ୍ନତ ପଥରେ ଗମନ କରେ ଏବଂ ଆତ୍ମସ୍ୱରୂପ ଲାଭର ପୂର୍ବ ପର୍ଯ୍ୟନ୍ତ କାହିଁକି ତୃପ୍ତି ଲାଭ କରିପାରେ ନାହିଁ ।"

ଯେଉଁ ସାଧକ ଭଗବାନଙ୍କ ନିକଟରେ କିଛି କାମନା କରନ୍ତି ନାହିଁ, ତାଙ୍କୁ ନେଇ ଭଗବାନ ବଡ଼ ଅଡୁଆରେ ପଡ଼ନ୍ତି । ସେହି ସାଧକଙ୍କୁ ନିଜକୁ ଦାନ କରିବା ବ୍ୟତୀତ ଭଗବାନଙ୍କର ଆଉ ଉପାୟ ନ ଥାଏ । ଜ୍ଞାନୀ କିଛି ଚାହେଁ ନାହିଁ, କାରଣ ସେ ସବୁ ବ୍ରହ୍ମମୟ ଦେଖେ । ପୁଣି ଭକ୍ତ ମଧ୍ୟ କିଛି ମାଗେ ନାହିଁ, କାରଣ ସେ ଭଗବାନଙ୍କୁ ସର୍ବସ୍ୱ ସମର୍ପଣ କରିଦେଇଛି, ନିଜ ପାଇଁ କିଛି ରଖି ନାହିଁ । ତାଙ୍କ ଉପରେ ସବୁ ଭାର ଦେଇ ନିଶ୍ଚିନ୍ତରେ ବସିଛି; ସୁତରାଂ ତାର ମଧ୍ୟ କିଛି ମାଗିବାର ନାହିଁ । ତେଣୁ ଭଗବାନ ବ୍ରହ୍ମତ୍ୱ ଇନ୍ଦ୍ରତ୍ୱ ଦେଇ ମଧ୍ୟ ତାଙ୍କୁ ଭୁଲାଇପାରନ୍ତି ନାହିଁ । ଅବଶେଷରେ ସେହି ଭକ୍ତଙ୍କ ନିକଟରେ ନିଜକୁ ଧରାଦେବାକୁ ପଡ଼େ ।"

"ଦେବରାଜ ଇନ୍ଦ୍ର ମାନବଠାରୁ ମଧ୍ୟ ଅଧିକ ଆବଦ୍ଧ । କାରଣ ମାନବ ଇଚ୍ଛା କଲେ ଆତ୍ମହତ୍ୟା କରିପାରେ, କର୍ମ ତ୍ୟାଗ କରିପାରେ; କିନ୍ତୁ ଇନ୍ଦ୍ର ତାହା ପାରନ୍ତି ନାହିଁ । ଗୋଟିଏ କଳ୍ପ ପର୍ଯ୍ୟନ୍ତ ତାଙ୍କୁ ନିର୍ଦ୍ଦିଷ୍ଟ କର୍ମର ବୋଝ ବହନ କରିବାକୁ ହେବ । କୌଣସି ପ୍ରକାରେ ନିସ୍ତାର ନାହିଁ ।"

ମନୁଷ୍ୟ ସମସ୍ତଙ୍କର ତଳେ ଅଛୁ, ଅଥଚ ସେ ପୁଣି ଇଚ୍ଛା କଲେ ସବୁଠାରୁ ବଡ଼ ହୋଇପାରେ । ଏଥିପାଇଁ ଦେବତାମାନେ ମଧ୍ୟ ମୁକ୍ତିଲାଭ ନିମିତ୍ତ ମନୁଷ୍ୟ ହେବାକୁ ଇଚ୍ଛାକରନ୍ତି ।

ସତ୍ୟଲୋକକୁ ଯେଉଁମାନଙ୍କର ଗତି ହୁଏ, ଗୋଟିଏ କଳ୍ପ ପର୍ଯ୍ୟନ୍ତ ସେଠାରେ ସେମାନଙ୍କର ଆନନ୍ଦରେ କଟିଯାଏ । କଳ୍ପାନ୍ତରେ ଜ୍ଞାନ ହେଲେ ସେମାନଙ୍କର ମୁକ୍ତି ହୁଏ । ଏହି ଜଗତରେ ଯେତେ ଉତ୍କୃଷ୍ଟ ଜ୍ଞାମୀ କଳ୍ପନା କରାଯାଇ ପାରନ୍ତି, ସେ ସମସ୍ତଙ୍କର ଆଦର୍ଶ ସତ୍ୟଲୋକ । ସେହିପରି ସବୁ-ପ୍ରକାର କଲ୍ୟାଣୀ ଗୁଣବତୀ ନାରୀମାନଙ୍କର ମଧ୍ୟ ଆଦର୍ଶ ସତ୍ୟଲୋକର ନାରୀମାନେ । ସ୍ୱାମୀ ସ୍ତ୍ରୀ ମଧ୍ୟରେ ଦାମ୍ପତ୍ୟ ଭାବର ଯେତେ ଆନନ୍ଦମୟ ବିକାଶ ହୋଇପାରେ, ତାହାର ଚରମ ଉତ୍କର୍ଷ ସତ୍ୟଲୋକର ଜୀବ ଭୋଗ କରନ୍ତି । ସେଠାରେ ସବୁ ଚିଦାନନ୍ଦର ବିକାଶ । ଆନନ୍ଦ ବ୍ୟତୀତ ସେଠାରେ ଆଉ କିଛି ନାହିଁ ।

ଭଗବାନଙ୍କୁ ଦେଖିବାକୁ ଇଚ୍ଛା କରିବା ମଧ୍ୟ ଗୋଟିଏ କାମନା । ଦେଖିବାକୁ ଇଚ୍ଛା କଲେ ସେ ଦେଖା ଦେବେ ନାହିଁ । କାରଣ କାମନା ଥିଲେ ଭଗବାନ ମିଳନ୍ତି ନାହିଁ । ଏକମାତ୍ର ଭଗବାନଙ୍କ ଉପରେ ନିର୍ଭର କଲେ ତାଙ୍କର କୃପାରୁ ତାଙ୍କ ଦର୍ଶନ ମିଳେ । ନିଷ୍କାମ ହେଲେ, ଶୁଦ୍ଧଚିତ୍ତ ହେଲେ ମନକୁ ମନ ସେ ଧରା ଦିଅନ୍ତି ।

## ସମନ୍ୱୟୀ ବାଣୀ

ଏଥିପୂର୍ବରୁ ଉଲ୍ଲେଖ ଅଛି, ଯେ, ଶ୍ରୀ ଶ୍ରୀ ଠାକୁରଙ୍କର ଜୀବନ ସମନ୍ୱୟର ଜୀବନ । ସେ ଆମମାନଙ୍କୁ ସମନ୍ୱୟ ସମ୍ବନ୍ଧରେ ବହୁ ଉପଦେଶ ପ୍ରଦାନ କରିଯାଇଛନ୍ତି । ସେଥିମଧ୍ୟରୁ କତିପୟ ସମନ୍ୱୟ ବାଣୀ ତାଙ୍କ ପ୍ରଣୀତ 'ପ୍ରେମିକଗୁରୁ' ଗ୍ରନ୍ଥରୁ ଉଦ୍ଧୃତ ହେଲା ।

## ଶାକ୍ତ ବୈଷ୍ଣବ

ଯେ ପର୍ଯ୍ୟନ୍ତ ଜୀବ ଆତ୍ମତତ୍ତ୍ୱ ଭୁଲି ପ୍ରକୃତ ବିଷୟଭୋଗରେ ଆସକ୍ତ ଥାଏ, ସେ ପର୍ଯ୍ୟନ୍ତ ତାହାର ବଦ୍ଧ ଅବସ୍ଥା । ସୁତରାଂ ତାକୁ ବଦ୍ଧଜୀବ

କୁହାଯାଇପାରେ । ତତ୍ପରେ ଭଗବାନଙ୍କ କୃପାରୁ ଆତ୍ମତତ୍ତ୍ୱ ପରିଜ୍ଞାତ ହୋଇ ଜୀବ ରସାନୁସନ୍ଧାନରେ ନିଯୁକ୍ତ ହୁଏ । ପ୍ରଥମେ ମାୟାମୁକ୍ତ ହେବାକୁ ଚେଷ୍ଟା କରି ଶେଷରେ ରସସଂପ୍ରାପ୍ତି ପର୍ଯ୍ୟନ୍ତ ଜୀବନର ଯେଉଁ ସାଧନା, ସେହି ଅବସ୍ଥାକୁ ହିନ୍ଦୁ ଋଷିମାନେ ଶାକ୍ତ ଓ ବୈଷ୍ଣବ ଏହି ଦୁଇ ନାମରେ ଅଭିହିତ କରିଛନ୍ତି । କିନ୍ତୁ ଆମ ଦେଶରେ ବହୁଦିନରୁ ଶାକ୍ତ ଓ ବୈଷ୍ଣବମାନେ ବିବାଦ-ବିସମ୍ବାଦ କରି ଆସୁଛନ୍ତି । ଉଭୟବାଦୀ ନିଜ ନିଜ ମତର ପ୍ରାଧାନ୍ୟ ସଂସ୍ଥାପନ ନିମିତ୍ତ ବହୁ ଯୁକ୍ତିପ୍ରମାଣ ଦେଖାଇଥାନ୍ତି । ଶାକ୍ତମାନେ କହନ୍ତି, "ଶକ୍ତିଜ୍ଞାନଂ ବିନା ଦେବି ମୁକ୍ତିର୍ହାସାୟ କଲ୍ପତେ ।" ଅର୍ଥାତ୍ ଶକ୍ତିଜ୍ଞାନ ବିନା ମୁକ୍ତିର ଆଶା ହାସ୍ୟଜନକ ଓ ବୃଥା । ବୈଷ୍ଣବମାନେ ଶାସ୍ତ୍ରପ୍ରମାଣ ଦ୍ୱାରା ଦେଖାନ୍ତି ଯେ, ବୈଷ୍ଣବ ହିଁ ଏକମାତ୍ର ମୁକ୍ତିର ଅଧିକାରୀ । ପୃଥିବୀର ନାନା ଦେଶ, ନାନା ସମ୍ପ୍ରଦାୟ ଆପଣା ଆପଣା ଧର୍ମ ଭାବରେ ବିଭୋର ରହିଛନ୍ତି । ଦୁଃଖର ବିଷୟ, ସେମାନେ ଶାକ୍ତ ଅବା ବୈଷ୍ଣବ ନ ହେଲେ ମୁକ୍ତିଲାଭ କରିପାରିବେ ନାହିଁ । × × × ବୈୟାକରଣିକଙ୍କ ଅର୍ଥାନୁସାରେ ଶାକ୍ତ ବା ବୈଷ୍ଣବ ଶକ୍ତି-ଉପାସକ ବା ବିଷ୍ଣୁ ଉପାସକ ହୋଇପାରନ୍ତି; କିନ୍ତୁ ପ୍ରକୃତ ମର୍ମ ତାହା ନୁହେଁ । ଏହା ଧର୍ମ ସାଧନ ପଥର ସ୍ତରବିଭାଗ ମାତ୍ର ।

ଜୀବ ଯେତେ ଦିନ ଯାଏ ମାୟାର ଅଧୀନ ଥାଏ, ବାସନା କାମନାର ଦାସ ହୋଇଥାଏ, ସେତେଦିନ ପର୍ଯ୍ୟନ୍ତ ସେ ବଦ୍ଧ । ସେହି ବଦ୍ଧ ଜୀବ ସାଧୁ ଓ ଶାସ୍ତ୍ର କୃପାରୁ ଉଦ୍‌ବୁଦ୍ଧ ହୋଇ ଯେତେବେଳେ ପ୍ରକୃତିର ବାହୁମୁକ୍ତ ହେବା ନିମିତ୍ତ ସାଧନ କରେ, ସେତେବେଳେ ସେ ଶାକ୍ତ । ପୁଣି ଯେତେ-ବେଳେ ଜୀବ ମାୟାମୁକ୍ତ ହୋଇ ଆତ୍ମାର ଅସମୋର୍ଦ୍ଧ୍ୱ ପ୍ରେମରସ ମାଧୁର୍ଯ୍ୟ ଆସ୍ୱାଦନ କରେ, ସେତେବେଳେ ସେ ବୈଷ୍ଣବ । ସାଧକ ଶକ୍ତି ବା ବିଷ୍ଣୁ ଯାହାର ଉପାସକ ହେଲେ ମଧ୍ୟ ସାଧନାର ସ୍ତର ଭେଦରେ ଶାକ୍ତ କିମ୍ବା ବୈଷ୍ଣବ ନାମରେ ଅଭିହିତ ହୁଅନ୍ତି ।

ଶିବ ଦାକ୍ଷାୟଣୀଙ୍କୁ ବିବାହ କରି ଯେତେବେଳେ ସଂସାର କରୁଥିଲେ, ସେତେବେଳେ ସେ ବଦ୍ଧଜୀବ ମାତ୍ର । ତତ୍ପରେ ଦକ୍ଷଯଜ୍ଞ ସମୟରେ ସତୀ ଶିବଙ୍କ ବାକ୍ୟ ଅଗ୍ରାହ୍ୟ କରି ଦକ୍ଷାଳୟକୁ ଯାଇ ସେଠାରେ ପ୍ରାଣତ୍ୟାଗ

କଲେ । ସେତେବେଳେ ଶିବ ବୁଝିଲେ ଯେ, ପ୍ରକୃତି ତ ତାଙ୍କର ବଶୀଭୂତ ନୁହନ୍ତି; କର୍ତ୍ତବ୍ୟ ଉପସ୍ଥିତ ହେଲେ ଯେ ସବୁ ବନ୍ଧନ ଛିନ୍ନ କରିପାରନ୍ତି । ସେତେବେଳେ ସେ ଶକ୍ତିକୁ ଚହ୍ନିପାରିଲେ । ଶକ୍ତିଜ୍ଞାନ ହେବାକ୍ଷଣି ଶିବ ମହାଯୋଗରେ ବସିଗଲେ ଓ ଶକ୍ତିଙ୍କର ଉପାସନା କରି ଶାକ୍ତ ହେଲେ । ଏଣେ ପୁଣି ଦାକ୍ଷାୟଣୀ ହିମାଳୟ ଗୃହରେ ଗୌରୀ ରୂପରେ ଜନ୍ମଗ୍ରହଣ କରି ଶିବଙ୍କୁ ପାଇବା ନିମିତ୍ତ ତାଙ୍କର ସେବା କରିବାକୁ ଲାଗିଲେ । ଶିବ ଏଥିରେ ଟିକିଏ ହେଲେ ଭ୍ରୂକ୍ଷେପ କଲେ ନାହିଁ । ଶିବଙ୍କ କଟାକ୍ଷରେ ମଦନ ଭସ୍ମୀଭୂତ ହୋଇଗଲା । ତତ୍ପରେ ଶିବ ଶକ୍ତିଙ୍କୁ ବଶୀଭୂତ କରି ବ୍ରହ୍ମରସାନନ୍ଦରେ ବୁଡ଼ିଗଲେ । ସେତେବେଳେ ସେ ବୈଷ୍ଣବ ହୋଇଗଲେ । ତେଣୁ ମହାଦେବ ପରମ ବୈଷ୍ଣବ ବୋଲି କୀର୍ତ୍ତିତ ।

ଶାକ୍ତ ମାୟାକୁ ବଶୀଭୂତ କରିବାକୁ ସାଧନା କରୁଛନ୍ତି; କିନ୍ତୁ ବୈଷ୍ଣବ ଶକ୍ତିକୁ ଜୟ କରିଛନ୍ତି । ଶାକ୍ତ ଯେତେବେଳେ ମାୟାକୁ ସାଧନାଦ୍ୱାରା ବଶୀଭୂତ କରନ୍ତି, ସେତେବେଳେ ସେ ବୈଷ୍ଣବ ପଦବାଚ୍ୟ ହୁଅନ୍ତି । ଏହି କାରଣରୁ ରାମପ୍ରସାଦ, ରାମକୃଷ୍ଣ ପ୍ରଭୃତି ଶକ୍ତିସାଧକ ହେଲେ ମଧ୍ୟ ପରମ ବୈଷ୍ଣବ । ପୁଣି ଯେଉଁସବୁ ବିଷ୍ଣୁ ଉପାସକ ବିଷୟ-ବିଷ-ବିଦଗ୍ଧ ଚିତ୍ତରେ ସଂସାର ପ୍ରଲୋଭନରେ ବୁଡ଼ି ମରୁଛନ୍ତି, ସେମାନେ ଶାକ୍ତାଧମ ।

ଯେ କୌଣସି ଦେବତାଙ୍କର ଉପାସକ ହେଲେ ମଧ୍ୟ ଏପରି କି ମୁସଲମାନ, ଖ୍ରୀଷ୍ଟିୟାନ ପ୍ରଭୃତିଙ୍କୁ ମଧ୍ୟ ଶାକ୍ତ ବା ବୈଷ୍ଣବ କୁହାଯାଇପାରେ । ଯେ କୌଣସି ସାଧକ ସାଧନାର ଉଚ୍ଚ ସ୍ତରରେ ଆରୋହଣ କରି ମାୟାର ବନ୍ଧନ ଛିନ୍ନ କଲା ପରେ ବ୍ରହ୍ମରସାନନ୍ଦରେ ବୁଡ଼ିଯାଇଛନ୍ତି, ମୁଁ ତାଙ୍କୁ ବୈଷ୍ଣବ ବୋଲି ଘୋଷଣା କରିବି । ପୁଣି କାମନା ବିଦଗ୍ଧ ଜୀବ କୌପୀନ-କନ୍ଥାଧାରୀ ହେଲେ ମଧ୍ୟ ତାଙ୍କୁ ବକଜୀବ ବା ଶାକ୍ତାଧମ ବୋଲି କହିବାକୁ ଟିକିଏ ହେଲେ କୁଣ୍ଠିତ ହେବି ନାହିଁ । ସୁତରାଂ ସମସ୍ତେ ଜାଣି ରଖନ୍ତୁ ଯେ ଶାକ୍ତ ନ ହେଲେ କେହି ବୈଷ୍ଣବ ହୋଇପାରିବେ ନାହିଁ ।

## ହରିହର ମୂର୍ତ୍ତି

ଏଠାରେ ହର ଶବ୍ଦ ଶ୍ମଶାନବାସୀ ଶିବ ଓ ହରି ଶବ୍ଦ ବୈକୁଣ୍ଠ-ବିହାରୀ ବିଷ୍ଣୁଙ୍କୁ ବୁଝିବାକୁ ହେବ । ହିନ୍ଦୁ ମାତ୍ରକେ ଅବଗତ ଅଛନ୍ତି ଯେ

ହରିହର ଅଭିନ୍ନ । ଯେଉଁ ମୂଢ଼ ଏ ଦୁହିଁଙ୍କର ଭେଦ କଳ୍ପନା କରେ, ସେ ନାରକୀ ।

'ଗଙ୍ଗାଦୁର୍ଗାହରିଶାନାଂ ଭେଦକୃନ୍ନ ରକୀ ତଥା' (ବୃହନ୍ଧର୍ମ ପୁରାଣ) । ସୁତରାଂ ସେମାନେ ଯେ ଏକ, ଏଥିରେ ସନ୍ଦେହ ନାହିଁ, କିନ୍ତୁ ବାହ୍ୟରେ ଆକାଶ ପାତାଳ ଭେଦ ଦୃଷ୍ଟ ହୁଏ । ହର ସର୍ବତ୍ୟାଗୀ, ଶ୍ମଶାନବାସୀ, ଖର୍ପର ମାତ୍ର ସମ୍ବଳ, ବିରୂପ ବେଶରେ ଭ୍ରମଣ କରନ୍ତି, ତେଣୁ ସେ ତ୍ୟାଗୀ-ବୈରାଗୀ-ସନ୍ନ୍ୟାସୀ । ମାତ୍ର ହରି ମଣିମୁକ୍ତାଖଚିତ ବୈକୁଣ୍ଠବିହାରୀ, ପାର୍ଶ୍ୱଦେଶରେ ଅନୁପମାସୁନ୍ଦରୀ, ତେଣୁ ହରି ଭୋଗୀ-ବିଳାସୀ ଗୃହବାସୀ । ସ୍ଥୂଳରେ ଉଭୟଙ୍କ ମଧ୍ୟରେ ବିଭିନ୍ନତା ଦୃଷ୍ଟ ହେଲେ ମଧ୍ୟ ମୂଳରେ କୌଣସି ପାର୍ଥକ୍ୟ ନାହିଁ । ଶିବ ସନ୍ନ୍ୟାସୀ ସତ୍ୟ, କିନ୍ତୁ ତାଙ୍କ କୋଳରେ ଜୀବ-ଜଗତ୍‌ରୂପା ବିଶ୍ୱରୂପିଣୀ ପ୍ରକୃତି । ଶିବ ସନ୍ନ୍ୟାସୀ ହୋଇ ମଧ୍ୟ ସଂସାରରେ ଲିପ୍ତ । ପୁଣି ଆମେ ହରିଙ୍କୁ ଗୋକୁଳ ବିହାରୀ ରୂପରେ ଦେଖିଅଛୁଁ ଯେ, ସେ ଗୋପୀମାନଙ୍କ ପ୍ରେମରେ ପାଗଳ, ରାଧା ପ୍ରେମରେ ବିହ୍ୱଳ । ସମସ୍ତେ ଜାଣନ୍ତି, ଶ୍ରୀକୃଷ୍ଣ ରାଧାଗତ ପ୍ରାଣ । ମାତ୍ର ଅକ୍ରୂର ଆସି ମଥୁରାର ସମ୍ବାଦ ଦେଲାକ୍ଷଣି ଶ୍ରୀକୃଷ୍ଣ ମଥୁରା ଗମନ କଲେ । ଗୋପୀମାନଙ୍କର ମର୍ମଭେଦୀ କାତର କ୍ରନ୍ଦନକୁ ଭ୍ରୂକ୍ଷେପ ସୁଦ୍ଧା କଲେ ନାହିଁ । ରାମ ଅବତାରରେ ଅକାତରରେ ପତିପ୍ରାଣା ଜାନକୀଙ୍କୁ ବିନା ଅପରାଧରେ କେବଳ ରାଜକର୍ତ୍ତବ୍ୟରେ ବନକୁ ପ୍ରେରଣ କଲେ । ତାହାହେଲେ ହରି ଆତ୍ମସୁଖରେ ଅନ୍ଧ ହୋଇ ଜୀବର ଦୁଃଖ ବିସ୍ମୃତ ହୋଇ ନାହାନ୍ତି । ତେଣୁ ହରି ଗୃହୀ ହୋଇ ମଧ୍ୟ ନିର୍ଲିପ୍ତ । ହର ସନ୍ନ୍ୟାସୀ ହୋଇ ଲିପ୍ତ । ଅଥଚ ଲିପ୍ତ ସନ୍ନ୍ୟାସୀ ଓ ନିର୍ଲିପ୍ତ ଗୃହୀ ଏକା କଥା । ସୁତରାଂ ହରିହର ଅଭେଦ ।

ଅତଏବ ଯେ ଆତ୍ମସ୍ୱରୂପରେ ଅବସ୍ଥାନ କରି ନିର୍ଲିପ୍ତ ଭାବରେ କର୍ମାନୁଷ୍ଠାନ କରନ୍ତି ଏବଂ ଅନାସକ୍ତଭାବରେ ବିଷୟ ଭୋଗ କରି ଜଗତର ହିତ ଅନୁଷ୍ଠାନରେ ଜୀବନ ଉତ୍ସର୍ଗ କରିଛନ୍ତି, ସେହି କେବଳ ଶ୍ରେଷ୍ଠ । ଏପରି ଗୃହସ୍ଥ ଓ ସନ୍ନ୍ୟାସୀଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ତେଣୁ ଗୃହୀ ବ୍ୟାସଦେବ ଓ ସନ୍ନ୍ୟାସୀ ଶଙ୍କରାଚାର୍ଯ୍ୟ ଏକ ଆସନ ପ୍ରାପ୍ତ ହୋଇଛନ୍ତି ।

# ଏକବିଂଶ ପରିଚ୍ଛେଦ

## ଆଶ୍ଚର୍ଯ୍ୟ ସଙ୍କେତ

ଅନଭ୍ୟସ୍ତ କ୍ରିୟା ଦ୍ୱାରା ଯେପରି ରୋଗର ଉତ୍ପତ୍ତି ହୁଏ, ସେହିପରି ଔଷଧ ବ୍ୟବହାର ନ କରି ମଧ୍ୟ ଆଭ୍ୟନ୍ତରିକ କ୍ରିୟା ଦ୍ୱାରା ରୋଗ ନିରାମୟର ଉପାୟ ନିର୍ଦ୍ଧାରିତ ଅଛି । ଶ୍ରୀ ଶ୍ରୀ ଠାକୁର ଦେଶ ପର୍ଯ୍ୟଟନ ସମୟରେ ସିଦ୍ଧ ଯୋଗୀମାନଙ୍କଠାରୁ ବିନା ଔଷଧରେ ରୋଗଶାନ୍ତିର କୌଶଳ ଶିକ୍ଷା କରିଥିଲେ । ତନ୍ମଧ୍ୟରୁ ବହୁ ପରୀକ୍ଷିତ କତିପୟ ସଙ୍କେତ ଶ୍ରୀ ଶ୍ରୀ ଠାକୁରଙ୍କ ଗ୍ରନ୍ଥାବଳୀରୁ ଉଦ୍ଧାର କରାଗଲା ।

## ଚିକିତ୍ସା ସଙ୍କେତ

### ପାଳିଜ୍ୱର

ଶ୍ୱେତ ଅପରାଜିତାର କେତେଗୁଡ଼ିଏ ପତ୍ର ଏକତ୍ର କରି ରଗଡ଼ି ସଫା କନାରେ ପୋଟଳା ବାନ୍ଧି ଜ୍ୱର ପାଳି ଦିନ ପ୍ରାତଃକାଳରୁ ଘ୍ରାଣ କଲେ ପାଳିଜ୍ୱର ବନ୍ଦ ହେବ । (ପ୍ରତ୍ୟେକ ନିଃଶ୍ୱାସରେ ଘ୍ରାଣ ନେବାକୁ ହେବ)

### ମୁଣ୍ଡବ୍ୟଥା

ମୁଣ୍ଡ ବିନ୍ଧିଲେ ଦୁଇହାତର କହୁଣୀ ଉପରେ କନାଧଡ଼ି ବା କନାର ଦଉଡ଼ିଦ୍ୱାରା କଷିକରି ବାନ୍ଧି ଦେଲେ ଚାରି ପାଞ୍ଚ ମିନିଟ ମଧ୍ୟରେ ମୁଣ୍ଡବିନ୍ଧା ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ । ଏପରି କଷିକରି ବାନ୍ଧି ଦେବ ଯେ, ରୋଗୀ ଯେପରି ହାତରେ ଅତିଶୟ ବେଦନା ଅନୁଭବ କରିବ । ଯନ୍ତ୍ରଣା କମିବା ମାତ୍ରେ ବନ୍ଧନ ଖୋଲିଦେବ । ଅଧକପାଳି ମୁଣ୍ଡବ୍ୟଥା ହେଲେ ଓ ସେ ବିନ୍ଧା ସୂର୍ଯ୍ୟୋଦୟ ସଙ୍ଗେ ସଙ୍ଗେ ବୃଦ୍ଧି ପାଉଥିବାର ଦେଖିଲେ ଯେଉଁ ପାର୍ଶ୍ୱରେ ବେଦନା ହେଉଥିବ ସେହି ପାର୍ଶ୍ୱର କହୁଣୀରେ ବନ୍ଧନ କରିଦେବ । ପରଦିନ

ଯଦି ପୁନରାୟ ବନ୍ଧା ଆରମ୍ଭ ହୁଏ କିମ୍ବା ପ୍ରତ୍ୟହ ଗୋଟିଏ ନାସିକାରେ ଶ୍ୱାସ ବହିବା ସମୟରେ ମୁଣ୍ଡବ୍ୟଥା ହୁଏ, ତେବେ ବ୍ୟଥା ଆରମ୍ଭ ହେବା ସଙ୍ଗେ ସଙ୍ଗେ ସେହି ନାସିକାର ଶ୍ୱାସ ବନ୍ଦ କରିଦେଇ ପୂର୍ବପରି କହୁଣୀରେ ଦଉଡ଼ି ବାନ୍ଧିଦେବା ମାତ୍ରେ ବେଦନା କମିଯିବ ।

## ଦନ୍ତରୋଗ

ପ୍ରତ୍ୟହ ଯେତେଥର ମଳମୂତ୍ର ତ୍ୟାଗ କରିବ, ସେତେଥର ଦୁଇ ପାଟିର ଦାନ୍ତ ଏକତ୍ର କରି ଟିକିଏ ଜୋରରେ ଚପି ରଖିବ । ଯେତେବେଳେ ପର୍ଯ୍ୟନ୍ତ ମଳମୂତ୍ର ନିଃସରଣ ହେଉଥିବ, ସେତେବେଳଯାଏ ଚାପି ଧରିଥିବ । ବହୁଦିନ ଏହି ଅଭ୍ୟାସ କଲେ ଶିଥିଳ ଦନ୍ତମୂଳ ଦୃଢ଼ ହେବ, ଦନ୍ତ ଦୀର୍ଘକାଳ କାର୍ଯ୍ୟକ୍ଷମ ରହିବ ଏବଂ ଦାନ୍ତମାଢ଼ିର କୌଣସି ପୀଡ଼ା ହେବ ନାହିଁ ।

ଏହା ସହିତ ନିମ୍ନଲିଖିତ ଦନ୍ତମଞ୍ଜନ ଦ୍ୱାରା ପ୍ରତ୍ୟହ ଦନ୍ତ ପରିଷ୍କାର କରିବ । ଦନ୍ତମଞ୍ଜନର ଭାଗ ଗୁଆ ଏକ ଛଟାଙ୍କି, ସୈନ୍ଧବଲୁଣ ଛଟାଙ୍କିଏ, ଫୁଲଖଡ଼ି ଛଟାଙ୍କିଏ, ଫିଟିକିରି ଅଧଛଟାଙ୍କି ଏବଂ ଶୁଣ୍ଠି ଓ ଗୋଲମରିଚ ସମାନ ଭାଗରେ ଏକତ୍ର ଅଧଛଟାଙ୍କିଏ ଓ କର୍ପୁର ପାଞ୍ଚରତି । ଏସବୁକୁ ଚୂର୍ଣ୍ଣକରି ଏକତ୍ର ମିଶାଇ ଦନ୍ତମଞ୍ଜନ ପ୍ରସ୍ତୁତ କରିବ । (ଗୁଆ କାଟି ନିଆଁରେ ଅଳ୍ପ ଭାଜି ଚୂନା କରିବାକୁ ହେବ । ଭାଜିବାବେଳେ ଯେପରି ପୋଡ଼ି ନ ଯାଏ ।)

## ବାତ

ପ୍ରତ୍ୟହ ଆହାର ପରେ ପାନିଆ ( କାଠ ବା ଶିଙ୍ଗ ) ଦ୍ୱାରା ମୁଣ୍ଡ କୁଣ୍ଡାଇବ । ଏପରି ଭାବରେ ପାନିଆ ଚଳାଇବ, ଯେପରି ପାନିଆର କଣ୍ଟା ମସ୍ତକ ସ୍ପର୍ଶ କରିବ । ଏହି ସମୟରେ ଦୁଇପାଦ ପଛକୁ ରଖି (ବୀରାସନ) ଆଣ୍ଠୁମାଡ଼ି ପନ୍ଦର ମିନଟ୍ ବସି ରହିବ । ପ୍ରତ୍ୟେକ ଦୁଇବେଳା ଆହାର ପରେ ଏହିପରି ବସି ମୁଣ୍ଡ କୁଣ୍ଡାଇଲେ ଯେତେଦିନର ବାତବ୍ୟାଧି ହୋଇଥିଲେ ସୁଦ୍ଧା ନିଶ୍ଚୟ ଆରୋଗ୍ୟ ହେବ । ସୁସ୍ଥ ବ୍ୟକ୍ତିଙ୍କର ବାତରୋଗ ହେବାର ସମ୍ଭାବନା ରହିବ ନାହିଁ ।

## ଚକ୍ଷୁରୋଗ

ପ୍ରତ୍ୟହ ପ୍ରଭାତରୁ ଶଯ୍ୟାତ୍ୟାଗ କରି ପ୍ରଥମେ ମୁହଁ ଭିତରେ ଯେତେ ଜଳ ଧରିବ, ସେତେ ଜଳ ରଖି ଅନ୍ୟ ଜଳଦ୍ୱାରା ଚକ୍ଷୁକୁ କୋଡ଼ିଏ ପଚିଶ ଥର ଛିଟିକା ମାରି ଧୋଇପକାଇବ ଏବଂ ପ୍ରତ୍ୟହ ଦୁଇବେଳା ଆହାର ପରେ ଆଚମନ ସମୟରେ ଅନ୍ତତଃ ସାତ ଥର ଜଳର ଛିଟିକା ଦେବାକୁ ଭୁଲିବ ନାହିଁ । ଯେତେଥର ମୁଖ ଧୋଇବ, ସେତେଥର ଚକ୍ଷୁ ଓ କପାଳ ଧୋଇବାକୁ ଭୁଲିଯିବ ନାହିଁ । ଆହୁରି ମଧ୍ୟ ପ୍ରତ୍ୟହ ସ୍ନାନକାଳୀନ ତୈଳମର୍ଦ୍ଦନ ସମୟରେ ସର୍ବପ୍ରଥମେ ପାଦର ବୃଦ୍ଧାଙ୍ଗୁଷ୍ଠର ନଖ ତୈଳ ଦ୍ୱାରା ପୂର୍ଣ୍ଣ କରି ପରେ ତୈଳ ଲଗାଇବ । ଏଥିରେ ଚକ୍ଷୁରୋଗ ଉପଶମ ହେବ, ଏବଂ ଦୃଷ୍ଟିଶକ୍ତି ସତେଜ ଓ ସ୍ନିଗ୍ଧ ହେବ ।

## ଉଦରାମୟ

ଦକ୍ଷିଣ ନାସିକାରୁ ଶ୍ୱାସ ବହନ ସମୟରେ ଅନ୍ନ, ଜଳଖିଆ ପ୍ରଭୃତି ଆହାର କରିବା କର୍ତ୍ତବ୍ୟ । ବାମ ନାସିକାରୁ ଶ୍ୱାସ ବହନ ସମୟରେ ଜଳ ପାନ କରିବ । ଏଥିରେ ଉଦରାମୟ ଓ ଅଜୀର୍ଣ୍ଣ ରୋଗ ହେବ ନାହିଁ । ଆହାର ପରେ କିଛିକ୍ଷଣ ବାମକଡ଼ ମାଡ଼ି ଶୟନ କରିବ ।

## ରୌଦ୍ରତାପ

ପ୍ରଖର ରୌଦ୍ର ସମୟରେ କେଉଁଆଡ଼କୁ ଯିବାକୁ ହେଲେ ରୁମାଲ ବା ଚଦର ଦ୍ୱାରା ଦୁଇକର୍ଣ୍ଣ ଆଚ୍ଛାଦନ କରି ଖରାରେ ବୁଲିଲେ ରୌଦ୍ରତାପଜନିତ କୌଣସି ଦୋଷ ସ୍ପର୍ଶ କରିପାରିବ ନାହିଁ । କର୍ଣ୍ଣ ଦୁଇଟି ଏପରି ଘୋଡ଼ାଇ ରଖିବ ଯେ, ଯେପରି ବାୟୁ ଲାଗିବ ନାହିଁ ।

## ସୁଖପ୍ରସବ

ଖୁବ୍ ଶ୍ରେଷ୍ଠ ଗୁରୁ ହେନ୍ଦୁଳିଗଛ ଉପାଡ଼ି ତାହାର ମୂଳ ଗର୍ଭିଣୀର ସମ୍ମୁଖସ୍ଥ ବାଳରେ ବାନ୍ଧିଦେବ । ଏପରି ଭାବରେ ବାନ୍ଧିବ ଯେ, ଯେପରି ଉକ୍ତ ହେନ୍ଦୁଳି ମୂଳର ଗନ୍ଧ ନାସାରନ୍ଧ୍ରରେ ପହଞ୍ଚିପାରିବ । ତାହାହେଲେ ଗର୍ଭିଣୀ ତତ୍‌କ୍ଷଣାତ୍ ସୁଖରେ ପ୍ରସବ କରିବ । ପ୍ରସବ ପରେ ବାଳ ସହିତ

ଏହି ତେନ୍ତୁଳି ମୂଳ କଉଡ଼ି ଦ୍ୱାରା କାଟି ପକାଇବ । ନଚେତ୍ ପ୍ରସୂତିର ନାଡ଼ି ପର୍ଯ୍ୟନ୍ତ ବାହାରି ପଡ଼ିବାର ସମ୍ଭାବନା ।

## ସର୍ବରୋଗ ଆରୋଗ୍ୟ

ପ୍ରତ୍ୟହ ଏକାଗ୍ର ଚିତ୍ତରେ ଶ୍ୱେତ, କୃଷ୍ଣ, ଲୋହିତ ବର୍ଣ୍ଣର ଧ୍ୟାନ କଲେ ଦେହର ସମସ୍ତ ବିକାର ନଷ୍ଟ ହୁଏ । ଏଣୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ହିନ୍ଦୁମାନଙ୍କର ନିତ୍ୟ ଧ୍ୟେୟ । ପ୍ରାତଃକାଳରେ ନିଦ୍ରା ଭଙ୍ଗ ହେବା ସମୟରେ ଶିରସ୍ଥିତ ସହସ୍ର ଦଳ କମଳରେ ଶ୍ୱେତବର୍ଣ୍ଣ ଗୁରୁଦେବ ଓ ରକ୍ତବର୍ଣ୍ଣ ତତ୍ ଶକ୍ତିଙ୍କର ଧ୍ୟାନ କରିବାକୁ ହୁଏ । ଏଥିରେ ଶରୀର ଯେ କେତେ ସୁସ୍ଥ ରହେ, ତାହା ଆଧୁନିକ ଶିକ୍ଷିତ ବାବୁମାନେ ବୁଝିବେ କି ? ଯାହାହେଉ ମୁଁ ଏ ବିଷୟ ସମସ୍ତଙ୍କୁ ପରୀକ୍ଷା କରିବାକୁ ଅନୁରୋଧ କରୁଛି ।

## ରକ୍ତ ପରିଷ୍କାର

ପ୍ରତ୍ୟହ ତୋଳାଏ ଘିଅରେ ଆଠ ଦଶଟି ଗୋଲମରିଚ ଭାଜି ଏହା ପାନ କଲେ ରକ୍ତ ପରିଷ୍କାର ଓ ଦେହର ପୁଷ୍ଟି ହୋଇଥାଏ ।

## ଶିରପୀଡ଼ା

ପ୍ରତ୍ୟହ ପ୍ରାତଃକାଳରେ ଶଯ୍ୟାରୁ ଉଠିଲାମାତ୍ରେ ନାସାଦ୍ୱାରା ଶୀତଳଜଳ ପାନ କରିବ । ଏଥିରେ ମୁଣ୍ଡବ୍ୟଥା, ସର୍ଦ୍ଦି, ଶ୍ୱାସ, କାଶ, ଅଜୀର୍ଣ୍ଣ ପ୍ରଭୃତି ବିବିଧ ରୋଗ ଉପଶମ ହେବ । ଏହି କ୍ରିୟା ଅତ୍ୟନ୍ତ କଠିନ ମଧ୍ୟ ନୁହେଁ । ଗୋଟିଏ ପାତ୍ରରେ ଶୀତଳ ଜଳ ରଖି ତାହା ଭିତରେ ନାସିକା ବୁଡ଼ାଇ ଧୀରେ ଧୀରେ ଗଳା ଭିତରକୁ ଜଳ ଟାଣିବାକୁ ହୁଏ । ଅଭ୍ୟାସ କଲେ ଏହା ସହଜରେ ହୋଇଯାଏ । ଶିରପୀଡ଼ାଗ୍ରସ୍ତ ରୋଗୀ ଏହି ପ୍ରଣାଳୀ ଅବଲମ୍ବନ କଲେ, ନିଶ୍ଚୟ ଆଶାତୀତ ଫଳ ପାଇବେ ।

## ସାଧନ ସଙ୍କେତ

ସାଧାରଣ ଲୋକଙ୍କୁ ନାନା ଭାବରେ ଉପଦେଶ ଦେଲେ ମଧ୍ୟ ଶ୍ରୀ ଶ୍ରୀ ଠାକୁର ସାଧକମାନଙ୍କ ଉପକାର ନିମିତ୍ତ ବିଭିନ୍ନ ସାଧନାର ସଙ୍କେତ ଦେଖାଇ ଯାଇଛନ୍ତି । ସେଥିମଧ୍ୟରୁ ସାଧକମାନଙ୍କର ନିତାନ୍ତ ପ୍ରୟୋଜନୀୟ କେତେଗୁଡ଼ିଏ

ସଙ୍କେତ ନିମ୍ନରେ ଦିଆଗଲା । ସାଧକମାନେ ପରୀକ୍ଷା କଲେ ଏଦ୍ୱାର ଆଶ୍ଚର୍ଯ୍ୟ ଫଳ ପାଇପାରିବେ ।

## ବୀଜମନ୍ତ୍ର

ମନ୍ତ୍ର ତ ଶବ୍ଦ ମାତ୍ର । ପୁଣି ଶବ୍ଦ ମଧ୍ୟ ଜଡ଼ । ଦେବତାଙ୍କ ସହିତ ଶବ୍ଦର ସମ୍ବନ୍ଧ କ'ଣ ? ଶବ୍ଦ ଭାବର ପ୍ରତୀକ ମାତ୍ର । ଦେବତା ଘନୀଭୂତ ଭାବର ପ୍ରକାଶ । ଶବ୍ଦ ଓ ଭାବର ଭେଦ ଅଚିନ୍ତ୍ୟନୀୟ । ଏହି ଭାବ ଜଗତର ଯାବତୀୟ ଜୀବ ମଧ୍ୟରେ ବିଦ୍ୟମାନ । ଗାଈ ହମ୍ବାରବ କଲେ ବତ୍ସ ତାହାର ସମୀପ-ବର୍ତ୍ତୀ ହୁଏ । ଶବ୍ଦ ହିଁ ଭାବର ପ୍ରତୀକ ବୋଲି ବାରମ୍ବାର ବ୍ରହ୍ମର୍ଷି ବାଘୁଣୀ ସହିତ ଭାବ ବିନିମୟ କରି ତାହା ସହିତ ସଖ୍ୟ ସ୍ଥାପନ କରିଥିଲେ ଏବଂ ବାଘୁଣୀର ଶାବକଗୁଡ଼ିକୁ ସେ ବହୁଦିନ ପର୍ଯ୍ୟନ୍ତ ରକ୍ଷା କରିପାରିଥିଲେ । ଭାବ ବାହାରେ ଶବ୍ଦ ରୂପରେ ପ୍ରକାଶ ପାଏ ।

ମନ୍ତ୍ର ଭାବସଂହିତ ହେଲେ ମଧ୍ୟ ତତ୍ତ୍ୱଦର୍ଶୀ ମହାପୁରୁଷଙ୍କ ମୁଖରୁ ନିଃସୃତ ନ ହେଲେ, ତାହା ସାଧକଙ୍କ ନିକଟରେ ସମ୍ପୂର୍ଣ୍ଣ ନିର୍ଜୀବ । ଏହି ନିର୍ଜୀବ ମନ୍ତ୍ର କେବେହେଲେ ସଜୀବତା ପ୍ରାପ୍ତ ହେବ ନାହିଁ । ଦେବତାମାନେ ଭାବର ପ୍ରତୀକ । ତେଣୁ ପ୍ରତ୍ୟେକ ଦେବତାଙ୍କର ବୀଜ ପୃଥକ୍ । ବୀଜମନ୍ତ୍ର ଅନାଦି ଏବଂ ଭାବ ଭେଦରେ ବୀଜ ଅନନ୍ତ । କିନ୍ତୁ ଯେ କୌଣସି ବୀଜମନ୍ତ୍ର ତୁମେ ଜପ କଲେ ସୁଦ୍ଧା ଦୃଢ଼ତା ନମିଳି ପୁନରାୟ କହିବାକୁ ପଡ଼ୁଛି ଯେ, ତାହା ଗୁରୁ-ଦେବଙ୍କଠାରୁ ପ୍ରାପ୍ତ ହେବା ଆବଶ୍ୟକ ।

ସଦ୍‌ଗୁରୁ ଶିଷ୍ୟଙ୍କୁ ବୀଜମନ୍ତ୍ର ପ୍ରଦାନ କଲା ମାତ୍ରେ ବୁଝିବାକୁ ହେବ ଯେ ଜଡ଼ ବୀଜ ଶିଷ୍ୟ ପକ୍ଷରେ ସଜୀବତା ପ୍ରାପ୍ତ ହୋଇଅଛି । ଗୁରୁଦେବ ମନ୍ତ୍ରଦାନ କରି କପରି ଭାବରେ ସେହି ସଜୀବ ବୀଜ ଶୀଘ୍ର ଅଙ୍କୁରିତ ହେବ, ତାହାର କୌଶଳ ପ୍ରଦର୍ଶନ କରନ୍ତି ଓ ଶକ୍ତି ସଞ୍ଚାର ମଧ୍ୟ କରିଦିଅନ୍ତି ।

ମନ୍ତ୍ର ଜପ ସମୟରେ ମନ, ପରମ ଶିବ, ଶକ୍ତି ଏବଂ ବାୟୁ ପୃଥକ୍ ପୃଥକ୍ ସ୍ଥାନରେ ଥିଲେ ଅର୍ଥାତ୍ ଏମାନଙ୍କର ଏକତ୍ର ସଂଯୋଗ ନ ହେଲେ ଶତକଳ୍ପରେ ମଧ୍ୟ 'ମନ୍ତ୍ରସିଦ୍ଧି' ହେବ ନାହିଁ ।

ଶିବ କହିଲେ ସାମ୍ପ୍ରଦାୟିକତା ଆସେ; କିନ୍ତୁ ପରମ ଶିବଙ୍କୁ ତୁମେ ହରି, ରାମ କହିଲେ କିଛି କ୍ଷତି ନାହିଁ । ଗୁରୁ ଉପଦିଷ୍ଟ କୌଣସି ମୁଦ୍ରା ସାହାଯ୍ୟରେ ଶ୍ୱାସର ତାଳେ ତାଳେ ଅର୍ଥାତ୍ ପ୍ରତି ନିଃଶ୍ୱାସ ସଙ୍ଗରେ ଜପି କରିବାକୁ ହେବ । ପ୍ରଶ୍ୱାସ ସଙ୍ଗେ ଜପ କଲେ କୌଣସି ଫଳ ହୁଏ ନାହିଁ । କାରଣ ବାୟୁ ବାହାରକୁ ଚାଲିଯାଏ । ବାୟୁ ସହିତ ମନର ଘନିଷ୍ଠ ସମ୍ବନ୍ଧ । ସୁତରାଂ ମନ ସେତେବେଳେ ବହିର୍ମୁଖୀ ହୁଏ । କିନ୍ତୁ ଶକ୍ତିକୁ ଅର୍ଥାତ୍ କୁଣ୍ଡଳିନୀକୁ ମୂଳାଧାରରେ ରଖି ବାୟୁ ପରମ ଶିବଙ୍କ ଏକତ୍ର କରି ଜପ କଲେ ସେ ଜପ ନିଷ୍ଫଳ । ଶ୍ୱାସର ତାଳେ ତାଳେ ଏବଂ ଗୁରୁ ଉପଦିଷ୍ଟ ମୁଦ୍ରାବିଶେଷ ସାହାଯ୍ୟରେ କୁଣ୍ଡଳିନୀକୁ ଶିବ ସମନ୍ୱିତ କରି ଜପ କରିବାକୁ ହେବ । ପୁଣି ଯଦି ମନ ଅନ୍ୟତ୍ର ବିଗ୍ରଜିତ ଥାଏ, ତେବେ ପରମ ଶିବ; ଶକ୍ତି ଓ ବାୟୁକୁ ଏକତ୍ର କରି ଜପ କଲେ ମଧ୍ୟ କିଛି ଫଳ ହେବ ନାହିଁ । ତେଣୁ ମନ, ଶିବ, ଶକ୍ତି ଓ ବାୟୁକୁ ଏକତ୍ର କରି ଭକ୍ତିଯୋଗରେ ମନ୍ତ୍ର ଜପ କର ।

ଉଚ୍ଚତମ ଅଧିକାରୀଙ୍କର ମନ୍ତ୍ରର ପ୍ରୟୋଜନ ନାହିଁ । ବୁଦ୍ଧ, ମହମ୍ମଦ ଏମାନେ କଅଣ କୌଣସି ମନ୍ତ୍ରର ଉପାସକ ଥିଲେ ? ଉଚ୍ଚତମ ଅଧିକାରୀ ଧ୍ୟାନସ୍ଥ ହୋଇ ମନକୁ ଶୂନ୍ୟଗତ କଲେ, ଯେତେବେଳେ ମନ ନିସ୍ତରଙ୍ଗ ହେବ ସେତେବେଳେ ସତ୍ୟ ପ୍ରତିଫଳିତ ହୋଇଉଠିବ ।

## ପ୍ରାଣାୟାମ ସଙ୍କେତ

ପ୍ରାଣାୟାମ କରିବାକୁ ହେଲେ ସଂଖ୍ୟା, ମାତ୍ରା, ଟାଣ ଏହି ତିନି ଆଡ଼କୁ ଲକ୍ଷ୍ୟ ରଖିବ । ସଂଖ୍ୟାର କଥା ସମସ୍ତେ ଜାଣନ୍ତି । ଯଥା—୪।୧୬।୮ ଏବଂ ୮।୩୨।୧୬ ଇତ୍ୟାଦି ମାତ୍ରାରେ ଆମେ ପ୍ରାଣାୟାମ କରିପାରୁ । ତା' ପରେ 'ଟାଣ' । ନିଶ୍ୱାସ ଟାଣୁଥିବାବେଳେ ସାଧାରଣତଃ ଆମ ନାଭିରେ ଟାଣ ପଡ଼େ । କିନ୍ତୁ ବାସ୍ତବିକ ନିଃଶ୍ୱାସଟା ଗ୍ରୀବା ପର୍ଯ୍ୟନ୍ତ ଯାଏ, ତାହାଠାରୁ ବେଶୀ ଦୂର ଯାଏ ନାହିଁ । ପ୍ରାଣାୟାମକାରୀ ଯୋଗୀ ଲକ୍ଷ୍ୟ ରଖିଥିବେ ଯେ, ସେମାନେ ଯେପରି ଏହି ନିଶ୍ୱାସକୁ ଗ୍ରୀବା ନ ଦିଅନ୍ତି, ତେଣୁ ନିଃଶ୍ୱାସ ଟାଣିବାବେଳେ ପେଟ ଖାଲି କରି ଯେପରି ନିଃଶ୍ୱାସ ଟଣା ନ ଯାଏ, ସେଥିପ୍ରତି ଲକ୍ଷ୍ୟ ରଖିବେ । ତାହାହେଲେ ଗ୍ରୀବା ଉପରେ ଟିକିଏ ଚାପ ପଡ଼ିବ । କ୍ରମେ

ନିଶ୍ୱାସକୁ ଆହୁରି ଉପର ଆଡ଼କୁ ନେବାକୁ ହେବ । ତା' ପରେ ଧିରେ ଏପରି ହେବ ଯେ ନିଃଶ୍ୱାସ ଆଉ କଣ୍ଠ ତଳକୁ ଓଲ୍ହିବ ନାହିଁ । ଏହା ହିଁ 'ଟାଣ'ର ବିଶେଷତ୍ୱ ।

ପ୍ରାଣାୟାମ କରିବା ସମୟରେ କୌଣସି କଠୋର ପରିଶ୍ରମ କରିବ ନାହିଁ, କିନ୍ତୁ କୌଶଳକ୍ରମେ ସାମାନ୍ୟ ପରିଶ୍ରମ କରିପାର । ପ୍ରାଣାୟାମ ଦୁଇ ପ୍ରକାର—ଅନ୍ତର୍ପ୍ରାଣାୟମ ଓ ବହିର୍ପ୍ରାଣାୟାମ । ବାୟୁକୁ ଭିତରକୁ ଟାଣି-ନେଇ ବାହାର ନ କରିବା ଯେପରି କୁମ୍ଭକ, ବାୟୁ ତ୍ୟାଗ କରି ଭିତରକୁ ନ ନେବା ମଧ୍ୟ ସେହିପରି କୁମ୍ଭକ । ସାଧାରଣ ପରିଶ୍ରମ କରିବା ସମୟରେ ଅର୍ଥାତ୍ ଆମେ ମାଟି ହାଣିବାକୁ କାଙ୍କ ଉଞ୍ଚାଇବାବେଳେ ନିଃଶ୍ୱାସ ଟାଣି ନେଇଥାଉ ଏବଂ ପାହାର ପକାଇଲାବେଳେ ଛାଡ଼ିଦେଉ । କିନ୍ତୁ ଯଦି ତାହା ନ କରି ପବନ ଛାଡ଼ିଦେଇ କାଙ୍କର ପାହାର ପକାଉ, ତାହାହେଲେ ପ୍ରାଣା-ୟାମକାରୀ ଯୋଗୀଙ୍କର ପରିଶ୍ରମଜନିତ କ୍ଷତି ହେବ ନାହିଁ ।

ସ୍ୱଭାବତଃ ଯେଉଁମାନଙ୍କର ନିଃଶ୍ୱାସ ଦୀର୍ଘ, ସେମାନଙ୍କୁ ପ୍ରାଣାୟାମ ନ କରି ନିଶ୍ୱାସର ତାଳେ ତାଳେ ଗତି ଅଭ୍ୟାସ କରିବାକୁ ପଡ଼ିବ । ନିଃଶ୍ୱାସକୁ ସର୍ବଦା ସାଧାରଣ ଭାବରେ ନ ଛାଡ଼ି ଆସ୍ତେ ଆସ୍ତେ ଛାଡ଼ିବାକୁ ହେବ । ଏହା ପ୍ରାଣାୟାମ ସାଧନାରେ ଖୁବ୍ ସାହାଯ୍ୟ କରିବ ।

## ଖେଚରୀ ମୁଦ୍ରା

ଜିହ୍ୱାକୁ କ୍ରମେ କ୍ରମେ ତାଳୁ ଭିତରେ ପ୍ରବେଶ କରାଇବ । ପରେ ଜିହ୍ୱାକୁ ଊର୍ଦ୍ଧ୍ୱ ଦିଗକୁ ଓଲଟାଇ କପାଳକୁହରରେ ପ୍ରବିଷ୍ଟ କରାଇ ଭ୍ରୂଦ୍ୱୟର ମଧ୍ୟ-ସ୍ଥଳରେ ଦୃଷ୍ଟି ସ୍ଥିର ରଖିଲେ 'ଖେଚରୀ ମୁଦ୍ରା' ହେବ ।

କେହି କେହି ତାଳୁମୂଳରେ ରସନାଗ୍ର ସ୍ପର୍ଶ କରାଇ ବାହାଦୁରୀ ଦେଖାନ୍ତି; କିନ୍ତୁ ଏପର୍ଯ୍ୟନ୍ତ ଆସିଲେ କିଛି ହେବ ନାହିଁ । ଏପରି ଜିହ୍ୱା ରଖି କ'ଣ କରିବାକୁ ହୁଏ, ତାହା କେହି ଜାଣନ୍ତି ନାହିଁ । ଖେଚରୀ ମୁଦ୍ରା ଦ୍ୱାରା ବ୍ରହ୍ମରନ୍ଧ୍ରରୁ ଗଳିତ ସୋମରସ ପାନ କଲେ ଅଭୂତପୂର୍ବ ନିଶା ହୁଏ । ସେଥିରେ ସାଧକ ଦୃଢ଼କାୟ, ଜରାରହିତ, ପରାକ୍ରମଶାଳୀ ହୋଇଥାନ୍ତି । ପ୍ରକୃତ ଖେଚରୀ ମୁଦ୍ରା ସାଧନ କରିପାରିଲେ ସାଧକ ଛଅ ମାସ ମଧ୍ୟରେ ସର୍ବବ୍ୟାଧି ମୁକ୍ତ ହେବେ ।

## ତ୍ରାଟକ

ଭ୍ରୂଦ୍ୱୟର ମଧ୍ୟସ୍ଥ ବିନ୍ଦୁ-କେନ୍ଦ୍ରକୁ ଦୃଷ୍ଟି ନିକ୍ଷେପପୂର୍ବକ ଏକାଗ୍ର ହୋଇ ଯେ ପର୍ଯ୍ୟନ୍ତ ଚକ୍ଷୁରେ ଜଳ ନ ଆସିବ, ସେତେବେଳଯାଏ ଚାହିଁ ରହିବାକୁ ହେବ । ଏହି ସ୍ଥାନରେ ଦୃଷ୍ଟି ଆବଦ୍ଧ ହେଲେ ତ୍ରାଟକ ସିଦ୍ଧ ହେବ ।

ତ୍ରାଟକ ସିଦ୍ଧ ହେଲେ ଚକ୍ଷୁର ଦୋଷ ନଷ୍ଟ ହୁଏ, ନିଦ୍ରାତନ୍ଦ୍ରାଦି ଆୟତ୍ତ ହୁଏ ଏବଂ ଚକ୍ଷୁର ରଶ୍ମି ନିର୍ଗମନ ପ୍ରଣାଳୀ ବିଶୁଦ୍ଧ ହୋଇଆସେ । ତ୍ରାଟକ ଯୋଗରେ ସିଦ୍ଧିଲାଭ କଲେ ମେସ୍‌ମେରିଜମ ଅତି ସହଜରେ କରାଯାଇ ପାରେ । ତ୍ରାଟକ ସିଦ୍ଧ ହେଲେ ହିଂସ୍ରଜନ୍ତୁ ପର୍ଯ୍ୟନ୍ତ ବଶୀଭୂତ ହୋଇଥାନ୍ତି ।

## ନେତ୍ରରଶ୍ମି ସଂଯତ

ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀମୁଖ ବାଣୀ, "ଦେଖ, ଆମମାନଙ୍କର ନେତ୍ରରଶ୍ମି ବିକ୍ଷିପ୍ତ ଭାବରେ ବାହାରୁଛି । ଯଦି ଏହି ବିକ୍ଷିପ୍ତ ରଶ୍ମିକୁ ସଂଯତ କରି ଗୋଟିଏ ପଦାର୍ଥ ଉପରେ ନିବଦ୍ଧ କରାଯାଏ, ତେବେ ଏହାକୁ ତ୍ରାଟକ କହନ୍ତି । ଦୃଷ୍ଟି ଯେତେବେଳେ ଲକ୍ଷ୍ୟ ବସ୍ତୁ ବ୍ୟତୀତ ଅନ୍ୟ କିଛି ଦେଖିପାରିବ ନାହିଁ, ସେତେବେଳେ ମନ ସ୍ଥିର ହୋଇଛି ବୋଲି ଜାଣିବ । ଅର୍ଜ୍ଜୁନଙ୍କୁ ଗୁରୁ ଦ୍ରୋଣାଚାର୍ଯ୍ୟ ପଚାରିଲେ, ତୁମେ କ'ଣ ଦେଖିପାରୁଛ ? ଅର୍ଜ୍ଜୁନ କହିଲେ, ମୁଁ ପକ୍ଷୀର ଆଖି ବ୍ୟତୀତ ଅନ୍ୟ କିଛି ଦେଖିପାରୁ ନାହିଁ । ତପୂରେ ଅର୍ଜ୍ଜୁନ ପକ୍ଷୀର ଆଖିରେ ବାଣ ବିଦ୍ଧ କଲେ । ଅନ୍ୟମାନେ ଅର୍ଜ୍ଜୁନଙ୍କ ପରି ଲକ୍ଷ୍ୟ ସ୍ଥିର କରିପାରି ନ ଥିଲେ । ସେହିପରି ଲକ୍ଷ୍ୟ ସ୍ଥିର କରିବାକୁ ହେବ । ଅନ୍ଧକାର ଘରରେ ଯଦି କୌଣସି ବସ୍ତୁ ପ୍ରତି ସ୍ଥିର ଲକ୍ଷ୍ୟ ରଖି କିଛିକ୍ଷଣ ଚାହିଁବ, ତେବେ ସେ ସ୍ଥାନ ତତ୍‌କ୍ଷଣାତ୍ ଆଲୋକମୟ ହୋଇଯିବ । ଏହା ଯେ କେହି ପରୀକ୍ଷା କରିପାରନ୍ତି, ମାତ୍ର ଯେଉଁମାନଙ୍କର ତ୍ରାଟକ ଅଭ୍ୟାସ ଅଛି; ସେମାନେ ଅତି ସହଜରେ ଏହା ଦେଖିପାରିବେ । ନାଭିସ୍ଥାନକୁ 'ଉଡ୍‌ଡୀୟାନ ବନ୍ଧ ମୁଦ୍ରା' କହନ୍ତି । ନାଭିଠାରୁ ଗୋଟିଏ ଶିରା ସୁଷୁମ୍ନା ସହିତ ଯୋଗ ଅଛି । ତେଣୁ

ପ୍ରକ୍ରିୟା ଦ୍ୱାରା ବାୟୁ ମେରୁଦଣ୍ଡ ଭିତରେ ଗମନାଗମନ କରିବାକୁ କୁଣ୍ଡଳିନୀର ଚେତନା ହୁଏ, ନାନା ପ୍ରକାର ଶବ୍ଦ ଶୁଣାଯାଏ ଓ ମନ ଲୟ ହୁଏ ।

## ମହାମୁଦ୍ରା

ବାମପାଦର ଗୋଇଠି ଦ୍ୱାରା ଗୁହ୍ୟଦେଶ ଦୃଢ଼ଭାବରେ ଚାପି ଦକ୍ଷିଣ ପାଦ ଠିକ୍ ସିଧା ଓ ସରଳ ଭାବରେ ଲମ୍ବାଇଦେବ । ତତ୍ପରେ ଏହି ଦକ୍ଷିଣ ପାଦ ଦୁଇ ହାତ ଦ୍ୱାରା ଜୋର୍ କରି ଚାପି ଧରିବ । କଣ୍ଠରେ ଚିବୁକ ସ୍ଥାପନ କରି କୁମ୍ଭକ ଦ୍ୱାରା ବାୟୁରୋଧ କରିବ ଏବଂ ପ୍ରାଣାୟାମର ପ୍ରଣାଳୀକ୍ରମେ-ବାୟୁ ରେଚନ କରିବ । ତତ୍ପରେ ଦକ୍ଷିଣ ପାଦର ଗୋଇଠି ଦ୍ୱାରା ଗୁହ୍ୟଦେଶ ଚାପିଧରି ବାମପାଦ ଲମ୍ବାଇ ପୂର୍ବପରି ଅଭ୍ୟାସ କରିବ । ପରେ ଉଭୟ ପାଦ ସିଧା ଓ ସରଳ ଭାବରେ ଲମ୍ବାଇ ଉପରୋକ୍ତ ପ୍ରକ୍ରିୟା କରିବ । ତା ପରେ ପୂର୍ବ ପରି ପ୍ରଥମେ ବାମ ପାଦ ଓ ଶେଷରେ ଦକ୍ଷିଣ ପାଦ ଦ୍ୱାରା ଗୁହ୍ୟଦେଶ ଚାପି ବିପରୀତ ପାଦ ଲମ୍ବାଇ କ୍ରିୟା କରିବ । ଏହି ପ୍ରକ୍ରିୟା ଦ୍ୱାରା କୁଣ୍ଡଳିନୀର ଚୈତନ୍ୟ ହେବ । ✳

## ପଦ୍ମାସନ

ବାମ ଜଙ୍ଘ ଉପରେ ଡାହାଣ ପାଦ ଓ ଡାହାଣ ଜଙ୍ଘ ଉପରେ ବାମ ପାଦ ରଖି ଉଭୟ ହାତ ପିଠି ଆଡ଼େ ବୁଲାଇ ବାମ ହାତ ଦ୍ୱାରା ବାମ ପାଦର ବୃଦ୍ଧାଙ୍ଗୁଷ୍ଠି ଓ ଡାହାଣ ହାତ ଦ୍ୱାରା ଡାହାଣ ପାଦର ବୃଦ୍ଧାଙ୍ଗୁଷ୍ଠି ଧରିବ । ହୃଦୟରେ ଚିବୁକ ସ୍ଥାପନ କରି ନାସାର ଅଗ୍ରଭାଗରେ ଦୃଷ୍ଟି ସ୍ଥାପନପୂର୍ବକ

---

✳ ଉପରୋକ୍ତ ସାଧନ ସଙ୍କେତଗୁଡ଼ିକ ସାଧକ-ଶିଷ୍ୟମାନଙ୍କର ବିଶେଷ ପ୍ରୟୋଜନ । ସାଧାରଣ ପାଠକ କେବଳ ଏହି ସାଧନ ସଙ୍କେତ ଦେଖି କ୍ରିୟା କରିବା ନିଷେଧ । ଅଭିଜ୍ଞ ବ୍ୟକ୍ତିଙ୍କଠାରୁ କ୍ରିୟାଦି ଶିକ୍ଷା କରିବାକୁ ହୁଏ । ପ୍ରୟୋଜନ ହେଲେ, 'ଯୋଗୀଗୁରୁ' ପୁସ୍ତକ ଦ୍ରଷ୍ଟବ୍ୟ । ସବିଶେଷ ବିବରଣ 'ସଂସାରପଥେ-ସିଦ୍ଧିଯୋଗ' ଖଣ୍ଡରେ ବର୍ଣ୍ଣିତ ହୋଇଅଛି ।

ଉପବେଶନ କରିବ । ଏହାର ନାମ 'ପଦ୍ମାସନ' । ପଦ୍ମାସନ ଦୁଇ ପ୍ରକାର—'ମୁକ୍ତ ପଦ୍ମାସନ' ଓ 'ବଦ୍ଧ ପଦ୍ମାସନ' । ପିଠିଆଡ଼େ ହାତ ବୁଲାଇ ପାଦାଙ୍ଗୁଷ୍ଠି ନ ଧରି ଦୁଇ ଗୋଡ଼ ଛନ୍ଦା ହୋଇଥିବା ସ୍ଥାନ ଉପରେ ଦୁଇ ହାତ ଚିତ୍ କରି ରଖି ଉପବେଶନ କରିବାର ନାମ 'ମୁକ୍ତ ପଦ୍ମାସନ' ।

ଏହି ଆସନରେ ନିଦ୍ରା, ଆଳସ୍ୟ ଜଡ଼ତା ପ୍ରଭୃତି ଦେହର ଗ୍ଲାନି ଦୂରୀଭୂତ ହୁଏ । ଶୂଳ ବେଦନା, ଅଜୀର୍ଣ୍ଣ, ଆମ ପ୍ରଭୃତି ଉଦରଗତ ରୋଗ ଦୂରୀଭୂତ ହୁଏ । ପଦ୍ମାସନରେ ଯଥାବିଧାନରେ ଅର୍ଦ୍ଧଘଣ୍ଟାଏ ମାତ୍ର ବସିପାରିଲେ ସର୍ବରୋଗ ଆରୋଗ୍ୟ ହୋଇଥାଏ । * ।

ଧର୍ମ, ଅର୍ଥ, କାମ, ମୋକ୍ଷ—ଏହି ଚତୁର୍ବର୍ଗ ଲାଭ କରିବାକୁ ହେଲେ ଶରୀରକୁ ସୁସ୍ଥ ରଖିବା ଏକାନ୍ତ ଆବଶ୍ୟକ । ଧର୍ମସାଧନାର କ୍ଷେତ୍ର ସ୍ୱରୂପ ଏହି ଦେହ, ମନ ଓ ଇନ୍ଦ୍ରିୟବର୍ଗଙ୍କୁ ସୁସଂଯତ ଓ ଧର୍ମାନୁଷ୍ଠାନର ଉପଯୋଗୀ କରିବା ନିମିତ୍ତ ଉପଯୁକ୍ତ ଭାବରେ ପ୍ରସ୍ତୁତ କରିବାକୁ ପଡ଼େ । ଅନ୍ୟଥା ଶତ ସହସ୍ର ପରିଶ୍ରମ କଲେ ମଧ୍ୟ ଶରୀର ଓ ମନ ଅଧ୍ୟାତ୍ମ୍ୟତତ୍ତ୍ୱ ଧାରଣକ୍ଷମ ହୋଇ ପାରେ ନାହିଁ । ତେଣୁ ଯୌଗିକ ପ୍ରକ୍ରିୟା ଦ୍ୱାରା କ୍ରିୟାନୁଷ୍ଠାନ ଏକାନ୍ତ ଆବଶ୍ୟକ ।

ମାନବଶରୀର କଞ୍ଚା ଘଟ ସଦୃଶ । ଜୀବନ ଜଳ ସଦୃଶ । ଜୀବନ ରୂପ ଜଳ ଦ୍ୱାରା କେତେବେଳେ ଯେ ଏହି କଞ୍ଚା ଘଟ ମିଳାଇଯିବ, ତାହାର ସ୍ଥିରତା ନାହିଁ । କିନ୍ତୁ ଯୋଗାନଳରେ ଦେହଘଟକୁ ଦଗ୍ଧ କଲେ, ସହଜରେ ତାହା ନଷ୍ଟ ହେବାର ଭୟ ରହେ ନାହିଁ ।

—●—

* ବିଶେଷ ବିବରଣୀ 'ସଂସାରପଥେ, ସିଦ୍ଧିଯୋଗ ଖଣ୍ଡରେ ବିବୃତ ହୋଇଅଛି ।

# ଦ୍ୱାବିଂଶ ପରିଚ୍ଛେଦ


## ଅଭୟ ବାଣୀ

### ଶ୍ରୀ ଶ୍ରୀ ଠାକୁରଙ୍କ ଆଶୀର୍ବାଣୀ

ଶ୍ରୀ ଶ୍ରୀ ଗୁରୁଦେବଙ୍କ ଆଶୀର୍ବାଦ ଅପେକ୍ଷା ଜଗତରେ ଆଉ ଦୁର୍ଲ୍ଲଭ ବସ୍ତୁ କିଛି ନାହିଁ । ସାଧନ-ଭଜନ ଅପେକ୍ଷା ମହତ୍ତ୍ୱ ଜନଙ୍କ କୃପା ଏବଂ ଆଶୀର୍ବାଦର ଶକ୍ତି ସହସ୍ର ଗୁଣ ଅଧିକ । ସଦ୍‌ଗୁରୁଙ୍କ ଆଶୀର୍ବାଦରେ ମାନବଜୀବନ ଧନ୍ୟ ହୁଏ । ତାଙ୍କର ଆଶୀର୍ବାଦରେ ମନୁଷ୍ୟ ପରାଜ୍ଞାନ ଜ୍ଞାନର ଅଧିକାରୀ ହୋଇ ଜୀବନକୁ ଧନ୍ୟ ଜ୍ଞାନ କରେ । ତାଙ୍କ ଆଶୀର୍ବାଦରେ ଅନ୍ତରର ସୁପ୍ତଶକ୍ତି ଉଦ୍‌ବୁଦ୍ଧ ହୋଇଉଠେ । ଆମ୍ଭେମାନେ ଶ୍ରୀ ଶ୍ରୀ ଠାକୁରଙ୍କର କତିପୟ ଆଶୀର୍ବାଣୀ ନିମ୍ନରେ ଦେଲୁ ।

"ବତ୍ସ, ତୁମମାନଙ୍କର ବାହୁରେ ଶକ୍ତି ଓ ହୃଦୟରେ ଭକ୍ତିର ବିକାଶ ହେଉ, ନବବର୍ଷରେ ମୁଁ ତୁମମାନଙ୍କୁ ଏହି ଆଶୀର୍ବାଦ କରୁଅଛି ।"

"ବତ୍ସ, ବାହାରେ ମୋତେ ଦେଖି ନ ପାରିଲେ ମଧ୍ୟ ତୁମମାନଙ୍କର ବିଶେଷ କିଛି କ୍ଷତି ହେବ ନାହିଁ, ତୁମେମାନେ ମୋତେ ଭିତରେ ଦେଖିବାକୁ ଅଭ୍ୟାସ କର । ମୋ କଥା ଶୁଣି ତୁମମାନଙ୍କ ମନରେ ଯେଉଁ କଳ୍ପନାମୟୀ ଭାବ ଜନ୍ମିଅଛି, ସେହି ଭାବ ଦେଇ ତୁମମାନଙ୍କର ମନୋମୟୀ କଳ୍ପନାରେ ମୋର ଗୋଟିଏ ମୂର୍ତ୍ତି ଗଠନ କର ଏବଂ ତାହାଙ୍କୁ ହୃଦୟରେ ବସାଇ ଚିନ୍ତାଦ୍ୱାରା ସେହି ମୂର୍ତ୍ତିଙ୍କୁ ପ୍ରତ୍ୟକ୍ଷ କରିବାକୁ ଚେଷ୍ଟାକର । ଏହାକୁ ଧ୍ୟାନରେ ପ୍ରତ୍ୟକ୍ଷ କରିପାରିଲେ ସର୍ବାର୍ଥ ସିଦ୍ଧ ହେବ, ସବୁ ଅଭାବ ମେଣ୍ଟିଯିବ । ବାହ୍ୟ ଦେହ ଦ୍ୱାରା ବାହ୍ୟିକ କାର୍ଯ୍ୟ କରୁଥାଅ, ଅନ୍ତରରେ ତାଙ୍କୁ ଧରି ରଖ । ମୋତେ ହୃଦୟସ୍ଥ ବୋଲି ଚିନ୍ତା କର । ଏହି ଭାବ ନିକଟରେ ଯେ କୌଣସି ସାଧନା ପିଲାଖେଳ ପରି । ଆଶୀର୍ବାଦ କରୁଛି, ତୁମେମାନେ ସେହି ଉଚ୍ଚ ଭାବର ଅଧିକାରୀ ହୁଅ ।"



"ସଂସାରରେ ସୁଖୀ କରିବାକୁ ଗୁରୁ ଶିଷ୍ୟ ଗ୍ରହଣ କରନ୍ତି ନାହିଁ । ସଂସାରର ଅନିତ୍ୟତା ବୁଝାଇଦେଇ ଶିଷ୍ୟମାନଙ୍କୁ ଶାନ୍ତି ରାଜ୍ୟର ବାଟ ଦେଖାଇଦେବା ସଦ୍‌ଗୁରୁଙ୍କ କାର୍ଯ୍ୟ । ଆଶୀର୍ବାଦ କରୁଛି, ତୁମମାନଙ୍କର ସଂସାରିକ ମୋହ ଦୂର ହୋଇ ମାଆଙ୍କ ଚରଣରେ ଦୃଷ୍ଟି ନିପତିତ ହେଉ ।"

"ତୁମେମାନେ ନିତ୍ୟମୁକ୍ତ, ମୁଁ ତୁମମାନଙ୍କୁ ଆବରଣଯୁକ୍ତ କରି ନିତ୍ୟଧାମରୁ ଏହି ଜଗତକୁ ଆକର୍ଷଣ କରି ଆଣିଛି । ତୁମମାନଙ୍କର ନିଜର ମୁକ୍ତି ନିମିତ୍ତ କୌଣସି ସାଧନା ନାହିଁ । ତୁମେମାନେ ଜଗତର ମଙ୍ଗଳ କରିବା ପାଇଁ ଅବତରଣ କରିଅଛ । ତୁମମାନଙ୍କର ବନ୍ଧନ ନାହିଁ ବୋଲି ତୁମମାନଙ୍କ ଉପରେ ମୁଁ ଏତେ କର୍ମର ବୋଝ ଲଦି ଦେଉଛି । ନିଜର ଚରିତ୍ର ଗଠନ କିପରି କରିବାକୁ ହୁଏ, ଜଗତକୁ ତୁମେମାନେ ଏହି ଶିକ୍ଷା ଦିଅ । ମୁଁ ତୁମମାନଙ୍କ ଦ୍ୱାରା ଏହି ଉଦ୍ଦେଶ୍ୟ ସାଧନ କରିବାକୁ ଚାହେଁ । କେବଳ ମନୁଷ୍ୟତ୍ୱ ଅର୍ଜନ କଲେ ସବୁ ଦୈନ୍ୟ ଆପଣା ମନକୁ ଚାଲିଯାଏ । ତୁମେମାନେ ମନୁଷ୍ୟକୁ କେବଳ ମନୁଷ୍ୟ ହେବାରେ ସାହାଯ୍ୟ କର । ତୁମମାନଙ୍କ ପ୍ରତି ମୋର ଏହାହିଁ ଆଶୀର୍ବାଦ ।"

ପ୍ରଥମେ ଗୋଟିଏ ଭାବରେ ଆତ୍ମ ପ୍ରତିଷ୍ଠା କର, ପ୍ରଚାର ପର କଥା । ତୁମେମାନେ ଆଦର୍ଶରେ ପ୍ରତିଷ୍ଠିତ ହୁଅ । ତୁମମାନଙ୍କୁ ଦେଖି ଦେଶ ଉଦ୍‌ବୁଦ୍ଧ ହେଉ । ଜୀବଜଗତରେ ମଙ୍ଗଳ କାହିଁରେ ହେବ, ସମସ୍ତଙ୍କ ଅନ୍ତରରେ ସେହି ଅଲୌକିକ ଇଙ୍ଗିତ ଆସେ ନାହିଁ । ମହାପୁରୁଷମାନେ ଏକମାତ୍ର ଜଗଦ୍‌ଗୁରୁଙ୍କର ମଙ୍ଗଳମୟ ଇଙ୍ଗିତ ବୁଝିବାକୁ ସକ୍ଷମ । ମୁଁ ସଦ୍‌ଗୁରୁ; ଜଗଦ୍‌ଗୁରୁଙ୍କର ମଙ୍ଗଳମୟ ଇଚ୍ଛା ମୋ ଅନ୍ତରରେ ଲୀଳାୟିତ ହୋଇ-ଉଠିଛି । ତୁମେମାନେ ସେହି ଲୀଳାପୂର୍ତ୍ତିର ସହାୟକ । ମୋ ଅନ୍ତରରେ ଯାହା ସବୁ ପ୍ରତିଭାତ ହୋଇଅଛି, ତୁମେମାନେ ବାହାରେ ସେ ସବୁକୁ ରୂପ ଦିଅ । ମୁଁ ତୁମମାନଙ୍କ ନିକଟରେ ଅନ୍ୟକିଛି ଭିକ୍ଷା କରୁ ନାହିଁ । ତୁମେମାନେ ମୋର ପ୍ରକାଶ ଶକ୍ତି ହୁଅ ।"

## ଶେଷ ଆଶୀର୍ବାଣୀ

"ତୁମମାନଙ୍କ ନିକଟରୁ ବିଦାୟ ନେବା ପୂର୍ବରୁ ତୁମମାନଙ୍କୁ କେତେଗୋଟି ଉପଦେଶ ଦେଇଯାଉଛି । ମୋ ଅବର୍ତ୍ତମାନରେ ସେହି ଉପଦେଶଗୁଡ଼ିକୁ

ସ୍ମରଣ ରଖି ଚଳିଲେ ଦେଖିବ, ଏହି ଜଗତରେ କେଉଁଠାରେ ହେଲେ ତୁମେମାନେ ପ୍ରତାରିତ ହେବ ନାହିଁ ।”

“ମୋ ଇଚ୍ଛାକୁ ରୂପ ଦେବା ନିମିତ୍ତ ତୁମେମାନେ ମୋର ଆଶ୍ରୟ ଗ୍ରହଣ କରିଛ । ମୁଁ ଯେତେଦିନ ପର୍ଯ୍ୟନ୍ତ ସ୍ଥୂଳ ଦେହରେ ଅଛି, ସେତେଦିନ ଯାଏ ମୋ ଇଚ୍ଛା ନେଇ ତୁମମାନଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ଉପସ୍ଥିତ ହେବ ନାହିଁ । କିନ୍ତୁ ମୋର ଅନ୍ତର୍ଦ୍ଧାନ ପରେ ତୁମମାନଙ୍କର ପ୍ରକୃତ ପରୀକ୍ଷା ଆରମ୍ଭ ହେବ । ମୋ ଇଚ୍ଛା ସେତେବେଳେ ତୁମ ଅନ୍ତରରେ ପ୍ରେରଣା ରୂପରେ ଫୁଟି ଉଠିବ । କିନ୍ତୁ ଚିତ୍ତ ଶୁଦ୍ଧି ନ ହେଲେ କେହି ମୋର ନିଗୂଢ଼ ଇଚ୍ଛାକୁ ରୂପ ଦେଇ ପାରିବେ ନାହିଁ । ସଦ୍‌ଗୁରୁଙ୍କ ଅବ୍ୟକ୍ତ ଇଚ୍ଛା ଶୁଦ୍ଧ ଆଧାରରେ ହିଁ ପ୍ରତିଫଳିତ ହୁଏ ।”

“ମୋ ଇଚ୍ଛାକୁ ରୂପ ଦେବାକୁ ହେଲେ ଗୃହୀ; ସନ୍ନ୍ୟାସୀ ସମସ୍ତଙ୍କୁ ସଂଘବଦ୍ଧ ହେବାକୁ ପଡ଼ିବ । ଯେଉଁମାନେ ମୋତେ ଆନ୍ତରିକ ସୁଖ ପାଆନ୍ତି ମୋ ତିରୋଧାନରେ ସେମାନଙ୍କ ଭିତରେ ସଙ୍ଗଠିତ ଭାବ ବିଶେଷ ଭାବରେ ଫୁଟିଉଠିବ । ମୋ ଅନ୍ତର୍ନିହିତ ଇଚ୍ଛାକୁ ମୋ ଅନ୍ତର୍ଦ୍ଧାନ ପରେ ତୁମେମାନେ ଠିକ୍ ଠିକ୍ ଭାବରେ ବୁଝିପାରିବ । କିନ୍ତୁ ଚିତ୍ତ ଶୁଦ୍ଧ ନ ଥିଲେ ମୋ ଇଚ୍ଛା ତୁମ ନିକଟରେ ବିକୃତ ଭାବରେ ପ୍ରକାଶିତ ହେବ । ତେଣୁ ତୁମମାନଙ୍କୁ ଅଧିକ ଭାବରେ ଅନ୍ତରରେ ସମାହିତ ହେବାକୁ ପଡ଼ିବ । ଚିତ୍ତଶୁଦ୍ଧି ନିମିତ୍ତ ଗୋଟିଏ ଦିଗରେ ଧ୍ୟାନ କରିବ ଓ ଅପର ଦିଗରେ ଗୁଣକ୍ଷୟ ନିମିତ୍ତ ଶ୍ରୀଗୁରୁଙ୍କ ନିର୍ଦ୍ଦିଷ୍ଟ ନିଷ୍କାମ କର୍ମର ଅନୁଶୀଳନ କରିବାକୁ ହେବ । ଉପରୋକ୍ତ ଦ୍ୱିବିଧ ସାଧନା ସମଭାବରେ କରିପାରିଲେ ମୁଁ ଇଚ୍ଛା ରୂପରେ, ପ୍ରେରଣା ରୂପରେ ତୁମ ଅନ୍ତରରେ ପ୍ରକାଶିତ ହେବ । ତୁମେମାନେ ମୋତେ ସେହି ସମୟରେ ଠିକ୍ ଠିକ୍ ଭାବରେ ଲାଭ କରିପାରିବ । କାରଣ **ଅନ୍ତରରେ ପାଇବା ହେଉଛି, ପ୍ରକୃତ ପାଇବା** । ମୋ ଅନ୍ତର୍ଦ୍ଧାନରେ ଯେଉଁମାନେ ମୋ ପାଇଁ ଶୋକ କରିବେ, ସେମାନେ ମୋ ଅସ୍ତିତ୍ୱରେ ଅବିଶ୍ୱାସୀ ବୋଲି ଜାଣିବ । ମୁଁ ଚିରକାଳ ଅଛି ଓ ରହିବ । ସ୍ଥୂଳ ଦେହରେ ମୁଁ ତୁମମାନଙ୍କ ବାହାରେ ଅଛି, କିନ୍ତୁ ଏହି ଦେହ ରକ୍ଷା କଲେ ତୁମ ସମସ୍ତଙ୍କ ଅନ୍ତର-ମନ୍ଦିରରେ ମୋ ଆସନ ପ୍ରତିଷ୍ଠିତ ହେବ ।”

"ତୁମେମାନେ ସଂଘବଦ୍ଧ ହୁଅ । ଏହା ମଧ୍ୟ ମୋର ଗୋଟିଏ ଇଚ୍ଛା । ତେଣୁ ମୋ ଇଚ୍ଛାକୁ ରୂପ ଦେବା ଯେଉଁମାନଙ୍କ ଇଚ୍ଛା, ସେମାନେ ନିଶ୍ଚୟ ସଂଘବଦ୍ଧ ହୋଇ ପାରିବେ । ମୋ ଇଚ୍ଛାର ନିପାଦ ହିଁ ଅବ୍ୟକ୍ତ । ଚେତନାକୁ ଊର୍ଦ୍ଧ୍ୱମୁଖୀ କରିପାରିଲେ ମୋର ସେହି ଅବ୍ୟକ୍ତ ଇଚ୍ଛାକୁ ବୁଝିପାରିବ । ନିମ୍ନାଭିମୁଖୀ ମନ ଦ୍ୱାରା କେବେହେଲେ ମୋ ଇଚ୍ଛାକୁ ହୃଦୟଙ୍ଗମ କରିପାରିବ ନାହିଁ । ତେଣୁ ଆତ୍ମସ୍ଥ ହେଲେ, ସମାହିତ ହୋଇପାରିଲେ ମୋର ବ୍ୟକ୍ତ ଓ ଅବ୍ୟକ୍ତ ସମସ୍ତ ଇଚ୍ଛାକୁ ଉପଲବ୍ଧ କରିପାରିବ ।"

"ତୁମେମାନେ ଆତ୍ମସ୍ଥ ହୁଅ, ସମାହିତ ହୁଅ ତାହାହେଲେ ମୁଁ ଯାହା ବ୍ୟକ୍ତ କରିଛି ଏବଂ ଯାହା ବ୍ୟକ୍ତ କରିନାହିଁ—ସେହିସବୁ ବ୍ୟକ୍ତ ଓ ଅବ୍ୟକ୍ତ ଇଚ୍ଛାକୁ ବୁଝିପାରିବ । ମୁଁ ସ୍ଥୂଳଦେହ ତ୍ୟାଗ କରି ମୋର ଇଚ୍ଛା ସହିତ ମିଶିଯିବି । ମୋର ଇଚ୍ଛାକୁ ଯେଉଁମାନେ ରୂପ ଦେଇପାରିବେ, ସେହିମାନେ ମୋତେ ଯଥାର୍ଥ ଭାବରେ ଲାଭ କରିପାରିବେ ମୁଁ ମୋର ଇଚ୍ଛାସହିତ ଅବ୍ୟକ୍ତ ଭାବରେ ସମ୍ମିଳିତ ରହିବି । ଯେହି ଅଭିପ୍ରାୟରେ କେହି ମୋର ସାକ୍ଷାତକାର ଲାଭ କରିବାକୁ ଇଚ୍ଛା କଲେ, ତାଙ୍କୁ ଚିତ୍ତ ଲୟ କରିବାକୁ ହେବ । ଚିତ୍ତ ଲୟ ହେଲା ମାତ୍ରେ ମୁଁ ଶୁଦ୍ଧ ଆଧାରରେ ନିର୍ମଳ ବାସନା ରୂପରେ ଫୁଟିଉଠିବି । ମୋ ଇଚ୍ଛା ଯେଉଁଦିନ ପୂର୍ଣ୍ଣଭାବରେ ତୁମମାନଙ୍କ ଭିତରେ ଫୁଟିଉଠିବ, ସେହିଦିନ ବୁଝିବ, ତୁମମାନଙ୍କର ନିର୍ବିକଳ୍ପ ସମାଧି ଲାଭ ହେଲା । ମୋର ଅନ୍ତର୍ଦ୍ଧାନ ପରେ ମୋ ଆଦେଶ ଉପଦେଶଗୁଡ଼ିକୁ ଗୁରୁଙ୍କ ଭଳି ସମ୍ମାନ ପ୍ରଦର୍ଶନ କରିବ ।"

"ମୁଁ ସେତେବେଳେ ତୁମମାନଙ୍କ ଅନ୍ତରରେ ବାଣୀ ରୂପରେ, ପ୍ରେରଣା ରୂପରେ ଫୁଟି ଉଠିବି । କିନ୍ତୁ ସାବଧାନ, ନିଜର ବ୍ୟକ୍ତିଗତ ସ୍ୱାର୍ଥପର ଇଚ୍ଛାକୁ ଯେପରି ଶ୍ରୀ ଗୁରୁଙ୍କ ପ୍ରେରଣା ବୋଲି ନ ବୁଝ । ମୁଁ ଆଶୀର୍ବାଦ କରୁଛି, ତୁମମାନଙ୍କ ଚିତ୍ତ ନିର୍ମଳ ହେବ, ବିଶୁଦ୍ଧ ଦର୍ପଣରେ ମୋ ଶୁଭ ଇଚ୍ଛା, ନିର୍ବାଧଭାବରେ ପ୍ରତିଫଳିତ ହେଉ । ଚିତ୍ତ ଯେଉଁ ଭୂମିରେ ଆରୋହଣ କଲେ ସଦ୍‌ଗୁରୁଙ୍କ ଇଚ୍ଛାକୁ ପ୍ରତ୍ୟକ୍ଷ କରିବାର ସୌଭାଗ୍ୟ ଘଟେ, ତୁମମାନଙ୍କ ଚିତ୍ତ କେବଳ ମୋ ଆଶୀର୍ବାଦ ବଳରେ ସେହି ଭୂମିରେ ଆରୋହଣ କରୁ । ତୁମେମାନେ ମୋର ବିରାଟ ଇଚ୍ଛାର ଗୋଟିଏ ଗୋଟିଏ ମୂର୍ତ୍ତି ପ୍ରତୀକ ହୁଅ, ଏହା ହିଁ ମୋର ଶେଷ ଆଶୀର୍ବାଦ ।"

# ଶ୍ରୀ ଶ୍ରୀ ଠାକୁରଙ୍କର ଭବିଷ୍ୟତ ବାଣୀ

ଶିଷ୍ୟ ପ୍ରଶ୍ନ କଲେ—ବର୍ତ୍ତମାନ ଜଣେ ସଦ୍‌ଗୁରୁଙ୍କର ଆବିର୍ଭାବର ଆବଶ୍ୟକତା ଅଛି କି ନାହିଁ ? ଥିଲେ ଥିଓସଫିକାଲ୍ ସୋସାଇଟି ଯାହାଙ୍କୁ ଜଗଦ୍‌ଗୁରୁ ବୋଲି ଘୋଷଣା କରିଛନ୍ତି, ସେହି କୃଷ୍ଣମୂର୍ତ୍ତି ଜଗଦ୍‌ଗୁରୁ କି ନା ? ବୌଦ୍ଧମାନେ କହୁଅଛନ୍ତି ଯେ, ବର୍ତ୍ତମାନ ପଞ୍ଚମ ବୁଦ୍ଧ ଅର୍ଥାତ୍ ମୈତ୍ରେୟ ଋଷି ଆସିବେ । ହିନ୍ଦୁମାନେ କହୁଛନ୍ତି ଯେ, ମୈତ୍ରେୟ ଋଷିଙ୍କ ଦେହରେ ଭଗବାନ ଆବିର୍ଭୂତ ହେବେ । ମୁସଲମାନମାନେ କହୁଛନ୍ତି ଯେ, ହଜରତ ବୋଧେ ଆସିବେ । ଇହୁଦୀମାନେ କହନ୍ତି କି Massiah ଆସିବେ । ଖ୍ରୀଷ୍ଟିୟାନମାନେ କହନ୍ତି—ଖ୍ରୀଷ୍ଟ ଆସିବେ । ବର୍ତ୍ତମାନ ଯୁଗରେ ଧର୍ମର ସ୍ରୋତ ଫେରାଇବା ନିମିତ୍ତ ଜଣେ ଜଗଦ୍‌ଗୁରୁ ଆବଶ୍ୟକ ହୋଇପାରନ୍ତି । କିନ୍ତୁ ଜଗଦ୍‌ଗୁରୁ ଏହି କୃଷ୍ଣମୂର୍ତ୍ତି କି ନା, ଏହି ବିଷୟରେ ଆପଣଙ୍କ ଅଭିମତ କ'ଣ ?

ଶ୍ରୀ ଶ୍ରୀ ଠାକୁର—''ଏ ସମ୍ବନ୍ଧରେ ମୁଁ କିଛି କହିବି ନାହିଁ । (କିଛିକ୍ଷଣ ନୀରବ ରହି କହିଲେ) ମାନ୍ଦ୍ରାଜରୁ ବଡ଼ ବଡ଼ ଧର୍ମ ପ୍ରଚାରକ ଭାରତରେ ଆବିର୍ଭୂତ ହୋଇଛନ୍ତି । ଶଙ୍କର ଓ ରାମାନୁଜ; ଏମାନେ ସମସ୍ତେ ମାନ୍ଦ୍ରାଜୀ ବ୍ରାହ୍ମଣ । କୃଷ୍ଣମୂର୍ତ୍ତି ମାନ୍ଦ୍ରାଜୀ, ସେ ଯଦି ଜଗଦ୍‌ଗୁରୁ ହୁଅନ୍ତି, ତେବେ ତାହା ଭାରତର ଗୌରବର କଥା ।'' ପରଦିନ ଏ ସମ୍ବନ୍ଧରେ ପୁନରାୟ ପଚାରିବାରୁ ଠାକୁର କହିଲେ, ''ପ୍ରତ୍ୟେକ ସମ୍ପ୍ରଦାୟ ସେମାନଙ୍କ ଗୁରୁଙ୍କୁ ଜଗଦ୍‌ଗୁରୁ ବୋଲି କହିପାରନ୍ତି । ତୁମେମାନେ ଜାଣିରଖ, ଯେ ଆସିବେ ଏମାନେ ସେମାନଙ୍କ ନିମିତ୍ତ କର୍ମକ୍ଷେତ୍ର ପ୍ରସ୍ତୁତ କରୁଛନ୍ତି ।''

ଶିଷ୍ୟ—'ଆସିବେ' ବୋଲି କହୁଛନ୍ତି, ତେବେ କ'ଣ ଏମାନେ ଯାହାଙ୍କୁ ଅବତାର ବୋଲି ଘୋଷଣା କରୁଛନ୍ତି, ତାଙ୍କୁ ଚିହ୍ନିପାରି ନାହାନ୍ତି ?

ଶ୍ରୀ ଶ୍ରୀ ଠାକୁର—ନା' ଯେ ଆସିବେ ଏହି କର୍ମକ୍ଷେତ୍ରକୁ ଦଖଲ କରି ବସିବେ । ସେ ଯଦି ଆସିଥାନ୍ତେ, ତେବେ କାହିଁ ମୋ ପ୍ରାଣରେ ତ ପ୍ରେରଣା ଆସି ନାହିଁ । ସେ ଯେଉଁଦିନ ଆସିବେ, ମୁଁ ସେହିଦିନ ମୋର ଶିଷ୍ୟ-ଭକ୍ତ-ମାନଙ୍କୁ ନେଇ ତାଙ୍କ ଚରଣ ତଳେ ଲୋଟିପଡ଼ିବି ।

ଶିଷ୍ୟ—କେଉଁଭାବରେ ଏ ଜଗତରେ ଧର୍ମସ୍ରୋତ ପ୍ରବାହିତ ହେବ ?

ଶ୍ରୀ ଶ୍ରୀ ଠାକୁର—ଯେତେବେଳେ ଗୋଟିଏ ଧର୍ମ (ସାଧାରଣରେ ଅପ୍ରକାଶ୍ୟ) ହିନ୍ଦୁ ଧର୍ମ ସହିତ ମିଶ୍ରିତ ହୋଇ ଗୋଟିଏ ପ୍ରବଳ ଧର୍ମରେ ପରିଣତ ହେବ, ସେତେବେଳେ ଜଗଦ୍‌ଗୁରୁ ଏହି ଜଗତରେ ନୂତନ ଭାବରେ ହିନ୍ଦୁ ଧର୍ମ ଜାଗରଣ କରାଇ ଦେବେ । ଭାରତ ଚିରଦିନ ପାଇଁ ଧର୍ମଗୁରୁ ରହିଥିବ । ଭାରତରେ କେଉଁଦିନ ରଜୋଗୁଣର ପ୍ରବୃତ୍ତି ହେବ ନାହିଁ । ଭାରତ ସତ୍ତ୍ୱଗୁଣର ସ୍ଥାନ । ଏଠାରେ ସତ୍ତ୍ୱଗୁଣ ଚିରଦିନ ପ୍ରବଳ ରହିବ । ଅନ୍ୟ ଗୁଣର ସ୍ଥାନ ଏଠାରେ ନାହିଁ ।

ଶିଷ୍ୟ—ସେତେବେଳେ କ'ଣ ହିନ୍ଦୁ ମୁସଲମାନ ମିଳନ ହେବ ?

ଶ୍ରୀ ଶ୍ରୀ ଠାକୁର—ହଁ ହେବ । ସବୁ ସମ୍ପ୍ରଦାୟ ସେତେବେଳେ ଶାନ୍ତିରେ ବାସ କରିବେ ।

## ଭାରତ ସ୍ୱାଧୀନତା ସମ୍ବନ୍ଧରେ ଭବିଷ୍ୟତ ବାଣୀ

ସ୍ଥାନ—ନୀଳାଚଳ କୁଟୀର—ପୁରୀ, ତା ୧୭ । ୭ । ୧୯୩୪ ଅପରାହ୍ନ ୬ ଘଣ୍ଟା ।

ଜନୈକ ଶିଷ୍ୟ—ଠାକୁର, ଆମର ଯୋଗୀଋଷିଙ୍କ ଦେଶ ଭାରତ କ'ଣ ଚିରକାଳ ଏହିପରି ପତିତ ଥିବ ? କେବେ କ'ଣ ଉନ୍ନତ ହେବ ନାହିଁ ? ଏହା ଆମର କେଉଁ ପାପର ଫଳ ?

ଶ୍ରୀ ଶ୍ରୀ ଠାକୁର—ଭାରତର ପତନ ବ୍ୟଷ୍ଟିଗତ ନୁହେଁ, ସମଷ୍ଟିଗତ । ଭାରତର ପତନ ଭଗବାନଙ୍କ ଇଚ୍ଛାରେ ହୋଇଛି । ଗୋଟିଏ ଜାତିର ପତନ ନ ହେଲେ, ଉତ୍ଥାନ ଅସମ୍ଭବ । ଯେପରି ଜମି ଉର୍ବର ଥିଲାବେଳେ ଖୁବ୍ ଫଳେ, ପରେ ତାହାର ଉର୍ବରଶକ୍ତି କମିଗଲେ, ଯଦି ସେ ଜମିକୁ ଦୁଇ ତିନି ବର୍ଷ ପଡ଼ିଆ ରଖାଯାଏ, ତେବେ ତାହାର ଉର୍ବରଶକ୍ତି ପୁନର୍ବାର ଫେରିଆସେ । ସେହିପରି ଭାରତ ଦିନେ ଉନ୍ନତିର ଚରମ ସୀମାକୁ ଉଠିଯାଇଥିଲା, ତେଣୁ ପ୍ରାକୃତିକ ନିୟମରେ ତାହାର ପତନ ଅବଶ୍ୟମ୍ଭାବୀ । ଏ ସବୁ ଭଗବତ୍ ଇଚ୍ଛା । ଯୋଗୀମାନେ ଇଚ୍ଛା କଲେ ମୁହୂର୍ତ୍ତିକରେ ଉନ୍ନତ କରିଦେଇପାରନ୍ତି, ମାତ୍ର ସେମାନଙ୍କ ଇଚ୍ଛା ଭଗବାନଙ୍କ ଇଚ୍ଛା ସହିତ ମିଳିତ ।

ତାଙ୍କ ଇଚ୍ଛା ବିରୁଦ୍ଧରେ କିଛି କରିବାକୁ ଯିବାଟା ଶଇତାନ ବା ଅସୁରର କାର୍ଯ୍ୟ । କିନ୍ତୁ ଯୋଗୀମାନେ କେବେ କ'ଣ ହେବ, ଜାଣନ୍ତି । ମୁଁ ଜାଣେ, ଭାରତ ଅଳ୍ପ ଦିନ ଭିତରେ ଉନ୍ନତ ହୋଇ ଉଠିବ । ଜଡ଼ ବିଜ୍ଞାନର ଫଳ କଳକାରଖାନା ପାଶ୍ଚାତ୍ୟ ଜଗତକୁ ଶାନ୍ତି ଦେଇପାରିବ ନାହିଁ । ସେମାନେ ବଳେ ବଳେ ଭାରତ ଦୁଆରେ ଶାନ୍ତିର ଭିକାରୀ ହୋଇ ଠିଆ ହେବେ । ଯେପରି ଦିନେ ସମଗ୍ର ଜାତି ବ୍ରାହ୍ମଣର ପଦାନତ ଥିଲା, ସେହିପରି ସମଗ୍ର ଜଗତ ଭାରତର ପଦାନତ ହେବ । ସ୍ୱାଧୀନତା ଆମମାନଙ୍କୁ ମାଗିବାକୁ ହେବ ନାହିଁ । ସେମାନେ ବଳେ ବଳେ ଯାଚି ସ୍ୱାଧୀନତା ଦେଇଦେବେ ।

ଶିଷ୍ୟ—କେତେଦିନ ପରେ ଏସବୁ ହେବ ?

ଶ୍ରୀ ଶ୍ରୀ ଠାକୁର—ଖୁବ୍ ନିକଟରେ ।

ଶିଷ୍ୟ—ବର୍ତ୍ତମାନ ପାଶ୍ଚାତ୍ୟ ବିଜ୍ଞାନ ତ ପାଣିରୁ ଚିନି ତିଆରି କରୁଛି ।

ଶ୍ରୀ ଶ୍ରୀ ଠାକୁର—ଖାଲି ପାଣିରୁ ଚିନି କଅଣ, ଆଲକାତରାରୁ ଗୋଟିଏ ମୂଲ୍ୟବାନ ଜିନିଷ ବାହାର କରାଯାଉଛି । ଏ ସବୁ ସେମାନଙ୍କର ଶକ୍ତି ନୁହେଁ, ସବୁ ଶକ୍ତି ଭଗବାନଙ୍କର । ଏସବୁ ଭଗବତ୍ ବିଧାନ କେହି ଏହାର ପ୍ରତିରୋଧ କରିପାରିବେ ନାହିଁ । ତଥାପି ଏମାନେ ଏସବୁ ବିଜ୍ଞାନରେ ଶାନ୍ତି ପାଇପାରିବେ ନାହିଁ । ବିବେକାନନ୍ଦ କହୁଥିଲେ—କଳାପାହାଡ଼ ଏତେ ଅତ୍ୟାଚାର କଲା; ମୁଁ ଥିଲେ କେବେ କରାଇ ଦେଇ ନ ଥାନ୍ତି । କଳାପାହାଡ଼ର ବା କେତେ ଶକ୍ତି ? ଭଗବାନ ହିନ୍ଦୁର ଜଡ଼ବୁଦ୍ଧି ନଷ୍ଟ କରିବାକୁ ଏହା କରିଥିଲେ ।

କାଶୀରେ ଭାସ୍କରାନନ୍ଦ ସ୍ୱାମୀ ନାମରେ ଜଣେ ଯୋଗୀ ଥିଲେ । ଦିନେ ଲର୍ଡ ଅକ୍‌ଲାଣ୍ଡ ଆଫଗାନ ସମର ଜୟ କରି ଭାସ୍କରାନନ୍ଦ ସ୍ୱାମୀଙ୍କୁ ଦର୍ଶନ କରିବାକୁ ଗଲେ ଓ ତାଙ୍କ ନିକଟରେ ବସି ନିଜର ବୀରତ୍ୱ ବର୍ଣ୍ଣନା କରିବାକୁ ଲାଗିଲେ । ସମସ୍ତ ଶୁଣି ସ୍ୱାମୀଜୀ କହିଲେ, "ସବୁ ଭଗବାନଙ୍କ ଇଚ୍ଛା ।" ଏ କଥାରେ ସାହେବ ରାଗ ହୋଇ ବିଦ୍ରୂପାତ୍ମକ ଭାଷାରେ ପ୍ରତ୍ୟୁତ୍ତର ପ୍ରଦାନ କଲେ । ସ୍ୱାମୀଜୀ କହିଲେ, "ତୁମର ଏତେ ଶକ୍ତି, ଏ ପେନ୍‌ସିଲ

ଖଣ୍ଡି ଉଠାଅ ତ ଦେଖି ।" ଏହା କହି ଭୂମାନନ୍ଦ ସ୍ୱାମୀ ଖଣ୍ଡିଏ ପେନ୍‌ସିଲ ମାଟିରେ ପୋତିଦେଲେ । ସାହେବ ସମସ୍ତ ଚେଷ୍ଟା କରି ପେନ୍‌ସିଲଟି ମାଟିରୁ ଉଠାଇ ପାରିଲେ ନାହିଁ ।

ସବୁଶକ୍ତି ସଦ୍‌ଗୁରୁଙ୍କ ଠାରେ ପୂର୍ଣ୍ଣମାତ୍ରାରେ ବିରାଜିତ, ତଥାପି ସେମାନେ ଭଗବାନଙ୍କ ଇଚ୍ଛା ବିରୁଦ୍ଧରେ କିଛି କରନ୍ତି ନାହିଁ । ଅନେକ ସମୟରେ ସଦ୍‌ଗୁରୁଙ୍କ ଐଶ୍ୱର୍ଯ୍ୟ ପ୍ରକାଶ ପାଇଥାଏ । ତାଙ୍କ ଦେହତ୍ୟାଗ ପରେ ତାଙ୍କ ଶିଷ୍ୟମାନେ ତାହା ପ୍ରକାଶ କରନ୍ତି । ସେମାନେ ଇଚ୍ଛା କରି ଯେ ଐଶ୍ୱର୍ଯ୍ୟ ଦେଖାନ୍ତି, ତାହା ନୁହେଁ; ମନକୁ ମନ ତାହା ହୋଇଯାଏ ।"

"ଦିନକୁ ଦିନ ସଂସାରର ସମସ୍ୟା କଠିନରୁ କଠିନତର ହୋଇ ପଡୁଛି, ସାଧାରଣଙ୍କ କଷ୍ଟର ଅବଧି ନାହିଁ । ଶୁଭ-ମଙ୍ଗଳର ମଳୟ ପବନ ବହିବାକୁ ଆରମ୍ଭ କଲାଣି । ଭବିଷ୍ୟତରେ ସବୁଆଡ଼ୁ ମଙ୍ଗଳ ହେବ, ସବୁ ବିଷୟରେ ସୁବିଧା ହେବ, ତାହାର ସୂଚନା ଦେଖାଯାଉଛି । ଅଚିରେ ଭଗବାନଙ୍କର ମଙ୍ଗଳମୟ ଆଶୀର୍ବାଦ ଉଦ୍ଭାସିତ ହେବ । ସେତେବେଳେ ସାଧାରଣଙ୍କର ଅନ୍ନସମସ୍ୟା ମଧ୍ୟ ପୂର୍ଣ୍ଣ ହେବ । ଏହି ଦୁର୍ଦ୍ଦିନରୁ ଯେଉଁମାନେ ବଞ୍ଚିଯିବେ ଏବଂ ଖାଇପିଇ ବଞ୍ଚି ରହିବେ, ସେମାନେ ନବସୂର୍ଯ୍ୟ ଉଦୟରେ ଦେଶର ଅବସ୍ଥା ଦେଖି ଉତ୍ଫୁଲ୍ଲିତ ଓ ଆନନ୍ଦିତ ହେବେ । ଯେଉଁମାନେ ସଦ୍‌ଗୁରୁଙ୍କ କୃପାରୁ ଓ ନିଜଗୁଣରେ ଭଗବାନଙ୍କ ଆବିର୍ଭାବ ପ୍ରତ୍ୟକ୍ଷ ଅନୁଭବ କରିପାରିବେ, ସେମାନଙ୍କ କଥା ଛାଡ଼ିଦିଅ, ସାମାନ୍ୟ ଅନ୍ନବସ୍ତ୍ରର କଥା କାହାରି ମନେ ରହିବ ନାହିଁ ।"

## ଅଭୟ ବାଣୀ

ବିଭିନ୍ନ ସମୟରେ ବିଭିନ୍ନ ଭକ୍ତମାନଙ୍କ ନିକଟରେ ବ୍ୟଷ୍ଟି ବା ସମଷ୍ଟିଗତ ଭାବରେ ପ୍ରଦତ୍ତ ଶ୍ରୀ ଶ୍ରୀ ଠାକୁରଙ୍କର ଏହିସବୁ ଆଶାର ବାଣୀ ଅଳସ ବା କର୍ମବିମୁଖ କରିବା ପାଇଁ ନୁହେଁ । ଏହା ନିର୍ଭୟରେ ଓ ନିଶ୍ଚିନ୍ତରେ ନିଃସଙ୍କୋଚ ଭାବରେ ନିଷ୍କାମ କର୍ମସାଗରରେ ଝାସ ଦେବାର ଅମୋଘ ସଙ୍କେତ । ଏହି ବାଣୀଗୁଡ଼ିକ ପାଠ କଲେ କର୍ମସାଧନାରେ ଅସୀମ ସ୍ପୃହା ଜାଗି ଉଠିବ, କୃତଜ୍ଞତାରେ ଚିତ୍ତ ଭରପୂର ହୋଇଯିବ । ସର୍ବଦା ମନେ ରଖିବାକୁ ହେବ, ଅଭୟବାଣୀ ବୃଥା ଭୟ ଦୂର କରିବା ନିମିତ୍ତ ପ୍ରଦତ୍ତ;

କିନ୍ତୁ ଏହା ଅଳସତା ବା କର୍ମବିମୁଖତାକୁ ପ୍ରଶ୍ରୟ ଦେବା ନିମିତ୍ତ ନୁହେଁ ।

"ବତ୍ସ, ତୁମମାନଙ୍କର ଆଧ୍ୟାତ୍ମିକଜୀବନର ଭାର ମୁଁ ସ୍ୱେଚ୍ଛାରେ ଗ୍ରହଣ କରିଛି । ଯଦି ବିନ୍ଦୁମାତ୍ର ମୋ ପ୍ରତି ବିଶ୍ୱାସ ଥାଏ, ତେବେ ତୁମମାନଙ୍କର ଚିନ୍ତା କ'ଣ ? ସମୟରେ ସବୁ ପାଇବ ।"

"ବତ୍ସ, ନିଶ୍ଚିନ୍ତରେ ନିରୁଦ୍‌ବେଗରେ ପୂର୍ବପର ନିର୍ଭର କରି ଆନନ୍ଦ ସାଗରରେ ଭାସି ଚାଲ । ମଝିରେ ମଝିରେ ଆବର୍ତ୍ତରେ ପଡ଼ିଲେ ମଧ୍ୟ ଏକଥା ନିଶ୍ଚୟ ଜାଣ ଯେ, ଏହା କେବେହେଲେ ସ୍ଥାୟୀ ହେବ ନାହିଁ । ଦିନେ ତୁମେମାନେ ନିରବଚ୍ଛିନ୍ନ ଆନନ୍ଦଧାମରେ ଉପନୀତ ହୋଇ ପ୍ରେମରସ ମାଧୁର୍ଯ୍ୟର ସମ୍ଭୋଗରେ ଆନନ୍ଦମୟ ହୋଇଯିବ ।"

"ଆରେ ତୁମେମାନେ ସାଧନ ଭଜନ ଦ୍ୱାରା କିଛି କରିପାରିବ ନାହିଁ । ଷାଠିଏ ହଜାର ବର୍ଷ ତପସ୍ୟା କରି ମଧ୍ୟ ଯେଉଁମାନେ ସିଦ୍ଧିଲାଭ କରିପାରି-ନାହାନ୍ତି, ଯେଉଁମାନଙ୍କ ଶରୀର ଉପରେ ଉଈହୁଙ୍କା ହୋଇ ଯାଇଛି, ସେମାନଙ୍କ ତୁଳନାରେ ତୁମ୍ଭମାନଙ୍କର ଶକ୍ତି କେତେ ? ତୁମମାନଙ୍କର ଆୟୁ ବା କେତେ ? ତେଣୁ, ମୁଁ କହୁଛି, ତୁମେମାନେ ସବୁ ଛାଡ଼, ସବୁ ଆଶାରେ ଜଳାଞ୍ଜଳି ଦେଇ ଏକମାତ୍ର ମୋର ଶରଣାପନ୍ନ ହୁଅ ! ମୋ ଆଡ଼କୁ ତୁମ ମାନଙ୍କର ମନ ଉନ୍ମୁଖ କରିଦିଅ । ମୁଁ ତୁମମାନଙ୍କର ସବୁ ଅଭାବ ମେଣ୍ଟାଇ ଦେବି, ସବୁଆଶା ପୂର୍ଣ୍ଣ କରିଦେବି । ତୁମମାନଙ୍କର ସବୁ ହେବ, ତୁମେମାନେ ସବୁ ପାଇବ । ତୁମମାନଙ୍କର କିଛି ଅଭାବ ରହିବ ନାହିଁ, ତୁମମାନଙ୍କ ବ୍ୟକ୍ତିଗତ ସାଧନାର ପ୍ରୟୋଜନ ନାହିଁ କାହିଁକି ଜାଣ ? ମୋ ନିକଟକୁ ଆସିବ ବୋଲି ତୁମମାନଙ୍କ ପାଇଁ ମୁଁ କଠୋର ତପସ୍ୟା କରିଛି । ତୁମମାନଙ୍କ ନିମିତ୍ତ ସାଧନସମୁଦ୍ର ମନ୍ଥନ କରି ଅମୃତ ଭାଣ୍ଡ ନେଇଆସିଛି । ସେହି କୃଚ୍ଛ୍ର, ସାଧନ ଫଳରେ ମୋ ହୃଦୟରେ ସତ୍ୟର ଯେଉଁ ବିମଳ ଜ୍ୟୋତି ଫୁଟି ଉଠିଛି, ତୁମମାନଙ୍କର ଘନଅନ୍ଧକାରମୟ ହୃଦୟ ସେଥିରେ ଆଲୋକିତ ହୋଇଉଠିବ । ଅମୃତର ଅମିୟ ଆସ୍ୱାଦନରେ ତୁମେମାନେ ମଧ୍ୟ ଅମର ହୋଇଯିବ । ତୁମେମାନେ ଯେ ଅମୃତର ସନ୍ତାନ, ଅମୃତରେ ତୁମମାନଙ୍କର ନିତ୍ୟ ସିଦ୍ଧ ଅଧିକାର ।"

"ତୁମେମାନେ ଭାବୁଛ କାହିଁକି ? ଚିନ୍ତା କରୁଛ କାହିଁକି ? ନିଜ ହୃଦୟର କରୁଣ ଅବସ୍ଥା ଉପଲବ୍ଧି କରି ହତାଶ ହୋଇପଡ଼ୁଛ କାହିଁକି ? ତୁମମାନଙ୍କର ସବୁ ଶୂନ୍ୟ ପୂର୍ଣ୍ଣ କରିବାକୁ, ସବୁ ଅଭାବ ମେଣ୍ଟାଇ ଦେବାକୁ ମୁଁ ଯେ ତୁମମାନଙ୍କ ଅଛି । ମୋ ଉପରେ ସବୁ ଭାର ଛାଡ଼ିଦିଅ । ଆଧ୍ୟାତ୍ମିକ ଉନ୍ନତିର ଭାର ମୋ ଉପରେ ଲଦି ଦେଇ ନିଶ୍ଚିନ୍ତ ହୁଅ । ମୁଁ ତୁମମାନଙ୍କର ସବୁ ଭାର ବହନ କରିବି । ଏହି ପାପପଙ୍କିଳ ଜଗତରୁ ତୁମମାନଙ୍କୁ ନିତ୍ୟ ଜ୍ୟୋତିର୍ମୟ ଆନନ୍ଦଧାମକୁ ଟାଣି ନେଇଯିବି ।"

"ଘନ ଅମାନିଶାର ଘୋର ଅନ୍ଧକାର ଶତ ଯଷ୍ଟିର ଆଘାତରେ ମଧ୍ୟ ଦୂର ହୋଇଯାଏ ନାହିଁ; କିନ୍ତୁ ଯେତେବେଳେ ପୂର୍ବ ଗଗନରେ ଅରୁଣ ରାଗ ଫୁଟିଉଠେ ନବସୂର୍ଯ୍ୟର ଉଦୟାଭାସ ନବ ପ୍ରଭାତର ସୂଚନା କରେ, ତତ୍‌କ୍ଷଣାତ୍ ସବୁ ଆଲୋକିତ ହୋଇଯାଏ, ଅନ୍ଧକାର ପଳାୟନ କରେ । ତୁମେମାନେ ମଧ୍ୟ ସେହିପରି ଜ୍ଞାନସୂର୍ଯ୍ୟର ଅପେକ୍ଷାରେ ନୀରବରେ ଅନୁଦ୍‌ବେଳିତ ହୃଦୟରେ ପ୍ରତୀକ୍ଷା କର । ମୋ ଉପରେ ନିର୍ଭର କରି ନିର୍ଭୟରେ ବସି ରହ । ଯଥା ସମୟରେ ଦିନେ ତୁମମାନଙ୍କ ହୃଦୟ ସତ୍ୟର ଆଲୋକରେ ଆଲୋକିତ ହୋଇଉଠିବ । ତୁମମାନଙ୍କ ଜୀବନରେ ନବପ୍ରଭାତର ଉଦୟ ନିଶ୍ଚୟ ହେବ ।"

"ତୁମମାନଙ୍କୁ କିଛି କରିବାକୁ ହେବ ନାହିଁ । ମୁଁ ସେଥିପାଇଁ ଆସିଛି । ମୁଁ ଜଗତ-ହିତକର ଯେଉଁ କାର୍ଯ୍ୟର ସୂଚନା କରିଛି, ତୁମେମାନେ ସେଥିରେ ସହାୟକ ହୁଅ । ମୋ ପ୍ରାଣରେ ପ୍ରାଣ ମିଶାଇ ସେହି ବ୍ରତ ଉଦ୍‌ଯାପନରେ ବ୍ରତୀ ହୁଅ । ମୁଁ ପ୍ରତିଜ୍ଞା କରି କହୁଛି, ଏଥିରେ ତୁମମାନଙ୍କର ସବୁ ହେବ, ତୁମେମାନେ ସବୁ ପାଇବ । ଅନ୍ୟ ସାଧନ-ଭଜନର କୌଣସି ପ୍ରୟୋଜନ ହେବ ନାହିଁ । ପୁଣି କାହା ଦ୍ୱାରା ତୁମେ ସାଧନ ଭଜନ କରିବ ? ତୁମ-ମାନଙ୍କର ଦେହର ବଳ, ମନର ବଳ, ପ୍ରାଣର ବଳ କାହିଁ ? ତୁମମାନଙ୍କର କିଛି ନାହିଁ ବୋଲି ମୁଁ ବାରମ୍ବାର କହୁଛି । ତୁମେମାନେ ମୋ କୃପା ଉପରେ ନିର୍ଭର କରି ସେହି ଶୁଭ ଦିନର ପ୍ରତୀକ୍ଷାରେ ବସିରହ । ଆପଣା ମନକୁ ତୁମମାନଙ୍କର ବାହୁରେ ଶକ୍ତି, ହୃଦୟରେ ଭକ୍ତି; ପ୍ରାଣରେ ପ୍ରେମର ଉନ୍ମାଦନା ଜାଗିଉଠିବ । ତୁମମାନଙ୍କର ଜୀବନ ଧନ୍ୟ ହେବ, ଧରଣୀ କୃତାର୍ଥ ହେବ ।"

# ତ୍ରୟୋବିଂଶ ପରିଚ୍ଛେଦ

## ନୀଳାଚଳର ବାଣୀ ଓ ମହାସମାଧି

### ଜ୍ୟୋତିର୍ମୟ ମୂର୍ତ୍ତି

**୭।୭।୧୯୩୮ ତାରିଖ** ଉପରବେଳା ଶ୍ରୀ ଶ୍ରୀ ଠାକୁର ବୁଲିବାକୁ ଗଲେ ନାହିଁ, ସମାଗତ ଦର୍ଶକମଣ୍ଡଳୀ ସହିତ ବସିରହିଲେ । ସେଥିମଧ୍ୟରୁ ଆମର ଗୋବିନ୍ଦ ଭାଇ ପଚାରିଲେ, ଠାକୁର, ସଦ୍‌ଗୁରୁଙ୍କ ପୂଜା ନ କରି ଆମେ ଅନ୍ୟ ଦେବତାଙ୍କୁ ପୂଜା କରିବୁ କାହିଁକି ?”

ଶ୍ରୀ ଶ୍ରୀ ଠାକୁର—ତୁମ ଗୁରୁ ଯେ 'ସଦ୍‌ଗୁରୁ' ଏହା ଜାଣିବ କିପରି ?

ଶିଷ୍ୟ—ଯେ ବୁଝି ପାରିଲା, ସେ କ'ଣ କରିବ ?

ଶ୍ରୀ ଶ୍ରୀ ଠାକୁର—ମୁଁ ଜାଣେ ଗୁରୁଙ୍କୁ ଯେ 'ସଦ୍‌ଗୁରୁ' ବୋଲି ଚିହ୍ନି ପାରିଲା, ସେ ଖୁବ୍ ବଡ଼ ସାଧକ । ତାର ଅନ୍ୟ ଦେବଦେବୀ ପୂଜାର କିଛି ମାତ୍ର ଆବଶ୍ୟକତା ନାହିଁ । ମୁଁ ଅନ୍ୟ କଥା ଜାଣେ ନାହିଁ, ମୋ ନିଜ କଥା କହୁଛି । ମୁଁ ଯେତେବେଳେ ଗୁରୁ ଖୋଜି ବୁଲୁଥିଲି, ସେତେବେଳେ କେତେ ବଡ଼ମୁଦ୍ରା ସହ୍ୟ କରିଛି, ଜାଣିଥିବ । କିନ୍ତୁ ଯେତେବେଳେ ସଦ୍‌ଗୁରୁ ଲାଭ କଲି, ସେତେବେଳେ ଜାଣିଲି, ଭଗବାନଙ୍କୁ ପାଇବା ପାଇଁ ଏହାଠାରୁ ବଳି ସହଜ ଜିନିଷ ଆଉ କିଛି ନାହିଁ । ସେ ମୋର ପତନ ହେବାର ସମ୍ଭାବନା ଦେଖି ରଖୁଆଳ ଗାଈ ପଛରେ ଧାଉଁଲା ପରି ସର୍ବଦା ମୋ ପଛେ ପଛେ ରହି ମୋତେ ସତ୍‌ପଥକୁ ଟାଣି ଆଣିଛନ୍ତି । ସେହି ହେତୁ ମୁଁ ଜାଣିଛି ଯେ, ଭଗବାନଙ୍କୁ ଲାଭ କରିବା ଖୁବ୍ ସହଜ । ବିଦ୍ୟାର୍ଜନ କରି ଧନ ଉପାର୍ଜନ କରିବାକୁ ହେଲେ ବୁଦ୍ଧି ଓ ପ୍ରତିଭା ଦରକାର । ବ୍ୟବସାୟ ନିମିତ୍ତ ମୂଳଧନ ଆବଶ୍ୟକ । କିନ୍ତୁ ଗୁରୁନିର୍ଭରଶୀଳ ବ୍ୟକ୍ତିଙ୍କର ବିଦ୍ୟା,

ବୁଦ୍ଧି ପ୍ରତିଭା, ଦେହର ଶକ୍ତି ଏସବୁ କିଛି ନ ଥିଲେ ସୁଦ୍ଧା ସେ ଭଗବାନଙ୍କୁ ଲାଭ କରିପାରିବେ ।

"ଦେଖ, ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୁରୁ ଓ ଭଗବାନ ସମ୍ବନ୍ଧ ସୁନ୍ଦର ଭାବରେ ବୁଝାଇଛନ୍ତି । ସେ ନିର୍ଭରତା ବୁଝାଇବାକୁ ଯାଇ ଯେଉଁଠାରେ 'ଗୁରୁ'ଙ୍କୁ ଲକ୍ଷ୍ୟ କରିଛନ୍ତି, ସେଠାରେ 'ଅହଂ' ଓ 'ଭଗବାନ'ଙ୍କୁ ଲକ୍ଷ୍ୟ କଲାବେଳେ 'ତତ୍' ଶବ୍ଦ ବ୍ୟବହାର କରିଛନ୍ତି । ସେ ଭଗବାନଙ୍କୁ ଲକ୍ଷ୍ୟ କରି କହିଛନ୍ତି —

"ତତ୍ ପ୍ରସାଦାତ୍ ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ"

—ଶ୍ରୀମଦ୍ ଭଗବଦ୍ ଗୀତା, ୧୮/୬୨

କିନ୍ତୁ ଯଦି ତାଙ୍କ ଉପରେ ନିର୍ଭର କରି ନ ପାର, ତେବେ

"ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।"

—ଶ୍ରୀମଦ ଭଗବଦ୍ ଗୀତା, ୧୮।୬୬

ଶ୍ରୀ ଶ୍ରୀ ଠାକୁର ଏହି ଉପଦେଶ ପ୍ରଦାନ କଲାବେଳେ ଗୁରୁଗମ୍ଭୀର ମୂର୍ତ୍ତି ଧାରଣ କରି ଏପରି ତନ୍ମୟ ହୋଇଗଲେ ଯେ, ତାଙ୍କ ଆକୃତିର ପରିବର୍ତ୍ତନ ହୋଇଗଲା । ଭକ୍ତ ଶ୍ରୀ ଶ୍ରୀ ଠାକୁରଙ୍କୁ ସହସ୍ରାଂଶୁ ସମପ୍ରଭ ଜ୍ୟୋତିର୍ମୟ ମଣ୍ଡଳ ମଧ୍ୟରେ ପଦ୍ମାସନରେ ଆସୀନ ଦେଖି ମୂର୍ଚ୍ଛିତ ହୋଇ ତାଙ୍କ ଚରଣ ତଳେ ପତିତ ହେଲେ । ଠାକୁର ତାଙ୍କୁ କୋଳ କରି ବସି ଆନନ୍ଦରେ କହିଲେ, ଏହାର ନାମ ସମ୍ଭବତଃ 'ଗୋବିନ୍ଦ' । ଠାକୁର ତାଙ୍କୁ ଏଥିପୂର୍ବରୁ ଚିହ୍ନି ନ ଥିଲେ ।

## ଦୀକ୍ଷାର ଫଳ

**୩୦।୪।୧୯୩୩ ତାରିଖ** । ପୁରୀର ନୀଳାଚଳ କୁଟୀରରେ ଅବସ୍ଥାନବେଳେ ଦିନେ ସକାଳବେଳା ଜଣେ ଭକ୍ତ ଆସି ଦୀକ୍ଷା ନେବାକୁ ପ୍ରାର୍ଥନା କଲେ । ଶ୍ରୀ ଶ୍ରୀ ଠାକୁର କହିଲେ, "ଦୀକ୍ଷାର ଉଦ୍ଦେଶ୍ୟ କ'ଣ ନ କହିଲେ, ମୁଁ ତୁମକୁ ଦୀକ୍ଷା ଦେଇପାରିବି ନାହିଁ ।"

ଆଗନ୍ତୁକ ଭକ୍ତଟି ନୀରବ ହୋଇ ବସି ରହିବାରୁ ଶ୍ରୀ ଶ୍ରୀ ଠାକୁର ଆପଣା ମନକୁ ମନ କହିବାକୁ ଲାଗିଲେ—

"ଦୀକ୍ଷାର ଉଦ୍ଦେଶ୍ୟ ଶକ୍ତିଲାଭ ନୁହେଁ । ଦୀକ୍ଷାଦ୍ୱାରା ମଧ୍ୟ ଭଗବାନ ଲାଭ ହୋଇପାରନ୍ତି ନାହିଁ । ମନୁଷ୍ୟର ସାଧ୍ୟ ନାହିଁ ଯେ, ସେ ନିଜ ଶକ୍ତି ଦ୍ୱାରା ଭଗବାନଙ୍କୁ ବଶ କରିପାରିବ । ମନୁଷ୍ୟ ଯେତେ ଉନ୍ନତ ହେଲେ ମଧ୍ୟ ଭଗବାନଙ୍କୁ ବଶ କରିପାରିବ ନାହିଁ । ଜୁଳୁଜୁଳିଆ ପୋକର ଶକ୍ତି ନାହିଁ ଯେ, ସେ ନିଜ ତେଜଦ୍ୱାରା ସୂର୍ଯ୍ୟଙ୍କ ପ୍ରଭା ବିକାଶ କରିପାରିବ । **ଭଗବାନଙ୍କୁ ବଶ କରିବାର ଏକମାତ୍ର ଉପାୟ ବ୍ୟାକୁଳତା"** । ଯଦି ତୁମେ କେବଳ ତାଙ୍କ ନିମିତ୍ତ କାନ୍ଦିପାର, ତେବେ ସେ ତୁମର ସର୍ବାଭୀଷ୍ଟ ପୂରଣ କରିଦେବେ । କ୍ରୋଡ଼ସ୍ଥ ଶିଶୁ କୌଣସି ଅଭାବବୋଧ କଲାକ୍ଷଣି କାନ୍ଦିଉଠେ । କ୍ରନ୍ଦନ ଶୁଣିବାକ୍ଷଣି ଶିଶୁର ମାତା ସମସ୍ତ କାର୍ଯ୍ୟ ଭୁଲି ଏପରି କି ସ୍ୱାମୀଙ୍କ ବାକ୍ୟ ଅଗ୍ରାହ୍ୟ କରି ଦଉଡ଼ି ଆସି ସନ୍ତାନର ଅଭାବ ପୂରଣ କରିଦିଏ । ଠିକ୍ ସେହିପରି ଯଦି ଆମେ ବିଦ୍ୟା ବୁଦ୍ଧି ଭୁଲି କ୍ରୋଡ଼ସ୍ଥ ଶିଶୁ ପରି ଭଗବାନଙ୍କ ନିକଟରେ କ୍ରନ୍ଦନ କରିପାରୁଁ, ତେବେ ସେ ତତ୍କ୍ଷଣାତ୍ ଆମର ଅଭାବ ମୋଚନ କରିଦେବେ । କିନ୍ତୁ ଆମେ ତାହା କରିପାରୁ ନାହିଁ । ଆମେମାନେ ପଇସା ନ ମିଳିଲେ କାନ୍ଦିପାରୁ; ଟଙ୍କା ମିଳିବା ପାଇଁ ଜଗତର ସମସ୍ତ ଅସାଧ୍ୟ କାର୍ଯ୍ୟରେ ହସ୍ତକ୍ଷେପ କରିପାରୁ କିନ୍ତୁ ଅଶୁଦ୍ଧଚିତ୍ତବଶତଃ ଭଗବାନଙ୍କର ଆବଶ୍ୟକତା ବୁଝିପାରୁ ନ ଥିଁ । ତେଣୁ ତାଙ୍କ ପାଇଁ ଆମର କ୍ରନ୍ଦନ ଆସିପାରେ ନାହିଁ । ସ୍ଥୂଳଦେହର ରକ୍ଷା ଓ ଶାନ୍ତି ନିମିତ୍ତ ଯେପରି ଧନର ପ୍ରୟୋଜନ, ସୂକ୍ଷ୍ମ ଦେହର ରକ୍ଷା ଓ ଶାନ୍ତି ନିମିତ୍ତ ସେହିପରି ଦୀକ୍ଷାର ପ୍ରୟୋଜନ । ଦୀକ୍ଷା ଓ ମନ୍ତ୍ରର ନିୟମିତ ଜପ ଦ୍ୱାରା ଦମ୍ଭ, ଅଭିମାନ ନଷ୍ଟ ହୋଇ ଶରଣାଗତ ଭାବ ଆସେ ଏବଂ ଭଗବାନଙ୍କର ଅଭାବ ସହଜରେ ବୁଝିହୁଏ । ଅଭାବବୋଧ ହେଲାକ୍ଷଣି ତାଙ୍କ ନିକଟରେ କ୍ରନ୍ଦନ କରିବାର ଶକ୍ତି ଲାଭ ହୁଏ । ସେତେବେଳେ ସେ ଧରା ନ ଦେଇ ରହିପାରନ୍ତି ନାହିଁ । ତେଣୁ ଦୀକ୍ଷାର ଉଦ୍ଦେଶ୍ୟ ଭଗବାନଙ୍କ ପାଇଁ ବ୍ୟାକୁଳତା ।"

# ଉଡ୍‌ରଫ୍ ସାହେବ ଓ ଶ୍ରୀ ଶ୍ରୀ ଠାକୁର

**୭।୩।୧୯୩୩ ତାରିଖ, ସ୍ଥାନ—ନୀଳାଚଳ କୁଟୀର**

କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ, "ସାହେବମାନେ ନ ବୁଝି ଆମ୍ଭମାନଙ୍କୁ ନିନ୍ଦା କରନ୍ତି; କିନ୍ତୁ ତାଙ୍କୁ ବୁଝାଇଦେଲେ ସହଜରେ ବୁଝିଯାଆନ୍ତି । ସାର ଜନ୍ ଉଡ୍‌ରଫ୍ ସାହେବ ଜଣେ ଉଚ୍ଚଧରଣର ତାନ୍ତ୍ରିକ । ସେ 'ତନ୍ତ୍ରଭୂଷଣ' ଉପାଧି ନେବା ପରେ ଆସି ଚୈତନ୍ୟ ଲାଇବ୍ରେରୀରେ ତନ୍ତ୍ର ସମ୍ବନ୍ଧରେ ବକ୍ତୃତା ପ୍ରଦାନ କରି କହିଲେ, "ତନ୍ତ୍ରର ଯେଉଁସବୁ ସାଧନା ଅଛି, ତାହା ଅତି ସ୍ଥୂଳ । ମୋର ମନେହୁଏ, ଏହାଠାରୁ ସୂକ୍ଷ୍ମଶକ୍ତି ମଧ୍ୟ ଅଛି । ସମ୍ଭବତଃ ହିନ୍ଦୁମାନେ ଏହା ଉପରକୁ ଉଠି ନାହାନ୍ତି କିମ୍ବା ଏହାର ସନ୍ଧାନ ଜାଣନ୍ତି ନାହିଁ । ଏହି ବକ୍ତୃତାର ଅନୁବାଦ 'ବଙ୍ଗବାସୀ' ନାମକ ପତ୍ରିକାରେ ପ୍ରକାଶିତ ହେଲା । 'ବଙ୍ଗବାସୀ' ପତ୍ରିକାରୁ ମୁଁ ଏହା ଦେଖି ଜଣେ ଶିଷ୍ୟକୁ ତାହାର ପ୍ରତିବାଦ କରିବାକୁ କହି ଲେଖିଲି ଯେ, "ସାହେବ ତୁମେ ଭୁଲ ବୁଝିଛ, ଭଗବାନଙ୍କର ଅନନ୍ତ ଶକ୍ତି, ସେଥିମଧ୍ୟରୁ ତିନୋଟିଶକ୍ତି ପ୍ରଧାନ । ସେଗୁଡ଼ିକ ହେଉଛି, ମାୟାଶକ୍ତି, ଚିତ୍‌ଶକ୍ତି ଓ ଇଚ୍ଛାଶକ୍ତି । ପୁଣି ଚିତ୍‌ଶକ୍ତି, ତିନ ଭାଗରେ ବିଭକ୍ତ—ସମ୍ବିତ୍, ସନ୍ଧିନୀ ଓ ହ୍ଲାଦିନୀ । ତନ୍ତ୍ରରେ କେବଳ ମାୟାଶକ୍ତିର ଉପାସନା ବର୍ଣ୍ଣିତ ଅଛି । ଏହି ଶକ୍ତି ଦ୍ୱାରା କେବଳ ସୃଷ୍ଟି ସ୍ଥିତି, ଲୟର କ୍ରିୟା ସାଧିତ ହୁଏ । କିନ୍ତୁ ଚିତ୍‌ଶକ୍ତି ଭଗବାନଙ୍କର ସ୍ୱରୂପ ଶକ୍ତି, ଏହି ଶକ୍ତିର ସବିଶେଷ ବିବରଣ ଆପଣ ବୈଷ୍ଣବଶାସ୍ତ୍ରରୁ ପାଇ ପାରିବେ ।"

ଏହି ଯୁକ୍ତିରେ ସନ୍ତୁଷ୍ଟ ହୋଇ ଉଡ୍‌ରଫ୍ ସାହେବ ପୁରୀ ଆସି ମୋ ସହିତ ସାକ୍ଷାତ କରି ଶକ୍ତିତତ୍ତ୍ୱର ବହୁ ଗୂଢ଼ ରହସ୍ୟ ଉପଲବ୍ଧି କରିଥିଲେ ।"

# ସ୍ୱପ୍ନ ଓ ସଦ୍‌ଗୁରୁ

**୨୪।୩।୧୯୩୧ ତାରିଖ,** ସ୍ଥାନ—ନୀଳାଚଳ କୁଟୀର ।

ଶିଷ୍ୟ—ଠାକୁର, ଅନେକ ସମୟରେ ସ୍ୱପ୍ନରେ ଗୁରୁଙ୍କର ଦର୍ଶନ ଓ ଉପଦେଶ ମିଳିଥାଏ; ଏହା ପ୍ରକୃତ ସତ୍ୟ ନା ମନର ଭ୍ରାନ୍ତି ?

ଶ୍ରୀ ଶ୍ରୀ ଠାକୁର—ଏହା ପ୍ରତ୍ୟକ୍ଷ ସତ୍ୟ । ପ୍ରାଣମୟ କୋଷରେ ସ୍ୱପ୍ନ ଟିକିଏ ତନ୍ଦ୍ରାବଶତଃ ହୋଇଥାଏ । ମନୋମୟ କୋଷରେ ମନ ଅବସ୍ଥାନ କଲାବେଳେ ଚିନ୍ତାନୁରୂପ ସ୍ୱପ୍ନ ଦେଖାଯାଏ । ବିଜ୍ଞାନମୟ କୋଷରେ ମନ ଅବସ୍ଥାନ କଲାବେଳେ ଗୁରୁଦର୍ଶନ ହୁଏ । ଏସବୁ ସତ୍ୟ, ତାଙ୍କର ଉପଦେଶଗୁଡ଼ିକ ମଧ୍ୟ ସତ୍ୟ । ଯଦି ସ୍ଥୂଳଶରୀରଧାରୀ ଗୁରୁଙ୍କ କଥାରୁ ସ୍ୱପ୍ନଦୃଷ୍ଟ ଗୁରୁଙ୍କ କଥା ଅମେଳ ହୁଏ ଏବଂ ଗୁରୁ ଯଦି ସ୍ଥୂଳଦେହରେ ଥାନ୍ତି, ତେବେ ସ୍ଥୂଳଦେହଧାରୀ ଗୁରୁଙ୍କ କଥା ମାନିବାକୁ ପଡ଼ିବ । କାରଣ ଗୁରୁ ଅନେକ ସମୟରେ ପରୀକ୍ଷା କରନ୍ତି ।

ଶିଷ୍ୟ—ଠାକୁର, ଗୁରୁଙ୍କୁ ସ୍ଥୂଳରେ ପାଇବା ପୂର୍ବରୁ ଗୁରୁଙ୍କର ଯଦି ତିରୋଧାନ ଘଟେ, ତେବେ ଶିଷ୍ୟ କିପରି ଗୁରୁଙ୍କୁ ପାଇବ ?

ଶ୍ରୀ ଶ୍ରୀ ଠାକୁର—ଦେଖ, ସ୍ଥୂଳଭାବରେ ପାଇବା କିଛି ନୁହେଁ, **ସୂକ୍ଷ୍ମ ଭାବରେ ପାଇବାକୁ ପ୍ରକୃତ ପାଇବା** କହନ୍ତି । ବର୍ତ୍ତମାନ ତୁମେ ଆଖି ବୁଜିଦେଲେ ମୋତେ ଦେଖିପାରିବ ନାହିଁ । ସ୍ଥୂଳଟା ଇନ୍ଦ୍ରିୟଗ୍ରାହ୍ୟ, ଏହା ପରେ ଗୋଟିଏ ଅତୀନ୍ଦ୍ରିୟ ଅନୁଭୂତି ଅଛି । ତଦ୍ୱାରା ଯାହା ଲାଭ ହୁଏ, ତାହା ସୂକ୍ଷ୍ମ । **ଏଥିରୁ ଜାଣିରଖ, ଗୁରୁଙ୍କ ଦେହ ନ ଥିଲେ ସୁଦ୍ଧା ସେ ଅଛନ୍ତି;** ତେବେ ସ୍ଥୂଳରେ ନ ପାଇଲେ ସୂକ୍ଷ୍ମରେ ପାଇବାକୁ ଲୋଭ ହୋଇ ନ ପାରେ । ସ୍ଥୂଳରେ ଯେଉଁ ଭାବରେ ଭାବିବ ସୂକ୍ଷ୍ମରେ ସେହି ଭାବାନୁଯାୟୀ ଅନୁଭବ କରିବ । ଏହାର କୌଣସି ସାଧନା ନାହିଁ । କେବଳ ମୋତେ ସୁଖ ପାଇଲେ, ସବୁ ଖୋଲିଯିବ ।

ଶିଷ୍ୟ—ଠାକୁର, ମୁଁ ଧ୍ୟାନରେ ପ୍ରଥମେ ଆପଣଙ୍କର ସୂକ୍ଷ୍ମ ମୂର୍ତ୍ତିର ଦର୍ଶନ ପାଉଥିଲି, ବର୍ତ୍ତମାନ କାହିଁକି ଦେଖିପାରୁ ନାହିଁ ?



ମହାସମାଧିରେ ଶ୍ରୀଶ୍ରୀ ଠାକୁର

ଶ୍ରୀ ଶ୍ରୀ ଠାକୁର—ଠାକୁରଙ୍କୁ ଦେଖିବାକୁ ହେଲେ ଅନ୍ତରରେ କାନ୍ଦିବାକୁ ହେବ; ବ୍ୟାକୁଳ ଭାବରେ ପ୍ରାର୍ଥନା କରିବାକୁ ପଡ଼ିବ । ମୁଁ ଯେତେ ଦିନ ସ୍ଥୂଳଦେହରେ ଅଛି, ଏହିପରି ଦେଖୁଥାଏ । ପରେ ମୁଁ ଯେତେବେଳେ ଦେହ ତ୍ୟାଗ କରିବି, ସେତେବେଳ ମୁଁ ତୁମମାନଙ୍କ ଅନ୍ତରରେ ରହିଯିବି । ସେତେବେଳେ ତୁମେମାନେ ମୋତେ ସବୁବେଳେ ଦେଖିପାରିବ ।

## ମହାସମାଧି

ଶ୍ରୀ ଶ୍ରୀ ଠାକୁର ମଠରୁ ପ୍ରତ୍ୟାବର୍ତ୍ତନ କରି ନାନା ସ୍ଥାନ ଭ୍ରମଣ କଲାପରେ ୧୯୩୫ ମସିହା ଅଗଷ୍ଟ ମାସର ୩୧ ତାରିଖ ଦିନ ପୁରୀ ଆସିବାକୁ ସମ୍ବାଦ ଦେଲେ । ଆମ୍ଭେମାନେ ସମସ୍ତେ ଉକ୍ତ ଦିନ ପ୍ରଭାତରେ ଠାକୁରଙ୍କୁ ଷ୍ଟେସନରେ ଦର୍ଶନ କରି ଫୁଲମାଳ ଦେଇ ଆଣି ନୀଳାଚଳ କୁଟୀରରେ ପହଞ୍ଚାଇଲୁ । ବାର୍ଷିକ 'ସାର୍ବଭୌମ ଭକ୍ତ ସମ୍ମିଳନୀ' ଏହିବର୍ଷ ପୁରୀରୁ ଆହୂତ ହୋଇଥିଲା । ଆମ୍ଭେମାନେ 'ଭକ୍ତ ସମ୍ମିଳନୀ' ନିମିତ୍ତ ପୂର୍ଣ୍ଣ ଆୟୋଜନରେ ଲାଗି ପଡ଼ିଥିଲୁ । ଠାକୁର ଉପସ୍ଥିତ ହୋଇ ପ୍ରଥମ ସାକ୍ଷାତ ପରେ ବନମାଳୀ ଭାଇଙ୍କୁ କହିଲେ, "ଏ ବର୍ଷ ତୁମର ଏଠାରେ ସମ୍ମିଳନୀ ବନ୍ଦ ଥାଉ । ତୁମେମାନେ ନିକଟବର୍ତ୍ତୀ ସ୍ଥାନମାନଙ୍କରେ ହେଉଥିବା ସମ୍ମିଳନୀରେ ଯୋଗ ଦିଅ, ପରେ ଏଠାରେ ସମ୍ମିଳନୀ କରିବ ।" ଆମ୍ଭେମାନେ ଠାକୁରଙ୍କ କଥା ଶୁଣି ନିବୃତ୍ତ ନ ହୋଇ ସେହି ବର୍ଷ ସମ୍ମିଳନୀ ପୁରୀରେ କରିବାକୁ ଜିଦ୍ ଧରିଲୁ । ସେତେବେଳେ ଠାକୁରଙ୍କ ଉଦ୍ଦେଶ୍ୟ କିଛି ବୁଝିପାରିଲୁ ନାହିଁ । ଠାକୁର ଆମ କଥା ଶୁଣି କହିଲେ, "ଆଚ୍ଛା ହେଲା, ତୁମମାନଙ୍କର ଯାହା ଇଚ୍ଛା ।"

ଆମ୍ଭେମାନେ ପ୍ରତିଦିନ ଅପରାହ୍ନବେଳା ରିକ୍ସାରେ ବସାଇ ଠାକୁରଙ୍କୁ ସମୁଦ୍ରକୂଳକୁ ବୁଲାଇବାକୁ ନେଉଥାଉଁ । ଶ୍ରୀ ଶ୍ରୀ ଠାକୁର ପୁରୀର ଗଳି କନ୍ଦି ପ୍ରଭୃତି ବୁଲି ସମୁଦ୍ରକୂଳରେ ବସି ଧ୍ୟାନ କରନ୍ତି । ପୁନରାୟ ସନ୍ଧ୍ୟା ସମୟରେ ଆମେ ଆଣି ଠାକୁରଙ୍କୁ ନୀଳାଚଳ କୁଟୀରରେ ଛାଡ଼ିଦେଇ ଯାଉଁ । ସଙ୍ଗରେ ମନୁ ଆଏ, ଅନ୍ନଦା ବ୍ରହ୍ମଚାରୀ ରିକ୍ସା ଟାଣନ୍ତି, ନୃପ ଭାଇ, ଲକ୍ଷ୍ମୀଧର ଭାଇ ପ୍ରଭୃତି ରିକ୍ସାର ପଛେ ପଛେ ଯାଆନ୍ତି । ଆମେମାନେ ମଧ୍ୟ ପଛେ ପଛେ

ଥାଉ । ଏହିସମସ୍ତରେ ଠାକୁର ଆମମାନଙ୍କ ସହିତ ନାନାପ୍ରସଙ୍ଗରେ ପ୍ରାଣଖୋଲା ଭାବରେ କଥାବାର୍ତ୍ତା କରନ୍ତି । ଯେଉଁସବୁ କଥାବାର୍ତ୍ତା ହୁଏ, ସେ ସବୁଥିରୁ ଠାକୁର ନାନା କଥା କହି ଗଡ଼ାଇଆଣି ଶେଷକୁ ଦେହତ୍ୟାଗ କଥା ପ୍ରକାଶ କରନ୍ତି ।

ଦିନେ ହଠାତ୍ କହିଲେ, "ଦେଖ, ତୁମେମାନେ ମୋ ମୃତ୍ୟୁ ପରେ ନୀଳାଚଳ କୁଟୀରକୁ ଆସୁଥିବ । ମୁଁ ଏହି କୁଟୀର ମାଆମାନଙ୍କୁ ଦେଇଦେଇଛି । ଯଦି ମୁଁ ପୁରୀରେ ଦେହତ୍ୟାଗ କରେ, ତେବେ ଏହି ସ୍ଥାନରେ (ସ୍ଥାନ ଦେଖାଇ) ମୋର ସମାଧି କରିବ । ମନୁର ବଂଶଧରମାନେ ମୋର ଏହି ସମାଧିର ସେବାପୂଜା କରିବେ । ଯେପରି ଗୁରୁଧାମରେ ମୋର ଆତ୍ମୀୟମାନେ ସେବାପୂଜା କରୁଛନ୍ତି, ମନୁର ବଂଶଧରମାନେ ମଧ୍ୟ ଏଠାରେ ସେହିପରି କରିବେ । ଯଦି ତାହା ନ ହୁଏ, ତେବେ ନୈଷ୍ଠିକ ବ୍ରାହ୍ମଣଦ୍ୱାରା ସେବାପୂଜାର ବନ୍ଦୋବସ୍ତ କରାଇବ ।"

ଆଉ ଦିନେ ଶ୍ରୀ ଶ୍ରୀ ଠାକୁରଙ୍କ ଚତୁଃପାର୍ଶ୍ୱରେ ଆମେମାନେ ବସିଛୁ ଶ୍ରୀ ଶ୍ରୀ ଠାକୁର ହଠାତ୍ କହିଉଠିଲେ, "ଦେଖ, ଏଠାରେ ମୋର ଆସନ ବର୍ତ୍ତମାନ ଯେଉଁଠି ଯେପରି ଅଛି, ମୋର ଦେହତ୍ୟାଗ ପରେ ଠିକ୍ ସେହିପରି ସେହି ସ୍ଥାନରେ ଯେଉଁଭଳି ରହିବ, ତୁମେମାନେ ତାହାର ବ୍ୟବସ୍ଥା କରିବ । ଆସନ ବର୍ତ୍ତମାନ ପରି ସଜ୍ଜିତ ଥିବ । ଭକ୍ତମାନେ ଆସି ଦେଖିଯାଉଥିବେ । ରାମକୃଷ୍ଣଦେବ କେତେଦିନ ହେଲା ଦେହତ୍ୟାଗ କଲେଣି; କିନ୍ତୁ ତାଙ୍କରଆସନ ପୂର୍ବପରି ସଜ୍ଜିତ ରହିଅଛି ସତେ ଯେପରି ସେ ବାହାରକୁ ଯାଇଛନ୍ତି, ବର୍ତ୍ତମାନ ଫେରିଆସିବେ । ତୁମେମାନେ ସେହିପରି ମୋ ଆସନ ସଜାଇ ରଖିବ ।" ଆମ୍ଭେମାନେ ଏହି କଥାର ଉଦ୍ଦେଶ୍ୟ କିଛି ବୁଝିପାରିଲୁ ନାହିଁ । କାହିଁକି ଯେ ଠାକୁର ଆମମାନଙ୍କୁ ଏପରି ନିର୍ଦ୍ଦେଶ ଦେଉଛନ୍ତି, ତାହା ଜାଣି ନ ପାରି ମନ ଚଞ୍ଚଳ ହୋଇଉଠିଲା ।

**୫।୧୧।୧୯୩୪** ତାରିଖ ମଙ୍ଗଳବାର ଦିନ ଶ୍ରୀ ଶ୍ରୀ ଠାକୁର ବଡ଼ଦାଣ୍ଡ ଦେଇ ଇନ୍ଦ୍ରଦ୍ୟୁମ୍ନ ସରୋବର ପର୍ଯ୍ୟନ୍ତ ଗଲେ । ବାଟରେ କହିଲେ,

"ବାହାରକୁ ଆସିଲେ ମୋର ମନ ପ୍ରଫୁଲ୍ଲ ରହୁଛି; କିନ୍ତୁ ଘରକୁ ଯିବାକ୍ଷଣି ମନ ସମାହିତ ହୋଇଯାଉଛି । ଘରେ ନିଦ୍ରା ହେଉ ନାହିଁ । ସେଥିପାଇଁ ଡାକ୍ତର ଅଣାଇଥିଲି । ଡାକ୍ତରଙ୍କ ମତରେ ମୋ ଦେହରେ କୌଣସି ରୋଗ ନାହିଁ । ଅଥଚ ମୋ ହୃଦୟ ଦୁର୍ବଳ ଲାଗୁଛି କାହିଁକି ? ତାଙ୍କ କଥାରେ ମନ ମାନିଲା ନାହିଁ । ଏଇଟା ମୋର ମୃତ୍ୟୁର ଲକ୍ଷଣ ।" କିଛିକ୍ଷଣ ରହି ପୁନର୍ବାର କହିଲେ, "ହୃତ୍‌ଯନ୍ତ୍ର କ୍ରିୟାରହିତ (heart fail) ହୋଇ ମରିବାଟା ଖୁବ୍ ସୁଖର କଥା । "ଏଭଳି ମୃତ୍ୟୁ ପୁଣ୍ୟାତ୍ମା ସାଧୁମହାପୁରୁଷଙ୍କ ପକ୍ଷରେ ଖୁବ୍ ଭଲ; କିନ୍ତୁ ସାଧାରଣଙ୍କ ପକ୍ଷରେ ଭଲ ନୁହେଁ । ଭୁବନ ବ୍ରହ୍ମଚାରୀର ପିତାଙ୍କର ଏହିପରି ହୋଇଥିଲା । ମୁଁ ଦିନେ ତାଙ୍କ ଘରଠାରେ ଭୁବନକୁ କହିଲି, 'ଭୁବନ, ତୋରବାବା ଏଥର ଆଉ ରହିବେ ନାହିଁ ।' ସେ ଏକଥା ସମସ୍ତଙ୍କୁ କହିଦେଲା । ଏହା ଶୁଣି ତା ପିତାଙ୍କର ମୋ ଉପରେ ଟିକିଏ ଈର୍ଷା ହେଲା; କାରଣ ସେ ଭାବନ୍ତି ଯେ, ସମସ୍ତେ ତାଙ୍କ ନିକଟରେ ବସନ୍ତୁ । ମୁଁ ଚାଲି ଆସିବାର କେତେଦିନ ପରେ ଟେଲିଗ୍ରାମ ପାଇଲି, ସେ ମରିଯାଇଛନ୍ତି । ଏହି ମୃତ୍ୟୁ ଜ୍ଞାନପୂର୍ବକ ମୃତ୍ୟୁ । ମୋର ଏ ଅବସ୍ଥାଟା ମୃତ୍ୟୁର ଲକ୍ଷଣ ।" ପୁଣି କିଛି ସମୟ ମୌନ ରହି କହିଲେ, "ହୁଏତ ମୁଁ ପାଞ୍ଚ ଛଅ ମାସ ଭିତରେ ମରିଯିବି । ଏଇଟା ଦେହଗତ ଧର୍ମ । ଯେତେବେଳେ ମରିବ ବୋଲି ଜାଣିପାରିବ, ସେତେବେଳେ ଖୁବ୍ ଶାନ୍ତି ଲାଗିବ । ଯେପରି ଅବିଶ୍ରାମ ଜୀବନରେ ବିଶ୍ରାମ ଆସେ, ସେହିପରି ବୋଧ ହେବ । ଠିକ୍ ଏହି ରକମ ଅବସ୍ଥା ମୋର ବସନ୍ତ ସମୟରେ ହୋଇଥିଲା । ସେତେବେଳେ ଲୀଳା ମା' ମୋର ବହୁତ ସେବା କରିଛନ୍ତି । ତାଙ୍କର ପରାମର୍ଶରେ ଫଣୀବାବୁ ଓ ପ୍ରଜ୍ଞାନନ୍ଦ ସ୍ୱାମୀ ମୋର ସେବା କରୁଥିଲେ । ମୁଁ ସମାଧିସ୍ଥ ହୋଇଯାଉଥାଏ; କିନ୍ତୁ ଲୀଳାମା' ମୋତେ ଉଠାଇ ଦିଅନ୍ତି । ସେତେବେଳେ ତାଙ୍କର ଭିତରେ ଏକ ପ୍ରବଳ ଇଚ୍ଛାଶକ୍ତି ଜାଗ୍ରତ ହୋଇଉଠେ । ସେହି ଅବସ୍ଥାରେ ସେ ବାରମ୍ବାର କହୁଥିଲେ, "ଆମେ ଠାକୁରଙ୍କୁ ଚାହୁଁ, ତାଙ୍କୁ ରହିବାକୁ ହେବ । ସେଥିରେ ମୋର ସମାଧି ଭାଙ୍ଗିଯାଏ ।"

ପୁରୀର ଆସିଷ୍ଟାଣ୍ଟ ସର୍ଜନ ଠାକୁରଙ୍କୁ ଦେଖିବାକୁ ଆସିଲେ । ରକ୍ତଗ୍ରୁପ ୧୪୦ ହେଲା । ତାହା ଷାଠିଏ ବର୍ଷ ବୟସ୍କଙ୍କ ପକ୍ଷରେ କିଛି ନୁହେଁ ବୋଲି ଡାକ୍ତର ମତ ଦେଲେ । ହୃଦଯନ୍ତ୍ରରେ କିଛି ଦୋଷ ନାହିଁ, ଚେହେରା ଖୁବ୍ ଆନନ୍ଦମୟ ବୋଲି କହି ଡାକ୍ତର ଚାଲିଗଲେ; କିନ୍ତୁ ଏଥିରେ ଠାକୁରଙ୍କର ମନ ମାନିଲା ନାହିଁ ।

ସେଦିନ ଅପରବେଳା ରିକ୍ସା ସାଙ୍ଗରେ ଯିବାବେଳେ ଶ୍ରୀ ଶ୍ରୀ ଠାକୁର କହିଲେ, "ନୃପାଳ, ଦୁର୍ଗାଚରଣ ! ରିକ୍ସା ସାଙ୍ଗରେ ଆସିବାଟାକୁ କ'ଣ କଷ୍ଟ ମନେ କର ? ତୁମେମାନେ ସାଙ୍ଗରେ ଆସିଲେ, ମୋତେ ଖୁବ୍ ଆନନ୍ଦ ଲାଗେ । ଯେଉଁଦିନ ତୁମେମାନେ ନ ଆସ, ମୁଁ ବରାବର ପଚାରୁଥାଏ ।" ତା'ପରେ ନିଜ ଦେହକୁ ଲକ୍ଷ୍ୟ କରି କହିଲେ, "ମୋ ଭିତରେ ଯେଉଁ ଅବସ୍ଥା ହେଉଛି, ଏଥିରେ ମୋର ମୃତ୍ୟୁ ହୋଇପାରେ ଅଥବା ମୁଁ ନୂତନ ବଳ ବା ଉତ୍ସାହ ନେଇ ପୁଣି ଜଗତରେ ଅନ୍ୟ ଭାବରେ କାର୍ଯ୍ୟ କରିବ ।"

ଏହା ଶୁଣି ଆମ୍ଭେମାନେ ପଚାରିଲୁ, "ଠାକୁର, ଆପଣ ଚାଲିଗଲେ ଆମେସବୁ କେଉଁଆଡ଼କୁ ଯିବୁ ?" ଏହାର ଉତ୍ତରରେ ଠାକୁର କହିଲେ, "କାହିଁକି, ମୁଁ ଯେଉଁଠାରେ ରହିବି, ତୁମେମାନେ ସେହିଠାରେ ରହିବ ।" ଏହିପରି ସେଦିନର ଆଲୋଚନା ଶେଷ ହେଲା । ଆମେ ତଥାପି ମଧ୍ୟ ଶ୍ରୀ ଶ୍ରୀ ଠାକୁର ଆମମାନଙ୍କ ସ୍ଥୂଳଚକ୍ଷୁ ସମ୍ମୁଖରୁ ଏତେ ଶୀଘ୍ର ଚାଲିଯିବେ ବୋଲି ବିଶ୍ୱାସ କରିପାରିଲୁ ନାହିଁ ।

## ବିଦାୟୀ ଆଶୀର୍ବାଦ

**୭ । ୧୧ । ୧୯୩୪ ତାରିଖ :** ଆଜି ଶ୍ରୀ ଶ୍ରୀ ଠାକୁର ରିକ୍ସାରେ ଶଙ୍କରାଚାର୍ଯ୍ୟ ମଠ ଦେଇ ହରଚଣ୍ଡୀ ସାହିକୁ ଗଲେ । ସେଠାରୁ ବି. ଏନ୍. ଆର୍. ହୋଟେଲ ପର୍ଯ୍ୟନ୍ତ ଯାଇ ଫେରିଆସିବା ବେଳେ କହିଲେ, 'ବର୍ତ୍ତମାନ ମୋ ମନ କାହିଁକି ବେଶ୍ ପ୍ରଫୁଲ୍ଲ ଲାଗୁଛି । ମନ ଆନନ୍ଦରେ ଭାସୁଛି । ଘର ଭିତରେ

ସ୍ଥିରହୋଇ ବସିବାକ୍ଷଣି ତାହାଁଙ୍କ ଦୁର୍ବଳ ବୋଧ ହେଉଛି । ଆଜି ଖାଇବାବେଳେ ଖାଇ ପାରିଲି ନାହିଁ । ଭିତରକୁ ଭାତ ଗଲା ନାହିଁ ।" ଏହା ଶୁଣି ନୃପ ଭାଇ ଗିରିଧାରୀ ଜଗତ୍ତାଙ୍କ ଜଳଚକଣ୍ଡା କଥା କହିବାରୁ ତାଙ୍କ ମନ ରକ୍ଷା କରିବା ପାଇଁ ଜଗତ୍ତାଙ୍କୁ ଅଣାଇବାକୁ ଠାକୁର ରାଜିହେଲେ ।

ତା'ପରେ ଆମ୍ଭମାନଙ୍କୁ ଲକ୍ଷ୍ୟ କରି କହିଲେ, "ମୁଁ ମରିଗଲା ପରେ ତୁମେମାନେ ମୋତେ ଭଲଭାବରେ ପାଇପାରିବ । ମୁଁ ଯେଉଁ ଶକ୍ତି ନେଇ ଜଗତକୁ ଆସିଥିଲି, ମୋର ସ୍ଥୂଳ ଦେହ ସେ ଶକ୍ତି ଧାରଣର ଉପଯୋଗୀ ହେଲା ନାହିଁ । ମୁଁ ଏଥର ସମାଧିସ୍ଥ ହୋଇ ଦେହତ୍ୟାଗ କରିବି କିମ୍ବା ନୂତନ ବଳ ନେଇ ଫେରି ଆସିବି । ମୋ ଭିତରେ ଯେଉଁ ଶକ୍ତି କେନ୍ଦ୍ରୀଭୂତ ହୋଇ ରହିଛି, ମୋ ମୃତ୍ୟୁ ପରେ ତାହା ଶିଷ୍ୟମାନଙ୍କ ମଧ୍ୟରେ ସଞ୍ଚାରିତ ହୋଇପଡ଼ିବ ।"

କିଛି ସମୟ ଚୁପ୍‌ରହି ଶ୍ରୀ ଶ୍ରୀ ଠାକୁର ପୁନର୍ବାର କହିଲେ, "ଯେଉଁମାନେ ଭକ୍ତିଭାବରେ ଜୀବନ କଟାଇବେ, ସେମାନେ ଗୋଟିଏ ଜନ୍ମରେ ମୁକ୍ତି ପାଇବେ ଓ ଅନ୍ୟ ଯେଉଁମାନେ ମୋ ପ୍ରଦତ୍ତ ସାଧନ-ଭଜନ କରୁଛନ୍ତି, ଅଥଚ ମୋତେ ଚିହ୍ନାନ୍ତି ନାହିଁ; ସେମାନେ ପୁନର୍ବାର ଜନ୍ମଗ୍ରହଣ କରି ଅନ୍ୟ ସଦ୍‌ଗୁରୁ ଲାଭ କରିବେ ।" ଏ କଥା ଶୁଣି ଆମେ ପଚାରିଲୁ, "ଆପଣ ଚାଲିଗଲା ପରେ କଅଣ ଆମେ ଆପଣଙ୍କୁ ଏହି ଭାବରେ ଦେଖି ପାରିବୁ ?"

ଶ୍ରୀ ଶ୍ରୀ ଠାକୁର—ହଁ, ତୁମମାନଙ୍କର ଚିନ୍ତା କ'ଣ ? ତୁମେମାନେ ଠିକ୍ ଏହି ଭାବରେ ମୋତେ ପାଇବ । ଏହି ଚେହେରାରେ ମଧ୍ୟ ଦେଖିପାରିବ । ଯେତେବେଳେ ତୁମର କାର୍ଯ୍ୟ ନ ଥିବ, ସେତେବେଳେ 'ଜୟଗୁରୁ' 'ଜୟଗୁରୁ' ବୋଲି ଜପ କରିବ । ତାହେଲେ ଏପରି ହେବ ଯେ, ତୁମେ ସ୍ୱପ୍ନରେ ଶୋଇଥିବାବେଳେ ମଧ୍ୟ 'ଜୟଗୁରୁ' ଜପ ଚାଲିଥିବାର ଅନୁଭବ କରିବ । ମୁଁ ଠିକ୍ ସେହି ସମୟରେ ତୁମମାନଙ୍କ ଅନ୍ତରରେ ଫୁଟିଉଠିବି ।"

ଆମେ ପଚାରିଲୁ, "ଠାକୁର, ଆପଣ ତ ଦେହତ୍ୟାଗ କରିବେ ବୋଲି କହୁଛନ୍ତି, ଆପଣଙ୍କ ଗୁରୁଘର କାହାକୁ ଦେଇଯିବେ ?"

ଠାକୁର ଉତ୍ତର ଦେଲେ—"ନା, **ମୁଁ ନିଜେ ଗୁରୁ ରହିବି**। ଯେଉଁ ଦିନ ମୁଁ ଶୁଦ୍ଧ ଆଧାର ପାଇବି, ସେହିଦିନ ତା ଭିତରେ ଆବିଷ୍ଟ ହୋଇଯିବି। ମୋର ଭକ୍ତମାନେ ମୋତେ ଏହି ଭାବରେ ପାଇବେ।"

**୧୦।୧୧।୧୯୩୪ ତାରିଖ**, କାର୍ତ୍ତିକ ପୂର୍ଣ୍ଣିମା—ଆଜି ଟେଲିଗ୍ରାମ ପାଇ ଫଣୀବାବୁ ପ୍ରଭୃତି ଆସି ପହଞ୍ଚିଲେ। ଶ୍ରୀ ଶ୍ରୀ ଠାକୁର ବନମାଳୀ ଭାଇଙ୍କୁ ପୂର୍ବ ଦିନରୁ ଦେହତ୍ୟାଗର ସମସ୍ତ ବିବରଣ କହିଥିଲେ ଓ ଏହି ଅବସ୍ଥା ନ ବଦଳିଲେ ଦେହରକ୍ଷା କରିବେ ବୋଲି ମଧ୍ୟ ସୂଚନା ଦେଇଥିଲେ।

**୧୨।୧୧।୧୯୩୪ ତାରିଖ**—ଆଜି ଗିରିଧାରି ବାବୁ ରଞ୍ଜନରଶ୍ମି ପକାଇଲେ। କିନ୍ତୁ କିଛି ଫଳ ନ ହେବାରୁ ଠାକୁର କହିଲେ, "ତାଙ୍କୁ କହ, ମୁଁ ତିନିଦିନ ତାଙ୍କ ନିୟମରେ ରହିଲି; କିଛି ଫଳ ନାହିଁ। ବର୍ତ୍ତମାନ ମୁଁ କଲିକତା ଯାଉଛି। ପରେ ଆସିଲେ ଦେଖା ହେବ। ତା ପରେ ବୁଲି ବାହାରିଲୁ। ଠାକୁର ପାଣିକଳ ରାସ୍ତା ଦେଇ ଗଲେ। ପାଣିକଳର ଇଞ୍ଜିନ ବସିଥିବା ଘର ପାଖରେ ପହଞ୍ଚିବାରୁ ନିଜେ ରିକ୍‌ସାରୁ ଅବତରଣ କରି ଯାଇ କଳ ସବୁ ଦେଖିଆସିଲେ। ପରେ ଫଣୀବାବୁ ପ୍ରଭୃତିଙ୍କ ସହିତ ସମୁଦ୍ରକୂଳରେ କିଛି ସମୟ ବସି ଘରକୁ ଫେରିଲେ।

**୧୩।୧୧।୧୯୩୪ ତାରିଖ**—ଆଜି ସକାଳେ ଆମେମାନେ ନୀଳାଚଳ କୁଟୀରକୁ ଆସିବାରୁ ଠାକୁର କହିଲେ, "ମୁଁ ଆଜି କଲିକତା ଯାଉଛି। ତୁମେମାନେ ଶୀଘ୍ର ଶୀଘ୍ର ଆସି ଜିନିଷପତ୍ରସବୁ ନେଇ ଷ୍ଟେସନରେ ପହଞ୍ଚାଇ ଦେଇ ଆସିବ।" ଉପରବେଳା ଠାକୁର ଠିକ୍ ପୂର୍ବପରି ଯଥା ସମୟରେ ରିକ୍‌ସାରେ ବୁଲି ବାହାରିଲେ। ନୀଳାଚଳ କୁଟୀରରୁ ବାହାରି ଦୋଳମଣ୍ଡପ ସାହି ବୁଲି ପୋଷ୍ଟ ଅଫିସ ପାଖକୁ ଗଲେ। ସେଠାରେ ଘ ୬।୩୫ ବାଜି ଥିବାର ଦେଖି ଅଦାଲତ ବାଟ ଦେଇ ସିଧା ବି. ଏନ୍. ଆର୍.

ହୋଟେଲ ରାସ୍ତାରେ ଗଲେ । ତାପରେ ଷ୍ଟେସନ ଦେଇ କଲେଜ ହସପିଟାଲ ଓ ବଡ଼ଶଙ୍ଖ ବାଟରେ ଫେରିଲାବେଳେ ଠାକୁର କହିଲେ, "ଆଜିଟିକିଏ ଜଗନ୍ନାଥଙ୍କୁ ଦେଖିବାକୁ ହେବ ।" ତା ପରେ ମରିଚକୋଟ ବାଟେଯାଇ ସିଂହଦ୍ୱାରରେ ପହଞ୍ଚି ରିକ୍‌ସା ବନ୍ଦ କଲେ ଓ ପତିତପାବନଙ୍କୁ କିଛି ସମୟ ଚାହିଁ କହିଲେ, "ଏଇ ମୋର ଜଗନ୍ନାଥଙ୍କ ଶେଷ ଦର୍ଶନ ହେଲା ।" ସେଠାରୁ ଆସି ନୀଳାଚଳକୁଟୀରରେ ପହଞ୍ଚି ମଠରରେ ବସି ଷ୍ଟେସନକୁ ବାହାରିଗଲେ । ଠାକୁର ଗାଡ଼ିରେ ବସିବାବେଳେ ଆମ୍ଭେମାନେ ଫୁଲମାଳ ପ୍ରଭୃତି ଦେଇ ପ୍ରଣାମ କଲୁ । ଠାକୁର ଗୋଡ଼ ଲମ୍ବାଇ ଦେଇ ଆଶୀର୍ବାଦ କଲେ । ଆଜି ଠାକୁରଙ୍କ ଶେଷ ଦର୍ଶନ ଓ ରିକ୍‌ସା ସଙ୍ଗରେ ଯିବା ମଧ୍ୟ ଶେଷଥର ।

ଶ୍ରୀ ଶ୍ରୀ ଠାକୁର କଲିକତା ଯାଇ ପ୍ରଥମେ ବେଲଘରିଆରେ କିଛି ଦିନ ରହିଲେ । ତାହାପରେ ବିଡ଼ନ୍‌ଷ୍ଟ୍ରିଟର ଗୋଟିଏ ଭଡ଼ା ଘରେ ଯାଇ ଅବସ୍ଥାନ କଲେ । ଠାକୁରଙ୍କ ଅବସ୍ଥା ବଦଳିଲା ନାହିଁ । ଭକ୍ତମାନେ ଡାକ୍ତର ବିଧାନଚନ୍ଦ୍ର ରାୟଙ୍କୁ ଆଣିଲେ । ଶ୍ରୀ ଶ୍ରୀ ଠାକୁର କହିଲେ, "ଏଥର ବିଧାନର ବିଧାନରେ କିଛି ଫଳ ହେବ ନାହିଁ ।" ଡାକ୍ତରମାନେ ପଚାରିଲେ, "ଆପଣଙ୍କର କଅଣ ଅସୁଖ ହୋଇଛି ?"

ଶ୍ରୀ ଶ୍ରୀ ଠାକୁର—"ମୋର ଅସୁଖ କଅଣ ହୋଇଛି କିପରି କହିବି ? ଧର, କୌଣସି ନିସ୍ତରଙ୍ଗ ଶାନ୍ତ ପୁଷ୍କରିଣୀ ମଧ୍ୟରେ ଟେକାଟିଏ ପକାଇଲେ ପ୍ରଥମରେ ଗୋଟିଏ କ୍ଷୁଦ୍ର ତରଙ୍ଗ ଉଠେ । ପରେ ଆସ୍ତେ ଆସ୍ତେ ତାହା ପୋଖରୀସାରା ବ୍ୟାପ୍ତ ହୋଇ ପୋଖରୀରେ ମିଳେଇଯାଏ । ମୋର ମଧ୍ୟ ଠିକ୍ ଏହି ଅବସ୍ଥା । ଏହାକୁ ତୁମ ଡାକ୍ତରୀ ଶାସ୍ତ୍ରରେ କି ରୋଗ କହନ୍ତି, ଦେଖ ।"

୧୯୩୪ ନଭେମ୍ବର ୨୮ ତାରିଖ ଦିନ ଶ୍ରୀ ଶ୍ରୀ ଠାକୁର ଭକ୍ତ ମୋହିନୀଲାଲଙ୍କୁ କହିଲେ, ମୁଁ ତୁମମାନଙ୍କ ମଙ୍ଗଳ ଚିନ୍ତା କରିବାକୁ

ଯାଉଛୁ ।'' ଅବଶେଷରେ ୧୯୩୫ ନଭେମ୍ବର ୨୯ ତାରିଖ ଆସିଗଲା । ଶ୍ରୀ ଶ୍ରୀ ଠାକୁର ସେବକ ଭୁବନ ବ୍ରହ୍ମଚାରୀଙ୍କୁ କହିଲେ, ଯେଉଁ ଦେହ ଦ୍ୱାରା କାହାକୁ ସନ୍ତୁଷ୍ଟ କରିପାରୁ ନାହିଁ, କାହା ସଙ୍ଗରେ ଦେଖା କରିବାକୁ ଯାଇପାରୁ ନାହିଁ, ଯେଉଁ ଦେହ ଦ୍ୱାରା କାହାର ସେବା କରିପାରୁ ନାହିଁ, ସେ ଦେହରଖି ଲାଭ କଅଣ ?'' କ୍ରମଶଃ ଠାକୁରଙ୍କ ଅସ୍ପଷ୍ଟ ଭାବ ଦେଖି ଭୁବନ ଭାଇଙ୍କର ସନ୍ଦେହ ହେଲା । ଠାକୁର ଯେପରି ଅନ୍ତରରେ ବୁଡ଼ି ନ ଯିବେ, ସେଥିପାଇଁ ଭୁବନ ଭାଇ ବାରମ୍ବାର କହୁଥାନ୍ତି, ''ଠାକୁର, ଉଠ, ମୁଖ ଧୁଅ, କଥା କୁହ ।''ଶ୍ରୀ ଶ୍ରୀ ଠାକୁର ସେତେବେଳେ ଅନ୍ତରରାଜ୍ୟରେ ବୁଡ଼ିବାକୁ ଆରମ୍ଭ କଲେଣି । ଅନେକ ଡ଼ାକିବା ପରେ ଠାକୁର କହିଲେ, ''ଆଉ କାହିଁକି ଡ଼ାକୁଛ ବାବା, ମୋତେ ଅନ୍ତରରେ ବୁଡ଼ିଯିବାକୁ ଛାଡ଼ିଦିଅ ।'' ଏହା ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀମୁଖନିଃସୃତ ଶେଷ ବାଣୀ ।

## ମହାସମାଧି


ଶ୍ରୀ ଶ୍ରୀ ଠାକୁର ବିଛଣାରୁ ଉଠିବାର ଉପକ୍ରମ କରୁଥିବା ଦେଖି ଭୁବନ ଭାଇ ତାଙ୍କୁ ଧରି ବିଛଣା ଉପରେ ବସାଇଲେ । ଠାକୁର ଆସନ କରି ବସିଲେ । ଆସନରେ ବସି ଦୁଇଥର ଚକ୍ଷୁ ମେଲା କରି ଯେଉଁମାନେ ଘରେ ଥିଲେ, ସେମାନଙ୍କୁ ଭଲରୂପେ ଦେଖିନେଲେ । ତା'ପରେ ଚକ୍ଷୁ ମୁଦ୍ରିତ କଲେ । ଶେଷରେ ଘ ୧ । ୧୫ ମିନଟ୍ ସମୟରେ ସେ ଯେଉଁ ନିଃଶ୍ୱାସ ନେଲେ, ତାହା ଆଉ ଫେରିଲା ନାହିଁ, ସେହି ଜଳଦଗମ୍ଭୀର ସ୍ୱର ଆଉ ଶୁଣାଗଲା ନାହିଁ, ସେହି ସ୍ନେହସିକ୍ତ ନୟନ ଆଉ ମେଲା ହେଲା ନାହିଁ । ବିରାଟ ପ୍ରତିଷ୍ଠାନର ପ୍ରାଣ-ପ୍ରଦୀପ ଲିଭିଗଲା । ଅଗଣିତ ଭକ୍ତଙ୍କ ହୃଦୟଦେବତାଙ୍କର ନଶ୍ୱର ଦେହ ପଡ଼ିରହିଲା ! ଆତ୍ମଦର୍ଶୀ, ଜୀବନ୍ମୁକ୍ତ ଯୋଗୀଗୁରୁ ଯୋଗପରେ ଅନ୍ତରରେ ବୁଡ଼ିଗଲେ ।

ଆମ୍ଭେମାନେ ଆଜି ଯେ କ'ଣ ହରାଇ ବସିଛୁ, ତାହା ବୁଝି ନାହୁଁ । ଯେଉଁ ଆତ୍ମବୋଧ ସେ ଜାଗ୍ରତ କରାଇ ଦେଇଛନ୍ତି, ଜୀବନରେ ତାହାର ପ୍ରତ୍ୟକ୍ଷବୋଧର ଅଧିକାରୀ ଆମେ ହୋଇପାରିବୁ କି ନାହିଁ, ତାହା ମଧ୍ୟ ଆମେ ଜାଣୁ ନାହିଁ; କିନ୍ତୁ ତାଙ୍କ ବାଣୀ ଆମ କର୍ଣ୍ଣରେ ସତତ ଧ୍ୱନିତ ହେଉଅଛି—''ମୁଁ ଦେହତ୍ୟାଗ କଲା ପରେ ଜଗଦ୍‌ଗୁରୁଙ୍କ ସହିତ ମିଶିଯିବି ସତ୍ୟ; କିନ୍ତୁ ମୋତେ ତୁମେମାନେ ଅଧିକ

ଭାବରେ ଉପଲବ୍ଧି କରିପାରିବ । ମୁଁ ତୁମମାନଙ୍କ ଭିତରେ ଅଛି ଦ୍ରୁତ ଫୁଟି ଉଠିବି, ପୁଣି ତୁମେମାନେ ମୋ ନିମିତ୍ତ କାନ୍ଦି ଭସାଇଦେବ ।"

ଆଜି ଅନ୍ତରରେ ବୁଝୁଛୁ, ତାହା ସତ୍ୟ, ନିର୍ଘାତ ସତ୍ୟ । ଅଶ୍ରୁଜଳ ହିଁ ଆମମାନଙ୍କର ସମ୍ବଳ । ଅର୍ଘ୍ୟ ଦେବା ନିମିତ୍ତ ଆମର ଯେ କିଛି ନାହିଁ । ହେ ଭଗବାନ ! ନରଦେହ ଧାରଣ କରି ଯେତେଦିନ ଆମ ଭିତରେ ବିରାଜିତ ଥିଲ, ମାନବସୁଲଭ ଦୁର୍ବଳତା ହେତୁ ମାୟା ଭ୍ରମବଶତଃ କେତେ କଣ ଭୁଲ୍ ତ୍ରୁଟି ହୋଇ ନ ଥିବ । ତୁମର ସ୍ଥୂଳଦେହ ବିଦ୍ୟମାନରେ କେଉଁଦିନ ଆମେ କ୍ଷମା-ଭିକ୍ଷା କରିବାର ଅଭିମାନ ତ୍ୟାଗ କରି ନାହୁଁ । ଆଜି ଅନୁଶୋଚନା ଆସିଛି । ହେ ଠାକୁର, ହେ ହୃଦୟସ୍ଥ-ଦେବତା, ହେ ଅନ୍ତରର ଶାନ୍ତିଦାତା । ମନରେ ଶାନ୍ତି ଦିଅ, ହୃଦୟର ଅନ୍ଧକାର ଦୂର କରିଦିଅ । ତୁମ ପ୍ରଦର୍ଶିତ ପନ୍ଥାରେ ଅଗ୍ରସର ହେବାକୁ ଆଶୀର୍ବାଦ କର ।

*** ଜୟଗୁରୁ, ଜୟଗୁରୁ, ଜୟଗୁରୁ ***



# ଉପସଂହାର

ପାଠକମାନଙ୍କ ସ୍ମରଣ ରଖିବା କର୍ତ୍ତବ୍ୟ ଯେ, ନିଜ ଭିତରେ ଥିବା ଶକ୍ତିକେନ୍ଦ୍ରକୁ ଜାଗ୍ରତ କରିବା ନିମିତ୍ତ ଶ୍ରୀ ଗୁରୁଙ୍କର ଏକାନ୍ତ ପ୍ରୟୋଜନ । ଗୁରୁ ନିତ୍ୟ, ସତ୍ୟ, ଶାଶ୍ୱତ । ତାଙ୍କର ଜନ୍ମମୃତ୍ୟୁ ନାହିଁ । ତେଣୁ ସେ ନିତ୍ୟ ବର୍ତ୍ତମାନ ଓ ସନାତନ । ସେ ପୂର୍ବରେ ଯେପରି ଥିଲେ ବର୍ତ୍ତମାନ ମଧ୍ୟ ସେହିପରି ଅଛନ୍ତି । ଆମମାନଙ୍କ ପରମାରାଧ୍ୟ ଗୁରୁଦେବ ଶ୍ରୀ ଶ୍ରୀ ଠାକୁର ମଧ୍ୟ ସଦ୍‌ଗୁରୁ ଭାବରେ ନିତ୍ୟବର୍ତ୍ତମାନ । ସଦ୍‌ଗୁରୁ କରୁଣାର ଚିଦ୍‌ଘନ ବିଗ୍ରହ । ତାଙ୍କର ଅପାର ମହିମା । ତେଣୁ ସେ ସ୍ଥୂଳଦେହ ତ୍ୟାଗ କରି ଦେବ-ଦେହରେ ବର୍ତ୍ତମାନ ଅଛନ୍ତି । ଆମେ ତାଙ୍କର ଅତୀତ ଜୀବନର ଲୀଳା କାହାଣୀ ସ୍ମରଣ କରି ଯେଭଳି ତାଙ୍କୁ ଶ୍ରଦ୍ଧା-ଭକ୍ତି ଅର୍ପଣ କରିଥାଉଁ, ସଦ୍‌ଗୁରୁ ଭାବରେ ତାଙ୍କୁ ବର୍ତ୍ତମାନ ସୁଦ୍ଧା ଠିକ୍ ସେହିଭଳି ଶ୍ରଦ୍ଧା ଅର୍ପଣ କରୁଅଛୁ । ଐତିହାସିକ ମହାପୁରୁଷ ଭାବରେ ଯେ ସେ ଅଛନ୍ତି, ଏପରି ନୁହେଁ । ସେ ବର୍ତ୍ତମାନ ସୁଦ୍ଧା ଏହି ପୃଥିବୀରେ ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀରରେ ବିହାର କରୁଛନ୍ତି ବା ଲୀଳା କରୁଛନ୍ତି । ସେ ବର୍ତ୍ତମାନ ସୁଦ୍ଧା ତାଙ୍କର ଅନୁଗତ ଶିଷ୍ୟ-ଭକ୍ତ ଏବଂ ସାଧାରଣଙ୍କୁ ଦର୍ଶନ ଦେଉଛନ୍ତି ଓ ଉପଦେଶ ପ୍ରଦାନ କରି ଦିବ୍ୟପଥର ସନ୍ଧାନ ପ୍ରଦର୍ଶନ କରୁଛନ୍ତି । ସଦ୍‌ଗୁରୁ ବିରଳ ଓ ଦୁର୍ଲ୍ଲଭ । ଯେଉଁମାନେ ସଦ୍‌ଗୁରୁଙ୍କ ଦର୍ଶନ କରୁଛନ୍ତି ଓ କରିଛନ୍ତି, ସେମାନଙ୍କର ଜନ୍ମ ସାର୍ଥକ । ଶୁଦ୍ଧଚିତ୍ତରେ ତାଙ୍କର ମହିମା ପ୍ରତିଫଳିତ ହୋଇଥାଏ । ସଦ୍‌ଗୁରୁ ହିଁ ଭବବନ୍ଧନମୋଚନର ଏକମାତ୍ର ଅବଲମ୍ବନ । ତାଙ୍କର ଦୁର୍ଲ୍ଲଭ ଚରଣ ବର୍ତ୍ତମାନ ସୁଦ୍ଧା ଏ ପୃଥିବୀକୁ ପବିତ୍ର କରୁଅଛି । ଯେ କେହି ଇଚ୍ଛା କଲେ ସାମାନ୍ୟ ଚେଷ୍ଟାରେ ଆଜି ମଧ୍ୟ ତାଙ୍କର ଦର୍ଶନ ଲାଭ କରି ଧନ୍ୟ ହେଉଛନ୍ତି । ଶ୍ରୀଗୁରୁ ଦୟାର ଘନୀଭୂତ ବିଗ୍ରହ ହୋଇଥିବାରୁ ସେ ତାପକ୍ଲିଷ୍ଟ, ଜରାଗ୍ରସ୍ତ ଶିଷ୍ୟ-ଭକ୍ତମାନଙ୍କୁ ମୁକ୍ତିପଥ ପ୍ରଦର୍ଶନ କରିବା ନିମିତ୍ତ ଚିରକାଳ ଯୁବକ ଭାବରେ ନିତ୍ୟ ବିରାଜିତ । ସେହି ଜ୍ଞାନବୃଦ୍ଧ ଯୁବା ଗୁରୁଦେବ ହିଁ ତାପ ଦଗ୍ଧ

ଶିଷ୍ୟ-ଭକ୍ତମାନଙ୍କୁ ଉଦ୍ଧାର କରିବା ନିମିତ୍ତ ସର୍ବଦା ଏହି ପୃଥିବୀରେ ବିଚରଣ କରୁଛନ୍ତି । ଯେଉଁମାନେ ସଂସାରର ନାନାବିଧ ତାପରେ ସନ୍ତାପିତ, ସେମାନେ ସଦ୍‌ଗୁରୁ ଦର୍ଶନ କଲାମାତ୍ରେ ସେମାନଙ୍କର ସମସ୍ତ ଦୁଃଖ ତାପର ବିନାଶ ହୋଇଯାଏ । ସେ ତାପକ୍ଲିଷ୍ଟ ଶିଷ୍ୟ-ଭକ୍ତମାନଙ୍କୁ ଦର୍ଶନ ଦାନ ଦେଇ ସେମାନଙ୍କ ଠାରେ ଶକ୍ତି ସଞ୍ଚାର କରନ୍ତି ଏବଂ ଦିବ୍ୟଜ୍ଞାନରୂପ ଦୀକ୍ଷା ପ୍ରଦାନ କରନ୍ତି । ନିଜ ମୁଖରେ କିଛି ପ୍ରକାଶ ନ କରି ମଧ୍ୟ ଗୁରୁଦେବ ତାଙ୍କର ଭାବ ବା ଶକ୍ତିକୁ ଶିଷ୍ୟ-ଭକ୍ତମାନଙ୍କ ଭିତରେ ସଞ୍ଚାରିତ କରିପାରନ୍ତି ।

ବ୍ରହ୍ମବିଦ୍ ଗୁରୁଦେବଙ୍କ ଶକ୍ତି ନାନାଭାବରେ ଶିଷ୍ୟ-ଭକ୍ତମାନଙ୍କ ମଧ୍ୟରେ ସଞ୍ଚାରିତ ହୋଇଥାଏ । ତେଣୁ ବହୁ ଭକ୍ତ ଏହି ଅନୁଗତ ଶିଷ୍ୟ-ଭକ୍ତଙ୍କୁ ଦର୍ଶନ କରିବା ପୂର୍ବରୁ ସେମାନଙ୍କ ପ୍ରତି ଅନୁରକ୍ତ ହୋଇପଡ଼ନ୍ତି । ସେଥିରୁ ଜଣାଯାଏ ଯେ, ସଦ୍‌ଗୁରୁ ଯେପରି ନିତ୍ୟ, ତାଙ୍କର ଅନୁଗତ ଭକ୍ତମାନେ ମଧ୍ୟ ସେହିପରି ନିତ୍ୟ । ଅନ୍ତରାଜ୍ୟରେ ସେମାନଙ୍କର ସମ୍ବନ୍ଧ ନିତ୍ୟ ବର୍ତ୍ତମାନ । ଏହି ଭାବକୁ ଉପଲବ୍ଧି କରିବା ନିମିତ୍ତ ତାଙ୍କର ଆଶ୍ରିତ ଶିଷ୍ୟ ଭକ୍ତମାନଙ୍କୁ ସେହି ମହାପୁରୁଷଙ୍କ ଧ୍ୟାନରେ ଚିତ୍ତ ଲଗ୍ନ କରିବାକୁ ହେବ । ବ୍ରହ୍ମବିଦ୍ ଗୁରୁଦେବଙ୍କ ଧ୍ୟାନ ଫଳରେ ଚିତ୍ତର ଉର୍ଦ୍ଧ୍ୱମୁଖୀ ଗତି ଆପଣା ମନକୁ ନିରୁଦ୍ଧ ହୋଇଯାଏ । **ତେଣୁ ମହାପୁରୁଷଙ୍କ ଧ୍ୟାନ, ଚିନ୍ତା, ଭାବନା ଓ ତାଙ୍କ ବାଣୀ ଆଲୋଚନା ଏବଂ ତାଙ୍କ ପ୍ରିୟକର୍ମର ଅନୁଷ୍ଠାନ ଦ୍ୱାରା ଚିତ୍ତ ସହଜରେ ଶୁଦ୍ଧ ବା ଶାନ୍ତଭାବ ଧାରଣ କରିଥାଏ ।** ଯାହାଙ୍କୁ ଅବଲମ୍ବନ କରି ବା ଆଶ୍ରୟ କରି ଚିତ୍ତର ଊର୍ଦ୍ଧ୍ୱମୁଖୀ ପରିଣାମ ଘଟେ, ତାଙ୍କୁ ହିଁ ସଦ୍‌ଗୁରୁ ବା ଭଗବାନ କୁହାଯାଏ । ତାଙ୍କୁ ସୁଖ ପାଇ ତାଙ୍କର ସେବା ଦ୍ୱାରା ଜ୍ଞାନଲାଭ କରିବା ସହଜସାଧ୍ୟ ହୋଇଥାଏ । ଶୁଦ୍ଧଚିତ୍ତରେ ସଦ୍‌ଗୁରୁଙ୍କ ଗୁଣ ଓ ଜ୍ଞାନ ପ୍ରତିଫଳିତ ହୁଏ । ତାଙ୍କର ପ୍ରିୟକର୍ମ ଅନୁଷ୍ଠାନ ହିଁ ତାଙ୍କ ସେବା ମଧ୍ୟରେ ଗଣ୍ୟ । ମନର ସ୍ଥିରତା ହିଁ ତାଙ୍କୁ ଦର୍ଶନ କରିବାର ଏକମାତ୍ର ଉପାୟ । ଶ୍ରୀଗୁରୁ ମନର ନିସ୍ତରଙ୍ଗ ଭୂମିରେ ନିତ୍ୟବର୍ତ୍ତମାନ । ସାଧାରଣତଃ ମନ ବାହ୍ୟର ଘାତ-ପ୍ରତିଘାତରେ ନିତ୍ୟ ତରଙ୍ଗାୟିତ ଥିବାରୁ ତାହା ଚଞ୍ଚଳ ବା ଅଶୁଦ୍ଧ ଥାଏ । ସେହି ତରଙ୍ଗାୟିତ ଅବସ୍ଥାକୁ ଶାନ୍ତ କରିବାକୁ ହେଲେ, ନିଜ

ଜୀବନରେ ଶ୍ରୀଗୁରୁ ଭଗବାନଙ୍କର ପ୍ରୟୋଜନୀତା ବିଷୟରେ ଅଭାବବୋଧ ଜାଗ୍ରତ କରିବା ନିତାନ୍ତ ପ୍ରୟୋଜନ । ଏଥିପାଇଁ ସାଧୁସଙ୍ଗ ଓ ଶାସ୍ତ୍ରାଲୋଚନା କରିବା ଏକାନ୍ତ କର୍ତ୍ତବ୍ୟ । ଗୁରୁସେବା, ସାଧୁସଙ୍ଗ ଓ ଶାସ୍ତ୍ରପାଠ ଜୀବନର ଅମୂଲ୍ୟ ସମ୍ପଦ । ତନ୍ମଧ୍ୟରେ ଗୁରୁସେବା ଶ୍ରେଷ୍ଠ । କାରଣ ଗୁରୁସେବା ଦ୍ୱାରା ସାଧୁସଙ୍ଗ ଓ ଶାସ୍ତ୍ରପାଠର ଫଳ ମିଳିଥାଏ ।

କିନ୍ତୁ ଭକ୍ତମାନେ ପ୍ରଥମେ ନିଜ ଜୀବନରେ ଶ୍ରୀଗୁରୁ ଭଗବାନଙ୍କର ପ୍ରୟୋଜନୀୟତା ଉପଲବ୍ଧି କରିବା ଦରକାର । ଏହାପରେ ତାଙ୍କ ପାଇଁ ବ୍ୟାକୁଳତା ଜାତ ହେଲେ ତାଙ୍କୁ ଲାଭ କରିବା ନିମିତ୍ତ ସାଧନା ପଥରେ ସାଧକ-ମାନେ ଅଗ୍ରସର ହୋଇପାରିବେ । ମନର ଉପର ସ୍ତରର ତରଙ୍ଗାୟିତ ଅବସ୍ଥା ଜଗତରୂପରେ ପ୍ରକାଶିତ ଏବଂ ଏହା ଏପରି ବିକାରଗ୍ରସ୍ତ ଯେ, ସେଥିରେ ତିଳେ ମାତ୍ର ସୁଖ ଶାନ୍ତି ନାହିଁ । ତେଣୁ ଶାନ୍ତି ଲାଭ କରିବା ନିମିତ୍ତ ସେହି ନିସ୍ତରଙ୍ଗ ଭୂମିରେ ମନକୁ ଉପନୀତ କରାଇବାକୁ ପଡ଼ିବ । ସେହି ନିସ୍ତରଙ୍ଗ ସ୍ତରରେ ସଦ୍‌ଗୁରୁ ନିତ୍ୟବର୍ତ୍ତମାନ । ତେଣୁ କିଭଳି ଭାବରେ ତାଙ୍କ ନିକଟକୁ ଗମନ କରିବାକୁ ପଡ଼ିବ, ସେହି ପଥ ମଧ୍ୟ ସଦ୍‌ଗୁରୁ ନିର୍ଦ୍ଦେଶ କରିଦେଇ ଯାଇ ଅଛନ୍ତି । ସେ ଦେଶବାସୀ ଜନସାଧାରଣଙ୍କ ମୁକ୍ତିପଥ ପ୍ରଦର୍ଶନ ନିମିତ୍ତ ନିର୍ବିକଳ୍ପ ଭୂମିର ସ୍ୱର୍ଗୀୟ ଅନୁପମ ଆନନ୍ଦ ପରିତ୍ୟାଗ କରି ଜନସମାଜକୁ ସଦ୍‌ଗୁରୁ ଭାବରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେ ଦେଖିଲେ ଯେ, ତାଙ୍କର ଉଦ୍‌ବୋଧନ ମନ୍ତ୍ରରେ ଦେଶବାସୀ ଉଦ୍‌ବୁଦ୍ଧ ହେଲେ ମଧ୍ୟ ଆଧାର ଶୁଦ୍ଧି ଅଭାବରୁ ତାଙ୍କ ଭାବଧାରାର ପୂର୍ଣ୍ଣ ବିକାଶ ହୋଇପାରୁ ନାହିଁ । ତେଣୁ ସେ ଚିତ୍ତଶୁଦ୍ଧି ନିମିତ୍ତ ଧ୍ୟାନ ଓ ନାମ ସାଧନାର ବ୍ୟବସ୍ଥା ପ୍ରଦାନ କରିଛନ୍ତି । ନାମ ସହିତ ନାମୀଙ୍କର ନିତ୍ୟସମ୍ବନ୍ଧ । ତାଙ୍କୁ ସୁଖପାଇ, ତାଙ୍କର ଦର୍ଶନଲାଭ ନିମିତ୍ତ ନାମ-ନାମୀଙ୍କର ଅଭିନ୍ନ ଭାବନା-ପୂର୍ବକ ତାଙ୍କ ପ୍ରଦତ୍ତ ସାଧନ କୌଶଳ ଅବଲମ୍ବନ କରି ଦିବାନିଶି ନାମ ଜପର ଅନୁଶୀଳନ ବା ଅଭ୍ୟାସ କରିପାରିଲେ ମନ ଶୁଦ୍ଧ ଓ ଶାନ୍ତଭାବ ଧାରଣକରି ତାଙ୍କ ନିମିତ୍ତ ବ୍ୟାକୁଳ ହୋଇଉଠିବ । ସେହି ନାମ ହିଁ ସିଦ୍ଧମନ୍ତ୍ର 'ଜୟଗୁରୁ' । ତେଣୁ ଭକ୍ତମାନେ ତାଙ୍କ ପ୍ରଦତ୍ତ ସିଦ୍ଧ ନାମ 'ଜୟଗୁରୁ' ଜପ କରି ଚିତ୍ତ ଲୟ ଓ ଏକାଗ୍ର କରିପାରିଲେ, ଶ୍ରୀଗୁରୁଦେବଙ୍କ ସାକ୍ଷାତ୍ ଦର୍ଶନ ପାଇ ଧନ୍ୟ ହେବେ ।

ସର୍ବଦା ଜାଗ୍ରତ କରିବା ନିମିତ୍ତ ସେ ଉପରୋକ୍ତ ନାମରୂପ ବ୍ରହ୍ମାସ୍ତ୍ର ସମସ୍ତଙ୍କୁ ପ୍ରଦାନ କରିଛନ୍ତି । ନିଦ୍ରାରେ ଜାଗରିତ ଭକ୍ତ ନାମାଶ୍ରୟ ଗ୍ରହଣପୂର୍ବକ ତାଙ୍କ ଚରଣରେ ଆତ୍ମସମର୍ପଣ କରିବା ହିଁ, ଶିଷ୍ୟ-ଭକ୍ତମାନଙ୍କର ଏକମାତ୍ର ସାଧନା । ତାଙ୍କ ପ୍ରତିଷ୍ଠିତ ସଂଘରେ ଯୋଗଦାନକରି ତାଙ୍କ ଧ୍ୟାନ, ତାଙ୍କ ପ୍ରସଙ୍ଗ ଆଲୋଚନା ଦ୍ୱାରା ତାଙ୍କୁ ଲାଭ କରିବା ନିମିତ୍ତ ଅନ୍ତରରେ ଅଭାବବୋଧ ବା ବ୍ୟାକୁଳତା ହିଁ ସୃଷ୍ଟି କରିବା ଆବଶ୍ୟକ । ବ୍ୟାକୁଳତା ହିଁ ତାଙ୍କୁ ଲାଭ କରିବାର ଏକମାତ୍ର ଉପାୟ । ତାଙ୍କୁ ପାଇବା ନିମିତ୍ତ ଯେତେବେଳେ ଅନ୍ତରରେ ପ୍ରକୃତ ଅଭାବବୋଧ ଜାଗ୍ରତ ହେବ, ସେତେବେଳେ ତାଙ୍କର ଦର୍ଶନ ସହଜସାଧ୍ୟ ହେବ । ପ୍ରକୃତ ସୁଖ ପାଇବା ଭାବନିଷ୍ଠ । ତେଣୁ ଶ୍ରୀଗୁରୁଙ୍କ ଅନ୍ତର୍ଦ୍ଧାନରେ ପ୍ରକୃତ ଭକ୍ତଙ୍କର ପରୀକ୍ଷା ହୋଇଥାଏ । ତାଙ୍କ ସ୍ଥୂଳଦେହ ବିନାଶରେ ଭକ୍ତ ବା ସୁଖ ପାଇବାର ଭାବ ବିନାଶ ହୋଇପାରେ ନାହିଁ । ତାଙ୍କ ଅନ୍ତର୍ଦ୍ଧାନ ପରେ ଯେଉଁମାନଙ୍କର ତାଙ୍କ ଅସ୍ତିତ୍ୱରେ ଅବିଶ୍ୱାସ ଆସେ, ସେମାନଙ୍କର ଜୀବନ ବୃଥା ନଷ୍ଟ ହୋଇଯାଏ । ସେମାନେ ଭକ୍ତ ନୁହନ୍ତି । ତାଙ୍କୁ ସୁଖ ପାଇବା ନିତ୍ୟ ବା ଶାଶ୍ୱତ । କିନ୍ତୁ ଯେଉଁ ଆଧାରକୁ ସୁଖ ପାଇବ, ତାହା ଚିରକାଳ ରହେ ନାହିଁ । ଭକ୍ତ ହୃଦୟରେ ସେ ଭାବରୂପରେ ନିତ୍ୟବର୍ତ୍ତମାନ । ନାମର ଚୈତନ୍ୟ ହେଲେ ସେହି ଭାବର ମୂର୍ତ୍ତି ଅନ୍ତରରେ ପ୍ରତିଭାତ ହୁଏ । ସେହି ଭାବଘନବିଗ୍ରହ ମୂର୍ତ୍ତି ଚିନ୍ମୟ । ସେହି ମୂର୍ତ୍ତିରେ ତାଙ୍କୁ ଦର୍ଶନ କରିବାକୁ ହେଲେ, ତାଙ୍କ ମୂର୍ତ୍ତି ଧ୍ୟାନ ଓ ତାଙ୍କ ନାମ ଜପରେ ତନ୍ମୟ ହୋଇ ତାଙ୍କର ସେବାରେ ଆତ୍ମନିୟୋଗ କରିବା ଏକାନ୍ତ ପ୍ରୟୋଜନ । ସେହି ଭାବଘନମୂର୍ତ୍ତିଙ୍କର ଦର୍ଶନ ଲାଭ ହେଲେ ଭକ୍ତଙ୍କର ବିରହ ବ୍ୟଥାର ଅବସାନ ହୋଇ ଅନ୍ତରରେ ଯଥାର୍ଥ ଶାନ୍ତି ଓ ଆନନ୍ଦର ବିକାଶ ହୁଏ । ଯେଉଁମାନେ ତାଙ୍କୁ ଯଥାର୍ଥରେ ସୁଖ ପାଆନ୍ତି, ସେମାନେ କେବେହେଲେ ଅନ୍ତର-ମନ୍ଦିରରେ ତାଙ୍କର ଆସନରେ ଅନ୍ୟ କାହାର ନାମ-ରୂପକୁ ସ୍ଥାନ ଦେଇପାରନ୍ତି ନାହିଁ । ଭାବରୂପୀ ଠାକୁରଙ୍କ ସହିତ ନାମର ସିଦ୍ଧଦ୍ୱାରେ ଚଉର ନିସ୍ତରଙ୍ଗ ଭୂମିରେ ସାକ୍ଷାତ ହେଲେ ସେ ମିଳନରେ ବିଚ୍ଛେଦ ନ ଥାଏ । ତେଣୁ ଭକ୍ତମାନେ ତାଙ୍କର ଧ୍ୟାନ ଓ ନାମଜପରୁ କେବେହେଲେ ବିରତ ହେବେ ନାହିଁ । ଯେଉଁ ଚିନ୍ତାଦ୍ୱାରା, ଯେଉଁ ଭାବନା ଫଳରେ ଓ

ଯେଉଁ ସଙ୍ଗଦ୍ୱାରା ଇଷ୍ଟଦେବ ଏବଂ ଶ୍ରୀଗୁରୁଦେବଙ୍କ କଥା ମନେ ପଡ଼େ, ସର୍ବଦ
ସେହି ଭାବର ସଙ୍ଗ କରି ଚିତ୍ତକୁ ତଦଭିମୁଖୀ ରଖିବା ବିଧେୟ । ଯାହାକୁ
ଲାଭ କରିବାକୁ ଇଚ୍ଛା କରିବ, ଅନ୍ତରର ବୃତ୍ତି ଯଦି ତଦମୁଖୀ ନ ହେଲ
ତେବେ ତାଙ୍କ ନିକଟରେ କିପରି ବା ଉପନୀତ ହେବ ? ପ୍ରାଣ ଯାହାକୁ
ଇଚ୍ଛା କରିଛି, ତାଙ୍କ ପ୍ରତି ଉନ୍ମୁଖୀ ନ ହେଲେ ତାହା ଲାଭ ହେବ ବ
କିପରି ? ତେଣୁ ସାଧକମାନେ ଗୋଟିଏ ମାତ୍ର ବୃତ୍ତିର ଅନୁଶୀଳନ କର
ଏକତତ୍ତ୍ୱାଭ୍ୟାସ କରିବା ବିଧେୟ । ଶ୍ରୀ ଶ୍ରୀ ଠାକୁର କହିଛନ୍ତି—'ମୋ ଚିନ୍ତା
ମୋ ଭାବନା ଓ ମୋ କାର୍ଯ୍ୟରେ ଅକପଟ ଭାବରେ ଆତ୍ମନିୟୋଗ କରିପାରିଲେ
ସହଜରେ ତୁମମାନଙ୍କ ଚିତ୍ତ ଶୁଦ୍ଧ ହୋଇଯିବ ଓ ମୋର ଅନ୍ତର୍ନିହିତ ଗୁରୁ
ଶକ୍ତି ତୁମମାନଙ୍କ ଭିତରେ ସଞ୍ଚାରିତ ହେବ ।'' ତେଣୁ ସର୍ବଦା ଅନନ୍ୟମନ
ହୋଇ ଶ୍ରୀଗୁରୁଙ୍କ ସେବାରେ ରତ ରହିବା ଦରକାର । ତୀବ୍ର ସମ୍ବେଗ ସହିତ
ଯେ ଯାହାର ଚିନ୍ତା କରନ୍ତି, ପରିଣାମରେ ସେ ତତ୍‌ସାରୂପ୍ୟ ପ୍ରାପ୍ତ ହୁଅନ୍ତି ।
ସେହିପରି ଆମେ ଯଦି ଶ୍ରୀ ଶ୍ରୀ ଠାକୁରଙ୍କ ଚିନ୍ତାରେ, ତାଙ୍କର ନାମ ଜପରେ
ତନ୍ମୟ ହୋଇ ରହିପାରିବା, ତେବେ ପରିଣାମରେ ତାଙ୍କର ସ୍ୱରୂପ ଲାଭ
କରି ଧନ୍ୟ ହେବା । ଭାରତ ପ୍ରତି ଭଗବାନଙ୍କର ଅଜସ୍ର କରୁଣାଧାରା
ସର୍ବଦା ବର୍ଷିତ ହେଉଅଛି । ତାଙ୍କୁ ଲାଭ କରିବାର ଆନ୍ତରିକ ଇଚ୍ଛା ଥିଲେ
ଓ ସେହି ଇଚ୍ଛା ଘାତ-ପ୍ରତିଘାତ ଭିତରେ ସ୍ଥିର ରହିପାରିଲେ ମହାପୁରୁଷଙ୍କ
ଉପଦେଶବାଣୀ ପ୍ରତିପାଳନପୂର୍ବକ ତାଙ୍କ ନିର୍ଦ୍ଦେଶିତ ପନ୍ଥାରେ ଗତି କରିବା
ସମସ୍ତଙ୍କର ଏକାନ୍ତ କର୍ତ୍ତବ୍ୟ । ଶ୍ରୀ ଶ୍ରୀ ଠାକୁର ଦେଶବାସୀଙ୍କୁ କହିଛନ୍ତି—
''ଭାରତ ଧର୍ମର ଦେଶ, ତୁମେମାନେ ଧର୍ମରେ ଉନ୍ନତ ହୁଅ—ଜଗତରେ
ତୁମେମାନେ ଗୁରୁଙ୍କ ସ୍ଥାନ ଅଧିକାର କର । ପାଶ୍ଚାତ୍ୟ ଜଗତ ଐହିକ
ଉନ୍ନତି ଲାଭ କରିଛି, ତୁମେମାନେ ଆଧ୍ୟାତ୍ମିକ ଉନ୍ନତି ଲାଭ କରି ସେମାନଙ୍କ
ସହିତ ନିଜ ନିଜ ସମ୍ପଦର ଆଦାନ ପ୍ରଦାନ କର ।

# ପରିଶେଷରେ

ପାଠକମାନଙ୍କୁ ଅନୁରୋଧ, ସମସ୍ତେ ସମବେତ ଭାବରେ ଶ୍ରୀ ଶ୍ରୀ ଠାକୁରଙ୍କ ଭାବରେ ଅନୁପ୍ରାଣିତ ହୋଇ ତାଙ୍କର ଧ୍ୟାନ ଓ ନାମଜପରେ ନିମଗ୍ନ ହୋଇ ତାଙ୍କ ଚରଣତଳେ ଆତ୍ମସମର୍ପଣପୂର୍ବକ ତାଙ୍କ ବିଗ୍ରହ ମୂର୍ତ୍ତି ନିକଟରେ ସମବେତ-ଭାବରେ ପ୍ରାର୍ଥନାନିରତ ହେଲେ ତାଙ୍କର କୃପା ଆକର୍ଷଣ କରିପାରିବେ— ଏହା ହିଁ ଆମର ଐକାନ୍ତିକ ନିବେଦନ । ଇତି ।

"ଓଁ ନିରାକାରପରବ୍ରହ୍ମରୂପାୟାଽଜ୍ଞାନହାରିଣେ
ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀଗୁରବେ ନମଃ ॥"

ଝୁଲଣପୂର୍ଣ୍ଣିମା
ବୀରତୁଙ୍ଗ, ପୁରୀ
ତା ୨୦।୮।୧୯୬୭

ସମ୍ପାଦକ
**ଶ୍ରୀ ଦୁର୍ଗାଚରଣ ମହାନ୍ତି**